ଉତ୍କଳ ସାହିତ୍ୟ ।

19768(A)

ଷଷ୍ଠ ଭାଗ ।

୧୩୦୯—୧୩୧୦ ସାଲ ।

ଶ୍ରୀ ବିଶ୍ୱନାଥ କର କର୍ତ୍ତୃକ ସମ୍ପାଦିତ ।

PRINTED AT THE UTKAL SAHITYA PRESS,

CUTTACK.

1903.

ବାର୍ଷିକ ମୂଲ୍ୟ ଡାକମାସୁଲ ସହିତ ଟ ୵ ୧

Digitized by srujanika@gmail.com

ସୂଚୀପତ୍ର ।

ବିଷୟ	ଲେଖକମାନଙ୍କ ନାମ	ପୃଷ୍ଠା
ଅନୁତପ୍ତ (ପଦ୍ୟ)	ଶ୍ରୀ—	୧୯୦
ଅପୂର୍ବମିଳନ	ଶ୍ରୀଯୁକ୍ତ ଧୂର୍ଜଟୀ	୨, ୨୫, ୭୩, ୯୭, ୧୪୫, ୧୯୩, ୨୪୧
ଆତ୍ମକଥା	ସମ୍ପାଦକ	୧
ଅଳମାଳକା	ଶ୍ରୀ—	୭୯, ୧୧୭, ୧୭୪, ୨୫୫
ଆଲୋକଚିତ୍ର ବା ଫଟୋଗ୍ରାଫି	ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ସାଠିଆ	୭, ୩୩, ୮୮, ୧୧୯, ୧୯୮, ୨୭୪
ଈଶ୍ୱର	৺ ବାଞ୍ଛାନିଧି ଦତ୍ତ	୨୩
ଉତ୍କଳ-ବନ୍ଦନା	ଶ୍ରୀଯୁକ୍ତ ମଧୁସୂଦନ ରାଓ	୨୮୭
ଉତ୍ତର	ସମ୍ପାଦକ	୧୩୭
ଓଡ଼ିଆ କାହାଣୀ	ଶ୍ରୀଯୁକ୍ତ ମୋହିନୀମୋହନ ସେନାପତି ବି. ଏ.	୧୫, ୪୦, ୮୯
ଓଡ଼ିଆ ଭାଷାର ଆଦର୍ଶ	„ ଶ୍ୟାମସୁନ୍ଦର ରାଜଗୁରୁ ବି. ଏ.	୧୭୪
ଓଡ଼ିଆ ଯାତ୍ରା	„ କୃଷ୍ଣପ୍ରସାଦ ଚୌଧୁରୀ	୯୧
ଓଡ଼ିଆ ସାହିତ୍ୟ ସମ୍ବନ୍ଧରେ କେତୋଟି କଥା	„ ଦୈତ୍ୟାରି ଦତ୍ତ	୨୭୧
କବିତା-ବୃକ୍ଷ (ପଦ୍ୟ)	„ ନନ୍ଦକିଶୋର ବଳ ବି. ଏ.	୧୩୯
କବି ରାଧାନାଥ ଓ ଉପାସ୍ୟ କବିତା	„ „ „	୨୧୮
କଳ୍ପନା (ପଦ୍ୟ)	ଶ୍ରୀ—	୧୪୧
କଳାକୁମର କଥା	ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ ବି. ଏଲ୍,	୨୦୭
କି ନୁହିଁବ ? (ପଦ୍ୟ)	ଶ୍ରୀମତୀ ରେବା ରାୟ	୨୪୦
କୁମାରୀ-ପୂର୍ଣ୍ଣିମା (ପଦ୍ୟ)	ଶ୍ରୀଯୁକ୍ତ ରାଧାଚରଣ ଦାସ ବି. ଏ.	୧୫୭
କୈଫିୟତ	ଶ୍ରୀଯୁକ୍ତ ଚନ୍ଦ୍ରମୋହନ ମହାରଣା ବି. ଏ.	୬୩
କୋଟପଦାର ଅଭିନେତୃଦଳ	ସମ୍ପାଦକ	୨୭୯
ଖଣ୍ଡିଏ ପତ୍ର	ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ରଥ	୧୯୯
ଗୃହଚକ୍ୟ	„ „	୫୭
ଗ୍ରନ୍ଥଶାଳୀ	„ „	୧୮୧
ଗୃହସଙ୍ଗୀତ	„ ଗୋପାଳଚନ୍ଦ୍ର ପ୍ରହରାଜ ବି. ଏଲ.	୫୨
ଜାତୀୟ ଉନ୍ନତି	„ କୃଷ୍ଣପ୍ରସାଦ ଚୌଧୁରୀ	୨୩୨
ଦରବାର (ପଦ୍ୟ)	ଶ୍ରୀ—	୨୫୭
ଦୁଇଖଣ୍ଡି ଓଡ଼ିଆ ପୁସ୍ତକ	ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ ବି. ଏଲ.	୧୩୦
ଦୁଃଖୀ ନା ସୁଖୀ ? (ପଦ୍ୟ)	„ „	୨୩୫
ଧୋ ରେ ଛାୟା ଧୋ (ପଦ୍ୟ)	„ „	୨୮୭
ଧ୍ୱନ୍ୟାତ୍ମକ ଭାଷା	„ ମୃତ୍ୟୁଞ୍ଜୟ ରଥ	୨୭୭
ନବ ବର୍ଷେ (ପଦ୍ୟ)	„ ନନ୍ଦକିଶୋର ବଳ ବି. ଏ.	୨୨

Digitized by srujanika@gmail.com

ନାହିଁ ପ୍ରୟୋଜନ	(ପଦ୍ୟ)	ଶ୍ରୀମତୀ ରେବା ରାୟ	୨୮୬
ନୈନ ଅଣି ଥୋନ ଜାଣିଲେ ନୈରବଦ୍ୟା ଭଲ		ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ ବି. ଏଲ.	୧୭୫
ପାପୀର ଆଶା	(ସଙ୍ଗୀତ)	,, ଚନ୍ଦ୍ରମୋହନ ମହାରଣା ବି. ଏ.	୭୨
ପୂର୍ଣ୍ଣ ଗ୍ରହବର୍ଷ	(ପଦ୍ୟ)	ଶ୍ରୀମତୀ ରେବା ରାୟ	୧୪୧
ପ୍ରତିବାଦ-ପତ୍ର	(୧)	ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ରାଜଗୁରୁ ବି. ଏ.	୧୩୫
ପ୍ରତିବାଦ-ପତ୍ର	(୨)	,, ,,	୨୭୦
ପ୍ରେମ-ତତ୍ତ୍ୱ	(ପଦ୍ୟ)	,, ବାଲୁକେଶ୍ୱର ମିଶ୍ର	୧୪୦
ବାମମାହାତ୍ମ୍ୟ ପାଞ୍ଜି		ଶ୍ରୀଯୁକ୍ତ ଦୁର୍ମୁଖଶର୍ମା	୧୦, ୩୭, ୮୧, ୧୦୪, ୧୫୯, ୨୦୦, ୨୪୭
ବିବିଧ ପ୍ରସଙ୍ଗ		ସମ୍ପାଦକ	୧୯୦, ୨୮୮
ବୁଢ଼ାବୁଢ଼ୀଙ୍କ କଥା		ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ ବି. ଏଲ.	୨୮୫
ବ୍ୟକ୍ତି ଓ ସମାଜ		,, ଅନନ୍ଦଚନ୍ଦ୍ର ଦତ୍ତ	୨୦୯
ଭ୍ରମଣକାରୀର ପତ୍ର		,, ଭୋଳାନାଥ ସାମନ୍ତରାୟ	୧୪୮
ମହାଶ୍ୱେତା	(ପଦ୍ୟ)	ଶ୍ରୀ—	୭୨
ମେଘେଶ୍ୱର ମନ୍ଦିରର ଶିଳାଲିପି		ଶ୍ରୀଯୁକ୍ତ ଗଦାଧର ରଥ	୧୦୯
ରାଜାର ପ୍ରଜା-ପ୍ରେମ		,, ଲକ୍ଷ୍ମଣ ପଟ୍ଟନାୟକ	୧୪୦
ଲତିକା	(ପଦ୍ୟ)	ଶ୍ରୀମତୀ ରେବା ରାୟ	୨୩
ଲୀଳାବତୀ	(,,)	ଶ୍ରୀ—	୨୩
ଶବ୍ଦାର୍ଥଚର୍ଚ୍ଚା		ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ରଥ	୨୦, ୫୧, ୧୧୮, ୨୦୭
ଶିଶୁଶିକ୍ଷା		,, ଶ୍ୟାମସୁନ୍ଦର ନନ୍ଦ	୨୬୯
ଶିକ୍ଷିତ ଓଡ଼ିଆ ଯୁବକ		ଶ୍ରୀ—	୫୮
ଶୋକର ସେତୁ	(ପଦ୍ୟ)	ଶ୍ରୀଯୁକ୍ତ ବାଲୁକେଶ୍ୱର ମିଶ୍ର	୨୩୭
ଶ୍ରୀଧର ସ୍ୱାମୀ		,, ଚନ୍ଦ୍ରମୋହନ ମହାରଣା ବି. ଏ.	୭୭
ସମାଜସଂସ୍କାର ସମ୍ବନ୍ଧରେ ଦୁଇଗୋଟି କଥା		ଶ୍ରୀଯୁକ୍ତ ଧୀରେନ୍ଦ୍ରନାଥ ଚୌଧୁରୀ ଏମ୍. ଏ.	୧୬୭
ସାମନ୍ତ ଶ୍ରୀ ଚନ୍ଦ୍ରଶେଖର	(ପଦ୍ୟ)	ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ରଥ	୨୪୦
ସାମାଜିକ ଯଡ଼ଙ୍କସ୍ଥ		ଶ୍ରୀ ନ—	୧୨୨
ସାମାଜିକ ସଙ୍କଟ		ଶ୍ରୀଯୁକ୍ତ କୃଷ୍ଣପ୍ରସାଦ ଚୌଧୁରୀ	୨୮୨
ସାହିତ୍ୟ-ସମ୍ବାଦ		ସମ୍ପାଦକ	୬୪
ସଂକ୍ଷିପ୍ତ ସମାଲୋଚନା		,,	୧୪୨
କ୍ଷମା	(ପଦ୍ୟ)	ଶ୍ରୀଯୁକ୍ତ ନନ୍ଦକିଶୋର ବଳ ବି. ଏ.	୧୩୯

Digitized by srujanika@gmail.com

୭ମ ଭାଗ। ବୈଶାଖ ୧୩୧୦। ୧ମ ସଂଖ୍ୟା।

ଉତ୍କଳ-ସାହିତ୍ୟ।

ମାସିକପତ୍ର ଓ ସମାଲୋଚନା।

ଶ୍ରୀ ବିଶ୍ୱନାଥ କର ଦ୍ୱାରା ସମ୍ପାଦିତ।

ପ୍ରବନ୍ଧମାନଙ୍କର ମତ ନିମନ୍ତେ ଲେଖକମାନେ ଦାୟୀ।

ବିଷୟ।	ଲେଖକଙ୍କ ନାମ।	ପୃଷ୍ଠା।
୧। ଅଗ୍ରକଥା	ସମ୍ପାଦକ	୧
୨। ଅନୁଶୀଳନ	[illegible] ମୂର୍ତ୍ତି	୨
୩। ଆଲୋକଚିତ୍ର ବା ଫଟୋଗ୍ରାଫି	„ [illegible] ଆଚାର୍ଯ୍ୟ	୭
୪। ଭାଷାମାତୃ ଶକ୍ତି	„ ପୂର୍ଣ୍ଣ ...	୧୦
୫। ଓଡ଼ିଆ ଭାଷା	„ ମୋହିନୀମୋହନ ସେନାପତି	୧୩
୬। ସ୍ୱର୍ଗୀୟ-ଚିନ୍ତା	„ ମୃତ୍ୟୁଞ୍ଜୟ ରଥ	୨୦
୭। କ୍ଷୁଦ୍ର କ୍ଷୁଦ୍ର କବିତା:—		
୧। ରାଜବର୍ତ୍ମ	„ ନନ୍ଦକିଶୋର ବଳ ବି. ଏ.	୨୨
୨। ନିର୍ଜନ	ଶ୍ରୀମତୀ ରେବା ରାୟ	୨୪
୩। ଲୀଳାବତୀ	ଶ୍ରୀ ସ୍ତ——	୨୫
୪। ଈଶ୍ୱର	ଶ୍ରୀ ବାସୁଦେବ ଦାସ	୨୬

CUTTACK:

PRINTED BY V. KAR,

AT THE UTKAL SAHITYA PRESS.

1903.

Digitized by srujanika@gmail.com

ଏହି ନିକଟରେ [illegible] ଶ୍ରୀମଦ୍ଭଗବଦ୍ଗୀତା ଓ ଅନ୍ୟାନ୍ୟ ପୁସ୍ତକ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି । ଦୋକାନମାନଙ୍କଠାରୁ [illegible] ଭାବରେ ପ୍ରସ୍ତୁତ ହୋଇଅଛି ।

କଲିକତା } ଶ୍ରୀ ବୃନ୍ଦାବନ ମିଶ୍ର ।
କଟକ }

କୃଷ୍ଣମାନଙ୍କର ଅତ୍ୟନ୍ତ ପ୍ରୟୋଜନୀୟ ନୂତନ ପୁସ୍ତକ ।

ରନ୍ଧନ ପ୍ରଣାଳୀ ।

ମୂଲ୍ୟ ୮ ০ ।/

ଏଥିରେ ପ୍ରାୟ ୧୬୦ ପ୍ରକାର ଖାଦ୍ୟ [illegible] ରନ୍ଧନ ପ୍ରଣାଳୀ ସରଳ ଭାଷାରେ ପ୍ରକାଶିତ ହୋଇଅଛି ।

କଟକର ସମସ୍ତ ପୁସ୍ତକ ଦୋକାନମାନଙ୍କରେ ଓ ପ୍ରକାଶକ ସମ୍ପାଦକ [illegible]ରେ ମିଳେ ।

ଶ୍ରୀ ନନ୍ଦକିଶୋର ବଳ ବି, ଏ, ପ୍ରଣୀତ "ପଲ୍ଲୀଚିତ୍ର" (ମୂଲ୍ୟ ୮ ০ ୵) "ନିର୍ଝରିଣୀ" (ମୂଲ୍ୟ ୮ ০ ।) "ଶ୍ରୀଭାବନାମ" (ମୂଲ୍ୟ ୮ ০ ୵) [illegible] (ମୂଲ୍ୟ ୮ ০ ୵) [illegible] ୦ ।) [illegible] (ମୂଲ୍ୟ ୮ ০ ।) [illegible] ସମସ୍ତ ପୁସ୍ତକ ଦୋକାନରେ [illegible] ଶ୍ରୀ ବୃନ୍ଦାବନ ମିଶ୍ର-[illegible]

[illegible] ପ୍ରଣୀତ [illegible] ପ୍ରଣୀତ [illegible] ସମାଧାନ

ଅନ୍ୟ ପୁସ୍ତକ [illegible] ଓ ଅନ୍ୟ [illegible] ଦୋକାନମାନଙ୍କ ନିମିତ୍ତ ମୂଲ୍ୟ — [illegible] ୮ ০ ।

[illegible] ଓ ସାଧନ [illegible]
[illegible] ୮ ,
[illegible] ୮ ০ ,

ଏହି ପୁସ୍ତକମାନ [illegible] ଲବ୍ଧ ହେବେ ।

ଉକ୍ତ [illegible] ଠାରେ ଓ [illegible] ଦୋକାନମାନଙ୍କରେ ପ୍ରାପ୍ତବ୍ୟ । [illegible]

[illegible] ଅନ୍ୟ ପୁସ୍ତକରେ ଥିବା [illegible] ସମ୍ବାଦପତ୍ରରେ [illegible]

ଯାତ୍ରିକ [illegible]

[illegible] ଅଛି । [illegible] ଅଛି । [illegible] ଶ୍ରୀ ଗଙ୍ଗାଧର [illegible] ପ୍ରେସ, କଟକ ।

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କର ଆଇନାନୁସାରେ ରେଜେଷ୍ଟ୍ରୀ ହୋଇଅଛି ।

ଏହିପରି ଆଦର୍ଶ "ଟ୍ରେଡ଼ମାର୍କ" ଯେଉଁ ସିସିରେ ସଲଗ୍ନ ନାହିଁ ତାହା କୃତ୍ରିମ ଔଷଧ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇ ଦେଇ ଯେ କେହି ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

ଆମେରିକା ପ୍ରଦେଶସ୍ଥ ନିଉୟର୍କ ନଗରବାସୀ ମହାଯଶା ଡ଼ାକ୍ତର ଜେମସ୍ ମେଜର, ଏମ୍, ଏ, ଏମ୍, ଡି ସାହେବଙ୍କ ଆବିଷ୍କୃତ :—

ଇଲେକ୍ଟ୍ରୋ ସାଲସା ।

ଏପରି ସର୍ବଗୁଣସମ୍ପନ୍ନ ମହୌଷଧ ଇତିପୂର୍ବେ କେବେହେଁ ଆବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କ୍ରିୟା ଅଲୌକିକ, ଶକ୍ତି ମନ୍ତ୍ରବତ୍ ଅଦ୍ଭୁତ ! ଯେଉଁ ରୋଗ କୌଣସି ଔଷଧରେ ଆରୋଗ୍ୟ ହୁଏ ନାହିଁ, ବିଜ୍ଞ ଚିକିତ୍ସକମାନେ ଯେଉଁ ରୋଗ ଅସାଧ୍ୟ ବୋଲି ନିର୍ଣ୍ଣୟ କରିଅଛନ୍ତି ଏହି ମହୌଷଧ ସେହି ରୋଗରେ ବ୍ରହ୍ମାସ୍ତ୍ର !!!

ଇଲେକ୍ଟ୍ରୋ ସାଲସା;—ନବୋଦ୍ଭାବିତ ଉପାୟଦ୍ୱାରେ ରସାୟନିକ ପ୍ରକରଣରେ ତାଡ଼ିତଶକ୍ତି ସଂଯୁକ୍ତ ରହିବାରୁ ଶୀଘ୍ର ମାନବ ଦେହରେ ଏହାର ଆଶ୍ଚର୍ଯ୍ୟ କ୍ରିୟା ପ୍ରକାଶ ପାଏ ଏବଂ ପ୍ରତ୍ୟେକଥର ଔଷଧ ସେବନମାତ୍ରେ ମନରେ ହୁଏ ଯେମନ୍ତ ଶରୀରଯନ୍ତ୍ରରେ କୌଣସି ବୈଦ୍ୟୁତିକ କ୍ରିୟା ଜାତ ହୋଇଗଲା । ଏହିଠାରେ ଏହାର ଶକ୍ତିମତ୍ତାର ପ୍ରଥମ ପରିଚୟ ! ଅଲୌକିକତ୍ୱର ପ୍ରଥମ ନିଦର୍ଶନ !!!

ବିଜ୍ଞାନ ଆମ୍ଭମାନଙ୍କୁ ଶିକ୍ଷା ଦେଉଅଛନ୍ତି ଯେ ଚପଳାର ଛଣଦତ୍ତ ଦୁର୍ବୋଧ ଶକ୍ତିହିଁ ପ୍ରକୃତିର ଜୀବନ । ଚପଳାର ପ୍ରବାହ ବ୍ୟତୀତ ପ୍ରକୃତି ଦେବୀ ସଞ୍ଜ୍ଞାହୀନା, ଏପରି ଚପଳାର ଏମନ୍ତ ଶକ୍ତି ଯେ ଔଷଧରେ ସଂଯୋଗ ରହିଅଛି, ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଆଉ ବିଚିତ୍ର କଣ ?

ପାଶ୍ଚାତ୍ୟ ଶାରୀରତତ୍ତ୍ୱଜ୍ଞ ପଣ୍ଡିତମାନେ ବୋଲନ୍ତି, ବାଲ୍ୟ ଚାପଲ୍ୟର ଉଚ୍ଛୃଙ୍ଖଳତାରେ ଓ ସ୍ୱାସ୍ଥ୍ୟରକ୍ଷାର ଅନିୟମରେ ଶରୀରସ୍ଥ ବୈଦ୍ୟୁତିକ ଶକ୍ତିର ହ୍ରାସ ହୋଇ ଧାତୁସମୂହର ବିକୃତି ଘଟେ ଏବଂ ପରିଣାମରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉତ୍ପତ୍ତି ହୁଏ । ପୁଣି ସେହି ହ୍ରାସପ୍ରାପ୍ତ ବୈଦ୍ୟୁତିକ ଶକ୍ତିର ପୁନଃ ସଂଯୋଜନଦ୍ୱାରା

Digitized by srujanika@gmail.com

ରକ୍ଷା କରିପାରିଲେ ମାନବ ନିରୋଗୀ ଓ ଦୀର୍ଘାୟୁ ହେବାହିଁ ସ୍ୱତଃସିଦ୍ଧ । ମାତ୍ର ଔଷଧ ସମଷ୍ଟିଦ୍ୱାରା ସେ ଅଭାବର ସମତା ରକ୍ଷା ହୋଇ ନ ପାରେ । ଚପଳାର ଶକ୍ତି ସଂଯୋଗ ବ୍ୟତୀତ କୌଣସି ଔଷଧରେ ସେ ଅଭାବ ସମ୍ୟକ୍ ମୋଚନ ହୋଇ ନ ପାରେ, ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ଗ୍ୟାଲ-ଭ୍ୟାନିକ ବ୍ୟାଟେରୀ ବା ତାଡ଼ିତଯନ୍ତ୍ର ଆବିଷ୍କାର କରନ୍ତି ଏବଂ ରୋଗୀ ଦେହରେ ତାହାର ବାହ୍ୟିକ ପ୍ରୟୋଗ କରାଇ ବାତ, ପକ୍ଷାଘାତ, ସ୍ନାୟୁଦୌର୍ବଲ୍ୟ ପ୍ରଭୃତି କେତେଗୋଟି ଜଟିଳ ରୋଗ ଆଶୁ ଦମନ କରିବାକୁ ସମର୍ଥ ହୁଅନ୍ତି । ଫଳରେ ତହିଁର କ୍ରିୟା ମଧ୍ୟ ଯେ ଅସ୍ଥାୟୀ ଏ କଥା ଶିକ୍ଷିତ ସମାଜକୁ ଏବେ ଆଉ ବୁଝାଇ ଦେବାକୁ ହେବ ନାହିଁ । ଆଉ ଏହି ବିଂଶ ଶତାବ୍ଦୀର ପ୍ରାରମ୍ଭରେ ବିଜ୍ଞାନର ମହୀୟସୀ କ୍ଷମତା-ଦ୍ୱାରା ଡାକ୍ତର ମେଜର ତାଡ଼ିତଶକ୍ତିର ଆଭ୍ୟନ୍ତରିକ ପ୍ରୟୋଗାର୍ଥ ତାହାକୁ ବିବିଧ ଭେଷଜଦ୍ରବ୍ୟରେ ସଂଯୋଗ କରି ଏହି ଅମୋଘ ଔଷଧକୁ ସଜୀବ କରି ଉଠାଇଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଆରୋଗ୍ୟ ସନ୍ଧାନରେ ଚିକିତ୍ସା ଜଗ-ତରେ ନୂତନ ଯୁଗ ଆଣି ଦେଇଅଛନ୍ତି !!!

ଆଉ କାହାକୁହିଁ ଅଯଥା ଓ ଅସ୍ଥାୟୀଗୁଣବିଶିଷ୍ଟ କୃତ୍ରିମ ସାଲସା ବା କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଆଉ କାହାକୁହିଁ ରୋଗ ଯନ୍ତ୍ରଣା ଭୋଗିବାକୁ ହେବ ନାହିଁ, ଥରେ ଏହି ମହୌଷଧକୁ, ଏହି ମହାଶକ୍ତିକୁ, ଏହି ବୈଦ୍ୟୁତିକ ସମ୍ପନ୍ନ "ଇଲେକ୍ଟ୍ରୋ ସାଲସା"କୁ ପରୀକ୍ଷା କରି ଦେଖନ୍ତୁ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ, ଅକର୍ମଣ୍ୟ ଦେହ ପୁଣି କର୍ମକ୍ଷମ ହେବ, ଯୌବନକାଳୋ-ଚିତ ବଳବୀର୍ଯ୍ୟ ଓ ନଷ୍ଟସ୍ୱାସ୍ଥ୍ୟ ପୁଣି ଫେରି ପାଇବ ।

ଇଲେକ୍ଟ୍ରୋ ସାଲସା;—ଯେଉଁ ଯେଉଁ ୭୬ ଗୋଟି ଉପାଦାନରେ ପ୍ରସ୍ତୁତ ହୋଇଅଛି ସେ ସବୁ ଏଣ୍ଡିସ୍ ଏବଂ ହିମାଳୟ ପର୍ବତରୁ ଜାତ ଲତା ଓ ଗୁଳ୍ମ । ବହୁ-କାଳର ଶ୍ରମରେ ବହୁଦିନର ବୈଜ୍ଞାନିକ ପରୀକ୍ଷାରେ ଓ ବହୁ ଅର୍ଥ ବ୍ୟୟରେ ସେହି ଉଦ୍ଭିଦଗୁଡ଼ିକର ସଂଗ୍ରହ ଓ ତାହାର ସାରାଂଶ ସହିତ ଚପଳାର ଶକ୍ତି ସଂଯୋଜିତ କରି ମହାନୁଭବ ଭିଷକ୍ ଶ୍ରେଷ୍ଠ ମେଜର ସାହେବ ଏହି ସାଲସା ପ୍ରସ୍ତୁତ କରିଅଛନ୍ତି ଏବଂ ପରୀକ୍ଷାଦ୍ୱାରା ପୃଥିବୀସ୍ଥ ସକଳସଭ୍ୟ ରାଜ୍ୟରେହିଁ ଏହାର ପ୍ରକୃତଗୁଣାବଳୀ ପ୍ରକାଶପାଇଁ ଏହା ଚିକିତ୍ସା ଜଗତରେ ପରମଶରଣରୂପେ ବିରାଜିତ ହେଉଅଛି । ଏହାର କାର୍ଯ୍ୟ ଅମୋଘ କ୍ରିୟାସ୍ଥାୟୀ !! ଏବଂ ଗୁଣରେ ଅମୃତତୁଲ୍ୟ !!!

ଇଲେକଟ୍ରୋ ସାଲସା—ଦୂଷିତରକ୍ତ ଶୋଧନ କରିବାକୁ, ନୂତନରକ୍ତ କଣିକା ସୃଷ୍ଟି କରିବାକୁ, ଦୁର୍ବଳ ଦେହ ସବଳ ଓ ଦୃଢ଼ କରିବାକୁ ଅଦ୍ୱିତୀୟ । ସର୍ବ-ପ୍ରକାର ବାତ ବ୍ୟାଧି, ପକ୍ଷାଘାତ, ଆମବାତ ଉପଦଂଶ, କୁଷ୍ଠ, ଗାତ୍ରକଣ୍ଡୁ, ନାଳଘା, କାଛୁ, କୁଣ୍ଡିଆଣ, ପାରା ଗର୍ମିର ଇରପସନ୍ (ଗାତ୍ରରେ ଚକା ଚକା ଦାଗ) ହସ୍ତ ପାଦ ଓ ସନ୍ଧି ସବୁର ଗୁରୁତ୍ୱ ଓ ବେଦନା ହସ୍ତ ଓ ପାଦ ତଳରେ ସାଦା ବା କଳା ଚିହ୍ନ, ଚକ୍ଷୁରେ ଜଳପଡ଼ିବା, ମଥାରୁ ଚୂଳ ଉଠିବା, କୃଶତା, ରକ୍ତକ୍ଷୀଣତା, ଶରୀର, ସ୍ୟାକାଶିଆ ପ୍ରଭୃତି ଯାବତୀୟ ରକ୍ତ ସମ୍ବନ୍ଧୀୟ ପୀଡ଼ା ଓ ତଜ୍ଜାତ ଅନ୍ୟାନ୍ୟ ବିବିଧ ଉପସର୍ଗ ଆମୂଳେ ଧ୍ୱଂସ କରିବାକୁ ଏମନ୍ତ ଔଷଧ ଆଉ ନାହିଁ ।

Digitized by srujanika@gmail.com

ଇଲେକଟ୍ରୋ ସାଲସା—ସର୍ବବିଧ ଶୁକ୍ର ପୀଡ଼ାର ଏକମାତ୍ର ଅମୋଘ ଔଷଧ । ଅନନୁମ୍ନ ବା ଅତ୍ୟଧିକ ଇନ୍ଦ୍ରିୟସେବାଜନିତ ଧାତୁ ଦୌର୍ବଲ୍ୟ, ପୁରୁଷତ୍ୱହାନି, ଶୁକ୍ର ତାରଲ୍ୟ ମୂତ୍ରନାଳ ଓ ପୁରାତନ ମେହ, ସ୍ୱପ୍ନଦୋଷ, ପ୍ରସ୍ରାବ ଜ୍ୱାଳା, ମଳମୂତ୍ର ଅଲକ୍ଷରେ ବା ପ୍ରସ୍ରାବରେ ବୀର୍ଯ୍ୟପତନ, ଅତିରିକ୍ତ ପ୍ରସ୍ରାବ, କେଶର ଅକାଳପକ୍ୱତା, ଦୃଷ୍ଟିଶକ୍ତି-ହୀନତା, ଧାରଣାଶକ୍ତିର ଅଭାବ, ଶୁକ୍ରକ୍ଷୟଜନିତ ମସ୍ତକ ଘୂରିବା କୋଷ୍ଠବଦ୍ଧତା, ପ୍ରଭୃତି ସର୍ବବିଧ ଶୁକ୍ରଜ ରୋଗ ଓ ଉପସର୍ଗାଦି ଆରୋଗ୍ୟ କରିବାରେ ବ୍ରହ୍ମାସ୍ତ୍ରସ୍ୱରୂପ ।

ଏହାର କେତେକ ମାତ୍ରା ସେବନରେ ଶରୀରରେ ବିଶେଷ ସ୍ଫୂର୍ତ୍ତି ଓ ଶକ୍ତିର ଆଧିକ୍ୟ ଅନୁଭବ କରାଯାଏ । ଅଧିକ ଦିନ ବ୍ୟବହାରରେ ରତିଶକ୍ତିର ସମ୍ପୂର୍ଣ୍ଣ ବିକାଶ ହୁଏ, ଶରୀର ହୃଷ୍ଟ ପୁଷ୍ଟ ଓ ବଳିଷ୍ଠ ହୁଏ, ଅହିଫେନାଦି ସେବନଜନିତ ଅବସାଦ ଦୂରୀଭୂତ ହୁଏ ।

ଶୁକ୍ର ବା ରକ୍ତ ସମ୍ବନ୍ଧୀୟ ପୀଡ଼ା । ଯେତେ ପୁରାତନ ଯେତେ କଠିନ, ବା ଜଟିଳ ହେଉ ଏହି ମହୌଷଧରେ ତାହା ଆରୋଗ୍ୟ ହେବହିଁ । ଏତେ ଶୀଘ୍ର ଏତେ ସହଜରେ ଓ ସୁଲଭରେ ସ୍ଥାୟୀ ଆରୋଗ୍ୟ କରିବାର ଏମନ୍ତ ଶକ୍ତିଶାଳୀ ଔଷଧ ଆଉ ନାହିଁ ।

ଇଲେକ୍‌ଟ୍ରୋ ସାଲସାର ପ୍ରତ୍ୟେକ ମାତ୍ରାହିଁ ଅଶେଷ ଫଳପ୍ରଦ ଓ ହିତକର । ସହଜ ସୁସ୍ଥ ଶରୀରରେ ସେବନ କଲେ କ୍ଷୁଧା ବୃଦ୍ଧି ହୁଏ, କୋଷ୍ଠ ପରିଷ୍କାର ହୁଏ, ଲାବଣ୍ୟ ବଢ଼େ, ପୁରୁଷତ୍ୱ ବୃଦ୍ଧି ହୁଏ ଏବଂ ଶରୀରସ୍ଥ ସପ୍ତଧାତୁର ଉତ୍କର୍ଷସାଧିତ ହୁଏ ।

ବାସ୍ତବରେ ଏମନ୍ତ ଫଳପ୍ରଦ, ଏତାଧାରେ ଏତେ ଅଧିକ ଗୁଣସମ୍ପନ୍ନ ଔଷଧ ଜଗତରେ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ ।

ମୂଲ୍ୟ—ଇଂରାଜୀ, ବଙ୍ଗଳା, ଓଡ଼ିଆଭାଷାରେ ବ୍ୟବସ୍ଥାପତ୍ର ସମ୍ବଳିତ ୧ ସପ୍ତାହ ସେବନୋପଯୋଗୀ ପ୍ରତ୍ୟେକ ଶିଶିର ମୂଲ୍ୟ ଟ୨ ଙ୍କା; ତିନ ଶିଶି ଟ୫୲; ଛ ଶିଶି ୧୦୲; ଡ଼ଜନ ଟ୨୦ ଙ୍କା; ତିନ ଡ଼ଜନ ଟ ୫୦ ଙ୍କା । ପ୍ୟାକିଂ ଓ ଡ଼ାକ ମାଶୁଲ ପ୍ରତ୍ୟେକ ଶିଶି ଟ° ୳ ଅଣା; ତିନି ଶିଶିକୁ ଟ° ୷ ଅଣା; ଛ ଶିଶି ଟ୧ଙ୍କା; ଡ଼ଜନ ଟ୧୷ ଅଣା; ତିନ ଡ଼ଜନ ଟ ୪ ଙ୍କା ।

ମଫସଲବାସୀମାନେ—ଯେ କୌଣସି ଭାଷାରେ ହେଉ ପତ୍ରଦ୍ୱାରା ଆପଣା ଆପଣା ନାମ, ଗ୍ରାମ, ଡ଼ାକଘର, ଜିଲା ଏବଂ କେତେ ଶିଶି ଔଷଧ ଆବଶ୍ୟକ ଲେଖି ପଠାଇଲେ ଭି, ପି, ପାର୍ଶଲ ଯୋଗେ ଔଷଧ ପଠାଇ ନିର୍ଦ୍ଦିଷ୍ଟ ମୂଲ୍ୟ ଆଦାୟ କରୁଁ ।

ଭାରତବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରାପ୍ତିସ୍ଥାନ—

W. MAJOR & Co. } ଡବଲିଉ, ମେଜର ଏଣ୍ଡ କୋ,
Calcutta. } କଲିକତା ।

TELEGRAPHIC ADDRESS.—"*MAJOR*" *CALCUTTA.*

Digitized by srujanika@gmail.com

ଉତ୍କଳର କାହାଣୀ ।

—୦°୦—

ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ବି. ଏ. ସଙ୍ଗୃହୀତ ।

୮୬ ପୃଷ୍ଠାରେ ସମାପ୍ତ—ମୂଲ୍ୟ ଚାରି ଅଣା ।

ଏ ପୁସ୍ତକ କଟକ ବାଲୁବଜାର ଉତ୍କଳ ସାହିତ୍ୟ ଅଫିସ, କଟକର ଅନ୍ୟାନ୍ୟ ପୁସ୍ତକ ଦୋକାନ, ବାଲେଶ୍ୱର ଟ୍ରେନିଂ ସ୍କୁଲର ଶିକ୍ଷକ ଶ୍ରୀ ନାରାୟଣ ମିଶ୍ର, ଖୁର୍ଦ୍ଧା ହରଚଣ୍ଡୀ ସାହି ସ୍କୁଲର ହେଡପଣ୍ଡିତ ଶ୍ରୀ କାଶୀନାଥ ମହାପାତ୍ର, ଯାଜପୁର ହାଇ ସ୍କୁଲର ଦ୍ୱିତୀୟ ପଣ୍ଡିତ ଶ୍ରୀ ଗଦାଧର ରଥ, ଭଦ୍ରକ ହାଇ ସ୍କୁଲର ଦ୍ୱିତୀୟ ପଣ୍ଡିତ ଶ୍ରୀ ମହାଦେବ ମିଶ୍ର, ନନ୍ଦପଡ଼ା—ସମ୍ବଲପୁର ଶ୍ରୀ ବୃନ୍ଦାବନ ମିଶ୍ରଙ୍କ ନିକଟରେ ମିଳିବ ।

ଏହି ପୁସ୍ତକ ସମ୍ବନ୍ଧରେ ମତ :—

"ପୁସ୍ତକର ଭାଷା ସରଳ ଏବଂ ହାଟବାଟର ବାଳକମାନେ ସହଜରେ ପଢ଼ି ବୁଝି ପାରିବାର କୌଣସି କଷ୍ଟ ନାହିଁ ।" ଉତ୍କଳଦୀପିକା ।

"ପୁସ୍ତକ ଅତି ସରଳ ଭାବରେ ଲିଖିତ ହୋଇ ଥିବାରୁ ବାଳକ ବାଳିକାମାନଙ୍କ ପକ୍ଷରେ ବିଶେଷ ଉପଯୋଗୀ ହୋଇଅଛି ।" ସମ୍ବଲପୁରହିତୈଷିଣୀ

"Your labours in this direction seem to have borne good fruit. You have done the Uriyas a distinct service." ଶ୍ରୀଯୁକ୍ତ ପଦ୍ମନାଭ ନାରାୟଣ ଦେବ ସେକେଣ୍ଡପ୍ରିନ୍ସ ପାରଳାଖେମୁଣ୍ଡି ଗଞ୍ଜାମ ।

"ଏ ସଙ୍ଗ୍ରହ ଓଡ଼ିଆ ଭାଷାର ଖଣ୍ଡେ ଉପାଦେୟ ଗ୍ରନ୍ଥ" ଶ୍ରୀଯୁକ୍ତ ରାୟ ରାଧାନାଥ ରାୟ ବାହାଦୁର, ସ୍କୁଲ ସମୂହର ଇନସ୍ପେକ୍ଟର, ବର୍ଦ୍ଧମାନ ।

"ଦେଖିଲି ଉପଯୁକ୍ତ ହସ୍ତରେ ଉପଯୁକ୍ତ କାର୍ଯ୍ୟ ହୋଇଅଛି । କାହାଣୀଗତ ଭାବ ଏବଂ ଭାଷା ରକ୍ଷା ବିଷୟରେ ସମ୍ପୂର୍ଣ୍ଣରୂପେ କୃତକାର୍ଯ୍ୟ ହୋଇଅଛନ୍ତି" ଶ୍ରୀଯୁକ୍ତ ଫକୀରମୋହନ ସେନାପତି, କଟକ ।

"I am of openion that you have very highly obliged the whole Oria-speaking population by preserving from oblivion a useful branch of traditional literature" ଶ୍ରୀଯୁକ୍ତ ଅଭିରାମଭଞ୍ଜ ଏମ୍ ଏ.

"ଉତ୍କଳ ସାହିତ୍ୟ କ୍ଷେତ୍ରରେ ତୁମ୍ଭଦ୍ୱାରା ଗୋଟିଏ ନୂତନ କ୍ଷେତ୍ରକୁ ବାଟ ଫିଟିଲା । ତୁମ୍ଭର ଲେଖା ନୂତନ ପଦ୍ଧତି ଅବଲମ୍ବନ କଲେହେଁ ସେଥିରେ ସର୍ବତ୍ର କୃତିତ୍ୱର ଲକ୍ଷଣ ବିଦ୍ୟମାନ ।" ଶ୍ରୀଯୁକ୍ତ ଚନ୍ଦ୍ରମୋହନମହାରଣା ବି, ଏ, ଡେପୁଟୀଇନସ୍ପେକ୍ଟର ପୁରୀ

"ଏହା ଉତ୍କଳ ସାହିତ୍ୟ ଭଣ୍ଡାରରେ ଗୋଟିଏ ରତ୍ନ ହୋଇ ରହିଲା ।"

ଶ୍ରୀଯୁକ୍ତ ନନ୍ଦକିଶୋର ବଳ ବି, ଏ, କଟକ ।

"ଏତାଦୃଶ ଭାବର ପୁସ୍ତକ ଉତ୍କଳରେ ସର୍ବତ୍ର ପ୍ରଚାରିତ ଓ ଆଦୃତ ହେବା ଅବଶ୍ୟକ । ଏହାଦ୍ୱାରା ଉତ୍କଳରେ ଗୋଟିଏ ଅଭାବ ଦୂର ହୋଇଅଛି ।"

ଶ୍ରୀ ସଦାଶିବ ବିଦ୍ୟାଭୂଷଣ, ବ୍ରହ୍ମପୁର ଗଞ୍ଜାମ ।

—୦—

Digitized by srujanika@gmail.com

ଉତ୍କଳ-ସାହିତ୍ୟ ।

ଆମ୍ଭକଥା ।

ବିଭୁକୃପାରେ 'ଉତ୍କଳସାହିତ୍ୟ' ଆଜ ଷଷ୍ଠ ବର୍ଷରେ ପଦାର୍ପଣ କଲା । ଆମ୍ଭେମାନେ ବର୍ତ୍ତମାନ-ସମୟରେ ପାଠକବର୍ଗଙ୍କୁ କି କଥା ଶୁଣାଉବୁ ? ପ୍ରାଣଭିତରେ ଅଛି କଣ ? ଚାରିଆଡ଼େ ଦେଖୁଅଛୁଁ କଣ ? ପ୍ରକୃତ ଅବସ୍ଥାର କଥା ଭାବି ଭାବି ଆମ୍ଭ-ମାନଙ୍କ ପ୍ରାଣ ସର୍ବଦା ମଥିତ—ନିପୀଡ଼ିତ ! ଇଚ୍ଛା ହୁଏ, ଏ ବିସ୍ତୀର୍ଣ୍ଣ ଉତ୍କଳଭୂମିର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ନିରନ୍ତର ବିଷାଦ-କାହାଣୀ ଗାଇ ବୁଲୁଁ— ପ୍ରାଣସ୍ପର୍ଶୀ ଭାଷାରେ ଜାଗରଣର ବାର୍ତ୍ତା ପ୍ରଚାର କରୁଁ— ଅତୀତ ଓ ବର୍ତ୍ତମାନର ଜୀବନ୍ତ ଚିତ୍ର ଅଙ୍କିତ କରି ସର୍ବତ୍ର ପ୍ରଦର୍ଶନ କରୁଁ ଏବଂ ଭବିଷ୍ୟତ ପାଇଁ ସମସ୍ତ ଭାଇ ଭଗିନୀଙ୍କୁ ଉଦ୍‌ବୋଧିତ କରୁଁ । କିନ୍ତୁ ହାୟ ! ଆମ୍ଭମାନଙ୍କର ସେ ଶକ୍ତି ନାହିଁ, ସାମର୍ଥ୍ୟ ନାହିଁ, କବିର କଳ୍ପନା ନାହିଁ, ଚିତ୍ରକରର ତୂଳିକା ନାହିଁ ! ପରିଣାମ କେବଳ ଅବସାଦ ଯନ୍ତ୍ରଣା, ହା ହତୋଽସ୍ମି ! ବୁଝି ଅଛୁଁ, ଆମ୍ଭମାନଙ୍କ ଜୀବନଟା ଏହିପରି ଅତିବାହିତ ହେବ । ତଥାପି କଥାଟି ଆଦରି ତୁନି ହୋଇ ରହିବାକୁ ପ୍ରାଣ ରାଜି ନୁହେଁ । କି ଘୋର ବିଡ଼ମ୍ବନା ! ପ୍ରବଳ ଆକାଂକ୍ଷା ବହ୍ନିରୂପେ ସର୍ବଦା ଭିତରେ ଜଳି ଅସ୍ଥିର କରୁଅଛି । କିଏ ଯେପରି କର୍ଣ୍ଣରେ କହୁଅଛି, 'କିଛି ହେଲା ନାହିଁ, କିଛି ହେଲା ନାହିଁ ।' ଚାରିଆଡ଼କୁ ଅନାଇ ଦେଖୁଅଛୁଁ; ବାସ୍ତବିକ କିଛି ହେଲା ନାହିଁ—ଯାହା ହୋଇଅଛି ତା ହେଉଅଛି । 'ଭାଙ୍ଗା ସମୁଦ୍ରକୁ ଶଙ୍ଖେ ପାଣି ।' ସେଥିରେ ଜାତୀୟଜୀବନ ଗଠିତ ହୋଇପାରିବ ନାହିଁ— ଜାତୀୟ ଉନ୍ନତି ସାଧିତ ହୋଇପାରିବ ନାହିଁ । ପ୍ରାଣଟା ଏପରି ଉପାଦାନରେ ଗଠିତ ଯେ ସେ କେତେବେଳେ ଅଳ୍ପରେ ସନ୍ତୁଷ୍ଟ ନୁହେଁ— ପୁରସ୍କାରରେ ପରିତୃପ୍ତ ନୁହେଁ । ସେ ସର୍ବଦା ନୂତନ ପାଇଁ ବ୍ୟାକୁଳ—ଦେଶବ୍ୟାପୀ ଜାଗରଣର ପ୍ରବଳ-ବନ୍ୟା ପାଇଁ ଉତ୍କଣ୍ଠିତ ! ଆମ୍ଭମାନଙ୍କର କିଛି ଗତି ନାହିଁ । କବିଙ୍କ ଭାଷାରେ ବର୍ତ୍ତମାନଟା କେବଳ "ଜୀବନ ନୁହେ ଏ ଜୀବନ୍ତ ମରଣ" ବୋଲି ପ୍ରତୀୟମାନ ହେଉଅଛି ! ଏ ଅବସ୍ଥାରେ କାହାକୁ କି କଥା ଶୁଣାଉବୁ ? କିଏ ବା ଏ ମରଣ-କାହାଣୀ ଶୁଣି ତୃପ୍ତି ଲାଭ କରିବ ? ଏଥିରେ ସ୍ୱଦେଶଗୌରବର ମୋହ ନାହିଁ, ଜାତୀୟ ଅଭିମାନର ଉନ୍ମାଦ ନାହିଁ, ଆଶାର ଅସାର-ଛଳନା ନାହିଁ । ଯେ ଯାହା ମନେ କରନ୍ତୁ, ଆମ୍ଭେମାନେ ସରଳପ୍ରାଣର ସହଜ ଭାବ ବ୍ୟକ୍ତ କରୁଅଛୁଁ ଏବଂ ପ୍ରୀତିପୂର୍ଣ୍ଣହୃଦୟରେ ସମସ୍ତ ଉତ୍କଳସନ୍ତାନଙ୍କୁ ସାଦରେ ଆହ୍ୱାନ କରୁଅଛୁ । ଆସନ୍ତୁ ସମସ୍ତେ ଭିତ୍ତିହୀନ ହାସ୍ୟକୌତୁକ, ସୁଖ-ସ୍ୱାଚ୍ଛନ୍ଦ୍ୟ, ଦୁଃଖଦାରିଦ୍ର୍ୟ, ଆଳସ୍ୟଔଦାସୀନ୍ୟ, ସ୍ୱାର୍ଥ-ଦ୍ୱେଷ, ଘୃଣାଅବଜ୍ଞା, ସମସ୍ତ ଭୁଲି ଯାଇ ଏ ଦୀନ-ହୀନ ଦେଶର କଲ୍ୟାଣ ନିମିତ୍ତ-ପୁନରୁତ୍ଥାନ ନିମିତ୍ତ କଠୋର ସାଧନରେ ପ୍ରବୃତ୍ତ ହେବା । ବିଧାତା ଯାହାକୁ ଯାହା ଦେଇଅଛନ୍ତି, ସେ ତାହା ପ୍ରସନ୍ନ-ଚିତ୍ତରେ ସ୍ୱଦେଶର ସେବାରେ ଅକାତରେ ହୃଷ୍ଟ-କଳେ ଉତ୍ସର୍ଗ କରନ୍ତୁ । ବିଧାତାଙ୍କ କୃପାରେ ନବ-ପ୍ରାଣ ଜାଗ୍ରତ ହେବ । ଦେଶରେ ମନୁଷ୍ୟ ଜନ୍ମ-ଗ୍ରହଣ କରି ଦେଶର ଏବଂ ଜାତିର ମୁଖ ଉଜ୍ଜ୍ୱଳ କରିବେ । ସାଧନା ବିନା ସିଦ୍ଧି ନାହିଁ---ତପସ୍ୟା ବିନା ବରପ୍ରାପ୍ତି ଅସମ୍ଭବ । ପ୍ରାଣର ଭାଇ ଉତ୍କଳ-ବାସୀ ! ସାଧନାର ବେଦିରେ ସ୍ୱ ସ୍ୱ ଜୀବନ ଅର୍ଘ୍ୟ-ରୂପେ ଅର୍ପଣ କର—କଠୋର ତପଶ୍ଚରଣରେ ଦେହପାତ କର । ତୁମ୍ଭେ ଧନ୍ୟ ହେବ, ଦେଶ ଧନ୍ୟ ହେବ, ଜାତି ଧନ୍ୟ ହେବ, ଅବସାଦ, ଅନ୍ଧକାର, ଦୁଃଖ, ତାପ ଦୂରେଇତ ହେବ ।

Digitized by srujanika@gmail.com

ଅପୂର୍ବ ମିଳନ ।

(ଐତିହାସିକ ଉପନ୍ୟାସ ।)

ଦଶମ ପରିଚ୍ଛେଦ ।

ବଲବାପଦା ଯୁଦ୍ଧ-ନବାବଙ୍କ ଦୁର୍ଦ୍ଦଶା ।

ନବାବୀ ଫୌଜର ଶୀର୍ଷଭାଗ ବଲବାପଦାଠାରେ ଉପସ୍ଥିତ । ସେହି ସମୟରେ ନବାବସାହେବ ସୁବର୍ଣ୍ଣରେଖା କୂଳ ରାଜଘାଟ ନାମକ ସ୍ଥାନରେ ବସନ୍ତମାନ ଥିଲେ । ପଞ୍ଚ ସହସ୍ର ମାତ୍ର ଅଶ୍ୱାରୋହୀ ସୈନ୍ୟ ସହିତ ବାଲେଶ୍ୱର ବନ୍ଦର ପଶ୍ଚିମାଂଶ ଭାସ୍କରଗଞ୍ଜ ନାମକ ସ୍ଥାନରେ ମରହଟ୍ଟା ଫୌଜଦାର ଭାସ୍କରପଣ୍ଡିତ ଉପସ୍ଥିତ ଥିବାର ଗୁପ୍ତ ଗୋଇନ୍ଦା ସମ୍ବାଦ ଦେଲା । ବିପକ୍ଷପକ୍ଷ ନବାବ-ସୈନ୍ୟ ସମାଗମ ସମାଚାର ପ୍ରାପ୍ତ ହୋଇ ଥିବାର ଜଣାଯାଏ ନାହିଁ, କାରଣ ସେମାନେ ନିଶ୍ଚିନ୍ତ ନିରୁଦ୍ବେଗଭାବରେ ରହିଅଛନ୍ତି । ଚତୁଃପାର୍ଶ୍ୱବର୍ତ୍ତୀ ଗ୍ରାମମାନଙ୍କରେ ମଧ୍ୟ ଶତ୍ରୁ ସଞ୍ଚାରର ଚିହ୍ନମାତ୍ର ନାହିଁ । ନବାବସାହେବ ସମ୍ବାଦ ପାଇ ଅତ୍ୟନ୍ତ ଆନନ୍ଦିତ ହେଲେ । ବିଶାଳ ବାହିନୀ ପଶ୍ଚାତ ଅଗ୍ରଦଳକୁ ଏକାବେଳକେ ବଳ ଦେବେ, ଉତ୍କଳଭୂମିରେ ସେମାନଙ୍କର ଚିହ୍ନମାତ୍ର ରହିବ ନାହିଁ । ବାଲେଶ୍ୱର ବନ୍ଦରଠାରେ ଉପସ୍ଥିତ ହୋଇ ଶତ୍ରୁସହିତ ଯୁଦ୍ଧ କରିବା ସଙ୍କାଶେ ଅର୍ଦ୍ଧରାତ୍ରି ସମୟରେ ସେନାପତି ମିରଜାଫର—ନବାବଙ୍କଠାରୁ ହୁକୁମ ପେଶ ରମାନା ହେଲେ ।

ମକରମାସ ଶେଷାଶେଷି । ଏହି ସମୟରେ ପ୍ରାକୃତିକ ଗଗନମଣ୍ଡଳ ପ୍ରାୟ କୁଜ୍ଝଟିକାଚ୍ଛନ୍ନ ହୁଏ, ଉତ୍ତରଦିକର ଶୀତଟା ମଧ୍ୟ ଶେଷ ରାତିରେ ଟିକେ ବେଶୀ ଜଣାଯାଏ ।

ନିଶା ଅବସାନ ପ୍ରାୟ । ଆକାଶମଣ୍ଡଳ ମେଘାଚ୍ଛନ୍ନ । କୁତ ସମସ୍ତ ହେବା ବିଳମ୍ବ ଅଛି । ନବାବ-ସୈନ୍ୟ ସୁଦ୍ଧାଙ୍କର ମଧ୍ୟରେ ସଚେତଭାବର ଅଭାବ ମିଳୁଅଛି । ଧର୍ମପରାୟଣ କେତେକ ପାଠକ ନମାଜପାଠ ଆରମ୍ଭ କରିଅଛନ୍ତି, କେହି ବା ଉଚ୍ଚ କରୁଅଛି । ଥୋଡେ଼ ଉଦରପରାୟଣ ଗଞ୍ଜେଇ ଖୋରାର ଅବଶିଷ୍ଟାଂଶ ନାସ୍ତା ନାମକ କର୍ମରେ ନିଯୁକ୍ତ କରୁଅଛନ୍ତି । ଶୀତକାଳଶେଷରାତ୍ରି । ନିଦ୍ରାର ମଧୁରତା ଟିକେ ବେଶୀ ଅନୁଭୂତ ହୁଏ, ଅଧିକାଂଶ ନିଦ୍ରାପରବଶ ପାଠକ କମ୍ବଳଟା ଭଲ କରି ଘୋଡ଼ି ହୋଇ ଶୋଇପଡ଼ିଅଛନ୍ତି । ଅଚାଣ ଚକ୍ରପାଶ ଜଙ୍ଗଲପରି ହଠାତ୍ ପଞ୍ଚ ସହସ୍ର ଅଶ୍ୱାରୋହୀ ମରହଟ୍ଟା ‘ବୋମ୍ ବୋମ୍ ମହାଦେଓ’ ଭୀଷଣ ଚୀତ୍କାର କରି ନବାବଙ୍କ ସୈନ୍ୟଉପରେ ପଡ଼ି ସେମାନଙ୍କୁ ଛିନ୍ନଭିନ୍ନ କରିପକାଇଲେ । ଧନ୍ୟ ବର୍ଗୀ-ଚାତୁରୀ ! ଧନ୍ୟ କ୍ଷିପ୍ରତା ! ଏତେ ଶତ୍ରୁ ଆସି ଉପରେ ପଡ଼ିଲେଣି, ନବାବ ସେନାପତି ମୁହୂର୍ତ୍ତ ପୂର୍ବେ ସେଥିର ଶବ୍ଦମାତ୍ର ଅନୁଭବ କରିପାରି ନାହାନ୍ତି । ନବାବଙ୍କ ସୈନ୍ୟଙ୍କୁ ଅସ୍ତ୍ରଧାରଣ କରିବାକୁ ଅବକାଶ ନାହିଁ । ହଠାତ୍ ନିଦ୍ରା ତ୍ୟାଗ କରି ଉଠିଅଛନ୍ତି, ଆକାଶ ମଧ୍ୟ ମେଘାଚ୍ଛନ୍ନ । ଶତ୍ରୁ-ଉପସ୍ଥିତ ଅନୁଭବ କରିବା ପୂର୍ବରୁ ଧରାଶାୟୀ ହେଉଅଛନ୍ତି । ଅର୍ଦ୍ଧଘଣ୍ଟାମଧ୍ୟରେ ନବାବୀ ଆଗାଡ଼ୀ ଫୌଜ ନିଃଶେଷ ପ୍ରାୟ ହୋଇଗଲେ । ଭୂନୀ ସୈନ୍ୟମଧ୍ୟରେ ସମ୍ବାଦ ପ୍ରଚାରିତ ହେବାରୁ ବିଷମ ବିଶୃଙ୍ଖଳା ଉପସ୍ଥିତ ହେଲା । ସମସ୍ତେ କିଂକର୍ତ୍ତବ୍ୟବିମୂଢ଼, ପ୍ରତିଷେଧ ଦାନରେ ଅପାରଗ, ପଳାୟନପନ୍ଥା ମଧ୍ୟ ନାହିଁ । ମିର୍ଜାଫର ଜଣେ ପ୍ରବୀଣ ବହୁଦର୍ଶୀ ସେନାପତି, ଉପସ୍ଥିତ ବିଭ୍ରାଟରେ ଧୈର୍ଯ୍ୟଚ୍ୟୁତ ହେଲେ ନାହିଁ । ବହୁକଷ୍ଟରେ ଅଗ୍ରଗତି ନିବାରଣ ନିମନ୍ତେ ପ୍ରସ୍ତୁତ ହେବାକୁ ଲାଗିଲେ । ମାତ୍ର ଶୀଘ୍ର ସଫଳକାମ ହୋଇପାରିଲେ ନାହିଁ, କାରଣ ଆଶୁ ସମରସମ୍ଭାବନା ନ ଥିବାରୁ ଉପଯୁକ୍ତ ସୈନ୍ୟର ସମାବେଶ ନ ଥିଲା । ଗୋଲନ୍ଦାଜ ସୈନ୍ୟ ଅଗ୍ରଭାଗରେ ଥିଲେ, ମାତ୍ର ତୋପ ଚଳାଇବାର ସୁଯୋଗ ନ ଥିଲା ।

Digitized by srujanika@gmail.com

ବର୍ଗିମାନେ ଏବେ ନିକଟବର୍ତ୍ତୀ, ସ୍ଥାନେ ସ୍ଥାନେ ଏପରି ମିଶ୍ରିତଭାବରେ ଅଛନ୍ତି ଯେ ତୋପ ଚାଳନା କଲେ ଶତ୍ରୁସହିତ ଆତ୍ମପକ୍ଷର ବିନାଶ ଅବଧାରିତ । ପଶ୍ଚାଦ୍ବର୍ତ୍ତୀ ଅଶ୍ୱାରୋହିମାନଙ୍କୁ ଅଗ୍ରସର ହେବା ନିମନ୍ତେ ତୁର୍କ ସେନାପତି ଆଦେଶ ପ୍ରଦାନ କଲେ । ତେବେହେଁ ପ୍ରୟୋଜନ-ସମୟ ମଧ୍ୟରେ ସୈନ୍ୟଶ୍ରେଣୀ କାର୍ଯ୍ୟକ୍ଷେତ୍ରରେ ଉପସ୍ଥିତ ହୋଇପାରିଲେ ନାହିଁ । କାରଣ ମାର୍ଗ ଦୁଇପାର୍ଶ୍ୱ ଜଙ୍ଗଲପୂର୍ଣ୍ଣ, ସମ୍ମୁଖ ସୈନ୍ୟସଞ୍ଚାଳନ ନିମନ୍ତେ ବଂଶ ହସ୍ତ ପ୍ରଶସ୍ତ ମାତ୍ର ଜଙ୍ଗଲ କାଟି ମାର୍ଗ ପ୍ରସ୍ତୁତ କରାଯାଇଅଛି । ଅଗ୍ରଗାମୀ ଗୋଲନ୍ଦାଜ ପଦ୍ଦଳ ସୈନ୍ୟ ଅଗ୍ର ହୋଇଯାଇ ଅଶ୍ୱାରୋହୀ ସୈନ୍ୟଙ୍କ ଗତି ସକାଶେ ଦକ୍ଷିଣ-ପାର୍ଶ୍ୱରେ ମାର୍ଗ ପରିଷ୍କାର କରି ଦେବାର ପ୍ରୟାସ କଲେ । ତାହା ମଧ୍ୟ ନିତାନ୍ତ ନିରାପଦରେ ସମ୍ପନ୍ନ ହେଲା ନାହିଁ । ଅଶ୍ୱାରୋହୀ ସୈନ୍ୟମାନଙ୍କ ଘିସ୍ତତା ହେତୁରୁ ଅଶ୍ୱପଦାଘାତରେ ଅନେକ ପାଇକ ଗତାସୁ ହେଲେ । ଅଶ୍ୱାରୋହୀ ସୈନ୍ୟ ଶତ୍ରୁ ସମ୍ମୁଖୀନ ହେବାକୁ ପ୍ରାପ୍ତ ପ୍ରହରାଧିକ ସମୟ ଅତିବାହିତ ହେଲା । କୁଜ୍ଝଟିକା ସମ୍ପୂର୍ଣ୍ଣରୂପେ ନିରାକୃତ ହୋଇଅଛି, ଗଗନମଣ୍ଡଳ ନିର୍ମଳ । ଆଶପାଶର ବସ୍ତୁ, ଦେଖାଗଲା ବର୍ଗୀର ଚିହ୍ନମାତ୍ର ନାହିଁ, କେବଳ ଅସଂଖ୍ୟ ମୃତ ତୁର୍କମଧ୍ୟରେ ସଘୋଟକ ଶତାର୍ଦ୍ଧସଂଖ୍ୟକମାତ୍ର ମୃତ ବର୍ଗୀ ପଡ଼ି ରହିଅଛନ୍ତି । ବାଜପକ୍ଷୀ ଯେପରି କପୋତ ପଲରେ ପତିତ ହୋଇ ସେମାନଙ୍କ ବଧସାଧନ କରି ଉଡ଼ିଯାଏ, ବର୍ଗୀ ସେହିପରି ଶିଘ୍ରଗତିରେ ଅନ୍ତର୍ଦ୍ଧାନ ହୋଇ ଚାଲିଯାଇଅଛନ୍ତି ।

ଏକାଦଶ ପରିଚ୍ଛେଦ ।

ଫୁଲଓଅର ଯୁଦ୍ଧ ।

ପ୍ରବୀଣ ସେନାପତି ମିରଜାଫର ବୁଝିଲେ ବର୍ତ୍ତମାନ କ୍ଷେତ୍ରଟା ବ୍ୟୂହରଚନା ଏବଂ ସୈନ୍ୟ-ସଞ୍ଚାଳନପକ୍ଷରେ ଅସୁବିଧାଜନକ । ମରହଟ୍ଟା ହଟିଯାଇ ଫୁଲଓଅର ନାମକ ସ୍ଥାନରେ ଅବସ୍ଥାନ କରୁଥିବାର ସମ୍ବାଦ ପ୍ରାପ୍ତହେଲେ । କଥିତ ସ୍ଥାନଟା ପ୍ରଶସ୍ତ ପ୍ରାନ୍ତର, ସୁତରାଂ ସମରାଭିନୟର ଉପଯୋଗୀ । ଦବା ଦୁଇ ପ୍ରହର ସମୟରେ ଗୋଲନ୍ଦାଜ ଏବଂ ପଦ୍ଦଳ କଦିମାନଙ୍କୁ ଧରି ସେନାପତି ରୱାନା ହେଲେ । ପଶ୍ଚାଦ୍ଭାଗ ରକ୍ଷା କରିବା ନିମନ୍ତେ ଅଶ୍ୱାରୋହିମାନଙ୍କ ପ୍ରତି ଆଦେଶ ରହିଲା । ସୈନ୍ୟଶ୍ରେଣୀ ଫୁଲଓଅରଠାରେ ଉପସ୍ଥିତ ହେବାରୁ ପ୍ରାୟ ସନ୍ଧ୍ୟା ଉପସ୍ଥିତ । ପରିତପ୍ତ, ଅନାହାର ତଥା ପଥକ୍ଲାନ୍ତ ହେତୁରୁ ପାଇକମାନେ ନିସ୍ତେଜ ହୋଇ ପଡ଼ିଥିଲେ । ହୋମର ଖୁଲାଇ ଆଦେଶ ପ୍ରଚାରିତ ହେଲା । ଫୁଲଓଅର ନଦୀ ଉତ୍ତର ଦକ୍ଷିଣ ଦୁଇ କୂଳ ଦୁଇ ପକ୍ଷ ସୈନ୍ୟ ଅବୋର ରହିଅଛନ୍ତି । ନିଶାବସାନର କିଞ୍ଚିତ୍ପୂର୍ବେ ପ୍ରତ୍ୟୁଷ ନିସ୍ତବ୍ଧତା ଭଙ୍ଗ କରି ଯୁଗପତ୍ ସହସ୍ର ଅଗ୍ନିଯାତ ତୁଲ୍ୟ ଶବ୍ଦ କରି ନବାବଙ୍କ ଶତାଧିକ କମାଣ ଅଗ୍ନି ଉଦ୍ଗୀରଣ କଲା । ତୋପ ସଙ୍ଗରେ ତୋପ, ତୋପ ପଛରେ ତୋପ, ଅବିଶ୍ରାନ୍ତ ତୋପ । ଚତୁର୍ଦ୍ଦିଗ ବାୟୁରାଶିରେ ପ୍ରଧ୍ୱନି ବ୍ୟାପ୍ତ ହୋଇ ପୃଥିବୀ ଏବଂ ଗଗନମଣ୍ଡଳ କମ୍ପିତ ହେଉଅଛି । ନିବିଡ଼ ଧୂମରାଶିରେ ଗଗନ-ମଣ୍ଡଳ ଅଚ୍ଛନ୍ନ, ଶତହସ୍ତଦୂରବର୍ତ୍ତୀ ପଦାର୍ଥ ଅଦୃଶ୍ୟ । ଅର୍ଦ୍ଧ ପ୍ରହର ଉତ୍ତାରେ ପଶ୍ଚାଦ୍ବର୍ତ୍ତୀ ସୈନ୍ୟଶ୍ରେଣୀ ଦକ୍ଷିଣ ଘାଟରେ ବର୍ଗୀ ଅଶ୍ୱାରୋହୀ ପତିତ ହୋଇ ସେନାବଧସାଧନରେ ପ୍ରବୃତ୍ତ ହେବାର ଦେଖି ସେନାପତି ମିରଜାଫର ବୁଝିଲେ ସେ ଭ୍ରାନ୍ତ ହୋଇଅଛନ୍ତି । ପ୍ରଥମେ ସେନାପତି ନିଃସନ୍ଦିଗ୍ଧ ହୋଇ ବର୍ଗୀ ପାଇକ ନଦୀର ଦକ୍ଷିଣ ଭାଗରେ କ୍ରୋଶବ୍ୟାପୀ ସ୍ଥାନ ଆବରଣ କରି ଲମ୍ବ-ଭାବରେ ପଡ଼ିଥିବାର ଦେଖିଥିଲେ । ସେନାପତି ରାତ୍ରି ଅନ୍ଧକାରରେ ପ୍ରଚ୍ଛନ୍ନଭାବରେ ଥାଇ ସାରାରାତ୍ରି ଶ୍ରମସ୍ୱୀକାରପୂର୍ବକ ପଞ୍ଚାଶ ଗୋଟା ତୋପ ସେମାନଙ୍କ ଦିଗକୁ ମୁଖ କରାଇ ସଜାଇ ରଖି-ଥିଲେ । ତାହାଙ୍କର ଆଶା ଥିଲା ସମସ୍ତ ମରହଟ୍ଟା

Digitized by srujanika@gmail.com

ସୈନ୍ୟରୁ ଏକାବେଳକେ ଧ୍ୱଂସ କର ଦେବେ । ମାତ୍ର ବର୍ଗିଙ୍କ ଭାଗ୍ୟରେ ସମସ୍ତ କଳ୍ପନା ସମସ୍ତ ଆଶା ଭରସା ବ୍ୟର୍ଥ ହୋଇଗଲା । ଭୁର୍କ ସେନାପତିଙ୍କୁ ଭୁଲାଇବା ସକାଶେ ବର୍ଗୀ ପାଇକମାନେ ସ୍ଥାନେ ସ୍ଥାନେ ରବକାଦ କାର୍ଯ୍ୟରେ ନିଯୁକ୍ତ ଥିବାର ଛଳନା କର ଅଗ୍ନି ପ୍ରଜ୍ୱଳିତ କରଉଥାନ୍ତି ଏବ ଥୋକେ ପାଇକ ବ୍ୟର୍ଥ ଗୋଳମାଲ କରୁଥାନ୍ତି । ଅବଶିଷ୍ଟ ସମସ୍ତ ବର୍ଗୀ ଏକ କୋଶ ଉପଲ-ଭାଗରେ ନଦୀ ପାର ହୋଇ ଭୁର୍କ ସୈନ୍ୟ ଶ୍ରେଣୀର ଦକ୍ଷିଣ ଭାଗରେ ଉପସ୍ଥିତ ହେଲେ । ରାତ୍ରି ତୃତୀୟ ପ୍ରହର ସମୟରେ ନଦୀର ଦକ୍ଷିଣ କୂଳ ନିସ୍ତବ୍ଧ । ବର୍ଗୀ ନିବୃତ୍ତ ହୋଇ ପଡ଼ିଥିବା ନିସ୍ତବ୍ଧତାର କାରଣ ବୋଲି ସେନାପତିଙ୍କ ଅନୁମାନରେ ସାବ୍ୟସ୍ତ ହୋଇଥିଲା । କବାବ ପକ୍ଷରେ ତୋପ ଅଓଥିଲା ସମସ୍ତ ଶେଷ ରାତ୍ରି । ଭୁମ୍ଭିତ ଏବ ପ୍ରତ୍ୟୁଷ ଅନ୍ଧକାରରେ ଅଜ୍ଞାତ ଅଞ୍ଚଳ, ସମ୍ମୁଖବର୍ତ୍ତୀ ପଦାର୍ଥ ଅଦୃଶ୍ୟ । ସେନାପତି ଭ୍ରାନ୍ତ ହୋଇ ବୃଥା ତୋପ ଚଳାଉଥିଲେ । ଅସଂଖ୍ୟ ସୈନ୍ୟବିନାଶ ଦେଖି ତୋପ ମୁଖ ଫେରାଇବାକୁ ଆଦେଶ ଦେଲେ । ତୋପର କାର୍ଯ୍ୟ ଆରମ୍ଭ ହେବାମାତ୍ର ଚତୁର ବର୍ଗୀ ନଦୀ ପାର ହୋଇ ଅଗଡ଼ ନାମକ ସ୍ଥାନକୁ ପଳାୟନ କଲେ ।

ଭୁର୍କ ଅଶ୍ୱାରୋହୀମାନେ ବର୍ଗିମାନଙ୍କ ପଶ୍ଚାଦ୍ଧାବନ କରିଥିଲେ ବିଜୟ ଲାଭର ସମ୍ଭାବନା ଥିଲା । କାରଣ ସେମାନଙ୍କ ସଂଖ୍ୟା ଅନେକ ଗୁଣରେ ନ୍ୟୁନ ଥିଲା, ଅଗଡ଼ ମଧ୍ୟ ଘଟନା ସ୍ଥଳରୁ ଦୁଇ କୋଶରୁ ଅଧିକ ନୁହେ । ତଥାପି ଭୁର୍କ ପଶ୍ଚାଦ୍ଧାବନ କର ପାରିଲେ ନାହିଁ । ପୂର୍ବଦିଅରଠାରୁ ଅଗଡ଼ ପର୍ଯ୍ୟନ୍ତ ପ୍ରାନ୍ତରଟା ସ୍ଥାନେ ସ୍ଥାନେ ସ୍ୱଳ୍ପ ଜଳବିଶିଷ୍ଟ ଏବ କର୍ଦ୍ଦମମୟ । ଭୁର୍କ ଅଶ୍ୱାରୋହୀ ଏବ ତୋପଶଗଡ଼ର ବେଗଗମନ ପକ୍ଷରେ ଅସୁବିଧାଜନକ । ପ୍ରାନ୍ତରରୁ ଏକ କୋଶବର୍ତ୍ତୀ ପଶ୍ଚିମ ଭାଗରେ ପୁନର ମାର୍ଗ ଭୁର୍କମାନଙ୍କର ଅଜ୍ଞାତ । ବର୍ଗୀ ସେହି ମାର୍ଗ ଅବଲମ୍ବନ କର ପଳାଇଥିଲେ ।

ସେନାପତିଙ୍କ ଆଦେଶ ଅନୁସାରେ ପଙ୍କିଳ ପଡ଼ିଆ ମଧ୍ୟରେ ତୋପ-ଶଗଡ଼ ଚଳିବା ଉପଯୋଗୀ ଗୋଟିଏ ରାସ୍ତା ଅବିଳମ୍ବେ ପ୍ରସ୍ତୁତ ହୋଇଗଲା । ଭୁର୍କ ପାଇକ ଅଗଡ଼ ନାମକ ସ୍ଥାନରେ ଉପସ୍ଥିତ ହେବାମାତ୍ରକେ ପୁନର୍ବାର ଯୁଦ୍ଧାରମ୍ଭ ହେଲା । ବର୍ଗୀ ଯେଉଁ ସ୍ଥାନ ଅଧିକାର କର ବ୍ୟୂହରଚନା କରିଥିଲେ ସେ ସ୍ଥାନଟା ଅତି ଉଚ୍ଚ, ଏଥିରୁ ସେମାନଙ୍କ ପକ୍ଷରେ ସୁବିଧାଜନକ ଥିଲା; ତଥାପି ଭୁର୍କ ତୋପଗୋଳା ସହ୍ୟ କର ନ ପାରି ପଳାୟନ କଲେ ।

ରାତ୍ରି ଉପସ୍ଥିତ, ଭୁର୍କ ସେନାପତି ଅଗଡ଼ରେ ବିଶ୍ରାମ କଲେ । ପ୍ରଭାତ କାଳରେ ବର୍ଗିମାନଙ୍କ ଅନୁସରଣ କରିବା ନିମନ୍ତେ ଭୁର୍କ ସେନାପତି ମନସ୍ଥ କର ଉତ୍ତମ ଆୟୋଜନ କରିଥିଲେ । ମାତ୍ର ତାହାଙ୍କୁ ଯାତ୍ରାପଥଶ୍ରମ ସ୍ୱୀକାର କରିବାକୁ ହେଲା ନାହିଁ । ପ୍ରାତଃକାଳରେ ବର୍ଗୀ ଉପସ୍ଥିତ ।

ସ୍ୱଳ୍ପସଂଖ୍ୟକ ବର୍ଗୀ ସୈନ୍ୟଦ୍ୱାରା ବିଶାଳ 'ଭୁର୍କ-ବାହିନୀ ପରାସ୍ତ ହେବାର ସଚରାଚର ଦୃଷ୍ଟି ଗୋଚର ହୁଏ । ସେଥିର ଏକମାତ୍ର କାରଣ ଏହି ବର୍ଗିଅଶ୍ୱ ସମସ୍ତ କ୍ଷୀଣକାୟ, ଖର୍ବଶରୀର, କ୍ଷିପ୍ରଗତି, କଷ୍ଟସହିଷ୍ଣୁ । ସେମାନେ ବନ୍ୟ ମୃଗ-ଯୂଥ ପରି ଅରଣ୍ୟ ପାର୍ବତ୍ୟ ସ୍ଥାନରେ ଗଳି ଗଳି ଲମ୍ଫପ୍ରଦାନପୂର୍ବକ ବାୟୁବେଗରେ ଧାବମାନ ହେବାକୁ ସମର୍ଥ । ଅଶ୍ୱର ଉପଯୁକ୍ତ ଆରୋହୀ । କ୍ଷିପ୍ରକାରିତା, ଚତୁରତା, କଷ୍ଟସହିଷ୍ଣୁତା ଏମାନଙ୍କର ନୈସର୍ଗିକ ଗୁଣ । ଏହି ସମସ୍ତ ଗୁଣ ସର୍ବଦା ଏମାନଙ୍କ ବିଜୟ ଲାଭର ସହାୟ ହୁଏ । ବର୍ଗିମାନଙ୍କ ବେଶଭୂଷା ମଧ୍ୟ ଉତ୍ତମ । ଅଶ୍ୱ-ଭୂଷା ମଧ୍ୟରେ ଲଗାମଡୋରି, ଅଶ୍ୱପୃଷ୍ଠରେ ଖଣ୍ଡିଏ କମ୍ବଳ ଭିଡ଼ା ଥାଏ । ସେହି ଖୁଗ୍ରି କମ୍ବଳ ଖଣ୍ଡିକରେ ଆରୋହୀଙ୍କ ଶୀତବସ୍ତ୍ର ଏବ ତମ୍ବୁ, ସବୁ କର୍ମ ଚଳେ । ଘୋଡ଼ା ପିଠିରେ ଗୋଟିଏ ଯାଉଳି ଥଳୀ ପଡ଼ିଥାଏ ତାହାର ଏକ ପାର୍ଶ୍ୱରେ ଅଶ୍ୱଖାଦ୍ୟ ଅନ୍ୟ ପାର୍ଶ୍ୱରେ ଆରୋହି-

Digitized by srujanika@gmail.com

ଖାଦ୍ୟ, ପରିବର୍ତ୍ତନ ସଙ୍କାଶେ ଅଥବା ଖଣ୍ଡି ଏ ବସ୍ତ୍ର ଗୋଟିଏ କୋଟା ପୂର୍ତ୍ତି ଥାଏ । ବର୍ଗୀ ପାଠକମାନଙ୍କ ଅସ୍ତ୍ର ଢାଲ ତରବାରି କଟାରି ବର୍ଚ୍ଛା ଏବଂ ଅଗ୍ନେୟାସ୍ତ୍ର ବନ୍ଦୁକ । ବିଶ୍ରାମ ସମୟରେ ବର୍ଚ୍ଛା ପୋତି ଦେଇ ସେଥିରେ ଅଶ୍ୱକୁ ବନ୍ଧନ କରନ୍ତି । ବର୍ଷା ଖରା ସମୟରେ ପାଠକମାନେ ଅଶ୍ୱପେଟତଳେ ରହି ଆତ୍ମରକ୍ଷା କରନ୍ତି । ଏଣେ ନବାବ ଅଶ୍ୱସୈନ୍ୟ ସର୍ଦ୍ଦାରର ସ୍ଥୂଳଶରୀର ଯତ୍ନପାଳିତ । ମୂଲ୍ୟବାନ୍ ଖୁରସାନୀ ଘୋଡ଼ାମାନ ମୂଲ୍ୟପଟାଳି ସାଜରେ ବିଭୂଷିତ । ବନ୍ଧୁର ଅରଣ୍ୟ ସ୍ଥାନ ପର୍ଯ୍ୟଟନରେ ଅନଭ୍ୟସ୍ତ, ପର୍ବତ ପର୍ଯ୍ୟଟନରେ ଅଶକ୍ତ; ପ୍ରତ୍ୟେକ ପ୍ରତ୍ୟେକ ଘୋଡ଼ାରେ ଦୁଇ ଜଣ ଚାକର ନିଯୁକ୍ତ ଥାନ୍ତି, ଜଣେ ଘାସୀ ଅନ୍ୟ ଜଣେ ସାମଲ । ଅଶ୍ୱାରୋହୀମାନେ ମଧ୍ୟ ଉତ୍କୃଷ୍ଟ ମହାର୍ଘ ବେଶଭୂଷାରେ ବିଭୂଷିତ । ବଡ଼ ବଡ଼ ଖାଁ ସାହେବମାନେ ଯୁଦ୍ଧଯାତ୍ରା ସମୟରେ ମଧ୍ୟ ଦାଢ଼ିରେ ଅତର ବିନ୍ଦୁ ସଲଗ୍ନ କରିବାକୁ ବିସ୍ମୃତ ହୁଅନ୍ତି ନାହିଁ । ଖାଁ ସାହେବମାନେ ଯୁଦ୍ଧରେ ନିଯୁକ୍ତ ଥିବା ସମୟରେ ବହୁଛି ପଳାଣ୍ଡ କଳିଆ କବାବ୍ ରନ୍ଧିବାରେ ବ୍ୟସ୍ତ ଥାଏ । ବର୍ଗୀ ପାଠକମାନେ ଯୁଦ୍ଧ ସମାପ୍ତ ହେଲେ କିମ୍ବା ଘୋର ଯୁଦ୍ଧ ସମୟରେ ମୁଠାଏ ଶୁଷ୍କ ବୁଟ ଚର୍ବଣ କରିଦେଲେ ଆହାର କାର୍ଯ୍ୟ ସମାପ୍ତ ହୁଏ । ଏହି ସମସ୍ତ କାରଣରୁ ବର୍ଗୀ ଅଧିକାଂଶ ସ୍ଥଳରେ ବିଜୟୀ ।

ସେନାପତି ମିର୍ଜାଫର ଖାଁ ଗୋଲନ୍ଦାଜ ଏବଂ ଅଶ୍ୱାରୋହୀମାନଙ୍କ ସହିତ ଅଗ୍ରଗାମୀ ସ୍ଥାନରେ ଉପସ୍ଥିତ । ନବାବସାହେବ ଅଗ୍ରସର ହୋଇ ନାହାନ୍ତି, ରାଜଘାଟ ସ୍କନ୍ଧାବାରରେ ଅବସ୍ଥାନ କରିଅଛନ୍ତି । ଫୁଲଓଥର କୂଳଠାରୁ ସୁବର୍ଣ୍ଣରେଖା ନଦୀ କୂଳ ପର୍ଯ୍ୟନ୍ତ ତୁର୍କ ସୈନ୍ୟମାନେ ଆପଣା ଆପଣା ସେନାପତି ଅଧୀନରେ ସ୍ଥାନେ ସ୍ଥାନେ ଖଟି କରି ରହିଅଛନ୍ତି । ନବାବ ଏବଂ ତତ୍ପକ୍ଷ ସେନାପତିମାନଙ୍କର ଧ୍ରୁବ ବିଶ୍ୱାସ, ଶତ୍ରୁ ସମ୍ମୁଖରେ । ସେଥିପାଇଁ ଅଗ୍ରବର୍ତ୍ତୀ ସୈନ୍ୟ ସମରସଜ୍ଜାରେ ପ୍ରସ୍ତୁତ ଥିଲେ । ଉଭୟ ପାର୍ଶ୍ୱ କିମ୍ବା ପଶ୍ଚାଦ୍ଭାଗରେ ଶତ୍ରୁର ଚିହ୍ନମାତ୍ର ନାହିଁ, ସେଥିରେ ନିଶ୍ଚିନ୍ତ ।

ବର୍ଗୀ ମନସବଦାର ଲକ୍ଷ୍ମଣଜୀ ଦୁଇ ହଜାର ମାତ୍ର ବର୍ଗୀ ପାଠକ ନେଇ ଅଗ୍ରଭାଗରେ ସେନାପତି ମିର୍ଜାଫର ସହିତ ଯୁଦ୍ଧ ଆରମ୍ଭ କଲେ । ପରମାନେ ଦୂରବର୍ତ୍ତୀ ସ୍ଥାନରେ ରହି କେବଳ ତୋପଦ୍ୱାରା ଯୁଦ୍ଧ ଚଳାଉଥାନ୍ତି । ଅଗ୍ନ୍ୟାସ୍ତ୍ରରେ ବର୍ଗୀଠାରୁ ତୁର୍କମାନେ ବିଶେଷ ନିପୁଣ । ସେନାପତି ମିର୍ଜାଫର ଏପରି ଉତ୍ସାହ ଏବଂ ପ୍ରବଳବେଗରେ ତୋପ ଚଳାଇଲେ ଯେ ବର୍ଗୀ ସହ୍ୟ କରିବାକୁ ଅସମର୍ଥ ହୋଇ କ୍ରମଶଃ ପଶ୍ଚାତ୍ପଦ ହେଉଥିଲେ, ଏହିପରି ପଶ୍ଚାତ୍ପଦ ହୋଇ ପ୍ରାୟ ଦୁଇ କୋଶ ଦୂରବର୍ତ୍ତୀ ବାଙ୍କିଆଥ ପର୍ଯ୍ୟନ୍ତ ହଟିଗଲେ । ଆଶ୍ଚର୍ଯ୍ୟର ବିଷୟ ପ୍ରହରବ୍ୟାପୀ ଯୁଦ୍ଧରେ କାହାରି ପକ୍ଷରୁ କୌଣସି ପ୍ରକାର ବିଶେଷ କ୍ଷତି ଅନିଷ୍ଟ ଘଟିଲା ନାହିଁ । ଯୁଦ୍ଧପ୍ରଣାଳୀ ଦୃଷ୍ଟିରେ ପ୍ରକାଶିତ ହେଲା ପ୍ରକୃତ ଯୁଦ୍ଧ କରିବା ବର୍ଗୀଙ୍କର ଅଭିପ୍ରାୟ ନ ଥିଲା, ତୁର୍କ ସେନାପତିଙ୍କୁ ଅନ୍ୟମନସ୍କ କରିବା ଏବଂ ନବାବଙ୍କ ନିକଟରୁ ଦୂରବର୍ତ୍ତୀ ସ୍ଥାନକୁ ଆକ୍ରମଣ କରିନେବା ତାଙ୍କର ଉଦ୍ଦେଶ୍ୟ । ଠିକ ଏହି ସମୟରେ ଦେଖାଗଲା ସ୍ୱୟଂ ଭାସ୍କରପଣ୍ଡିତ ଦଶ ସହସ୍ର ଅଶ୍ୱାରୋହୀ ସୈନ୍ୟ ସହିତ ଅତର୍କିତଭାବରେ ତୁର୍କ ସୈନ୍ୟ ଉପରେ ପତିତ ହୋଇ ସୈନ୍ୟଶୃଙ୍ଖଳା ଛିନ୍ନଭିନ୍ନ କରିଦେଲେ । ତୁର୍କ ସୈନ୍ୟ ବହୁଗୁଣରେ ଅଧିକ ଥିଲେ ମଧ୍ୟ ପରସ୍ପର ସାହାଯ୍ୟ କରିବାକୁ ଅବକାଶ ପାଇଲେ ନାହିଁ । ତୁର୍କସୈନ୍ୟଶୃଙ୍ଖଳା ମଧ୍ୟରେ ଏକ ଏକ ସ୍ଥାନରେ ଅଧିକ ପରିମାଣରେ ବର୍ଗୀ ପଡ଼ି ଛିନ୍ନଭିନ୍ନ କରିଦେଲେ, ସେନାପତିମାନଙ୍କର ସମବେତ ପରାମର୍ଶ କରିବାର ସୁଯୋଗ ରହିତ ହୋଇଗଲା । ନବାବଙ୍କ ଆଦେଶ ସେନାପତିମାନଙ୍କଠାରେ ପ୍ରବେଶ ହେବାର ଉପାୟ ରହିଲା ନାହିଁ । ଏକ ସେନାପତି ଅନ୍ୟ ସେନାପତିଙ୍କୁ ସାହାଯ୍ୟ କରିବାର

Digitized by srujanika@gmail.com

ନେ। ଅନ୍ୟଠାରୁ ସାହାଯ୍ୟ ପାଇବାର ଆଶା ଛେଡ଼ିଦେଲେ । ବର୍ଗୀ ତିନି ଭିନ୍ନ ଦଳରେ ବିଭକ୍ତ ହୋଇ ତୁର୍କସୈନ୍ୟଙ୍କୁ । ଛିନ୍ନଭିନ୍ନ କରୁଅଛନ୍ତି । ସେନାପତିମାନେ ଦେଖିଲେ ଅଗ୍ରଭାଗରେ ବର୍ଗୀ ପଶ୍ଚାଦଭାଗରେ ବର୍ଗୀ । ସ୍ତମ୍ଭିତଭାବରେ ଆପଣା ସ୍ଥାନରେ ରହି ଆତ୍ମରକ୍ଷା କରୁଥାନ୍ତି । ଅଧିକାଂଶ ସେନାପତିଙ୍କ ସୈନ୍ୟମାନେ ଅନାୟତ୍ତଭାବରେ ଛିନ୍ନଭିନ୍ନ ହୋଇ ବର୍ଗୀହାତରେ ହତ ହେଲେ । ଭାସ୍କରପଣ୍ଡିତ ଯେପରି ପ୍ରବଳବେଗରେ ଗଜପୃଷ୍ଠ ଦଳକୁ ଧାବିତ ହେଉଥିଲେ ସେଥିରେ ନବାବଙ୍କର ବଧ ବା ବନ୍ଧନ ନିଶ୍ଚିତ ଥିଲା । ରାଜବଂଶୀୟ ଦୁର୍ଗର ଖଣ୍ଡାଏତ ଏବଂ ଯୋଗୋସାମନ୍ତରୁ ସମାଗତ ତୁର୍କ ଏବଂ ଖଣ୍ଡାଏତ ପାଇକଙ୍କ ହେତୁରୁ ନବାବସାହେବ ଏ ଯାତ୍ରା ରକ୍ଷା ପାଇଗଲେ । ସୁଶିକ୍ଷିତ ପାଇକମାନେ ଘଟଣାର ସମ୍ବନ୍ଧରେ ଅଭିଜ୍ଞ ଏବଂ ଅରଣ୍ୟ ଯୁଦ୍ଧରେ ଅଭ୍ୟସ୍ତ । ଏହି ପାଇକମାନେ ବନ୍ୟ-ସଙ୍କୀର୍ଣ୍ଣମାର୍ଗରେ ସ୍ଥାନେ ସ୍ଥାନେ ଅରଣ୍ୟ ମଧ୍ୟରେ ଗଳି ଗଳି ଯାଇ ମରହଟ୍ଟାଙ୍କ ପଶ୍ଚାତ୍ ଏବଂ ପାର୍ଶ୍ୱ-ଦେଶ ଆକ୍ରମଣ କଲେ । ଏପ୍ରକାର ଅସମ୍ଭାବିତ-ରୂପେ ଆକ୍ରାନ୍ତ ହୋଇ ବର୍ଗୀ କିଞ୍ଚିତ୍ ବ୍ୟସ୍ତ ହୋଇ ପଡ଼ିଲେ । ଅତଃପର ପ୍ରବଳବେଗରେ ସମ୍ମୁଖ-ଧାବିତ ହୋଇ ପାରିଲେ ନାହିଁ । ଏହି ଦିଗରୁ ସମ୍ମୁଖରେ ତୁର୍କ ମଳସବ୍‌ଦାର ସମସେର ଖାଁ ସାହସ-ପୂର୍ବକ ବର୍ଗୀ ସମ୍ମୁଖଭାଗରେ ଦଣ୍ଡାୟମାନ । ପଶ୍ଚାତ୍, ପାର୍ଶ୍ୱ, ସମ୍ମୁଖ ଭିନ୍ନ ଦିଗରୁ ଆକ୍ରାନ୍ତ ବର୍ଗୀ ଆକ୍ରମଣ ଛାଡ଼ି ଆତ୍ମରକ୍ଷାରେ ବ୍ୟସ୍ତ । ପଶ୍ଚାଦ୍ଭାଗରେ ଶତ୍ରୁ ପଳାୟନର ଉପାୟ ନାହିଁ । ଅରଣ୍ୟମୟ ସ୍ଥାନ, ପଳାୟନ ନିମନ୍ତେ ମାର୍ଗମାନ ଅବଲମ୍ବନ । ଭାସ୍କର-ପଣ୍ଡିତ ଦେଖିଲେ ଆତ୍ମପକ୍ଷକ୍ଷୟର କ୍ରମଶଃ ବୃଦ୍ଧି, ଶତ୍ରୁପକ୍ଷ ଅକ୍ଷୟର କାରଣ; ପାଇକମାନେ ବୃକ୍ଷ ଉହାଡ଼ରେ ବୁଦା ମୂଳରେ ଲତା ବିତାନରେ ପ୍ରଚ୍ଛନ୍ନଭାବରେ ଅସ୍ତ୍ରଚାଳନା କରୁଅଛନ୍ତି । କେହି ଅଶ୍ୱ ଉପରୁ କେହି ସପୋଟଙ୍କ ବର୍ଗୀ ପାଇକ ଭୂତଳଶାୟୀ ହେଉଅଛନ୍ତି, ଅଳ୍ପ ସଂଖ୍ୟକ ପାଇକଙ୍କଦ୍ୱାରା ଅଳ୍ପ ସମୟ ମଧ୍ୟରେ ବହୁସଂଖ୍ୟକ ବର୍ଗୀ ଭୂପତିତ ହେଲେଣି । ଏହି ସମୟରେ ତୁର୍କ ପଦ୍ମଦଳ ସିପାହିମାନେ ବର୍ଗୀଙ୍କୁ ଆକ୍ରମଣ କରୁଥିଲେ, ସେମାନଙ୍କ ବିନାଶ ଅନିବାର୍ଯ୍ୟ ହୋଇ ଥାନ୍ତା । ମାତ୍ର ବର୍ଗୀର ଦୁର୍ଦ୍ଦଶା ନବାବ ସୈନ୍ୟ ମଧ୍ୟରେ ପ୍ରଚାରିତ ହୋଇ ପାରିଲା ନାହିଁ, ସେହିମାନେ ଉତ୍ପୀଡ଼ିତ ହୋଇ ବହୁଦୂର ପର୍ଯ୍ୟନ୍ତ ବ୍ୟାପ୍ତ ହୋଇ ପଡ଼ିଥିଲେ । ପ୍ରତ୍ୟୁତ୍ପନ୍ନମତି ଭାସ୍କର ଦେଖିଲେ ଯୁଦ୍ଧପ୍ରଣାଳୀ ପରିବର୍ତ୍ତନ ନ କଲେ ସମୂଳେ ବିନାଶର ସମ୍ଭାବନା । ଅଶ୍ୱ-ପରିତ୍ୟାଗପୂର୍ବକ ଢାଲ ଖଡ଼ଗ ଧରି ବନ ମଧ୍ୟରେ ଶତ୍ରୁ ସହିତ ଯୁଦ୍ଧ କରିବାକୁ ସଙ୍କେତ ପ୍ରଚାର କରିବାରୁ ନିମିଷ ମଧ୍ୟରେ ପଞ୍ଚ ସହସ୍ର ପାଇକ ଅଶ୍ୱ ପରିତ୍ୟାଗପୂର୍ବକ ଶତ୍ରୁ ସହିତ ଯୁଦ୍ଧରେ ଲିପ୍ତ ହେଲେ । ବୃକ୍ଷମୂଳ, ଗୁଳ୍ମପୂର୍ଣ୍ଣସ୍ଥାନ, ଲତା-ବିତାନ ସର୍ବତ୍ର ଘୋର ଯୁଦ୍ଧ ଲାଗିଅଛି, ତୁର୍କମାନଙ୍କ ବିଶାଳ ଲମ୍ବମାନ ଦାଢ଼ିରେ କଣ୍ଟକଶାଖାଜଡ଼ିତ ହୋଇ ଗୁଚ୍ଛ ଗୁଚ୍ଛ କେଶ ଉତ୍ପାଟିତ ହେଉଅଛି, ଭିତ୍ତିପ୍ରତି ଦୃଷ୍ଟି ନାହିଁ, ଯୁଦ୍ଧରେ ଉନ୍ମତ୍ତ ଆଲ୍ଲା 'ଆଲ୍ଲା ହୋ ଆକ୍‌ବର' 'ବୋମ୍ ବୋମ୍ ମହାଦେଓ' 'ଜୟ ଗଡ଼ଚଣ୍ଡୀ' ଚୀତ୍କାରଶବ୍ଦ ଜୀବନାନ୍ତକାଳୀନ ଆର୍ତ୍ତନାଦରେ ଅରଣ୍ୟଭୂମି ପରିପୂର୍ଣ୍ଣ ହେଲା, ବୃକ୍ଷ-ଶାଖା ଲତାଜାଲ ନରରକ୍ତରେ ରଞ୍ଜିତ ହୋଇ ପ୍ରସ୍ଫୁଟିତ ପଳାଶବନ ଆକାର ଧାରଣ କଲା, ଶବରାଶି ଓ ଛିନ୍ନହସ୍ତପଦ ମୁମୂର୍ଷୁ ଲୋକରେ ଅରଣ୍ୟ ପରିପୂର୍ଣ୍ଣ । ପ୍ରହରବ୍ୟାପୀ ଯୁଦ୍ଧ ଉତ୍ତାରେ ରାଜବଂଶୀୟ ପାଇକଦଳ ନିସ୍ତେଜ ହୋଇପଡ଼ିଲେ । ମରହଟ୍ଟା ପାଇକଦଳ ସଂଖ୍ୟାରେ ଅନେକ ଗୁଣରେ ଅଧିକ । ପଦାତିକ ବର୍ଗୀମାନେ ଅରଣ୍ୟ ମଧ୍ୟରେ ପ୍ରବେଶ କରି ଯୁଦ୍ଧରେ ନିଯୁକ୍ତ, ପଳାୟିତ ପାଇକମାନଙ୍କୁ ଅଶ୍ୱାରୋହୀ ବର୍ଗୀମାନେ ବଧ କରୁଥାନ୍ତି । ବର୍ଗୀ ସମ୍ପୂର୍ଣ୍ଣରୂପେ ବିଜୟ ଲାଭ କଲେ ମଧ୍ୟ ଭାସ୍କରପଣ୍ଡିତ ଆପଣାର ପରାଜୟ ବୋଲି

Digitized by srujanika@gmail.com

ଜ୍ଞାନ କଲେ । ତାଙ୍କ ପକ୍ଷରୁ ପ୍ରାପ୍ତ ପଞ୍ଚ ସହସ୍ର ଅଶ୍ୱାରୋହୀ ମୃତ୍ୟୁମୁଖରେ ପତିତ ହୋଇ ଅଛନ୍ତି । ଈଦୃଶ ଭୟଙ୍କର ଅପଚୟ ତାଙ୍କପକ୍ଷରେ କସ୍ମିନ୍ କାଳେ ଘଟନା ହୋଇନାହିଁ । ଗପ୍ରବଣିଅ ଶତ୍ରୁ ଏବଂ ପାଠକମାନେ ଏହି ଅପଚୟର କାରଣ ବୋଲି ତାଙ୍କର ହୃଦୟରେ ଦୃଢ଼ ବିଶ୍ୱାସ ଜାତହେଲା । ପ୍ରତିହିଂସାସାଧନ ନିମନ୍ତେ ମନ ମଧ୍ୟରେ ପ୍ରତିଜ୍ଞା କଲେ ।

ଭାସ୍କରପଣ୍ଡିତ—ଏହିସମୟରେ ନବାବ ସୈନ୍ୟଶ୍ରେଣୀର ଅନୁଧାବନ କରିଥିଲେ ବିଜୟ ଲାଭର ସମ୍ଭାବନା ଥିଲା, ମାତ୍ର ସେ ଆପଣାକୁ ପରାଜିତ ଜ୍ଞାନ କରି ଯୁଦ୍ଧକ୍ଷେତ୍ର ପରିତ୍ୟାଗପୂର୍ବକ ପଳାୟନ କଲେ । ହତାବଶିଷ୍ଟ ଯୁଦ୍ଧକ୍ଲାନ୍ତ ମହାରାଷ୍ଟ୍ର ସୈନିକମାନଙ୍କୁ ପୁନର୍ବାର ଶୃଙ୍ଖଳାବଦ୍ଧ କରିବାକୁ ସାର୍ଦ୍ଧ ପ୍ରହର ସମୟ ଅତିବାହିତ ହୋଇଗଲା । ଯୁଦ୍ଧକ୍ଷେତ୍ର ପରିତ୍ୟାଗ ସମୟରେ ପ୍ରାପ୍ତ ସାନ୍ଧ୍ୟ ଅନ୍ଧକାର ଉପସ୍ଥିତ ।

ପ୍ରାଣାଧିକ ପ୍ରିୟତମ ସିରାଜଉଦ୍ଦୌଲା ସଙ୍ଗରେ ଥିବାରୁ ନବାବସାହେବ ଏପରି ଉଦ୍ବିଗ୍ନ ହୋଇ ପଡ଼ିଥିଲେ ଯେ ରଜନୀର ସୁବିଧାର ପରିତ୍ୟାଗ କରି ଦିବାନିଶି ଯାତ୍ରାପୂର୍ବକ ଦାମୋଦର-ନଦୀକୂଳବର୍ତ୍ତୀ ଉଚରା ନାମକ ସ୍ଥାନରେ ନିଃଶ୍ୱାସ ତ୍ୟାଗ କରିବାକୁ ଅବସର ପ୍ରାପ୍ତ ହେଲେ । ପଶ୍ଚାଦ୍ବର୍ତ୍ତୀ ଭଗ୍ନ ଛିନ୍ନ ବିଚ୍ଛିନ୍ନ ସୈନିକମାନଙ୍କୁ ସଂଗ୍ରହ କରି ସେନାଧ୍ୟକ୍ଷ ମିର୍ଜାଫର ଏବଂ ସେନାପତି ମୁସ୍ତାଫା ଖାଁ ଦିବସ ଉତ୍ତାରେ ନବାବଙ୍କ ସହିତ ମିଳିତ ହେଲେ ।

କ୍ରମଶଃ

ଶ୍ରୀ ଧୂର୍ଜ୍ଜଟୀ

ଆଲୋକ ଚିତ୍ର ବା ଫଟୋଗ୍ରାଫି । (୪)

ଅନ୍ଧକାରଗୃହ (Dark room)—ପ୍ରିୟ ପାଠକ ! ଫଟୋଗ୍ରାଫିର ଉପକରଣାଦି ପରିବର୍ତ୍ତନ ଓ ରସାୟନିକ ପଦାର୍ଥ (chemical) ମିଶ୍ରଣ କରିବା ନିମନ୍ତେ ସର୍ବପ୍ରଥମେ ଗୋଟିଏ ଅନ୍ଧକାର ଗୃହ ଆବଶ୍ୟକ । କାରଣ ପୂର୍ବରେ ବର୍ଣ୍ଣିତ ହୋଇଅଛି ଯେ ଏପରି କେତେ ପଦାର୍ଥ ଫଟୋଗ୍ରାଫିରେ ବ୍ୟବହୃତ ହୁଏ, ଯହିଁରେ ଶୁଭ୍ର ଆଲୋକ ସ୍ପର୍ଶକଲେ ତାହାର ରସାୟନିକ ପରିବର୍ତ୍ତନ ଘଟେ । କାର୍ଯ୍ୟାରମ୍ଭପୂର୍ବରୁ ସେ ସବୁ ଦ୍ରବ୍ୟର ରସାୟନିକ ପରିବର୍ତ୍ତନ ଘଟିଲେ, ତାହା ଆଉ କାର୍ଯ୍ୟୋପଯୋଗୀ ହୁଏ ନାହିଁ; ସୁତରାଂ କେତେକଗୁଡ଼ିଏ କାର୍ଯ୍ୟକୁ ଅତି ସାବଧାନରେ ଅନ୍ଧକାର ଗୃହମଧ୍ୟରେ କରିବା ନିତାନ୍ତ ଆବଶ୍ୟକ । ଗୃହଟି ପ୍ରଶସ୍ତ ଓ ଉଚ୍ଚ ହେବା ଉଚିତ । କାରଣ ଫଟୋଗ୍ରାଫିରେ ଏପରି କେତେ ଦ୍ରବ୍ୟ ବ୍ୟବହୃତ ହୁଏ, ଯାହାର ଉଗ୍ରଗନ୍ଧରେ ଗୃହମଧ୍ୟସ୍ଥ ବାୟୁ ଦୂଷିତ ହୋଇ ଯାଏ; ସେଥିନିମନ୍ତେ ବାୟୁସଞ୍ଚାରର ପଥ ମଧ୍ୟ ରଖିବା ନିତାନ୍ତ ପ୍ରୟୋଜନୀୟ । ଗୃହଟି ନିତାନ୍ତ କ୍ଷୁଦ୍ର ହେଲେ, ତନ୍ମଧ୍ୟସ୍ଥ ବାୟୁ ଶୀଘ୍ର ଦୂଷିତ ହୋଇ ସ୍ୱାସ୍ଥ୍ୟଭଙ୍ଗ ହେବାର ସମ୍ପୂର୍ଣ୍ଣ ସମ୍ଭାବନା । ପ୍ରିୟ ପାଠକେ ! ଆପଣମାନେ ପ୍ରଶ୍ନ କରି ପାରନ୍ତି, ଗୃହରେ ସମ୍ପୂର୍ଣ୍ଣ ଅନ୍ଧକାର ହେଲେ ପରିବର୍ତ୍ତନାଦି ଓ ମିଶ୍ରଣାଦି କାର୍ଯ୍ୟ କିପରି ହୋଇ ପାରେ ? ସେଥିପାଇଁ ଗୃହ ମଧ୍ୟରେ ଶୁଭ୍ର ଆଲୋକ ପରିବର୍ତ୍ତନରେ ଅନ୍ୟ ଆଲୋକ ଆବଶ୍ୟକ ହୁଏ । ଯେଉଁ ଗୃହକୁ ଅନ୍ଧକାର ଗୃହରେ ପରିଣତ କରିବାକୁ ହୁଏ, ସେହି ଗୃହର ଉତ୍ତର ଦିଗରେ କିମ୍ବା ଅନ୍ୟ କୌଣସି ଦିଗସ୍ଥ ଖିଡ଼୍କି, ଯଦ୍ୱାରା ଗୃହ ଉତ୍ତମରୂପେ ଆଲୋକିତ ହୋଇପାରେ ତହିଁରେ ଖଣ୍ଡେ ୮×୮ ବର୍ଗଇଞ୍ଚର ଲୋହିତବର୍ଣ୍ଣ କାଚ ଲଗାଇ ଗୃହକୁ ଲୋହିତ ଆଲୋକ ଦ୍ୱାରା ଆଲୋକିତ କରିବାକୁ ହୁଏ । ଏପରି ସୁବିଧା ଯହିଁରେ ନ ଥାଏ ସେ

Digitized by srujanika@gmail.com

ଗୃହର କବାଟ ନିର୍ଦ୍ଦିଷ୍ଟରୂପେ ବନ୍ଦକରି ତନ୍ମଧ୍ୟରେ ଗୋଟିଏ ରୁବି-ଲମ୍ପ (Ruby lamp) ଜଳାଇ ଅନେକକ୍ଷଣ ରଖିବାକୁ ହେବ । ପ୍ରଥମରେ ଗୃହର ଦ୍ୱାରକୁ ନିର୍ଦ୍ଦିଷ୍ଟରୂପେ ବନ୍ଦକରି ଦେଖିବାକୁ ହେବ ଯେ କବାଟ ଛିଦ୍ରଦେଇ କିମ୍ବା ଅନ୍ୟ କୌଣସି ପଥଦେଇ ଶୁଭ୍ର ଆଲୋକ ଗୃହମଧ୍ୟରେ ପ୍ରବେଶ କରୁଅଛି କି ନାହିଁ ? ଯେବେ ଆଲୋକ ପ୍ରବେଶ କରେ, ତେବେ ଛିଦ୍ର କିମ୍ବା ପଥକୁ ଉତ୍ତମରୂପେ ବନ୍ଦକରି ପରେ ରୁବି ପ୍ରଦୀପ ଜାଳିବା ଉଚିତ ।

କାର୍ଯ୍ୟକାଳୀନ ଅନ୍ଧକାରଗୃହରେ କି କି ଉପକରଣ ରଖିବା ଆବଶ୍ୟକ ?—

ଯେଉଁ ଗୃହର ଭିତ୍ତିରେ ଲୋହିତବର୍ଣ୍ଣ-କାଚ ଲଗାଇ ଗୃହଟିକୁ ଆଲୋକିତ କରିବାକୁ ହେବ, ସେହି ଗୃହର ଭିତ୍ତିର ନିକଟରେ ଗୋଟିଏ ଟେବୁଲ ସ୍ଥାପନ କରି ତହିଁଉପରେ ଆନୁଷଙ୍ଗିକ ପ୍ରୟୋଜନୀୟ ରସାୟନିକ (Chemical) ଶିଶି ମେଜର ଓ ମିନିମ୍ ଗ୍ଲାସ,(measure and minim glass), କେତେ ଗୋଟି ପାତ୍ର (Dish) ରଖିବା ଆବଶ୍ୟକ ଏବଂ ଟେବୁଲର ସନ୍ନିକଟରେ ଗୋଟିଏ ବୃହତ୍ ଜଳଭାଣ୍ଡ (Tub)ସ୍ଥାପନ କରିବ; ସେଥିରୁ ଆବଶ୍ୟକମତେ ଜଳ ନିଆଯାଇ ପାରେ । ଯେଉଁ ଗୃହରେ ରୁବି-ପ୍ରଦୀପ ଜାଳି କାର୍ଯ୍ୟ କରିବାକୁ ହେବ, ସେ ଗୃହ ତଳରେ ବସି ପ୍ରଦୀପକୁ ଜାଳି ତତ୍‌ସମୀପରେ ଉପରୋକ୍ତ ପ୍ରୟୋଜନୀୟ ପଦାର୍ଥଗୁଡ଼ିକୁ ରଖି କାର୍ଯ୍ୟ କରିବାକୁ ହେବ । ପ୍ରକାଶ ଥାଉ କି ଗୃହ-ତଳକୁ ପକ୍କା କରିବା କିମ୍ବା ଟାଇଲ ବିଛାଇବା ଆବଶ୍ୟକ; କାରଣ ତାହା ନ କଲେ ଜଳ ପଡ଼ିଲେ ପରେ ଗୃହଟି କର୍ଦ୍ଦମମୟ ଓ ଅସ୍ୱାସ୍ଥ୍ୟକର ହେବା ସମ୍ଭବ । ମନୁଷ୍ୟଶରୀରରୁ ନିଃସୃତ ଏକ-ପ୍ରକାର ତୈଳାକ୍ତ ପଦାର୍ଥ ବହିର୍ଗତ ହୁଏ, ତାହା ଯେବେ କୌଣସିରୂପେ ଫଟୋଗ୍ରାଫି ପ୍ଲେଟରେ ଲାଗେ, ପ୍ଲେଟଟି ସମ୍ପୂର୍ଣ୍ଣ ନଷ୍ଟହେବାର ସମ୍ଭବ, ସୁତରାଂ ଉକ୍ତ ଦୋଷର ଦୂରୀକରଣ ନିମନ୍ତେ ନିକଟରେ ଖଣ୍ଡେ ଗାମୁଛା କିମ୍ବା ତୌଲିଆ ଏବଂ ଖଣ୍ଡେ ସାବୁନ ରଖିବା ଆବଶ୍ୟକ । ହସ୍ତରୁ ତୈଳାକ୍ତ ପଦାର୍ଥ ବହିର୍ଗତ ହେବାର ଦେଖିଲେ, ସାବୁନ ଲଗାଇ ହସ୍ତକୁ ଉତ୍ତମରୂପେ ଜଳରେ ଧୋଇ ଗାମୁଛାରେ ପୋଛି କାର୍ଯ୍ୟ କରିବା ଉଚିତ ।

ଫଟୋଗ୍ରାଫି ଦୁଇ ଗୋଟି ପ୍ରକ୍ରିୟାଦ୍ୱାରା ହୁଏ; ଯଥା—ଓଏଟ୍‌ପ୍ଲେଟ ଓ ଡ୍ରାଇପ୍ଲେଟ । ଅଧୁନା ଓଏଟ୍‌ପ୍ଲେଟ ପ୍ରକ୍ରିୟା (Wet plate process) ନିମ୍ନରେ ବର୍ଣ୍ଣିତ ହେଲା । ଓଏଟ୍‌ପ୍ଲେଟ ପ୍ରକ୍ରିୟା (Wet plate process) ଦ୍ୱାରା ଦୁଇ ପ୍ରକାର ଫଟୋଗ୍ରାଫ ହୋଇପାରେ ଯଥା;— ପଜିଟିଭ୍ (Positive) ବା ଅନୁରୂପ ଓ ନେଗେଟିଭ୍ (Negative) ବା ବିରୂପଚିତ୍ର । ପ୍ରିୟ ପାଠକ ! ପ୍ରାୟ ଦେଖିଥିବେ ଅନେକ ଲୋକ କଲିକତାକୁ ଯାଇ ରାସ୍ତାବଜାରରୁ କାଚଉପରେ ଫଟୋଗ୍ରାଫ କରାଇ ଆଣିଥାନ୍ତି, ତାହା ଓଏଟ୍‌ପ୍ଲେଟ ପ୍ରକ୍ରିୟାଦ୍ୱାରା ପଜିଟିଭ୍ ଫଟୋ ଅଟେ । କାଚ ଉପରେ ପଜିଟିଭ୍ ପ୍ରତିରୂପ କଲେ, ଆଲୋକାଂଶ ଶାଦା ଓ ଛାୟାଂଶ କଳା ହେବ, ଅର୍ଥାତ୍ ପଦାର୍ଥର ଅନୁରୂପ ଚିତ୍ର ହେବ । କିନ୍ତୁ ନେଗେଟିଭ୍ ଫଟୋରେ ତାହାର ସମ୍ପୂର୍ଣ୍ଣ ବିପର୍ଯ୍ୟୟ ଲକ୍ଷିତ ହେବ ।

ପଜିଟିଭ୍ ଫଟୋଗ୍ରାଫି ପ୍ରଣାଳୀ :—ପ୍ରଥମତଃ ଖଣ୍ଡେ ଦାଗଶୂନ୍ୟ ସମତଳ କାଚଫଳକକୁ କାର୍ବୋନେଟ୍ ଅବ୍ ସୋଡ଼ା (Soda Carb) କିମ୍ବା ଲାଇକର୍ ପଟାସ୍ (Liquor Potash) ଦ୍ୱାରା ଉତ୍ତମରୂପେ ପରିଷ୍କାର କରିବା ଉଚିତ । କାଚଫଳକ ନିର୍ମଳ ଦେଖାଗଲେ ତାହାକୁ ଜଳରେ ଧୋଇ ଶୁଷ୍କ କରିବ, ତହିଁରୁ ସାମସ୍ ଲେଦର୍ (Chamoi Leather) ଦ୍ୱାରା ପରିଷ୍କାର କରି ପୋଛିଦେବ । ପରେ ତହିଁରେ କଲୋଡ଼ିଅନ ପ୍ରଲେପ ଦେବ ।

Digitized by srujanika@gmail.com

କଲୋଡ଼ିଅନ ପ୍ରସ୍ତୁତ କରିବାର ପ୍ରଣାଳୀ :—

ଶୁଷ୍କ ପାଇରକ୍ସିଲିନ (Pyroxyline or Guncotton) ୧ ଅଉନ୍ସ

ଇଥର .୭୨୮ ଅପେକ୍ଷିକ ଗୁରୁତ୍ୱ ୩୨ „

ଅଲକୋହଲ .୮୧୬ „ ୧୨ „

କାହାର କାହାର ମତରେ ଏହା ସହିତ ଅଧିକ ୬ ଅଉନ୍ସ .୮ ଅପେକ୍ଷିକ ଗୁରୁତ୍ୱର ଅଲକୋହଲ ମିଶ୍ରିତ କଲେ ଭଲ ହୁଏ ।

ପଜିଟିଭ୍ ଫଟୋ ନେବାକୁ ହେଲେ କଲୋଡ଼ିଅନ ସଙ୍ଗରେ ଅୟୋଡିନ୍ (Iodin) ମିଶ୍ରିତ କରିବା ଉଚିତ । ଏହା ନିମ୍ନୋକ୍ତ ପ୍ରକାରରେ ପ୍ରସ୍ତୁତ କରଯାଏ ।

ଅୟୋଡିନ୍-ମିଶ୍ର ପ୍ରସ୍ତୁତ କରିବାର ପ୍ରଣାଳୀ ।

ଅୟୋଡାଇଡ ଅବ୍ ଅମୋନିଆ (Iodide of Ammonia) ୧ ଡ୍ରାମ

ଅୟୋଡାଇଡ ଅବ୍ କାଡ୍ମିୟମ୍ [Iodide of Cadmium] ୮୦ ଗ୍ରେନ୍ ।

ବ୍ରୋମାଇଡ ଅବ୍ ଅମୋନିଆ [Bromide of Ammonium]୪୦ ଗ୍ରେନ୍ ।

ଅଲକୋହଲ୍ .୮୧୬ ଅପେକ୍ଷିକ ଗୁରୁତ୍ୱ ୧୦ ଅଉନ୍ସ ।

ପ୍ରଥମ ତିନି ପଦାର୍ଥକୁ ଉତ୍ତମରୂପେ ଚୂର୍ଣ୍ଣକରି ଏକତ୍ର ମିଶାଇ ଗୋଟିଏ ଶିଶିରେ ରଖି ତହିଁରେ ଅଲକୋହଲ୍ ଯୋଗ କରିବ, ତହୁଁଉତ୍ତାରୁ ଶିଶିଟିକୁ କିଛିକ୍ଷଣ ଉତ୍ତମରୂପେ ହଲାଇ ରଖିଦେବ ।ପରେ ତାକୁ ବ୍ଲଟିଂକାଗଜଦ୍ୱାରା (Blotting)ମିଶ୍ରପଦାର୍ଥଟିକୁ ଛାଣିନେଇ ଅନ୍ଧକାର ଗୃହମଧ୍ୟରେ ସାବଧାନରେ ରଖିବ । ପ୍ରକାଶଥାଉଛ ତିନି ଭାଗ କଲୋଡ଼ନ ସଙ୍ଗରେ ଏକ ଭାଗ ଅୟୋଡିନ୍ ମିଶାଇବା ଉଚିତ ।

ପଜିଟିଭ୍ ପ୍ଲେଟ୍ ନିମନ୍ତେ ଉତ୍ତେଜକ-ଦ୍ରବ୍ୟ ପ୍ରସ୍ତୁତ କରିବାର ପ୍ରଣାଳୀ :---

ସ୍ଫଟିକ ନାଇଟ୍ରେଟ (Crystallized Nitrate of Silver) ୧ ଅଉନ୍ସ ।

ଛାଣିବା ଛାଣାପାଣି (Filter water)୧୦ ଅଉନ୍ସ ।

ଅୟୋଡାଇଡ୍ ୮ ମିନମ୍ ।

ଅଲକୋହଲ୍ ୨ ଡ୍ରାମ୍ ।

ନାଇଟ୍ରିକ୍‌ଏସିଡ଼ର ଦ୍ରାବକ ୧ ମିନମ୍ ।

୧ ଡ୍ରାମ ଜଳରେ ୬ ଗ୍ରେନ୍ ଅୟୋଡ଼ାଇଡ଼ ଅବ୍ ପଟାସିୟମ ଦ୍ରବ କଲେ ଅୟୋଡିନ ପ୍ରସ୍ତୁତ ହୁଏ ।

ଫିଲଟର-ଜଳ ଅଭାବରେ ପରିଷ୍କୃତ ବୃଷ୍ଟି-ଜଳ ବ୍ୟବହୃତ ହୋଇ ପାରେ ।

ପ୍ରଥମତଃ ୪ ଅଉନ୍ସ ଜଳରେ ନାଇଟ୍ରେଟକୁ ଉତ୍ତମରୂପେ ଦ୍ରବ କରି ତହିଁରେ ୮ ମିନମ୍ ଅୟୋଡିନ୍ ଦ୍ରବ ମିଶାଇ କାଚଦଣ୍ଡଦ୍ୱାରା ଉତ୍ତମରୂପେ ଘାଣ୍ଟିଦେବ । ଏଥିରେ ଅସିଡ୍ ଅଛି କି ନାହିଁ ଜାଣିବାକୁ ହେଲେ ଖଣ୍ଡେ ଟେଷ୍ଟ ପେପର*(Test paper)ଦ୍ୱାରା ପରୀକ୍ଷା କରିବ । ଅସିଡ୍‌ର ଅଂଶ ଥିଲେ କାଗଜଟି ଲାଲ ହୋଇଯିବ । ଏହି ଦ୍ରବରେ କିଛି ଅସିଡ୍‌ର ଅଂଶ ରହିଲେ କାର୍ଯ୍ୟ ନଷ୍ଟ ହେବ । ଏଥିରୁ ଅସିଡ୍‌ର ଅଂଶ ବିଲୁପ୍ତ କରିବାକୁ ହେଲେ ଦୁଇ ଏକ ବିନ୍ଦୁ କାର୍ବୋନେଟ ଅବ୍ ସୋଡା ଦ୍ରବ ମିଶାଇବ । (ଏକ ଅଉନ୍ସ ଜଳରେ ୧୦ ଗ୍ରେନ୍ ସୋଡ଼ା ମିଳାଇ ସୋଡ଼ା ଦ୍ରବ ପ୍ରସ୍ତୁତ କରିବାକୁ ହେବ ।) ତହୁଁଉତ୍ତାରୁ ଅବଶିଷ୍ଟ ୬ ଅଉନ୍ସ ଜଳ ମିଶାଇବ ।

କ୍ରମଶଃ

ଶ୍ରୀ ଶ୍ୟାମସୁନ୍ଦର ସାଠିଆ ।

* ଖଣ୍ଡେ କାଗଜ ଉପରେ ମନାର ଫୁଲକୁ ଉତ୍ତମରୂପେ ଘଷିଦେଲେ କାଗଜଟି ନୀଳ ହୋଇଯିବ । ଏହା ଟେଷ୍ଟପେପର ପରିବର୍ତ୍ତରେ ବ୍ୟବହୃତ ହୋଇପାରେ ।

Digitized by srujanika@gmail.com

ବାଚସ୍ପତିଙ୍କ ପାନ୍ତି । (୨)

ଅମ୍ଭମାନଙ୍କ ଦେଶର (ବାଚସ୍ପତିଙ୍କ ଏଠାରେ ଅମ୍ଭମାନଙ୍କ ଦେଶ ଅର୍ଥରେ ଓଡ଼ିଶାକୁ କି ଭାରତବର୍ଷକୁ ଲକ୍ଷ୍ୟ କରିଅଛନ୍ତି, ତାହା ଲେଖା ନାହିଁ) ସ୍ତ୍ରୀମାନଙ୍କୁ ଶିକ୍ଷା ଓ ସ୍ୱାଧୀନତା ଦେବାରେ ନିମ୍ନଲିଖିତ କାରଣମାନ ଅନ୍ତରାୟ ଜନ୍ମାଉଅଛି ।

୧ ।—ବ୍ୟୟବୃଦ୍ଧି ପ୍ରଧାନ କାରଣ; ବର୍ତ୍ତମାନ ହଳଦୀ, ତେଲ, ଦକ୍ଷିଣୀ ଚାହିକାଚ, ମୋଟ ଶାଢ଼ୀରେ ବେଶ୍ ଏକରକମ କାର୍ଯ୍ୟ ଚଳୁଛି, କିନ୍ତୁ ଶିକ୍ଷା ଓ ସ୍ୱାଧୀନତା ହେଲେ ଯଥାକ୍ରମେ କ୍ରିମ୍ଲୀନ, ପମେଟମ୍, ଡ୍ରାଯ୍ସମଣ୍ଡଳୀ ସୁନାଚୁଡ଼ି, ଜାକେଟ ଓ ବହୁମୂଲ୍ୟ ଶାଢ଼ୀ ନ ହେଲେ ଚଳିବ ନାହିଁ । ଏହା ଛଡ଼ା ପିଲାମାନଙ୍କ ନିମନ୍ତେ ଧାଈ ଓ ରନ୍ଧନକାର୍ଯ୍ୟ ନିମନ୍ତେ ପାଚକ ନିଯୁକ୍ତ କରିବାକୁ ହେବ । ଅପଣା ଘରର ଓ ଦେଶର ଅନେକ ପଇସା ବାହାରକୁ ବାହାରିଯିବ । (ବାଚସ୍ପତିଙ୍କ ପାନ୍ତିରେ 'ଓଡ଼ିଶର' ବୋଲି ଲେଖା ଅଛି, ସୁବଜ୍ଞ ପାଠକମାନେ ସମାନ୍ତରାଳ ସରଳରେଖାକୁ ଯେତେ ଦୂର ଇଚ୍ଛା ବଢ଼ାଇନିଅନ୍ତୁ, ଭାବନା ନାହିଁ ।)

୨ ।—ପୁରୁଷମାନଙ୍କର ସମ୍ମାନରେ କ୍ଷତି; ମନୁ କହିଅଛନ୍ତି 'ନ ସ୍ତ୍ରୀ ସ୍ୱାତନ୍ତ୍ର୍ୟମର୍ହତି;' ଶଙ୍କରାଚାର୍ଯ୍ୟ କହିଅଛନ୍ତି 'ଅବଳା ଯତ୍ର ପ୍ରବଳା'; କିନ୍ତୁ ପ୍ରଧାନ କବି ମଧ୍ୟ ଗୋଟାଏ କଥଣ କହିଅଛନ୍ତି । ଗୋଟିଏ ଗ୍ରାମ୍ୟ ଢ଼ଗ ଅଛି 'ଅଇଁଣିଳା କୁକୁର ମୁହଁରେ ଢୋକ' । ଯେଉଁମାନେ ଦକ୍ଷିଣ ଅମ୍ଭମାନଙ୍କ ଛଟଣା ନିୟୋଗରେ ମନପ୍ରାଣ ଢାଳନ୍ତି, ସେମାନେ ନିର୍ଦ୍ଦିଷ୍ଟଭାବରେ ଚଉବଦରେ ଅଣ୍ଡିରା ପରି ଗୋଡ଼ ଲମ୍ବାଇ ବସି 'ଚପଗପ' ବୋଲି ଡାକିବେ ଓ ନାଟକ ଉପନ୍ୟାସ ପଢି ଧୂରନ୍ଧ ଲଗାଇବେ ଏହା ଅମ୍ଭମାନଙ୍କ ପକ୍ଷରେ ନିତାନ୍ତ ଲଜ୍ଜାର ବିଷୟ ହେବ । (ଏଥିରେ ମଧ୍ୟ ଓଡ଼ିଶର ଲେଖା ଅଛି) ଯାହାଙ୍କ ଘରେ ଖଣ୍ଡେ ଲେଖାଏଁ ଚଉକି ସେମାନଙ୍କ ଅବସ୍ଥା ଏ କହିଲେ ସମ୍ଭବ ନାହିଁ ।

୩ ।—ସ୍ୱେଚ୍ଛାଚାର—ପୁରୁଷମାନଙ୍କର ଯଥେଚ୍ଛାଚାରିତାରେ ବାଧା ପଡ଼ିବ । ସ୍ତ୍ରୀମାନେ ଶିକ୍ଷା ଓ ସ୍ୱାଧୀନତା ପାଇଲେ ବାରଘଣ୍ଟା ଲୋକଙ୍କର ହାତପୁଆ ଓ ମୁହଁ-ପୁଆ ରହିବ ନାହିଁ । ସଂସାରର ସବୁ ସୁଖ ଯାଉ, କିନ୍ତୁ 'ଏକାଧିପତ୍ୟଂ ଜଗତଃ ପ୍ରଭୁତ୍ୱଂ' ବଜାୟ ରହୁ । ତାହା ନ ରହିଲେ ମନୁଷ୍ୟର ଜୀବନ୍ମୃତ୍ୟୁ । 'ନରକରେ ରଜା ହେବା ଭଲ, କିନ୍ତୁ ସ୍ୱର୍ଗରେ ଚାକର ହେବା କିଛି ନାହିଁ ଭଲ ନୁହେଁ' ବୋଲି ଜଣେ କବି କହିଥିଲେ ପରା ?

୪ ।—ସନ୍ଧ୍ୟା ନ ହେଉଣୁ ସ୍ତ୍ରୀମାନେ ଅଭ୍ୟାସବଶତଃ, କଜଳପାତି ଓ ହଳଦୀ ନ ଧରି ପାନିଆ ନେଇ ବସିବେ ନାହିଁ; ବେଶୀ ଶିକ୍ଷିତା ହେଲେ ଉଚ୍ଚଭାବମାନଙ୍କ ପ୍ରତି ମନ ଗଲେ, ବେଶଭୂଷା ଓ ଅପଣା ପିଲାପିଲି ଓ ସ୍ୱାମୀଙ୍କର ଅଡ଼ୌ ଯତ୍ନ ନେବେ ନାହିଁ । ସ୍ତ୍ରୀଶିକ୍ଷା ଓ ସ୍ତ୍ରୀସ୍ୱାଧୀନତାର ପକ୍ଷପାତୀ ହେଲେ 'ଅ କଳଦ ମରେ ବନ୍ଧ୍ୟା ହେବ । ସ୍ତ୍ରୀମାନଙ୍କର ସୌନ୍ଦର୍ଯ୍ୟବାସନା ଓ ବେଶବିନ୍ୟାସ ଗଲେ ବାକି ଆଉ କିଛି ରହିବ ନାହିଁ ।

୫ ।—ଅମ୍ଭମାନଙ୍କ ଦେଶର ଯେତେଗୁଡ଼ିଏ ଗାଳ ଚଳ ଅଛି ଅଛି ସେମାନ କେବଳ ସ୍ତ୍ରୀମାନଙ୍କ ମହଲରେ ମୁହେଁ ମୁହେଁ ଚଳୁଅଛି । ମାମାନଙ୍କଠାରୁ ବୋହୂ ଓ ଝିଅମାନେ ଅଜପର୍ଯ୍ୟନ୍ତ ଶିଖି ଆସୁଅଛନ୍ତି । ଅମ୍ଭମାନଙ୍କ ଦେଶରେ ଏତେ କୃତବିଦ୍ୟ ଯୁବକ ହେଲେଣି, କିନ୍ତୁ ଏହି ପ୍ରତି କାହାରି ଭ୍ରୂକ୍ଷେପ ନାହିଁ । ସେଗୁଡ଼ିକ ଲିପିବଦ୍ଧ ହୋଇ ନ ରହିଲେ ଓ ସ୍ତ୍ରୀମାନେ ଶିକ୍ଷିତା ହେଲେ ସେମାନ ଲୋପ ପାଇଯିବ । ଅତଏବ ଅପାତତଃ ସେମାନ

Digitized by srujanika@gmail.com

କୌଣସି କୁଳବଧୂଙ୍କ ଦ୍ୱାରା ଲିପିବଦ୍ଧ ନ ହେବା-ଯାଏ ସ୍ତ୍ରୀଶିକ୍ଷା ପ୍ରଚଳିତ ରଖିବା ଏକାନ୍ତ ଆବଶ୍ୟକ ।

୭ ।—ସ୍ତ୍ରୀଶିକ୍ଷା ପ୍ରବଳ ହେଲେ ଚମ୍ପୁ, ଲାବଣ୍ୟବତୀ, ରସିକହାରାବଳୀ, ସୁବର୍ଣ୍ଣରେଖା, ରତିପତୀଚନ୍ଦ୍ର ଏମାନଙ୍କର ଆଦର ଗଲଥିବ ଓ ସଙ୍ଗୀତପ୍ରିୟଙ୍କ ମୁହଁରେ ରସିକଙ୍କର ସଙ୍ଗୀତ ଆଉ ଭଲ ଲାଗିବ ନାହିଁ । ଖଣ୍ଡିତା, ବିପ୍ରଲବ୍ଧା, ବାସକସଜ୍ଜା, ଅଭିସାରିକା, କଳହାନ୍ତରିତା, ବିରହିଣୀ, ସ୍ୱାଧୀନଭର୍ତ୍ତୃକା, ପ୍ରୋଷିତଭର୍ତ୍ତୃକା ଏ ସବୁ କେବଳ ପୋଥିପାଠ ହୋଇରହିବ । ଆମ ଦେଶରୁ ବିଦେଶକୁ ସବୁ ବାଟେ ପଇସା ବୋହି ଯାଉଅଛି, ଅଣ୍ଡ଼ା ପିଲାମାନେ କଣ୍ଟି କଣ୍ଟି ଟାଣି ଭଟୁଅଛନ୍ତି । ସେମାନଙ୍କ ପ୍ରତି ଆଦର କମି ଗଲେ ଦେଶ ନିସ୍ତରି ଯିବ ।

୮ ।—ଅନ୍ତଃପୁରରେ ସ୍ତ୍ରୀମାନଙ୍କ ମଧ୍ୟରେ ବାଗ୍‌ଯୁଦ୍ଧ କେତେ ଶ୍ରୁତିମଧୁର ଓ ପରର ନିନ୍ଦା ବଢ଼ ସାଉ ସାଠ ଦୂଳି କହିବାର ପରିଣାମ କି ଚନ୍ଦନ-ଶୀତଳ ତାହା ଅନୁଭବୀ ବିନା ଆଉ କିଏ ଜାଣିବ । କେଉଁ ପଶୁ ପ୍ରସ୍ତାବ କରିବ ଯେ ଏଗୁଡ଼ିକ ଲୋପ ପାଉ ! ପ୍ରସ୍ତାବକମାନେ ପ୍ରଥମେ ସବୁ ଗ୍ରାମର ଅନ୍ତଃପୁରରେ ସ୍ତ୍ରୀମାନଙ୍କ ସମ୍ବାଦପତ୍ର ଚଳାନ୍ତୁ, ପଛେ ଏପ୍ରସ୍ତାବ କରିବେ । ଶିକ୍ଷିତ ଲୋକମାନେ ବାହାରୁ ବୁଲିଆସି, ପଢ଼ି ସାରି, ସଙ୍ଗୀମାନଙ୍କ ସଙ୍ଗେ କଥାବାର୍ତ୍ତା ହୋଇ, ଉତ୍ତମ ପୁସ୍ତକ ପାଠ କରି ସାରି ଯେତେବେଳେ ଅଙ୍କ-ଲକ୍ଷ୍ମୀମାନଙ୍କୁ ସାଦର ଅଭ୍ୟର୍ଥନା ଓ ମାନଭଞ୍ଜନ କରିବା ପାଇଁ ସବୁ ଶିକ୍ଷା ଭୁଲି ଯାଇ ଏକ ନୂତନ ବେଶ ଓ ଭାଷା ଅଭ୍ୟାସ କରନ୍ତି ତାହା ତ ଆଉ ରହିବ ନାହିଁ । ସ୍ତ୍ରୀମାନେ ଶିକ୍ଷିତା ହେଲେ ବାହାରେ ଯାହା ଶୁଣିବ ଓ ଦେଖିବ ଓ ଯେଉଁ ଭାଷା ବ୍ୟବହାର କରିବ, ଘରେ ତ ତାହା ଦେଖିବ, ଆଉ ବିଶେଷତ୍ୱ ରହିବ କାହିଁ ?

୯ ।—ଏକ କଥାରେ କହିବାକୁ ଗଲେ 'ସ୍ତ୍ରୀ' ଏ ଶବ୍ଦର ମଧୁରତା ଏକାବେଳକେ ଲୁଚିଯିବ । ଘରେ ଯାହାଙ୍କୁ କେବଳ ଘଣ୍ଟାଏ ଦୁଇ ଘଣ୍ଟା ପାଇଁ ଦରିଦ୍ର ରତ୍ନ ପାଇଲା ପରି ହେବାକୁ ହୁଏ, ତାହାଙ୍କୁ ଯେବେ ଦିନ ରାତି ଦେଖି ଦେଖି 'ଘସରା' କରି ଦେବ, ତେବେ ତ ସବୁ ମାଟି ହେଲା । ସ୍ତ୍ରୀମାନଙ୍କଠାରେ ଅନୁରାଗ ରହିବ ନାହିଁ । ଅତଏବ କୁଳକ୍ଷୟ ଓ ଦେଶନାଶ ।

୧୦ ।—କୌଣସି ଗୋଟିଏ ଜୀବକୁ ବାହାରେ ଦେଖିଲେ ଯେତେ ସୁଖ ହୁଏ ତାକୁ ଆଣି ପିଞ୍ଜରାବଦ୍ଧ କରି ନିଜସ୍ୱ କଲେ ତହିଁରୁ ଢେର ବେଶୀ ସୁଖ ହୁଏ । ଏମନ୍ତ କି ବାଘପରି ଦୁଷ୍ଟ ଜନ୍ତୁକୁ ଆଣି ପିଞ୍ଜରାରେ ରଖିଲେ ଲୋକେ ବାହାବାହା ମନେ କରନ୍ତି । ଅତଏବ ସ୍ତ୍ରୀମାନଙ୍କୁ ପିଞ୍ଜରାବଦ୍ଧ କରି ରଖି ଯାହା ସୁଖ ହେଉଅଛି, ସେମାନଙ୍କୁ ସ୍ୱାଧୀନତା ଦେଲେ ସେ ସବୁ ପୋଡ଼ି ଯିବ ।

୧୧ ।—ସେମାନେ ଶିକ୍ଷିତା ହେଲେ ଖବର କାଗଜ ପଢ଼ି, ଉପନ୍ୟାସ ପଢ଼ି, ପୁରୁଷମାନଙ୍କ ନିର୍ବୋଧତା ଓ ଦୁଷ୍କର୍ମମାନ ଜାଣି ପାରିଲେ ସର୍ବନାଶ ।

୧୨ ।—ଗାଡ଼ି, ଘୋଡ଼ା, ରେଳଭଡ଼ା ଇତ୍ୟାଦି ନିମନ୍ତେ ବେଶୀ ଅର୍ଥ ଆବଶ୍ୟକ ହେବ । ସ୍ତ୍ରୀମାନେ ଶିକ୍ଷିତା ହେଲେ ଗାଡ଼ି ଚଢ଼ିବେ, ରେଳ ଚଢ଼ିବେ ଓ ଘୋଡ଼ା ଚଢ଼ିବେ ଏବଂ ଅର୍ଥନୀତିର ନିୟମ ଅନୁସାରେ ଘୋଡ଼ାବାଲା ଓ ଗାଡ଼ିବାଲା-ମାନେ ବେଶି ଦାମ୍ ହାଙ୍କିବେ ।

୧୩ ।—ଲୁମ୍ବାର୍ଡି, ମାଣିଅବନ, ଗୁଲନଗର ଭଣ୍ଡମାନେ ନିସ୍ତରି ଯିବେ; ଓଡ଼ିଆ ମଫସଲର ଘରେ ଘରେ ଦର୍ଶନୀୟ ଧୂମସା ଭାଟମାନେ ବୁଲିବେ ନାହିଁ । ଲୁଅଁ ରପୁରିଆ ଓ ଦେଶୀ ହଲଦୀକରିବା ଗୁଡ଼ିଆମାନେ ଦେଉଳିଆ ହେବେ; ଚୀନ ଦେଶର ଗୋଟିଏ ଉତ୍ପାନ କମି ଯିବ (ସିନ୍ଦୁର) । ଗଡ଼ଜାତର ରଜାମାନଙ୍କର ଗୋଟିଏ ଆୟରେ ବାଧା ପଡ଼ିବ,(ମଇଣ) । କଟକ ଚୌଧୁରୀବଜାରର ଚୌଧୁରୀଙ୍କ କୋଠା ଗୋଟିଏ

Digitized by srujanika@gmail.com

ସୁରଟରୁ ଜନ୍ମିତ ହେବ(ନୂଆ)। ହାଣ୍ଡିଫୁଟା ମସଲାର ଦର ଶସ୍ତା ହେଲେ ହୋଟେଲମାନଙ୍କର ଛଟ; (ସେଥି ବ୍ୟବହୃତ ନ ହେଲେ)। ଦେଶୀ ବଣିଆ, ଉତୁରୁ, ପାଟର ଇତ୍ୟାଦିଙ୍କର ତ କଥା ଖତ୍ମ; ଅନେକ ପୁସ୍ତକର ଅତ୍ୟାଚାରମୟୀ, ଦସ୍ୟୁରାହୁକ, ଜଣେ ନେଇଗଲା ଭାଉଜ, ଅନ୍ଧାରି ରହସ୍ୟ, ଭଣ୍ଡଗାଳୀ କୌତୁକ, ବାସରଗୃହର ରଙ୍ଗ-ରଙ୍ଗ ଦେଶରୁ ଏକାବେଳକେ ନିରଞ୍ଜନ ପାଠ ହଦାପ୍ତ ହେବ । ବିଶେଷତଃ ବୈଷ୍ଣବୀମାନେ ଅନାହାରରେ ମରିବେ (ନିଷ୍ଠାଳୁଟା ନ ହେଲେ) (ଏ ହେତୁରେ ମଧ୍ୟ ‘ଓଗେର’ ଲେଖା ଅଛି ।)

୧୪ ।—ଅଧିକାଂଶ ଘରକରଣା ଲୋକଙ୍କ ଘରର ‘ହାଣ୍ଡି ପାଳି, ଚଉଁର ଡବ’ ଆଉ ଅଦୃଶ୍ୟ ହେବ ନାହିଁ । କ୍ରମଶଃ ଅନଭ୍ୟାସବଶତଃ ସ୍ତ୍ରୀମାନେ ମୂକ ହୋଇଯିବେ ।

୧୫ ।—ଗଜଗମନା ବିଶେଷଣଟି ଆଉ ଅସ୍ମ-ମାନଙ୍କ ସ୍ତ୍ରୀମାନଙ୍କ ପ୍ରତି ପ୍ରଯୁକ୍ତ ହେବ ନାହିଁ । ‘ଛମାଣ ଆଠଗୁଣ୍ଠ’ ଲେଖକ ‘ଚମ୍ପା’ ପ୍ରତି ଯେଉଁ-ରୂପ ଉପମା ବ୍ୟବହାର କରିଅଛନ୍ତି ଓ ‘ଦେଉଅ ଲଳନା’ର ‘ବଡ଼ ଦାଣ୍ଡେ ଗଲେ ଯେସନେ ଜଗନ୍ନାଥ ରଥ’ ଏ ଉପମାଗୁଡ଼ିକ ହଳଦୀ ଗରଗର ୧୫ ହାତ ଶାଢ଼ୀ ଓ ୫ ସେର ଅଳଙ୍କାର ଭରା ଝିଅବୋହୂଙ୍କ ପ୍ରତି ପ୍ରଯୁକ୍ତ ହୋଇ ନ ପାରେ । ଅତଏବ ଯାହା ଯୋଗୁଁ ଏପରି ମନୋମୁଗ୍ଧକର ତୁହୁକଣ୍ଠୀ ଗଧ ଶିକ୍ଷିତା ରମଣୀମାନେ ଛାୟା ପୁଣାଟଗୁରେ ରହିବେ ଓ ଅନେକ ପୁରାତନ ଭାଷା କାବ୍ୟର ବର୍ଣ୍ଣନା କେବଳ ‘ଯାଦୁଘର’ ଛଡ଼ା ଅନ୍ୟଠାରେ ଦେଖା ମିଳିବ ନାହିଁ । ଅପାତତଃ ଚିତ୍ରଆଖାନାରେ ଅଧୁନାତନ ଅଶିକ୍ଷିତା ଓ ପିଞ୍ଜରବଦ୍ଧା ସବୁ ଶ୍ରେଣୀର ଗୋଟିଏ ଲେଖାଏଁ ଅଙ୍କଲିପି ନ ରହିବାପାଇଁ ଶିକ୍ଷା ଓ ସ୍ୱାଧୀନତା ପ୍ରଚଳିତ କରିବାର ପ୍ରସ୍ତାବ ସ୍ଥଗିତ ରଖାଯିବା ଉଚିତ ।

୧୬ ।—ପଲ୍ଲୀଗ୍ରାମର ଚିହ୍ନ ବିଲକ୍ଷଣ ବଦଳି ଯିବ—ଦାଣ୍ଡ ପିଣ୍ଡାରେ ‘ଝୋଟି’, କାନ୍ଥ ଓ କବାଟମାନଙ୍କରେ ଚିତା, ମୁରୁଜଦିଆ, କେଶର ହାଣ୍ଡିର ନକ୍ସା, ସଞ୍ଜରର ଦୃଶ୍ୟ, ଏ ସମସ୍ତ ସମୂଳେ ଲୋପ ପାଇବ ।

୧୭ ।—‘ସ୍ତ୍ରୀମାନେ ଗନ୍ଧର୍ବ ଓ ପ୍ରସବ କରିବେ ଓ ଅଗ୍ନିଶିଖା ସମସ୍ତରେ କଣ୍ଠସ୍ୱର ପରିଷ୍କାର କରିବେ’ ଏ ଉକ୍ତିଟି ଅସାରପ୍ରଳାପରେ ପରିଣତ ହେବ ।

୧୮ ।—‘ମୁଁ’ ଓ ‘ଠାର’ ଏ ମଧୁର ଭାବ-ବ୍ୟଞ୍ଜକ ଲଜ୍ଜାସୂଚକର ଶବ୍ଦ ଓ ସଙ୍କେତଗୁଡ଼ିକ ଆଉ କର୍ଣ୍ଣ ଓ ନେତ୍ରପଥରେ ପଡ଼ିବ ନାହିଁ । ବିଶେଷତଃ ବାଉମାହାନ୍ତିଙ୍କ ତତ୍ତ୍ୱ ଗବେଷଣାର ଗୋଟିଏ ପ୍ରଧାନ ସ୍ଥାନ (ଯହାଙ୍କ ପଲ୍ଲୀଗ୍ରାମର ଗାଁଆ ଘାଟ) ଶ୍ମଶାନରେ ପରିଣତ ହେବ ।

୧୯ ।—ଏତକ ଅଧିକାର ପାଇଲାରୁ ସେମାନେ କ୍ରମଶଃ ଅସ୍ମମାନଙ୍କ ଅଣ୍ଟାପୁରବଦ୍ଧ ପାତକ କରିବେ ଓ କଏ ଜାଣେ ହଠନ ପୁରୁଷ-ମାନଙ୍କୁ ପ୍ରସବ କାର୍ଯ୍ୟରେ ନିଯୁକ୍ତ ହେବାକୁ ନ ପଡ଼ିବ, ଏଥିରୁ ବଳ ଅନୁତାପର ବିଷୟ କଣ ହୋଇପାରେ ? ଈଶ୍ୱର ସବୁ ଦୁଃଖ ଦିଅ; କିନ୍ତୁ ପ୍ରସବବେଦନା ! କଥା ସ୍ମରଣ କଲେ ହୃତ୍କମ୍ପ ହେଉଅଛି ।

୨୦ ।—ଆଉ ଗୋଟିଏ ଜଟିଳ ସମସ୍ୟା—ଯେଉଁ ହେଉଁଶୁର ଭାଇବୋହୂ, ଦେଢ଼ଶାଶୁ ଭଉଣୀଜୋଇଁ, ମଉସାଶୁର ଭଣଜାବୋହୂ ଆଜ ପର୍ଯ୍ୟନ୍ତ ପରସ୍ପରର ମୁଖାବଲୋକନ କରି ନାହାନ୍ତି ସେମାନେ ପ୍ରଥମେ ଟମ୍ବଲନ୍ଦା ଏତେ ନିପଟ ପରସ୍ପରକୁ ଚାହିଁବେ ଓ ସମ୍ଭାଷଣ କରିବେ ଏବଂ ସମୟେ ସମୟେ ହାତ ଧରାଧରି ହୋଇ ବୁଲି ବାହାରିବେ ଓ ଗାଡ଼ିରେ ଚଢ଼ିବେ ।

୨୧ ।—ବର୍ଷା ସମୟ ଘରର ରେଳ ଡାକ୍ତର ରବ, ଘଡ଼ଘଡ଼, ବସନ୍ତର କୋକିଳରବ, ଇତ୍ୟାଦି ଅକାରଣ ଥିବ ଓ କର୍କିଣର ପୁସ୍ତକର ଜଗନ୍ନୃତ୍ୟା ନାଦ ଆଉ ମନପ୍ରାଣ ଶୀତଳ କରିବ ନାହିଁ ।

Digitized by srujanika@gmail.com

୨୨ । — ଆଠ ବର୍ଷ ବନ୍ଧୁ ନିର୍ମଳ ଏକାଦଶୀ ବ୍ରତ ଭୂମଣ୍ଡଳରୁ ନିର୍ବାସିତ ହେବ । ଶିକ୍ଷା ପାଇ ସେମାନେ ହେଲେ ଯୁକ୍ତି ଦେଖାଇବେ, କହିବେ 'ମୃତଦାରଙ୍କ ପ୍ରତି ଯେଉଁ ନିଷ୍ଠୁର ବ୍ୟବହାର ପ୍ରତି ହେଉ ନସ୍ମନଲ୍ଲ' ।

୨୩ । ୧୯୦ ୨୨ ପରେ) ଆମ୍ଭମାନଙ୍କ ଦେଶରେ ସ୍ତ୍ରୀଶିକ୍ଷା ଓ ସ୍ତ୍ରୀସ୍ୱାଧୀନତା ପ୍ରଚଳିତ ହେଲେ ଗଳାଙ୍କର ଲତ, ବ୍ୟବସାୟ ବାଣିଜ୍ୟର ଲତ, ବାବୁମାନଙ୍କର ଲତ, ପୁରୁଷମାନଙ୍କର ଲତ, ସନ୍ତାନର ଲତ, ଏବଂ ସମ୍ପ୍ରଦାୟକୁ ଉନ୍ନତ କରିବାକୁ ଯାଇ ଦେଶର ଲତ ! ସାମ୍ରାଜ୍ୟର ଲତ ! ସମାଜର ଲତ !

ଅନ୍ଧସନ୍ତାନ ! ଚକ୍ଷୁ ଖୋଲି ଏ ବର୍ତ୍ତନାକୁ ଶୁଣ, ବୁଝ, କାର୍ଯ୍ୟ କର । ସ୍ତ୍ରୀଶିକ୍ଷା ପ୍ରଚଳିତ ହେଲେ ତୁମ୍ଭର ମାନ୍ୟ ଯିବ; ତୁମ୍ଭର ସର୍ବନାଶ । ବଙ୍ଗଳାରେ ବିଦ୍ୟୁତ ଯନ୍ତ୍ର ତାଯୁକ୍ତ ସଙ୍ଗମ ହେଲେ ପ୍ରୋଜ୍ଜ୍ୱଳ ହୁଏ । ସମାଜରେ ମଧ୍ୟ ସେହିପରି । ସୁଶିକ୍ଷିତ ଯୁବକଙ୍କ ସଙ୍ଗେ ଅଶିକ୍ଷିତା ଅପୂର୍ବା ଲକ୍ଷ୍ମୀ ନ ମିଳିଲେ ପ୍ରୋଜ୍ଜ୍ୱଳ ଉତ୍ପନ୍ନ ହେବ ନାହିଁ, ସମାଜ ବୁଡ଼ିଯିବ । ଦେଶ ଉଚ୍ଛନ୍ନ ଯିବ । ମୂର୍ଖରେ 'ଶିକ୍ଷିତ' ବୋଲି ଅଭିମାନ କରି କାର୍ଯ୍ୟରେ ଘୋର ଅନ୍ଧ, ଅଳସପ୍ରବୃତ୍ତ ହେବା ମନୁଷ୍ୟତ୍ୱ—ନା ପଶୁତ୍ୱ । କି ନାମରେ ସମ୍ବୋଧନ କରିବ ? ଦୁରନ୍ତ, ଦୁରାଚାର ! ତୁ ଚକ୍ଷୁ ଥାଇ ଅନ୍ଧ, କର୍ଣ୍ଣ ଥାଇ ବଧିର, ଜିହ୍ୱା ଥାଇ ମୂକ, ଜ୍ଞାନ ଥାଇ ଅଜ୍ଞାନ । ତୋ ମସ୍ତକର କେଶ ନଦୋଳି ଜୀବନ୍ତ ଚିତା ତୋର ଘୋର ସନ୍ତୋଷ । ଧନ୍ୟ ଆତ୍ମ ସନ୍ତୋଷ ! ଧନ୍ୟ ସ୍ୱଦେଶପ୍ରେମ ! ଧନ୍ୟ ବୈଶାଖର ସ୍ନାନ ! ଧନ୍ୟ ପାଗଳ ନିଷ୍ଠୁରତା ! ପରଶ୍ରୀକାତରତା ତୋର ଏକ ମହାଲକ୍ଷ୍ୟ; ପରନିନ୍ଦାରେ ଅନନ୍ତ ତୋର ଉପଭୋଗ; ଧୂର୍ତ୍ତତା । ଦୁର୍ବଳ ଉପରେ ଅଯଥା କଳଙ୍କାରୋପ ତୋର ଅଭ୍ୟାସ । ମା ଭୈଃ । ଚାଲୁଥା । ହେଉ ଶୁଣନା !

(ଛାଳପତ୍ର ଲେଖା, ବଶୋଦୟ ବାପ-ମାହାନ୍ତିଙ୍କର କରଣୀ ଅକ୍ଷର, ପଢ଼ିବା କଷ୍ଟସାଧ୍ୟ; ସମ୍ପାଦକ ମହାଶୟ, କ୍ଷମା କରିବେ । ଯେତେଦୂର ସାମର୍ଥ୍ୟ ଓ ଶକ୍ତି ଥିଲା, ତାହା ବ୍ୟୟ କରିବାରେ ଆମ୍ଭେମାନେ କୁଣ୍ଠିତ ହୋଇ ନାହୁଁ; କିନ୍ତୁ ତେବେ ସ୍ୱଳ୍ପ ବାଧ ହୋଇ ପ୍ରାପ୍ତ ଅର୍ଦ୍ଧେକ ଛାଳପତ୍ର ଛିଡ଼ି ହେବାକୁ ହେଲା । ସମୟକ୍ରମେ ଆପଣ ଦେଖିବେ ଓ ଚେଷ୍ଟା କରି ବକ୍ତା ଉଦ୍ଧାର କରି ପାରିଲେ ଉତ୍ତମ । ନଚେତ୍ (ମତେ) ଯେତିକି ମାତ୍ର ଥିବ ମାଠ, (ମୁଁ) ସେହି ଦର-ପୋଡ଼ା କାଠ ।)

କ୍ରମଶଃ—

ଶ୍ରୀ ଦୁର୍ମୁଖ ଶର୍ମା ।

ଓଡ଼ିଆ କାହାଣୀ ।

(କଟକ ଆଲୋଚନାସଭାରେ ପଠିତ)

କାହାଣୀ କାହାକୁ କହନ୍ତି ଏହା କାହାରିକୁ ବୁଝାଇ ଦେବାକୁ ହେବ ନାହିଁ ମାତୃକୋଳରେ ବସି ସମସ୍ତେ ଏହାର ଅର୍ଥ ବୁଝିଥାନ୍ତି । କିନ୍ତୁ ବର୍ତ୍ତମାନ ଆମ୍ଭେମାନେ ଯେତେବେଳେ କାହାଣୀ-ରାଜ୍ୟରେ ପ୍ରବେଶ କରୁ, ମନ ସେ ସବୁର ସରଳତା ଏବଂ ମାଧୁର୍ଯ୍ୟରେ ସିକ୍ତ ହୁଏ ଏବଂ ସଙ୍ଗେ ସଙ୍ଗେ ଶତ ଶତ ବାଲ୍ୟସ୍ମୃତି ଜାଗରିତ ହୁଏ । କେତେଗୁଡ଼ାଏ କ୍ଷୁଦ୍ର କ୍ଷୁଦ୍ର ଘଟଣା କଳ୍ପନାର ସ୍ନିଗ୍ଧ ଶୁଭ୍ର ଆଲୋକରେ ମଣ୍ଡିତ ହୋଇ ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥିତ ହୁଅନ୍ତି । ସେ ସବୁ ପଢ଼ିଲେ ବର୍ତ୍ତମାନର କୁଟିଳତା, କପଟତା, ବାସନା ଆଦି ମନକୁ କଳୁଷିତ କରେ ନାହିଁ; ଓ ପୁନର୍ବାର ସ୍ମୃତି ଆମ୍ଭମାନଙ୍କୁ ଅତୀତ ଅତୀତକୁ ଘେନି ଯାଏ; ପୁଣି ସେହି ସୁଖମୟ ବାଲ୍ୟ-ଜୀବନ ଫେରି ପାଉ, ଶୈଶବର ଲୀଳା ଖେଳା

Digitized by srujanika@gmail.com

ଚିନ୍ତା ଏବଂ ଶୋଚନାର ସ୍ପୃହା ନ ହୋଇ ଧ୍ୟାନର ବସ୍ତୁ ହୁଏ ।

ନିଜ ଜାତିର ସାହିତ୍ୟ କ୍ଷେତ୍ରରେ କାହାଣୀ ଗୁଡ଼ିକ ସାହିତ୍ୟର ଅଙ୍ଗୀଭୂତ ହେବା ଗୋଟିଏ ବିଶେଷ ଘଟଣା । ଅଜ୍ଞାତ ଜନସାଧାରଣଙ୍କର ଚିନ୍ତା, ଭାବ ଏବଂ କଳ୍ପନାର ସହିତ ଘନିଷ୍ଠ ପରିଚୟ ଅନୁଭବ କରିବାର ଉପାୟ ଏହି ଯେ ପ୍ରଥମ ମୂଳ-ଭିତ୍ତି ହେବା, ତାହା ଭବିଷ୍ୟତରେ କେଉଁ ଚିନ୍ତାର ଅଗ୍ରସର ହେବ ତାହା କିଏ କହିପାରେ ? ସେଥିପାଇଁ ଗଭୀର ଚିନ୍ତା, କଠିନ ପରିଶ୍ରମ ଏବଂ ସୂକ୍ଷ୍ମ ଅନୁଶୀଳନ ନିତାନ୍ତ ଆବଶ୍ୟକ । ଏପରି ବିଦ୍ୟାର ଯେ ଜଗତର ଇତିହାସରେ ଅଦୌ ହୋଇ ନାହିଁ ଏପରି ନୁହେଁ । ବିଲାତରେ Folklore Society ନାମକ ଗୋଟିଏ ସଭା ଗଠିତ ହୋଇଅଛି, ସେଥିର ସଭ୍ୟମାନେ ଭିନ୍ନ ଭିନ୍ନ ଦେଶର କାହାଣୀ ଗାଳଗଳ୍ପ ପ୍ରବାଦ ଇତ୍ୟାଦି ସଂଗ୍ରହ କରି, ସେମାନଙ୍କର ସୌସାଦୃଶ୍ୟ ପର୍ଯ୍ୟାଲୋଚନା କରି ଆଦିମ ମାନବର ଧର୍ମ, ନୀତି, ଆଚାର, ବ୍ୟବହାର ଇତ୍ୟାଦି ବିଷୟକ ଅନେକ କୌତୂହଳଜନକ ସିଦ୍ଧାନ୍ତରେ ଉପନୀତ ହୋଇ ଅଛନ୍ତି । ଆମ୍ଭେମାନେ ନିଜର ଗୃହ ସୀମାରେ ଆବଦ୍ଧ ଥାଇ ମଧ୍ୟ ସେମାନଙ୍କ ପନ୍ଥା ଅନୁସରଣ କଲେ ନ୍ୟୂନାଧିକ ସେହିପରି ସିଦ୍ଧାନ୍ତରେ ଉପନୀତ ହୋଇପାରୁଁ । କାହାଣୀଗୁଡ଼ିକର ବୈଜ୍ଞାନିକ ଅନୁଶୀଳନ ଭାରତରେ ଆରମ୍ଭ ହୋଇଅଛି କି ନାହିଁ ମୁଁ ଜାଣେ ନାହିଁ; କିନ୍ତୁ ଯଦି ହୋଇ ନ ଥାଏ, ସେଥିରେ ଆମ୍ଭମାନଙ୍କର ନିରାଶ ହେବାର କୌଣସି କାରଣ ନାହିଁ; ଅନ୍ତତଃ ଏହି ଗୋଟିକ ବିଷୟରେ ଓଡ଼ିଶା ଭାରତର ଅନ୍ୟାନ୍ୟ ଅଂଶର ଆଦର୍ଶ ହେଉ । କିନ୍ତୁ କାହାଣୀ ସାହାଯ୍ୟରେ 'ପ୍ରତ୍ନ-ତତ୍ତ୍ୱ ଅନ୍ୱେଷଣ କରିବା ପୂର୍ବରୁ କାହାଣୀଗୁଡ଼ିକର ପୁନଃ ପୁନଃ ସମାଲୋଚନା ଆବଶ୍ୟକ ।

ଯେତେବେଳେ କାହାଣୀର ସଂସାରରେ ପ୍ରବେଶ କରୁଁ, [illegible] ସୁବର୍ଣ୍ଣଲଙ୍କାଗଡ଼ ଆମ୍ଭମାନଙ୍କର ଦୃଷ୍ଟିଗୋଚର ହୁଏ । ଉପରେ ଦେବଲୋକ ଏବଂ ପିତୃଲୋକ, ତଳେ ନାଗଲୋକ ମର୍ତ୍ତ୍ୟରେ ନରଲୋକ—ଏହି ଚାରି ଲୋକର ବୃତ୍ତାନ୍ତ ଅଳ୍ପାଧିକ ପରିମାଣରେ କାହାଣୀ ଆମ୍ଭମାନଙ୍କ ନିକଟରେ କୀର୍ତ୍ତନ କରେ ।

୧ମ ଦେବଲୋକ—ଏହି ଲୋକ ପୃଥିବୀର କୋଟିକୋଟି ଯୋଜନ ଉପରେ; ଏଥିରେ ଦେବତାମାନେ ବାସ କରନ୍ତି; ଏମାନଙ୍କର କ୍ଷମତା ଅସୀମ; ଭୂତ ଭବିଷ୍ୟତ ଏମାନଙ୍କୁ ସବୁ ଜଣା; ଲୋକମାନେ ଏମାନଙ୍କୁ ପୂଜା କରନ୍ତି, ଏମାନେ ଭକ୍ତମାନଙ୍କ ଗୁହାରି ଶୁଣନ୍ତି ଏବଂ ସେମାନଙ୍କୁ ସାକ୍ଷାତ୍ ଦର୍ଶନ ଦିଅନ୍ତି । କାହାଣୀ ମଧ୍ୟରେ ଯେତେଗୁଡ଼ିଏ ଦେବଦେବୀଙ୍କ ବର୍ଣ୍ଣନା ଅଛି, ସେଥି ମଧ୍ୟରେ ଶିବ ପାର୍ବତୀ ପ୍ରଧାନ, ଘୋର ନିଶାରେ ରାତିରେ ଯେତେବେଳେ ମନୁଷ୍ୟ ଶୋଇ ପଡ଼ନ୍ତି ଏମାନେ ମର୍ତ୍ତ୍ୟ ପରିଦର୍ଶନ କରିବାକୁ ବାହାରନ୍ତି, କ୍ଷୁଧାର୍ତ୍ତକୁ ଅନ୍ନ ଦିଅନ୍ତି, ବସ୍ତ୍ରହୀନକୁ ବସ୍ତ୍ର, ନିର୍ଧନକୁ ଧନ, ଏହିପରି ଯାହାର ଯାହା ଅଭାବ ଥାଏ, ତାହାର ସେହି ଅଭାବ ପୂରଣ କରି ଚାଲି ଯାନ୍ତି; ସମୟେ ସମୟରେ ମୃତଲୋକଙ୍କୁ ମଧ୍ୟ ଫୁଲପାଣି ଅଞ୍ଜଳାଏ ଛିଞ୍ଚି ଦେଇ ଜୀବନ୍ତ କରନ୍ତି । ଶିବପାର୍ବତୀ ମଧ୍ୟରେ ପାର୍ବତୀ ଅଧିକ ଦୟାଳୁ ଏବଂ ସ୍ନେହବତୀ । ଅନେକ ସମୟରେ ଦୁଃଖୀର କ୍ରନ୍ଦନରେ ଶିବଙ୍କର ହୃଦୟ ଟଳେ ନାହିଁ, କିନ୍ତୁ ପାର୍ବତୀଙ୍କ ହୃଦୟ ତରଳି ଯାଏ ।

୨ୟ ପିତୃଲୋକ--ଏ ଲୋକ ନୁହେଁ ସ୍ୱର୍ଗରେ ନୁହେଁ ମର୍ତ୍ତ୍ୟରେ । ଏ ଗୋଟିଏ ସ୍ୱତନ୍ତ୍ର ପୃଥିବୀ, ଏଥିରେ ପିତୃପୁରୁଷମାନେ ବାସ କରନ୍ତି । ପିତୃପୁରୁଷମାନଙ୍କର କାହାଣୀରେ ନାମ ମାତ୍ର ଉଲ୍ଲେଖ ଅଛି, ଏମାନଙ୍କର ସବିଶେଷ ବର୍ଣ୍ଣନା ନାହିଁ । ଏମାନେ ମନୁଷ୍ୟମାନଙ୍କର ପ୍ରଥମ ଜନୟିତା; ମନୁଷ୍ୟମାନଙ୍କ ମାନସ ପ୍ରଭାବରୁ ଜନ୍ମ ହୋଇ ଅଛନ୍ତି । ଆଶ୍ୱିନ କୃଷ୍ଣପକ୍ଷରେ ହିନ୍ଦୁମାନେ ଏମାନଙ୍କୁ ତର୍ପଣ କରନ୍ତି ।

୩ୟ ନାଗଲୋକ—ଏ ଲୋକ ଆମ୍ଭମାନଙ୍କ

Digitized by srujanika@gmail.com

ପାତର ବସ୍ତୁତ ସମୁଦ୍ରରେ ଅବସ୍ଥିତ । ଏଥିର ଅଧିବାସିମାନେ କେତେକ ନାଗରୂପୀ, କେତେକ ନରରୂପୀ, କେତେକ ବନ୍ଧୁରୂପୀ । ମନୁଷ୍ୟମାନଙ୍କ ସହିତ ଏମାନଙ୍କର ଆଦାନପ୍ରଦାନ ଚଳେ ।

୪ର୍ଥ ନରଲୋକ— ଏ ଲୋକର ଅଧିବାସୀ କିଏ ? ସେମାନଙ୍କର ଚରିତ୍ର କଣ ? ଏ ସବୁ କହିବା ପରେ ସବିଶେଷଭାବରେ ଆଲୋଚିତ ହେବ । ଅତଏବ ବର୍ତ୍ତମାନ ସେଥିରୁ ଶାନ୍ତ ହେଲୁଁ ।

କିନ୍ତୁ ଏହି ସାତ ଲୋକରେ ବିଶ୍ୱାସ କେବଳ ଯେ ଉତ୍କଳଦେଶର କାହାଣୀମୂଳରେ ନିହିତ ଅଛି ଏପରି ନୁହେଁ, କିନ୍ତୁ ଭାରତର ପ୍ରତ୍ୟେକ ଜିଲାର ପ୍ରତ୍ୟେକ ଗ୍ରାମର କାହାଣୀରେ ଏହି ସମାନ ବିଶ୍ୱାସ ଅନ୍ତର୍ନିହିତ ଅଛି । ଏହା ଛଡ଼ା ପୌରାଣିକ ବିଶ୍ୱାସ, ପୌରାଣିକ ଭାବ ସମଗ୍ର ଭାରତର କାହାଣୀର ଅଙ୍ଗୀଭୂତ । ପୁନଶ୍ଚ, କେବଳ ଯେ ଭାବ ଓ ବିଶ୍ୱାସ ସେନ ଭିନ୍ନଭିନ୍ନ ପ୍ରଦେଶର କାହାଣୀରେ ସୌସାଦୃଶ୍ୟ ଦେଖାଯାଏ ଏପରି ନୁହେଁ, କିନ୍ତୁ ବିଷୟଗତ ସାମ୍ୟ ଅନେକ ସ୍ଥଳରେ ଦେଖାଯାଏ । ସେହି ରଜା ପାରେଧିକୁ ଗଲେ । ଅନ୍ୟାନ୍ୟ ରାଣୀମାନେ ମନ୍ତ୍ରଣା କରି ପାଟରାଣୀଙ୍କୁ ଅପଦସ୍ଥ କଲେ; ରଜାପୁଅ ମନ୍ତ୍ରିପୁଅ ସାଙ୍ଗ ହୋଇ ବିଦେଶ ବାହାରିଲେ, ଅସୁରମାନେ ସେମାନଙ୍କୁ ଖାଇବାକୁ ଗୋଡ଼ାଇଲେ, ଏହିପରି ବିଷୟରେ ମଧ୍ୟ ଭିନ୍ନ ଭିନ୍ନ ପ୍ରଦେଶର କାହାଣୀରେ ସୌସାଦୃଶ୍ୟ ଦେଖାଯାଏ । ଏଥିରୁ ଆମ୍ଭେମାନେ କଣ ଅନୁମାନ କରିବୁଁ ? ସେହି ପ୍ରାଚୀନ କାଳରେ ଯେତେବେଳେ ଆର୍ଯ୍ୟମାନେ ଭାରତର ପଶ୍ଚିମ ଅଞ୍ଚଳରେ ଏକତ୍ର ଅଧିବେଶନ କରୁଥିଲେ ଯେତେବେଳେ ପୁରାଣ ଇତ୍ୟାଦି ଗ୍ରନ୍ଥ ସବୁ ପ୍ରଥମ ପ୍ରଥମ ସୃଷ୍ଟ ହେଉଥିଲା, ସେହି ସମୟ କାଳରୁ ଭାରତରେ କାହାଣୀମାନଙ୍କର ବୀଜ ରୋପିତ ହୋଇଅଛି ଏବଂ ଯେତେବେଳେ ଆର୍ଯ୍ୟମାନେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ଭିନ୍ନ-ଭିନ୍ନ ପ୍ରଦେଶକୁ ଉପନିବେଶ ସ୍ଥାପନ କରିବାକୁ ଗଲେ, କାହାଣୀର ଏହି ପ୍ରାଚୀନ ବୀଜ ସଙ୍ଗେ ସଙ୍ଗେ ନେଇ ଗଲେ । ସେହି ଆଦିମ ବୀଜ ଭିନ୍ନ ଭିନ୍ନ ପ୍ରଦେଶର ଜଳ ବାୟୁ ଏବଂ କଳ୍ପନାର ପରିମାଣ ଅନୁସାରେ ଭିନ୍ନ ଭିନ୍ନ ଆକାର ଏବଂ ଅଙ୍ଗସୌଷ୍ଠବ ଧାରଣ କରିଅଛି ।

ଯଦି ଭାରତର କାହାଣୀଗୁଡ଼ିକୁ ଏକ ସାଥ-ଠାରୁ ନେଇ କହି ସେମାନଙ୍କ ସୌସାଦୃଶ୍ୟର ହେତୁ ଏକପ୍ରକାର ବ୍ୟାଖ୍ୟା ଦେଲୁଁ, ତଥାପି ସମଗ୍ର ପୃଥିବୀର କାହାଣୀ ମଧ୍ୟରେ ଯେଉଁ ଅଦ୍ଭୁତ ସୌସାଦୃଶ୍ୟ ଦେଖାଯାଏ ତାହାର କେଉଁ କାରଣ ନିର୍ଦ୍ଦେଶ କରିବୁଁ ? ଭାରତ, ଆରବ, ପାରସ୍ୟ ଗ୍ରୀସ, ଏବଂ ଇଟାଲି ପ୍ରଭୃତି ଦେଶ, ପିତାର ସବୁ କନିଷ୍ଠ ପୁତ୍ର କିମ୍ବା ସବୁ କନିଷ୍ଠା କନ୍ୟା ଉପରେ ଯାବତ ଅତ୍ୟାଚାର, ଶେଷରେ ସେହି ପୁଣି କୃତକାର୍ଯ୍ୟ ହୁଏ ଏବଂ ସଚରାଚର ପିତୃ-ଧନରେ ଅଧିକାରୀ ହୁଏ; କୌଣସି ଗୋଟିଏ କନ୍ୟା ସହିତ ବିବାହ ସ୍ଥିର ହୁଏ, ତାହାର ନାମରେ ପ୍ରତାରଣା କରି ଆଉ ଗୋଟିଏ କନ୍ୟାକୁ ବିବାହ କରି ଦିଆଯାଏ; ଗୋଟିଏ ଯୁବକ ଆଉ କୌଣସି ଗୋଟିଏ କନ୍ୟାକୁ ବରଣ କରି ନେଇ ଯାଏ, ତାହାର ପିତା କନ୍ୟାର ଅନୁସନ୍ଧାନରେ ବହିର୍ଗତ ହୁଏ, କୌଣସି ମାନବ-ସ୍ୱାମୀ ତାହାର ଅମାନବ ସ୍ତ୍ରୀକୁ ଅଥବା କୌଣସି ମାନବୀ ସ୍ତ୍ରୀ ତାହାର ଅମାନବ ସ୍ୱାମୀକୁ କୌଣସି କାରଣବଶତଃ ଅବଶେଷରେ ପରିତ୍ୟାଗ କରିବାକୁ ବାଧ୍ୟ ହୁଏ । କେତେଗୁଡ଼ିଏ ପ୍ରକୋଷ୍ଠ ଖୋଲିବାକୁ ମନା, ସେସବୁ ଚପଳତା-ବଶତଃ ଅଥବା ଭ୍ରମବଶତଃ ଖୋଲା ହୁଏ ଏବଂ ଫଳସ୍ୱରୂପ ବିପଦରାଶି ଘୋଟି ଯାଏ, ସ୍ତ୍ରୀ ସ୍ୱାମୀର ନାମ ଧରେ ନାହିଁ ସ୍ୱାମୀ ସ୍ତ୍ରୀର ନାମ ଧରେ ନାହିଁ; କେତେକ ପରଲୋକଗତ ଆତ୍ମା ଜନ୍ତୁର ଶରୀରରେ ପ୍ରବେଶ କରନ୍ତି ଏବଂ ଜନ୍ତୁ ଓ ମନୁଷ୍ୟମାନେ ବନ୍ଧୁଭାବରେ ପରସ୍ପର ସାହାଯ୍ୟ କରନ୍ତି ।

Digitized by srujanika@gmail.com

ଏହି ସବୁ ଅନେକାନେକ ସୌସାଦୃଶ୍ୟ ପର୍ଯ୍ୟାଲୋଚନା କରି ପାଶ୍ଚାତ୍ୟ ପଣ୍ଡିତମାନେ ଭିନ୍ନ ଭିନ୍ନ ସିଦ୍ଧାନ୍ତରେ ଉପନୀତ ହୋଇଅଛନ୍ତି । କେହି କେହି ପଣ୍ଡିତ କହନ୍ତି ପ୍ରାଚୀନମାନେ ନିକଟ ଦୃଷ୍ଟ ବସ୍ତୁ ଏବଂ ପ୍ରକୃତିର ନିଦର୍ଶନସ୍ୱରୂପ ଆମ୍ଭମାନଙ୍କ ପାଇଁ ଯେଉଁ କଳ୍ପନା-ପ୍ରସୂତ ରଚନାମାନ ରଖି ଯାଇଅଛନ୍ତି, ସେ ସବୁର ଜନ୍ମଭୂମି ସ୍ୱତନ୍ତ୍ର ନୁହେଁ; ଏକ ପ୍ରସ୍ରବଣରୁ ସମସ୍ତେ ଉତ୍ପନ୍ନ ହୋଇ ଭିନ୍ନ ଭିନ୍ନ ଦିଗରେ ପ୍ରବାହିତ ହୋଇଅଛନ୍ତି । ସେମାନେ କହନ୍ତି ଯେତେବେଳେ ଆର୍ଯ୍ୟମାନେ ମଧ୍ୟଆସିଆରେ ବାସ କରୁଥିଲେ, ସେହି ପ୍ରାଚୀନ କାଳରେ ଏହି ସବୁ ରଚନା ରଚିତ ହୋଇଅଛି । କ୍ରମେ ଯେତେବେଳେ ସେମାନେ ଭିନ୍ନ ଭିନ୍ନ ଭୂଖଣ୍ଡରେ ବ୍ୟାପ୍ତ ହେଲେ, ଏହି ସବୁ ରଚନାମାନ ପୃଥିବୀର ବିଭିନ୍ନ ସ୍ଥାନରେ ବ୍ୟାପ୍ତ ହେଲା । ସେହି ଆଦିମ ରଚନା ସବୁ ପୃଥିବୀର ଭିନ୍ନ ଭିନ୍ନ ଅଂଶରେ ଭିନ୍ନ ଭିନ୍ନ ଆକାର ପ୍ରକାର ଧାରଣ କରିଅଛି । ଏହି କାରଣରୁ ସେମାନଙ୍କ ମଧ୍ୟରେ ଏତେଦୂର ସୌସାଦୃଶ୍ୟ ଦେଖାଯାଏ । ଅନ୍ୟାନ୍ୟ ପଣ୍ଡିତମାନେ ଅନେକ ପରବର୍ତ୍ତୀ କାଳରୁ ଏହି ରଚନାମାନଙ୍କର ଜନ୍ମ ସମୟ ବୋଲି ନିର୍ଦ୍ଦେଶ କରିଅଛନ୍ତି । ସେମାନଙ୍କ ମତରେ ଏହି ସବୁ ରଚନା ପ୍ରଥମ ଭାରତରେ ରଚିତ, ପରେ ପାଶ୍ଚାତ୍ୟ ପ୍ରଦେଶରେ ପ୍ରଚାରିତ ହୋଇଅଛି । କେହି କେହି ପୁଣି କହନ୍ତି ପୃଥିବୀର ଇତିହାସରେ ମିସରର ସଭ୍ୟତା ସର୍ବ ପ୍ରଥମ । ଅତଏବ ସେମାନଙ୍କ ମତରେ, ଏ ସବୁ ରଚନା ପ୍ରଥମ ମିସରରେ ରଚିତ, ପରେ ଭାରତକୁ ଆନୀତ ଏବଂ ତତ୍ପରେ ଭାରତରୁ ପାଶ୍ଚାତ୍ୟ ପ୍ରଦେଶମାନଙ୍କୁ ନୀତ ହୋଇଅଛି । ଏହି ସବୁ 'ନାନା ମୁନିଙ୍କର ନାନା ମତ' ଦେଖି ବୋଧ ହୁଏ ଏ ବିଷୟରେ ସ୍ଥିର ସିଦ୍ଧାନ୍ତ ଅସମ୍ଭବ ।

କିନ୍ତୁ ଲାଙ୍ଗ୍ (Lang) ନାମକ ଜଣେ ପାଶ୍ଚାତ୍ୟ ପଣ୍ଡିତ ଏହି ସବୁ ସୌସାଦୃଶ୍ୟର ଯେଉଁ କାରଣ ନିର୍ଦ୍ଦେଶ କରିଅଛନ୍ତି ତାହା ଆମ୍ଭମାନଙ୍କର ସ୍ୱୀକାର୍ଯ୍ୟ । ତାଙ୍କ ମତରେ କଳ୍ପନା ଯଦିଓ ଭିନ୍ନ ଭିନ୍ନ ସ୍ଥଳରେ ଭିନ୍ନ ଭିନ୍ନ ଭାବରେ କାର୍ଯ୍ୟ କରେ ତଥାପି ତାହାର କାର୍ଯ୍ୟଫଳ ସମାନ ହେବା ବିଚିତ୍ର ନୁହେଁ । କାରଣ ଜଡ଼ୀୟ ପଦାର୍ଥମାନଙ୍କ ପରି ମାନସିକ କଳ୍ପନା ମଧ୍ୟ ନିୟମର ଅନ୍ତର୍ଭୁକ୍ତ । ଆମ୍ଭମାନଙ୍କର କଳ୍ପନା ଜଡ଼ୀୟ ନିୟମ ଏବଂ ମାନସିକ ନିୟମ ଉଭୟ ଦ୍ୱାରା ପରିଚାଳିତ । ଯଦି ଭିନ୍ନ ଭିନ୍ନ ସ୍ଥଳରେ ଏହି ଦୁଇ ପ୍ରକାର ନିୟମ ସମାନ ହୁଏ ତାହାହେଲେ ଭିନ୍ନ ଭିନ୍ନ ସ୍ଥଳରେ ଥାଇ ମଧ୍ୟ ଲୋକେ ସମାନ ବସ୍ତୁ କଳ୍ପନା କରି ପାରନ୍ତି । ଯଦି ଜଣେ ଭାରତର କବି ଏବଂ ଜଣେ ଗ୍ରୀସର କବି ମାନସିକ ଅଭିବ୍ୟକ୍ତିର ସମାନ ସୀମାରେ ଉପନୀତ ହୋଇ କଳ୍ପନା କରିବାକୁ ବସନ୍ତି ଏବଂ ଯଦି ସେମାନଙ୍କର ବାହ୍ୟ ଅବସ୍ଥା ସମାନ ହୁଏ ତାହାହେଲେ ସେମାନଙ୍କ କଳ୍ପନାର ଫଳ ମଧ୍ୟ ଅନେକ ପରିମାଣରେ ସମାନ ହେବ । ବାହ୍ୟ ଅବସ୍ଥା କଣ ? ବାହ୍ୟ ଅବସ୍ଥା ପ୍ରଧାନ ଚାରି ପ୍ରକାର :— ଭୂମିର ଉତ୍ପାଦିକା ଶକ୍ତି; ଜଳବାୟୁ, ଖାଦ୍ୟ ଏବଂ ଧନସମ୍ପତ୍ତି । ଯଦିଚ ପ୍ରକୃତିର ନିୟମର ବଶବର୍ତ୍ତୀ ହୋଇ ଭିନ୍ନ ଭିନ୍ନ ଦେଶର କଳ୍ପନା ସମାନଭାବାପନ୍ନ ହୋଇ ପାରନ୍ତି ତଥାପି ଭିନ୍ନ ଭିନ୍ନ ଦେଶ ମଧ୍ୟରେ କାହାଣୀର ଯେ ଆଦାନ ପ୍ରଦାନ ଆଦୌ ଚଳି ନାହିଁ ଏହା କିଏ କହି ପାରେ? ନିର୍ଭୀକ ସୌଦାଗରମାନେ ଦୂରଦେଶକୁ ଗମନ କରନ୍ତି; ଏକ ଦେଶର ସ୍ତ୍ରୀପୁରୁଷ ଅନେକ ସମୟରେ ଅନ୍ୟଦେଶରେ ଦାସଦାସୀ ରୂପେ ବିକ୍ରୀତ ହୁଅନ୍ତି; ଏମାନଙ୍କ ଦ୍ୱାରା ଗୋଟିଏ ଦେଶର କାହାଣୀ ଯେ ଅନ୍ୟଦେଶରେ ପ୍ରଚାରିତ ହୋଇ ନାହିଁ, ଏହା ମନେ କରିବା ଭୁଲ । ଏହି ସବୁ କାରଣରୁ ପୃଥିବୀର ଭିନ୍ନ ଭିନ୍ନ ଅଂଶର କାହାଣୀ, ଗାଳଗଳ୍ପ ଇତ୍ୟାଦିରେ ଏତେଦୂର ସୌସାଦୃଶ୍ୟ ଦେଖାଯାଏ ।

ଆମ୍ଭେମାନେ କାହାଣୀ ସମାଲୋଚନା କରୁଁ

Digitized by srujanika@gmail.com

ତହିଁ କାହାଣୀର ତତ୍ତ୍ୱ ବୁଝିବା ପାଇଁ ସମଗ୍ର ପୃଥିବୀ ବୁଲି ଆସିଲୁଣି । ଏବେ ପୁଣି ଭାରତକୁ ଫେରି ଯାଉଁ । ଯଦି ଲାଙ୍ଗ୍ ସାହେବଙ୍କର ମତ ଅନୁସରଣ କରୁଁ, ତାହାହେଲେ ଆମ୍ଭେମାନେ ନିମ୍ନୋକ୍ତ ସିଦ୍ଧାନ୍ତରେ ଉପନୀତ ହେଉଁ । ଭାରତର କାହାଣୀ ସବୁ ଭିନ୍ନ ଭିନ୍ନ ପ୍ରଦେଶରେ ଭିନ୍ନ ଭିନ୍ନଭାବରେ ଯେ ରଚିତ ହୋଇଅଛି ଏଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ । କିନ୍ତୁ ଭିନ୍ନ ଭିନ୍ନ ପ୍ରଦେଶରେ ଯେଉଁ କାହାଣୀର ଅଟ୍ଟାଳିକା ସବୁ ନିର୍ମିତ ହୋଇଅଛି ତାହା କେତେଗୁଡ଼ାଏ ଆଦିମ କଳ୍ପନା-ପ୍ରସୂତ ସାମାନ୍ୟ ସାମାନ୍ୟ ଘଟଣା ଉପରେ ସ୍ଥାପିତ । ଅନ୍ୟ ପ୍ରକାର, ଆଦିମ ମାନବମାନଙ୍କର କଳ୍ପନା-ପ୍ରସୂତ କେତେଗୁଡ଼ାଏ ସାମାନ୍ୟ ସାମାନ୍ୟ ଘଟଣା ଭିନ୍ନ ଭିନ୍ନ ପ୍ରଦେଶରେ ଭିନ୍ନ ଭିନ୍ନ ଭାବରେ କଳ୍ପିତ ହୋଇଅଛି । ଏହାହିଁ ସେମାନଙ୍କର ସୌସାଦୃଶ୍ୟର ପ୍ରଧାନ କାରଣ । ତଥାପି ଏକ ପ୍ରଦେଶର କାହାଣୀ ଯେ ଅନ୍ୟ ପ୍ରଦେଶକୁ ଯାଇ ନାହିଁ ଏହା କଦାପି ବିଶ୍ୱାସଯୋଗ୍ୟ ନୁହେଁ; କାରଣ ଭାରତର ଏକପ୍ରଦେଶ ସହିତ ଅନ୍ୟାନ୍ୟ ପ୍ରଦେଶର ଚଳାଚଳ ସମ୍ଭବ ଅଛି । ଉଦାହରଣ-ସ୍ୱରୂପ ବଙ୍ଗଦେଶର ଅନେକ କାହାଣୀ ଓଡ଼ିଶାକୁ ଆସିଅଛି ଏବଂ ଓଡ଼ିଶାର ଅନେକ କାହାଣୀ ବଙ୍ଗ-ଦେଶକୁ ଯାଇଅଛି । ଗୋପାଳ ବାବୁ ଏବେ "ଦୁଇ ସଙ୍ଗାତ" ନାମକ ଓଡ଼ିଶାରୁ ଯେଉଁ କାହାଣୀ ସଂଗ୍ରହ କରିଅଛନ୍ତି ତାହା ଆମ୍ଭେମାନେ ଅନେକ ଦିନ ପୂର୍ବରୁ ଲାଲବିହାରୀ ବାବୁଙ୍କର "Folk Tales of Bengal" ନାମକ ଇଂରାଜୀ ପୁସ୍ତକରେ ପଢ଼ିଥିଲୁଁ ।

ଯଦି ଆମ୍ଭେମାନେ ଭିନ୍ନ ଭିନ୍ନ ପ୍ରଦେଶର କାହାଣୀଗୁଡ଼ିକୁ ଭିନ୍ନ ଭିନ୍ନ ପ୍ରଦେଶର ନିଜସ୍ୱ ବୋଲି ସିଦ୍ଧାନ୍ତ କରୁଁ, ତଥାପି କାହାଣୀ ମଧ୍ୟରେ ପ୍ରାଦେଶିକତା ତ ଆଦୌ ଦେଖାଯାଏ ନାହିଁ । ମନେକର ଆଜି କେହି ଯଦି କହେ ଉତ୍କଳ ଦେଶର କାହାଣୀଗୁଡ଼ିକ ବହୁତ ପ୍ରାଚୀନ-କାଳରୁ ବଙ୍ଗଦେଶରୁ ଆନୀତ, ଆପଣମାନେ କେଉଁ ଯୁକ୍ତିବଳରେ ସେ ଯୁକ୍ତିକୁ ଖଣ୍ଡନ କରିବେ । ଆପଣମାନେ ହୁଏତ କହିବେ ଓଡ଼ିଶା ଗିରି, ନଦୀ, ହ୍ରଦ, ବନ ଇତ୍ୟାଦିରେ ପରିପୂର୍ଣ୍ଣ, କାହାଣୀରେ ନଦୀ ଓ ହ୍ରଦବିହାରି-ଜୀବମାନଙ୍କର ଏବଂ ବନରେ ବାଘ ଭାଲୁ ପ୍ରଭୃତି ହିଂସ୍ର ଜନ୍ତୁ-ମାନଙ୍କର ବର୍ଣ୍ଣନା ଅଛି; ଓଡ଼ିଶା ସମୁଦ୍ର ଉପକୂଳରେ ଅବସ୍ଥିତ । କାହାଣୀରେ ନିର୍ଜନଦ୍ୱୀପ ଗଣ୍ଡଭେରୁଣ୍ଡପକ୍ଷୀ ଇତ୍ୟାଦି ସମୁଦ୍ରସଂକ୍ରାନ୍ତ କଥାମାନ ବର୍ଣ୍ଣିତ ଅଛି । କିନ୍ତୁ ନଦୀ, ହ୍ରଦ, ସମୁଦ୍ର, ବନ ଏସବୁ ଯେ ଓଡ଼ିଶାର ବିଶେଷ ସମ୍ପତ୍ତି ତାହା ନୁହେଁ; ଏସବୁ ସମଗ୍ର ଭାରତର ସାଧାରଣ ସମ୍ପତ୍ତି । ଯଦି କାହାଣୀମଧ୍ୟରେ ବିଶେଷ କୌଣସି ନଗର, ଯଥା ମହାନଗର, ଅଥବା ବିଶେଷ କୌଣସି ହ୍ରଦର ଯଥା ଚିଲିକାର ବର୍ଣ୍ଣନା ଥାନ୍ତା ତାହାହେଲେ ସେ ସବୁକୁ ଓଡ଼ିଶାର ନିଜସ୍ୱ ବୋଲି ମନେ କରନ୍ତି । ଉତ୍କଳରେ କଳ୍ପନାର ସାମଗ୍ରୀ ଶତ ଶତ ବିଦ୍ୟମାନ ଅଛି । ପୁରୀ ଏବଂ ଭୁବନେଶ୍ୱରର ଅଭ୍ରଭେଦୀ ମନ୍ଦିର, ଖଣ୍ଡଗିରିର ସୁଦୂର ବିସ୍ତୃତ ମନୋରମ ଦୃଶ୍ୟ, ଧଉଳୀ ଏବଂ ବୈତରଣୀର ନିର୍ଜନ ପୁଳିନ, ସମୁଦ୍ରର ଭୈରବଦୃଶ୍ୟ, ଯାଜପୁର କେନ୍ଦ୍ରାପଡ଼ା ପ୍ରଭୃତି ମନୋରମ ତୀର୍ଥସ୍ଥାନ ଏସବୁ କି କଳ୍ପନାର ଯୋଗ୍ୟବିଷୟ ନୁହେଁ ? କିନ୍ତୁ କାହାଣୀରେ ସେ ସବୁ ବିଷୟର ଆଦୌ ଗନ୍ଧ ଲେଶ ନାହିଁ ।

ପୁନଶ୍ଚ ଦେଖ, ଓଡ଼ିଶାର ଭାଗ୍ୟରେ ଯୁଦ୍ଧ, ଦୁର୍ଭିକ୍ଷ, ଅରାଜକତା ପ୍ରଭୃତି ଭୀଷଣ ଘଟଣାମାନ ସଂଘଟିତ ହୋଇଅଛି; କିନ୍ତୁ ସେ ସବୁର କଣିକା-ମାତ୍ର କାହାଣୀରେ ଦୃଷ୍ଟିଗୋଚର ହୁଏ ନାହିଁ । ଯଦି କୌଣସି କାହାଣୀରେ ଏପରି ଥାଆନ୍ତା, ଏକ ଦଳ ଯାତ୍ରୀ ଜଗନ୍ନାଥଦର୍ଶନକୁ ଯାଉଥିଲେ, ମାର୍ଗରେ ବର୍ଗିମାନେ ସେମାନଙ୍କୁ ହତ୍ୟା କରି ସେମାନଙ୍କର ସର୍ବସ୍ୱ ଅପହରଣ କଲେ; କେବଳ

Digitized by srujanika@gmail.com

ସେମାନଙ୍କ ମଧ୍ୟରୁ ଗୋଟିଏ ସ୍ତ୍ରୀ ପଳାଇ ଯାଇ ଜଣେ ସାମନ୍ତଙ୍କ ଉଆସରେ ଆଶ୍ରୟ ନେଲା, ଅଥବା ପୁରୁଷୋତ୍ତମଦେବ ଯୁଦ୍ଧଯାତ୍ରାକୁ ଯିବା ସମୟରେ ତଠାରୁ କୌଣସି କାରଣ ବଶତଃ ସୈନ୍ୟମାନଙ୍କଠାରୁ ବିଚ୍ଛିନ୍ନ ହୋଇ ଗୋଟିଏ ଦରିଦ୍ରର କୁଟୀରରେ ପହଞ୍ଚିଲେ; ବୃଦ୍ଧ ବ୍ରାହ୍ମଣ ତାହାଙ୍କର ରାଜତ୍ୱ ଜାଣି ନ ପାରି ତାହାଙ୍କୁ ଗୃହରୁ ବହିଷ୍କୃତ କଲା — ଯଦି କାହାଣୀରେ ଏପରି ଐତିହାସିକ ବିଷୟ ସବୁ ବର୍ଣ୍ଣିତ ଥାଆନ୍ତା ତାହାହେଲେ ସେ ସବୁକୁ ଓଡ଼ିଶାର ନିଜସ୍ୱ ବୋଲି ସ୍ୱୀକାର କରନ୍ତୁ ।

ଫଳତଃ କି ପ୍ରାକୃତିକ ଦେଶ କି ଐତିହାସିକ ଦେଶ ପ୍ରାଚୀନ ଉତ୍କଳର କୌଣସି ଦେଶ କାହାଣୀରେ ସନ୍ନିବେଶିତ ହୋଇ ନାହିଁ । ଅଥଚ ସେ ସବୁକୁ ପ୍ରାଚୀନ ଉତ୍କଳର କଳ୍ପନା-ସମ୍ଭୂତ ଏହା କିପରି ସ୍ୱୀକାର କରିବି । ଉତ୍କଳ ଯେ ଅନ୍ୟାନ୍ୟ ଦେଶରୁ ଏ କାହାଣୀ ସବୁ ଉଧାର ଆଣି ନାହିଁ ତାହା ବା କିପରି ବିଶ୍ୱାସ କରିବି ! କିନ୍ତୁ ଏପରି ଅଭାବର କାରଣ ଥାଇ ପାରେ, ପ୍ରାଚୀନମାନେ ଜ୍ଞାନ ଏବଂ କଳ୍ପନାକୁ ପୃଥକ୍ ରଖୁଥିଲେ । ଯେଉଁ ବିଷୟ କଳ୍ପିତ ହେବ ତାହା ସହିତ ଜ୍ଞାନରାଜ୍ୟର କୌଣସି ସମ୍ବନ୍ଧ ଥିବା ଉଚିତ ନୁହେଁ । ସେମାନଙ୍କ ମତରେ ଜ୍ଞାନ କଳ୍ପନାସହିତ ମିଶିଲେ କଳ୍ପନାର ବଳ ହ୍ରାସ ହୁଏ । ଯଦି ମୁଁ ଆପଣମାନଙ୍କୁ କହେଁ — ଏକ ସହରରେ ଲୋକ ଥିଲେ ସେମାନେ ୪୦ ଫୁଟ ଉଚ୍ଚ; ସେମାନଙ୍କର ପୁଅ ଝିଅମାନେ ୨୦।୩୦ ଫୁଟ ଉଚ୍ଚ; ସେଠାରେ ଥିବା ଗଛସବୁ ୨୦୦ ଫୁଟ ଉଚ୍ଚ, ତାହାହେଲେ ଆପଣମାନେ ମୋ କଥାରେ କାନ ଡେରି ପାରନ୍ତି, କିନ୍ତୁ ମୁଁ ଯଦି କହେଁ ବାଲେଶ୍ୱରର ଲୋକେ ଅଥବା ଏହି କଟକର ଲୋକେ ୪୦ ଫୁଟ ଉଚ୍ଚ ତାହାହେଲେ ଆପଣମାନେ ମୋ କଥାରେ କାନ ମୁଦିବେ । କାହାଣୀବର୍ଣ୍ଣିତ ବିଷୟ ସବୁ ଯେତେ ଦୂରବର୍ତ୍ତି-କାଳକୁ ଏବଂ ଯେତେ ଦୂରବର୍ତ୍ତିସ୍ଥାନକୁ ଅପସାରିତ କରାଯାଏ କାହାଣୀର ମର୍ଯ୍ୟାଦା ସେତେ ଅଧିକ ବୃଦ୍ଧି ପାଏ । ଏହି ହେତୁରୁ ରାବଣର ଘର ଲଙ୍କାରେ ଏବଂ ଅସୁରମାନଙ୍କ ପ୍ରଭାବ ସତ୍ୟ ତ୍ରେତା ଦ୍ୱାପର ଯୁଗରେ । ତାହା ହୋଇ ନ ଥିଲେ ରାବଣ ଦଣ୍ଡକାରଣ୍ୟର ଉପକଣ୍ଠରେ ବାସ କରୁଥାନ୍ତା ଏବଂ ଅସୁରମାନେ ଏହି କଳିକାଳର ଲୋକମାନଙ୍କୁ ବ୍ୟସ୍ତ କରୁଥାନ୍ତେ । ପୂର୍ବୋକ୍ତ କାରଣ ବଶତଃ କାହାଣୀମାନଙ୍କରେ ସ୍ୱଦେଶର ଏବଂ ସ୍ୱକାଳର କୌଣସି ଚିହ୍ନ ନ ଥାଏ । ଜ୍ଞାନକୁ କଳ୍ପନାର ଅଙ୍ଗୀଭୂତ କରିବା ବର୍ତ୍ତମାନ-କାଳର ଉଦ୍ୟମ । ଐତିହାସିକ ଉପନ୍ୟାସ ସବୁ ଜ୍ଞାନରାଜ୍ୟରେ କଳ୍ପନାର ପ୍ରାସାଦ ନିର୍ମାଣ କରନ୍ତି । କିନ୍ତୁ ପ୍ରାଚୀନମାନେ କଳ୍ପନାକୁ ଅଜ୍ଞାନର ଅନ୍ଧକାରରେ ଅବତରଣ କରୁଥିଲେ; କାରଣ ତାହାହେଲେ କଳ୍ପନା ଅଧିକ ଉଜ୍ଜ୍ୱଳ ଏବଂ ମନୋହର ଦିଶିବ ।

ଯଦି ଉପରୋକ୍ତ କାରଣବଶତଃ କାହାଣୀର ବୟସ ନିରୂପଣ କରିବା ସହଜ ନୁହେଁ ତଥାପି ଅମ୍ଭେମାନେ ଏତିକି କହିପାରୁଁ କାହାଣୀ ୨୦୦।୪୦୦ ବର୍ଷପୂର୍ବେ ରଚିତ, କାହାଣୀ ଏକାଳର ରଚନା ନୁହେଁ । ଏହି ୪୦୦ ବର୍ଷ ମଧ୍ୟରେ ଉତ୍କଳ ନାନାବିଧ ଦୁର୍ଭାଗ୍ୟ ସହ୍ୟ କରିଅଛି । ଏହି କାଳ ମଧ୍ୟରେ ଭୟଙ୍କର ଯୁଦ୍ଧ, ଭୟଙ୍କର ଦୁର୍ଭିକ୍ଷ ଏବଂ ଅରାଜକତା ଓଡ଼ିଶାକୁ ପ୍ରାଣାନ୍ତ କରିଅଛି । ଏପରି ଶୋଚନୀୟ ଅବସ୍ଥାରେ ଓଡ଼ିଶା ଯେ ସୁମଧୁର କଳ୍ପନା-ସମନ୍ୱିତ କାହାଣୀ ସବୁ ରଚନା କରିଅଛି ଏହା କେବେହେଁ ବିଶ୍ୱାସଯୋଗ୍ୟ ନୁହେଁ । ପେଟ ନ ପୂରିଲେ ଲୋକ ଗୀତ ଗାଏ ନାହିଁ ।

ବାବୁ ଗୋପାଳଚନ୍ଦ୍ର ପ୍ରହରାଜ କାହାଣୀର ଉତ୍ପତ୍ତିସମ୍ବନ୍ଧରେ ଗୋଟିଏ ବିଚିତ୍ର କାରଣ ନିର୍ଦ୍ଦେଶ କରିଅଛନ୍ତି, ତାହା ଏଠାରେ ଉଦ୍ଧୃତ କରାଗଲା । ସେ କହନ୍ତି "କାହାଣୀଗୁଡ଼ିକ ବାଳକ ବାଳିକାମାନଙ୍କ ଉଦ୍ଦେଶ୍ୟରେ ରଚିତ ବା କଳ୍ପିତ ଏଥିରେ ମତଦ୍ୱୈଧ ହୋଇ ନପାରେ"

Digitized by srujanika@gmail.com

(କେଜାଣି !) "କିନ୍ତୁ ଏହା ସର୍ବାଗ୍ରେ ସ୍ୱୀକାର କରିବାକୁ ହେବ ଯେ ବାଳକ ବାଳିକାମାନେ ଏହାର ଉଦ୍ଭାବକ ନୁହନ୍ତି" (ଅଚେ ଅଜନରେ !) ଏହା ପ୍ରାପ୍ତବୟସ୍କ ମାନଙ୍କର କପୋଳ କଳ୍ପିତ।" କିନ୍ତୁ ବିଶେଷତଃ ବୃଦ୍ଧାମାନଙ୍କ ମୁଖରୁ ଏ ଗଳ୍ପମାନ ଶୁଣା ଯାଏ। ପରିଶେଷରେ ସ୍ୱଭାବସୁଲଭ ଚପଳକାର୍ଯ୍ୟମାନଙ୍କରୁ ବାଳକ ବାଳିକାମାନଙ୍କୁ ଭୁଲାଇ ନିଶ୍ଚଳଭାବରେ ରଖାଇବା ଏକାନ୍ତ ଆବଶ୍ୟକ ହୋଇ ଉଠେ ଓ ଅନ୍ତତଃ ଆମ୍ଭମାନଙ୍କ ଦେଶରେ ଏ କାର୍ଯ୍ୟ ବୃଦ୍ଧର ବୃଦ୍ଧାମାନଙ୍କ ଉପରେ ପଡ଼େ। ଅତଏବ ବର୍ଷୀୟସୀମାନେ ଏ କାହାଣୀର ଉଦ୍ଭାବକା ବୋଲି ଆମ୍ଭମାନଙ୍କର ଏକାନ୍ତ ପ୍ରତୀତ ହେଉଅଛି।"

ଗୋପାଳ ବାବୁ ଯେଉଁ ଯୁକ୍ତିବଳରେ ପୂର୍ବୋକ୍ତ ସିଦ୍ଧାନ୍ତରେ ଉପନୀତ ହେଲେ ଅନ୍ୟାନ୍ୟ ଲୋକେ ସମାନ ଯୁକ୍ତିବଳରେ ଅନ୍ୟାନ୍ୟ ସିଦ୍ଧାନ୍ତରେ ଉପନୀତ ହୋଇ ପାରନ୍ତି। କେହି କହି ପାରନ୍ତି ପୁରୁଷମାନେ କାମ ଦାମକୁ ବାହାରି ଗଲେ ସ୍ତ୍ରୀଲୋକମାନେ ନିଷ୍କର୍ମା ହୁଅନ୍ତି ଏବଂ ଅବସରସମୟ ସୁଖରେ ଅତିବାହିତ କରିବା ପାଇଁ ସ୍ତ୍ରୀଲୋକମାନେ ନିଜେ ଏହି କାହାଣୀ ସବୁ ଉଦ୍ଭାବନ କରିଅଛନ୍ତି। ଏହିପରି ସମସ୍ତେ ନିଜର ଜ୍ଞାନ, ରୁଚି ଏବଂ ଇଚ୍ଛା ଅନୁସାରେ କାହାଣୀର ଉତ୍ପତ୍ତି ଗୋଟିଏ ଗୋଟିଏ କାରଣ ନିର୍ଦ୍ଦେଶ କରି ପାରନ୍ତି। କିନ୍ତୁ କେଉଁ ସିଦ୍ଧାନ୍ତ ଠିକ୍ କେଉଁଟି ବା ଭୁଲ ତାହା ବିଚାର କରିବାକୁ ଆମ୍ଭେମାନେ ଅକ୍ଷମ। ଯେହେତୁ ପଶ୍ଚାତ୍‌ପଦ ହୋଇ ସେ ଅର୍ଦ୍ଧ-ଅତୀତ-ତମଃଭେଦ କରିବା ଆମ୍ଭମାନଙ୍କର ସାମର୍ଥ୍ୟର ଅତୀତ।

କିନ୍ତୁ କାର୍ଯ୍ୟ କାରଣ ମଧ୍ୟରେ ଗୋଟିଏ ଘନିଷ୍ଠ ସମ୍ବନ୍ଧ ଅଛି। କାର୍ଯ୍ୟକୁ ବଡ଼ ଦେଖିଲେ କାରଣକୁ ଅବଶ୍ୟ ବଡ଼ ବୋଲି ସ୍ୱୀକାର କରିବାକୁ ହେବ। କାହାଣୀ ସୌନ୍ଦର୍ଯ୍ୟ-କଳାର ଗୋଟିଏ ପ୍ରଧାନ ସୃଷ୍ଟି। କୌଣସି କ୍ଷୁଦ୍ର ବସ୍ତୁ—ଯଥା ପିଲା ଭୁଲାଇବା ଅବା କାଳକଟାଇବା—ଏହାର କାରଣ ହୋଇ ନ ପାରେ। ପୁନଶ୍ଚ ଏହାର କାରଣ କୌଣସି ବାହ୍ୟବସ୍ତୁରେ ସଂଶ୍ଳିଷ୍ଟ ଅଛି ଏହା ମନେ କରିବା ଭୁଲ। ପ୍ରତ୍ୟେକ ଲୋକର ହୃଦୟରେ ପ୍ରତ୍ୟେକ ଲୋକର ଅନ୍ତରତମ ପ୍ରଦେଶରେ ଏହାର କାରଣ ନିହିତ ଅଛି। ପୃଥିବୀର ଆଦିମ କାଳରୁ ମନୁଷ୍ୟ ବୁଝି ଅଛି ଯେ ସୌନ୍ଦର୍ଯ୍ୟସମ୍ଭୋଗରେ ଯେପରି ଚିତ୍ତରଞ୍ଜନ ହୁଏ ଏପରି ଆଉ କୌଣସି ଉପାୟରେ ନୁହେଁ, କିନ୍ତୁ ବାହ୍ୟଜଗତରେ ଏକସ୍ଥାନରେ ଅଧିକ ସୌନ୍ଦର୍ଯ୍ୟ ମିଳେ ନାହିଁ। ବାହ୍ୟଜଗତର ଅଭାବ ଚିତ୍ତ ପୂର୍ତ୍ତି କରିପାରେ। ମନ କଳ୍ପନା ସାହାଯ୍ୟରେ ଦୂରସ୍ଥ ସୌନ୍ଦର୍ଯ୍ୟକୁ ଏକତ୍ର ଏବଂ ଭିନ୍ନ ଭିନ୍ନ ସୌନ୍ଦର୍ଯ୍ୟକୁ ଏକୀଭୂତ କରେ। ଏହି ସୌନ୍ଦର୍ଯ୍ୟ-ପିପାସା କେବଳ ଯେ ଉତ୍କଳ-କାହାଣୀର ମାତା ତାହା ନୁହେଁ, କିନ୍ତୁ ଏହା ସବୁ ଦେଶର କଳ୍ପନା-ସମ୍ଭୂତ ଗାଳଗଳ୍ପ କାବ୍ୟ ପ୍ରଭୃତିର ଜନନୀ। ଏ ସମ୍ବନ୍ଧରେ ଆରବ୍ୟ ଉପନ୍ୟାସ ବୋଲି ପାରସ୍ୟ ଉପନ୍ୟାସ ବୋଲି ସମସ୍ତେ ଆମ୍ଭମାନଙ୍କର କାହାଣୀର ସହୋଦରା ଭଗିନୀ ଏବଂ ସମସ୍ତଙ୍କର ସୌନ୍ଦର୍ଯ୍ୟପିପାସା ହିଁ ଜନନୀ। ବର୍ତ୍ତମାନ ଯୁଗର ନାଟକ ଉପନ୍ୟାସ ପ୍ରଭୃତିର ଯେ ଜନନୀ ସେହି ଯେ ପୁରାକାଳର ଗାଳଗଳ୍ପ ପ୍ରଭୃତିର ମାତା ଏହା ଅନୁମାନ କରିବା କଦାପି ଅସଙ୍ଗତ ନୁହେଁ।

କ୍ରମଶଃ

ଶ୍ରୀ ମୋହନମୋହନ ସେନାପତି।

Digitized by srujanika@gmail.com

ଶବ୍ଦାର୍ଥ-ଚର୍ଚ୍ଚା ।

ଶବ୍ଦ ଓ ଅର୍ଥ କଅଣ ?

କୌଣସି ବିଷୟ ବା ବସ୍ତୁବୋଧକ ଧ୍ୱନି-ବିଶେଷ ହିଁ ଶବ୍ଦ ଏବଂ ତାହା ଉଚ୍ଚାରଣ କଲା ବେଳେ ହୃଦୟରେ ଉଦ୍ଦେଶ୍ୟ ବା ଲକ୍ଷ୍ୟ ବସ୍ତୁର ଯେଉଁ ଅବସ୍ଥିତି ବା ଉଦୟ ହୁଏ, ତାହା ଅର୍ଥ । ଶବ୍ଦ ଓ ଅର୍ଥ ନିତ୍ୟ ସମ୍ବନ୍ଧ ଅର୍ଥାତ୍ ଶବ୍ଦ ସଙ୍ଗେ ସଙ୍ଗେ ଅର୍ଥ ଜଡ଼ିତ ଥାଏ । ଏହି ସମ୍ପର୍କ ହେତୁ ଯେଣୁ କବିକୁଳଗୁରୁ କାଳିଦାସ ଶିବ ଏବଂ ତାଙ୍କ **ଅର୍ଦ୍ଧାଙ୍ଗମଣ୍ଡନା** ପାର୍ବତୀ ଏହି ଯୁଗଳ ସହିତ **ଶବ୍ଦାର୍ଥକୁ** ଉପମିତ କରିଅଛନ୍ତି । କବି ସ୍ୱୀୟଶ୍ରେଷ୍ଠ ମହାକାବ୍ୟ ରଘୁବଂଶର ମଙ୍ଗଳାଚରଣ ସ୍ଥଳରେ ଲେଖିଅଛନ୍ତି—'ବାଗର୍ଥାବିବ ସମ୍ପୃକ୍ତୌ ବାଗର୍ଥ ପ୍ରତିପତ୍ତୟେ ଜଗତଃ ପିତରୌ ବନ୍ଦେ ପାର୍ବତୀ ପରମେଶ୍ୱରୌ ।' ପ୍ରାଚୀନ ପଣ୍ଡିତଗଣ ଶବ୍ଦକୁ ଦୁଇ ଭାଗରେ ବିଭକ୍ତ କରିଅଛନ୍ତି— ସାର୍ଥକ ଏବଂ ନିରର୍ଥକ । ଯଦ୍ୱାରା କୌଣସି ବିଷୟର ଉପଲବ୍ଧି ହୁଏ, ତାହା ସାର୍ଥକ, ଅନ୍ୟଥା ନିରର୍ଥକ; ଯଥା ନାନାକାରଣବଶତଃ ସ୍ୱତଃ କଣ୍ଠୋଦ୍ଭୂତ ଧ୍ୱନି ଏବଂ ପଶୁପକ୍ଷୀଉଚ୍ଚାରିତଶବ୍ଦ । କିନ୍ତୁ ଆଧୁନିକ ବିଜ୍ଞାନତତ୍ତ୍ୱବିତ୍ ପଣ୍ଡିତମାନେ ଉକ୍ତମତ ଖଣ୍ଡନ କରିଅଛନ୍ତି । ସେମାନଙ୍କ ମତରେ ବ୍ୟକ୍ତ ଓ ଅବ୍ୟକ୍ତ ଉଭୟ ଜାତୀୟ ଶବ୍ଦର ଅବଶ୍ୟ କିଛି ଅର୍ଥ ଅଛି । ପଶୁପକ୍ଷୀମାନଙ୍କର ଶବ୍ଦ ନିରର୍ଥକ ନୁହେଁ । ଚେଷ୍ଟାକଲେ ସେମାନଙ୍କ ଭାଷା ବୋଧଗମ୍ୟ ହୋଇ ପାରିବ ।※

ସେ ଯାହାହେଉ—ପ୍ରତ୍ୟେକ ଶବ୍ଦର ଅର୍ଥ-ବୋଧ ନିମିତ୍ତ ଗୋଟିଏ ସଙ୍କେତଜ୍ଞାନ ଥାଏ । ବ୍ୟାକରଣ ଅଭିଧାନ ଆପ୍ତବାକ୍ୟପ୍ରଭୃତି ଉପାୟ ସକଳଦ୍ୱାରା ଆମ୍ଭେମାନେ ଶବ୍ଦର ଅର୍ଥ ଗ୍ରହଣ କରୁଁ । ଗୋଟିଏ ଗୋଟିଏ ଶବ୍ଦର ଅନେକ ବିଭିନ୍ନାର୍ଥ ଅଛି । ସାହଚର୍ଯ୍ୟ ବିଶେଷତା ବ୍ୟବହାର ପ୍ରଭୃତି ସାହାଯ୍ୟରେ ବିଶେଷ ବିଶେଷ ସ୍ଥଳରେ, ପ୍ରଯୁକ୍ତ ଶବ୍ଦର ଉପଯୁକ୍ତ ଅର୍ଥ ଗୃହୀତ ହୁଏ ପ୍ରତ୍ୟେକ ଉପାୟ ଦ୍ୱାରା କିପରି ଅର୍ଥ ବୋଧ ହୁଏ ତାହାର ବ୍ୟାଖ୍ୟା ବା ଦୃଷ୍ଟାନ୍ତ ପ୍ରଦର୍ଶନ ଏ ସ୍ଥଳରେ ଆବଶ୍ୟକ ନୁହେଁ । ଯେପରି ଉପାୟରେ ଅର୍ଥଗ୍ରହ ହେଉ ତାହା ପୂର୍ବରୁ ନିର୍ଦ୍ଧାରିତ; ଅନିଶ୍ଚିତ ନୁହେଁ । ଏଠାରେ ଆମ୍ଭମାନଙ୍କର ବକ୍ତବ୍ୟ ଏହି ଯେ ଭାବବ୍ୟଞ୍ଜନର ସୁବିଧା ନିମିତ୍ତ ଯେତେବେଳେ ଭାଷା ସୃଷ୍ଟି ହେଲା, ସେତେବେଳେ ପ୍ରତ୍ୟେକ ବସ୍ତୁ-ବୋଧ ନିମିତ୍ତ ସଙ୍କେତସ୍ୱରୂପ ଗୋଟିଏ ଗୋଟିଏ ସାର୍ଥକ ଧ୍ୱନି ବା ଶବ୍ଦ ବ୍ୟବହୃତ ହେଲା । ଆଦିମ ପୁରୁଷମାନେ ଯେଉଁ ସ୍ଥଳରେ ଯେପରି ଶବ୍ଦ ବ୍ୟବହାର କରି ଯାଇଅଛନ୍ତି, ସେମାନଙ୍କ ପରବର୍ତ୍ତୀ ବା ଉତ୍ତରାଧିକାରୀମାନେ ତାହାହିଁ ସେହି ସ୍ଥଳରେ ବ୍ୟବହାର କରି ଆସୁଅଛନ୍ତି । 'ଗୋ' କହିଲେ କଅଣ ବୁଝାଯାଏ ? 'ଗୋ' ଏହି ଶବ୍ଦ ଉଚ୍ଚାରଣ କଲାକ୍ଷଣି ଆମ୍ଭେମାନେ ଗଳକମ୍ବଳ ଦୁଇ ଶିଙ୍ଗ ଲାଙ୍ଗୁଳ ପ୍ରଭୃତି ଅଙ୍ଗବିଶିଷ୍ଟ ଚିହ୍ନିତ ସେହି ପଶୁଟିକୁ ବୁଝୁଁ । ସେ ଶବ୍ଦର ଉଚ୍ଚାରଣ ସଙ୍ଗେ ସଙ୍ଗେ ଉକ୍ତ ପଶୁର ରୂପ ଆମ୍ଭମାନଙ୍କର ମାନସ-ପ୍ରତ୍ୟକ୍ଷ ହୁଏ । ଏଠାରେ ସେହି ପଶୁ ସହିତ "ଗୋ" ଶବ୍ଦର ଯେ ଗୋଟାଏ ବିଶେଷ ସମ୍ପର୍କ ଅଛି ତାହା ନୁହେଁ; ବସ୍ତୁତଃ "ଗୋ" ଶବ୍ଦର ସେପରି ବୋଧ ବିଷୟରେ କିଛି ବିଶେଷତ୍ୱ ନାହିଁ । କେବଳ ପ୍ରାଚୀନମାନେ ସେହି ସ୍ଥଳରେ 'ଗୋ' ଶବ୍ଦ ବ୍ୟବହାର କରି ଆସିଅଛନ୍ତି ବୋଲି ଆମ୍ଭେମାନେ ବ୍ୟବହାର କରୁଁ । ମୂଢ଼ଶିଶୁ ଅଜ୍ଞାନାବସ୍ଥାରେ ପ୍ରଥମେ କିପରି ଭାଷା ଶିକ୍ଷା କରେ ? ପିତାମାତାଦ ଆପ୍ତବ୍ୟକ୍ତିମାନେ ଯେଉଁ ବସ୍ତୁର ନାମ ଯାହା କହନ୍ତି, ସେ କେବଳ ତାହା ଅଭ୍ୟାସ କରୁଁ କରୁଁ ସମୟରେ କହିବାକୁ ସମର୍ଥ

※ ଅଧୁନାତନ ଏହିପରି ଚେଷ୍ଟା ମଧ ହେଉଅଛି; ଅନେକ ବିଜ୍ଞାନବିତ୍ ପଣ୍ଡିତ 'ମର୍କଟ-ଭାଷା ଜାଣିବାକୁ ସମର୍ଥ ହୋଇ ଅଛନ୍ତି ।

Digitized by srujanika@gmail.com

ହୁଏ । ପ୍ରଥମେ ବହୁବସ୍ତୁର ନାମ ଜାଣି ପରେ ସୂକ୍ଷ୍ମ ଜଟିଳ ବିଷୟର କଥାସବୁ କ୍ରମଶଃ ଶିକ୍ଷା କରେ । ସେ ଯାହା ହେଉ ଅଭିଧାନକାରମାନେ ଯାହା କହିଯାଇଅଛନ୍ତି, ଅମ୍ଭେମାନେ ତାହା ସ୍ୱୀକାର କରିବାକୁ ବାଧ୍ୟ । ତାହା ସ୍ୱୀକାର ନ କଲେ ଭାଷା-ଜଗତରେ ଘୋର ବିପ୍ଳବ ଉପସ୍ଥିତ ହେବ ଏବଂ ଉପାୟବିହୀନ ହୋଇ ଆମ୍ଭେ ସ୍ୱ ସ୍ୱ ଭାବ ଆଦାନପ୍ରଦାନ କରିପାରିବୁ ନାହିଁ ।

ବର୍ତ୍ତମାନ ଅମ୍ଭେମାନେ ଏହା ବୁଝି ପାରିଲୁଁ ପ୍ରାଚୀନକାଳରେ ଯେଉଁ ଶବ୍ଦର ଯେପରି ଅର୍ଥ ଧରା ଯାଇଅଛି, ତାହାହିଁ ଅମ୍ଭେମାନେ ବ୍ୟବହାର କରୁଅଛୁଁ । ଆମ୍ଭମାନଙ୍କ ଦେଶପ୍ରଚଳିତ ଭାଷା-ଅନ୍ତର୍ଗତ ଅଧିକାଂଶ ଶବ୍ଦସ୍ତୋମର ଅର୍ଥଗୁଡ଼ିକ ପ୍ରାଚୀନ ସଂସ୍କୃତରୁ ଗୃହୀତ । କାରଣ ସଂସ୍କୃତରୁ ତାହାର ଉତ୍ପତ୍ତି । ତେବେ ସଂସ୍କୃତସହିତ ଯେଉଁ ଶବ୍ଦର ଅମେଳ ଦେଖାଯିବ ଅମ୍ଭେମାନେ ସେହି ଅର୍ଥକୁ ବିଶୁଦ୍ଧ ବା ମୌଳିକ ବୋଲି ଗ୍ରହଣ କରିବୁଁ ନାହିଁ । ଏଠାରେ ଅବଶ୍ୟ ଏହା କହିବା ଲକ୍ଷ୍ୟ ନୁହେଁ, ଯାହାର ଅର୍ଥ ପରିବର୍ତ୍ତିତ ହୋଇ ଯାଇଅଛି, ତାହାର ପ୍ରକୃତ ଅର୍ଥ ଗ୍ରହଣ କରିବାକୁ ହେବ । ଏହା ସମ୍ପୂର୍ଣ୍ଣରୂପେ ଅସମ୍ଭବ । ଯାହା ହୋଇ ଯାଇ ଅଛି ତାହା ଉଠାଇବ କିଏ ? ତେବେ ଏହା ଜାଣିବା ଉଚିତ ଯେ ପୂର୍ବେ କଣ ଥିଲା ବର୍ତ୍ତମାନ କଣ ହୋଇଅଛି । ଦେଖାଯାଉ ଭାଷାରେ ସେପରି ଅଛି କି ନାହିଁ ? ଆଲୋଚନା କଲେ ଦେଖାଯିବ ଯେ, ବହୁ କାରଣବଶତଃ ଅନେକ ପ୍ରଚଳିତ ଶବ୍ଦର ଅର୍ଥ ମୂଳଅର୍ଥରୁ ଭିନ୍ନ । ସେଗୁଡ଼ିକ ପ୍ରଦର୍ଶନ କରିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ ।

ଏ ସ୍ଥଳରେ ଅମରସିଂହ ପ୍ରଭୃତି ପ୍ରସିଦ୍ଧ କୋଷକାରଙ୍କ ଧୃତ ଅର୍ଥ ଅବଲମ୍ବନକରି ଶବ୍ଦାର୍ଥ ସମ୍ବନ୍ଧରେ କିଞ୍ଚିତ୍ ଆଲୋଚନା କରାଯିବ— କାରଣ ତତ୍କୃତ 'ଅମରକୋଷ' ଆମ୍ଭମାନଙ୍କ ଦେଶରେ ସୁପ୍ରଚଳିତ । ଉକ୍ତ ଅଭିଧାନରେ କେଉଁ ଶବ୍ଦର କିପରି ଅର୍ଥ ଗୃହୀତ ହୋଇଅଛି, ତାହା ସବୁ ନିମ୍ନରେ ବିବୃତ ହେଉଅଛି ।

୧ । ପ୍ରଥମେ ଗୋଟିଏ ଶବ୍ଦ ନିଅନ୍ତୁ— "ପରିମଳ" ଏହି ଶବ୍ଦକୁ ଅମ୍ଭେମାନେ ସାଧାରଣତଃ ସୁଗନ୍ଧ ଅର୍ଥରେ ବ୍ୟବହାର କରିଥାଉଁ । କିନ୍ତୁ ସଂସ୍କୃତକୋଷରେ ତାହାର ଅର୍ଥ ସେପରି ନୁହେଁ । ଦୁଇଟି ବସ୍ତୁର ଘର୍ଷଣଜନିତ ଗନ୍ଧକୁ 'ପରିମଳ' କହନ୍ତି । କୌଣସି ଲେପନ-ଦ୍ରବ୍ୟ ଦେହରେ ମର୍ଦ୍ଦନକଲେ ତହିଁରୁ ଯେଉଁ ଆମୋଦୀ ଗନ୍ଧ ବାହାରେ ତାହା ପରିମଳ । ଯଥା—'ବିମର୍ଦ୍ଦୋତ୍ଥେ ପରିମଳୋ ଗନ୍ଧେ ଜନମନୋହରେ' ଇଃ—

୨ । ମାତ୍ରା—ମାତ୍ରାର ପ୍ରକୃତ ଅର୍ଥ ଅଳ୍ପପରିମାଣ, ସୂକ୍ଷ୍ମାଂଶ । କିନ୍ତୁ ସାଧାରଣତଃ ତାହା କେବଳ ପରିମାଣ ଅର୍ଥରେ ବ୍ୟବହୃତ ହୁଏ. ଅମରକାର କହିଅଛନ୍ତି—"ସ୍ତ୍ରିୟାଂ ମାତ୍ରା ତ୍ରୁଟୀ ପୁଂସି ଲବଲେଶ କଣାଣବଃ ।"

୩ । ଅବାକ୍—ପ୍ରଚଳିତ ଅର୍ଥ ବାକ୍ଶକ୍ତି-ରହିତ; ଅଭିଧାନରେ ଏହାର ଅର୍ଥ ତାହା ନୁହେଁ —"ଅଧୋମୁଖ" 'ସ୍ୟାଦବାଙଧୋମୁଖଃ' ଇଃ- ଅଧୋମୁଖଭାବରେ ମୂକଭାବ ପରିଚୟ ମିଳେ ବୋଲି କାଳକ୍ରମେ ତାହାର ଅର୍ଥ ବାକ୍ଶକ୍ତିରହିତ ହୋଇଅଛି ।

୪ । ଗୋବର—ଗୋଷ୍ଠଗାମି ଗୋରୁମାନଙ୍କର ଖୁର ଦ୍ୱାରା ଦଳିତ ଶୁଷ୍କଗୋମୟ (ବଲଘଷି)କୁ ଗୋବର କହନ୍ତି । 'ଗୋଷ୍ଠାନ୍ତର୍ଗୋଖୁରକ୍ଷୁଣ୍ଣଶୁଷ୍କ-ଚୂର୍ଣ୍ଣିତଗୋମୟଂ, ଗୋବରଂ ତତ୍ ସମାଖ୍ୟାତଂ ବିଦଗ୍ଧଂ ରସସାଧନେ' ବାଚ୍ୟ—ଅମ୍ଭେମାନେ 'ଗୋବର'କୁ ଏପରି ବିଶେଷ ଅର୍ଥରେ ବ୍ୟବହାର କରୁଁ ନାହିଁ—ଗୋବର କହିଲେ ଗୋମୟ ବା ଗୋବିଷ୍ଠା ବୋଲି ବୁଝୁଁ । କାଳକ୍ରମେ 'ଗୋବର' ଏହି ବିଶେଷ ଅର୍ଥଟି ଉଠିଯାଇ ସାଧାରଣ ହୋଇ ପଡ଼ିଅଛି । ଯେଉଁ ଯେଉଁ କାରଣବଶତଃ ମୂଳ-ଶବ୍ଦ ସମୂହ ଅପଭ୍ରଷ୍ଟ ହୋଇଯାଇଅଛି, ସେହି ସେହି କାରଣରୁ ଅର୍ଥର ମଧ୍ୟ ପରିବର୍ତ୍ତନ ଘଟିଅଛି ଏଥିରେ ସନ୍ଦେହ ନାହିଁ । ପ୍ରାଣିଜଗତ ପରି ଭାଷାର ମଧ୍ୟ କ୍ଷୟ, ବୃଦ୍ଧି ଏବଂ ପରିବର୍ତ୍ତନ ନିୟତ ।

Digitized by srujanika@gmail.com

୫ । ଅଙ୍ଗୁଠି—ଶରୀରର ଅଙ୍ଗ ଗୋଟିଏ ଶବ୍ଦ ହେଉଅଛି—ଅଙ୍ଗୁଠି । ଏହାର ସମ୍ବନ୍ଧ ଏହିଶବ୍ଦଃ ସଂସ୍କୃତର 'ଅଙ୍ଗୁଷ୍ଠ' ଶବ୍ଦରୁ ଆଗତ । ଅଙ୍ଗୁଷ୍ଠ ଓ ଅଙ୍ଗୁଠି ଏ ଦୁଇଗୋଟି ଶବ୍ଦ ମଧ୍ୟରେ ଅକ୍ଷରଗତ ସାଦୃଶ୍ୟ ଥିଲେହେଁ ଅର୍ଥରେ ବୈଷମ୍ୟ ଲକ୍ଷିତ ହୁଏ । ବୃଦ୍ଧାଙ୍ଗୁଳିର ନାମ ଅଙ୍ଗୁଷ୍ଠ । କିନ୍ତୁ 'ଅଙ୍ଗୁଠି' ଶବ୍ଦଃ ସେହି ବିଶେଷ ଅର୍ଥ ପରିବର୍ତ୍ତରେ 'ଅଙ୍ଗୁଳି' ଏହି ସାଧାରଣ ଅର୍ଥରେ ବ୍ୟବହୃତ ହୁଏ ।

୬ । ଘନ= 'ଘନ'କୁ ଆମ୍ଭେମାନେ ଯେପରି (କଠିନ) ଅର୍ଥରେ ବ୍ୟବହାର କରୁଁ ତାହା ସମୀଚୀନ ନୁହେ । ଘନ=ନୀରନ୍ଧ୍ର; "ଘନଂ ନିରନ୍ତରଂ ସାନ୍ଦ୍ରଂ" ଅଃ—

୭ । ବୃହତୀ—ପ୍ରଚଳିତ କଥାରେ କଖାରୁ ବା ଲାଉଜାତୀୟ ଫଳକୁ ବୃହତୀ ନିର୍ଦ୍ଦେଶ କରନ୍ତି, ଯଥାର୍ଥରେ ତାହା ନୁହେ । ବୃହତୀ—ବାର୍ତ୍ତାକୀ ଜାତୀୟ କଣ୍ଟକିତ ଗୁଳ୍ମ ବିଶେଷ (ଭେଣ୍ଡିବାଇଗଣ) ଏହାର ସଂସ୍କୃତ ପର୍ଯ୍ୟାୟ—ବାର୍ତ୍ତାକୀ କ୍ଷୁଦ୍ରଭଣ୍ଟାକୀ ଇତ୍ୟାଦି ।

୮ । ବିମାନ—ଅମରକୋଷରେ ବ୍ୟୋମଯାନର ନାମ ବିମାନ । ଯଥାଃ—'ବ୍ୟୋମଯାନେ ବିମାନୋଽସ୍ତ୍ରୀ' ଅଃ—ବର୍ତ୍ତମାନ ବିମାନ 'ବ୍ୟୋମଯାନ' ଏହି ବିଶେଷ ଅର୍ଥରେ ବ୍ୟବହୃତ ନ ହୋଇ ସାଧାରଣଯାନ ଅର୍ଥରେ ବ୍ୟବହୃତ ହୁଏ ।

୯ । ତମିସ୍ରା—ନିବିଡ଼ ଅନ୍ଧକାରକୁ ଆମ୍ଭେମାନେ ତମିସ୍ରା କହୁଁ । ଅମରକୋଷରେ ଏହାର ଅର୍ଥ ସେପରି ନୁହେ । ଅନ୍ଧକାରମୟ ରଜନୀକୁ ତମିସ୍ରା ବୋଲାଯାଏ—"ତମିସ୍ରା ତାମସୀ ରାତ୍ରିଃ" ଅଃ—

୧୦ । କୈବଲ୍ୟ—'ମୁକ୍ତିଃ କୈବଲ୍ୟନିର୍ବାଣଂ ଶ୍ରେୟୋ ନିଃଶ୍ରେୟସାମୃତଂ' ଅଃ—କୈବଲ୍ୟ=ମୁକ୍ତି; ସାଧାରଣତଃ 'ନିର୍ମାଲ୍ୟ'କୁ 'କୈବଲ୍ୟ' କୁହାଯାଏ । ବୋଧହୁଏ ନିର୍ମାଲ୍ୟଦ୍ୱାରା ମୁକ୍ତି ହୁଏ ବୋଲି ମୁକ୍ତିମୂଳ ସେହି ଦ୍ରବ୍ୟ କାଳକ୍ରମେ ମୁକ୍ତ୍ୟର୍ଥକ 'କୈବଲ୍ୟ' ଆଖ୍ୟାରେ ଆଖ୍ୟାତ ହୋଇଅଛି ।

୧୧ । ଉର୍ବରା—ଯେଉଁ ଭୂମିରେ ସବୁ ପ୍ରକାର ଶସ୍ୟ ଉତ୍ପନ୍ନ ହୁଏ ତାହାକୁ ଉର୍ବରା କହନ୍ତି । ଯଥା 'ଉର୍ବରା ସର୍ବଶସ୍ୟାଢ୍ୟା' ଅଃ—

୧୨ । ହଠ ବା ହଠାତ୍—ଏହାର ଅର୍ଥ ବଳାତ୍କାର । 'ପ୍ରସଭନ୍ତୁ ବଳାତ୍କାରୋ ହଠଃ' ଅଃ— କିନ୍ତୁ ସାଧାରଣତଃ ତାହା 'ଅକସ୍ମାତ୍' ଦୈବାତ୍ ଏପରି ଅର୍ଥରେ ବ୍ୟବହୃତ ହୁଏ ।

୧୩ । ଶୃଙ୍ଖଳ—ଶୃଙ୍ଖଳ କହିଲେ ଆମ୍ଭେମାନେ ଯେ କୌଣସି ଶିକୁଳି ବୁଝୁଁ । କିନ୍ତୁ ଅମରକୋଷ ତାହା କହୁ ନାହିଁ—'କ୍ଲୀବେ ସାରସନଂ ଚାଥ ପୁଂସ୍କଟ୍ୟାଂ ଶୃଙ୍ଖଳଂ ତ୍ରିଷୁ' ଅଃ—ଅର୍ଥାତ୍ ପୁରୁଷ କଟିସୂତ୍ରର ନାମ ଶୃଙ୍ଖଳ ।

୧୪ । ହର୍ମ୍ମ୍ୟ, ପ୍ରାସାଦ—ଧନୀଲୋକମାନଙ୍କ ବାସକୁ ହର୍ମ୍ମ୍ୟ ଏବଂ ଦେବତା ବା ରାଜାଙ୍କର ମନ୍ଦିର ବା ଆଳୟକୁ ପ୍ରାସାଦ କହନ୍ତି । 'ହର୍ମ୍ମ୍ୟାଦି ଧନିନାଂ ବାସଃ ପ୍ରାସାଦୋ ଦେବଭୂଭୁଜାମ୍' ଅଃ—

କ୍ରମଶଃ

ଶ୍ରୀ ମୃତ୍ୟୁଞ୍ଜୟ ରଥ ।

କ୍ଷୁଦ୍ର କ୍ଷୁଦ୍ର କବିତା ।

ନବବର୍ଷେ ।

୧

ଗଣ୍ଠି ଗଣ୍ଠି ପୁଣି ବର୍ଷେ କାଳ-ପାରାବାରେ
ନୀରବେ ଉଭେଇ ଗଲା ବୁଦ୍‌ବୁଦ-ଆକାରେ ।
ଅଙ୍କିତେ ଜୀବନ-ସ୍ରୋତେ ଅସ୍ପଷ୍ଟ ଛବି,
ଚମକ ପଡ଼ିଲ ଆଜି ବର୍ଷଶେଷେ ଆସି ।
ଆଜି ମନେ ପଡ଼େ ମୋର ବିଗତ ବତ୍ସର,
ତା ସଙ୍ଗେ ଅତୀତଗର୍ଭେ ଯୁଗ ଯୁଗାନ୍ତର ।
ଶୁଭେ ଦୂର ପଶ୍ଚାତରେ ବିଷାଦ-ସଙ୍ଗୀତ,
ଆର୍ତ୍ତ ହାହାକାର ମର୍ମ୍ମ ହୁଅଇ ଜଡ଼ିତ ।
ଅତୀତବକ୍ଷରେ ଦିଶେ ଭଗ୍ନ ସ୍ତୂପରାଜି,
ବ୍ୟର୍ଥ-ଆଶା ପ୍ରାଣେ ତୀବ୍ର କ୍ଳେଶ ଦିଏ ଆଜି ।
ମଳିନ ହିମାଂଶୁ କାନ୍ଦେ ପଶ୍ଚିମାଶା-ତଟେ,
ଅଙ୍କିତ ଅତୀତ ମୃତ ଚିତ୍ର ସ୍ମୃତି-ପଟେ ।
କିନ୍ତୁ ସମ୍ମୁଖରେ ଚାରୁ ନବ ଉଦ୍ଭାସିତ
ପ୍ରାଚୀକୋଳେ ବାଳ-ଭାନୁ-ଉଦ୍ଦାମେ ଉଦିତ !

Digitized by srujanika@gmail.com

୨

ମିଷ୍ଟ ବ୍ରୀଡ଼ାବନତନେତ୍ରେ ମୁଗ୍ଧା ଦେବବାଳା
ଲମ୍ବାଇ ପ୍ରଣୟିଗଳେ ବରଣର ମାଳା
ନବୀନ ଦାମ୍ପତ୍ୟ-ଗେହେ ନବୀନ ଜୀବନ—
ନବ ପରିବାର-ଅଙ୍କେ କରେ ଆୟୋଜନ !
ଦେଖିଣ ଏ ମଧୁ ମେଳ ମୋହିତ ମୋ ମନ,
ପୂର୍ବ ଘୋର ବହ୍ନିତର ନୀରେ ନିମଗନ ।
ଦେଖିଲି କବାଟୋଦ୍ଘାଟେ ସର୍ବ ସଖୀଗଣ,
ଉତ୍କଳେ କ ଦେଖି ମୁଗ୍ଧ ହେଲା ପୁଣି ମନ ।
ପୁଚ୍ଛିଲି ପଥିକ-କରେ ନିହାର ଭାଇ,
"ଉତ୍ସବେ ଉତ୍କଳ-ମାତା କିପାଁ ଅଛି କାହିଁ ।"
ବୋଇଲେ "ଉତ୍କଳ ହୋଇଅଛି ଅଙ୍ଗହୀନା,
"ଗଞ୍ଜାମ-ସମ୍ବଲପୁର-ଖଣ୍ଡିରୁ ବଞ୍ଚିତା ।"
କହ ଗଲି କଏ ଅଛି ଏ ମର୍ତ୍ତ୍ୟ-ମଣ୍ଡଳେ,
ପୂର୍ଣ୍ଣାଙ୍ଗ କରିବ ବଳ ଦେବ ମା ଉତ୍କଳେ ?

ଶ୍ରୀ ନନ୍ଦକିଶୋର ବଳ ।

ଲତିକା ।

ମଧ୍ୟାହ୍ନ ତପନତାପେ ତାପିତ ଧରଣୀ
ବିଶୁଷ୍କ ଲତିକା,
କାହାରେ କାକର ଅବା ଅଶ୍ରୁ ବର୍ଷିଣା
ମହାବେଦୀପିତା !
ଭୂତଳେ ଲୋଟଇ ତରୁ ଲୋଟଇ ଲତିକା
ଛିନ୍ନ ତରୁତଳେ,
ବିଶାଳ ଜଗତବକ୍ଷେ ସେ ଅଛି ଏକାକୀ
ଯେ ପଡ଼ା ସେ ଦଳେ ।
ଛିନ୍ନ ତରୁ ପାଦ ଚୁମ୍ବି ଭାବଇ ଲତିକା
ଭୂମି ବିଲୁଣ୍ଠିତା,—
ତରୁର ଅଶ୍ରୁ ଭିନ୍ନ ରହିବ କେମନ୍ତ
ବକ୍ଷେ କ୍ଲାନ୍ତିତା ।
ଭୁଲି ସ୍ୱାର୍ଥ ମୋହ ମାୟା ଲୁଣ୍ଠଣ ନିଜସ୍ୱ
ଧରଣୀବକ୍ଷରେ,
ଲୋଟୁଛି ଲତିକା ସହି ଖର ରବି-ତେଜ
ମହାଶୋକଭରେ ।
ତରୁ ସ୍ନିଗ୍ଧ ଛାୟାଭାବେ ଦେହଟି ମଳିନ
ସୁନ୍ଦର ଶରୀର ।
ନ ଫୁଟଇ ପୁଷ୍ପ ଫଳ ନ ଶୋଭଇ ଆଉ
ଲତାକଳେବର ।
ବରଷିଲେ ଶାନ୍ତିବାରି ପ୍ରାବୃଟ ଆକାରେ
ଶାନ୍ତିଦାତା ହର,
ଲତିକାର ଦଗ୍ଧବକ୍ଷ ହେବ ପୁଣି ଭଲ
ଶୀତଳେ ସଞ୍ଚର ।
ନବୀନ ଜୀବନ ଲଭି ନବୀନ ଆନନ୍ଦେ
ନିକୁଞ୍ଚିତ ପ୍ରାଣ,
ଅନନ୍ତେ ଅନନ୍ତମୟେ ସ୍ତୁତି କରଇ
ଭକ୍ତିଲତା ଦାନ ।

ଶ୍ରୀମତୀ ରେବା ରାୟ ।

ଲୀଳାବତୀ ।

ନ ହୁଅଇ ବ୍ୟର୍ଥ କେବେ ବିଧିର ବିଧାନ
ଭୁଞ୍ଜିଲେ ତେଣୁ ଦୁଃସହ ବୈଧବ୍ୟ-ବେଦନା
ଭାସ୍କରାଚାର୍ଯ୍ୟ-ହୃଦୟ-ନନ୍ଦନୀ, ସୁମନା
କୌମାର୍ଯ୍ୟେ ଦେଖିଲେ ଅଗ୍ରେ ସ୍ୱାମୀର ଶ୍ମଶାନ ।
ଧନ୍ୟ ଧନ୍ୟ ଲୀଳାବତି ! ଧନ୍ୟ ପିତା ତବ
ଦେଖାଇଲେ ସେ ସମୟେ ଯେ, ଶିବ ପ୍ରୟାଣ
ଅବଲମ୍ବି ସେହି ପଥ ଭବେ ସୁପ୍ରସ୍ତୁତ
ରହନ୍ତୁ ତୁମ୍ଭର, ଲଭି ସର୍ବ ଅକଲ୍ୟାଣ ।
କାହିଁ ତୁମ୍ଭପରି ଜଣେ ବିଦୁଷୀ ରମଣୀ
ଯୌବନେ ସାଧିଛ ତୁମ୍ଭେ ଅସାଧ୍ୟ ସାଧନା
ରଚିଲ ଗଣିତଶାସ୍ତ୍ର କରଣ ଗଣନା
ତେଣୁ କାଳ-ଲୀଳାଙ୍କରେ ଲୀଳାବତୀ ଧନି !
ହୋଇଅଛ ମନସ୍ୱିନି ! ମେଧା-ପରିଚୟ
ଶାସ୍ତ୍ରେ, ତବ ନାମ ହେଉ ଅମର ଅକ୍ଷୟ ।

ଶ୍ରୀ ମ;——

ଈଶ୍ୱର ।*

ପ୍ରଭୁ ଦୀନବନ୍ଧୁ   ଦୁଃଖି-ଦୁଃଖ ହର
ଧନ୍ୟ ମହିମା ତୁମ୍ଭର,
ଦୁଷ୍କୃତନିବାରଣ-   ଶିଷ୍ଟ ବିନୋଦନ-
ବାନା ଉଡ଼େ ନିରନ୍ତର । ୧ ।

* ଏହି ପଦ୍ୟଟି ପରଲୋକଗତ ଈଶ୍ୱର ରଚନା । ଲେଖକଙ୍କର ଜନୈକ ଆତ୍ମୀୟ ଉତ୍କଳ-ସାହିତ୍ୟରେ ପ୍ରକାଶ କରିବା ନିମିତ୍ତ ଆମ୍ଭମାନଙ୍କ ନିକଟକୁ ପଠାଇ ଦେଇଅଛନ୍ତି । ଉ: ସା: ସ:

Digitized by srujanika@gmail.com

ତୁମ୍ଭ ସ୍ନେହର ଜୀବଜନ୍ତୁଗଣ
ବାସ କରନ୍ତି ସଂସାରେ,
ମାୟାମୋହେ ନିତି ଯାଉଛନ୍ତି ପଡ଼ି
ରଖ ଯତ୍ନସହକାରେ । ୨ ।

ସଂସାରର ମାୟା କିଏ ସେ ବୁଝିବ
ନାହିଁ ତାର ଡାଳ ମୂଳ,
ଜଗତର ମାୟା ଖାଇ ଖାଇ ମୁହିଁ
ପାଉ ନାହିଁ ଥଳ କୂଳ । ୩ ।

ସଂସାର ଅଟଇ ମିଛ ମାୟା-ଖେଳ
ସକଳ ହିଁ ଟି ଅସ୍ଥିର,
ପିତା-ମାତା ଭ୍ରାତା- ଭଗିନୀ ସମ୍ବନ୍ଧ
ଅଟଇ ମିଥ୍ୟା ଅଟେ । ୪ ।

ଯେତେ ପଶୁ ପକ୍ଷୀ ଯେତେକ ଫଳ ପୁଷ୍ପ
ସକଳେ ଲଭନ୍ତି ଶେଷ,
ଧୂଳିର ଶରୀର ଧୂଳି ସଙ୍ଗେ ମିଶେ
କେହିହିଁ ନ ରହେ ଲେଶ । ୫ ।

ଅଧମ ମାନବ ଜାଣି ଶୁଣି ଦେଖି
ନ ଫେଡ଼େ ନେତ୍ର ଲୋଚନ,
କିପାଁ ଏତେ ଗର୍ବ କିପାଁ ଅହଂକାର
କିପାଁ ଏତେ ଅଭିମାନ । ୬ ।

ସମସ୍ତ ଅସାର ହରିନାମ ସାର
କରୁ ନାହିଁ ଜପାମାଳା।
ଏହି ନାମ ଗୋଟି ଶାସ୍ତ୍ରରେ ରକ୍ଷିବ
ହରିବ ସଂସାର ଜ୍ୱାଳା । ୭ ।

ପ୍ରଭୁ ହେ ତୁମ୍ଭର ଅପାର ମହିମା
ଛାର ନର କି ବୁଝିବ,
କାମ କ୍ରୋଧ ଆଦି ଷଡ଼ରିପୁଗଣେ
ସବେ କି ତ୍ୟାଗ କରିବ । ୮ ।

ଏମାନଙ୍କୁ ଯଦି କରିବଇଁ ବଶ
ଭୁଞ୍ଜିବଇଁ ନିତ୍ୟ ଶାନ୍ତି ।
ଅପାର ଦୁଃଖରେ ଭସାଉଛି ସିନା
ସଂସାର-ବନ୍ଧନ ଭ୍ରାନ୍ତି । ୯ ।

ସକଳ ସ୍ଥାନରେ ସକଳ ପ୍ରାଣରେ
ପୂରିଅଛ ଅହେ ! ହରି,
ସକଳ ପ୍ରାଣୀଙ୍କ କିପାଁ ହରନାହିଁ
ସମସ୍ତଙ୍କେ ଅଧିକାରୀ । ୧୦ ।

ତୁମ୍ଭେ ତ ସକଳ ଜୀବ ସୃଜିଅଛ,
ସାନ ବଡ଼ ନାହିଁ ପାଇଁ,
ଏକର ଜୀବନ ଅପର ନାଶୁଛି,
ସହୁଛ ଏହା କିପାଇଁ ? । ୧୧ ।

ଦିଅ ମହା ପ୍ରଭୁ ହୃଦୟେ ମୋହର
ଦିଅ ଅଟଳ ଭକତି,
ତାର ତାର ପ୍ରଭୁ ଏ ଭବସାଗରୁ
ଆଉ ଦେଉଣ ସୁମତି । ୧୨ ।

ତୁମ୍ଭ ବିନା ପ୍ରଭୁ ଅନ୍ୟ କେହି ନାହିଁ
ତୋଡ଼ିବାକୁ ମୋର ବନ୍ଧ,
ପିତା ମାତା ଆଦି କେହି ହେବେ କି କ୍ଷମ
ତାରିବାକୁ ଭବସିନ୍ଧୁ । ୧୩ ।

ପିତା ମାତା ଭଗ୍ନୀ- ଭାଇ ବନ୍ଧୁ ବୋଲି
କଷ୍ଟେ ଲଭିବେ ବଳୟ,
ଚନ୍ଦ୍ର ଦେଖୁଅଛି ସକଳ ଜୀବର
ତୁମ୍ଭେ ହୋଇବ ଆଶ୍ରୟ । ୧୪ ।

ଭକ୍ତ ଏ ଅଜ୍ଞାନ ଦୀନ ବାଳକର
ତବ ପାଦ-ପଦ୍ମେ ମତି,
ଦେଇ ସ୍ୱର୍ଗଶାନ୍ତି ଅଟଳ ଭକତି
ତାର ତାର ହେ ଶ୍ରୀପତି । ୧୫ ।

ଏତିକ ମୋହର ଅଟଇ ପ୍ରାର୍ଥନା
ଏ ପାପ ସଂସାରୁ ମତେ,
ଅନ୍ତରେ କେଉଣ ଅନନ୍ତ ଶଦ୍ଧେନ
ରଖ ତୋର ପାଦତଳେ । ୧୬ ।

କେହି ନୁହେ କାର ମିଛ ମାୟା ସାର
ଜାଣିଲି ଜାଣିଲି ପ୍ରଭୁ,
ଛାଡ଼ିବେ ପ୍ରାଣ କିପାଁ ରହିବା ଉଚିତ
ଅପାର ଅନାଦ୍ୟ ସବୁ । ୧୭ ।

ଅସାର ସଂସାରେ ବଞ୍ଚିବାକୁ ଆଉ
ନାହିଁ ମୋହର ବାସନା,
ସେହି ନିତ୍ୟ ଧାମ ପୁଣ୍ୟ ନିକେତନ
ନିତ୍ୟ କରଇ କାମନା । ୧୮ ।

ଶ୍ରୀବାଞ୍ଛାନିଧି କର ।

Digitized by srujanika@gmail.com

ନୂତନ ଆୟୋଜନ ।

ସର୍ବସାଧାରଣଙ୍କ ଅବଗତ ନିମିତ୍ତ ପ୍ରକାଶ କରୁଅଛୁଁ ଯେ ଅମ୍ଭେ ସନ ୧୮୯୬ ମସିହାରୁ ଏହି ସହରର ବାଲୁବଜାରରେ ଡାକ୍ତରୀ ଔଷଧାଳୟ ସ୍ଥାପନ କରି ସୁଖ୍ୟାତି ସହିତ ନିଜସ୍ୱ ବ୍ୟବସାୟ ଚଳାଇ ଆସୁଅଛୁଁ । ଆମ୍ଭ ଔଷଧାଳୟରେ ସର୍ବଦା ନୂତନ ଔଷଧ ଓ ଡାକ୍ତରୀ ଅସ୍ତ୍ର ବିକ୍ରୟାର୍ଥେ ପ୍ରସ୍ତୁତ ଥାଏ, ଅଥଚ ଅମ୍ଭେ ସେ ସମସ୍ତ ଆଶାନୁରୂପ ସୁଲଭ ମୂଲ୍ୟରେ ବିକ୍ରୟ କରିଥାଉଁ । ଯେଉଁମାନେ ଆମ୍ଭ ସହିତ କାରବାର କରିଅଛନ୍ତି ଓ କରୁଅଛନ୍ତି, ସେମାନେ ଆମ୍ଭର ବ୍ୟବହାର କଥା ଉତ୍ତମରୂପେ ଜାଣନ୍ତି । ବୃଥା ବାଗାଡମ୍ବରରେ କିଛି ପ୍ରୟୋଜନ ନାହିଁ ।

ସମ୍ପ୍ରତି ଆମ୍ଭର ହିତାକାଂକ୍ଷୀ କେତେକ ଭଦ୍ରବ୍ୟକ୍ତିଙ୍କ ଅନୁରୋଧରେ ସର୍ବସାଧାରଣଙ୍କୁ ସୁଲଭ ମୂଲ୍ୟରେ ଖାଣ୍ଟି ନୂତନ ଔଷଧ ପ୍ରଚୁର ପରିମାଣରେ ଯୋଗାଇବା ଅଭିପ୍ରାୟରେ ବ୍ୟବସାୟର ପ୍ରସାର ବଢ଼ାଇ ଅଛୁଁ । ପୂର୍ବାପେକ୍ଷା ଅଧିକ ପରିମାଣରେ ସର୍ବପ୍ରକାର ପ୍ରୟୋଜନୀୟ ଔଷଧ ଓ ଡାକ୍ତରୀ ଅସ୍ତ୍ର ସର୍ବଦା ପ୍ରସ୍ତୁତ ରଖିବାର ବିହିତ ବନ୍ଦୋବସ୍ତ କରିଅଛୁଁ । ଆମ୍ଭ ସହିତ କାରବାର କଲେ କେହି କୌଣସି ପ୍ରକାରେ ପ୍ରତାରିତ ହେବେ ନାହିଁ । ଅମ୍ଭେ ଅନ୍ୟ ବ୍ୟକ୍ତିଠାରେ ଭାର ଦେଇ ନିଶ୍ଚିନ୍ତ ନ ରହି ନିଜେ ସମସ୍ତ ବିଷୟ ପୁଂଖାନୁପୁଂଖରୂପେ ଦେଖି ବ୍ୟବସ୍ଥା କରିଥାଉଁ । ଇଚ୍ଛା କଲେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କଠାରୁ ପ୍ରଶଂସାପତ୍ର ସଂଗ୍ରହ କରି ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶ କରିପାରୁଁ । କିନ୍ତୁ ସେଥିରେ ଫଳ କଣ ? କାର୍ଯ୍ୟ କାଳରେ ଭଲ ମନ୍ଦ ସବୁ ଆପେ ପ୍ରକାଶ ପାଏ । ଅମ୍ଭେ ଆଉ ଅଧିକ କିଛି ନ କହି ସର୍ବସାଧାରଙ୍କୁ ପ୍ରାର୍ଥନା କରୁଅଛୁଁ, ନିଜେ ନିଜେ ପରୀକ୍ଷା କରି ସତ୍ୟ ମିଥ୍ୟା ନିର୍ଣ୍ଣୟ କରନ୍ତୁ ।

ମଫସଲବାସିମାନଙ୍କଠାରୁ ଅମ୍ଭେ ଭି: ପି: ପାର୍ଶେଲରେ ଔଷଧାଦି ପଠାଇ ଥାଉଁ । ମାତ୍ର ଅପରିଚିତ ସ୍ଥଳମାନଙ୍କରୁ ଚତୁର୍ଥାଂଶ ମୂଲ୍ୟ ଅଗ୍ରିମ ନ ପାଇଲେ ପଠାଇବାର ନିୟମ ନାହିଁ ।

ଶ୍ରୀ ଜଗେନ୍ଦ୍ରନାଥ ଘୋଷ, ଡି, ଏଲ୍, ଏମ୍, ଏସ୍.
ସ୍ୱତ୍ୱାଧିକାରୀ
ଘୋଷ ଏଣ୍ଡ ବ୍ରଦର୍ସ ମେଡିକାଲ୍ ହଲ୍, ବାଲୁବଜାର,
କଟକ ।

Digitized by srujanika@gmail.com

ସାହାଯ୍ୟ ପ୍ରାପ୍ତି ।

କୃତଜ୍ଞତା ସହକାରେ ପ୍ରକାଶ କରୁଅଛୁ ଯେ ବର୍ତ୍ତମାନର ନୟଗଡ଼ ମହାରାଜ ଏବଂ ମଧ୍ୟପ୍ରଦେଶାନ୍ତର୍ଗତ ଖାଇରାଗଡ଼ର ରାଜା ମହୋଦୟମାନେ ପ୍ରତ୍ୟେକେ "ଉତ୍କଳସାହିତ୍ୟ" ଏବଂ ତତ୍ ସଂଲଗ୍ନ ପ୍ରେସ ନିମନ୍ତେ ଟ ୫୦ ଙ୍କା ଲେଖାଏଁ ଦାନ କରିଅଛନ୍ତି ।

ନିବେଦନ ।

ବର୍ଷକରେ ପୋଥି ଯାହା ସମ୍ପାଦକ "ଅମ୍ଳକଥା" ଗାଇଥିଲେ । କାର୍ଯ୍ୟାଧ୍ୟକ୍ଷ ନିଜଙ୍କ ବୁଦ୍ଧି ସାଗରରେ ଥରେ ଲେଖାଏଁ ଆପଣାର ପୋଥି ଗାଇବାକୁ ଚହୁଁନ୍ତି । ଗତ ପାଞ୍ଚ ବର୍ଷରେ ଏହାଙ୍କୁ ଯାହା ଯାହା ଗାଇଥିଲ ଯହିଁରେ କାର୍ଯ୍ୟାଧ୍ୟକ୍ଷ ଆପଣାର "ନିବେଦନ", "ଗୁହାରୀ" ବା "ବିଜ୍ଞାପନ" ଗ୍ରାହକ ମହୋଦୟମାନଙ୍କ ସମ୍ମୁଖରେ ଉପସ୍ଥିତ ହୋଇନ ଥିବେ । ମାତ୍ର ଏବେ ଭାବୁଛନ୍ତି ପୂର୍ବ "ନିବେଦନ" ବା "ଗୁହାରୀ"ଗୁଡ଼ିକର ଫଳ ଯେ କେତେକ ନିରାଶାଜନକ ତାହା ଅନ୍ୟ ବିଶେଷ ପରିଚୟ ଦେବାକୁ ହେବ ନାହିଁ । ପ୍ରତି ମାସର କାଗଜ ବାହାର କରି ମୂଲ୍ୟ ପ୍ରାପ୍ତି ସ୍ତମ୍ଭ ପ୍ରତି ଦୃଷ୍ଟିପାତ କଲେ ସବୁ ଜଣା ପଡ଼ିବ । ତଥାପି ଯେ ପାଞ୍ଚ ବର୍ଷ ଧରି "ଉତ୍କଳ ସାହିତ୍ୟ" ଜୀବିତ ରହିଅଛି ତାହା କେବଳ ଈଶ୍ୱରଙ୍କ ଅପାର କୃପା ଏବଂ କତିପୟ ସହୃଦୟ ଗ୍ରାହକ, ପାଠକ ଓ ଲେଖକମାନଙ୍କ ବିଶେଷ ଅନୁଗ୍ରହ ହେତୁରୁ । ପୁଣି ଷଷ୍ଠ ବର୍ଷ ସମ୍ମୁଖରେ ଉପସ୍ଥିତ । ଆଶା ଯେ ବର୍ଷଟି ଦେଶସେବାରେ କଟାଇବୁ ବୋଲି ସ୍ଥିର କରିଥାନ୍ତୁ । ଜୀବ "ଉତ୍କଳ-ସାହିତ୍ୟ"ର ବ୍ୟୟ ଓ ଋଣବୃଦ୍ଧି ହେଉଅଛି । ମେନିସିପାଲିଟୀ ଟିକସର ପରିମାଣ ଆଶାନୁରୂପ ବୃଦ୍ଧି ନ ହେଉଅଛି । ଗ୍ରାହକ ମହୋଦୟମାନଙ୍କ ନିକଟରେ ସମ୍ପାଦକ ବା କାର୍ଯ୍ୟାଧ୍ୟକ୍ଷ "ପୁଅ ମାସ" ଗାଇବାକୁ ଇଚ୍ଛୁକ ନୁହନ୍ତି । କୌଣସି ପ୍ରକାରେ "ଉତ୍କଳ ସାହିତ୍ୟ"କୁ ଜୀବିତ ରଖି ଦେଶସେବାରେ ନିଯୁକ୍ତ କରିବା ହିଁ ସେମାନଙ୍କ ପ୍ରାଣର ଆନ୍ତରିକ ଆକାଂକ୍ଷା, ଗ୍ରାହକ ମହୋଦୟମାନେ କୃପାକଲେ ଅମ୍ଭମାନଙ୍କର ଆକାଂକ୍ଷା ପୂର୍ଣ୍ଣ ହେବାକୁ ବିଳମ୍ବ ହେବ ନାହିଁ ।

ମୂଲ୍ୟପ୍ରାପ୍ତି ।

(୧ । ୪ । ୦୨ ଠାରୁ ୮ । ୫ । ୦୨ ପର୍ଯ୍ୟନ୍ତ)

୧୯୦୧ ।

ଶ୍ରୀଯୁକ୍ତ ଅବଧୂତ ଘୋଷାଳ	କଟକ	ଟ ୧୲
" ଯଶୋଚନ୍ଦ୍ର ସାହୁ	"	ଟ ୧୲
" ବାମଦେବ ନନ୍ଦ	"	ଟ ୬୲
" ମଦନମୋହନ ପଟ୍ଟନାୟକ	"	ଟ ୬୲
" ପଦ୍ମନାଭ ଶତପଥୀ	"	ଟ ୬୲
" ଯୁବରାଜସାହେବ ଢେଙ୍କାନାଳ	"	ଟ ୪୲
" ଅମରନାଥ ମୁଖର୍ଜି	"	ଟ ୦୲୵
" ନିତ୍ୟାନନ୍ଦ ଦାସ	ଅଙ୍ଗାରପୁର	ଟ ୦୲୵
" ଅକ୍ଷୟଚନ୍ଦ୍ର ଦାସ	ବାଲୁଗଡ଼	ଟ ୬୲
" ଶ୍ରୀବତ୍ସ ପଣ୍ଡା	ଗଞ୍ଜାମ	ଟ ୬୲
" ରାମଚନ୍ଦ୍ର ମିଶ୍ର	ରୂପନାରାୟଣପୁର	ଟ ୧୲
" ଅନ୍ନଦାପ୍ରସାଦ ରାୟ	କଟକ	ଟ ୬୲
" ପାର୍ବତୀଶ୍ୱର ମହାନ୍ତି	"	ଟ ୧୲
ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପାଣିଗ୍ରାହୀ	କଟକ	ଟ ୧୲
" କଲ୍ୟାଣକର ଜେନା	ଭଦ୍ରକ	ଟ ୬୲
" ଅକ୍ଷୟଚନ୍ଦ୍ର ରାୟ	ଢେଙ୍କାନାଳ	ଟ ୬୲
" ନାରାୟଣ ମିଶ୍ର	ବାଲେଶ୍ୱର	ଟ ୩୲

ଷଷ୍ଠବର୍ଷ ନିମିତ୍ତ ଅଗ୍ରିମ ।

ଶ୍ରୀଯୁକ୍ତ ବାଣେଶ୍ୱର ଦାସ	କଟକ	ଟ ୧୲
" ରାଜବାହାଦୁର ସୂର୍ଯ୍ୟନାରାୟଣ ଦଣ୍ଡସେନ	ପାରଳାଖେମୁଣ୍ଡି	ଟ ୪୲
" ରାଜା ସାହେବ ଧରକୋଟ	ଧରକୋଟ	ଟ ୪୲
" ରାଜା ସାହେବ ରେଢ଼ାଖୋଲ	ରେଢ଼ାଖୋଲ	ଟ ୮୲
" ମାଧବ ମହାନ୍ତି	ସମ୍ବଲପୁର	ଟ ୧୲
" ଗୁରୁପ୍ରସାଦ ପାଣିଗ୍ରାହୀ	ବାଲେଶ୍ୱର	ଟ ୩୲
ଜି: ସ୍କୁଲ ୬ଷ୍ଠ ଶ୍ରେଣୀ ଛାତ୍ରବୃନ୍ଦ	କଟକ	ଟ ୧୲

Digitized by srujanika@gmail.com

ସୁଲଭ ଭଣ୍ଡାର ।

ଦଦ୍ରୁ ! [illegible] ! ଘୋରରୋଗ ! [illegible] !

କଳକତ୍ତାରୁ ଦେଖ ।

[illegible] ବ୍ୟବହାର କଲେ [illegible] ଦୂର ହୁଏ । ମୂଲ୍ୟ ପ୍ରତି [illegible]

[illegible] ତେଲ (Pain healer)

[illegible] କୌଣସି ସ୍ଥାନରେ [illegible] ଦେଲେ ଏ ତେଲ [illegible] ହୁଏ । ମୂଲ୍ୟ ପ୍ରତି ଶିଶି ଟଙ୍କା।/

[illegible] ଯାଦୁର [illegible]

[illegible]

[illegible] ବ୍ୟବହାରରେ [illegible] ଅରୋଗ୍ୟ ହୁଏ । ମୂଲ୍ୟ [illegible]

[illegible] ରୋଗ, [illegible], ଦେଙ୍ଗା, [illegible] ମୂଳରେ ପ୍ରସ୍ତୁତ [illegible] ବ୍ୟବହାର [illegible] । ଏହା ଛଡ଼ା [illegible] ଅନେକ ପ୍ରକାରର [illegible] । [illegible] ଠିକଣା [illegible] ଯାଏ । ଅନ୍ୟ ସବୁ ଔଷଧ [illegible] ରହିଅଛି ।

ଶ୍ରୀ [illegible] ଚନ୍ଦ୍ର [illegible] ।

[illegible], ବାଲୁବଜାର, କଟକ ।

[illegible], [illegible]

ବା

ଯାଦୁର ଔଷଧ

[illegible] ଔଷଧ [illegible] ବ୍ୟବହାର [illegible] ବଡ଼ [illegible] ଏଣ୍ଟଶରେ ଏକା [illegible] ଏଥିରେ ପାର- [illegible] କୌଣସି ପ୍ରକାର ବଣାକ ଦ୍ରବ୍ୟ ନାହିଁ ।

[illegible] ପ୍ରତି ଡବା—ଟ ୦ ।/

ଏ,ଉ,ଦ,

[illegible] ଔଷଧାଳୟ,

ବାଲେଶ୍ୱର ।

[illegible] ଅଯୋଜନା

କବିରାଜ ଶ୍ରୀ [illegible] ଦାସ କବିରାଜଙ୍କର ଅନ୍ନପୂର୍ଣ୍ଣା ଅୟୁର୍ବେଦୀୟ ଔଷଧାଳୟ ।

ଚୌଧୁରୀବଜାର କଟକ ।

ଏହି ଔଷଧାଳୟରେ ଅୟୁର୍ବେଦ ଶାସ୍ତ୍ରୋକ୍ତ [illegible] ଏବଂ [illegible] ପ୍ରତ୍ୟକ୍ଷ ଫଳପ୍ରଦ [illegible] ତୈଳ, ଘୃତ, ବଟିକା, [illegible] ନାନା ପ୍ରକାର [illegible] ମଧ୍ୟରେ [illegible] ଅଛି । ପ୍ରାତଃକାଳରେ [illegible] ବିଶେଷ [illegible] ଦେଖାଯାଏ, [illegible] ଓ ଅସମର୍ଥ ରୋଗୀଙ୍କୁ ବିନାମୂଲ୍ୟରେ ଔଷଧ [illegible] ହୁଏ । [illegible] ଅବସ୍ଥା [illegible] ଲେଖିଲେ [illegible] ପ୍ରେରିତ ହୁଏ ।

[illegible]

ଏହି ଔଷଧ [illegible] ମହୌଷଧ । [illegible] କାର୍ଯ୍ୟ [illegible] ବ୍ୟବହାର କଲେ ଅଳ୍ପ ସମୟ ମଧ୍ୟରେ [illegible] ଲାଭ କରିବେ ଏବଂ [illegible] ଦେବ । [illegible] ଅତ୍ୟାବର [illegible] । [illegible] ସେବନ କଲେ [illegible] ଅବଶ୍ୟ ଦୋଷ ପାଇବେ ।

ଏକ ଡବା ଔଷଧର ମୂଲ୍ୟ ଟ [illegible] ମାତ୍ର ଡାକ ମାସୁଲ ସ୍ୱତନ୍ତ୍ର ।

ରକ୍ତସନ୍ତୁ ରସାୟନ ;

(ଦେଶୀୟ ସାଲସା)

ଏଥିରେ ଉପଦଂଶ (ଗରମୀ), [illegible], [illegible] ଦାଦ [illegible] ଶରୀରରେ [illegible] କଳା [illegible] ଚକା ଚକା ଦାଗ ଓ ଫୋଟକ ପ୍ରଭୃତି [illegible] ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ଦୂଷିତ ରକ୍ତ [illegible] ଅମୋଘ ଔଷଧ ।

ପ୍ରତି ଶିଶି—ଦେଢ଼ ଟଙ୍କା ।

ଏକ ଶିଶି ଏର୍ଦ୍ଧକ—ଟ ୪ ୯

ଚୌଧୁରୀ ବଜାର } କଟକ । } [illegible] ଚନ୍ଦ୍ର [illegible] ଅୟୁର୍ବେଦୀୟ ଔଷଧାଳୟ

Digitized by srujanika@gmail.com

ଉତ୍କଳ ସାହିତ୍ୟ ।

ଅପୂର୍ବ ମିଳନ ।

(ଐତିହାସିକ ଉପନ୍ୟାସ)

ଦ୍ୱାଦଶ ପରିଚ୍ଛେଦ ।

ଗଡ଼ବଣିଆ ରଣ ।

ଦୂତର ଅପମାନ—ଉପଯାଚିତ ମୈତ୍ରୀ ପ୍ରତ୍ୟାଖ୍ୟାନ—ଗଡ଼ବଣିଆର ସାମାନ୍ୟ ଜଣେ ଖଣ୍ଡାଏତର ଈଦୃଶ ଆସ୍ପର୍ଦ୍ଧା ପ୍ରବଳପ୍ରତାପ ବେଗରପତଙ୍କ ପକ୍ଷରେ ଅସହନୀୟ । ଦ୍ୱିତୀୟତଃ ବଙ୍ଗଦେଶମାର୍ଗ ନିଷ୍କଣ୍ଟକ କରିବା ସର୍ବାଗ୍ରେ କରଣୀୟ । ତୃତୀୟତଃ ଗତ ଯୁଦ୍ଧବିଜୟର ଔଦ୍ଧତ୍ୟ ଅବଶ୍ୟ ଶାସନୀୟ । ଉଦ୍ଦେଶ୍ୟ ସାଧନ ନିମିତ୍ତ ବେଗରପତଙ୍କର ଦାକ୍ଷିଣାତ୍ୟ ଫୌଜଦାର ...ନୀଗୀ ସଓ ଦଶ ସହସ୍ର ଅଶ୍ୱାରୋହୀ ପାଇକ ସହିତ ବାଲେଶ୍ୱର ବନ୍ଦରଠାରେ ଗାସ୍ତର ପୁତ୍ରିତଙ୍କ ପଞ୍ଚବିଂଶତି ସହସ୍ର ଅଶ୍ୱାରୋହୀ ସହିତ ମିଳିତ ହୋଇଅଛନ୍ତି । ଚରଦ୍ୱାରା ଏହି ଅଶୁଭ ସମ୍ବାଦ ପ୍ରାପ୍ତ ହୋଇ ଗଡ଼ବଣିଆ ଦୁର୍ଗେଶ୍ୱର ଚିନ୍ତିତ । ପଞ୍ଚତ୍ରିଂଶତ୍ ସହସ୍ର ଶିକ୍ଷିତ ଅଶ୍ୱାରୋହୀଙ୍କ ଆକ୍ରମଣ ନିବାରଣ ତାହାଙ୍କର କ୍ଷମତାତୀତ । ନବାବଙ୍କଠାରୁ ସାହାଯ୍ୟ ପ୍ରାପ୍ତି ଆଶା ରହିତ । ନବାବ ସାହେବ ନୂତନ ବଳ ସଂଗ୍ରହ ନ କରି ଅଗ୍ରସର ହେବାକୁ ଅସମର୍ଥ । ଅଶ୍ୱ ଯୁଦ୍ଧର ସମ୍ଭାବନା ନ ଥିବାରୁ ମାନ୍ଧାତାଙ୍କର ସମସ୍ତ ଉପଯୁକ୍ତ ନିର୍ଲିପ୍ତ ଦଳବେହେରା ନାୟକ ସହିତ ପ୍ରାୟ ସମସ୍ତ ପାଇକ ନବାବ ସାହେବଙ୍କ ସ୍କନ୍ଧାବାରରେ ଉପସ୍ଥିତ ରହିଅଛନ୍ତି । ସାହାଯ୍ୟପ୍ରାପ୍ତି କଥା ଦୂରେ ଥାଉ, ନବାବଙ୍କ ନିକଟକୁ ଉପସ୍ଥିତ ଦୁର୍ଯୋଗର ସମ୍ବାଦ ପ୍ରେରଣର ମଧ୍ୟ ଉପାୟ ନାହିଁ । ସହସା ମରହଟ୍ଟାମାନେ ସ୍ଥାନେ ସ୍ଥାନେ ଘାଟି କରି ସମ୍ବାଦ ଚଳାଚଳର ପଥ ବନ୍ଦ କରି ଦେଇଛନ୍ତି । ଉଠାର ମାନ୍ଧାତା ନିରୁତ୍ସାହ ହେଲେ ନାହିଁ । ପଞ୍ଚ ସହସ୍ର ମାତ୍ର ଦୁର୍ଗପ୍ରହରୀ ପାଇକଙ୍କ ସହାୟତାରେ ଦୁର୍ଗରକ୍ଷା କାରଣ କୃତନିଶ୍ଚୟ ହେଲେ । ଅଷ୍ଟାହ ଅବରୋଧ ଉତ୍ତାରେ 'ବୋମ୍ ବୋମ୍ ମହାଦେଓ' ବିକଟ ଚିତ୍କାର କରି ବର୍ଗୀ ଉପସ୍ଥିତ ହେଲେ । ପ୍ରାତଃକାଳରେ ଯୁଦ୍ଧାରମ୍ଭ ହେଲା, ଚତୁର୍ଦ୍ଦିଗରୁ ଦୁର୍ଗ ଆକ୍ରାନ୍ତ । ମାତ୍ର ସିଂହ-ଦ୍ୱାରର ଆକ୍ରମଣ ପ୍ରବଳତର । ବୃହତ୍ ବୃହତ୍ ଅଗ୍ନି-ଯନ୍ତ୍ର ଲୌହଗୋଲକ ଦୁର୍ଗ ସିଂହଦ୍ୱାରର ବିଶାଳ କପାଟର ଲୌହକୀଳକରେ କରକାପାତ ତୁଲ୍ୟ ବାଜି ଚୂର୍ଣ୍ଣୀଭୂତ ହୋଇଅଛି । ଭୟଙ୍କର ଶବ୍ଦ କରି କପାଟ କେବଳ ମାତ୍ର କମ୍ପିତ ହେଉଅଛି । ଅସଂଖ୍ୟ ଗୋଳକ ପାଷାଣ ପ୍ରାଚୀରର ପାଦଦେଶସ୍ଥ ମୃତ୍-ପ୍ରାଚୀରରେ ପ୍ରୋଥିତ ହୋଇ ଯାଉଅଛି । ଦିନ ଦିବସବ୍ୟାପୀ ଯୁଦ୍ଧରେ ଦୁର୍ଗର କୌଣସି ପ୍ରକାର ଅନିଷ୍ଟ ଘଟିଲା ନାହିଁ । ଖଣ୍ଡାଏତମାନେ ପରିଖା କୂଳବର୍ତ୍ତୀ ବାଉଁଶ ମୁରୁଗ୍ ଯଷ୍ଟିଶ୍ରେଣୀର ଅନ୍ତରାଳରେ ଶରୀର ଆଚ୍ଛନ୍ନ କରି ଅସ୍ତ୍ରଚାଳନା କରିବାରୁ ସେମାନଙ୍କ ପକ୍ଷରେ ଅପଚୟ ଘଟିଲା ନାହିଁ; ବର୍ଗୀବର୍ଗ ଭୂପତିତ ହେଉଅଛନ୍ତି । ବର୍ଗୀ ସିଂହଦ୍ୱାରଠାରେ ଏପରି ଉତ୍ସାହ ଏପରି ସାହସ ସହିତ ଆକ୍ରମଣ କରୁଅଛନ୍ତି ଯେ ଅର୍ଦ୍ଧ କ୍ରୋଶ-ବ୍ୟାପୀ ଭୂମି ଶବରାଶିରେ ପରିପୂର୍ଣ୍ଣ ହୋଇ ଗଲାଣି, ଭ୍ରୂକ୍ଷେପ ନାସ୍ତି, ଆକ୍ରମଣର ତ୍ରୁଟି ନାହିଁ । ଅବି-ଚ୍ଛିନ୍ନରୂପେ ତିନି ଦିବସ ପର୍ଯ୍ୟନ୍ତ ସଂଗ୍ରାମର ବିରାମ ନାହିଁ । ଚତୁର୍ଥ ଦିବସରେ ମାନ୍ଧାତା ଏକ

Digitized by srujanika@gmail.com

ଆକାଶରେ ମଧ୍ୟ ପତଙ୍ଗପଲ ପରି ବର୍ଗୀ ବେଷ୍ଟିତ ହୋଇ ରହିଅଛନ୍ତି । ଅନ୍ନପାଣିର ଅଳ୍ପ ମାତ୍ର ଅଛି ସେ ବିଶେଷ ଖଡ଼ ବୋଲି ଜ୍ଞାନ କଲେ । ତଥାପି ସେ ଯେ ମାସବ୍ୟାପୀ କାଳ ଆତ୍ମରକ୍ଷା କରିବାକୁ ସମର୍ଥ ହେବେ, ସେ ବିଷୟରେ ତାଙ୍କର ସନ୍ଦେହ ନ ଥିଲା । ମାତ୍ର ଏହି ସମୟରେ ଗୋଟିଏ ବିଷମ ଦୁର୍ଯୋଗ ଘଟିଲା । ସିଂହଦ୍ୱାର ଉପରେ ଗଡ଼-ଚଣ୍ଡୀଙ୍କର ଯେଉଁ ବସନ୍ତ ବର୍ଣ୍ଣ ଶୁଭ୍ରପତାକା ଉଡ଼ୁଥାଏ, ଶତ୍ରୁନିକ୍ଷିପ୍ତ ତୋପଗୋଳା ଆଘାତରେ ଦଣ୍ଡ ଭଗ୍ନ ହୋଇ ପତାକା ତଳେ ପଡ଼ିଗଲା । ଏହା ଗୋଟିଏ ଅଶୁଭ ଲକ୍ଷଣ ଅଟେ । ପତାକା ପତିତ ହେବାର ଦେଖି ମାନାଭାଙ୍କ ମୁଖ ବିବର୍ଣ୍ଣ ହୋଇଗଲା, ପାଇକମାନେ ନିରୁତ୍ସାହ ହୋଇ ପଡ଼ିଲେ । ରଣୀହଂସପୁରରେ ଭ୍ରାନ୍ତି ସମ୍ବାଦ ପ୍ରଚାରିତ ହେଲା, ମାନାଭା ସ୍ୱୟଂ ପତିତ ହେଲେ । ହାହାକାର କ୍ରନ୍ଦନଧ୍ୱନିରେ ରଣୀହଂସପୁର ପରିପୂର୍ଣ୍ଣ ହେଲା । ଠିକ୍ ଏହି ମୁହୂର୍ତ୍ତରେ ଅନ୍ୟ ଏକ ଭୟଙ୍କର ଦୁର୍ଯୋଗ ଉପସ୍ଥିତ । ଦୁର୍ଗର ଐଶାନ୍ୟ କୋଣ ପରିଖା ବାହାରେ ବେତବଣରେ ପରିପୂର୍ଣ୍ଣ । ସେ ସ୍ଥାନଟା ଶତ୍ରୁଦ୍ୱାରା ଆକ୍ରାନ୍ତ ହେବାର ସମ୍ଭାବନା ନ ଥିଲା, ମଧ୍ୟ ହୋଇ ନାହିଁ । ଏଥିକୁ ସେ ସ୍ଥାନ ରକ୍ଷା ନିମନ୍ତେ ପାଇକମାନେ ଶିଥିଳ-ଯତ୍ନ ଥିଲେ । ପରିଖାଠାରୁ ଦୁର୍ଗ ପ୍ରାଚୀର ସହିତ ଅଭ୍ୟନ୍ତର ହେଲେ ଦୂର ପର୍ଯ୍ୟନ୍ତ ପାଖ ନାଳ ଗଭୀର ସୁଡ଼ଙ୍ଗ ଭୟଙ୍କର ଶବ୍ଦରେ ଫାଟି ଯାଇ ଗୋଟିଏ ପ୍ରଶସ୍ତ ମାର୍ଗ ହୋଇଗଲା । ଶତ୍ରୁ ସୁରଙ୍ଗ ଖୋଳି ତହିଁରେ ବାରୁଦ ପରିପୂର୍ଣ୍ଣ କରି ଅଗ୍ନି ସଂଯୋଗ କରିଥିଲେ । ମରହଟ୍ଟା ସଙ୍ଗେ ସଙ୍ଗେ ଜଳସ୍ରୋତ ପରି 'ବୋମ୍ ବୋମ୍ ମହାଦେଓ' ଚିତ୍କାର କରି ଦୁର୍ଗ ମଧ୍ୟରେ ପ୍ରବେଶ କଲେ । ମହାଦେବୀ କନକ ଧ୍ୟାନ କରି ଅଛନ୍ତି, ଶାରିକାଏ ପରି ଶତ୍ରୁ-ଆଗମନ ବେଳେ ଅନାଇ ଦେଖିଲେ । ମୁହୂର୍ତ୍ତ ମଧ୍ୟରେ ତାଙ୍କ ମନରେ ଉଦୟ ହେଲା, ଆଉ କି ସକାଶେ ଜୀବନ ? ଜୀବନେଶ୍ୱର ଯାଇ-ଅଛନ୍ତି, ଅବଶେଷରେ କି ଧର୍ମ ନଷ୍ଟ ହେବ ? ଗଡ଼ଚଣ୍ଡୀ ଦେବୀଙ୍କୁ ପ୍ରଣିପାତପୂର୍ବକ ଦେବୀ ଖଣ୍ଡାମାଳ ଗଳାରେ ଲମ୍ବାଇ ତେଙ୍ଗ ଯୋଗାସନେ ପ୍ରାଣତ୍ୟାଗ କଲେ । ଅନେକ ପରିଜନ ମଧ୍ୟ ତାହାଙ୍କର ଅନୁଗାମିନୀ ହେଲେ ।

ଦୁର୍ଗ ଅଭ୍ୟନ୍ତରର ଦୁର୍ଯୋଗ ମାନାଭାଙ୍କ ଠାରେ ଉପସ୍ଥିତ ହେଲା । ଦଳବେହେରା ହସ୍ତରେ ସିଂହଦ୍ୱାର ରକ୍ଷାର ଭାର ଦେଇ ଦୁର୍ଗ ମଧ୍ୟରେ ଉପସ୍ଥିତ ହେଲେ । ସେ ମହାଦେବୀଙ୍କ ଚରମ ଗତି ବିଷୟ ତାହାଙ୍କର କର୍ଣ୍ଣଗୋଚର ହେଲା । ଢାଲ ତରବାର ଧରି ମତ୍ତ ମାତଙ୍ଗ ତୁଲ୍ୟ ବର୍ଗୀ ସମ୍ମୁଖରେ ଉଭା ହେଲେ । ଜୀବନାଶା ତ୍ୟାଗପୂର୍ବକ ଭୀଷଣଭାବରେ ତରବାରି ଘୁରାଉଅଛନ୍ତି । ଅସମ ସାହସ ସହିତ ପ୍ରବଳ ବେଗରେ ଅସ୍ତ୍ରଚାଳନାକୌଶଳରେ ଶତ ଶତ ବର୍ଗୀମସ୍ତକ ଭୂଲୁଣ୍ଠିତ ହେଲା । ଶତ୍ରୁ-ଅସ୍ତ୍ରାଘାତଜନିତ ସ୍ୱଶରୀରନିଃସୃତ ଶୋଣିତଧାରାରେ ରକ୍ତ ବହୁଅଛନ୍ତି । ଅବିରଳ ରକ୍ତପାତ ହେତୁ କ୍ରମେ ଶରୀର ଅବସନ୍ନ ହୋଇ ଆସିଲା । ବାହ୍ୟ ଜ୍ଞାନ ନାହିଁ, 'ମା ଚଣ୍ଡୀ' 'ମା—ଚଣ୍ଡୀ' ଚିତ୍କାର କରି ଅବଶେଷରେ ଶବରାଶି ଉପରେ ପଡ଼ିଗଲେ । ବର୍ଗୀ ହାବିଲଦାର ଡାକ ଦେଲା, 'ସାବଧାନ ଶତ୍ରୁକୁ ହତ୍ୟା କର ନାହିଁ, ସେନାପତିଙ୍କ ଆଜ୍ଞା —ତାହା ଜୀବନରେ ପ୍ରୟୋଜନ ।'

—୦*୦—

ତ୍ରୟୋଦଶ ପରିଚ୍ଛେଦ ।

ବନ୍ଦୀ ଏବଂ ପ୍ରାଣଦଣ୍ଡ ।

ସପୁକଣିଆ ଦୁର୍ଗ ସମ୍ପ୍ରତି ସମ୍ପୂର୍ଣ୍ଣରୂପେ ମରହଟ୍ଟାହସ୍ତଗତ । ସମସ୍ତ ସମ୍ପତ୍ତି ଅପହୃତ ହୋଇଅଛି, ଦୁର୍ଗମଧ୍ୟରେ ଜୀବିତ ପ୍ରାଣୀ ମାତ୍ର ଅଭାବ, ଦୁର୍ଗର ଅଭ୍ୟନ୍ତର ଏବଂ ଚତୁର୍ଦିଗ ବହିର୍ଭାଗ ସହସ୍ର ସହସ୍ର ଶବରାଶିରେ ପରିପୂର୍ଣ୍ଣ ଶୃଗାଳ ତଥା ଶ୍ୱାପଦ ପଶୁପକ୍ଷୀମାନଙ୍କ ବନ

Digitized by srujanika@gmail.com

ପ୍ରକାରରେ ଉତ୍କଳର ଜୀବନବୃତ୍ତ ସ୍ଫୁଟପ୍ରମାଣ ଦେଉଅଛି ।

ଶ୍ରୀ ଶ୍ରୀ ଶ୍ରୀ ରାୟ ରାଘବ ପ୍ରତାପସିଂହ ବୈର- ଗଞ୍ଜନ ମାହାତା ବର୍ତ୍ତମାନ ସରହଦ୍ଦୀ ଫୌଜ ମଧ୍ୟରେ ବନ୍ଦୀ । ଅତ୍ୟନ୍ତ ଶଯ୍ୟାଗତ ଥିବାରୁ ଏତାବତ୍କାଳ ତାହାଙ୍କର ବିଚାରକାର୍ଯ୍ୟ ସ୍ଥଗିତ ଥିଲା । ଅଦ୍ୟ ବିଚାରର ଦିନ । ମଧ୍ୟାହ୍ନ ସମୟ, ମହାରାଜଙ୍କ ସ୍କନ୍ଧାବାର ମଧ୍ୟସ୍ଥିତ ମଣ୍ଡପରେ ବିଚାରକ ରାସ୍ତର ପଣ୍ଡିତ ବସିଅଛନ୍ତି । ସମ୍ମୁଖଭାଗ ତୃତ ପାର୍ଶ୍ୱରେ ଦେସକଙ୍କ ରାଓ, କମ୍ବୁଜୀ ରାଓ, ପ୍ରଶାନ୍ତ ଛପାଦାର, ଗୋପାଳ ଜୀ ପ୍ରଭୃତି ସେନାପତି ଅଟଙ୍କର ବହାଦୁର ହାରଲୁଜ କର୍ମଚାରିବର୍ଗ ଉପବିଷ୍ଟ । ଅମ୍ଭମାନଙ୍କ ପୂର୍ବପରିଚିତ ଉକୀଲ ସେହି ଶିଉଶଙ୍କର ମାଳବାର ମଧ୍ୟ ଉପସ୍ଥିତ ଅଛନ୍ତି । ହିନ୍ଦୁ ଲୁଣ୍ଠନପାଣ୍ଡିତ୍ୟ ପଶାଶକ୍ତପ୍ରବର୍ତ୍ତବେଷ୍ଟିତ ହୋଇ ଜନ୍ତୁ ରାଜୁବଂଶୀୟ ଦୁର୍ଗେଶର ମାହାତା ବିଚାର ସ୍ଥଳକୁ ଅଣାଗଲେ । ସେ ପିଞ୍ଜରାବଦ୍ଧ ... ଶାର୍ଦ୍ଦୂଳପରି ପ୍ରଖର ଭାବରେ ... ରେ ମାତ୍ର ରାସ୍ତର ପଣ୍ଡିତଙ୍କୁ ଅନାଇ ଦେଇ ... ଉତ୍ତରେ ନମସ୍କାର କରି ସ୍ଥିର ଗମ୍ଭୀର ଭାବରେ ବିଚାରକ ସମ୍ମୁଖରେ ଠିଆ ହୋଇ ଅଛନ୍ତି । ମାହାତାଙ୍କ ସହିତ ଆଉ ଗୋଟିଏ ବନ୍ଧ- ଯୁକ୍ତ ବନ୍ଦୀ ମଧ୍ୟ ଆନୀତ ହୋଇଅଛି । ନାମ ରାଜ- ଗୁରୁ ବନମାଳ ବାଚସ୍ପତି । ଅସଂଖ୍ୟ ଦର୍ଶକ ନୀରବ ଭାବରେ ଠିଆ ହୋଇ ବିଚାର କାର୍ଯ୍ୟ ଦର୍ଶନ କରୁଅଛନ୍ତି । ଦରବାର ନିସ୍ତବ୍ଧ । ରାଜକାର୍ଯ୍ୟ ... ଉକୀଲ ଶିଉଶଙ୍କର ରାଓ ବୁଝାଇ ଦେଲେ, ରାଜୁବଂଶୀୟ ଗଡ଼ର ଖଣ୍ଡାଏତ ରାଘବ ପ୍ରତାପ ସିଂହ ! ଶୁଣ, ତୁମ୍ଭେ ରାଜଦ୍ରୋହୀ । ମହା- ମହିମ ମହାରାଜ ଶ୍ରୀମାନ୍ ବେରାର-ଅଧିପତିଙ୍କ ପ୍ରେରିତ ଉକୀଲଙ୍କୁ ଅପମାନ କରିଅଛ । ବିଧର୍ମୀ ... ଜନସହିତ ମିଳିତ ହୋଇ ରାଜକାର୍ଯ୍ୟ ସୈନ୍ୟ ... ପକ୍ଷରେ ଅସ୍ତ୍ରଧାରଣ କରିଅଛ । ତୁମ୍ଭ କୃତ ... ଅପରାଧର ବିଚାର ହେବ; ଏଥିରେ ତୁମ୍ଭର ... କହିବାର ଅଛି, କହ ।

ତଥାପି ତୁମ୍ଭେ ବନ୍ଦୀ ଏବଂ ଅସମ୍ମାନସୂଚକ ଭାଷାରେ ସମ୍ବୋଧନ କରାଯିବାରୁ ମାହାତାଙ୍କର କ୍ରୋଧ ଏତେ ଦୂର ଉଦ୍ରେକିତ ହୋଇ ପଡ଼ିଥିଲା ଯେ ଉତ୍ତର ଦେବାକୁ ଅସମର୍ଥ ହେଲେ । ପୂର୍ବବତ୍ ସ୍ଥିର ଅଟଳ ଭାବରେ ଠିଆ ହୋଇ ଅଛନ୍ତି ।

ଉକୀଲ ଶିଉଶଙ୍କର ମାଳବାର କହିଲେ, ଦେଖ ମାହାତା ! ଅମ୍ଭେ ରାଜୁବଂଶୀଅଠାରୁ ବାହୁଡ଼ି ଆସି ସେନାପତି ରାସ୍ତର ପଣ୍ଡିତ ମହୋଦୟଙ୍କୁ ବୁଝାଇ ଦେଇଅଛୁଁ, ତୁମ୍ଭେ ସ୍ୱୟଂ କିଛି ମତ ପ୍ରକାଶ କର ନାହିଁ; ତୁମ୍ଭର ରାଜଗୁରୁ ଏହି ବନ୍ଦୀ ବ୍ରାହ୍ମଣ ସମସ୍ତ କଥା କହୁଅଛି । ବର୍ତ୍ତମାନ ତୁମ୍ଭେ ଶ୍ରୀଯୁକ୍ତଙ୍କଠାରେ କ୍ଷମା ପ୍ରାର୍ଥନା କଲେ ପ୍ରାଣରକ୍ଷା ହୋଇପାରେ । ଏହି ବିପ୍ରାଧମ ପ୍ରାଣଦଣ୍ଡର ଯୋଗ୍ୟ ।

ଉକୀଲ ଶିଉଶଙ୍କର ମାଳବାରଙ୍କ ବାକ୍ୟ ଶ୍ରବଣ କରି ରାଜଗୁରୁ ବନମାଳ ବାଚସ୍ପତି ଉପରେ ବାତାହତ କଦଳୀ ବୃକ୍ଷ ପରି କମ୍ପିତ ହେଉଥାନ୍ତି । ପ୍ରହରୀମାନେ ତାଙ୍କୁ ଧରି ରଖି ନ ଥିଲେ ବୋଧ କରୁଁ ଭୂପତିତ ହୋଇଥାନ୍ତେ ।

ମାହାତା ନତ ସମ୍ଭବରେ କଣ୍ଟିତ ଥିଲେ, ବୋଧ କରୁଁ କୌଣସି ଉତ୍ତର ଦେଇ ନ ଥାନ୍ତେ, ମାତ୍ର ରାଜଗୁରୁ ବନମାଳ ବାଚସ୍ପତିଙ୍କ ଅବସ୍ଥା ଦେଖି ତେଜରେ କହିଲେ—ଉକୀଲ ! ତୁମ୍ଭେ ରାସ୍ତର ପଣ୍ଡିତଙ୍କୁ ବୁଝାଇ ଦିଅ, ଏହି ବ୍ରାହ୍ମଣ ନିର୍ଦ୍ଦୋଷ । ଅମ୍ଭ ଉପଦେଶ ଅନୁସାରେ ସେ ସମସ୍ତ କଥା କହିଅଛନ୍ତି; ତାଙ୍କ କଥିତ ସମସ୍ତ ବାକ୍ୟ ଅମ୍ଭର ଅନ୍ତକଥା ବୋଲି ଜାଣିବ । ନିଶ୍ଚୟ ଜାଣ, ଏହି ନିର୍ଦ୍ଦୋଷ ସତ୍କୁଳଜାତ ବ୍ରାହ୍ମଣର ପ୍ରାଣଦାନ ହେଲେ ତାଙ୍କ ଅନ୍ତଃଖ୍ୟାତରେ ସମସ୍ତ ମହାରାଷ୍ଟ୍ର ଧ୍ୱଂସ ହୋଇଯିବେ ।

ଉକୀଲ ଶିଉଶଙ୍କର ମାଳବାର କହିଲେ— ଦେଖ ମାହାତା—ବୃଥା ହଠ, ସମର୍ଯ୍ୟାଦାରେ କଥା ବୋଲ, କ୍ଷମା ପ୍ରାର୍ଥନା କର, ଅମ୍ଭେ ତୁମ୍ଭ ପ୍ରାଣରକ୍ଷା ସକାଶେ ଅନୁରୋଧ କରିବୁଁ ।

Digitized by srujanika@gmail.com

ମାନ୍ଧାତା ଅବଜ୍ଞାସହକାରେ କହିଲେ, କ୍ଷମା—କ୍ଷମା—କିଏ ବିଚାରକ ? କାହାଠାରେ କ୍ଷମା ପ୍ରାର୍ଥନା କରିବି ?

ଭାସ୍କର ପଣ୍ଡିତ ସକ୍ରୋଧରେ କହିଲେ—ଦେଶ ଖଣ୍ଡାଏତ—ତୁ ରାଜଦ୍ରୋହୀ—ତୁ ପ୍ରାଣଦଣ୍ଡର ଯୋଗ୍ୟ । ତୋହର ଯେବେ କିଛି କହିବାର ଥାଏ, ଶୀଘ୍ର ପ୍ରକାଶ କର ।

ମାନ୍ଧାତା କହିଲେ—ରାଜଦ୍ରୋହୀ ? ରାଜା କିଏ ? ଗଜପତି ଗୌଡ଼େଶ୍ୱର ଚଳନ୍ତି ବିଷ୍ଣୁ, ରାଜରାଜେଶ୍ୱର । ଉତ୍କଳର ସମସ୍ତ ଦୁର୍ଗପତି ସମସ୍ତ ଖଣ୍ଡାଏତ ରାଜରାଜେଶ୍ୱର ଗଜପତି ଗୌଡ଼େଶ୍ୱରଙ୍କ ପଦ ସନ୍ନିଧିରେ ପ୍ରତିପାଳିତ । ଖଣ୍ଡାଏତମାନେ ରାଜଦ୍ରୋହୀ ନୁହନ୍ତି । ରାଜରାଜେଶ୍ୱରଙ୍କ ସିଂହାସନ ତଳେ ଚିରକାଳ ଅବନତମସ୍ତକ ଥିବେ ।

ଭାସ୍କର ପଣ୍ଡିତ—ଗଜପତିବଂଶ ବର୍ତ୍ତମାନ ମହାମହିମ ବେରାର ଅଧିପତିଙ୍କର ଜଣେ ସାମାନ୍ୟ ପ୍ରଜା ମାତ୍ର । ରଘୁଜୀ ଭୋଂସଲା ଉତ୍କଳ ଖଣ୍ଡର ଏକମାତ୍ର ଅଧୀଶ୍ୱର । ତୁ ମହାରାଜଙ୍କ ବିପକ୍ଷରେ ଅସ୍ତ୍ରଧାରଣ କରିଅଛୁ, ଏହି ବିପ୍ରାଧମ ମହାରାଜାଧିରାଜଙ୍କ ସମ୍ମୁଖରେ ପ୍ରକାଶ୍ୟ ଦରବାରରେ ଅସମ୍ମାନସୂଚକ କଥା କହିଅଛୁ, ତୁ ଜଣେ ପ୍ରାଣଦଣ୍ଡର ଯୋଗ୍ୟ ।

ମାନ୍ଧାତା—ଶୁଣ ଭାସ୍କର ପଣ୍ଡିତ ! ଭାରତ ଖଣ୍ଡସ୍ଥ ସମସ୍ତ ନରପତିଙ୍କ ମୁକୁଟମଣି ମହାମହିମ ଗଜପତିଙ୍କ ପୁଣ୍ୟଭୂମି ଛାରଖାର କରି ଦେଲଣି, ଅସଂଖ୍ୟ ଶିଶୁହତ୍ୟା ଅସଂଖ୍ୟ ନାରୀହତ୍ୟା କରି ଅଛ, ବର୍ତ୍ତମାନ ଏହି ନିର୍ଦ୍ଦୋଷ ବ୍ରାହ୍ମଣର ରକ୍ତପାତ କଲେ ସର୍ବଶକ୍ତିମାନ୍ ପ୍ରଭୁଙ୍କଠାରୁ ଉଚିତ ଶାସ୍ତି ପ୍ରାପ୍ତ ହେବ ।

ଭାସ୍କର ପଣ୍ଡିତ ସହ୍ୟ କରି ପାରିଲେ ନାହିଁ । ଅତ୍ୟାଚାରୀଠାରେ ଅତିକୃତ ଅତ୍ୟାଚାରର କାହାଣୀ କହିଲେ ତାହାର କ୍ରୋଧ ଜାତ ହେବା ସ୍ୱାଭାବିକ । ତାହା ସହିତ ପୁଣି ପବିତ୍ର ସର୍ବଶକ୍ତିମାନ୍ ପ୍ରଭୁଙ୍କ ନାମ ଉଚ୍ଚାରଣ କରାଯିବା ଅସହ୍ୟ ।

ଭାସ୍କର ପଣ୍ଡିତ ତୀବ୍ରସ୍ୱରରେ ଆଜ୍ଞା କଲେ—ଘାତକ ! ଅମୁ ସାକ୍ଷାତରେ ଏହାର ବଧ ସାଧନ କର । ସଭାସ୍ଥ ସମସ୍ତେ ନୀରବ ନିଶ୍ୱାସ ପକାଇ ମସ୍ତକ ଅବନତ କଲେ । ମାନ୍ଧାତା ଅଟଳଭାବରେ ଉଭା ହୋଇ ଇଷ୍ଟଦେବଙ୍କ ନାମ ସ୍ମରଣରେ ନିମଗ୍ନ । ଘାତକ ଉପସ୍ଥିତ । ସେହି ମୁହୂର୍ତ୍ତରେ ସ୍ୱାତ୍ମବଶୀକାରବଂଶର ଶେଷ ପୁରୁଷ ସହିତ ନାମ ବିଲୁପ୍ତ ହେଲା ।

ହିନ୍ଦୁ ଦରବାରରେ ବ୍ରାହ୍ମଣ ଅବଧ । ମନ୍ତ୍ରିଙ୍କର ପରାମର୍ଶରୁ ବନମାଳ ବାରସ୍ଥ ପଲାସ୍ୟ ହେଲେ ।

ଚତୁର୍ଦ୍ଦଶ ପରିଚ୍ଛେଦ ।

ଅନାଥା ।

ସୁବର୍ଣ୍ଣରେଖା ନଦୀ ଉତ୍ତର କୂଳରେ ମଧ୍ୟମ କାନ୍ତୀ ଗୋଟିଏ ଆଦିକ ଗ୍ରାମ । ଏଥିରେ ପ୍ରାୟ ... ବାସ୍ତୁ ଘର । ସମସ୍ତେ ଏକ ଜାତି ବର୍ଣ୍ଣ ଏବଂ ପାଇକ । ଭଗ୍ନଭିତ୍ତି, ପତିତ, ପତନୋନ୍ମୁଖ, ଦଗ୍ଧ, ଅର୍ଦ୍ଧଦଗ୍ଧ ବଡ଼ ବଡ଼ ଅଟ୍ଟ ଘରକୁଡ଼ି ଗତ ଗୌରବର ପରିଚାୟକ । ଅଧିକାଂଶ ଘର ଶୂନ୍ୟ, କେତେଗୁଡ଼ିଏ ଗୃହରେ ବୃଦ୍ଧା ସ୍ତ୍ରୀ, ଶୀର୍ଣ୍ଣକାୟ ଉପୃକ୍ତ ପୁରୁଷ, ବାଳକ ବାଳିକା ବାସ କରି ରହିଅଛନ୍ତି । ଗ୍ରାମରେ ଜମି ବାଡ଼ି ବାଡ଼ି । ନମ୍ରକୂଳଆ ବଳମତ୍ତା, ଏଥିରୁ ସବୁ ଜମି ଗୁଡ଼ିକ କଳନ ଦୋଫସଲ । ଜମିଗୁଡ଼ିକ ପାଇକ ବ୍ରିତିଅ । ଗ୍ରାମ ମୁଣ୍ଡରେ ପୁଷ୍କରଣୀ, ଜଳ ଦର୍ପଣ ପରି ନିର୍ମଳ । ଘାଟ ତେଣେ ଜଳ ପର୍ଯ୍ୟନ୍ତ ବାନ୍ଧ ପଥର ଉପରେ ମଞ୍ଜୀରିଲା ପଙ୍କ ପଡ଼ି ଝକ୍ ଝକ୍ କରି ପହଁରୁ ଥିବାର ବେଶ୍ ଦିଶେ । ପୁଷ୍କରଣୀ ମଝିରେ ଦୀପଦଣ୍ଡୀ । ପୁଷ୍କରଣୀଟା ବହୁଳ କମଳ ଦଳ ଓ ଧଳା କଇଁରେ ପୂର୍ଣ୍ଣ, ରତ୍ନା. ...

Digitized by srujanika@gmail.com

ଦୁଇ ଗୋଟା ଫୁଟିଛି । ଶୋଠ ଅଡ଼ ଉପର ଘାଟ ପାଖରେ ମହାଦେବ ମନ୍ଦିର । ବିପରୀତ ଦିଗରେ ଉଭ ଉଭଳା ଗୋଟିଏ ବଡ଼ ବରଗଛ । ପୁଷ୍କରିଣୀ କୂଳରେ ବଗଲା ବଗୁଲି ଦୁଇ ଗୋଟି ବସି ଅଛନ୍ତି । ଯୋଡ଼ାଏ ହଂସ ଜଳ ମଧ୍ୟରେ ପହଁରୁଅଛନ୍ତି ।

ସୂର୍ଯ୍ୟ ଦେବ ଅସ୍ତ ହୋଇ ଗଲେଣି, ଅନ୍ଧକାର ହୋଇ ନାହିଁ, ଶୋଠ ବରଗଛ ମୂଳରେ ଗୋଟିଏ ଯୁବତୀ ସ୍ତ୍ରୀ ମଳିନ ବେଶରେ ଗାଲରେ ହାତ ଦେଇ ବସି ବଗଲା ବଗୁଲି ଯୋଡ଼ାଙ୍କୁ ଏକ ଧ୍ୟାନରେ ଚାହିଁ ରହିଅଛି । ପକ୍ଷୀ ଦୁଇ ଗୋଟି ଲାଗାଲାଗି ହୋଇ ବସିଅଛନ୍ତି, ବେଳେ ବେଳେ ପରସ୍ପରଙ୍କୁ ଥଣ୍ଟ ଲଗାଲଗି କରି ଅସ୍ଫୁଟ ଗୁଟୁରୁ ଗୁଟୁରୁ ଶବ୍ଦ କରୁଅଛନ୍ତି । ସ୍ତ୍ରୀଲୋକଟି ମନ ମଧ୍ୟରେ ଚିନ୍ତା କଲା, ଏହି କ୍ଷୁଦ୍ର ପ୍ରାଣୀଗୁଡ଼ିକ ପୃଥିବୀରେ କେଡ଼େ ସୁଖୀ—କେଉଁ ତପସ୍ୟାର ଫଳ ଭୋଗ କରୁଅଛନ୍ତି । ଅନ୍ଧକାର ମାଡ଼ି ଆସିଲା, ବିହଗ-ଦମ୍ପତି ଅଦୃଶ୍ୟ ହେଲେ । ଗୋଟିଏ ସ୍ତ୍ରୀଲୋକ ଦୀର୍ଘନିଶ୍ୱାସ ପକାଇ ଚିନ୍ତା କଲା, ହା ବିଧାତଃ! ମୋ କପାଳରେ ଏହା ଲେଖି ଥିଲୁ—ଜମିଦାରଙ୍କ ଝିଅ, ବାପ ମାଙ୍କର ଗୋଟିଏ, କେତେ ସୁଖରେ କେତେ ଦୁଃଖରେ ମୋତେ ପାଳିଥିଲେ; ଅନେକ ଉତ୍ସବରେ ଦିନ ଯାଉଥିଲା । ଦିନ ଯାଉଥିଲା, ଶେଷରେ ଯାହା ଅଦୃଷ୍ଟରେ ଥିଲା—ପିଲାଦିନରୁ ବାହା କରି ଥିଲେ, ନେଇଥିଲ ସେହିଠାରେ ଯେହିପରି ଥିବା ଦିନ ଗଲା । ହା ବିଧେ! ତାହା ମଧ୍ୟ ଛଡ଼ାଇ ନେଲୁ! ଗାଁର ମରହଟ୍ଟାମାନେ ଯେ ଗଡ଼ ଦଖଲ କରିବେ ମହାଦେବୀ ପୂର୍ବରୁ ଜାଣିଥିଲେ; ସେଥି ସକାଶେ ସେ ଦିନ ରାତିରେ ସ୍ୱାମୀ ଜଣେ ପୋଇଲି ଓ ଜଣେ ସେବକ ସାଙ୍ଗରେ ମୋତେ ଗଡ଼ ଗୁପ୍ତ ଦ୍ୱାର ଦେଇ ମୟୂରପୁର ପାଇକ ଗାଁକୁ ପଠାଇ ଦେଲେ । କେତେ କାନ୍ଦିଲି, ଗୋଡ଼ ତଳେ ପଡ଼ି କେତେ କହିଲି, ମହାଦେବୀ ପଛେ ସେହି ଗ୍ରାମକୁ ଯିବାକୁ ଆଶ୍ୱାସ ଦେଲେ; ଶୁଣିଲି, ଦେବୀ ବର୍ତ୍ତମାନ ସ୍ୱର୍ଗରେ । ଧିକ୍ ମୋ ଜୀବନକୁ! କେଉଁ ପାପରୁ ଛାଡ଼ି ଆସିଲି? ଦେବୀ! ମା! ପ୍ରାଣକୁ ଅଧିକ କରିଥିଲ, କି ଅପରାଧ ଦେଖି ଛାଡ଼ିଲ? ମୟୂରପୁର ଗ୍ରାମର ପାଇକାଣୀମାନେ ଶମ୍ଭୁଙ୍କ ଜୀ ବୋଲି ମାନ ଦେଇ ମୋତେ ଗ୍ରାମକୁ ଆଣିଲେ, ସେମାନଙ୍କ କଥା ସତ୍ୟ; ମୁଁ ଅଶ୍ରୁପୂର୍ଣ୍ଣ ନେତ୍ରରେ ରଘୁବଂଶୀଅ ଗଡ଼ ନାଶ ଗଲା, ମୟୂରପୁର ଗ୍ରାମର ପାଇକାଣୀମାନେ ବିଧବା ହେଲେ । ମୋତେ ଗାଳି ଦେଲେ ସେମାନଙ୍କର ଦୋଷ ନାହିଁ, ସର୍ବସ୍ୱ ହରାଇ କାନ୍ଦି କାନ୍ଦି ବାଘୁଣୀ ହୋଇ ଗଲେଣି । ମୋ ପରିବାର ବଡ଼ ମନ, ନଷ୍ଟେ ମୁଁ ଅମଙ୍ଗଳୀ ।

"କିଏ ଲୋ ତୁ? ତୋ ଘର କେଉଁଠି ଲୋ? କଣ ଖାଇଛୁ ଲୋ? କିଆଁ ବସିଛୁ ଲୋ?" ଉତ୍ତର ପ୍ରତ୍ୟାଶା ନାହିଁ, ପ୍ରଶ୍ନ ଉପରେ ପ୍ରଶ୍ନ, ଅନର୍ଗଳ ପ୍ରଶ୍ନ । ପ୍ରଶ୍ନ ସଙ୍ଗେ ସଙ୍ଗେ ଆପଣାର ଅବସ୍ଥା ବର୍ଣ୍ଣନ । ସ୍ତ୍ରୀଲୋକଟି ଚମକି ପଡ଼ି ଅନାଇ ଦେଖିଲା, ପ୍ରଶ୍ନକାରିଣୀ ଗୋଟିଏ ଅତ୍ୟନ୍ତ ବୃଦ୍ଧା, ନିତାନ୍ତ ମଳିନ-ଛିନ୍ନ-ବସ୍ତ୍ର-ପରିହିତା, ଦଶନବିହୀନା, ଅସ୍ଥିଚର୍ମମାତ୍ରା-ବଶିଷ୍ଟା, କମ୍ପିତଦେହା; ଅନାବୃତ ମସ୍ତକରେ କେତେ କେଶ ତୈଳହୀନ, ଜଟାବନ୍ଧିତ, କ୍ଷୁଦ୍ର, କାଟିଥିବା ଛୋଟ ଛୋଟ ଶୁକ୍ଳବର୍ଣ୍ଣ କେଶ ଫର ଫର ହୋଇ ଉଡ଼ୁଅଛି; ବାଁ କାଖରେ ଗୋଟିଏ ଗଣ୍ଠିଏ, କମ୍ପିତ ଦକ୍ଷିଣ ହସ୍ତରେ ଗୋଟିଏ ବାଉଁଶ ଯଷ୍ଟି; ଈଷତ୍ ଅନ୍ଧକାରରେ ଆପଣା ଦେହର ବର୍ଣ୍ଣ ମିଳାଇ ଛିଡ଼ା ହୋଇଅଛି । ଏହି ବୃଦ୍ଧାଟି ଅମ୍ଭମାନଙ୍କର ବିଶେଷ ପରିଚିତା । ଦୁଇ ଗୋଟି ରେଣ୍ଡିଅ ପୁଅ ଦୁଇ ଗୋଟି ବୋହୂ ଏବଂ ଘରର ସମସ୍ତ ସମ୍ପତ୍ତି ହରାଇ ବାଘୁଣୀ ହୋଇ ଯାଇଅଛି । ଏ ଯେ ଜଗା ଫଉଜଦାର ମା । ବର୍ତ୍ତମାନ ଏହାକୁ ଦେଖିଲେ କିଏ କହିବ ଏହାର ଘର ପରି ଗୋଟାଏ ଘର ଥିଲା । ବୁଢ଼ୀର ଦଶଦିଗ ମୁହଁ ବନ୍ଦ ନାହିଁ, ସବୁବେଳେ କଳି କରୁ ଥାଏ, ଗ୍ରାମର

Digitized by srujanika@gmail.com

ଯାହାକୁ ଦେଖେ ତା । ସ୍ନେହ କଲେ ଲାଗେ । ତେଣେ ଗ୍ରାମ ଲୋକେ ତାକୁ ଦେଖି ବାଟ ଅନ୍ତେଇ ଯାନ୍ତି । କଳି କରିବା ପାଇଁ ସତଘରର ତାକୁ ଲୋକ ପଟନ୍ତି ନାହିଁ । କୁକୁର, ବିରାଡ଼ି, ଗଛ, ପତ୍ର, କାନ୍ଥ, ଛେଳି ଯାହାକୁ ଭେଟେ ତାହା ସହିତ କଳି । ମାତ୍ର ଘର କଳିଟା ବଳ ପଡ଼େ । ମଶା, ଓଡ଼ିଶଗୁଡ଼ାକ ବଡ଼ ବଳିଆ, ସାରାରାତି ବୁଢ଼ୀଟା ସାଙ୍ଗରେ ଲାଗି ଥାନ୍ତି । ବୁଢ଼ୀ ବଳକୁ ପରି ପାରୁଁ ନି ଯାଉଥିବ, ପରକୁ କେଉଁଟୁ ଅଛି ।

ବୃଦ୍ଧମୁକ୍ତୋପବିଷ୍ଟା ଅନାଥା ସ୍ତ୍ରୀଲୋକଟିକୁ ପରିଚୟ ଦେବାକୁ ହେବ ନାହିଁ । ପାଠକମାନଙ୍କର ବିଶେଷ ପରିଚିତା ସେହି ଲଛମା ।

ଦିନେ ପଢ଼େଇହିବ ମା ଏବଂ ଲଛମା ମଧ୍ୟରେ ଯେଉଁ କଥାବାର୍ତ୍ତା ଚାଲିଲା, ସେଥିର ସଂକ୍ଷିପ୍ତ ସାର ଏହିପରି:—

ଲଛମା ବୁଢ଼ୀକୁ ଅନାଇ କହିଲା—"କେହିଁ ମା—ହାମେ ଭୁଲ ବସିଛେ ତୁମ୍ ଚାଲି ଯାଅ ମା ।"

ବୁଢ଼ୀ—ହେଇ ଲୋ ଦେଖ ମଜା—ଯା ଏଟା ତ ମରଦନ୍ତି । ପୁଣି ଅଇଲାଣି । ଦେଖ—ଦେଖ ଏହାର ଛଇ ଦେଖ, ଆଜ ମାଇକିନିଆ ବେଶ ଧରି ଅଛି । ତୋ ଘୋଡ଼ା କାହିଁ ଲୋ ?

ଲଛମା—ନାହିଁ ମା ହାମ ମରଦନ୍ତି ନାହିଁ, ହାମ ବଡ଼ା ଦୁଃଖିନୀ, ଗାଳି ଦେନା ମା—ଗୋସା କର ନା ମା ।

ବୁଢ଼ୀ—କେଉଁ ଲୋ ଚାଲିଛୁ, ତୋ ଚତୁରପଣ ବାନ୍ଧ ରଖ ।

ତୁ ମରଦନ୍ତି ନୋହୁ ତ ଏପରି ବଙ୍କା ବଙ୍କା କଥା କହୁଛୁ କିଆଁ ? ଆଉ କଣ କରୁ ଅଛୁ ? କଥାଁ ରେ, ପାଉଁଶ ଅଛି, ଆ ଆ ବୋଢ଼େ ପାଉଁଶ କରୁଥା । ସେଦିନ ବେଳେ ପୁଅ ଦଶଙ୍କୁ କହିଲି, ଅରେ ଅସ ବୋହୂ ଘୋଡ଼ାକୁ ଯେନ ବଣକୁ ପଳେଇ ଯିବା, ମାଲମତା ଗଲା ତ ଗଲା । ସେ ଘରବୁଡ଼ା ନଅଁଷିଆ ଘୋଡ଼ାମୁହାଁ ନଣ୍ଡୁଆ ମରଦନ୍ତିଙ୍କ ସାଙ୍ଗରେ ଲାଗ ନା । ଅଲାଇସିଏ ଗାଁ ପାଠକଙ୍କ ବୋଲରେ ମାତି ପାଗଳପଣ କରି ଘର ଖଣ୍ଡା ଧରି ଲଢ଼େଇ କରି ଗଲେ, ମୋ ବୋଲ ନ ମାନି ଗଲେ, ସିମିତି ମଲେ । ମର ମର ମର, ଅଛା କରି ମର, ଅଧିକା ମର ।

ଲଛମା—ନାହିଁ ମା ହାମେ ମରଦନ୍ତି ନାହିଁ, ମରଦନ୍ତି ହାମ ଦୁସମନ ।

ଲଛମା ଭଲ କରି ଓଡ଼ିଆ କହିପାରେ ନାହିଁ ତା ଓଡ଼ିଆ କଥା ସହିତ ହିନ୍ଦି ମିଶିଯାଏ ।

ବୁଢ଼ୀ—ଅଲୋ ରଖ ବାକି ରଖ । ମୋତେ ଆଉ କିଏ କରି ପାରୁଛୁ ପରି । ମୋତେ ଦ୍ୱେଷୀ ... କି ପାଞ୍ଚ ହୋଡ଼ି କ ଗୃହ କାହାଣି ବସୁସ ଦେଖ ... ଦିନରେ ଯାଳ ପାଟି ପଡ଼ୁଥିଲା, ଗୁହାଳେ ଗାଈ ଭରି, ଦଶ ବୋହୂ ସର୍ଗତରି, ସୁନା ରୂପା ଝଲମଲ ... ଦୁଧ ଦହି ଖାଉଥିଲି । ମୋ ସେ ବଉଳା ଗାଈ ... କାହିଁ ଲୋ ? ମୋ ଗାଈ ଦୁଧ ଖାଇ ଗଣ୍ଡି ... କେମନ୍ତ ପେଟ କରିଛୁ ଦେଖ, ଅ—ରଙ୍ଗ ଦେଖ ... ହାତରେ ଚୁଡ଼ି ବାଲା, ପାଟଶାଢ଼ୀ ପିନ୍ଧିଛୁ । ... ଇମିତି କର ଲୁଗା କିଆଁ ପିନ୍ଧିଛୁ ଲୋ ? ତୁ ମାଈ ... ନା ଅଣ୍ଡିରା ଲୋ ?

ଲଛମା—ମା ! ମୋତେ ଏଇସି କଷ୍ଟ ... କର ନା, ହାମ ମରଦନ୍ତି ନାହିଁ, ସଚ୍ କହୁଛି ...

ବୁଢ଼ୀ—ମାରବୁ ମାରବୁ, ମୋତେ ମାରବୁ ... ଅଇଲୁ ମାରିଲୁ ? ବୁଢ଼ୀ ବାଡ଼ି ଉଞ୍ଚାଇ ମାରିବାକୁ ... ଯିବାରୁ ଲଛମା ଘୁଞ୍ଚିଗଲା ।

ବୁଢ଼ୀ ଗାଳି ଦେଇ ଦେଇ ଗ୍ରାମ ଅଭ୍ୟନ୍ତରକୁ ଚାଲି ଗଲା ।

ବୁଢ଼ୀ ଚାଲି ଯିବା ଉତ୍ତାରେ ଲଛମା ଅପଣା ଜୀବନକୁ ଧିକ୍କାର ଦେଇ କହିଲା, ଯେଉଁଠାକୁ ଗଲି ଦୂର ଦୂର କରି ତଡ଼ିଲେ । ଧିକ୍ ମୋ ଜୀବନକୁ—ଏବେ କାହିଁ ଯିବ ? ଜଗତରେ ମୁଁ ... ଲୁଚିବାକୁ ଥାନ ନାହିଁ । ଏତିକି ନୁହେଁ, ସେ ... ପାପିଷ୍ଠ ମରଦନ୍ତି ହାତରେ ଯେବେ ପଡ଼େଁ, ସର୍ବ ... ନାଶ । ଜୀବନରେ ପ୍ରୟୋଜନ କଣ ? ମହାଦେ ... ପରଲୋକରେ ଅଛନ୍ତି, ତାଙ୍କୁ ତ ଦେଖିବି ...

Digitized by srujanika@gmail.com

ମହାଦେବୀ ବେଶ୍ମ ଯୋଗାସନରେ ପ୍ରାଣତ୍ୟାଗ କରୁଅଛନ୍ତି । ଏହି କି ଯୋଗାସନ ? ଅଉ୍ କେଁା ?

ଲଛମା ଆକାଶକୁ ଚାହାଁଲା, ଗ୍ରହ ନକ୍ଷତ୍ର ସମସ୍ତଙ୍କୁ ଭଲ କରି ଦେଖିଲା । ଚତୁର୍ଦ୍ଦିଗକୁ ଭଲ କରି ଅନାଇ ହାତ ଯୋଡ଼ି ନେତ୍ର ମୁଦ୍ରିତ କରି ପ୍ରାର୍ଥନା କଲା ।

ହେ ଜଗଦୀଶ—ଗଙ୍ଗାମାତା—

ଠିକ ଏହି ସମୟରେ ଶବ୍ଦ ଶୁଭିଲା—

"କେହିଁ ମା, ପାପ୍‌ଲୋକ ମରହଠା କେହିଁ, ଦେଖ୍‌ଲେତେ ହୋ ତୋଠୋ ଦୁଃଖୀ ବୃତୀଅ—"

ଲଛମା ଚମକି ପଡ଼ି ଅନାଇଲା, ଦେଉଳ ମଧ୍ୟରୁ ଶବ୍ଦ ଆସୁଅଛି । ଏତ ମୋ ମାର ସେହି ଅମୃତମୟ ବଚନ । କିଏ ଉଏ, କିଏ କଥା କହିଲା ? ମୋର କି ଭ୍ରମ ? ମୁଁ ତ ନିଦ ସ୍ୱପ୍ନ ଦେଖୁଅଛି ? ଦୁଇ ହାତରେ ଚକ୍ଷୁ ମୁଛି ଆଉ ଥରେ ଦେଉଳ ଆଡ଼କୁ ଅନାଇଲା, ପୁନର୍ବାର ଶବ୍ଦ—

"ହା ରେ ବାଦଲ ରେ ! ହା ରେ ମେରା ଆମିକ ରେ ! ହା ମୋର ବ୍ୟା ହୁଅ ରେ !" ନିଶ୍ଚୟ ନିଶ୍ଚୟ ମୋ ମାର ଅମୃତମୟୀ ବାଣୀ । ଏ କଣ ? କେବଳ ମୋ ମାର ନୁହେ, ଶାଶୁଙ୍କର ମଧ୍ୟ କଥା ଶୁଭୁଛି । ଦେଉଳ ଦ୍ୱାର ମୁକୁଳା, କାହିଁ, କେହି ତ ନାହାଁନ୍ତି ? ଏହିଲାଗେ ତ ଦେବତା ଦର୍ଶନ କରି ଅଇଲି, କେହି ନାହାଁନ୍ତି ।

ପୁନର୍ବାର ଶବ୍ଦ—

"ହା ଜଗଦୀଶ ! ତୋର ହାତିକିପର ଅଚ୍ଛେଯେଁ, ତୋର ଏହି ମରକ ହୁଅ ଜଗଦୀଶ !"

ଏତ ମୋ ଶାଶୁଙ୍କ କଥା—ଲଛମା ଲଣ୍ଡଭଣ୍ଡ ହୋଇ ମନ୍ଦିର ପାଖକୁ ଧାଇଁ ଗଲା । ହା ! ଶୂନ୍ୟ । ଅପୂର୍ବ-ଶକ୍ତି ଉପରେ ଶିବଲିଙ୍ଗ ବସାଇତ, ଜନପ୍ରାଣୀ ନାହିଁ, ମନ୍ଦିର ଅଭ୍ୟନ୍ତର ଅନ୍ଧକାରମୟ । ଲଛମା ମନ୍ଦିରଗାତ୍ର ଅଣ୍ଡାଳି ଅଣ୍ଡାଳି ଦେଖିଲା, ପ୍ରତ୍ୟେକ ସ୍ଥାନ ଭଲ ରୂପେ ଥର ଥର ଅଣ୍ଡାଳିଲା । ବାରମ୍ବାର ଶିବଲିଙ୍ଗ ହାତରେ ପଡ଼ୁଥାନ୍ତି । ଅବଶେଷରେ ନିରାଶ ହୋଇ ହାତକୁ ଆଣି ଲଠ କରି ବସି ପଡ଼ିଲା । ହାତ ଯୋଡ଼ି ଦେବତାଙ୍କ ଉଦ୍ଦେଶ୍ୟରେ ନମସ୍କାର କରି କହିଲା, ହେ ଦେବ ! ଆଉ ଥରେ ଅନୁଗ୍ରହ କର, ଆଉ ଥରେ ସେହି କଥା ଶୁଣାଅ, ଆଉ ଥରେ ସେହି ଅମୃତମୟ କଥା ଶୁଣି ପ୍ରାଣ ଶୀତଳ କରେ । ବାରମ୍ବାର ଏହି କଥା କହୁଥାଏ, କଥା କହିବାର ଶକ୍ତି ମଧ୍ୟ ବିଲୁପ୍ତ, ହାତ ଯୋଡ଼ି ଅନ୍ଧକାର ମଧ୍ୟରେ ଦେବବିଗ୍ରହପ୍ରତି ନିରୀକ୍ଷଣ କରୁଥାଏ । ମନ୍ଦିର ଅନ୍ଧକାର, ମଧ୍ୟ ତାହାର ହୃଦୟ ଉଦ୍ବେଗପୂର୍ଣ୍ଣ ଅନ୍ଧକାରପୂର୍ଣ୍ଣ, ଦୃଷ୍ଟି ବିଚଳିତ, ଫଳତଃ କେଉଁ କଥା ମନକୁ ଆସୁ ନାହିଁ । ଏହି ଅବସ୍ଥାରେ କେତେବେଳ ଯାଏ ରହିଲା, ଜାଣିବାର ତାହାର ଶକ୍ତି ନାହିଁ । ଅଜ୍ଞାତସାରେ ନିଦ୍ରା ଆସି ତାହାର ଗ୍ରୀବାକୁ ବଙ୍କା କରି ଦେଲା । ଏ ଅବସ୍ଥାରେ କି ନିଦ୍ରା ଆସେ ? ହେଲେ ଲଛମା ନିଦ୍ରିତା ।

ଲଛମା ସ୍ୱପ୍ନରେ ଦେଖିଲା—ଅତି ରମଣୀୟ ବସନ୍ତାନିଳ ପ୍ରବାହିତ, ଚିତ୍ତବିନୋଦନ ସୁଖମୟ, ସୁଗନ୍ଧଯୁକ୍ତ ପ୍ରସ୍ଫୁଟିତ ପାରିଜାତ କୁସୁମରେ ପୂର୍ଣ୍ଣ ନନ୍ଦନକାନନ ମଧ୍ୟରେ ଦେବଦେବୀ ଯାତ୍ରୀମାନେ ଗୋଲୋକଧାମକୁ ଯାଉଅଛନ୍ତି । ଲଛମା ଗୋଟିଏ ରତ୍ନମୟ ଦୋଳାରେ ସ୍ୱାମୀ ବାମପାର୍ଶ୍ୱରେ ବସି ସେମାନଙ୍କ ସଙ୍ଗରେ ଯାଉଅଛି । କେତେଦୂର ପରମ ସୁଖରେ ଯାଉଁ ଯାଉଁ ଅସଂଖ୍ୟ ତୀକ୍ଷ୍ଣ-ଦଂଷ୍ଟ୍ରା ବନ୍ୟବରାହ ଆସି ଆକ୍ରମଣ କଲେ, ଭୟ-ବିହ୍ୱଳ ଯାତ୍ରୀମାନେ ଛିନ୍ନ ଭିନ୍ନ ହୋଇ ପଳାୟନ କଲେ । ଲଛମା ଦୋଳାରୁ ଖସି ପଡ଼ି ପଳାଇବାକୁ ଲାଗିଲା, ମାର୍ଗ ମଧ୍ୟରେ ଗୋଟିଏ ଦେବୀ ବସି-ଥିଲେ, ଲଛମାକୁ ପଣନ୍ତକାନରେ ଘୋଡ଼ାଇ ରଖିଲେ । ପୁନର୍ବାର ବରାହଯୂଥ ଉପସ୍ଥିତ, ଦେବୀ ରକ୍ଷା କରିବାକୁ ଅସମର୍ଥ ହେଲେ । ଲଛମା ଭୟରେ-ପଳାଉଅଛି, ଦିନ ନାହିଁ, ରାତ୍ରି ନାହିଁ, ଅବିଶ୍ରାନ୍ତ ପଳାୟନ । କେତେ ଗ୍ରାମ କେତେ ନଗର,

Digitized by srujanika@gmail.com

ତେବେ ନାନା କେତେ ବ୍ୟାଳ ମାର୍ଗରେ ପଡ଼ିଲା । ଲକ୍ଷ୍ମୀ ଅଜ୍ଞାନ ଥାଇଁ ଛନ୍ତି । ଅବଶେଷରେ ଗୋଟିଏ ଦେବନଗରୀରେ ଉପସ୍ଥିତ ହେଲା । ଦେବଦୂତମାନେ ଆଣି ଆସି ବରନାମାନଙ୍କୁ ବଧ କଲେ । ଅନେକଗୁଡ଼ିଏ ଦେବକନ୍ୟା ସେ ସ୍ଥାନରେ ଭ୍ରମଣ କରୁଥିଲେ—ପତିବ୍ରତା ଅଇଲେ—ସତୀ ଅଇଲେ—ସାଧ୍ୱୀ ଅଇଲେ, ଏହି ପ୍ରକାର ସମ୍ବୋଧନ କରି ଆଦରପୂର୍ବକ ତାହାଙ୍କୁ ନେଇ ଗଲେ । ଲକ୍ଷ୍ମୀର ସ୍ୱାମୀ ଏକ ରତ୍ନମୟ ସିଂହାସନରେ ବସିଛନ୍ତି, ଦେବକନ୍ୟାମାନେ ତାଙ୍କ ବାମପାର୍ଶ୍ୱରେ ବସାଇ ଦେଲେ । ଠିକ ଏହି ସମୟରେ ଗୋଟିଏ ଟେଁଟେଁଆ ପକ୍ଷୀ କୌଣ ଅକାଶର ନିସ୍ତବ୍ଧତା ଭଙ୍ଗ କରି ଟ—ଏ—ରେ, ଟ—ଏ—ରେ ଡାକ ଦେଉଁଲା ଉପର ଦେଇ ଉଡ଼ି ଗଲା । ଗୋଟିଏ ଗୃହକ ବରଗଛ ଉପରେ ବସି ଡାକୁଥାଏ, ସ—ଅ—ତୀ, ସ—ଅ—ତୀ । ପକ୍ଷିମାନଙ୍କ ଶବ୍ଦରେ ଲକ୍ଷ୍ମୀର ନିଦ୍ରାଭଙ୍ଗ ହେଲା । ନିଦ୍ରା ଆଳସ୍ୟରେ ତାକୁ ଜଣାଗଲା ସେହି ଦେବକନ୍ୟାମାନେ କହୁଅଛନ୍ତି, ସ—ଅ—ତୀ, ସ—ଅ—ତୀ । ତାକୁ ସ୍ୱପ୍ନ ସତ୍ୟପରି ଜଣା ଯାଉଥିଲା । ଅଳ୍ପକ୍ଷଣ ଉତ୍ତାରେ ପ୍ରକୃତ ଚେତନା ଫେରିଲା—ଭାବିଲା—କଣ ଏଏ ? ଏ କି ଦେବମାୟା ? ଦେବକନ୍ୟାମାନେ କହୁଅଛନ୍ତି ମୁଁ ସତୀ, ମୁଁ କି ସତୀ ? ସତୀ କିଏ ? ହେ ଭଗବାନ, ହେ ମହାଦେବ, ତୁମ୍ଭେ ଜାଣ ଜନ୍ମକାଳରୁ ଅଦ୍ୟାବଧି ମୁଁ କିଛି ଅନୁଚିତକାର୍ଯ୍ୟ କରି ନାହିଁ, କେବେ ମିଥ୍ୟା କଥା କହି ନାହିଁ, କାହାରି ମନରେ କଷ୍ଟ ଦେଇ ନାହିଁ, କାହାରି ଅମଙ୍ଗଳକାମନା କରି ନାହିଁ, ମାଙ୍କ ଆଜ୍ଞାରେ ଦେବ ବ୍ରାହ୍ମଣ ପୂଜୁଅଛି, ଆଉ ସ୍ୱାମୀ ହୃଦୟର ଦେବତା, ସର୍ବଦା ତାଙ୍କର ଚରଣ ସେବା କରି ଆପଣାକୁ ଧନ୍ୟ ଜ୍ଞାନ କରୁଥିଲି, ତାଙ୍କ ଆଜ୍ଞା କେବେ ଅବଜ୍ଞା କରି ନାହିଁ । ବିବାହ ସମୟଠାରୁ ତାଙ୍କୁ ହୃଦୟ-ସିଂହାସନରେ ସ୍ଥାପନ କରିଅଛି । ବାକ୍ୟରେ, ଦେହରେ କିମ୍ବା କାର୍ଯ୍ୟରେ କଦାପି ପତି-ଦେବତାଙ୍କ ଅପ୍ରିୟ କାର୍ଯ୍ୟ କରି ନାହିଁ । ହେ ଦେବ, ମୁଁ କ୍ଷୁଦ୍ର ପ୍ରାଣୀ, ଆଶୀର୍ବାଦ କର ମୁଁ ସ ପତିବ୍ରତା ହେବି । ମା କହିଥିଲେ—ମୁଁ ପୁରାଣରେ ଶୁଣିଛି, ସତୀ—ପତିବ୍ରତାମାନେ ସଧବ ସୀତା, ସାବିତ୍ରୀ, ଶକୁନ୍ତଳା, ସମସ୍ତେ ପତିବ୍ରତ ସମସ୍ତେ ସଧବା । ହେ ଦେବତା, ମୋ ପ୍ରଭୁଙ୍କ ମିଳାଇ ଦିଅ, ପ୍ରଭୁଙ୍କୁ ଖୋଜିବାକୁ ବଳ ଦିଅ ମୁଁ ଚତୁର୍ଦ୍ଦିଗରେ ତାଙ୍କ ଅପୂର୍ବ ରୂପ ଦେଖୁଅଛି, ନୟନ ପ୍ରେମମୂର୍ତ୍ତି ପ୍ରତିନିମେଷରେ ମୋ ନେତ୍ରରେ ଭାସୁଅଛନ୍ତି । ଲକ୍ଷ୍ମୀ ପୁରାଣରେ ଶୁଣିଥିଲା ଦୁର୍ଘଟନା ସତୀମାନଙ୍କ ପରୀକ୍ଷା, ସଂସାରେ ବିପଦ ସମୟରେ ଧୈର୍ଯ୍ୟଚ୍ୟୁତ ହୁଅନ୍ତି ନାହିଁ ସତୀଧର୍ମ ସତୀମାନଙ୍କର ରକ୍ଷାକାରୀ । ସତୀମାନେ ଅସାଧ୍ୟ ସାଧନରେ ସମର୍ଥ । ଭାବିଲା, ମୁଁ କେ ଆତ୍ମଘାତିନୀ ହୋଇ ଜୀବନକୁ କଳଙ୍କିତ କରିବି ମୋହର ଉପର ବଂଶ ବୀରଙ୍କ ବାଣ ପଦ୍ମ ସତୀମାନେ କେତେ କଷ୍ଟ ସହି କେତେ କୌଶଳରେ ସ୍ୱାମୀ ଲାଭ କରିଅଛନ୍ତି । ଏ ଶରୀ ମନ ପ୍ରଭୁଙ୍କୁ ସମର୍ପଣ କରିଅଛି, ପ୍ରଭୁଙ୍କ ସମ୍ପ କିପରି ନଷ୍ଟ କରିବି ? ମୋ ପ୍ରଭୁ ମୋତେ ଅନ୍ୱେଷଣ କରୁଅଛନ୍ତି, ମୁଁ ତାଙ୍କୁ ଖୋଜିବା ଯିବି, ଅବଶ୍ୟ ଭେଟ ହେବ, ଏକଲିଙ୍ଗ ଦେ କରିଇ ଦେବେ । ମୋର ବର୍ତ୍ତମାନ ଦୁଇ ଶ୍ରେ କର୍ତ୍ତବ୍ୟ—ସ୍ୱାମିଙ୍କ ଅନ୍ୱେଷଣ, ପିତୃହନ୍ତାର ମରହଟ୍ଟାର ବଧ ସାଧନ । ଶତ୍ରୁ ଅସଂଖ୍ୟ, ପ୍ରବଳ ମୁଁ ଅନାଥା ଏକାକିନୀ । ଚିନ୍ତା ନାହିଁ, ଭଗବାନ୍ ମଧୁସୂଦନ ସହାୟ ହେବେ, କୁଳଦେବତା ଏ ଲିଙ୍ଗ ରକ୍ଷା କରିବେ, ସାଧୁ କାର୍ଯ୍ୟରେ ପ୍ରଭୁ ସହ ହୁଅନ୍ତି । ଶତ୍ରୁ ଅସଂଖ୍ୟ, ସମସ୍ତଙ୍କୁ ମାରି ପାରି ନାହିଁ । ସେମାନଙ୍କ ମୂଳ ସର୍ଦ୍ଦାର ଯାହା ଅଛି ସମସ୍ତେ ଗୃହରେ ତାହାକୁ ହତ୍ୟା କରିବ । ନ ହତ୍ୟା ? ପିତୃଘାତକୁ ବିନାଶ କରିବା କର୍ତ୍ତବ୍ୟ ଶତସହସ୍ର ଲୋକଙ୍କ ହତ୍ୟାକାରୀକୁ ବଧ କରି

Digitized by srujanika@gmail.com

ଶ୍ୟ କାର୍ଯ୍ୟ । ଲଛମା ଅଣ୍ଟାକ ଅଣ୍ଟାଳ ଶିବ ଲିଙ୍ଗରେ ମସ୍ତକ ସ୍ପର୍ଶ କରଇ ପ୍ରାର୍ଥନା କଲା, ଦେବ ! ହେ ଅନାଥନାଥ ! ହେ ପ୍ରଭୋ ! ସହାୟ ଥ । ପ୍ରଭୋ ! ମୁଁ ଯଦି ସତୀ ହୁଏଁ, ଯଦି ତୁମ୍ଭ ପ୍ରତି ମୋର ଭକ୍ତି ଥାଏ, ସହାୟ ହୁଅ । ଅନାଥା, ଅଜ୍ଞାନା, ଳା ବାଳକାକୁ ରକ୍ଷା କର । ଶିରୋମଣି ଠାର ବଂଶର କୁଳଦେବତା ହେ ଏକଲିଙ୍ଗ ! ଅକୂଳ ସମୁଦ୍ରରେ ଭାସୁଅଛୁ, ରକ୍ଷା କର । ଲଛମା ଶିବଲିଙ୍ଗଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲା । ସେହି ସମୟରେ ଲଛମା ଅପୂର୍ବ ବଳ ଅପୂର୍ବ ଶାନ୍ତି ଅପୂର୍ବ ଜ୍ଞାନ ସ୍ୱର୍ଗରାଜ୍ୟରୁ ପ୍ରାପ୍ତ ହେଲାପରି ଅନୁଭବ କଲା ।

ଅଦ୍ୟାବଧି ସ୍ଥିର ଦିବସ ହେଲା ଲଛମା ଆହାର-ନିଦ୍ରା-ବିବର୍ଜିତା, ମାତ୍ର ତନ୍ନିମିତ୍ତ କ୍ଳେଶ ଅନୁଭବ ହେଉ ନ ଥିଲା । ହଠାତ୍ ତାହା ପଶ୍ଚାଦ୍ଭାଗରେ ଗୋଟା ପୁଟୁଳିରେ ହାତ ପଡ଼ିଲା । ସେଥିରେ କି ପଦାର୍ଥ ବନ୍ଧା ଅଛି, ଲଛମା ଏପର୍ଯ୍ୟନ୍ତ ସେଥିପ୍ରତି ମନୋଯୋଗ କରି ନାହିଁ । ଲଛମା ଯେତେବେଳେ ଉଆସରୁ ଆସିଲା, ମହାଦେବୀ ତାହା ପଶ୍ଚାଦ୍ଭାଗରେ ଗଣ୍ଠି ବାନ୍ଧି ଦେଇ କହିଲେ, "ମା, ଭୋକ ଲାଗିଲେ ଖାଇବୁ, ମୋ ରାଣ ।" ସେହି ଅମୃତମୟ ସ୍ନେହ ବାକ୍ୟ ମନରେ ପଡ଼ିବାରୁ ତାହା ନେତ୍ରରୁ ଲୋତକପାତ ହେଲା । ଗଣ୍ଠି ଫିଟାଇ ଦେଖିଲା, ପ୍ରାୟ ଦୁଇ ମାଣ ଚୂଡ଼ା ଏବଂ କେତେ-ଗୁଡ଼ାଏ ଖଜା । ଅନ୍ୟ କେତେଗୁଡ଼ାଏ କଠିନ ପଦାର୍ଥ ତାହା ହାତକୁ ଲାଗିଲା, ଗଣି ଦେଖିଲା ସଂଖ୍ୟା କୋଡ଼ିଏ, ସ୍ପର୍ଶଦ୍ୱାରା ଅନୁଭବ କଲା ସୁନା ମୋହର ।

ଲଛମା ଖାଦ୍ୟଗୁଡ଼ିକ ଦେବତାଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ କରି ପୁଷ୍କରିଣୀ ଘାଟରେ ଜଳଯୋଗ କଲା ।

କ୍ରମଶଃ

ଶ୍ରୀ ମୂର୍ତ୍ତି ।

ଆଲୋକ-ଲେଖ ବା ଫଟୋଗ୍ରାଫି । (୫)

ଦ୍ରବଣ-ମିଶ୍ର (Developing fluid) ୧ ନମ୍ବର —

ପ୍ରଟୋସଲଫେଟ୍ ଅବ୍ ଆଇରନ୍ [Protosulphate of Iron]	୧୫ ଗ୍ରେନ
ଗ୍ଲେସିୟାଲ ଏସିଟିକ୍ ଅସିଡ୍ [Glacial acetic acid]	୩୫ ମିନିମ
ଆଲ୍‌କୋହଲ	୨୦ ମିନିମ
ଜଳ	୧ ଆଉନ୍‌ସ

ଏହି କେତୋଟି ଦ୍ରବ୍ୟକୁ ଶିଶିରେ ଏକତ୍ର ମିଶାଇ ଦ୍ରବ କରିବାକୁ ହେବ; ବ୍ଲଟିଂଦ୍ୱାରା ଛାଣିବାର କୌଣସି ଆବଶ୍ୟକ ହୁଏ ନାହିଁ କିନ୍ତୁ ମଇଳା ଦେଖା ଗଲେ ଛାଣି ନେବା ପ୍ରୟୋଜନ । ପଟ କିମ୍ବା କାମରେ ସାଧାରଣତଃ ଏହି ପ୍ରଣାଳୀ ବ୍ୟବହୃତ ହୁଏ ।

ଦ୍ରବଣ-ମିଶ୍ର ୨ ନମ୍ବର ।

ହୀରାକସ [Sulphate of Iron]	୧½ ଆଉନ୍‌ସ
ନାଇଟ୍ରେଟ ଅବ୍ ବ୍ୟାରଟା	୧ ଆଉନ୍‌ସ
ଆଲ୍‌କୋହଲ	½ ଆଉନ୍‌ସ
ନାଇଟ୍ରିକ ଅସିଡ	୩୫ ମିନିମ
ଜଳ	୧୬ ଆଉନ୍‌ସ

ନାଇଟ୍ରେଟ ଅବ୍ ବ୍ୟାରଟାକୁ ଉତ୍ତମରୂପେ ଚୂର୍ଣ୍ଣ କରି କାଚପାତ୍ରରେ ରଖି ତହିଁରେ ଜଳ ମିଶାଇବାକୁ ହୁଏ; ଶୀତଳ ଜଳରେ ବ୍ୟାରଟା ଦ୍ରବ ହୁଏ ନାହିଁ, ଏଥିପାଇଁ ଉତ୍ତାପ ଦେଇ ଜଳକୁ ଗରମ କରିବାକୁ ହୁଏ, [କିନ୍ତୁ ଅଧିକ ଉତ୍ତାପ ଦେଇବା ନ ଯିବ, ଏ ବିଷୟରେ ସାବଧାନ

ହେବା ଆବଶ୍ୟକ] ଉତ୍ତାପ ଯୋଗୁଁ ବ୍ୟାରଟା ସମ୍ପୂର୍ଣ୍ଣ ଦ୍ରବ ହୋଇଗଲେ, ଉତ୍ତପ୍ତ ଥାଉଁ ଥାଉଁ ତହିଁରେ ସ୍ପାରକସ ଚୂର୍ଣ୍ଣ ମିଶାଇ କାଚଦଣ୍ଡଦ୍ୱାରା କିଛିକ୍ଷଣ ଆଲୋଡ଼ନ କରିବାକୁ ହୁଏ । ସ୍ପାରକସ ମିଶି ଗଲେ ଏହାର ବର୍ଣ୍ଣ ଦୁଗ୍ଧପରି ଦେଖାଯାଏ । କିଛିକ୍ଷଣ ଏହାକୁ ସ୍ଥିରଭାବରେ ରଖିଦେଲେ ମିଶ୍ରିତ ଚୂର୍ଣ୍ଣଗୁଡିକ ଜଳର ନିମ୍ନଭାଗରେ ବସିଯାଏ । ତହୁଁଉତ୍ତାରୁ ଏହାକୁ ବ୍ଲଟିଂକାଗଜଦ୍ୱାରା ଛାଣି ନେଇ ଶୀତଳ ହୋଇଗଲେ ଅଳ୍ପ ଅଳ୍ପ ଜଳରେ ଉପରୋକ୍ତ ନାଇଟ୍ରିକ୍ ଏସିଡକୁ ବିନ୍ଦୁ ବିନ୍ଦୁ ପରିମାଣରେ ଏଥିସହ ମିଶ୍ରିତ କରି ପରେ ଅଲ୍‌କୋହଲ ମିଶାଇବାକୁ ହୁଏ ।

ଏହି ସ୍ଫୁଟନ-ମିଶ୍ର ବ୍ୟବହାରରେ ଅତି ସୁନ୍ଦର ଛବି ହୁଏ ।

୧ ନମ୍ବର ସଂରକ୍ଷଣ-ମିଶ୍ର (Fixing Solution)*

କାଚଫଳକଉପରେ ପ୍ରତିରୂପ [ଫଟୋଗ୍ରାଫ] ନେଇ ସ୍ଫୁଟନ-ମିଶ୍ରଦ୍ୱାରା ମୂର୍ତ୍ତି ପ୍ରକାଶିତ ହେଲା ପରେ ମଧ୍ୟ କାଷ୍ଟିକ ଦ୍ରବର ଯଥେଷ୍ଟ କ୍ଷମତା ଥାଏ, ଅର୍ଥାତ୍ ଯେତେବେଳେ ଆଲୋକ ସ୍ପର୍ଶ କଲେ କାଚଫଳକ କଳା ହୋଇଯାଇ ପ୍ରତିରୂପ ନଷ୍ଟ ହୋଇଯାଏ, ସୁତରାଂ ଏହାର ସଂରକ୍ଷଣ ନିମନ୍ତେ ନିମ୍ନୋକ୍ତ ସଂରକ୍ଷଣ-ମିଶ୍ର ପ୍ରୟୋଗଦ୍ୱାରା କାଷ୍ଟିକର କ୍ଷମତା ବିଲୁପ୍ତ କରିବାକୁ ହୁଏ ।

ସାଇନାଇଡ଼ ଅବ୍ ପଟାସିଅମ
[Cyanide of potassium] ୧୦ ଗ୍ରେନ
ଜଳ ୧ ଆଉନ୍‌ସ

ସାଇନାଇଡ଼କୁ ଜଳରେ ଉତ୍ତମରୂପେ ମିଶାଇଲା ପରେ ମଧ୍ୟ ସମୟ ସମୟରେ ତହିଁରେ ବିନ୍ଦୁ ବିନ୍ଦୁ କାଷ୍ଟିକ ଦ୍ରବ କେଉଁ ଯୋଗକରିବାକୁ ହୁଏ ।

ସାଇନାଇଡ଼ ଅବ୍ ପଟାସିଅମ ଅତ୍ୟନ୍ତ ବିଷାକ୍ତ ପଦାର୍ଥ, ଏଥି ନିମନ୍ତେ ବିଶେଷ ସାବଧାନତା ସହିତ ଏହା ବ୍ୟବହାର କରିବା ବିହିତ ।

ବାର୍ଣ୍ଣିସ ପ୍ରସ୍ତୁତ କରିବା ପ୍ରଣାଳୀ ।

କାଚଫଳକରେ ପ୍ରତିରୂପ ଉଠିଲା ପରେ ତହିଁରେ ବାର୍ଣ୍ଣିସ ଲଗାଇବା ଆବଶ୍ୟକ; କାରଣ ବାର୍ଣ୍ଣିସ ନ ଲାଗିଲେ ସମୟରେ ପରକ୍ଷାଦେଉଥିବେ ବସ୍ତ୍ର ଅଥବା ଅନ୍ୟ କୌଣସି ପଦାର୍ଥ ବାଜି ଛବି ବିନଷ୍ଟ ହୋଇଯାଏ; ଏହି କାରଣରୁ ବାର୍ଣ୍ଣିସ ଲଗାଇବା ବିଶେଷ ଆବଶ୍ୟକ । ପଜିଟିଭ ଫଟୋଗ୍ରାଫିରେ ଦୁଇ ପ୍ରକାର ବାର୍ଣ୍ଣିସ ଆବଶ୍ୟକ ହୁଏ, ଧଳା ବାର୍ଣ୍ଣିସ ଛବି ଉପରେ ଲଗାଇବା ନିମନ୍ତେ ଏବଂ କଳା ବାର୍ଣ୍ଣିସ କାଚଫଳକରେ ଲଗାଇବା ନିମନ୍ତେ ।

୧ ନମ୍ବର ବାର୍ଣ୍ଣିସ ।

ପରିଷ୍କୃତ କୋପେଲ [Copal] ୪୦ ଗ୍ରେନ
ବେଞ୍ଜୋଲ [Benzole] ୧ ଆଉନ୍‌

ଏହି ଦୁଇ ପଦାର୍ଥକୁ ଏକତ୍ର ମିଶାଇଲେ କୋପେଲ ଦ୍ରବ ହୋଇଯାଏ । ତହୁଁଉତ୍ତାରୁ ବ୍ଲ କାଗଜଦ୍ୱାରା ଛାଣି ପରିଷ୍କାର କରିବାକୁ ହୁଏ ।

୨ ନମ୍ବର ବାର୍ଣ୍ଣିସ ।

କାଉଚୁକ [Caoutchouc] ୧୫ ଗ୍ରେନ
ଧୀର [Asphaltum] ୨ ଆଉନ୍‌
ଖଣିଜ ନ୍ୟାପଥା [Naptha] ୫ ଆଉନ୍‌

ଧୀର ଓ କାଉଚୁକରେ ନ୍ୟାପଥା ଯୋଗ କରି ଦ୍ରବ କରିବାକୁ ହୁଏ,—ଆବଶ୍ୟକ ହେଲେ ଉତ୍ତାପ ପ୍ରୟୋଗ କରାଯାଏ ।

ବିରୂପ ବା ନେଗେଟିଭ୍ ଫଟୋଗ୍ରାଫି ।

ପ୍ରଥମତଃ ପଜିଟିଭ୍ ଫଟୋଗ୍ରାଫିରେ ଯେ କଲୋଡିଅନ୍ ପ୍ରସ୍ତୁତ କରିବାର ପ୍ରଣାଳୀ ପ୍ରଦ ହୋଇଅଛି ତଦନୁସାରେ କଲୋଡିଅନ୍ ପ୍ରସ୍ତୁ କରି ତହିଁରେ ଦୁଇ ପ୍ରକାର ଅୟୋଡ଼ା ମିଶାଇବାକୁ ହୁଏ ।

* ଏହା Hardwich's manual of Photographic chemestry ମତାନୁସାରେ ଏହି ଅନୁଷ୍ଠିତ ଅଟେ ।

Digitized by srujanika@gmail.com

[ନେଗେଟିଭ୍] ଅପ୍ରୋଡ଼ନ୍-ମିଶ୍ର ।

ଅପ୍ରୋଡ଼ାଇଡ଼ ଅବ୍ ପଟାସିଅମ	୧୬୦ ଗ୍ରେନ
ଆଲ୍କୋହଲ	୧୦ ଆଉନ୍ସ

ପ୍ରଥମତଃ ଅପ୍ରୋଡ଼ାଇଡ଼ ଅବ୍ ପଟାସିଅମକୁ ଉତ୍ତମରୂପେ ଚୂର୍ଣ୍ଣ କରି ଆଲ୍କୋହଲଦ୍ୱାରା ଦ୍ରବ କରିବାକୁ ହେବ, କିନ୍ତୁ ଅଗ୍ନି ଉତ୍ତାପ ବ୍ୟତୀତ ଏହା ସମ୍ପୂର୍ଣ୍ଣ ଦ୍ରବ ହୋଇ ନ ପାରେ, ଏଥିନିମନ୍ତେ କୌଣସି ଶିଶିମଧ୍ୟରେ ରଖି ଅତି ସାବଧାନରେ ଅଳ୍ପ ଅଳ୍ପ ଉତ୍ତାପ ଦେଇ ଦ୍ରବ କରିବା ଉଚିତ । ଯେପରି ଅତ୍ୟଧିକ ଉତ୍ତାପ ଯୋଗୁଁ ଶିଶି ଫାଟି ନ ଯାଏ । ଅପ୍ରୋଡାଇଡ ଅବ୍ ପଟାସିଅମ ଦ୍ରବ ହେଲେ ଅପ୍ରୋଡନ୍-ମିଶ୍ର ପ୍ରସ୍ତୁତ ହେବ । ମିଶ୍ରପୂର୍ଣ୍ଣ ଶିଶିକୁ ଅନ୍ଧକାର ଗୃହରେ ରଖିବା ଆବଶ୍ୟକ, କାରଣ ଆଲୋକ ଲାଗିଲେ ଅପ୍ରୋଡନ୍-ମିଶ୍ର ହରିଦ୍ରାବର୍ଣ୍ଣ ହୋଇଯାଏ । ଦେଢ଼ ଭାଗ କଲୋଡିଅନ୍ ସହିତ ଏକ ଭାଗ ଅପ୍ରୋଡନ୍ ମିଶ୍ରିତ ହେବ ।

[ନେଗେଟିଭ୍] କଷ୍ଟିକ ଦ୍ରବ ।

ଷ୍ଟିକ କଷ୍ଟିକ	୨ ଡ୍ରାମ
ଗ୍ଲେସିଅଲ ଏସିଟିକ୍ ଅସିଡ [Glacial acetic acid]	୧ ମିନମ
ଆଲ୍କୋହଲ	୪୦ ବିନ୍ଦୁ
ପରିଷ୍କୃତ ଜଳ [ପରିଷ୍କୃତ ବୃଷ୍ଟି ଜଳ ହେଲେ ଭଲ ହେବ]	୪ ଆଉନ୍ସ

ନେଗେଟିଭ୍ କଷ୍ଟିକ ଦ୍ରବ ପ୍ରସ୍ତୁତ କରିବାର ପ୍ରଣାଳୀ ଅନୁସାରେ ଏହାକୁ ମିଶ୍ରିତ କରିବ ।

[ନେଗେଟିଭ୍] ଷ୍ଟୁଟକ-ମିଶ୍ର ୧ ନମ୍ବର ।

ପାଇରଗାଲିକ୍ ଅସିଡ୍ [Pyrogallic acid]	୧ ଗ୍ରେନ
ଗ୍ଲେସିଅଲ ଏସିଟିକ୍ ଅସିଡ୍	୨୦ ମିନମ
ପରିଷ୍କୃତ ଜଳ	୧ ଆଉନ୍ସ

ଏହା ଏକତ୍ର ମିଶାଇ ଦ୍ରବ କରିବାକୁ ହେବ—ଗୁଣିବାର ବିଶେଷ ଆବଶ୍ୟକ ହେବ ନାହିଁ ।

[ନେଗେଟିଭ୍] ଷ୍ଟୁଟକ-ମିଶ୍ର ୨ ନମ୍ବର ।

ଘ୍ରସ୍କସ	୧୫ ଗ୍ରେନ
ଗ୍ଲେସିଅଲ ଏସିଟିକ୍ ଅସିଡ	୩୦ ବିନ୍ଦୁ
ପରିଷ୍କୃତ ଜଳ	୧ ଆଉନ୍ସ

ଏକତ୍ର ମିଶ୍ରିତ କରି ଦ୍ରବ କରିବାକୁ ହେବ ।

[ନେଗେଟିଭ୍] ସଂରକ୍ଷଣ-ମିଶ୍ର ।

ହାଇପୋସଲଫାଇଟ୍ ଅବ୍ ସୋଡ଼ା [Hyposulphite of soda]	୩ ଆଉନ୍ସ
ଜଳ	୪ ଆଉନ୍ସ

ଗୋଟିଏ ଶିଶିରେ ଉପରୋକ୍ତ ଜଳ ରଖି ତହିଁରେ ହାଇପୋ ଯୋଗ କରି ଦ୍ରବ କରିବାକୁ ହେବ, ଏହି ଦ୍ରବ ଅନେକ ଦିନ ବ୍ୟବହୃତ ହେଲେହେଁ ନଷ୍ଟ ହେବ ନାହିଁ ।

ନେଗେଟିଭ୍ ବାର୍ଣ୍ଣିସ ।

ନେଗେଟିଭ୍‌ରେ ଲଗାଇବା ନିମନ୍ତେ କେବଳ ଏକ ପ୍ରକାର ବାର୍ଣ୍ଣିସ ଆବଶ୍ୟକ ହେବ, ଏଥିପାଇଁ କଳା ବାର୍ଣ୍ଣିସ ଆବଶ୍ୟକ ହେବ ନାହିଁ ।

ଆଲ୍କୋହଲ	୫ ଆଉନ୍ସ
ଲାକ୍ଷା [Lac]	୩ ଡ୍ରାମ
ଚନ୍ଦ୍ରାସ [Sandrac]	୨୦ ଗ୍ରେନ

କୌଣସି କାଚପାତ୍ରରେ ଏହାକୁ ଏକତ୍ର ରଖି ଅଳ୍ପ ଉତ୍ତାପ ପ୍ରୟୋଗଦ୍ୱାରା ଦ୍ରବ କରିବାକୁ ହେବ । ଦ୍ରବ ହେବାଉତ୍ତାରେ ବ୍ଲଟିଂଦ୍ୱାରା ଛାଣି ପରିଷ୍କାର କରିବାକୁ ହେବ ।

କ୍ରମଶଃ

ଶ୍ରୀ ଶ୍ୟାମସୁନ୍ଦର ଧଠିଆ ।

Digitized by srujanika@gmail.com

ବାଇ ମାହାନ୍ତି ପାଞ୍ଜି । (୩)

କୌଣସି ବ୍ୟକ୍ତି ବା ବିଷୟର ପକ୍ଷ ସମର୍ଥନ କରି କହିବା ପୂର୍ବରୁ (ଅର୍ଥାତ୍ ଓକାଲତନାମାରେ ଦସ୍ତଖତ କରି ଫିସ୍ ଟଙ୍କାଟି ଉଠାଇବା ପୂର୍ବରୁ) ସେ ବ୍ୟକ୍ତି କିମ୍ବା ବିଷୟର ଉପକାର ଓ ଅପକାର (ଗୁଣ ଏବଂ ଦୁର୍ଗୁଣ) ର ଏକ ଫେରସ୍ତ ତାଲିକା ପ୍ରସ୍ତୁତ କରି ସମ୍ୟକ୍ ବିବେଚନା କରିବାର ଏକାନ୍ତ ଅବଶ୍ୟକ । ତା ନ ହେଲେ ସାକ୍ଷୀ ଅମେଳ ବା ଗରହାଜିରରେ ମାମଲା ଖାରଜ ହେଲେ ସର୍ବନାଶ । ଜଣେ ଜଣେ ଓକିଲ ମୁକ୍ତାରଙ୍କର ଏପରି ହାତଯଶ ଯେ ତାଙ୍କୁ ଓକାଲତି ବା ମୁକ୍ତାରୀ ଦେଲେ ମକଦ୍ଦମା ଉପସ୍ଥିତ କିମ୍ବା ଖାରଜ ହେବ ବୋଲି ଲୋକଙ୍କ ମନରେ ଧ୍ରୁବ ସଂସ୍କାର ଜନ୍ମିଥାଏ । ବାଇ ମାହାନ୍ତି ସବୁ ଭିଆଣ ସ୍ୱୀକାର କରିବାକୁ ପ୍ରସ୍ତୁତ, କିନ୍ତୁ କୌଣସି ଜମେ ବଦନାମ୍ ହେବାର ବିଶ୍ୱାସିକା ତାଙ୍କୁ ବିଶେଷ କଷ୍ଟ ଦିଏ । ବିଧବାବିବାହ ଦେଶରେ ପ୍ରଚଳିତ ହେବାର ଉଚିତ କି ନା ? ଏ ବିଷୟ ତାଙ୍କୁ ଜଣେ ମଧ୍ୟାହ୍ନବନ୍ତ ବ୍ୟକ୍ତି ପ୍ରଶ୍ନ କରିଥିଲେ । ସେ ମ୍ଳେ-ଲଣ୍ଠା ଏଡ଼ି ନ ପାରି ଉକ୍ତ ମଧ୍ୟସ୍ଥ ବ୍ୟକ୍ତିଙ୍କ ମନରେ 'ଏକଳ' ମାରି ଦେଲେ । କିନ୍ତୁ ତପାକୁ ଅଧି ପାଞ୍ଜିରେ ଯାହା ଟିପିଥିଲେ ତହିଁର ସାରାଂଶ ନିମ୍ନରେ ପ୍ରଦତ୍ତ ହେଲା । ପାଠକମାନେ ଟିକିଏ ସତର୍କ ହେବେ—ଉଭୟପକ୍ଷର ଏଯାହାର, ସାକ୍ଷୀ ଜବାନବନ୍ଦୀ, ଚହୋଟ, ଜବାବ ସୁଆଲ ଓ ସରଜମିନ୍ ତଦାରଖ୍ ଶେଷ ନ ହେବାଯାଏ ରାୟ ଲେଖି ବସିବେ ନାହିଁ । ରାୟ ଲେଖି ବସିଲେ ଅପିଲରେ ଉପରରୁ କଥା ଉଲଟ ଆସିଲେ ଚାହିଁ ଚାହିଁ ସସ୍‌ପେଣ୍ଡ ହେବେ ମାତ୍ର ।

ହିନ୍ଦୁସମାଜରେ ବିଧବାବିବାହ ପ୍ରଚଳିତ ହେଲେ ଦେଶର ବ ବ ଅମଙ୍ଗଳ ସାଧିତ ହେବାର ସମ୍ଭାବନା:—

୧ ।—ବର୍ତ୍ତମାନ ଯେତେ ସଧବା ସ୍ତ୍ରୀ ଅଛନ୍ତି ସେମାନଙ୍କର ଅଲଙ୍କାର ନଜାଦରେ କର୍ଣ୍ଣ ବ୍ୟୟ ହେଉଅଛି । ବିଧବାମାନେ ସଧବା ହେଲେ ଅର୍ଥାତ୍ ସଧବାଙ୍କ ସଂଖ୍ୟା ବେଶି ହେଲେ ସମସ୍ତେ ଅଲଙ୍କାର ପିନ୍ଧିବେ ଓ ଅଲଙ୍କାରର 'ଝୁଣଝୁଣି'ରେ ପୃଥିବୀ ଫାଟି ଯିବ ।

୨ ।—ସୁନା ରୁପା ହୀରା ଓ ଶାଢ଼ୀର ଦାମ ବଢ଼ି ଯିବ । ଅର୍ଥନୀତିର ନିୟମ ଅନୁଯାୟୀ ଶିକ୍ଷିତ ଜନଙ୍କୁ ଜଣା ।

୩ ।—ଠାକୁରସେବା ନିମନ୍ତେ ବଡ଼ ବଡ଼ ତୀର୍ଥରେ ଗୋଟିଏ ବୃଦ୍ଧା ସେବାଦାସୀ ବା 'ମାଉ,କ' ମିଳିବେ ନାହିଁ । ତାହା ହେଲେ ଧର୍ମହାନି ବିଶେଷତଃ ପୁରୁଷୋତ୍ତମପୁର କ୍ଷେତ୍ର ମାଟି ହୋଇଯିବ ।

୪ ।—ବାଲବିଧବାର ବିବାହ ଶାସ୍ତ୍ରାନୁମୋଦିତ ବୋଲି କେତେ ଲୋକ କହନ୍ତି, କିନ୍ତୁ ଦେଶାଚାରର ନଜିରଟା ସେମାନଙ୍କୁ ଜଣା ନାହିଁ ।

୫ ।—ଋଷିଆରେ ସାଧାରଣତନ୍ତ୍ର ଶାସନପ୍ରଣାଳୀ ଚଳାଇବାର ଚେଷ୍ଟା କି ବିପଦ୍, ତାହା ସମସ୍ତେ ଅନୁମାନ କରୁଥିବେ । ଆମ୍ଭ ଦେଶରେ ବିଧବା ବିବାହ ପ୍ରଚଳିତ ହେଲେ ଫଳ ତଦ୍ରୂପ ବିଷମ ହେବ ଏହା କାହାକୁ ବୁଝାଇ ଦେବାକୁ ହେବ ନାହିଁ ।

୬ ।—ସମସ୍ତେ ତ ସଧବା ହେବେ, ବ୍ରହ୍ମ... ଉପବାସ କରିବ କିଏ ?

୭ ।—ସ୍ତ୍ରୀମାନେ କଳହ କରିବାକୁ ଡରେ... ନାହିଁ । 'ରାଣ୍ଡ ହୋ' ଏହା ଗୋଟିଏ ଗାଳି ... ହୋଇ ଆଶୀର୍ବାଦରେ ପରିଣତ ହେବ ।

୮ ।—ବିଧବା ହେଲେ ଭଣ୍ଡାରଣୀ ଖାଉ ନ ପାରି... ଜାଏ । ବିଧବାବିବାହ ପ୍ରଚଳିତ ହେଲେ ଭଣ୍ଡାରୁଣୀର ଅଧିକରେ ଧୂଳି ପଡ଼ିବ ।

Digitized by srujanika@gmail.com

୯ ।—ସ୍ତ୍ରୀମାନେ ଯେବେ ଜାଣି ପାରିବେ ଯେ ପସ୍ଥିତ ସ୍ୱାମିଙ୍କ ଅନ୍ତେ ସେମାନଙ୍କୁ ଆ... ଧରଷିତା' ହୋଇ ବୁଲଇାଲୁ ହେବ ନାହିଁ, ।ହା ହେଲେ ସେମାନଙ୍କର ସ୍ୱାମିଭକ୍ତି ଅଟୌ ହବ ନାହିଁ ଓ କ୍ରମଶଃ ସ୍ତ୍ରୀମାନେ ସ୍ୱାମିଙ୍କୁ ପଦା- ଘ କରବାକୁ କୁଣ୍ଠିତ ହେବେ ନାହିଁ ।

୧୦ ।—ଦେଶୀୟ ରାଜାମାନଙ୍କ ଅନ୍ତଃପୁରରେ ନ ଉଠିବ କିଏ ? ଆଜିକାଲି ଇଂରେଜୀ ଅମଳ ାଲି ଏବେ ଭୟ । ବିଧବାଙ୍କ ପରିବର୍ତ୍ତେ ତ୍ରିମ ନପୁଂସକମାନଙ୍କଦ୍ୱାରା କାର୍ଯ୍ୟ ଚଳନ୍ତା; ନ୍ତୁ ସେଥିପାଇଁ 'ପିଙ୍ଗଲକୋଡ'ର ୩୨୨ ଦଫା ଯ ବନ୍ଦ ।

୧୧ ।—ଯେଉଁ ବିଧବାମାନେ ଅନ୍ଧକାରେ ମିଶ ଗୁଡଅଛନ୍ତି, କପାଳରେ ସିନ୍ଦୂର ଲଗାଉ ।ହାନ୍ତି ଓ ଅଳଙ୍କାର ବା ଶାଢୀ ପିନ୍ଧୁ ନାହାନ୍ତି ସମାନେ ଏ ସବୁକୁ ପୁନର୍ଗ୍ରହଣ କରି ପ୍ରଥମେ ପର ସାଇ ପଡସାଙ୍କ ଆଗରେ ମୁହଁ ଦେଖାଇବେ?

୧୨ ।—ଏ ପ୍ରଥା ପ୍ରଚଳନ କରିବାଦ୍ୱାରା ଆମ୍- ନଙ୍କ ପୂର୍ବପୁରୁଷମାନଙ୍କୁ ମୂର୍ଖ ଓ ଭ୍ରାନ୍ତ ବୋଲି ପେନ୍ନ କରାଯିବ । ଯଦି ଏହା ଗୋଟିଏ ବ୍ୟବସ୍ଥା ହୋଇଥାନ୍ତା, ତେବେ କଣ ଆମ ବାପା ା ଓଳ୍ଟୁ ଥିଲେ ?

୧୩ ।—କଲିକତାର ମା କାଳୀଙ୍କ ସେବା ପୂଜା ନ ହେବ—ଅତଏବ ଧର୍ମନାଶ ।

୧୪ ।—ବର୍ତ୍ତମାନ ବିଧବାର 'ବି' ଉପସର୍ଗର ନେକାର୍ଥବୋଧକତା ଲୋପ ପାଇଲେ ବ୍ୟାକରଣ ପରେ କୁଠାରଘାତ ।

୧୫ ।—ଦେଶପ୍ରଚଳିତ ମିତାକ୍ଷରା, ଦାୟଭାଗ, ବସ୍ଥାସଂଗ୍ରହ, ବ୍ୟବହାରମୟୂଖ, ବିବାଦଚନ୍ଦ୍ରା- ଇତ୍ୟାଦିର ଅନେକ ଅଂଶ ବର୍ଜିତ ହେଲେ ଶାସ୍ତ୍ର ଅନାଦୃତ ହେବ ।

୧୬ ।—ଏହା ପ୍ରଚଳିତ ହେଲେ ବୃଦ୍ଧାମାନଙ୍କର ଭଣାପଭାଗୀ ହେବାକୁ ହେବ ।

୧୭ ।—କେହି କେହି ଠିକିଲେ ଣିଶନ୍ତି ବୋଲି ଗୋଟିଏ ପ୍ରବାଦ ଅଛି । ବଙ୍ଗ ଦେଶରେ ଏ ପ୍ରଥାର ପୁନଃପ୍ରଚଳନର ପ୍ରସ୍ତାବ କରି ୬ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ସେପରି ହଟହଟା ହୋଇଅଛନ୍ତି, ତାହା ଦେଖି ଶୁଣି ଅମ୍ଭମାନଙ୍କ ଦେଶର ସମ୍ସାରପ୍ରାର୍ଥୀମାନଙ୍କର ସେମିତ ... ନ ହେବା ବଡ଼ ପରିତାପର ବିଷୟ ।

୧୮ ।—ଅନେକ ଗୁପ୍ତ ଔଷଧବ୍ୟବସାୟିଙ୍କ ଅନ୍ନରେ ବାଧା ପଡ଼ିବ ।

୧୯ ।—ଦଣ୍ଡବିଧିର ଗୋଟିଏ ଦଫାର ମକଦ୍ଦମାର ସଂଖ୍ୟା କମ ହେଲେ ସରକାରଙ୍କର ଷଡ଼ ଓ ହାକିମ ମାନେ ଅଳସୁଆ ହୋଇଯିବେ ।

୨୦ ।—ଅମ୍ଭମାନଙ୍କ ଦେଶରେ ଉଚ୍ଚ ଓ ନୀଚ କୁଳମଧ୍ୟରେ ପ୍ରଭେଦ ଏହି ଯେ ବିଧବାବିବାହ ନୀଚ ଜାତିମଧ୍ୟରେ ପ୍ରଚଳିତ, କିନ୍ତୁ ଉଚ୍ଚ ଜାତିମଧ୍ୟରେ ତାହା ଘୃଣ୍ୟ । ସବୁ ଶ୍ରେଣୀରେ ଏହା ଚଳିଲେ 'ଧୂଆ ମୂଳା ଅଧୂଆ ମୂଳା'ର ପ୍ରଭେଦ ରହିବ ନାହିଁ; 'କପା କପୁର ଏକମୂଲ' ହେବ ।

୨୧ ।—ଯେଉଁମାନଙ୍କ କୁଳରେ ବାଲ୍ୟବିବାହ ପ୍ରଚଳିତ, ସେମାନଙ୍କର ଅନେକଗୁଡ଼ିଏ 'କନ୍ୟା' 'ଅଭଅଡୀ' ହୋଇ ରହିବେ । ଅଧିକାଂଶ ବିଧବା ଅବଶ୍ୟ ପ୍ରାପ୍ତବୟସ୍କା ଏହା ସ୍ୱୀକାର୍ଯ୍ୟ । ଲୋକେ ପ୍ରାପ୍ତବୟସ୍କାଙ୍କୁ ବିବାହ ହେବାର ସୁଯୋଗ ପାଇଲେ ଅପ୍ରାପ୍ତବୟସ୍କାଙ୍କୁ ବିବାହ କରିବେ ନାହିଁକି ? ଅତଏବ ପିତାମାନେ କନ୍ୟାଦାନ ଜନ୍ୟ ସ୍ୱର୍ଗଲାଭ କରି ପାରିବେ ନାହିଁ ।

୨୨ ।—ଆଜକାଲି ସାଧାରଣ ଅନୁଭବରୁ ବେଶ୍ ଗୋଟାଏ ମୋଟାମୋଟି ଜଣା ପଡୁଅଛି ଯେ ବର ପାତ୍ର ବା କନ୍ୟା ପାତ୍ରୀକର ଅଭାବ ନାହିଁ । ଦୁହେଁ ସମାନ । କିନ୍ତୁ ବିଧବାମାନେ ବିବାହଯୋଗ୍ୟ ହେଲେ ବିବାହପ୍ରାର୍ଥିନୀଙ୍କ ସଂଖ୍ୟା ବିବାହପ୍ରାର୍ଥୀଙ୍କ ସଂଖ୍ୟା ଅପେକ୍ଷା ଢେର ବେଶି ହେବ । ତାହା ହେଲେ ସମାଜରେ ଗୋଟିଏ ବିପ୍ଲବ ଉପସ୍ଥିତ

Digitized by srujanika@gmail.com

ହେବ ଓ କ୍ରମଶଃ ବରପାତ୍ରଙ୍କ ଚରିତ୍ରମନ ବେଶି ଶୀର୍ଣ ହେବ ।

୧୩ ।—ସ୍ତ୍ରୀମାନେ ଅଧିକ ହେବାର ସୁବିଧା ପାଇବେ । ଲୁଚାଇ ଗୋପନରେ ହଯାରେ କୁକର୍ମ ହେଲ ଏହା ସେଥିପାଇଁ ସମାଜ ଦାୟୀ ହୋଇ ନ ପାରେ । କିନ୍ତୁ ପ୍ରକାଶ୍ୟରେ ଏକସ୍ୱାମୀ ଥିଲେ ଅନ୍ୟ ପତି ବରଣ ଗୋଟିଏ ସାମାଜିକ ନିୟମରେ ପରିଣତ ହେଲେ ସମସ୍ତେ ସମାଜକୁ ନିନ୍ଦା କରିବେ । ଜଣେ ମାଷ୍ଟରଙ୍କ ଅଭ୍ୟାସ ମନେ ପଡିଲା । ସେ ସବୁ ଦିନେ ପ୍ରଶ୍ନଗୁଡିକ ଅତି ଜଟିଳ କରିଥାନ୍ତି । ଏପରି କି ଛାତ୍ରମାନେ ପୁସ୍ତକ ସାହାଯ୍ୟ ବ୍ୟତିରେକେ ତାହା ଉତ୍ତର କରିବା ଏକାନ୍ତ ଅସମ୍ଭବ । ଛାତ୍ରମାନେ ପ୍ରଶ୍ନଗୁଡିକର ଉତ୍ତର ଲେଖି ବସିଲେ ଶିକ୍ଷକ ମହାଶୟ ପିଲାମାନଙ୍କ ସ୍ୱସ୍ଥାନ ଉପରେ ସବୁ ନିର୍ଭର ପକାଇ ଦେଇ ବିଶ୍ରାମ କାମରେ ଚାଲି ଆସନ୍ତି । ଉତ୍ତର କାଗଜରେ ଅବଶ୍ୟ ବାଳକମାନେ ସନ୍ତୋଷଜନକ ଉତ୍ତର ଲେଖି ଥାନ୍ତି । ପ୍ରଶ୍ନ ସହଜ କଲେ କାଳେ ଶିକ୍ଷକ ଅଜ୍ଞ ବୋଲି ବିବେଚିତ ହେବେ ! ବାଳକମାନେ ଅସଦୁପାୟ ଦ୍ୱାରା ପ୍ରଶ୍ନର ଉତ୍ତର କରନ୍ତୁ କ୍ଷତି ନାହିଁ, କିନ୍ତୁ ଶିକ୍ଷକ ମୂର୍ଖ ବୋଲି ବିବେଚିତ ହେଲେ ସେ ସର୍ବନାଶ ! ବାହାରର ଲୋକେ କଣ କହିବେ ? ବାହାରର ଲୋକେ ମଧ୍ୟ କଣ କହନ୍ତି, ତାହା ପାଠକମାନେ ଅନୁମାନ କରୁଥିବେ ।

୧୪ ।—ବିଧବାବିବାହ ପ୍ରଚଳିତ କଲେ ବିଧାତାଙ୍କ ନିକଟରେ ଦ୍ରୋହୀ ହେବାକୁ ପଡିବ । ବିଧବା ହେବା ମନୁଷ୍ୟ ହାତର କଥା ନୁହେଁ । ଏହା ବିଧାତାଙ୍କର ବିଚାର । ବିଧାତା ଯାହାକୁ ବିଧବା ହୋଇ ସ୍ଥିର କରି ସ୍ୱାମିକୁ କାଢ଼ି ନଅନ୍ତି, ତାକୁ ପୁନର୍ବାର ବିବାହ କରାଇଲେ ବିଧାତାଙ୍କ ସଙ୍ଗେ 'ନିମକହାରାମି' ନୁହେଁ ତ ଆଉ କଣ ? କପାଳରେ ଯାହା ଥରେ ଲେଖା ହୋଇ ଯାଇ ଅଛି ତାହା ବଦଳାଇବାକୁ ଯିବା ମନୁଷ୍ୟ ପକ୍ଷରେ ଘୋର ବାତୁଳତା ନୁହେଁ କି ?

୧୫ ।—ଇତିହାସ ତଦାରଖ କଲେ ଦେଖାଯି ଯେ ସଭ୍ୟତାଭିମାନୀ ଜାତିମାନେ ପରର ଦୁ ଦେଖିଲେ ଭାରି ସୁଖ ଅନୁଭବ କର (ଉଦାହରଣ :—ପ୍ରାଚୀନ ରୋମରେ ବ ଜନ୍ତୁ ସଙ୍ଗେ କ୍ରୀତଦାସମାନଙ୍କର ମାରାତ୍ମକ ଯୁ ଦାହିଁ ପ୍ରଥା, ପ୍ରବଳ ପରାକ୍ରାନ୍ତ ବୀରମାନଙ୍କ ଜାତି ଓ ରାଜ୍ୟର ଧ୍ୱଂସ, ଆଧୁନିକ ସଭ୍ୟ ଜାତି ମଧ୍ୟରେ ଭୀଷଣ ହତ୍ୟାକାଣ୍ଡ) ଏହା ସ୍ୱାଭାବି ବାଳବିଧବାର ନିର୍ଜଳ ଉପବାସ ବ୍ରତାଦି ଦେଖି ସମାଜନେତାମାନଙ୍କର ଯେଉଁ ଅଭୂତପୂର୍ବ ଆ ଉପଲବ୍ଧ ହୁଏ, ତାହା କେଉଁ ପ୍ରକୃତସ୍ଥ ଲୋ ଲୋପ କରିବ ? 'ଈଶ୍ୱରନ୍ ଭର କୌଟେ ନଃସ୍ୱେ ପ୍ରସନ୍ନ ମା ଧନଂ' ଏହାହିଁ ଇତିହାସ ମୋହିତ । ନବ୍ଦଲର ଗୁହାର ସର୍ବସାଧାରଣ ଜଣାଇବା ଓ ପ୍ରାକୃତିକ ନିୟମକୁ ବିପର କରିବା ଏକ କଥା ।

୧୬ ।—ସ୍ତ୍ରୀଜାତି ପୁରୁଷଜାତିର ସର୍ବଦା ବି ଏବଂ ଶତ୍ରୁ, ଏ କଥା ଆମ୍ଭମାନଙ୍କ ପାଠ ତାଳୁ ସ୍ତ୍ରୀମାନେ ସବୁ ଅନର୍ଥର ମୂଳ ବୋଲି ଆମ୍ଭମା ଶାସ୍ତ୍ରର ଛନ୍ଦେ ଛନ୍ଦେ ନୌହାକରରେ ଖୋଦି ହେବେ ସୁଦ୍ଧା ଜାଣି ଶୁଣି କେତେକ ପୁ ସ୍ତ୍ରୀମାନଙ୍କ ପକ୍ଷରେ ଓକାଲତିନାମା ଦେ ଏହା ଅତି ଆଶ୍ଚର୍ଯ୍ୟର ବିଷୟ । ସେଥିପାଇଁ କହନ୍ତି "ଆପଣା ପୁଅ ତ ହେଲି, ପରସଙ୍ଗେ ବାଜଧଗାଥର ।" ଯେଉଁ ପୁରୁଷମାନେ ପ୍ରସ୍ତାବ କରିବେ, ଜାଣିବାକୁ ହେବ ଯେ ପର ଲିପ୍ସୁ ସ୍ତ୍ରୀମାନଙ୍କ ଶିକ୍ଷା ଓ ପ୍ରରୋଚନାର କୁହୁକ ପଡି ସେମାନେ କର୍ତ୍ତବ୍ୟ ଭୁଲି ଯାଇ ଏ ଅମଙ୍ଗଳକର ପ୍ରସ୍ତାବ କରୁଅଛନ୍ତି । 'ଘରଜଣି ଅଗ୍ନିରେ ପୂରାଇବା' ପରି ହେବ ।

୧୭ ।—ଯେତେବେଳେ ସ୍ତ୍ରୀମାନେ ପାରିବେ ଯେ ଉପସ୍ଥିତ ପତିଙ୍କ ଅନ୍ତେ ଆଉ ଜଣେ ଯୋଗ୍ୟତର ପତିର ଅଭାବ ନାହିଁ, କିଏ ଜାଣେ ଯେ ଦିନେ ସେମାନେ

Digitized by srujanika@gmail.com

...ଲେ ବାଲ୍ୟପ୍ରବୃତ୍ତିରେ ସ୍ୱାମିମାନଙ୍କୁ ବଧ
...ବାକୁ କୁଣ୍ଠିତ ହେବେ ନାହିଁ—ଏହାପରି
...ଏ ଅଶ୍ଳୀଳ ଚିତ୍ର ପାଠକମାନେ ଦେଖନ୍ତୁ,
...ଶିବ ଯେ ସଂସାରରୁ ଅପତ୍ୟସ୍ନେହ ମଧ
...ର ହୋଇଯିବ । ସଂସାରରେ ତେବେ ବାକୀ
...ଲା କଣ ? 'ଏକସ୍ୟ ହେଘୋବସ୍ଥ ହାଭୁ-
...ନ୍ ବୈରମୂର୍ତ୍ତ୍ୟ ପ୍ରତିଷ୍ଠେପି ମେ ତ୍ୱଂ' ।

୧୮ ।—ଆୟୁର୍ବେଦ ଡ଼ାକୁଛି ଏ ପ୍ରଥା
...ଳିତ ହେଲେ ବିକଟ ରୋଗମାନ ସଂସାରକୁ
...ଟି ନିବ ।

୨୯ । ୦ଠ ୨୮ ପଦରୁ ଫଳ ଏତିକି ହେବ
... ବିଧବାବିବାହ ପ୍ରଚଳିତ ହେଲେ ସ୍ତ୍ରୀମାନେ
...ଚ୍ଛାଚାରିଣୀ, ଯଥେଚ୍ଛାବିହାରିଣୀ, ଯଥେଚ୍ଛା-
...ଣୀ, ଯଥେଚ୍ଛାସାଧନୀ ହେବେ । ଦେଶରୁ
...ର ପ୍ରେମ ଲୋପ ପାଇବ । ଧନୀ, ଦରିଦ୍ର;
..., ପ୍ରଜା; ଜମିଦାର, ମହାଜନ; ସାଧୁ, ଖାତକ;
..., ଶିଷ୍ୟ; ସମସ୍ତଙ୍କର ଘରେ । ନିଭ କେବଳ
...ସଂଖ୍ୟକ ବିଧବାଙ୍କର । ଦେଶରେ ଗୁଡାଏ
...ଃପ୍ରାପ୍ତା ବିଧବା ଥିଲେ ଦେଶର ଅନେକ
...ର ଉପକାର । ପାଠକ! ବୋଧ ହୁଏ ଆପଣ
...ନ୍ତି ଖେଳ ଜାଣନ୍ତି, ନ ଜାଣିଲେ ଶିଖନ୍ତୁ ।
...ଗାକୁ ଛକ୍କା ପର୍ଯ୍ୟନ୍ତ ତାସ୍ ସବୁ ଅକର୍ମଣ୍ୟ
...ଇ ପଡ଼ିଥାଏ, କିନ୍ତୁ ତାଗଜ ବିହିଲାବେଳେ
...କାରରେ ଆସେ । ଯେବେ ୫୨ ପର୍ଯ୍ୟାକ
...ରେ ଖେଳ ହୁଅନ୍ତା, ତେବେ ତାଗଜ ବସନ୍ତା
...ରେ ? ଏ ଉପମାଟାକୁ ପରୁର ପଗଡ଼ି କ
...ଲେ ଖସି ଯିବ, ବାଇ ମହାନ୍ତ ଦାୟୀ ନୁହନ୍ତି ।
...ବିଧବାବିବାହ ପ୍ରଚଳିତ ହେଲେ କି କି ଅମଙ୍ଗଳ
...ବ ତାହା ତ ଦେଖିଲେ; ବର୍ତ୍ତମାନ କି କି
...ଳ ହେବ ଶୁଣନ୍ତୁ, ଶିଖନ୍ତୁ, ଶିଖାନ୍ତୁ । ସ୍ୱାଧୀନ
...ତା ଥିଲେ କି ଜାତିର ଏତେଦୂର ଅଧଃପତନ
...ଇଥାନ୍ତା । ସବୁ କଥାରେ ପରର 'ଦୋହି'
...ଇ ଏତେ ଦୁର୍ଦ୍ଦଶା; ତେବେ ପୁଣି ସେହି ସୁଖ-
...ତ୍ରାରେ ସୁପ୍ତ । କେହି ଉଠାଇ ଦେଲେ ମହା

ଅପରାଧ । ମଦ ଖାଅ ଦୋଷ ନାହିଁ, କିନ୍ତୁ ମଦ
ବୋଲ ହୁଅ ନା । ଯାହାର ଜାତ ଏବଂ କୁଳ, ସେ
ଜାତି ଉଚ୍ଛନ୍ନ ହେଲେ ବର୍ବରତା ଆଉ କେଉଁ-
ଠାରେ ସ୍ଥାନ ପାଇବ ? ଈଶ୍ୱର ସ୍ୱାଧୀନ କେନ୍ତ୍ରୀ
ଦେଇଅଛନ୍ତି । ଥରେ ଅଶ୍ଳୀଳ ମନ ଗୃହଁ ଦେଖ;
ଦେଶ କାଳ ପାତ୍ର ବିଚାର କର । ଗୋଟିଏ କାପୁରୁଷର
ଉର୍ଦ୍ଧ୍ୱପୁରର ଅପବ୍ୟବହାର ଓ ଗୁପ୍ତ ଭାବରେ
ଅପାଳନ ସେହି କାପୁରୁଷର ଦେଶକାଳପାତ୍ରରେ
ଅପ୍ରଯୋଜ୍ୟତା ପ୍ରତିପନ୍ନ କରୁଅଛି । ତେବେ ପୃଷ୍ଠା
ଭୁଦ୍ଧଗଣ ଚୋଳାଇ ଅଛନ୍ତି । ଗୋଟିଏ ଛାଗ ଅଛି,
"ଗୃହୁଁ ଖୋଳିବ ଯେ, ତାକୁ ଉଠେଇବ କିଏ ?"
ଠିକ ନ ଶିଖିଲେ ମନୁଷ୍ୟ ପଶୁ । ଥରେ ଟିକିଏ
ଆପଣା ଆପଣାର ସଙ୍କୀର୍ଣ୍ଣ ସୀମା ଭେଦ କରି ଗୃହଁ ।
କଣ ଦେଖୁଛ ? କିଛି ନାହିଁ ! ଆଉ ଥରେ ପ୍ରତି-
ରଶ୍ମି ଲଗାଇ ଅନାଅ । କଣ ଦେଖିଲ ?
ଜାଜଲ୍ୟମାନ ଚମତ୍କାର ପଦାର୍ଥ ! ଆଉ
ଥରେ ଅଣୁବୀକ୍ଷଣ ସାହାଯ୍ୟରେ ନିରେଖ ।
କିଛି ଦିଶୁଛି ? ହଁ ! ଏ ଅଭୂତ ଜନ୍ମ ଜନ୍ମ କର
ଦର୍ଶନ୍ତି ପଦାର୍ଥ । ଏଥିରେ ପୁଣି ଚେତନାର
ଉଦ୍ଦୀପ୍ତ ନ ହେଲେ ଯାଅ, ବଦାସ୍ପ; ଈଶ୍ୱର
ମଙ୍ଗଳ କରନ୍ତୁ । ଆଉ ଏ ସୁଖନିଦ୍ରା ଭାଙ୍ଗିବ
ନାହିଁ । 'ଗୋଳ ହେବ ନାହିଁ ।' ଶିକ୍ଷା ଓ
ସଭ୍ୟତା ପ୍ରାପ୍ତ ହୋଇ ଟିକିଏ ସହୃଦୟର
ପରିଚୟ ଦିଅ; ସମ୍ମିଳିତ ଉଦ୍ୟମର ସାଧୁଫଳ
ଅନ୍ଧକୁ ଦେଖାଅ, ବଧିରକୁ ଶୁଣାଅ; ସ୍ୱାଧୀନ
ଚିନ୍ତାଦ୍ୱାରା ଦେଶର କି ଉନ୍ନତି ହୁଏ, ତାହା
ଇତିହାସରୁ ଦେଖ ବଙ୍ଗାଳିଙ୍କୁ ଶିଖ ଓ ମୂର୍ଖଙ୍କୁ
ଶିଖାଅ । ନଚେତ୍

"କଥା କହୁଥାଅ ଶରମକୁ
ଭିତରେ ଭିତରେ   ଯାହା ହେଉଥାଏ
ସାକ୍ଷୀ ଦେଉଥାଅ ଧରମକୁ ।"

ନିଦ୍ରିଆଣି ଜାଲ ଭାଙ୍ଗ ନା, ଯେ ଭାଙ୍ଗିବ ତାକୁ
ହସି ହସି କହାଅ, ଆନନ୍ଦ ହେବ, ସୁଖ ହେବ,
ସୁନିଦ୍ରା ହେବ, ମହାନିଦ୍ରା ହେବ । ଦସ୍ୟୁପର

Digitized by srujanika@gmail.com

ବ୍ରିଟିଶ ଗଭର୍ଣ୍ଣମେଣ୍ଟ ଭୂସ୍ୱାମୀମାନଙ୍କ ଚକ୍ଷୁ ଖୋଲିବାକୁ ସୁବିଧା ଦେଉଅଛନ୍ତି. (୧୮୮୬ ସାଲର ୧୫ ଆଇନ) ଯେବେ କେବା ଅଛି ବୃକ୍ଷ ଥାଏ । ଅଛି ମେଘ କଲେ ଅଛି ଝୁଲିଯିବ; ଅଛି ମୁଠି ହିବ । ଜଣେ କବି ଠିକ କହି ଯାଇଅଛନ୍ତି—

"ବୃଦ୍ଧଙ୍କୁ ବିବାହ ବିଧି, ବାଳକାଙ୍କୁ ନାହିଁ !
କେଉଁ ନ୍ୟାୟ ମତ ଏହା ସାମାଜିକ ଭାଇ !
ଏସନ ବୈଷମ୍ୟପୂର୍ଣ୍ଣ ଯେଉଁଣ ସମାଜ,
ସଂସାର ନ କର ତସ୍ୟ ଗାଥ, ନାହିଁ ଲାଜ !

କ୍ରମଶଃ

ଶ୍ରୀ ଦୁର୍ମୁଖ ଶର୍ମା ।

ଓଡ଼ିଆ କାହାଣୀ । (୨)

କାହାଣୀର ଉତ୍ପତ୍ତି ସମ୍ବନ୍ଧରେ ଯେତିକି ଆଲୋଚନା କଲା ହେଲା; ବର୍ତ୍ତମାନ ତାହାର ପ୍ରକୃତିଗତ ପାର୍ଥକ୍ୟ ସମ୍ବନ୍ଧରେ କିଞ୍ଚିତ୍ ଆଲୋଚନା କରୁଁ । ଆଧୁନିକ ଉପନ୍ୟାସ ଏବଂ ପୁରାତନ କାହାଣୀ ଏ ଦୁହିଙ୍କୁ ତୁଳନା କଲେ କେତେଗୁଡ଼ିଏ ପାର୍ଥକ୍ୟ ଲକ୍ଷିତ ହୁଏ ।

୧ମ । ଆଜିକାଲି ଉପନ୍ୟାସରେ ଯେପରି ଅଙ୍ଗସୌଷ୍ଠବ ସମ୍ପାଦିତ ହୁଏ ପୁରାତନର କାହାଣୀରେ ସେପରି ଅଙ୍ଗସୌଷ୍ଠବ ଦେଖା ଯାଏ ନାହିଁ । ସେଥିରେ ଦେଖୁଁ କେତେଗୁଡ଼ିଏ ସ୍ଥୂଳ ବିଷୟ ସ୍ଥୂଳଭାବରେ ବର୍ଣ୍ଣିତ ହୋଇଅଛି, କିନ୍ତୁ ଆଜିକାଲି ଉପନ୍ୟାସରେ ତାହାର ବିପରୀତ ଦେଖୁଁ । ଏଥିରେ ଗୋଟିଏ ମୂଳ ବୃକ୍ଷ ଶାଖା ପ୍ରଶାଖା କ୍ରମେ ପ୍ରକାଣ୍ଡ ଆକାର ଧାରଣ କରେ; କଳ୍ପନାର ଶରୀରରେ ନାନା ଅଙ୍ଗ ଗଠିତ ହୁଏ, ପ୍ରତ୍ୟେକ ଅଙ୍ଗରେ ନାନା ପ୍ରତ୍ୟଙ୍ଗ, ପ୍ରତ୍ୟେକ ପ୍ରତ୍ୟଙ୍ଗରେ ଅନ୍ତର କ୍ଷୁଦ୍ର କ୍ଷୁଦ୍ର ଅଙ୍ଗ ସବୁ ନିର୍ମିତ ହୋଇ କଳ୍ପନା କ୍ରମଶଃ ଉର୍ଦ୍ଧ୍ୱରୁ ନିମ୍ନ, ସ୍ଥୂଳରୁ ସୂକ୍ଷ୍ମ ଏବଂ ସୂକ୍ଷ୍ମରୁ ସୂକ୍ଷ୍ମତର ଦିଗକୁ ଅଗ୍ରସର ହୁଏ । ପ୍ରାଚୀନମାନେ ଯେ ଏପରି ଅଙ୍ଗସୌଷ୍ଠବ ସମ୍ପାଦନ କରିବାକୁ ଅକ୍ଷମ ଥିଲେ ଏପରି ନୁହେ । ଯଦି ଆମ୍ଭେମାନେ ହିତୋପଦେଶ ପ୍ରଭୃତି ଗ୍ରନ୍ଥମାନଙ୍କର ସ୍ଥୂଳ କଳ୍ପନା ବ୍ୟବଚ୍ଛେଦ କରୁଁ, ଦେଖିବୁଁ ସେଥିରେ କେତେ ଅସଂଖ୍ୟ ଅଙ୍ଗ ପ୍ରତ୍ୟଙ୍ଗ ସଂଯୋଜିତ ହୋଇଅଛି । କିନ୍ତୁ କାହାଣୀର ଏ ଅଭାବର କାରଣ ଥାଇ ପାରେ ପ୍ରାଚୀନମାନେ କାହାଣୀରଚନାରେ କାଗଜ କା ବ୍ୟବହାର କରୁ ନ ଥିଲେ ଅଥବା ବ୍ୟବହାର କ ଆବଶ୍ୟକ ମଣୁ ନ ଥିଲେ । କିନ୍ତୁ ଆଜିକା ଯେପରି କ୍ଷୁଦ୍ର ରଚନା ହେଉ ପଛକେ କାଗ କଲମ ସେଥିରେ ଆବଶ୍ୟକ । ଆପଣମା ପଚାରିବେ କାଗଜ କଲମ ସହିତ କାହାଣୀ ଦୋଷଗୁଣର କି ସମ୍ବନ୍ଧ ? ସମ୍ବନ୍ଧ ଏହି— ଆମ୍ଭମାନଙ୍କ କଳ୍ପନାକୁ ଯେତେବେଳେ ଲିପିବ କରୁଁ ସେତେବେଳେ ତାହା ପ୍ରକୃତ ଅର୍ଥ ବଦ୍ଧ ହୋଇ ଯାଏ; ଇଚ୍ଛା କଲେ ତାହ ଫେରି ପାଇ ପାରୁଁ, କୌଣସି ଅଂଶ ପଲାଇବାର ଆଉ ଉପାୟ ଥାଏ ନାହିଁ ଆଧୁନିକ ଔପନ୍ୟାସିକମାନେ ପ୍ରଥମେ ଗୋ ସ୍ଥୂଳ-ମୂର୍ତ୍ତି (Draft-image) କଳ୍ପନା କର ତହିଁରେ କଳ୍ପନାର ପ୍ରତ୍ୟେକ ଅଙ୍ଗ ଗୋ ଗୋଟି କରି ବିଶ୍ଳେଷଣ କରନ୍ତି ଏବଂ ପର୍ଯ୍ୟା କ୍ରମେ ସେ ସବୁକୁ ଲିପିବଦ୍ଧ କରନ୍ତି; ଏହି ପରିଚ୍ଛେଦ ପରେ ପରିଚ୍ଛେଦ, ଅଧ୍ୟାୟ ପ ଅଧ୍ୟାୟ ଏକ ସ୍ଥୂଳ-ମୂର୍ତ୍ତିର ଅଙ୍ଗ-ବର୍ଣ୍ଣନ ଥାନ୍ତି । ମନେ କର କଳ୍ପନା ଲିପିବଦ୍ଧ ନାହିଁ । କିବା ଯେତେବେଳେ ଗୋଟିଏ ଅ ବିଶ୍ଳେଷଣ କରି ଅନ୍ୟ ଗୋଟିଏ ଅଙ୍ଗ ବିଶ୍ଳେ କରିବାକୁ ଯାନ୍ତି, ପ୍ରଥମ ଅଙ୍ଗଟି ସ୍ମୃତି-ବହି ଖସି ପଡ଼ିବାକୁ ବସେ; ଏଣେ ପ୍ରଥମ ଅଙ୍ଗ

Digitized by srujanika@gmail.com

...ନାୟ ମାତ୍ରାର ସମ୍ଭାଳ ରକ୍ଷିବାକୁ ଗଲେ ...ୟ ଅଙ୍ଗର ଅତି ବିଶ୍ଳେଷଣ କାର୍ଯ୍ୟ ଚଳେ ...ହିଁ । ଏହି ହେତୁରୁ ମନ ଏକାଥରକେ ...ନରେ ଯେତେ ବଡ଼ ମୂର୍ତ୍ତି ଧରି ପାରେ, ...ହାଣୀ ତାହାଠାରୁ ଅଧିକ ଜଟିଳ ଅଥବା ଅଧିକ ...ନ ହୋଇ ପାରେ ନାହିଁ । ମନେ କର ମା'ର ...ଗୁଡ଼ାଏ ଝିଅ ଅଛନ୍ତି, ଝିଅମାନେ ବଡ଼ ...ନ । ଯଦି ମା ଜଣକୁ ଅଲଙ୍କାର ପିନ୍ଧାଇବାକୁ ...ସ, ଅନ୍ୟ ଝିଅମାନେ ଅବସର ପାଇ ପଳାଇ ...ନ୍ତି; ଏଣେ ଏମାନଙ୍କୁ ଧରିଲେ ସେ ପଳାଏ, ...ଣେ ତାକୁ ଧରିଲେ ଏ ପଳାଏ; ଅର୍ଥାତ୍ ମା ଯଦି ...ନଙ୍କୁ ଧରି ରଖିବାକୁ ଯାଏ, ତାହାହେଲେ ଅଲଙ୍କାର ...ଇ ପାରେ ନାହିଁ; ସେହିପରି କବି ଯଦି ...କାର ସ୍ଥୂଳ ଶରୀରକୁ ମନୋଯୋଗ ସହକାରେ ...ି ବସନ୍ତି, ଅଙ୍ଗବିଶେଷର ଅତି ସୌଷ୍ଠବ-...ାନ ହୁଏ ନାହିଁ । ମନର ଏହି ଯେ ସସୀମ ...ଣା-ଶକ୍ତି, ତାହା କାହାଣୀମାନଙ୍କର ଅଙ୍ଗ-...ନର ଗୋଟିଏ ବିଶେଷ କାରଣ ।

ଦ୍ୱିତୀୟ ପ୍ରଭେଦ—ବର୍ତ୍ତମାନର ଉପନ୍ୟାସ-...ବ କ୍ରିୟା-ପ୍ରଧାନ । ସେ କାଳର କାହାଣୀସବୁ ...ଳ୍ପନା-ବହୁଳ । ଆଜିକାଲିର ଉପନ୍ୟାସ ସବୁକୁ ...କେତେଗୁଡ଼ାଏ ନିୟମର ଅନ୍ତର୍ଭୁକ୍ତ ହେବାକୁ ...ଏ । ତାହା ନିଜର ସୀମା ଅତିକ୍ରମ କରି ପାରେ ...ହିଁ । ଯାହା ଲୋକପ୍ରସିଦ୍ଧ, ସ୍ୱାଭାବିକ, ତାହାର ...ଟନା ଉପନ୍ୟାସର ବିଷୟ । ଉପନ୍ୟାସ ଯେତେ-...ବେଳେ ଅଲୌକିକ ଅସ୍ୱାଭାବିକ ବିଷୟର ...ବାରେ ପ୍ରବୃତ୍ତ ହୁଏ, ସେତେବେଳେ ସେ ...ି ଉପନ୍ୟାସ ନାମରେ ଅଭିଧେୟ ନୁହେ । ...ସ୍ତ, ଉପନ୍ୟାସ କେବଳ ଯେ କେତେଗୁଡ଼ାଏ ...ମାନ୍ୟ ବିଷୟ ବର୍ଣ୍ଣନା କରି ସନ୍ତୁଷ୍ଟ ରହିବ ...ହା ନୁହେ । କିନ୍ତୁ ସେହି ସବୁ ବିଷୟ ସେହି ...ି ଘଟନା ସହିତ ମାନବ-ଭାଗ୍ୟର ଏବଂ ...ନବାତ୍ମାର କି ସମ୍ବନ୍ଧ, ସେହି ସବୁ ଘଟନାରେ ...ି ମନୁଷ୍ୟର ଜୀବନ ସୁଖ ଆଡ଼କୁ ଅଥବା ଦୁଃଖ ଆଡ଼କୁ ଅଗ୍ରସର ହେଲା, ତାହାର ଆତ୍ମା ଉନ୍ନତ ଅଥବା ଅବନତ ଲଭିଲା, ଏହିସବୁ ସୂକ୍ଷ୍ମ ନିର୍ଦ୍ଦେଶ କରିବା ଉପନ୍ୟାସର ବିଷୟ । ପରିଶେଷରେ, ପ୍ରକୃତିର ସୌନ୍ଦର୍ଯ୍ୟ ଏବଂ ଆତ୍ମାର ସୌନ୍ଦର୍ଯ୍ୟ ବିଶ୍ଳେଷଣ କରିବା ଏବଂ ପଦେ ପଦେ ବ୍ୟକ୍ତିର କାର୍ଯ୍ୟ ସହିତ ସମାଜର କାର୍ଯ୍ୟ ସମାଲୋଚନା କରିବା ଏବଂ କି ବ୍ୟକ୍ତି କି ସମାଜ ଏମାନେ କିପରି ସଂସାରର କେତେଗୁଡ଼ାଏ ଅଲଙ୍ଘ୍ୟ ନିୟମର ଅଧୀନ, ତାହା ମଧ୍ୟ ଦର୍ଶାଇ ଦେବା ଔପନ୍ୟାସିକର କାର୍ଯ୍ୟ । କିନ୍ତୁ କାହାଣୀ ସୌନ୍ଦର୍ଯ୍ୟ-କଳାର କେତେଗୁଡ଼ାଏ ମୌଳିକ ନିୟମ ଛଡ଼ା ଅନ୍ୟ ନିୟମର ଅଧୀନ ନୁହେ । ସେଥିରେ କଳ୍ପନା ସ୍ୱଭାବ ଏବଂ ଲୌକିକତାର ସୀମା ଲଙ୍ଘନ କରି ଅସ୍ୱାଭାବିକ ଅଲୌକିକ ରାଜ୍ୟରେ ବିଚରଣ କରେ । ଯେ ସବୁ ବିଷୟ ଉପନ୍ୟାସର ଏକାନ୍ତ ପରିତ୍ୟାଜ୍ୟ, ତାହା କାହାଣୀର ଉପଯୁକ୍ତ ଅଟେ । ଅଶ୍ୱମାନଙ୍କର ଡେଣା ଉପରେ ଚଢ଼ି ଆକାଶ-ମାର୍ଗରେ ଉଡ଼ି ଉଡ଼ି ଯାଇ ବିଭବର ଦେଖିବା, ହଠାତ୍ ଯୋଡ଼ାଏ ମନ୍ତ୍ର ଦଣ୍ଡକମଧ୍ୟରେ ବ୍ରହ୍ମାଣ୍ଡ ବୁଲି ଆସିବା, ଘୁଷୁଟଣୀ ମଧ୍ୟରେ ପୁରନ୍ଦରର ଅବାସ-ଯୋଗ୍ୟ ଦିବ୍ୟଭବନ, ମନପବନ ଡଙ୍ଗା, ପକ୍ଷିରାଜ ଘୋଡ଼ା, ଭୂତ, ଡାହାଣୀ, ଚିରକୁଣୀ, ବ୍ରହ୍ମଦୈତ୍ୟ, ଅସୁର—ଏ ସବୁ ଉପନ୍ୟାସର ଏକାନ୍ତ ପରିତ୍ୟାଜ୍ୟ, କିନ୍ତୁ କାହାଣୀର ଉପଯୁକ୍ତ ବିଷୟ । କି ଉପନ୍ୟାସ କି କାହାଣୀ ଉଭୟେ କୌତୁକ ଏବଂ ବିସ୍ମୟକୁ ଉଦ୍ଦୀପିତ କରି ଆମ୍ଭମାନଙ୍କ ଭାବବୃତ୍ତିକୁ ଚରିତାର୍ଥ କରନ୍ତି, କିନ୍ତୁ ଉପନ୍ୟାସର ଆଉ ଗୋଟିଏ ବିଶେଷ କାର୍ଯ୍ୟ ଅଛି, ତାହା ଆମ୍ଭମାନଙ୍କୁ ପ୍ରକୃତିର ନିଗୂଢ଼ କାର୍ଯ୍ୟାବଳୀ ସହିତ ପରିଚିତ କରାଏ ।

ବର୍ତ୍ତମାନ ପ୍ରଶ୍ନ ଉଠିପାରେ, ଯଦି ଏ କାଳର ଲୋକେ କାହାଣୀ ଲେଖିବସନ୍ତି, ତାହା ହେଲେ ସେମାନେ ପ୍ରାଚୀନମାନଙ୍କ ପରି କୃତକାର୍ଯ୍ୟ ହେବେ କି ଏବଂ ପ୍ରାଚୀନମାନେ ଯଦି ଉପନ୍ୟାସ

Digitized by srujanika@gmail.com

ଲେଖୁଥାନ୍ତେ ସେମାନେ କ ଅମ୍ଭମାନଙ୍କ ପରି କୃତକାର୍ଯ୍ୟ ହୁଅନ୍ତେ ? ଅବଶ୍ୟ ମାନସିକ ଶକ୍ତିର ସୀମା ନିର୍ଦ୍ଦେଶ କରିବା କାହାର ସାଧ୍ୟ ନୁହେ, କିନ୍ତୁ ଯେତେଦୂର ଅମ୍ଭେମାନେ ଦେଖୁଅଛୁଁ ଏବଂ ଶୁଣୁଅଛୁଁ ସେଥିରୁ ବୋଧ ହୁଏ ଏକାଳର ଲୋକେ ପ୍ରାଚୀନମାନଙ୍କ ପରି ଗାଳଗଳ୍ପ ଉଦ୍ଭାବନ କରି ପାରିବେ ନାହିଁ ଏବଂ ପ୍ରାଚୀନମାନେ ଏମାନଙ୍କ ପରି ଉପନ୍ୟାସ ରଚନା କରି ପାରନ୍ତେ ନାହିଁ । ଏଥିରେ ମତଦ୍ୱୈଧ ହେବାର ସମ୍ଭାବନା । ଅମ୍ଭେମାନେ ଏହି ବିଷୟଟିକୁ ଦୁଇ ଭାବରେ ଆଲୋଚନା କରନ୍ତୁଁ ।

ଗାଳଗଳ୍ପ ରଚନାରେ କଳ୍ପନା ଖୁବ ପ୍ରବଳ ହେବା ଆବଶ୍ୟକ ଏବଂ ଉପନ୍ୟାସ ରଚନାରେ ଜ୍ଞାନ ଏବଂ ଦୃଷ୍ଟି ଖୁବ ତୀକ୍ଷ୍ଣ ହେବା ଆବଶ୍ୟକ । ବର୍ତ୍ତମାନ ଲୋକେ ଯେ ପ୍ରାଚୀନଙ୍କଠାରୁ ଜ୍ଞାନରେ ଅଧିକ ଉନ୍ନତ ଏହା ସର୍ବବାଦିସମ୍ମତ, କିନ୍ତୁ ଅମ୍ଭେମାନେ କ ପ୍ରାଚୀନମାନଙ୍କଠାରୁ କଳ୍ପନାରେ ଦୁର୍ବଳ ? ବିବର୍ତ୍ତନର ସାଧାରଣ ନିୟମ କହେ, ଅମ୍ଭେମାନେ ମାନସିକ ଅଭିବ୍ୟକ୍ତିରେ ଅଧମ ଶକ୍ତି ସବୁ ହରାଇ ସମ୍ପୂର୍ଣ୍ଣ ନୂତନ ଶକ୍ତି ଲାଭ କରୁଁ ଏପରି ନୁହେ; କିନ୍ତୁ ନୂତନ ଶକ୍ତି ସହିତ ପୁରାତନ ପୁଷ୍ଟ ହୁଏ । ଦୁଇ ବର୍ଷର ପିଲାକୁ ଭାତ ଦିଅ, ସେ ଅନାୟାସେ ତାହା ଦନ୍ତରେ ପେଷଣ କରି ଦେବ, କିନ୍ତୁ ନଡିଆ ଦିଅ, ସେ ତାହା ଚୋବାଇ ପାରିବ ନାହିଁ । ସେ ପିଲା ଯେତେବେଳେ ପାଞ୍ଚ ବର୍ଷର ହେବ ସେତେବେଳେ ସେ ଅବଶ୍ୟ ନଡିଆ ଚୋବାଇ ପାରିବ; କିନ୍ତୁ ତାହାର କି ଭାତ ଚୋବାଇବାର ଶକ୍ତି ହ୍ରାସ ହୋଇ ଯିବ ? କେବେହେଁ ନୁହେ । ସେହିପରି ଆଦିମ ମାନବମାନଙ୍କର କଳ୍ପନା ଶକ୍ତି ପ୍ରବଳ ଥିଲା, ସେଥିପାଇଁ ସେମାନେ କଳ୍ପନା-ବହୁଳ ଗାଳଗଳ୍ପ ସବୁ ଅନାୟାସରେ ରଚନା କରୁଥିଲେ; ସେମାନଙ୍କର ଜ୍ଞାନ-ଶକ୍ତି ତାଦୃଶ ପୁଷ୍ଟ ହୋଇ ନ ଥିଲା, ସେଥିପାଇଁ ସେମାନେ ଜ୍ଞାନ-ପ୍ରଧାନ ଉପନ୍ୟାସ ସବୁ ଅମ୍ଭମାନଙ୍କ ପରି ରଚନା କରି ପାରନ୍ତେ ନାହିଁ । କିନ୍ତୁ ବର୍ତ୍ତମାନର ଉନ୍ନତ ମାନସୀ ଶକ୍ତିରେ କଳ୍ପନାର ପୁଷ୍ଟିସାଧନ ହୋଇଅଛି ଏବଂ ବିବର୍ତ୍ତନର ସାଧାରଣ ନିୟମ ଅନୁସାରେ କଳ୍ପନା-ଶକ୍ତି ପୂର୍ବ ପରି ଅଛି ଅଥବା ଅଳ୍ପେର ଉନ୍ନତ ଆକାର ଧାରଣ କରିଅଛି । ଏ ହିସାବରେ ବର୍ତ୍ତମାନ ପ୍ରାଚୀନଙ୍କୁ କାହାଣୀର ରଚନାରେ ବଳି ଯିବ, କିନ୍ତୁ ପ୍ରାଚୀନ ବର୍ତ୍ତମାନଙ୍କୁ ଉପନ୍ୟାସ ରଚନାରେ ଜିଣି ପାରିବ ନାହିଁ ।

କିନ୍ତୁ ଅମ୍ଭେମାନେ ଯଦି ମନର ଗୋଟିଏ ବିଶେଷ ନିୟମ ପର୍ଯ୍ୟାଲୋଚନା କରୁଁ, ତାହା ହେଲେ ବିପରୀତ ସିଦ୍ଧାନ୍ତରେ ଉପନୀତ ହେବୁଁ । ଜ୍ଞାନର ପ୍ରଥମ ଉନ୍ମେଷରେ କଳ୍ପନା ଏବଂ ବିଶ୍ୱାସ ପ୍ରବଳ ଥାଏ; ଅଲୌକିକ ଏବଂ ଅସ୍ୱାଭାବିକ ବିଷୟ କଳ୍ପନା କରିବାକୁ ଏବଂ ସେଥିରେ ବିଶ୍ୱାସ ସ୍ଥାପନ କରିବାକୁ କିଛି କଷ୍ଟ ବୋଧ ହୁଏ ନାହିଁ; କ୍ରମେ ଯେତେବେଳେ ଜ୍ଞାନ ବିସ୍ତୃତ ହୁଏ, କଳ୍ପନା ଏବଂ ବିଶ୍ୱାସର ଗତି ସ୍ୱଭାବ ଏବଂ ଲୌକିକତାରେ ଆବଦ୍ଧ ହୁଏ । ଗୋଟିଏ ଅଳ୍ପବୟସ୍କ ବାଳକ ଯେତେ ଅସ୍ୱାଭାବିକ ଏବଂ ଅଲୌକିକ ବିଷୟ ବିଶ୍ୱାସ ଏବଂ କଳ୍ପନା କରି ପାରିବ, ଗୋଟିଏ ପଞ୍ଚବିଂଶତିବୟସ୍କ ଯୁବକ ତାହାର ଅର୍ଦ୍ଧାଂଶ ମଧ୍ୟ ବିଶ୍ୱାସ କରି ପାରିବ ନାହିଁ । ଗୋଟିଏ ଚାରି ବର୍ଷର ବାଳକ ଏବଂ ଗୋଟିଏ ଦଶ ବର୍ଷର ବାଳକକୁ ଯଦି ଏକ ଅନ୍ଧକାରମୟ ଗୃହ ମଧ୍ୟରେ ଛାଡି ଦେଇ ଆସ, ଦଶ ବର୍ଷର ବାଳକ ଯଦି ଗୋଟିଏ ଭୂତ ଦେଖେ, ଚାରି ବର୍ଷର ବାଳକ ଦଶଟା ଭୂତ ଦେଖିବ । ବ୍ୟକ୍ତିର ଜୀବନରେ ଯେପରି ଗୋଟିଏ ବାଲ୍ୟ ଏବଂ ଯୌବନ ଅଛି, ସମଗ୍ର ମାନବଜାତିରେ ମଧ୍ୟ ସେହିପରି ଗୋଟିଏ ବାଲ୍ୟକାଳ ଏବଂ ଯୌବନ କାଳ ଅଛି । ପ୍ରାଚୀନ କାଳରେ ମାନବଜାତି ଶିଶୁ, ବର୍ତ୍ତମାନକାଳରେ ଯୁବକ । ପ୍ରାଚୀନମାନଙ୍କର କଳ୍ପନା ପ୍ରଧାନ, ବର୍ତ୍ତମାନ ଲୋକଙ୍କର ବିଜ୍ଞାନ ପ୍ରଧାନ । ଅତଏବ

Digitized by srujanika@gmail.com

ପ୍ରାଚୀନମାନେ ବର୍ତ୍ତମାନଙ୍କୁ କାହାଣୀ ରଚନାରେ ହାରି ଯାଇ ପାରନ୍ତି । ଆରବ୍ୟ ଉପନ୍ୟାସର ରଚକଙ୍କୁ ଯଦି ବିଷବୃକ୍ଷ ରଚନା କରିବାକୁ ଦିଆ ଯାଏ, ତାହା ହେଲେ ତାହା ହାତରୁ ଲେଖଣୀ ଖସି ପଡ଼ିବ ଏବଂ ବଙ୍କିମ ବାବୁଙ୍କୁ ଯଦି ଆରବ୍ୟ ଉପନ୍ୟାସ ରଚନା କରିବାକୁ ଦିଆ ଯାଏ ତାହା ହେଲେ ସେ ଲଜ୍ଜିତ ହେବେ ।

ଏହି କାରଣରୁ ଯେଉଁମାନଙ୍କର ଜ୍ଞାନ ଅପେକ୍ଷା କଳ୍ପନା ପ୍ରବଳ, ସେହିମାନେ କାହାଣୀକୁ ସମ୍ପୂର୍ଣ୍ଣ ଉପଭୋଗ କରି ପାରନ୍ତି । ପୁଣି ଗୋଟିଏ ବିଷୟକୁ ଉପଭୋଗ କରିବାକୁ ହେଲେ ପ୍ରଥମେ ସେଥିରେ ବିଶ୍ୱାସ ଆବଶ୍ୟକ । ଯେଉଁଥିରେ ଆମ୍ଭମାନଙ୍କର ଅନ୍ତରର ଅବିଶ୍ୱାସ, ତାହା ଆମ୍ଭେମାନେ କଦାଚ ଉପଭୋଗ କରି ପାରୁଁ ନାହିଁ । ଯେଉଁମାନେ ଅଲୌକିକ ଅସ୍ୱାଭାବିକ ବିଷୟକୁ ଯେତେ ଅଧିକ ବିଶ୍ୱାସ କରନ୍ତି, ସେମାନେ ସେଥିର ଆସ୍ୱାଦନ ସେତେ ଅଧିକ ପାଆନ୍ତି । ବାଳକମାନେ ବୃଦ୍ଧମାନଙ୍କ ପରି ସନ୍ଦେହପରାୟଣ ନୁହନ୍ତି; ସେମାନେ ଅତି ଅଳ୍ପ ସନ୍ଦେହ କରନ୍ତି, କିନ୍ତୁ ଅତ୍ୟଧିକ ବିଶ୍ୱାସ କରନ୍ତି । ଏହି ହେତୁରୁ କାହାଣୀ ସବୁ ବିଶେଷରେ ସେହିମାନଙ୍କର ଉପଭୋଗ୍ୟ । କିନ୍ତୁ ତାହା ବୋଲି କି ବୟସ୍ଥମାନଙ୍କର କାହାଣୀରେ ଆସ୍ୱାଦନ କରିବାର କିଛି ନାହିଁ ?

ଆଜକାଲି ଦେଶରେ ଚଳନ ପଡ଼ିଅଛି, କାହାଣୀଗୁଡ଼ାକ ସାହିତ୍ୟରେ ପ୍ରକାଶ କରିବା ମୂର୍ଖତା, ବାତୁଳତା । ଆମ୍ଭମାନଙ୍କର ଏଥିରେ ଆସ୍ୱାଦନ କରିବାର କିଛି ନାହିଁ; ଏ ସବୁ ପିଲାଭଣ୍ଡାଣ; ପିଲାମାନଙ୍କଠାରେ ଛିଡ଼ାକ ରହି ଝିପଡ଼ିବାହିଁ ଏହାର ପରିଣାମ । ଏ ସବୁ ଅସାର ପଦାର୍ଥମାନ ସାହିତ୍ୟ ଆକାରରେ ପ୍ରକାଶ କରି ଦେଶକୁ ଉତ୍ପୀଡ଼ିତ କରିବାର ଫଳ କଣ ? କିନ୍ତୁ ସତେ କଣ ବିଷୟଟା ତାହା ? ଦେଶୀୟ ଲୋକମାନେ ସତେ କଣ କାହାଣୀର ଗନ୍ଧରେ ବାନ୍ତି କରୁଅଛନ୍ତି ? ପୂର୍ବେ ଦେଖାଗଲା କାହାଣୀଗୁଡ଼ିକ ବିଶେଷରେ ବାଳକମାନଙ୍କର ଉପଭୋଗ୍ୟ । ବର୍ତ୍ତମାନ ପ୍ରଶ୍ନ ହେଉଅଛି ଯେ ଯାହା ବାଳକମାନଙ୍କର ଉପଭୋଗ୍ୟ ତାହା କପରି ବୟସ୍ଥମାନଙ୍କର ଉପଭୋଗର ବସ୍ତୁ ହୋଇ ପାରେ ? ଉତ୍ତର:—ବୟସ୍ଥମାନେ ବୟସ୍ଥ ହୋଇ ବାଳକମାନଙ୍କଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ହୋଇ ଯାନ୍ତି ନାହିଁ । ପ୍ରତ୍ୟେକ ବୟସ୍ଥଠାରେ ବାଳକ ପ୍ରଚ୍ଛନ୍ନ ଅଛି । ଆମ୍ଭେମାନେ ଇଚ୍ଛା କଲେ ପ୍ରତ୍ୟେକେ ବାଳକସ୍ୱଭାବ ଫେରି ପାଇବା ଏବଂ ବାଳକର ଉପଭୋଗ୍ୟ ବସ୍ତୁ ଆମ୍ଭମାନଙ୍କର ମଧ୍ୟ ଉପଭୋଗର ବସ୍ତୁ ହୋଇ ପାରିବ । ଆପଣମାନେ ପଚାରି ପାରନ୍ତି, ସଜ୍ଞାନ ମାନବ ଏବଂ ଅଜ୍ଞାନ ବାଳକର ରୁଚି କପରି ସମାନ ହେବ ? ବାଳକ ଅଜ୍ଞତା ଯୋଗୁଁ ଯେଉଁ ରସରେ ମଜ୍ଜିତ, ଜ୍ଞାନଯୁକ୍ତ ମାନବ କପରି ସେହି ରସ ଆସ୍ୱାଦନ କରିବ ? କିନ୍ତୁ କହିବ । ପ୍ରତ୍ୟେକ ଲୋକର ଶକ୍ତି ଅଛି, ସେ ତାହାର ଭାବବୃତ୍ତିକୁ ଚରିତାର୍ଥ କରିବା ପାଇଁ ଜ୍ଞାନଶକ୍ତିକୁ ଅଦୃଶ୍ୟରେ ରଖି କଳ୍ପନା ବଳରେ ଅସତ୍ୟକୁ ସତ୍ୟ ଭାବି କୌତୁକ ଏବଂ ବିସ୍ମୟର ଅଧୀନ ହୋଇ ପାରେ । ଯଦି ମନୁଷ୍ୟର ଏ ଶକ୍ତି ନ ଥାନ୍ତା, କେବଳ କାହାଣୀ କାହିଁକି, କାବ୍ୟ, ନାଟକ, ଉପନ୍ୟାସ, ଚିତ୍ର ପ୍ରଭୃତି ସୌନ୍ଦର୍ଯ୍ୟ-କଳାର କୌଣସି ସାମଗ୍ରୀ ସେ ଉପଭୋଗ କରି ପାରନ୍ତା ନାହିଁ । ସୌନ୍ଦର୍ଯ୍ୟ-କଳା କଣ ? ସୌନ୍ଦର୍ଯ୍ୟ-କଳା ଜ୍ଞାନର ଅବିଷ୍କାର ନୁହେ, କଳ୍ପନାର ସୃଷ୍ଟି । ଅତଏବ କଳ୍ପନାହିଁ ତାହାର ଆସ୍ୱାଦନ ପାଇବ, ଜ୍ଞାନର ସେଥିରେ କଣ ? ଯଦି ବୃଦ୍ଧମାନେ ଜ୍ଞାନର ଚମ୍ପୁ ପାଇ କଳ୍ପନାର ଦ୍ୱାର ବନ୍ଦ କରି ଥାନ୍ତି, ସେମାନଙ୍କୁ କେହି ଭାଗ୍ୟବାନ୍ ମନେ କରିବ ନାହିଁ । ଯେଉଁ ଜ୍ଞାନଗର୍ବିତ ଯୁବକମାନେ କାହାଣୀର ନିନ୍ଦା କରି ମନେ କରନ୍ତି ନିଜର ଜ୍ଞାନକୁ ପ୍ରଶଂସା କଲେ, ସେମାନେ ପ୍ରତ୍ୟକ୍ଷରେ ନ ହେଉ ପରୋକ୍ଷରେ ନିଜର କଳ୍ପନା-ଶକ୍ତିକୁ ନିନ୍ଦା କରନ୍ତି ।

Digitized by srujanika@gmail.com

ଏହିଠାରେ ପ୍ରବନ୍ଧର ଦ୍ୱିତୀୟ ଅଂଶ ଶେଷ ହେଲା । ପ୍ରଥମ ଅଂଶରେ ଭିନ୍ନ ଭିନ୍ନ ପ୍ରଦେଶର ଭିନ୍ନ ଭିନ୍ନ ଦେଶର କାହାଣୀ ମଧ୍ୟରେ ସୌସାଦୃଶ୍ୟ ପର୍ଯ୍ୟାଲୋଚନା କରି ସେଥିର କାରଣ ନିର୍ଦ୍ଦେଶ କଲୁଁ ଏବଂ ଉତ୍କଳ କାହାଣୀର ଉତ୍ପତ୍ତି ବିଷୟ ଆଲୋଚନା କଲୁଁ; ଦ୍ୱିତୀୟ ଅଂଶରେ କାହାଣୀର ପ୍ରକୃତିଗତ ବିଶେଷତ୍ୱ ନିର୍ଦ୍ଦେଶ କରି ଦୁଇ ଗୋଟି ସମାଲୋଚନାରେ ପ୍ରବୃତ୍ତ ହେଲୁଁ; ପ୍ରଥମ—ବର୍ତ୍ତମାନ ଲୋକେ ପ୍ରାଚୀନମାନଙ୍କୁ କାହାଣୀରଚନାରେ ଜିଣି ପାରିବେ କି ନାହିଁ ଏବଂ ଦ୍ୱିତୀୟ—କାହାଣୀ ମଧ୍ୟରେ ବୟସ୍କମାନଙ୍କର ଉପଭୋଗର ବସ୍ତୁ କିଛି ଅଛି କି ନାହିଁ । କିଞ୍ଚିତ୍ ଆଲୋଚନା ପରେ ସିଦ୍ଧାନ୍ତ କଲୁଁ କାହାଣୀରେ ବର୍ତ୍ତମାନ ଲୋକେ ପ୍ରାଚୀନମାନଙ୍କର ସମକକ୍ଷ ହୋଇ ପାରିବେ ନାହିଁ ଏବଂ ବୟସ୍କମାନଙ୍କର କାହାଣୀରେ ଆସ୍ୱାଦନ କରିବାର ଯଥେଷ୍ଟ ସାମଗ୍ରୀ ଅଛି । ବର୍ତ୍ତମାନ ତୃତୀୟ ଅଂଶରେ କାହାଣୀଗତ ଚରିତ୍ର ସମ୍ବନ୍ଧରେ କିଞ୍ଚିତ୍ ଆଲୋଚନା କରିବୁଁ; ଚତୁର୍ଥ ଅଂଶରେ ଉତ୍କଳ କାହାଣୀର ସମ୍ପାଦ ସମ୍ବନ୍ଧରେ ଯତ୍କିଞ୍ଚିତ୍ କହି ପ୍ରବନ୍ଧ ସମାପ୍ତ କରିବୁଁ ।

ଆମ୍ଭେମାନେ ପୂର୍ବେ ଚାରିଗୋଟି ଲୋକର ବର୍ଣ୍ଣନା କରିଅଛୁଁ; ଯଥା—ଦେବଲୋକ, ପିତୃ-ଲୋକ, ନାଗଲୋକ ଏବଂ ନରଲୋକ । ପ୍ରଥମ ତିନି ଲୋକର ଉପରୁ ଆଭାସ ପୂର୍ବେ ଦେଇଅଛୁଁ, କିନ୍ତୁ ନରଲୋକହିଁ କାହାଣୀର ପ୍ରଧାନ ବିଷୟ । ନରଲୋକ ମଧ୍ୟରେ ଚେତନ, ଅଚେତନ ଏହି ଦୁଇ ସୃଷ୍ଟିର ବର୍ଣ୍ଣନା ଅଛି । ପୁଣି ଚେତନ ଜଗତ ମାନବ, ଅମାନବ ଏବଂ ଜୀବଜନ୍ତୁ ଏହି ତିନି ଶ୍ରେଣୀରେ ବିଭକ୍ତ । ମାନବମାନଙ୍କୁ ସ୍ତ୍ରୀଜାତି ଏବଂ ପୁରୁଷଜାତିରେ ବିଭକ୍ତ କରୁଁ । ଅତଏବ କାହାଣୀଗତ ଚରିତ୍ର ସମାଲୋଚନା କରିବାକୁ ହେଲେ ନିମ୍ନଲିଖିତ ପାଞ୍ଚୋଟି ବିଷୟରେ ଆମ୍ଭମାନଙ୍କ ସମାଲୋଚନା ଆରମ୍ଭ କରିବାକୁ ହେବ:—୧ ମାନବ-ପୁରୁଷ; ୨ ମାନବ-ସ୍ତ୍ରୀ; ୩ ଅମାନବ; ୪ ଜୀବଜନ୍ତୁ; ୫ ଅଚେତନ । ଏହି ଶ୍ରେଣୀବିଭାଗ ଦେଖି ଆପଣମାନଙ୍କୁ ଦସ ମାତ୍ର କେବଳ ମନୁଷ୍ୟମାନଙ୍କର ଚରିତ୍ର ସମାଲୋଚନା ସମ୍ଭବ ଦେଖା ଯାଏ; ଅମାନବମାନଙ୍କର କଦାଚିତ୍, କିନ୍ତୁ ଜୀବଜନ୍ତୁ ଏବଂ ଅଚେତନ ପଦାର୍ଥମାନଙ୍କର ସମାଲୋଚନା ତ କେ କାଳରେ ଦେଖା ଯାଏ ନାହିଁ । କିନ୍ତୁ କାହାଣୀରେ ସମସ୍ତଙ୍କର ଗୋଟିଏ ଗୋଟିଏ ଚରିତ୍ର ଅଛି । ବୃକ୍ଷଠାରୁ ମନୁଷ୍ୟପର୍ଯ୍ୟନ୍ତ ସମସ୍ତେ ଚରିତ୍ରବିଶିଷ୍ଟ; ସମସ୍ତଙ୍କର ଭାଷା ଅଛି, ଭାବ ଅଛି, ଆତ୍ମା ଅଛି । କାହାଣୀ-ରାଜ୍ୟରେ ଚେତନ ଅଚେତନ ମଧ୍ୟରେ ପାର୍ଥକ୍ୟ କେବଳ ନାମରେ; କିନ୍ତୁ କି ଜଡ଼ କି ମନୁଷ୍ୟ ସମସ୍ତଙ୍କଠାରେ ଆତ୍ମା ଅନୁପ୍ରବିଷ୍ଟ । ଅତଏବ କାହାଣୀରେ ସମସ୍ତ ବସ୍ତୁର ସମାଲୋଚନା ଆବଶ୍ୟକ ।

୧ । ମାନବ-ପୁରୁଷ—କାହାଣୀରେ ପୁରୁଷ ଚରିତ୍ରର ସଂଖ୍ୟା ଅଧିକ ନୁହେ । ସେଥିମଧ୍ୟ ରଜା, ମନ୍ତ୍ରୀ, ରଜାପୁଅ, ମନ୍ତ୍ରୀପୁଅ, ସାଧବ ଏ କୋଟୁଆଳ ଏହିମାନେ ପ୍ରଧାନ । ସାଧବ ଅ ସୌଦାଗର । ଆଜିକାଲି ଯାହାକୁ Polic Superintendent କହୁଁ, ପୂର୍ବେ ତାହା ଲୋକେ କୋଟୁଆଳ ନାମରେ ଅଭିହିତ କ ଥିଲେ । ସେ କାଳରେ ଦେଶ ମଧ୍ୟରେ ରା ମନ୍ତ୍ରୀ, ସାଧବ, କୋଟୁଆଳ ଏହି କେତେକ ପ୍ରଧା ଥିଲେ, ଅତଏବ କାହାଣୀରେ ମଧ୍ୟ ସେମା ଉଚ୍ଚ ସ୍ଥାନ ଅଧିକାର କରିଅଛନ୍ତି । ଆଜି ମନ୍ତ୍ରୀମାନେ ଯେପରି ରଜାଙ୍କର ଉଚ୍ଚ କାର୍ଯ୍ୟରେ ସହାୟ ହୁଅନ୍ତି, ପୂର୍ବେ ସେପ ଥିଲେ । ଅନେକ ଗୃହ କାର୍ଯ୍ୟରେ ମଧ୍ୟ ରଜାଙ୍କର ସହାୟ ହେଉଥିଲେ । ରଜାଙ୍କ ହୁକୁମ ହେଲା ରାଣୀଙ୍କର ପ୍ରାଣଦଣ୍ଡ ହେବ ରାଣୀଙ୍କି ବଧ କରିବ କିଏ ? "ରଜା ମ ହୁକୁମ ଦେଲେ, ରାଣୀଙ୍କି ନେଇ ଶୂଳୀ ଅଥବା

Digitized by srujanika@gmail.com

...ୀ ଦେଇ ରାଜାଙ୍କ ଅଣିଲେ ମୁଁ ଦେଖା କଲେ ଶୋଣିତ ପିଇବ । ମନ୍ତ୍ରୀ ପ୍ରାଣ ଭିକ୍ଷା ଦେଲେ । ଛନ୍ତି ରାଜା କହିଲେ ମତେ ରାଣୀର ରକ୍ତ ପାନ ନ ଦେଲେ ମୋତେ ମାରିଲେ ତୁମେ ଯନ୍ତ୍ରଣା ଯେଣ ପାଇବ ।" ରାଜାମନ୍ତ୍ରୀଙ୍କର ଯାବ ଦେହୁପର । ପ୍ରଥମ ଏ ମାର୍ଗ ଯଦ ସମ୍ପାଦକଙ୍କୁ ଅନୁଗ୍ରହ ପ୍ରକାଶ କରି ଦେଇ ବସନ୍ତ, ପୁସ୍ତକ କାଳ ଆଗମ ପ୍ରକାଶ ହିବ ।

ରଜାପୁଅ ମନ୍ତ୍ରୀପୁଅ ମଧ୍ୟରେ ରଜାପୁଅ ବେଶ ଚତୁର, ମନ୍ତ୍ରୀପୁଅ ଅଧିକ ଚତୁର । ଚଜାର ଯେପରି ମନ୍ତ୍ରୀ ଆବଶ୍ୟକ, ରଜାପୁଅର ସେହିପରି ମନ୍ତ୍ରୀପୁଅ ଆବଶ୍ୟକ, ଦୁଇ ଜଣଙ୍କ ମଧ୍ୟରେ ପ୍ରଗାଢ଼ ବନ୍ଧୁତା ; ରଜାପୁଅ ଯେବେ ବିଦେଶ ବାହାରେ, ମନ୍ତ୍ରୀପୁଅ ତାଙ୍କ ସଙ୍ଗେ ଯାଏ । ରଜାପୁଅ କଦର ଗୁଣହୀନ ନାହିଁ, ତାଙ୍କୁ ବଣରେ ଛାଡ଼ ଦେଇ ଅସିଲେ ସେ ନିଜଗୁଣ ଏବଂ ଭାଗ୍ୟ ବଳରେ ରାଜ୍ୟପାଦ ରଜାକ୍ଷିଅକୁ ଲଭ୍ୟ ହୁଏ । ପ୍ରାଚୀନମାନେ ପଦ ସହିତ ଚତୁର୍ଗୁଣ କଳ୍ପନାରେ ମଧ୍ୟ ଭାବୁଥିଲେ; କିନ୍ତୁ ବର୍ତ୍ତମାନର ବ୍ୟବସ୍ଥା ସ୍ୱତନ୍ତ୍ର । ଯଦ ପଡ଼ୋରେ ଶୁଣୁ, ଅମୁକ ଜଣେ ବଡ଼ ଲୋକର ପୁଅ ତାର ବାପର ଢେର ଟଙ୍କା ଅଛି, ତତକ୍ଷଣେ ଅନୁମାନ କରି ନେଉଁ, ସେ ଲୋକଟା ଅପଦାର୍ଥ ।

୨ । ମାନବ-ସ୍ତ୍ରୀ—କାହାଣୀରେ ସ୍ତ୍ରୀଲୋକମାନଙ୍କର ଚରିତ୍ର ବଡ଼ ଭୟଙ୍କର । ଯଦ କପଟତା କଣିସ୍ଥା କାହାର ଚରିତ୍ର ଥାଏ, ତାହା ସ୍ତ୍ରୀଲୋକମାନଙ୍କର । ସେମାନେ ଯେତେ ଧୂର୍ତ୍ତ ସେତେ ମୂର୍ଖ, ଯେତେ ବ୍ରତଶୀଳା ସେତେ ଚପଳା, ଯେପରି ଭୀରୁ ସେହିପରି ସାହସୀ । ଅନେକ ସ୍ଥଳରେ ସ୍ୱାମୀମାନେ ଭୟଙ୍କର ବିପଦରେ ପଡ଼ନ୍ତି, ଉଦ୍ଧାରର ଆଉ ଆଶା ନାହିଁ; କେଏ ଜାଣନ୍ତି ତାଙ୍କ—ସେମାନଙ୍କର ପତ୍ନୀର ଶୀଳହିଁ ସେମାନଙ୍କର ଏକମାତ୍ର ସମ୍ବଳ । ସ୍ଥଳରେ ଦେଖ, ସେମାନେ କେତେଦୂର ... "ପିଲା ଏ ଜନ୍ମ ହେଲେ, ରାଣୀଙ୍କ ଚେଷ୍ଟା ବୃଥା ଗଲା । ଛ ଉଣିଶୀଯନ ସେଠୁ ଦେବେ କ୍ଷଣ ଦେଲ—ତା ଆଗରୁ ପିଲାଙ୍କୁ ନେଇ ନାରୀଙ୍କ ଶ୍ରେଣୀ ଯୋଗ ନେଲେ, ପିଲାଙ୍କୁ ନେଇ ଅନ୍ଧକାରରେ ପେଲ ଯାଇ ଦେଲେ । ରାଣୀ ସେଠ ଚେଷ୍ଟା ଯାଉଥିଲେ, ଦେଖିଲେ ନାକକୁଞ୍ଚିତ ଦୃଷ୍ଟି କରୁଅଛନ୍ତି । ଦେଖି ବୃଦ୍ଧ ପାଠଶାଳା ।" ଅହା ! ବୁଦ୍ଧିରେ ! ରାଣୀ ନେଇ ଏତେ ବୁଦ୍ଧି ଯାଇ କାହିଁ ? ପୁନଶ୍ଚ, ଅନେକ ସମ୍ପୂର୍ଣ୍ଣର ସ୍ତ୍ରୀଲୋକମାନେ ଶତ ସହସ୍ର ପଦସ୍ଥାରେ ପଡ଼ ମଧ୍ୟ ସେମାନଙ୍କ ସତୀତ୍ୱ ଦଣ୍ଡକ ପାଇଁ ଭୁଲୁ ନାହାନ୍ତି; ଆଉ ଅନେକ ସମୟରେ କଥା ପଦକେ ଭୁଲି ଯାଇ ସ୍ୱାମୀ ପ୍ରତି ଘୋର ଅନିଷ୍ଟାଚରଣ କରୁଅଛନ୍ତି । ସାଧାରଣତଃ ସ୍ତ୍ରୀମାନଙ୍କୁ ଦୁର୍ବଳା ନାରୀଜାତି, ପରମ୍ପରୀ ବର୍ଣ୍ଣନା କରା ହୋଇଅଛି, ଆଉ ଅନେକ ସମୟରେ ସେମାନେ ଘୋଡ଼ା ଚଢି ବିଦେଶ ଯାଉଅଛନ୍ତି, ଗଛ ଉପରକୁ ଚଢ଼ି ଯାଇ ବାର ହାତ ଖଣ୍ଡାରେ ଗଣ୍ଡା ମାରୁଅଛନ୍ତି ଏବଂ ଅନ୍ୟ ନାନା ପ୍ରକାର ବୀରତ୍ୱ ଦେଖାଉଅଛନ୍ତି ।

କିନ୍ତୁ ସ୍ତ୍ରୀମାନଙ୍କର ଗୋଟିଏ ଦୋଷ କାହାଣୀରେ ପୁନଃ ପୁନଃ ବର୍ଣ୍ଣିତ ହୋଇଅଛି । ସେମାନଙ୍କ କୌତୂହଳ ଥରେ ଯଦ ଜାଗ୍ରତ ହୁଏ, ଆଉ ତାହା ଦମନ କରିବା ସହଜ ନୁହେଁ । ଦେଖନ୍ତୁ— "ମହାଜନପୁଅ ତାହାର ସ୍ତ୍ରୀକୁ ସେହି ଘର ଦେଖାଇ କହିଲା, ସବୁ ଘର ଫିଟେଇବୁ ଏ ଘର ଫିଟେଇବୁ ନାହିଁ । ସ୍ତ୍ରୀ କହି ମହାଜନପୁଅ ବଣକୁ ଗଲା । ଏ ତ ମାଇପି ଜାତି, ମନେ ମନେ ଭାବିଲା, ସବୁ ଘର ଫିଟେଇବାକୁ କହିଲା, ଏ ଘରଟି କିଆଁ ମନା କଲା, କଣ ଭଲ ଜିନିଷ ରଖିଛି, ମତେ ଲୁଚଉଛି । ସ୍ତ୍ରୀ ଯାଇ ସେ ଘର ଫିଟେଇ ଦେଲା ।" କଥିତ ଅଛି ଜଗନ୍ନାଥ ଯେ ଅଙ୍ଗହୀନ, ତାହା କେବଳ ସ୍ତ୍ରୀ ଦୋଷରୁ । ତାଙ୍କର ନିର୍ମାଣ-କାର୍ଯ୍ୟ ଶେଷ ହୋଇ ନାହିଁ, ଏଣେ ସ୍ତ୍ରୀଲୋକର ଆଉ ତର ସହିଲା ନାହିଁ; କବାଟ ଫିଟେଇବାକୁ ହେ କଲା; ତେଣୁ ଜଗନ୍ନାଥ ଅଙ୍ଗହୀନ ହେଲେ ।

Digitized by srujanika@gmail.com

'କ । ଅମାନବ—କାହାଣୀରେ ଅମାନବ ଶ୍ରେଣୀର ବର୍ଣ୍ଣନା ବହୁଳ ଦେଖାଯାଏ । ଦେବ ପ୍ରଭୃତି ଅମାନବମାନେ ମନୁଷ୍ୟକୁ ବରପ୍ରଦାନ କରନ୍ତି, ସେମାନଙ୍କର ବାଞ୍ଛା ପୂରଣ କରନ୍ତି । କିନ୍ତୁ ବର୍ତ୍ତମାନ ଆମ୍ଭେମାନେ ଯେଉଁ ଅମାନବ ଶ୍ରେଣୀ କଥା କହିବାକୁ ଯାଉଅଛୁଁ, ସେମାନେ ମନୁଷ୍ୟର ଭୟ ଏବଂ ଅନିଷ୍ଟର କାରଣ, ସେମାନଙ୍କ ହାତରେ ପଡ଼ିଲେ ମନୁଷ୍ୟର ଆଉ ତ୍ରାହି ନାହିଁ । ଏହି ଅମାନବମାନଙ୍କ ମଧ୍ୟରେ କେତେକ ଭୂତ ଏବଂ ଅଶରୀରୀ, କେତେକ ଦେହଧାରୀ ଶରୀରବିଶିଷ୍ଟ । ଡାହାଣୀ, ଚିରକୁଣୀ, ଭୂତ, ବ୍ରହ୍ମରାକ୍ଷସ ଏମାନେ ଅଶରୀରୀ, ଅନ୍ଧକାରରେ ବିଚରଣ କରନ୍ତି, ରାତ୍ରିରେ କେବେ କେବେ ମନୁଷ୍ୟର ଦୃଷ୍ଟିଗୋଚର ହୁଅନ୍ତି, କିନ୍ତୁ ଦନ ଆଲୁଅ ଦେଖିଲେ ନିଜ ନିଜ ଅସ୍ଥାନ ଧରି ଲୁଚି ରହନ୍ତି । ଶରୀରମାନଙ୍କ ମଧ୍ୟରେ ଅସୁର ପ୍ରଧାନ । ଏମାନଙ୍କର ଆହାର ବିହାର, ନିଦ୍ରା ସବୁ ମନୁଷ୍ୟମାନଙ୍କ ପରି । ଭେଦ କଥା ହେଉଛି, ମନୁଷ୍ୟ ଏମାନଙ୍କର ଭୋଜ୍ୟ— ଗଡ଼ଶ ଯଥା ଶେଉଳର । ଆମ୍ଭେମାନେ ପୂର୍ବୋକ୍ତ ଅଶରୀରୀମାନଙ୍କ କଥା ଆଲୋଚନା କରି ଏହି ଶରୀରୀ ଅସୁରମାନଙ୍କ କଥା ଆଲୋଚନା କରିବୁଁ ।

ଅଶରୀରୀମାନଙ୍କ ମଧ୍ୟରେ ଡାହାଣୀ ସର୍ବପ୍ରଥମ । ଡାହାଣୀ ମୁହଁରେ ନିଆଁ ଅଛି; ସେ ନିଆଁ କରି ଦେଲେ ରାତ୍ରି ଅତି ଆଲୁଅ ହୋଇଯାଏ, ପାଟି ବୁଜି ଦେଲେ ଅନ୍ଧକାର । ଚିରକୁଣୀମାନେ ଡାହାଣୀମାନଙ୍କର ଭଉଣୀ, ତେବେ କଣ ସେମାନେ ଠିକ୍ ଏ ମତ ଜାଣ । ଯଦିଚ ଡାହାଣୀ ଚିରକୁଣୀମାନେ କୁଆ ପିଲାଙ୍କୁ ଖାଇ ଯିବାର ଅନେକ ଥର ଦେଖା ଅଛି, ତଥାପି ସେମାନେ ଭୂତ ପରି ଭୟଙ୍କର ନୁହନ୍ତି । ଯେଉଁମାନେ ଇହ ଜୀବନରେ ପୁଣ୍ୟ ଆଚରଣ କରି ନ ଥାନ୍ତି, ମଲେ ସେମାନଙ୍କ ଆତ୍ମାର ସଦ୍ଗତି ହୁଏ ନାହିଁ, ସେମାନେ ଆଉ ସ୍ୱର୍ଗକୁ ଯାଇ ପାରନ୍ତି ନାହିଁ, ଭୂତ ହୋଇ ମର୍ତ୍ତ୍ୟରେ ବାସ କରନ୍ତି । ସେମାନେ ଅତ୍ୟ ଦୀର୍ଘ ହୁଅନ୍ତି । ଅନେକ ସମୟରେ ନଡ଼ିଆ କୂଳ ବରଗଛ ଉପରେ ବସିଲେ ଆର କୂଳ ଗୋଡ଼ ଲମ୍ବି ଥାଏ । ସେମାନେ ମନୁଷ୍ୟହାଡ଼ରେ ପଶା ଖେଳନ୍ତି, ମନୁଷ୍ୟମାନଙ୍କ ପାଖରୁ ମା ଛଡ଼ାଇ ଖାଇ ଯାନ୍ତି ଏବଂ ଅନେକ ସମୟରେ ଗ୍ରାମରେ ବଡ଼ ଉପଦ୍ରବ ଲଗାନ୍ତି । ତତ୍ପରେ ବ୍ରହ୍ମରାକ୍ଷସ—ଏମାନେ ଭୂତ ଶ୍ରେଣୀର, ଦ ସେମାନଙ୍କଠାରୁ ଅଧିକ ଭୟଙ୍କର । ଯେ ବ୍ରାହ୍ମଣଯୁବକମାନେ ଇହ ଜୀବନରେ ପା ହୁରାଗ୍ରହ ଥାନ୍ତି, ମୃତ୍ୟୁ ପରେ ସେମାନେ ବ୍ରହ୍ମରାକ୍ଷ ହୁଅନ୍ତି ।

ଏହି ଅପାର୍ଥିବ ଅଲୌକିକ ଜୀବମାନେ କ କପାଇଁ କଳ୍ପିତ ହୋଇଅଛନ୍ତି ଠିକ୍ ବୋଲାଯା ନ ପାରେ । ତେବେ ପ୍ରାଚୀନମାନଙ୍କର ଧ୍ରୁ ବିଶ୍ୱାସ "ପ୍ରକୃତ ନୈବ ମୃତ୍ୟୁଭେ"—ଯେ ଜୀବନରେ ଲୋକସାଧାରଣର କଥା ସ୍ମୃ ସେ ମଲେ ମଧ୍ୟ ଲୋକମାନଙ୍କୁ ସେହିପ ସନ୍ତାପିତ କରିବ । ପୁଣି ଏପରି ବିଶ୍ୱାସର ମୂଳ ଆଉ ଗୋଟିଏ ବିଶ୍ୱାସ ନିହିତ ଅଛି । ମନୁ ମଲେ ଯେ ତାହାର ସମସ୍ତ ଉଦ୍ଦେଶ ସମ ହୁଏ ଏପରି ନୁହେ; ତାହାର ଆତ୍ମା ଅବିନାଶୀ ଏ ଜୀବନର ପାପ ପୁଣ୍ୟ ଅନୁସାରେ ସେ ପ ଜୀବନରେ ସୁଦଶା ଅଥବା କୁଦଶା ଲାଭ କରେ ଆତ୍ମାର ଅବିନାଶିତା, ପ୍ରକୃତିର ସ୍ଥିରତା, ପାପ ଦଣ୍ଡ ଏବଂ ପୁଣ୍ୟର ପୁରସ୍କାର ଏ ସବୁ ଏ କଳ୍ପନାର ଜନ୍ମଭୂମି ।

କିନ୍ତୁ ଏପରି କଳ୍ପନା ଆମ୍ଭମାନଙ୍କୁ ଶିକ୍ଷା ଦେଇ ବରଞ୍ଚ ଅଶିକ୍ଷା ଦିଏ; ଚରିତ୍ରକୁ ଗଠିତ ନ କରି ବରଞ୍ଚ ଦୁର୍ବଳ କରେ । ଆମ୍ଭେମାନେ ପି ବନୁ ଏହି ସବୁ ଭୂତଡାହାଣୀ ଶୁଣି ଶୁଣି ଅ ସାରଶୂନ୍ୟ ହୋଇଅଛୁଁ । ବିଜ୍ଞାନର ଆଲୋକ ଉଦ୍ଭାସିତ ହୋଇ ଭୂତ ପ୍ରଭୃତି ନୈସର୍ଗିକ ପ୍ରାଣୀମାନେ ଏ ବହିର୍ଜଗତରୁ ଅବସର ଗ୍ରହଣ କ

Digitized by srujanika@gmail.com

ଛନ୍ତି, କିନ୍ତୁ ଆମ୍ଭମାନଙ୍କ ଅନ୍ତର୍ଜଗତରେ
କଳ୍ପନାରୂପେ ଆଧିପତ୍ୟ କରୁଅଛନ୍ତି । ବୋଧ
ଏ ବର୍ତ୍ତମାନ କାଳରେ ଆମ୍ଭମାନଙ୍କ ମଧ୍ୟରେ
ଏପରି କେହି ନାହିଁ ଯେ ଏ ସବୁରେ ବିଶ୍ୱାସ
ସ୍ଥାପନ କରେ, କିନ୍ତୁ ଅନେକ ସମୟରେ ଏପରି
ହେଁ ବିଶ୍ୱାସ ଆମ୍ଭମାନଙ୍କୁ ଅମାନ୍ୟ କରେ,
କଳ୍ପନା ଏତେ ପ୍ରବଳ ହୁଏ ଯେ ତାହା ସାକ୍ଷାତ୍
ଘଟଣାରୂପେ ପ୍ରତୀତ ହୁଏ । କଳ୍ପନାକୁ ପ୍ରକୃତ
ଘଟଣା ବିଶ୍ୱାସ ନ କରି ରହି ପାରୁଁ ନାହିଁ ।
ଅନେକ ସମୟରେ ନିସ୍ତବ୍ଧ ରାତ୍ରିରେ ବଣ୍ଟାକର
ଭୂତ କାଳି ଅନ୍ଧାରେ ସାହସ କରି ପାରୁ
ନାହିଁ ରହିପାରୁ; କିନ୍ତୁ କଳ୍ପନା ଆସି ସେ
ଭୂତଙ୍କୁ ନିକଟ କରାଏ, ଉଷ୍ଣ ରକ୍ତ ଥଣ୍ଡା ହୋଇ
ଯାଏ; ଆମ୍ଭେମାନେ ହାଉଳି ଖାଇ ମୂର୍ଚ୍ଛା ଯାଉଁ ।
ଆମ୍ଭେମାନେ ପ୍ରଥମ ଜୀବନରେ କଳ୍ପନାକୁ ତୁଷ୍ଟ
କରିବା ପାଇଁ ଯେଉଁ ଅପାର୍ଥିବ ଖାଦ୍ୟ ଭକ୍ଷଣ
କରିବାକୁ ଦେଉଁ, ସେହି ପୁଣି ବିଷରୂପେ
କଳ୍ପନାକୁ ଦୂଷିତ କରି ପର ଜୀବନରେ ଆମ୍ଭ-
ମାନଙ୍କର ଅଶଙ୍କର କାରଣ ହୁଏ ।

କେହି ସାହସୀ ଯୁବକ ଯଦି ଘରେ ବାହା
ରି କହେ, 'ମୁଁ ଜୀବନମାନ ଭୂତର ଗନ୍ଧ ପର୍ଯ୍ୟନ୍ତ
ପାଏ ନାହିଁ; ଅତଏବ ପୂର୍ବେ ବୁଢ଼ୀମାର କାହାଣୀ
ଯେଉଁ ହୋଷ୍ଟାରୋପ କରି ଗଲା, ତାହ
ମିଥ୍ୟା ଭ୍ରମାତ୍ମକ, ତାହାହେଲେ ମୁଁ ତାର ସାହସକୁ
ସାଧୁବାଦ ଦେବି, କିନ୍ତୁ ବୁଦ୍ଧିକୁ ପ୍ରଶଂସା କରିବି
ନାହିଁ । କାରଣ ଯଦିଚ ସାଧାରଣତଃ ଆମ୍ଭେ-
ମାନେ ଭୂତ ଦେଖିବା ଭଳି ଘଟଣାରେ ପଡ଼ୁ
ନାହିଁ, ତଥାପି ଏପରି ସମୟ ଆସିବା ଅସମ୍ଭବ
ନୁହେ ଯେଉଁଥିରେ ଆମ୍ଭେମାନେ ଏପରି
ଘଟଣାରେ ପଡ଼ି ପାରୁଁ । ଭୂତ ତ ବାହାରେ
ନାହିଁ, ଭୂତ ଆମ ମୁଣ୍ଡ ଭିତରେ ଶୋଇଛି ।
ଜାଣି ଯେତେବେଳେ ତା ନିଦ ଭାଙ୍ଗି ଯାଇ
ରେ, ସେତେବେଳେ ସେ ଆମକୁ ଅକ୍ତିଆର
କରିବ । ପରେ ହଜାର ମନ୍ତ୍ରତନ୍ତ୍ର ଲଗା ଭୂତକୁ

ନିବାରଣ କରୁଁ, ମନର ନିୟମକୁ ତ କେହି
ନିବାରଣ କରି ପାରିବ ନାହିଁ । ମନର ନିୟମ
ହିଁ ନେ, ତୁମ୍ଭେ ଯେଉଁ ଭାବବୃତ୍ତିକୁ ଘନ ଘନ
ଜାଗରିତ କରିବ, ସେ କ୍ରମେ ତୁମ୍ଭର ଅଭ୍ୟସ୍ତ
ହୋଇ ଯିବ, ଅଳ୍ପ ଉତ୍ତେଜନାରେ ପୁଣି ଆସି
ଦେଖା ଦେବ । ଯଦି ବାଲ୍ୟକାଳରୁ ପୁନଃ ପୁନଃ
ଆମ୍ଭମାନଙ୍କ ଭୟବୃତ୍ତିକୁ ଜାଗରିତ କରାଯାଏ,
ତାହା ହେଲେ ପରଜୀବନରେ ଯେ ଆମ୍ଭେମାନେ
କେତେ ସାହସୀ ହେବୁଁ, ତାହା ଆପଣମାନେ
ଅନୁମାନ କରି ପାରିବେ । ଚୈତ୍ରଥପୁଏ ଯେ
ଏତେ ସାହସୀ, ତାହାର କାରଣ କଣ ? ସେମାନଙ୍କ
ସାହସର ସନ୍ଧାନରେ କେବେ ତ ଦଖିଣିନ୍ଦ ଦଥି
ଯାଏ ନାହିଁ । ଶୈଶବରେ ସେମାନେ ଭୂତକୁ
ଡରନ୍ତି; ଟିକିଏ ବଡ଼ ହେଲେ ତାଙ୍କର ଭୂତସବୁ
ଆସି ଅବଧାନଙ୍କ ବେତରେ ପଶନ୍ତି; ଯେତେ-
ବେଳେ ଉଚ୍ଚ ଶିକ୍ଷା ପାଆନ୍ତି, ସ୍କୁଲର ପ୍ରିନ୍ସିପାଲ
ତାଙ୍କର ପ୍ରାଣେ ଡର; ବରଂବର ପାଠ ଭୂଲି ଥାନ୍ତି
—ଡର—ଯଦି ପ୍ରିନ୍ସିପାଲଙ୍କ କାର୍ଯ୍ୟ ଦୃଷ୍ଟରେ
ପଡ଼େ କେମନ୍ତ କରି କହି ପକାନ୍ତି, ପ୍ରିନ୍ସିପାଲ
ତାଙ୍କୁ କଲେଜରୁ ଉଡ଼ ଦେବେ, ତାହା ହେଲେ
ଜୀବନଟା ଯେ ମାଟି ହୋଇଯିବ; ଯେତେବେଳେ
କର୍ମକ୍ଷେତ୍ରରେ ପ୍ରବେଶ କରନ୍ତି, ଉପରିସ୍ଥ
କର୍ମଚାରୀମାନଙ୍କ ପାଖକୁ ଥର ଥର ଯାନ୍ତି,
ସେମାନଙ୍କ ଗାଳମନ୍ଦକୁ ଭୂନି ହୋଇ ଶୁଣି ଯାନ୍ତି
—ଡର—ଯଦି ସୁପିରିୟରଙ୍କ (Superior)
ମନ ଟିକିଏ ବଙ୍କା ହୁଏ 'ଚନ୍ଦାଧାରଣ'ରେ ଯେ
ଗୋଳମାଳ ହେବ ! ସେତେବେଳେ ପିଲା କୁଟୁମ୍ବ
ଯେ ବୁଡ଼ିବୁଡ଼ି ହୋଇ ମରିବେ ! ଏହିପରି
ଆମ୍ଭେମାନେ ସର୍ବଦା ପ୍ରାଣ ରକ୍ଷିବା ପାଇଁ ପ୍ରାଣ ନ
ଦେଉଁ । ଏତଦ୍ୱାରା ଉଚ୍ଚ କର୍ମଚାରୀମାନଙ୍କୁ ଗାଳ
ଦିଅ ଯାଏ ନାହିଁ । ତେବେ ଭୂତ-କାହାଣୀ ବିଷୟ
କହୁଁ କହୁଁ ଏତେ କଥା କିଆଁ କହି ଗଲୁ ?
ତାହାର କାରଣ ଏହି ଯେ, ଭୂତଟାକୁ ଆମ୍ଭ-
ମାନଙ୍କର ଭୟର ପ୍ରଥମ ଉତ୍ପତ୍ତି ଏବଂ ଜୀବନର

Digitized by srujanika@gmail.com

ପରି ବହୁତ ଅଦ୍ଭୁତ ପ୍ରଯତ୍ନ କରାଯାଇଅଛି । ତାହାପ୍ର
ତାହାର ପୂର୍ବ ଆଉ କେହି କେବେ ସେହି
ଢଙ୍ଗରେ ଦେଖାଇବାକୁ ପ୍ରବୃତ୍ତ ହୋଇ, ଆହା
କେବେ ଏ ବିଷୟ ପ୍ରତି ଆମର ପ୍ରଥମ ଦୃଷ୍ଟି-
ପାତ ହୋଇଅଛି । ସ୍ତ୍ରୀମାନଙ୍କର ଲଜ୍ଜା ଯେପରି
ଭୂଷଣ, ପୁରୁଷମାନଙ୍କର ଭୟ ଅତି ଲାଜ
ସେହିପରି ଭୂଷଣରୂପେ ପରିଗଣିତ । ପ୍ରଥମଟିର
ଅଭାବରେ ସ୍ତ୍ରୀଜାତିର ଲୋପ; ଦ୍ୱିତୀୟଟିର
ଅଭାବରେ ସମସ୍ତ ଦେଶୀୟ ସମସ୍ତ ଜାତୀୟ
ସ୍ୱାଧୀନତାର ଲୋପ ।

ଅଣସଭ୍ୟ ଅମାନବ କଥା ଯେତେ କେତେ, ଏବେ ଶଦଶା ଅମାନବ କଥା ଆଲୋଚନା କରୁ । ଅସୁରମାନେ ଶଦଶା ଅମାନବ । କାହାଣୀରେ ଅସୁର କଥା ଯେତେ ଦେଖା; ଏମାନଙ୍କୁ ମନୁଷ୍ୟ-ଠାରୁ ବାଛି ନେବା କେତେକ ସମୟରେ ବଡ଼ ଦୁଷ୍କର । ଯଦିଚ ଏମାନେ ଅସୁର, ଏମାନଙ୍କର ଭାବ, ଭାଷା ଏବଂ ବ୍ୟବହାର ସବୁ ମନୁଷ୍ୟମାନଙ୍କ ପରି । ସ୍ଥାନେ ସ୍ଥାନେ ଏମାନେ ଭୟଙ୍କର ବିକଟ-ମୂର୍ତ୍ତିରୂପେ କଳ୍ପିତ ହୋଇଅଛନ୍ତି, ଅନେକ ସ୍ଥଳରେ ରାଜାମାନେ ମଧ୍ୟ ଅସୁରମାନଙ୍କୁ ମନୁଷ୍ୟ-ଭ୍ରମରେ ବିବାହ କରିଅଛନ୍ତି । ଯଦିଚ ମନୁଷ୍ୟ-ମାନେ ଏମାନଙ୍କର ଭୋଜ୍ୟ, ତଥାପି ଅନେକ ସମୟରେ ମନୁଷ୍ୟମାନଙ୍କୁ ଏମାନେ ସାହାଯ୍ୟ କରି ଅଛନ୍ତି । ସେମାନଙ୍କ ସହିତ ପଶା ଖେଳିଅଛନ୍ତି । ତେବେ ଯେତେଦୂର ତୁଳନା କରି ଦେଖାଯାଏ, କେତେକଗୁଡିଏ ଗୁଣରେ ଏମାନେ ମନୁଷ୍ୟ-ମାନଙ୍କଠାରୁ ଭିନ୍ନ ।

୧—ଏମାନେ ବହୁଭୋଜୀ—ଏହାର ପ୍ରମାଣ ପ୍ରତ୍ୟେକ କୋଣରେ ଖୋଜ, ପାଇବ । ଶୁଣନ୍ତୁ:—
"ପାଣ୍ଡବମାନେ ଏକଚକ୍ରା ନଗରରେ ପହଞ୍ଚିଲେ । ଏହା ଶୁଣିଲେ, ଏମାନଙ୍କୁ ସବୁ ଦିଆ ସରଞ୍ଜାମ ଦେଲେ । ଅସୁର ଘର ଜଣଙ୍କୁ ଯେତେ ଆଣି ଦେଉଥାନ୍ତି, ସେ କେବେ ମନା କରୁ ନ ଥାନ୍ତି; ଯେତେକ ମାହାଲରେ ପରିବା ଯାହା ଥିଲା ସବୁ ଆଣି ଦେଲେ, ତାକୁ ସବୁ କଞ୍ଚା ଖାଇଗଲେ । ବଣ ଭରଣ ଗୋଟାକର ଭାତ ଖାଇଲେ, ନଈକ ପାଣି ପିଇଗଲେ ।" ଆପଣମାନେ କହିବେ ଲୋକ-ମାନଙ୍କ ମଧ୍ୟରେ କଣ ବହୁଭୋଜୀ ନାହାନ୍ତି ? କିନ୍ତୁ ଅସୁରମାନଙ୍କର ଆଉ ଗୋଟିଏ ଗୁଣ ଅଛି, ଏମାନେ—

୨—ମନୁଷ୍ୟଭୋଜୀ—ଏହାର ମଧ୍ୟ ଶ... ସହସ୍ର ପ୍ରମାଣ ପାଇବେ । ଏହି ଦେଖନ୍ତୁ:—
"ଗୋଟିଏ ବୁଢ଼ୀ ଅସୁରୁଣୀ ଦୁଆରେ ବଟ ... ସେଠାରେ ରହିଲେ । ବୁଢ଼ୀ ଅସୁରୁଣୀ ବଡ଼ ଆ... କଲା, ଗୋଟାଏ ଘରେ କେତେ ଏମାନଙ୍କୁ ରଖି... ଦେଲା । ଏମାନେ ଆଉ ଜାଣନ୍ତି ନାହିଁ ଅ... ଘର ବୋଲି । ଅଛନ୍ତି, ଅସୁରୁଣୀର ପୁଅ... ବୁଲି ଯାଇଥିଲେ, ଘରେ ସମସ୍ତେ ଆସିଲେ... ବୁଢ଼ୀ ଅସୁରୁଣୀ କହିଲା, ଆସ ଭାଇ ପାଠ... ସୁନାର ଦରବ ରଖିଛି, ଯାଇ ଗ୍ରହଣ କର ଅକଳ... ଖାଇବ । ଏ ସବୁ କହିଲେ, କାହିଁ ? ... ଅସୁରୁଣୀ କହିଲା, ଆର ଘରେ ଅଛନ୍ତି । ଏମା... ଦଉଡ଼ିଲେ ।" ଅସୁରୁଣୀ ପୁଅମାନେ ମଣିଷଗୁଡ଼ି... ଖାଇବାକୁ ଯେପରି ଦଉଡ଼ିଲେ, ପିଲାମାନେ ପାଚିଲା କଦଳୀ ଖାଇବାକୁ ଏପରି ଦଉଡ଼ନ୍ତି, କାହିଁ କେଜାଣି । ଅସୁରମାନଙ୍କର—

ତୃତୀୟ ଗୁଣ—ଏମାନେ ଏ ବ୍ରହ୍ମାଣ୍ଡ... କାହାକୁ ଡରନ୍ତି ନାହିଁ; କେବଳ ଦଣ୍ଡ ଅ... ସେମାନଙ୍କର ବିଶେଷ ଡର । ଏହି ଦେଖନ୍ତୁ,
"ମହାକାଳ ପୁଅ ଗୋଟିଏ ଗଛ ଉପରେ ... ଦେଖେ ଯେ ଗୋଟିଏ ବଡ଼ ଗାଁ । ସେ ଗାଁ...ରେ ବଡ଼ ବଡ଼ ନଅର, ବଗିଚା, କୋଠା ଅଛି । ଦେ...ରେ କଣ କେବଳ ଜନପ୍ରାଣୀ କେହି ଦିଶୁ ନାହିଁ । ଏ ପାଇଁ ସେ ଗାଁରେ ଗୋଟିଏ ଘରମଧ୍ୟରେ ଲୁଗାପଟା ରଖି ଦେଇ ବାହାରିଲା, ଆଗ...ରେ ଆସି ଏକ ଅସୁର ଓଗାଳିଲା । ସେ ଅସୁର ଗାଁ ଯା... ଲୋକଙ୍କୁ ଖାଇ ଶେଷ କରି ସାରିଲାଣି । ତା... ଦାନ୍ତରେ ସେ ଗାଁ ମଶାଣିଠାରୁ ବଳିଲାଣି, ଘାକୁ

Digitized by srujanika@gmail.com

ଦେଖି ଖାଇବାକୁ ଆଁ କରି ଦଉଡ଼ି ଅଇଲା ବେଳକୁ ମହାଜନପୁଅ ହତିଆର ବାହାର କରି ହାଣିବାକୁ ବସିଲା । ପୂର୍ବେଠଁ ଏବେ ହାତ-ହତିଆର ଅଛି ବୋଲି ସେ ଅସୁରକୁ ଜଣା ନ ଥିଲା । ମହାଜନପୁଅକୁ ସିନା ଖାଇବାକୁ ଅଧୀ ବାଳ ଥିଲା; ଏବେ ଅପଣା ଜୀବନ ଉପରେ ପଡ଼ିଲା । କିଛି ଉପାୟ ନ ଦେଖି ମହାଜନପୁଅ ଆଗରେ ଲମ୍ବ ହୋଇ ଗୋଡ଼ତଳେ ପଡ଼ିଲା ।'' ଭୁ ଏତେ ବଡ଼ ଅସୁର ହୋଇ ଗାଁଲୋକଙ୍କୁ ଖାଇ ସାରି ଏକା ଜଣକ ପାଖରେ ଶରଣ ପଶିଲୁ ! ଅସୁରମାନଙ୍କର—

ଚତୁର୍ଥ ଗୁଣ—ଏମାନେ ଇଚ୍ଛା କଲେ ରୂପ ପରିବର୍ତ୍ତନ କରି ପାରନ୍ତି ଏବଂ କେବେ କେବେ ଚକ୍ଷୁର ଅଦୃଶ୍ୟ ହୋଇଯାନ୍ତି । କିନ୍ତୁ ସବୁ ଅସୁର-ମାନଙ୍କର ଯେ ଏପରି ଶକ୍ତି ଅଛି, ତାହା ବୋଧ ହୁଏ ନାହିଁ ।

କାହାଣୀରେ ଚତୁର୍ଥ ଚରିତ୍ର ଜୀବଜନ୍ତୁ—ଏମାନେ ମନୁଷ୍ୟମାନଙ୍କଠାରୁ ଅଙ୍ଗ ପ୍ରତ୍ୟଙ୍ଗରେ ଭିନ୍ନ ସତ, କିନ୍ତୁ ଭାବ ଏବଂ ଭାଷାରେ ସେମାନଙ୍କର ସମାନ । ଜୀବଜନ୍ତୁମାନଙ୍କର ଗୋଟିଏ ବିଶେଷ ଗୁଣ, ଏମାନେ ଉପକାର ବୁଝନ୍ତି ଏବଂ ଉପକାରର ପ୍ରତ୍ୟୁପକାର କରନ୍ତି । ବାଘ ପରି ଜନ୍ତୁ ମନୁଷ୍ୟ-ଉପକାରରେ ଭୁଲି ଯାଇଅଛନ୍ତି; ଉପକାରର ସଙ୍ଗେ ସଙ୍ଗେ ଦାସ-ଭାବେ ଗୋଡ଼ାଇଅଛନ୍ତି । ସାପ, ନେଉଳ, ମୂଷା, ଶୁଆ, ଘୁଲଶାଗୁଣା, ଗଣ୍ଡଭେରୁଣ୍ଡ ଇତ୍ୟାଦି ପଶୁ ପକ୍ଷୀମାନେ କିପରି ମନୁଷ୍ୟର ଉପକାର ବୁଝିଅଛନ୍ତି ଏବଂ ସଙ୍କଟ ସମୟରେ ତାହାର ସହାୟ ହୋଇଅଛନ୍ତି ତାହା କାହାଣୀରେ ବର୍ଣ୍ଣିତ ଅଛି । ଜୀବଜନ୍ତୁମାନଙ୍କ ମଧ୍ୟରେ ହସ୍ତୀ ଏବଂ ସର୍ପ ଏ ଦୁହିଙ୍କର କିଛି ବିଶେଷତ୍ୱ ଅଛି ।

ପ୍ରଥମ ହସ୍ତୀ—ରାଜ୍ୟ ଯେତେବେଳେ ରାଜାହୀନ ହୁଏ, ହସ୍ତୀ ଶୁଣ୍ଢରେ ପାଣିକଳସ ରଖା ଯାଏ; ହସ୍ତୀ ସେହି ପାଣିକଳସକୁ ନେଇ ଯାହା ମୁଣ୍ଡରେ ଢାଳିଦିଏ, ସେହି ରାଜ୍ୟର ରାଜା ହୁଏ । ଅଥବା ଗୋଟିଏ ରାଜକନ୍ୟାର ବିବାହ ହେବ, ପାତ୍ର ଆବଶ୍ୟକ । ସଭାସ୍ଥଳରେ ଅନେକ କନ୍ୟା-ପ୍ରାର୍ଥୀ ଉପସ୍ଥିତ ଅଛନ୍ତି; ରାଜକନ୍ୟା କାହାକୁ ବିବାହ କରିବ ? ହସ୍ତୀ ଯାହା ମୁଣ୍ଡରେ ନେଇ ଥର ପାଣିକଳସ ଢାଳି ଦେବ, ସେହି ରାଜକନ୍ୟା ଲାଭ କରିବ । ଯାହାର ଯାହା ଭାଗ୍ୟରେ ଅଛି, ତାହାକୁ ତାହା ଦେବା ହସ୍ତୀର କାର୍ଯ୍ୟ । ଏହି ହସ୍ତୀର ଚରିତ୍ରରେ ପ୍ରାଚୀନମାନଙ୍କର ଗୋଟିଏ ବିଶ୍ୱାସ ଦେଖିପାରୁ । ସେ ବିଶ୍ୱାସ ଆଉ କିଛି ନୁହେ ସେହି ପୁରାତନ ବାଣୀ—"ନ ବିଦ୍ୟା ନ ଚ ପୌରୁଷଂ, ଭାଗ୍ୟଂ ଫଳତି ସର୍ବତ୍ର ।'' ଯାହାର ରାଜ୍ୟ ପାଇବାର କୌଣସି ସମ୍ଭାବନା ନାହିଁ, ଯେ କଳ୍ପନାରେ ମଧ୍ୟ ରାଜକନ୍ୟାକୁ ବରଣ କରି ନାହିଁ, ହସ୍ତୀ ତାହାରି ମୁଣ୍ଡରେ ଭାଗ୍ୟର କଳସ ଢାଳିଦିଏ । ହସ୍ତୀର କଳ୍ପନା ଗୋଟିଏ ରୂପକମାତ୍ର ।

ଦ୍ୱିତୀୟ ସର୍ପ—ସର୍ପ ମୁଣ୍ଡରେ ମଣି ଥାଏ, ଏହା ପ୍ରାଚୀନମାନଙ୍କର ବିଶ୍ୱାସ । ଗୋଟିଏ ସର୍ପ ମୁଣ୍ଡରେ ମଣି ଜଳୁଥାଏ, ସେ ତାହାରି ବାହାରିଲେ "ଅନ୍ଧାରେ ପାର୍ଶ୍ୱେ ଏକ କ୍ରୋଶ ଉଜ୍ଜ୍ୱଳ ହୋଇଯାଏ ।'' ସର୍ପମାନେ ଯେ କେବଳ ସର୍ପ ପ୍ରସବ କରନ୍ତି ଏପରି ନୁହେ, କୌଣସି କୌଣସି ସର୍ପଙ୍କର ମନୁଷ୍ୟପୁତ୍ର ମନୁଷ୍ୟକନ୍ୟା ମଧ୍ୟ ଅଛି । ପୁନଶ୍ଚ ସର୍ପମାନେ ରୂପ ପରିବର୍ତ୍ତନ କରି ପାରନ୍ତି । ଦେଖନ୍ତୁ କିପରି ଗୋଟିଏ ସର୍ପ ମନୁଷ୍ୟ ଆକାର ଧାରଣ କରୁଅଛି, "ଧନକର ଚନ୍ଦ୍ରକଥାପଣ୍ଡା କଣ୍ଢେଲୁ ଗାଧୋଇବାକୁ ଯାଇଥିଲା । ନାଗଲୋକର ରଜାର ପୁଅ ହଳାହଳ କୁମରର ଏ [illegible] ଦେଖିବାକୁ ବଡ଼ ଇଚ୍ଛା, ସେ କଣ୍ଢରେ ସାପ ହୁଅନ୍ତିଏ ହୋଇ ଖେଳୁଥିଲା, ଚନ୍ଦ୍ରକଥପଣ୍ଡାର ଢାଳରେ ପଶି ତା ଘରକୁ ଆସିଲା । ଚନ୍ଦ୍ରକଥ-ପଣ୍ଡାର ଭାରିଯା ପାଣି ଢାଳିଲାବେଳେ ଦେଖିଲା ଯେ ସାପଛୁଅଟି ଗୋଟିଏ ଉତ୍ତମ ସୁନ୍ଦର ବାଳକଟିଏ ହୋଇ ଢାଳରେ ଅଛି ।''

Digitized by srujanika@gmail.com

କାହାଣୀର ପଞ୍ଚମ ଆଲୋଚ୍ୟ ବିଷୟ ଅଚେତନ ବସ୍ତୁ—ଅଚେତନ ବସ୍ତୁଠାରେ ଅନେକ ସମୟରେ ଚେତନର କାର୍ଯ୍ୟ ଦେଖା ଯାଏ । କିନ୍ତୁ ସେମାନଙ୍କର କାର୍ଯ୍ୟ ମନୁଷ୍ୟ-ପ୍ରୟୋଜନ-ନିରପେକ୍ଷ ନୁହେ; ସେମାନଙ୍କର ପ୍ରତ୍ୟେକ କାର୍ଯ୍ୟ ମନୁଷ୍ୟର କୌଣସି ଅଭାବ-ଜନିତ । ଅନେକ ସ୍ଥଳରେ ଅଚେତନ ବସ୍ତୁ-ଗୁଡ଼ିକର ବ୍ୟବହାର ରୂପକ ଛଳରେ ସେମାନଙ୍କ କାର୍ଯ୍ୟରୂପେ ବର୍ଣ୍ଣିତ ହୋଇଅଛି । ମଣିର ବ୍ୟବହାରକୁ ଉଦାହରଣ ନିଅନ୍ତୁ । ମଣି ଯାହା ପାଖରେ ଥାଏ, ସେ ଧନୀ । ସେ ସେହି ମଣିକୁ ବିକ୍ରୟ କରି ଅନେକ ସୁଖ ସମ୍ପତ୍ତି କ୍ରୟ କରିପାରେ; କିନ୍ତୁ ମଣି ହସ୍ତାନ୍ତର ହେଲେ ସେ ଲୋକର ଆଉ କୌଣସି ବ୍ୟବହାରରେ ଆସେ ନାହିଁ । ଅତଏବ ମଣିଖଣ୍ଡ କୌଣସି ଲୋକବିଶେଷର ପକ୍ଷପାତୀ ନୁହେ; ଯାହା ପାଖରେ ଥାଏ, ତାହାର ସୁଖୈଶ୍ୱର୍ଯ୍ୟ ବିଧାନ କରେ । ଏହି ସତ୍ୟଟି କାହାଣୀର ଆଲୋକରେ କିପରି ମୂର୍ତ୍ତି ଧାରଣ କରିଅଛି ଦେଖନ୍ତୁ । "ମହାଜନପୁଅ ହାତରେ ଗୋଟିଏ ମଣି ଥାଏ । ମହାଜନପୁଅ ମଣିକି ପଚାରନ୍ତି, ହଇରେ ମଣି, ତୁ କାହାର ? ମଣି କହିଲା, ମୁଁ ଯା ହାତରେ ଅଛି, ତାର । ମହାଜନ-ପୁଅ କହିଲେ, ତୁ କଣ କରିବୁ ? ମଣି କହିଲା, ଯାହା କହିବ, ତା କରିବି । ମହାଜନପୁଅ କହିଲେ, ରାତିକ ଭିତରେ ଏ ରଜା ନଅର ଆଗରେ ହୀରା ନୀଳା ମୋତି ମାଣିକରେ ଏକ ନଅର ହେବ, ଏ ରଜା ପୋଖରୀ ଆଗରେ ଝଲମଲ ପଥରର ଏକ ପୋଖରୀ ହେବ, ଏ ରଜା ବଗିଚା ଆଗରେ ରୂପା ଗଛରେ ସୁନା ଫଳର ବଗିଚା ହେବ । ହଇକୁ ସତ ସକାଳୁ ଦେଖିଲାବେଳକୁ ଉତ୍ତମ ସୁନାର ନଅର ପୋଖରୀ ବଗିଚା ହୋଇଛି ।" ସେହି ମଣି ପୁଣି ଯେତେବେଳେ ରଜା ହାତକୁ ଗଲା, ମହାଜନପୁଅର କେଡେ ଅନିଷ୍ଟ କଲା ଦେଖନ୍ତୁ । "ରଜା ସେ ମଣିକି ପଚାରିଲେ, ହଇରେ ମଣି ତୁ କାହାର ? ମଣି କହିଲା, ମୁଁ ଯା ହାତରେ ଅଛି ତାର । ରଜା ସେ ମଣିକି ହୁକୁମ ଦେଲେ, କାଲି ସକାଳକୁ ଏ ମହାଜନପୁଅ ଖଣ୍ଡେ ଚିରିକନା ପିନ୍ଧି ଦରିଆ ମଝିରେ ଏକ ଟାପୁରେ ଅମୁହାଁ ଦେଉଳ ଭିତରେ ଶୋଇଥିବ । ମହାଜନପୁଅ ସକାଳୁ ସତ ସକାଳୁ ଉଠି ଦେଖେ, ଏକ ଅମୁହାଁ ଦେଉଳରେ ପଡ଼ିଛି, ସବୁ ଅନ୍ଧାର ।" ହାୟରେ ମଣି ! ତୁ କଣ କଲୁ ? ଯାହା ଜୀବନକୁ ଆଲୁଅ କରିଥିଲୁ, ଅନ୍ୟ ପାଖକୁ ଯାଇ ସେହି ଲୋକକୁ ପୁଣି ତୁ ଅନ୍ଧାରରେ ପକାଇଲୁ ! ମଣି ! ତୁ ବଡ଼ ଅବିଶ୍ୱାସୀ !

ପୂର୍ବେ ଯେଉଁପରି କଳ୍ପିତ ହୋଇଥିଲା, ପ୍ରବନ୍ଧ ସେ ସୀମା ଲଙ୍ଘନ କରି ବର୍ଦ୍ଧିତ ଆକାର ଧାରଣ କଲା । ଅଥଚ ଏପର୍ଯ୍ୟନ୍ତ ଗୋଟିଏ ଗୁରୁତର ବିଷୟ ଆଲୋଚିତ ହୋଇ ନାହିଁ । ଏବେ ଉତ୍କଳକାହାଣୀର ସମ୍ବାଦ ବିଷୟ କିଛି ଆଲୋଚନା କରି କାର୍ଯ୍ୟ ସମାପ୍ତ କରିବୁଁ ।

କ୍ରମଶଃ

ଶ୍ରୀ ମୋହିନୀମୋହନ ସେନାପତି ।

ଶବ୍ଦାର୍ଥଚର୍ଚ୍ଚା ।

(ପୂର୍ବାନୁବୃତ୍ତି)

୧୫ । ସମ୍ଭ୍ରାନ୍ତ—ସାଧାରଣତଃ ଭଦ୍ର ବା କୁଳୀନ ଅର୍ଥରେ ଏହି ଶବ୍ଦଟି ବ୍ୟବହୃତ ହୁଏ । ବସ୍ତୁତଃ କୌଣସି ଅଭିଧାନରେ ତାର ଏପରି ଅର୍ଥ ନାହିଁ । ତାହାର ଅର୍ଥ ସମ୍ଭ୍ରମଶାଳୀ, ସସମ୍ଭ୍ରମ । ପାଠକେ ! ବିଚାର କରନ୍ତୁ, ଅର୍ଥ ଏପରି ଅଛି କି ? ଭଦ୍ରବ୍ୟକ୍ତିମାନଙ୍କ ନିକଟରେ ସମ୍ଭ୍ରାନ୍ତ ଅର୍ଥାତ୍ ସସମ୍ଭ୍ରମ ହୋଇ ରହିବାକୁ ହୁଏ । ସୁତରାଂ ଭଦ୍ର ସମ୍ଭ୍ରାନ୍ତ ଭାବର ହେତୁ ବା ସ୍ଥଳ । କାଳକ୍ରମେ ଏହି ସମ୍ଭ୍ରାନ୍ତଭାବ ହେତୁ ସ୍ଥଳରେ ଗୁଣ ପର୍ଯ୍ୟବସିତ ହୋଇ ଭଦ୍ରର ଅର୍ଥ ସମ୍ଭ୍ରାନ୍ତ ହୋଇଅଛି ।

୧୬ । ମାଗଣା—ମାର୍ଗ ଧାତୁରୁ ନିଷ୍ପନ୍ନ । ମାର୍ଗଣ ଶବ୍ଦରୁ ଉତ୍ପନ୍ନ । ମାର୍ଗ ଧାତୁର ଅର୍ଥ ଯାଚ୍ଞା ଓ ଅନ୍ୱେଷଣ । ଭାଷାରେ ମଧ୍ୟ 'ମାଗ' ଧାତୁର ପ୍ରାର୍ଥନା ଅର୍ଥଟି ରକ୍ଷିତ ହୋଇଅଛି । ମୂଳ ଅନୁସରଣ କଲେ ମାଗଣାର ଅର୍ଥ ଯାଚ୍ଞା । କିନ୍ତୁ ଭାଷାରେ ତାହା ସେପରି ଅର୍ଥରେ ବ୍ୟବହୃତ ହୁଏ ନାହିଁ ।—ମୂଲ୍ୟହୀନ ବା 'ବିନାମୂଲ୍ୟ' । ଯାଚ୍ଞାଲବ୍ଧ ବସ୍ତୁର କିଛି ମୂଲ୍ୟ ଦେବାକୁ ହୁଏ ନାହିଁ । ସୁତରାଂ ତାହା ଅଳ୍ପମୂଲ୍ୟ । ଯାଚ୍ଞାରେ ଏହି ଯେ ଅଳ୍ପମୂଲ୍ୟତା ଗୌଣ ଭାବରେ ରହିଅଛି, ତାହା 'ମାଗଣା' ଶବ୍ଦ ସ୍ଥଳରେ ମୁଖ୍ୟ ଭାବରେ ସଂକ୍ରମିତ ହୋଇଥିବାରୁ ତାର ଅର୍ଥ ଏପରି ଭିନ୍ନରୂପ ହୋଇ ଯାଇଅଛି ।

୧୭ । ଗଣିକା—ଗଣିକାର ଅର୍ଥ ଆମ୍ଭେମାନେ କଣ ବୁଝୁଁ ? ବେଶ୍ୟା । କେବେ କଣ ଏହି ଅର୍ଥ ପ୍ରଚଳିତ ? ଅମରକୋଷରେ ସେପରି ଅର୍ଥ ତ ନାହିଁ । ନୃତ୍ୟାଦିରେ ସ୍ତ୍ରୀବେଶଧାରୀ ପୁରୁଷକୁ ଗଣିକା ବୋଲାଯାଏ । 'ସ୍ତ୍ରୀବେଶଧାରୀ ପୁରୁଷୋ ନାଟ୍ୟୋକ୍ତୌ ଗଣିକାହ୍ୱୟା' ଅଃ—

୧୮ । ଗନ୍ଧ—ଗନ୍ଧ ପୂର୍ବେ ଭଲ ଅର୍ଥରେ ବ୍ୟବହୃତ ହେଉଥିଲା, ଅଜକାଲି ବିପରୀତ ସ୍ଥଳରେ ପ୍ରଯୁକ୍ତ ହେଉଅଛି । ଗନ୍ଧ=ସୁବାସ, ଆମୋଦ । କିନ୍ତୁ ବର୍ତ୍ତମାନ ଦୁର୍ଗନ୍ଧ ସ୍ଥଳରେ ତାର ବ୍ୟବହାର ।

୧୯ । ନଳମା—ଆମ୍ଭମାନଙ୍କ ଦେଶରେ ଅନେକ ଅଧ୍ୟାପକ 'ନଳମା' 'ପଦ୍ମିନୀ'କୁ ପଦ୍ମ ଅର୍ଥରେ ବୁଝନ୍ତି । କିନ୍ତୁ ନଳମାର ପ୍ରକୃତ ଅର୍ଥ ତାହା ନୁହେ । ନଳ (ପଦ୍ମ) ଯହିଁରେ ଥାଏ, ତାହା ନଳମା ଅର୍ଥାତ୍ ପଦ୍ମଲତା । 'ନଳନ୍ୟାନ୍ତୁ ବିସିନୀ ପଦ୍ମିନୀ ମୁଖ୍ୟାଃ' ଅଃ—

୨୦ । ସହଜ—ସହଜକୁ ଆମ୍ଭେମାନେ 'ଅନାୟାସ' ଅର୍ଥରେ ବ୍ୟବହାର କରୁଁ, ମାତ୍ର ତାର ପ୍ରାଚୀନ ଅର୍ଥ ସେପରି ନୁହେ । ସହଜାତ ଅର୍ଥାତ୍ ସ୍ୱାଭାବିକ । ଯାହା ସ୍ୱାଭାବିକ ତାହା ସ୍ୱତଃ କାର୍ଯ୍ୟକାରୀ ହୁଏ, ସେଥିରେ ଯତ୍ନ ବା ଆୟାସର ପ୍ରୟୋଜନ ହୁଏ ନାହିଁ । ସୁତରାଂ ତାହା ଅନାୟାସ । ଜୀବନ୍ତ ଗତିଶୀଳ ଭାଷାସ୍ରୋତରେ 'ସହଜ' ଭାସି ଭାସି ଶେଷୋକ୍ତ ସ୍ଥଳରେ ଲାଗିଅଛି ।

୨୧ । ଖାତ—ଖାତ କହିଲେ ଆମ୍ଭେମାନେ ଯେ କୌଣସି ଗୋଟିଏ ଗର୍ତ୍ତ ବା ଭୂମିଗର୍ତ୍ତ ବୁଝୁଁ । ତାହାର 'ପୁଷ୍କରଣୀ' ଏପରି ଗୋଟାଏ ବଡ଼ ଅର୍ଥ ଅଛି ବୋଲି ଆମ୍ଭମାନଙ୍କୁ ଜଣା ନାହିଁ—'ପୁଷ୍କରିଣ୍ୟାନ୍ତୁ ଖାତଂ ସ୍ୟାତ୍' ଅଃ—

୨୨ । ରସ—ରସ ଧାତୁବିଶେଷ । ସମସ୍ତେ ରସ ଓ ରଙ୍ଗକୁ ଏକ ମନେ କରନ୍ତି । କିନ୍ତୁ ତାହା ଠିକ ନୁହେ । ପାରଦର ନାମ ରସ । 'ରସଃସୂତଶ୍ଚ ପାରଦେ' ଅଃ—

୨୩ । ଶୁଶ୍ରୂଷା—ଶୁଶ୍ରୂଷାର ପ୍ରକୃତ୍ୟର୍ଥ ଅର୍ଥ ଶ୍ରବଣେଚ୍ଛା । କାଳକ୍ରମେ ତାହାର ଅର୍ଥ 'ସେବା' ହୋଇଅଛି । ସେବକମାନେ ସେବ୍ୟ ନିକଟରେ ସର୍ବଦା ଦତ୍ତକର୍ଣ୍ଣ ହୋଇ ଥାନ୍ତି । ସୁତରାଂ ସେବ୍ୟ

Digitized by srujanika@gmail.com

ପ୍ରଭୁ ସେବକର ଶୁଶ୍ରୂଷା ଥାଏ । ସେବ୍ୟ ଓ ସେବକର ଏହି ଗୂଢ଼ ସମ୍ବନ୍ଧକୁ ଲୋକେ ବାହାର ଅଢେ କେହି ଶୁଶ୍ରୂଷାର ଅର୍ଥ 'ସେବା' ଅବଧାରଣ କରି ଅଛନ୍ତି ।

୧୪ । ମଠ—ମଠକୁ ସାଧାରଣତଃ ଅନେକେ ଦେବତା ସ୍ଥଳରେ ବୁଝନ୍ତି ତାହା ସୁନିଶ୍ଚିତ ନୁହେ । ଯହିଁରେ ଶିଷ୍ୟ ବା ଛାତ୍ରମାନେ ବାସ କରନ୍ତି, ତାହାର ନାମ 'ମଠ' । 'ମଠଶ୍ଛାତ୍ରାଦିନିଳୟେ'—

୧୫ । ପାଷଣ୍ଡ—ପାଷଣ୍ଡର 'ନାସ୍ତିକ ବା ଅଧାର୍ମିକ' ଅର୍ଥ ସମୀଚୀନ ନୁହେ । ଯେଉଁମାନେ ସର୍ବପ୍ରକାର ବେଶ ଧାରଣ କରନ୍ତି, ସେମାନଙ୍କୁ ପାଷଣ୍ଡ ବୋଲାଯାଏ । 'ପାଷଣ୍ଡାଃ ସର୍ବଲିଙ୍ଗିନଃ'

୧୬ । ଅତପତ୍ର—ଏହାର ଅର୍ଥ ଛତ୍ର ସତ୍ୟ, ମାତ୍ର ସାଧାରଣ ଛତ୍ରକୁ ଅତପତ୍ର ବୋଲାଯିବ ନାହିଁ । ସ୍ୱର୍ଣ୍ଣଦଣ୍ଡ ରାଜଛତ୍ରର ନାମ ଅତପତ୍ର । ଯଥାଃ—'ହୈମଂ ଛତ୍ରମାତପତ୍ରଂ ରାଜ୍ଞସ୍ତୁ ନୃପଲକ୍ଷ୍ମ ତତ୍'—

୧୭ । ପରିପାଟୀ—ପରିପାଟୀ ଶୃଙ୍ଖଳା, ଅନେକଙ୍କ ଦ୍ୱାରା ଅର୍ଥରେ ବ୍ୟବହୃତ ହୋଇଥାଏ । ଅମରକାର ପରିପାଟୀକୁ ପର୍ଯ୍ୟାୟ ବା ଅନୁକ୍ରମ ଅର୍ଥରେ ଧରିଅଛନ୍ତି । ଯଥାଃ—"ଆନୁପୂର୍ବୀ ସ୍ତ୍ରିୟାଂ ଆବୃତ୍ ପରିପାଟ୍ୟନୁକ୍ରମଃ ପର୍ଯ୍ୟାୟଶ୍ଚ ।"

୧୮ । ଓଷଧି—ଫଳ ପାକ୍ ହେଲା ପରେ ଯେଉଁ ସବୁ ଗଛ ଆଉ ବଞ୍ଚେ ନାହିଁ, ସେ ସବୁ ଓଷଧି ନାମରେ ଅଭିହିତ । କଦଳୀଧାନ୍ୟାଦି । 'ଓଷଧ୍ୟଃ ଫଳପାକାନ୍ତାଃ'—

ଶ୍ରୀ ମୃତ୍ୟୁଞ୍ଜୟ ରଥ ।

ଚାରି ସଙ୍ଗାତ ।

ଏକ ରାଜ୍ୟରେ ଗୋଟିଏ ରାଜା ଥାଏ । ସେ ରାଜାପୁଅ, ମନ୍ତ୍ରୀପୁଅ, ସାଧବପୁଅ, କୋଟୱାଳପୁଅ, ଏମାନେ ଚାରି ସଙ୍ଗାତ ବସି ଥାଆନ୍ତି । ଚାରିଙ୍କର ଏକା ବିଚାର । ଘରଙ୍କ ହୃଦରେ ପାରି ହେଲେ ନାହିଁ । ଦିନେ ଏମାନେ ଯୁକ୍ତି କରିଲେ ବିଦେଶ ଯିବେ ବୋଲି । ଯେଣୁ ମା ବାପଙ୍କୁ ଯାଇ ଏକଥା କହିଲେ । ଘରୁ ଟଙ୍କାପଇସା ନେଇ ଚାଲିଲେ, ଘୋଡାଶାଳରୁ ପକ୍ଷିରାଜ ଘୋଡ଼ା କାଢ଼ିଲେ, ସମସ୍ତେ ପାଗପଟୁକା, ହାତହତିଆର ବାନ୍ଧି ସାଙ୍ଗ ହୋଇ ବିଦେଶ କରି ବାହାରିଲେ । ଯାଉଁ ଯାଉଁ ବାଟରେ ହେଲା ବଡ଼ଜଙ୍ଗଲ, ଅଗାନାଗ୍ନି ଜଳନ୍ତି, ଜନପ୍ରାଣୀ କେହି ନାହିଁ, କୁଆର ଥଣ୍ଟ ନାହିଁ କି ଚଢ଼େଇର ବେଣ୍ଟ ନାହିଁ । ଆଗକୁ ଆଉ ପଦେହେଲେ ଘୋଡ଼ା ଚଳିଲା ନାହିଁ । କଅଣ କରିବେ ? ଗୋଟିଏ ଆମ୍ବଗଛ ମୂଳେ ଘୋଡ଼ାମାନଙ୍କୁ ବାନ୍ଧି ଦେଇ ସେ ଗଛ ମୂଳେ ରହିଲେ । ଜଙ୍ଗଲରେ କେହି ଜନପ୍ରାଣୀ ନାହିଁ । ସମସ୍ତେ ବିଚାରବିମର୍ଶ କଲେ, ଆମେ ଚାରୁ ଜଣେ ଜଣେ ପାଳିରେ ଜଗିବା, ଆଉ ସମସ୍ତେ ଶୋଇବେ । ପହିଲି ପହରକୁ ରାଜାପୁଅର ପାଳି ପଡ଼ିଲା । ରାଜାପୁଅ ଘୋଡ଼ା ଉପରେ ବସି ଜଗି ଥାଏ । ଦେଖୁ ଦେଖୁ ରାତି ଗଡ଼ି ଗଲା, ଏତିକି ବେଳକୁ ସେ ଆମ୍ବଗଛ ଡାଳରୁ ଶୂନ୍ୟ ଶବଦ ହେଲା, ଗଛମୂଳେ ଯେ ଶୋଇଛ ଉଠି ଯାଅ, ମୁଁ ଭାଙ୍ଗି ପଡ଼ିବି । ରାଜାପୁଅ କହିଲା, ତୁ ଯେବେ ଭାଙ୍ଗି ପଡ଼ିବୁ ପଡ଼, ଆମେ ଉଠିବୁଁ ନାହିଁ । ଦଣ୍ଡେ ଗଲାରୁ ସେ ଗଛର ଡାଳଯାକ ଭାଙ୍ଗି ବାଡ଼େଇ ହଲାଇ ଦେଲାରୁ ଗୋଟିଏ ଆମ୍ବ ଖସି ପଡ଼ିଲା । ରାଜାପୁଅ ସେ ଆମ୍ବଟି ଗୋଟେଇ ଆଣିଲା । ଫେର ଶୂନ୍ୟ ଶବଦ ହେଲା, ଏ ଆମ୍ବଟିକି ଯେ ଗିଳି ଦେବ, ସେ ହସିଲା ବେଳେ କାନ୍ଦିଲା ବେଳେ ତା ପାଟିରୁ ମାଣିକଟିଏ ଝଡ଼ିବ । ରାଜାପୁଅ ସେ ଆମ୍ବକୁ ନେଇ ଦେଇ ରଖି ଥାଏ । ତା ମନରେ ଭାରି କୌତୁକ ହେଲା । ଆଉ

Digitized by srujanika@gmail.com

ଆଉ ପହରକୁ ଆଉ ଜେ ସଙ୍ଗାତଙ୍କ ନେତ୍ରରୁ ନିଦ୍ରାକୁ ଉଠେଇଲା ନାହିଁ, ଅପେ ଜଗି ବସିଥାଏ । ଘଡି ଦ'ପହର ହୋଇ ନାହିଁ ଫେର ଶୂନ୍ୟ ଶବଦ ହେଲା, ମୋ ମୂଳେ ଯେ ଶୋଇଛି ଉଠିଯା, ମୁଁ ଭାଙ୍ଗି ପଡ଼ିବି । ରଜାପୁଅ କହିଲା, ଭାଙ୍ଗି ପଡ଼ିଲେ ପଡ଼, ଅମେ ଉଠିବୁଁ ନାହିଁ । ଫେର ସିମିଡ଼ି ପହିଲି ପହରକୁ ଭଳି ଗଛଟାକୁ ଯାଇ ଭାରି ବାଡ଼େଇ କମ୍ପେଇ ଦେଲାରୁ ଫେର ଅମ୍ବଟିଏ ଝଡ଼ି ପଡ଼ିଲା । ରଜାପୁଅ ସେ ଅମ୍ବଟିକୁ ପାଇ ନେଇ ଦେଇ ରଖିଲା । ଫେର ଶୂନ୍ୟ ଶବଦ ହେଲା ଏ ଅମ୍ବଟିକି ଯେ ଖାଇବ ସେ ରଜା ହେବ । ଘଡି ଦ'ପହର ଗଡ଼ିଗଲାରୁ ରଜାପୁଅ ଆଉ ଜେ ସଙ୍ଗାତଙ୍କୁ ଉଠେଇଲା ନାହିଁ । ତା ମନ ଲାଗିଥାଏ ଜେଉଁ ବସିଲା, ଫେର ପହରରେ ଆସି ଗଲା । ଫେର ସିମିଡ଼ି ଅମ୍ବଗଛ ବାଡ଼େଇ କମ୍ପେଇ ଦେଲା, ଫେର ଗୋଟିଏ ଅମ୍ବ ଝଡ଼ିଲା । ଶୂନ୍ୟ ଶବଦ ହେଲା, ଏ ଅମ୍ବଟିକି ଯେ ଖାଇବ, ସେ ମନ୍ତ୍ରୀ ହେବ । ରଜାପୁଅ ସେ ଅମ୍ବରେ ନେଇ ଦେଇ ରଖିଲା । ଜେ ସଙ୍ଗାତଙ୍କୁ ଉଠେଇଲା ନାହିଁ । ଘଡ଼ି ଶେଷ ପହରକୁ ଜଗି ବସିଲା । ଘଡି ପାହିବାକୁ ଦଣ୍ଡେ ଅଣ୍ଡେ ଅଛି, ଫେର ଗୋଟିଏ ଅମ୍ବ ଝଡ଼ିଲା । ଗଛରୁ ଶବଦ ହେଲା, ଏ ଅମ୍ବଟିକି ଯେ ଖାଇବ ସେ ବେଡ଼ି ପଡ଼ି ରହିବ । ରଜାପୁଅ ସେ ଅମ୍ବକୁ ଗୋଟେଇ ନେଇ ଦେଇ ରଖିଲା । ଟିକିଟିକି ଭୁଅ କୋଇଲି ବୋବେଇଲେ, କାକଅନ୍ଧାର ଲାଗି ଆସିଲା । ଉଠି କରି ଦେଖନ୍ତି ଯେ ସକାଳ ! ରଜାପୁଅକୁ କହିଲେ, ସଙ୍ଗାତ ଆମକୁ କିଆଁ ଉଠେଇଲ ନାହିଁ । ଅକାରଣେ ସବୁ ରାତି ଯାକ ଅନିଦ୍ରା ହେଲ । ରଜାପୁଅ କହିଲା, କାଲି ରାତିରେ ଏ ଗଛରୁ ଇମିତି ଶବଦ ହେଲା, ତିନିଟି ପାଚିଲା ଅମ୍ବ ଝଡ଼ି ପଡ଼ିଲା । ମୁଁ ସେ ଅମ୍ବ ତିନିଟି ଗୋଟେଇ ରଖିଛି । ମୁଁ ତ ସେହି କଉତୁକ ଦେଖି ଭୋଳ ହୋଇଗଲି, ତୁମକୁ ଉଠେଇବାକୁ ହେଜ ହେଲା ନାହିଁ । ରଜାପୁଅ କାଲି ରାତିର ସବୁ କଥା ଜେ ସଙ୍ଗାତଙ୍କୁ କହିଲା । ଦେଖିଲେ କଣ ହେବ ? ସବୁ କଥା, କେଉଁ ଅମ୍ବକୁ ଖାଇଲେ କଣ ହେବ, ସେ କଥା କାହାକୁ କହିଲା ନାହିଁ ।

ରାତି ପାହିଲାରୁ ତିନି ସଙ୍ଗାତ ତିନି ଘୋଡ଼ାଙ୍କୁ ସଜ କରି ଘୋଡ଼ାରେ ଚଢ଼ି ସେଠୁଁ ବାହାରିଲେ । ଖଣ୍ଡେ ଦୂର ଯାଉଛନ୍ତି, କଅଁଳ ଖରା ବେଳ ହେଲାଣି, ବାଟରେ ଗୋଟିଏ ନଈ ପଡ଼ିଲା । ସେ ନଈ କୂଳରେ ଘୋଡ଼ା ବାନ୍ଧିଲେ, ତିନି ସଙ୍ଗାତଯାକ ଗାଧୁଅ ପାଧୁଅ କଲେ । ଗାଧୋଇ ସାରି ଜଳଖିଆ ବେଳ ହେବାରୁ ରଜାପୁଅ ସେ ତିନୋଟି ଅମ୍ବ ବାହାର କଲା । ପହିଲିପହରର ଅମ୍ବଟି ଅପେ ଖାଇଲା, ଆଉ ପରର ଅମ୍ବଟିକି ମନ୍ତ୍ରିପୁଅକୁ ଦେଲା, ତହୁଁ ଆଉ ପହର ଅମ୍ବକୁ ସାଧବପୁଅକୁ ଦେଲା । ଶେଷପହରର ଅମ୍ବଟି କୋଟୁଆଳପୁଅକୁ ଦେଲା । ଜଳଖିଆ ହେଇ ସାରି ଘୋଡ଼ାଙ୍କ କଥା ବୁଝିଲେ । ଫେର ତିନିହେଁ ଘୋଡ଼ା ଚଢ଼ି ବାହାରିଲେ । ଯାଉଁ ଯାଉଁ ଏକ ରଜା ରାଇଜରେ ପହଞ୍ଚିଲେ । ସେଠେଇଁ ଏକ ମାଳୁଣୀ ଘରେ ଯାଇ ବସା କଲେ । ରଜାପୁଅ ଯୋଉ ଅମ୍ବଟି ଖାଇଥାଏ ସେ ଅମ୍ବ କଥା ବଡ଼ବା ଲାଗି ଗୋଟିଏ ଘରକୁ ଯାଇ ବସି ହେଲାରୁ ତା ପାଟିରୁ ହୀରାଟିଏ ଝଡ଼ି ପଡ଼ିଲା । ରଜାପୁଅ ଭାରି ଆନନ୍ଦ ହେଲା । ରଜାପୁଅ ସେ ହୀରାଟିକି ନେଇ ମନ୍ତ୍ରିପୁଅ ହାତରେ ଦେଲା । କହିଲା, ସଙ୍ଗାତ ଯା, ଯେତିକି ଏଠା ମହାଜନଘରେ ବିକି ହାଟବାଟ କରି ଆସ । ମନ୍ତ୍ରିପୁଅ ହୀରାଟିକି ନେଇ ସେ ଦେଶର ମହାଜନପାଖରେ ଯାଇ ପହଞ୍ଚିଲା । ମହାଜନ ସେ ହୀରାଟିର ମୂଲ କଲା, ଟଙ୍କା ଦେଲା । ଟଙ୍କା ଗଣିଲାବେଳକୁ ମନ୍ତ୍ରିପୁଅକୁ ମୂତ ମାଡ଼ିଲା, ସେ ମୁତିବାକୁ ଗଲା । ଏଣେ ହେଉଥାଏ କଣ, ସେ ରାଇଜର ରଜା ମରିଥାଏ । ସେ ରଜାଟି ଅପୁତ୍ରିକା । ପାତ୍ର ମନ୍ତ୍ରୀ ରଜାଙ୍କ ପାଟହାତୀ ଉପରେ ପୂଜା କଳସ ଦେଇ ରାଇଜସାରା ବୁଲାଉଛନ୍ତି;

Digitized by srujanika@gmail.com

ଦକ୍ଷିଣ ଯାତ୍ରା ପଥରେ ପୂଜା କଳସ ଥାଇବ, ସେ ରକ୍ଷା ହେବ । ତାଙ୍କ ଯାଇ ମନ୍ଦିରୁ ଉପରେ ପୂଜା କଳସ ଥାପ ଦେଲା । ପାଞ୍ଚ ମନ୍ତ୍ରୀ ସୃଙ୍ଗ ନେଇ ଗାଧରେ ବସାଇଲେ । ଉ'ପ୍ରକ୍ରେ ରାଜାପୁଅ ରହି ବସିଛି । ରହି ବସି ବସି ଅଖିରୁ ପାଣି ମଳିଣି, ମନ୍ତ୍ରୀପୁଅ ଆସିବାକୁ ନାହିଁ । ପଛକୁ କଅଣ ହେଲା—ସାଧବପୁଅ ତାଙ୍କର ଆଉ ଗୋଟିଏ ଘୋଡ଼ା ଦେଇ ମହାଜନ ପୁଅରକୁ ପଠେଇଲା । ସାଧବପୁଅ ସେଠା ପ୍ରାଣ୍ଟରେ ହୋଇ ଟଙ୍କା ଗଣୁଛି, ଦାଣ୍ଡରେ ଚହଳ ଶୁଣିଲା, ଏ କେଉଁ ଯାଉ ଦାଣ୍ଡରେ ଠିଆ ହେଲା ବେଳକୁ ରାଜାଘର ପାଟ ହାତୀ ଆସି ପୃଥ୍ବୀକୁ ନଇଁ ଦେଇ ନେଇ ପିଠି ଉପରେ ବସେଇଲା । ଏ ଯାଇ କଥା ରାଜାର ମନ୍ତ୍ରୀ ହେଲା । ରାଜାପୁଅ ଏଣେ ଚାହିଁ ଚାହିଁ ସାଧବପୁଅ ନ ଆଇଲାରୁ ଆଉ ଗୋଟିଏ ଘୋଡ଼ା ଦେଇ କୋଟୁଆଳ ପୁଅକୁ ପଠେଇଲା । କୋଟୁଆଳପୁଅ ମହାଜନ ସାଙ୍ଗରେ କଥାଭାଷା ହଉ ହଉ ପଦେ ଦୁଇପଦର କଅଣ କହି ଦେଲା । ମହାଜନ ତାକୁ ଚେଡ଼ି ପକେଇ ଗୋଟାଏ ଅନ୍ଧାର ଘରେ ରଖିଲା । ରାଜାପୁଅ ଏ ମାଲୁଣୀ ଘରେ ଥାଏ । ଦିନେ ଦି'ଦିନ ବିତି ଗଲା, ଏ ସବୁ କଥା ଶୁଣିଲା । ସେ ଦିନ ଘରେ ରେ ଅମ୍ବଗଛରୁ ଯାହା ଶୂନ୍ୟ ଶବଦ ଶୁଣିଥିଲା, ସବୁ ସତ ଫଳିଲା । କେ ସଙ୍ଗାତଯାକ ଗଲେ, ଏବେ ରାଜାପୁଅ ଅପଣା କର୍ମକୁ ଅଦରି ରହିଲା । ଏମିତି କେତେ ଦିବସ ଗଲା । ରାଜାପୁଅ ଦିନେ ଏ କେ ସଙ୍ଗାତଙ୍କୁ ବାହୁନି କରି କାନ୍ଦୁଛି, ପାଟିରୁ କେତେ ଘାଗ ନାଲା ମୋତି ମାଣିକ ଝଡୁଛି । ଗୋଟିଏ ମାଇପିଟିଏ ଦେଖିଲା । ସେ ମାଇକିନିଆ ଅପ୍ସରୁଣୀ ବୋଲି ରାଜାପୁଅ ତ ଜାଣି ନ ଥାଏ । ରାଜାପୁଅ ତା ଆଗରେ ସବୁ କଥା ମୂଳରୁ ଶେଷ ଯାଏ ଫିଟେଇ କରି କହିଗଲା । ମାଇକିନିଆ ରାଜାପୁଅକୁ ଭାରି ଆଦର କଲା, ଅପଣା ଘରକୁ ନେଇ ଗଲା । ରାଜାପୁଅ ସାଙ୍ଗରେ ଭାରି ଜଗର କଲା ତା ଘରେ ଜଳଖିଆ କରିବାକୁ । ରାଜା-

ପୁଅ ତ କେତେ ମାୟା ଜାଣି ନ ଥାଏ, ମଞ୍ଜି ଗଲା । ମାଇକିନିଆ ଗୋଟିଏ କୋଷ ଖୋଲି ଥିଲା, ସେ କୋଷରେ ବିଷ ଦେଇଥାଏ । ରାଜାପୁଅ ସେ କୋଷ ଖାଇ ବାନ୍ତି କଲା । ରାଜାପୁଅର ତ ମୁକ୍ତାର ଜୀବନ । ବାନ୍ତି କରି କରି ଅଜ୍ଞାନ ହୋଇ ଗଲା । ଆଖି ଟାଳୁଅଛି ପାଟି ଫାଟେ ଚାହାଁଇ ପଡ଼ିଲା । ଅପ୍ସରୁଣୀ ତାକୁ ଚୁଟେଇ ରଖିଲା । ରାଜାପୁଅକୁ ନେଇ ଖତଗଦାରେ ପକେଇ ଦେଲା । ସେତେବେଳେ ଏକ ମେଘ-ଯାତ ବରଷିଲାରୁ ରାଜାପୁଅ ଦେହରେ ଜୀବ ପଶିଲା । ରାଜାପୁଅ ଗୁଣ୍ଡୁରି ଗୁଣ୍ଡୁରି ଏକ ପୋଖରୀ କୂଳେ ପହଞ୍ଚିଲା, ସେ ପୋଖରୀରୁ ମୁଞ୍ଜିଏ ପାଣି ପିଇଲାରୁ ଦେହରେ ଟିକିଏ ବଳ ହେଲା । କେ ସଙ୍ଗାତଙ୍କ ବାହୁନି ବାହୁନି କେତେ କାନ୍ଦିଲା । କାନ୍ଦିଲା ବେଳକୁ ଆଉ ଘାଗ ନାଲା ମୋତି ମାଣିକ ଝଡ଼ିବାକୁ ନାହିଁ । ରାଜାପୁଅ ଅଚମ୍ଭିତ ହେଲା । ଭାବିଲା, ଆଉ ଏ ଜୀବନରେ କି କାର୍ଯ୍ୟ ! ମୁଁ ବୁଡ଼ି ପାଣିରେ ଝାସ ଦେବାକୁ ଯାଉଛି, ଗଙ୍ଗା ମାତା ଆସି ଆଗରେ ବାଟ ଓଗାଳିଲେ; କହିଲେ, ତୋର ବହୁତ ପରମାୟୁ ଅଛି, ତୁ କାହିଁକି ମରିବୁ ? ମୁଁ ତୋ ପାଇଁ ଏ ଖଟଟି ଆଣିଛି, ତୁ ଏ ଖଟଟି ନେ; ତୋର ବହୁତ କାମରେ ଆସିବ । ଏ ଖଟର ଚାରି ଖୁରରେ ଚାରୋଟି ଲେଖି ଅଛି । ଗୋଟିଏ ଖୁରରେ 'ବାନ୍ଧ ବାନ୍ଧ ଦଉଡ଼ି; ମାର ମାର ଠେଙ୍ଗା' ଅଛି । ସେ ଖଟ ଖୁରକୁ କହିଲେ ଖଟ ଖୁରରୁ ଗୋଟାଏ ଦଉଡ଼ି ବାହାରିବ ଖଣ୍ଡେ ଠେଙ୍ଗା ବାହାରିବ, ଯାହାକୁ ମନ କରିବ ତାକୁ ବାନ୍ଧି ପକେଇ ପିଟି ପିଟି ସାଗ କରି ଦେବ । ଆଉ ଗୋଟିଏ ଖୁରକୁ ଯେବେ କହିବ, ସେ ଖଟରେ ବସିଲେ ଯୁ'ଆଡ଼କୁ ମନ କରିବ ସେ'ଆଡ଼କୁ ଶୂନ୍ୟେ ଶୂନ୍ୟେ ଚାଲିଯିବ । ଆଉ ଖୁରଟିକି କହିଲେ ଶତ୍ରୁ ଆସିଲାବେଳେ ଶତ୍ରୁ ଉପରେ ବାଲି କାଦୁଅ ବରଷି ଶତ୍ରୁକୁ ପୋତି ପକେଇବ । ଆଉ ଆଉ

Digitized by srujanika@gmail.com

ଶୁଆଟିକି ଯାହା କହିବ ସେ ତା କରିବ । ରଜାପୁଅ ସେ ଖଟଟିକୁ ଆଣି ଫେର ଆସି ମାଳୁଣୀଘରେ ପହଞ୍ଚିଲା । ଫେର ସେ ଅପ୍ସରୁଣୀ ରଜାପୁଅ ପାଖକୁ ଆସିଲା । ରଜାପୁଅ ତ ଭୋଳେ, ଛଳକପଟ କିଛି ଜାଣେ ନାହିଁ । ସେ ଅପ୍ସରୁଣୀ ଦୁ'ପଦ କହିଁଲେଇ ଘସିଁଲେଇ କହି ଦେବାରୁ ରଜାପୁଅ ସବୁ କଥା ତା ଆଗରେ କହିଲା । ସେ ଅପ୍ସରୁଣୀ ଘରେ ରଜାପୁଅ ଯାଇ ରହିଲା । ଦିନାକେତେ ଗଲାରୁ ଗଙ୍ଗାରେ ବାରୁଣୀ ପଡ଼ିଲା । ଅପ୍ସରୁଣୀ ରଜାପୁଅକୁ କହିଲା, ଚାଲ ଆମେ ଯିବା ଗଙ୍ଗାରେ ବୁଡ଼ ପକେଇବା । ଦୁହେଁଯାକ ମନପବନ ଖଟରେ ବସି ଗଙ୍ଗାସିନାନକୁ ଗଲେ । ସେଠିଁ ପହଞ୍ଚି ଅପ୍ସରୁଣୀ ଗୋଟିଏ ପାଞ୍ଚ କଲା । ରଜାପୁଅକୁ କହିଲା, ମୁଁ ତ ଘରେ ନୂଆ ଦୁ'ମୁଠା ଛାଡ଼ି ଆସିଲି, ନ ଆଣିଲେ ଗଙ୍ଗାରେ ବୁଡ଼ ପକେଇବି ନାହିଁ । ରଜାପୁଅ ଅପ୍ସରୁଣୀ ମାୟାରେ ପଶି ପାରିଲା ନାହିଁ, କହିଲା, ହଉ ତେବେ ଯା ଏ ଖଟରେ ବସି, ନୂଆ ନେଇ ଆସିବୁ । ସେ ଅପ୍ସରୁଣୀ ଖଟରେ ଚଢ଼ି ଘରକୁ ଗଲା, ଆଉ କି ସେ ଆସେ ! ରଜାପୁଅ ଚାହିଁ ଚାହିଁ ତା ଆଖିରୁ ପାଣି ମଲା । ସେ ଅପ୍ସରୁଣୀ ଆଉ ଆସିବାକୁ ନାହିଁ । ପଛକୁ ରଜାପୁଅ ଚାହିଁ ଚାହିଁ ନିରାଶ ହେଲା । ବିଚାରିଲା, ଆଉ ଏ ଜୀବନରେ କି କାରଣ ? ମୃତ୍ୟୁ ବିଚାରି ଗଙ୍ଗାରେ ଝାସ ଦେବାକୁ ବସିଲା ବେଳକୁ ଗଙ୍ଗାମାତା ଆସି ହାତ ଓଗାଳିଲେ, କହିଲେ, ମୁଁ ତତେ ଗୋଟିଏ ଶୁଆ କରି ଦଉଛି, ତତେ ଅମୁକ ଦେଶର ରଜାଝିଅ ଯୋଉଁ ଦିନ ନେବ, ସେଦିନ ତୋ ଦଶା ମେଣ୍ଟିବ । ତୁ ଉଡି ଉଡି ସେହି ସହରକୁ ଯା ବାବୁରେ । ରଜାପୁଅ ଶୁଆ ରୂପ ଧରିଲା, ଉଡି ଉଡି ଯାଇ ସେଇ ସହରରେ ପହଞ୍ଚିଲା, ରଜା ନଅର ପାଖ ନଡିଆଗଛରେ ବସିଥାଏ, ରାମ ନାମ ବୋଲୁଥାଏ । ରଜାଝିଅ ସହାଜ ଘାଖୋଇ ପାଖୋଇ ମୁଣ୍ଡ ଶୁଖେଇବାକୁ କୋଠା ଉପରକୁ ଆସିଛି, ଏ ଶୁଆଟିକି ଦେଖିଲା । ଶୁଆକୁ ଡାକିଲାରୁ ଶୁଆ ଆସି ହାତରେ ବସିଲା; ରଜାଝିଅ ତାକୁ ଘରେ ଆଦର କରି ରଖିଲା; ଶୁଆଟିକି ସୁନା ପଞ୍ଜୁରୀରେ ରଖି ଦେଇଥାଏ; ଚିନି-ଘିଅ ପାଣି ଖାଇବାକୁ ଥୁଆ ଦେଇଥାଏ, କେହି ନ ଥିଲାବେଳେ ରଜାପୁଅ ଶୁଆ ଖୋଳରୁ ବାହାରି ମେଞ୍ଚାଏ ଖାଏ; ରଜାଝିଅ ଅଚମ୍ଭିତ ହୁଏ । ଦିନେ ସଂଜରେ ଖୋଳରୁ ବାହାରି ରଜାପୁଅ ମୂଢ଼ ଯାଉଛି ଏତିକି ବେଳେ ରଜାଝିଅ ତାକୁ ଧରିପକେଇଲା, କହିଲା ତୁମେ କିଏ କହ । ରଜାପୁଅ ତାକୁ ସବୁ କଥା କହିଲା । କେତେ ଦିନ ପାଇଁ କରି ସେ ଅପ୍ସରୁଣୀ ଘରୁ ସେ ଖଟଟି ଚୋରେଇ ଆଣିଲେ । ତାକୁ ସେ ଅପ୍ସରୁଣୀକୁ ଧରେଇ ଆଣି ଖଟ ଗୋଡ଼କୁ ଆଜ୍ଞା କଲାରୁ 'ମାର ମାର ଠେଙ୍ଗା ହାଡ଼ ଭାଙ୍ଗି ଦଉଛି' ବାହାରି ସେ ଅପ୍ସରୁଣୀ ନିହଯାକ ଦଳି ଗୁଡ଼େଇ ଦେଲା, ଠେଙ୍ଗା ବାହାରି ଅପ୍ସରୁଣୀକୁ ବାଡ଼େଇଲା । ଅପ୍ସରୁଣୀ ବଗାଲଟା ହୋଇଗଲା । ରଜାପୁଅଠାରୁ ଯୋଉଁ ଆମ୍ବ ଟାକୁଆଟି ନେଇଥିଲା, ତାକୁ ଆଣି ଦେଲା; ସବୁ ଧନ ଦରବ ଦେଲା । ସେ ଅପ୍ସରୁଣୀକି ନିପଟ ହାଣ୍ଡୀ ଭଲ ହାଣ୍ଡି କରି ପୋଡେଇ ପକେଇଲେ, ରଜାପୁଅକୁ ରଜାଝିଅ ବାହା ହେଲା; ସେଠାରୁ ରଜାପୁଅ ସେ ଖଟରେ ଚଢ଼ି ବାହାରିଲା, ଯୋଉଁ ଦେଶରେ ମନ୍ତ୍ରୀପୁଅ ରଜା ହେଉଛି ସେହି ସହରରେ ଯାଇ ପହଞ୍ଚିଲା । ଚର ଯାଇ ମନ୍ତ୍ରୀପୁଅକୁ ଜଣା କଲେ. ମନ୍ତ୍ରୀପୁଅ ଯୁଦ୍ଧବାଦ୍ୟ ସୈନ୍ୟସାମନ୍ତ ନେଇ ଆସିଲାରୁ ରଜାପୁଅ ଖଟଗୋଡ଼କୁ ଆଜ୍ଞା ଦେଲା, ଖଟଗୋଡ଼ରୁ ବାଣ ନିଆଁ ବରଷି ମନ୍ତ୍ରୀପୁଅର ଦଳବଳଙ୍କୁ ପୋଡ଼ି ପକେଇଲା । ଏହା ଦେଖି ମନ୍ତ୍ରୀପୁଅର ବୁଦ୍ଧି ହଜିଗଲା । ଆସି ରଜାପୁଅର ଶରଣ ପଶିଲା । ରଜାପୁଅ ଖଟରୁ ଓହ୍ଲେଇଲା । ମନ୍ତ୍ରୀପୁଅ, ରଜାପୁଅ, ସାଧବପୁଅ ତହୁଁ ପଡ଼ରପୁ ହେଲେ, ମହାଜନଘରକୁ ପିଆଦା ପଠେଇ କୋଟୁଆଳପୁଅକୁ ବେଡ଼ିରୁ ମୁକୁଳେଇ ଆଣିଲେ । ସମସ୍ତେ ଆନନ୍ଦରେ ଘରଦୁଆର କଲେ, ମୁଁ ଗଳ୍ପରୁ କଥା ନ କହିଲେ ! ମୋ କଥାଟି ସରିଲା ।

ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ।

Digitized by srujanika@gmail.com

ଚାକଚକ୍ୟ ।

ବର୍ତ୍ତମାନ ଚାକଚକ୍ୟର ଯୁଗ । ଯେଉଁ ବିଷୟ ନେଇ ଦେଖ, ତହିଁରେ ଗୋଟିଏ ଛଳନା ବିରାଜିତ ରହିଅଛି । ଏହି ଚାକଚକ୍ୟ ବାହ୍ୟ ଛଳନା ସମାଜର ଗୋଟିଏ ରୋଗ । ଏହା ବୃଦ୍ଧି ପ୍ରାପ୍ତ ହେଲେ ସମାଜକୁ କେଉଁ ଦୁରବସ୍ଥାରେ ପକାଇବ ତାହା ଚିନ୍ତାଶୀଳ ମାନେ ଅନୁମାନ କରିପାରୁଥିବେ । ରୋଗ ଜାଣି ତାର ପ୍ରତୀକାର କରିବା ମନୁଷ୍ୟର କର୍ମ । ପ୍ରତୀକାର ବିଧାନ ପୂର୍ବରୁ ରୋଗ ଉତ୍ତମ ରୂପେ ଚିହ୍ନିବା ଉଚିତ । ଦେଖାଯାଉ, ସମାଜରେ ରୋଗ ଜନ୍ମିଅଛି କି ନାହିଁ ।

କଥାବାର୍ତ୍ତା କରି ମନୁଷ୍ୟ ମନୁଷ୍ୟର ପରିଚୟ ଜାଣି ପାରିବ ନାହିଁ । କଥାବାର୍ତ୍ତା କେତେକ ଥାଉ, ସହବାସ କରି ମଧ୍ୟ ତାହା ସମ୍ୟକ୍ ରୂପେ ଜାଣିବା ସହଜ ନୁହେ । କାରଣ ମନୁଷ୍ୟର ଭିତର ଓ ବାହାର ସମାନ ନୁହେ ଏବଂ ମନୁଷ୍ୟର ହୃଦ୍‌ଗତ ଭାବ ଜାଣିବାରେ ମନୁଷ୍ୟର ଅଧିକାର ନାହିଁ । ସମାଜ ମଧ୍ୟରେ ଦୋଷ କେଉଁ ପ୍ରଚ୍ଛନ୍ନଭାବରେ ରହିଅଛି, ତାହା ଜାଣି ପାରିବ କିଏ ? ସମାଜର କଥା ତ ଅଧିକ ବଡ଼ ଓ ଦୀର୍ଘ ! ଶରୀରରେ କୌଣସି ରୋଗ ଜନ୍ମିଲେ ରୋଗୀ ଅନୁଭବମାତ୍ର କରିପାରେ । କିନ୍ତୁ ରୋଗ କଣ ଏବଂ ତାର ନିଦାନ କଣ, ଏହା ସେ ଶୀଘ୍ର ଜାଣିପାରେ ନାହିଁ । ସୁଚିକିତ୍ସକ ନାଡ଼ୀ ପରୀକ୍ଷା କରି ରୋଗ ଚିହ୍ନେ ଏବଂ ପ୍ରତୀକାର ବିଷୟରେ ପରାମର୍ଶ ଦିଏ । ମନୁଷ୍ୟ ଅପେ ଅପଣାର ଦୋଷ ଦେଖିପାରେ ନାହିଁ । ବିପଥରେ ଯାଉଥିଲେ ମଧ୍ୟ ନିଜ କର୍ମ ହେୟ ବୋଲି ଧରି ପାରେ ନାହିଁ । ଅପଣା କଥା ଅପଣାକୁ ସୁନ୍ଦର, କେବେ ତାହା ଚିହ୍ନିବ ଏବଂ ତନ୍ନିବାରଣ ନିମିତ୍ତ ଔଷଧ ବା ପଥ୍ୟ ବିଧାନ କିଏ କରିବ ?—ତତ୍ତ୍ୱଜ୍ଞ ଅନୁସନ୍ଧିତ୍ସୁ ବ୍ୟକ୍ତି ।

ଆଡ଼ମ୍ବରପ୍ରିୟତା ଏ ଯୁଗର ଗୋଟିଏ ପ୍ରଧାନ ଲକ୍ଷଣ । କି ରାଜନୀତି କି ଧର୍ମନୀତି କି ସମାଜନୀତି ସବୁଠି ଦେଖିଲେ ଆଡ଼ମ୍ବର ରହିଅଛି । ସମସ୍ତଙ୍କର ଦୃଷ୍ଟି ଯେମନ୍ତ କି ବାହାରେ; ବାହାରର ଉନ୍ନତି ପାଇ ସମସ୍ତେ ସଚେଷ୍ଟ । ନିମ୍ନପଦସ୍ଥ ଉଚ୍ଚପଦସ୍ଥଠାରୁ ବାହ୍ୟ ବିଷୟ ଅନୁକରଣ କରୁଅଛି । ଏହିପରି ବାହାରେ ଦୃଷ୍ଟି ପକାଉଁ ପକାଉଁ ଭିତରେ ଚକ୍ଷୁ ପଡ଼ି ଯାଉଅଛି, ଅର୍ଥାତ୍ ଭିତର କଥାକୁ ସମସ୍ତେ ଭୁଲି ଯାଉଅଛନ୍ତି । ମନ ଏହି ଆଡ଼ମ୍ବର-ସ୍ରୋତରେ ଭାସି ଠାଏ ସ୍ଥିର ହୋଇ ରହି ପାରୁ ନାହିଁ । ମୂଳ ବା ଅନ୍ତଃସ୍ଥଳରୁ ଲକ୍ଷ୍ୟ ଛଡ଼ି ଯାଉଅଛି । ଯେ କୌଣସି ବିଷୟରେ ଭାବି ଦେଖ, ମୂଳଟି ଦୃଢ଼ ନ ଥିଲେ ସମୁଦାୟ କଦାପି ସ୍ଥିର ହୋଇ ନ ପାରେ । ମୂଳକୁ ନ ଧରିଲେ ଚଳିବ ନାହିଁ । ଆମ୍ଭେମାନେ ଯେବେ ଉକ୍ତ ସ୍ରୋତରେ ଭାସି ମୂଳକୁ ଛାଡ଼ି ଯାଉଁ, ତାହାହେଲେ ପରିଣାମ କଣ ହେବ ? ଅଧଃପତନ ଅବଶ୍ୟମ୍ଭାବୀ ନୁହେ କି ?

ଲୋକେ ଯୁଗସ୍ଥ ଏହି ଛଳନାର ବଶବର୍ତ୍ତୀ ହୋଇ ପ୍ରକୃତ କଥା ଗୋପନ କରି ରଖନ୍ତି । ସୁତରାଂ ଛଳନାରୁ ମିଥ୍ୟାବ୍ୟାପ୍ତି ପ୍ରତାରଣା । ଯେ ତାହା ଥାଏ, ସେ ଅପଣାକୁ ତଦପେକ୍ଷା ବଡ଼ ବୋଲି ଦେଖାଇ ଯାଏ । ଏଥିରେ ଉପକାର ଅପେକ୍ଷା ବରଂ କ୍ଷତି ଅଧିକ । କାରଣ ପ୍ରକୃତରେ ଯେ ଯାହା ଥାଏ, ତାହା ଆଉ ଅଧିକ ହୋଇଯାଏ ନାହିଁ । ସମସ୍ତେ ଧାଇଁଛନ୍ତି 'ବାହବା' ନେବାକୁ, ଆଖି ରହିଲା କେବଳ ପଦପ୍ରାପ୍ତିରେ, ତହିଁର ଉପଯୁକ୍ତ ଯୋଗ୍ୟତା ଅର୍ଜନରେ ଆଉ ଦୃଷ୍ଟି ନ ଥାଏ । ଏପରି ଉପରେ ଉପରେ ଭାସିଲେ କଣ ମଙ୍ଗଳ ହେବ ! ଯାହା ଅଭ୍ୟନ୍ତର ପ୍ରଦେଶରୁ ଆସି ନାହିଁ, ତାହା ସ୍ଥାୟୀ ବା ଦୃଢ଼ ନୁହେ ଏବଂ ତଦ୍ୱାରା କୌଣସି କାର୍ଯ୍ୟ ସୁସାଧିତ ହୋଇ ପାରେ ନାହିଁ । ଲୋକମାନଙ୍କ ଦୃଷ୍ଟି ଅଗ୍ରେ ବସ୍ତୁର ବାହାରେ ପଡ଼େ, ତହୁଁରେ ତାହାର ଅଭ୍ୟନ୍ତରରେ ।

Digitized by srujanika@gmail.com

ଏବଂ ଜାତି ଅପର ସଭ୍ୟତର ଜାତିଠାରୁ କଣ ପ୍ରଥମେ ଅନୁକରଣ କରେ ? —ବାହ୍ୟବିଷୟ । ଅଭ୍ୟନ୍ତର ସମାନ ବା ଏକ ନ ହେଲେ ବାହାରକୁ କାହିଁକି ସଦୃଶ କରିବ ? ନୂତନତ୍ୱ-ପ୍ରିୟତା ଦ୍ୱାରା ଏହି ଅନୁକୃତି ପରତନ୍ତ୍ରତା କ୍ରମେ କ୍ରମେ ସମାଜରେ ପଶିଅଛି ।

କ୍ରିୟାନୁଯାୟୀ ଅନ୍ତରର ଅବଶ୍ୟକ । ନବୀ-ନତ୍ୱ ହୋଇ ଆପଣାର ସୀମାତିକ୍ରମ ପ୍ରସ୍ଥାପନ କରିବା କଦାପି ଭଲ ନୁହେ । ନୂତନତ୍ୱପ୍ରିୟତା ହେତୁରୁ ଅନେକ ସମୟରେ ଆମ୍ଭେମାନେ ଦ୍ରବ୍ୟର ପ୍ରକୃତ ମହତ୍ତ୍ୱ ବୁଝିପାରୁ ନାହିଁ । ଏହି ଗୋଟିଏ କଥା ଦେଖନ୍ତୁ—ଆଜିକାଲି ଯେ ଦେଶୀୟ ଦ୍ରବ୍ୟ ପରିବର୍ତ୍ତରେ ବିଦେଶୀୟ ଦ୍ରବ୍ୟ ବ୍ୟବହୃତ ହୁଏ, ତାହାର ହେତୁ କଣ ? ଦେଶୀୟ ଦ୍ରବ୍ୟ ଦ୍ୱାରା କଣ କାର୍ଯ୍ୟ ଚଳିବ ନାହିଁ ? ବୁଝି ବସିଲେ ଦେଶୀୟ ଦ୍ରବ୍ୟ ଅଧିକକାଳସ୍ଥାୟୀ । ବୈଦେଶିକ ଦ୍ରବ୍ୟ ଅଧିକ ମନୋହର । ତେବେ ବୈଦେଶିକ ଦ୍ରବ୍ୟ ବ୍ୟବହାର କଣ ନୂତନତ୍ୱ-ପ୍ରିୟତାର ପରିଚାୟକ ନୁହେ ? ଦେଶୀୟ ଦ୍ରବ୍ୟ ଉପଯୋଗୀ ନ ହେଲେ ତାହାକୁ ଉନ୍ନତ ଏବଂ ମାର୍ଜିତ କରିବା ଉଚିତ । ଏକାବେଳକେ ପରିତ୍ୟାଗ କରି ବସିଲେ ପରିଣାମ କଣ ହେବ ? କ୍ରମେ ଦୁର୍ଭିକ୍ଷ ଦୁର୍ଦ୍ଦିନ ଏ ଦେଶକୁ ଘୋଟିଯିବ !

ଏହି ଛଳନା ହେତୁରୁ ଧର୍ମର ଉନ୍ନତି ହୋଇ ପାରୁ ନାହିଁ । ବାହାରର ଆଡ଼ମ୍ବରରେ ସମସ୍ତ ବ୍ୟସ୍ତ । ପୂର୍ବେ କହା ହୋଇଅଛି, ବାହାରେ ବେଶି ଦୃଷ୍ଟି ଥିଲେ ଭିତରେ ଆଉ ପଟିତ ହୋଇ ପାରେ ନାହିଁ । ଉପରନ୍ତୁ ଚିକ୍କଣ, ଭିତରେ କାଠଦନ୍ତ । ଐନ୍ଦ୍ରଜାଳିକ ପରି ପ୍ରକୃତକୁ ଅପ୍ରକୃତବତ୍ ପ୍ରଦର୍ଶନ କଦାପି ସାଧ୍ୟାୟତ୍ତ ନୁହେ । ପ୍ରାଣ ସର୍ବଦା ନୂତନ ଲଭିବା ପାଇଁ ବ୍ୟାକୁଳ । ସ୍ଥାନଗୌରବ ପୁରାତନରେ ଆଉ ପରିତୃପ୍ତ ହୁଏ ନାହିଁ । ନୂତନ ଲଭିବାର ଏହି ଯେ କାମନା ମାନବମନରେ ନିହିତ ଅଛି, ତାହାକୁ ଅବସ୍ଥା ଏଠାରେ ଆଡ଼ମ୍ବର ବୋଲି କହାଯାଇ ନାହିଁ । ଆଧୁନିକ ଗୀତ ମାତ ଯେ ଏକାବେଳକେ ଛଳନାବର୍ଜିତ ଏହା ନୁହେ । ସେଥିରେ ମଧ୍ୟ ଆଡ଼ମ୍ବର ଅଛି ।

ସାହିତ୍ୟ ସମ୍ବନ୍ଧରେ ଆଲୋଚନା କଲେ ଦେଖାଯିବ ଯାହା ଘୋର ଛଳନାବୃତ । ଆଜିକାଲି ସାହିତ୍ୟକ୍ଷେତ୍ରରେ ଉପନ୍ୟାସପ୍ରହସନାଦିର ସଂଖ୍ୟା କ୍ରମେ ବଢ଼ୁଅଛି । ଏଥିରୁ ଜଣାଯାଉଅଛି ଲୋକେ ସୁଗମ୍ୟ କଳ୍ପନାରାଜ୍ୟରେ ବିଚରଣ କରିବାକୁ ଉଦ୍ୟତ । ପୂର୍ବେ ଯଥା—ଗଣିତ, ଜ୍ୟୋତିଷ, ଦର୍ଶନ, ନ୍ୟାୟ ପ୍ରଭୃତି ନେ-ଗବେଷଣାସାଧ୍ୟ ଜଟିଳ ଶାସ୍ତ୍ରରେ ଅଧିକ ମନୋଯୋଗ କରି ତାହାର ପୁଷ୍ଟିସାଧନ କରୁଥିଲେ; ବର୍ତ୍ତମାନ କଠିନ ଶ୍ରମସାଧ୍ୟ ତତ୍ତ୍ୱଚିନ୍ତା ପ୍ରାୟ ନାହିଁ । ଲେଖକବୃନ୍ଦ ସ୍ୱଳ୍ପକେ ନୂତନତ୍ୱଶାଳୀ କରିବାରେ ଯତ୍ନବାନ୍, ବାକ୍ୟଗୁଡ଼ିକ ସୁନ୍ଦର ଶ୍ରୋତ୍ରପେୟ ହେଲେ ଉତ୍ତମ । ଲେଖାଭିତରେ ସାରବତ୍ତା ଥାଉ ନ ଥାଉ, ନୂତନତ୍ୱ (ଶ୍ରୁତିମାଧୁର୍ଯ୍ୟ, ହାସ୍ୟୋଦ୍ଦୀପକ) ଥିଲେ ହେଲା । ଲେଖକ ଯେ କୌଣସି ବିଷୟରେ ଲେଖନ୍ତୁ ପଛକେ ଦୁଇ ଚାରି କଥା ସାଜ କରି ଲେଖିବାକୁ ହୁଏ । ଏହାଦ୍ୱାରା କଣ ସାହିତ୍ୟର କ୍ଷତି ହେଉ ନାହିଁ ? ତାହାର ଉନ୍ନତି କରିବାକୁ ଯାହିଁ ଯାହିଁ ଭିତର ଲାଗି ଅବସର ମିଳେ ନାହିଁ । ପ୍ରତ୍ୟେକ ବସ୍ତୁର ଅବସ୍ଥା ତାହାର ଅଭ୍ୟନ୍ତରରୁ ଅନୁମାନ କରାଯାଏ । କେତେ ଯେ ଅନୁମାନ ସମୀଚୀନ ନୁହେ । ଯେଉଁ ସାହିତ୍ୟରେ ତତ୍ତ୍ୱକଥା ଓ ପଥ୍ୟ ବିଷୟ ଯେତେ ଅଧିକ ଥାଏ, ତାହା ସେତେ ଅଧିକକାଳସ୍ଥାୟୀ । ବାକ୍ଛଟାପୂର୍ଣ୍ଣ ସାହିତ୍ୟ କଦାପି ଚିରସ୍ଥାୟୀ ହେବ ନାହିଁ । ପ୍ରସ୍ତର ଓ ଭାସ୍କରର କାର୍ଯ୍ୟ (ରଞ୍ଜନ) ଏ ଉଭୟ ମଧ୍ୟରେ ଯେ ସମ୍ବନ୍ଧ, ପ୍ରକୃତ ସାହିତ୍ୟ ଓ ବାକ୍ଛଟା ମଧ୍ୟରେ ସେହିପରି । ପ୍ରସ୍ତରର ରଙ୍ଗ ସୌନ୍ଦର୍ଯ୍ୟ ବୃଦ୍ଧିରେ ସାହାଯ୍ୟ କରେ ସତ୍ୟ, ମାତ୍ର ସ୍ଥାୟିତ୍ୱ

Digitized by srujanika@gmail.com

ସମ୍ବନ୍ଧରେ ତାହାର ଶକ୍ତି ନାହିଁ । ଯାହା ସ୍ୱଭାବତଃ ସୁନ୍ଦର ନୁହେଁ, ତାଙ୍କୁ ସୁନ୍ଦର କରିବାକୁ ଗଲେ ସୁଦ୍ଧା ସୌନ୍ଦର୍ଯ୍ୟଶାଳୀ ହୋଇ ନ ପାରେ । ନୈସର୍ଗିକ ସୌନ୍ଦର୍ଯ୍ୟ ଭୂଷଣ ପରିଧାନଦ୍ୱାରା କେତେଦୂର ବଢ଼ିଯାଏ ? ସ୍ୱଭାବ ସୁନ୍ଦର ଯେପରି ଚିତ୍ତ ହରଣ କରେ, କୃତ୍ରିମ ସେପରି କରି ପାରିବ କି ? ସମସ୍ତେ ପ୍ରକୃତ ସୌନ୍ଦର୍ଯ୍ୟର ପକ୍ଷପାତୀ । ସାହିତ୍ୟସେବୀମାନଙ୍କଠାରେ ଅନୁରୋଧ ଯେ ସେମାନେ ତାହାର ସୃଜନକାର୍ଯ୍ୟ ଅତିକୁ ଦୃଷ୍ଟି ନ ଦେଇ ସାର ଅଂଶକୁ ଅଧିକ ଦୃଷ୍ଟି ଦିଅନ୍ତୁ । ଯାହାର ଯେଉଁ ବିଷୟରେ ଅଧିକାର ଅଛି, ସେ ସେଥିରେ ପ୍ରବୃତ୍ତ ହୁଅନ୍ତୁ । ଭିତର ଭଲ ଥିଲେ ସବୁ ଭଲ । ଲୋକେ ନିର୍ଗୁଣ ସୁଦୃଶ୍ୟର ଅଧିକ ପ୍ରିୟ, ନା ଗୁଣବନ୍ତ କୁତ୍ସିତର ଅଧିକ ପ୍ରିୟ ?

ଏହିପରି ପ୍ରତ୍ୟେକ ବିଷୟରେ ଚର୍ଚ୍ଚା କଲେ ଭର୍ତ୍ତିରେ ଅତ୍ୟଧିକ ଛଳନା ବା ବାହାନା ଥିବାର ଜଣା ପଡ଼ିବ । ଏହାର ସାର ତାହା କେପରି ଅଛି, ତାହା ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କଲେ ଅବଶ୍ୟ ଶୀଳତାରେ ହେବ । ଜାତିବାଚକ ଏହି ଦୋଷ-ଗୁଣର ଉନ୍ମୂଳନ ଅବଶ୍ୟକ । ନଚେତ୍ ଏହା ଭବିଷ୍ୟତରେ ଉନ୍ନତି-ପ୍ରସାଦର ସବି ବିଶ୍ଳେଷଣ କରି ତାକୁ ନଷ୍ଟ କରି ପକାଇବ । ସମସ୍ତେ ଅବଶ୍ୟ ଅନୁମାନ କରି ପାରୁଥିବେ ଏହି ରୋଗ-ଦ୍ୱାରା ସମାଜର କେପରି ହାନି ହେଉଅଛି ; ଅଣ୍ଡ ପ୍ରତୀକାର ବିଧେୟ । ଏଥିରେ ପ୍ରଥମେ ଅଗ୍ରସର ହେବ କିଏ ? ଶିକ୍ଷିତମାନେ ଅଶିକ୍ଷିତମାନଙ୍କର ଆଦର୍ଶ ; ସୁତରାଂ ଶିକ୍ଷିତମାନଙ୍କୁ ଅଗ୍ରେ ଏହାର ପ୍ରତୀକାର ବିଧାନ କରିବାକୁ ହେବ । ଶିକ୍ଷିତ-ମାନେ ସାବଧାନ ହୋଇ ସରଳମାର୍ଗରେ ଯିବେ । ବାଧା ବିଘ୍ନ ପାଇଲା କ୍ଷଣି ତାହାର ଦୂରୀକରଣ ନିମିତ୍ତ ଯଥାସାଧ୍ୟ ଯତ୍ନ କରିବେ । ନୋହିଲେ ଏକ ପକ୍ଷର ତ୍ରୁଟି ବା ପ୍ରମାଦରେ ଉଭୟ ପକ୍ଷର ମହାକ୍ଷତି ହେବ ।

ଶ୍ରୀ ମୃତ୍ୟୁଞ୍ଜୟ ରଥ ।

ଶିକ୍ଷିତ ଓଡ଼ିଆ ଯୁବକ ।

ଅନ୍ୟୂନ ଶତେବର୍ଷ ପରେ ଓଡ଼ିଶାରେ ଇଂରେଜଶାସନ ପ୍ରତିଷ୍ଠିତ ହେବାର ଏକ ଶତାବ୍ଦୀ ପୂର୍ତ୍ତି ହେବ । ଏହି ଦୀର୍ଘକାଳ ଗୋଟିଏ ସୁସଭ୍ୟ ଜାତିର ଶାସନାଧୀନ ରହି ଓଡ଼ିଶାର ଓ ଓଡ଼ିଆ-ମାନଙ୍କର ନାନା ବିଷୟରେ କି କି ଉନ୍ନତି ଘଟିଅଛି, ଅବା ତହିଁର ହିସାବ ଲେଖିବାକୁ ଆମ୍ଭେ-ମାନେ ବସିନାହୁଁ । ମାତ୍ର ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତିର ଉକ୍ତ ପ୍ରକାର ଗୋଟିଏ ହିସାବ ବୁଝି ରଖିବା ଯେ ଅତି ପ୍ରୟୋଜନୀୟ, ସେ ବିଷୟରେ ସନ୍ଦେହ ନାହିଁ । ଏହି ଦୀର୍ଘ ସୁଶାସନର ଫଳ ଯେ ଅତ୍ୟନ୍ତ ସନ୍ତୋଷଜନକ ହୋଇଅଛି, ସେ ବିଷୟରେ ମତଦ୍ୱୈଧ ହୋଇ ନ ପାରେ । ଶିକ୍ଷିତ ଓଡ଼ିଆ ଯୁବକଙ୍କୁ ଆମ୍ଭେମାନେ ଏହି ସୁଶାସନର ସର୍ବଶ୍ରେଷ୍ଠ ଫଳ ବୋଲି ମନେ କରୁଁ । ସୁତରାଂ ତାଙ୍କର ବିଷୟ ଦୁଇଟି ଆଲୋଚନା କରିବାକୁ ଆଜ ପ୍ରବୃତ୍ତ ହୋଇଅଛୁଁ । ଆଶା ଅଛି ଯୁବକବୃନ୍ଦ ଆମ୍ଭମାନଙ୍କର କଥାଗୁଡ଼ିକୁ ଧୀରଚିତ୍ତରେ ଗ୍ରହଣ କରିବେ ।

ଶିକ୍ଷିତ ଯୁବକ ବୋଇଲେ ଆମ୍ଭେମାନେ କେବଳ ଉପାଧିଧାରୀମାନଙ୍କୁ ମନେ କରୁ ନାହୁଁ । ପାଶ୍ଚାତ୍ୟ ସଭ୍ୟତାର ଉଜ୍ଜ୍ୱଳ ଆଲୋକ ଯେଉଁ-ମାନଙ୍କର ଚକ୍ଷୁକୁ ସ୍ପର୍ଶ କରିବାକୁ ସକ୍ଷମ ହୋଇ ଅଛି—ଯେଉଁମାନେ ପାଶ୍ଚାତ୍ୟ ଉନ୍ନତିର ଗମ୍ଭୀର ଭେରୀରବର କ୍ଷୀଣ ସ୍ୱର ସୁଦ୍ଧା ଶ୍ରବଣ କରି ପାରି ଅଛନ୍ତି—ସେମାନେ ବିଶ୍ୱବିଦ୍ୟାଳୟର ଏମ୍. ଏ, ନର୍ମ୍ୟାଲ ସ୍କୁଲର ପଣ୍ଡିତ, ମେଡ଼ିକେଲ ସ୍କୁଲର ଭି. ଏଲ୍. ଏମ୍. ଏସ୍., ସର୍ଭେ ସ୍କୁଲର ସବ୍ ଓଭରସିଅର ବା ସାମାନ୍ୟ ପାଠଶାଳାର

Digitized by srujanika@gmail.com

ଅବଧାନ ହେଉନ୍ତୁ ପଛକେ ସମସ୍ତେ ଶିକ୍ଷିତ-ପଦବାଚ୍ୟ । ପୁଣି ଓଡ଼ିଆ ଯୁବକ ଦ୍ୱାରା ଆମ୍ଭେମାନେ କେବଳ ଜନ୍ମରେ ଓଡ଼ିଆପୁଅଙ୍କୁ ଲକ୍ଷ କରୁ ନାହୁଁ । ମୁସଲମାନ, ବଙ୍ଗାଳୀ, ମରହଟ୍ଟା ପ୍ରଭୃତି ଯେଉଁମାନେ ଉତ୍କଳକୁ ଆପଣାର ଜନ୍ମଭୂମି ବୋଲି ମନେ କରନ୍ତି, ସେମାନେ ମଧ୍ୟ ଆମ୍ଭମାନଙ୍କ ମତ୍ ବିବେଚନାରେ ଓଡ଼ିଆ ନାମର ଯୋଗ୍ୟ ।

ଉପରେ ଶିକ୍ଷିତର ଯେଉଁ ସଂଜ୍ଞା ନିର୍ଦ୍ଦେଶ କରା ଗଲା, ସେପରି ଶିକ୍ଷିତ ଲୋକର ସଂଖ୍ୟା ଆଜି କାଲି ଓଡ଼ିଶାରେ ନିତାନ୍ତ କମ ନୁହେ । ପ୍ରତି ଗ୍ରାମରେ ଏମନ୍ତ ଦୁଇ ଚାରି ଜଣ ଲୋକର ସାକ୍ଷାତ ମିଳିବ । ଏମାନେ ଉତ୍କଳର ଆଶା ଭରସାର ସ୍ଥଳ ଏବଂ ଭବିଷ୍ୟତ ବଂଶର ଜନକ । ଏମାନଙ୍କଦ୍ୱାରା ନବ-ଉତ୍କଳ ଗଠିତ ହେବ । ଏମାନେ ଦେଶୋନ୍ନତିର ନାନା ବିଭାଗରେ ଯେଉଁ ପ୍ରଣାଳୀରେ କାର୍ଯ୍ୟାରମ୍ଭ କରି ଯିବେ, ତାହାହିଁ ଭବିଷ୍ୟତ ବଂଶର ଆଦର୍ଶ ହେବ । ଏମାନଙ୍କର ପ୍ରକୃତ ଅବସ୍ଥା କିରୂପ, ତାହା ଆଲୋଚନା କରି ଦେଖିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ ଅଟେ ।

ସମାଜର ଉନ୍ନତି ଶିକ୍ଷା-ସାପେକ୍ଷ । ବ୍ରିଟିଶ ଶାସନର ଅଧୀନ ଥାଇ ଆମ୍ଭେମାନେ ସୁଶିକ୍ଷିତ ହେଉଅଛୁଁ । ଜଗତର ସୁସଭ୍ୟ ଜାତିମାନଙ୍କର ଚିନ୍ତାର ସୁଫଳଗୁଡ଼ିକ ଉପଭୋଗ କରୁଅଛୁଁ । କେବଳ ସେତିକି ନୁହେ । ବ୍ରିଟିଶ ଶାସନନୀତିର ସୁପ୍ରସାଦରୁ ରାଜନୀତି କ୍ଷେତ୍ରରେ ବହୁପରିମାଣରେ ଏବଂ ଧର୍ମ ଓ ସମାଜ ବିଷୟରେ ସମ୍ପୂର୍ଣ୍ଣ ସ୍ୱାଧୀନତା ଅମ୍ଭେମାନେ ଭୋଗ କରୁଅଛୁଁ । ଗତ ଏକ ଶତ ବର୍ଷ ମଧ୍ୟରେ ବ୍ରିଟିଶ ଜାତି ଉତ୍କଳ ପ୍ରଦେଶରେ ଶିକ୍ଷା ବିସ୍ତାର ପାଇଁ ଯଥେଷ୍ଟ ଚେଷ୍ଟା ଓ ଅର୍ଥ ବ୍ୟୟ କରିଅଛନ୍ତି । ଏହା ଆମ୍ଭମାନଙ୍କର ପରମ ସୌଭାଗ୍ୟର ବିଷୟ ବୋଲିବାକୁ ହେବ । ଏହି ଶିକ୍ଷାର ବିସ୍ତୃତି ସଙ୍ଗେ ସଙ୍ଗେ ଉତ୍କଳୀୟ ସମାଜର ଅଶେଷ ପ୍ରକାର ଦୁର୍ଗତି ଆମ୍ଭମାନଙ୍କର ମାନସପ୍ରତ୍ୟକ୍ଷ ହେଉଅଛି । ମାତ୍ର ଆମ୍ଭେମାନେ ସେ ସବୁର ପ୍ରତୀକାର ନିମନ୍ତେ କଣ କରୁଅଛୁଁ ? ଯାହା କରୁଅଛୁଁ, ତାହା କିଛି ନୁହେ କହିଲେ ଅତ୍ୟୁକ୍ତି ହେବ ନାହିଁ । ସମାଜ ପ୍ରତି ଯେ ଆପଣାର ଗୋଟାଏ ଅତି ପବିତ୍ର କର୍ତ୍ତବ୍ୟ ଏବଂ ଦାୟିତ୍ୱ ଅଛି, ଅଧିକାଂଶ ଶିକ୍ଷିତ ଓଡ଼ିଆ ଯୁବକ ତାହା ସ୍ୱୀକାର କରିବାକୁ ରାଜି ନୁହନ୍ତି । ସେମାନଙ୍କର ମତ ଏହି ଯେ ଆମ୍ଭମାନଙ୍କର ସମାଜ ସନାତନ ଅଟେ । ଯାହା ହୋଇଅଛି, ତାହା ଅତୀବ ସୁନ୍ଦର । ତଦ୍‌ବିଷୟରେ ସଂସ୍କାର-ପ୍ରୟାସୀ ହେବା ବାତୁଳତା ମାତ୍ର । ଏପରି ଅଦ୍ଭୁତ ଯେଉଁମାନଙ୍କର ଧାରଣା, ସେମାନଙ୍କଠାରୁ ଅଉ କଣ ଆଶା କରି ଯାଇ ପାରେ ? ସମାଜ ସଂସ୍କାର ବିଷୟରେ ବର୍ତ୍ତମାନ କାଳରେ ଭାରତବ୍ୟାପୀ ଗୋଟାଏ ତୁମୁଳ ଆନ୍ଦୋଳନ ଲାଗି ଥିଲେହେଁ ଉତ୍କଳ ସମାଜ ଏକାବେଳକେ ନିସ୍ତେଜ ଓ ନିଶ୍ଚଳ । ନିଶ୍ଚେଷ୍ଟତା ଏତେ ଦୂର ବଢ଼ି ଯାଇଅଛି ଯେ ବର୍ତ୍ତମାନ ଅବସ୍ଥାରେ କୌଣସି ଜାତୀୟ କବି ଉଦ୍ଦୀପିତ ହୋଇ ଅଗ୍ନିମୟ ବାଣୀରେ ଆମ୍ଭମାନଙ୍କୁ ଉଦ୍‌ବୋଧିତ ନ କଲେ ଅଉ ଜାତୀୟ ଉନ୍ନତିର ଆଶା ନାହିଁ । ଭାଇ ଉତ୍କଳବାସି ! ଜାଗ । ଆଳସ୍ୟ ପରିହାର କର । ସାବଧାନ ହୁଅ, ଶେଷରେ ଯୋଗ୍ୟର ଉପଯୁକ୍ତ ଅନୁପଯୁକ୍ତର ସଂଗ୍ରାମରେ ପଡ଼ି ଆପଣାର ଅସ୍ତିତ୍ୱ ଲୋପ ନ କର । ପାଶ୍ଚାତ୍ୟ ସଭ୍ୟତାର କେତେଗୁଡ଼ିଏ ଅସାର ବାହ୍ୟ ପରିବର୍ତ୍ତନ ସାଧନ କରି ତୁନି ହୋଇ ରହ ନାହିଁ । ସମାଜର ଆଭ୍ୟନ୍ତରୀଣ ଦୁରବସ୍ଥା ପ୍ରତି ସୂକ୍ଷ୍ମ ଦୃଷ୍ଟି ନିକ୍ଷେପ କର ଏବଂ ଦେଖ କେଉଁଠାରେ ତୁମ୍ଭଙ୍କୁ କଣ କରିବାକୁ ହେବ ?

ସବୁ ଦେଶରେ ସମାଜର ଉଚ୍ଚ ଜାତିମାନେ ଅତ୍ୟନ୍ତ ରକ୍ଷଣଶୀଳ ହୋଇଥାନ୍ତି । ସମାଜ ମଧ୍ୟରେ କୌଣସି ନୂତନ ଭାବ ପ୍ରବେଶ ଲାଭ କଲେ ସେମାନେ ସହଜରେ ତାହା ଗ୍ରହଣ

Digitized by srujanika@gmail.com

କରିବାକୁ ସଙ୍ଗ ହୁଅନ୍ତି ନାହିଁ । ମଧ୍ୟଶ୍ରେଣୀର ଲୋକେ ତାହା ସହଜରେ ଅନୁସାରୀ କରି ଉନ୍ନତି-ମାର୍ଗରେ ଶୀଘ୍ର ଚଢ଼ିରେ ଧାବିତ ହୁଅନ୍ତି । ସେତେବେଳେ ଫଳ ଏହି ହୁଏ ଯେ ଉଚ୍ଚ ଜାତି-ମାନଙ୍କର ପତନ ଓ ନିମ୍ନଗତି ଅବଶ୍ୟମ୍ଭାବୀ ହୋଇ ଉଠେ । ଏହା ପୃଥିବୀର ଅନେକ ସମାଜର ଇତିହାସରେ ପ୍ରତ୍ୟକ୍ଷ ହୋଇଅଛି । ବ୍ରାହ୍ମଣ, କରଣ ଏବଂ ଖଣ୍ଡାୟତ ଜାତିମାନେ ଓଡ଼ିଶାର ଶ୍ରେଷ୍ଠ ଜାତି । ବର୍ତ୍ତମାନ କାଳରେ ସେମାନଙ୍କର ଅବସ୍ଥା ଯେ ବହୁପରିମାଣରେ ଠିକ ଏହିପରି ହୋଇଅଛି, ତାହା ଚିନ୍ତାଶୀଳ ବ୍ୟକ୍ତି ମାତ୍ରେ ବୁଝି ପାରିବେ । ଏହି ଦୁର୍ଗତିରୁ ସେମାନଙ୍କୁ ରକ୍ଷା କରିବାର ଉପାୟ କଣ ? ଉପାୟ କେବଳ ଉକ୍ତ ଜାତୀୟ ଶିକ୍ଷିତ ଯୁବକମଣ୍ଡଳୀ । ସେମାନେ ଯଦି ବଦ୍ଧପରିକର ହୋଇ ଆପଣା ଆପଣା ସମାଜକୁ ଉତ୍ତୋଳନ କରିବାକୁ ଚେଷ୍ଟା କରିବେ ତେବେ ସେମାନଙ୍କର ମଙ୍ଗଳ ସାଧିତ ହେବ, ନଚେତ୍ ନୁହେଁ । ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରୁ ସେମାନେ ସୂକ୍ଷ୍ମ ଦୃଷ୍ଟି ଲାଭ କରୁଅଛନ୍ତି । ଜାତି ଇତିହାସ ପାଠ କରି ଅବସ୍ଥାଭିଜ୍ଞ ହେଉଅଛନ୍ତି । ପଦେ ପଦେ ପ୍ରାଚୀନ ସମାଜ ସହିତ ସେମାନଙ୍କର ନାନା ପ୍ରକାର ସଙ୍ଘର୍ଷଣ ଯେ ଉପସ୍ଥିତ ହେଉ ନାହିଁ, ତାହା ମଧ୍ୟ ନୁହେଁ । ସବୁ ଥାଉ କେବଳ ଥରେ ସେମାନଙ୍କର ଅଶିକ୍ଷିତା ଉତ୍ତମାର୍ଦ୍ଧମାନଙ୍କ ପ୍ରତି ଦୃଷ୍ଟି ନିକ୍ଷେପ କଲେ ଆମ୍ଭମାନଙ୍କ କଥା ସ୍ପଷ୍ଟରୂପେ ବୁଝି ପାରିବେ । ଏପରି ଅବସ୍ଥାରେ ସେମାନଙ୍କର କି ଦଣ୍ଡେ ନିଶ୍ଚିନ୍ତ ହୋଇ ବସିବାର ଉଚିତ ?

ଅର୍ଥ ଶାସ୍ତ୍ରର ମତରେ ବାଣିଜ୍ୟ ଦେଶୋନ୍ନତିର ଗୋଟିଏ ପରମ ଗୁଣାସ୍ପଦ । ବିଗତ ଏକ ଶତ ବର୍ଷ ମଧ୍ୟରେ ଭାରତୀୟ ଅନେକ ଜାତି ବାଣିଜ୍ୟ ବିଷୟରେ ପ୍ରଭୂତ ଉନ୍ନତି ସାଧନ କରିବାକୁ ସକ୍ଷମ ହୋଇଥିଲେହେଁ ଓଡ଼ିଆମାନେ ସେ ବିଷୟରେ ଏହାବେଳକେ ନୀରବ । ଅଥଚ ବାଣିଜ୍ୟର ସୁଗମ ପନ୍ଥା ସକଳ ଓଡ଼ିଶାରେ ବିରାଜିତ । ଭିନ୍ନ ପ୍ରଦେଶୀୟ କର୍ମଠ ଲୋକେ ଆସି ସେମାନଙ୍କ ସମ୍ମୁଖରେ ବସି ବିସ୍ତୃତ ବାଣିଜ୍ୟ ଚଳାଇ ପ୍ରଭୂତ ଅର୍ଥ ଉପାର୍ଜନ କରି ଆପଣା ଦେଶକୁ ନେଇ ଯାଉଥିବାର ମଧ୍ୟ ସେମାନେ ଦେଖୁଅଛନ୍ତି । ଦେଶର କେଉଁଠାରେ କଣ ଅଛି, କେଉଁ ହାଟ ବ୍ୟବସାୟ ନିମନ୍ତେ ସୁଗମ, ଓଡ଼ିଶାର ଭୂମିରେ କି କି ଶସ୍ୟ ଉତ୍ପାଦନ କଲେ ଲାଭବାନ୍ ହୋଇ ପାରିବ, ଶିଳ୍ପ ବାଣିଜ୍ୟ ବିଷୟରେ ଓଡ଼ିଶାର କି ବିଶେଷତ୍ୱ ଅଛି ଇତ୍ୟାଦି ପ୍ରଶ୍ନ ଜଣେ ଶିକ୍ଷିତ ଯୁବକଙ୍କୁ ପଚାର, ସେ ଉତ୍ତର ଦେବା ନିମନ୍ତେ ଘର୍ମାକ୍ତକଳେବର ହୋଇ ଶୂନ୍ୟ ଆଉ ଅନ୍ଧାର ଦେଖିବେ । କୌଣସିମତେ ଦୁଇ ଅକ୍ଷର ପଢ଼ି ଗୋଲାମି କରି ପାରିଲେ ଯେଉଁ-ମାନେ ସପ୍ତ ପୁରୁଷର ଉଦ୍ଧାର ସାଧନ କରିପାରିଲେ ବୋଲି ମନେ କରନ୍ତି, ସେମାନଙ୍କଠାରୁ ଏ ସବୁ ଉତ୍ତର ଆଶା କରିବା ବିଡ଼ମ୍ବନା ନୁହେଁ କି ? ବହିର୍ବାଣିଜ୍ୟର ଅବସ୍ଥା ତ ଏହିପରି । ଅନ୍ତର ବାଣିଜ୍ୟର ଅବସ୍ଥା ମଧ୍ୟ କୌଣସି ଅଂଶରେ ଆଶାପ୍ରଦ ନୁହେଁ । କେବଳ ମଫସଲର ହେଟେକ ହାଟ ଛଡ଼ା ବଡ଼ ବଡ଼ ସହରମାନଙ୍କର ବ୍ୟବସାୟ ବିଦେଶୀୟଙ୍କ ହାତରେ । ଏଣିକି ଦୃଷ୍ଟି ପଡ଼ିବା ଠେଣିକି ଥାଉ, ଶିକ୍ଷିତ ଯୁବକମାନେ ବ୍ୟବସାୟକୁ ଘୃଣାର ଚକ୍ଷୁରେ ଦେଖୁଅଛନ୍ତି । ଶିଳ୍ପ-ଜଗତରେ ଓଡ଼ିଆ କାହାରି ନିକଟରେ ନତମସ୍ତକ ନୁହେଁ । ମାତ୍ର ଉପଯୁକ୍ତ ଶିକ୍ଷା ଅଭାବରୁ ପ୍ରାଚୀନ ଶିଳ୍ପଗୁଡ଼ିକ ଲୋପ ପାଇବାକୁ ବସିଲାଣି । ଶିକ୍ଷିତ ଯୁବକମାନଙ୍କର ଏ ବିଷୟରେ କି କିଛି କର୍ତ୍ତବ୍ୟ ନାହିଁ ? ଭବିଷ୍ୟତ କୋଣାର୍କ ଭୁବନେଶ୍ୱର ମନ୍ଦିର ନିର୍ମାଣ କରିବ କିଏ ? କଟକର ଜଗଦ୍ବିଖ୍ୟାତ ତାରକସି କାର୍ଯ୍ୟ ଜୀବିତ ରହିବ କାହା ହାତରେ ? ଭାଇ ଶିକ୍ଷିତ ଯୁବକ ! ଥରେ ଚିନ୍ତା କରି ଦେଖିବ କି ?

ସକଳ କ୍ଷେତ୍ରରେ ଶିକ୍ଷିତ ଯୁବକମଣ୍ଡଳୀର କାର୍ଯ୍ୟଫଳ ଶୂନ୍ୟର ମୂଲ୍ୟ ସହିତ ତୁଳିତ ହେବା ଯୋଗ୍ୟ । ଅଥଚ ଅଧିକସଂଖ୍ୟକ ଉଚ୍ଚ ଶିକ୍ଷିତ ଯୁବକ ଆଇନ ଚର୍ଚ୍ଚାରେ ରତ । ପୃଥ୍ୱୀ ଏକ ଶତ

Digitized by srujanika@gmail.com

ବର୍ତ୍ତମାନରେ ଓଡ଼ିଶା ନିକଟ୍ଟେ ଅଯୋଗ୍ୟ ଜଣେ ମାତ୍ର ରାଜନୀତି ବିଶାରଦ ପଣ୍ଡିତ ଉତ୍ପନ୍ନ କରି ପାରି ନାହିଁ । କି ଦୁଃଖର ବିଷୟ ! ରାଜନୀତି ଶିକ୍ଷା ଓଡ଼ିଆ ଯୁବକଙ୍କ ନିକଟରେ ଅତି ମୂଲ୍ୟହୀନ ବୋଲି ବୋଧ ହୁଏ । ଇଂରାଜରାଜତ୍ୱଗତ ହେବା ଦିନଠାରୁ ରାଜନୀତି କ୍ଷେତ୍ରରେ ଓଡ଼ିଶାର ଭାଗ୍ୟଚକ୍ର ନାନା ପ୍ରକାରେ ପରିବର୍ତ୍ତିତ ହୋଇଅଛି—ଅନେକ ବଡ଼ ବଡ଼ ରାଜନୈତିକ ପ୍ରଶ୍ନମାନ ସମାଧାନ ନିମିତ୍ତ ଓଡ଼ିଆପୁଅଙ୍କ ସମ୍ମୁଖରେ ଉପସ୍ଥିତ ହୋଇଅଛି । ମାତ୍ର କୌଣସି ପ୍ରଶ୍ନ ସେମାନେ ଯଥାଯୋଗ୍ୟ ଓ ସ୍ୱାଧୀନ ଭାବରେ ମୀମାଂସା କରି ଥିବାର ଜଣା ନାହିଁ । ବିଗତ ଓଡ଼ିଶା ବନ୍ଦୋବସ୍ତ ସମୟରେ ମଧ୍ୟ ଓଡ଼ିଆ ପୁଏ ଅତି ନୀରବ ଭାବରେ କାର୍ଯ୍ୟ ଚଳାଇ ଥିଲେ । ବର୍ତ୍ତମାନ ସୁଦ୍ଧା ଶିକ୍ଷିତ ଯୁବକଦଳ ରାଜନୀତି ଚର୍ଚ୍ଚାରେ କାଳକ୍ଷେପ କରିବାର କିଛି ଲକ୍ଷଣ ଦେଖାଯାଉ ନାହିଁ । ଈଶ୍ୱରଙ୍କ ଅଶେଷ କୃପାରୁ ଯେଉଁ ମହାରାଜାଙ୍କ ଶାନ୍ତିମୟ ଛତ୍ରତଳେ ଆମ୍ଭେମାନେ ବର୍ତ୍ତମାନ ବାସ କରୁଥାଉଁ, ସେମାନେ ଆପେ ଅନୁଗ୍ରହ କରି ଯେଉଁ ଅଧିକାର ଆମ୍ଭମାନଙ୍କୁ ପ୍ରଦାନ କରୁଅଛନ୍ତି, ଆମ୍ଭେମାନେ ତାହା ପାଇ ନିଶ୍ଚିନ୍ତ ରହୁଅଛୁଁ । ମାତ୍ର ରାଜନୈତିକ ଅଧିକାର ଲାଭ କରିବାର ଗୋଟାଏ ପ୍ରବଳ ଆକାଂକ୍ଷା ଏ ପର୍ଯ୍ୟନ୍ତ ଆମ୍ଭମାନଙ୍କ ହୃଦୟରେ ଜାଗରୂକ ହୋଇ ଥିବାର ପ୍ରମାଣ ମିଳ ନାହିଁ । ଭାରତର ଜାତୀୟ ମହାସମିତି ଭାରତବାସିର ରାଜନୈତିକ ଶିକ୍ଷାର ଉତ୍କୃଷ୍ଟ ଫଳ । ଅନ୍ୟାନ୍ୟ ପ୍ରଦେଶବାସୀ ଶିକ୍ଷିତ ଯୁବକ କ୍ରମେ ଧୀରେ ଧୀରେ ରାଜନୈତିକ ଶିକ୍ଷା ଲାଭ କରୁଅଛନ୍ତି, ତାହା ଥରେ ଏହି ମହାସମିତିର ଇତିହାସ ପାଠ କଲେ ଏବଂ ତହିଁର ବୈଠକରେ ଯୋଗ ଦେଲେ ସ୍ପଷ୍ଟ ଜଣା ଯାଏ । କିନ୍ତୁ ହତଭାଗ୍ୟ ଓଡ଼ିଶାର ତାହା ସହିତ ମଧ୍ୟ ସ୍ଥାଣର ଯୋଗ ନାହିଁ । ତହିଁର କାର୍ଯ୍ୟ ବିଭାଗ ମଧ୍ୟରେ ଏ ପର୍ଯ୍ୟନ୍ତ ଜଣେ ସୁଦ୍ଧା ଓଡ଼ିଆ ପ୍ରବେଶ କରି ନାହିଁ । କି ଲଜ୍ଜା ଓ କ୍ଷୋଭର ବିଷୟ !

ସମ୍ବାଦପତ୍ର ବର୍ତ୍ତମାନ ରାଜନୈତିକ ଶିକ୍ଷା ବିସ୍ତାର ପକ୍ଷରେ ଗୋଟିଏ ଉତ୍କୃଷ୍ଟ ଉପାୟସ୍ୱରୂପ ହୋଇ ଅଛି । ଏହାର ସାହାଯ୍ୟରେ ସାଧାରଣରେ ରାଜନୀତିର ପ୍ରଚାର ସୁନ୍ଦରରୂପେ ସମ୍ପନ୍ନ ହେଉଅଛି । ଓଡ଼ିଶାରେ କେତେ ଜଣ ଶିକ୍ଷିତ ଯୁବକ ସମ୍ବାଦପତ୍ର ପରିଚାଳନାରୂପ ପବିତ୍ର ଦାୟିତ୍ୱ ଆପଣା ସ୍କନ୍ଧରେ ଗ୍ରହଣ କରିଅଛନ୍ତି ବା ସମ୍ବାଦପତ୍ର ସହିତ ଯୋଗ ରଖିଅଛନ୍ତି ?

ଶିକ୍ଷିତ ଭ୍ରାତାମାନଙ୍କୁ ବିଶିଷ୍ଟରୂପେ ଅନୁପସ୍ଥିତ ଦେଖିବାକୁ ହେଲେ ଆମ୍ଭମାନଙ୍କୁ ସାହିତ୍ୟକ୍ଷେତ୍ରରେ ଅବତରଣ କରିବାକୁ ହେବ । ସାହିତ୍ୟର ଉନ୍ନତି ସଭ୍ୟ ବୃଟିଶ ରାଜନୀତିର ବିଶେଷ ଲକ୍ଷଣ । ବୃଟିଶ ଜାତି ଯଦି ତାହାର ସର୍ବାଂଶେ ସୁସଭ୍ୟ, ପରାକ୍ରମଶାଳୀ, ମାନ୍ୟବାନ୍ ଓ ପ୍ରତିଭାବାନ୍ ହୋଇ ଥାଏ, ତେବେ ତାହା ତାହାର ସାହିତ୍ୟ ସର୍ବାଂଶେ । ଶିକ୍ଷାର ସୁମଧୁର ଫଳ ଯଦି ଆମ୍ଭମାନଙ୍କୁ ଅନ୍ୱେଷଣ କରିବାକୁ ହୁଏ, ତେବେ ଆମ୍ଭମାନଙ୍କୁ ଇଂରାଜୀ ସାହିତ୍ୟର ପୁଷ୍ପବୃଷ୍ଟି ମଧ୍ୟରେ ବିଚରଣ କରିବାକୁ ହେବ । ସାହିତ୍ୟର ପୁଷ୍ଟିସାଧନ ବୃଟିଶ ରାଜନୀତିର ପ୍ରଧାନ ଲକ୍ଷଣ ହୋଇଥିଲେହେଁ ଓଡ଼ିଆ ସାହିତ୍ୟ ଉପରେ ତାହା ଏ ପର୍ଯ୍ୟନ୍ତ ଆଶାନୁରୂପ କାର୍ଯ୍ୟ କରି ପାରି ନାହିଁ । ତାହାର କାରଣ ଆଉ କିଛି ନୁହେଁ, କେବଳ ଯୁବକଦଳର ସାହିତ୍ୟସେବା ପ୍ରତି ଅନାଦର । ସାହିତ୍ୟସେବାରେ ଅର୍ଥ ଲାଭ ନାହିଁ, ସୁତରାଂ ଯୁବକମାନଙ୍କର ଗତି ତହିଁର ବିପରୀତ ଦିଗରେ । ସ୍ୱାର୍ଥତ୍ୟାଗ ଓଡ଼ିଆ ସ୍ୱଭାବର ନିଃସୀମା ମାଡ଼ିବାକୁ ରାଜି ନୁହେ—ବିଶେଷତଃ ସାହିତ୍ୟକ୍ଷେତ୍ରରେ । ଯାହାକୁ ମହାତ୍ମା ଜଗନ୍ନାଥ ଦାସ, ବଳରାମ ଦାସ ପ୍ରଭୃତି ଏହି ହତଭାଗ୍ୟ ଦେଶରେ ଜନ୍ମ ଗ୍ରହଣ କରିଥିଲେ, ଯାହେତୁ ଭାଗବତ, ରାମାୟଣ, ମହାଭାରତ ପ୍ରଭୃତି ଗ୍ରନ୍ଥ ସର୍ବାଂଶେ ମଧ୍ୟ ଆଜି ଆମ୍ଭମାନଙ୍କୁ ବିଦେଶୀୟମାନଙ୍କ ମୁଖାପେକ୍ଷୀ ହେବାକୁ ପଡ଼ୁଥାନ୍ତା ।

Digitized by srujanika@gmail.com

ହେ ମୋର ହତଭାଗ୍ୟ ! 'ସାହିତ୍ୟସେବା ଅଳ୍ପଶିକ୍ଷିତମାନଙ୍କର କାର୍ଯ୍ୟ' କୌଣସି କୌଣସି ଉଚ୍ଚଶିକ୍ଷିତ ଯୁବକଙ୍କ ମୁଖରୁ ଆମ୍ଭେମାନେ ଏପ୍ରକାର ଅଦ୍ଭୁତ ମତ ଶୁଣି ଅବାକ୍ ହୋଇଅଛୁଁ ଏବଂ ମନେ ମନେ ବୁଝିଛୁଁ ଯେ ଏ ଦେଶର ଉନ୍ନତି ସୁଦୂରପରାହତ । ଏ ଦେଶରେ ମୌଳିକତା ଆଶା ତ ବହୁ ଦୂରେ ଥାଉ, ଯେଉଁ ପ୍ରାଚୀନ ଓଡ଼ିଆ ସାହିତ୍ୟ ବିଭବଶାଳୀ ବୋଲି ଶୁଣା ଅଛି, ତାହାର ଉଦ୍ଧାର ସାଧନରେ ମଧ୍ୟ ଶିକ୍ଷିତ ଯୁବକଦଳ ଅତି ସାମାନ୍ୟ ଚେଷ୍ଟା କରିଥିବାର ଦେଖାଯାଏ । କେବଳ ଦୁଇ ଏକ ଜଣ ନବ୍ୟଲେଖକଙ୍କୁ ଛାଡ଼ି ଦେଲେ ସାହିତ୍ୟକ୍ଷେତ୍ରରେ ଆଉ କୌଣସି ଶିକ୍ଷିତ ଯୁବକର ସନ୍ଧାନ ମିଳିବ ନାହିଁ । ଅଥଚ ସାହିତ୍ୟର ଉନ୍ନତି ବ୍ୟତୀତ ଜାତିର ଉନ୍ନତି ଏହାବେଳକେ ଅସମ୍ଭବ ବୋଲି ଚିନ୍ତାଶୀଳ ବ୍ୟକ୍ତିମାନେ ଘୋଷଣା କରିଅଛନ୍ତି । ଜାଣି ନାହିଁ, ଯୁବକଦଳକୁ କେଉଁ ଅଗ୍ନିମନ୍ତ୍ରରେ ଦୀକ୍ଷିତ କଲେ ସେମାନେ ସମ୍ୟକ୍‌ରୂପେ ଉଦ୍‌ବୋଧିତ ଓ ଉତ୍ସାହିତ ହେବେ । ହାୟ ! ଦେଶୋନ୍ନତି କରିବାର ପବିତ୍ର ଆକାଂକ୍ଷା ଯଦି ହୃଦୟରେ ଜାଗରୂକ ଥାଏ, ତେବେ ଉନ୍ନତି-ରଥର ଦଣ୍ଡାରେ ଆପଣାର କାନ୍ଧ ଲଗାଅ । ଆଉ ବେଳ ନାହିଁ ।

ଧର୍ମସଂସ୍କାର କଥା କିଛି ନ କହି ପ୍ରବନ୍ଧର ଉପସଂହାର କଲେ ଅସମ୍ପୂର୍ଣ୍ଣ ରହିଯିବ, ଏଥିସକାଶେ କିଛି କହିବାର ଆବଶ୍ୟକ ମନେ କରୁଁ । ଶିକ୍ଷିତ ଯୁବକ ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରୁ ଉଦାର ବିଶ୍ୱାସଭୂମିଆଡ଼କୁ ଅଗ୍ରସର ହୋଇଥିବାର ଅନୁମାନ କରିବା ସ୍ୱାଭାବିକ ଅଟେ । ମାତ୍ର ପ୍ରକୃତ ଅବସ୍ଥା ତାହା ନୁହେ । ଅଧିକାଂଶ ଶିକ୍ଷିତ ଯୁବକ ପ୍ରାୟ ଏକପ୍ରକାର ଧର୍ମବିଶ୍ୱାସଶୂନ୍ୟ । ସାଧନ ଭଜନ ତଥା କେଉଁଠି ଥାଉ, କଥାବାର୍ତ୍ତାରୁ ଆମ୍ଭେମାନେ ବୁଝିଅଛୁଁ ଅନେକଙ୍କୁ ଧର୍ମରାଜ୍ୟର ମୂଳ ବିଷୟ ସୁଦ୍ଧା ଜଣା ନାହିଁ । ଧର୍ମ ସମ୍ବନ୍ଧରେ ସେମାନେ ଏକପ୍ରକାର ଉଦାସୀନ । କେତେ ଜଣ ସଂଶୟବାଦୀ ବା ଅଜ୍ଞେୟତାବାଦୀ ଦାର୍ଶନିକ ସେମାନଙ୍କର ପରମ ଗୁରୁ । ପ୍ରାୟ ଚାରି ଶତ ବର୍ଷ ପୂର୍ବେ ମହାତ୍ମା ଚୈତନ୍ୟ ଦେବ ଏ ଦେଶରେ ପଦାର୍ପଣ କରି ଥରେ ଓଡ଼ିଆମାନଙ୍କ ମଧ୍ୟରେ ଥିବା ଏ ଧର୍ମାନ୍ଦୋଳନର ସ୍ରୋତ ପ୍ରବାହିତ କରି ଦେଇଥିଲେ । ସେହି ଦିନଠାରୁ ଅଦ୍ୟପର୍ଯ୍ୟନ୍ତ ଓଡ଼ିଶା ପ୍ରଦେଶରେ ଉଲ୍ଲେଖଯୋଗ୍ୟ ଧର୍ମାନ୍ଦୋଳନ ଉପସ୍ଥିତ ହୋଇ ନାହିଁ । ଯେତେବେଳେ ଧର୍ମାନ୍ଦୋଳନ ଉପସ୍ଥିତ କରିବା ନିମିତ୍ତ ଜଣେ ଜଣେ ମହାପୁରୁଷଙ୍କର ଆବିର୍ଭାବ ହୋଇଥିଲା । ବର୍ତ୍ତମାନ କାଳରେ, ପୃଥିବୀର ଏହି ଉନ୍ନତତର ଅବସ୍ଥାରେ, ପ୍ରତ୍ୟେକ ଶିକ୍ଷିତ ଲୋକର ହୃଦୟରେ ସେ ପ୍ରକାର ଆନ୍ଦୋଳନ ଜାତ ହୋଇଥାଏ । କିନ୍ତୁ କାର୍ଯ୍ୟକ୍ଷେତ୍ରରେ ଅବତରଣ କରିବା ନିମନ୍ତେ ସେମାନେ ଏତେବେଳକେ ନାରାଜ । ଶିକ୍ଷିତ ଓଡ଼ିଆ ସମାଜର ଭ୍ରୂକୁଟି ନିକଟରେ ସନ୍ତ୍ରସ୍ତ । ପ୍ରଚଳିତ ଧର୍ମବିଶ୍ୱାସ ବା ଅନୁଷ୍ଠାନ ସହିତ ସେମାନଙ୍କର କୌଣସି ସହାନୁଭୂତି ନାହିଁ । ଅଥଚ ସେମାନେ ନିଜର ସ୍ୱାଧୀନ ବିଶ୍ୱାସାନୁଯାୟୀ ଧର୍ମାନୁଷ୍ଠାନ କରି ପାରୁ ନାହାନ୍ତି । କି ଭୟଙ୍କର ଅବସ୍ଥା ! ଏହି ଅବସ୍ଥାର ପରିବର୍ତ୍ତନ ସାଧନ କରି ନ ପାରିଲେ କୌଣସି ପ୍ରକାର ଉନ୍ନତି ସମ୍ଭବପର ହେବ ନାହିଁ । ନାନା ଦିଗରୁ ଉନ୍ନତିର ସ୍ରୋତ ଆମ୍ଭମାନଙ୍କ ଦେଶକୁ ମାଡ଼ି ଆସୁଅଛି । ଆମ୍ଭେମାନେ ଯଦି ସେହି ସ୍ରୋତରେ ଭାସି ନ ଯାଇ ଆମ୍ଭମାନଙ୍କର ପୁରାତନ କୁସଂସ୍କାରରୂପ ବନ୍ଧଦ୍ୱାରା ତାହାର ଗତିରୋଧ କରିବାକୁ ଚେଷ୍ଟା କରିବା, ତାହାହେଲେ ଚିରକାଳ ଆମ୍ଭେମାନେ ଜଗତର ଉପହାସରେ ଅତି କୃପାପାତ୍ର ବୋଲି ଘୋଷିତ ହେଉଥିବା । ଅତଏବ ଭାଇ ! କୁସଂସ୍କାରଜାଲ ଛିନ୍ନ କରି ନିଜ ଭୂମିଆଡ଼କୁ ଅଗ୍ରସର ହେବାକୁ ସର୍ବଥା ଚେଷ୍ଟା କର । ଜଗଦୀଶ୍ୱର ଅବଶ୍ୟ ତୁମ୍ଭମାନଙ୍କର ସହାୟ ହେବେ । ଉତ୍କଳମାତାର ବଦନ ଉଜ୍ଜ୍ୱଳ ହେବ ।

Digitized by srujanika@gmail.com

ଅତ ସମୟରେ ଶିକ୍ଷିତ ଯୁବକମାନଙ୍କର ପ୍ରକୃତ ଅବସ୍ଥା ଆମ୍ଭେମାନେ ଏଠାରେ ଅନେକଟା ଦେଖୁଁ । ଯାତ ଭାବରେ ଆମ୍ଭମାନଙ୍କ କଥାଗୁଡ଼ିକ ଅନେକଟା କାଳ୍ପ ପ୍ରକୃତ ଜୀବନ ସହିତ ମିଳାଇ ଦେଖିବା ନିମନ୍ତେ ଶିକ୍ଷିତ ଭାଇମାନଙ୍କୁ ବିଶେଷରୂପେ ଅନୁରୋଧ କରୁଅଛୁଁ । ମନୁଷ୍ୟମାନେ ଭ୍ରମର ଅଧୀନ । ଆମ୍ଭମାନଙ୍କର ମଧ୍ୟ ଭ୍ରମ ଘଟିପାରେ । ପ୍ରକୃତ ଅବସ୍ଥା ବର୍ଣ୍ଣିତ ଅବସ୍ଥାଠାରୁ ଭିନ୍ନତର ବୋଲି ଯେବେ ଆମ୍ଭମାନଙ୍କୁ ଦେଖାଇ ଦେଲେ ଉପକୃତ ହେବୁଁ । କିନ୍ତୁ ଯଦି ଅବସ୍ଥା ପ୍ରକୃତ ପକ୍ଷରେ ବର୍ଣ୍ଣିତ ବିଷୟ ସହିତ ମିଳେ, ତା ହେଲେ ତାହାର ଉନ୍ନତି ସାଧନ ବିଷୟରେ ଯୁବକମାନଙ୍କ ପ୍ରାଣରେ ସାଧୁ ଆକାଂକ୍ଷା ଜାଗ୍ରତ ହେବାର ଦେଖିଲେ ପରମ ସୁଖୀ ହେବୁଁ ।

ଶ୍ରୀ—

ନୈଷିଦ୍ଧ ।

ଶ୍ରୀଯୁକ୍ତ ଉତ୍କଳସାହିତ୍ୟ ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ !

ଆପଣ ମୋତେ ଉତ୍କଳସାହିତ୍ୟ ପତ୍ରିକାରେ ଲେଖିବାପାଇଁ ପତ୍ରଦ୍ୱାରା ଓ ମୌଖିକ ଅନେକଥର ଅନୁରୋଧ କରିଅଛନ୍ତି ଏବଂ ମୁଁ ନ ଲେଖିବାରୁ ବ୍ୟଥିତ ହୋଇଅଛନ୍ତି । ଏ କଥା ଅନେକ ସମୟରେ ମୋହର ମନେ ପଡ଼େ ଓ ତାହା ସହିତ ସମସ୍ତ ସମୟରେ ଯେଉଁ ଭାବର ଉଦୟ ହୁଏ ତାହା ଆଜି ଏହି ପତ୍ରରେ ଆପଣଙ୍କଠାରେ ବ୍ୟକ୍ତ କଲି । ଆପଣଙ୍କ ପତ୍ରିକାରେ ଏହା ପ୍ରକାଶ କରିବାକୁ ଇଚ୍ଛା କଲେ ପ୍ରକାଶ କରି ପାରନ୍ତି । ଯେଉଁ କାରଣରୁ ମୁଁ ଲେଖିବାର ଅଭ୍ୟାସ ପରିତ୍ୟାଗ କରିଅଛି, ତାହା ମୁଁ ବର୍ତ୍ତମାନ ଆପଣଙ୍କଠାରେ ବ୍ୟକ୍ତ କରିବାକୁ ଅସମର୍ଥ ।

ଏହି ଉତ୍କଳ ପ୍ରଦେଶରେ କେହି କେହି ମୋତେ ଲେଖକ ବୋଲି ଗଣନା କରନ୍ତି, ଏହା ମନେ କଲେ ମୁଁ ସମସ୍ତ ସମୟରେ ବିସ୍ମିତ ହୁଏଁ । କିନ୍ତୁ ଏହି ଦୀନ ଦେଶ ଲେଖକ ଓ ଲେଖାରେ ଦରିଦ୍ର, ଏହା ମନେ କଲାକ୍ଷଣି ସେ ବିସ୍ମୟ କ୍ରମେ ଊଣା ହୋଇ ବିଷାଦରେ ପରିଣତ ହୁଏ । ସ୍ଥୂଳ ଦୃଷ୍ଟିରେ ଏହି ଦରିଦ୍ରତାର କାରଣ ଅନୁସନ୍ଧାନ କଲେ ମୋର ପ୍ରତୀତ ହୁଏ ଯେ ଉତ୍କଳର ଅଧୁନାତନ ଅବସ୍ଥା ସାହିତ୍ୟ ବିକାଶର ଅନୁକୂଳ ନୁହେ । ସମ୍ପୂର୍ଣ୍ଣରୂପରେ ନ ହେଲେ, କେତେ-ପରିମାଣରେ ।

ମନୁଷ୍ୟମାନଙ୍କ ମଧ୍ୟରେ ସର୍ବଦା ନାନାପ୍ରକାର ଭାବ ଜନ୍ମେ । ତନ୍ମଧ୍ୟରୁ ଅଧିକାଂଶ ନିତ୍ୟ ବୃଷ୍ଟିପାତଜନିତ ଜଳବୁଦ୍‌ବୁଦ୍ ପରି "ଉତ୍ପଦ୍ୟନ୍ତେ ପ୍ରଲୀୟନ୍ତେ ।" ଅତଏବ ତାହାର ଅବଶେଷବା ଚିହ୍ନ ପ୍ରାପ୍ତ ଆଉ କିଛି ରହେ ନାହିଁ । ବିଶେଷ ଘଟଣା-ଜନିତ ଗାଢ ଭାବ ଅପେକ୍ଷାକୃତ ଦୀର୍ଘକାଳସ୍ଥାୟୀ ହୁଏ । ଏହି ଭାବର ମାତ୍ରା ଯେତେବେଳେ ଅତ୍ୟଧିକ ହୋଇ ମନ ମଧ୍ୟରେ ପ୍ରଚୁର ସ୍ଥାନ ନ ପାଏ, ସେତେବେଳେ ତାହା ଉଚ୍ଛୁଳି ପଡ଼େ । ଏ ସମୟରେ ଅନୁଭବୀ ଅନ୍ୟ ନିକଟରେ ତାହା ବ୍ୟକ୍ତ କରି ପକାଏ, ଅଥବା ନିର୍ଜନରେ ହର୍ଷ ବା ବିଷାଦର ଅଧୀନ ହୋଇ ପ୍ରଳାପବତ୍ କହି ପକାଏ । ଯେଉଁମାନେ ଶବଶାସ୍ତ୍ରରେ ଅଧିକାର ଓ ରଚନାଶକ୍ତି ଲାଭ କରିଅଛନ୍ତି, ସେମାନେ ତାହା ଗଦ୍ୟ ବା ପଦ୍ୟ ପ୍ରବନ୍ଧାକାରରେ ଅନ୍ୟଠାରେ ପ୍ରକାଶ କରନ୍ତି । ମାତ୍ର ଭାବ ଗାଢତମ ହୋଇ ମନୁଷ୍ୟ ମନକୁ ଅଭିଭୂତ କଲେ, ମନୁଷ୍ୟ ଜଡ଼ୀଭୂତ ହୁଏ; ସେତେବେଳେ କବିତା ପ୍ରଭୃତି

Digitized by srujanika@gmail.com

ତାହା ପକ୍ଷରେ ଅସମ୍ଭବ ହୁଏ । ଏଣୁ ଦେଖାଯାଏ ଯେ, ନୂତନ ଲୋକେ ନୂତନ ବୟସରେ ପଦାର୍ପଣ କଲେ, ନୂତନ ଦେଶରେ ଉପସ୍ଥିତ ହେଲେ, ଅଥବା ନୂତନ ବା ଅଦ୍ଭୁତ ଦୃଶ୍ୟ ବା ଘଟଣା ଅନୁଭବ କଲେ, ସ୍ୱୀୟ ମନୋଭାବ ଲିପିବଦ୍ଧ କରିବାପାଇଁ ଉନ୍ମୁଖ ହୁଅନ୍ତି ।

ଆର୍ଯ୍ୟମାନେ ଯେତେବେଳେ ଭାରତବର୍ଷରେ ପ୍ରବେଶ କଲେ, ଆର୍ଯ୍ୟାବର୍ତ୍ତର କମନୀୟ ଶୋଭାରେ ବିସ୍ମିତ ଆର୍ଯ୍ୟ ଋଷିମାନଙ୍କ ମନରେ ନାନା ନବୀନ ଭାବର ଉଦୟ ହେଲା । ସେମାନେ ସେହି ଭାବଗୁଡ଼ିକ ଛନ୍ଦୋବଦ୍ଧ ଭାଷାରେ ପ୍ରକାଶ କଲେ । ସୂର୍ଯ୍ୟବଂଶର ପବିତ୍ର ଓ ଉଜ୍ଜ୍ୱଳ କୀର୍ତ୍ତିରେ ମୁଗ୍ଧ ହୋଇ କବିଗୁରୁ ବାଲ୍ମୀକି ଆଦି କାବ୍ୟ ରଚନା କଲେ । ବ୍ୟାସଦେବ ତତ୍କାଳୀନ ସମାଜ ଓ ରାଜନୀତିର ବୈଚିତ୍ର୍ୟମୟ ବିଷୟଗୁଡ଼ିକର ଉପାଦାନରେ ବିରାଟ୍ ମହାଭାରତ ପ୍ରଣୟନ କଲେ । ବିଖ୍ୟାତ ଚୀନ ପରିବ୍ରାଜକ ଭାରତର ଶାନ୍ତିମୟ ସମାଜନୀତି ପ୍ରଭୃତିରେ ମୋହିତ ହୋଇ ମାତୃଭାଷାରେ ତାହା ଲିପିବଦ୍ଧ କଲେ । ସମ୍ରାଟ୍‌ଶିରୋମଣି ଅକବରଙ୍କ ଉଦାର ଶାସନକାଳରେ ଆଇନ୍-ଇ-ଅକବରୀ ଜନ୍ମଲାଭ କଲା । ଭୌଗୋଳିକ ଆବିଷ୍କାର ଓ ମୁଦ୍ରାଯନ୍ତ୍ରର ଉଦ୍ଭାବନ ଇଉରୋପୀୟ ସାହିତ୍ୟରେ ନବ ଯୁଗର ଅବତାରଣା କଲା । ଏ ଦେଶରେ ଇଂରେଜ ଶାସନରେ ସଂସ୍କୃତ-ସେବକ ବଙ୍ଗୀୟ ଯୁବକମାନେ ଦେଶାନ୍ତର ଗମନ କରି, ଅଦୃଷ୍ଟପୂର୍ବ ପ୍ରାକୃତିକ ଓ କୃତ୍ରିମ ଶୋଭା, ସମାଜନୀତି ପ୍ରଭୃତି ପ୍ରବନ୍ଧାକାରରେ ବର୍ଣ୍ଣନା କଲେ ଏବଂ ଭାଷାନ୍ତରିଲିଖିତ ନାନା ଗ୍ରନ୍ଥର ଆଲୋଚନାରେ ସେମାନଙ୍କ ମନରେ ଯେଉଁ ଭାବଗୁଡ଼ିକ ମୁଦ୍ରିତ ହେଲା, କାବ୍ୟାଦିରେ ତାହା ପ୍ରକଟିତ କଲେ । ସୁତରାଂ ଉଦ୍ଦୀପନର ଅଭାବରେ, ଭାବର ଅଭାବରେ ପ୍ରକୃତ କାବ୍ୟ ରଚନା ସ୍ୱଭାବତ ଅସମ୍ଭବ । ଏ ପ୍ରଦେଶର ଲୋକେ ପ୍ରାୟ ଅଧ୍ୟବସାୟସହକାରେ ନାନା ଶାସ୍ତ୍ରାଲୋଚନ, ଉଚ୍ଚ ବିଦ୍ୟାର୍ଜନ ଏବଂ ବିଦ୍ୟା ବାଣିଜ୍ୟ ପ୍ରଭୃତି ଉଦ୍ଦେଶ୍ୟରେ ବିଦେଶ ଗମନ କରି 'ଦ୍ୱିଜତ୍ୱ' ଲାଭ ନ କଲେ ସାହିତ୍ୟବିକାଶ ପକ୍ଷରେ ଅନୁକୂଳ ପବନର ଆଶା ଦୂରପରାହତ ।

ଆଳସ୍ୟ ଓ ବ୍ୟସନରେ ବର୍ତ୍ତମାନ ଉତ୍କଳ ଜଡ଼ୀଭୂତ । ଯେଉଁ ଉତ୍କଳୀୟମାନେ କୂଶ ବା କୁଷକଙ୍କ ବୋଲି ଗଣ୍ୟ, ସେମାନେ ଏ ଦଉଡ଼ି ଶିକୁଳୀରୁ ଆପଣାକୁ ବିମୁକ୍ତ ନ କଲେ ଉତ୍କଳର ଉନ୍ନତି ସମ୍ଭବ ନାହିଁ, ଏ ପ୍ରଦେଶ ବିଦ୍ୟା-ଗୌରବରେ ମହୀୟାନ୍ ଓ ଧନବଳରେ ବଳୀୟାନ୍ ହୋଇ ପାରିବ ନାହିଁ ।

ଶ୍ରୀ ଚନ୍ଦ୍ରମୋହନ ମହାରଣା ।

ସାହିତ୍ୟ-ସମ୍ବାଦ ।

ପାଞ୍ଚ ବର୍ଷରୁ ଊର୍ଦ୍ଧ୍ୱ ହେଲା ଆମ୍ଭେମାନେ 'ଉତ୍କଳ ସାହିତ୍ୟ'ର ଉନ୍ନତିକାମନାରେ ନାନା ସ୍ଥାନରେ ବୁଲି ନାନା ଅବସ୍ଥା ମଧ୍ୟରେ ପଡ଼ି ନାନା ଶ୍ରେଣୀର ଲୋକଙ୍କ ସଙ୍ଗେ ମିଶି ଏ କ୍ଷୁଦ୍ର ଜୀବନରେ ଅନେକ ଦେଖିଲୁଁ, ଅନେକ ଶିଖିଲୁଁ ! ଆମ୍ଭମାନଙ୍କର ସମସ୍ତ ଅଭିଜ୍ଞତା ଓ ଅନୁଭବ ଏକତ୍ର କଲେ ଖଣ୍ଡିଏ ବୃହତ୍ ପୁସ୍ତକ ହୁଅନ୍ତା । ସେ ପ୍ରବୃତ୍ତି ଆମ୍ଭମାନଙ୍କର ନାହିଁ । ସଜା ସଜି କରି ସତ୍ୟ ମିଥ୍ୟା ମିଶାଇ ଗାଇବାର ଶକ୍ତି ଥିଲେ ସେ ଚେଷ୍ଟା କରନ୍ତୁ, ଲୋକଙ୍କୁ ଭଲ ଲାଗନ୍ତା, ସଙ୍ଗେ ସଙ୍ଗେ ଆମ୍ଭମାନଙ୍କର ମଧ୍ୟ କିଞ୍ଚିତ ଉପକାର ହୋଇ ପାରନ୍ତା । ତେବେ ସାହିତ୍ୟ

Digitized by srujanika@gmail.com

ସମ୍ବନ୍ଧରେ ଦେଶର ସାଧାରଣ ଅବସ୍ଥା ଏବଂ ଓଡ଼ିଆମାନଙ୍କର ସାହିତ୍ୟାନୁରାଗ ଓ ଉତ୍ସାହ ଇତ୍ୟାଦି ବିଷୟରେ ଆମ୍ଭମାନଙ୍କର ଅଭିଜ୍ଞତା ଲିପିବଦ୍ଧ କରି ରଖିବାର ଇଚ୍ଛାଟା ନିତାନ୍ତ ବଳବତୀ ହୋଇ ଉଠିଅଛି । ଏହି ବାସ୍ତବ ରାଜ୍ୟର ଅପ୍ରୀତିକର କାହାଣୀ ପାଠ କରି ଯଦି ଆମ୍ଭମାନଙ୍କର କୌଣସି କୌଣସି କଳ୍ପନାପ୍ରିୟ ବନ୍ଧୁଙ୍କର ମନୋହର ସୁଖ-ସୌଧ ଭାଙ୍ଗି ଚୂନା ହୋଇଯାଏ, ଆମ୍ଭେମାନେ ନାଚାର ! କିଛିକାଳ ପୂର୍ବେ ଆମ୍ଭେମାନେ ମଧ୍ୟ କଳ୍ପନା-ରାଜ୍ୟରେ ବିଚରଣ କରି ଅନେକ ସୁଖ-ସ୍ୱପ୍ନ ଦେଖୁଥିଲୁଁ— ଅନେକ ସୁଦୃଶ୍ୟ ଅଟ୍ଟାଳିକା ନିର୍ମାଣ କରି ସେଥିରେ ନାନାପ୍ରକାର ସୁନ୍ଦର ଦ୍ରବ୍ୟ ସାମଗ୍ରୀ ସଜାଉଥିଲୁଁ । ବର୍ତ୍ତମାନ କଠୋର ବାସ୍ତବ ରାଜ୍ୟର ଅନୁଭବ ଆମ୍ଭମାନଙ୍କର ସବୁ ସ୍ୱପ୍ନ ଭାଙ୍ଗି ଦେଇଅଛି, ଦ୍ରବ୍ୟ ସାମଗ୍ରୀ କେଉଁଆଡ଼େ ଅଦୃଶ୍ୟ ହୋଇ ଯାଇଅଛି, ଅଟ୍ଟାଳିକା ଭାଙ୍ଗି ଚୂରମାର ହୋଇ ଯାଇଅଛି ! ଅପ୍ରିୟ ସତ୍ୟକଥା କହିବାକୁ ଅନେକ ସମୟରେ ଭୟ ଛଡ଼ ମାତ୍ରେ — ନୀତିଶାସ୍ତ୍ରରେ (?) ନିଷେଧ ମଧ୍ୟ ଅଛି । ଅଧିକନ୍ତୁ ବର୍ତ୍ତମାନ ଶିକ୍ଷିତ ସମ୍ପ୍ରଦାୟର ନୂତନ ବିଧାନ ଅନୁସାରେ ଏଥିରେ ଆମ୍ଭମାନଙ୍କ ନାମରେ ଜାତିନିନ୍ଦା, ଦେଶନିନ୍ଦାର ଅଭିଯୋଗ ଉପସ୍ଥିତ ହେବାର ଆଶଙ୍କା ମଧ୍ୟ ରହିଅଛି । ତେବେ ଏ ଅକାଳକୁଷ୍ମାଣ୍ଡ ସମ୍ପାଦକ କଥା ଟିକିଏ ସୃଷ୍ଟିଛଡ଼ା । କିଛିକାଳ ପୂର୍ବେ 'ଉତ୍କଳ-ସାହିତ୍ୟ'ରେ ଗୋଟିଏ କବିତା ପ୍ରକାଶିତ ହେବାରୁ ଆମ୍ଭମାନଙ୍କର କେତେ ଜଣ ବନ୍ଧୁ କହିଥିଲେ, "ଆପଣଙ୍କ ଛଡ଼ା ଅନ୍ୟ କୌଣସି ଉତ୍କଳ ସନ୍ତାନ ସମ୍ପାଦକ ଥିଲେ ଏପରି କବିତା କଦାପି ପତ୍ରିକାରେ ସ୍ଥାନ ପାଇ ନ ଥାନ୍ତା ।" ଅସ୍ୟ ବ୍ୟାଖ୍ୟା —ତୁମ୍ଭ ପରି ଅଧମ ଓଡ଼ିଆ ଜାତି ମଧ୍ୟରେ ଆଉ କେହି ନାହିଁ । କେବଳ ଏତିକି ନୁହେଁ, ନାନା ସ୍ଥାନରେ କମିଟିମାନ ଗଠିତ ହୋଇ 'ଉତ୍କଳ ସାହିତ୍ୟ'ର ମୂଳୋତ୍ପାଟନର ଆୟୋଜନ କରି ହେଉଥିଲା—ସମ୍ପାଦକଙ୍କୁ ଜେଲଖାନାକୁ ପଠାଇବାର ପରାମର୍ଶ ପର୍ଯ୍ୟନ୍ତ ସ୍ଥିର ହୋଇ ଯାଇଥିଲା ! ସେ ସବୁ ପୁରାଣ ଥାଉ, ବର୍ତ୍ତମାନ କଥା ଏହି ଯେ ଏପରି ସୃଷ୍ଟି-ଛଡ଼ା ଲୋକ ପକ୍ଷରେ ସାଧାରଣ ନିୟମଭଙ୍ଗ ତ ନୂତନ କଥା ନୁହେ ବା ଆଶ୍ଚର୍ଯ୍ୟର ବିଷୟ ନୁହେ ।

(ପାଞ୍ଚ ବର୍ଷ ପୂର୍ବେ ଆମ୍ଭେମାନେ କେତୋଟି ବନ୍ଧୁ ମିଳିତ ହୋଇ ଯେତେବେଳେ 'ଉତ୍କଳ ସାହିତ୍ୟ' ପ୍ରଚାରର ପରାମର୍ଶ କଲୁଁ, ସେତେବେଳେ ଆମ୍ଭମାନଙ୍କ ମନରେ ନାନା ଚିନ୍ତା ଆସି ଉପସ୍ଥିତ ହେଲା । ଇତିପୂର୍ବରୁ କେତେ ଥର କେତେ ପତ୍ରିକା ବହ୍ୱାଡ଼ମ୍ବର ସହ ଉତ୍କଳ-ଗଗନରେ ଦେଖା ଦେଇ ଅଦୃଶ୍ୟ ହୋଇ ଯାଇଅଛି । ଅନ୍ୟ କଥା ଦୂରରେ ଥାଉ, ମହାରାଜଙ୍କର 'ଉତ୍କଳପ୍ରଭା' ମଧ୍ୟ ଏ କ୍ଷେତ୍ରରେ ସ୍ଥିର ପ୍ରଭା ବିସ୍ତାର କରି ନ ପାରି କ୍ଷଣପ୍ରଭା ଆକାରରେ ପରିଣତ ହୋଇଗଲା ! ସେ ଦିନ ବୁଝିଥିଲୁଁ, ଏ ଦେଶର ଜଳବାୟୁ ବଡ଼ ଦୂଷିତ—ବଡ଼ ସାଂଘାତିକ ! ଏହା ଜାଣି ଶୁଣି ଏ ନୂତନ କାର୍ଯ୍ୟରେ ହାତ ଦେଲୁଁ କାହିଁକି ? ତାହାର ଅନେକ କାରଣ ଅଛି । ସାହିତ୍ୟୋନ୍ନତି ଜାତିର ଉନ୍ନତିର ଗୋଟିଏ ପ୍ରଧାନ ପନ୍ଥା, ଏହା ସର୍ବବାଦିସମ୍ମତ । ଜାତୀୟ ସାହିତ୍ୟ ପରିପୁଷ୍ଟ, ମାର୍ଜିତ ଓ ଉନ୍ନତ ନ ହେଲେ ନିୟତ ଭାବ ଜାତି ମଧ୍ୟରେ ପ୍ରଚାରିତ ହେବ କିପରି ? ଧର୍ମ, ନୀତି, ବିଜ୍ଞାନ, ଦର୍ଶନ, ଇତିହାସ, ଲୋକଚରିତ ଇତ୍ୟାଦି ଜାତୀୟ ସାହିତ୍ୟରେ ନିବଦ୍ଧ ନ ହେଲେ ସାହିତ୍ୟର ଅଙ୍ଗ ପୁଷ୍ଟି ହେବ କାହିଁରେ ? ଜାତିଟା ବଞ୍ଚିବ ଓ ବଢ଼ିବ କଣ ଖାଇ ? କେବଳ କେତେଗୁଡ଼ିଏ ପ୍ରାଚୀନ କାବ୍ୟ ଓ ସଙ୍ଗୀତାଦି ଘୋଷି ଥୋଇ ଥୋଇ ନାଚିଲେ ତ ହେବ ନାହିଁ । ସେ ପ୍ରେତ-ନୃତ୍ୟ କେବଳ ଅନ୍ୟର ହାସ୍ୟ ଉଦ୍ରେକ କରିବ । ବର୍ତ୍ତମାନ ଯୁଗର ସାହିତ୍ୟ ଗଠନ କରିବାକୁ ହେବ, ଯୁଗର ଅଭାବ ଉପଲବ୍ଧି କରି ଜାତୀୟ ଅଭ୍ୟୁତ୍ଥାନର ଉପାଦାନ

Digitized by srujanika@gmail.com

ସମ୍ଭବ କରିବାକୁ ହେବ, ତାହାକୁ ପୁଷ୍ଟିକର ଜଳବତ୍ ଖାଦ୍ୟ ଯୋଗାଇବାକୁ ହେବ । ଓଡ଼ିଶାର ବର୍ତ୍ତମାନ ଅବସ୍ଥାରେ ନାନା ବିଷୟରେ ବହୁତ ପୁସ୍ତକମାନ ରଚିତ ଓ ପ୍ରକାଶିତ ହେବା ଏକପ୍ରକାର ଅସମ୍ଭବ କହିଲେ ଚଳେ । ମାସିକ ପତ୍ର ଅଳ୍ପ ସୀମା ମଧ୍ୟରେ ବିବିଧ ବିଷୟ ଆଲୋଚନାର ଗୋଟିଏ ପ୍ରକୃଷ୍ଟ ଉପାୟ । ଉନ୍ନତ ଦେଶମାନଙ୍କରେ ସବୁ ବିଷୟରେ ପ୍ରକାଣ୍ଡ ଗ୍ରନ୍ଥମାନ ପ୍ରକାଶିତ ହେଉଥିଲେହେଁ ସାମୟିକ ପତ୍ରିକାର ଆଦର ଅଳ୍ପ ନୁହେ । ପୁଣି ଯେଉଁ ଶକ୍ତିଶାଳୀ ଓଡ଼ିଆପୁଅମାନେ ଲେଖିବାକୁ ଆରମ୍ଭ କରିଅଛନ୍ତି, ମାସିକ ପତ୍ର ସେମାନଙ୍କ ଶକ୍ତି ଚାଳନାର ଗୋଟିଏ କ୍ଷେତ୍ର ହେବ—କ୍ଷେତ୍ର ପାଇଲେ ପ୍ରଚ୍ଛନ୍ନ ଶକ୍ତି ଓ ପ୍ରତିଭା ବିକାଶ ଲାଭ କରିବାର ସୁଯୋଗ ପାଇବ । ଇତ୍ୟାଦି ନାନା ଚିନ୍ତା ଆସି ଅମ୍ଭମାନଙ୍କ ପ୍ରାଣକୁ ଉଦ୍‌ବୁଦ୍ଧ କରିବାକୁ ଲାଗିଲା । ପୁଣି ଦେଖୁଅଛୁ, ସନ୍ନିକଟ ଜାତିମାନଙ୍କର ଉନ୍ନତ ଚିତ୍ରମାନ ଅମ୍ଭମାନଙ୍କ ନିକଟରେ ଉପସ୍ଥିତ ହୋଇଅଛି; କେବଳ ଆଲୋକରେ ଦେଶୀୟ ପ୍ରାଚୀନ ସାହିତ୍ୟର କେତେ ଅମ୍ଭମାନଙ୍କ ସମକ୍ଷରେ ପ୍ରକାଶିତ ହୋଇଅଛି; ଭାରତର ଅପରାପର ଜାତି ସମୂହ ନବୋତ୍ସାହରେ ମାତି ଜାତୀୟ ସାହିତ୍ୟର ଉନ୍ନତି ପାଇଁ ପ୍ରାଣପଣେ ଯତ୍ନ କରୁଅଛନ୍ତି; ଶିକ୍ଷା ମାନବପ୍ରାଣରେ ଚିନ୍ତାର ବିକାଶ ସାଧନ କରେ ଏବଂ ତାହା ଏ ଦେଶର ସକଳ ପ୍ରଦେଶରେ ଅଳ୍ପାଧିକ ପରିମାଣରେ ହେଉଥିବାର ସୁସ୍ପଷ୍ଟ ନିଦର୍ଶନ ମିଳୁଅଛି; ନିକଟରେ ବଙ୍ଗସାହିତ୍ୟର ବିକାଶ ଗତି ଅମ୍ଭମାନଙ୍କ ଚକ୍ଷୁକୁ ଝଲସାଇ ଦେଉଅଛି; ଓଡ଼ିଆମାନେ ଗୋଟିଏ ଜାତି, ସେମାନଙ୍କର ପ୍ରାଚୀନ ଗୌରବ ଅଛି, ପ୍ରାଚୀନ ସାହିତ୍ୟ ଅଛି, ସଂଖ୍ୟା ମଧ୍ୟ ଅଳ୍ପ ନୁହେ, ରାଜନୀତି-ଚକ୍ରରେ ସେମାନେ ଛିନ୍ନ ଭିନ୍ନ ହୋଇ ପଡ଼ିଥିଲେହେଁ ଜାତୀୟଭାବରେ ସମସ୍ତେ ଏକ ଏବଂ ଅଭିନ୍ନ, ସେମାନଙ୍କ ମଧ୍ୟରେ ସୁଦ୍ଧା ନବ ଶିକ୍ଷା ପ୍ରବର୍ତ୍ତିତ—ନୂତନ ଆଲୋକ ପ୍ରକାଶିତ, ଆଉ ଦେଖାଯାଉଅଛି, ଲେଖାରେ, ବକ୍ତୃତାରେ, କଥା ପ୍ରସଙ୍ଗରେ ଅନେକ ଓଡ଼ିଆପୁଅଙ୍କ ମୁହଁରୁ 'ଅମ୍ଭେ' 'ଅମ୍ଭ ଜାତି' 'ଅମ୍ଭ ଦେଶ' 'ଅମ୍ଭ ଭାଷା' 'ଅମ୍ଭ ସାହିତ୍ୟ' ଇତ୍ୟାକାର କଥାମାନ ଉଚ୍ଛୁଳି ପଡ଼ୁଅଛି; ସର୍ବୋପରି ବିସ୍ତୃତ ଉତ୍କଳଭାଷୀ ପ୍ରଦେଶରେ ଓଡ଼ିଆ ମହାରାଜା, ରାଜା, ସାମନ୍ତ, ଜମିଦାର ଖୁବ ହୋଇ ପଡ଼ିଅଛନ୍ତି; ଇତ୍ୟାଦି ନାନା ଚିନ୍ତା ଆସି ଅମ୍ଭମାନଙ୍କ ପ୍ରାଣରେ ପ୍ରଚୁର ଆଶାର ସଞ୍ଚାର କରିଦେଲା । ମନେ କଲୁଁ, ଏପରି ଅନୁକୂଳ ଅବସ୍ଥାରେ ଆଧୁନିକ ସାହିତ୍ୟୋନ୍ନତିର ଗୋଟାଏ ପଥ ରୁଦ୍ଧ ରହିବ କାହିଁକି ? ସାହିତ୍ୟୋନ୍ନତିରେ ସାମ୍ପ୍ରଦାୟିକ ବା ଜାତିଗତ ବା ଦଳଗତ ଭାବ କିଛି ନାହିଁ । ଜାତୀୟ ସାହିତ୍ୟ ଜାତିର ସାଧାରଣ ସମ୍ପତ୍ତି । ଏ କ୍ଷେତ୍ରରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟାନ ଭେଦ ନାହିଁ—ଉତ୍କଳବାସୀ ସମସ୍ତଙ୍କ ପକ୍ଷରେ ଓଡ଼ିଆ ଭାଷା ସମାନ ଆଦରର ସାମଗ୍ରୀ ।

ଉତ୍ସାହସହକାରେ କାର୍ଯ୍ୟ ଆରମ୍ଭ କଲୁଁ; ବନ୍ଧୁଗଣ ସହାୟ ହେଲେ, ନାନା ଅଭୁ ଉତ୍ସାହ ଓ ସହାନୁଭୂତି ମିଳିଲା—ଲେଖକ, ଗ୍ରାହକ, ପାଠକ ସମସ୍ତେ ଅନୁକୂଳ, ଅମ୍ଭମାନଙ୍କର ଭାବନା କଣ ? କିଛି କାଳ ପରେ ନିକଟସ୍ଥ କୌଣସି କୌଣସି ବନ୍ଧୁଙ୍କୁ ରୋଗ ଧରିଲା—ଔଦାସୀନ୍ୟ ଆଳସ୍ୟ ଆସି ସେମାନଙ୍କ ପ୍ରାଣକୁ ସ୍ପର୍ଶ କଲା ! ରୋଗଟା ବଡ଼ ସାମାନ୍ୟ ନୁହେ—ଉନ୍ନତିର ଏପରି ମାରାତ୍ମକ ଶତ୍ରୁ ଆଉ ନାହିଁ । ସେ ଯାହାହେଉ, ଦୁଇ ବର୍ଷରୁ ଅଧିକ କାଳ ଏକପ୍ରକାର ନିର୍ବିଘ୍ନରେ କାର୍ଯ୍ୟ ଚାଲିଲା । ଇତି ମଧ୍ୟରେ ଅମ୍ଭେମାନେ ଅବସର ସମୟରେ ନାନା ସ୍ଥାନକୁ ଯାଇ ଶିକ୍ଷିତ ଉତ୍କଳ ସନ୍ତାନମାନଙ୍କର ସହାନୁଭୂତି ଆକର୍ଷଣ କରିବାକୁ ଚେଷ୍ଟା କଲୁଁ । ଯେଉଁଠାକୁ ଯାଉଁ, ଦେଖୁଁ ଯେ 'ଉତ୍କଳସାହିତ୍ୟ'ର ବନ୍ଧୁର ଅଭାବ ନାହିଁ, ପୃଷ୍ଠପୋଷକର ଅଭାବ ନାହିଁ । ଭାବିଲୁଁ, ଏତେ ବନ୍ଧୁ ଏତେ ପୃଷ୍ଠପୋଷକ ଯାହାର, ତାହାର ଶ୍ରୀବୃଦ୍ଧି

Digitized by srujanika@gmail.com

ଅବଶ୍ୟମ୍ଭାବୀ । ଆଜ ଯେଉଁମାନେ ଉଦାସୀନ ବା କୃପଣ ରହିଅଛନ୍ତି, କାଳକ୍ରମେ 'ଉତ୍କଳ ସାହିତ୍ୟ' ସେମାନଙ୍କ ହୃଦୟରେ ସ୍ଥାନ ପାଇବ, ସେମାନଙ୍କର ଅନୁରାଗ ଓ ସହାନୁଭୂତି ଆକର୍ଷଣ କରିବାକୁ ସମର୍ଥ ହେବ । କେବଳ ଆମ୍ଭେମାନେ ନିଜର ଉତ୍ସାହ, ଉଦ୍ୟମ, ଅନୁରାଗ ଅକ୍ଷୁଣ୍ଣ ରଖି ପାରିଲେ ହେଲା ।

(ଦେଖୁ ଦେଖୁ 'ଉତ୍କଳସାହିତ୍ୟ'ର ପରୀକ୍ଷା ଦିନ ଆସି ଉପସ୍ଥିତ ହେଲା—ତୃତୀୟ ବର୍ଷର ଶେଷ ଭାଗକୁ ଛାପାଖାନାର ଅସୁବିଧା ଯୋଗୁଁ ପତ୍ରିକାର ଜୀବନାଶଙ୍କା ଉପସ୍ଥିତ ହେଲା । ଆମ୍ଭମାନଙ୍କର ଯେତେ ଦୂର ସାଧ୍ୟ, ଚେଷ୍ଟାରେ ତ୍ରୁଟି କରି ନାହୁଁ । ମାତ୍ର ଆମ୍ଭମାନଙ୍କର ସକଳ ଚେଷ୍ଟା ବିଫଳ ହେଲା ।) ମାର୍ଜାରୀ ନିଜ ଶାବକକୁ ସାତ ଘରେ ବୁଲାଇଲା ପରି ଆଜ ଏଠାରେ କାଲି ସେଠାରେ ମୁଣ୍ଡ ଗୁଞ୍ଜି କିଛି ଦିନ କଟାଇଲୁଁ ସତ୍ୟ, ମାତ୍ର ଗୋଟିଏ ସ୍ୱତନ୍ତ୍ର ଛାପାଖାନା ନ ହେଲେ ପତ୍ରିକାର ଜୀବନରକ୍ଷାର ଅଭି ସମ୍ଭାବନା ଦିଶିଲା ନାହିଁ । ଜଣେ ପ୍ରବୀଣ ବ୍ୟକ୍ତିଙ୍କର ପରାମର୍ଶ ଓ ସହାୟତା ପ୍ରାର୍ଥନା କଲୁଁ, ଉତ୍ତର ପାଇଲୁଁ—ସ୍ୱତନ୍ତ୍ର ଛାପାଖାନା ନ ହେଲେ ପତ୍ରିକା ଚଳାଇବା ବିଡ଼ମ୍ବନା—ପୁଣି ଏତେ ଅଳ୍ପସଂଖ୍ୟକ ଗ୍ରାହକ ଦେଇ ଗୋଟାଏ ଛାପାଖାନା କରିବାର ଆକାଂକ୍ଷା ମଧ୍ୟ ଅସଙ୍ଗତ । ଅର୍ଥାତ୍ ପତ୍ରିକା ଖଣ୍ଡି ବନ୍ଦ କରି ଦେଇ ଭୁନି ହୋଇ ଘରେ ବସ ! ପ୍ରାଣରେ ଅତ୍ୟନ୍ତ ଆଘାତ ଲାଗିଲା । ନୀରବରେ ଦୀର୍ଘ ନିଶ୍ୱାସ ପକାଇ ଘରକୁ ଫେରିଲୁଁ । ଅନେକ ନିକଟସ୍ଥ ବନ୍ଧୁଙ୍କ ନିକଟରେ ହୃଦୟର ବେଦନା ଜଣାଇଲୁଁ । କାହାରଠାରୁ କିଛି ଆଶାର କଥା ବା ସୁପରାମର୍ଶ ପାଇପାରିଲୁଁ ନାହିଁ । କିନ୍ତୁ ଆମ୍ଭେମାନେ ନିରାଶ ବା ନିରୁତ୍ସାହ ହେଲୁ ନାହିଁ । ଆମ୍ଭମାନଙ୍କର ଦୃଷ୍ଟି ପଡ଼ିଲା 'ଉତ୍କଳସାହିତ୍ୟ'ର ଆଠ ଶହ ସୁଶିକ୍ଷିତ ଗ୍ରାହକଙ୍କ ଉପରେ—ଦେଶର ରାଜା, ମହାରାଜ, ସାମନ୍ତ, ଜମିଦାର ଓ ବିଭବଶାଳୀ ବ୍ୟକ୍ତିମାନଙ୍କ ଉପରେ । ଆମ୍ଭେମାନେ ମୁଦ୍ରାଯନ୍ତ୍ର ସ୍ଥାପନ ନିମିତ୍ତ ଗ୍ରାହକବର୍ଗଙ୍କ ନିକଟରେ ଯେଉଁ ନ୍ୟାଯ୍ୟସଙ୍ଗତ ଓ ଅନାୟାସସାଧ୍ୟ ପ୍ରସ୍ତାବ ଉପସ୍ଥିତ କରିଥିଲୁଁ ଏବଂ ଗ୍ରାହକବର୍ଗ ପତ୍ରିକାର ଜୀବନ ମରଣର ସନ୍ଧି ସ୍ଥଳରେ ଯେପରି ବ୍ୟବହାର କରିଅଛନ୍ତି, ତାହା ସମସ୍ତଙ୍କୁ ଜଣା । ସେ କାହାଣୀର ପୁନରୁଲ୍ଲେଖ ନିଷ୍ପ୍ରୟୋଜନ ! ଦୁଧପୋଖରୀ ଦେଖିବାର ଆଶାରେ ସୁଖରେ ନିଦ୍ରିତ ହେଲୁଁ, ସକାଳେ ଉଠି ଦେଖୁଁ, ପାଣିପୋଖରୀଟିଏ ! ଆଉ ଗୋଟିଏ କଥା ଏଠାରେ ଉଲ୍ଲେଖ କରିବା ଆବଶ୍ୟକ । ଆମ୍ଭମାନଙ୍କ ଅନୁଷ୍ଠାନପତ୍ରରେ ଉତ୍କଳର ଦୁଇ ଚାରି ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ଅଭିମତ ସନ୍ନିବେଶିତ କରିବାକୁ ଚେଷ୍ଟା କରି ଆମ୍ଭେମାନେ ଯେପରି ହଟହଟା ହୋଇଅଛୁଁ, ତାହା ଏ ଜୀବନରେ କଦାପି ଭୁଲି ପାରିବୁଁ ନାହିଁ । ସମ୍ପାଦକ ଯେମନ୍ତ ବା ଗୋଟାଏ ଭୀଷଣ ଜନ୍ତୁ, ସେ ଗୋଟାଏ ଭୀଷଣ କାର୍ଯ୍ୟ କରିବାକୁ ବସିଅଛି, ସେଥିରେ କେତେବେଳେ କାହାର କି ଅନିଷ୍ଟ ଘଟିବ କିଏ କହିପାରେ ? ଯେଉଁମାନେ ଅଭିମତ ଦେଇଥିଲେ ବା ଦେବାକୁ ଅଙ୍ଗୀକାର କରିଥିଲେ, ଓଡ଼ିଶାର ଜଣେ ଯୋଗ୍ୟପୁତ୍ର ସେମାନଙ୍କ ମଧ୍ୟରୁ କାହାର କାହାର ଦ୍ୱାରସ୍ଥ ହୋଇ ଏହିପରି ବକ୍ତୃତା ପ୍ରଦର୍ଶନ କରି ସେମାନଙ୍କୁ ନିବୃତ୍ତ କରିଥିଲେ !

ଗ୍ରାହକମାନଙ୍କଠାରେ ସମ୍ପୂର୍ଣ୍ଣ ନିରାଶ ହୋଇ ଆମ୍ଭେମାନେ ଭିକ୍ଷା ଝୁଲି ଘେନି ଘରୁ ବାହାରିଲୁଁ । ବର୍ତ୍ତମାନ ଦେଶଟା ସୁପାରିସର ଲୀଳାଭୂମି ହୋଇ ପଡ଼ିଅଛି, କୌଣସି 'ରାଜପୁରୁଷ' ବା କୌଣସି କ୍ଷମତାଶାଳୀ ବ୍ୟକ୍ତିଙ୍କ ଆଦେଶ ବା ଇଙ୍ଗିତ ବିନା ଦେଶର ଅଧିକାଂଶ ଧନବନ୍ତ ବ୍ୟକ୍ତିଙ୍କ ମନ ଟଳାଇବା ଏକପ୍ରକାର ଅସମ୍ଭବ କହିଲେ ଚଳେ । ସେପରି ଯୋଗାଡ଼ କରି ପାରିଲେ ଯଥେଷ୍ଟ ହେଲା—କାର୍ଯ୍ୟ ଅକାର୍ଯ୍ୟ

Digitized by srujanika@gmail.com

ବୁଝନ୍ତି କେତେ ଜଣ ? ଅମ୍ଭମାନଙ୍କ ନିକଟରେ ସେପରି କୌଣସି ଅସ୍ତ୍ର ନଥିଲା । ଅମ୍ଭେମାନେ ଯେ କାର୍ଯ୍ୟ ସାଧନ କରି ପାରିବୁଁ, ଏପରି ଆଶା ମଧ୍ୟ ଅତି ହୃଦୟରେ ପୋଷଣ କରି ନ ଥିଲୁଁ । ଶେଷ ଚେଷ୍ଟା କରି ପାରିଲୁଁ ନାହିଁ, ଜୀବନରେ ଏପରି ଗୋଟାଏ ଅଭାବର ନିବାରଣ କରନ୍ତୁ, ଏହି ଅଭିପ୍ରାୟରେ ଅମ୍ଭେମାନେ ଏ ପଥରେ ପଦାର୍ପଣ କରିଥିଲୁଁ । ସର୍ବପ୍ରଥମେ ଅମ୍ଭେମାନେ ବର୍ତ୍ତମାନ ଉତ୍କଳର ସର୍ବଶ୍ରେଷ୍ଠ ବ୍ୟକ୍ତିଙ୍କ ନିକଟରେ ଉପସ୍ଥିତ ହେଲୁଁ । ଉତ୍କଳରାଜନ୍ୟବର୍ଗଙ୍କ ଶିରୋଭୂଷଣ ମୟୂରଭଞ୍ଜାଧୀଶ ଶ୍ରୀଯୁକ୍ତ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବ ମହୋଦୟ ଅମ୍ଭମାନଙ୍କ କାର୍ଯ୍ୟର ଗୁରୁତ୍ୱ ଅନୁଭବ କଲେ ଏବଂ ଅମ୍ଭମାନଙ୍କ ପ୍ରାର୍ଥନା ଶ୍ରବଣ କଲେ । ଯଦିଚ ଅମ୍ଭମାନଙ୍କ ପ୍ରାର୍ଥନା ସମ୍ପୂର୍ଣ୍ଣ ସଫଳ ହୋଇ ପାରିଲା ନାହିଁ, ତଥାପି ତାଙ୍କର ସାହାଯ୍ୟ, ତାଙ୍କର ଉତ୍ସାହପୂର୍ଣ୍ଣ ଓ ସହାନୁଭୂତିସୂଚକ ବାକ୍ୟାବଳୀ ଅମ୍ଭମାନଙ୍କ ପ୍ରାଣରେ ଅପାର ସଞ୍ଚାର କରିଦେଲା । ଅମ୍ଭେମାନେ ନବ ଆଶା ଓ ଆକାଂକ୍ଷା ପ୍ରାଣରେ ଧାରଣ କରି କାର୍ଯ୍ୟ କ୍ଷେତ୍ରରେ ଅଗ୍ରସର ହେଲୁଁ, ଫଳ ମଧ୍ୟ ସ୍ପଷ୍ଟ ଲଭ କଲୁଁ—ଅତି ଅଳ୍ପସଂଖ୍ୟକ ସହୃଦୟ ରାଜା, ରାଜକୁମାର, ଜମିଦାର ଓ ଭଦ୍ରବ୍ୟକ୍ତି ଅମ୍ଭମାନଙ୍କର ସହାୟ ହେଲେ । ମାତ୍ର ବର୍ଷବ୍ୟାପୀ ଅକ୍ଳାନ୍ତ ପରିଶ୍ରମ ଓ ନାନାପ୍ରକାର ଚେଷ୍ଟା ସତ୍ତ୍ୱେ ପ୍ରୟୋଜନର ଅର୍ଦ୍ଧାଂଶ ଆୟୋଜନ କରି ପାରିଲୁଁ ନାହିଁ । କେହି କେହି କେବଳ ମୁଖରେ ଆଶା ଦେଇ ନାହାନ୍ତି ! ଏହି ଅବସର ମଧ୍ୟରେ ଅମ୍ଭେମାନେ ଯେ ଗ୍ରାହକମାନଙ୍କ ଆଶା ଏକାବେଳକେ ପରିତ୍ୟାଗ କରିଅଛୁଁ, ତାହା ନୁହେ । ନାନା ପ୍ରକାରେ ସେମାନଙ୍କ ନିଦ୍ରାଭଙ୍ଗ କରାଇବା ଚେଷ୍ଟା କରିଅଛୁଁ—ଅନେକ ସ୍ଥଳରେ ସେମାନଙ୍କ ଦ୍ୱାରସ୍ଥ ହୋଇ ସାମାନ୍ୟ ଦେୟ ଭିକ୍ଷା କରିଅଛୁଁ । ମାତ୍ର ପ୍ରାୟ ସର୍ବତ୍ର ବିଫଳପ୍ରଯତ୍ନ ହୋଇ ନିରାଶାରେ ଅଭିଭୂତ ହୋଇଅଛୁଁ ! ସାହାଯ୍ୟ ପ୍ରାର୍ଥନା କରିବାକୁ ଯାଇ କୌଣସି କୌଣସି ସ୍ଥଳରେ ଅମ୍ଭେମାନେ ଯଥେଷ୍ଟ ଲାଞ୍ଛନା ଭୋଗ କରିଅଛୁଁ—ଯଥେଷ୍ଟ ଶିକ୍ଷା ଲାଭ କରିଅଛୁଁ । ଏହିଠାରେ ଅମ୍ଭମାନଙ୍କର ସୁଖ-ସ୍ୱପ୍ନ ଏକପ୍ରକାର ଭାଙ୍ଗିଗଲା । ଚାକ୍ଷୁଷ ହୋଇ ଦେଖିଲୁଁ, ସଭାର ବେଳେ ଯେଉଁମାନେ ପରମ ବନ୍ଧୁ ବୋଲି ପରିଚୟ ଦେଉଥିଲେ, ଅଭାବ ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ମୁହଁ ମୋଡ଼ି ଦେଇ ବସିଲେ ! ବୁଝିଲୁଁ, ଯେଉଁମାନେ ସ୍ୱଦେଶହିତୈଷୀ ଜନ୍ମଭୂମିର ବରପୁତ୍ର ବୋଲି ପରିଗଣିତ, ସେମାନେ କେବଳ ଖେଳଥିଆ ମଣ୍ଡପରେ ଖେଳ ଧାନ ଜାଣନ୍ତି—ମୁଖ ଦେଖି ତାମ୍ବୁଳ ଦେବାକୁ ଶିଖିଛନ୍ତି ! ଏହିପରି ଜଣେ ବରପୁତ୍ର ଅମ୍ଭମାନଙ୍କୁ ସ୍ପଷ୍ଟ ଭାବରେ କହିଲେ, ସାହିତ୍ୟର ଅଭାବ ଗୋଟାଏ ଅଭାବ ମଧ୍ୟରେ ଗଣ୍ୟ ନୁହେ ! ଏକ ଆଡ଼େ ଅବସ୍ଥା ତ ଏହିପରି, ଅନ୍ୟ ଆଡ଼େ ଲେଖକମାନଙ୍କ ବ୍ୟବହାର ଦେଖି ଅମ୍ଭେମାନେ ମ୍ରିୟମାଣ ! କେବଳ ଦୁଇ ଚାରି ଜଣ ହିତୈଷୀ ବନ୍ଧୁଙ୍କ ସାହାଯ୍ୟ ଓ ଅନୁରାଗ ଯୋଗୁଁ କୌଣସି ପ୍ରକାରେ ପତ୍ରିକାର ଜୀବନରକ୍ଷା ହେଲା, ଏହିମାତ୍ର । ଜଣେ ଅଧେ ଛଡ଼ା ଯୋଗ୍ୟନାମା ସାହିତ୍ୟସେବକ ଓ ଲେଖକଗଣ ଅମ୍ଭମାନଙ୍କୁ ଅସହାୟ ଅବସ୍ଥାରେ ପରିତ୍ୟାଗ କରି ଗୋଟି ଗୋଟି ହୋଇ ଅନ୍ତର ହୋଇଗଲେ ! ଚାରି ଆଡ଼େ କେବଳ ଘନ ଅନ୍ଧକାର !

(ଏତେ ନିରାଶା ଏତେ ଅନ୍ଧକାରରେ ସୁଦ୍ଧା ଅମ୍ଭେମାନେ ଶିକ୍ଷିତ ଉତ୍କଳ ସନ୍ତାନମାନଙ୍କ ଉପରେ ଆଶା ଭରସା ସ୍ଥାପନ କରି କାର୍ଯ୍ୟକ୍ଷେତ୍ରରେ ଅଗ୍ରସର ହେଲୁଁ । ଭାବିଲୁଁ, 'ସାହିତ୍ୟ' ଏହି ଅଗ୍ନିପରୀକ୍ଷାରୁ ଉତ୍ତୀର୍ଣ୍ଣ ହୋଇ ପାରିଲେ ପୁଣି ଏଥର ନୂତନ ଉପସ୍ଥିତ ହେବ—ଆଜି ଯେଉଁମାନଙ୍କର ଅନୁରାଗ ଓ ଅନୁଗ୍ରହ ବିଗଳିତ ଅଛି, ତାହା ପୁନଃପ୍ରାପ୍ତ ହୋଇ ଦିଗ୍ଭଳ ଭୂମିର ଓ ଉତ୍କଳ ଭଣ୍ଡାର ଗୌରବ ବର୍ଦ୍ଧନ କରିବ

Digitized by srujanika@gmail.com

—ପୁଣି ଗ୍ରାହକ ଓ ଲେଖକ ସମସ୍ତେ ଏହାକୁ ଆପଣାର ବୋଲି ଆଦର ଓ ଯତ୍ନ କରିବେ—ଅମ୍ଭେମାନେ ସେତେବେଳେ ଶିକ୍ଷିତ ଦେଶ ସନ୍ତାନମାନଙ୍କଠାରୁ ସର୍ବପ୍ରକାର ସହାୟତା ଲାଭ କରି 'ସାହିତ୍ୟ'ର ସମ୍ୟକ୍ ଶ୍ରୀବୃଦ୍ଧି ସାଧନ କରିବାକୁ ସମର୍ଥ ହେବୁଁ । ଯଥାସମୟରେ 'ଉତ୍କଳ ସାହିତ୍ୟ'ର ନବଜୀବନଲାଭ ବାର୍ତ୍ତା ଗ୍ରାହକ, ଲେଖକ ଓ ପାଠକମାନଙ୍କୁ ଦେଲୁଁ ଏବଂ ତହିଁ ସଙ୍ଗେ ସଙ୍ଗେ ଅମ୍ଭମାନଙ୍କ ଅଭାବ, ଆଶା ଓ ଆକାଂକ୍ଷା ସମସ୍ତ ଜଣାଇଲୁଁ । ଛ ମାସ ଅତୀତ ହେଲା, ଅଧିକାଂଶ ବ୍ୟକ୍ତିଙ୍କର ମନ ଟଳିଲା ନାହିଁ । ପଞ୍ଚମ ବର୍ଷର ଆରମ୍ଭରେ ଅମ୍ଭେମାନେ ନଗଶତ୍ରୁହୃଦୟରେ ୪୦୦ ସୁଶିକ୍ଷିତ ଓଡ଼ିଆପୁଅଙ୍କ ନାମ ଗ୍ରାହକଶ୍ରେଣୀରୁ କର୍ତ୍ତନ କରି ଦେଲୁଁ । ଏ ୪୦୦ ବ୍ୟକ୍ତିଙ୍କ ମଧ୍ୟରେ ରଜା, ଜମିଦାର, ଦେୱାନ, ମ୍ୟାନେଜର, ହାକିମ, ଓକିଲ, କିରାଣୀ, ଶିକ୍ଷକ ସବୁ ଅଛନ୍ତି—କେତେ ପୁଣି ଦେଶହିତୈଷୀ ସାହିତ୍ୟସେବକ ବୋଲି ପରିଚିତ ! ଏମାନଙ୍କଠାରେ ଗତବ ଭକାସି 'ଉତ୍କଳସାହିତ୍ୟ'ର ୧୫୦୦ ଟଙ୍କା ବୁଡ଼ିଲା । ଅବଶିଷ୍ଟ ୪୦୦ ବ୍ୟକ୍ତିଙ୍କୁ ଘେନି ଅନ୍ତର ଏକ ବର୍ଷ କଟାଇଲୁଁ । ବର୍ଷ ପୂର୍ଣ୍ଣ ହୋଇଗଲା—ପ୍ରାର୍ଥନା ଉପରେ ପ୍ରାର୍ଥନାର ବିରାମ ନାହିଁ, ଏ ପର୍ଯ୍ୟନ୍ତ ପ୍ରାୟ ୨୦୦ ଗ୍ରାହକ ମୂଲ୍ୟ ଦେବା ବିଷୟରେ ଉଦାସୀନ ରହିଅଛନ୍ତି !)

ଏ ତ ଗଲା ଗ୍ରାହକମାନଙ୍କ କଥା; ଲେଖକମାନଙ୍କ କଥା କଣ କହିବୁଁ ? ସମଗ୍ର ଉତ୍କଳଭାଷୀ ପ୍ରଦେଶ ମଧ୍ୟରେ ଯେ ଯେଉଁଠାରେ ସୁଲେଖକ ଅଛନ୍ତି, ଅମ୍ଭେମାନେ ପ୍ରାୟ ସମସ୍ତଙ୍କୁ ବାରମ୍ବାର ଅନୁରୋଧ କରିଅଛୁଁ ଏବଂ ଏ ପର୍ଯ୍ୟନ୍ତ କରୁଅଛୁଁ । ମାତ୍ର କାହିଁ ? କେତେ ଜଣଙ୍କ କର୍ଣ୍ଣରେ ଅମ୍ଭମାନଙ୍କ କାତରୋକ୍ତି ପ୍ରବେଶ କରୁଅଛି ? ଯେଉଁମାନେ ଉଚ୍ଚଶିକ୍ଷାପ୍ରାପ୍ତ ଓ ଉଚ୍ଚପଦସ୍ଥ, ସେମାନଙ୍କ ମଧ୍ୟରୁ ଷୋଳ ଅଣା ଲୋକ ପରସା ଏ ପାପ କାର୍ଯ୍ୟରେ ଲିପ୍ତ ହେବାକୁ ନାରାଜ—ଅନେକେ ତ ସର୍ଗ ଦୋଷ ନାମର ସଙ୍ଗଙ୍କ ! ପ୍ରାଚୀନ ସୁଲେଖକ କେତେ ଜଣ ଜନ୍ମେ ଜାର୍ଗ କ୍ଷେତ୍ରରୁ ଅପସୃତ ହୋଇ ପଡ଼ି ଅଛନ୍ତି, ନବୀନ ଦଳ ମଧ୍ୟରେ ଯଥାର୍ଥ ସାଧକ ବିରଳ, ଅଧିକାଂଶଙ୍କ ଉତ୍ସାହ ଉଦ୍ୟମ ଦୁଇ ଦିନରେ ନେଇଁ ଅନ୍ତେ ଅଦୃଶ୍ୟ ହୋଇ ଯାଉଅଛି । କାହାକୁ ଦୋଷ ଦେବୁଁ ? ସେମାନେ ସାଧାରଣଙ୍କଠାରୁ ଯେପରି ଉତ୍ସାହ ପାଉଅଛନ୍ତି, ସେଥିରେ ଏପରି ନ ହୋଇ ଆଉ କଣ ହେବ ? ତଥାପି ଯେ କେହି କେହି ଉତ୍ସାହ ଅକ୍ଷୁଣ୍ଣ ରଖି ଧୀରେ ଧୀରେ ଅଗ୍ରସର ହେଉଅଛନ୍ତି, ଏହା ସେମାନଙ୍କ ପକ୍ଷରେ ଅତ୍ୟନ୍ତ ପ୍ରଶଂସାର କଥା । ମାତ୍ର ଦେଖି ଶୁଣି ଆଉ କାହାର ଉପରେ କିଛି ଆସ୍ଥା ସ୍ଥାପନ କରିବାକୁ ପ୍ରବୃତ୍ତି ହେଉ ନାହିଁ । ସାହିତ୍ୟ ନାମରେ କେବଳ କେତେଗୁଡ଼ାଏ ଅସାର ପଦ୍ୟ ଅର୍ଦ୍ଧଶିକ୍ଷିତ ବା ସ୍କୁଲବୃତ୍ତି ସ୍କୁଲ ବାଳକମାନଙ୍କ ଲେଖନୀରୁ ନିର୍ଗତ ହେଉଅଛି । ସେଗୁଡ଼ିକ ସାହିତ୍ୟର ଆବର୍ଜନା ମାତ୍ର । ଚିନ୍ତାଶକ୍ତି ନାହିଁ, ସାହିତ୍ୟର ଉନ୍ନତ ଆଦର୍ଶ ସଙ୍ଗେ ପରିଚୟ ନାହିଁ, ଲୋକେ ଲେଖନୀ ଧାରଣ କରି କାବ୍ୟ, ନାଟକ, ଉପନ୍ୟାସ, ସମାଲୋଚନା, ସବୁ ଲେଖିବାକୁ ବସିଗଲେ ! କେବଳ ସେତିକି ନୁହେଁ—ଦୁଇପଦିଆ ପୁସ୍ତକ ଛପାଇ ଗ୍ରନ୍ଥକାର ଏବଂ ଅଢ଼େଇପଦିଆ ପତ୍ରିକା ଚଳାଇ ସମ୍ପାଦକ ହେବାର ଦୁରାଶା ମଧ୍ୟ ଅନେକଙ୍କ ମଧ୍ୟରେ ଦେଖାଯାଏ । ଜଣେ ସମ୍ପାଦକ କଥାପ୍ରସଙ୍ଗରେ କହିଥିଲେ, "ମୋର ପତ୍ରିକାପାଇଁ ପ୍ରବନ୍ଧର ଅଭାବ ହେବ ନାହିଁ ।" ଅମ୍ଭେମାନେ ବିସ୍ମିତ ହୋଇ ପଚାରିଲୁଁ, କିପରି ? ଉତ୍ତର—"ମୋର '——'କାବ୍ୟକୁ ତ ପତ୍ରିକାରେ ସ୍ଥାନ ନାହିଁ, ଅନ୍ୟ ପ୍ରବନ୍ଧ କଣ ହେବ !" ଆଉ ଜଣେ ଯୁବା ସମ୍ପାଦକ ସେଦିନ କହିଲେ, "ଅମ୍ଭମାନଙ୍କ ସଭାରେ ଯେତେ ଗଦ୍ୟ ପଦ୍ୟ ପ୍ରବନ୍ଧ ପଢ଼ାଯାଏ, ସେହିଗୁଡ଼ିକ ପ୍ରକାଶ କରିବାକୁ ତ ସ୍ଥାନ ଅଣ୍ଟିବ ନାହିଁ ।"

Digitized by srujanika@gmail.com

ଅମ୍ଭମାନଙ୍କ ଭିତରୁ ଓଡ଼ିଆ ସାହିତ୍ୟର ସୌଭାଗ୍ୟ-ରବି ଉଦିତ ହେବାକୁ ଆଉ ବିଳମ୍ବ ନାହିଁ! ପରେ କିଛି ନାହିଁ, ସାର ବସ୍ତୁ କିଛି ମିଳୁ ନାହିଁ, ସ୍ୱତନ୍ତ୍ର ଗୁଡ଼ ଗୋବର, ମାଟି ଗୋଡ଼, ଯାହା ପାଉଛ, ଅଣ ଯାଅ! ଏହି କଣ ନୂଆ ? ଏକ ଅତି ସ୍ଥୂଳ ଅସ୍ୱାସ୍ଥ୍ୟର ନ୍ୟୁନତା, ଅନ୍ୟ ଅତି ଅବନତିର ବୃଦ୍ଧି! ବର୍ତ୍ତମାନ ଓଡ଼ିଆ ସାହିତ୍ୟର ମାବାପ ନାହିଁ । ସମସ୍ତେ ସ୍ୱସ୍ୱପ୍ରଧାନ—ସମାଲୋଚନା-ଅସହିଷ୍ଣୁ । ହାୟ! ସାହିତ୍ୟ କ୍ଷେତ୍ରରେ କେତେ ବଡ଼ ବଡ଼ ଶୂନ୍ୟ ପଡ଼ି ରହିଅଛି, କୌଣସି ଆଡ଼କୁ କେହି ଦୃଷ୍ଟି ଦେବାକୁ ନାହିଁ, ସଙ୍କୀର୍ଣ୍ଣ ସୀମା ମଧ୍ୟରେ ସମସ୍ତେ ଆବଦ୍ଧ । ଏଥିରେ ସାହିତ୍ୟର କି ଉନ୍ନତି ଆଶା କରାଯାଇ ପାରେ ? ('ଉତ୍କଳସାହିତ୍ୟ' ଅଗ୍ନିପରୀକ୍ଷାରୁ ଉତ୍ତୀର୍ଣ୍ଣ ହୋଇଅଛି ସତ୍ୟ, ମାତ୍ର ପ୍ରବଳ ଜୀବନ-ସଂଗ୍ରାମ ତାହାର ସମ୍ମୁଖରେ ଉପସ୍ଥିତ—ଅଭାବର ତୀବ୍ର ତାଡ଼ନାରେ ସେ ନିୟତ ଅସ୍ଥିର! ପାଞ୍ଚବର୍ଷ ଅତୀତ ହେଲା, ଅଥଚ ଅମ୍ଭେମାନେ ଏହାର ଆକାର ବା ପ୍ରକାର କୌଣସି ବିଷୟରେ କିଛି ଉନ୍ନତି ସାଧନ କରି ପାରିଲୁଁ ନାହିଁ, ଏ ଦୁଃଖ ରଖିବାର ସ୍ଥାନ ନାହିଁ । ଯେତେବେଳେ ଅନ୍ୟାନ୍ୟ ପ୍ରଦେଶର କୌଣସି ଖଣ୍ଡିଏ ପତ୍ରିକା ସହିତ 'ଉତ୍କଳ-ସାହିତ୍ୟ'କୁ ଏକତ୍ର ଦେଖୁଁ, ସେତେବେଳେ ଲଜ୍ଜା, ଘୃଣା ଓ କ୍ଷୋଭରେ ହୃଦୟ ମ୍ରିୟମାଣ ହୋଇଯାଏ । ଅର୍ଥାଭାବ ତାହାର ପ୍ରଧାନ କାରଣ ହେଲେ ମଧ୍ୟ ସୁଲିଖିତ ପ୍ରବନ୍ଧର ଅଭାବ ଅନ୍ୟତର କାରଣ ଅଟେ । ଉଭୟତଃ କି କଷ୍ଟରେ ଅମ୍ଭେମାନେ କାର୍ଯ୍ୟ ଚଳାଉଅଛୁଁ, ତାହା ଅନ୍ତର୍ଯ୍ୟାମୀ ଜାଣନ୍ତି । କାହାକୁ କହିବୁଁ ? କିଏ ବା ଶୁଣିବ ? କହି କହି ତ ଯୋଡ଼ିଏ ହୋଠ ଗଲୁଣି, କେତେଜଣ ଅମ୍ଭମାନଙ୍କ ମନର ଭାବ ବୁଝିଲେ ? ପ୍ରକୃତ ଅବସ୍ଥା ଉପଲବ୍ଧି କଲେ ? ବରଂ ଦେଖିଅଛୁଁ, ଅନେକେ କଳ୍ପନା ପ୍ରଭାବରେ ସମ୍ପୂର୍ଣ୍ଣ ବିପରୀତ ଧାରଣା ହୃଦୟରେ ପୋଷଣ କରି ରଖିଅଛନ୍ତି !)

ଏହି ଦୁଇଟି କାରଣରୁ ଜାତୀୟ ସାହିତ୍ୟର ଶ୍ରୀବୃଦ୍ଧି ସାଧିତ ହୋଇପାରେ । ପ୍ରଥମ, ଶିକ୍ଷିତ ସମାଜର ଅନୁରାଗ ଓ ଉତ୍ସାହ; ଦ୍ୱିତୀୟ, ଧନ-ସହାୟତା । ଏ ହତଭାଗ୍ୟ ଦେଶରେ ଉଭୟ ପାର୍ଶ୍ୱ ଅନ୍ଧକାର-ପୂର୍ଣ୍ଣ! ଅମ୍ଭେମାନେ ଓଡ଼ିଆ-ଭାଷୀ ପ୍ରଦେଶ ମଧ୍ୟରେ ନାନାସ୍ଥାନ ଭ୍ରମଣ କରି ସକଳ ଶ୍ରେଣୀର ଶିକ୍ଷିତ ବ୍ୟକ୍ତିମାନଙ୍କର ଭାବ ଚାଲି ଯାହା ଅନୁଧାବନ କରି ଦେଖିଅଛୁଁ, ସେଥିରେ ହୃଦୟ ମନ ଅବସନ୍ନ ହୋଇ ପଡ଼ୁଅଛି । ଏପରି ଜଡ଼ତା, ଏପରି ଔଦାସୀନ୍ୟ କି ଅନ୍ୟ କୁତ୍ରାପି ଥାଇ ପାରେ ? ଯେଉଁମାନେ ଉଚ୍ଚ ଶିକ୍ଷାର ଅଙ୍କମାନରେ, ଜାତୀୟତାର ଅଙ୍କମାନରେ ଝଲମଲ, ସେହିମାନଙ୍କ ମଧ୍ୟରେ ପ୍ରକୃତ ମନୁଷ୍ୟତ୍ୱର ଅଭାବ, ଉଚ୍ଚ ଆକାଂକ୍ଷାର ଅଭାବ ଅଧିକ । ଜାତୀୟ ଶ୍ରୀବୃଦ୍ଧି ପାଇଁ ତୁମ୍ଭେ ବର୍ତ୍ତମାନ ସ୍ୱାର୍ଥ ବିସର୍ଜନ କରିବ ନାହିଁ—ଦେହ ମନ ଅର୍ଥ ସବୁ ସଙ୍କୁଚିତ କରି ରଖିବ, ଅଥଚ ଜାତିଟା ଶୂନ୍ୟେ ଶୂନ୍ୟେ ଉଡ଼ି ଗୌରବ-ମଞ୍ଚର ଉଚ୍ଚତମ ସୋପାନରେ ବସିଯିବ, ଏହାଠାରୁ ବଳି ଅସାର କଳ୍ପନା ଆଉ କଣ ହୋଇ ପାରେ ? ଓଡ଼ିଆ ଜାତି ଆଉ କିଛି ଶିଖନ୍ତୁ ବା ନ ଶିଖନ୍ତୁ, ନିକଟସ୍ଥ ଜାତିମାନଙ୍କଠାରୁ ବାକ୍ୟାଡମ୍ବରଟା ବେଶ୍ ଶିଖି ନେଇଅଛନ୍ତି । ସଭାର ହଣା ଲୋକଙ୍କର କେବଳ କଥା ମାତ୍ର ସାର । 'ବାହାବା' ଦେଇ ଦଣ୍ଡକେ ସେମାନେ ତୁମ୍ଭଙ୍କୁ ସ୍ୱର୍ଗକୁ ଉଠାଇ ଦେବେ, କାର୍ଯ୍ୟକାଳରେ ସାକ୍ଷାତ୍ ପର୍ଯ୍ୟନ୍ତ ନାହିଁ ! ପ୍ରାୟ ପ୍ରତ୍ୟେକ ସ୍ଥାନରେ ଦେଖିଲୁଁ, ଜଣେ, ଦୁଇ ଜଣ, ଚାରି ଜଣ, ଅକୃତ୍ରିମ ଅନୁରାଗୀ ବ୍ୟକ୍ତି ରହି ଅଛନ୍ତି, ମାତ୍ର 'ଅବହାଓଆ' ପ୍ରଭାବରୁ ସେମାନଙ୍କ ଉତ୍ସାହ ଉଦ୍ୟମରୁ ହାର ପଣ—ସ୍ଥଳବିଶେଷରେ ସମ୍ପୂର୍ଣ୍ଣ ଟୋଲପଣ କେଉଁ ଆଡ଼େ ଅନ୍ତର୍ହିତ ହୋଇ ଯାଇଅଛି । ଉଚ୍ଚ ଆକାଂକ୍ଷା ନାହିଁ,—ଆକାଂକ୍ଷା ଜାଗରଣ ନିମିତ୍ତ ପ୍ରାଣରେ ବ୍ୟାକୁଳତା ମଧ୍ୟ ନାହିଁ । ଅତି ସଦ୍ ଅତି ହୀନ ଆଦର୍ଶ ସମ୍ମୁଖରେ ରଖି ଜୀବନ ଯାପନ । ସ୍ଥୂଳ କଥା, ଜୀବନ ସଙ୍ଗେ

Digitized by srujanika@gmail.com

ଏ ପର୍ଯ୍ୟନ୍ତ ପରିଚୟ ଘଟି ନାହିଁ । ଏଣୁ ଜାତୀୟ ଦୃଷ୍ଟାନ୍ତ ସମ୍ମୁଖରେ ନ ରଖିବା ଦେଖି, ଅବସ୍ଥାର ସଂଘର୍ଷଣରେ ପରିପିଷ୍ଟ ହୋଇ ବୁଝିବା ଯେ ଏ ଜାତିର ଚୈତନ୍ୟୋଦୟ ହେଉ ନାହିଁ, ଏହି ହେତୁ ! କେବେ ହେବ କିଏ କହିପାରେ ? ଏ ଜାତି ନାହିଁକି ଅନ୍ୟ ନିକଟରେ ପଦଦଳିତ, ଲାଞ୍ଛିତ, ଅପମାନିତ ନ ହେବ ? ଯେ ଭାଇକି ଭାଇ ବୋଲି ଆଦର କରି ନ ପାରେ, ସ୍ୱଜାତୀୟକୁ ଆପଣାର ବୋଲି ଶ୍ରଦ୍ଧା କରି ନ ପାରେ, ସ୍ୱଦେଶର କୌଣସି କାର୍ଯ୍ୟରେ ହୃଦୟର ମମତା ଓ କାର୍ଯ୍ୟଗତ ସହାନୁଭୂତି ଦେଖାଇ ନ ପାରେ, ତାହା ପକ୍ଷରେ ବାହାରୁ ସମ୍ମାନ ଲାଭର ଆଶା ବାତୁଳତା ନୁହେଁ କି ?

ଅଳ୍ପ ଦିନ ହେଲା ଆମ୍ଭେମାନେ ଦେଢ଼ ମାସ କାଳ ଭ୍ରମଣ କରି ଫେରି ଆସିଅଛୁଁ । ଏହି ସମୟ ମଧ୍ୟରେ ଗାଙ୍ଗପୁର, ସମ୍ବଲପୁର, ବରଗଡ଼, ବରପାଲି, ବଲାଙ୍ଗିର, ସୋନପୁର, ବୌଦ୍ଧ, ଅଠମଲ୍ଲିକ, କରସିଂହପୁର, ବଡ଼ାମ୍ବା ଏହି ସ୍ଥାନମାନ ପରିଦର୍ଶନ କରି ଆସିଲୁଁ । ଆଶା ଥିଲା, ସ୍ୱଜାତୀୟମାନଙ୍କଠାରେ ଜାତୀୟ ସାହିତ୍ୟର ଅଭାବ ଜ୍ଞାପନ କରି ଆମ୍ଭମାନଙ୍କ ଜୀବନର ମହତ୍ କାର୍ଯ୍ୟରେ ସମୁଚିତ ସାହାଯ୍ୟ ଓ ସହାନୁଭୂତି ଲାଭ କରି ନବୋତ୍ସାହରେ କାର୍ଯ୍ୟକ୍ଷେତ୍ରରେ ଅଗ୍ରସର ହେବୁଁ । ଭାବିଥିଲୁଁ, ବଡ଼ ବଡ଼ ରାଜା, ରାଜକୁମାର ପ୍ରଭୃତିଙ୍କ ନିକଟରେ ଓଡ଼ିଆ ସାହିତ୍ୟ ବିଷୟରେ ନାନା ହିତକର ପ୍ରସ୍ତାବମାନ ଉପସ୍ଥିତ କରି ସାହିତ୍ୟୋନ୍ନତିର ମାର୍ଗ ପ୍ରଶସ୍ତ କରିପାରିବୁଁ । କିନ୍ତୁ କାର୍ଯ୍ୟରେ ଯାହା ହେଲା, ତାହା ହୃଦୟରେ ଚିରଜାଗରୂକ ରହିଲା । ଅନ୍ତତଃ ଜଣେ ଗୁରୁ ଶତ ନାନା ଅବସ୍ଥାପନ୍ନ ଶିକ୍ଷିତ ଓଡ଼ିଆପୁଅଙ୍କ ସହିତ ସାକ୍ଷାତ୍ କରି ଦେଖିଲୁଁ, କେବଳ ପ୍ରାଣର ନିରାଶ୍ୟ ଓ ବିଷାଦ ବର୍ଦ୍ଧିତ ହେଲା । ସମସ୍ତ କଥା ପତ୍ରରେ ଲେଖିଲେ ପୋଥି ବଢ଼ି ଯିବ । ଭାବୁଁ, କେଣି ବା ଆମ୍ଭମାନଙ୍କର ଏହି ବ୍ୟକ୍ତିଗତ ଦୁଃଖ ଯାଇ ପାରେ । ଅସମ୍ଭାବଣତଃ ଆମ୍ଭେମାନେ ଓଡ଼ିଆ-ସାହିତ୍ୟକୁ ସାଧାରଣଙ୍କ ଉପଯୋଗୀ କରି ପାରୁ ନାହୁଁ । ମାତ୍ର ତାହା ଜାଣିବୁଁ କେପରି ? ଦେଶ ଗୁଣ ଅନୁରଚନା କରିବ କିଏ ? ପୃଷ୍ଠପୋଷଣ ହେବ କିଏ ? କାହାର କି ଗରଜ ପଡ଼ିଅଛି ? ଆଜ୍ଞା, ଓଡ଼ିଆ ସମ୍ପାଦକ ବା ଓଡ଼ିଆ ପୁସ୍ତକଗୁଡ଼ିକର ପ୍ରଶଂସା କରି ? ହା ବିଧାତଃ ! ଅଦୃଷ୍ଟର ଶୋଚନୀୟ ! ସମ୍ପାଦକ ବୋଲି, ଗ୍ରନ୍ଥକାର ବୋଲି, ସମସ୍ତେ କୃପାଭିଳାଷୀ । ତାଙ୍କ କାହାର ଦୃଷ୍ଟି ନାହିଁ । ବରଂ ଏମାନେ ଅନେକ ସ୍ଥଳରେ ମୁଦ୍ରାର ବ୍ୟାପାରକାରୀ—ସୁତରାଂ ଘୋର ଶତ୍ରୁ ! ଆମ୍ଭମାନଙ୍କର ଜଣେ ଗ୍ରନ୍ଥକାର-ବନ୍ଧୁଙ୍କ ଆଶାପୂର୍ଣ୍ଣ ବାକ୍ୟାବଳୀ ମନେ ପଡ଼ିଲା । ହସିବୁଁ କି କାନ୍ଦିବୁଁ ବୁଝି ପାରିଲୁଁ ନାହିଁ । ଭାବିଲୁଁ, ଏ ହାର କାମ ଓଡ଼ିଆ ପୁସ୍ତକ ପ୍ରତି ଆଦର ? ୫୦୦ ଖଣ୍ଡ ଛପା, ତହିଁରୁ ୧୦୦ ଖଣ୍ଡ ଉପହାର, ଅବଶିଷ୍ଟ ୪୦୦ ଖଣ୍ଡର ବିକ୍ରୟ ପାଇଁ ଆଠ ବର୍ଷ !!! ଧନ୍ୟ ଓଡ଼ିଆପୁଅ ! ଧନ୍ୟ ତୁମ୍ଭର ଶିକ୍ଷା, ଦୀକ୍ଷା, ଆକାଂକ୍ଷା, ଆଦର୍ଶ !!! ସ୍ୱଜାତି, ସ୍ୱଦେଶ, ମାତୃଭାଷା, ଜାତୀୟ ସାହିତ୍ୟ ଇତ୍ୟାଦି କଥାଗୁଡ଼ିକ ଏଜା ତୁମ୍ଭର ମୁଖରେ ଶୋଭା ପାଏ !

ଆଜି ଏତିକି । ଓଡ଼ିଆ ସାହିତ୍ୟ ବିଷୟର ସଜ-ସହାନୁଭୂତି ଲାଭ କରୁଅଛି, ପରବର୍ତ୍ତୀ ସଂଖ୍ୟାରେ ତାହାର କିଛି ଆଭାସ ଦେବାକୁ ଚେଷ୍ଟା କରିବୁଁ ।

Digitized by srujanika@gmail.com

ପାପୀର ଆଶା ।

ରାଣୀ ଶୋଭନାମୋହିନୀ—ଭାବ ଗ୍ରହୀ ।

"ଶ୍ୟାମନାଗର ହେ" ବୃତ୍ତରେ ।

ଦସ୍ୟୁକଥାନ ହେ ଦସ୍ୟୁ ନର ଦଳେ ହାରେ ।
ସେହି ଦସ୍ୟୁଦଳେ ତ ଯେ ପାପୀ
ଏହି ପାପ-ପାରାବାରେ । ଘୋର ।
ଥିଲା ଆଶା, ବଳେ ପୁଣ୍ୟ ଜଟା-ଜୂଟ
ଲଗାଇବି ଶ୍ରୀପଦ୍ମରେ;
ପାପପ୍ରଲୋଭନେ ଭୁଲି ମୂଢ଼ମତି
ପଡ଼ିଛି ସେ ପଙ୍କ ଦୂରେ
(ମୂଢ଼ ମୁହିଁ ପଡ଼ିଛି ସେ ପଙ୍କ ଦୂରେ) । ୧ ।
ଗଲା ପବିତ୍ରତା ଗଲା ମନ ଶାନ୍ତି
ଭ୍ରମେ ବିଷାଦ-ଅନ୍ଧାରେ;
ଶେଷେ ଯେଉଁ ଆଶା ଅନ୍ତର ଲହରୀ
ସେହି ସମ୍ବଳ ପଥରେ
(ଅକିଞ୍ଚନର ସେହି ସମ୍ବଳ ପଥରେ) । ୨ ।
କେତେ ମହାପାପୀ ଅମର ପଦବୀ
ଲଭିଲେ ଯେଉଁ କୃପାରେ,
ତହୁଁ ବଞ୍ଚିଜାଏ ପତିତ ନାହିଁକି,
ମହାପ୍ରଭୁ ଦାନଠାରେ
(ପତୁପତୁ ମହାପ୍ରଭୁ ଦାନଠାରେ) । ୩ ।
ଭଲ ମନ୍ଦ ଥାଏ ସୃଷ୍ଟି ହେଳ ସୀମା
ଯହି ଦେଖନ୍ତି ସଂସାରେ,
ଏସୀମା ସୃଷ୍ଟିର ଦେଖିଲି ହେ ନର
ସେ ସୀମାଟି କେଉଁଠାରେ
(ଦେଖା ମୋତେ ସେ ସୀମାଟି କେଉଁଠାରେ)।୪।

ଶ୍ରୀ ଚନ୍ଦ୍ରମୋହନ ମହାରଣା ।

ମହାମେଧା ।

ବନ୍ଦିତ ପବିତ୍ର ଶୃଙ୍ଗ, 'ସ୍ୱଚ୍ଛୋଦ' ସହରୀ—
କୂଳେ ଶିବାଳୟ ନାନା ଦୃଶ୍ୟର ମଞ୍ଜୁଷା
ମନ୍ଦିରର ମଧ୍ୟଭାଗେ ଛନ୍ଦ ଏକ ବସି
ଧବଳବଦନା ଯୋଗୀ, ନବ ଦେବୀ ଉଷା ।
ଧବଳିତା ମୂର୍ତ୍ତିମତୀ, ପ୍ରସାଦ ବଦନେ
ଜାଣାରେ ଶୋଭିତ ସବ୍ୟ, ରୂପ ମନୋହାରୀ
କିଏ ଏ ମୋହିନୀ ବାଣୀ ବାଳ ତପୋବନେ
ଯୌବନେ କଠିନ ଯୋଗ ସାଧେ ସୁକୁମାରୀ ।
ଅୟି ଦେବି ! ମହାମେଧେ ! ଏ ପୂର୍ଣ୍ଣ ଯୌବନେ
ମୂର୍ତ୍ତି ଅପଘନେ ସହ ଦୁଃସହ ବେଦନା
ଦୃଢ଼ ବ୍ରହ୍ମଚର୍ଯ୍ୟବ୍ରତ ଆଚର ସୁମନେ
କି ଉଦ୍ଦେଶ୍ୟ ସାଧ ଏତେ କଠିନ ସାଧନା ?
ଧନ୍ୟ ଭୂମିର ସଖୀରୁ ପବନ ଦୃଢ଼ସ୍ଥ
'ଆକୃତ ସହିତ ଗୁଣ ବସନ୍ତ' ନାସ୍ତ୍ୟ : ✝

ଶ୍ରୀ —

✝ 'ଯତ୍ରାକୃତ ସ୍ତତ୍ର ଗୁଣା ବସନ୍ତ'

Digitized by srujanika@gmail.com

ଉତ୍କଳ ସାହିତ୍ୟ ।

ଅପୂର୍ବ ମିଳନ ।

(ଐତିହାସିକ ଉପନ୍ୟାସ ।)

ପଞ୍ଚଦଶ ପରିଚ୍ଛେଦ ।

ପଲ୍ଲୀ—ମରହଟ୍ଟା ।

ମଧୁମକ୍ଷି କାନ୍ତିରେ ସବୁ ଦଳେ ଯେପରି ଗଢ ପାନ୍ତି, ଆଜି ମଧ୍ୟ ସେହିପରି ପାହୁଅଛନ୍ତି । ଜଗା ପଟ୍ଟେ ସିଂହ ମା ପ୍ରତିଦିନ ପ୍ରାତଃକାଳରେ ଟୋକେଇଟିଏ କାଖେଇ କଣ୍ଟିଆ ହସ୍ତରେ ବାଉଁଶ ବାଡ଼ି ଖଣ୍ଡିଏ ଧରି ଠୁକୁର ଠୁକୁର କରି ଘସି ଗୋଟାଇବାକୁ ବାହାରେ, ଆଜି ମଧ୍ୟ ସେହିପରି ବାହାରିଅଛି । ସବୁବେଳେ ବର୍ ବର୍ କରି ଯାହାକୁ ତାହାକୁ ଗାଳି ଦେବାଟା ତ ତାହାର ଅଭ୍ୟାସ, ଆଜି ମଧ୍ୟ ସେହିପରି ବର୍ ବର୍ ହୋଇ ଯାଉଅଛି । ସେହି ଛୋଟ ବରମୂଳରେ ଠିଆ ହେଲା, ବୋଧ ହୁଏ କାଲି କଥାଟା ମନରେ ପଡ଼ିଗଲା । ବାଡ଼ି ଭରା ଦେଇ ଛିଡ଼ା ହେଲା, ଗଛମୂଳକୁ ଭଲ କରି ଅନାଇଲା, ବୃକ୍ଷ ଅଗ୍ରକୁ ଅନାଇଲା, କେହି ନାହିଁ । ତାହା ମୁଖଭଙ୍ଗୀରୁ ଜଣାଯାଏ କିଛି କ୍ଷୁଣ୍ଣ ହେଲା । ସେହି ସ୍ଥାନଟିକୁ ଭେଟିଥିଲେ ଆଉ ଥରେ ଭଲ କରି କଳି ଲଗାଇ ଶାନ୍ତ ଲାଭ କରିଥାନ୍ତା । ତଥାପି ସେ ବରମୂଳକୁ ଅନାଇ ସ୍ତ୍ରୀଲୋକଙ୍କ ଉଦ୍ଦେଶ୍ୟରେ ଖୁବ ଥରେ କଳି କଲା ।

ହାଲି ବର୍ତ୍ତମାନକୁ ଗ୍ରାମଲୋକେ ସନ୍ଧ୍ୟା ଉତ୍ତାରେ ଯେପରି ଭୁକ୍ ଭାକ୍ ହୋଇ ଶୋଇ ପଡ଼ନ୍ତି, ଗତ ରାତ୍ରିରେ ସେମାନଙ୍କ ଅଦୃଷ୍ଟରେ ସେପରି ଘଟି ନାହିଁ । ଭାରି ଗୋଟାଏ ଅନିଷ୍ଟ ଘଟି ଯାଇଅଛି । ଜଗା ପଟ୍ଟେ ସିଂହ ମା ଲୋକମାନଙ୍କୁ ଗାଳି ଦେଇ ସାରି ଘରକୁ ଯାଇ ତାହା ଘର ପିଣ୍ଡାରେ ଦୁଇ ଗୋଟି ବୁଢ଼ୀ ବସିଥିବାର ଦେଖିଲା, ଭାରି ଖପା ହୋଇ ସେମାନଙ୍କ ସଙ୍ଗରେ କଳି ଲଗାଇଲା, ବାଡ଼ି ଉଞ୍ଚାଇ ବାଡ଼େଇବାକୁ ଧାଇଁଲା । ସ୍ତ୍ରୀଲୋକ ଦୁଇଟି ବାକ୍ୟ ବଳଦ୍ୱାରା ନିଜ ନିଜ ନିର୍ଦ୍ଦୋଷତା ସାବ୍ୟସ୍ତ କରିବା ନିମନ୍ତେ ନାନା ପ୍ରକାର ଯୁକ୍ତି ଏବଂ ପ୍ରମାଣ ପ୍ରୟୋଗ କରିବାକୁ ଲାଗିଲେ, ହେଲେ ପଟ୍ଟେ ସିଂହ ମାର ତାହିଁରେ କର୍ଣ୍ଣପାତ ନାହିଁ, କେବଳ ଗାଳି, ଅନର୍ଗଳ ଗାଳି । ଗାଳିର ଭାଷାଟା ଏହି;—ଯେଡ଼ାମୁହିଁଏ ଅଳପାଇସେ, ନଥିଖାଇବ, ମୋ ମାଲମତା ଲୁଟି ନେଲ, ପୁଅମାନଙ୍କୁ ମାଡ଼ ପକେଇଲ, ବୋହୂଗୁଡ଼ାଙ୍କୁ ଧରି ନେଲ, ଇତ୍ୟାଦି ଇତ୍ୟାଦି । ଏକ ପକ୍ଷରୁ ବିରକ୍ତି, ଅନ୍ୟ ପକ୍ଷରୁ ବିନୟ; କେହି କାହାର କଥା ବୁଝିବାକୁ ନାହିଁ—ବାଘୁଣୀ ବାଡ଼େଇବାକୁ ଚାହିଁବାରୁ ବୁଢ଼ୀ ଦୁଇଟି ବ୍ୟାକୁଳରେ ସ୍ୱାମୀ ପୁତ୍ରଙ୍କ ନାମ ଈଶ୍ୱରଙ୍କ ନାମ ଉଚ୍ଚାରଣ କରି ଏପରି ଉଚ୍ଚ ସ୍ୱରରେ କାନ୍ଦ ପକାଇଲେ ଯେ ଛୋଟ ମନ୍ଦିର ମଧ୍ୟରେ ପ୍ରତିଧ୍ୱନିତ ହୋଇଥିଲା । ମନ୍ଦିରଟା ଜଗା ପଟ୍ଟେ ସିଂହ ଘରଠାରୁ ଦୁଇ ଶ ହସ୍ତରୁ ବେଶି ଦୂରବର୍ତ୍ତୀ ନୁହେ, ମଧ୍ୟରେ ଦୁଇଟା ଘର ବ୍ୟବଧାନ ମାତ୍ର । ପଟ୍ଟେ ସିଂହ ମା କଳିରେ କ୍ଲାନ୍ତ ହୋଇ ବର୍ ବର୍ ହୋଇ • ଘରକୁ ବାହାରିଗଲା ।

ପଡ଼ୋଶୁଣୀ ରାଜୀବ ପାତ୍ରଙ୍କର ବିଧବା ଭଉଣୀ ସୀତା ଅଳ୍ପ ଦୂରରେ ଛିଡ଼ା ହୋଇ ସବୁ ଦେଖ

Digitized by srujanika@gmail.com

ମାତ୍ର କାର୍ଯ୍ୟକଳାପ ଦେଖୁଥିଲେ, ବଦେଶିକା ଦଉଡ଼ିଙ୍କୁ ରକ୍ଷା କରିବାକୁ ଇଚ୍ଛା, ମାତ୍ର ନିଜର ଅଂଶ ପାଇବା ଭୟରେ ଭରସି ପ୍ରାଣପଣେ ପାରୁ ନାହିଁ । ଘଣ୍ଟେ ଚିନ୍ତା ମାତ୍ର ଦୃଷ୍ଟି ସାଧିକା ଉପରେ ପଡ଼ିଗଲା, କହିଲା—ସାହିଁକୁ କଣ କି, ଏହି ତ ହୁଇଟା, ଅଉ ଗୋଟାଏ ମରହଟ୍ଟା ଆସି ଗୋଠ ଭିଡ଼ ମୂଳରେ ବସିଲାଣି । ଆଉ ଘରେ କଥା ଅଛି ପାଉଣି ଅଛି ନେବେ । ସାଧିକା ଚମକି ପଡ଼ ଥର ଥର ପଚାରିଲା, ଏଁ କଣ କି ! ଗୋଠଯାଏ ଆସିଲେଣି ? ସାଧିକା ଗୋଠଯାଏ ଗଲେ ଯାଇ ଥିଲେ ପ୍ରକୃତ ମରହଟ୍ଟାର ପଟେ ଚପୁ ପାଇ ଥା'ନ୍ତା । ହେଲେ ବାଘ ଆସିଅଛି ସତ୍ୟ ମିଥ୍ୟା ପ୍ରମାଣ କରନ୍ତେ ତାହାପାଖକୁ ଯାଇ ଦେଖିବା ବୁଦ୍ଧିମାନର କାର୍ଯ୍ୟ ନୁହେଁ । ପ୍ରକୃତରେ ସାଧିକା ବଡ଼ ବୁଦ୍ଧିମତୀ ବୋଲି ଗ୍ରାମରେ ପରିଚିତ । ମୁହୂର୍ତ୍ତମଧ୍ୟରେ ସିଦ୍ଧାନ୍ତ କରି ପକାଇଲା, ବାଘୁଣୀ ବୁଢ଼ୀଟା ବୁଝି ପାରି ନାହିଁ, ମରହଟ୍ଟା ହଜାର ହଜାର ଆସନ୍ତି' ନିକଟରେ ହଜାରେ ଆସିଥିବେ, ଘୋଡ଼ାରେ ଚଢ଼ି ଆସିଥିବେ । ଗୋଟାଏ ଉତ୍କଟ ରଡ଼ି କଲା, ପଳା ରେ ପଳା ରେ ! ହଜାରେ ମରହଟ୍ଟା, ଘୋଡ଼ାରେ ଚଢ଼ି ଗୋଠଯାଏ ଅଇଲେଣି କହୁଁ ହଉଡ଼ରେ ଗାଁ ଏ ମୁଣ୍ଡ ସେ ମୁଣ୍ଡ ଚହଳ ପଡ଼ିଗଲା । ସମସ୍ତଙ୍କ ମୁଖରେ ଏକକଥା, ପଳା ରେ ପଳା ରେ, ମରହଟ୍ଟା । ଯେ ଯେଉଁଠାରେ ଥିଲା ପାଟି କରି ପକାଇଲା । କିଏ ତୋରଣୀ ମନ୍ଦାଏ ପିଉଥିଲା, ଦରପିଆ ହୋଇ ଯାଉଛି । କିଏ କାହିଁ ଲୁଗାଟା ଚୁଲିମୁହଁରେ ପକାଇ ଫୁଙ୍କୁଥିଲା, ଛାଡ଼ ପଳାଉଛି । କିଏ ଗୁଡ଼ି ଖାଉଥିଲା, ଅଇଁଠ ହାତରେ ଯାଉଛି, ହାତ ଧୋଇବାକୁ ତର ନାହିଁ, କିଏ ଶୋଇବା ପାଇଁ ବେଣ୍ଟଟା ପାରୁଥିଲା, କିଏ ଘର ଅଗଣା ଖରଡୁଥିଲା, କିଏ ହଡ଼ାଟାକୁ ବାନ୍ଧୁଥିଲା, କିଏ କଥା କହୁଥିଲା, କିଏ କଥା ଶୁଣୁଥିଲା, ଠାଁ ଜାଗାରୁ ପାଟି କରି ଧାଉଁଛନ୍ତି । କେତେ ମାଆଙ୍କ କାଖ ପିଲାଟା ମୁହଁରେ ଭାତ ଦଟା ଗୁଣ୍ଡି ଦେଉଥିଲା, ତେଣିକର ହାତରେ ପିଲାଟର ତେଣା ଧରି ଧାଉଁଛି, କାନ୍ଦିବାକୁ ଅବସର ନାହିଁ । ପିଲାଟା ଭେଁ ଭେଁ କରି ରଡ଼ ଛାଡ଼ୁଛି । ମା ରଡ଼ ଛାଡ଼ୁଛି, ପଳା ମରହଟ୍ଟା । ଦଣ୍ଡକ ମଧ୍ୟରେ ଏତେ ଗ୍ରାମଟା ନିସ୍ତବ୍ଧ ହୋଇଗଲା । ଘନ ଅନ୍ଧକାର, ଗ୍ରାମ ଅର୍ଦ୍ଧ କ୍ରୋଶ ଦୂରରେ ବଣ । ଏହି ଅନ୍ଧକାର ବା ବଣ ଗ୍ରାମବାସିଙ୍କ ପକ୍ଷରେ ସୌଭାଗ୍ୟ ବା ଦୁର୍ଭାଗ୍ୟର କାରଣ ହୋଇଥିଲା । କାରଣ ସେମାନଙ୍କୁ ଅଧିକ ବାଟ ଧାଇଁବାକୁ ପଡ଼ିଲା ନାହିଁ । ବଣରେ ବାଘ ଭାଲୁ, ଅନ୍ଧକାରରେ ଡରକୁ ପଶୁଛି କିଏ ? ବଣ ଧାର ବୁଦା ମୂଳରେ ସମସ୍ତେ ଗୋଡ଼ଗୁଡ଼ି ଭୁକ ହୋଇ ବସିଛନ୍ତି । କାହାର ପାଟିରେ କଥା ନାହିଁ, କେହି ମାଇକିନିଅ କାନ୍ଥିଲା ପିଲା ମୁହଁରେ ସ୍ତନଟା ଗୁଞ୍ଜି ଦେଇ ସାବଧାନରେ ଧୀରେ ଧୀରେ ମୁଣ୍ଡଟା ଥାପୁଡ଼ି ଦେଉଛି, କାରଣ ପିଲାକାନ୍ଦଣା ଶୁଣି ମରହଟ୍ଟା ଧାଇଁ ଆସିବାର ସମ୍ପୂର୍ଣ୍ଣ ସମ୍ଭାବନା । ମଶା ଡାଆଁଶଗୁଡ଼ାକ ଭଣ ଭଣ ହୋଇ ଦେହରେ ଲାଗିଛନ୍ତି, ପଟ କରି ଚାପୁଡ଼ାଟା ମାରିବାର ବାଟ ନାହିଁ, କାଳେ ମରହଟ୍ଟା ଶୁଣି ପାରିବ । ହାୟ ! ହାୟ ! ଏଠାରେ ମଧ୍ୟ ଶାନ୍ତି ନାହିଁ । ପଛେ ମରହଟ୍ଟା ଘୋଡ଼ା ଧଡ଼ ଧଡ଼ କରି ବଣକୁ କମ୍ପିତ କରି ଧାଇଁଗଲେ । ଆଉ କି ରକ୍ଷା ଅଛି ? ଦେ ପଳା—ପଳା ପଳା—ପଳା । ନିବିଡ଼ ଅନ୍ଧକାର ବଣ ମଧ୍ୟରେ ଧାଉଁଛନ୍ତି । କଣ୍ଟା ଖୁଞ୍ଚି ଲାଗି ଲୁଗାପଟା ଫାଳ ଫାଳ ହୋଇ ଚିରି ଗଲାଣି । ଗୋଡ଼ ହାତ ଚିରି ଅମୃତ ଯାଇ ଝର ଝର ହୋଇ ରକ୍ତ ବହୁଛି । ଆରେ ବାଘ ଭାଲୁ ? ବାଘ ସିନା ଗୋଟାଏ ଯୋଡ଼ାଏ ମନୁଷ୍ୟ ଖାଇବ, ମରହଟ୍ଟା ହାତରୁ ଯେ କାହାର ରକ୍ଷା ନାହିଁ । ବଣର ବାଘ ଭାଲୁଗୁଡ଼ାକ ଭାଳୁଥିବେ, ଆଜି ଏ କି ବିପଦ ? ସେମାନେ ଗ୍ରାମବାସିଙ୍କ ପରି ବୁଦ୍ଧିମାନ୍ ହୋଇଥିଲେ ମନରେ କରନ୍ତେ ଅଦ୍ୟାବଧି ମରହଟ୍ଟାଙ୍କ ଯୋଗେ ବଣରେ ମଧ୍ୟ ଶାନ୍ତି ନାହିଁ ।

Digitized by srujanika@gmail.com

ଆମ୍ଭମାନଙ୍କୁ ସମସ୍ତ କଥା ବୁଝି ସୁଝି ଲେଖିବାକୁ ହେବ; ଉତ୍ତମରୂପେ ଅନୁସନ୍ଧାନ କରି ବୁଝିଅଛୁଁ ପ୍ରକୃତ ସେ ରାତିରେ ମରହଟ୍ଟାଙ୍କ ଘୋଡ଼ା ବଣକୁ ଯାଇ ନାହାନ୍ତି, ପରେ ହରିଣ ତର ତର ଅସୁ ଥିଲେ, ମନୁଷ୍ୟ ଗନ୍ଧ ପାଇ ତ୍ରସ୍ତ ହୋଇ ଊର୍ଦ୍ଧ୍ୱରେ ପଳାଇଗଲେ । ଗ୍ରାମବାସିମାନେ ଅନେକ ପଡ଼ ବଣ ମଧ୍ୟରେ ଗୋଟିଏ ନିରାପଦ ସ୍ଥାନରେ ବସିଲେ । ଅନେକ ଧାଁ ଦୌଡ଼ ଅନେକ କଷ୍ଟରେ କାଳ ରାତିଟା କଟିଗଲା । ପ୍ରଭାତ ହେଲା, ସୂର୍ଯ୍ୟୋଦୟ ହେଲା, ସମସ୍ତେ ମୁହଁ ଚାହାଁ ଚାହିଁ ହେଲେ । ଭୟଙ୍କର ବିପଦରୁ ପ୍ରାଣ ରକ୍ଷା ହେଲା, ଏବେ ଉପାୟ କଣ କରାଯିବ ? ଅନେକ ତର୍କ ବିତର୍କ ଅନେକ ବାଦାନୁବାଦ ଉତ୍ତାରେ ସ୍ଥିର ହେଲା, ଅଗେ ମରହଟ୍ଟା ହାଲ ବୁଝିବା ପ୍ରୟୋଜନ । ଚାରି ଜଣ ସାହସୀ ଲୋକ ଅଣ୍ଟା ଭିଡ଼ ବଣ ପ୍ରାନ୍ତ ପର୍ଯ୍ୟନ୍ତ ଆସି ଗୋଟାଏ ଉଚ୍ଚ ଶାଳଗଛ ଉପରେ ଚଢ଼ି ଅନାଇଲେ । ଗ୍ରାମ ନିସ୍ତବ୍ଧ, ଜନ ପ୍ରାଣୀ ନାସ୍ତି । ଗ୍ରାମ ପଛପଟରେ ମରହଟ୍ଟା ଲୁଚି ଥାଇ ପାରେ । ସେହି ସାହସୀ ପୁରୁଷମାନେ ବଣ ବୁଦା ଉହାଡ଼ରେ ଲୁଚି ଲୁଚି ବୁଲି ଯାଇ ଆଉ ଗୋଟାଏ ଗଛରେ ଚଢ଼ି ଭଲ କରି ଅନାଇଲେ । ପଛପଟ ମଧ୍ୟ ସେହିପରି ନିର୍ଜନ । ବାହୁଡ଼ି ଲୋକମାନଙ୍କୁ ସମ୍ବାଦ ଦେଲେ । ଅତି ଧୀରେ ଅତି ସାବଧାନରେ ଚାରି ଆଡ଼କୁ ଚାହିଁ ଚାହିଁ ଲୋକମାନେ ବଣରୁ ବାହାରିଲେ, ଧୀରେ ଧୀରେ ଗ୍ରାମରେ ପଶିଲେ, ମରହଟ୍ଟାର ଚିହ୍ନମାତ୍ର ନାସ୍ତି । ମରହଟ୍ଟା କାହିଁ ଗଲେ ? ଘର ଦ୍ୱାର ଅଣ୍ଡାଳି କିଛି ନ ପାଇ ଚାଲିଗଲେ । କେହି କହିଲା ବଣରେ ଲୁଚି ଅଛନ୍ତି, କେହି ମରହଟ୍ଟା ଅସ୍ତିତ୍ୱ ବିଷୟରେ ସନ୍ଦେହ କଲା । ରାତ୍ରିବଣିଆ ଦୁର୍ଗକୁ ଯୁଦ୍ଧ କରିବାକୁ ଯାଉଥିବା ବିଷୟ ପ୍ରମାଣ କରିବା ନିମନ୍ତେ କେହି କେହି ଯୁକ୍ତି ପ୍ରୟୋଗ କରିବାକୁ ଲାଗିଲେ । କେହି କେହି କ୍ଷୁଦ୍ର କ୍ଷୁଦ୍ର କଳ୍ପନା କରି ପ୍ରମାଣ କରାଇଲେ ଜଗା ପଣ୍ଡେ ସିଦ୍ଧ ମା ବୁଢ଼ୀ ମିଥ୍ୟାବାଦିନୀ । ଗ୍ରାମବାସିଙ୍କର ଏତେ ଦୁର୍ଦ୍ଦଶା, ହେଲେ ପଣ୍ଡେ ସିଦ୍ଧ ମା ନିଷ୍କୃତି । ସାରା ରାତି ଆପଣା ଘରେ ମଶା ଓଡ଼ଶଙ୍କ ସଙ୍ଗରେ ମାମୁଲି କଳିର ତ୍ରୁଟି ହୋଇ ନାହିଁ । ତାହାକୁ ମରହଟ୍ଟା ସମ୍ବନ୍ଧରେ ପ୍ରଶ୍ନ କରା ଯାଉ ଥିଲା । ମାତ୍ର ସେ ପଚାରେ, ସେ ଗାଳି ଖାଏ । ବାମ୍ଭଣୀଟାକୁ ମାରିଲେ କଣ ହେବ ? ସମସ୍ତେ ତୁନ ହେଲେ ।

ବଦ୍ରୋଶିନୀ ବୁଢ଼ୀ ନୂଆ ଗୋଟି ଛୋଟ ବରଗଛମୂଳରେ ବସିଅଛନ୍ତି । କାହିଁ ଯିବେ ? ଉପବାସ, ଚାଲି ଯିବାର ଶକ୍ତି ନାହିଁ । ବରଗଛ ମୂଳରେ ଯେଉଁଠାରେ ଲଛମା ବସିଥିଲା, ଠିକ ସେହି ସ୍ଥାନରେ ବସିଅଛନ୍ତି । ପ୍ରଶ୍ନ କରି ଗ୍ରାମବାସିମାନେ ସେମାନଙ୍କ ଅବସ୍ଥା ଅବଗତ ହେଲେ । ପଶ୍ଚିମଦେଶୀୟ ଜଗନ୍ନାଥ ଯାତ୍ରୀ—ଗୋଡ଼ଖାଲଠାରେ ଡକାଇତ—ସଙ୍ଗୀଅନୁଯାୟିଙ୍କ ବିନାଶ—ସର୍ବସ୍ୱ ଲୁଣ୍ଠିତ—ମରହଟ୍ଟା ସୈନ୍ୟମଧ୍ୟରେ ବନ୍ଦୀ—ବୃଦ୍ଧା ଅକର୍ମଣ୍ୟ ଥିବାରୁ ପରିବର୍ଜିତ, ସମସ୍ତ ବିଷୟ ପ୍ରକାଶ କଲେ । ଗ୍ରାମର ସମସ୍ତେ କହୁ ଜଗା ପଣ୍ଡେ ସିଦ୍ଧ ମା କୁହନ୍ତି, ଦୟାଳୁ ଲୋକ ସେମାନଙ୍କୁ ଘେନି ଯାଇ ଆଶ୍ରୟ କରାଇଲେ ।

ଷୋଡ଼ଶ ପରିଚ୍ଛେଦ ।

ପାନଗ ।

ନବାବଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ମରହଟ୍ଟା ଫୌଜଦାର ଭାସ୍କର ପଣ୍ଡିତ ସୈନ୍ୟ ସଂଗ୍ରହରେ ନିଯୁକ୍ତ । ହଳଦୀପଦାଠାରେ ବର୍ତ୍ତମାନ ତାଙ୍କର ଡେରା ପଡ଼ିଅଛି । ଅର୍ଥ ପିପାସା ସଦା ଭୟଙ୍କର । ସେହି ଅର୍ଥ ସଂଗ୍ରହ କରିବା ନିମନ୍ତେ ମାନବ ସଙ୍କଟସଙ୍କୁଳ ସ୍ଥାନକୁ ମଧ୍ୟ ଯିବା ପାଇଁ ସଙ୍କୁଚିତ ହୁଏ ନାହିଁ । ସୈନ୍ୟମାନଙ୍କୁ ସାମରିକ ସାମଗ୍ରୀମାନ ବିକ୍ରୟ କରି ଅର୍ଥ ସଂଗ୍ରହ କରିବା ନିମନ୍ତେ ବେପାରୀମାନେ ନାନାରୂପ ଦ୍ରବ୍ୟ ଘେନି ଫୌଜ ସଙ୍ଗେ ସଙ୍ଗେ ଭ୍ରମଣ କରୁଥାନ୍ତି ।

Digitized by srujanika@gmail.com

ମରହଟ୍ଟା ଫୌଜ ମଧ୍ୟରେ ଗୋଟିଏ ନୂଆ ବେପାରୀ ଦେଖା ଯାଉଅଛି । ବେପାରଟା ପାନର । ଗୁଆ ଗୁଣ୍ଡି ପାନ ଧୂଆଁପତ୍ର ବିକ୍ରୟ ବ୍ୟବସାୟ । ଫୌଜ ଗୋଳମାଳ ଲୋକ ଗହଳ ମଧ୍ୟରେ କିଏ କାହାକୁ ପଚାରୁଛି ? ଆକାର ପ୍ରକାରରୁ ଜଣା ଯାଏ ଲୋକଟା ପଶ୍ଚିମଦେଶୀୟ । ବୟସ ଅନୁମାନ ତିରିଶ ହେବ; ହେଲେ ମୁଛ ଦାଢ଼ୀ କିଛି ନାହିଁ ଅବା କ୍ଷୌରକର୍ମ । ପରିଧାନ ମାଲକଚ୍ଛା, ଗୋଟା ପାଞ୍ଚଟା ଅଙ୍ଗା ଉପରେ ଉପରେ ଲଗାଇଛି, ଖର ଗ୍ରୀଷ୍ମରେ ମଧ୍ୟ ଅଙ୍ଗା ଖୋଲି ଛାଡ଼ ନାହିଁ । ମୁଣ୍ଡରେ ଗୋଟାଏ ଭାରି ଢ଼ାଲିଆ ପଗଡ଼ି । ନୂଆ ଫୌଜଦାରଙ୍କ ଜମୁଠାରେ ଏହାର ବେଶି କାରବାର । କବି ବୋଲିଅଛନ୍ତି ବିଦ୍ୟା, ବପୁ, ବାକ୍ୟ, ବସ୍ତ୍ର ଏବଂ ବିଭବ ଏହି ପଞ୍ଚ ବକାରରେ ମାନବ ଗୌରବଭାଜନ ହୁଏ । ହେଲେ "ପ୍ରାୟେଣ ସାମଗ୍ର୍ୟବିଧୌ ଗୁଣାନାଂ ପରାଙ୍ମୁଖୀ ବିଶ୍ୱସୃଜଃ ପ୍ରବୃତ୍ତିଃ ।" ସବୁ ପ୍ରକାର ପ୍ରାୟ ସମସ୍ତଙ୍କ ଭାଗ୍ୟରେ ଘଟେ ନାହିଁ । ଫୌଜଦାରଙ୍କ ଶରୀରରକ୍ଷୀ ପାଇକମାନଙ୍କର ପାନର ପ୍ରତି ଭାରି ଆଦର । ଲୋକଟା ଦେଖିବାକୁ ସୁନ୍ଦର, ଲୁଗା-ପଟା ଦକ୍ଷିଣ ମଧ୍ୟ ସେହିପରି, କଥାଗୁଡ଼ିକ ଓଡ଼ିଆ ମିଶା ହିନ୍ଦୀ—ସୁମଧୁର, ବିଶେଷରେ ମାଲଗୁଡ଼ିକ ବେଶି ଶସ୍ତା । କାଲବାସି ଦେବାକୁ ମନା ନାହିଁ । କାହାର ଅଣ୍ଟିରେ ପଇସା ନାହିଁ, ମାହାଳିଆ ଗୃହ ଖିଲ ଖାଉଯାଅ । ପାନର ସକାଳୁଁ ସନ୍ଧ୍ୟା ପର୍ଯ୍ୟନ୍ତ ଫୌଜଦାରଙ୍କ ଡେରା ଦ୍ୱାର ପାଖରେ ବୁଲି ବୁଲି ପାନ ବିକ୍ରୟ କରେ, ରାତିରେ କେଉଁଠାରେ ରହେ, କଣ ଖାଏ, ଲୋକଙ୍କୁ ଅଗୋଚର । ଫୌଜଦାର ଉତ୍ତର ଦିଗକୁ ଯୁଦ୍ଧଯାତ୍ରା କଲେ ପାନର ସଙ୍ଗେ ସଙ୍ଗେ ଚାଲିଥାଏ ।

ସପ୍ତଦଶ ପରିଚ୍ଛେଦ ।

ମୀର ହବିବ୍ ।

ମୀର ହବିବ୍—ନବାବ ଅଲବର୍ଦ୍ଦି ଖାଁଙ୍କର ଜଣେ ଅନ୍ୟତର ସେନାପତି, ଜନ୍ମସ୍ଥାନ ପାରସ୍ୟ ଦେଶରେ । ମୀର ହବିବ୍ ଗୋଟିଏ ଦରିଦ୍ରର ପୁତ୍ର । ପିଲା କାଳଟା ଦାଣ୍ଡେ ଦାଣ୍ଡେ ବୁଲି ବୁଲି ଯାଇଅଛି, ନଟଶାଳୀ ଧର୍ମ କରି ନାହାନ୍ତି । ନାମ ଲେଖି ଜାଣି ନ ଥିବାରୁ ଏ ଉତ୍ତାନର ବଡ଼ ହରବରରେ ପଡ଼ିଥିଲେ । ପିଆଦାପଣ କରି ପେଟ ପୋଷିବା ଉଦ୍ଦେଶ୍ୟରେ ହିନ୍ଦୁସ୍ଥାନକୁ ଆଗମନ; ହେଲେ ତାଙ୍କର ବୁଦ୍ଧି ଶକ୍ତି ଅସାଧାରଣ । ମୀର ହବିବ୍ ବଳସ୍ତଶରୀର, ନିରଳସ, କାର୍ଯ୍ୟଦକ୍ଷ । ଯେ ସମସ୍ତ ଗୁଣ ଥିଲେ କମଳା ମାନବଙ୍କୁ ଆଲିଙ୍ଗନ କରନ୍ତି, ତାଙ୍କ ଦେହରେ ସେ ସମସ୍ତ ଗୁଣ ବର୍ତ୍ତମାନ ଥିଲା । ହେଲେ ମାନବମାତ୍ରେ ଦୋଷଗୁଣଯୁକ୍ତ । ନିରବଚ୍ଛିନ୍ନ ସଦ୍‌ଗୁଣସମ୍ପନ୍ନ ବା ନିରବଚ୍ଛିନ୍ନ ଦୁର୍ଗୁଣଯୁକ୍ତ ମାନବ ଜଗତରେ ଦୁର୍ଲଭ । କେବଳ ଦୋଷ ଗୁଣର ତାରତମ୍ୟ ମାନବକୁ ମହତ୍ ବା ନୀଚ ବୋଲି ପରିଚିତ କରାଏ । ଦୋଷ ମଧ୍ୟରେ ମୀର ହବିବ୍ ଭୟଙ୍କର କ୍ରୋଧୀ, କ୍ଷମାଗୁଣବର୍ଜ୍ଜିତ ଏବଂ ହିଂସାପରାୟଣ ।

ମୀର ହବିବ୍ ପ୍ରଥମେ ମୁରଶିଦାବାଦ ନବାବ ସରକାରରେ ପିଆଦାପଣରେ ନିଯୁକ୍ତ ଥିଲେ । ସ୍ୱକୀୟ କାର୍ଯ୍ୟଦକ୍ଷତା ବଳରେ ଉନ୍ନତି କରି କରି ଜମାଦାର, ହାବିଲ୍‌ଦାର, ମନସବ୍‌ଦାର, ଅବଶେଷରେ ବେହାରର ଶାସନକର୍ତ୍ତା ପଦରେ ନିଯୁକ୍ତ ହୋଇଥିଲେ । ସେହି ପଦରେ ନିଯୁକ୍ତ ଥିବା ସମୟରେ ନବାବ ଦରବାର ସହିତ ତାଙ୍କର ମନାନ୍ତର ଘଟିଲା । ମନାନ୍ତରର କାରଣ ନବାବଙ୍କ ସେନାପତି ମିର୍ ଜାଫର, ମୁସ୍ତାଫା ଖାଁ, ଓମର ଗୋଲାମ ରସୁଲ, ହବିବୁଲ୍ଲା, ରହିମାନ ଅବଦୁଲ୍ ଖୋଦାଦ୍ ଖାଁ ପ୍ରଭୃତି ପାରିଷଦମାନେ ଅନୁଗତ ଏବଂ ବିଶ୍ୱାସଭାଜନ । ପଶ୍ଚାତ୍‌ରେ ମୀର ହବିବ୍ ଅନୁଗତ୍ୟହୀନ ପୁଣି ସ୍ୱାଧୀନଚିତ୍ତ-ପକ୍ଷପାତୀ । ଦରବାରରେ କେହିହେଁ ଅବଜ୍ଞାତ ହେବାରୁ ତାଙ୍କର ଭୟଙ୍କର କ୍ରୋଧ ଜାତ ହେଲା । ପାରିଷଦମାନଙ୍କୁ ଶାସନ କରିବା ଅଥବା ସ୍ୱକୀୟ

Digitized by srujanika@gmail.com

ବାହୁବଳରେ ମୁରଶିଦାବାଦ ନବାବ ହେବା ଅଧିକାର କରିବା ଉଦ୍ଦେଶ୍ୟରେ ଯେ ମରହଟ୍ଟା ସହିତ ମିଳିତ ହୋଇଥିଲେ । ମୀର ହବିବ୍ ସେହି ସମୟରେ ପାଞ୍ଚ ହଜାର ପାଠାନ ସହିତ ମେଦନି-ପୁରରେ ବାସ କରୁଥିଲେ । ଷଡ଼ଗ୍ରାମଠାରେ ଭାସ୍କର ପଣ୍ଡିତ ସହିତ ତାଙ୍କର ଭେଟ ହେଲା । ମିଳିତ ବର୍ଗୀ ଭିର୍ନ ସୈନ୍ୟ ଦୁଇ ଦଳରେ ବିଭକ୍ତ ହୋଇ ନବାବଙ୍କୁ ଉଭୟ ପାର୍ଶ୍ୱରୁ ଆକ୍ରମଣ କରିବାର କଥା ସ୍ଥିର ହେଲା ।

ଅଷ୍ଟାଦଶ ପରିଚ୍ଛେଦ ।

ମୁସ୍ତାଫା ଖାଁ ।

ନବାବ ଫୌଜର ଦ୍ୱିତୀୟ ସେନାପତିଙ୍କ ନାମ ମୁସ୍ତାଫା ଖାଁ, ନିବାସ ପଞ୍ଜାବ । ତାଙ୍କ କର୍ମ୍ମପଦସ୍ଥ ହେବେ କଣ ହାବଲ୍ଦାର ଜମାଦାର ମଧ୍ୟ ପଞ୍ଜାବ-ନିବାସୀ । ଏହି ପଞ୍ଜାବୀ ସର୍ଦ୍ଦାରମାନେ ବର୍ତ୍ତମାନ ନବାବଙ୍କ ପ୍ରତି କିଞ୍ଚିତ ବିମୁଖ । କାରଣ ତୋସା-ଘରେ ଟଙ୍କା ନଅଣ୍ଟ ଥିବାରୁ କେତେ ମାସ ହେଲା ମାସହରା ପାଇ ନାହାନ୍ତି । ଅନ୍ୟତର ବିଶେଷ କାରଣ, ସୈନ୍ୟଶ୍ରେଣୀର ଅଗ୍ରସ୍ଥାନ ଅଧିକାର କରି ନ..ନା ନ ବା ଗୌରବରେ ବିଷୟ । ନବାବ ଏହି ଗୌରବାନ୍ୱିତ ପଦଟି ମୀର୍ ଜାଫରଙ୍କୁ ଅର୍ପଣ କରି ଅନ୍ୟାୟ କାର୍ଯ୍ୟ କରି ଅଛନ୍ତି । ନ୍ୟାୟାନୁସାରେ ସେହି ଗୌରବାନ୍ୱିତ ପଦ ମୁସ୍ତାଫାଙ୍କର ପ୍ରାପ୍ୟ ଥିଲା । ମଧ୍ୟ ସେ ବୟସ, ବଂଶ ଓ ପଦମର୍ଯ୍ୟାଦାରେ ମୀର୍ ଜାଫରଠାରୁ ଶ୍ରେଷ୍ଠତର ଅଟନ୍ତି । ମୁସ୍ତାଫା ଖାଁ ଏବଂ ଆଲିବର୍ଦ୍ଦି ଖାଁଙ୍କ ମଧ୍ୟରେ ମନୋମାଳିନ୍ୟ ବିଷୟ ମୀର୍ ହବିବଙ୍କଠାରେ ଅବିଦିତ ନଥିଲା । ସେଥି ସକାଶେ ମୀର୍ ହବିବ୍ ସାହସ କରି ବର୍ଗୀପକ୍ଷ ଅବଲମ୍ବନ କରିବା ନିମନ୍ତେ ମୁସ୍ତାଫା ଖାଁଙ୍କୁ ପରାମର୍ଶ ଦେଇ ଥିଲେ । ଟାଲ ମଟାଲ କରି ମୁସ୍ତାଫା ଖାଁ ଏପର୍ଯ୍ୟନ୍ତ ହେଁ ସ୍ପଷ୍ଟ ଜବାବ ଦେଇ ନାହାନ୍ତି । ନବାବଙ୍କ ଭୀଷଣ ପରାକ୍ରମ ଏହା ଅନ୍ୟତର କାରଣ ଅଟେ ।

କ୍ରମଶଃ ।

ଶ୍ରୀ ପୂର୍ଣ୍ଣଚନ୍ଦ୍ର

ଶ୍ରୀଧର ସ୍ୱାମୀ ।

ଯେଉଁମାନେ ତତ୍ତ୍ୱ ଆବିଷ୍କାର କରନ୍ତି ଓ ଯେଉଁମାନେ ତତ୍ତ୍ୱବୋଧର ପଥ ପ୍ରଶସ୍ତ କରି ଦିଅନ୍ତି, ସେମାନେ ଉଭୟେ ମାନବମଣ୍ଡଳୀର ଉପକାରୀ, ଅତଏବ ପ୍ରାତଃସ୍ମରଣୀୟ । ଗ୍ରନ୍ଥକାର ଓ ଟୀକାକାର ଅନ୍ୟୋନ୍ୟସମ୍ବନ୍ଧରେ ଏହିପରି ସମ୍ବଦ୍ଧ ହୋଇ ଅମରତ୍ୱ ଲାଭ କରନ୍ତି । କାଳିଦାସଙ୍କ ସହିତ ମଲ୍ଲିନାଥ ଓ ବ୍ୟାସଦେବଙ୍କ ସହିତ ଶ୍ରୀଧର ଏହିପରି ଅମର ହୋଇ ରହିଅଛନ୍ତି । ଏହି ଶ୍ରୀଧର ସ୍ୱାମୀଙ୍କ ଜୀବନୀ ଓ ବଂଶାବଳୀ ବିଷୟରେ ମୁଁ କୁହାପି କୌଣସି ଉଲ୍ଲେଖ ଦେଖି ନାହିଁ । ପ୍ରାୟ ଗୁରୁ ବର୍ଷ ହେବ ଘଟିବାର ଗୋଟିଏ ଘଟନାରୁ ମୁଁ ଅନୁମାନ କରିବାକୁ ସାହସୀ ହେଲି ଯେ ସେହି ପ୍ରାତଃସ୍ମରଣୀୟ ଶ୍ରୀଧର ସ୍ୱାମୀଙ୍କର ଜନ୍ମଭୂମି ବାଲେଶ୍ୱର ଜିଲ୍ଲାର ଅନ୍ତଃପାତୀ ରେମୁଣା ବା ତାହାର ଅଦୂରବର୍ତ୍ତୀ ଗ୍ରାମ ଥିଲା ।

ରେମୁଣାନିବାସୀ ବୃନ୍ଦାବନ ପତି ନାମକ ବ୍ରାହ୍ମଣବାଳକ ମଧ୍ୟବଙ୍ଗ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଟକ ଟ୍ରେନିଂ ସ୍କୁଲର ସ୍ପେଶାଲ୍ କ୍ଲାଶରେ ଅଧ୍ୟୟନ କରୁଥିଲା । ବୃନ୍ଦାବନର ପିତା ମହାଦେବ ପତି ପୁତ୍ରସ୍ନେହରେ ଆକୃଷ୍ଟ ହୋଇ ତାହାକୁ ଦେଖିବାପାଇଁ କଟକ ଆଗମନ କଲେ; ତଦନନ୍ତର ଜଗନ୍ନାଥ ଦର୍ଶନ କରି କଟକକୁ ପ୍ରତ୍ୟାଗମନ କଲେ । ପୁରୀରେ ଅବସ୍ଥାନ କାଳରେ ସ୍ୱଗ୍ରାମବାସୀ ସଙ୍ଗୀତପ୍ରେମୀ ପରିଚିତ

Digitized by srujanika@gmail.com

ଉତ୍କଳବାସୀଙ୍କ କୌଣସି ବ୍ୟକ୍ତି ତାଙ୍କୁ ଦାନ ଗ୍ରହଣ କରାଇବାକୁ ଅନୁରୋଧ କଲେ । ତୀର୍ଥ ସ୍ଥଳରେ ଦାନ ଗ୍ରହଣ କଲେ ପୁଣ୍ୟହାନି ହୁଏ ଏହି ବିଶ୍ୱାସ ହେତୁରୁ ପଣ୍ଡିତ ଗୋସାଇଁ କ୍ରୋଧରେ ଅଧୀର ହୋଇ କହିଲେ, "ତୁମ୍ଭେ ଜାଣ ନା, ଆମ୍ଭେ ଶ୍ରୀଧର ସ୍ୱାମୀଙ୍କ ବଂଶଧର । ଦରିଦ୍ର ହୋଇ ପଡ଼ିଲୁଁ ବୋଲି ଆମ୍ଭଙ୍କୁ ତୁମ୍ଭେ ତୀର୍ଥସ୍ଥାନରେ ଦାନ ଗ୍ରହଣ କରିବାକୁ କହୁଅଛ !" ସ୍ୱଗ୍ରାମବାସିର ଦାନ ଗ୍ରହଣ ଅନୁରୋଧରେ ମହାଦେବ ପତି ଅତି ମର୍ମାହତ ହୋଇଥିଲେ । କଥାଟା କିଛିକାଳ ତାଙ୍କ ସ୍ମୃତିପଥରେ ଜାଗରୂକ ହୋଇ ରହିଲା । କଟକରେ ଅବସ୍ଥାନ ସମୟରେ ସେ ସାନ୍ଧ୍ୟ-କାଳରେ ମୋତେ ଏହି ଘଟନାର ବିବୃତି କରି କ୍ଷୋଭ ପ୍ରକାଶ କଲେ । ମୁଁ ଶ୍ରୀଧର ସ୍ୱାମୀଙ୍କ ନାମୋଚ୍ଚାରଣ ଶୁଣି କ୍ଷଣକାଳ ବିସ୍ମିତ ହୋଇ ରହିଲି । ଅଧୁନା ଅଧଃପତିତ ଉତ୍କଳଭୂମି ଯେ କ୍ଷଣଜନ୍ମା ଶ୍ରୀଧର ସ୍ୱାମୀଙ୍କର ଜନ୍ମଭୂମି, ପ୍ରଥମେ ଏହା ଗ୍ରହଣ କରିବାକୁ କୁଣ୍ଠିତ ହେଲି । "କେଉଁ ଶ୍ରୀଧର ସ୍ୱାମୀ ?", "ତାଙ୍କ ସହିତ ତୁମ୍ଭର ସମ୍ପର୍କ କଣ ?", "ତାଙ୍କ କଥା କଣ ଜାଣ ?" ଇତ୍ୟାଦି ପ୍ରଶ୍ନ କରିବାରେ ପତି ଉତ୍ତର ଦେଲେ ଯେ ଶ୍ରୀମଦ୍ଭାଗବତ ଓ ଶ୍ରୀମଦ୍ଭଗବଦ୍ଗୀତାର ଟୀକାକାର ଶ୍ରୀଧରଙ୍କ କଥା ସେ କହୁଥିଲେ; ତାଙ୍କର ଜନ୍ମଭୂମି ରେମୁଣାର ଅଦୂରବର୍ତ୍ତୀ; ସେ ସଂସ୍କୃତ ଭାଷାରେ ବ୍ୟୁତ୍ପତ୍ତି ଲାଭ କରି ନବଦ୍ୱୀପରେ ପଣ୍ଡିତମାନଙ୍କ ସହବାସରେ ଜୀବନର ଅଧିକାଂଶ କଟାଇଥିଲେ; ପୁରୀର ରାଜସଭାରେ ତାଙ୍କର ପ୍ରତିପତ୍ତି ଓ ଆଦର ଥିଲା; ଏବଂ କ୍ୱଚିତ୍ କାଶୀ ଗମନ କରୁଥିଲେ ।

ଭୂୟୋଽନୁସନ୍ଧାନରେ ଅବଗତ ହେଲି ଯେ ମରେଇଗାଁ ଶ୍ରୀଧରଙ୍କ ଜନ୍ମସ୍ଥାନ । ବଡ଼ସୋନ ଓ ଗଙ୍ଗାହାର ବଳଙ୍ଗର ଉପନଦୀଦ୍ୱୟ । ଏହି ନଦୀଦ୍ୱୟର ମଧ୍ୟବର୍ତ୍ତୀ ଓ ବଡ଼ସୋନର କୂଳ-ବର୍ତ୍ତୀ ମରେଇଗାଁ ବର୍ତ୍ତମାନ ରେମୁଣାରୁ ପ୍ରାୟ ତିନି କୋଶ ଉତ୍ତରକୁ ଓ ଗଡ଼ପଦର ତାଲୁକର ଅନ୍ତର୍ଗତ ଗ୍ରାମ ଅଟେ । ମୟୂରଭଞ୍ଜର ସୀମା ମରେଇ-ଗାଁର ସମୀପବର୍ତ୍ତୀ । ଶ୍ରୀଧର ଦାଶ-ସଞ୍ଜ୍ଞକ ଥିଲେ । ତାଙ୍କର କୌଣସି ଉତ୍ତର ପୁରୁଷ ରେମୁଣାନିବାସୀ ଅପୁତ୍ରିକ ପଟ୍ଟନାୟକ କୌଣସି ବ୍ରାହ୍ମଣଙ୍କର ପୋଷ୍ୟପୁତ୍ର ହୋଇ ଥିଲେ । ସେହି ପତି-ବଂଶରେ ପୂର୍ବୋକ୍ତ ମହାଦେବଙ୍କର ଜନ୍ମ । ସମ୍ଭବତଃ ପଶ୍ଚାତ୍ ମରେଇଗାଁର ଦାଶବଂଶ ଲୁପ୍ତ ହେଲା ଏବଂ ତାହାର ସ୍ୱଳ୍ପ ଭୂସମ୍ପତ୍ତି ପତିମାନେ ଉତ୍ତରାଧିକାରିତ୍ୱ ସୂତ୍ରରେ ପ୍ରାପ୍ତ ହେଲେ । ଅଦ୍ୟାପି ମହାଦେବଙ୍କର ଜ୍ଞାତି ସେହି ବ୍ରହ୍ମୋତ୍ତର ଭୂସମ୍ପତ୍ତି ଭୋଗ କରୁଅଛନ୍ତି । ଧର୍ମ୍ମରତ ନିଷ୍ଠାପର ମହାଦେବ ଅଳ୍ପ କାଳ ହେଲା ପରଲୋକ ଗମନ କରିଅଛନ୍ତି । ଶ୍ରୀଧର ଓ ତାଙ୍କ ମଧ୍ୟରେ ସମ୍ବନ୍ଧ ସନ୍ତୋଷଜନକରୂପେ ନିର୍ଣ୍ଣୟ କରିବା ବର୍ତ୍ତମାନ ସାଧ୍ୟ ବୋଲି ବୋଧ ହେଉ ନାହିଁ । ମହାଦେବଙ୍କ ଜ୍ୟେଷ୍ଠ ପୁତ୍ର ବିଦ୍ୟାର୍ଥୀ ହୋଇ ପିତାଙ୍କ ଜୀବ-ଦ୍ଦଶାରେ ଗୃହ ପରିତ୍ୟାଗ କରିଅଛନ୍ତି । ଅପର ତିନି ପୁତ୍ର ମଧ୍ୟରେ ବୃନ୍ଦାବନ ଜ୍ୟେଷ୍ଠ ଏବଂ ସମସ୍ତେ ସ୍ୱଳ୍ପବୟସ୍କ । ମହାଦେବଙ୍କର କନିଷ୍ଠ ଭ୍ରାତା ଭଗବାନଙ୍କ ସହିତ ଅଦ୍ୟାପି ମୋର ସାକ୍ଷାତ୍ ହୋଇ ନାହିଁ । ସାକ୍ଷାତ୍ ହେଲେ ସୁଦ୍ଧା ତାଙ୍କଠାରୁ ଅଧିକ କିଛି ଜ୍ଞାତବ୍ୟ ବିଷୟ ମିଳିବ କି ନାହିଁ, ସେଥିରେ ସନ୍ଦେହ । ମହାଦେବଙ୍କ ପିତା ବଳଭଦ୍ର ପତି, ପିତାମହ ହରିହର ପତି, ପ୍ରପିତାମହ ଶିବରାମ ଦେବ । ଏହି ଦେବତ୍ୱରେ ପତିତ୍ୱ ଦାଶତ୍ୱ ଅନ୍ତର୍ହିତ, ତାହା ଏପର୍ଯ୍ୟନ୍ତ ନିର୍ଣ୍ଣୀତ ହୋଇ ନାହିଁ ।

ଉକ୍ତ ପତିବଂଶଙ୍କ ଗୃହରେ ତାଳପତ୍ରରେ ସଂସ୍କୃତ ଓ ଉତ୍କଳ ଭାଷାରେ ଉତ୍କଳାକ୍ଷରରେ ଲିଖିତ ଅନେକ ଗୁଡ଼ିଏ ଗ୍ରନ୍ଥ ବିଦ୍ୟମାନ । ମାତ୍ର ଉଲ୍ଲିଖିତ ଗ୍ରନ୍ଥମାନଙ୍କରୁ ଅଧିକାଂଶ ଅକାଳକୁଷ୍ମାଣ୍ଡ କୌଣସି କୌଣସି ବଂଶଧର ସ୍ୱଳ୍ପ ମୂଲ୍ୟରେ ଅପାତ୍ରରେ ବିକ୍ରୟ କରିଅଛନ୍ତି ବା ବନ୍ଧକ ଦେଇ ଅଛନ୍ତି । ସେଗୁଡ଼ିକର ଉଦ୍ଧାର ଏବେ ଅସମ୍ଭବ । ଶୁଣିଲି ଶ୍ରୀଧରଙ୍କ ସ୍ୱହସ୍ତଲିଖିତ ଗ୍ରନ୍ଥ ମଧ୍ୟ ବିଦ୍ୟମାନ, ମାତ୍ର ମୁଁ ସେଗୁଡ଼ିକ ଦର୍ଶନ କରି ନାହିଁ । ତାଙ୍କ ରଚିତ ଯେଉଁ ଖଣ୍ଡିଏ ଦୁଇ ଖଣ୍ଡି ଗ୍ରନ୍ଥ ଦେଖିଅଛି, ସେଥିରେ ସେ ଆତ୍ମପରିଚୟ ଦେଇ ନାହାନ୍ତି ।

ଶ୍ରୀ ଚନ୍ଦ୍ରମୋହନ ମହାରଣା ।

Digitized by srujanika@gmail.com

ଆଲୋଚନା ।

ଯେଉଁ ଜାତିର ଆଧିପତ୍ୟ ଯେତେ, ସେହି ଜାତିର ଭାଷାର ସେତେ ବହୁ ପ୍ରଚାର । ଚୀନ ଏକ ସମୟରେ ସଭ୍ୟତା-ସୋପାନର ଶୀର୍ଷସ୍ଥାନକୁ ଯାଇଥିଲା, ପୃଥିବୀର ଆଦି ସମ୍ବାଦପତ୍ରର ଜନ୍ମସ୍ଥାନ ଚୀନ, ପୃଥିବୀର ବୃହତ୍ ଅଭିଧାନର ଜନ୍ମସ୍ଥାନ ଚୀନ; ଆଜି ଅଧଃପତିତ ହେଲେହେଁ ୪୦ କୋଟି ଲୋକ ଚୀନଭାଷାରେ କଥାବାର୍ତ୍ତା କରନ୍ତି । ତାହା ହେଲେ ବର୍ତ୍ତମାନ କାଳର ସର୍ବଶ୍ରେଷ୍ଠ ସୁସଭ୍ୟ ଜାତିର ଭାଷା ଅର୍ଥାତ୍ ଇଂରାଜୀ ଭାଷା; ନିତାନ୍ତ ପକ୍ଷରେ ଦଶ କୋଟି ଲୋକ ଏ ଭାଷାରେ କଥାବାର୍ତ୍ତା କରନ୍ତି; ପୃଥିବୀର ପ୍ରାୟ ଅର୍ଦ୍ଧେକ ସମ୍ବାଦପତ୍ର ଇଂରାଜୀ ଭାଷାରେ ପରିଚାଳିତ । ଏହି ଭାରତବର୍ଷରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ ଶାସକଙ୍କ ଶାସନଦଣ୍ଡ ଚାଳିତ ହୋଇଅଛି; ହିନ୍ଦୁ ସମ୍ରାଟ କେବଳ ଆର୍ଯ୍ୟାବର୍ତ୍ତରେ ଆବଦ୍ଧ ଥିଲେ; ରାମଚନ୍ଦ୍ର ଲଙ୍କା ଜୟ କରିଥିଲେହେଁ ଦାକ୍ଷିଣାତ୍ୟରେ କ୍ଷଣିକ ପ୍ରଭାବମାତ୍ର ସୀମାବଦ୍ଧ ସ୍ଥାନରେ ବିସ୍ତାର କରିଥିଲେ; ମୁସଲମାନମାନେ କଷ୍ଟେ ସୃଷ୍ଟେ ଦାକ୍ଷିଣାତ୍ୟ ମାଡିଥିଲେ; କିନ୍ତୁ କେହି ବ୍ରିଟିଶ-ସିଂହଙ୍କ ପରି ସମଗ୍ର ଭାରତବର୍ଷରେ ଏକଚ୍ଛତ୍ର ଆଧିପତ୍ୟ ବିସ୍ତାର କରି ପାରି ନ ଥିଲେ । ଭାରତବର୍ଷରେ ଯେତେ ବିଭିନ୍ନ ଭାଷା ପ୍ରଚଳିତ, ପୃଥିବୀର ଅନ୍ୟ କୌଣସି ଦେଶରେ ସେପରି ନାହିଁ । ଏହାର କାରଣ ସମସ୍ତେ ସମସ୍ତଙ୍କ ସ୍ୱଳ୍ପ ସୀମା ମଧ୍ୟରେ ନିଶ୍ଚିନ୍ତ ଥିଲେ । ପରନ୍ତୁ ଅନ୍ତର୍ବିବାଦରେ ମାତି କେହି କାହା ଉପରେ ଶକ୍ତି ବିସ୍ତାର କରି ପାରୁ ନ ଥିଲେ । ମୁସଲମାନ ପ୍ରଭାବରେ ହିନ୍ଦିର ପ୍ରଚାର ବଢ଼ି ଭାରତର ସର୍ବଶ୍ରେଷ୍ଠ କଥିତ ଭାଷାରେ ପରିଣତ ହେଲା, ଭାରତବର୍ଷର ଯେଉଁ ଅଞ୍ଚଳକୁ ଯାଅ, ହିନ୍ଦିରେ ଯେତେ କାମ ଚଳିବ ଅନ୍ୟ କୌଣସି ଭାଷାରେ ତାହା ହେବ ନାହିଁ । [illegible] ଇଂରାଜୀ ଭାଷା, ଏହା ସାତସମୁଦ୍ର ତେର ନଦୀ ପାର ହୋଇ ଆସିଥିଲେହେଁ ଶହ ବର୍ଷ ଭିତରେ କେଉଁଠି କେତେ ବିସ୍ତୃତ ହୋଇଅଛି? ବଙ୍ଗଦେଶ, ମାନ୍ଦ୍ରାଜ, ବୋମ୍ବେଇ, ପଞ୍ଜାବ ଯେଉଁ ଆଡ଼େ ଯାଅ, ଇଂରାଜୀ ନ ଜାଣିଲେ ନ ଚଳେ । ଭାରତ ଏଣେ କୌଣସି ବିଦେଶୀ ବନ୍ଧୁକୁ ଲେଖିବାକୁ ହେଲେ ଇଂରାଜୀ ବିନା ଗତ୍ୟନ୍ତର ନାହିଁ; ବର୍ତ୍ତମାନ ଆଦାନ ପ୍ରଦାନର ଏହାହିଁ ଶ୍ରେଷ୍ଠ ଉପାୟ ।

ତେଲଙ୍ଗୀମାନେ ଓଡ଼ିଆଙ୍କର ନିକଟ ପ୍ରତିବେଶୀ, କିନ୍ତୁ କେତେ ଜଣ ଓଡ଼ିଆ ତେଲଙ୍ଗୀ ବୁଝନ୍ତି? ମାତ୍ର କେତେ ଜଣ ଓଡ଼ିଆ ମୋଟାମୋଟି ବଙ୍ଗଳା ବୁଝିବାକୁ ଅକ୍ଷମ ? ଏହାର କାରଣ ଅବଶ୍ୟ ସେହି ଆଧିପତ୍ୟ ବିସ୍ତାର । କଟକକୁ ଯାଅ, ଅଧିକାଂଶ ହାକିମ ବଙ୍ଗାଳୀ, ବ୍ୟବହାରଜୀବ ବଙ୍ଗାଳୀ, ଅମଲା ବଙ୍ଗାଳୀ । ବିଦ୍ୟାଳୟରେ ଦେଖ, ଅଧିକାଂଶ ଶିକ୍ଷକ ବଙ୍ଗାଳୀ, ସହପାଠୀ ବଙ୍ଗାଳୀ; ଘରକୁ ଯାଅ ଉନ୍ନତ ସୁସଭ୍ୟ ପ୍ରତିବେଶୀ ବଙ୍ଗାଳୀ—ଏହି ବଙ୍ଗୀୟ ପ୍ରଭାବ ବଙ୍ଗୀୟ ଆଧିପତ୍ୟ ମାତୃଭାଷାକୁ ପରାଜିତ କରି ଏଠାରେ ବଙ୍ଗଳାଭାଷାର ବହୁଳ ପ୍ରଚାର କରୁଅଛି । କୌଣସି ଓଡ଼ିଆ ଭାଷା ଶିକ୍ଷା ଉଦ୍ଦେଶ୍ୟରେ ବଙ୍ଗଳା ଶିଖି ନାହିଁ, 'ଯୋର ଯାହାର ମୁଲକ ତାହାର' ନ୍ୟାୟରେ ବଙ୍ଗଳା ସ୍ୱୀୟ ଆଧିପତ୍ୟ ବିସ୍ତାର କରିଅଛି । ଶିଖି ନାହାନ୍ତି, ଏହାର ପ୍ରମାଣସ୍ୱରୂପ କହିପାରେ କି କେତେ ଜଣ ଓଡ଼ିଆ ବଙ୍ଗଳା ଲେଖି ପାରନ୍ତି ବା ବଙ୍ଗଳା ଲୋକ ପଢ଼ି ପାରନ୍ତି ? ବଙ୍ଗାଳିମାନେ ଯେ ଓଡ଼ିଆ ଶିଖିଛନ୍ତି, ସେ କେବଳ ସେହି ଗରଜରେ ପଡ଼ି । ସୁଲଭ ସମ୍ବାଦପତ୍ର, ନାଟକ, ଉପନ୍ୟାସ, ଅର୍ଥପୁସ୍ତକ ବିଶେଷ ସାହାଯ୍ୟ କରିଥିଲେହେଁ

Digitized by srujanika@gmail.com

ସଙ୍କୁଚିତ ଅଥଚ ଏହି ଏ ଦେଶରେ ବଙ୍ଗଭାଷାର ବହୁଳ ପ୍ରଚାରର ପ୍ରଧାନ କାରଣ ।

ସଭ୍ୟତା ଓ ଗମନାଗମନର ସୁବିଧା ବଢ଼ିବା ସଙ୍ଗେ ସଙ୍ଗେ ନରର ସ୍ୱାତନ୍ତ୍ର୍ୟ ଯେପରି କମୁଅଛି, ଭାଷାର ସ୍ୱାତନ୍ତ୍ର୍ୟ ମଧ୍ୟ ସେହିପରି କମୁଅଛି, ଅର୍ଥାତ୍ ଭାଷାରୁ ଦେଶଜ ଓ ବିଶେଷ ଅର୍ଥରେ ପ୍ରଯୁକ୍ତ ଶବ୍ଦ ସଂଖ୍ୟାର ହ୍ରାସ ହେଉଅଛି, ମୂଳଭାଷା ସମ୍ଭୂତ ନୂତନ ଶବ୍ଦର ସଂଖ୍ୟା ବଢ଼ୁଅଛି । କ୍ଷମା କରିବେ, କେହି ବିରକ୍ତ ହେବେ ନାହିଁ, ଶିକ୍ଷିତ ସମ୍ପ୍ରଦାୟଙ୍କ ଭାଷା ଗୁରୁପାକ ଖେଚୁଡ଼ି ପାଲଟୁଅଛି ।

ଲିଖିତ ଓଡ଼ିଆ ଭାଷା ପ୍ରାୟ ଏକ ହେଲେହେଁ ପାଖକୁ ପାଖ ଲାଗିଲାଗି ମୋଗଲବନ୍ଦି ଓ ଗଡ଼ଜାତର କଥିତ ଭାଷା ଏକ ନୁହେଁ ବା ଉଚ୍ଚାରଣ ଏକ ନୁହେଁ, ଏପରିକି ମୋଗଲବନ୍ଦିର ଜିଲ୍ଲା ଜିଲ୍ଲାର କଥିତ ଭାଷା ମଧ୍ୟରେ ବହୁତ ପ୍ରଭେଦ । ଦିନକୁ ଦିନ ଗଡ଼ଜାତ ଉପରେ ମୋଗଲବନ୍ଦିର ପ୍ରଭାବ ନାନାବାଟରେ ବଢ଼ୁଅଛି । କାର୍ଯ୍ୟତଃ ସମ୍ମିଶ୍ରଣ ଓ ପ୍ରଭାବର ଫଳସ୍ୱରୂପ ଗଡ଼ଜାତର ଉଚ୍ଚ ଶ୍ରେଣୀଙ୍କର ଭାଷା ସଂସ୍କୃତଶବ୍ଦବହୁଳ ମୋଗଲବନ୍ଦି ଓଡ଼ିଆ ପାଲଟି ଯାଉଅଛି । ଦଶ ବର୍ଷ ତଳେ ସେମାନେ ଯେଉଁସବୁ ଦେଶଜ ବିଶେଷ ଶବ୍ଦ ବ୍ୟବହାର କରୁଥିଲେ ଆଜି ଆଉ ତାହା ସେମାନଙ୍କ ମୁହଁରୁ କେବେକେବେ ଅତର୍କିତଭାବରେ କେବେକେବେ ଲଜ୍ଜାରେ ଶୁଣା ଯାଉ ନାହିଁ । ଯାହା ବଞ୍ଚି ଅଛି, ତାହା ଯେଉଁମାନେ ସଭ୍ୟତାଠାରୁ ବେଶି ଦୂରରେ, ସେହିମାନଙ୍କ ପାଖରେ । କାଳକ୍ରମରେ ସେମାନଙ୍କ କଥିତ ଭାଷାରେ ଯେଉଁ ସ୍ୱାତନ୍ତ୍ର୍ୟ ଥିଲା, ତାହା ଆଉ ରହିବ ନାହିଁ, ବେଳ ଥାଉଁଥାଉଁ ଲୁପ୍ତୋଦ୍ଧାର କରି ଭାଷା-ମିଉଜିୟମରେ ସେଗୁଡ଼ିକ ସାଇତି ଦେବା ଉଚିତ । ସଙ୍ଗେ ସଙ୍ଗେ ଲୁପ୍ତପ୍ରାୟ ପ୍ରାଚୀନ ରୀତିନୀତିଗୁଡ଼ିକ ମଧ୍ୟ ସାଉଁଟି ରଖିଦେଲେ ମନ୍ଦ ହେବ ନାହିଁ ।

କେତେକ ବର୍ଷ ତଳେ କାର୍ଯ୍ୟୋପଲକ୍ଷରେ ପ୍ରଥମ ଗଡ଼ଜାତକୁ ଯାଇ ମୋଗଲବନ୍ଦିରେ ଅପ୍ରଚଳିତ କେତେଗୁଡ଼ିଏ ଶବ୍ଦ ଶୁଣି ମନରେ ବିଶେଷ କୌତୁକ ଜାତ ହେଲା । ଏପରି କେତେଗୁଡ଼ିଏ ଶବ୍ଦ ଅଛି ଯାହାର ଅର୍ଥ ଗଡ଼ଜାତସମ୍ବନ୍ଧବିହୀନ ଲୋକ ପକ୍ଷରେ ଅନୁମାନ କରିବା ବଡ଼ ଦୁରୂହ; ଗଡ଼ଜାତର ଲୋକମାନଙ୍କର ମୋଗଲବନ୍ଦି ସହିତ ସମ୍ମିଶ୍ରଣ ବଢ଼ୁଥିବାରୁ ମୋଗଲବନ୍ଦି ଲୋକେ କେତେଗୁଡ଼ିଏ ଶବ୍ଦ ସହିତ ସୁପରିଚିତ ହେଲେଁ ମଧ୍ୟ ଅଧିକାଂଶ ଶବ୍ଦ ଅଜ୍ଞାତ ।

କାନ୍ଥ=କଡ଼;—ବଟା କାନ୍ଥରେ ପାନ ଅଛି; ପୋଖରୀ କାନ୍ଥ ଆମ୍ବ ଗଛର ଆମ୍ବ ମିଠା ।

ମୂଲେ=ଠିଆ;—ସରବରାହକାରଙ୍କ ମୂଲେ ଖଜଣା ଦେଲି; ବାବୁଙ୍କ ମୂଲେ ବସ୍ତାନିଟା ଦେଇ ଆସିଲି ।

ସିଲ=ପ୍ରଧାନ ଅର୍ଥ ଅନୁମତି; ହିଦାୟତ ଅର୍ଥରେ ମଧ୍ୟ ଚଳେ;—ମତେ ପାଲିଙ୍କି ଚଢ଼ିବାର ସିଲ ନାହିଁ । ଛତା ସିଲ କରେଇଛି । ଆମ୍ଭମାନଙ୍କୁ ବାହାର ଯିବାକୁ ସିଲ ହେଉ —ମୁଁ ହଜୁରରୁ ସିଲ* ହେବନି । (ପୂର୍ବେ ଗଡ଼ଜାତରେ ଘୋଡ଼ା ଚଢ଼ିବା, ପାଲିଙ୍କି ଚଢ଼ିବା, ଏପରିକି ଛତା ବ୍ୟବହାର କରିବାପାଇଁ ସରକାରରେ ଭେଟି ସଲାମି ଦେଇ ଅନୁମତି ନେବାକୁ ହେଉଥିଲା । ବର୍ତ୍ତମାନ ଯେ ସମ୍ପୂର୍ଣ୍ଣରୂପେ ଉଠି ଯାଇଅଛି ତାହା ନୁହେଁ ।)

ସମୟ=ସାଧାରଣ ଅର୍ଥ କାଳ, ଅବକାଶ ଅର୍ଥରେ ମଧ୍ୟ ବ୍ୟବହୃତ ହୁଏ—ଯେପରିକି—ମୋର ବର୍ତ୍ତମାନ ସମୟ ନାହିଁ କିନ୍ତୁ ଗଡ଼ଜାତରେ ସମୟ "ହେଉଁ କାର୍ଯ୍ୟରେ ବ୍ୟାପୃତ" "ଏ ଅବକାଶ ଅଛି କି ନାହିଁ" ଏହିପରି ଅର୍ଥରେ ବ୍ୟବହାର ହୁଏ । କୌଣସି ଲୋକ

* ସିଲ କଥାଟି ଦକ୍ଷିଣାଞ୍ଚଳରେ ବିଶେଷ ପ୍ରଚଳିତ । ଓଡ଼ିଶା ଗଡ଼ଜାତ ସହିତ ଦକ୍ଷିଣର ବୈବାହିକ ସମ୍ବନ୍ଧ ଖୁବ ବେଶି । ସୁତରାଂ ଏହା ଦକ୍ଷିଣ-ଆମଦାନୀ ହେବ ପରା !

Digitized by srujanika@gmail.com

ରଜା ବା କୌଣସି ଭଦ୍ରଲୋକଙ୍କ ସହିତ ଦେଖା କରିବାକୁ ଆସିଲେ, ଯାହାଙ୍କ ସହିତ ଦେଖା କରିବାର ଆବଶ୍ୟକ ତାହାଙ୍କର ସାକ୍ଷାତ୍ ନ ପାଇଲେ ପଚାରେ, "ଅମୁକଙ୍କର ସମ୍ପୃ କଣ ? ବା ବାବୁଙ୍କର ସମ୍ପୃ କଣ ?"

ଆସିବା = ସାଧାରଣ ଅର୍ଥରେ ବ୍ୟବହୃତ ହେବା

ଛଡ଼ା — ଏବର୍ଷ ଭଲ ଆମ୍ବ ଆସିଛି, ଲେମ୍ବୁଲ ଭଲ ଆସି ନାହିଁ, ଏପରି ବ୍ୟବହାର ମଧ୍ୟ ହୁଏ ।

ଶ୍ରୀ—

—୦※※※୦—

ବାଇ ମାହାନ୍ତି ପାନ୍ତି । (୪)

ବାଇ ମାହାନ୍ତି ଆମ୍ବ ଭାରି ଭଲ ପାନ୍ତି । ଆମ୍ଭେମାନେ ଅନୁମାନ କରୁଅଛୁଁ ବାଇ ମାହାନ୍ତି ଓ ଉତ୍କ୍ଷିପ୍ତ ଫଳ ମଧ୍ୟରେ ଏକ ପ୍ରକାର ମାଧ୍ୟାକର୍ଷଣ ଶକ୍ତି ବିଦ୍ୟମାନ । ଆମ୍ବ ସମୟରେ ବାଇ ମାହାନ୍ତି, ଆମ୍ବ ତୋଟାରେ ପଡ଼ିଥାନ୍ତି । ଲୋକେ କହନ୍ତି ବାଇ ମାହାନ୍ତିଙ୍କର ଆମ୍ବ ଖାଇବାରେ ଭାରି ଟେକ । କିନ୍ତୁ ଆମ୍ଭମାନଙ୍କର ଏ ବିଷୟରେ ସନ୍ଦେହ ଅଛି । ଅମୁକ ଯାଗାରେ ଖୁବ ସରସ ଆମ୍ବ ଥିବାର ଶୁଣିଲେ ବାଇ ମାହାନ୍ତି କେବଳ ଦର୍ଶନେନ୍ଦ୍ରିୟର ତୃପ୍ତିସାଧନ ଉଦ୍ଦେଶ୍ୟରେ ବେଳେ ବେଳେ ପାଞ୍ଚ ସାତ କୋଶ ପଥ ଯାଇଥିବାର ଆମ୍ଭେମାନେ ଜାଣୁ । ଅନେକ ସ୍ଥାନ ବୁଲି ଅନେକ ପ୍ରକାର ଆମ୍ବ ଦେଖି ମାହାନ୍ତି ଏ ପଙ୍କ୍ତିରେ ଯେଉଁ ଟିପ୍ପଣୀ କରିଅଛନ୍ତି, ତହିଁର ସାରାଂଶ ନିମ୍ନରେ ପ୍ରଦତ୍ତ ହେଲା । ପାଠକମାନେ ବୁଝି ପାରିବେ ଯେ ବାଇ ମାହାନ୍ତିଙ୍କ 'ବାଇ' । ଏ ବାଇ କି ସେ ବାଇ :—

ଆମ୍ବ ଅନେକ ପ୍ରକାର, ତନ୍ମଧ୍ୟରୁ ଏହି କେତେ ପ୍ରକାର ପ୍ରଧାନ :—

୧—ସ୍ୱାଦ ଭେଦରେ ଯଥା:—

କଞ୍ଚାପୁଅଣୀ, ପାଚିଲାପୁଅଣୀ, କଞ୍ଚାରେ ଖଟା ପାଚିଲେ ଖଟା, କଞ୍ଚାରେ ଖଟା ପାଚିଲେ ପାଣିଚିଆ, ରସୁଣିଆ, ବେଲପତ୍ରିଆ, ସପୁରିସ୍ୱାଦଯୁକ୍ତ, ପଣସସ୍ୱାଦଯୁକ୍ତ ।

୨—ଆକାର ଭେଦରେ ଯଥା:—

ଗୋଲ, ନାକୁଆ, କଦଳିଆ, ଗେଡା, ଫଜଲି, ଗୁରୁଡ, ଶିଳପୁଆ ।

୩—ବର୍ଣ୍ଣ ଭେଦରେ ଯଥା :—

କଞ୍ଚାରେ କୃଷ୍ଣାଭ ଓ ପାଚିଲେ ହଳଦିଆ, ପାଚିଲେ ଲାଲ, ସୁନାଖି (କଞ୍ଚାରେ ଓ ପାଚିଲେ ଲାଲ), ପାଚିଲେ ସାଦା ରଙ୍ଗ ।

୪—ଜନ୍ମସ୍ଥାନ ଭେଦରେ ଯଥା :—

ଦେଶୀ, ଦକ୍ଷିଣୀ, ମାଲଦହୀ ।

୫—ଉତ୍ପତ୍ତି ଭେଦରେ ଯଥା :—

ସାଧାରଣ ରୋପିତ ବୃକ୍ଷୋତ୍ପନ୍ନ, ବଡ଼ ବଡ଼ ଆମ୍ବ ତୋଟାରେ ମଞ୍ଜି ପଡ଼ି ଯେଉଁ ଗଛ ଉଠେ ତହିଁରୁ ଉତ୍ପନ୍ନ, କଲମି ଆମ୍ବ ।

ଏହାଛଡ଼ା ଲୋକବିଶେଷର ରୁଚି ଭେଦରେ କେତେ ପ୍ରକାର ନାମକରଣ ହୁଏ ଯଥା :—

ମଠଚପାଣି
ଅମୃତପାଣି
କୃଷ୍ଣଭୋଗ
କାନ୍ତିପାଣି,
ବୃନ୍ଦମନ୍ତ୍ରିଆ } ଇତ୍ୟାଦି ଇତ୍ୟାଦି । ନାମକରଣ ବିଷୟରେ ବାଇ ମାହାନ୍ତିଙ୍କ ଅପେକ୍ଷା ଶଙ୍କର ପୁର ମାଳୀଙ୍କର ବିଶେଷ ଅଭିଜ୍ଞତା ଅଛି ।

(ମାହାନ୍ତିଙ୍କ ପାନ୍ତି ଭଲ ଭଲ କରି ଖୋଜିଲେ ଆହୁରି କେତେକ ପ୍ରକାର ଆମ୍ବର ନାମୋଲ୍ଲେଖ ମିଳିବ । କିନ୍ତୁ ସେଥି ନିମନ୍ତେ ଆମ୍ଭମାନଙ୍କର ଅବସର ବା ଇଚ୍ଛା ନାହିଁ । ସୁବିଜ୍ଞ ପାଠକମାନେ

Digitized by srujanika@gmail.com

ପ୍ରୟୋଜନ ଓ ସୁବିଧା ମତେ ଏ ତାଲିକାକୁ ପରିବର୍ତ୍ତିତ, ପରିବର୍ଦ୍ଧିତ, କର୍ତ୍ତିତ, ସଂଶୋଧିତ ଓ ପୁନଃ ସଜ୍ଜିତ କରି ପାରନ୍ତି । ଏହି ଉଦ୍ଦେଶ୍ୟରେ ମଧ୍ୟ ଦକ୍ଷିଣ ପାର୍ଶ୍ୱରେ କିଛି ସ୍ଥାନ ଛାଡ଼ିବାକୁ ସମ୍ପାଦକଙ୍କୁ ଅନୁରୋଧ କରୁଅଛୁଁ । ଯଦି ବା ସମ୍ପାଦକ ଏଥିରେ ନାରାଜ ହୁଅନ୍ତି, ତେବେ ସମସ୍ତ କ୍ରମେ ଖଣ୍ଡ ଖଣ୍ଡ କାଗଜରେ ଛାପି ଅଠାରେ ଦକ୍ଷିଣପାର୍ଶ୍ୱରେ ମାରଦେଲେ କୃପଣ ବ୍ୟବହାରୋପଜୀବୀମାନଙ୍କ ପରି କାର୍ଯ୍ୟ ହେବ ନାହିଁ । ତେବେ ଏତିକି ଦୋଷ—ପାଞ୍ଜି ଓ ବହିରେ କିଛି ପ୍ରଭେଦ ରହିବ ନାହିଁ ।)

ବାଳ ମାତ୍ରାନ୍ତ କଥାରେ ଅମ୍ବିଳା ପାଇଲେ ସ୍ୱାଦୁ ଆମ୍ବକୁ ଆଦର କରନ୍ତି । କାରଣ ଅମ୍ବିଳା ନ ହେଲେ ଆମ୍ବର 'ଆମ୍ବତ୍ୱ' ଆଉ ରହିଲା କେଉଁଠି ? ମିଠା ଆମ୍ବ ବଡ଼ଲୋକମାନଙ୍କ ନିମନ୍ତେ । ଗରିବମାନେ ତାହା ପାଇବେ କାହିଁ ? କଞ୍ଚାଆମ୍ବ ଆମ୍ବ ହାଟରେ ବିରଳ ଏବଂ ତାହା ପାଚିବା ଯାକେ ଲୋକେ ରଖି ଦିଅନ୍ତି ନାହିଁ । ଏ ଆମ୍ବକୁ କଞ୍ଚା ଖାଇବା ଯୁକ୍ତିଯୁକ୍ତ । ପାଚିଲେ ବେଶି ସ୍ୱାଦୁ ହେବ ଏପରି ଆଶା କଲେ କିଏ ଜାଣେ ପାଚିବା ସମୟକୁ କଞ୍ଚା ଅପେକ୍ଷା ନିକୃଷ୍ଟ ସ୍ୱାଦ ହୋଇ ପାରେ । ତେଲପଡ଼ିଆ ଆମ୍ବ ଥରେ ଖାଇଲେ ମନ ବୋଧ । ତେଲପଡ଼ିଆ ଆମ୍ବକୁ ନ ପାଚୁଣୁ ଆଚାର କିମ୍ବା ଅମ୍ବୁଲ କଲେ ରକ୍ଷା । ପାଚିଲେ ପୁଣି ଯେଉଁ ଆମ୍ବ ନିତାନ୍ତ ଖଟା ତାହାର ସଦ୍‌ବ୍ୟବହାର ଆମ୍ବୋଡ଼ା ଓ ଆଚାର ବ୍ୟତୀତ ଅନ୍ୟ କୌଣସି ଉପାୟରେ ହୋଇ ନ ପାରେ । ଅନେକ ଅର୍ଥ ବ୍ୟୟ କଲେ ଓ ଅନେକ ସ୍ଥାନ ବୁଲିଲେ ସପୁରି ଓ ପଣସରି ବାସନାଯୁକ୍ତ ଆମ୍ବ ମିଳେ, ଦୀନ ମାତ୍ରାନ୍ତ ଭାଗ୍ୟରେ ଏ ଦୁଇ ପ୍ରକାର ଅମ୍ବ ଜୀବନରେ ଥରେ ମାତ୍ର ଦେଖା ମିଳୁଥିବ, ବୃଷ୍ଟି ନ ହେଲା କଥା ତ ଛାଡ଼ । ଉତ୍ତରଣିଆ ଅମ୍ବକୁ କଞ୍ଚା ସମୟରେ ଖାଇଲେ ପେଟ ଯୋଡ଼େ, ପାଚିବା ସମୟରେ ପୁଣି ପ୍ରଥମ ଚମତ୍କାର ବାହାର ନ ଖାଇ ହେଲେ ସମାନ ଦଶା । ପରିଶ୍ରମ କରି ଆଚାର ବା ଅମ୍ବୁଲ କଲେ ଏ ଆମ୍ବ ଉପାଦେୟ ଭୋଜ୍ୟରେ ପରିଣତ ହୁଏ । ଅଳ୍ପ ବହୁତ ଆମ୍ବ ଆଚାର ଓ ଅମ୍ବୁଲ ସମସ୍ତେ କରିବାକୁ ଚେଷ୍ଟା କରନ୍ତି । କିନ୍ତୁ କୃତକାର୍ଯ୍ୟ ହୁଅନ୍ତି କେତେ ଜଣ ? କାହାର ଲୁଣ ବେଶି, କାହାର ମସଲା ବେଶି, କାହାର ରାଗ ବେଶି ହେବାରୁ ଆଚାର ମୁଖଯୋଗ୍ୟ ହୁଏ ନାହିଁ । ଯେଉଁମାନଙ୍କର ଆଚାର କରିବାର ରୋଗ, ସେମାନେ ଏଥିରେ କୃତକାର୍ଯ୍ୟ ହୁଅନ୍ତି ବୋଲି ଧାରଣା କରିବା ଉଚିତ ନୁହେଁ । କିନ୍ତୁ ଜଣ ଜଣଙ୍କର ହାତଯଶ ଅଛି । ସେମାନେ ଆମ୍ବରୁ ଯେ କୌଣସି ପଦାର୍ଥ ପ୍ରସ୍ତୁତ କରନ୍ତି ତାହା ଅତି ଆଦରଣୀୟ ଓ ରୁଚିକର ହୁଏ । ସେମାନଙ୍କୁ ଆମ୍ଭେମାନେ କହୁଁ ଈଶ୍ୱରାନୁଗ୍ରହୀ । ପ୍ରାକୃତିକ ଅବସ୍ଥାରେ ଆମ୍ବ କେବେହେଁ ଦଶ ପନର ଦିନରୁ ବେଶି ରହିପାରେ ନାହିଁ । କିନ୍ତୁ ଆଚାର ଇତ୍ୟାଦି ଦଶ ପାଞ୍ଚ ବରଷ ରହିଲେ କ୍ରମଶଃ ଅଧିକ ରୁଚିକର ହୁଏ । ଆଚାର ରୋଗୀର କିପରି ଆଦରର ବସ୍ତୁ, ତାହା ଅଳ୍ପାଧିକ ସମସ୍ତେ ଜାଣନ୍ତି । ତେଲ ଓ ଲବଣ ଆଚାର କରିବାର ପ୍ରଧାନ ସାମଗ୍ରୀ । ରୁଚି ଓ ଧନ ଅନୁସାରେ ମସଲା ମସଲାର ଇତର ବିଶେଷ ହୋଇ ପାରେ । ଏହା ଛଡ଼ା 'ଓସ୍ତାଦ ହାତ' ଅନୁସାରେ ଆମ୍ବ ଚଟଣି, ଜେଲି, ମିଷ୍ଟ ଚଟଣି, ଇଂଲିସ୍ ଚଟଣି, କଞ୍ଚା ଆମ୍ବ ସହିତ ଦୁଧର ଚଟଣି, ଗୋଟା ଆମ୍ବର ପ୍ରେଶ୍ ଆଚାର, ପାଚିଲା ଆମ୍ବର ବରଫି, ଗୁଡ଼ ଆମ୍ବ ବା ମୁରୁବା, ଇତ୍ୟାଦି ଇତ୍ୟାଦି ଅନେକ ପ୍ରକାର ସୁଖାଦ୍ୟ (ଓ ହାତ ଗୁଣରେ ଅଖାଦ୍ୟ) ପ୍ରସ୍ତୁତ ହୁଏ ।

ସବୁ ଆମ୍ବରେ ଟାକୁଆ ଅଛି । ଟାକୁଆ ଛୋଟ ବଡ଼ ଅନୁସାରେ ଓ ସ୍ୱାଦଭେଦରେ ଆମ୍ବର ଉତ୍କର୍ଷ ଅପକର୍ଷ ନିରୂପିତ ହୋଇଥାଏ । ଟାକୁଆର ଇଂରାଜୀ ଭାଷାରେ ନାମାନ୍ତର ପଥର । କିନ୍ତୁ ସେହି ପଥର ମଧ୍ୟରେ ଭବି ବୃକ୍ଷର କୋମଳ ଶକ୍ତି

Digitized by srujanika@gmail.com

ନାହିଁ । ଏମନ୍ତ ଉପଦ୍ରବ୍ୟ ପାଇଲେ ହିଁ କୋମଳ ପଦାର୍ଥ କଠିନ ଟାକୁଅର ଆବରଣକୁ ଅନାୟାସରେ ଭେଦ କରି ପାରେ । ଏପରି ଅବସ୍ଥାରେ ପିଲାମାନଙ୍କ ହାତୁଡ଼ରେ ନ ପଡ଼ିଲେ ରକ୍ଷା । ନଚେତ୍ ସେମାନେ 'କୋଇଲି'କୁ ଯଥା 'ସାପ ନେ ବେଙ୍ଗ ନେ, ମୋ ପେଁକାଳି ବଢ଼େଇ ଦେ; ସାପ ଥିଲେ ହାଡ଼ର ଯା, ବେଙ୍ଗ ଥିଲେ କଟର କଟର ହଡ଼ୁଥା' କହି ଗ୍ରାମଟିକୁ ପେଁକାଳି ଶବ୍ଦରେ ପୂର୍ଣ୍ଣ କରି ଦେବେ । ବାଳକମାନଙ୍କର କ୍ଷଣିକ ଭୁକ୍ତିବାଦନ-ଲିପ୍ସା ପୂର୍ତ୍ତି ହୁଏ ସତ୍ୟ, କିନ୍ତୁ କେତେ ଭବ୍ୟ ବୃକ୍ଷ ମୂଳରେ ସେମାନେ ନ ଜାଣି କୁଠାରାଘାତ କରନ୍ତି ! ଏ କଥା ବୁଝାଇବ କିଏ ? ବୁଝାଇଲେ କି ପିଲାମାନେ ବୁଝିବା କଥା ? ବୁଝାଇ ପାରିଲେ ମଧ ପିଲାମାନେ କି ନ ବୁଝନ୍ତେ । ସବୁଥିରେ 'ହାତ ଯଶ' ଅଛି । ଆମ୍ବ ବଉଳଠାରୁ ଆରମ୍ଭ କରି ଆମ୍ବ ଟାକୁଆରୁ ଗଛ ଉଠିବା ପର୍ଯ୍ୟନ୍ତ, ଅହୋ ! କେତେ ବାଧା ବିଘ୍ନ, କେତେ ଶତ୍ରୁ ! ଏଥିରେ ମଧ ନିସ୍ତାର ନାହିଁ, ଆମ୍ବଗଛକୁ କୋମଳ ଅବସ୍ଥାରେ ଗୋରୁ ଖାଇଯାନ୍ତି, ସେଥି ନିମନ୍ତେ ଗଛ ନ ଉଠିବାଯାଏ ଗଛମୂଳ ପାଖରେ ବାଡ଼ ବୁଜିବାକୁ ହୁଏ । ନଚେତ୍ ବାର ବର୍ଷ ତପସ୍ୟା ଗୁଖୁଅପୋଡ଼ାରେ ଶେଷ ! ଏଥିରେ ମଧ ନିସ୍ତାର ନାହିଁ । ପାଠକମାନେ ଏଣିକି ଏ ଅଙ୍କି ଯାଉନ୍ତୁ । ସାମାନ୍ୟ କଥାଟି ଲେଖି ଦେଇ ଅଣି ଦେଲେ ବୁଦ୍ଧିମାନ୍ ପିଲାମାନେ ନୈତିକ କର୍ତ୍ତବ୍ୟ ଓ ବକ୍ତବ୍ୟ ସ୍ଥିର କରି ନିଅନ୍ତୁ ।

୨ୟ—ଆକାର ଭେଦରେ ଆମ୍ବର ବିଭିନ୍ନତା ସଙ୍ଗେ ସ୍ୱାଦର ଏପରି କିଛି ବିଶେଷ ସମ୍ପର୍କ ଥିବାର ବୋଧ ହୁଏ ନାହିଁ । ତେବେ କେତେ ଲୋକ 'ଯତ୍ରାକୃତସ୍ତତ୍ର ଗୁଣାବସନ୍ତି' ଏପରି ଗୋଟାଏ ସ୍ଥିର କରି ପକାଇ ମୂଲ୍ୟ କରି ବସନ୍ତି । ଉଦାହରଣସ୍ୱରୂପ ବାଉ ମାହାନ୍ତି ଥରେ ଗୋଟିଏ 'ଫଜଲି' (ଫାଜଲ୍ ?) ଆମ୍ବ ଓଜନରେ ପାଞ୍ଚ ପା ହେବାର ଦେଖି ବେଶି ମୂଲ୍ୟ ଦେଇ କିଣିଲେ । ଦେଖିଲେ ଯେ ଆମ୍ବଟା ପାଣିଚିଆ ଓ କୀଟପୂର୍ଣ୍ଣ । ସେହି ଦିନରୁ ଗୋଟିଏ ଶିକ୍ଷା ପାଇଅଛନ୍ତି । ବୃହଦାକୃତି ଆମ୍ବ ଦେଖିଲେ ଶଗ୍ରେ କାଟି ଭିତର ନ ଦେଖିବାଯାଏ କର୍ତ୍ତବ୍ୟ ସ୍ଥିର କରିବେ ନାହିଁ ବୋଲି ସ୍ଥିର କରିଅଛନ୍ତି । ସାଧାରଣତଃ ଗୁରୁତ ଆମ୍ବର ରସ କମ, ଟାକୁଅ ବଡ଼ । ଏ ଆମ୍ବ ବଡ଼ ବଡ଼ 'ମାଳ' (ଖୋଟା)ରେ ଜନ୍ମେ । ସେ ଗଛକୁ କେହି ଲଗାଇ ନ ଥାଏ । ଖୋଟାର ବଡ଼ ଗଛରୁ ପାଚିଲା ଆମ୍ବ ଝଡ଼ି ପଡ଼ି ଯେଉଁ ଗଛ ବିନା ପରିଶ୍ରମରେ ଉଠିଥାଏ ଏହା ତାହାର ଫଳ । ତେବେ ଗୁରୁତ ଆମ୍ବର ଆ'ସଢ଼ା ପରିଷ୍କୃତ ପଟକ୍ଷ ଭାବରେ ପ୍ରସ୍ତୁତ ହୋଇ ତୈଳରେ ରହିଲେ ଅତି ଉପାଦେୟ ହୁଏ ।

୩ୟ—ବର୍ଣ୍ଣ ଭେଦରେ ସ୍ୱାଦ ଭେଦ ଥିବାର ଅନୁମାନଙ୍କର ସନ୍ଦେହ । ଯେଉଁ ଆମ୍ବ କଞ୍ଚାରେ ଅମ୍ଳ ଓ ଈଷତ୍ ଲୋହିତ ଓ ପାଚିଲେ ଈଷତ୍ ରକ୍ତ ବର୍ଣ୍ଣ, ସେହି ଆମ୍ବ ବାଉମାହାନ୍ତିଙ୍କ ଆଦରର ସାମଗ୍ରୀ। ସାଧାରଣତଃ ସୁନ୍ଦର ଆମ୍ବ ଦେଖି ସ୍ୱତଃ ଯେଉଁ ଲୋଭ ମନକୁ ଆସେ, ଏ ଆମ୍ବ ଫଳତଃ ତାହା ନୁହେ ବୋଲି ବାଉ ମାହାନ୍ତି ସ୍ଥିର କରିଅଛନ୍ତି । ତାହା ନୋଇଲେ ଯେ ସବୁ ସୁନ୍ଦର ଆମ୍ବ ଅପଦାର୍ଥ ଏହା ବାଉ ମାହାନ୍ତି ଲେଖି ନାହାନ୍ତି । ତେବେ ଏପରି ଅର୍ଥ କଲେ ସେଥିନିମନ୍ତେ ବାଉ ମାହାନ୍ତି ଦାୟୀ ନୁହନ୍ତି ।

୪ର୍ଥ—ଏ ଦେଶୀ ଆମ୍ବ ପାଚିଲେ ଅଳ୍ପ ଦିନରେ ଲଉଜତ ହୋଇ ସଡ଼ିଯାଏ । କିନ୍ତୁ ଏଠାକୁ ଯେଉଁ ଆମ୍ବ ଦକ୍ଷିଣରୁ ଓ ମାଳଦହରୁ ଆସେ ବୋଲି କଥିତ ହୁଏ ସେ ଆମ୍ବ ଏ ଦେଶୀ ଆମ୍ବ ଅପେକ୍ଷା ଅଧିକ ଦିନ ସ୍ଥାୟୀ ହୁଏ ବୋଲି ବାଉ ମାହାନ୍ତିଙ୍କର ବିଶ୍ୱାସ । ଯେଉଁ ବର୍ଷ ଏ ଦେଶରେ (ଓଡ଼ିଶାରେ) ଆମ୍ବ ଅପର୍ଯ୍ୟାପ୍ତ ପରିମାଣରେ ମିଳେ, ସେ ବର୍ଷ ମଧ ଦକ୍ଷିଣ ଓ ବଙ୍ଗଳାରୁ (ଅନ୍ୟ ଦେଶର ପକ୍ଷରେ) ଏଠାକୁ ବିକ୍ରୟ ନିମନ୍ତେ ଆମ୍ବ ଆସେ । କିନ୍ତୁ ଏ ଦେଶରୁ ଯେଉଁମାନେ କଲିକତା କିମ୍ବା

Digitized by srujanika@gmail.com

ଦକ୍ଷିଣ ଯାଇଅଛନ୍ତି ସେମାନଙ୍କୁ ଜେରା କରି ବାଇ ମାହାନ୍ତି ସ୍ଥିର କରିଅଛନ୍ତି ଯେ କଲିକତା ଠା' ଦକ୍ଷିଣରେ ଏ ଦେଶରୁ ଆମ୍ବ ଯାଇ ବିକ୍ରୟ ହେବାର ସେମାନେ ଦେଖି ନାହାନ୍ତି । ଏ ଦେଶର ଆମ୍ବ ଦେଶ ଛାଡ଼ି ବିଦେଶକୁ ଯିବା ପାଇଁ ନିତାନ୍ତ ନାରାଜ । ଫଳ ମଧ୍ୟ ଅନୁପଯୁକ୍ତ । ଏ ଦେଶରେ (ଓଡ଼ିଶା) ଉତ୍କୃଷ୍ଟ ଆମ୍ବ ନାହିଁ ବୋଲି ବିଦେଶରେ ଲୋକଙ୍କର ଧାରଣା । ଏଣିକି ଯେବେ କଣ ରେଲର ସୁବିଧା ହେଲଣି ଭବିଷ୍ୟତରେ କଣ ହେବ କିଏ କହି ପାରେ ? କିନ୍ତୁ ସେ ଭବିଷ୍ୟତ ଅଳ୍ପ ବା କାଲି ନୁହେଁ, ଏ କଥା ନିଶ୍ଚିତ ।

୫ମ—ଉତ୍ପତ୍ତିଭେଦରେ ଆମ୍ବର ତାରତମ୍ୟ ଅଛି, ଏ କଥାରେ ମତଦ୍ବୈଧ ହୋଇ ନ ପାରେ। ତା ନ ହେଲେ କି 'କଲମି' ଆମ୍ବ ପ୍ରତି ଲୋକଙ୍କର ଏତେ ଆଦର ହୁଅନ୍ତା ? କଲମି ଆମ୍ବରେ ମଧ୍ୟ ପରିଶ୍ରମ କେତେ । ପୂର୍ବେ ବିଦେଶରୁ କଲମ ଆମ୍ବ ଗଛ ଆଣି ଲୋକେ ଏ ଦେଶରେ ବଡ଼ ବଡ଼ ବଗିଚା ପୂର୍ଣ୍ଣ କରିଅଛନ୍ତି । ଏଣିକି ଆଶା ଅଛି ଏ ଦେଶରେ ମଧ୍ୟ ଆମ୍ବ କଲମ କରି ଗଛ ଉଦ୍ଧାର ପାଇବେ । ବାଇ ମାହାନ୍ତିଙ୍କ ଗ୍ରାମର (ଓଡ଼ିଶାର ଅବଶ୍ୟ ଗୋଟିଏ ପଲ୍ଲୀଗ୍ରାମ) ଚୌଧୁରୀଙ୍କ ବଗିଚାର ଜଣେ କଲିକତା ପ୍ରତ୍ୟାଗତ ମାଳି ଅନେକ ଚେଷ୍ଟା କରି ତିନି ଗୋଟି କଲମ ଆମ୍ବ ଗଛ ତିଆରିଅଛି । ଗୋଟିଏ ଗଛରେ ଏ ବର୍ଷ ଗୋଟିଏ କଲମି ଆମ୍ବ ଫଳିଥିବାର ବାଇ ମାହାନ୍ତି ସ୍ୱଚକ୍ଷୁରେ ଦେଖିଅଛନ୍ତି । ବଡ଼ ବଡ଼ ଟୋଟାରେ ମଞ୍ଜିରୁ ଉଠିଥିବା ଗଛରୁ ଉତ୍ପନ୍ନ ଆମ୍ବ ବିଷୟ ପୂର୍ବରେ ସୂଚିତ ହୋଇଅଛି । ଏପ୍ରକାର ଆମ୍ବ ମୂଳ ଆମ୍ବ ଅପେକ୍ଷା ଅନେକ ପରିମାଣରେ ଉତ୍କୃଷ୍ଟ ହୁଏ ଏଥିରେ ସନ୍ଦେହ ନାହିଁ । ଏଥିର ପ୍ରମାଣ ପ୍ରାପ୍ତ ସମସ୍ତ ଗଡ଼ଜାତ ଜଙ୍ଗଲର ଆମ୍ବ ଟୋଟାମାନଙ୍କରେ ଓ ମୋଗଲ ବନ୍ଦର କେତେକ ବଡ଼ 'ମାଲ'ରେ ମିଳେ । ସୁରକ୍ଷିତ ଆମ୍ବର ଏକା ନାମ ଜଙ୍ଗଲି ଆମ୍ବ । ସୋପିତ ଓ ପରିଶ୍ରମୋତ୍ପନ୍ନ ଆମ୍ବକୁ ସାଧାରଣତଃ ସମସ୍ତେ ଭଲ ପାନ୍ତି ।

୬ଷ୍ଠ—ଆମ୍ବର ନାମକରଣ ଲୋକବିଶେଷର ରୁଚି ଓ ଇଚ୍ଛା ଉପରେ ନିର୍ଭର କରେ ବୋଲି କହନ୍ତି । ଅତଏବ ବାଇ ମାହାନ୍ତି ନିଜର ରୁଚି ଅନୁସାରେ କେତେକ ପ୍ରକାର ନାମକରଣ କରୁଅଛନ୍ତି । (ଏ ଦେଶରେ ବାଇ ମାହାନ୍ତିଙ୍କ ପ୍ରଦତ୍ତ ନାମ ପ୍ରାପ୍ତ ଏକ ଶବ୍ଦରୁ ନୂଆ ନୁହେଁ । ସମ୍ପାଦକ ବାଛି ବାଛି କେବଳ କେତେ ଗୋଟି ନାମ ଏଠାରେ ଦେଲେ ।)

ଭଉଁରା, (ବଉଲୋବ)—ଦେଖିବାକୁ ବଡ଼, କିନ୍ତୁ ଭିତରେ ଅନେକ ଜୀବ ଜନ୍ତୁଙ୍କ ଆଶ୍ରୟ ସ୍ଥଳ ଓ ପାଣିଚିଆ ।

ନଗଣ, (ଗରବ)—ଏହାକୁ କାଟି ଖାଅ, ନ ହେଲେ ଖାଅ ନୋ ପାଟି ଲଗାଇ ଖାଅ ।

ଲସମା, (କୋମଳ)—ଏହାକୁ ଥରେ ନ ଦେଲେ ଟାକୁଆରୁ ରସ ନିଗିଡ଼ି ଯାଏ ।

ନଅଁବାଣ, (ଲଜ୍ଜା)—ଯେଉଁ ଆମ୍ବକୁ ଖାଇଲେ ଖଟ୍ଟାରେ ଦାନ୍ତ ପାଟି ଦରଜ ହୋଇ ଯାଏ ।

ଥୋବଗ୍ର, (ଅନକୂଳ)—ଟେରୁଆ ଆମ୍ବ; ଘଣ୍ଟାଏ ପରିଶ୍ରମ କରି ଦାନ୍ତରେ ନ ଚୋବାଇଲେ ସମ୍ପୂର୍ଣ୍ଣ ରସ ବାହାରେ ନାହିଁ । ତେବେ ସୁଦ୍ଧା ଦାନ୍ତମୂଳ ଯାକ ଚେର ଲାଗିଯାଏ ।

ଗରଜୀ, (ପରୋପକାରୀ)—ସୁଖସେବ୍ୟ, ନୀରୋଗ ପଥ୍ୟ ଓ ରୁଚିକର ଆହାର ।

ଅମଦାମୀ, (ମିଶ୍ରିତ)—କଲମି ଆମ୍ବ । (ଏହା ଭିତରେ ଯେ ତାରତମ୍ୟ ନାହିଁ, ତାହା ନୁହେ ।)

ସାଉଁଳା, (ଖୋସାମଦିଆ)—ସୁନ୍ଦରୀ ଆମ୍ବ ।

ମଖନା, (ଦୟାଳୁ)—ଏ ଆମ୍ବ ସାଧାରଣ ଆମ୍ବ ଅପେକ୍ଷା ବଡ଼ ଓ ସୁସ୍ୱାଦୁ । ଗୋଟିଏ

Digitized by srujanika@gmail.com

ଖାଉଣେଲ ପରିଶ୍ରମ ସଫଳ ହେବ ଓ ଉଦର ପୂର୍ତ୍ତି ହେବ ।

ଦେଓଭୋଗ, (ଦେବଯୋଗ୍ୟ)—ସୁପୁର, ପଣସ ଇତ୍ୟାଦିର ବାସନାଯୁକ୍ତ; ଅତି ବିରଳ ।

ମଙ୍କଣା, (ବଦରସିକ)—ରସୁଣିଆ ଅମ୍ବ ।

ପଥୁରିଆ, (ନାଗପୁର)—ଯେଉଁ ଆମ୍ବରେ ଟାକୁଆ ମାନ ମାର, କଣ୍ଟାରେ ଯାହା, ଧାଡିଲେ ମଧ ଭାଙ୍ଗେ ।

ଭରମୀ, (କାମଯାଦା)—ଅମୂଳ ବଡ଼ ଲୋକ ଏ ଆମ୍ବକୁ ପସନ୍ଦ କରନ୍ତି; ଅତଏବ ସେ ଆମ୍ବରେ ଗୁଣ ଥାଉ ନ ଥାଉ ତାକୁ କେତେ ଲୋକ ପସନ୍ଦ କରନ୍ତି ।

ପିଆଣ, (ପ୍ରକାଶ ଅନୁଭବ)—ବଡ଼ ବଡ଼ ଗାଲ ପରାକୁ ପାଚିଲା ଆମ୍ବ । ଇତ୍ୟାଦି, ଇତ୍ୟାଦି, ଇତ୍ୟାଦି ।

(ନୋଟ—ଏ ନାମକରଣ ଓ ତତ୍ପାର୍ଶ୍ୱବର୍ତ୍ତୀ ବ୍ୟାଖ୍ୟାରୁ ଆମ୍ଭେମାନେ କେଛି ସ୍ଥିର ମୀମାଂସା କରି ପାରିଲୁଁ ନାହିଁ । ଏ କଣ ମନୁଷ୍ୟମାନଙ୍କର ଶ୍ରେଣୀବିଭାଗ ? ବାଇମାନଙ୍କ 'ଖିଅଲ'ରେ ଏପରି ଶ୍ରେଣୀ ବିଭାଗ କରିଅଛନ୍ତି, ତାହା ଆମ୍ଭେ ଏକା ଜାଣୁ । କେହି ଚତୁର ପାଠକ ଏଥିର ଶବ୍ଦ ବୁଝି ଆମ୍ଭମାନଙ୍କୁ ଚିଠି ପଠାଇ ଦେଲେ ଆମ୍ଭେମାନେ ଉପକୃତ ହେବୁଁ ।)

କ୍ରମଶଃ

ଶ୍ରୀ ନୃସିଂହ ଶର୍ମା ।

—※—

ଓଡ଼ିଆ କାହାଣୀ ।

ଆମ୍ଭେମାନେ ପୂର୍ବେ କହିଅଛୁଁ କାହାଣୀ ଦେଶକାଳର ବନ୍ଧନଶୂନ୍ୟରେ କଳ୍ପିତ । ଅତଏବ ସେଥିରୁ ଆମ୍ଭେମାନେ କୌଣସି ଐତିହାସିକ ତଥ୍ୟ ପାଇବୁଁ ନାହିଁ । କାହାଣୀଗୁଡ଼ିକ ଶୂନ୍ୟ ବସ୍ତୁରେ ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥିତ; ଅଥଚ ଆମ୍ଭେମାନେ ବର୍ତ୍ତମାନ କାହାଣୀକୁ ପ୍ରଶ୍ନ କରିବାକୁ ଯାଉଅଛୁଁ, ତୁ ସେ ଦୂରଦେଶର କେଉଁ ସମ୍ବାଦ ଆମ୍ଭମାନଙ୍କ ପାଇଁ ଆଣିଅଛୁ ? ଏପରି ପ୍ରଶ୍ନ କି ଅନର୍ଥକ ନୁହେ ? ଏହା ସତ୍ୟ ଯେ କାହାଣୀ କେଉଁ ଅଦେଶଦେଶର ବୃତ୍ତାନ୍ତ ଆମ୍ଭମାନଙ୍କ କର୍ଣ୍ଣରେ କୀର୍ତ୍ତନ କରୁଅଛି, ନିଜ ଦେଶ ଏବଂ କାଳର କଥା କିଛି କହୁ ନାହିଁ; କିନ୍ତୁ ତାର ଚାଲିଚଳଣ, ଭାବଭଙ୍ଗି, ଭାଷା ପ୍ରଭୃତି ସବୁ ନୂତନ ନୂତନ । ସେ ଜାଣେ କହୁ ନ କହୁ, କିନ୍ତୁ ତାର ଏହି ସବୁ ଭାବଗତି କହୁଅଛନ୍ତି, ଏ ଲୋକଟା କେଉଁ ଦେଶରୁ ଆସିଅଛି ଏବଂ ଏହାର ଦେଶର ଲୋକ କିପରି । ଏହା ସତ୍ୟ ଯେ ସାକ୍ଷାତ୍ ଭାବରେ କାହାଣୀ ମଧ୍ୟରେ କୌଣସି ପୁରାକାଳର ତଥ୍ୟ ଦେଖି ପାରୁ ନାହୁଁ; କିନ୍ତୁ ଯାହାର ସେପରି ଚକ୍ଷୁ ଫୁଟିଅଛି, ସେ କାହାଣୀର ପ୍ରତ୍ୟେକ ପୃଷ୍ଠାରେ ପୁରାକାଳର ତଥ୍ୟ ଲିଖିତ ଦେଖିବ ଏବଂ ପ୍ରତ୍ୟେକ ଶବ୍ଦରେ ପୁରାକାଳର ସମ୍ବାଦ ଶୁଣି ପାରିବ । ଯେଉଁ ସମ୍ବାଦ ବହୁ ଅଙ୍ଗବିଶିଷ୍ଟ—ଦେଶର ରୀତି, ନୀତି, ଆଚାର, ବ୍ୟବହାର, ଜ୍ଞାନ, କଳ୍ପନା, ଧର୍ମ, ଇତ୍ୟାଦି ଅନେକାନେକ ବିଷୟ କାହାଣୀରେ ପ୍ରତିଫଳିତ ରହିଅଛି । କିନ୍ତୁ ସବୁ ବିଷୟର ସମ୍ୟକ୍ ଆଲୋଚନା କରିବାକୁ ଗଲେ ଗୋଟିଏ ପୋଥି ହୋଇ ପଡ଼ିବ । ଅତଏବ କେତେଗୁଡ଼ିଏ ସ୍ଥୂଳ ସ୍ଥୂଳ ବିଷୟରେ କାହାଣୀଯୁଗର ସେ ସମ୍ବାଦ ଆଲୋଚନା କରୁଁ । ଦେଖୁଁ, କାହାଣୀ ସେ ଯୁଗର ଜ୍ଞାନ, ପ୍ରେମ, ନୀତି ଏବଂ ବିଶ୍ୱାସ ବିଷୟରେ କଣ କହୁଅଛି ।

Digitized by srujanika@gmail.com

ପ୍ରଥମ, କାଳ—କାହାଣୀ-ଯୁଗର କାଳ ନେଲେ ଦୂର ବଳଣିତ ହୋଇଥିଲା, ତାହା ପ୍ରତ୍ୟେକ କାହାଣୀରୁ ପ୍ରତିପନ୍ନ ହେବ। ଆପଣମାନେ ମନେ କରିବେ ନାହିଁ ପ୍ରାଚୀନମାନେ କୋମଳ ନିଦ୍ରାରେ କାହାଣୀ ସବୁ ସ୍ୱପ୍ନ ଦେଖିଥିଲେ ଏବଂ ତେବେ ନିଦ୍ରାରୁ ଉଠି ହୋଇ ଏହି ସ୍ୱପ୍ନଗୁଡ଼ିକର ଅଙ୍ଗରେ ଭଣାମାନ ବନ୍ଧ ଦେଇ ଗଲେ ଯେ ତାହା ଆପଣା ମନକୁ ଉଡ଼ି ଉଡ଼ି ଆସି ଏହି ସୃଷ୍ଟିର ବର୍ତ୍ତମାନରେ ଆମ୍ଭମାନଙ୍କ ହୃଦୟରୁ କୁହି କୁହି ଆଦରେ ପୁଲକିତ କରୁଅଛି। ପ୍ରତ୍ୟେକ କାହାଣୀର ରଚନା, ଯେତେ କ୍ଷୁଦ୍ର ହେଉ ପଛକେ, ବିଶେଷ କୌଶଳସାପେକ୍ଷ। ଯଦି ଗୋପାଳ ବାବୁ ଯେ କୌଣସି କାହାଣୀର ରଚନା ପ୍ରତି ଟିକିଏ ଦୃଷ୍ଟିପାତ କରିଥାନ୍ତେ ତାହାହେଲେ ସେ ଏପରି ସିଦ୍ଧାନ୍ତରେ ଉପନୀତ ହୋଇ ନ ଥାନ୍ତେ ଯେ ଏ କାହାଣୀ ସବୁ ସ୍ତ୍ରୀଲୋକମାନେ, ବିଶେଷରେ ବୃଦ୍ଧାମାନେ ରଚନା କରିଅଛନ୍ତି। ଯଦି ତର୍କସ୍ଥଳରେ ଗୋପାଳ ବାବୁଙ୍କ ମତକୁ ସମୀଚୀନ ମନେ କରୁଁ, ତାହା ହେଲେ ଏ ଯୁଗ ତୁଳନାରେ ସେ ଯୁଗ କେତେ ଉନ୍ନତ ହୋଇ ନ ଥିବ। ଯେଉଁ ଯୁଗରେ ପିଲାମାନଙ୍କୁ ଭାତ ଖୁଆଇବାପାଇଁ ଅଥବା ଶୋଇ ପକାଇବାପାଇଁ ବୃଦ୍ଧାମାନେ ଅପୂର୍ବ କାହାଣୀମାନ ରଚନା କରି ପକାଉଥିଲେ, ସେ ଯୁଗ ଏ ଯୁଗ ତୁଳନାରେ କେତେ ଉନ୍ନତ ନୁହେଁ। ଓଡ଼ିଶାର ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ପଚାରି ଆସ, କାହା ଘରେ କେତେଟା ସ୍ତ୍ରୀଲୋକ ପିଲା ଭୁଲାଇବାପାଇଁ ନୂଆ ନୂଆ କାହାଣୀମାନ ରଚନା କରିଅଛନ୍ତି। ମାନସିକ ଅଭିବ୍ୟକ୍ତିରେ ଆଜି କାଲି ଲୋକମାନଙ୍କର ରଚନାଶକ୍ତି କି ପୂର୍ବ କାଳଠାରୁ ଦୁର୍ବଳ ହୋଇ ଯାଇଅଛି? ଯଦି ଇଂଲଣ୍ଡର ମିସ୍ ଏଜ୍‌ୱର୍ଥ (Miss Edgeworth) ଅଥବା ବଙ୍ଗଳାର ଶ୍ରୀମତୀ ସ୍ୱର୍ଣ୍ଣକୁମାରୀ ଅଥବା ଓଡ଼ିଶାର ଶ୍ରୀମତୀ ରେବା ରାୟଙ୍କ ପରି ସେ କାଳରେ ଘରେ ଘରେ ସ୍ତ୍ରୀଲୋକମାନେ କାହାଣୀ ରଚନା କରୁଥିଲେ, ତାହା ହେଲେ ସେ ଯୁଗ ଏ ଯୁଗ ମଧ୍ୟରେ ଆକାଶ ପାତାଳ ପ୍ରଭେଦ। କିନ୍ତୁ ଏପରି ସିଦ୍ଧାନ୍ତରେ ଉପନୀତ ହେବାର କୌଣସି କାରଣ ନାହିଁ।

ସେ କାଳର ଲୋକମାନେ ଯେ କେତେ ବୁଦ୍ଧିମାନ୍ ଥିଲେ ତାହା ଗୋଟିଏମାତ୍ର ଉଦାହରଣ ଦେଲେ ଆପଣମାନେ ସହଜରେ ବୁଝି ପାରିବେ। ସେ କାଳର ବୁଦ୍ଧି ଶକ୍ତି, ବିଚାର ଶକ୍ତି ବଡ଼ ସୂକ୍ଷ୍ମ ଥିଲା। ଶୁଣନ୍ତୁ, "ସବା ବଡ଼ ରାଜ ପାଠ ସାଗରେ ବଡ଼ ଟାଣୁଆ। ଯାଉଁ ଯାଉଁ ସେ ଦେଶର ରଜାଙ୍କ ମନ୍ତ୍ରୀ ଘରେ କାନ୍ଦବୋବାଳି ପଡ଼ିଛି। ମହାଜନ-ପୁଅ ସମସ୍ତଙ୍କୁ ପଚାରିଲାରୁ ସମସ୍ତେ କହିଲେ, ଆମ ରଜା ଆଜି ମନ୍ତ୍ରିଙ୍କୁ ହୁକୁମ ଦେଇଛନ୍ତି, ରଜାଙ୍କ ଏକଦନ୍ତା ହାତୀଟା କେତେ ଓଜନ, ଏ କଥା ଯେବେ ମନ୍ତ୍ରୀ କହି ନ ପାରିବେ, ତେବେ କାଲି ସକାଳେ ମନ୍ତ୍ରିଙ୍କ ମୁଣ୍ଡ କାଟ ହେବ। ଏ ଅସମ୍ଭବ କଥା ସଂତ ମନ୍ତ୍ରୀ କହିବେ ଯେ ବଞ୍ଚିବେ। ଏଥିପାଇଁ ମନ୍ତ୍ରିଙ୍କ ଘରେ କାନ୍ଦବୋବାଳି ପଡ଼ିଛି। ମହାଜନପୁଅ ମନ୍ତ୍ରିଙ୍କ ପାଖକୁ ଖବର ଦେଲା। ମନ୍ତ୍ରୀ କହିଲେ, ଏ ହାତୀର ଓଜନ କରି ଦେଲେ ମୁଁ ତୁମକୁ ହଜାରେ ଟଙ୍କା ଦେବି। ମହାଜନପୁଅ ଗୋଟିଏ ଡଙ୍ଗା ଆଣିଦେବାକୁ ମନ୍ତ୍ରିଙ୍କୁ କହିଲା। ଡଙ୍ଗା ଆସିଲା। ଡଙ୍ଗାରେ ହାତୀକି ନେଇ ଠିଆ କରେଇଲେ, ଡଙ୍ଗା ଅଳ୍ପ ହାତେ ବୁଡ଼ିଗଲା। ମହାଜନପୁଅ ସେଠାରେ ସେଠାରେ ଫୁଲଖଡ଼ିରେ ଗୋଟିଏ ଗାର କାଟି ଦେଲା। ହାତୀକୁ ଡଙ୍ଗାରୁ ଓହ୍ଲେଇ ଦବାରୁ ଡଙ୍ଗା ଫେର ଉପରକୁ ଉଠିଗଲା। ମହାଜନପୁଅ କହିଲା, ଏ ଗାର ବୁଡ଼ିବାଯାଏ ଏ ଡଙ୍ଗାରେ ବାଲି ଭର୍ତ୍ତି କର। ଗାର ବୁଡ଼ିଲାରୁ ସେ ବାଲିତକ ଡଙ୍ଗାରୁ କାଢ଼ି ଓଜନ କଲାରୁ ଶହେ ମହଣ ହେଲା। ମନ୍ତ୍ରୀ ଏ କଥା ଦେଖି ଭାରି ଖୁସି ହେଲେ।" କେବଳ ମନ୍ତ୍ରୀ କାହିଁକି, ଆମ୍ଭେମାନେ ମଧ୍ୟ ଏପରି ବୁଦ୍ଧିର ପରିଚୟ ଦେଖି

Digitized by srujanika@gmail.com

ଯୁକ୍ତି ହେଉଁ । କାହାଣୀରେ ଏରୂପର ବୃତ୍ତିର ପରିଚୟ ଦେଖି ଆମ୍ଭେମାନେ ଅନୁମାନ କରୁଁ ଯେ ଯେଉଁ ଯୁଗ ଏ କାହାଣୀ ସବୁ ପ୍ରସବ କରିଅଛି, ସେ ଅବଶ୍ୟ ବିଚକ୍ଷଣ; ସେ ଯୁଗରେ ଅବଶ୍ୟ ଜ୍ଞାନଚର୍ଚ୍ଚାର ଆଦର ଥିଲା ।

ଦ୍ୱିତୀୟ ବିଷୟ, ପ୍ରେମ—ଦୁଃଖର ବିଷୟ କାହାଣୀରେ ପ୍ରେମର ଉଚ୍ଚ ଆଦର୍ଶ ଦେଖିବାକୁ ମିଳେ ନାହିଁ । ହେବେ ଯେ ସେ କାଳରେ ପ୍ରେମର ଜ୍ଞାନ ଆଦୌ ନ ଥିଲା, ଏପରି ନୁହେ । ଅନେକ ସ୍ଥଳରେ ପ୍ରେମିକମାନେ ଶତ ପରୀକ୍ଷାରେ ପଡ଼ି ମଧ୍ୟ ପ୍ରେମର ପ୍ରତିଜ୍ଞା ବିସ୍ମୃତ ହୋଇ ନାହାନ୍ତି । କିନ୍ତୁ ସବୁଠାରେ ଦେଖୁଁ ପ୍ରେମ ଇନ୍ଦ୍ରିୟବଦ୍ଧ, ତାହାର ମୋହ ଅସ୍ଥାୟୀ ବିକାଶ ନୁହେ । ଶୁଣନ୍ତୁ, "ରାଜାପୁଅ ମନ୍ତ୍ରୀପୁଅକୁ କହିଲା, ସାଙ୍ଗାତ, ଏ ସ୍ତ୍ରୀଟିକି ବିବାହ ନ ପାଇଲେ, ମୁଁ ଆଉ ବଞ୍ଚିବା ହବ ନାହିଁ ।" ସ୍ତ୍ରୀ କଣ ମୋଟା ନା ଫଳସ ଯେ ଚକମାଲ ରହିବ ! ଫଳତଃ ଆମ୍ଭେମାନେ ଯାହାକୁ ଜୀବନମୟ ପ୍ରେମ କହୁଁ—ଯାହା କଳ୍ପନା ହୃଦୟରେ ପ୍ରିୟ ବସ୍ତୁକୁ ଆଦର୍ଶ ଗୁଣରେ ଭୂଷିତ କରଏ, ଯାହା ଗଭୀର ଭାବ-ଶକ୍ତି ସହିତ ଗୁରୁତର କର୍ତ୍ତବ୍ୟ ଜଡ଼ିତ ଦେଖେ ଏବଂ ଯାହାର ପବିତ୍ର ସ୍ପର୍ଶରେ ସ୍ୱାର୍ଥବନ୍ଧନ ଛିନ୍ନ ହୁଏ, ସେ ପ୍ରେମର ଉଦାହରଣ ବୋଧ କରୁଁ କାହାଣୀ-ଯୁଗରେ ନ ଥିଲା; ଥିଲେ ନିଶ୍ଚୟ କାହାଣୀରେ ସ୍ଥାନ ପାଇ ଥାନ୍ତା । ସେ କାଳରେ ଥିଲା ନାହିଁ କହିବା ଦ୍ୱାରା ଏ କାଳରେ ଅଛି ବୋଲି ଯେ କହା ହେଉଅଛି ଏପରି ନୁହେ । ବର୍ତ୍ତମାନ କାଳରେ ପ୍ରେମ ସେହି ଇନ୍ଦ୍ରିୟବଦ୍ଧ; ପ୍ରାୟ ସମସ୍ତେ "ଲାଲବଉ" ଖୋଜନ୍ତି, "କଳାବଉ"କୁ କେହି ପଚାରେ ନାହିଁ । ଉପରେ, କାହାଣୀରେ ସବୁଠାରେ ଦେଖ ମିଳନର ଛବି; ବିଚ୍ଛେଦର "ମର୍ମମୟ ଅବସ୍ଥାର" କାହିଁ କେହି ତ ଦେଖେ ନାହିଁ; କାହାର ଜୀବନ ତ "ଅନ୍ତ-ପ୍ରୀତ ପ୍ରେମ-ମନ୍ତ୍ରରେ" ଦୀକ୍ଷିତ ନୁହେ ? ମିଳନରେ ନୁହେ, ବିଚ୍ଛେଦରେ କେବଳ ପ୍ରେମର ଅତଳସ୍ପର୍ଶୀ ଗାମ୍ଭୀର୍ଯ୍ୟ ଅନୁଭୂତ ହୁଏ ।

ତୃତୀୟ ବିଷୟ, ଧର୍ମ—କାହାଣୀ ମଧ୍ୟରୁ ସେ କାଳର ଧର୍ମ ବିଷୟରେ କୌଣସି ସ୍ଥିର ସିଦ୍ଧାନ୍ତରେ ଉପନୀତ ହେବା ଦୁଷ୍କର । ଏକ ପକ୍ଷରେ ଦେଖୁଁ, ବାପମାନେ ଝିଅମାନଙ୍କୁ ଗଡ଼ ଗଡ଼ ଅପରାଧ ପାଇଁ ବଣରେ ବର୍ଜନ କରୁଅଛନ୍ତି, ରାଜାମାନେ ଅଳ୍ପ କଥାରେ ରାଣୀମାନଙ୍କୁ ଶୂଳୀ କାଠରେ ଦେଉଅଛନ୍ତି ଏବଂ ଅପରାଧୀମାନଙ୍କୁ ଛନ କଣ୍ଟା ଉପର କଣ୍ଟା ଦେଇ ଭୟଙ୍କର ନିଷ୍ଠୁର ଭାବରେ ହତ୍ୟା କରୁଅଛନ୍ତି—ଏ ସବୁ ବ୍ୟବହାର କି ଘୋର ବର୍ବରତା ଏବଂ ଅସଭ୍ୟତାର ଚିହ୍ନ ନୁହେ ? ଅନ୍ୟ ପକ୍ଷରେ ସେହିପରି ସ୍ୱାର୍ଥତ୍ୟାଗ, ସହାନୁଭୂତି, ପରୋପକାର, ଦୃଢ଼ପ୍ରତିଜ୍ଞା, ନୈତିକ ଏବଂ ସାମାଜିକ ନିୟମ ପ୍ରତି ଅଚଳା ଭକ୍ତି ସେମାନଙ୍କର ଦେବଭାବ କୀର୍ତ୍ତନ କରୁଅଛି । ଧନ ଯାଉ, ମାନ ଯାଉ, ସ୍ତ୍ରୀ ଯାଉ, ସବୁ ଯାଉ, ତଥାପି ସତ୍ୟପ୍ରତିଜ୍ଞାରୁ କେହି ଲେଶମାତ୍ର ବିଚଳିତ ହେଉ ନାହିଁ । ମନ୍ତ୍ରିପୁଅ ରାଜାପୁଅର ଜୀବନ ରକ୍ଷିବା ପାଇଁ ନିଜର ଜୀବନକୁ ମଧ୍ୟ ଅକାତର ସହିତ ବିସର୍ଜନ କରୁଅଛି ଏବଂ ପଶୁପକ୍ଷୀମାନେ ମଧ୍ୟ ଉପକାରର ପ୍ରତ୍ୟୁପକାରକୁ ଶରୀରର ଶୋଣିତରେ ପରିଶୋଧ କରୁଅଛନ୍ତି—ଏହାର କଳ୍ପନା ସବୁ କି ମହତ ଯୁଗର ଲକ୍ଷଣ ନୁହେ ?

ଚତୁର୍ଥ ବିଷୟ, ବିଶ୍ୱାସ—ପ୍ରାଚୀନମାନଙ୍କର ବିଶ୍ୱାସ ବିଷୟରେ ପୂର୍ବେ ଅନେକ ଥର କହା ହୋଇଅଛି । ବର୍ତ୍ତମାନ ସେମାନଙ୍କର ଧର୍ମବିଶ୍ୱାସର ସାରାଂଶ ଉଲ୍ଲେଖ କରି ପ୍ରବନ୍ଧ ସମାପ୍ତ କରିବୁଁ । ନାସ୍ତିକତା, ଅଜ୍ଞେୟତାବାଦ ପ୍ରଭୃତି ଅବିଶ୍ୱାସ ସବୁ ପ୍ରାଚୀନମାନଙ୍କ ମନରେ ସ୍ଥାନ ପାଉ ନ ଥିଲା । ଆଜି କାଲି ଲୋକେ ପୃଥିବୀକୁ ଯେପରି ଜଡ଼-ଚକ୍ଷୁରେ ଦେଖନ୍ତି, ମନୁଷ୍ୟର କେବଳମାତ୍ର ଲୀଳା-କ୍ଷେତ୍ର ମନେ କରନ୍ତି, ପୂର୍ବେ ସେପରି ନ ଥିଲା । ପ୍ରାଚୀନମାନେ ଜଡ଼ର ଅନ୍ତରାଳରେ ଆତ୍ମା ଦେଖୁଥିଲେ, ଆମ୍ଭମାନଙ୍କ ଜଡ଼ମୟ ପୃଥିବୀ ସେମାନଙ୍କ କଳ୍ପନାରେ ମଧ୍ୟ ସ୍ଥାନ ପାଇ ନାହିଁ । କଥାରେ

Digitized by srujanika@gmail.com

ଅଗ୍ନିଦେବତା, ସମୁଦ୍ରରେ ବରୁଣ ଦେବତା, ଭୂଗର୍ଭରେ ବସୁମାତା, ଆକାଶରେ ଚନ୍ଦ୍ରଦେବତା—ଏହିପରି ପ୍ରକୃତିର ଯାବତୀୟ ଭିନ୍ନ ପଦାର୍ଥ ମଧ୍ୟରେ ଗୋଟିଏ ଗୋଟିଏ ଜୀବନ୍ତମୂର୍ତ୍ତି କଳ୍ପନା କରୁଥିଲେ । ସେମାନେ ପରକାଳ ବିଶ୍ୱାସ କରୁଥିଲେ; ଏ ଜୀବନର କାର୍ଯ୍ୟାକାର୍ଯ୍ୟ ଅନୁସାରେ ପରଜୀବନରେ ଯେ ସୁଖ ଦୁଃଖ ଅଛି, ତାହା ମଧ୍ୟ ସେମାନେ ବିଶ୍ୱାସ କରୁଥିଲେ । ସେମାନେ ଦେବବାଦୀ ଥିଲେ । ଏ ଜୀବନର ସୁଖ ଦୁଃଖ ଭାଗ୍ୟାଭାଗ୍ୟ ଯେ ଈଶ୍ୱର ବିଧାନ, ତାହା ମଧ୍ୟ ସେମାନେ ବିଶ୍ୱାସ କରୁଥିଲେ । ବିଶେଷତଃ ଜୀବନର ପ୍ରଧାନ ପ୍ରଧାନ ଘଟଣାରେ ସେମାନେ ଈଶ୍ୱର ହସ୍ତ ସ୍ପଷ୍ଟରୂପେ ଦେଖୁଥିଲେ । ଏ କାଳରେ ହିନ୍ଦୁମାନେ ଯେଉଁ ମନ୍ତ୍ର ଶତ ମୁଖରେ ଉଦ୍‌ଘୋଷିତ କରନ୍ତି, କିନ୍ତୁ ଯେଉଁଥିରେ ଅତ୍ୟଳ୍ପ ଆସ୍ଥା ସ୍ଥାପନ କରନ୍ତି ସେହି "ବିବାହୋ ଜନ୍ମ ମରଣଂ ଯଦା ଯତ୍ର ଚ ଯେନ ଚ" ଏହି ପ୍ରାଚୀନମାନଙ୍କ ମନରେ ଦୃଢ଼ବଦ୍ଧ ଥିଲା ।

ପ୍ରବନ୍ଧର ଆଦ୍ୟରେ କାମିନୀର ବାଲ୍ୟସ୍ମୃତିକୁ ସମ୍ବୋଧନ କରିଥିଲି, ବର୍ତ୍ତମାନ ସେହି କାମିନୀ-ଜନିତ ବାଲ୍ୟସ୍ମୃତିକୁ ଉଦ୍ଦେଶ୍ୟ କରି ପ୍ରବନ୍ଧ ସମାପ୍ତ କରିବି;—କିନ୍ତୁ ନିଜ ଭାଷାରେ ନୁହେଁ, କବିଙ୍କ ଭାଷାରେ :—

ସରଳା କୁମାରୀକୁଳ କହିଣ କାମିନୀ
ହସି ଖେଳ ଦେଖାଇଲେ କି ମୋହନ ଠାଣି !
ସୁଖର ସେ ହାଟ ଏବେ ଭାଙ୍ଗି ଯାଇଅଛି,
କେଉଁ ଅତ୍ରେ କିଏ କେବେ ଭୁଲି ଯାଇଅଛି !

*   *   *   *
*   *   *   *

କାହିଁ ଗଲା ଅହା ସେହି ସୁଖର ଭୁବନ,
ଲାଗୁଛି ସେ ମୋତେ ଯେହ୍ନେ କାଲିର ସ୍ୱପନ !

ଶ୍ରୀ ମୋହିନୀମୋହନ ସେନାପତି ।

—॰○※○॰—

ଆଲୋକଚିତ୍ର ବା ଫଟୋଗ୍ରାଫି । (୬)

ବିସ୍ତାରିତ କାର୍ଯ୍ୟପ୍ରଣାଳୀ ।

ପ୍ରଥମତଃ ଦାଗଶୂନ୍ୟ ସମତଳ ଖଣ୍ଡେ କାଚ-ଫଲକ ବାଛି ନେବ । କାଚଫଲକ ସମତଳ ନ ହେଲେ ତାକୁ ସ୍ଲାଇଡ଼ ମଧ୍ୟରେ ସ୍ଥାପନ କଲାବେଳେ ଚାପ ପାଇ ଭାଙ୍ଗି ଯିବା ସମ୍ଭବ । ତାହାକୁ ସୋଡ଼ା ଓ ନାଇଟ୍ରିକ୍ ଏସିଡ଼ ଦେଇ ଉତ୍ତମରୂପେ ପରିଷ୍କାର କରି ଶୁଷ୍କ କରିବ । ତଦୁତ୍ତାରୁ ସେମସ୍ ଲେଦାର (Chamois leather) ଦ୍ୱାରା ଉତ୍ତମରୂପେ ପରିଷ୍କାର କରିବ, ଯେପରି ପାଣିର ଦାଗ କିମ୍ବା ଅନ୍ୟ କୌଣସି ଦାଗ ନ ରହେ । ତହିଁରେ କୌଣସି ପ୍ରକାର ଦାଗ ଦେଖା ଗଲେ କାର୍ଯ୍ୟ ପ୍ରତି ବ୍ୟାଘାତ ଘଟିବ ।

ଉତ୍ତମରୂପେ ପରିଷ୍କାର କଲା ପରେ ତହିଁରେ କଲୋଡିଅନ ସ୍ତର ଦେବ । କଲୋଡିଅନ ସହିତ ପୂର୍ବରୁ ଅପ୍ୟୋତନ ମିଶ୍ରିତ ହୋଇ ନ ଥିଲେ କାର୍ଯ୍ୟ ପୂର୍ବରୁ ତିନି ଭାଗ କଲୋଡିଅନ ସହିତ ଏକ ଭାଗ ଅପ୍ୟୋତନ ମିଶାଇ ନେବ । କାଚ-ଫଲକ ଉପରେ କଲୋଡିଅନ-ମିଶ୍ର ଢାଳିବା ପୂର୍ବରୁ ବିଶେଷରୂପେ ଦେଖିବା ଆବଶ୍ୟକ ଯେ କଲୋଡିଅନରେ କୌଣସି ମଇଳା ଅଛି କି ନାହିଁ

Digitized by srujanika@gmail.com

ଯେବେ କିଛି ମଇଳା ଥିବାର ଦେଖାଯାଏ, ତାହା ହେଲେ ଶିଶିକୁ କିଛି କ୍ଷଣ ସ୍ଥିରଭାବରେ ରଖି ଦେବ, ଯେପରି ମଇଳାଗୁଡିକ ଶିଶିର ନିମ୍ନଭାଗରେ ବସିଯାଏ। କଲୋଡିଅନର ସ୍ତର ଦେବା ସମୟରେ କାଚଫଳକର ଗୋଟିଏ କୋଣକୁ ବୃଦ୍ଧା ଓ ତର୍ଜନୀ ଅଙ୍ଗୁଳି ଦ୍ୱୟରେ ଧରି ତାହାର ମଧ୍ୟ ଭାଗରେ ମିଶ୍ରଣ ପଦାର୍ଥକୁ ଢାଳି ଦେଇ ଉକ୍ତ ଫଳକକୁ ଏପରି ଭାବରେ ଏ ପାଖ ସେ ପାଖ ଢଳାଇବାକୁ ହେବ ଯେପରି ସମସ୍ତ ଫଳକରେ କଲୋଡିଅନ ସ୍ତର ସମତଳ ଭାବରେ ଲାଗିବ, ତଦୁତ୍ତାରୁ ଉଦ୍‌ବୃତ୍ତ ମିଶ୍ରଣଗୁଡିକୁ ଫଳକର ଗୋଟିଏ କୋଣ ଦେଇ ସାବଧାନରେ ଶିଶି ମଧ୍ୟରେ ଢାଳି ଦେବ। ଶିକ୍ଷାର୍ଥିଙ୍କର ମନେ ରଖିବା ଉଚିତ ଯେ କାଚଫଳକ ଉପରେ କଲୋଡିଅନ ମିଶ୍ରଣ ସାବଧାନରେ ଏବଂ ଯଥେଷ୍ଟ ପରିମାଣରେ ଢାଳିବା ଆବଶ୍ୟକ; କାରଣ ତାହା ଯେପରି ଦୁଇ ଥର କରିବାକୁ ନ ହୁଏ। କଲୋଡିଅନ ଦୁଇଥର ଢଳା ହେଲେ କାଚରେ ଦାଗ ହୋଇଯାଇ ନଷ୍ଟ ହୋଇ ଯାଏ, ଏଥି ଯୋଗୁଁ ଶିକ୍ଷାର୍ଥିଙ୍କର କଲୋଡିଅନ ଢାଳିବା ବିଷୟରେ ବିଶେଷ ଅଭ୍ୟସ୍ତ ହେବା ଉଚିତ। କଲୋଡିଅନର ସ୍ତର ଦିବାଲୋକରେ ଦିଆଯାଇ ପାରେ, କିନ୍ତୁ ଅନୁଭୂତି ସାଧକ (Sensitive) କରିବା ସମୟରେ ଅନ୍ଧକାର ଗୃହ ମଧ୍ୟରେ ରୁବି ପ୍ରଦୀପ ଜଳାଇ କାର୍ଯ୍ୟ ନ କଲେ ନଷ୍ଟ ହୋଇଯାଏ। କଲୋଡିଅନକୁ ପ୍ରଦୀପଠାରୁ ଦୂରରେ ରଖିବା ଉଚିତ, ନୋହିଲେ ପ୍ରଦୀପସ୍ଥ ଅଗ୍ନି ଆକର୍ଷିତ ହୋଇ କଲୋଡିଅନ ଜଳି ଉଠେ।

କାଚଫଳକରେ କଲୋଡିଅନର ସ୍ତର ଲଗାଇବା ପରେ ତାହାକୁ କଷ୍ଟିକ-ଦ୍ରବରେ ବୁଡ଼ାଇ ଅନୁଭୂତିସାଧକ କରିବାକୁ ହୁଏ; କିନ୍ତୁ ଅନୁଭୂତି ସାଧକ କରିବା ପୂର୍ବରୁ କିଛି କ୍ଷଣ ବିଳମ୍ବ କରିବା ଆବଶ୍ୟକ, ଯେପରି ଫଳକରୁ ଇଥର (Ether) ଉଡିଯାଇ କେବଳ ପାଇରକ୍ସିଲାଇନ (Pyroxyline) ଲାଗି ରହେ। କଲୋଡିଅନ ସ୍ତର ପ୍ରୟୋଗର କୋଡିଏ ସେକେଣ୍ଡ ପରେ ଅନୁଭୂତି ସାଧକ (Sensitized) କଲେ ଚଳେ।

କଷ୍ଟିକ-ଦ୍ରବରେ କାଚଫଳକକୁ ଦେଢ଼ ମିନିଟ ବୁଡ଼ାଇ ରଖିବ, ତଦୁତ୍ତାରେ ତହିଁରୁ କାଢ଼ି ଖଣ୍ଡିଏ ବ୍ଲଟିଂ କାଗଜ ଉପରେ ତାହାକୁ ଠିଆ ଭାବରେ ରଖି ଦେବ, ଯେପରି କି ଅତିରିକ୍ତ କଷ୍ଟିକ-ଦ୍ରବ ବ୍ଲଟିଂ କାଗଜଦ୍ୱାରା ଶୋଷିତ ହୁଏ। ଅତିରିକ୍ତ କଷ୍ଟିକ-ଦ୍ରବ ଶୋଷିତ ହେବା ପରେ କାଚଫଳକକୁ ସାବଧାନରେ ଡାର୍କ ସ୍ଲାଇଡ଼ (Dark slide) ମଧ୍ୟରେ ସ୍ଥାପନ କରିବ। କାଚକୁ ସ୍ଲାଇଡ଼ ମଧ୍ୟରେ ସ୍ଥାପନ କଲାବେଳେ ସ୍ମରଣ ରଖିବା ଉଚିତ ଯେପରି ମସଲାଯୁକ୍ତ ପାର୍ଶ୍ୱ କାମେରା ମଧ୍ୟସ୍ଥ ଲେନ୍ସ ଆଡ଼କୁ ରହେ—ଅର୍ଥାତ ଏକ୍ସପୋଜର (Exposure) ଦେବାବେଳେ ଯେପରି ବାହ୍ୟସ୍ଥ ପଦାର୍ଥର ପ୍ରତିବିମ୍ବ ଲେନ୍ସଦ୍ୱାରା ଆକୃଷ୍ଟ ହୋଇ ତଦୁପରି ପ୍ରତିଫଳିତ ହୁଏ। ଏକ୍ସପୋଜର ଦେବା ପୂର୍ବରୁ କାମେରାର ପଶ୍ଚାଦ୍ଭାଗରେ ସଂଲଗ୍ନ ହୋଇଥିବା ଫୋକସିଂ ସ୍କ୍ରୀନକୁ (Ground glass) ସାବଧାନରେ ଅପସାରିତ କରି ସେହି ସ୍ଥାନରେ ସ୍ଲାଇଡ଼କୁ ଲଗାଇବ। ସ୍ଲାଇଡ଼ର ପର୍ଦ୍ଦାକୁ ଖୋଲିବା ପୂର୍ବରୁ ଦେଖିବା ଆବଶ୍ୟକ, ଯେପରି ଲେନ୍ସ ମୁଖରେ ଢାଙ୍କୁଣୀଟି (Cap) ଲଗିଥାଏ, ନୋହିଲେ ବଟାଣ୍ଟି ପର୍ଦ୍ଦା ଖୋଲି ଦେଲେ ବାହ୍ୟସ୍ଥ ଆଲୋକ ପ୍ରବିଷ୍ଟ ହୋଇ ଫଳକକୁ ନଷ୍ଟ କରି ଦେବ।

ଏକ୍ସପୋଜର ଦେବା ପୂର୍ବରୁ ଯେଉଁ ଦ୍ରବ୍ୟର କିମ୍ବା ମନୁଷ୍ୟର ପ୍ରତିରୂପ ନେଉଥିବ ତାହାକୁ ଦେଖି ସାବଧାନରେ ଲେନସ୍ ମୁଖରୁ ଢାଙ୍କୁଣୀ କାଢ଼ି ଏକ୍ସପୋଜର ଦେଇ ପୁନର୍ବାର ଢାଙ୍କୁଣୀ ଦେଇ ବନ୍ଦ କରି ଦେବ; ତଦୁତ୍ତାରୁ ଖୋଲା ହୋଇଥିବା ସ୍ଲାଇଡର ପର୍ଦ୍ଦାକୁ ବନ୍ଦ କରି ଦେଇ ସ୍ଲାଇଡକୁ କାମେରାର ପଶ୍ଚାଦ୍ଭାଗରୁ କାଢ଼ି ଅତି ସାବଧାନରେ ହଲାହଲା ନ କରାଇ ଡାର୍କରୁମ୍ ମଧ୍ୟକୁ

Digitized by srujanika@gmail.com

ଅଣି ତହିଁରୁ କାଚଫଳକକୁ କାଢ଼ି ସ୍ଫୁଟନ-ମିଶ୍ର (Developing solution) ପ୍ରୟୋଗଦ୍ୱାରା ସ୍ଫୁଟନ (Develop) କରିବ । ଛବି ସ୍ଫୁଟନ କରିବା ପୂର୍ବରୁ ଦେଖିବା ଆବଶ୍ୟକ ଯେ କାଚ-ଫଳକର ଯେଉଁ ଅଂଶ ସ୍ଲାଇଡ ମଧ୍ୟରେ ନିମଗ୍ନ ଥିଲା ସେହି ଅଂଶରେ ଉଦ୍‌ବୃତ୍ତ ଅଦ୍ର କଷ୍ଟିକ-ଦ୍ରବ ବୋହିପଡୁଛି କି ନାହିଁ; ଯେବେ କିଛି ବୋହି ପଡୁଥାଏ ତେବେ ଉକ୍ତ କାଚକୁ ପୁନର୍ବାର କିଛି କ୍ଷଣ ବ୍ଲଟିଂ କାଗଜ ଉପରେ ରଖି ଉଦ୍‌ବୃତ୍ତ କଷ୍ଟିକ-ଦ୍ରବକୁ ଶୋଷିତ କରାଇବ ଏବଂ ତଦୁତ୍ତାରୁ ସ୍ଫୁଟନ-ମିଶ୍ର ପ୍ରୟୋଗ କରିବ ।

ସ୍ଫୁଟନ-ମିଶ୍ର ପ୍ରୟୋଗ କରିବା ପୂର୍ବରୁ ବିବେଚନା କରିବା ଆବଶ୍ୟକ ଯେ ପଜିଟିଭ୍ ଛବି ବା ନେଗେଟିଭ୍ ଛବି କରିବ । ଯେଉଁପରି ଛବି କରିବାର ଆବଶ୍ୟକ ଥିବ ସେହିପରି ସ୍ଫୁଟନ-ମିଶ୍ର ପ୍ରୟୋଗ କରି ଛବି ସ୍ଫୁଟନ କରିବ ।

କଲୋଡିଅନ ସ୍ତର ଦେବା ସମୟରେ ଯେପରି କାଚଖଣ୍ଡକୁ ଅଙ୍ଗୁଷ୍ଠିଦ୍ୱୟରେ ଏକ କୋଣରୁ ଧରି କଲୋଡିଅନ-ମିଶ୍ର ଢାଳିବାକୁ ହୁଏ, ସେହିପରି ସ୍ଫୁଟନ-ମିଶ୍ର ପ୍ରୟୋଗ କରିବା ବେଳେ କାଚ-ଫଳକକୁ ଗୋଟିଏ କୋଣ ଧରି ତହୁପରି ଅଳ୍ପ ପରିମାଣରେ ସ୍ଫୁଟନ-ମିଶ୍ର ଢାଳି ଧୀରେ ଧୀରେ ତାହାକୁ ହଲାଇ ହଲାଇ ସମସ୍ତ ସ୍ଫୁଟନ-ମିଶ୍ରକୁ ଚାରି ଆଡ଼େ ଲଗାଇଦେବ । ଚାରି ଆଡ଼େ ସ୍ଫୁଟନ-ମିଶ୍ର ଲାଗି ଗଲେ ଦେଖିବାକୁ ହେବ ଯେ କାଚ-ଫଳକରେ ଛବି ବିକାଶିତ ହୋଇଅଛି କି ନାହିଁ । ତହିଁରେ ଛବି ସ୍ପଷ୍ଟ ଦେଖା ଗଲେ ଜାଣିବ ଯେ ସ୍ଫୁଟନ କ୍ରିୟା ସମାପ୍ତ ହୋଇଅଛି । ତଦୁତ୍ତାରୁ କାଚଫଳକକୁ ନିର୍ମଳ ଜଳଦ୍ୱାରା ଧୌତ କରି ସଂରକ୍ଷଣ-ମିଶ୍ର (Fixing solution) ପ୍ରୟୋଗ-ଦ୍ୱାରା ଛବିକୁ ସ୍ଥାୟୀ କରିବ । ତତ୍ପରେ କିଛି କ୍ଷଣ ପରିଷ୍କୃତ ଜଳଦ୍ୱାରା ଉତ୍ତମରୂପେ ଧୌତ କରି ଶୁଖାଇ ଦେବ । ଛବିକୁ ଏପରି ଭାବରେ ଧୌତ କରିବା ଆବଶ୍ୟକ ଯେପରି କି ତହିଁରେ କଷ୍ଟିକାର ସଂରକ୍ଷଣ-ମିଶ୍ର ଲାଗି ନ ରହେ; ସଂରକ୍ଷଣ-ମିଶ୍ର କଷ୍ଟିକାର ରହିଲେ ଛବି ଅଳ୍ପ ଦିନରେ ନଷ୍ଟ ହୋଇ ଯାଏ । କାଚକୁ ଅତି ସାବଧାନରେ ଶୁଷ୍କ କରିବା ଉଚିତ, କାରଣ କୌଣସି ପ୍ରକାର ଆଘାତ ଲାଗିଲେ ତଦୁପରିସ୍ଥ କଲୋଡିଅନ-ସ୍ତର ବାହାରି ଯାଇ ଛବି ନଷ୍ଟ ହୋଇ ଯାଏ । ସେଥି ଯୋଗୁଁ ସେହି ସମୟରେ ବାର୍ଣ୍ଣିସ ଲଗାଇ ଦିଆ ଯାଏ । ବାର୍ଣ୍ଣିସ ଲଗାଇବା ପୂର୍ବରୁ କାଚକୁ କିଛି କ୍ଷଣ ଶୁଖାଇ ନେବା ଆବଶ୍ୟକ, କାଚ ଗରମ ଥିବା ସମୟରେ ବାର୍ଣ୍ଣିସ ଲଗାଇବା କର୍ତ୍ତବ୍ୟ । ପଜିଟିଭ୍ ଛବି ହୋଇଥିଲେ କାଚର ପଶ୍ଚାଦ୍ଭାଗରେ କଳା ବାର୍ଣ୍ଣିସ ଲଗାଇବ । ନେଗେଟିଭ୍ ଛବି ହୋଇଥିଲେ ତାହାର ପଶ୍ଚାଦ୍ଭାଗରେ କିଛି ଲଗାଇବାକୁ ହୁଏ ନାହିଁ ।

କାଗଜ ଉପରେ ମୁଦ୍ରାଙ୍କନ ପ୍ରଣାଳୀ । (Printing process)—

ପୂର୍ବରେ ବର୍ଣ୍ଣିତ ହୋଇଅଛି ଯେ ଅନୁରୂପ (Positive) ଛବିରେ Light and shade ଠିକ ଥାଏ, ସୁତରାଂ ସେହି କାଚଖଣ୍ଡିକୁ ଫ୍ରେମରେ ବନ୍ଧାଇ ରଖିବାକୁ ହୁଏ । କିନ୍ତୁ ବିରୂପ (Negative) ଛବିରେ Light and shade ଓଲଟା ଥାଏ, ସେଥି ଯୋଗୁଁ ତହିଁରୁ କାଗଜ ଉପରେ ଛବି ମୁଦ୍ରିତ କରି ନେବାକୁ ହୁଏ । ଗୋଟିଏ ପ୍ରିଣ୍ଟିଂ ଫ୍ରେମ ମଧ୍ୟରେ ନେଗେଟିଭକୁ ରଖି ତଦୁପରି ଖଣ୍ଡିଏ ଅନୁଭୂତିସାଧକ କାଗଜ (Sensitized paper) ସ୍ଥାପନ କରିବ; ତାହା ଉପରେ ପୁଣି ବ୍ଲଟିଂ କାଗଜ ଦୁଇ ଚାରି ପ୍ରସ୍ଥ ରଖି ପଟା ଦେଇ ସ୍ପ୍ରିଂ (Spring) ଲଗାଇ ଆଲୋକରେ ରଖି ଦେଲେ କିଛି କ୍ଷଣ ଉତ୍ତାରେ କାଗଜରେ ଅନୁରୂପ ମୁଦ୍ରିତ ଛବି ହୋଇ ଯିବ । କାଗଜରେ ଛବି ମୁଦ୍ରିତ କରିବାକୁ ହେଲେ ପ୍ରଥମରେ କାଗଜକୁ ଅନୁଭୂତିସାଧକ କରିବାକୁ ହୁଏ । ଯେଉଁ କାଗଜକୁ ଅନୁଭୂତିସାଧକ କରିବାକୁ ହୁଏ, ତାହା ଅତ୍ୟନ୍ତ ମସୃଣ ହେବ

Digitized by srujanika@gmail.com

ଆବଶ୍ୟକ । ସେଥି ପାଇଁ ଫଟୋଗ୍ରାଫିକ୍ ମୁଦ୍ରାଙ୍କନ କାଗଜ ଉପରେ ଏକ ସ୍ତର ଲବଣାକ୍ତ ଅଣ୍ଡଲାଳ (Albumen) ଅଥବା ଜିଲେଟିନ୍ (Gelatine) ଲଗାଇ ମସୃଣ କରାଯାଏ । ଏହା ପ୍ରସ୍ତୁତ କରିବାର ପ୍ରଣାଳୀ ପରେ ବର୍ଣ୍ଣିତ ହେବ ।

କ୍ରମଶଃ

ଶ୍ରୀ ଶ୍ୟାମାନନ୍ଦ ପାଠିଆ ।

ଓଡ଼ିଆ ଯାତ୍ରା ।

ବିଶାଳ ଭାରତର ବିଶାଳତାପୂର୍ଣ୍ଣ ସାହିତ୍ୟ ଶରୀରର ଗୋଟିଏ ପ୍ରଧାନ ଅଙ୍ଗ ନାଟ୍ୟ-ସାହିତ୍ୟ । ସଂସ୍କୃତ ନାଟ୍ୟ-ସାହିତ୍ୟ ପରି ବିଶାଳ ଓ ବୈଚିତ୍ର୍ୟ-ପୂର୍ଣ୍ଣ ଚିତ୍ତବିନୋଦନ ସାହିତ୍ୟ ବୋଧ ହୁଏ ଯୁଗୋପଯୋଗୀ ସାହିତ୍ୟମାନଙ୍କ ମଧ୍ୟରେ ଅତି ଅଳ୍ପ ଅଛି । ବାସ୍ତବିକ କାଳିଦାସଙ୍କର ଅଭିଜ୍ଞାନ ଶକୁନ୍ତଳ, ଭବଭୂତିଙ୍କର ଉତ୍ତର ରାମଚରିତ, ବିଶାଖ-ଦତ୍ତଙ୍କର ମୁଦ୍ରାରାକ୍ଷସ, ଶୂଦ୍ରକଙ୍କର ମୃଚ୍ଛକଟିକ, ଶ୍ରୀହର୍ଷଙ୍କର ରତ୍ନାବଳୀ ଏବଂ ଭଟ୍ଟନାରାୟଣଙ୍କର ବେଣୀସଂହାର ପ୍ରଭୃତି ଦୃଶ୍ୟ କାବ୍ୟଗୁଡ଼ିକ ପ୍ରାଚୀନ ଭାରତୀୟ ନାଟ୍ୟସାହିତ୍ୟର ସମୁଜ୍ଜ୍ୱଳ ଅଳଙ୍କାର । ଏହି ଅମୂଲ୍ୟ ଗ୍ରନ୍ଥଗୁଡ଼ିକ ବର୍ତ୍ତମାନ ସମୟରେ ପାଶ୍ଚାତ୍ୟ ପଣ୍ଡିତମଣ୍ଡଳୀଙ୍କ ନିକଟରେ ମଧ୍ୟ ଯଥେଷ୍ଟ ଆଦର ପ୍ରାପ୍ତ ହେଉଅଛି । ଦୁର୍ଭାଗ୍ୟ-ବଶତଃ ଭାରତବର୍ଷରେ ଧାରାବାହିକ ଇତିହାସ ନ ଥିବାରୁ ଆମ୍ଭେମାନେ ଭାରତୀୟ ନାଟ୍ୟଶାଳା ଓ ଅଭିନୟର କୌଣସି ତଥ୍ୟ ଅବଗତ ହୋଇ ପାରୁ ନାହୁଁ । ତଥାପି ସଂସ୍କୃତ ସାହିତ୍ୟ ଆଲୋଚନା କରି ପଣ୍ଡିତମଣ୍ଡଳୀ ନାଟ୍ୟସାହିତ୍ୟ ସମ୍ବନ୍ଧରେ ଯେଉଁ ସବୁ ତତ୍ତ୍ୱ ଆବିଷ୍କାର କରିଅଛନ୍ତି ଓ କରୁ-ଅଛନ୍ତି, ସେଥିରୁ ଆମ୍ଭେମାନେ ଜାଣି ପାରୁଅଛୁଁ ଯେ ପୂର୍ବକାଳରେ ଭାରତବର୍ଷରେ ନାଟ୍ୟକଳା ଯତ୍ନାନୁପାଳିତ ଥିଲା । ଅତି ଉଚ୍ଚ ଆଦର୍ଶ ଘେନି ନାଟ୍ୟାଚାର୍ଯ୍ୟମାନେ ରଙ୍ଗଭୂମିରେ ଉପସ୍ଥିତ ହେଉଥିଲେ ଏବଂ ଅଭିନେତୃଗଣ ସୁଶିକ୍ଷିତ ଓ ସୁପଣ୍ଡିତ ନ ହେଲେ ଅଭିନୟକ୍ରିୟାରେ ଯୋଗ ଦେଉ ନ ଥିଲେ । କାଳକ୍ରମେ ରଙ୍ଗମଞ୍ଚର ଏହି ଉଚ୍ଚ ଆଦର୍ଶ ଭାରତବର୍ଷରୁ ଲୁପ୍ତ ହୋଇଅଛି । ପରବର୍ତ୍ତୀ କାଳରେ ପ୍ରାଦେଶିକ ଭାଷାନିବଦ୍ଧ ଯାତ୍ରାଦଳ ଅଭ୍ୟୁଦିତ ହୋଇ ତହିଁର ଅଧିକାର କରି ବସିଅଛି । ଭାରତର ନାନା ପ୍ରଦେଶରେ ଓ ନାନା ଭାଷାରେ ଯେଉଁ ସବୁ ଯାତ୍ରାଦଳର ସୃଷ୍ଟି ହୋଇଅଛି, ଓଡ଼ିଆ ଯାତ୍ରା ତନ୍ମଧ୍ୟରେ ଅନ୍ୟତମ । ଏଠାରେ ଆମ୍ଭେମାନେ ତତ୍ସମ୍ବନ୍ଧରେ କିଞ୍ଚିତ୍ ଆଲୋଚନା କରିବୁଁ ।

ସଭ୍ୟତାର ନିମ୍ନତମ ସୋପାନରେ ଅବସ୍ଥିତ ଜାତିମାନଙ୍କ ମଧ୍ୟରେ ମଧ୍ୟ ଏକ ପ୍ରକାର ନୃତ୍ୟ ଗୀତ ପ୍ରଚଳିତ ଥିବାର ଦେଖାଯାଏ । ମାନବ-ସ୍ୱଭାବ ଏପରି ଭାବରେ ଗଠିତ ଯେ କୌଣସି ପ୍ରକାର ଆମୋଦ ବ୍ୟତୀତ ତାହା ପୂର୍ଣ୍ଣ ବିକଶିତ ହୋଇ ପାରେ ନାହିଁ । ହୃଦୟ ମଧ୍ୟରେ ଆନନ୍ଦର ଉଚ୍ଛ୍ୱାସ ଅତ୍ୟନ୍ତ ଗଭୀର ହେଲେ ମନୁଷ୍ୟ ତାହାକୁ ସହଜ ଭାବରେ ବ୍ୟକ୍ତ ନ କରି ଭଙ୍ଗୀମାମୟ ରାଗରାଗିଣୀଯୁକ୍ତ ଭାଷାରେ ପ୍ରକାଶ କରେ । ଅବଶ୍ୟ ସେତେବେଳେ ଏହି ଭାଷା ସଙ୍ଗୀତ-କଳା ଶାସ୍ତ୍ରର ନିମ୍ନ ସ୍ତରରେ ଅବସ୍ଥିତ ରହୁଥାଏ । ପରେ ଶାସ୍ତ୍ରଜ୍ଞ ସୁପଣ୍ଡିତମାନେ ତାହାକୁ ନିୟମାନୁସାରେ ଛନ୍ଦୋବଦ୍ଧ କଲେ ପ୍ରକୃତ ସଙ୍ଗୀତ ନାମର ଉପଯୋଗୀ ହୁଏ । ହୃଦୟଙ୍ଗମକରଣରୁ ଭଙ୍ଗୀଯୁକ୍ତ ବାକ୍ୟ ବହିର୍ଗତ ହେଲାବେଳେ ତାହା

Digitized by srujanika@gmail.com

ସମସ୍ତ ଶରୀରରେ ଗୋଟିଏ ବୈଦ୍ୟୁତିକ ସ୍ରୋତ ପ୍ରବାହିତ କରି ଦିଏ । ସେହି ହେତୁରୁ ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଏକପ୍ରକାର ସଞ୍ଚାଳିତ ହୁଏ । କ୍ରମେ ଏହି ସଞ୍ଚାଳନ ସୁନିୟମିତ ହେଲେ ତାହା ନୃତ୍ୟରେ ପରିଣତ ହୁଏ । ଏହିପ୍ରକାରେ ନୃତ୍ୟ ଗୀତର ସୃଷ୍ଟି ହୁଏ । ଅତଏବ ମାନବସ୍ୱଭାବରେ ନୃତ୍ୟ ଗୀତ ଯେ ଅତି ଉଚ୍ଚାବସ୍ଥାର ବିଷୟ, ସେଥିରେ ସନ୍ଦେହ ହୋଇ ନ ପାରେ । ଭାରତର ଶ୍ରେଷ୍ଠ ସଙ୍ଗୀତାଚାର୍ଯ୍ୟ ଓ ନାଟ୍ୟାଚାର୍ଯ୍ୟମାନଙ୍କର ଅବସ୍ଥା ପର୍ଯ୍ୟାଲୋଚନା କଲେ ଏହା ସ୍ପଷ୍ଟ ଉପଲବ୍ଧ ହେବ । ନାଟ୍ୟକଳାର ଏହି ଉଚ୍ଚ ଆଦର୍ଶ ଏକ ସମୟରେ ଭାରତବର୍ଷରେ ପ୍ରକୃତ ବସ୍ତୁ ଥିଲା । ବର୍ତ୍ତମାନ ଆମ୍ଭେମାନେ ଏହି ଉଚ୍ଚାଦର୍ଶର କେତେ ନିମ୍ନ ସ୍ତରରେ ଅବସ୍ଥିତ ! ମନୁଷ୍ୟ ସ୍ୱଭାବତଃ ଅନୁକରଣପ୍ରିୟ । ବିଶେଷ ଭାବୋଚ୍ଛ୍ୱାସରେ ମନୁଷ୍ୟ ଯାହା କରୁଥିଲା, ଭାବତରଙ୍ଗହୀନ ହୃଦୟ ତାହାକୁ ଅନୁକରଣ କରିବାକୁ ଯାଇ ଆଦର୍ଶର ଯେଉଁ ବିକୃତି ସମ୍ପାଦନ କରିଅଛି, ତାହା ଆଜି ଆମ୍ଭମାନଙ୍କର ପ୍ରତ୍ୟକ୍ଷୀଭୂତ ବ୍ୟାପାର । ଶିକ୍ଷାର ଅଭାବ ଏବଂ ଆଦର୍ଶର ନ୍ୟୂନତା ଏହି ଶୋଚନୀୟ ଅବସ୍ଥାର ମୂଳ କାରଣ ।

ଓଡ଼ିଆ ଯାତ୍ରା କଥା କହୁଥିଲୁଁ । ଅମୁଦ୍ରିତ ପ୍ରାଚୀନ ଓଡ଼ିଆ ସାହିତ୍ୟ ମଧ୍ୟରେ ଉଲ୍ଲେଖଯୋଗ୍ୟ ଖଣ୍ଡେମାତ୍ର ଉତ୍କୃଷ୍ଟ ନାଟ୍ୟ ସାହିତ୍ୟ ନାହିଁ କହିଲେ ଚଳେ । ସଂସ୍କୃତ ନାଟ୍ୟସାହିତ୍ୟର ଯଥାଯଥ ଅନୁବାଦ ମଧ୍ୟ ଓଡ଼ିଆ ଭାଷାରେ ହୋଇ ନ ଥିଲା । ବର୍ତ୍ତମାନ କେହି କେହି ଅଭିଜ୍ଞାନ ଶକୁନ୍ତଳ ପ୍ରଭୃତି ଆଦର୍ଶ ନାଟକର ଅନୁବାଦରେ ପ୍ରବୃତ୍ତ ହୋଇଥିବା ସୁଖର ବିଷୟ । ଦୁଇ ଏକ ଖଣ୍ଡି ଅନୁବାଦ ପ୍ରକାଶିତ ମଧ୍ୟ ହୋଇଅଛି । ମାତ୍ର ଏହି ସବୁ ଅନୁବାଦ ରଚନା-ମାଧୁର୍ଯ୍ୟରେ ମୂଳ ଗ୍ରନ୍ଥର ରସାସ୍ୱାଦରେ କେତେଦୂର ସାହାଯ୍ୟ କରିବ, ତାହା ବିଚାର ବିଷୟ । ମୁଦ୍ରିତ ଦୁଇ ଚାରି ଖଣ୍ଡି ଗ୍ରନ୍ଥଦ୍ୱାରା ଉତ୍କଳଭାଷାର ଗୌରବବୃଦ୍ଧି ଯେ ଅତି ଅଳ୍ପ ମାତ୍ରାରେ ସମ୍ପାଦିତ ହୋଇଅଛି, ତାହା ସମସ୍ତେ ସ୍ୱୀକାର କରିବେ । ଅବସ୍ଥା ଯେତେବେଳେ ଏପ୍ରକାର, ସେତେବେଳେ ଏହା ସ୍ପଷ୍ଟ ବୁଝାଯାଉଅଛି ଯେ ସୁଦୂରବର୍ତ୍ତୀ ଅତୀତ କାଳରେ ଓଡ଼ିଶାରେ ସଂସ୍କୃତ ନାଟ୍ୟ-ସାହିତ୍ୟର ସମ୍ୟକ୍ ଆଦର ହୋଇ ନ ଥିଲା । ତଥାପି, ପ୍ରଚଳିତ ଓଡ଼ିଆ ଯାତ୍ରା ବା "ଲୀଳା"ମାନଙ୍କର ପ୍ରାଚୀନତ୍ୱ ବିଷୟରେ ସନ୍ଦେହ ହେବାର କୌଣସି ନିଶ୍ଚିତ କାରଣ ବିଦ୍ୟମାନ ନାହିଁ । ଓଡ଼ିଆ ଭାଷାର ମୂଳ ପ୍ରକୃତି ଓ ଗତି ଯେଉଁମାନେ ଆଲୋଚନା କରୁଅଛନ୍ତି ବା କରିବେ, ସେମାନେ ନିଶ୍ଚୟ କରି ଦେଖିବେ ଏହି ପ୍ରଚଳିତ "ଲୀଳା"ଗୁଡ଼ିକ ଓଡ଼ିଆ ସାହିତ୍ୟର ସୃଷ୍ଟିର ସମକାଳୀନ କି ନା ।

ରାମାୟଣ, ମହାଭାରତ ଓ ଭାଗବତ ଏହି ତିନୋଟି ବିଷୟ ପ୍ରଧାନତଃ ଲୀଳାକାରରେ ବହୁକାଳରୁ ଓଡ଼ିଆ ଭାଷାରେ ଗ୍ରଥିତ ହୋଇ ଉତ୍କଳୀୟମାନଙ୍କର ମନୋରଞ୍ଜନ କରି ଆସୁଅଛି । ଏହି ଲୀଳାମାନଙ୍କର ରଚୟିତା କିଏ, ଆମ୍ଭେମାନେ ବିଶେଷ ଅନୁସନ୍ଧାନ କରି ମଧ୍ୟ ସ୍ଥିର କରି ପାରି ନାହୁଁ । କେବଳ କୌଣସି କୌଣସି ଅଞ୍ଚଳର ରାମଲୀଳାର "ଭଣିତା"ରେ ସଦାଶିବନାମା ଜଣେ ବ୍ୟକ୍ତିଙ୍କର ନାମ ପାଉଅଛୁଁ ମାତ୍ର । ଏ ବିଷୟରେ ମଧ୍ୟ ତତ୍ତ୍ୱାନୁସନ୍ଧାୟୀମାନଙ୍କର ଯତ୍ନପର ହେବା ଏକାନ୍ତ ବାଞ୍ଛନୀୟ । ରାମାୟଣର ଅଶ୍ରୁତପୂର୍ବ କଥା, ଉଚ୍ଚନୀତିପୂର୍ଣ୍ଣ ମହାଭାରତର ବିଷୟ ଏବଂ ଆଦର୍ଶପୁରୁଷ ଶ୍ରୀକୃଷ୍ଣଙ୍କ ଜୀବନର ଘଟଣାବଳୀ ଯେ ମାନବ ମନ ଓ ଚରିତ୍ରର ଉନ୍ନତି ବିଧାନ ପକ୍ଷରେ ବିଶେଷ ଉପକାରୀ, ସେ ବିଷୟରେ କୌଣସି ସନ୍ଦେହ ହୋଇ ନ ପାରେ । ସେମାନେ ଭାରତୀୟ ନରନାରୀମାନଙ୍କର ମାନସିକ ଓ ଚରିତ୍ରଗତ ଉନ୍ନତିସାଧନରେ ଯେ ସହାୟତା କରି ନାହାନ୍ତି, ଏମନ୍ତ ନୁହେ । ଓଡ଼ିଆ ଭାଷାରେ ଏମାନେ ଯେପରି ଭାବରେ ଲୀଳାକାରରେ ଗ୍ରଥିତ ହୋଇଅଛନ୍ତି, ତାହା ଅତ୍ୟନ୍ତ

Digitized by srujanika@gmail.com

ପକ୍ଷରେ ନିତାନ୍ତ ଅନୁପଯୋଗୀ ହୁଏ । ସୁବିଚାର-ପୂର୍ବକ ନିର୍ବାଚିତ ହେଲେ ଗୀତମାନ, ନୈତିକ ଜୀବନର ଉନ୍ନତି ସମ୍ପାଦନ ଏବଂ ଉଚ୍ଚ ଧର୍ମଭାବ ସଂସ୍ଥାପନ ବିଷୟରେ ଏହି ପୌରାଣିକ ବିଷୟମାନଙ୍କର ଅଭିନୟ ଯେ କୌଣସି ସଭ୍ୟ ଜାତିକୁ ସାହାଯ୍ୟ କରିପାରେ । କେବଳ ଅଶିକ୍ଷିତ ଲୋକମାନଙ୍କ ହାତରେ ପଡ଼ି ଏମାନଙ୍କର ଘୋର ଦୁର୍ଦ୍ଦଶା ଘଟିଅଛି—ବିଶେଷତଃ ଓଡ଼ିଶାରେ ।

ଶିକ୍ଷା ରୂପ ତୁଳାଦଣ୍ଡରେ ଜାତିବିଶେଷର ରୁଚିର ପରିମାଣ କରାଯାଏ । ଓଡ଼ିଶା ସାଧାରଣ ଶିକ୍ଷା ବିଷୟରେ କୌଣସି କାଳେ ଉଚ୍ଚ ସୋପାନରେ ଅଧିରୂଢ଼ ହୋଇଥିବାର ଐତିହାସିକ ପ୍ରମାଣ ନାହିଁ । ସୁତରାଂ ପ୍ରାଚୀନ କାଳରୁ ଜନସାଧାରଣ ଅପରିମାର୍ଜିତ ରୁଚି ଘେନି ଜୀବିକା ନିର୍ବାହ କରି ଆସୁଅଛନ୍ତି । ସେହି ହେତୁରୁ ଆମ୍ଭେମାନେ ଏତତ୍ପ୍ରଦେଶୀୟ ନାଟ୍ୟଦଳର ଏପ୍ରକାର ଶୋଚନୀୟ ଅବସ୍ଥା ଦେଖି ପାରୁଅଛୁଁ । କି ନର୍ତ୍ତକନର୍ତ୍ତକୀମାନଙ୍କର କଥାବାର୍ତ୍ତାରେ, କି ସେମାନଙ୍କର ବେଶଭୂଷାରେ, କି ଗୀତବାଦ୍ୟରେ, କି ନେପଥ୍ୟ ଗୃହରେ ସୁନୀତି ପ୍ରଚଳନ ବିଷୟରେ ଇତ୍ୟାଦି ନାନାପ୍ରକାର ବିଭାଗରେ ସୁରୁଚିସମ୍ମତ ଉନ୍ନତିବିଧାନ କରିବା ସେମାନଙ୍କ ପକ୍ଷରେ ଅସମ୍ଭବ ହୋଇ ଉଠିଅଛି । ଯେଉଁମାନେ ମନୋନିବେଶପୂର୍ବକ ଓଡ଼ିଆ ନାଟ ବା ଲୀଳା ଦର୍ଶନ କରିଅଛନ୍ତି, ସେମାନେ ଦେଖିଥିବେ ଯେ ନଟନଟୀମାନଙ୍କର କଥାବାର୍ତ୍ତା ସମୟରେ ପ୍ରାୟ କୌଣସି ସୁସଙ୍ଗତ ବା ସୁରୁଚିସମ୍ମତ ନିୟମ ପାଳନ କରାଯାଏ ନାହିଁ ! ଦଶରଥପୁତ୍ର ରାମଚନ୍ଦ୍ର ଅଯୋଧ୍ୟାର ଯୁବରାଜ ଥିଲାବେଳେ ଯେଉଁ ବେଶରେ ଭୂଷିତ, ଜଟାବଲ୍କଳଧାରୀ ଦଣ୍ଡକାରଣ୍ୟ-ବାସୀ ରାମଚନ୍ଦ୍ର ମଧ୍ୟ ସେହି ବେଶରେ ଅଭିନୟ ମଣ୍ଡପରେ ଦଣ୍ଡାୟମାନ ! ସଂଗୀତ ଶାସ୍ତ୍ରର ସୂକ୍ଷ୍ମ ନିୟମଗୁଡ଼ିକ ସେମାନଙ୍କୁ ଅତି ଅଳ୍ପ ଜଣାଥିବାରୁ ଶ୍ରୋତାମାନଙ୍କର ଆହ୍ଲାଦୋଦ୍ଦୀପନରେ ସେମାନେ କୌଣସି ପ୍ରକାର ସାହାଯ୍ୟ ତ କରି ପାରନ୍ତି ନାହିଁ । ପରନ୍ତୁ ବାଦ୍ୟର କର୍କଶତା ଓ ସ୍ୱର-ସମ୍ମିଳନର ଏକାନ୍ତ ଅଭାବ ହେତୁରୁ ପ୍ରତି ମୁହୂର୍ତ୍ତରେ ଶ୍ରୋତାମାନଙ୍କର ରସଭଙ୍ଗ ଜାତ କରନ୍ତି । ନୃତ୍ୟରେ ଟାଣି କିଛି ନାହିଁ; ପରନ୍ତୁ, ରାଜା, ରାଣୀ, ବର, କନ୍ୟା, ଯୋଗୀ, ଋଷି ସମସ୍ତେ ନାଚିବେ । ପୁଣି ଏମାନଙ୍କର ନେପଥ୍ୟ ଗୃହ-ଗୁଡ଼ିକର ଅବସ୍ଥା ତତୋଽଧିକ ଶୋଚନୀୟ ! ଏଠାରେ ନଟ ନଟୀ ଏବଂ ଅନ୍ୟାନ୍ୟମାନେ ଏକତ୍ର ବସି ଗଞ୍ଜେଇ ପ୍ରଭୃତି ମାଦକ ଦ୍ରବ୍ୟ ସେବନ କରି ଏବଂ ନାନା ପ୍ରକାର ଦୁର୍ନୀତିର ଅଭିନୟ କରି ତାହାକୁ ନରକରେ ପରିଣତ କରନ୍ତି ! ଏସବୁ ବିଷୟରେ ସଂସ୍କାର ଏକାନ୍ତ ଆବଶ୍ୟକ । ମାତ୍ର ସଂସ୍କାର କରିବ କିଏ ? ଲୀଳାର ମର୍ମ ଅବଗତ ହେବା ଦୂରେ ଥାଉ, ଏମାନଙ୍କ ମଧ୍ୟରେ ଅନେକେ ପ୍ରାୟ ନିରକ୍ଷର । ଯେନ ତେନ ପ୍ରକାରେଣ ଲୀଳାର ସଙ୍ଗୀତ ଇତ୍ୟାଦି ମୁଖସ୍ଥ କରି ଯାତ୍ରା ସ୍ଥଳରେ ଉପସ୍ଥିତ ହୁଅନ୍ତି ।

ଯାତ୍ରାମଣ୍ଡପର ରଚନା ଏବଂ ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ଅନେକ ସ୍ଥଳରେ କେବଳ ପ୍ରଶସ୍ତ ସ୍ଥାନରେ ଗୋଟିଏ ମାତ୍ର ଆଲୋକ ସାହାଯ୍ୟରେ ଯାତ୍ରାଭିନୟ ସମ୍ପନ୍ନ ହୋଇଥାଏ । ପୁରୁଷ ଏବଂ ସ୍ତ୍ରୀମାନଙ୍କର ବସିବାର ପୃଥକ୍ ସ୍ଥାନ ପ୍ରାୟ ନିର୍ଦ୍ଦିଷ୍ଟ ଥାଏ ନାହିଁ । କେତେ ସ୍ଥଳରେ ପୁରନାରୀମାନେ ସୁଦ୍ଧା ଇତର ନରନାରୀଙ୍କ ପରି ପଦାରେ ବସି ଯାତ୍ରା ଦେଖୁଥାନ୍ତି । ଅଭିନୟ ସ୍ଥଳରେ କୌଣସି ବ୍ୟବସ୍ଥା ପ୍ରଚଳିତ ନାହିଁ । ଅରାଜକତା ପୂର୍ଣ୍ଣ ମାତ୍ରାରେ ବିରାଜ କରୁଥାଏ । ହଟ୍ଟଗୋଳ ମଧ୍ୟରେ ଲୀଳାର ରସାସ୍ୱାଦ ଏକାନ୍ତ ଅସମ୍ଭବ ହୋଇ ଉଠେ । ଅଧିକାଂଶ ଦର୍ଶକ କେବଳ ରାତ୍ରି-ଜାଗରଣ କରି ଅଭିନୟ ମଣ୍ଡପ ତ୍ୟାଗ କରନ୍ତି ! ଅନ୍ଧକାରମୟ ରଜନୀରେ ଏବଂ ଏପ୍ରକାର ସ୍ଥାନ-ମାନଙ୍କରେ ସ୍ତ୍ରୀ ପୁରୁଷମାନଙ୍କର ସମ୍ପୂର୍ଣ୍ଣ ଅନିୟନ୍ତ୍ରିତ ସମାଗମ ଘଟିବାରୁ ସମାଜର ଦୁଷ୍ଟଚିତ୍ତ ଲୋକେ

Digitized by srujanika@gmail.com

ନାନା ପ୍ରକାର ଅତ୍ୟାଚାର କରିବାର ସୁଯୋଗ ଓ ସୁବିଧା ପାଆନ୍ତି । ଏ ଅବସ୍ଥାର ପରିହାର ଏକାନ୍ତ ପ୍ରାର୍ଥନୀୟ ଓ ବାଞ୍ଛନୀୟ ।

ଏ ତ ଗଲା ଏକ ଅଡ଼ର କଥା । ଅନ୍ୟ ଅଡ଼େ ଅଶ୍ଳୀଳତା କଥା । ଯେଉଁ ଦେଶର ପୁଣ୍ୟବିଖ୍ୟାତ ଦେବାଳୟମାନ ଘୋର ଅଶ୍ଳୀଳ ମୂର୍ତ୍ତିମାନଙ୍କର ଚିତ୍ରରେ କଳଙ୍କିତ, ଯେଉଁ ଜାତିର ପ୍ରଧାନ ଦେବତାଙ୍କର ବେଶ୍ୟା ସଙ୍ଗୀତ ଶ୍ରବଣ ନ କଲେ ସୁନିଦ୍ରା ହୁଏ ନାହିଁ, ଯାହାର ପବିତ୍ର ସାହିତ୍ୟ ଶରୀରରେ କୃଷ୍ଣ ସନ୍ତାନମାନେ ଅଶ୍ଳୀଳତାର ସ୍ରୋତ ପ୍ରବାହିତ କରି ଦେଇ ଯାଇଅଛନ୍ତି, ସେ ଜାତିର ଯାତ୍ରା ନାଟରେ କଳଙ୍କର ରେଖାପାତ ନ ହେଲେ ଆଉ ତାହାର ବିଶେଷତ୍ୱ ରହିବ କେଉଁଠାରେ ? ଅନେକ ସମୟ କୌଣସି Serious (ଗମ୍ଭୀର) ବିଷୟର ଅଭିନୟ ଦର୍ଶନ କଲେ ମାନବ-ହୃଦୟ ସ୍ୱଭାବତଃ lignt (ଲଘୁ) ବିଷୟର ଅଭିନୟ ଦେଖି ଟିକିଏ ମାନସିକ refreshment (ଆରାମ) ଉପଭୋଗ କରିବାକୁ ଇଚ୍ଛୁକ ହୁଏ । ଏହି ହେତୁରୁ ନାନାଦେଶର ଥିଏଟର ଯାତ୍ରା ପ୍ରଭୃତିରେ ନାନାପ୍ରକାର ପ୍ରହସନର ଅବତାରଣା କରାଯାଏ । ଓଡ଼ିଆ ଯାତ୍ରାରେ ମଧ୍ୟ ତାହା ଯଥେଷ୍ଟ ପରିମାଣରେ ଅଛି । ସେମାନ ସୁଆଙ୍ଗ ନାମରେ ଅଭିହିତ । ସମାଜର ରୁଚିକୁ ଲକ୍ଷ କରି ଏହି ସୁଆଙ୍ଗସବୁ ରଚିତ ହୋଇଥାଏ । ଶିକ୍ଷାର ଏକାନ୍ତ ଅଭାବ ହେତୁରୁ ବହୁକାଳରୁ ଉତ୍କଳୀୟ ସମାଜର ରୁଚି-ବିକୃତି ଘଟିଅଛି । ତାହା ଏହି କଦର୍ଯ୍ୟ ସୁଆଙ୍ଗ-ସୁଡ଼ାକ ପ୍ରତି ଲକ୍ଷ କଲେ ସ୍ପଷ୍ଟ ବୁଝାଯାଏ । କୌଣସି ଯାତ୍ରାଦଳର ଅଭିନୟ ଦେଖିଲେ ଦେଖା ଯିବ, ସେଥିରେ ଲୀଳାର ଭାଗ କେବଳ ଏକ ଅଣା ମାତ୍ର, ବାକି ପନର ଅଣା କେବଳ ଏହି କୁତ୍ସିତ ସୁଆଙ୍ଗ । ଏଥିରେ ଯାତ୍ରାକାରମାନଙ୍କର କିଛି ଦୋଷ ନାହିଁ । ସମ୍ପୂର୍ଣ୍ଣ ଦୋଷ, ଦର୍ଶକମଣ୍ଡଳୀର ଏବଂ ସେମାନଙ୍କ ବିକୃତ ରୁଚିର । ସେମାନେ ଯାହା ଇଚ୍ଛା କରନ୍ତି, ଅଭିନୟକାରମାନେ ତାହା ସେମାନଙ୍କ ସମ୍ମୁଖରେ ଉପସ୍ଥିତ କରନ୍ତି । ସୁଯୋଗ ଓ ସୁବିଧା ପାଇ ଅନେକ ସ୍ଥଳରେ ନୃତ୍ୟକାରମାନେ ବ୍ୟକ୍ତିବିଶେଷର (ସ୍ତ୍ରୀ ପୁରୁଷ ଉଭୟ) ଗୁପ୍ତ ଚରିତ୍ର ପ୍ରତି ଆକ୍ରମଣ କରି ସ୍ପଷ୍ଟତଃ ତାହା ଅଶ୍ଳୀଳ ଭାବରେ ପ୍ରକାଶ କରିବାକୁ ଭୀତ ବା କୁଣ୍ଠିତ ହୁଅନ୍ତି ନାହିଁ । ଗ୍ରାମରେ ବା ସମାଜରେ ଦଳାଦଳି ଥିଲେ ଏକ ପକ୍ଷ ଯାତ୍ରାଦଳର ପଶ୍ଚାତରେ ଥାଇ ଏ ବିଷୟରେ ସେମାନଙ୍କୁ ଉତ୍ସାହିତ କରନ୍ତି । ଏଥିରେ ସମାଜର ମଙ୍ଗଳ ନ ହୋଇ ବରଂ ଘୋର ଅମଙ୍ଗଳ ସାଧିତ ହୁଏ । ଏ ଅବସ୍ଥାର ପରିବର୍ତ୍ତନ ହେବା କି ବାଞ୍ଛନୀୟ ନୁହେ ? ଏହି-ପରି କେତେଗୁଡିଏ ସୁଆଙ୍ଗ ଆଜିକାଲି ମୁଦ୍ରିତ ହୋଇ ବଜାରରେ ବିକ୍ରୀତ ମଧ୍ୟ ହେଉଅଛି ! ଦୁଃଖର ବିଷୟ ପୁଲିସର ଦୃଷ୍ଟି ସେଥି ଉପରେ ପଡ଼ୁ ନାହିଁ । ପୁସ୍ତକଗତ ଅଶ୍ଳୀଳତାଠାରୁ ଅଭିନୟସ୍ଥଳର ଅଶ୍ଳୀଳତା ଆହୁରି ଅଧିକ ଭୟଙ୍କର । ଅନେକ ସ୍ଥଳରେ ଅଶିକ୍ଷିତ ପୁଲିସ କର୍ମଚାରୀମାନେ ମଧ୍ୟ ଏସବୁ ସୁଆଙ୍ଗକୁ ପ୍ରଶ୍ରୟ ଦେବାର ଦେଖି ଅଛୁଁ । ଆମ୍ଭେମାନେ ଥରେ ଜଣେ ପୁଲିସ କର୍ମଚାରୀଙ୍କ ସହିତ ଏ ବିଷୟରେ କଥୋପକଥନ କରି ଏହାର ପ୍ରତୀକାର କରିବା ନିମନ୍ତେ ତାଙ୍କୁ ଅନୁରୋଧ କରିଥିଲୁଁ । ଆମ୍ଭମାନଙ୍କ ସଙ୍ଗେ ସେ ଆଇନର ଯେପ୍ରକାର କୂଟତର୍କ କଲେ, ସେଥିରେ ଆମ୍ଭେମାନେ ହତାଶ ହୋଇ ପଡ଼ିଲୁଁ । ଓଡ଼ିଶାର ପ୍ରତି ଗ୍ରାମରେ ଆଜିକାଲି ମାର୍ଜିତରୁଚିସମ୍ପନ୍ନ ଶିକ୍ଷିତ ଯୁବକର ଅଭାବ ନାହିଁ । ସେମାନେ ଏ ବିଷୟରେ ସଂସ୍କାରପ୍ରୟାସୀ ହୋଇ ଚେଷ୍ଟା କଲେ ସୁଫଳ ଫଳିବାର ସମ୍ଭାବନା ଅଛି । ମାତ୍ର ପରକ୍ଷଣରେ ଯେତେବେଳେ ଆମ୍ଭେମାନେ ଅନ୍ୟ କେତେକ ଶିକ୍ଷିତ ଓଡ଼ିଆ ଯୁବକ ଏହିସବୁ ଅଶ୍ଳୀଳ ସୁଆଙ୍ଗର ଅଭିନୟ ଦେଖି ମୁଗ୍ଧ ଓ ପ୍ରମତ୍ତ ହୋଇଥିବା ଓ ହେଉଥିବା କଥା ମନେ କରୁଁ, ସେତେବେଳେ ଆମ୍ଭମାନଙ୍କ ହୃଦୟ ଜଗଣ ହୋଇ ପଡ଼େ ଏବଂ ଆମ୍ଭେମାନେ ନିର୍ଜନରେ ବସି ଭାବୁଁ ଯେ ଏ

Digitized by srujanika@gmail.com

କୃତସଙ୍ଗ୍ୟ ଦେଶର ଲୋକଙ୍କ ଉନ୍ନତିର ଆଶା ସୁଦୂର-ପରାହତ !

ଓଡ଼ିଶାରେ ଆଉ ଏକପ୍ରକାର ନାଟର ପ୍ରଚଳନ ଅଛି । ତାହାକୁ "ଗୋଟିପୁଅ" ନାଟ ବୋଲାଯାଏ । ଏହି ଦଳରେ ଗୋଟିଏ ମାତ୍ର ବାଳକ (ଅଧିକାଂଶ ସ୍ଥଳରେ) ବାଳିକା ବେଶରେ ନୃତ୍ୟ କରେ ବୋଲି ଏହାର ଏପ୍ରକାର ନାମକରଣ ହୋଇଅଛି । ଏ ଦଳ ଅପେକ୍ଷାକୃତ ନୃତ୍ୟ, ଗୀତ ଓ ବାଦ୍ୟ ପ୍ରଭୃତି ସଙ୍ଗୀତକଳାର ସମସ୍ତ ବିଷୟରେ ଟିକିଏ ଉନ୍ନତ । ମାତ୍ର ଏମାନେ ପ୍ରାୟ ଭଞ୍ଜ ପ୍ରଭୃତି ପ୍ରାଚୀନ କବିମାନଙ୍କର ଅଶ୍ଳୀଳ ଛାନ୍ଦଗୁଡ଼ିକୁ ସ୍ୱର ତାନ ଲୟରେ ଗାୟନ କରିଥାନ୍ତି । ଅନ୍ୟାନ୍ୟ ଆଧୁନିକ ରସିକ କବିମାନଙ୍କର ଅନେକ ଅଶ୍ଳୀଳ ସଙ୍ଗୀତ ବା ଚୌପଦୀ ଏମାନଙ୍କର କଣ୍ଠସ୍ଥ ଥାଏ । ଏହିସବୁ ଛାନ୍ଦ ବା ଚୌପଦୀମାନଙ୍କର ଭାବ ଏପରି ସହଜବୋଧ ଯେ ଅଳ୍ପବୟସ୍କ ବାଳକବାଳିକାମାନେ ମଧ୍ୟ ତାହା ସହଜରେ ହୃଦୟଙ୍ଗମ କରି ପାରନ୍ତି । ଏତଦ୍ଦ୍ୱାରା ସେମାନଙ୍କର କୋମଳ ମତି ଯେ ବିଶେଷ ପରିମାଣରେ ବିକୃତ ହୋଇ ଯାଏ, ତାହା ବୋଲିବା ବାହୁଲ୍ୟ ମାତ୍ର ।

ଅମ୍ଭେମାନେ ଅନେକ ସମୟରେ ବେଶ୍ୟାଭଗିତ ଥିଏଟରମାନଙ୍କ ବିରୁଦ୍ଧରେ ନିଜରେଳ ଉତ୍ଥାପନ କରିଥାଉଁ । ମାତ୍ର ଆମ୍ଭମାନଙ୍କ ନିଜ ଗୃହରେ ବାଳକବାଳିକାମାନଙ୍କର ସର୍ବନାଶକାରୀ ଯେ ଏକ ପ୍ରକାର ଯନ୍ତ୍ର ରହିଅଛି, ତଦ୍ୱିରୁଦ୍ଧରେ ଅମ୍ଭେମାନେ କୌଣସି କାଳେ ଉଚ୍ଚବାଚ୍ୟ କରୁ ନାହିଁ । ଚକ୍ଷୁ ଥାଇଁ ଅନ୍ଧ ଅମ୍ଭେମାନେ କୋଉଁଠି ଅଛୁ କିଏ ? ଲେଖକର ସ୍ୱଗ୍ରାମରେ ଏହି ପ୍ରକାର ଏକ ଦଳ ଅଶ୍ଳୀଳରୁଚସମ୍ପନ୍ନ ଯାତ୍ରାକାରୀ ଅଛନ୍ତି । ସେମାନେ ଆପଣାର ଗୁଣାବଳୀ ସ୍ୱୀୟ ପିତା ମାତା ଭାଇ ଭଗିନୀମାନଙ୍କ ସମ୍ମୁଖରେ ବାହେର କରିବାକୁ ତିଳେମାତ୍ର କୁଣ୍ଠିତ ହୁଅନ୍ତି ନାହିଁ । ପରନ୍ତୁ ସେମାନେ ଧର୍ମର ଦୋହି ଦେଇ ଦୁର୍ଗାପୂଜା ଓ ଦୋଳୋତ୍ସବ ସମୟରେ ସେମାନଙ୍କ ଗୁଣଙ୍କ ବାହାର କରନ୍ତି । ଗାଁରଗୁଡ଼ିକ ନାଗଡ଼ ଅଶ୍ଳୀଳ । ପ୍ରାୟ ପନ୍ଦର ବର୍ଷ ପୂର୍ବେ ଲେଖକ ସେମାନଙ୍କ ବିରୁଦ୍ଧରେ ଦଣ୍ଡାୟମାନ ହୋଇ ସେମାନଙ୍କୁ ଏହି ଅଶ୍ଳୀଳତାର ତାଣ୍ଡବ ଅଭିନୟରୁ ଶାନ୍ତ କରିବାକୁ ଚେଷ୍ଟା କରିଥିବାରୁ କେହି କେହି ଉକ୍ତ ଅଶ୍ଳୀଳତାପ୍ରିୟ ଯୁବକ ଲେଖକର ପ୍ରାଣ ନାଶ କରିବାର ଭୟ ପ୍ରଦର୍ଶନ କରିଥିଲେ ! ଧର୍ମର ଦୋହି ନିଷ୍ପତ୍ତି କରିବାକୁ ଲେଖକ ଏ ବିଷୟରେ ବହୁ ସ୍ଥାନର ପଣ୍ଡିତମାନଙ୍କଠାରୁ ଶାସ୍ତ୍ରୀୟ ବ୍ୟବସ୍ଥା ଆଣାଇଥିଲେ । ସୁଖର ବିଷୟ ସମସ୍ତେ ଏକମତ ହୋଇ ଈଦୃଶ ନିକୃଷ୍ଟ ଅଶ୍ଳୀଳ ଅଭିନୟ ବିରୁଦ୍ଧରେ ବ୍ୟବସ୍ଥା ପ୍ରଦାନ କରିଥିଲେ । ବର୍ତ୍ତମାନ ଉକ୍ତ ଦଳ ସମ୍ପୂର୍ଣ୍ଣରୂପେ ଏହି ଖରାପ ଅଭିନୟରୁ ଶାନ୍ତ ନ ହେଲେହେଁ ବହୁପରିମାଣରେ ସୁପଥଗାମୀ ହୋଇଅଛନ୍ତି ଏବଂ ସେମାନଙ୍କ ଦଳସ୍ଥ ଅନେକଙ୍କର ପ୍ରବୃତ୍ତି ଜାତ ହୋଇଅଛି । ପ୍ରତ୍ୟେକ ଗ୍ରାମର ଶିକ୍ଷିତ ଯୁବକଦଳ ବଦ୍ଧପରିକର ହୋଇ ଯଦ୍ୟପି ଏହିପରି ବା ଅନ୍ୟ କୌଣସି ନିର୍ଦ୍ଦିଷ୍ଟ ଉପାୟରେ ସଂସ୍କାରସାଧନରେ ବ୍ରତୀ ହୁଅନ୍ତି ତାହାହେଲେ ଅଚିରେ ଶୁଭଫଳ ପ୍ରାପ୍ତ ହେବାର ସମ୍ଭାବନା ।

ଉତ୍କଳ ପ୍ରଦେଶରେ ପିର ସତ୍ୟନାରାୟଣଙ୍କ ବିବରଣ "ପାଲା" ଆକାରରେ ଦଳ ବିଶେଷଙ୍କ ଦ୍ୱାରା ଗୀତ ହୋଇଥାଏ । ଏପରି ଦୁଇ ବା ତତୋଽଧିକ ଦଳକୁ ଏକତ୍ର କରି ସେମାନଙ୍କର ଲଢ଼ାଇ ଦେଖିବାକୁ ଓଡ଼ିଆମାନେ ଭଲ ପାନ୍ତି । ମାତ୍ର ସେଥିରେ ଥାଏ କଣ ? ଅଧିକାଂଶତଃ ରଙ୍ଗରଙ୍ଗିଆ ଚୌପଦୀ ଓ କଦର୍ଯ୍ୟ ଗାଳି ! ଅହୋ ବାବୁ ! ତୁମ୍ଭେମାନେ ତ ପୀରଙ୍କ ମହିମା କୀର୍ତ୍ତନ କରିବା ପାଇଁ ରଙ୍ଗଭୂମିରେ ଦଣ୍ଡାୟମାନ ହୋଇ ଅଛ, ତୁମ୍ଭମାନଙ୍କର ଏ ସବୁ କୁତ୍ସିତ ବିଷୟ ସହିତ କି ସମ୍ପର୍କ ଅଛି ? ତୁମ୍ଭମାନଙ୍କର ଦୋଷ କଣ ? ଦୋଷ ଆମ୍ଭମାନଙ୍କ ରୁଚିର ଓ ଏ ଦୁର୍ଭାଗା ଦେଶର !

Digitized by srujanika@gmail.com

ଏମାନଙ୍କ ଛଡ଼ା ଓଡ଼ିଶାରେ କେଳା କେଳୁଣୀ ନାଟ, ଯୋଗୀ ଯୋଗିଣୀ ନାଟ, କେନ୍ଦରା କେନ୍ଦରୁଣୀ ନାଟ ଏବଂ ହାଡ଼ି ପ୍ରଭୃତି ନୀଚ ଜାତି-ମାନଙ୍କର ଅନେକ ପ୍ରକାର ନାଟ ପ୍ରଚଳିତ ଅଛି । ସେମାନଙ୍କର ହାବଭାବ ଓ ସଙ୍ଗୀତା-ଦିରେ ବିଶେଷ ପରିମାଣରେ ଅଶ୍ଳୀଳତା ଓ ଅସଭ୍ୟତାର ଚିହ୍ନ ଅଛି । ସେ ସବୁ ଇତର ଜାତି ମଧ୍ୟରେ ଆବଦ୍ଧ ଥିଲେହେଁ ଅନେକ ଭଦ୍ର ଗୃହସ୍ଥ ଏଗୁଡ଼ାକୁ ପ୍ରଶ୍ରୟ ଦେବାକୁ କୁଣ୍ଠିତ ହୁଅନ୍ତି ନାହିଁ । ଇତର ଶ୍ରେଣୀମାନଙ୍କରେ ଶିକ୍ଷାଲୋକ ବିସ୍ତୃତ ନ ହେଲେ ଏହାର ସଂସ୍କାର ସହଜସାଧ୍ୟ ହେବ ନାହିଁ । ତଥାପି, ଶିକ୍ଷିତ ଲୋକେ ଯଦ୍ୟପି ଆପଣା ଆପଣାର ଶକ୍ତି ସେମାନଙ୍କ ନିକଟକୁ ପ୍ରେରଣ କରିପାରନ୍ତି, ତାହା ହେଲେ ଦେଶର ଓ ଜାତିର ଅଶେଷ କଲ୍ୟାଣ ସାଧନ କରି ପାରିବେ ।

ଓଡ଼ିଶାରେ ବେଶ୍ୟା ଓ ବେଶ୍ୟା-ନର୍ତ୍ତକୀ-ଦଳର ଅଭାବ ନାହିଁ । ତହିଁ ଉପରେ ପୁଣି ଭାରତର ଅନ୍ୟାନ୍ୟ ପ୍ରଦେଶମାନଙ୍କରୁ ବେଶ୍ୟା-ଦଳ ଆସି ବା ଆମନ୍ତ୍ରିତ ହୋଇ ଓଡ଼ିଆମାନଙ୍କର ଗୃହକୁ ପବିତ୍ର କରି ଯାଉଅଛନ୍ତି ! ବେଶ୍ୟାନାଚର ଅପକାରିତା ସମ୍ବନ୍ଧରେ ଏଥି ପୂର୍ବେ ଏକାଧିକ ଥର ଆଲୋଚନା କରିଅଛୁଁ । ଏଠାରେ ତାହା କହିବା ନିଷ୍ପ୍ରୟୋଜନ । ଏ କ୍ଷେତ୍ରରେ କୌଣସି ପ୍ରକାର ସଂସ୍କାରର ଆବଶ୍ୟକତା ନାହିଁ—ଏଠାରେ ପୂର୍ଣ୍ଣ ଧ୍ୱଂଶ ସାଧନ । ହାୟ ହାୟ ! ଓଡ଼ିଶାର କୌଣସି କୌଣସି କୃତୀ ସନ୍ତାନ ନିର୍ଭୀକ ଚିତ୍ତରେ ଆପଣା ବୈଠକଖାନାରେ ବେଶ୍ୟାଦଳ ଗଠନ କରିବାର ଦେଖି ଆମ୍ଭେମାନେ ଏକାନ୍ତ ମ୍ରିୟମାଣ ହୋଇଅଛୁଁ । ଉତ୍କଳ ! ତୋ ବକ୍ଷରେ ଏ କି ରାକ୍ଷସୀ ଲୀଳାର ଅଭିନୟ !

ଦୁଇଏକ ସ୍ଥଳରେ ଓଡ଼ିଶାର କୌଣସି କୌଣସି କୃତୀ ସନ୍ତାନ ଯାତ୍ରା ସଂସ୍କାର ବିଷୟରେ ବ୍ରତୀ ହୋଇଥିବାର ସମ୍ବାଦ ଆମ୍ଭେମାନେ ପାଉଅଛୁଁ । ସେମାନଙ୍କ ଚେଷ୍ଟା ଫଳବତୀ ହେଉ, କାୟମନୋବାକ୍ୟରେ ଜଗଦୀଶ୍ୱରଙ୍କ ନିକଟରେ ଏହି ପ୍ରାର୍ଥନା କରୁଅଛୁଁ । ପୂର୍ବ ସମୟରେ ନାଟକ ଦୁଇ ତିନି ଖଣ୍ଡ ଉତ୍କଳଭାଷାରେ ପ୍ରକାଶିତ ହୋଇଥିଲେହେଁ ସ୍ଥାୟୀ ନାଟ୍ୟଶାଳାର ଅଭାବ ହେତୁରୁ ସେଗୁଡ଼ିକ ଲୋକଶିକ୍ଷା ଓ ରୁଚି-ପରିବର୍ତ୍ତନରେ ଆଦୌ ସହାୟତା କରିପାରୁ ନାହିଁ । ଓଡ଼ିଶାର ରାଜଧାନୀ କଟକରେ ଏପ୍ରକାର ଗୋଟିଏ ସ୍ଥାୟୀ ରଙ୍ଗଭୂମି ହେବା ଏକାନ୍ତ ବାଞ୍ଛନୀୟ । ମାତ୍ର ବଙ୍ଗଦେଶର ବତାସ ନ ଲାଗିଲେ ରକ୍ଷା !

ଆମ୍ଭେମାନେ ଉକ୍ତ "ଲୀଳା"ର ଆଲୋଚନା କରିବାକୁ ବସି ଅନେକ ଅବାନ୍ତର କଥା କହି ପକାଇଲୁଁ । ଯାତ୍ରାର ବା ପରୋକ୍ଷଭାବରେ ଲୀଳା ସଙ୍ଗରେ ସେମାନଙ୍କର ସମ୍ବନ୍ଧ ଅଛି । ଶିକ୍ଷିତ ଲୋକେ ଧୀରଭାବରେ ସେମାନଙ୍କର ସୂକ୍ଷ୍ମ ଆଲୋଚନା କଲେ ଦେଶର ପ୍ରଭୂତ ମଙ୍ଗଳ ସାଧିତ ହେବ । ସଙ୍ଗୀତକଳାକୁ ହିନ୍ଦୁ ଶାସ୍ତ୍ରକାର-ମାନେ ଅତି ଉଚ୍ଚ ସ୍ଥାନ ଦେଇଅଛନ୍ତି । ଏପରି ହିନ୍ଦୁ କାହିଁକି, ସଭ୍ୟଜଗତର ପ୍ରତ୍ୟେକ ଜାତି ଏହାକୁ ଉଚ୍ଚାସନ ପ୍ରଦାନ କରିବାକୁ କୁଣ୍ଠିତ ନୁହନ୍ତି । ମାତ୍ର ବର୍ତ୍ତମାନ କାଳରେ ତାହାର ଶୋଚନୀୟ ଅବସ୍ଥାର ପ୍ରମାଣ ଆମ୍ଭମାନଙ୍କର ଏହି ହତଭାଗ୍ୟ ଦେଶରେ ଖୋଜିବାକୁ ହେବ ! ଭାଇ ଉତ୍କଳ-ବାସି ! ଯେଉଁ ସଙ୍ଗୀତର ପବିତ୍ର ପ୍ରଭାବରେ ମାନବ ଈଶ୍ୱରଙ୍କ ନିକଟରେ ପ୍ରବେଶ ଲାଭ କରିବାକୁ ସକ୍ଷମ ହୁଏ, ତୁମ୍ଭେ ତାହାର କି ଦୁର୍ଦ୍ଦଶା ଘଟାଇଅଛ ! ବର୍ତ୍ତମାନ କୃତାପରାଧ ନିମିତ୍ତ ଅନୁତପ୍ତ ହୋଇ ଅବସ୍ଥା ପରିବର୍ତ୍ତନ ସକାଶେ ସଚେଷ୍ଟ ହୁଅ ଏବଂ ପ୍ରଭୁଙ୍କ କୃପା ଭିକ୍ଷା କର । ଜଗନ୍ନାଥ ଅବଶ୍ୟ ତୁମ୍ଭମାନଙ୍କୁ ସୁମତି ଦେବେ ।

ଶ୍ରୀ କୃଷ୍ଣପ୍ରସାଦ ଚୌଧୁରୀ ।

Digitized by srujanika@gmail.com

ଉତ୍କଳ ସାହିତ୍ୟ ।

ଅୟୁବୀମିଳନ ।

(ଐତିହାସିକ ଉପନ୍ୟାସ)

ଅଷ୍ଟାଦଶ ପରିଚ୍ଛେଦ ।

ନୈଶ ସମର ।

ମରହଟ୍ଟା ମିତ୍ରବାହୀ, ସେମାନଙ୍କ କାର୍ଯ୍ୟପ୍ରଣାଳୀ ଗତି ବିଧି ବିଷୟ ଅପରିଜ୍ଞାତ ଏବଂ ଆତ୍ମ ପ୍ରାଣ-ଗୋପନରେ ସମର୍ଥ । ଏହି ସମସ୍ତ କାରଣରୁ ବିଜୟ-ଲକ୍ଷ୍ମୀ ସର୍ବଦା ସେମାନଙ୍କୁ ଆଲିଙ୍ଗନ କରି ଥାନ୍ତି । ନିଶୀଥ ସମୟ, ଜଗତ ନିସ୍ତବ୍ଧ । ଦାମୋଦର ନଦୀକୂଳସ୍ଥ ମହିଷରେଖା ଗ୍ରାମର ଏକ ବିସ୍ତୀର୍ଣ୍ଣ ପ୍ରାନ୍ତର ମଧ୍ୟରେ ନବାବ ଅଲିବର୍ଦ୍ଦି ଖାଁଙ୍କ ବିଶାଳ ବାହିନୀ ନିଦ୍ରାଦେବୀଙ୍କ କ୍ରୋଡ଼ରେ ବିଶ୍ରାମ ଲାଭ କରୁଅଛନ୍ତି । କେତେକ ମୁହୂର୍ତ୍ତ ପୂର୍ବେ ନବାବଙ୍କ ଗୁପ୍ତ ଗୋଇନ୍ଦା ଖଡ଼୍ଗପୁରଠାରୁ ବାହୁଡ଼ି ଆସି ସମ୍ବାଦ ଦେଇଅଛି, ବର୍ଗୀମାନଙ୍କର ଯୁଦ୍ଧଯାତ୍ରାର କୌଣସି ଆୟୋଜନ ନାହିଁ । ନବାବ ସାହେବ ନିଶ୍ଚିନ୍ତ ମନରେ ନିଦ୍ରା ଯାଉଅଛନ୍ତି ।

ନୈଶ ଆକାଶର ନିସ୍ତବ୍ଧତା ଭଙ୍ଗ କରି ଗୁଡୁମ୍ ଗୁଡୁମ୍ ଶବ୍ଦରେ ତୋପ ପଡ଼ିଲା । ତୋପ ସଙ୍ଗରେ ତୋପ, ତୋପ ପଛରେ ତୋପ, ଅବିଶ୍ରାନ୍ତ ଅବିରଳ ଭାବରେ ତୋପ ଛାଡୁଅଛି । ଆକାଶରୁ କରକାପାତ ସମାନରେ ଅସଂଖ୍ୟ ଅଗ୍ନି-ମୟ ଗୋଲକ ନବାବ ସୈନ୍ୟ ମଧ୍ୟରେ ବୃଣି ପଡ଼ୁଅଛି । ନବାବସ୍କନ୍ଧାବାରରେ ଭୟଙ୍କର ଦୁର୍ଯୋଗ ଏବଂ ବିଶୃଙ୍ଖଳା ଉପସ୍ଥିତ । ଅଗ୍ନିମୟ ଗୋଲା-ଘାତରେ ତମ୍ବୁଗୁଡ଼ିକ ଛିନ୍ନଭିନ୍ନ ହୋଇ ସ୍ଥାନେ ସ୍ଥାନେ ବହ୍ନିରାଶି ପ୍ରଜ୍ୱଳିତ ହେଉଅଛି । ଭୟବିହ୍ୱଳ ହସ୍ତୀ ଅଶ୍ୱ ଉଷ୍ଟ୍ର ଗର୍ଦ୍ଦଭ ବଳବର୍ଦ୍ଧ ପଶୁମାନେ ବନ୍ଧନରଜ୍ଜୁ ଛିନ୍ନ କରି ଅନ୍ଧକାର ମଧ୍ୟରେ ପ୍ରଚଣ୍ଡ-ବେଗରେ ଧାବିତ ହେଉଅଛନ୍ତି । ପଶୁ ପଦା-ଘାତରେ ବହୁସୈନ୍ୟ ବିନଷ୍ଟ । ନବାବ ଏବଂ ସେନାପତିମାନେ ଜାଗରିତ ହୋଇ ବିଷମ ବିଭ୍ରାଟ ପ୍ରତ୍ୟକ୍ଷ କଲେ, ଅପ୍ରତ୍ୟାଶିତ ଅତର୍କିତ ଭାବରେ ସହସା ଉପସ୍ଥିତ ଭୟଙ୍କର ଦୁର୍ଯୋଗ ସମୟରେ ମଧ୍ୟ ଧୈର୍ଯ୍ୟଚ୍ୟୁତ ହେଲେ ନାହିଁ, ସାଧ୍ୟାନୁସାରେ ସୈନ୍ୟ ଶୃଙ୍ଖଳାବଦ୍ଧ କରିବାକୁ ଲାଗିଲେ । ବିପକ୍ଷତୋପ-ନିର୍ଗତ ଧୂମରାଶି ନୈଶ ଅନ୍ଧକାରକୁ ନିବିଡ଼ତର କରି ପକାଇଅଛି । ଶତ୍ରୁ କେଉଁ ସ୍ଥାନରେ, ତାହାର ସ୍ଥିରତା ନାହିଁ । କେବଳ ଶବ୍ଦକୁ ଲକ୍ଷ କରି ଗୋଲନ୍ଦାଜମାନେ ବୃଥା ତୋପ ଚଳାଇବାକୁ ଲାଗିଲେ । ପ୍ରତି ନିମିଷରେ ନବାବ-ପକ୍ଷର ଅପର୍ଯ୍ୟାପ୍ତ ଅପଚୟ ଘଟୁଅଛି । ବର୍ଗୀବର୍ଗ ଅନ୍ତ୍ରଭାବରେ ରହିଅଛନ୍ତି । ମରହଟ୍ଟାମାନେ ସନ୍ଧି ଅନ୍ଧକାରରେ ପ୍ରଚ୍ଛନ୍ନ ଭାବରେ ଆସି ନଦୀର ଦକ୍ଷିଣ କୂଳସ୍ଥିତ ଉଚ୍ଚ ଉଚ୍ଚ ବୃକ୍ଷଡାଳରେ ତୋପ ସମସ୍ତ ବନ୍ଧନପୂର୍ବକ ନବାବ ସୈନ୍ୟଙ୍କୁ ଲକ୍ଷ କରି ଚଳାଉଥାନ୍ତି । ଅନ୍ୟ ବର୍ଗୀମାନେ ନଦୀ କାନ୍ଥି ଢିବାରେ ଶରୀର ଗୋପନ କରି ନୀରବଭାବରେ ରହିଥାନ୍ତି । ଏଥିକୁ ନବାବନିକ୍ଷିପ୍ତ ଅଗ୍ନିଗୋଳକ ସେମାନଙ୍କର କେଶମାତ୍ର ଅନିଷ୍ଟ ସାଧନରେ ସମର୍ଥ ହେଲା ନାହିଁ । ଅବଶେଷରେ ଭୀତ ସୈନ୍ୟମାନେ ଆତ୍ମପକ୍ଷୀୟ ମୃତ ଓ ଭୂପତିତ ପ୍ରାଣୀମାନଙ୍କ ପଦରେ ଦଳନ କରି ଛତ୍ରଭଙ୍ଗ ପୂର୍ବକ ପଳାୟନ କରିବାକୁ ଲାଗିଲେ । ପଳାୟନ କାର୍ଯ୍ୟଟା ମଧ୍ୟ ନିରାପଦରେ ସାଧିତ ହେଲା ନାହିଁ । ମୀର ହବିବ ଏକ ଅଂଶ ବର୍ଗୀ ସୈନ୍ୟ ସହିତ

Digitized by srujanika@gmail.com

ପଶ୍ଚାଦ୍ଭାଗସ୍ଥିତ ମାର୍ଗ ଅବରୋଧ କରି ବସିଥିଲେ, ସେହି ଦଳକୁ ପଳାୟିତ ତୁର୍କମାନଙ୍କ ଦିବାଲୋକ ଦେଖିବାକୁ ହେଲା ନାହିଁ । କ୍ରମଶଃ ଏହି ଭୟଙ୍କର ନିଶା ଅବସାନ ହେଲା, ଶେଷ ରାତ୍ରିର ଘୋର ଅନ୍ଧକାର ଆକାଶକୁ ଅନ୍ଧ କରି ରଖିଅଛି । ନବାବ ଯାହିଁ ଦେଖିଲେ ଅସୀମ ଜନପ୍ରାଣୀଶୂନ୍ୟ । ଏକାକୀ ହସ୍ତୀ ଉପରେ ବସି ଅଛନ୍ତି, ପଛାକବାଘା ଦୁଇ ଗୋଟି ବିଶାଳକାୟ କରୀ ସମ୍ମୁଖରେ ଦଣ୍ଡାୟମାନ । ହସ୍ତିମାନେ ସୁଶିକ୍ଷିତ, ଅବିଶ୍ରାନ୍ତ କମାଣଧାତୀ ତୋପ ଶବ୍ଦରେ ମଧ୍ୟ ହସ୍ତିପକଶାସନରେ ବିଚଳିତ ହୋଇ ନାହାନ୍ତି । ନବାବଙ୍କ ଈଦୃଶ ଶୋଚନୀୟ ଅବସ୍ଥା ଦେଖି କଣ୍ଠ ବିପକ୍ଷଦଳସ୍ଥିତ ବୃଦ୍ଧ ଯୋଦ୍ଧା ସଶସ୍ତ୍ର ଦୁଇଶତ ବର୍ଗୀ 'ବୋମ୍ ବୋମ ମହାଦେଓ' ଚିତ୍କାର କରି ସ୍ୱଳ୍ପକ୍ଷୋଭ୍ୟ କଣ୍ଠ ଅତିକ୍ରମପୂର୍ବକ ଧାଇଁ ଆସିଲେ । ନବାବ ଅସହାୟ ଏକାକୀ, ବିପକ୍ଷ ବହୁସଂଖ୍ୟକ, ବିନାଶ ଅନିବାର୍ଯ୍ୟ । ହେଲେ "ଯାହାକୁ ରଖିବେ ଅନନ୍ତ, କି କରି ପାରେ ବଳବନ୍ତ ।" ନବାବଙ୍କ ସମ୍ମୁଖବର୍ତ୍ତୀ ପଛାକବାଘା ଦୁଇ ଗୋଟି ହସ୍ତିର ବିଶାଳ ଦନ୍ତରେ ପରିଷ୍କୃତ ଲୌହଶୃଙ୍ଖଳ ବେଷ୍ଟିତ ଥାଏ । ହସ୍ତିମାନେ ସେହି ଶୃଙ୍ଖଳକୁ ଝମ୍ ଝମ୍ କରି ଘୂରାଉଥାନ୍ତି । ଏଥିକୁ ସେମାନଙ୍କ ମନରେ ଆନନ୍ଦ ଜାତ ହୁଏ, ମାର୍ଗ ମାର୍ଗ ପର୍ଯ୍ୟଟନରେ ମଧ୍ୟ କ୍ଳାନ୍ତ ବୋଧ କରନ୍ତି ନାହିଁ । ପଛାକବାଘା ହସ୍ତିମାନେ ଅପରିଚିତ ଲୋକର ଗନ୍ଧ ପାଇ ଏବଂ ବିପକ୍ଷନିକ୍ଷିପ୍ତ ବର୍ଚ୍ଛାଘାତରେ ଉନ୍ମତ୍ତବତ୍ ହୋଇଗଲେ । ଦନ୍ତସଂଲଗ୍ନ ଶୃଙ୍ଖଳକୁ ଯୋରହସ୍ତରେ ଧରି ଏପରି ପ୍ରଚଣ୍ଡଭାବରେ ଘୂରାଇବାକୁ ଲାଗିଲେ ଯେ ସେହି ଶୃଙ୍ଖଳାଘାତରେ ବିପକ୍ଷମାନେ ଧରାଶାୟୀ ହୋଇ ପଡ଼ିଲେ । ସେହି ସମୟରେ ଆଉ ମଧ ଗୋଟିଏ ବିଚିତ୍ର ଘଟଣା ସଂଘଟିତ ହେଲା । ହସ୍ତିଦ୍ୱୟ ସମ୍ମୁଖବର୍ତ୍ତୀ ଶତ୍ରୁ ନାଶରେ ନିଯୁକ୍ତ ଥିବାବେଳେ ଜଣେ ବଳିଷ୍ଠ ବର୍ଗୀ ଅନ୍ୟ ପାର୍ଶ୍ୱରୁ ବୁଲି ଆସି ନବାବଙ୍କ ଉପରେ ବର୍ଚ୍ଛା ଚାଳନ କଲେ । ନବାବ ଅଲିବର୍ଦ୍ଦି ଖାଁ ଚକିତଭାବରେ ସେମାନଙ୍କୁ ଚାହିଁ ରହିଥାନ୍ତି— ଦେଖିଲେ ଜଣେ ମହାରାଷ୍ଟ୍ର ତାହାଙ୍କପ୍ରତି ଲକ୍ଷ ରଖି ପ୍ରବଳବେଗରେ ବର୍ଚ୍ଛା ନିକ୍ଷେପ କରିବା ସମୟରେ ଗୋଟିଏ ନିପୁଣ-ସ୍ଥିରହସ୍ତ-ନିକ୍ଷିପ୍ତ ତୀକ୍ଷ୍ଣମୁଖ ବର୍ଚ୍ଛା ଆସି ବିପକ୍ଷର ଦକ୍ଷିଣ ହାତ ଭେଦ କରି ଯିବାରୁ ସେ ଲୋକଟା ବର୍ଚ୍ଛାହିତ ହଠାତ୍ ତଳେ ପଡ଼ିଗଲା । ସେହି ସମୟରେ ଅନ୍ୟ ଦୁଇ ଜଣ ବର୍ଚ୍ଛାଧାରୀ ବର୍ଗୀ ଭୀଷଣ ବେଗରେ ନବାବଙ୍କ ନିକଟକୁ ଧାଇଁ ଆସିଲେ । ଏମାନଙ୍କର ଅନ୍ୟ ଦିଗକୁ ଦୃଷ୍ଟିପାତ ନାହିଁ, କେବଳ ହସ୍ତିପୃଷ୍ଠସ୍ଥ ନବାବଙ୍କୁ ଲକ୍ଷ କରି ଧାଇଁଅଛନ୍ତି । ଅଦ୍ଭୁତ ଘଟଣା ! ଦୈବ-ପ୍ରେରିତଭଳି ଜଣେ ବଳିଷ୍ଠ ଯୁବକ ନବାବଙ୍କ ଆରୂଢ଼ ହସ୍ତିର ପଶ୍ଚାଦ୍ଭାଗରୁ ଧାଇଁ ଆସି ନିମେଷ ମଧ୍ୟରେ ସେହି ବର୍ଗୀ ଦୁଇ ଜଣଙ୍କର ମସ୍ତକ ଛେଦନ କରି ପକାଇଲା । ସମସ୍ତ ଶତ୍ରୁ ବିନଷ୍ଟ ହୋଇଅଛନ୍ତି, ନବାବ ନିରାପଦ । ମହାରାଷ୍ଟ୍ର ସୈନ୍ୟ ମଧ୍ୟରେ ଏ ବିଷୟ ପ୍ରଚାରିତ ହେବା ପୂର୍ବେ ନବାବ ପଳାୟନ କଲେ । ପଳାୟନ ସମୟରେ କୃତଜ୍ଞ ନବାବ ସେହି ଅପରିଚିତ ପ୍ରାଣରକ୍ଷାକାରୀ ଯୁବକଟିକୁ ସ୍ୱକୀୟ ହସ୍ତିପୃଷ୍ଠରେ ଆପଣା ପାର୍ଶ୍ୱରେ ବସାଇ ନେବାକୁ ବିସ୍ମୃତ ହେଲେ ନାହିଁ । ଏତେବେଳକୁ ଦିବାଲୋକ ପ୍ରକାଶିତ ହେଲାଣି । ଧୀର ସୁଶୀତଳ ସମୀରଣ ପ୍ରବାହିତ ହେଉଅଛି । ସମ୍ମୁଖେ ଦୁଇ ଗୋଟି ବିଶାଳକାୟ କରୀ ଯୋର-ହସ୍ତ ଓ ପୁଚ୍ଛ ଉତ୍ତୋଳନପୂର୍ବକ ପ୍ରଚଣ୍ଡବେଗରେ ଧାଇଁଅଛନ୍ତି । ନବାବ ଚାହିଁ ଦେଖିଲେ, ସମସ୍ତ ପ୍ରାନ୍ତର ଶୂନ୍ୟମୟ, ବୃକ୍ଷପତ୍ର ଛିନ୍ନ ଫଳପତ୍ର ଅସଂଖ୍ୟ ନରମସ୍ତକ ବିଲୁଣ୍ଠିତ ହେଉଅଛି । ହାହାକାର କ୍ରନ୍ଦନ ଧ୍ୱନିରେ ପ୍ରାନ୍ତର ପରିପୂର୍ଣ୍ଣ । ସ୍ଥାନେ ସ୍ଥାନେ ସଦ୍ୟଃଛିନ୍ନ ଉଷ୍ଣ ରୁଧିରରେ ଭୂମି କର୍ଦ୍ଦମମୟ ହୋଇ ଯାଉଅଛି । ଗୋଳାଘାତ-ପିଷ୍ଟ ପ୍ରାଣିଶରୀରର ମାଂସରାଶି ସ୍ଥାନେ ସ୍ଥାନେ ଗଦା ହୋଇଅଛି, ମନୁଷ୍ୟ ବା ପ୍ରାଣୀ ଆକାରର ଚିହ୍ନ ମାତ୍ର ନାହିଁ । ଅସଂଖ୍ୟ କବନ୍ଧ ନୃତ୍ୟ କରୁଅଛନ୍ତି

Digitized by srujanika@gmail.com

ପର୍ଯ୍ୟନ୍ତ ପ୍ରାଣବାୟୁ ବହିର୍ଗତ ହୋଇ ନାହିଁ । ଆହତ ଭୂପତିତ ଯୋଦ୍ଧା ଲୋକ ଭୂମିରୁ ଦେହ ଉଠିବାକୁ ଚେଷ୍ଟା କରୁଅଛନ୍ତି, ମାତ୍ର ଉତ୍ଥାନ-ଶକ୍ତିରହିତ । କେହି ଦୟାମୟ ପ୍ରଭୁଙ୍କ ନାମ କେହି ଆତ୍ମବନ୍ଧୁ ନାମ ଧରି ଚିତ୍କାର କରୁଅଛି । ବହୁସଂଖ୍ୟକ ଲୋକ ପାଣି ପାଣି ବୋଲି ଡାକୁଅଛନ୍ତି । କାହିଁ ବା ମନୁଷ୍ୟ ଅଶ୍ୱ ହସ୍ତୀ ଶବରାଶି ଉପର୍ଯ୍ୟପରି ଗଦା ହୋଇ ପଡ଼ିଅଛନ୍ତି । ଆହତ ଭୂଲୁଣ୍ଠିତ ପଶୁମାନଙ୍କ ପ୍ରବଳ ପଦାଘାତରେ ଭୂପତିତ ଅର୍ଦ୍ଧମୃତ ଲୋକମାନେ ପ୍ରାଣତ୍ୟାଗ କରୁଅଛନ୍ତି । ଭୟତ୍ରସ୍ତ, ହସ୍ତୀପକ-ଅଙ୍କୁଶାଘାତ-ଅସହିଷ୍ଣୁ କରିବଯୂଥ ଆହତ ଲୋକମାନଙ୍କୁ ପଦରେ ଦଳିତ କରି ପ୍ରଚଣ୍ଡବେଗରେ ଧାବମାନ ହେଉଅଛନ୍ତି । ମନୁଷ୍ୟ ଉଦର ଓ ମସ୍ତକଗୁଡ଼ାକ ପଟ୍ ପଟ୍ ମଡ୍ ମଡ୍ କରି ଦଳି ହୋଇ ଯାଉଅଛି । ନବାବ ସାହେବ ଏତକୁ ଚାହିଁ ପାରିଲେ ନାହିଁ, ଆତ୍ମପକ୍ଷୀୟ ଲୋକମାନଙ୍କ ଦୁର୍ଦ୍ଦଶା ଦେଖି ଆଖି ବୁଜି ପକାଇଲେ ।

ନବାବଙ୍କ ପଳାୟନର ଅବ୍ୟବହିତ ପରେ ବର୍ଗୀବର୍ଗ ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ହେଲେ । ସେହିସମୟରେ ସେମାନେ ଅନୁଧାବନ କରିଥିଲେ ନବାବଙ୍କ ରକ୍ଷାର ଉପାୟ ନ ଥିଲା । ମାତ୍ର କେତେଗୁଡ଼ିଏ କାରଣରୁ ସେମାନେ ପଶ୍ଚାଦ୍ଧାବନରୁ ନିବୃତ୍ତ ହେଲେ । ପ୍ରଥମତଃ, ସେମାନେ ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ହେବା ସମୟକୁ ନବାବ ଦୃଷ୍ଟିପଥରୁ ବହିର୍ଭୂତ ହୋଇଥିଲେ । ଏଥିକୁ କେଉଁ ଦିଗକୁ ନବାବ ପଳାୟନ କରି ଅଛନ୍ତି, ସ୍ଥିର କରି ପାରିଲେ ନାହିଁ । ଦ୍ୱିତୀୟତଃ, ମୀର ହବିବ ନିକଟରେ ନ ଥିବାରୁ ତାଙ୍କ ସହିତ ପରାମର୍ଶ ବିନା ଭାସ୍କର ପଣ୍ଡିତ କର୍ତ୍ତବ୍ୟ ନିରୂପଣ କରିବାକୁ ଅସମର୍ଥ ହେଲେ । ତୃତୀୟତଃ, ନବାବଙ୍କ ପରିତ୍ୟକ୍ତ ପର୍ବତପ୍ରମାଣ ଖାଦ୍ୟରାଶି ଅପର୍ଯ୍ୟାପ୍ତ ବହୁମୂଲ୍ୟ ସମ୍ପତ୍ତି ଅସଂଖ୍ୟ ପଶୁ ପ୍ରାପ୍ତ ହୋଇ ବର୍ଗୀବର୍ଗ ଏପରି ଉଲ୍ଲସିତ ହୋଇଥିଲେ ଯେ ନବାବଙ୍କ ଅନୁସରଣ ସେମାନଙ୍କ ମନରେ ଉଦିତ ହେବାକୁ ପୁନର୍ବା ଅବସର ପ୍ରାପ୍ତ ହେଲା ନାହିଁ ।

—:-*○*-:—

ଊନବିଂଶ ପରିଚ୍ଛେଦ ।

ତାହାର ନାମ ବାଦଲ ସିଂହ ।

ବହୁକ୍ରୋଶ ମାର୍ଗ ଅତିକ୍ରମ କରି ନବାବ ସାହେବ ସ୍ୱପକ୍ଷୀୟ ପାଇକମାନଙ୍କ ସହିତ ମିଳିତ ହେବାକୁ ରାତ୍ରି ଉପସ୍ଥିତ ହୋଇଥିଲା । ପଥଶ୍ରାନ୍ତ ପାଇକମାନେ ଏକ ଅନାବୃତ ପ୍ରାନ୍ତର ମଧ୍ୟରେ ଅନାହାରରେ ପଡ଼ି ଅଛନ୍ତି । ସେମାନଙ୍କର ଧ୍ରୁବ ବିଶ୍ୱାସ ଥିଲା, ନବାବ ସାହେବ ବନ୍ଦୀ ବା ହତଛନ୍ତି । ଏଥିକୁ ସେମାନେ ନିତାନ୍ତ ମ୍ରିୟମାଣ ହୋଇ ପଡ଼ିଥିଲେ । ବର୍ତ୍ତମାନ ନବାବଙ୍କୁ ସମ୍ମୁଖରେ ଦେଖି "ଅଲ୍ଲା ହୋ, ଆକବର" ବୋଲି ଚିତ୍କାର କରିବାକୁ ଲାଗିଲେ ।

ନବାବ ସାହେବ ହସ୍ତିରୁ ଓହ୍ଲାଇ ଗୋଟିଏ ବୃକ୍ଷମୂଳରେ ବସିଅଛନ୍ତି । ଜଗତ ଅନ୍ଧକାର-ବୃତ, ତୁର୍କମାନେ ନିଦ୍ରାରେ ଅଭିଭୂତ ହୋଇ ଢଳି ପଡ଼ି ଗଲେଣି । ନବାବଙ୍କ ନେତ୍ରରେ ନିଦ୍ରା ନାହିଁ । ସେହି ପ୍ରାଣଦାତା ଯୁବକଟି ପାର୍ଶ୍ୱରେ ବସିଅଛି । ନିଶିଯାପନ ନିମନ୍ତେ ନବାବ ସାହେବ ସେହି ଯୁବକଟି ସହିତ କଥୋପକଥନ କରୁଅଛନ୍ତି । ନବାବଙ୍କ ପ୍ରଶ୍ନାନୁସାରେ ସେହି ଯୁବକ ଆତ୍ମ-ଇତିହାସ ଏହିପରି ବର୍ଣ୍ଣନ କଲା ।

ତାହାର ନାମ ବାଦଲ ସିଂହ, ପିଲାକାଳରୁ ପିତୃ-ହୀନ, ବିଧବା ମାତା ସହିତ ଶଶୁର ଘରେ ଥିଲା । ଶଶୁର ଯେଓଁହଲ ସିଂହ ଜଣେ ସାମାନ୍ୟ ଜମିଦାର, ନିବାସ ଘେହିଲଖଣ୍ଡ, ଶଶୁର ଶାଶୁ ସ୍ତ୍ରୀ ଓ ଅନ୍ୟାନ୍ୟ ଲୋକ ସହିତ ଜଗନ୍ନାଥ ଦର୍ଶନ ନିମନ୍ତେ ଯାଉଥିଲେ । ଗୋଡ଼ଶାଳଠାରେ ବର୍ଗୀମାନେ ସମସ୍ତଙ୍କୁ ବଧ କରି ସର୍ବସ୍ୱ ଲୁଣ୍ଠନ କରି ନେଇ ଅଛନ୍ତି । ସେ ମଧ୍ୟ ବିଷମ ଆହତ ହୋଇଥିଲା, ମାତ୍ର ଆୟୁବଳ ଥିବାରୁ ରକ୍ଷା ପାଇଅଛି । ଧନାଢ଼

Digitized by srujanika@gmail.com

ପର ଦିନ ତାହାର ଚେତନା ଫେରିବାରୁ କଷ୍ଟେ କଷ୍ଟେ ଯାଇ ନିକଟବର୍ତ୍ତୀ ଗୋଟିଏ ଗ୍ରାମରେ ଆଶ୍ରୟ ନେଲା । ଦୟାଳୁ ଗ୍ରାମବାସିଙ୍କ ଯତ୍ନ ଏବଂ ଚିକିତ୍ସାରେ ଆରୋଗ୍ୟଲାଭ କରିଅଛି । ସେ ଲକ୍ଷ୍ମୀ ଦେବୀ ଏକଲିଙ୍ଗଙ୍କ ନାମରେ ଶପଥ କରି ଅଛି ବର୍ଗୀସର୍ଦ୍ଦାର ଭାସ୍କର ପଣ୍ଡିତଙ୍କୁ ସ୍ୱହସ୍ତରେ ବଧ କରି ତାହାଂ ରୁଧିରରେ ପିତୃତର୍ପଣ କରିବ, ନଚେତ୍ ଆତ୍ମଘାତୀ ହେବ । କେବଳ ସେ ନିଃସହାୟ ନିଃସମ୍ବଳ, ଏଣେ ବିପକ୍ଷ ବିଷମ କ୍ଷମତା-ଶାଳୀ ! ଏହି ଅସାଧ୍ୟ ସାଧନ ନିମନ୍ତେ ନବାବ ସାହେବଙ୍କ ସହାୟତାର ପ୍ରୟୋଜନ । ନବାବଙ୍କ-ଠାରେ ପରିଚିତ ହେବା କିମ୍ବା ଅନୁଗ୍ରହ ପ୍ରାପ୍ତ ହେବା ତାହାପରି ଦରିଦ୍ର ପକ୍ଷରେ ଅସମ୍ଭବ; ମାତ୍ର ଦୃଢ଼ ଯତ୍ନ ଅସାଧ୍ୟ ସାଧନ କରେ, ଏହି ବିଶ୍ୱାସରେ ସେ କେତେ ଦିନ ହେଲା ଦିବାରାତ୍ର ନବାବ ସାହେବଙ୍କର ଅବିଚ୍ଛେଦ ଅନୁସରଣ କରି ଅବକାଶ ଅନ୍ୱେଷଣ କରୁଥିଲା । ଅଧ୍ୟବସାୟୀ ଲୋକଙ୍କୁ ଭଗବାନ୍ ସହାୟ ହୁଅନ୍ତି, ତାହାର ଯତ୍ନ ଅଂଶତଃ ସଫଳ ହୋଇଅଛି ।

ଯୁବକ ପ୍ରାଣଦାତା, ଏଥିରୁ ହିତକାମୀ ବନ୍ଧୁ, ପୁଣି ତାହାର ଲକ୍ଷ୍ୟ ନବାବଙ୍କ ପକ୍ଷରେ ନିତାନ୍ତ ଅନୁକୂଳ; ନବାବ ସାହେବ ଅତ୍ୟନ୍ତ ଆନନ୍ଦିତ ହୋଇ ତାହାକୁ ତତ୍‌କ୍ଷଣାତ୍ ଦରବାରେ ପାଇକ ଉପରେ ହାବିଲଦାର ପଦରେ ନିଯୁକ୍ତ କଲେ । ରଣପ୍ରିୟ ଲୋକମାନେ ସାଧାରଣରେ ମାନମାନ୍ୟ । ନବାବ ଫୌଜମଧ୍ୟରେ ହାବିଲ ସିଂହ ଅଳ୍ପ କାଳ ମଧ୍ୟରେ ବିଶେଷ ପରିଚିତ ହୋଇ ଗଲା । ବର୍ଗୀ ଖଣ୍ଡାଘାତରେ ତାହାର ଗୋଟିଏ କାନ କଟି ଯାଇ ଥିଲା, ଏଣୁ ସମସ୍ତେ ତାହାକୁ କାନକଟା ହାବିଲ-ଦାର ବୋଲି ଡାକନ୍ତି ।

—*0*—

ବିଂଶତି ପରିଚ୍ଛେଦ ।

ନବାବ ଏବଂ ମସ୍ତାଫା ଖାଁ ।

'ମନୁଷ୍ୟ ବେଳକୁ ବିଧାତା ଅଦଳକୁ ନୃପତି ଦାଣ୍ଡରେ ଭୀଷଣ ।' ବଙ୍ଗ ବିହାର ଓଡ଼ିଶାର ସୁବାଦାର ହଜରତ ଅଲବର୍ଦ୍ଦିଖାଁ ବର୍ତ୍ତମାନ ଉପ-ଦ୍ରୁତ ପଳାୟିତ । ମହାସରେଣାଶେଷରେ ନବାବଙ୍କ ସମସ୍ତ ସମ୍ପତ୍ତି ସହିତ ସମସ୍ତ ତମ୍ବୁ ମଧ୍ୟ ବର୍ଗୀ-ହସ୍ତଗତ । ମିଲବାଡ଼ଅ ନାମକ ସ୍ଥାନରେ ଗୋଟିଏ ଅତି କ୍ଷୁଦ୍ର ଦୁର୍ଗନ୍ଧ ଛିନ୍ନ ମାହାରବାସ-ଅଯୋଗ୍ୟ ତମ୍ବୁ ମଧ୍ୟରେ ନବାବ ରହିଅଛନ୍ତି । ଅନ୍ୟାନ୍ୟ ହେନା ସେନାପତିମାନଙ୍କର ଅନାବୃତ ଭୂଶଯ୍ୟା । ନବାବ ସାହେବ ଅତି କଷ୍ଟରେ ପ୍ରାଣାଧିକ ପ୍ରିୟତମ ବାଳକ ମିରଜାଉଦ୍ଦୌଲା ସହାଶେ ଦୁଇ ଖଣ୍ଡି ରୋଟି ସଂଗ୍ରହ କରିଥିଲେ, ସେଥିରୁ ଅର୍ଦ୍ଧଖଣ୍ଡ ଏବଂ ଏକ ଚକନା ପାଣିରେ କ୍ଷୁଧା ନିବୃତ୍ତ କରିଅଛନ୍ତି । ଯଦି ଏକ ପ୍ରହର ସମୟରେ ହରକରା ସମ୍ବାଦ ଦେଲା, ଶତ୍ରୁମାନେ ଅନୁସରଣ କରି ଅସି ଏକକୋଶ ଦୂରରେ ଡେରା ଗାଡ଼ି କରି ଅଛନ୍ତି । ଏହା ମଧ୍ୟ ଗୁପ୍ତ ଭାବରେ ସମ୍ବାଦ ପାଇଲେ ସେ ଅଧିକାଂଶ ସେନା, ସମସ୍ତ ସେନାପତି ବିଦ୍ରୋହୀ ହୋଇ ଗଲେଣି । ଆଉ ରକ୍ଷା ନାହିଁ, ପତନ ନିଶ୍ଚିତ । ନିଦ୍ରାଗତ ବାଳକ ମିରଜାଉଦ୍ଦୌଲାକୁ ଅନାଇଲେ । ତାହାଙ୍କ ନେତ୍ରରୁ କେତେ ବିନ୍ଦୁ ଲୋତକ ବହି ପଡ଼ିଲା । ସେହି ମୁହୂର୍ତ୍ତରେ ମରହଟ୍ଟା ଆକ୍ରମଣ କରିଥିଲେ ନବାବଙ୍କ ବିନାଶ ଅନିବାର୍ଯ୍ୟ ହୋଇ ଥାନ୍ତା । ହେଲେ ତାହାଙ୍କ ସୌଭାଗ୍ୟବଳ, ଦୁଇ ଗୋଟି କାରଣରୁ ସେମାନେ ଆକ୍ରମଣ କଲେ ନାହିଁ ।

ପ୍ରଥମ—ମୀର ହବିବଙ୍କ ମନ୍ତ୍ରଣାରେ ନବାବ ପକ୍ଷର କେତେ ଜଣ ସେନାପତି ବିଦ୍ରୋହୀ ହୋଇ ଅଛନ୍ତି, ସେମାନେ ବର୍ଗୀପକ୍ଷ ଅବଲମ୍ବନ କଲେ ବିନାଯୁଦ୍ଧ ବିନାରକ୍ତପାତରେ ନବାବ ପରାସ୍ତ ହେବେ । ମାତ୍ର ଯୁଦ୍ଧାରମ୍ଭ କଲେ ଏହି ସହଜ-ଲଭ୍ୟ ସୁଯୋଗଟି ହସ୍ତବହିର୍ଭୂତ ହେବ ।

ଦ୍ୱିତୀୟ—ନବାବ ସାହେବ ଉପାୟାନ୍ତର ନ ଦେଖି ସନ୍ଧି ପ୍ରସ୍ତାବ କରି ବର୍ତ୍ତମାନର ଦେବାନ ଜାନକୀରାମଙ୍କୁ ଭାସ୍କର ପଣ୍ଡିତଙ୍କ ନିକଟକୁ ପଠାଇ

Digitized by srujanika@gmail.com

ଥିଲେ । ସେଥିରେ ମରହଟ୍ଟା ପକ୍ଷର ଅନେକ ଅର୍ଥ ଲାଭ ହେବାର ପ୍ରଲୋଭନ ମଧ୍ୟ ଥିଲା । ହେଲେ ଭାସ୍କର ପଣ୍ଡିତ ସନ୍ଧି ସର୍ତ୍ତର ଯେ ସମସ୍ତ ପ୍ରସ୍ତାବ କରିଅଛନ୍ତି ତାହା ନବାବଙ୍କ ପକ୍ଷରେ ନିତାନ୍ତ ଗ୍ଳାନିକର । ଯାହା ହେଉ ଭାସ୍କର ପଣ୍ଡିତ ସେଥିର ଗୋଟାଏ ଶେଷ ଉତ୍ତର ପାଇବାକୁ ଆଶା କରି ରହିଅଛନ୍ତି ।

ନୀରବ ନିଶୀଥ, ଜଗତ ନିସ୍ତବ୍ଧ, ଦିଗନ୍ତ ତମସାବୃତ — ବିଶ୍ୱବ୍ରହ୍ମାଣ୍ଡ ଅନ୍ଧକାରସମୁଦ୍ରରେ ନିମଗ୍ନ, ନବାବ ଅଲିବର୍ଦ୍ଧି ଖାଁଙ୍କ ହୃଦୟ ତତୋଽଧିକ ଅନ୍ଧକାରମୟ । ନେତ୍ରରେ ନିଦ୍ରା ନାହିଁ । ସିରାଜ-ଉଦ୍ଦୌଲାର ଶଯ୍ୟାପାର୍ଶ୍ୱରେ ବସି ଚିନ୍ତା କରୁଅଛନ୍ତି, ଚିତ୍ତ ବିଚଳିତ, ଚିନ୍ତାର ଉପଶମ ନାହିଁ, କୌଣସି ସିଦ୍ଧାନ୍ତରେ ଉପନୀତ ହୋଇ ପାରୁ ନାହାନ୍ତି । ନବାବ ତମ୍ବୁ ମଧ୍ୟରୁ ମୁହଁ ଗଳାଇ ଦେଖିଲେ—ସମସ୍ତ ଦିଗ ଅନ୍ଧକାରପୂର୍ଣ୍ଣ, ଅନ୍ଧକାରସମୁଦ୍ର ଉପରେ ଶୁକ୍ଳଫେନଖଣ୍ଡପରି କ୍ଷୁଦ୍ର ବୃହତ୍ ଅନନ୍ତ ନକ୍ଷତ୍ର ଭାସୁଅଛନ୍ତି । ସହସ୍ର ମାନବର ନିଶ୍ୱାସ ଶବ୍ଦ ସ୍ପଷ୍ଟ ଅନୁଭୂତ ହେଉଅଛି । ଦୂରକୁ ଅନାଇ ଦେଖିଲେ, ପ୍ରାୟ ଏକ କ୍ରୋଶ ଦୂର ପ୍ରାନ୍ତର ମଧ୍ୟରେ କେତେ ଗୋଟି କ୍ଷୀଣାଲୋକ ଦୃଷ୍ଟ ହେଉଅଛି । ଗୋଟିଏ ଲୋହିତବର୍ଣ୍ଣ ବୃହତ୍ ଆଲୋକ ଉର୍ଦ୍ଧ୍ୱାଧୋଭାବରେ ଘୂର୍ଣ୍ଣିତ ହେଉଅଛି । ପ୍ରବୀଣ ନବାବ ବୁଝିଲେ, ଏହା ବର୍ଗୀ ସ୍କନ୍ଧାବାରର ଅଭୟସୂଚକ ସାଙ୍କେତିକ ଚିହ୍ନ । ବର୍ଗୀ ଅଭୟପ୍ରଦାନପୂର୍ବକ ନବାବ ସୈନ୍ୟମାନଙ୍କୁ ଆତ୍ମପକ୍ଷ ଅବଲମ୍ବନ କରିବା ନିମନ୍ତେ ଆହ୍ୱାନ କରୁଅଛି । ବର୍ଗୀପକ୍ଷ ଅବଲମ୍ବନ କରି ଉପସ୍ଥିତ ବିପଦରୁ ଉଦ୍ଧାର ପାଇବାକୁ ସର୍ବସ୍ୱାନ୍ତ, ଶ୍ରମକ୍ଳାନ୍ତ କ୍ଷୁତ୍ପିପାସାର୍ତ୍ତ ଅଧିକାଂଶ ସୈନ୍ୟ ଓ ସେନାପତିଙ୍କର ଇଚ୍ଛା, ମାତ୍ର ପବିତ୍ର ଇସଲାମଧର୍ମାବଲମ୍ବୀ ଅନ୍ନଦାତା ନବାବଙ୍କୁ ପରିତ୍ୟାଗପୂର୍ବକ ବିଧର୍ମୀ କାଫେର ପକ୍ଷ ଅବଲମ୍ବନ କରିବା ନିତାନ୍ତ ଗ୍ଳାନିକର କଥା ଅଟେ । ଅଧିକନ୍ତୁ ଉପରସ୍ଥ ସେନାପତିମାନେ ବର୍ଗୀପକ୍ଷ ଅବଲମ୍ବନ କରି ନ ଥିବାରୁ ସୈନ୍ୟମାନେ ଇତସ୍ତତଃ ହୋଇ ବିପକ୍ଷପକ୍ଷାବଲମ୍ବୀ ହୋଇ ପାରି ନାହାନ୍ତି ।

ତମ୍ବୁଦ୍ୱାରଠାରେ ନବାବ ସ୍ଥିର ଭାବରେ ଛିଡ଼ା ହୋଇ ମରହଟ୍ଟା ସ୍କନ୍ଧାବାରକୁ ଲକ୍ଷ କରି ଚିନ୍ତା କଲେ, ବୋଧ କରେଁ ଆମ୍ଭକୁ ଆଉ ଦିବାଲୋକ ଦେଖିବାକୁ ହେବ ନାହିଁ । ଏହି ଘୋର ଅନ୍ଧକାର ମଧ୍ୟରେ ବର୍ଗୀ ପ୍ରଚ୍ଛନ୍ନ ଭାବରେ ଆସି ଆମ୍ଭକୁ ବିନାଶ କରିବ । ନୈରାଶ୍ୟପୂରିତ ନିଶ୍ୱାସ ପକାଇ ମନମଧ୍ୟରେ ସର୍ବଶକ୍ତିମାନ୍, ଦୟାମୟ, ବିପଦଭଞ୍ଜନ ପ୍ରଭୁଙ୍କ ଶ୍ରୀଚରଣ ଧ୍ୟାନ କରିବାକୁ ଲାଗିଲେ । ସ୍ୱର୍ଗୀୟ ଆଦେଶରୂପେ ଚକିତ ଭାବରେ ସେନାପତି ମୁସ୍ତାଫାଙ୍କ ନାମ ତାହାଙ୍କ ମନ ମଧ୍ୟରେ ଖେଳିଗଲା । ନବାବ ଚିନ୍ତା କଲେ, ମୁସ୍ତାଫା ସାହସୀ, ରଣକୁଶଳ, ପ୍ରବୀଣ, ବହୁଦର୍ଶୀ; ମଧ୍ୟ ତାଙ୍କ ସୈନ୍ୟମାନେ ସୁଶିକ୍ଷିତ, ଅନୁଗତ, କର୍ତ୍ତବ୍ୟପରାୟଣ । ମରହଟ୍ଟା ସୈନ୍ୟ ଗଣନାପୂର୍ଣ ସତ୍ୟ, ହେଲେ ମୁସ୍ତାଫାର ସମକକ୍ଷ ନୁହନ୍ତି; କାରଣ ସେମାନଙ୍କ ମଧ୍ୟରେ ଶୃଙ୍ଖଳା ନାହିଁ । ବର୍ତ୍ତମାନ ମୁସ୍ତାଫା ବିନା ଆମ୍ଭର ଗତ୍ୟନ୍ତର ନାହିଁ । ଏପରି ମୁସ୍ତାଫାକୁ ଅସମ୍ମାନ କରି ଗର୍ହିତ କାର୍ଯ୍ୟ କରିଅଛୁଁ । ବର୍ତ୍ତମାନ ମୁସ୍ତାଫା ମେହେରବାନୀ କରି ସହାୟ ହେଲେ ପରିତ୍ରାଣର ସମ୍ପୂର୍ଣ୍ଣ ସମ୍ଭାବନା । ହେଲେ ମୁସ୍ତାଫା କି ବର୍ତ୍ତମାନ ଆମ୍ଭ କଥା ଶୁଣିବ ? ଅସମୟରେ ପୁତ୍ର ଯେ ପର ହୁଏ । ଦେଖାଯାଉ, ଥରେ ଭଲରୂପେ ତାହାକୁ ଧରୁଁ । "ଯତ୍ନ କାର୍ଯ୍ୟେଣ ସେବା ଫଳେ । କିବା ଅସାଧ୍ୟ ମହୀତଳେ ।" ଏହି କଥା ମନରେ କରି ନବାବ କିଞ୍ଚିତ୍ ଆଶ୍ୱସ୍ତ ହେଲେ, ତାହାଙ୍କ ଦେହରେ ନୂତନରୂପେ ବଳ ସଞ୍ଚାରିତ ହେଲା । ସେତେବେଳେ ତ୍ରିଯାମା ତୃତୀୟ ପ୍ରହର ଅତୀତପ୍ରାୟ । ନବାବ ନିଦ୍ରିତ ନାତି ସିରାଜ ଉଦ୍ଦୌଲାକୁ ଉଠାଇଲେ, ବାମହସ୍ତରେ ତାହାର ଦକ୍ଷିଣ ହସ୍ତ ଧାରଣ କରି ସେହି ନିବିଡ଼ ଅନ୍ଧକାର ମଧ୍ୟରେ ମୁସ୍ତାଫା ତମ୍ବୁକୁ ଲକ୍ଷ୍ୟ

Digitized by srujanika@gmail.com

ଜଣ ଡାକାଇଲେ । ମସ୍ତାଫା ମଧ୍ୟ ଯୋଦ୍ଧା-ଯାସି-ବାସର ଉପଯୁକ୍ତ ଗୋଟିଏ କକ୍ଷ ମଧ୍ୟରେ ଶଯ୍ୟାକୁ ଯାଇ ରହିଥିଲେ । ମୁସ୍ତାଫା ନିଦ୍ରାଭିଭୂତ, ଅଲିବର୍ଦ୍ଦି ଶଯ୍ୟା ପାର୍ଶ୍ୱରେ ବସି ତାହାଙ୍କୁ ଜାଗ୍ରତ କଲେ । ସୁପ୍ତୋତ୍ଥିତ ମୁସ୍ତାଫା ଅଲ୍ପ-ଦାନ୍ତ ପ୍ରଭୁ-ଦୀକ୍ଷା-ସମାପ୍ତ ବଙ୍ଗ ବିହାର ଉଡ଼ିଶାର ନବାବ ଅଲିବର୍ଦ୍ଦି ଖାଁଙ୍କୁ ଦୌହିତ୍ର ସହିତ ଆପଣା ପାର୍ଶ୍ୱରେ ଦୀନଭାବରେ ଦଣ୍ଡାୟମାନ ଥିବାର ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲେ, କିନ୍ତୁ ଅନ୍ତରେ ମଧ୍ୟ ଦେଲେ । ଗୋଟିଏ ଉଚ୍ଚାସନରେ ନବାବ ଏବଂ ସିରାଜଉଦ୍ଦୌଲାଙ୍କୁ ବସାଇ ହାତ ଯୋଡ଼ି ଜଣାଇଲେ, ଜାହାଁପାନା ! ଏ ଗୋଲାମ ପ୍ରତି କି ଆଜ୍ଞା ହେଉଅଛି ? ନବାବ ସାଶ୍ରୁନୟନରେ ଅତି କରୁଣଭାଷାରେ କହିଲେ, ଦୋସ୍ତ ମସ୍ତାଫା ! ଆଉ କଣ କହିବ ? ମୋ କହିବାର କଥା ସବୁ ଶେଷ ହୋଇଅଛି । ଶୁଣ ଦୋସ୍ତ ! ମନୁଷ୍ୟର ପ୍ରାଣଠାରୁ ପ୍ରିୟତର ଜଗତରେ ଆଉ କିଛି ନାହିଁ, ହେଲେ ମୋ ଜୀବନ ବର୍ତ୍ତମାନ ମୋ ପକ୍ଷରେ ନିତାନ୍ତ ଭାରବହ ହୋଇ ପଡ଼ିଅଛି, ମୋ ପକ୍ଷରେ ମୃତ୍ୟୁ ବାଞ୍ଛନୀୟ । ଦୋସ୍ତ ! ମୁଁ ବେଶ୍ ଜାଣୁଅଛି ଆଉ କହିବାକୁ ହେବ ନାହିଁ, ତୁମ୍ଭେ ମୋ ପ୍ରତି ବିରକ୍ତ, ଯେବେ ମୋହର ବିନାଶ କାମନା କର, ଭଲ କଥା—ସେଥି ସହାଶେ ଏବେ ହରବର କପାଠିଁ —ଏଂତ ସନ୍ତ୍ରସ୍ତ କିଂୟା ? ଏହିଠାରେ ଶେଷ କରି ଦିଅ । ସତ କଥା, ମୁଁ ତୁମ୍ଭଠାରେ ଅପରାଧୀ, ମୋ ପାପର କି ଅନ୍ୟରୂପ ପ୍ରାୟଶ୍ଚିତ୍ତ ନାହିଁ ? ମୁସଲମାନଠାରୁ କି ମୁସଲମାନ କ୍ଷମା ପାଇବାର ଯୋଗ୍ୟ ନୁହେଁ ? ଦୋସ୍ତ ! ପବିତ୍ର ଇସଲାମ୍ ଧର୍ମ୍ମକୁ ସ୍ମରଣ କର, ମୁସଲମାନ ହୋଇ ମୁସଲ-ମାନର ଗୌରବ ରକ୍ଷା କର । ମୁଁ ଆଉ ସନ୍ତାପିତ ହୋଇ ପାରିବ ନାହିଁ । (ନବାବ ଆପଣା ବସ୍ତ୍ରର ତରବାରି ମୁସ୍ତାଫା ସମ୍ମୁଖକୁ ପକାଇଦେଇବସିଲେ) ଆଉ କିଛି ଆବଶ୍ୟକ ନାହିଁ, ମୁସ୍ତାଫା ! ଦେଖ ହେଲାଣି, ମୁଁ ତୁମ୍ଭ ଆଗରେ ଅଛି, ଏହି ମୋ ବକ୍ଷ-ପ୍ରତିମା ସିରାଜଉଦ୍ଦୌଲା ତୁମ୍ଭ ଆଗରେ ରହିଅଛି, ଦୁଇ ଜଣଙ୍କୁ ଶେଷ କରି ଦିଅ, ଧର୍ମ୍ମ କଥାର ଆବଶ୍ୟକ ରଖ ନାହିଁ । ମାତ୍ର ହେ ମୁସ୍ତାଫା, ହେ ଦୋସ୍ତ ! ଆମ୍ଭମାନଙ୍କ ବହୁକାଳର ଦୋସ୍ତ-ଦାରି ଯେବେ ତୁମ୍ଭ ମନରେ ଥାଏ—ମୁଁ ଯେବେ କେବେ କିଛି ତୁମ୍ଭର ଉପକାର କରି ଥାଏଁ, ଅଥବା କିଛି କି ହେଲେ ତୁମ୍ଭ ନିଜ ଉଦାରତା ଗୁଣରେ ମୋହର ଅପରାଧ ଯେବେ ମାର୍ଜ୍ଜନା କରି ପାର, ଜାତୀୟ ଗୌରବ ରକ୍ଷା କରିବାକୁ ଯେବେ ତୁମ୍ଭର ଇଚ୍ଛା ଥାଏ, ତେବେ ଆସ କୋଲାଲିଙ୍ଗନ ସଂସ୍ପର୍ଶ କରି ବୋଲ, ମୋତେ ତ୍ୟାଗ କରିବ ନାହିଁ । ମୋର ବୋଲିବାର ଏତିକି ମାତ୍ର । ବର୍ତ୍ତମାନ ଖାସ୍ତର ପଣ୍ଡିତ ସହିତ କିରୂପ ବ୍ୟବହାର କରିବାକୁ ହେବ, ମୋତେ ଉପଦେଶ ଦିଅ । ତୁମ୍ଭେ ମୋ ଅଭିପ୍ରାୟ ଜାଣ । ବର୍ଗୀ ସନ୍ଧି ବିଷୟରେ ଯେ ସମସ୍ତ ଗ୍ଲାନିକର ପ୍ରସ୍ତାବ କରିଅଛି, ସେଥିରେ ସମ୍ମତ ହେବା ମୋ ପକ୍ଷରେ କଷ୍ଟକର—ମୁଁ କିଂବା, ମୁସଲମାନ ପକ୍ଷରେ ତାହା ଅସହ୍ୟ ।

ନବାବଙ୍କ କାରୁଣ୍ୟରେ ମୁସ୍ତାଫା ବିଚଳିତ ହେଲେ, ତାଙ୍କ କଠିନ ପ୍ରାଣ ବିଗଳିତ ହୋଇ ଗଲା, କି ଉତ୍ତର ଦେବେ କିଛି ସ୍ଥିର କରି ପାରିଲେ ନାହିଁ, କେତେ ମୁହୂର୍ତ୍ତ କାଷ୍ଠପ୍ରତିମା ପରି ସ୍ତବ୍ଧ ହୋଇ ରହିଲେ । ଏ ଉତ୍ତରେ ବିନୀତଭାବରେ କହିଲେ—ପ୍ରଭୋ ! କ୍ଷମା କରନ୍ତୁ, କିଛିକାଳ ଅବକାଶ ଦେଉନ୍ତୁ, ସ୍ୱଦେଶୀୟ କର୍ମ୍ମଚାରୀଙ୍କ ସହିତ ପରାମର୍ଶ କରି ଏ ବିଷୟର ଉତ୍ତର ଦେବି । ସେମାନଙ୍କ ସଙ୍ଗରେ ବିଚାର ନ କରି କିଛି କଥା କହିପାରୁ ନାହିଁ । ନବାବ ବ୍ୟଗ୍ର ଭାବରେ କହିଲେ, ହେଉ ତାହି ହେଉ, ସେହିପରି କର, ମୋର ଏଥିରେ କିଛି ଆପତ୍ତି ନାହିଁ ।

ମସ୍ତାଫା ଖାଁ ତତ୍କ୍ଷଣାତ୍ ଲୋକ ପଠାଇ ହାବିଲ-ଦାର ସମସେର ଖାଁ, ଜମାଦାର ସର୍ଦ୍ଦାର ଖାଁ, ମନ୍-ସବଦାର ଅବଦୁଲ ଶୋଭାନ ଖାଁ, ଅବଦୁଲ ରହିମାନ ପ୍ରଭୃତିଙ୍କୁ ଡକାଇ ଆଣିଲେ । ସେମାନେ

Digitized by srujanika@gmail.com

ଉପସ୍ଥିତ ହୁଅନ୍ତେ ମୁସ୍ତାଫା ଖାଁ ନବାବଙ୍କୁ ଅନାଇ କହିଲେ, ହଜୁର ଜାହାଁପାନା ! ମୋତେ ଯେ ସମସ୍ତ କଥା କହିଅଛନ୍ତି, ଏମାନଙ୍କୁ ମଧ୍ୟ ସେହି ସମସ୍ତ କଥା ବୋଲନ୍ତୁ । ନବାବ ଇତିପୂର୍ବେ ମୁସ୍ତାଫାକୁ ଯେ ସମସ୍ତ କଥା କହିଥିଲେ ସେମାନଙ୍କୁ ମଧ୍ୟ ସେହିପରି କହିଲେ । ଯୋଦ୍ଧୃବର୍ଗ ସେ ସମସ୍ତ କଥା ଶୁଣି ନିରୁତ୍ତର ହୋଇ ବସିଲେ । ମୁସ୍ତାଫା କହିଲେ—ଭାଇମାନେ ! ଉତ୍ତର ଦିଅ ।

ସମସ୍ତଙ୍କ ଅନୁମତି ଗ୍ରହଣ କରି ସମସେର ଖାଁ ସରଦାର ଖାଁ କହିଲେ, "ଆମ୍ଭେମାନେ କଣ କହିବୁଁ ? ଆପଣ ହେଲେ ଜାତିର ସର୍ଦ୍ଦାର, ଆମ୍ଭମାନଙ୍କର ସେନାପତି, ଆପଣଙ୍କ ମତରେ ଆମ୍ଭମାନଙ୍କର ମତ ଜାଣିବେ, ଆପଣଙ୍କ ଆଜ୍ଞା କେବେ ଅବଜ୍ଞା କରି ନାହୁଁ, ବର୍ତ୍ତମାନ ମଧ୍ୟ ସେହି କଥା ।

ଶରଣାଗତ ଅନ୍ନଦାତା ନବାବଙ୍କ କାତର ବଚନ ଶୁଣି ଏବଂ ତାହାଙ୍କ ନେତ୍ରରୁ ଅନର୍ଗଳ ପ୍ରବାହିତ ଅଶ୍ରୁଧାର ଦେଖି ଅତି କଠୋରହୃଦୟ ନରଶୋଣିତପିପାସୁ ସମରାଭିଳାଷୀ ମୁସ୍ତାଫାର ହୃଦୟ ବିଗଳିତ ହୋଇଗଲା । ସମସେର ଖାଁ ସର୍ଦ୍ଦାର ଖାଁ ଅବଦୁଲ ଶୋଭାନ ପ୍ରଭୃତି ସ୍ୱଦେଶୀୟ ଯୋଦ୍ଧାମାନଙ୍କୁ ସମ୍ବୋଧନ କରି କହିଲେ, ଭାଇମାନେ ! ଯାହା ହେବାର ହୋଇ ଯାଇଅଛି, ପୁରୁଣା କଥା ପାସୋରି ପକାଅ । ଭାଇମାନେ ! ମୁଁ ସରଳ ହୃଦୟରେ ପବିତ୍ର କୋରାଣସରିଫ ସ୍ପର୍ଶ କରି କହୁଅଛି ଆଜିଠାରୁ—ଏହି ମୁହୂର୍ତ୍ତଠାରୁ ମୋହର ଏବଂ ମୋହର ପୁତ୍ର କନ୍ୟାର ମସ୍ତକ ପ୍ରଭୁପଦରେ ବିକ୍ରୟ କଲି, ଆଜିଠାରୁ ମୋ ଦେହର ପ୍ରତ୍ୟେକ ରକ୍ତବିନ୍ଦୁରେ ପ୍ରଭୁଙ୍କର ଅଧିକାର, ଏହା ପ୍ରଭୁଙ୍କ ଦତ୍ତକ ସମ୍ପତ୍ତି । ଭାଇମାନେ ! ମୁଁ ଦୃଢ଼ରୂପେ କହୁଅଛି, ଏହା ମୋହର ହୃଦୟର ଅନ୍ତସ୍ଥଳର କଥା ଜାଣିବେ । ଭାଇମାନେ ! ତୁମ୍ଭମାନଙ୍କ ପରି ଶଏ ଜଣ ବୀର ଯଦି ପାଏଁ, ସେହି ଶଏ ଖଣ୍ଡ ତରବାରିରେ ଗୋଟିଏ ରାଜ୍ୟ ଦଖଲ କରି ପାରେଁ । ଭାଇମାନେ ! ନିରାଶ ହୁଅ ନାହିଁ, ବର୍ତ୍ତମାନ ମଧ୍ୟ ଗୋଟିଏ ହଜାର ସବାର ହାଜର ଅଛନ୍ତି । ସେମାନଙ୍କୁ ନେଇ ଗଲେ ଶତ୍ରୁମାନଙ୍କୁ ଖଣ୍ଡ ବିଖଣ୍ଡ କରି ପକାଇବ । ଭାଇମାନେ ! ପୂର୍ବେ କହିଅଛୁ ପୁନର୍ବାର କହୁଅଛୁ, ଗତ କଥା ବିସ୍ମୃତ ହୁଅ । ମୋ ମନର କଥା କହିଲି, ତୁମ୍ଭମାନଙ୍କ କଥା ଏବେ ବୋଲ । ମୁସ୍ତାଫାଙ୍କ କଥା ଶୁଣି ସମସ୍ତେ ଏକବାକ୍ୟରେ କହିଲେ, ଭାଇ ସାହେବ, ସେନାପତି ସାହେବ ! ଆମ୍ଭମାନଙ୍କର ଅଧିକ କିଛି ବୋଲିବାର ନାହିଁ, ଆପଣଙ୍କ ମତରେ ଆମ୍ଭମାନଙ୍କ ମତ ଜାଣିବେ, ଏହା ନିଶ୍ଚୟ କଥା । ଆପଣଙ୍କ ଏବଂ ମୁନିବ ନବାବ ସାହେବଙ୍କ ବିଶ୍ୱାସ ସହାଶେ କହୁଅଛୁଁ, ଏଥିର ସାକ୍ଷୀ କୋରାଣ ସରିଫ ।

ତୃଷାର୍ତ୍ତ ସୁଶୀତଳ ଜଳଧାର ପ୍ରାପ୍ତ ହେଲା, ଅମୃତଭାଣ୍ଡ କ୍ଷୁଧାର୍ତ୍ତର ହସ୍ତଗତ ହେଲା, ଭଗ୍ନପୋତ ଅକୂଳ ସମୁଦ୍ରରେ ଭାସମାନ ନାବିକ କୂଳ ପ୍ରାପ୍ତ ହେଲା । ନିବିଡ଼ ଅମାନିଶାରେ ସହସା ଚନ୍ଦ୍ରୋଦୟ ହେଲା । ନବାବ ଆଶ୍ୱସ୍ତ ହେଲେ । ମନମଧ୍ୟରେ ନବାବ କହିଲେ, ମୁସ୍ତାଫା ନିଷ୍ଠୁର ସତ୍ୟ, ମୁସ୍ତାଫା ଭୟଙ୍କର କ୍ରୋଧୀ ସତ୍ୟ, ମାତ୍ର ମୁସ୍ତାଫା ବୀର—ମୁସ୍ତାଫା ଯୋଦ୍ଧା ଏବଂ ସତ୍ୟବାଦୀ, ଇସଲାମ୍ ଧର୍ମପ୍ରତି ତାହାର ଦୃଢ଼ ବିଶ୍ୱାସ । ମାନବଜାତିରେ ସୁମହତ ଗୁଣ ସ୍ୱଜାତିହିତୈଷା, ସ୍ୱଜାତିଗୌରବ ରକ୍ଷଣରେ ମୁସ୍ତାଫା ତତ୍ପର । ଏଥିରେ ମେଲାଣି ଘେନି ନବାବ ବିଶ୍ରାମନିମନ୍ତେ ସିଂହାସନରୁ ଘର ଭିତରକୁ ବାହୁଡ଼ିଲେ । ମୁସ୍ତାଫା ସଙ୍ଗେ ସଙ୍ଗେ ଆସି ଭିତର ଦ୍ୱାରଠାରେ ନବାବଙ୍କୁ ଛାଡ଼ିଲେ । ଆମ୍ଭେମାନେ ବୋଲିବାକୁ ବିସ୍ମୃତ ହୋଇଅଛୁଁ, ସେହି କାଳକଟା ହନୁ ହାବିଲଦାର ନବାବଙ୍କ ଶରୀରରକ୍ଷକରୂପରେ ଛାୟାସ୍ୱରୂପ ସଙ୍ଗେ ସଙ୍ଗେ ରହିଅଛି ।

କ୍ରମଶଃ

ଶ୍ରୀ ଧୂର୍ଜ୍ଜଟୀ ।

——:०:*:०:——

Digitized by srujanika@gmail.com

ବାଉମାବାନ୍ତ ପାନ୍ତି । (୫)

'ଯୋବ ଯାଉଛିଥ ଚେର କରନ୍ତି, ଉକ୍କୁଣୀ ଦେଖିଲେ ମାର ଗୋଡାନ୍ତି', 'ଗଉଵର ମାଉପ ସମ୍ପନ୍ନଙ୍କ ଟାପଗ', ଏ ପ୍ରବାଦଗୁଡିକ ଅକ୍ଷରେ ଅକ୍ଷରେ ସତ୍ୟ । ଶାସ୍ତ୍ରୀଙ୍କ ଲାସ ମାଉଜା (ଶବ ବ୍ୟବଚ୍ଛେଦ) କମନ୍ତେ ଯେପରି ଡାକ୍ତରଖାନା ଅଛି, ମାନସିକ ପ୍ରବୃତ୍ତିଗୁଡିକ ମାଉଜା କରିବା କମନ୍ତେ ସରକାରଙ୍କର ଗୋଟିଏ ଡାକ୍ତରଖାନା ବସାଉବାର କ୍ଷମତା ଥିଲେ ଅନ୍ୟ ଭାବନା ଥିଲା କଣ ? ସେଦିନ ଆମ ଗ୍ରାମର ସାଧୁ ମଲିକ ପେଟ-ବଥଲରେ କଡଅଟାଏ ଝୋଲି ଖାଉଥିଲା ବୋଲି ଦିନ ମାସ ମାମୁଘରେ ଘଣା ପେଲିଲା, କିନ୍ତୁ ଗଦାଗଦା ଟଙ୍କା ଘୁନା କଏ ନେଉଁ ଅଛେ ବୋହି ନେଇ ଯାଉଛି ତେହି ପୁଦ୍ଧା ପଗ୍ଭରିବାକୁ ନାହିଁ । ତେବେ ପ୍ରଭେଦ ନାହିଁ କଣ ? ମଲିକ ବିଚରର ପରଧାନ ଖଣ୍ଡେ ଚିଗ କୌପୀନ, ବାବୁ-ମାନଙ୍କ ପରିଧାନ ଉମ୍ପାଳର ଫୁଲଦାର କମିଜ ଓ ଝିଲମିଲା ସିମିଲିଆ ଚଦର, ମଲିକପୁଅର ପେଟ ଜଳିଲା ବୋଲି ଚୋର କଲା, ବଡଲୋକମାନେ ଲୋଭ ଓ ସଉକରେ ଚୋର କରନ୍ତି । ତା ନ ହେଲେ କ 'ପୀତାମ୍ବରଂ ବୀକ୍ଷ ଦଦୌ ତନୂଜାଂ ବୀତାମ୍ବରଂ ଯତ୍ର ଗରଲଂ ପପ୍ରୋଧଃ ।' ମହାବୀର ଅଲେକଜାଣ୍ଡରଙ୍କ ମସ୍ତକରେ ଉଦୁଖଚିତ ରାଜମୁକୁଟ, ଚୋର ଗୋଡରେ ଲୁହା ବେଡୀ, ପ୍ରଭେଦ ମଧ୍ୟରେ ଏତିକି । ଏହା ପ୍ରଭେଦ କି ଅଭେଦ, ତାହାର ନିଷ୍ପତ୍ତି ଆପଣମାନଙ୍କ ହାତ । ତେବେ ଗୋଟିଏ କଥା :—କିଏ କଣ ସୁଖରେ ରହିବ ହୁଏ ? ଧର୍ମରାଜଙ୍କୁ ଭଗବାନ୍ ପ୍ରଶ୍ନ କରି ଥିଲେ; ଧର୍ମରାଜ ଉତ୍ତର କରିଥିଲେ କି 'ମନରେ ଏକା କଥା, କାର୍ଯ୍ୟରେ ତେବେ ଯାହା ପ୍ରଭେଦ ।' ଏତ ଭାରି ଗୋଲମାଳିଆ । ତେବେ କଣ ନା 'ରଜା ଖିଆଲ ଚୋବେଇଲେ ବାତପିତ୍ତ ନାଶନ, ଗରିବ ଖିଆଲ ଚୋବେଇଲେ ବିକଳାଟା ଏ ।' ପାଠକ ଅବଧାନ ! ଉପାୟରେ ବୁଝି ପାରୁଥିବେ, ସବୁବେଳେ ସାପ ମାରି ପର ଗଳାରେ ପକାଉ ଦେଲେ ଚଳିବ କିପରି? ଜଣେ ଜମିଦାର ଗୋଟିଏ ସେରେସ୍ତା ବୁଝୁଥିଲେ, ରାମା କଣ୍ଡରାକୁ ପାଞ୍ଚ ଟଙ୍କା ଜୋରିମାନା କଲେ, କିନ୍ତୁ ରାମା କଣ୍ଡରାର ସାଆନ୍ତ ବାପା, ଗୁରୁଗୋସେଇଁ, ଓସ୍ତାଦର ଓସ୍ତାଦ ସାଆନ୍ତଙ୍କ କଥର ତଳରେ କାବ୍ୟ ସନ୍ନ୍ୟାସ ଲାଗିଛି ଅଛନ୍ତି, ଏପରିକି ସାଆନ୍ତଙ୍କ ଶ୍ରୀଅଙ୍ଗରେ ଧାଉଡ଼ ଲାଗିବାର ମଧ୍ୟ ଆଶ୍ଚର୍ଯ୍ୟ ନୁହେ । ବୁଝୁଛି କିଏ ବା ବୁଝାଉଛି କିଏ ! ରାମା ବିଚରା ଗରିବ, ତା ଘରେ ଧନ ନାହିଁ, ତାପାଇଁ ଓକିଲ ମୁକ୍ତାର ନାହାନ୍ତି, ତା ପାଇଁ ଆଉନ ଦଫା ନାହିଁ, ସୁପାରସ୍ ନାହିଁ, ଅଛି କେବଳ ଧର୍ମ; କିନ୍ତୁ ସେ ଏକପ୍ରକାର ନିର୍ଜୀବ, ଏକାଳରେ ନୁହେ, କେବେ ହେବ ବା ହୋଇ ପାରେ ! ଧନ୍ୟ ସଂସାର ! ବିବେକ ଅଛି କାହାର ? ବିବେକକୁ ଜଳାଞ୍ଜଳି ନ ଦିଏ କିଏ? ସରକାରଙ୍କର ପ୍ରତିକାରରେ ତ୍ରୁଟି ନାହିଁ, ଠେଙ୍ଗା ନଉଆଟଛକୁ ଲଗି ନ ପାଇଲେ ଲଗିର ତ ଦୋଷ ନାହିଁ । ଆପଣ ମୁରବି ମୁରବି ବସି ମନେ ମନେ କହୁଛନ୍ତି, 'ତେବେ କଣ ଠେଙ୍ଗା ନଉଆଟଛର ଦୋଷ ?' ଫଳକଥା, ଧନୀ ଦରିଦ୍ର, ଶିକ୍ଷିତ ଅଶିକ୍ଷିତ, ସଭ୍ୟ ଅସଭ୍ୟ, ବୃଦ୍ଧ ବାଳକ, ପ୍ରଭେଦ ଖୁବ କମ । ଶିକ୍ଷିତ କହିରହୁଥିବାକୁ ସଫଳ କରିବାକୁ ଚେଷ୍ଟା କରନ୍ତି, ଭିତରର ମହାକାଳଫଳକୁ ରଙ୍ଗ ଟଙ୍ଗ ଟଙ୍ଗ ଚୋପାରେ ଘୋଡ଼ାଉ ପକାନ୍ତି; ଅଶିକ୍ଷିତ ମୂର୍ଖ ଯାହା ମନକୁ ଆସେ ତାକୁ ଲୁଚାଇ ରଖି ପାରେ ନାହିଁ । ପ୍ରଭେଦଟା କଣ ଖୁବ ବେଶି ? ଆପଣ ସଭ୍ୟ, ଆପଣ ବଡ଼ଲୋକ, ଆପଣ ରଙ୍ଗଢ଼ଙ୍ଗିଆ ସାଟିନ କୋଟ, ଘଡି ଚେନ ପିନ୍ଧି ବାସନା ତୃପ୍ତ କଲେ, କିନ୍ତୁ ଅସଭ୍ୟର ସେହି ବାସନା 'ଚଉକଟା ଓ ଅଠିଲ ମାଳି'ରେ ତୃପ୍ତ ହେଲା । ସେ ହେଲାବେଳକୁ ହେଲା ହାସ୍ୟାସ୍ପଦ, ଆପଣ

Digitized by srujanika@gmail.com

ହେଲେ ପୂଜ୍ୟ । ସେ ଜଟ ବାନ୍ଧନ୍ତି, ଅପଣ ଅଲବର୍ଟ ଫିଟେଇ ଛାଟିଲେ, ତୁମେତ ଏତେ । ଏ ଧୃଷ୍ଟତାକୁ ବକ୍ର କହନ୍ତି କ ଷ୍ଟେଟ କହନ୍ତି, ଆପଣ ଜାଣନ୍ତି । ବାହାରର ଅଦବ୍ କାଏଦା ଠିକଏ ଖଡ ଦଅନ୍ତୁ, କଥାଟା ଧୀରେ ଧୀରେ ସମ୍ଭି ପାରବେ । ଫାଙ୍କି ଦେଲେ ଅବଶ୍ୟ ଆମ୍ଭେମାନେ ନାଚାର । ଏଥିରେ ସାକ୍ଷୀ ଜବାନବନ୍ଦୀ, ଜେରା, ଜବାବ ସୁଆଲ, କିଛି ଚଳିବ ନାହିଁ । ଚଳୁଥିଲେ ତ ଆପଣଙ୍କ ମୁହଁରେ ଏତେ ଆରସ ହସ ଦେଖା ଦଅନ୍ତା ? ନାଲକାଡ ପହାଇ ଗୋରାଙ୍କୁ ପତରବାଲ୍ମାମାନେ ଜେଲଖାନାକୁ ନେଲାବେଳେ କ ଠୋ ଠୋ କର ହସି ଟାହୁଲି କରନ୍ତେ ? କହନ୍ତେ, 'ଶଳା ପା !' ଜଣେ ପ୍ରଧାନ କବି କହିଥିଲେ 'ଖୁବ କମ ଥରେ ଲେଖାଏଁ ଜେଲଖାନା ନ ଯାନ୍ତା, ଏପର ଲୋକ ଆଉ ଅଛି ।' ଏ ଜେଲଖାନାରେ ତ ଦନେ ଓକଏ ବନ୍ଦୀ, ଅସଲ ଜେଲଖାନାରେ ଘଣା ଟାଣ, କଲାପାଣିଅ, ଟେଙ୍କିକୁଟା, ଚିରଜୀବନ ଲାଗିଛି, ଲାଗିଥିବ । ଏ କଥା ବୁଝେ କିଏ ? ମନୁଷ୍ୟ-ପ୍ରକୃତିର ନବୀନତ୍ୱ ଥରେ ଦାସ୍ୟଚକ୍ଷୁରେ ବୁଝିଲେ ଅସ୍ଥା ଭାମସା, ହସ କୌତୁକ, ଟାହୁଲି ଟାପରା, ରହନ୍ତା କାହିଁ ? ଅଧନ ବଳବାନର ବଳ, ନିର୍ବଳର ଶତ୍ରୁ ! 'ପରପରଥେନ ପରସମାନଂ' ଏ କିଛି ନୂଆ କଥା ନୁହେଁ, 'ଯୁଗାନ୍ତୁ ଯୁଗ ଏହିମତେ, ପରମାନନ୍ଦ ଏ ଜଗତେ ।' କୁଆ ଯୋଆଡ଼ଘାଣି ଭର ଚମଟ, ହଂସ ବଚର ମଲା । ନିଜ ନିଜ ଅନୁଭବରୁ ଗୋଟିଏ ଗୋଟିଏ ଘଟଣା ଭଳା ମିଳାଇ ବିବେକଦ୍ୱାର ବୁଝି ନଅନ୍ତୁ, କଥାଟା ଯେ ନିତାନ୍ତ ମିଛ ନୁହେଁ । 'ପ୍ରମାଣ' ମାନେ କଣ ? ଯେ ଗୋଦ୍ଧ କାଟିବ ସେ କଏଦ ହେବ । ଏଥିର ଅର୍ଥ କଣ ? ଏହାର ଅର୍ଥ:—ଯେ ଗୋଦ୍ଧ କାଟିବାର ଅଦାଲତରେ ପ୍ରମାଣିତ ହେବ, ସେ (ଗୋଦ୍ଧ ନ କରୁ ପଛକେ) ଦଣ୍ଡ ପାଇବ । ସାକ୍ଷୀ ନିର୍ମଳ ହେଲେ ଅସତ୍ୟ କଥାକୁ ପତ୍ୟରେ କିଏ ? ସେଥିପାଇଁ କହନ୍ତି, 'କହ ଜାଣିଲେ କାଉ ମାଉ ନାଲୁତରେ ଖେର ମାଉ ମଳି ।' 'ହେ ମୁଦ୍ଦିରେ ଖେଳି କୁକୁର ନ ହୋଇ ଯିବ କେଉଁଅଟେ ?' ଅପଣଙ୍କ ଗ୍ରାମରେ ବା ପଡ଼ାରେ ସିନା ରାମ ମଲିକ ଙ୍କ ରାମ ମଲିକ ନାହିଁ, ତେବେ ଗ୍ରାମ ଖଟୋଇ, ମଧୁ ଭୋଇ ତ ଥିବେ । ନ ଥିବେ କେବଳ ଅପଣଙ୍କ ଚମ୍ପୁ ହୋଇକୁ, ଅପଣଙ୍କର ଚମ୍ପୁ ନାହିଁ ବୋଲି ଅମ୍ଭମାନଙ୍କ କଥାଟା ଯେ ବାର୍ତ୍ତ ବାଏଁ ହୋଇ ଯିବ, ଏକଥା କେଉଁ ନ୍ୟାୟରେ କହିବେ ? ଅମ୍ଭେମାନେ ଘରୁ ଖାଇ ବଣିଜ ଧାନ୍ଦୁଁ କଣ ମିଛରେ ? ଯେଉଁ ଲୋକ ବହୁତ ବୁଲେ, ବହୁତ ଦେଖେ, ବହୁତ ଶୁଣେ, ସେ ଅପେକ୍ଷାକୃତ କ୍ଷମାଶୀଳ ହୁଏ କାହିଁକ ? ଏହିର କାରଣ ମାନବ-ପ୍ରକୃତିର ନବୀନତା-ଉପଲବ୍ଧି । କବେତ 'ଯଥା ଖରସ୍ଥନଭାରବାହୀ ।' ବୁଲୁଥାଅ, ଶୁଣୁଥାଅ । କିଏ ସିନା ତୁମ ଆଗରେ ଭାତ ଥାଳିଏ ଥୋଇ ଦେବ, ତୁମେ ନ ଖାଇଲେ ପେଟକୁ ତ ଗିଳେଇ ଦେବ ନାହିଁ । ଗିଳେଇ ଦେଲେ ଯେ ଦଫା ଧର ବସିବ ! ଅମୃତସା ଯେ ପ୍ରଥମ ନୀତ । ସଭ୍ୟ କିଏ, ଅସଭ୍ୟ କିଏ ? ବାର୍ଯ୍ୟତଃ କିଛି ନାହିଁ । ତୁମେ ଆମେ ମିଳ ମିଶି ଯାହା ମୁଣ୍ଡରେ ପିଟଇ ଦେବା ସେହି ସିନା ସଭ୍ୟ, ଯାହାକୁ ଛୁଁଥିଲି ବାଡରେ ବାଡ଼େଇବା ସେହି ସିନା ଅସଭ୍ୟ ! ଥରେ ଭଲା ଈଶ୍ୱରଙ୍କୁ ସାକ୍ଷୀ ରଖି ଭଲ ଭଳ କର ବଚାର ଦେଖ, ଯେଉଁ ମନୁଷ୍ୟ ହୋଇଥିବ ତେବେ ଛୋଟ ଲୋକ, ଅସଭ୍ୟ, ଅଶିକ୍ଷିତଙ୍କଠାରୁ ଅନେକ କଥା ଶିଖା କର ଅପଣା ଘରେ ପାଇବେ । 'ସ୍ୱୀରତ୍ନଂ ଦୁଷ୍କୁଳାଦପି' ଲେଖିଲା ବେଳେ କଣ ଗୁଣନାଙ୍କର ବୁଦ୍ଧି ଭେଲୁ ମନ୍ତ୍ର ହୋଇଥିଲା ? ନ ବୁଝି ପାରିଲେ ନାଚାର ! ତୁମ ପାଇଁ ସବୁ ବେଳେ ଦ୍ୱାର ଖୋଲା ନ ଥିବ । 'ବସିଲେ ବସ', ନଚେତ 'ବେଳକୁ ଖସ ।' ଲୋକେ କହନ୍ତି ପରା 'ଧୁଡ଼ ମରନ୍ତି', ମୁଢ଼େ ମରନ୍ତି, ମନ୍ଦିମନ୍ଦିଅ ବୁଡ ମରନ୍ତି ।' ମୁଢ଼ଙ୍କୁ ତ ଖାଗ ଜଳିବ ବୋଲି ପଣ୍ଡାଚ୍ଛଅଛ । କିନ୍ତୁ ଧୂର୍ତ୍ତ ବୋଲି ଯାହାଙ୍କୁ ମନେ

Digitized by srujanika@gmail.com

କରୁଛ, ସେମାନେ ଅଧିକାଂଶ ମନ୍ଦିମନ୍ଦିରିଆ । ଯାହାର ଯେଉଁ ପଣ୍ଡାଙ୍କ ପାଳ, ସେ ପଣ୍ଡାଙ୍କ ସେ ରଜା । ଯୋଗି (ନାଥ)ମାନେ ଘର ଘର ବୁଲି 'ଧନ, ଜନ, ଗୋପ, ଲକ୍ଷ୍ମୀ ବର୍ଦ୍ଧିତ ହେଉ; ବାବାଜୀ ଜଗନ୍ନାଥଙ୍କ ଚରଣରେ ରହୁ' ବୋଲି କହିଥାନ୍ତି, କୈଲାସ ଶିଖରରେ ଚନ୍ଦ୍ରଶେଖରଙ୍କ ପାଖରେ ଶିବଗତି ବନ ସେମାନଙ୍କର ପଦରେ ଲଗିବା ପାଇଁ ପଡ଼ିଯାଏ । କାଲି ଗିଜା ନାଥଙ୍କୁ ମୁଠାଏ ଭିକ ଦେବାକୁ କେହି ଜାଣ ବାହାର କରୁଥିଲ, ଆଜି ଆଉ ଜୁହାର ନ ହୋଇ ଯିବ କେଉଁ ଆଡ଼େ ? ଦିନ ଯିବ ରାତି ଆସିବ, ସୁଖ ଯିବ ଦୁଃଖ ଆସିବ, 'ବାଘ ଘରେ ମିରଗର ନାଟ' ଏ ପ୍ରକୃତିର ନିୟମ । ତୁମେ ବଞ୍ଚ ଅମର ଲଡୁ ଖାଇ କାହିଁ । ମୁଁ ବଞ୍ଚେ କୋଳ ଖାଇ କୋଳ ମଞ୍ଜି ପୋତି ନାହିଁ । 'କପା ପିଅ ଛ ମାସିଆ', 'ଶୁଙ୍କର ଛାଳଗଛ ଛଉ', 'ଓଳିବ ଗୁଜର ଯାଏଗା' ଏଗୁଡ଼ିକର ମର୍ମ ବୁଝିଗଲେ ଅପ୍ରେ ହଟହଟା । ଦାଣ୍ଡ ଲୋକ ଆଜି ତାଙ୍କୁ ଚାହିଁ ବସୁଛନ୍ତି, କାଲି ତୁମ୍ଭଙ୍କୁ ଚାହିଁ ବସିବେ । ବଡ଼ ଲୋକ କ କରନ୍ତି କଣ ? ପରୋପଦେଶେ ପାଣ୍ଡିତ୍ୟଂ ନାହିଁ କାହାର ? ପାଠକ ଅବଧାନ ! ଯୋଉକ ଉଲଟା ଟିକେ ଓଲଟାଇ ପୋଲଟାଇ ଦେଖି କେଉଥିବେ, ଉପର ଖୋଳଟି ପରିଶ୍ରମ କରି ନ ଛଡ଼ାଇଲେ ଭିତରର ବସ୍ତୁଟି ବୁଝିବା କଷ୍ଟ । ଖୋଳଟି ଛଡ଼ାଇବା ଏକା ମନୁଷ୍ୟତ୍ୱ । ଭିତରର ହୋଇ ଗୋଟାଏ ସ୍ୱପ୍ନ ଲେଖି ବସିବା ମହା ଦୋଷ । ତୁମ ସ୍ୱପ୍ନରେ ଆଜି କଥାଟା ଖଣ୍ଡନ ହୋଇଗଲା ବୋଲି ଯାହା ମନରେ ଚେଷ୍ଟା କରି ବସିଛ, ସେ ବଞ୍ଚ ନୁହେ । କହନ୍ତି ପର 'ମଣି ବରଡ଼ା ଥାଇ ବୋଇଲା ମୋ ବନ କାଲ ଅଛି ।' ଉପରକୁ ଉପର ପାହାଚ ଲାଗିଛି । ଗୋଡ଼ ଜଖମ ଥିଲେ ଅବଶ୍ୟ ଗୋଟାଏ ନେଲେ ପାହାଚରେ ଖସି ଯିବ । ଗୋଡ଼ ମଜଭୁତ ଥିଲେ ଉଚ୍ଚା ପାହାଚ ଟପି ହରି ମଧ୍ୟ ମନୁଷ୍ୟ ଉଠିଯାଇ ନିବ । ପାହାଚ କେବଳ ଅବଲମ୍ବନ

ମାତ୍ର । ପଟଣାର ସ୍ଥାନ ଅଲଗା । ଖାଲି ସ୍ୱପ୍ନ ଲେଖିବାର କ୍ଷମତା ଥିଲେ ଚଳବ ନାହିଁ । ଉଡ଼ୀ ଚାର କରି, କୋଉଶି କଳମ କାଟି, କାଗଜ ଖଣ୍ଡକ କରି ଦଖଲ ଦେଇଦେବା କ୍ଷମତା ଥିଲେ ହୁଏ । ତ କ ହେଲେ ସବୁ ପୋଥିଗତ ବିଦ୍ୟା, ପରହସ୍ତ ଧନ । ସେଥିରେ ଆସେ କେତେ ଯାଏ କେତେ ? ଯେ ଯହିଁକ ଉପଯୁକ୍ତ ତା ପାଇଁ ଠିକ୍ ସେଇ ଜାଗା ଆଗରୁ ଧରି ବସା । ତୁମ ଅମର ବଙ୍ଗର କେତେ ? ବାସ୍ତବ ଏ ସବୁ କଥା ତୁମ ଆମ ଉପରେ ଛାଡ଼ ଦେଇ ନିଶ୍ଚିନ୍ତ ହୋଇ ବସି-ଥିଲେ କ ରକ୍ଷା ଥାନ୍ତା ? ତୁମ ପାଇଁ ରେଳ ଅଛି, ମୋ ପାଇଁ ଅଛି ବନ୍ଧ ବାଟି । ତୁମ ପାଇଁ ଅଛି ମାର୍କାମରା (Chubbs) ତାଲା, ମୋର ଅଛି ଧଡ଼ା ଲଗା ତାଟି । ତୁମ ପାଇଁ ଅଛି ଝାଲର ଲଗା ପଙ୍ଖା, ମୋର ଅଛି ନଈକୂଳିଆ ସୁଲୁସୁଲିଆ ପବନ । (ତୁମ ପାଇଁ ଅଛି Vinum Galici, ମୋର ଅଛି Aqua pura;) ତୁମ ପାଇଁ ଅଛି ଭସ୍ମ, ବଟିକା, ଆସବ, ପ୍ରାସ, ଘୃତ, ତୈଳ, ଚୂର୍ଣ୍ଣ, ରସାୟନ, ମୋ ପାଇଁ ମନମୂଳକା ଖଣ୍ଡା; ତୁମ ପାଇଁ ହଜାର ହଜାର ହାକିମ ସଙ୍ଗଡ଼ଭାଇ ଛନ୍ତି, ମୋର ଅଛି ଏକଇ ଶାନ୍ତି, ଚିତ୍ରପ୍ରସାଦ, ହୃଦପୂର ସନ୍ତୋଷ । ନାହିଁ କେବଳ ଚକ୍‌ଚକିଆ ବିଲୋର ଝାଡ଼— ଭୁଣ୍ଡା ବଗିରେ ଜଗୁଣାଇ । ସେ ଜଗୁଣାଇକୁ ଯେ ବାଳ କ ଗ ଦେଖେ, ସେ ଗଣୁଥାଏ, ତା ଆଖିରୁ ପ୍ରକୃତ୍ତ ଛାଡ଼ି ଦଥ ନା । ମୁଣ୍ଡରେ ଖଗ ପଡୁ ପଡ଼ନ୍ତେ, ଆଖିରେ ଲୋକ ଉଡ଼ୁଥା ଥାଇ, ଆଖି ଆଖି ବାଲୁଆ ଦିଶୁଥାନ୍ତି । ଯାହା ମନ ଯେତେ, ତା ପ୍ରଭୁ ତେତେ; 'ହର ବୋଲ ଭର ଗୋବିନ୍ଦ ବୋଲ, ଭୁଜିଲ ପଥର, ବୁଡ଼ିଲା ଶୋଲ ।' ସବୁ କଥାରେ ଶ୍ଳେଟ ପେନ୍‌ସିଲ ଧରି ଅଙ୍କ କଷି ବସିଲେ ଚଳିବ କାହିଁ ? ପଣକିଆ, କଡ଼ାକିଆ, ଶୋଧ, ଉଡ଼ାଙ୍କ, ଫେଲାଙ୍କ ଏଗୁଡ଼ିକ ଶିଖି କେତେ ପରିଶ୍ରମରୁ ଖାଲାସ ପାଇବ । ଉପରେ ସୁଖ, କ୍ଷମତା ପାଇବ । ତମ୍ଭୁ ଥାଇ ପାଣି

ପଛକେ ହେଉ, ଅନ୍ନ ହେବାକୁ ଭଲ ଲାଗୁନାହିଁ । ଛେଳିଏ ପଲ ଘୋଟାଏ ଗଚ ପାଇଁ ଧରାଧରି ହୋଇ ବୁଡ଼ି ମରିଥିଲେ ! ଉମେଦ ହେଲେ ଚନ୍ଦ୍ରବେହା, ଟଳକଣ୍ଠ, ଘୋଡ଼ାଚଢ଼ା ଛେଳ ଅଛନ୍ତି । ଝିଏ ଠିକଣା ଲଗେଇଲେ ଧରି ନ ପଡ଼ିବେ କାହିଁ ? ଏମାନଙ୍କୁ କହନ୍ତି ବାତୁଳ-ପ୍ରଭୃତି; ଏ କଣ ଇଚ୍ଛା କରି ବାତୁଳ ହୁଏ ? ଭଗବାନ୍ କହିଅଛନ୍ତି ଗୀତାରେ 'ଚତୁର୍ବିଧା ଭଜନ୍ତେ ମାଂ ଜନାଃ ସୁକୃତିନୋଽର୍ଜୁନ । ଆର୍ତ୍ତୋ ଜିଜ୍ଞାସୁ ରଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ ।' ଜ୍ଞାନୀ କିଏ ? ଉତ୍ତରଶାସନର ବାଳାଦତ୍ତ ପାଗଳ କହେ, 'ଜ୍ଞାନୀ ମୁଁ ।' ଜଣେ ପଶ୍ଚିମା ପଣ୍ଡିତ କହିଥିଲେ, "ଯେ ଜାଣେ 'ମୁଁ କିଛି ଜାଣେ ନାହିଁ' ସେହି ଯଥା ଜ୍ଞାନୀ ।" ଆଉ ସମସ୍ତେ ଲୁହୁଡ଼ିପହିଁରା । ଚେଷ୍ଟା କରିବାକୁ ମନ ନ ହୁଏ କାହାର ? ମନ ନ ହୁଏ କେବଳ ମୂର୍ଖଚୁଡ଼ାଙ୍କର । ଅମୃମୃତା ନାହିଁ କାହାର ? ନାହିଁ କେବଳ ଦାମ୍ଭିକର । 'ଭୁରୁଡ' ଏତିକେ ଅକ୍ଷରରେ ତ୍ରିଲୋକ ଜପ୍ତ । ଭାରଫ କରି ଗୁଡ଼ାଏ ଏଣୁ ତେଣୁ କହି ପାଠିତୋରରେ ଯିନା ପରର ପାଠ ବନ୍ଦ କରି ଦେବ, କିନ୍ତୁ ପରକଥା ହେଲେ କେଉଁଆଡ଼େ ଯିବ ? 'ଆପଣା ପୁଣି ତ ଭେଣ୍ଡି, ପରସଂଗ କୁଆଁ ନାଳଧରାଧରି' 'ଗୋଦର ଲୋ ଆପଣା ଗୋଡ଼କୁ ଚାହାଁ' । ଭୁରୁଡରେ ଜପ୍ତ ହୋଇଥିଲେ ନୋହା ନ ଥାନ୍ତା । ମହାପୁରୁଷମାନେ କଣ କହିଲୁଣ୍ ? ସତ କଥା ଏତେ ସହଜରେ ଖତମ ହୋଇ ଯାଉଥିଲେ, ଜନ୍ମବ୍ୟାପୀ ସାଧନା, କଠୋର ତପସ୍ୟା, ଦଣ୍ଡଭଙ୍ଗା ପରିଶ୍ରମର ମାହାତ୍ମ୍ୟ ଥାନ୍ତା କାହିଁ ? ଦଣ୍ଡଦେବତାଙ୍କୁ ଯିନା ବାଡ଼ି ବୁଲେଇ, ପରଦେବତାଙ୍କୁ କି ଉପାୟ ? ଯୋଗବଥାନ୍ତି କିଅ ହେଲେ ଯିନା ଲୋକେ ସାଧୁ ବୋଲି ଡାକିବେ, ଆପଣା ମନକୁ ଅପେ ସେପରି ସାଧୁ ବୋଲି ଭାବିବ ସେ ଉପାୟ କର । ଏକଥା କିଛି ମୁହଁରେ ନାହିଁ । ଶିକାରବେଳେ କୁକୁର ହଗି ବସିଲେ ଚଳିବ କିପରି ? ପରୀକ୍ଷାରେ କଣ ସମସ୍ତେ ପାଶ୍ କରି ଯାନ୍ତି ? ଫେଲ୍ ହୁଅନ୍ତି ଅନେକ । ଫେଲ୍‌ରେ ଫେଲ୍ ଅଛି । ଯେ ୧ ନମ୍ବର ପାଇଁ ଫେଲ୍ ସେ ଫେଲ୍, ଯେ ଶୂନ୍ୟ ପାଉଥାଏ ସେ ମଧ୍ୟ ଫେଲ୍ । ପାଶ୍‌ରେ ମଧ୍ୟ ପାଶ୍ ଅଛି । ଅପେ ହେଲେ କଷ୍ଟରେ କହି ପାରି ହେଲ ସେ କଥା ଭୁଲିଗଲଣି । ଏଣିକି ଯେ ପାଶ୍ କରି ନ ପାରନ୍ତି, ତାର ଅଭାବ ଅନୁଭବୀକୁ ଝିଏ କହର କଲ ନାହିଁ; ସେ ହେଲା ନାଲାଏକ, ଗଦ୍ଧା, ମୂର୍ଖ । ତୁମେ ହେଲ ସରସ । ସେଥିପାଇଁ କହନ୍ତି, 'ଅଗ ମାଥୁଅ କ ? ମାଥୁଅ ହାତରେ ଟଙ୍କା ଟୋକର, (ମାଥୁଅ) ମଣିଷ ହେଉ ପ ।' ଅଷ୍ଟିରେ କିଛି ଶୁଖୁଅନ୍ଧା ମରି ନାହିଁ ! ଗ୍ରହିଁ କରି ଦେଖ, ପରୀକ୍ଷାଦିନ ଖୁବ୍ ଭଲ ପିଲାର ଶରୀର ଅସୁସ୍ଥ ହେଲେ ସେ ମଧ୍ୟ ଫେଲ୍ । ଏଥିରୁ କଣ ବୁଝିଲ ? ଅଦୃଷ୍ଟ ମାନେ କଣ ? ଯାହା ଦେଖା ନାହିଁ, ତାହା ଅଦୃଷ୍ଟ । ତୁମର ଯାହା ଅଦୃଷ୍ଟ, ତାହା ମୋର ଦୃଷ୍ଟ; ମୋର ଅଦୃଷ୍ଟ, ତୁମର ଦୃଷ୍ଟ । ସେଥିପାଇଁ କହନ୍ତି, ଯେଝା ଅଦୃଷ୍ଟ ଯାହାର । ଅଦୃଷ୍ଟରେ ମଧ୍ୟ କାହାର ହାତ ନାହିଁ । ହାତ ନ ଥିଲେ ତ ସାନ୍ତ୍ୱନା ଅଛି । ଅଦୃଷ୍ଟର ଅନ୍ୟ ନାମ ବିଧିବିଧାନ । ଅଦୃଷ୍ଟବାଦୀ ନୁହେ କିଏ ? ମୁହଁରେ ନ ହେଉ, ଫଳତଃ ସମସ୍ତେ । ମାନନ୍ତି ସମସ୍ତେ, କିନ୍ତୁ ଝିଏ ହୃଦୟର ଦମ୍ଭ ରହି, ଦୃଢ଼ ବିଶ୍ୱାସ ରହି, ଜୀବନ୍ତ ପ୍ରେମ ରହି । ପ୍ରେମ ନ ଥିଲେ ସଂସାର ଶୃଙ୍ଖଳା । ଆପଣାକୁ ଅପେ ଆଗେ ଚିହ୍ନ । ପର ନ ଚିହ୍ନିଲେ କିଛି କ୍ଷତି ନାହିଁ । ଯୋଉଁ ବାଉଁଶ ବାଡ଼ି ବାଉଁଶ ଏକ କଲେ ଯାଉ ମମତା ରକ୍ଷା ହେବ । କହେନ୍ତି 'ଦଦରା ଭଙ୍ଗା, ମଝି ନଈରେ ହେବ ଦଗା ।' ଏସବୁ କଥା ବୁଝିବା କଥା, ବୁଝାଇବା କଥା ନୁହେ । ହାଣ୍ଡିଆ ହାତ ରୋଗ କଲାଇ ମନ ଭାବ ପ୍ରକାଶ କରିବା ପରି । ସମସ୍ତେ ଜାଣୁଥାଆନ୍ତି ଜାଣୁଥାଇ ସହଜେ ନାରୁଛନ୍ତି । ଦେଖଣାହାରି ମଧ୍ୟ ନାହୁଁଅ । କଥାଟା କଣ ନା, ଯାହାକୁ ଆମ୍ଭେମାନେ ଅସଭ୍ୟ କହୁଁ,

Digitized by srujanika@gmail.com

ସେମାନଙ୍କ ପରିଧାନ ଧର ବଦଳିଲ । ସଭ୍ୟଙ୍କର ପରିଧାନ ନୂଆଦାର, କଲବଲା କମିଲା । ଟିକିଏ ଥିର ହୋଇ ଦେଖିଲେ ଦ' ମୁଣ୍ଡ ଏକା ସମାନ; ସିଲାନ୍ଙ୍କର ଦାନ୍ତ ନାହିଁ, ବୁଢ଼ାଙ୍କର ଦାନ୍ତ ନାହିଁ; ବର୍ବରଙ୍କର ବସ୍ତ୍ର ଆସେଥ ନାହିଁ, ନଗ୍ନୈରୁଣ୍ୟେ ପଥ୍ୟ କରରଣ୍ଟଃ କୋବଧଃ ହୋନଦେଧଃ । ବର୍ଣ୍ଣଥଙ୍କ ପରିଧାନ ବଦଳିଲ, ଗୃହିଙ୍କର ମଧ ଛାଡ଼ା; ଜଗନ୍ନାଥ ଦେଉଳରେ ପ୍ରସ୍ତୁତ ଖାଦ୍ୟ ବଳି, ହୋଟଲରେ ଦେଖ ଛାଡ଼'; ଡାବଲ ପୁଅ ଯାହା, କ୍ରିକେଟ ଛାଡ଼ା; ପାଉଁଅସ୍ତର ନାଚ ଯାହା, ବଲ ନାଚ ମଧ ଛାଡ଼ା; ଅଶିକ୍ଷିତ ଅସଭ୍ୟଙ୍କର ସ୍ୱାଧୀନତା, ଖୁବ୍ ସଭ୍ୟ ସମାଜରେ ଦେଖ ସେହି କଥା; ଯେଉଁଠାରେ ମଶାଲ ନାହିଁ ସେଠାରେ ଯେଉଁ ଅନ୍ଧାର, ମଶାଲର ଠିକ ତଳେ ମଧ ସେହି ଅନ୍ଧାର; ଆସିଲା ବେଳେ ଯେଉଁ ଏକା, ଗଲା ବେଳେ ମଧ ସେହି ଏକା, ଅସଭ୍ୟ ଜାତିର ଜୁଅଖେଳ ଓ ସଭ୍ୟ ଜାତିର ଜୀବନବୀମା, ଜାହାଜବୀମା, ନିଆଁବୀମା ମଧ୍ୟରେ ପ୍ରଭେଦଟା କଣ କେତେ ? ସବୁ କଥାରେ, ଦୁଇଙ୍କର ପ୍ରଭେଦ ଖୁବ କମ । ଯାହା ପ୍ରଭେଦ ବାହାରେ, ତୁମ ଆମ ଏକଜାତୀୟ ଭିତରେ । ସମସ୍ତେ ଉଦନ୍ତ, ଅକାଶ ପାତାଳ ପ୍ରଭେଦ; କିନ୍ତୁ ଆକାଶରୁ ପାତାଳକୁ ଖସିବାକୁ ମୁହୂର୍ତ୍ତେ ମୁଦ୍ଧା ଲାଗେ ନାହିଁ । ଏ ମୁହୂର୍ତ୍ତରେ ଦେବତା, ଅନ୍ୟ ମୁହୂର୍ତ୍ତରେ ରାକ୍ଷସ । 'ଯଥୈବପ୍ରେ ନଂମେକ ପରଶୋମୈକ୍ୟନ୍ତୋଧନ' ସେହି ମୁଖ ପୂଜ୍ୟପଦବାଚ୍ୟ ଓ ମେଯ୍ୟ । ଅନ୍ୟ ମତ୍ କେବଳ ମଶାଲ ପାଖ ଅନ୍ଧାର ପରି । ମନ୍ତ୍ରସମ ପାଗଲ କହୁଥିଲ— 'ଧଣରଙ୍କଠାରେ ସବୁ ଶୋଭା । ତାଙ୍କଠାରୁ ତୁମର କଣ କେତେ କମି ? ତୁମକୁ ଅଣାଏ ପଇସା ମିଳିଲା, ଦଲଦାର ମିଥ୍ୟାଁ ଦୋକାନରୁ ଖଣ୍ଡେ ରୋଲଡ଼ କିଣି ନେଇ କର୍ଣ୍ଣିନ୍ତ ହୋଇ ବସିଲ । ତାଙ୍କୁ କଣ ଅଣାଏ ପଇସା ମିଳନ୍ତା ନାହିଁ ? ତୁମେ ପର ମୁଦିଙ୍କୁ ଗାଳି ଥାଅ, ଗାଡ଼ିଟି ହଟିଲେ ହପରଙ୍କୁ ଗାଳି ଆଁ ହଗ ବସି ଥିବ । କିନ୍ତୁ ମୋ ଗାଡ଼ି ହଜିବା ଗାଡ଼ି ନୁହେ । ତୁମ ଗାଡ଼ି ତୁମ ଅନ୍ଧାରେ, ମୋ ଗାଡ଼ି ମୋ ଉଲଷରେ ।'

ଶେଷକଥା :—ତୁମେ ମନେ ମନେ କଥାଟା ଯେତେ ସହଜ ଓ ସାଧାରଣ ବୋଲି ଭାବୁଛ, ଅସଲ କଥା ତାହା ନୁହେ । ତୁମେ ଯେଉଁ 'ଘଡି' ଝୁଲେଇ 'ରଇନ୍ ପିଟ୍' ହୋଇ ବୁଲୁଛ, ମନେ ମନେ ଭାବୁଛ ଟଙ୍କା ପାଞ୍ଚଟା ସକାଳେ ତାର ଦେଲେ ଅଧ ଘଣ୍ଟାକ ଭିତରେ ନୂଆ ମୂର୍ତ୍ତିରେ ଦାନ୍ଦ ଛାଡ଼ିବାଙ୍କୁ ଏକ ଘୁଲ୍ଲିଟା ଦେଇ ଯିବ, ଟିକିଏ ଥିର ହୋଇ ହିସାବ କର ବହୁବର୍ଷବ୍ୟାପୀ କଠୋର ସହଦର୍ଶନ, ପରୀକ୍ଷା, ପରିଶ୍ରମ, କେତେ ସ୍ୱାର୍ଥତ୍ୟାଗ, କେତେ ଜୀବନନାଶ, କେତେ ସାଧନା ପରେ ଏ ଯନ୍ତ୍ରଟି ବର୍ତ୍ତମାନ ଅବସ୍ଥା ଧାରଣ କରିଅଛି ଓ ଏତେ ଅଳ୍ପ ବ୍ୟୟ ଓ ସମୟରେ ତୁମ ନିକଟରେ ପହଞ୍ଚିଲା, ଏତେ ଲୋକଙ୍କୁ ବାଧ୍ୟ ନ ହୋଇଥିଲେ ତୁମେ ଆଜି ବାବୁ ହୋଇ ବୁଲୁ ନ ଥାନ୍ତ । ଜଣେ ଲେଖକ କହିଅଛନ୍ତି, 'ଗୋଟିଏ ଚଡ଼କୋହର ଘର ହେଲେ ଭଙ୍ଗା ଘରର ସମଷ୍ଟି ।' କିନ୍ତୁ ଆମ୍ଭେମାନେ କହୁଁ ଗୋଟିଏ 'ସଭ୍ୟବାବୁ' ହିନ୍ଦୁ ସମସ୍ତ 'ଅସଭ୍ୟ' ମୂଳଅର୍କ ଅର୍କ (Essence) । "ମାରେ ହିଟାଣ୍ଡି ଦାମ ସରଦାରକା ।"

ନୋଟ—ବାଉମାହାନ୍ତ୍ରଙ୍କ ଠିପାରୁ ଯଥା ପ୍ରୁଷ୍ଟାଂ ଛଟା ଲିଖିତଂ । 'ଶୂନ୍ୟ ଅଙ୍କ ଚୂବର ଗାଉଳ, ଲେଖକଙ୍କର ଦୋଷ ନ ଧରିବ' ସହାଯ୍ୟଙ୍କ ନମସ୍କ୍ରେ ଅମ୍ଭେମାନେ ଦାୟୀ ନୋହୁଁ । (ମୁହେଁ ମୁହେଁ ଦାୟିତ୍ୱଟା ଏଠର ଘଟଣରେ ନିଅ ନା ଥିଲେ ଅବଶ୍ୟ କଥା ନ ଥିଲା ।) ପାଠକ ଅବଧାନ! ଗମା କରିବେ । ଅମ୍ଭେମାନେ ବାଉମାହାନ୍ତ୍ରଙ୍କ ସାମାନ୍ୟ ପ୍ରତିଜ୍ଞାଗୁଡ଼ିକ ନିଜେ ଦ୍ୱାଯ୍ୟ ବୁଝାଇବାପାଇଁ ଚେଷ୍ଟା କରିଥାନ୍ତୁ । କିନ୍ତୁ ବୁଝିଲେ କି ନା, ଅମ୍ଭେମାନେ କେଲୁଁ ଲେଖକଙ୍କର, ସୁତରାଂ ଆମ୍ଭମାନଙ୍କ ଦାୟିତ୍ୱଟା ଦଣ୍ଡ ନବର । ସବୁ କଥା ବୁଝାଇ ଉଦାହରଣ ଦେଇ ଲେଖିଲେ ଦଣ୍ଡବର୍ଷର ଦଶା

Digitized by srujanika@gmail.com

ଯାକ ସନ୍ଧାନିକ, ଏଥିନିମନ୍ତେ ବାଉମାନାନ୍ତଙ୍କ କଥା-ଗୁଡ଼ିକ ହେଉଙ୍ଗରେ ହେଉଙ୍ଗରେ ମାରି ହେଉ ଚମିଲୁଁ । ମଧ ଟୀକାକାରମାନଙ୍କ ଦାନାରେ ଥିକ ହେବା ଅମ୍ଭମାନଙ୍କ କର୍ତ୍ତବ୍ୟ ନୁହେ । ଆପଣ ଥରେ ପ୍ରିଣ୍ଟିଂବୋମ୍ପାନି ସାମନାକୁ ଗଲେ ଅମ୍ଭମାନଙ୍କର ଉପସ୍ଥିତ ଅବସ୍ଥା ଚିତ୍ରମରୂପେ ହୃଦୟଙ୍ଗମ କରି-ପାରିବେ । ସାମନାରେ ଜେଲଖାନା, ଡାହାଣ ତରଫକୁ ପାଗଲଖାନା, ବାଁ ତରଫ ଅଦାଲତ, ଖଣ୍ଡେ ଦୂର ଗଲେ ଭୂତଖାନା, ମଝିରେ ଡାକ୍ତର-ଖାନା, ନିକଟରେ ଅଦାଲତ ପୋଖରୀ ନାଚଖାନା, ଗାଡ଼ିଖାନା, ଛାଉଖାନା, ଇତ୍ୟାଦି ଇତ୍ୟାଦି । ଏତେ ଅଡ଼ାକୁ ନଜର ରଖି କାମ କରିବା କଥା କାହା ମୁଣ୍ଡରେ ପଶୁଛି ? ବଢ଼େଇ ଦାଏ ପରକୁ, ବୃଦ୍ଧି ନ ଆସେ ଘରକୁ । ଟିକିଏ ଗୋଡ଼ ଖସି ଗଲେ କିଏ କେଉଁଆଡ଼େ ଶାଗୁଣା ପରି ଉଡ଼ାଇ ନେବେ, ଠିକଣା ନାହିଁ । କିଏ କହିବ ହାତରେ ଧର, କିଏ କହିବ ଗାଲରେ ମାର, କିଏ କହିବ ମୁଣ୍ଡ ମାର । କିଏ ଲଡ଼ୁ ଖୁଆଇ ମାରିବେ, କେ ବିଷ ଖୁଆଇ ମାରିବେ । ଆପଣମାନେ ହିତୋପଦେଶ ଶୁଣିଥିବେ, 'ମୂର୍ଖଶତ୍ରୁ ନ କର୍ତ୍ତବ୍ୟ ।' ଅର୍ଥାତ୍ 'ହେଲା, ପା !' ଯୁଦ୍ଧରେ ଶତ୍ରୁପକ୍ଷ ବାହାଦୂରଙ୍କୁ ପଛରେ ଦାଣ । ଅତି ଶୀଘ୍ର ହେଲେ ହେଲନ୍ତୁ ଯେ ଅସ କଥା ବୋଲିବଣା । ଏଥିରେ ଭଲ କଣ ? ତେବେ ଅମ୍ଭେମାନେ କି ନମ କରନ୍ତୁ ନାହିଁ । ବାକୁ କ ବାକୁ ଅମ୍ଭେମାନେ କି ଖାଲି ଖାଲି ଖର ଦଉଥିଲୁ ? ପଠନେ ନାସ୍ତି ମୂର୍ଖତ୍ୱଂ ଜପତୋ ନାସ୍ତି ଦୁର୍ଗତିଃ । 'ମାନିଲେ ଦେବତା, ନ ମାନିଲେ ପଥର ।' ଇତି ଲେଖକାନାମସ୍ୟ କୈଫିୟତ୍ ।)

ଶ୍ରୀ ଦୁର୍ମୁଖ ଶର୍ମା ।

ଭୁବନେଶ୍ୱରସ୍ଥ ଶ୍ରୀ ମେଘେଶ୍ୱର ମନ୍ଦିରର ଶିଳାଲିପି ।

ଓଁ ନମଃ ଶିବାୟ ।

ବିଦ୍ୟୁତ୍ ପିଙ୍ଗଳଭାଲଲୋଚନଶିଖିଜ୍ୱାଲାବଲୀତୁ
ସ୍ଥାମୃତ
ଶ୍ରୋତଃସ୍ପର୍ଶନଜୀବିତାଃ ଶବଶିରଃଶ୍ରେଣୀଃ
ଶିବେ ନୃତ୍ୟତି ।
ଏତୋ ଗଣ୍ଡୈରନେକଶାଂ ଗତ ଇତ୍ରାସାବବ
ପ୍ରେକ୍ଷତାଂ
ଚନ୍ଦ୍ରଃ ସାନ୍ଦ୍ରଜଟାଟବୀପୁରସରିଦ୍ଦୁର୍ଗାଶ୍ରିତଃ
ପାତୁ ବଃ । ୧ ।

ଚନ୍ଦ୍ର ଶିବଙ୍କର ତୃତୀୟ ନେତ୍ରାଗ୍ନି ଦ୍ୱାରା ବିଗଳିତ ସ୍ୱକୀୟ ଅମୃତ ପ୍ରବାହ ସଂସ୍ପର୍ଶରୁ ତଦୀୟ ଗାତ୍ରରେ ଶବମୁଣ୍ଡମାଳା ଜୀବିତ ହୋଇ ନୃତ୍ୟ କରୁଥିବାର ଦେଖି, ସେମାନଙ୍କଠାରୁ ସନ୍ତ୍ରମରେ ଭୟ ପାଇ, ହରଙ୍କର ଜଟାରୂପ ବନଦୁର୍ଗ ଏବଂ ଗଙ୍ଗା-ରୂପ ଜଳଦୁର୍ଗକୁ ଆଶ୍ରୟ କଲେ । ସେ ତୁମ୍ଭ-ମାନଙ୍କୁ ରକ୍ଷା କରନ୍ତୁ ।

ଦୋର୍ଦ୍ଦଣ୍ଡଂ ଲଳାଟପଟ୍ଟନେତ୍ରଦଗ୍ଧସ୍ୟ ଜିଘାଂସୁ
ଖଟ୍ୱାଙ୍ଗବେତ ଜଗଦଭ୍ୟ..ଥାୟ ଶମ୍ଭୋ ।
ଯଃ ସାଭ୍ୟସୂୟମନବେକ୍ଷରଣେକ୍ଷିଲକ୍ଷ୍ମୀଂ
ଜୀୟାତ୍ ସ ଗୌତମମୁନି ର୍ମୁନିନେବନ୍ଦ୍ୟଃ । ୨ ।

ମୁନିବୃନ୍ଦବନ୍ଦିତ ଯେ ଗୌତମ ମୁନି ମହା-ଦେବଙ୍କ ପ୍ରତି ଧୈର୍ଯ୍ୟଯୁକ୍ତ ହୋଇ କହିଥିଲେ ଯେ, ଏ ଗୋଟିଏ ଧଏ ? ଯେ କି ଭାଲସ୍ଥ ତୃତୀୟ ନେତ୍ର ଗବ ହେଉଛୁ ସମ୍ଭ ଦେସର ଖେଳ କରୁ-ଅଛୁ, ଏହା କହି ନିଜ ଚରଣରେ ସେହିପରି ଗୋଟିଏ ଧନର ନେତ୍ର ବାହାର କରିଥିଲେ; ସେ ଗୌତମ ମୁନି ଜୟଯୁକ୍ତ ହୁଅନ୍ତୁ । (ଏ ବିଷୟରେ ବିଶେଷ ବିବରଣ ପୁରାଣରେ ଅନୁସନ୍ଧେୟ; ଏହାଙ୍କର ନାମାନ୍ତର 'ଅକ୍ଷପାଦ' ଅଟେ ।)

ତଦ୍ୱଂଶେ ସଜପୁତ୍ରଃ ଯମଜନ ଜଗତୀ-
ମଣ୍ଡନଃ ପଣ୍ଡିତାନାଂ,

Digitized by srujanika@gmail.com

ସାକ୍ଷାତ୍ ପୁଣ୍ୟୈକଧାମପ୍ରତିଭଟକଳିଭୟ
ଘୋରମନ୍ତ୍ରାନଲଶ୍ରୀ ।
ଶ୍ରୀମାନ୍ ସତ୍କୀର୍ତ୍ତିବଲ୍ଲୀକନ୍ଦସ୍ଥିତ ବସୁଧା
ମଣ୍ଡଳସ୍ତସ୍ୟରକ୍ଷୀ
ସ୍ତର୍କ୍ଷୋତ୍ତୁଙ୍ଗଶାଖାରୁଚିରୁଚିରଯଶଃ
ନୈରବୋ ଦ୍ୱାରଦେବଃ ।୩।

ସେହି ଗୌତମଗୋତ୍ରରେ ଜଗଦ୍ବିଖ୍ୟାତ ଶ୍ରୀମାନ୍, ସଦ୍ଗୁଣାତ୍ମା, ଶତ୍ରୁ-ସମୁଦ୍ରମନ୍ଥନକାରୀ ଦଶଦିଗନ୍ତକୀର୍ତ୍ତି, ସମୁଜ୍ଜ୍ୱଳ ସୂର୍ଯ୍ୟ ସମ ତେଜସ୍ୱୀ ବିକଚ ପଦ୍ମର ଯଶଃ-କୁମୁଦିନୀବିକାଶୀ, ଶ୍ରୀମାନ୍ ଦ୍ୱାରଦେବ ନାମକ ରାଜା ଜାତ ହେଲେ ।

ସଜ୍ଜନ ଜନବଂଶୋତ୍ତଂସଲକ୍ଷ୍ମୀରଲକ୍ଷ୍ମୀ
କୃତନିଖିଳବିରୋଧି ଶ୍ରୀଚନ୍ଦ୍ରମୌଖରସ୍ମାତ୍ ।
ଦଳିତକଳିତମଙ୍କ୍ଷୀ କୀର୍ତ୍ତିବଲ୍ଲୀ ବିତାନଃ
ପ୍ରସୃତଦିଶି ତରଙ୍ଗୋ ମୂଳଦେବଃ କୃତାର୍ଥଃ ।୪।

ଏହି ଦ୍ୱାରଦେବଙ୍କଠାରୁ ନିଜ ବଂଶର ଶିରୋଭୂଷଣ ତୁଲ୍ୟ, ଶତ୍ରୁସାଗରବିନାଶୀ, ବିଶଦକୀର୍ତ୍ତିଶାଳୀ, ରଣଦାୟକାରୀ, କୃତୀ ମୂଳଦେବ ଜାତ ହେଲେ ।

ତସ୍ମାତ୍ ପୁଣ୍ୟୈକରଶେରଭବଦରହରମା ଶ୍ରୀ
କାମଧାମପ୍ରତୀକା
ମାଗଦଃ ସାମନ୍ତଚକ୍ରପଦନମିତଯଶାଃ
ଶ୍ରୀଃ ପୂର୍ଣ୍ଣଚନ୍ଦ୍ରୋଦୟାଦ୍ରିଃ ।
ଯ ସ୍ୟାବଦାନଧ୍ୱୌତ୍ରବନ୍ଦନନମନ୍ଦୋ-
ଯ୍ରାଦ୍ଧବାଲେ ତ୍ରିଲୋକ
ପ୍ରାସାଦାଗ୍ରେ ପୂର୍ଣ୍ଣଚନ୍ଦ୍ର ପ୍ରଭୁରଦମଳଯଶୋ
ବୈଜୟନ୍ତ୍ୟା ଜୟନ୍ତ୍ୟଃ ।୫।

ସେହି ସଦ୍ଗୁଣାତ୍ମା ମୂଳଦେବଙ୍କଠାରୁ ବନ୍ଦନୀୟ, ସାମନ୍ତଙ୍କ ଚରଣପୂଜ୍ୟ, ଅସୀମ କୀର୍ତ୍ତିପ୍ରବାହ ସମ୍ବନ୍ଧରେ ଚନ୍ଦ୍ରୋଦୟ ସଦୃଶ ତୁଲ୍ୟ, ଅହରମ ନାମା ରାଜା ଜାତ ହେଲେ । ଯାହାଙ୍କର ଉଜ୍ଜ୍ୱଳ ଦାନଧର୍ମଜନିତ ମହୋତ୍ସବ କାଳରେ ତ୍ରିଭୁବନସ୍ଥ ପ୍ରାଣୀମାନଙ୍କର ପ୍ରାସାଦୋପରି ସୁନିର୍ମଳ ଜୟଯୁକ୍ତ ଯଶଃପତାକାମାନ ଉଡ୍ଡୀନ ହୋଇ ଶୋଭା ପାଉଥିଲା ।

ଶ୍ରୀମାନ୍ଦୋଷ୍ଟିନୃପଶାନ୍ତବ୍ରତଭୂଷଣାଂ
କାଥାଦବେନ୍ଦୁ ହିଶ୍ରୌ
ଶ୍ରୀସ୍ୱପ୍ନେଶ୍ୱରନାମନାମ ସୁରମା
ଦେବୀ ଚ ସାର୍ଥାଭିଧା
ଏକଃ ସ୍ନାତକମଣ୍ଡନାୟ ସକଳା-
ଯାଚ ସ୍ତୁଥାନ୍ୟାନାଂ-
ଦାରିଦ୍ର୍ୟଦ୍ରବନାଶନାୟ ଜଗତୀ
ଚିନ୍ତାମଣି ରଭବତ୍ ।୬।

ତହୁଁ ସନ୍ତାନଶାଳୀ ସେହି ଅହରମଙ୍କଠାରୁ ସାଗରରୁ ଚନ୍ଦ୍ର ଏବଂ ଲକ୍ଷ୍ମୀଙ୍କ ତୁଲ୍ୟ ସ୍ୱନାମଧନ୍ୟ ଶ୍ରୀ ସ୍ୱପ୍ନେଶ୍ୱର ନାମକ ପୁତ୍ର ଏବଂ ସୁରମା ଦେବୀ ନାମ୍ନୀ କନ୍ୟା ଜାତ ହୋଇଥିଲେ । ସେହି ସ୍ୱପ୍ନେଶ୍ୱର ସଗସ୍ତ ମଣ୍ଡନ ନିମିତ୍ତ ସର୍ବଗୁଣସମ୍ପନ୍ନ ଏବଂ ସୁରମା ଦେବୀ ମଧ୍ୟ ସଂସାରର ପ୍ରାଣୀମାନଙ୍କର ପ୍ରଗାଢ଼ ଦରିଦ୍ରତା ବିନାଶ ନିମିତ୍ତ ଚିନ୍ତାମଣି-ସ୍ୱରୂପା ହୋଇଥିଲେ ।

ନତନୃପତିକିରୀଟକୋଟି ରତ୍ନଦ୍ୟୁତି ପୁଞ୍ଜ
ପୀଠଶସ୍ତ୍ରଲ୍ଲୁ ପାଦପଦ୍ମଃ,
ଅଜନି ରଜନିନାଥବଂଶଚୂଡ଼ାମଣିରଣିମାଦି
ଗୁଣୈକ ଗଙ୍ଗଃ ।୭।

ଚନ୍ଦ୍ରବଂଶଚୂଡ଼ାମଣି, ଅଣିମାଦିଗୁଣବିଶିଷ୍ଟ ଚୋଡ଼ଗଙ୍ଗ ନାମା ନୃପତି ଜାତ ହେଲେ । ଯାହାଙ୍କର ପାଦପଦ୍ମ ଅଧୀନସ୍ଥ ରାଜାମାନଙ୍କର ମୁକୁଟାଗ୍ର ସଂଲଗ୍ନ ରତ୍ନଦ୍ୟୁତିଦ୍ୱାରା ଉଦ୍ଭାସିତ ହେଉଥିଲା ।

ଯାହାବାଜି ଗୌରପ୍ରବାହବିପକ୍ଷ ଲୀଯମୂର୍ଦ୍ଧ୍ରେ ଭୂରଙ୍ଗ
ଚୋଳାସୁରମଣ୍ଡଳେ ଯିଚ୍ଛେତ୍ସ୍ନା
ମସ୍ତଙ୍କେ ନର୍ତ୍ତିତଂ ।
ଯଂ ସଂଗ୍ରାମଗୃହୋଦରେଷୁ ବିଜୟ
ଶ୍ରୀଃ ସାର୍ବ୍ବଭୌମୀଶ୍ୱରୀ,
ବୃନ୍ଦୈର୍ବିନ୍ଦ୍ରଗଜେନ୍ଦ୍ର ମୌକ୍ତିକବତୀ
ଭୂଯ୍ୟୋଭଯତ୍ୱଂ ଗତା ।୮।

ପ୍ରୋକ୍ତ ଚୋଡ଼ଗଙ୍ଗଙ୍କର ଦିଗ୍ବିଜୟାର୍ଥ ଯାତ୍ରା କରୁଥିବା ଘୋଟକମାନଙ୍କର ଖୁରଘାତୋତ୍ଥିତ ଧୂଳିରୂପ ସମୁଦ୍ରରେ ବିପକ୍ଷପକ୍ଷୀୟ ରାଜାମାନଙ୍କର

Digitized by srujanika@gmail.com

ପ୍ରଦୀପ୍ତ ସୌଭାଗ୍ୟରବି ଅସ୍ତଗତ ହେବାରୁ ଅର୍ଥାତ୍ ସେମାନେ ଏହାଙ୍କ କର୍ତ୍ତୃକ ପରାସ୍ତ ହେବାରୁ ଗଜେନ୍ଦ୍ରମୌକ୍ତିକବତୀ ବନ୍ଦ୍ୟଲକ୍ଷ୍ମୀ ସେହି ସଂଗ୍ରାମରୂପ ଗୃହମଧ୍ୟରେ ସକ୍ଷୀମାନଙ୍କ ସହିତ ସ୍ୱୟଂ ରାଜାଙ୍କୁ ଅଙ୍ଗୀକାର କଲେ ।

ରେବାଲ୍ଲଃ ଦ୍ୱିଲହବିଲଙ୍ଘୁଭବତାଂ
 ଦୁର୍ଭିକ୍ଷ ମା ଯାସ୍ୟଥ
ସ୍ୱାତକ୍ରିପତ୍ରସଞ୍ଚଳଃ ପଳତ୍ରୁକାଂ ସ୍ୱର୍ଗାପ୍ୟ ଦନ୍ତବନ୍ତ ।
ଯତ୍ସେୟତି ଶ୍ରୁତେ ମାକଳଯ୍ୟ ସମରେ
 ନର୍ତ୍ତିନ୍ୟ ଶାରଦ୍ରିଧା
ମ୍ଲେଚ୍ଛରୈଃ ପରପୂରଦ୍ଧ୍ୟନ୍ତ ପରଭାପ୍ରେଭାଃ
 ଛଶୂକୋଲ୍ଲଗନ୍ । ୯ ।*

ଭସ୍ମିନ୍ ପୁରନ୍ଦରପୁରନ୍ଦଲେକାପ୍ତ ମାନେ
ଦାନେ ସମୂଲ୍ଲଭମଭେ ସୁଜନସ୍ୟ ସୁଦୀଦ୍ଧଃ ।
ସାମ୍ରାଜ୍ୟଗ୍ରାରବଦ୍ଧବୈକଧୂରନ୍ଧଣବାହୁଃ
ଶାରଜରାଜନୃପତେଃ ପୃଥ୍ୱୀଂ ଶଶାସ । ୧୦ ।

ଉପରୋକ୍ତ ଦୋଉଗଙ୍ଗ ପରଲୋକ ପ୍ରାପ୍ତ ହେବାରୁ ଦାନଶାଳୀ, ସାମ୍ରାଜ୍ୟଭାରବହନକ୍ଷମ, ତାହାଙ୍କ ପୁତ୍ର ଶ୍ରୀ ରାଜରାଜ ନାମକ ରାଜା ପୃଥ୍ୱୀ ଶାସନ କଲେ ।

ଯସ୍ୟୋଦ୍ୟଦ୍ୱାଜରାଜଖୁରଶିଖରଭରକ୍ଷୁଣ୍ଣ
 ଭୂଚକ୍ରସର୍ପ—
ଦ୍ଧୂଲୀଜାଳାବଳୀଭିର୍ତ୍ତ୍ରିଦଶପୁରସରଭ୍ରୂର
 ପଙ୍କେ ବିଲଗ୍ନଂ ।
ନାରକ୍ରୀଡ଼ାନମନ୍ତରୁ ସୁରପତିକରଣଂ
 ବ୍ୟାକୁଳାଃ ଶକ୍ରଭୃତ୍ୟା
ଧୃତ୍ୱା ଲାଙ୍ଗୂଲମେକେ କରତଳମପରେ
 ଖାରମୁତ୍କ୍ଷେପୟନ୍ତି । ୧୧ ।

ଯେଉଁ ରାଜାଙ୍କର ପ୍ରଚଣ୍ଡ ଘୋଟକସମୂହର ଖୁରାଗ୍ରଭାଗଦ୍ୱାରା କ୍ଷୁଣ୍ଣ ଭୂମଣ୍ଡଳରୁ ଧୂଳିପଟଳ ଉଠି ସ୍ୱର୍ଗଗଙ୍ଗାକୁ ପଙ୍କିଳ କରି ଦେବାରୁ ଇନ୍ଦ୍ରଙ୍କର ଜଳକ୍ରୀଡ଼ାକାରୀ ଐରାବତ ପଙ୍କରେ ଲାଗି ଯାଉଥିବାର ଦେଖି ଇନ୍ଦ୍ରଭୃତ୍ୟମାନେ ବ୍ୟାକୁଳ ହୋଇ କେତେ ଜଣ ତାହାର ଲାଙ୍ଗୁଳ ଏବଂ କେତେକ ଶୁଣ୍ଢ ଧରି ଟାଣି ଉଠାଉଅଛନ୍ତି ।

ରଣାଗ୍ରେ ଯଦ ନ ଭୟଂ ନାପି ଭୀ ଶତ୍ରୁ ସର୍ଥ
ସ୍ତ୍ରୂନଭକ୍ତବଚନ୍ଦ୍ରକେଳ ସ୍ୱାଭୂକାନେନ ନୂନଂ
କଥମିହ ହନକାଳେ କଳ୍ପଜାନଲ୍ପତାପ
ପ୍ରଣୟିଜନଦୃଷ୍ଟିଃ ସ୍ତ୍ରଷ୍ଟୁରସ୍ୟାଂ ଦିବି ସ୍ୟାତ୍ ॥

ହତଭୂଜୋପମ ଏହି ରାଜା ଯେବେ ଜୟ ଯୁଦ୍ଧକ୍ଷେତ୍ରରେ ଶତ୍ରୁମାନଙ୍କୁ ମାରି ନ ଥାନ୍ତେ ତେବେ କପରି ବହୁଦାନଶାଳୀ ଏହି ହନକାଳରେ ସ୍ୱର୍ଗ-ହର୍ମ୍ୟର ସ୍ୱର୍ଗରେ ଅଦ୍ୟାପି ଦେବସୃଷ୍ଟି ଥାନ୍ତା ?

ତେନୋଢ଼ାପୂରୁଷୋତ୍ତମନ ସୁରମାଦେବୀ
 ରମୈବାର୍ଥିତା
ନାମ୍ନାନ୍ତଃପୁରସୁନ୍ଦରୀଜନଶିରୋ
 ରତ୍ନାବଲୀରତ୍ନଂ ।
ପ୍ରଭ୍ୟାରୂଢ଼ଭୁଜାଗ୍ରିନ୍ଦ୍ରେଣ ସହସା ଯତ୍ସୃଷ୍ଟ
 ଶୈଳାନଦୀ
ବେଦୈଃ ସ୍ତ୍ରୀଛତ୍ରବସଥି ରଦୋ
 ଜାତାର୍ଥିନା କେବଳଂ । ୧୩ ।

ସେହି ନୃପଶିରୋମଣି ରାଜରାଜ, ସାକ୍ଷାତ୍ ଲକ୍ଷ୍ମୀସ୍ୱରୂପା ହୋଇ ଅନ୍ତଃପୁରସୁନ୍ଦରୀ ସ୍ତ୍ରୀଜନଙ୍କ ପ୍ରଧାନ ଶିରୋଭୂଷଣ ପୂର୍ବୋକ୍ତ ସୁରମା-ଦେବୀଙ୍କୁ ବିବାହ କଲେ । ଯେଉଁ ସୁରମାଦେବୀ ସ୍ୱାମୀ ସହ ତୁଲାଯନ୍ତ୍ର ଆରୋହଣ କରି ସମୟରେ ଗଣି ଗଣି ସୁବର୍ଣ୍ଣ ଉତ୍ସର୍ଗଦ୍ୱାରା ଅଶେଷ ଆନନ୍ଦିତ ହୋଇ ଉତ୍ତମ ଉତ୍ତମ ଯାଚକମାନଙ୍କୁ ଅର୍ପଣ କରିବା ନିମିତ୍ତ ଅନ୍ୱେଷଣ କଲେ ।

ସର୍ବଂ ନରେନ୍ଦ୍ରଲେଢ଼ଃ କଳକାଳର୍ଦ୍ଧିନ୍ୟଂ

* ଏ ଶ୍ଳୋକଟି ଏହି ମାତ୍ର ପଢାଯାଇଥିବାରୁ ପ୍ରଥମ ଚରଣଦ୍ୱୟ ନିତାନ୍ତ ଅଶୁଦ୍ଧ ଥିବା ଦୃଷ୍ଟିରେ ବିଶେଷ ଚେଷ୍ଟା କରି ମଧ୍ୟ ସଂଶୋଧନ କରି ନ ପାରି ଅନୁବାଦ କରି ନାହିଁ । ପାଠକେ କ୍ଷମା କରିବେ ।

Digitized by srujanika@gmail.com

ଶାଖାନ୍‌ଶୀଘ୍ରମନୂନ୍ ତ୍ରିରଂ ସ ରାଜା ।
ବବୋଃ ନୃଣାଂ ମନୁଜରାଜ ନରାଗ୍ରିଂ ଯୁଗ୍ମଂ
ରାଜ୍ୟଃ ଷଡ଼ିକ୍ରମଜ ରାଜନସ୍ତକଶ୍ରୀନଂ ।୧୪।

ନୃପଶ୍ରେଷ୍ଠ ସେହି ରାଜରାଜ ବହୁକାଳ ଭଜନ୍ଦନର ଧମସ୍ତ ପୃଥ ସଂସ୍ଥାର ଭର ବହିବ ପ୍ରାୟ ହେବାରୁ ରାଜାଧିରାଜ ଅନଙ୍ଗଭୀମଙ୍କୁ (ମନୁବଂଶ୍ୟ ଅନଙ୍ଗଭୀମ) ରାଜ୍ୟଭାର ଅର୍ପଣ କଲେ ।

ସଶ୍ରାସାନନପୃଙ୍କଭୀମନୃପତେଃ ସାମ୍ରାଜ୍ୟଲକ୍ଷ୍ମୀପତେଃ
ପ୍ରତ୍ୟର୍ଥିସିପୋତମୌଳିତଳକଃ ଛୟକ୍ରାର
କାନ୍ତାକଃ ।
ସପ୍ତାଦ୍ୟୈବସମୁଦ୍ରମୁଦ୍ରିତମହୀଚକ୍ରଂ ଧରିତ୍ରୀଷୁର
ଛନ୍ଦଂ ଶକ୍ରପରାକ୍ରମ ସମଭବଦ୍ଗଙ୍ଗେନ୍ଦ୍ର
ଚନ୍ଦ୍ରଃ ସଣାତ୍ । ୧୫ ।

ରାଜ୍ୟଶ୍ରୀପରିବର୍ଦ୍ଧକ, ରାଜେଶ୍ୱର, ଶତ୍ରୁବିନାଶକାରୀ, ରାଜାଧିରାଜ ଶ୍ରୀମାନ୍ ଅନଙ୍ଗଭୀମ (ଅନଙ୍ଗ ଭୀମ) ସମୁଦ୍ରବେଷ୍ଟିତ ନିଖିଳ ଭୂମଣ୍ଡଳର ଅଧୀଶ୍ୱର ହୋଇ ଧରଣୀଶ୍ରୁବନାସୀ ସ୍ୱୀୟ ସେନାଗଣଙ୍କୁ ଚନ୍ଦ୍ରସମ ପରାକ୍ରମଶାଳୀ କଲେ ।

ହେ ଭୋଗୀନ୍ଦ୍ର କମାତ୍ର କୂର୍ମଧରଣୀଭାରଃ
ସ ତୃଷ୍ଣୋ ମହାନ୍
ଜାନାସି କ୍ଷିତିକଳିଙ୍ଗନାଥଯଶସା ଶ୍ୟାମଂ
ନ ଜାନେ ଶୃଣୁ ।
ଦେବେଃସ୍ମିନ୍ ବିଜୟପ୍ରୟାଣରସିକେ
ପ୍ରେଙ୍ଖତ୍ତୁରଙ୍ଗଖୁର-
କ୍ଷୋଭୋତ୍ଥିତରଜୋଭିରମ୍ବରମଗାଦର୍ଦ୍ଧଂ
କ୍ଷମାମଣ୍ଡଳଂ । ୧୬ ।

କୂର୍ମ ସମ୍ବୋଧନ କରୁଅଛନ୍ତି—ହେ ଭୋଗୀନ୍ଦ୍ର ! ଶେଷଦେବ କହୁଅଛନ୍ତି—ହେ କୂର୍ମ ! କଣ କହୁଛ ? କୂର୍ମ—ପୃଥ୍ୱୀଭାର ଅତ୍ୟନ୍ତ ହେଲା । ଶେଷ—ଜାଣ ନାହିଁ, କି କଳିଙ୍ଗାଧିପତି ଯଶଦ୍ୱାରା ଶ୍ୟାମ ହେଲେଣି । ମୁଁ ଜାଣେ ଶୁଣ—ଏହି ରାଜା ଦିଗ୍‌ବିଜୟାର୍ଥ ଯାତ୍ରା କରିବାରୁ ଏହାଙ୍କର ଶୀଘ୍ରଗାମୀ ଘୋଟକମାନଙ୍କର ଖୁରଘାତୋତ୍ଥିତ ଧୂଳିରାଶିଦ୍ୱାରା ଭୂମଣ୍ଡଳରୁ ଅର୍ଦ୍ଧେ ଉପରକୁ ଉଠିଗଲାଣି । ଅର୍ଥାତ୍ ଆଉ ଭାର ବୋଧ ହେବ ନାହିଁ ।

ନାଭାସଙ୍ଗରନିରଧୌ ସୁରଦସି ବ୍ୟାକେନ୍ଦ୍ର
ଭୃତ୍ୟଭୂତ୍
ମନ୍ଥାଦ୍ରେରପଗିବ ବାହୁ ଉଦନ୍ତପ୍ରୀତେଃ
ସଦା ଶ୍ରୀରସ୍ୟଂ ।
ଅସ୍ମିନ୍ନେବ ନରଧିନାଥପାଲକେ ସ୍ଥୈର୍ଯ୍ୟଂ
ଗତା ସନ୍ଦ୍ରକ
ଙ୍କୀତ୍ତଂ ଉଦ କଳାସ୍ୟ ସାମ୍ପ୍ରତମସୌ ଜାଗ୍ରଦ୍‌ଗଣ୍ୟ
ଚନ୍ଦ୍ରମାଃ । ୧୭ ।

ସମୁଦ୍ର ମନ୍ଥନରୁ ଲକ୍ଷ୍ମୀ ଜନ୍ମିଥିଲା ପରେ ପ୍ରତିପ୍ରଖର୍ବରୂପ ଶେଷଦେବଯୁକ୍ତ, ଭୁଜରୂପ ମନ୍ଥାଚଳମଥିତ ଯୁଦ୍ଧରୂପ ସମୁଦ୍ରରୁ ସମ୍ଭୂତା, ଅସଗ ପଦ୍ମବନ୍ଧପ୍ରୀତିକାରିଣୀ, ଏହି ବିଜୟଲକ୍ଷ୍ମୀ ପ୍ରୋକ୍ତ ରାଜାଧିରାଜଙ୍କଠାରେ ଯାହା ବହୁକାଳ ସ୍ଥିର ହୋଇ ରହିଲା, ତାହାର କାରଣ ତାଙ୍କର ମୂର୍ତ୍ତିମାନ୍ ଯଶଃ ଚନ୍ଦ୍ରମା ଅଟେ । (ଯେହେତୁ ଚନ୍ଦ୍ର ଲକ୍ଷ୍ମୀଙ୍କର ଭ୍ରାତୃସ୍ଥାନୀୟ ଅଟେ ।)

ଊର୍ଦ୍ଧ୍ୱଦିଗ୍‌ବିଜୟାର୍ଥସାଧନବଧୌ ଗଙ୍ଗାନ୍ୱୟ
ସ୍ମାଭୂଜା
ଦିବ୍ୟାସ୍ତ୍ରଂ ଚତୁରଙ୍ଗତୋଽଧିକତରଃ
ସୈନ୍ୟାତ୍ ସ ଏକୋଽଭବତ୍ ।
ଶ୍ରୀସ୍ୱପ୍ନେଶ୍ୱରଦେବ ଏବ ବଳସତ୍ ଶସ୍ତ
ଷଡ୍‌ଭାରଗର
ଚ୍ଛାନ୍ନଲୌଘବନର୍ମିତାଷ୍ଟମ ମହାମ୍ଭୋଧି
ର୍ନିସ୍ତୃମ୍ଭୋନଧିଃ । ୧୮ ।

ପ୍ରତାପ୍ରଶସ୍ତ୍ରସଭ ଅରଗାହନାଃସୃଷ୍ଟ ରକ୍ତପ୍ରତୀତିଦ୍ୱାରା ଅଷ୍ଟମ ମହାସମୁଦ୍ରନିର୍ମାତା (ପୂର୍ବରୁ ସପ୍ତ ସମୁଦ୍ର ଥିବାର ପୁରାଣସିଦ୍ଧ), କୀର୍ତ୍ତିଶାଳୀ, ଶ୍ରୀ ସ୍ୱପ୍ନେଶ୍ୱର ଦେବ ଏକାକୀ ହୋଇ ମଧ୍ୟ ଗଙ୍ଗାବଂଶୀୟ ରାଜାମାନଙ୍କର ଦିଗ୍‌ବିଜୟସାଧନ ବ୍ୟାପାରରେ ଦିବ୍ୟାସ୍ତ୍ରସ୍ୱରୂପ ଏବଂ ଚତୁର୍ବିଧ ସେନାମାନଙ୍କ ଅପେକ୍ଷା ଅଧିକତର ହୋଇଥିଲେ ।

ଲକ୍ଷ୍ମୀଦେବ୍ୟା ପତିରତୁମଯୋଃ ନେନ
ଚକ୍ରେ ବନ୍ଦିଦ୍ୱିଂ

Digitized by srujanika@gmail.com

ଗୋପାଳସ୍ୟ ପ୍ରିୟସୁହୃଦପ୍ୟ ସର୍ବକାର୍ଯ୍ୟୈକ-
ଧୁର୍ଯ୍ୟୋଽସୌ ।
ବିଶ୍ୱକ୍ସେନୋ ଧରଣିରପ୍ୟସମପ୍ୟୁଦ୍ଧୃତା
ଯେନ ମଗ୍ନା
ଯୋଽସ୍ମିନ୍ କଳ୍ପେ ନ୍ୟଧି ସୁରଗରିଷ୍ଠୈରେଷ
ବିଶ୍ୱମୂର୍ତ୍ତେଽଭୂତ୍ । ୧୯ ।

ସେହି ସ୍ୱପ୍ନେଶ୍ୱର ଦେବ ସର୍ବଥା ବିଷ୍ଣୁ ତୁଲ୍ୟ ଥିଲେ; ବିଷ୍ଣୁ ଲକ୍ଷ୍ମୀକାନ୍ତ, ବାମନାବତାରରେ ବଳ-ଦର୍ପନାଶକ, ଗୋପାଳକାଧିର ପ୍ରିୟ ମିତ୍ର, ସମସ୍ତ ଧର୍ମସାଧକ, ବିଶ୍ୱକ୍ସେନ ଏବଂ ବରାହାବତାରରେ ଧରଣୀ ଧାରଣ କରିଥିଲେ । ସ୍ୱପ୍ନେଶ୍ୱର ଲକ୍ଷ୍ମୀକାନ୍ତ, ଶତ୍ରୁବିନାଶକ, ଗୋପାଳନାମା ପୁରୁଷର ପ୍ରିୟବନ୍ଧୁ, ନିଖିଳ କାର୍ଯ୍ୟସାଧକ, ଅଖିଳ ସେନାନାୟକ ଏବଂ ଦେଶସୁଶାସକ ଥିଲେ ।।

ଯଦାନେକଗଳଦ୍ଗାତ୍ରମାତୃକା ସୂତମାତୃକା
ଶସ୍ୟସମ୍ପତ୍ତି ସମ୍ପନ୍ନୈର୍ଦ୍ଦୀନହୀନା ଭବନ୍ମହୀ । ୨୦ ।

ଦୂର୍ଯ୍ୟମାତୃକା ଅର୍ଥାତ୍ "ଅଦେବମାତ୍ୟାଯୁତେ ବୃଷ୍ଟିଃ" ଏହି ନୀତି ଅନୁସାରେ ପୂର୍ବେ କେବଳ ବୃଷ୍ଟିଜଳା-କାଂକ୍ଷିଣୀ ପୃଥ୍ୱୀ ସମ୍ପ୍ରତି ପ୍ରୋକ୍ତରାଜାଙ୍କର ଦାନ ଜଳଦ୍ୱାରା ଜଳମାତୃକା ହୋଇ ଶସ୍ୟସମ୍ପତ୍ତି-ଶାଳିନୀ ହେଲା ।

କୈଳାସାଦ୍ରିହିମ ଚଳସ୍ତନତଟ
ବ୍ୟାସଙ୍ଗମନ୍ଦ,କୋ
ହାରଶ୍ରୀର୍ଯଦ୍‌କୀର୍ତ୍ତିରସ୍ୟ ଜଳଦଂ ଚନ୍ଦ୍ରଃ
କଳଙ୍କାଶ୍ରୟାତ୍ ।
ଜ୍ୟୋତ୍ସ୍ନାହାସମୁଖୀ ପୟୋଧିବସନା
କୁନ୍ଦନ୍ୟୁଦଂ କାଞ୍ଚନତ୍
କ୍ୱାଦ୍ୟଂ ସ୍ୟାଦବ ଚନ୍ଦ୍ରଶେଖର ଯଦାରୂଢୋ
ମୃଡାନୀପତିଃ । ୨୧ ।

ଏହି ରାଜାଙ୍କର କୀର୍ତ୍ତିରୂପା ସ୍ତ୍ରୀ କୈଳାସ ଏବଂ ହିମାଚଳରୂପ ସ୍ତନାଗ୍ରଲଗ୍ନ ମନ୍ଦାକିନୀହାର-ଶୋଭନା, ସକଳଙ୍କ ଚନ୍ଦ୍ରକଳଙ୍କବିଶିଷ୍ଟା, ଜ୍ୟୋତ୍ସ୍ନା-ହାସମୁଖୀ, ପୟୋଧିବସନା, ଦନ୍ତପଂକ୍ତିରେ କୁନ୍ଦ ଅଷ୍ଟକୁ ମଧ୍ୟ ଖଣ୍ଡ ନାହିଁ; ଅତଏବ ହେ ଚନ୍ଦ୍ରଶେଖରଗିରି ! ସେ ପର୍ବତ କେଉଁଠାରେ ଯହିଁରେ କି ମହାଦେବ ଅଛନ୍ତି ? ଅର୍ଥାତ୍ ଏ ରାଜା ସୁନିର୍ମଳକୀର୍ତ୍ତିଶାଳୀ ଅଟନ୍ତି ।

ଭକ୍ତିପ୍ରହ୍ୱସୁରାସୁରେନ୍ଦ୍ରବଳସତ୍ ମୌଳିସ୍ଥରତ୍ନାବଳୀ
ଝ୍ୟାଣ କ୍ରିୟନ୍ତଃ ସ୍ଫୁରତ୍ପଦନଖସନ୍ଦେପେଣ୍ଡରଧ୍ୟାମ୍ବୁଜା ।
ନିନ୍ଦିତ୍ୟାପରପର୍ବତୋ ବହୁତରଦ୍ରବ୍ୟବ୍ୟୟଂ
କୁର୍ବତା
ପ୍ରାସାଦୋବିହିତଃ ସୁଧାମୃଧବଳ୍ କୈଳାସ
ଶୈଳେଶ୍ୱରଃ । ୨୨ ।

ଭକ୍ତିନମ୍ର ସୁରାସୁରେନ୍ଦ୍ରମାନଙ୍କର ସମୁଜ୍ଜ୍ୱଳ ମୌଳିସ୍ଥ ରତ୍ନାବଳୀ ତେଜରେ ଉଦ୍ଭାସିତ ଦେଦୀପ୍ୟମାନ ପଦଦ୍ୱାରା ଶୋଭିତ ମହେଶ୍ୱରଙ୍କର ମନ୍ଦିର ପ୍ରୋକ୍ତ ରାଜା ବିଶେଷ ଧନ ବ୍ୟୟ କରି କଲେ । ଯେ କି ଉଚ୍ଚତାରେ ଅନ୍ୟ ଗୋଟିଏ ପର୍ବତତୁଲ୍ୟ ଏବଂ ଅତ୍ୟନ୍ତ ଶୁକ୍ଳବର୍ଣ୍ଣ-ବିଶିଷ୍ଟ, ପୁଣି ସାକ୍ଷାତ୍ ଶୈଳରାଜ କୈଳାସସମାନ ହୋଇଥିଲା ।

ସ୍ୱର୍ଗାଦ୍ରିଃ ସୁରଗଳୟୋ ହରଖୁରଙ୍ଗଣ୍ଣଃ
ସ ପୂର୍ବୋଗିରି
ବାରୁଣ୍ୟାଃ ପରନୁତ୍ତିଭୋଽସ୍ତଶିଖରୀ
ମାନ୍ୟଃ ସ ଗୌରଗୁରୁଃ ।
ରଭ୍ୟଦ୍ୟାପି ପରମ୍ପରାନ୍ୱନବକସ୍ଥାନଂ
ଚଳନ୍ମନ୍ଦରେ
ଲଙ୍କେନ୍ଦ୍ରେଣ ଶିବୋନ୍ନତ୍ୟଂ ଗୃହମଦଃ
ପ୍ରାପ୍ତୋଽନବଦ୍ୟଂ ଶିବଃ । ୨୩ ।

ଶ୍ରୀଶିବ ରାବଣଦ୍ୱାରା ଚଳନ୍ମନ୍ଦର ହୋଇ ସ୍ୱର୍ଣ୍ଣଶୈଳରେ ବାସ କରିବାକୁ ଇଚ୍ଛା କରି ପୁଣି ବିଚାରିଲେ, ସେ ତ ଦେବତାମାନଙ୍କର ବାସସ୍ଥାନ; ପୂର୍ବଗିରି—ସେ ମଧ୍ୟ ସୂର୍ଯ୍ୟଙ୍କର ରଥାଶ୍ୱଖୁର-ଘାତଙ୍ଗୁଣ୍ଣ; ଅସ୍ତାଚଳ—ସେ ତ ବାରୁଣୀ ଅର୍ଥାତ୍ ତନ୍ନାମ୍ନୀ ମଦିରାଦ୍ୱାରା ପରନୁନ୍ନିତ; ହିମାଚଳ—ସେ ତ ସମ୍ବନ୍ଧୀ; ଏହିପରି ରହିବାଲାଗି ନବ ନବ ସ୍ଥାନମାନଙ୍କୁ ବିଚାରି ବିଚାରି ପରେ ପର୍ବତୋପମ ପ୍ରୋକ୍ତ ସୁନ୍ଦର ମନ୍ଦିରରେ ବାସ କଲେ ।

Digitized by srujanika@gmail.com

ଯତ୍ର ବିଜୟିନା ପ୍ରାକାରଶୀର୍ଷଦ୍ୱୋପଲନିର୍ମିତା
ଜଳଧରଗଣାରବ୍ଧଲବ୍ଧ୍ୟା ନଗେନ୍ଦ୍ରମିବୋଦ୍ଧୃତା ।
ଜଳଜଳନଧେର୍ମାପ୍ୟବ୍ୟାଳୀ ଭସ୍ମାବିବ ତସ୍ୟ ବୈ
ଶରଣମବଶବର୍ତ୍ମା ଯତ୍ର ପୁନେନପୁରସ୍ତଯ୍ୟା ।୨୪।

ବିଜୟୀ ପ୍ରୋକ୍ତ ରାଜା ମେଘେଶ୍ୱରଙ୍କର ମହୋପଳନିର୍ମିତ ଗୋଟିଏ ପ୍ରାଚୀର ନିର୍ମାଣ କଲେ । ସମ୍ଭବତଃ ଯେ କି ଉଚ୍ଚତାରେ ମେଘ-ଗଣ ଶେଷ କରିବାଲାଗି ଦଣ୍ଡାୟମାନ ହୋଇଥିଲା । ପୁନରପି ବୋଧହୁଏ ଜଳକାଳରୂପ ସମୁଦ୍ରର ମାୟାଭୁଜଙ୍ଗୀ ଭୟରୁ ଧର୍ମ ଭୀତ ହୋଇ ଶିବଙ୍କ କର୍ତ୍ତୃକ ସୁରକ୍ଷିତ ହେବାଲାଗି ସେହି ପ୍ରାଚୀରର ଶରଣ ପଶିଥିଲା ।

ଯାସାଂ ନେତ୍ରାନ୍ତ ତରଳମା ବଶବର୍ତ୍ତ୍ୟେକମନ୍ତ୍ରଃ
ପାଦନ୍ୟାସସ୍ତ୍ରିଭୁବନଗତସ୍ତମ୍ଭନଂ ସଂବଧତ୍ତେ ।
ନୃତ୍ୟାରମ୍ଭେ ବଳୟମଣିଭିର୍ନିର୍ମିତାଃ ଯତ୍ର ଦୀପା
ସ୍ତସ୍ମୈ ଦତ୍ତାଃ ପୁରହରସ୍ୟ ନେତ୍ରେଣ
ତାସ୍ତା ମୃଗାକ୍ଷ୍ୟଃ । ୨୫ ।

ଯେଉଁମାନଙ୍କର ନେତ୍ରପ୍ରାନ୍ତର ଚପଳତା ବଶୀକରଣ ବିଷୟରେ ପ୍ରଧାନ ମନ୍ତ୍ର ସ୍ୱରୂପ, ପାଦବିନ୍ୟାସ ତ୍ରିଭୁବନର ସ୍ତମ୍ଭନକାରୀ ନୃତ୍ୟାରମ୍ଭ ସମୟରେ ବଳୟସ୍ଥ ମଣିଗଣ ଅଯତ୍ନ ଦୀପସ୍ୱରୂପ (ସେମାନଙ୍କର ଜ୍ୟୋତିଃପ୍ରକାଶକତା ଥିବା ହେତୁ) ରାଜା 'ସ୍ୱପ୍ନେଶ୍ୱର' ସେହି ସେହି ମୃଗନୟନାମାନଙ୍କୁ ଉପଢୌକନ 'ମେଘେଶ୍ୱରଙ୍କ' ସେବା ସକାଶେ ଅର୍ପଣ କଲେ ।

ଉପବନମଥଚକ୍ରେ ତେନ ମେଘେଶ୍ୱରସ୍ୟ
ସ୍ଫୁଟିତକୁସୁମରେଣୁଶ୍ରେଣି ରମ୍ୟ ତପଣ୍ଡି ।
ଅଧରତମକରନ୍ଦସ୍ୟନ୍ଦନୋଦ୍ଭବସ୍ତୈ
ର୍ଭ୍ରମରପଟଲୀଲାସନ୍ଧ୍ୟାରାଗଦ୍ୱିତ୍ୟଂ । ୨୬ ।

ମଞ୍ଜୁଳ ପୁଷ୍ପରେଣୁ ସ୍ତରଦ୍ୱାରା ରମ୍ୟାତପଶୋଭା-ନ୍ୱିତା, ସତତ ମକରନ୍ଦବୃନ୍ଦବର୍ଷାଦ୍ୱାରା ଭ୍ରମର ସମୂହ ସନ୍ଧ୍ୟାରାଗବତୀ, 'ମେଘେଶ୍ୱର'ଙ୍କର ଗୋଟିଏ ଉପବନ ପୂର୍ବୋକ୍ତ ରାଜା ପ୍ରସ୍ତୁତ କଲେ ।

ବନଶ୍ରୀ ମୁକ୍ତା ମୁକ୍ତ ଦରଦଳିତପୁଷ୍ପୋଦ୍ଗମିଳତ୍
ପରାଗୈ ରୁଦ୍ଗାଂ ଲୀନଳଳନ୍ଦିତେ ମା ଯତ୍ର ଜଗ୍ମିରେ ।
ମୂର୍ଦ୍ଧ୍ନଃ ପୁଷ୍ପାସ୍ତସ୍ୟ ସ୍ଫଟିକଘଟିତାକ୍ଷାବଳୀମସ୍ୟ
ବସନ୍ତୋଦ୍ୟାନଭ୍ରୁମିପତିରସି ନକ୍ଷତ୍ରବନ୍ତଃ । ୨୭ ।

ଯେଉଁ ଉପବନର ଅର୍ଦ୍ଧପ୍ରସ୍ଫୁଟିତ ପୁଷ୍ପସମୂହ ସଂଲଗ୍ନ ପରାଗମାନଙ୍କଦ୍ୱାରା ଭ୍ରମରରାଜି ଧବଳତା ପ୍ରାପ୍ତ ହୋଇ ବନଲକ୍ଷ୍ମୀଙ୍କର ମୁକ୍ତାମାଳା ପରି ଦିଶୁ ଅଛନ୍ତି କିମ୍ବା ମଦନମୂର୍ତ୍ତିଙ୍କର ସ୍ଫଟିକନିର୍ମିତ ଜପିବା ଅକ୍ଷମାଳା ଭୁଲି ହୋଇ ଅଛନ୍ତି ଅଥବା ଉନ୍ନତ ବସନ୍ତବୃକ୍ଷ ମସ୍ତକରେ ସେମାନଙ୍କର ଏକପ୍ରକାର ଶିରୋଭୂଷଣ ନକ୍ଷତ୍ରପଂକ୍ତି ସଦୃଶ ଦେଖା ଯାଉ ଅଛନ୍ତି ।

ଅଚ୍ଛଂ ଶାରଦମମ୍ବରାତ୍ ସୁରସରସ୍ରୋତସ୍ତ ପାପାପହଂ
ଗମ୍ଭୀରଂ ନୟଶାଳିନୋଽପି ହୃଦୟାତ୍
ଶୀତଂଚ ଚନ୍ଦ୍ରାତ୍ୟନ୍ତଃ ।
ହୃଦ୍ୟଂ ସ୍ୱାଦୁସୁଧାରସାଦପି ସରୋବାରଂ
ନଗ୍ନେଃ ସୋଦରଂ
ଚେତାଖାନ ନଦ୍ଦ୍ୱାରପ୍ରଣୟିନା ଶ୍ରୀ
ମେଘେଶ୍ୱରସ୍ୟାଳୟେ । ୨୮ ।

ନୂତନ ଶିବପ୍ରଣୟୀ ସେହି ରାଜା ମେଘେଶ୍ୱର ମନ୍ଦିର ସନ୍ନିକଟରେ ସମୁଦ୍ରପ୍ରତିମ ଗୋଟିଏ ପୁଷ୍କରିଣୀ ଖୋଳାଇଥିଲେ । ଯେ କି ଶାରଦାକାଶ-ଠାରୁ ସ୍ୱଚ୍ଛ, ସ୍ୱର୍ଗଙ୍ଗା ଅପେକ୍ଷା ପବିତ୍ରକର, ନୀତିଜ୍ଞ ହୃଦୟରୁ ବଳି ଗମ୍ଭୀର, ଚନ୍ଦ୍ରକରଠାରୁ ଶୀତଳ ଏବଂ ସୁମିଷ୍ଟ ସୁଧାରସାପେକ୍ଷା ପ୍ରୀତିକର ଅଟେ ।

ଅନନ୍ୟନିକେତନେନ ନୟନୟୋଃ
ଶଶୀସୂନଃ କୈରବ
ଜ୍ୟୋତ୍ସ୍ନୌଘଃ ଖଳୁ ବନ୍ଦନମର୍ମନପୁଣ
ବ୍ୟାପାର ବୈଦଗ୍ଧ୍ୟଭୂଃ ।
ଶ୍ରୀସ୍ଥାନପ୍ରଭବୋ ନିରାକୃତଜନତା
ଶୌଟିର୍ଯ୍ୟ ଦୁର୍ଗ୍ଗାଳୟୋ
ମାର୍ଗଃ କୀର୍ତ୍ତିବିଜୃମ୍ଭଣସ୍ୟ ଜଗ୍ମିରା
ପ୍ରୋତ୍ତମ୍ଭିତୋ ମଣ୍ଡପଃ । ୨୯ ।

ବିଜୟୀ ପ୍ରୋକ୍ତ ରାଜା ନୟନାନନ୍ଦଦାୟକ, ସନ୍ତତ ମନଃପ୍ରୀତିକାରକ, ଶିଳ୍ପି ଶିଳ୍ପପରାକାଷ୍ଠା

Digitized by srujanika@gmail.com

ପ୍ରଦର୍ଶକ, ଜନନୀରଙ୍ଗପୂର ଗ୍ରାମସଂସ୍ଥାପକ ବିକାଶକ, କୀର୍ତ୍ତିପ୍ରକାଶର ସଥାସ୍ୱରୂପ ଏପ୍ରକାର ଏକ ମଣ୍ଡପ ପ୍ରସ୍ତୁତ କଲେ ।

ଅପାଂ ଶାଳାମାଳାଃ ପଥି ପଥି ତଡ଼ାଗାଃ ପ୍ରତିପୁରଂ
ପ୍ରଦୀପାଃ ସମ୍ପୂର୍ତ୍ତାଃ ପ୍ରତିସୁରଗୃହଂ ଯସ୍ୟ ବିମଳାଃ ।
ମଠାଃ ବେଦାଧ୍ୟାନାଂ ଦ୍ୱିଜପୁରବିହାରାଃ ପ୍ରତିଦିଶଂ
ବିରଚନ୍ତେ ସହାର୍ଣ୍ଣପ୍ରିତ ପରତଃ
ସେତୁନିବନ୍ଧାଃ । ୩୦ ।

ଯାହାଙ୍କର ପ୍ରତି ପଥରେ ଜଳସତ୍ରାଗାରସମୂହ, ପ୍ରତି ନଗରରେ ପୁଷ୍କରଣୀନିଚୟ, ପ୍ରତି ଦେବମନ୍ଦିରରେ ନିର୍ମଳ ଦୀପାବଳୀ, ସ୍ଥାନେ ସ୍ଥାନେ ବେଦାଭ୍ୟାସ ନିମିତ୍ତ ବିଦ୍ୟାଳୟ ପଂକ୍ତି, ପ୍ରତି ଦିଗରେ ବ୍ରାହ୍ମଣଶାସନ ଓ ଯାଗବିହାରମାନ ଏବଂ ଜଳପ୍ଲାବନରୁ ଦେଶରକ୍ଷା ନିମିତ୍ତ ଚତୁର୍ଦ୍ଦିଗରେ ସେତୁନିବନ୍ଧ ଶୋଭା ପାଉଥିଲା ।

ଅସ୍ୱଦ୍ବ୍ରହ୍ମପୁରଂ ବୃହତ୍ପୁଚାୟବିସ୍ମରେଃ ସଦାଗ୍ର୍ୟଂ ବିଷ୍ଣୁନାମ୍ନେ ଶୁଭ୍ରଦ୍ୱିଜବର ଗ୍ରାମାଯ ଧର୍ମାତ୍ମନେ ।
ଦତ୍ତଂ ତେନ ମୁଦା ସ ଦୋଦଭମଣ୍ଡ
ପ୍ରାଦୁଷ୍ୟଧୂମ୍ରାୟିନ
ସ୍ତୁଙ୍ଗବ୍ୟୋମତଟେନ ଯତ୍ର ସକଳବ୍ୟାଳଃ
ସଦୃଗ୍ୟାର୍ଯ୍ୟତେ । ୩୧ ।

ସେହି ରଜା ବ୍ରହ୍ମାମନ୍ଦିରର ସମୀପବର୍ତ୍ତୀ ଚନ୍ଦ୍ରପୁରୀଉତ୍ପଦ୍ୟସନ୍ନିଭ ଗୋଟିଏ ନଗର ଧର୍ମାତ୍ମା ବ୍ରାହ୍ମଣମାନଙ୍କ ନିକଟରେ 'ମେଘେଶ୍ୱର' ଙ୍କର ସତ୍ର "ବିଷ୍ଣୁ" ନାମା ଅଗ୍ରେର୍ଯ୍ୟଙ୍କୁ ଅନନ୍ତରେ ଦାନ କଲେ । ଯେଉଁ ପୁରରୁ ବ ନିତ୍ୟ ଯଜ୍ଞୋଦ୍ଗତ ସମୂହ ଧୂମପଟଳଦ୍ୱାରା "କଳଙ୍କାଳରୂପ ସର୍ପ" ବିତାଡ଼ିତ ହୋଉଥିଲା ।

ସ୍ଥିଂ ପ୍ରତ୍ୟକ୍ଷବିଦ୍ୱିଜଗଜପୂଜ୍ୟଃ
ପ୍ରାସାଦମୀଶସ୍ୟ ସନନ୍ଦକଶ୍ରୀଃ ।
ସୁଦର୍ଶନେନାନ୍ୱିତ ଏଷ ବିଷ୍ଣୁ
ରଗ୍ର୍ୟସଜଃ ସ ପୃଥକ୍ ନିବନ୍ଧୋଃ । ୩୨ ।

ସେହି ବିଷ୍ଣୁନାମା ଅଗ୍ରେର୍ଯ୍ୟ "ମେଘେଶ୍ୱର"ଙ୍କ ମନ୍ଦିର ପ୍ରତିଷ୍ଠା କଲେ, ଯେଉଁ ବିଷ୍ଣୁ ଅଗ୍ରେର୍ଯ୍ୟ କିସବାଂଶରେ ବିଷ୍ଣୁସମ ଥିଲେ । ବିଷ୍ଣୁ—ଚନ୍ଦ୍ରଶୀବସ୍ତ ପ୍ରତ୍ୟକ୍ଷ ଦ୍ୱିଜଗଜପୂଜିତ, କୌସ୍ତୁଭମଣିଧାରୀ ଏବଂ ଲକ୍ଷ୍ମୀଙ୍କ ସହ ଶୋଭମାନ ଓ ସୁଦର୍ଶନ ଚକ୍ରଧର ଅଟନ୍ତି । ଏ ବିଷ୍ଣୁ ଅଗ୍ରେର୍ଯ୍ୟ କୁଳୀନ ବ୍ରହ୍ମଣଗଣପୂଜିତ, ଶୋଭନାକୃତବେଶିଷ୍ଟ ଏବଂ ପୌରୋହିତ୍ୟ କର୍ମ ନିମିତ୍ତ "ସନନ୍ଦ" ପ୍ରାପ୍ତି ହେତୁ ସମୃଦ୍ଧିଶାଳୀ ଅଟନ୍ତି ।

ଉଦପୃକ କବିସ୍ତସ୍ୟାଦେଶାତ୍ ପ୍ରଶସ୍ତିବିଳାସିନୀଂ
ସୁଲଳିତପଦନ୍ୟାସୈଃ ଶଶ୍ୱଦ୍ବିଦଗ୍ଧମନୋହରାଂ
ଧ୍ୱନିରଭିରସଂ କର୍ଣ୍ଣେ ଶ୍ଳିଷ୍ଟାମଳଂକୃତଧାରିଣୀ
ମତିରସଭଗ୍ନା ଶଯ୍ୟାପ୍ରାପ୍ତାଂ ପ୍ରସାଧ୍ୟଭବାନମାଂ । ୩୩ ।

ଉଦପୃକନାମା କବି ସେହି ରଜାଙ୍କର ଆଦେଶକ୍ରମେ ଏହି ପ୍ରଶଂସନୀୟ ରଚନାକୁ ରଚନା କଲେ । ଯାହା କି ସର୍ବଥା ବିଳାସବତୀ ଯୁବତୀ ସଦୃଶ ଥିଲା । ରଚନା ସୁଲଳିତ ପଦବିନ୍ୟାସଦ୍ୱାରା ସତତ ସୁଧୀମନୋହର, ସ୍ଥାନେ ସ୍ଥାନେ ସର୍ବଦା ଅଳଂକାରେଣ 'ଧ୍ୱନି'ସଯୁକ୍ତା, ପୁନରପି ଅର୍ଥାଳଙ୍କାରବିଶୋଭିନୀ ଏବଂ ଅତି ରସଗର୍ଭ ହେତୁ ଶିଳାଶଯ୍ୟାଗତା । ଯେପରି କି ବିଳାସବତୀ ଯୁବତୀ ସୁନ୍ଦର ପାଦବିନ୍ୟାସଦ୍ୱାରା ବିଦଗ୍ଧ ପୁରୁଷର ମନୋହାରିଣୀ, ସତତ ମଞ୍ଜୁଭାଷିଣୀ, ଏବଂ ଅଳଙ୍କାରଶୋଭିନୀ ହୋଇ ଶେଷରେ ଅତିରସକ୍ତି ହେତୁ ଶଯ୍ୟାଗତା ହୁଏ ।

ଯାବଚ୍ଚନ୍ଦ୍ରଂଶୁ ଧାଂଶୁ ଧରଣୀଫଣିପତୀ
ଯାବଦମ୍ଭୋଜଲକ୍ଷ୍ମୀ
ଯାବଦ୍ଭାବଚ ଗଙ୍ଗାହିମଧରଣୀଧରୌ
ଯାବଦେବାର୍ଣ୍ଣବୋର୍ମୀ
ବାଗର୍ଥୌ ଯାବଦସ୍ମିଂସ୍ତ୍ରିର ମନୁବସତୋଃ
ଦ୍ୱୈତରୂପେଣ ଲୋକେ ।
ତାବତ୍ ପ୍ରାସାଦକୀର୍ତ୍ତିସ୍ତ୍ରିଭୁବନକୁହରେ
ରଜଭାମସ୍ୟ ନିତ୍ୟଂ । ୩୪ ।

ଯେଉଁ କାଳ ପର୍ଯ୍ୟନ୍ତ ଚନ୍ଦ୍ର ଏବଂ ଚନ୍ଦ୍ରିକା, ଧରଣୀ ଏବଂ ଫଣିପତି, କମଳ ଏବଂ କମଳା, ଗଙ୍ଗା ଏବଂ ହିମାଳୟ, ସାଗର ଏବଂ ଲହରୀ, ବଚନ

Digitized by srujanika@gmail.com

ଏହାର ଅର୍ଥ ଏହି ସଂସାରରେ ଅଭିନ୍ନ ଭାବରେ ଅଛନ୍ତି, ଯେ ପର୍ଯ୍ୟନ୍ତ ଏହି ମର୍ତ୍ତ୍ୟମଣ୍ଡଳରେ ରାଜା ସ୍ୱପ୍ନେଶ୍ୱର ଦେବଙ୍କର ପ୍ରୋକ୍ତ ମନ୍ଦିର-କୀର୍ତ୍ତି ଶୋଭା ପାଉଥାଉ ।

ଇଦଂ ଧବଳଧୀରଜନ୍ମାପ୍ତଃ ସ ଚନ୍ଦ୍ରଧବଳଃ
ପ୍ରଶସ୍ତିମିହ ପଟ୍ଟେ
ସରଲାକ୍ଷରମାଳାଭିର୍ଲିଲେଖ ମେଘେଶ୍ୱର
ଦ୍ୱାରେ । ୩୫ ।

ଧବଳଧୀରର ପୁତ୍ର ଚନ୍ଦ୍ରଧବଳ ଏ ରଚନାକୁ ସରଳାକ୍ଷରମାଳାରେ ମେଘେଶ୍ୱର ମନ୍ଦିର ଦ୍ୱାର-ଦେଶରେ ଏହି ଶିଳାପଟ୍ଟରେ ଲେଖି ଥିଲେ ।

ସୂତ୍ରଧାରଃ ଶିବଙ୍କରଃ ସଦ୍‌ବୃତ୍ତମଣ୍ଡଳାବଳୀଂ ।
ନିଚଖାନ ଶିଳାପଟ୍ଟେ ମୁକ୍ତାଫଳନିଭମିବ ।୩୬।

ଶିବଙ୍କରନାମା ସୂତ୍ରଧାର ଉତ୍ତମବୃତ୍ତବିଶିଷ୍ଟ ମୁକ୍ତାଫଳତୁଲ୍ୟ ସେହି ଅକ୍ଷରାବଳୀକୁ ଶିଳାପଟ୍ଟରେ ଖୋଳିଥିଲେ ।

ଶ୍ରୀ ଗଦାଧର ରଥଶର୍ମା ।

ଅଳମାଳିକା । (୨)

ପହଁଡ଼—"ଝଟଣେ ବେଗେ ପହଁଡ଼, ରୋଧନ ପେନ ଗହିଡ଼, ବଜାଇ ବଜାଇ ବଂଶୀ ପୁଲକିତ ଚିତ୍ତେ ଗୋଷ୍ଠକୁ ଗମନ ଧୀରେ ଅନନ୍ତ ମନେ" ରେ ପହଁଡ଼ର ବ୍ୟବହାର, ଅଭିଧାନରେ ଏହାକୁ ଅନୁସରଣ କରି ପହଁଡ଼ ମଧ୍ୟ ଲେଖାଅଛି; କିନ୍ତୁ ଘଟଣରେ 'ପହଡ଼' ଏ ସ୍ଥଳେ ବ୍ୟବହୃତ ହୁଏ । ପହଡ଼ ଅର୍ଥ ନେଉ-ନିଦ୍ରା, ଯଥା 'ରାଜାଙ୍କ ପହଡ଼ ନିଦ୍ରା'; ଗାଢ଼ନିଦ୍ରାକୁ ପହଡ଼, ଯେଉଁ ଶୋଇବାକୁ ପହଡ଼ କହନ୍ତି । ସାଧା ଆଖା ନିଦ୍ରା ପହଡ଼ ନୁହେଁ ।

ଛାମୁ—ରାଜା ବା ରାଜପରିବାରସ୍ଥ ବିଶିଷ୍ଟ ବ୍ୟକ୍ତିଙ୍କ ସମ୍ବୋଧନରେ ବା ଶିଷ୍ଟାଚାରସମ୍ମତ ସେମାନଙ୍କ ସମ୍ବନ୍ଧରେ କିଛି କହିବାର ହେଲେ ଏହି ଶବ୍ଦର ବ୍ୟବହାର ହୁଏ । ମୋଟରେ ଏହାର ବ୍ୟବହାର 'ହଜୁର' ଶବ୍ଦର ବ୍ୟବହାର ପରି । ଯଥା 'ଛାମୁଙ୍କର ସମସ୍ତ କଣ ?' 'ରାଜାଙ୍କ ଛାମୁରୁ ବିଜେ କରୁଚନ୍ତି', 'ମହାରାଜଙ୍କ ଛାମୁରୁ ହୁକୁମ ପଡ଼ିଛି' ଇତ୍ୟାଦି । ଏହି ଶବ୍ଦଟି କାହା ମତରେ 'ସମ୍ମୁଖ', କାହା ମତରେ 'ଶ୍ରୀମୁଖ', ପୁଣି କାହା ମତରେ 'ସ୍ୱାମୀ'ର ଅପଭ୍ରଂଶ ଶ୍ରୀମୁଖ ତ ନୁହେଁ, ତାହା ହେଲେ 'ଛାମୁ ଶ୍ରୀମୁଖରୁ କଣ ହୁକୁମ ପଡ଼ିଛି' 'ଛାମୁ ଶ୍ରୀମୁଖ କେବେ ଦେଖିବ' ଇତ୍ୟାଦି ବ୍ୟବହାର ଅସଙ୍ଗତ ହୁଅନ୍ତା । ରାଜା ରାଜ୍ୟମଧ୍ୟରେ ସର୍ବଶ୍ରେଷ୍ଠ—ସୁ=ଶୋଭନ, ମୁଖ୍ୟ=ଶ୍ରେଷ୍ଠ; ସୁମୁଖ୍ୟର ଅପଭ୍ରଂଶ କଲେ କିଛି ଦୋଷ କଣ ? ସେହିପରି ଛାମୁକରଣ=ମୁଖ୍ୟକରଣ ଅର୍ଥାତ୍ କରଣମାନଙ୍କ ମଧ୍ୟରେ ଯେ ସର୍ବଶ୍ରେଷ୍ଠ ।

ଲୁଦବା, ମଟ୍ରେଇବା, ମୁଣ୍ଡେଇବା—ବ୍ୟବହାର ଅତି ବିରଳ; ଗଡ଼ଜାତରେ ଅଧିକାଂଶ କହନ୍ତି 'ଘୋଡା ଲୁଦବା' 'ଲୁଗା ମଟ୍ରେଇବା' 'ଛତା ମୁଣ୍ଡେଇବା' ।

ଓଖର—ଦୁଗ୍ଧ; ଗୋକ୍ଷୀରର ଅପଭ୍ରଂଶ ହେଲେହେଁ ସାଧାରଣତଃ ଦୁଗ୍ଧ ଅର୍ଥରେ ବ୍ୟବହୃତ ହୁଏ । ମଇଁଷି ଓଖର, ନେଳି ଓଖର, ଗାଈ ଓଖର ଇତ୍ୟାଦି । ଓଖର ନ କହି ଦୁଧ କହିଲେ ଗଡ଼ଜାତରେ ସାନ ବଡ଼, ସ୍ତ୍ରୀ ପୁରୁଷ ସମସ୍ତେ ଅବଶ୍ୟ ଅଶିଷ୍ଟ ମନେ କରିବେ ।

କେଉଥ—ଅତ, କେଉଥ ଏବଚାଁସ୍ତ ସନି

Digitized by srujanika@gmail.com

ଅଛର ଉପର ଉଛ ଦର, ନେତ୍ରଅର ଉପର ଛୁଲକା ନେତ୍ରୁଣ, ଏହାହିଁ କଟକ ଅଞ୍ଚଳର ବ୍ୟବହାର । ସ୍ଥାନଭେଦରେ ଅଛଲ୍ପ ବଢ଼ିଥିଲ, ନେଉଥିଲ୍ ଆଛ, ପିକୁତଲୁ ନେଉଥି କହନ୍ତି । ପିକୁତ ହୁଉ ପ୍ରକାର, ଯାହା ଛେଉର ଲାଲ ଛାଲୁ ପିକୁତ, ଯାହା ଛେଉର ଧଳା ଛାଲୁ ନେଉଥି କହନ୍ତି ।

ନାହିଳ—କର୍ଣ୍ଣବେଧ ।

ପାପୋସ—ପୋଛା ।

ଭୁଞ୍ଜିବା—ଡିଣ୍ଡିବା ।

ଅଡ଼େଇବା—ବସ୍ତୁପରିମିତ ପଦାର୍ଥରୁ କିଛି ବାହାର କରି ନେବା, "କୁଅରୁ ପାଣି ଅଡୋଇଛି" "ଭଣ୍ଡାରରୁ ଗୋଟିଏ ବସ୍ତା ଅଡ଼େଇଲେଣି" ।

ପନେଇବା—ଇଛର ନେତେ ଦିବା ଅର୍ଥରେ ବ୍ୟବହାର କରନ୍ତି, କଥାଟି ଅନାର୍ଯ୍ୟ ଅମଦାନି ।

ଅଗେଛଇବା—ସଜାଡ଼ି ରଖିବା ।

ଓଡ଼ିଅ—ସରୁ ଗୋଟିଳ; ଦ ଡ଼ିଅକା, ଦ ଅରୁଆ ଉଭୟ ସରୁଗୋଟିଳ ଓଡ଼ିଅ ।

ବଗଡ଼ା—ମୋଟ ଚାଉଳ ।

ଝନା—ଖନପାନ ।

ଅଗର—କାଳିଶି କାଠ, ଯାହା ରାଜାଙ୍କଙ୍କରେ କଳେ; ଅଗୁରୁର ଅପଭ୍ରଂଶ । ରଜାଙ୍କ ପାକ କାର୍ଯ୍ୟରେ ଅଗୁରୁଚନ୍ଦନ ନ ଜଳି ସାଧାରଣ କାଠ କପରି କଳବ ? ସ୍ଥାନ-ପ୍ରଧାନ, ଗୁଣପ୍ରଧାନ ନୁହେ ।

କଭ୍ୟାନ—ମାଛ; ବୋଧ ହୁଏ କଭ୍ୟ ବ୍ୟବହୃତ ହୁଏ ବୋଲି (ଗଡ଼ଜାତରେ ପ୍ରଥା ଅଛି କୌଣସି ରଜାଙ୍କର ସ୍ୱର୍ଗାରୋହଣ ହେଲେ, ତାଙ୍କୁ ଶ୍ମଶାନକୁ ନେବା ବେଳେ ଉତ୍ତରାଧିକାରୀ ରଜାଙ୍କୁ ମାଛ ଭାତ ଖାଇବାକୁ ଦିଆଯାଏ; ରଜା ଅଶୌଚ ହୁଅନ୍ତି ନାହିଁ) କୌଣସି କୌଣସି ସ୍ଥଳରେ ଦୁଧକୁ ମଧ୍ୟ କଭ୍ୟାନ କହନ୍ତି । 'କଭ୍ୟ ବ୍ୟବହୃତ' କଥାରୁ ଯଦି କଭ୍ୟାନ ହୁଏ, ତେବେ ଗଡ଼ଜାତରେ ଦୁଧକୁ କଭ୍ୟାନ କହିବା ସମ୍ଭବ ନୁହେ । ସେଠାରେ ଦୁଧ ଅପେକ୍ଷା ଦହିର ଆଦର ବରଂ ବେଶି । ମୁଁ ଯେତେଦୂର ଜାଣେ କଟକପ୍ରବାସୀ ଗଡ଼ଜାତ-ରାଜକୁମାର-ମାନେ "ଆମେ ଦୁଧ ଭଲ ପାଉ ନାହିଁ", ଏମନ୍ତ କି ଅବସ୍ଥାନରେ ଶିକ୍ଷକମାନେ ଦୁଧର ବସ୍ତୁ କରି ଖାଆନ୍ତି ଦୁଧ ଅଧିକ ନ ନାହିଁ ସେଥି ପାଇଁ ଗାଈ ରଖେଇବା କଳ ପକେଇବାରେ ଲାଗି ଥାନ୍ତି । କେତେ କେବଳ ମାତ୍ର ଦୁଗ୍ଧ ରାଜଗୃହଙ୍କ ଉଦରକୁ ନ ଯାଇ ଭୃତ୍ୟମାନଙ୍କ ଅଙ୍ଗପୁଷ୍ଟି କରେ ବା ଦଧିରୂପରେ ପରିଣତ ହୁଏ ।

ହୁଳହୁଳି—ଶୁଭକାର୍ଯ୍ୟ ।

ହାନବୋବାଳି—ଅଶୁଭକାର୍ଯ୍ୟ

ଯୋଗଣ, ମଣୋହି, ଠା—ରାଜଭୋଜନ, ଶୀତଳ ମଣୋହି=ଜଳଖିଆ ଖାଇବା ।

ଯୋଗାଡ଼—ଭୋଜନପାତ୍ରାଦ

ଅପଟ—ବାନ୍ଧିଅ ଗଡ଼ଡ଼—ଅବଶ୍ୟ ଦେବ ବାହକ, ପାନବାହକ ।

ପୁଅସିଅ—ମୂଳିଆ

ସୁଆର—ସୂପକାରର ଅପଭ୍ରଂଶ—ରାଜପାଚକ ।

ପାଣିଅ—ଯେଉଁ ଗଡ଼ିତ ରାଜବ୍ୟବହାର୍ଯ୍ୟ ଜଳ ଦିଏ । ରଜାଙ୍କ ଶଦାରେ ବା ପିଇବା ପାଇଁ ଭଣ୍ଡାରମାନେ ଅଣିଥିବା ପାଣି ବ୍ୟବହୃତ ହୁଏ ନାହିଁ ।

ଧରଥସିବା—ସଜୀବ, ନିର୍ଜୀବ ଯାହା କିଛି ସାଙ୍ଗରେ ଅଣିବା । ଦୋକାନରୁ

Digitized by srujanika@gmail.com

ସ ପା ଥର ଅଛନ୍ତି, ତାପ ପୁଅଙ୍କୁ ଧର ଅଛନ୍ତି, ଭେଟିବା ପାଇଁ ତାଠାରେ ଧର ଅଛି, ଇତ୍ୟାଦି । 'ଧାରଣ'ର ଅପଭ୍ରଂଶରେ କହିଲେ ଠିକ ନାହିଁ ବା 'ଧୃତ'ର ଅପଭ୍ରଂଶ ହେଲେ ମଧ୍ୟ ସଙ୍ଗତ ହେବ ନାହିଁ ।

ଶୃଳେଠ, ଝୁଣ୍ଡା, ବରଣ୍ଡା—ବହିର୍ଦ୍ଦେଶ ଯିବା

ବଡଅ—ଭଙ୍ଗା ବା ସଡଡା ପାନ

ପନଅର—କ୍ଷୌରହେବା

ମଙ୍ଗଳକୃତ୍ୟ— ବିବାହ

ହୁଙ୍କଳ—ମୃତ୍ୟୁ ବା ମୃତାଶୌଚ

ମର୍ଦ୍ଦନ—ତେଲ ଲଗାଇବା

ଯୋଗ—ଔଷଧ; ବଟିକା ଯୋଗ ବ୍ୟବହାର କରନ୍ତି; ଗଡ଼ଜାତରେ ବଟିକାର ବିଶେଷ ପ୍ରଚଳନ । ବ୍ୟାକ୍ଷଥାରେ ବୈଦ୍ୟଙ୍କ ବଟୁଆରୁ ବା ଗୃହସ୍ଥଙ୍କ ନିକଟରୁ ବଟିକା ବାହାରେ, ଏତେ ବହୁଳ ପ୍ରଚଳନ ଯେ ମୃଗଲବନ୍ଧିଅଙ୍କର ଦେଖି କୁତୂହଳ ହୁଏ । ହୋଇଥିବ ଏହି ହେତୁରୁ ଔଷଧର ସାଧାରଣ ନାମ ଯୋଗ ।

ସାହାଣୀ—ସହିସ (କୌଣସି କୌଣସି ସ୍ଥାନରେ ସାହାଣୀ ଭଦ୍ରଲୋକଙ୍କ ଉପାଧି)

ବିରଣ—କିଣିବା

ଗହଣ—ସଙ୍ଗରେ ଯିବା; ରଜାଙ୍କ ଗହଣରେ ଯାତ୍ରିକ—ସଜାସଜ ଯାତ୍ରୀ ହୋଇଛି ।

ବେହରଣ—ବସିବା; ରଜାଙ୍କ ବେହରଣ ହଉଛି, ଅର୍ଥାତ୍ ରଜା ବସିଛନ୍ତି ।

ବେହରଣମଣ୍ଡପ—ଯେଉଁଠାରେ ରଜା ଅବକାଶ ସମୟରେ ବସନ୍ତି ।

ବାହୁଡ଼ା—ଫେରିଆସିବା; ଶ୍ରୀଜଗନ୍ନାଥ ଦେବଙ୍କର ଗୁଣ୍ଡିଚା ମନ୍ଦିରରୁ ବଡ଼ଦେଉଳକୁ ପ୍ରତ୍ୟାବର୍ତ୍ତନ ବାହୁଡ଼ା, ସେଥିରୁ ସଜ-ପ୍ରତ୍ୟାବର୍ତ୍ତନ ମାତ୍ରେ ବାହୁଡ଼ା ହୋଇଅଛି । ଯେହେତୁ ସଜା ଚଳନ୍ତିବାହୁ, 'ଅଷ୍ଟାନାଂ ଲୋକପାଳନାଂ ମାତ୍ରାଭି-ର୍ନିର୍ମିତୋନୃପଃ ।'

ମାଣ୍ଡି—ଭକ୍ଷ ଅ ।

ଅପସର—ବଡ଼ ଭକଅ, ଯାହାକୁ ଅନ୍ତଃ ବସିବାକୁ ହୁଏ । ଅପସରର ଅନ୍ୟ ଗୋଟିଏ ପ୍ରଧାନ ଅର୍ଥ ସଜଭ୍ରମଣ । 'ଅମୁକ ସଜାଙ୍କ ଅପସରରେ ଅମୁକ ଘଟଣା ଘଟିଥିଲା ।

ଖରଡ଼—ଗାଳିଗୁ ।

ନହ—ଭଲ

ଅଡ—ଶୀକାର, ମୃଗୟା ।

ପଶେଉତ—କ୍ଷୌରକାର ।

ଚର୍ଚ୍ଚାବେହେରା—ଅଗ୍ରନ୍ଥ ଭଦ୍ରଲୋକ ବା ଅତିଥିଙ୍କ ଚର୍ଚ୍ଚା ଯେ ବୁଝେ; ସାଧାରଣତଃ ଯେଉଁ ଭଣ୍ଡାରୀ ସେମାନଙ୍କ ବ୍ୟବହାର୍ଯ୍ୟ ଜିନିସ ସଂଗ୍ରହ କରି ଆଣି ଦିଏ ।

ଶୀକାର—ମାଂସର ସାଧାରଣ ନାମ, ଯେହେତୁ ମାଂସ ଗଡ଼ଜାତରେ ସାଧାରଣତଃ ଶୀକାର-(ମୃଗୟା) ଲବ୍ଧ ।

ଶ୍ରୀ—

ଶବ୍ଦାର୍ଥଚର୍ଚ୍ଚା । (କ)

୨୧ । ପୁଲକ—ପ୍ରାଚୀନ କୋଷକାରଗଣ ଶବ୍ଦଟିକୁ ହର୍ଷଜନିତ ରୋମାଞ୍ଚ ଅର୍ଥରେ ଗ୍ରହଣ କରିଅଛନ୍ତି । ପୁଲକିତର ଅର୍ଥ ରୋମାଞ୍ଚିତ ବା ସଞ୍ଜାତରୋମାଞ୍ଚ । ଆମ୍ଭମାନଙ୍କ ଦେଶରେ ଅଧିକାଂଶତଃ ଆନନ୍ଦ ଅର୍ଥରେ ଏହା ବ୍ୟବହୃତ ହେବାର ଦେଖାଯାଏ । ଅର୍ଥଟା ଏପରି ବଦଳି ଯିବା ବିଚିତ୍ର ନୁହେଁ । କାରଣ ହଠାତ୍ କୌଣସି ଇଷ୍ଟସିଦ୍ଧିଜନିତ ଆନନ୍ଦ ଉପସ୍ଥିତ ହେଲେ ଆମ୍ଭମାନଙ୍କର ରୋମାଞ୍ଚ ହୁଏ । ସୁତରାଂ ପୁଲକ ଆନନ୍ଦର ଲକ୍ଷଣ ଏବଂ ଆନନ୍ଦ ପୁଲକର ମୂଳଭୂତ । ହେଉ

Digitized by srujanika@gmail.com

ମଧ୍ୟରେ ଯେଉଁ କାର୍ଯ୍ୟ କାରଣ ସମ୍ବନ୍ଧ ଅଛି, ତାହା କ୍ରମେ ଉଠିଯାଇ ଅବଶେଷରେ ସମାନ ହୋଇ ପଡ଼ୁଅଛି । ଅର୍ଥାତ୍ ପୁଲକ ଯାହା, ଆନନ୍ଦ ତାହା ।

୩୦ । କାକୁ—'କାକୁଃ ସ୍ତ୍ରିୟାଂ ବିକାରୋ ଯଃ ଶୋକଭୀତ୍ୟାଦିଭିର୍ଧ୍ୱନେଃ' — ଶୋକଭୟାଦି-ଜନିତ ବିକୃତ ବା ଅସ୍ଫୁଟ ଧ୍ୱନିର ନାମ କାକୁ । ତେବେ କାକୂକ୍ତିର ଅର୍ଥ କାତରୋକ୍ତି । ଅସ୍ମେ-ମାନେ କାକୂକ୍ତି ଅର୍ଥାତ୍ କାକୁତିକୁ ବିନୟୋକ୍ତି ବୁଝି ଥାଉଁ ।

୩୧ । ପିଶୁନ—ଅନୁସନ୍ଧାନ କରି ବୁଝିଲୁ 'ପିଶୁନ' ସାଧାରଣତଃ କପଟ ସ୍ଥଳରେ ବ୍ୟବହୃତ ହୁଏ । ରକ୍ତ ବା ପାଟଳ ଅର୍ଥରେ; କିନ୍ତୁ ସଂସ୍କୃତ ଅଭିଧାନ ପିଟାଇ ଦେଖିଲେ ଏହି ଭ୍ରମ ଶୀଘ୍ର ନିରାକୃତ ହୋଇଯିବ । ଅଭିଧାନରେ ତାହାର ଅର୍ଥ ଖଳ, ସୂଚକ । "ପିଶୁନୌ ଖଳସୂଚକୌ" —ଅମରକୋଷରେ—'କର୍ଣ୍ଣେଜପଃ ସୂଚକଃ ସ୍ୟାତ୍ ପିଶୁନୋ ଦୁର୍ଜ୍ଜନଃ ଖଳଃ ।'

୩୨ । ଗଭା—ଗ୍ରାମ୍ୟବଙ୍ଗୀୟର ପ୍ରକ୍ରିୟା ଅନୁସାରେ ଅନୁମାନ ହେଉଅଛି ଏହି ଶବ୍ଦଟି ସଂସ୍କୃତର ଗର୍ଭକ ଶବ୍ଦରୁ ଉତ୍ପନ୍ନ । କିନ୍ତୁ ଏ ଉଭୟର ଅର୍ଥ ଏକ ନୁହେ । କେଶମଧ୍ୟସ୍ଥିତ ମାଲାର ନାମ ଗର୍ଭକ । 'କେଶମଧ୍ୟେ ତୁ ଗର୍ଭକଃ'—ଅଃ । କିନ୍ତୁ ସାଧାରଣ ଲୋକେ ଜୁଡ଼ାକୁ ଗଭା ବୋଲି କହିଥାନ୍ତି ।

୩୩ । ମର୍ମର—ବସ୍ତ୍ର ଓ ପତ୍ରର ଶବ୍ଦକୁ ମର୍ମର ବୋଲାଯାଏ । ଯଥା:—'—ଅଥ ମର୍ମରଃ, ସ୍ୱନିତେ ବସ୍ତ୍ରପର୍ଣ୍ଣାନାଂ—' ଅଃ ।

୩୪ । କାକଳୀ—'କାକଳୀ ତୁ କଳେ ସୂକ୍ଷ୍ମେ' ଅତି ମଧୁର ଅବ୍ୟକ୍ତ ଶବ୍ଦର ନାମ କାକଳୀ । ପକ୍ଷିମାନଙ୍କଠାରେ କାକଳୀ ସମ୍ଭବ ।

୩୫ । ଗୋପ—ରାଜକର୍ମ୍ମଚାରୀ ବିଶେଷ । ପ୍ରାଚୀନ କାଳରେ ଯେଉଁମାନେ ବହୁଗ୍ରାମର ଅଧିକାର ପ୍ରାପ୍ତ ହୋଇଥିଲେ ସେମାନେ 'ଗୋପ' ନାମରେ ଅଭିହିତ । 'ସ୍ଥାୟୁକୋଽଧିକୃତୋ ଗ୍ରାମେ ଗୋପୋ ଗ୍ରାମେଷୁ ଭୂରିଷୁ ।'

୩୬ । ଆମ୍ରେଡିତ—ଆମ୍ରେଡିତର ଅର୍ଥ ଅସ୍ମେ-ମାନେ ପୁନରୁକ୍ତ ବୋଲି ଜାଣୁଁ । କିନ୍ତୁ ଅମର କୋଷରେ ଠିକ ତାହା ନୁହେ; ଦୁଇ ତିନି ଥର କଥିତ ହୋଇଥିବାର ନାମ ଆମ୍ରେଡିତ । 'ଆମ୍ରେଡିତଂ ଦ୍ୱିସ୍ତ୍ରିରୁକ୍ତମ୍ ।'

୩୭ । ମହାମାତ୍ର—ରାଜାଙ୍କର ପ୍ରଧାନ ମନ୍ତ୍ରିଙ୍କ ନାମ ମହାମାତ୍ର । 'ମହାମାତ୍ରାଃ ପ୍ରଧାନାନି ।'

୩୮ । ପରିଭାଷଣ—'ସନିନ୍ଦୋ ଯ ଉପାଲମ୍ଭସ୍ତତ୍ର ସ୍ୟାତ୍ ପରିଭାଷଣଂ' ଅର୍ଥାତ୍ ନିନ୍ଦାଯୁକ୍ତ ଭର୍ତ୍ସନାର ନାମ ପରିଭାଷଣ ।

୩୯ । ସହାୟତା—ଅସ୍ମେମାନେ ସାହାଯ୍ୟ ସ୍ଥଳରେ ସହାୟତା ବ୍ୟବହାର କରିଥାଉଁ । କିନ୍ତୁ ଏଠାରେ 'ତା' ପ୍ରତ୍ୟୟ ଜନତାଦିବତ୍ ବହୁତ୍ୱ ଅର୍ଥରେ ପ୍ରଯୁକ୍ତ ହୋଇଅଛି । ଅର୍ଥାତ୍ ସହାୟତାର ଅର୍ଥ ସହାୟସମୂହ । 'ମାଣବାନାନ୍ତୁ ମାଣବ୍ୟଂ ସହାୟାନାଂ ସହାୟତା ।'

କ୍ରମଶଃ

ଶ୍ରୀ ମୃତ୍ୟୁଞ୍ଜୟ ରଥ ।

ଆଲୋକଚିତ୍ର ବା ଫଟୋଗ୍ରାଫି । (୨)

ଅଣ୍ଡଲାଲସ୍ତରବୃତ କାଗଜ (Albuminized paper) ପ୍ରସ୍ତୁତ କରିବାର ପ୍ରଣାଳୀ ।

କଣାଦଲ ଅଥବା ବଣ୍ଡବାଲବଣ ୨ ଡ୍ରାମ୍
ପରିଶ୍ରୁତଜଳ (Saturated water) ୩ ଆଉନ୍ସ
ଅଣ୍ଡଲାଲ(ଶ୍ୱେତାଂଶ) (Albumen) ୯ ଆଉନ୍ସ

ଏହି କେତୋଟି ଦ୍ରବ୍ୟକୁ ଏକତ୍ର କରି ଗୋଟିଏ ଶିଶି ମଧ୍ୟରେ ରଖି ଉତ୍ତମରୂପେ ଫେଣ୍ଟି ମିଶାଇବ । ଉତ୍ତମରୂପେ ମିଶ୍ରିତ ହେଲେ

Digitized by srujanika@gmail.com

ଏହାକୁ ଗୋଟିଏ କାଚପାତ୍ରରେ ଘାଳ କିଛିକ୍ଷଣ ସ୍ଥିରଭାବରେ ରଖି ଦେବ ଯେପରି ତହିଁରୁ ଫେଣ ମରି ଯାଏ । ତଦୁତ୍ତାରୁ ପରିସ୍ରୁତ ଜଳ ଓ ସିରପକୁ ଏକତ୍ର ମିଶାଇ ତତ୍ସଙ୍ଗେ ଯୋଗ କରି କାଚଦଣ୍ଡ-ଦ୍ୱାରା ଉତ୍ତମରୂପେ ଘାଣ୍ଟି ଦେଇ ସ୍ଥିରଭାବରେ ରଖି ଦେବ । ଯେଉଁ କାଗଜରେ ଅଣ୍ଡଲାଲସ୍ତର ଲଗାଇବାକୁ ହେବ ତାହାର ଦୁଇ ବିପରୀତ କୋଣରୁ ଧରି ଧୀରେ ଧୀରେ ମଧ୍ୟସ୍ଥଳକୁ ଅଣ୍ଡଲାଲ ମିଶ୍ରଣରେ ଲଗାଇବ, ପରେ ସମସ୍ତ କାଗଜକୁ ତାହା ଉପରେ ଭସାଇ ଦେବ । ଏହିପରି ଦୁଇ ମିନିଟ କାଳ ଭସିଲା ପରେ କାଗଜ ଖଣ୍ଡକୁ ଉଠାଇ ନେବ, ତହିଁରେ ବୁଦ୍‌ବୁଦ୍ ରହିଯାଇ ଥିଲେ ସେ ସବୁ କାଚଦଣ୍ଡଦ୍ୱାରା ଭାଙ୍ଗି ଦେଇ ପୁନର୍ବାର କାଗଜ ଖଣ୍ଡକୁ ଦୁଇ ମିନିଟ କାଳ ଅଣ୍ଡଲାଲ ଉପରେ ଭସାଇ ଉଠାଇ ନେବ । ତଦୁତ୍ତାରେ ତାହାକୁ ଶୁଷ୍କଯୁକ୍ତ ସ୍ଥାନରେ କ୍ଲିପ୍ (Clips) ଦ୍ୱାରା ଝୁଲାଇ ଶୁଖାଇବ । ଯେ କୌଣସି କାଗଜରେ ଅଣ୍ଡଲାଲ ଲଗାଇବା ବିହିତ ନୁହେ, କାରଣ ସାଧାରଣ କାଗଜରେ ନାନାପ୍ରକାର ଧାତବ ପଦାର୍ଥର କଣା ମିଶି ଥିବାରୁ ମୁଦ୍ରାଙ୍କନ ପକ୍ଷରେ ବଡ଼ ବ୍ୟାଘାତ ଜନ୍ମେ । ଫଟୋଗ୍ରାଫି ନିମନ୍ତେ ବିଶେଷ କାଗଜ ପ୍ରସ୍ତୁତ ହୁଅଇ । ଏହା ଅତି ମସୃଣ ଓ ଶକ୍ତ ଅଟେ । ଅଣ୍ଡଲାଲସ୍ତରବୃତ କାଗଜ ବଜାରରେ ମଧ୍ୟ ମିଳଇ । ଏହାକୁ ପ୍ରସ୍ତୁତ କରିବା ବିଷୟରେ କୌଣସି ଅସୁବିଧା ହେଲେ ବଜାରରୁ କିଣି କାର୍ଯ୍ୟ କରିବାକୁ ହୁଏ ।

କାଗଜ ଉତ୍ତମରୂପେ ଶୁଷ୍କ ହୋଇ ଗଲେ, ତାହାକୁ କିଛିକ୍ଷଣ କଷ୍ଟିକ ଦ୍ରବରେ ଶକ୍ତ କରି ଶୁଷ୍କ କରିବ, ତଦୁତ୍ତାରୁ ମୁଦ୍ରଣ କାର୍ଯ୍ୟରେ ବ୍ୟବହାର କରିବ । ନିମ୍ନରେ କଷ୍ଟିକଦ୍ରବ ପ୍ରସ୍ତୁତ କରିବା ପ୍ରଣାଳୀ ପ୍ରଦତ୍ତ ହେଲା ।

କଷ୍ଟିକ	୫୦ ଗ୍ରେନ
ପରିସ୍ରୁତ ଜଳ	୧ ଆଉନ୍ସ

ଏହି ଅନୁପାତରେ ପ୍ରୟୋଜନାନୁସାରୀ ଦ୍ରବ ପ୍ରସ୍ତୁତ କରି ଗୋଟିଏ କାଚ ପାତ୍ରରେ ଢାଳିବ ତଦୁପରି ଅଣ୍ଡଲାଲସ୍ତରବୃତ କାଗଜକୁ ଚାରି ପାଞ୍ଚ ମିନିଟ କାଳ ଭସାଇ ବାହାର କରି ନେବ । କାଗଜରେ କଷ୍ଟିକ ଦ୍ରବ ଉତ୍ତମରୂପେ ଲାଗିଲେ ତାକୁ ଗୋଟିଏ ଅନ୍ଧକାରଚ୍ଛନ୍ନ ଗୃହରେ କିମ୍ବା ଅନ୍ଧକାରମୟ ବାକ୍ସ ମଧ୍ୟରେ ଅତି ସାବଧାନରେ ଶୁଷ୍କ କରିବ; କାରଣ ତହିଁରେ ଶୁଭ୍ର ଆଲୋକ ସ୍ପର୍ଶ ହେଲେ ତାହା ଏକାବେଳକେ ବିନଷ୍ଟ ହୋଇ ଯିବ । ଏସମସ୍ତ କାର୍ଯ୍ୟ ରାତ୍ରରେ କରିବା ବିଶେଷ ସୁବିଧାଜନକ । ଏହି କାର୍ଯ୍ୟକୁ ଦିବସରେ କରିବାକୁ ହେଲେ ଅନ୍ଧକାର ଗୃହ ମଧ୍ୟରେ ରୁବିଲ୍ୟାମ୍ପ ଜଳାଇ କରିବା ବିହିତ ।

(୨) ଜିଲେଟିନ ପ୍ରକରଣ (କ)

ନଉଶାଦର କିମ୍ବା ବିଶୁଦ୍ଧ ଲବଣ	୨ ୧/୨ ଡ୍ରାମ୍
ଜିଲେଟିନ(Gelatine)	୨୦ ଗ୍ରେନ
ଆଇସଲାଣ୍ଡମସ (Iceland moss)	୬୦ ଗ୍ରେନ
ଜଳ	୨୦ ଆଉନ୍ସ

ଉଷ୍ଣ ଜଳରେ ଜିଲେଟିନ ଓ ମସକୁ ଉତ୍ତମରୂପେ ଦ୍ରବ କରିବ, ସ୍ୱଚ୍ଛାରେ ଶୀତଳ ହେଲେ ତହିଁରେ ଲବଣ ମିଶ୍ରିତ କରି କାଚଦଣ୍ଡଦ୍ୱାରା ଉତ୍ତମରୂପେ ଘାଣ୍ଟି ଦେବ । ପୂର୍ବବର୍ଣ୍ଣିତ ପ୍ରକ୍ରିୟାନୁସାରେ କାଗଜରେ ତହିଁର ଆସ୍ତର ଦେଇ କାଗଜକୁ ଶୁଷ୍କ କରି ନେବ, ତଦୁତ୍ତାରୁ କଷ୍ଟିକଦ୍ରବରେ ଶକ୍ତ କରି କାର୍ଯ୍ୟୋପଯୋଗୀ କରିବ ।

ଜିଲେଟିନ ପ୍ରକରଣ (ଖ)

ନଉଶାଦର	୧ ଡ୍ରାମ
ଜିଲେଟିନ	୨୦ ଗ୍ରେନ୍
ଜଳ	୨୦ ଆଉନ୍ସ

ଉପରୋକ୍ତ ଦ୍ରବ୍ୟକୁ ଉଷ୍ଣ ଜଳରେ ଦ୍ରବ କରିବ, ଶୀତଳ ହେଲେ ବ୍ଲଟିଂ କାଗଜଦ୍ୱାରା ଛାପି ନେବ । ଏହି ପ୍ରକରଣଦ୍ୱାରା ପ୍ରସ୍ତୁତ କାଗଜକୁ ଅନୁଭୂତିସାଧକ (sensitive) କରିବାକୁ ହେଲେ ଭିନ୍ନପ୍ରକାର କଷ୍ଟିକ ଦ୍ରବ ଆବଶ୍ୟକ ହୁଏ । ତାହା ନିମ୍ନରେ ପ୍ରଦତ୍ତ ହେଲା ।

Digitized by srujanika@gmail.com

୬୦ ଗ୍ରେନ୍ କଷ୍ଟିକକୁ ଅର୍ଦ୍ଧ ଆଉନ୍ସ ଜଳରେ ଦ୍ରବ କରି ତହିଁରେ ବିନ୍ଦୁ ବିନ୍ଦୁ କରି ନାଇଟ୍ରେଟ୍ ଅଫ୍ ଅମୋନିୟା ଦ୍ରବ ମିଶାଇବ; ତଦୁତ୍ତାରୁ ସେହିପରି ବିନ୍ଦୁ ବିନ୍ଦୁ ପରିମାଣରେ ଷଷ୍ଠ ଯବକ୍ଷାର ଦ୍ରବ ତହିଁରେ ଅତି ସାବଧାନରେ ଯୋଗ କରିବ, ପରେ ଅବଶିଷ୍ଟ ଅର୍ଦ୍ଧ ଆଉନ୍ସ ଜଳ ମିଶାଇବ । ଏହି ଦ୍ରବକୁ ବ୍ରସ୍‌ଦ୍ୱାରା କାଗଜରେ ଲଗାଇବ ।

ଉପରୋକ୍ତ କେତୋଟି ପ୍ରକ୍ରିୟା ମଧ୍ୟରୁ ଅଣ୍ଡଲାଲୀୟ ପ୍ରକରଣ ସର୍ବାପେକ୍ଷା ସହଜ ଅଟେ । ଏହି କାର୍ଯ୍ୟରେ ବିଶେଷ ପାରଦର୍ଶିତା ହେଲେ ଜେଲେଟିନ ପ୍ରକରଣ (ଖ) ଦ୍ୱାରା ଅତି ଚମତ୍କାର ଛବି ମୁଦ୍ରିତ କରାଯାଇ ପାରେ । ଜେଲେଟିନ ପ୍ରକରଣ (କ) ଅପେକ୍ଷାକୃତ ସହଜ ଅଟେ, ଏଥିରେ ମଧ୍ୟ ଛବି ମନ୍ଦ ହୁଏ ନାହିଁ ।

ପ୍ରିୟ ପାଠକ ! ସହଜରେ ଅନୁମାନ କରି ପାରିବେ ଯେ ଏହି କାଗଜ ଉପରେ ନେଗେଟିଭ୍ କାଚକୁ ରଖି ଛବି ଛାପିବାକୁ ହୁଏ । ପ୍ରିଣ୍ଟିଂଫ୍ରେମ୍‌ରେ ନେଗେଟିଭ୍‌କୁ ରଖି ତଦୁପରି ଖଣ୍ଡିଏ ଅନୁଭୂତି-ସାଧକ (sensitized) କାଗଜ ସ୍ଥାପନ କରିବ । ତାହା ଉପରେ ଦୁଇ ଚାରି ପ୍ରସ୍ଥ ବ୍ଲଟିଂ କାଗଜ ସ୍ଥାପନ କରି ପଟା ଦେଇ ଉତ୍ତମରୂପେ ସ୍ପ୍ରିଂ ଆଣ୍ଟି ଦେବ । ତଦୁତ୍ତାରୁ ଫ୍ରେମ୍‌ଟିକୁ ସୂର୍ଯ୍ୟାଲୋକରେ ସ୍ଥାପନ କଲେ ନେଗେଟିଭ୍ ମଧ୍ୟଦେଇ କାଗଜର ଶୁଭ୍ର ଅଂଶ ସୂର୍ଯ୍ୟାଲୋକ ସ୍ପର୍ଶରେ କଳା ହୋଇଯିବ; ନେଗେଟିଭର କଳା ଅଂଶଦ୍ୱାରା ଆବୃତ କାଗଜର ଧଳା ଅଂଶ ସୂର୍ଯ୍ୟାଲୋକ ସ୍ପର୍ଶରେ ପକ୍କା କଳା ହୁଏ ନାହିଁ । ଅର୍ଥାତ୍ କାଗଜରେ light and shade ଅଂଶ ଓଲଟା ଯିବା ହେତୁ ଅନୁରୂପ ଛବି ପ୍ରକାଶ ପାଇବ ।

ପ୍ରିଣ୍ଟିଂଫ୍ରେମ୍ ଓ ଏହାର ବ୍ୟବହାର ପ୍ରକରଣ ।

Printing frame ବଜାରରେ ବିକ୍ରୟ ହୁଏ । ଯେଉଁ ସ୍ଥାନରେ ଫଟୋଗ୍ରାଫି ସମ୍ବନ୍ଧୀୟ ମସଲା ବିକ୍ରୟ ହୁଏ ଏହା ମଧ୍ୟ ସେହିଠାରେ ମିଳେ । କଲିକତାରେ Sibcharan Dutt & Co., John Bliss & Co. କିମ୍ବା ବୋମ୍ବାଇରେ Nadkarini & Co. ପ୍ରଭୃତିଙ୍କ ଦୋକାନରେ ଏହା ମିଳେ । ଏହାର ସମ୍ମୁଖରେ ଆବରଣ ନ ଥାଏ, ପଶ୍ଚାଦ୍ଭାଗରେ କବ୍‌ଜାଯୁକ୍ତ ଦୁଇଖଣ୍ଡ ପଟା ସ୍ପ୍ରିଂଦ୍ୱାରା ଆବଦ୍ଧ ହୋଇ ଥାଏ । ଏହି ପଟାକୁ ଖୋଲି ନେଗେଟିଭକୁ ଫ୍ରେମ୍‌ମଧ୍ୟରେ ସ୍ଥାପନ କରିବାକୁ ହୁଏ, ତଦୁପରି ଜେଲେଟିନଯୁକ୍ତ କାଗଜକୁ ସ୍ଥାପନ କରି ବ୍ଲଟିଂ କାଗଜରେ ଦୁଇ ଚାରି ପ୍ରସ୍ଥ ଦେଇ ତଦୁପରି ପଟା ଦେଇ ସ୍ପ୍ରିଂଦ୍ୱାରା ଆବଦ୍ଧ କରିବାକୁ ହୁଏ । ମନେ ରଖିବା ଉଚିତ ଯେ କାଗଜର ଅନୁଭୂତିସାଧକ ଅଂଶଟି ଯେପରି ନେଗେଟିଭ୍ ଦେହରେ ଲାଗି ରହେ, କାଗଜର ଅପର ଅଂଶ ନେଗେଟିଭରେ ଲାଗି ରହିଲେ ମୁଦ୍ରଣ କ୍ରିୟା ଆଦୌ ହେବ ନାହିଁ । ସୂର୍ଯ୍ୟର ପ୍ରଖର କିରଣରେ ପ୍ରିଣ୍ଟିଂଫ୍ରେମ୍ ରଖିବା ଉଚିତ ନୁହେ । ଧୀରେ ଧୀରେ ମୁଦ୍ରଣକ୍ରିୟା ସମ୍ପାଦିତ ହେଲେ ଛବି ଭଲ ହୁଏ । ଯେଉଁ ନେଗେଟିଭ୍ ପତଳା ଥାଏ, ଯହିଁରେ ଛବି ସୁସ୍ପଷ୍ଟ ଦେଖାଯାଉ ନ ଥାଏ, ସେହି ଭଳି ନେଗେଟିଭ୍ ଅତିଶୀଘ୍ର ମୁଦ୍ରିତ ହୁଏ । ଏହି ହେତୁ ପ୍ରିଣ୍ଟିଂଫ୍ରେମ୍‌କୁ କେତେ କ୍ଷଣ ଆଲୋକରେ ରଖିଲେ କାଗଜରେ ଛବି ଉତ୍ତମରୂପେ ମୁଦ୍ରିତ ହୁଏ । ଏଥିର ବିଶେଷ କୌଣସି ନିୟମ ନାହିଁ । କାଗଜର ଅନୁଭୂତିସାଧକତା, ସୂର୍ଯ୍ୟାଲୋକର ପ୍ରଖରତା ଓ ନେଗେଟିଭର ତାରତମ୍ୟ ଉପରେ ଏହା ସମ୍ପୂର୍ଣ୍ଣ ନିର୍ଭର କରେ । ସାଧାରଣତଃ ଉଜ୍ଜ୍ୱଳ ଆଲୋକରେ ଛବି ୧୦ ମିନିଟ ମଧ୍ୟରେ ମୁଦ୍ରିତ ହୋଇପାରେ । ମେଘୁଆ ଦିନରେ ଆଲୋକର ସ୍ୱଳ୍ପତା ହେତୁ ୧୫।୨୦ ମିନିଟ ଲାଗେ, ସମୟ ସମୟରେ ଅର୍ଦ୍ଧଘଣ୍ଟାରୁ ଅଧିକ ସମୟ ମଧ୍ୟ ଲାଗିଥାଏ ।

ପ୍ରିଣ୍ଟିଂଫ୍ରେମ୍‌କୁ ସୂର୍ଯ୍ୟାଲୋକରେ କେତେକ୍ଷଣ ରଖିବା ପରେ ତାହାକୁ ଅନ୍ଧକାର ଗୃହମଧ୍ୟକୁ ଆଣି ଫ୍ରେମର ପୃଷ୍ଠପାର୍ଶ୍ୱସ୍ଥିତ ପଟାର ଏକ ପାର୍ଶ୍ୱ ଖୋଲି ଦେଖିବ, ଛବି ସ୍ପଷ୍ଟ ମୁଦ୍ରିତ ହୋଇ ଯାଇ

Digitized by srujanika@gmail.com

ଥିଲେ ଅଉ ଆଲୋକରେ ରଖିବାକୁ ହେବ ନାହିଁ, କିନ୍ତୁ ଛବିଟି ଅର୍ଦ୍ଧମୁଦ୍ରିତ କିମ୍ବା ଅଳ୍ପମୁଦ୍ରିତ ହୋଇ ଥିଲେ, ପୂର୍ଣ୍ଣମୁଦ୍ରିତ ହେବା ପାଇଁ ଯେତେ ସମୟ ଆଲୋକରେ ରଖିବା ଆବଶ୍ୟକ, ପୁନରାୟ ସେତେକ ସମୟ ଫ୍ରେମ୍‌କୁ ସୂର୍ଯ୍ୟାଲୋକରେ ରଖିବ । ଛବି ମୁଦ୍ରିତ ହୋଇ ଗଲେ ତାହାକୁ ଫ୍ରେମ୍‌ରୁ ଖୋଲି ଗୋଟିଏ କଳା କାଗଜରେ ପ୍ରସ୍ତୁତ ହୋଇ ଥିବା ବହି ମଧ୍ୟରେ ଅତି ସାବଧାନରେ ରଖିବ, ଯେପରି ବାହାରର ଶୁଭ୍ର ଆଲୋକ କୌଣସି ପ୍ରକାରେ ତହିଁରେ ନ ଲାଗେ । ଏହିପରି ଛବି ଗୁଡିଏ ଅବଶ୍ୟ ପ୍ରୟୋଜନାନୁଯାୟୀ ମୁଦ୍ରିତ ହେଲାପରେ ତାହାକୁ ଅନୁରଞ୍ଜନ ଓ ସଂରକ୍ଷଣ ମିଶ୍ରଣଦ୍ୱାରା ଯୌତ କରି କାର୍ଯ୍ୟ ଶେଷ କରିବ । ପର ସଂଖ୍ୟାରେ ଏହି ଦୁଇ ପ୍ରକ୍ରିୟା ବର୍ଣ୍ଣିତ ହେବ ।

କ୍ରମଶଃ ।

ଶ୍ରୀ ଶ୍ୟାମସୁନ୍ଦର ସାଠିଆ ।

ସାମାଜିକ ପ୍ରସଙ୍ଗ ସ୍ତୁତ । (୭)

ସମାଜସଂସ୍କାର ।

ସୁଖର କଥା ଗଞ୍ଜାମ ଜିଲାର ଜଣେ ଶିକ୍ଷିତ ଯୁବକ ସମାଜସଂସ୍କାରପ୍ରୟାସୀ ହୋଇ 'ଯୁବତୀ-ବିବାହ' ଶୀର୍ଷକ ଗୋଟିଏ ସନ୍ଦର୍ଭ ପ୍ରକାଶ କରି ଅଛନ୍ତି । ସେ କତିପୟ ଦିବସ ହେଲା "ଉତ୍କଳ ସାହିତ୍ୟ" ପତ୍ରିକାରେ ଉତ୍କଳୀୟ ନାରୀମାନଙ୍କ ଶୋଚନୀୟ ଅବସ୍ଥା ବିଷୟରେ ମଧ୍ୟ ଗୋଟିଏ ସନ୍ଦର୍ଭ ପ୍ରକାଶ କରିଥିଲେ । କିଛି ଦିନ ପୂର୍ବରେ ସେ ବଙ୍ଗାଳ ଭାରତର ବିଖ୍ୟାତ ସାଙ୍ଗେ ହୁଲ ହୋଇ ବିଧବାଙ୍କ ଦୁଃଖରେ ଦୁଃଖିତ ହୋଇ 'ବାଲବିଧବା ବିବାହ' ସମାଜରେ ପ୍ରଚଳନ କରିବା ବିଷୟରେ ମଧ୍ୟ ପ୍ରସ୍ତାବ କରି ରାଜା ଜମିଦାର ଗଣ୍ୟ ମାନ୍ୟ ବ୍ୟକ୍ତି-ମାନଙ୍କ ଅନୁମୋଦନ ପାଇଁ ପ୍ରାର୍ଥନା କରିଥିଲେ । କିନ୍ତୁ କେହି କିଛି ଉତ୍ତର ନ ଦେବାରୁ ନିରାଶ ହୋଇ ଉକ୍ତ ପ୍ରସ୍ତାବକୁ 'ପରମାର୍ଜିତ' କରି ବ୍ରାହ୍ମଣ ସମାଜରେ 'ଯୁବତୀବିବାହ' ପ୍ରଚଳନର ପ୍ରସ୍ତାବ କରି ସାମାଜିକମାନଙ୍କ ସାହାଯ୍ୟ ପ୍ରାର୍ଥନା କରିଅଛନ୍ତି । ଲେଖକ ମହାଶୟଙ୍କ ଉଦ୍ଦେଶ୍ୟ ମହତ୍ ଏବଂ ସେ ଯେ ଜଣେ ସ୍ୱଦେଶହିତୈଷୀ ଏଥିରେ ସନ୍ଦେହ ନାହିଁ । କାରଣ ଏହି ଉତ୍କଳରେ କେତେ ଶିକ୍ଷିତ ବ୍ୟକ୍ତି ଅଛନ୍ତି, ସେମାନେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ! ସମାଜର ଦୁଃଖ ଦୁର୍ଗତି ଆଡ଼କୁ କାହାରି ଦୃଷ୍ଟି ନାହିଁ ! ସେ କାହିଁକି ପ୍ରସ୍ତାବ ଉପରେ ପ୍ରସ୍ତାବ କରୁଅଛନ୍ତି ? ସେ ଦେବାନୁଗୃହୀତ ବ୍ୟକ୍ତି, ସମାଜର ମଙ୍ଗଳବିଧାନାର୍ଥ ଭଗବାନଙ୍କଦ୍ୱାରା ଆଦୃତ ଏବଂ ଆମ୍ଭମାନଙ୍କର ନମସ୍ୟ । କିନ୍ତୁ ଆମ୍ଭମାନଙ୍କର ମଧ୍ୟ ସମାଜସଂସ୍କାର ବିଷୟରେ କେତେକ ଅଭିମତ ଅଛି । ଉକ୍ତ ପ୍ରବନ୍ଧ ପାଠ କରି ଆମ୍ଭମାନଙ୍କ ମନରେ ନାନା ଚିନ୍ତା ଉଦିତ ହେଲା । ସଂସ୍କାର ବିଷୟରେ ମତ ସମାନ ହେଲେହେଁ ଉପାୟ ବିଷୟରେ ସମାନ ନୁହେ । ସ୍ଥୂଳତଃ ପ୍ରସ୍ତାବକଙ୍କ ଉପାୟ ଅଯଥେଷ୍ଟ ପରି ଜଣାଗଲା । ତାହା ଅପୂର୍ଣ୍ଣ Half measure । ତଦ୍ୱାରା ମହତ୍ କାର୍ଯ୍ୟ ସମାଧିତ ହୋଇ ପାରନ୍ତା ପରି ଜଣାଯାଏ ନାହିଁ । ଏତଦ୍‌ବ୍ୟତୀତ ପ୍ରସ୍ତାବ ଓ ମତ ଯେବେ ବ୍ୟକ୍ତିଗତ ହୋଇ ଥାନ୍ତା ତେବେ ଆମ୍ଭେମାନେ ନୀରବରେ ଅବହେଳା କରନ୍ତୁ । କିନ୍ତୁ ଏ ଦଳଗତ ମତ ଓ ପ୍ରସ୍ତାବ । କେତେଦିନ ପୂର୍ବରେ କତିପୟ ବ୍ରାହ୍ମଣ ପଣ୍ଡିତ ମିଳି ବାଳକା-ମାନଙ୍କର ବିବାହ-ବୟସ ବୃଦ୍ଧି କରାଇବାର ପ୍ରସ୍ତାବ କରିଥିଲେ । ତାହା କଥାରେହିଁ ଶେଷ ହେଲା । ଏହିପରି କଥା ନାନା ସମୟରେ ଶୁଣା ଯାଉ ଥିବାରୁ ବୋଧ ହେଉଅଛି, ସମାଜରେ ସଂସ୍କାରର ଆବଶ୍ୟକତା ଅନୁଭୂତ ହୋଇଅଛି । ଆମ୍ଭେମାନେ ନିଜ ମତ ନମ୍ରରେ ବିବୃତ କରୁ । ଯେବେ ସଂସ୍କାରକ ଭାଇମାନଙ୍କର କିଛି ଉପକାର ହୋଇ ପାରେ ତାହା ସେମାନେ ଧୀର ଭାବରେ

Digitized by srujanika@gmail.com

ଅନୁଧ୍ୟାବନ କରିବେ । ମତ ଭିନ୍ନ ହୋଇପାରେ । "ଭିନ୍ନରୁଚିର୍ହି ଲୋକଃ ।"

ସଂସ୍କାରକଙ୍କ ପ୍ରଥମ କର୍ତ୍ତବ୍ୟ ଦେଶ କାଳ ପାତ୍ର ବିଚାର କରିବା । ଅଧୁନା ଏ ଦେଶରେ ସଙ୍କଟ କାଳ ଉପସ୍ଥିତ । ଭାରତରେ ପାଶ୍ଚାତ୍ୟ ପରି ଜନସାଧାରଣଙ୍କର ଅପ୍ରତିହତ ଶକ୍ତି ନ ଥିଲା ବା ନାହିଁ । ଏଠାରେ "ମାରେ ସିପାହୀ ନାମ୍ ସର୍ଦ୍ଦାରକା" ବିଶେଷ ହିପ୍ରଥା । ଜୀବନରେ ହେଉ, କାବ୍ୟରେ ହେଉ, ରାଜା ଓ ବିଶିଷ୍ଟ ବ୍ୟକ୍ତିହିଁ ସବୁ । ଜନସାଧାରଣ ନ ଥିଲା ଭଳି । ଅଧୁନା ଆଦର୍ଶ ସମ୍ପୂର୍ଣ୍ଣ ବିପରୀତ । କିନ୍ତୁ କାର୍ଯ୍ୟ ପୂର୍ବପରି ନୁହେ ବା ଅଧୁନାର ଆଦର୍ଶାନୁଯାୟୀ ନୁହେ । ସମାଜ ଦିଶଙ୍କ ପରି ମଧ୍ୟ ସ୍ଥଳରେ ଅବସ୍ଥିତ । ଏ ବିଷୟରେ ଭାରତର ଜଣେ କୃତୀ ପୁରୁଷ କହିଅଛନ୍ତି:— "ଆମ୍ଭେମାନେ ଚିରକାଳ ପରାଧୀନ, ଅର୍ଥାତ୍ ଏ ଭାରତରେ ମାନବର ଆତ୍ମସତ୍ତ୍ୱ ବୁଦ୍ଧି କେବେହେଁ ଉଦ୍ଦୀପିତ ହେବାର ଶକ୍ତି ଭାଲୁ ପ୍ରଦତ୍ତ ହୋଇ ନାହିଁ । ଏହି ଭାରତରେ କୌଣସି ପ୍ରଥାରୁ ଆରମ୍ଭ କରି ଭୋଜ୍ୟାଭୋଜ୍ୟ ପର୍ଯ୍ୟନ୍ତ ସମସ୍ତ ବିଷୟ ରାଜାହିଁ ନିର୍ଦ୍ଧାରଣ କରୁଥିଲେ । ପାଶ୍ଚାତ୍ୟ ଦେଶରେ ପ୍ରଜାମାନେ ନିଜେ ସବୁ କରନ୍ତି । ଅଧୁନା ଏ ଦେଶରେ ରାଜା ସାମାଜିକ କୌଣସି କାର୍ଯ୍ୟରେ ହାତ ଦେଉନ୍ତି ନାହିଁ । ଅଥଚ ଭାରତୀୟ ଜନମନଙ୍କ ଅତ୍ମନିର୍ଭର ନେତା ଥାଉ, ଆତ୍ମପ୍ରତ୍ୟୟ ପର୍ଯ୍ୟନ୍ତ ବର୍ତ୍ତମାନ ସୁଦ୍ଧା ଅଣୁମାତ୍ରରେ ହେଇ ନାହିଁ । ଏହି ହେତୁରୁ ପାଶ୍ଚାତ୍ୟ ପ୍ରଣାଳୀ ଅର୍ଥାତ୍ ପ୍ରଥମତଃ ଉକ୍ତ ବିଷୟର ଆନ୍ଦୋଳନ, ତହିଁ ଉତ୍ତାରୁ ସମସ୍ତେ ମେଳ କର୍ତ୍ତବ୍ୟ ସାଧନ, ଏ ଦେଶରେ ଫଳଦାୟକ ହେଉ ନାହିଁ । ତେଣୁ ଆମ୍ଭେମାନେ ବିଜାତୀୟ ରାଜା-ଅଧୀନରେ ଏତେ ସ୍ଥିତିଶୀଳ ବୋଲି ପ୍ରତୀତ ହେଉଁ । ଅତଏବ ସାଧାରଣ ଆନ୍ଦୋଳନଦ୍ୱାରା କୌଣସି ମହତ କାର୍ଯ୍ୟ ସାଧନ କରିବା ଚେଷ୍ଟା ବୃଥା । 'ଶିରେ-ନାସ୍ତି ଶିରୋବ୍ୟଥା ।' ସାଧାରଣ ନାହିଁ ? ତହିଁ ଉପରେ ପୁଣି ଆମ୍ଭେମାନେ ଏତେ ବୀର୍ଯ୍ୟହୀନ ଯେ କୌଣସି ବିଷୟରେ ଆନ୍ଦୋଳନ କରିବାକୁ ଗଲେ ସେହିଥିରେ ଆମ୍ଭମାନଙ୍କ ବଳ ନିଃଶେଷ ହୋଇଯାଏ, କାର୍ଯ୍ୟପାଇଁ କିଛି ମାତ୍ର ବାକି ନ ଥାଏ । ଏଣୁ ଆମ୍ଭେମାନେ ଏଦେଶରେ ସତତ 'ବହ୍ୱାରମ୍ଭେ ଲଘୁକ୍ରିୟା' ପ୍ରତ୍ୟକ୍ଷ କରୁଁ । ଭାରତୀୟ ଧନୀ ଲୋକଙ୍କଠାରୁ ମୋର ଆଦୌ ଆଶା ନାହିଁ । ଏକମାତ୍ର ଆଶା ଯୁବକ ସମ୍ପ୍ରଦାୟଙ୍କ ମଧ୍ୟରେ କାର୍ଯ୍ୟ କରିବାହିଁ ଉଚିତ ।" (ବିବେକାନନ୍ଦ ସ୍ୱାମୀ)

ପ୍ରାଚୀନ ଭାରତରେ ସମାଜପୃଷ୍ଠରେ ଯୋଡ଼ଏ ଶକ୍ତି ବିଦ୍ୟମାନ ଥିଲା । ପୌରୋହିତ୍ୟ ଓ ରାଜଶକ୍ତି ହିଁ ସମାଜକୁ ନିୟନ୍ତ୍ରିତ କରୁଥିଲା । ବର୍ତ୍ତମାନ ଯୋଡ଼ିଏ ଯାକ ଶକ୍ତି ସମାଜପୃଷ୍ଠରୁ ଅନ୍ତର୍ହିତ ହୋଇ ଅଛି । ବୈଦେଶିକ ସୁସଭ୍ୟ ରାଜା ନ୍ୟାୟତଃ ସାମାଜିକ ବିଷୟରେ ହସ୍ତକ୍ଷେପ କରୁ ନାହାନ୍ତି । ପ୍ରାଚୀନ ଶ୍ରେଣୀସ୍ଥ ବ୍ରାହ୍ମଣ ପ୍ରତି ନବଭାରତ ଭ୍ରୂକ୍ଷେପ କରୁ ନାହିଁ । କେବଳ ପିଣ୍ଡଶ୍ରାଦ୍ଧ ବିବାହ ବ୍ରତରେ ବ୍ରାହ୍ମଣକୁ ନ ଡାକିଲେ ନ ଚଳେ । ତେଣୁ ସେମାନେ କିଛି ରୋଜଗାର କରିଲେ ପାରନ୍ତି । ଏହା ଉତ୍ତାରୁ "ମଦଦଶା, ନାମ ଧରିଲେ ଦେବ ଗତି ।" ଏହାଛଡ଼ା ବ୍ରାହ୍ମଣର ବ୍ରାହ୍ମଣରୂପରେ ସମାଜ ଉପରେ କିଛି ଶକ୍ତି ନାହିଁ । ବ୍ରାହ୍ମଣର ଏହି ପ୍ରଭାବ ପୁଣି କେବଳ ନାମମାତ୍ରରେ ବିଦ୍ୟମାନ । ତାହା ପୁଣି ଦିନକୁ ଦିନ ଅନ୍ତର୍ହିତ ହେଉଅଛି । ଭାରତରେ ଯେପରି ପୁରୋହିତ ଓ ରାଜଶକ୍ତି କାର୍ଯ୍ୟକାରୀ ଥିଲା, ପାଶ୍ଚାତ୍ୟ ଦେଶରେ ସେହିପରି ସାଧାରଣୀ ଶକ୍ତି ବଳବତ୍ତର ଅଟେ । ଭାରତରେ ଏହି ସାଧାରଣୀ ଶକ୍ତିର ଅଭାବ କଥା ପୂର୍ବେ ଉକ୍ତ ହୋଇଅଛି । ଜନସାଧାରଣର ଶକ୍ତି ନାହିଁ, ଯେଉଁମାନେ ଜନସାଧାରଣ ବୋଲି କଥିତ ହୁଅନ୍ତି ସେମାନେ ଅଧିକାଂଶ ସଂସ୍କାର-ପ୍ରୟାସୀ ନୁହନ୍ତି,' ହେବା ଅସମ୍ଭବ । ଯେଉଁମାନେ ସଂସ୍କାରର ଆବଶ୍ୟକତା ବୁଝିଅଛନ୍ତି ସେମାନେ ଅକର୍ମଶୀଳ, ଉଦାସୀନ, ସଙ୍କୁଚିତ !

Digitized by srujanika@gmail.com

କାରଣ ଅନଭ୍ୟାସ । "ମାଗି ଖାଇବ ଯେ, ମାଗି ନ ଖାଇବ ସେ ।" ଅବହମାନ କାଳରୁ ପ୍ରୋକ୍ତ ଜନଶ୍ରୁତି ତାହାପାଇଁ ଅନ୍ୟଦ୍ୱାରା ପ୍ରସ୍ତୁତ ହୋଇ ଥିଲା । ସେ ନିଶ୍ଚିନ୍ତ ମନରେ ବେଶ ମାଲ ପାଉ ଥିଲା । ସେ କିପରି ଅନିଶ୍ଚିତ କଥାରେ ଈଶ୍ୱରର ଶୋଣିତପାତ କରି ଅନ୍ୟ ଭ୍ରାତାମାନଙ୍କଦ୍ୱାରା ଘୃଣିତ, ଅପଦସ୍ତ ହେବ ? ଏହା ପରେ ଭୂମିର ସମାଜର ଧନୀମାନେ । ଯାହା ସାଧାରଣ ବ୍ୟକ୍ତି ପକ୍ଷରେ ଅସମ୍ଭବ, ତାହା କି ଧନୀ ଲୋକଦ୍ୱାରା ସମ୍ଭବ ? ମହର୍ଷି ଯୀଶୁ କହିଅଛନ୍ତି 'ସୂଚୀ ଛିଦ୍ର ମଧ୍ୟରେ ଉଷ୍ଟ୍ରର ଗମନ ବରଂ ସମ୍ଭବ, ଧନୀ ପକ୍ଷରେ ଧର୍ମସାଧନ ସହଜ ନୁହେ ।' ସମାଜସଂସ୍କାର ବିଷୟରେ ମଧ୍ୟ ଏହା ସତ୍ୟ । ସାଧାରଣ ଜଣେ ଲୋକ ଘୃଣା ଓ ଅପମାନ ଭୟରେ ଯାହା ନ କରି ଦଶ ଜଣ ସଙ୍ଗରେ ଜଣେ ହେବାକୁ ବ୍ୟଗ୍ର ହୋଇ ଥାଏ :—

ଯଦ୍ୟପି ଶୁଦ୍ଧଂ, ଲୋକବିରୁଦ୍ଧଂ
ନାଚରଣୀୟଂ ନାଚରଣୀୟଂ—

ଯଶୋଲିପ୍ସୁ ଧନୀଠାରୁ ତାହା ପ୍ରତ୍ୟାଶା କରିବା ନିର୍ବୋଧତା । ଏଥିଯୋଗୁଁ ଏହି ଭାରତବର୍ଷରେ ଯେବେ ସମାଜର ବୈଷମ୍ୟ ଓ କୁସଂସ୍କାରରେ ତାହାର ଆତ୍ମା ବିକଳ ହୁଏ ତେବେ ସେ ସମାଜ ପରିତ୍ୟାଗ କରି ସନ୍ନ୍ୟାସାଶ୍ରମ ଅବଲମ୍ବନ କରେ ଓ ନିଶ୍ଚିନ୍ତ ମନରେ ସ୍ୱାଧୀନ ଜୀବନଯାତ୍ରା ନିର୍ବାହ କରେ । ସମାଜରେ ରହି ସ୍ୱୀୟ ଆଦର୍ଶାନୁଯାୟୀ ସମାଜକୁ ଗଢ଼ିବାକୁ ଚେଷ୍ଟା ହେବା ଓ ତନ୍ନିମିତ୍ତ ଜୀବନ ବିସର୍ଜନ କରିବା ପ୍ରଧାନତଃ ପାଶ୍ଚାତ୍ୟ ଆଦର୍ଶ, କିନ୍ତୁ ସେ ଆଦର୍ଶରେ କାର୍ଯ୍ୟ କରିବାର ଶକ୍ତି କାହିଁ ? ଅତଏବ ଦେଖାଗଲା ଯେ ଆଧୁନିକ କାଳରେ ସମାଜସଂସ୍କାର ବ୍ରାହ୍ମଣ, ରାଜା, ଜନସାଧାରଣ ବା ଧନୀମାନଙ୍କଦ୍ୱାରା ସମ୍ଭାବିତ ହେବ ନାହିଁ । ବାକି ରହିଲେ ପାଶ୍ଚାତ୍ୟଶିକ୍ଷାପ୍ରାପ୍ତ ଯୁବକବୃନ୍ଦ । କିନ୍ତୁ ଏମାନେ କି ସମସ୍ତେ ସଂସ୍କାରପ୍ରୟାସୀ ? ଏମାନଙ୍କ ମଧ୍ୟରୁ କେହି ନ ବୁଝି, କେହି ବୁଝି ସୁଦ୍ଧା ସ୍ୱାର୍ଥବଶରେ ବା ଔଦାସୀନ୍ୟରେ ସଂସ୍କାରର ଘୋର ବିଦ୍ୱେଷୀ । ଅବଶିଷ୍ଟ ରହିଲେ ଯେଉଁ କତିପୟ ଶିକ୍ଷିତ ଯୁବକ, ସେମାନଙ୍କ ସଂଖ୍ୟା କେତେ ? ତେବେ କି ଭାରତରେ ସଂସ୍କାରର ଆଶା ଆଦୌ ନାହିଁ ? ଅଛି । ତାହା ଏପରି ନୁହେ ଯେ ସଂସ୍କାରପ୍ରୟାସୀ ଉଚ୍ଚସ୍ୱରରେ ହୁଙ୍କାର କରିବେ, 'ଅୟ ହେ ରାଜା, ଜମିଦାର, ବ୍ରାହ୍ମଣପଣ୍ଡିତଗଣ ! ଆମ୍ଭେମାନେ ବିଧବାବିବାହ, ଯୁବତୀବିବାହ ପ୍ରଚଳନ ନିମନ୍ତେ ସଭା କରିବା ଏବଂ ଯେଉଁ ଲୋକ ବିଧବାବିବାହ ନ କରିବ ବା ବାଲ୍ୟବିବାହ କରିବ, ତାକୁ ଏକଘରିଆ କରିବା ।' ଆଉ ରାଜା ଜମିଦାର ବ୍ରାହ୍ମଣମାନେ ଦଳକୁ ଦଳ ସମ୍ମାନ, ପ୍ରତିପତ୍ତି, ପୁରାତନ ସଂସ୍କାର ପରିତ୍ୟାଗ କରି ଦଳବଳରେ ସଂସ୍କାରକ ହୋଇ ବସିବେ । ଜଗତର ଇତିହାସରେ କି ଏମନ୍ତ ଦୃଷ୍ଟାନ୍ତ ମିଳେ ? ନା । ହେ ସଂସ୍କାରକ ! ମହାଜନାଚରିତ ସେହି କଠିନ ପନ୍ଥା ଅବଲମ୍ବନ କରିବାକୁ ହେବ । ହୃଦୟର ଶୋଣିତ ବିନ୍ଦୁ ବିନ୍ଦୁ ଅର୍ପଣ କରିବାକୁ ହେବ । ନିନ୍ଦା, ନିର୍ଯାତନ, ଉପହାସ, ବିଦ୍ରୂପ, ସାଧାରଣଙ୍କ ଛଢ ଛଢ ପଡେଇ ସହିବାକୁ ହେବ । ଲୋକଭୟ, ରାଜଭ୍ରୂକୁଟି, କୁସଂସ୍କାରପନ୍ନ ପ୍ରାଚୀନ ସମାଜର ତିରସ୍କାରରେ ପଦାଘାତ କରିବାକୁ ହେବ । ତେବେ ସମାଜର କିଛି ଉପକାର ହେବ—କୋଟି କୋଟି ନର ନାରୀଙ୍କ ଦୁଃଖ ଦୁର୍ଦ୍ଦିନର ଅବସାନ ହେବ । ଏ ସଂସାର ବଡ଼ କଠିନ ସ୍ଥାନ । ଏହି ଯେ "ବିଧବାବିବାହ" "ଯୁବତୀବିବାହ" "ଜାତିଭେଦପ୍ରଥାନାଶ" ପ୍ରସ୍ତାବ ଆମ୍ଭେମାନେ କରୁଥାଉଁ, ଏହା କେତେ ସଂସ୍କାରକଙ୍କ ଆତ୍ମୋତ୍ସର୍ଗର ଫଳ । କେତେକ ବର୍ଷ ପୂର୍ବରେ ଏହି କଥା କହିଲେ ଲୋକ ନିର୍ଯାତନା ଭୋଗ କରୁଥିଲା । ସମୟ ଥିଲା, ଯେତେବେଳେ କେଶବଚନ୍ଦ୍ର, ଡାକ୍ତର ମୂଳରେ ପଠନ ପ୍ରଭୃତି ପାଇଁ ଲୋକ ଜାତିଚ୍ୟୁତ ହେଉ ଥିଲା । କିନ୍ତୁ ତାହା ଏବେ ଦେଶରେ ନୁହେ, ବର୍ଷ

Digitized by srujanika@gmail.com

ସ୍ୱାଧୀନ ଦେଶର ପୂର୍ବପୁରୁଷମାନେ ଯନ୍ତ୍ରଣା ସହି ଆମ୍ଭମାନଙ୍କୁ ଏ ଅଧିକାର ଦେଇ ଯାଇଅଛନ୍ତି । ଆମ୍ଭେମାନେ ସେମାନଙ୍କ ପରିଶ୍ରମଫଳ ଭୋଗ କରୁଅଛୁଁ । କିନ୍ତୁ ପର ପରିଶ୍ରମରେ କେହି ମହତ୍ ହୁଏ ନାହିଁ, ପରଦେଶର ଅନୁକରଣରେ ସ୍ୱଦେଶ ଉନ୍ନତ ହୁଏ ନାହିଁ । ସ୍ୱସମାଜକୁ ଉନ୍ନତ କରିବାକୁ ଇଚ୍ଛା ଥିଲେ ନିଜେ ପରିଶ୍ରମ କରିବାକୁ ହେବ । ପୂର୍ବବର୍ତ୍ତୀ ସଂସ୍କାରକମାନଙ୍କ ପ୍ରସ୍ତାବିତ ମଧ୍ୟର ପୁନରାବୃତ୍ତି ଓ ଚର୍ବିତଚର୍ବଣ । ଉତ୍କଳର ଅବସ୍ଥା, ଜନବିଶ୍ୱାସ, ସାମାଜିକ ରୀତି ନୀତି ବଙ୍ଗଦେଶଠାରୁ କିଛି ଭିନ୍ନ । ଯେ ଦେଶରେ ଯେପରି ସମାଜସଂସ୍କାରକ ଦଳ ଉତ୍ପନ୍ନ ହୋଇଥିଲେ ଏ ଦେଶରେ ପୁଣି ସେ ଅଭିନୟ ହେବା ବାଞ୍ଛନୀୟ । କାରଣ ସମାଜର ସ୍ଥିତିଶୀଳତା ପ୍ରକୃତ ନାହିଁ । "ବରଂ ଉଚ୍ଛୃଙ୍ଖଳତା ଭଲ ତଥାପି ସ୍ଥିରତା ଭଲ ନୁହେ ।" ସମାଜର ନିୟମ ଏହି ଯେ ପ୍ରତି ଦେଶରେ ପ୍ରଥମେ କୁସଂସ୍କାର, ଦୁର୍ନୀତିର ଘୋର ବିରୋଧୀ ସମ୍ପୂର୍ଣ୍ଣ ସଂସ୍କାରକ (Radical Reformer) ଦଳ ଉତ୍ଥିତ ହୁଅନ୍ତି । ସାଧାରଣତଃ ଦେଖାଯାଏ ଯେ ଏମାନେ ଉଦ୍ଦାମ ଉତ୍ସାହରେ ଉଚ୍ଛୃଙ୍ଖଳ ହୋଇ ଉଠନ୍ତି । ସେଥି ଯୋଗୁଁ ଏମାନଙ୍କ ହସ୍ତରୁ ରକ୍ଷିବାକୁ ଘୋର ରକ୍ଷଣଶୀଳ ଦଳ (Conservative) ମହାକୋଳାହଳ ଉତ୍ଥାପନ କରନ୍ତି । ସମାଜ ରକ୍ଷାରେ ଘୋର ସ୍ଥିତିଶୀଳ ଦଳର ମଧ୍ୟ ଆବଶ୍ୟକତା ଅଛି । ସେମାନେ ନ ଥିଲେ ସମାଜ ବିପର୍ଯ୍ୟସ୍ତ ହୋଇ ଯାନ୍ତା । ବିପ୍ଳବ (Revolution) ଦ୍ୱାରା ପ୍ରକୃତ ଉନ୍ନତି ହୁଏ ନାହିଁ—ତାହା ଉନ୍ନତିର ଗତି ଓ ବେଗକୁ ବ୍ୟସ୍ତତର କରିଦିଏ ମାତ୍ର । ଘୋର ଉଚ୍ଛୃଙ୍ଖଳ କର୍ମଶୀଳତା ଉତ୍ତାରୁ ପ୍ରତିକ୍ରିୟା (Reaction) ଆରମ୍ଭ ହୁଏ । ସମାଜ ପୁଣି ପୂର୍ବ ସ୍ଥାନକୁ ଲେଉଟି ଗଲା ପ୍ରାୟ ଲାଗେ । କିନ୍ତୁ ବିଧାତାଙ୍କ ମଙ୍ଗଳକାର୍ଯ୍ୟ ଅସମାପ୍ତ ରହେ ନାହିଁ । ଧୀର ଗତିରେ କ୍ରମୋନ୍ନତି (Evolution) ଆରମ୍ଭ ହୁଏ । ଏହାହିଁ ଉନ୍ନତିର ନିୟମ । ନ ରାଜନୈତିକ, ନ ଧର୍ମନୈତିକ, ନ ସମାଜନୈତିକ ସବୁ ବିଷୟରେ Thesis, Antithesis ଏବଂ ପରିଶେଷରେ Synthesis ଅଛେ । ତାହା ନ କରି ଯେଉଁମାନେ ଏକ ବା ଦୁଇ ସୋପାନ ଅତିକ୍ରମ କରି ଅନ୍ୟ ଦେଶର ଇତିହାସ ପଢି ସ୍ୱଦେଶରେ ସେହି ଦେଶର ଉପଯୁକ୍ତ ବିଧି ଖଟାନ୍ତି ସେମାନଙ୍କ ବଳାତହିଁ ସାର ହେବ । ଇତିହାସ ପାଠ କଲେ ଉନ୍ନତିର ଉକ୍ତ ସୋପାନକ୍ରମ ସ୍ୱୀକୃତ ହେବ । ଇଂଲଣ୍ଡର ନୃପତିମାନେ ସ୍ୱେଚ୍ଛାଚାରୀ ହେବାରୁ ରାଜନୈତିକ ସଂସ୍କାର ଆବଶ୍ୟକ ହେଲା । ପ୍ରଜାମାନେ ସଂସ୍କାରପ୍ରୟାସୀ ହୋଇ ରାଜଶକ୍ତିଦ୍ୱାରା ପ୍ରପୀଡିତ ହେଲେ । ତେବେ ପିମ୍, ହାମ୍ପଡେନ୍, ଇଲିଅଟ୍ କେତେ ଯନ୍ତ୍ରଣା ସହିଲେ । କିନ୍ତୁ ଜନଶକ୍ତି ଅପ୍ରତିହତ ବେଗରେ ଉଚ୍ଛୃଙ୍ଖଳତା ଅଭିମୁଖରେ ଅଗ୍ରସର ହେଲା । ଶେଷକୁ ପ୍ରଜାଶକ୍ତି ହସ୍ତରେ ରାଜମସ୍ତକ କର୍ତ୍ତିତ ହୋଇ ଭୂଲୁଣ୍ଠିତ ହେଲା । ପ୍ରାୟ ଦଶ ବର୍ଷ ପର୍ଯ୍ୟନ୍ତ ରାଜା ବ୍ୟତିରେକେ ଇଂଲଣ୍ଡରେ କମନ୍‌ୱେଲଥ୍ ନେତୃତ୍ୱରେ (Common wealth) ସଂସ୍ଥାପିତ ହେଲା । କିନ୍ତୁ Puritan ସମ୍ପ୍ରଦାୟର ଅସ୍ୱାଭାବିକ ଆତିଶଯ୍ୟ ଚିରକାଳ ରହିବା ବିଧାତାଙ୍କ ଇଚ୍ଛା ନୁହେ । ନିହତ ରାଜା ପ୍ରଥମ ଚାର୍ଲସଙ୍କ ପୁତ୍ର ଦ୍ୱିତୀୟ ଚାର୍ଲସଙ୍କ ପୁନରାଗମନ (Restoration) ରେ ପ୍ରତିକ୍ରିୟା ଆରମ୍ଭ ହେଲା । ଘୋର ଅମିତାଚାର, ଉଚ୍ଛୃଙ୍ଖଳାଚାର, ଦ୍ୱିଗୁଣ ସ୍ଥିତିଶୀଳତା ରାଜପଣ କଲା । କିନ୍ତୁ ଅସତ୍ୟ, ଅନ୍ୟାୟ, ବ୍ୟଭିଚାର, ଅପଚୟ, କୌଣସି ସମାଜରେ ଚିରଦିନ ରହି ନ ପାରେ । ହୁଏ ସମାଜ ଉଚ୍ଛନ୍ନ, କିମ୍ବା ଉକ୍ତ ଦୋଷ ସଂଶୋଧିତ ହୁଏ । ଇଂଲଣ୍ଡ କ୍ରମରେ ସକଳ ବିଭାଗରେ ଉନ୍ନତି ଲାଭ କଲା । ଏ ଦେଶରେ ମଧ୍ୟ ଉଦାହରଣର ଅପ୍ରତୁଳତା ନାହିଁ । ଏହି ଭାରତବର୍ଷରେ ଯେତେବେଳେ ମହାପ୍ରଭୁଙ୍କର କ୍ରିୟାକାଣ୍ଡ, ଯାଗ ଯଜ୍ଞରେ ପ୍ରକୃତ ଧର୍ମବହ୍ନି କେବଳ ଧୂମରାଶି-

Digitized by srujanika@gmail.com

ଦ୍ୱାରା ଅଧିକ ହୋଇ ଲୋକଚକ୍ଷୁର ଅନ୍ତରାଳରେ ରହିଲା, ଭାରତବାସୀ କେବଳ ବାହ୍ୟ ଅନୁଷ୍ଠାନରେ ତୃପ୍ତ ହୋଇ ତନ୍ତ୍ରର ପରବର୍ତ୍ତୀରେ ଚକ୍ଷୁରେ ଭିନ୍ନ ରହିଲେ, ଶଙ୍କରାଚାର୍ଯ୍ୟଙ୍କର ନେତୃତ୍ୱ ପ୍ଲାବିତ ହେଲା, ଧର୍ମ ନାମରେ ନେତି ଲୁପ୍ତିତ କାଣ୍ଡ ଅଭିନୀତ ହେଲା, ସେତେବେଳେ ଗୌତମ ବୁଦ୍ଧଙ୍କ କଠୋର ସଂଯମ ଭାରତ ବ୍ୟାପି ଗଲା । କିନ୍ତୁ କଣ୍ଟକିତଭେକ୍ଷଣଠାରୁ ନିର୍ବାଣଲାଭ ପର୍ଯ୍ୟନ୍ତ ସମସ୍ତ ବୌଦ୍ଧଧର୍ମ puritanism ଅପେକ୍ଷା ବହୁଗୁଣ କଠିନତର । ଏହାର ପ୍ରତିକ୍ରିୟାସ୍ୱରୂପ ଘୋର ତାନ୍ତ୍ରିକ ଅନାଚାର, ସାମାଜିକ ସ୍ୱେଚ୍ଛାଚାର, ବୈଦିକ ଧର୍ମର ପରକାଷ୍ଠା ପ୍ରୀତି, ପୌରାଣିକ ଭାରତ ସମାଜକୁ ପଙ୍କିଳ କଲା । ଏହିପରି ଶତ ଶତ ଉଦାହରଣ ଦିଆଯାଇ ପାରେ ।

କିନ୍ତୁ ଏହି Synthesis ମୂଳରୁ ଆରମ୍ଭ କଲେ ହେବ ନାହିଁ । ଏଥର ମହୌଷଧ ବଳ । ଘୋର ଦୁର୍ଦ୍ଦୀନ୍ତରର ପ୍ରତୀକାର ଉଦ୍ଦାମ ସଂସ୍କାର-ବାଞ୍ଛା । ତାହା ଅଭ୍ୟୁତ୍ଥାନ, ଦଣ୍ଡଗ୍ରହଣସ୍ପୃହା ବୀରର କାର୍ଯ୍ୟ, କୃପାଶ୍ମନୀର କାର୍ଯ୍ୟ ନୁହେଁ ।

ଆମ୍ଭେମାନେ ଏ ବିଷୟରେ ଏତେ ବାହୁଲ୍ୟ କରନ୍ତି ନାହିଁ । କିନ୍ତୁ ଆମ୍ଭେମାନେ ଅଧିକାଂଶ Prudence ଦ୍ୱାରା ଶାସିତ ହୋଇ, 'ପୁଅ ମୁଣ୍ଡରେ ହାତ ବୋଲାଇବାରେ ହାତ" ବିଧିରେ ସମାଜସଂସ୍କାର କରିବାକୁ ପ୍ରୟାସୀ । କିନ୍ତୁ ଏହା ପ୍ରକୃଷ୍ଟ ପ୍ରଣାଳୀ ନୁହେ । କହିଲେ କିଛି ହେବ ନାହିଁ । କାର୍ଯ୍ୟ କର, ଦେଖାଅ ଯେ ଏପରି କର ମଧ୍ୟ ସମାଜ ରହି ପାରେ । କମ୍ରେ ସନ୍ତରଣ କରି ଶିଖିଯାଅ, ଅନ୍ୟଲୋକେ ଦେଖି ସନ୍ତରଣ କରିବେ । ତାହା ନ କରି 'ଆସ ହେ ଗଣ୍ୟ ମାନ୍ୟ ଲୋକମାନେ ପହଁରିବା' ବୋଲି ଡାକିଲେ କେହି ଆସିବେ ନାହିଁ ।

"From calmness to calmness there is no motion" ଅତଏବ ହେ ସଂସ୍କାରକ ଭ୍ରାତଃ ! ବସ୍ତୁତଃ ଯେବେ ପ୍ରାଣରେ ନିଜର ସତ୍ୟ ପାଇ ଥାଅ, ବିଷାଦମୟ ଘନ ମୋହାନ୍ଧକାର ମଧ୍ୟରେ ପ୍ରକୃତିର ଯେବେ ଉଜ୍ଜ୍ୱଳତର ଆଲୋକ ତୁମ୍ଭ ନେତ୍ରପଥରେ ପଡ଼ିଥାଏ, ସତ୍ୟ ସତ୍ୟ ଯେବେ ହାହାକାରପୂର୍ଣ୍ଣ, କୋଟି-ଅତ୍ୟାଚାର-ପ୍ରପୀଡ଼ିତ ମର୍ମାହତ ନରନାରୀମାନଙ୍କ ଦୁଃଖ-ଅବସାଦପୂର୍ଣ୍ଣ ଜୀବନ ଦେଖି ହୃଦୟରେ ଲୋହିତପାତ କରୁଥାଅ ଏବଂ ପ୍ରାଣମଧ୍ୟରେ ବ୍ୟଥିତ ହୋଇଥାଅ, ତେବେ ପ୍ରକୃତ କର୍ମକ୍ଷେତ୍ରରେ ଅବତୀର୍ଣ୍ଣ ହୁଅ, ତାହାର ଦୁଃଖ ଦୂର ହେବ, ନିଜ ଜୀବନ ଧନ୍ୟ ହେବ । ନୋହିଲେ ତୁମ୍ଭ ପରି ମୁଁ ମଧ୍ୟ ଅନେକ କଥା କହୁ ଅଛି; କାହିଁ କିଛି ତ ହେଲା ନାହିଁ । କାହିଁକି ବା ହେବ ? ଆନ୍ତରିକତା ନାହିଁ, ସ୍ୱାର୍ଥତ୍ୟାଗ ନାହିଁ, ସତ୍ୟର ଜୟରେ ଦୃଢ଼ ବିଶ୍ୱାସ ନାହିଁ, ଧର୍ମ-ପ୍ରାଣତା ନାହିଁ । ଭୁଅଁଭୁ ମୋ ଦ୍ୱାରା ବିଧାତାଙ୍କର ଏପରି ପବିତ୍ର କାର୍ଯ୍ୟ ସମ୍ପାଦିତ ହୋଇ ପାରିବ ? ମହାପୁରୁଷ ଯୀଶୁ କହିଅଛନ୍ତି "ସର୍ଷପ ଦାଣା ପରି ବିଶ୍ୱାସ ଯେବେ ହୃଦୟରେ ଥାଏ, ତେବେ ବିଶ୍ୱାସୀ ପର୍ବତକୁ କହିବ, ପର୍ବତ ! ସ୍ଥାନାନ୍ତରିତ ହୋ, ପର୍ବତ ସ୍ଥାନାନ୍ତରିତ ହେବ ।" ବିଶ୍ୱାସୀ ଭକ୍ତ-ହୃଦୟଙ୍କ ବଳରେ ବଳୀୟାନ୍ ହେଲେ ଅସମ୍ଭବ ସମ୍ଭବ ହୁଏ । ମାନବ ଅଳ୍ପଶକ୍ତି ସତ୍ୟ, କିନ୍ତୁ ମାନବମଧ୍ୟସ୍ଥ ବ୍ରହ୍ମଶକ୍ତି ଅନନ୍ତ । ଭକ୍ତ କହିଅଛନ୍ତି:—

"ଭୋଜର ଆଜ୍ଞାରେ ପର୍ବତ
ଜଳେ ଭାସଇ ଯେସନ ମତ ।"
"ତୁ କୃପା କଲେ ହେବ ହର
ପଙ୍ଗୁହିଁ ଲଂଘିପାରେ ଗିରି ।"

ବାସ୍ତବ ପଙ୍ଗୁ କ ଗିରି ଲଂଘେ ନାହିଁ ? କେତେ କ୍ଷୁଦ୍ର ବ୍ୟକ୍ତିଙ୍କଦ୍ୱାରା କେତେ କେତେ ମହତ୍ ବ୍ୟାପାରମାନ ସମ୍ପାଦିତ ହୋଇଅଛି, ଦରିଦ୍ର ନାଜରେଥର ସୂତ୍ରଧରର ଉଦ୍ଭାବିତ, ଦଶ ବାର ଜଣ ଧୀବରଙ୍କ ପ୍ରଚାରିତ ଧର୍ମ ଅଦ୍ୟ ପୃଥିବୀବ୍ୟାପୀ । ଦୋର୍ଦ୍ଦଣ୍ଡପ୍ରତାପ, ମହାମହିମାନ୍ୱିତ ରୋମର ପୋପ, ଯାହାଙ୍କ ଅଙ୍ଗୁଳି ଅଗ୍ରର

Digitized by srujanika@gmail.com

ଘର୍ଷିତ ମାତ୍ରକେ ନେପୁଲିୟନର ପ୍ରବଳପ୍ରତାପ ସମ୍ରାଟର ସମ୍ରାଜ ମୁକୁଟମ୍ଳାନ ଏବଂ ଶତ ଶତ ହୀରକଖଚିତ ମୁକୁଟମଣ୍ଡିତ ମସ୍ତକ ଯାହାଙ୍କ ପଦପ୍ରାନ୍ତରେ ଅବଲୁଣ୍ଠିତ, ତାଙ୍କର ବଲୁବରେ ଜର୍ମାନର ଜଣେ ସମ୍ମାନହୀନ ସାମାନ୍ୟ ସନ୍ନ୍ୟାସୀ ଦଣ୍ଡାୟମାନ । ଆଶ୍ଚର୍ଯ୍ୟ ! କିନ୍ତୁ ଅଧିକତର ବିସ୍ମୟକର ବ୍ୟାପାର ଏହି ଯେ ପୋପଙ୍କର କୃପ୍ତେ ସେହି ଅସ୍ମାରକ ଲୁଥରଙ୍କର ଘର୍ଷିତରେ ନେପୁଲିୟନୀୟ ସମାଜ—ଅଧିକାଂଶ ଧରଣୀ ପରାଭୂତ । ପଙ୍ଗୁ କି ଗିରି ଲଂଘନ କରେ ନାହିଁ ? ଇତିହାସର ପୃଷ୍ଠା ଉଦ୍ଘାଟନ କଲେ ଏବଂ ପ୍ରକୃତ୍ୟେସ୍ଥସ୍ଥ ଘଟଣାନିଚୟ ପର୍ଯ୍ୟାଲୋଚନା କଲେ ସ୍ପଷ୍ଟତଃ ଦେଖାଯାଏ, ପଙ୍ଗୁ ଗିରି ଲଂଘନ କରେ । ଜଗତ୍ପିତାଙ୍କ ବିଶେଷ ଲୀଳା ଯେ ସେ ପଙ୍ଗୁଦ୍ୱାରା ଗିରି ଲଂଘନ କରାନ୍ତି । ବୋଧ ହୁଏ ସବଳ ଲୋକଦ୍ୱାରା ମହତ୍ କାର୍ଯ୍ୟ ସମ୍ପାଦିତ ହେଲେ କାଳେ ଲୋକେ ମାନବହସ୍ତ ଦେଖି ସନ୍ତୁଷ୍ଟ ହେବେ, ତେଣୁ କ୍ଷୁଦ୍ର ଘଟଣାରୁ କ୍ଷୁଦ୍ର ବ୍ୟକ୍ତିଦ୍ୱାରା ବଡ଼ କାର୍ଯ୍ୟ ହୁଏ । କିନ୍ତୁ ମନଟା ବଡ଼ ଅବିଶ୍ୱାସୀ, ସଂସାରସକ୍ତ, ସନ୍ଦିଗ୍ଧ; ବିଶ୍ୱାସୀ ହୋନ୍ତି ଓ ବିଶ୍ୱାସ କରନ୍ତି—"ଯତୋ ଧର୍ମସ୍ତତୋ ଜୟଃ ।" ସେ ଦେଖନ୍ତି, ପରିଦୃଶ୍ୟମାନ ଜଗତ୍ ସଂସାରରେ ବାହ୍ୟତଃ ମନ ଉପରେ ଦେହର, ଚେତନ ଉପରେ ଜଡ଼ର, ସୂକ୍ଷ୍ମ ଉପରେ ସ୍ଥୂଳର କ୍ଷଣିକ ସାମୟିକ ଜୟ ହେଉଥିଲେହେଁ ଘଟଣାମାନେ ଏହାର ଯଥାର୍ଥ ବିପରୀତ ସଂଘଟନ ହେଉଅଛି । ସ୍ଥିର ଗମ୍ଭୀର ଭାବରେ ଅନୁଧାବନ କଲେ ପରିଦୃଷ୍ଟ ହେବ ଯେ ଜଗତ୍ ସଂସାର ପ୍ରହେଳିକାପୂର୍ଣ୍ଣ—ବାହ୍ୟ ଜଗତର ଅନ୍ତରାଳରେ ପରକଳ୍ପ ଛବି ରହିଅଛି । ଯାହା ସ୍ଥୂଳ ଦୃଷ୍ଟିରେ ହେୟ, ସୂକ୍ଷ୍ମ ଦୃଷ୍ଟିରେ ତାହାହିଁ ନିତ୍ୟମାନ ସତ୍ୟ ଏବଂ ପରମାଣରେ ତାହାହିଁ ପୁଣି ଜୟଶ୍ରୀବିମଣ୍ଡିତ ହୋଇ ଧୀର ପଦବିକ୍ଷେପରେ ବିଶ୍ୱବ୍ରହ୍ମାଣ୍ଡମାନସ-ସିଂହାସନରେ ଅଧିରୋହଣ କରୁଅଛି । ଏହି ମଙ୍ଗଳମୂର୍ତ୍ତିର ପ୍ରଭାବରୂପିଣୀ କଟୋଳ ଲମ୍ବନଙ୍କର ସୌଦାମିନୀପ୍ରଭ ଅକ୍ଷରସବୁରେ ଲିଖିତ ଅଛି, "ଯତୋ ଧର୍ମସ୍ତତୋ ଜୟଃ ।"

ଆମ୍ଭମାନଙ୍କ ଧ୍ରୁବ ମନ କହୁଅଛି—ହଁ, ସତ୍ୟ କରିବାକୁ ହେବ, କିନ୍ତୁ ଅସ୍ତ୍ରେ ଅସ୍ତ୍ରେ ଲୋକଙ୍କ ମଣେଇ ନେବାକୁ ହେବ । ସତ୍ୟ ଚିର ସମସ୍ତଙ୍କ ସଙ୍ଗରେ ଯୋଗ ଥିବାକୁ ହେବ । ନଚେତ୍ ସମାଜ ବିଶୃଙ୍ଖଳ, ଉଚ୍ଛୃଙ୍ଖଳ, ବିପର୍ଯ୍ୟସ୍ତ ହୋଇ ବିନଷ୍ଟ ଛାରଖାର ହୋଇ ଯିବ । ସତ୍ୟଦ୍ୱାରା କି କେବେ ସମାଜ ଛାରଖାର ହୁଏ ? ଅସତ୍ୟ, ଅନ୍ୟାୟ, ଅତ୍ୟାଚାର ସଙ୍ଗରେ ସନ୍ଧି ସ୍ଥାପନ-ରୂପ ଆତ୍ମପ୍ରବଞ୍ଚନାରେ କେହି କେଉଁ ମହତ୍ କାର୍ଯ୍ୟ ସମ୍ପାଦନ କରିଅଛି ? ସତ୍ୟ ଆମ୍ଭମାନଙ୍କୁ କଣ ରକ୍ଷିବ, ଆମ୍ଭେମାନେ ବରଂ ସତ୍ୟକୁ ରକ୍ଷିବାକୁ,—ଯେପରି ସତ୍ୟ—ସତ୍ୟସ୍ୱରୂପ ଜଗତ୍କର୍ତ୍ତା ଗୃହାନ୍ତ ସଂସାରଟା ବିନଷ୍ଟ ହୋଇ ଯାଉ । ଅଧିକ ବୁଦ୍ଧିମାନ୍ ମନୁଷ୍ୟ ଯେପରି ଉଇଞ୍ଚ ପଶିଚ୍ଛ ଘଣ୍ଟା ଯୋଡ଼େଇଲି ଭଳି ଜଗତ୍ସଂସାରଟାକୁ ଯୋଡ଼ ଯୋଡେଇ ରକ୍ଷା କରିବାକୁ ଚେଷ୍ଟା କରେ । ଏହା ଦେଖି ଭକ୍ତଙ୍କ ଓ ଜଗତ୍ପ୍ରଭୁ ହସନ୍ତି, କହନ୍ତି, ନିର୍ବୋଧ ! ଜଗତର ପ୍ରବଣତା ଯେବେ ଧ୍ୱଂସ ଆଡ଼କୁ, ପାପ ଅତଳକୁ ଝୁଅନ୍ତା, ତୋର ସାଧ୍ୟ କଣ ତୁ ତାକୁ ବାଧା ଦେଇ ଧରି ରଖନ୍ତୁ । ପ୍ରାବୃଟ୍-କାଳୀନ କ୍ଷୁଦ୍ର ସ୍ରୋତସ୍ୱତୀର ଜଳପ୍ରବାହକୁ ବାଧା ଦେବାର ତୋର ସାଧ୍ୟ ନୁହେଁ । ତୁ ଅଗଣନ ଗ୍ରହ-ଉପଗ୍ରହ-ଜ୍ୟୋତିଷସମନ୍ୱିତ ଅନନ୍ତ ବିଶ୍ୱ-ବ୍ରହ୍ମାଣ୍ଡ ସମ୍ଭାଳିବାକୁ ଉଦ୍ୟତ ? ଛି ଛି ! ତୋ କର୍ମ ତାହା ନୁହେ । ଦେଖ, ଉନ୍ନତ ମଙ୍ଗଳ ସତ୍ୟର ଧ୍ୱଜା ବିଶ୍ୱବ୍ରହ୍ମାଣ୍ଡର ଶାଶ୍ୱତ ଗଗନରେ ଉଡ୍ଡୀୟମାନ ହେଉଅଛି:—

'Throughout the ages one increasing
purpose runs,
'And the minds of men are widened
through the process of the suns.

Tennyson

'ଜଣେ ସମାଜସଂସ୍କାରଙ୍କ କଥା ପଡ଼ିଲି । ସେ ବାଲ୍ୟବିଧବାବିବାହ ପ୍ରଚଳନ କରିବା ନିମନ୍ତେ ବଦ୍ଧପରିକର ହେଲେ । ପୁଣି କେତେ ଦିନ ପରେ ନୈରାଶ୍ୟରେ ତାହା "ଅଧୁନା ପରିତ୍ୟାଗ" କରି "ପରମାର୍ଜିତ" ଆକାରରେ "ଯୁବତୀବିବାହ" ପ୍ରଚଳନ କରିବାର ପ୍ରସ୍ତାବ କରିଅଛନ୍ତି । ଅସ୍ମମାନଙ୍କର ଭୟ ହେଉଅଛି, ଏ ବିଷୟରେ ମଧ୍ୟ "ସେ ବୃଥା ଅର୍ଥ ବ୍ୟୟ କରି କାଗଜ ପତ୍ର ଛପାଇବେ; ରାଜା, ଜମିଦାର, ଧନୀ, ଗଣ୍ୟ, ମାନ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ବଣ୍ଟନ କରିବେ ଏବଂ ସେହିଁରେ କିଛି ଉତ୍ତର ନ ପାଇ ନୈରାଶ୍ୟରେ ମଗ୍ନ ହେବେ ।" ବାସ୍ତବିକ ତାହେଲେ କେହି ଶୁଣିବ ନାହିଁ । ତୁମ୍ଭେ କାହିଁକି ବୋଲି ଲୋକେ କି ନିଜର ଚିରପ୍ରଚଳିତ ବିଶ୍ୱାସ, ଲୋକାଚାର, ଆର୍ଥିକ ଓ ସାମାଜିକ ଲାଭ ପରିତ୍ୟାଗ କରି ତୁମ୍ଭ ମତାବଲମ୍ବୀ ହେବେ ? ଗୀତୋକ୍ତ "ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ"—ଉକ୍ତି କି ସେମାନଙ୍କ ଅସ୍ପୃଷ୍ଟ ନାହିଁ ? ତୁମ୍ଭର ଯେବେ ନୂତନ ବିଶ୍ୱାସ ହୋଇଥାଏ ତେବେ ସମଧର୍ମୀ ଭ୍ରାତାଭଗିନୀମାନଙ୍କ ସଙ୍ଗରେ ଯୋଗ ଦିଅ ବା ନୂତନ ମଣ୍ଡଳୀ ସଂଗଠନ କର । ରାଜା, ଜମିଦାର, ଧନୀମାନଙ୍କୁ ଛାଡ଼—ସେମାନେ ତାଙ୍କ ମାନ ତୁମ୍ଭଙ୍କୁ ଦେଇ ଚଞ୍ଚଳ ଏତେ ସହଜରେ ହେବେ ନାହିଁ । ତୁମ୍ଭେ ଲେଖା ଟିଏ, ବିପଦ ଗଞ୍ଜଣା ସହି ସମାଜସଂସ୍କାର କରିବ—ସେ ରେଡ଼ ମାଲ ଭୋଗ କରିବେ । ତାଙ୍କର ସଂସାର ଗୋଲାପଫୁଲସଜ୍ଜିତ—କଣ୍ଟକ-ବିସ୍ତାରିତ ନୁହେ ।

ଭାଇ ! ଆପଣ ତ ବାଲ୍ୟବିଧବା ବିବାହ ଛାଡ଼ିଲେ, ଯୁବତୀବିବାହ ମାତ୍ର କି ଆପଣଙ୍କ ଅଭିପ୍ରେତ ? ନାହିଁ, ଆପଣଙ୍କ ପ୍ରବନ୍ଧ ତ ତାହା କହୁ ନାହିଁ । ସତ୍ୟରେ କେବଳ "ଯୁବତୀବିବାହ" ହେଲେ କି ଆପଣଙ୍କ ଶୋଚିତ ଅସୁବିଧା ଦୂରିତ ହେବ ? ହେଲା, ଅଷ୍ଟମ ବର୍ଷ ପରିବର୍ତ୍ତରେ ଚତୁର୍ଦ୍ଦଶ ବା ତଦୂର୍ଦ୍ଧ୍ୱ ବର୍ଷରେ ବାଳିକା ବିବାହ କରିବ । କିନ୍ତୁ "ନବୀନ" କିପରି ହେବ ? ମୂର୍ଖର ବାଳକ ଓ ସୁଶୀଳା ବାଳିକା, ସୁଶିକ୍ଷିତ ସ୍ୱାମୀ ଓ ଅଶିକ୍ଷିତ ସ୍ତ୍ରୀ, ଇତ୍ୟାଦି 'ବିଷମ' ବିବାହ କେମନ୍ତ ନିବାରିତ ହେବ ? ତେବେ ଆପଣ ମୂଳାନ୍ତ କ୍ରମଃ ଉତ୍କଳରୁ "ଅବରୋଧ" ପ୍ରଥା ଉଠାଇବାକୁ ? ନଚେତ୍ ସମଗ୍ର ଉତ୍କଳୀୟ ବ୍ରାହ୍ମଣ କିପରି ଯୋଗ ଦେବେ ? ପୁଣି ଏହି ମତଭେଦ କାରଣରୁ ଆପଣମାନେ ଅଳ୍ପସଂଖ୍ୟକ ବ୍ରାହ୍ମଣ ବଞ୍ଚିତ ହେବେ । ଅନ୍ୟାନ୍ୟ ଜାତିମାନଙ୍କ ସହିତ ଆଦାନ ପ୍ରଦାନ ନ ହେଲେ ଆପଣମାନଙ୍କ ବିବାହ ପରିସର (Circle)ର ଅଳ୍ପତା ଯୋଗୁଁ ମହା ବିଭ୍ରାଟରେ ପଡ଼ିବାକୁ ହେବ । ଏହା ଅନାବଶ୍ୟକ ବୋଧ ହେଲେହେଁ କାର୍ଯ୍ୟତଃ (practically) ଅପରିହାର୍ଯ୍ୟ ହେବ । ଅତଏବ ସମୟରେ ଜାତିଭେଦ ଶୃଙ୍ଖଳ ମଧ୍ୟ ଭାଙ୍ଗିବାକୁ ହେବ । କିନ୍ତୁ ଭାଇ ! ଏପରି ଗୁରୁତର ପରିବର୍ତ୍ତନମାନ କି ଏପରି ସହଜ ଉପାୟରେ ସଂସାଧିତ ହୋଇ ପାରେ ? ଆପଣ କହି ପାରନ୍ତି, ବର୍ତ୍ତମାନ ନ ହେଉ "ବାଳବିଧବା ବିବାହ" ପ୍ରସ୍ତାବ ପରି ଏହା ମଧ୍ୟ ପରିତ୍ୟକ୍ତ ହେବ, କିନ୍ତୁ କାଳକ୍ରମରେ ସବୁ ହୋଇଯିବ । କିନ୍ତୁ ସମୟ ନିଜେ ହେବେ ଆସେ ନାହିଁ, ତାର କେଶାକର୍ଷଣ କରି ଗଣଇବା ପୁରୁଷମାନେ ଆଣନ୍ତି ଏବଂ ସମସାମୟିକ ସାମାଜିକମାନଙ୍କଦ୍ୱାରା ଦଣ୍ଡିତ ହୁଅନ୍ତି । ଇତିହାସ ପ୍ରତି ଦୃଷ୍ଟି ନିକ୍ଷେପ କର, ମହାତ୍ମା ସକ୍ରେଟିସ୍, ଖ୍ରୀଷ୍ଟ, ଲୁଥର, ଥିଓଡ଼ର ପାର୍କର, ଗାଲିଲିଓ ପ୍ରଭୃତି ମହାତ୍ମାମାନଙ୍କ ସମୟରେ କି ସମୟ ଆସିଥିଲା— ସେମାନଙ୍କ ସମସାମୟିକ ବ୍ୟକ୍ତିମାନେ କି ସେମାନଙ୍କ ପ୍ରଚାରିତ ସତ୍ୟ ନିର୍ବିବାଦରେ ଗ୍ରହଣ କରିଥିଲେ ? ନା, ସେମାନେ ନିଜେ ଯନ୍ତ୍ରଣା ପାଇ, ସ୍ୱ ସ୍ୱ ପ୍ରାଣ ଉତ୍ସର୍ଗ କରି ସମୟକୁ ଦ୍ରୁତଗାମୀ କରାଇଥିଲେ— ପୃଥିବୀକୁ ସତ୍ୟପଥରେ ପ୍ରଧାବିତ କରାଇ ଦେଇଥିଲେ ? ସମାଜରେ ଘୋର ଅତ୍ୟାଚାର ଅସତ୍ୟର ପ୍ରାଦୁର୍ଭାବ ହେଲେ ପରମେଶ୍ୱର ଉକ୍ତ ସମାଜକୁ ନୂତନ ସତ୍ୟ ପ୍ରେରଣ କରନ୍ତି । କିନ୍ତୁ ସତ୍ୟ

Digitized by srujanika@gmail.com

ସମାଜକର୍ମୀବର୍ଗ ସେ ସତ୍ୟାଲୋକ ଦର୍ଶନ କରି ପାରନ୍ତି ନାହିଁ । କେବଳ ସୂକ୍ଷ୍ମଦର୍ଶୀ କତିପୟ କ୍ଷଣଜନ୍ମା ପୁରୁଷଙ୍କ ଚକ୍ଷୁ ସମ୍ମୁଖରେ ପ୍ରଥମେ ସତ୍ୟାଲୋକ ଉଦ୍ଭାସିତ ହୁଏ । ସେମାନେ ତାହା ସ୍ୱୀୟ ଜୀବନରେ ସମ୍ପୂର୍ଣ୍ଣ ଭାବରେ ପ୍ରମାଣିତ କରନ୍ତି । ଲୋକେ ତାଙ୍କୁ ବିଦ୍ରୂପ କରନ୍ତି, କିନ୍ତୁ ବିଦ୍ରୂପବାଣୀ ଗଳା, ଯନ୍ତ୍ରଣା, କ୍ଷତି, ପଦସ୍ଥ କେଉଁଥିରେ ଯାନ୍ତି, ଶେଷକୁ ସେହି ବୀର ସ୍ୱାମୀମାନଙ୍କର ଜୟ ହୁଏ । କିନ୍ତୁ ସତ୍ୟ ଲାଭ କରି ଯେଉଁମାନେ କାର୍ଯ୍ୟରେ ପରିଣତ କରିବାକୁ ସଚେଷ୍ଟ ନ ହୁଅନ୍ତି ସେମାନେ କୃପାପାତ୍ର । ଶ୍ରୀଯୁକ୍ତ ବାବୁ ପଦସ୍ଥ, କ୍ଷତି, ମାନୀ ନ ହେଲେହେଁ ଯେପରି ଯଥାସାଧ୍ୟ ଚେଷ୍ଟାରେ ଲବ୍ଧଜ୍ଞାନ ପ୍ରଚାର କରୁଅଛନ୍ତି, ତହିଁପାଇଁ ତାଙ୍କୁ ଅମ୍ଭେମାନେ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଅଛୁଁ । କିନ୍ତୁ ଆଉ ! ପ୍ରଚାର ଦିନ ଗଲାଣି, ଅମ୍ଭେମାନେ ଅନେକ ବୁଝୁଥାଉଁ, ଅମ୍ଭମାନଙ୍କ ସମାଜରେ ଅନେକ କୁସଂସ୍କାର ଅଛି, କେଉଁ ସମାଜରେ ନ ଥିଲା ବା ନାହିଁ ? ଭଲ ଅମ୍ଭେମାନେ ବ୍ରାହ୍ମଣ, କ୍ଷତ୍ରିୟ ପ୍ରଭୃତି ଭେଦବୁଦ୍ଧି ଛାଡ଼ି ସମସ୍ତେ ସମସ୍ତ ସମାଜର ମଙ୍ଗଳବିଧାନ ପାଇଁ ଚେଷ୍ଟିତ ହେବା । କଥା ଅଛି, "ଛଟାଙ୍କିଏ କାର୍ଯ୍ୟ ମହଣେ ଉପଦେଶ ଅପେକ୍ଷା ଶ୍ରେଷ୍ଠ ।" ବର୍ତ୍ତମାନ କାର୍ଯ୍ୟର ଯୁଗ, କଥା ତ ଅନେକ କହି ଗଲେଣି, ସେଥିରେ ନୂତନତ୍ୱ କିଛି ନାହିଁ । Half measure ରେ ଆଉ କାର୍ଯ୍ୟ ଚଳିବ ନାହିଁ, ସମ୍ପୂର୍ଣ୍ଣ ସତ୍ୟକୁ ଯାପଟି ଧରିବାକୁ ହେବ । ଏହି ସମ୍ପୂର୍ଣ୍ଣ ସତ୍ୟ କଣ ଏବଂ ତାହା କିପରି କାର୍ଯ୍ୟରେ ପରିଣତ କରିବାକୁ ହେବ ? ପାଶ୍ଚାତ୍ୟ ଶିକ୍ଷା ପାଇ ଅମ୍ଭମାନଙ୍କର ଅନେକ ବିଶ୍ୱାସ ପରିବର୍ତ୍ତିତ ହୋଇଅଛି । ବର୍ତ୍ତମାନ କତିପୟ ସାମାଜିକ ନିୟମରେ ଅମ୍ଭମାନଙ୍କ ମନ ମାନୁ ନାହିଁ । ଅମ୍ଭେମାନେ ମନଅନୁଯାୟୀ ସମାଜ ଦେଖିବାକୁ ଇଚ୍ଛୁକ । କିନ୍ତୁ ସେ ଆଦର୍ଶ ସମାଜ ଗଢ଼ିବ କିଏ ? ତାହା ଆୟାସସାଧ୍ୟ । ଇଂରାଜୀ ଶିକ୍ଷା ଯେତେ ବିସ୍ତୃତ ହେବ, ଲୋକମାନଙ୍କ ମନରେ ସେତେ ସାମାଜିକ କୁସଂସ୍କାର ପ୍ରତିଭାତ ହେବ । କିନ୍ତୁ ଏହା ବିନାଶ(destructive)କାର୍ଯ୍ୟ, ଗଠନ-କାର୍ଯ୍ୟ ଏହା ଇଂରାଜୀ ଶିକ୍ଷାର କାର୍ଯ୍ୟ ନୁହେ । ଯେଉଁବେଳେ ବଙ୍ଗଦେଶରେ ଏହି ବିନାଶକାର୍ଯ୍ୟ ପ୍ରବଳ ବେଗରେ ସମ୍ପାଦିତ ହେଉଥିଲା, ନବ୍ୟ ଶିକ୍ଷିତସମ୍ପ୍ରଦାୟ ଘୋର ନାସ୍ତିକ ଓ ଉଚ୍ଛୃଙ୍ଖଳ ହୋଇ ପଡ଼ିଲେ, କେହି ବା ନିଜ ଧର୍ମପିପାସା ନିବାରଣ କରିବା ପାଇଁ ଖ୍ରୀଷ୍ଟାନ ହୋଇଗଲେ, ସେହିକ୍ଷଣବେଳେ ବଙ୍ଗଦେଶରେ ଏକେଶ୍ୱରବାଦପ୍ରଚାରକ ଓ ସମାଜସଂସ୍କାରକ ରାମମୋହନ ରାୟଙ୍କଦ୍ୱାରା ବ୍ରାହ୍ମ ସମାଜ ସ୍ଥାପିତ ହେଲା । ସେହିପରି ପଞ୍ଜାବରେ ମଧ୍ୟ ଦୟାନନ୍ଦ ସରସ୍ୱତୀଙ୍କ ସ୍ଥାପିତ ଆର୍ଯ୍ୟ ସମାଜ ସୃଷ୍ଟ ହେଲା । ଅମ୍ଭମାନଙ୍କ ବିଶ୍ୱାସ ଏହି ଉତ୍କଳରେ ମଧ୍ୟ ଗଠନର ସମୟ ଉପସ୍ଥିତ ହୋଇଅଛି । ଅନେକ ନବଶିକ୍ଷିତ ଯୁବକ ପୁରାତନ ସାମାଜିକ ବିଶ୍ୱାସୀ ନୁହନ୍ତି । ଅଥଚ ଉତ୍କଳବର୍ଷରେ ସେମାନଙ୍କ ଆଦର୍ଶାନୁଯାୟୀ କୌଣସି ସଂସ୍କୃତ ସମାଜ ନାହିଁ । ଏପରି ସ୍ଥଳରେ ସେମାନଙ୍କ ମନରେ Construction ବା ଗଠନର ଚିନ୍ତା ଉଦିତ ହେଉଅଛି । ସେମାନଙ୍କ ସ୍ୱସମାଜ ପ୍ରତି ଗୁରୁତର କର୍ତ୍ତବ୍ୟ ଅଛି । ଉତ୍କଳରେ ଯେ ସଂସ୍କାରକ ଦଳର ଅଭାବ ଅଛି, ଏହା ସ୍ପଷ୍ଟ । କାରଣ ବ୍ୟକ୍ତିବିଶେଷଦ୍ୱାରା ଏପରି କାର୍ଯ୍ୟ ହେବା ଅସମ୍ଭବ । କିନ୍ତୁ ଏ ଦେଶର ବିଶେଷ ଅଭାବ କଣ କଣ, କେଉଁ କେଉଁ ସାମାଜିକ ପରିବର୍ତ୍ତନ ଅବଶ୍ୟକ, ତାହା କେଉଁ ଆଦର୍ଶରେ କାର୍ଯ୍ୟରେ ପରିଣତ ହେବା ଉଚିତ ଏ ବିଷୟ ଗୁରୁତର । ତାହା ପ୍ରବନ୍ଧାନ୍ତରରେ ଆଲୋଚନା କରିବାକୁ ଇଚ୍ଛା ରହିଲା ।

ଶ୍ରୀ ନ—

Digitized by srujanika@gmail.com

ଦୁଇଖଣ୍ଡି ଓଡ଼ିଆ ପୁସ୍ତକ ।

(ଅଳ୍ପଦିନ ହେଲା ଶ୍ରୀଯୁକ୍ତ ଫକୀରମୋହନ ସେନାପତିଙ୍କ ପ୍ରଣୀତ ସାମାଜିକ ଉପନ୍ୟାସ 'ଛମାଣ ଆଠଗୁଣ୍ଠ' ଓ ଶ୍ରୀଯୁକ୍ତ ରାମଶଙ୍କର ରାୟଙ୍କ ପ୍ରଣୀତ ସାମାଜିକ ନାଟକ 'ଯୁଗଧର୍ମ' ପ୍ରକାଶିତ ହୋଇଅଛି । ଏ ଦୁଇଖଣ୍ଡି ପୁସ୍ତକ ଆଧୁନିକ ଉତ୍କଳ ସାହିତ୍ୟରେ ନବଯୁଗର ଆରମ୍ଭ (ଅପାତତଃ ଭିତ୍ତିର ଦୃଢତା ସମ୍ପାଦନ) କରିଥିବାର ଅମ୍ଭମାନଙ୍କର ପ୍ରତୀତି । 'ଛମାଣ ଆଠଗୁଣ୍ଠ' ପୂର୍ବେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ଖଣ୍ଡଶଃ ପ୍ରକାଶିତ ହୋଇଥିଲା । ଯଦିଓ ଏ ଦୁଇଖଣ୍ଡି ପୁସ୍ତକ ସାହିତ୍ୟର ଭିନ୍ନ ଭିନ୍ନ ଶାଖାକୁ ଅବଲମ୍ବନ କରି ଲିଖିତ, ତଥାପି ଉଭୟରେ ଯେ କୃତିତ୍ୱ ପୂର୍ଣ୍ଣ ମାତ୍ରାରେ ବିଦ୍ୟମାନ, ଏଥିରେ ସନ୍ଦେହ ନାହିଁ । ଏକଟି ପୁସ୍ତକ ଏକଟି ଉଚ୍ଚପଦସ୍ଥ ଅର୍ଥଲୋଲୁପ ଓ ଇନ୍ଦ୍ରିୟାସକ୍ତ ନରପିଶାଚଙ୍କର (ରାମଚନ୍ଦ୍ର ମଙ୍ଗରାଜ ଓ ମହନ୍ତ ଉଦ୍ଧବ ଦାସ) ରାକ୍ଷସୀ ଲୀଳାର ଅଭିନୟ ଓ ବିଷମୟ ପରିଣାମ, ଧର୍ମର ଜୟ ପାପର ପରାଜୟ, ସଂସାରରେ ସରଳ ସଚ୍ଚରିତ୍ର ଲୋକଙ୍କର ଚରିତ୍ରହାନି ରାକ୍ଷସ ରାକ୍ଷସୀଙ୍କଦ୍ୱାରା ଲୋମହର୍ଷଣକାରୀ ଅବସ୍ଥାର ଏକ ଉତ୍ତମ ରୂପେ ଚିତ୍ରିତ କରିଅଛି । ଆଧୁନିକ ଉତ୍କଳୀୟ ସମାଜ ଓ ଓ ସାହିତ୍ୟ ପ୍ରତି ଏ ପୁସ୍ତକ ଦୁଇଖଣ୍ଡି ଯେ କେତେଦୂର ଉପଯୋଗୀ ହୋଇଅଛି (ଅମ୍ଭେମାନେ ଏଠାରେ ପଦ୍ୟପୁସ୍ତକର କଥା ଅବତାରଣା କରୁ ନାହିଁ) ତାହା ଉକ୍ତ ପୁସ୍ତକଦ୍ୱୟ ପାଠ ନ କଲେ ସମ୍ପୂର୍ଣ୍ଣରୂପେ ହୃଦୟଙ୍ଗମ ହେବା ସମ୍ଭବ ନୁହେ । ପୁସ୍ତକ ଦୁଇଖଣ୍ଡି ଥରେ ପଢ଼ିବାକୁ ଆରମ୍ଭ କଲେ ଶେଷ ଅଧ୍ୟାୟ କିମ୍ବା ଦୃଶ୍ୟରେ ଉପନୀତ ନ ହେବା ଯାକେ ତୃପ୍ତ ହେବ ନାହିଁ ।) ଚରିତ୍ର ଚିତ୍ରଣ, ଉତ୍କଳଗୃହର ଚିତ୍ର ଓ ସାମାଜିକ ଚିତ୍ର ଚିତ୍ରକାରଦ୍ୱୟ ସାଧାରଣଙ୍କ ସମକ୍ଷରେ ରଖିବାକୁ ଯାଇ ବିଶେଷ କୃତିତ୍ୱ ଦେଖାଇ ଅଛନ୍ତି । ଜଣେ କୃତବିଦ୍ୟ ଯୁବକ 'ଛମାଣ' ପଢ଼ି କହିଥିଲେ ଯେ ଏଗୁଡ଼ିକ ଲେଖିବାଦ୍ୱାରା ବିଦ୍ୟା ଓ ବୁଦ୍ଧିର ଅପବ୍ୟବହାର ଛଡ଼ା ଆଉ କଣ ହୋଇପାରେ ? ଏ ଦୁଇ ଖଣ୍ଡି ପୁସ୍ତକ ପଢ଼ି ଅମ୍ଭମାନଙ୍କର କୌଣସି କୌଣସି ଶିକ୍ଷିତ ଓଡ଼ିଆ ଭାଇ ଯେ ଏପରି ମତ ଦେବେ ଏହା ବିଚିତ୍ର ନୁହେ । ଅମ୍ଭେମାନେ ତେତେ ଉଚ୍ଚାସନରେ ବସିନାହୁଁ, କିମ୍ବା ସର୍ବସାଧାରଣଙ୍କୁ ସେ ଉଚ୍ଚ ଆସନରେ ବସିବାକୁ ଅନୁରୋଧ କରି ନ ପାରୁଁ । ଇଂରାଜୀରେ ଗୋଟିଏ ପ୍ରଧାନ ନିୟମ 'That is Art which conceals Art' ଅର୍ଥାତ୍ ଯେଉଁ କୃତିତ୍ୱଦ୍ୱାରା କୃତିତ୍ୱ ପ୍ରଚ୍ଛନ୍ନ ରହେ (ସାଧାରଣ ପାଠକଙ୍କ ଦୃଷ୍ଟି ଓ ବୁଦ୍ଧିର ଗୋଚର ନ ହୁଏ) ତାହା ପ୍ରକୃତ କୃତିତ୍ୱ । ଉଦାହରଣସ୍ୱରୂପ ଅମ୍ଭେମାନେ ସର୍ବଦା ମାର୍ଜିତ ଓ ଶିକ୍ଷିତ ସମାଜର ଦର୍ପଣରେ ରହି ଅପ୍ରଚଳିତ ଭାଷା (ବିଶେଷ ହେଉ ବା ଅଳ୍ପ ହେଉ) ବ୍ୟବହାର କରିବାରେ ଅଭ୍ୟସ୍ତ ହୋଇଅଛୁଁ । ଏପରି ଦର୍ପଣ ଯେତେ ବୃଦ୍ଧି ପାଉଥିବ ସେତେ ସେତେ 'ବିଶୁଦ୍ଧ ଘରୋଇ ଭାଷା' କ୍ରମଶଃ ଲୋପ ପାଇ ଉଚ୍ଚସ୍ଥାନପ୍ରଚଳିତ ମାର୍ଜିତ ଭାଷାକୁ ସ୍ଥାନ ଦେବ । ଅମ୍ଭେମାନେ ଏ ଭାଷା ପ୍ରଚଳନର ବିରୁଦ୍ଧରେ ଲେଖୁନାହୁଁ । ଅମ୍ଭମାନଙ୍କର ବକ୍ତବ୍ୟ ଏହି ଯେ ଯେତେଦୂର ପର୍ଯ୍ୟନ୍ତ ବିଶୁଦ୍ଧ ଘରୋଇ ଓଡ଼ିଆ ଭାଷା ବ୍ୟବହାର କରି ଅମ୍ଭମାନଙ୍କ ଭାବ ବ୍ୟକ୍ତ କରିବା ତେତେ ଉତ୍ତମ । ଯେଉଁଠାରେ ଉପାୟାନ୍ତର ନାହିଁ, କିମ୍ବା ନ କଲେ ଶୋଭନୀୟ ହେବ ନାହିଁ, ସେଠାରେ ମାର୍ଜିତ, ଆମଦାନୀ ଓ conventional (ଆଡ଼ମ୍ବର-ଯୁକ୍ତ) ଭାଷା ବ୍ୟବହାର କରିବା ଯୁକ୍ତିସିଦ୍ଧ । କିନ୍ତୁ ଅଧିକାଂଶ ଓଡ଼ିଆ ପୁସ୍ତକ ଓ ପତ୍ରିକାରେ ଦେଖାଯିବ ଯେ ଯେଉଁଠାରେ ଘରୋଇ ଭାଷା କିମ୍ବା ଶବ୍ଦ ହେଲେ ଚଳନ୍ତା, ସେଠାରେ ଲେଖକ

Digitized by srujanika@gmail.com

ବିଦ୍ୟାବୁଦ୍ଧି ପ୍ରକାଶ କରିବାରେ କୁଣ୍ଠିତ ନ ହୋଇ ଗୋଟିଏ ଅଡ଼ମ୍ବରଯୁକ୍ତ ଶବ୍ଦ ବା ବାକ୍ୟ ବସାଇ ଦେଇଅଛନ୍ତି । ତା ନ କଲେ ଅପଣର ବିଦ୍ୟା-ବତ୍ତାର ପରିଚୟରେ ବାଧା ପଡ଼ିବ ! କିନ୍ତୁ ପୃଥିବୀର ଆଧୁନିକ ଉଚ୍ଚ ଭାଷାମାନଙ୍କରେ ନିୟମ ଭିନ୍ନରୂପ । ଇଂରାଜୀ ଭାଷା କଥା ଧରନ୍ତୁ:—ଯେଉଁ ପୁସ୍ତକରେ Anglo-Saxon (ଅବିମିଶ୍ର ଇଂରାଜୀ) ଶବ୍ଦ ଯେତେକ ଅଧିକ ଓ Latin ଏବଂ Greek (ଆମଦାନୀ) ଶବ୍ଦ ଯେତେକ ଅଳ୍ପ, ସେ ପୁସ୍ତକ ସେତେକ ଉତ୍କୃଷ୍ଟ ଅଟଇ । କିନ୍ତୁ ଆମ୍ଭମାନଙ୍କର ଆଧୁନିକ ସାହିତ୍ୟ-ସେବକମାନଙ୍କର ମତ ଓ କାର୍ଯ୍ୟ ଅନ୍ୟରୂପ ହୋଇ ଅସୁଅଛି । ଗତ କେତେକ ବର୍ଷ ହେଲା ଏ ଦେଶରେ ସଂସ୍କାରର ଆରମ୍ଭ ହୋଇଅଛି । ପୂର୍ଣ୍ଣ ହେବାର ଆଶା ବର୍ତ୍ତମାନ ସେବେ ଅନେକ ଦୂରରେ ।

ଆମ୍ଭେମାନେ ମଧ୍ୟ ଏହି ବହୁଃପ୍ରଚଳିତ, ଅଡ଼ମ୍ବରଯୁକ୍ତ ମାର୍ଜିତ ଭାଷା ବ୍ୟବହାର କରି ବିଶୁଦ୍ଧ ଘରୋଇ ଓଡ଼ିଆ ଭାଷା କେତେକ ପରି-ମାଣରେ ଭୁଲି ଯାଇଅଛୁଁ । ଏପରି କି ଅଶିକ୍ଷିତା, ଅପଣ୍ଡିତା ଓ ଅମାର୍ଜିତା ଅନ୍ତଃପୁରମାନଙ୍କ ସଙ୍ଗେ କଥୋପକଥନ କରୁ କରୁ ସମୟରେ ଅଭ୍ୟାସ-ବଶତଃ ଇଂରାଜୀ, ହିନ୍ଦି, ବଙ୍ଗଳା ଶବ୍ଦ ଓ idiom ବ୍ୟବହାର ପଡ଼ିବାର ମଧ୍ୟ ଅନେକ ଶିକ୍ଷିତ ଓ ନିଷ୍କପଟ ଓଡ଼ିଆ ସ୍ୱୀକାର କରିବେ । ବିଶୁଦ୍ଧ ଘରୋଇ ଓଡ଼ିଆ ଭାଷା କେତେକ ଲୋକଙ୍କ ନିକଟରେ ହେୟ, ଅବ୍ୟବହାର୍ଯ୍ୟ ଓ ଇତରପ୍ରଚଳିତ ! ଏ ଏକ୍ରାମକ ବ୍ୟାଧିଦ୍ୱାରା ଅନେକ ଲିଖାପଢ଼ା ମଧ୍ୟ ଆକ୍ରାନ୍ତ । ସେ ଯାହା ହେଉ, ଯେବେ ଆମ୍ଭମାନଙ୍କ ମଧ୍ୟରୁ କେହି ଚେଷ୍ଟା କରି ପରୀକ୍ଷା କରନ୍ତି ସେବେ ବୁଝି ପାରିବେ ଯେ ବିଶୁଦ୍ଧ ଘରୋଇ ଶବ୍ଦ ଓ ଭାଷା ବ୍ୟବହାର କରି ଗ୍ରନ୍ଥ ଯାହା ଲେଖି ହେବା ପ୍ରଥମେ ଯେତେଦୂର ସହଜ ଓ ହେୟ ବୋଲି ବୋଧହୁଏ, ପ୍ରକୃତରେ ତାହା ନୁହେ । ଏଥିରେ ବୁଦ୍ଧି ଅଛି । ସେ ବୁଦ୍ଧି ସହଜରେ ଥିବା ନ ପଡ଼େ ବୋଲି ଏହା ଯେ ବୁଦ୍ଧି-ପରିବାର୍ଯ୍ୟ ॥ ଶ୍ରୀଯୁକ୍ତ ନନ୍ଦକିଶୋର ବଳଙ୍କର 'ପଲ୍ଲି ଚିତ୍ର' ଓ 'କର୍ଣ୍ଣଧରଣୀ' କେତେକ ଶିକ୍ଷିତ ଭାଇଙ୍କ ମତରେ 'ଚନ୍ଦ୍ରାବତୀହରଣ' 'ରାମଲୀଳା' ପ୍ରଭୃତି ମଧ୍ୟରେ ଗଣ୍ୟ ! Wordswoth, Tennyson, Dickens, Thackeray, George Eliot, ଇତ୍ୟାଦିଙ୍କୁ ଯେ ଇଂରାଜମାନେ ଏହି ଶ୍ରେଣୀରେ ନେଇ ନାହାନ୍ତି, ଏତକ ହିଁ ରକ୍ଷା ! ଏହା ବୋଲି କି 'ବିଶୁଦ୍ଧ ଘରୋଇ ଭାଷା' ଓ 'ବାଜାର ଦଣ୍ଡବଙ୍କ ଭାଷା' ମଧ୍ୟରେ ପ୍ରଭେଦ ନାହିଁ ? ଘରୋଇ ଭାଷାର ଦୁହାଇ ଦେଇ ଗଛଡାଳଙ୍କୁ ଗଛଡ଼ାଳ, ନେଉଳକୁ ନେଉଳ, ମଲେଇକୁ ମେକେ, ପଠେଇବାକୁ ପଟେଇବା, ବାପକୁ ବା, ବୋପା; ଏପରି କରି ଦେଇ ବସିଲେ ଆମ୍ଭେମାନେ ନାଗର । ଯେଉଁ ଭଦ୍ରପରିବାରପ୍ରଚଳିତ ଘରୋଇ ଭାଷାକୁ ଆମଦାନୀ ଓ ମାର୍ଜିତ ଭାଷା ଅତି ଅଳ୍ପ ପରିମାଣରେ ଦୋଷଯୁକ୍ତ କରିଅଛି, ତାହାକୁ ଆମ୍ଭେମାନେ ଅଦର୍ଶ ବୋଲି ମନେ କରୁଁ । ବହୁଶତାବ୍ଦି ବ୍ୟାପୀ ବିଦେଶୀୟ ରାଜା ଓ ଭାଷାମାନଙ୍କ ଅଧୀନ ରହି ଓଡ଼ିଆ ଭାଷାର ପ୍ରାଥମିକ ଅକୃତ୍ରିମ ସରଳତା ଓ ବିଶୁଦ୍ଧତା ଯେ ଅନେକ ପରିମାଣରେ ଲୁପ୍ତ, ଏହା କିଏ ନାହିଁ କହିବ ? ସେବେ ଯାହା ହୋଇ ଯାଇଅଛି ତହିଁର କି ସଂସ୍କାର ଅବଶ୍ୟକ, ଅପାତତଃ ଚେଷ୍ଟା ଅବଶ୍ୟ କର୍ତ୍ତବ୍ୟ । ଅନେକେ ପୁସ୍ତକଦ୍ୱୟ ଯେ ଏ ବିଷୟରେ ଧର୍ମପୂର୍ଣ୍ଣ ଯୋଗ୍ୟଶୂନ୍ୟ ଏହା ବୋଲିବା ଆମ୍ଭମାନଙ୍କର ଉଦ୍ଦେଶ୍ୟ ନୁହେ । ଘରୋଇ ଭାଷାକୁ ସାହିତ୍ୟଗତ ଭାବରେ ପରିଣତ କରିବା ନିମନ୍ତେ ଉକ୍ତ ପୁସ୍ତକ-ଦ୍ୱୟରେ ସବିଶେଷ ଚେଷ୍ଟା, ଯତ୍ନ ଓ ପରିଶ୍ରମ ହୋଇଅଛି । ବର୍ତ୍ତମାନ ଅବସ୍ଥାରେ ସମ୍ପୂର୍ଣ୍ଣ କୃତ-କାର୍ଯ୍ୟ ହେବାର ଆଶା ଦୁରାଶା କହିଲେ ଚଳେ । ଯେଉଁ ଦିନ ଇଂରାଜୀପ୍ରଚଳିତ ପ୍ରୂନିୟମ 'Write as you speak' (ଯେପରି କଥା କହ ସେହିପରି ଲେଖ) ଓଡ଼ିଆ ଭାଷାରେ ଅନୁଧାବିତ ହେବ,

Digitized by srujanika@gmail.com

ସେବକ ଓଡ଼ିଆ ଭାଷା ଓ ସାହିତ୍ୟର ସେବକ । ଉତ୍କଳ ସାହିତ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ଚଳି ଆସୁଥିବା ଯୁଗକୁ 'ଶିକାଳି ଉପରେ' ଯୁଗ ଆଖ୍ୟା ଦିଆଯାଇ ପାରେ । ଏ ଅଞ୍ଚଳରେ ଗୋଟିଏ ରମ୍ୟ ପ୍ରବାଦ ଅଛି । ଜଣେ ଶିକ୍ଷିତ, ମାର୍ଜିତରୁଚି ପୁତ୍ର ଅଶାସ୍ତ୍ର ପିତାଙ୍କୁ ପ୍ରଶ୍ନ କରୁଥିଲେ "ଦୂତ କେଉଁଠାରେ ଅଛନ୍ତି ?" ପିତା ପୁତ୍ରଙ୍କର ବର୍ଦ୍ଧିଷ୍ଣୁ ବିଦ୍ୟାବୁଦ୍ଧି ଓ ରୁଚିସୂକ୍ଷ୍ମତାର ପରିଚୟ ପାଇ ଈଷଦ୍ଧାସ୍ୟ କରି ଉତ୍ତର କଲେ "ଘୃତ ଶିକାଳି ଉପରେ ଘଡ଼ିକି ଭିତରେ ଅଛନ୍ତି ।" ସେ ଯାହା ହେଉ ପଦ୍ୟରେ ଏବଂ ଗଦ୍ୟରେ ଅଧୁନା ଏ ଯୁଗର ଅବସାନ ସୂଚିତ ହୋଇଅଛି । ଈଶ୍ୱର କରନ୍ତୁ, ସୁଦିନ କ୍ରମଶଃ ନିକଟବର୍ତ୍ତୀ ହେଉ । ଏ ଚେଷ୍ଟାରେ ଯେଉଁମାନେ ବ୍ରତୀ ସେମାନଙ୍କ ନାମ ଲେଖିବାକୁ ଯାଇ ଅନ୍ୟାନ୍ୟ ଅନନ୍ୟ ସାହିତ୍ୟସେବକଙ୍କର ଅଯଥା ବିରାଗଭାଜନ ହେବାର ସ୍ପର୍ଦ୍ଧା ଅମ୍ଭମାନଙ୍କର ନାହିଁ । ସେମାନଙ୍କ ନାମ ଅବଶ୍ୟ ଭବିଷ୍ୟତରେ ଓଡ଼ିଆ ସାହିତ୍ୟର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିଖିତ ହୋଇ ରହିବ, ସନ୍ଦେହ ନାହିଁ । ଅତଏବ ଅମ୍ଭମାନଙ୍କର ଅକିଞ୍ଚନ ଲେଖନୀରୁ ସେମାନଙ୍କ ନାମ ନ ବାହାରିଲା ବୋଲି ମନୋ-ଯୋଗ ଓ ବିରକ୍ତ ହେବାର କୌଣସି କାରଣ ନାହିଁ ।

ଉପରେ ଚରିତ୍ର ଚିତ୍ରଣ ବିଷୟରେ ଗ୍ରନ୍ଥକାରଦ୍ୱୟ ବିଶେଷ ନୈପୁଣ୍ୟ ଦେଖାଇ ଅଛନ୍ତି । 'Hold the mirror up to nature.' ହାମଲେଟ, ସ୍ଥାନୋଚିତ ସେ ଅଙ୍କର ଯଥାର୍ଥ ପ୍ରମାଣ ଅମ୍ଭେମାନେ ଏ ଦୁଇ ପୁସ୍ତକରୁ ପାଇ ଅଛୁଁ । ପ୍ରମାଣ ଅଠରୁଣ୍ଡର 'ଚମ୍ପା' ଓ ଯୁଗଧର୍ମର 'ଘାଗୀ ମାଉ' ଏହା ଶ୍ରେଣୀର । ତେବେ ଚମ୍ପା ଚତୁର୍ଦ୍ଦଶ-ବର୍ଷୀ ରାକ୍ଷସୀ । ଚମ୍ପାକୁ ସେକ୍ସ-ପିଅରଙ୍କର Titus and Andtonicus ନାଟକର Timora ଛଡ଼ା ଅନ୍ୟ କାହା ସଙ୍ଗେ ତୁଳନା କରିବାକୁ ସାହସ ହେଉ ନାହିଁ । ଘାଗୀ ମାଉ ରାକ୍ଷସୀ କିନ୍ତୁ ତରୁଣୀ । ଘାଗୀ ମାଉ ମହନ୍ତଙ୍କ କିଙ୍କରୀ; କିନ୍ତୁ ମଙ୍ଗରାଜ ଚମ୍ପାର ଚାକର । ଘାଗୀ ମାଉ ସେକ୍ସପିଅରଙ୍କ Pericles ନାଟକର ଚରିତ୍ରହୀନା ଦେବଦାସୀ Bawd । ଚମ୍ପା ହାତରେ ଗଣ୍ଡା ପଡ଼ିଥିଲେ ଗଣ୍ଡାକୁ ହରିଦାସ ଓ ପ୍ରେମ ବାବୁଙ୍କ ବାପା ଯେ ବେସାଇ ନେଇ ପାରୁ ଥାନ୍ତେ ଏହା ଅମ୍ଭମାନଙ୍କୁ ବିଶ୍ୱାସ ହେଉ ନାହିଁ । ସମାଜରେ ସାଧାରଣତଃ ଘାଗୀ ମାଉ ଏକରୁ ଅଧିକ ମିଳି ପାରନ୍ତି, କିନ୍ତୁ 'ଚମ୍ପା' 'ଲକ୍ଷକେ ଗୋଟିଏ' ମିଳିବା କଷ୍ଟ । ଅନ୍ୟ ଅର୍ଥରେ ରାମଚନ୍ଦ୍ର ମଙ୍ଗରାଜ ମନୁଷ୍ୟପଦବାଚ୍ୟ କିନ୍ତୁ ତାମସିକ ଓ ଅର୍ଥଲୋଲୁପ । ମହନ୍ତ ମହାରାଜ କିନ୍ତୁ ନରଦେହ-ଧାରୀ ପିଶାଚ । କେଳୁଣୀଙ୍କୁ ହମରୁ ଶାଢ଼ୀ ଦେବା ଭଳି ବଦାନ୍ୟତା 'ଲକ୍ଷକେ ଜଣେ'ଙ୍କଠାରେ ଘଟେ । ଯୁଗଧର୍ମର ନାଟୁଆ ପିଲା ଓ କେଳୁଣୀଙ୍କ ଦୃଶ୍ୟଟି ପ୍ରକୃତରେ ଏହା ମହନ୍ତ ମହାରାଜଙ୍କ ପାଖରେ ସାଜେ । ଅବଗୁଣ୍ଠନବାନ୍, 'ଗଣ୍ଡା'-ଭ୍ରମହାରୀ ହରିଦାସଙ୍କ ନିକଟରେ ମହନ୍ତ ଦ୍ୱିଜବର ଦାସଙ୍କ ତଲ୍ଲୀନତା କି ଚମତ୍କାର ! ଯେଉଁ ସମାଜରେ 'ଚମ୍ପା' ଓ 'ଦ୍ୱିଜବର ଦାସ'ଙ୍କ ଏକାଧିପତ୍ୟ, ସେ ସମାଜର ଉନ୍ନତି ସୁଦୂରପରାହତ । ଗ୍ରନ୍ଥକାରଦ୍ୱୟ ଚମ୍ପା ଓ ଦ୍ୱିଜବରଙ୍କର ଶେଷ ଦଶା ଚିତ୍ର କରିଅଛନ୍ତି ମାତ୍ର । କିନ୍ତୁ ଫଳରେ କଣ ହେଲା ? ଚମ୍ପା ସଂସାରରେ ଭଗିଅ ଓ ଯାଉଁଅର ସର୍ବନାଶ କରି, ଘରପୋଡ଼ି, ସାନ୍ତାଣୀଙ୍କୁ ହାତରେ ନ ମାରି ଭାତରେ ମାରି ନିର୍ବିଘ୍ନରେ ବୁଲୁଛି ! ଆଉ ସମାଜରେ ମହନ୍ତ ମହାରାଜ ନାଟୁଆ ପିଲାକୁ ଦଶହଜାର ଟଙ୍କାର ଅଳଙ୍କାର ସାଧାରଣ ସମ୍ପତ୍ତିରୁ ଦେଇ କପଟବେଶ, ସ୍ତ୍ରୀର ସର୍ବନାଶ କରିବାକୁ ଯାଇ ନିର୍ଦ୍ଦ୍ୱନ୍ଦରେ ଗାଦିରେ ବସି, କେଳୁଣୀଙ୍କୁ ହମରୁ ଶାଢ଼ୀ ବାଣ୍ଟି, ଆପଣା କଳୁଷ ପ୍ରାଣକୁ ଓଡ଼ଶାର ଥାଳମଗ ହଉଡ ଯାକ ରମାନା କରି ସମାଜବକ୍ଷରେ ସଗର୍ବରେ ବିଚରଣ କରୁଅଛନ୍ତି ! ସଂସାରରେ 'ହେଲଥ ମୁଣ୍ଡରେ ତେଲ' ଓ 'ଅଳକ ଏତବାର

Digitized by srujanika@gmail.com

ଅନେକ ଉପାୟ ଅଛି' ଏ ପ୍ରଥାଗୁଡ଼ିକ ସମ୍ପଳ ହୃଦୟଙ୍ଗମ କରାଇବା ଗ୍ରନ୍ଥଦ୍ୱୟର ଉଦ୍ଦେଶ୍ୟ; କିନ୍ତୁ କେଉଁ ଗ୍ରନ୍ଥକାର ବିଶେଷରୂପେ ଉଦ୍ଦେଶ୍ୟ ସାଧନରେ କୃତକାର୍ଯ୍ୟ ହୋଇଅଛନ୍ତି ତହିଁର ନିଷ୍ପତ୍ତି ପାଠକସାଧାରଣଙ୍କ ଉପରେ । ଛମାଣ ଆଠଗୁଣ୍ଠ ଲେଖକ ପାପର ପରାଜୟ ଦେଖାଇ ଦେଇ ଧର୍ମର ଜୟ ନିମନ୍ତେ ପରକାଳକୁ ଅପେକ୍ଷା କରିବାକୁ ଅମ୍ଭମାନଙ୍କୁ ଛାଡ଼ି ଦେଇ ଯାଇଅଛନ୍ତି । କିନ୍ତୁ ଯୁଗଧର୍ମର ଲେଖକ ପାପର ପରାଜୟ ଦେଖାଇ ଦେଇ ଧର୍ମର ଜୟ ମଧ୍ୟ ଦେଖାଇ ଦେବାକୁ ଛାଡ଼ି ନାହାନ୍ତି । ଛମାଣ ଆଠଗୁଣ୍ଠ ପଢ଼ି ସାରି ବହି ରଖି ଦେଲା ବେଳେ ଅମ୍ଭମାନଙ୍କ ଚକ୍ଷୁ ନିରାଶଲୋତକପୂର୍ଣ୍ଣ, କିନ୍ତୁ ଯୁଗଧର୍ମ ପଢ଼ି ସାରିଲା ବେଳକୁ ଅମ୍ଭେମାନେ ଆନନ୍ଦରେ ଗଦ୍ଗଦ ହୋଇ ନାଚି ଉଠୁଁ । ନିଃସ୍ୱାର୍ଥ ପ୍ରେମ ଓ ପରୋପକାର ଯୁଗଧର୍ମରେ ପଦେ ପଦେ ମୁକୁଳୁଅଛି । ଛମାଣ ଆଠଗୁଣ୍ଠ ଶେଷରେ ସେଗିର ମୃତ୍ୟୁଶଯ୍ୟା ନିକଟରେ ବସି ବୈଦ୍ୟରାଜଙ୍କ ହାସ୍ୟୋଦ୍ଦୀପକ ଶ୍ଳୋକାର୍ଥ ଶୁଣି ଆଉ ଅମ୍ଭମାନଙ୍କୁ ହସ ମାଡ଼େ ନାହିଁ । କିନ୍ତୁ ଯୁଗଧର୍ମ ଶେଷରେ ବ୍ରାହ୍ମବିବାହସଭାରେ ଅମ୍ଭେ-ମାନେ ପୂର୍ବକଥା ଭାବି ଭାବି ପ୍ରେମାନନ୍ଦ ହୋଇ-ଯାଉଁ, ପ୍ରେମବାବୁଙ୍କ ସଙ୍ଗେ ଅମ୍ଭେମାନେ ମଧ୍ୟ ନାଚି ଉଠୁଁ । ଛମାଣ ଆଠଗୁଣ୍ଠରେ ଆଉ ଗୋଟିଏ ଦୋଷ, (ଲେଖକଙ୍କର 'ରେବତୀ' ଉପନ୍ୟାସରେ ମଧ୍ୟ ଏ ଦୋଷ ଥିବାର ଜଣେ ଦେଖାଇଥିଲେ) ଚମ୍ପା, ଜଗା, ମଙ୍ଗରାଜ, ଭଗିଆ, ଶାରିଆ, ଧାନ୍ତ୍ରାଣୀ, ମରୁଆ ସମସ୍ତେ ଗଲେ, ଶେଷକୁ ବାକି ରହିଲା କେବଳ ମକୁନା ହଳଥା । କିନ୍ତୁ ଯୁଗ-ଧର୍ମରେ ପାପର ପରାଜୟ ଓ ଧର୍ମର ଜୟ ଘୋଷଣା କରିବାକୁ ନନ୍ଦ୍ୟାନନ୍ଦ, ରାଣୀ, ଯଶୋଦା, ପ୍ରେମବାବୁ, ହରିଦାସ ସମସ୍ତେ ରହିଲେ, କେବଳ ଗଲେ ସର୍ପୀ ମାଢ଼ା, ମହନ୍ତ ଓ ବଦମାଏସମାନେ —ପାପୀ ଦୁରାଗ୍ରହମାନେ । ସେ ଯାହା ହେଉ ଛମାଣ ଆଠଗୁଣ୍ଠ ଲେଖକଙ୍କର ଓଡ଼ିଶାର ଅନେକ ମଙ୍ଗଳ ବିଷୟରେ ଯେଉଁ ଅଭିଜ୍ଞତା ଅଛି, ତାହା ଯୁଗଧର୍ମ ଲେଖକଙ୍କର ହେବା ସମ୍ଭବ ନୁହେ । ଏ ବିଷୟରେ ଶ୍ରୀଯୁକ୍ତ ଫକୀରଙ୍କୁ ପ୍ରଥମ ସ୍ଥାନ ନ ଦେଇ କେହି ରହି ପାରିବେ ନାହିଁ । ଓଡ଼ିଆ ଘରର ଏପରି କୌଣସି ଅନ୍ଧସନ୍ଧି ନାହିଁ ଯେଉଁଠି ସେ ଥରେ ପ୍ରବେଶ କରି ନାହାନ୍ତି । ଉଚ୍ଚଠାରୁ ନୀଚ ପର୍ଯ୍ୟନ୍ତ—ମଙ୍ଗରାଜଙ୍କ ଦେଉଡ଼ିରୁ ଗାଉଁଆର ଲୁଣ୍ଡିବୁଣା ପିଣ୍ଡା ପର୍ଯ୍ୟନ୍ତ ସେ ସବୁ ସ୍ଥାନ ନିରେଖି ଦେଖିଅଛନ୍ତି ଓ ଦେଖାଇଅଛନ୍ତି ।

ତେଣେ ପ୍ରସିଦ୍ଧ ଅମେରିକ [illegible] ଲେଖକ କହିଅଛନ୍ତି, ସାଧାରଣତଃ ଦେଶରେ 'ପାପର ଦଣ୍ଡ', 'ଅତ୍ୟାଚାରର ପରାଜୟ' କେବଳ ପୁସ୍ତକରେ (ନାଟକ ଓ ଉପନ୍ୟାସ) ମିଳେ, ଫଳତଃ ନୁହେ । ତାହା ହେଲେ ଲୋକେ ପରକାଳ ମାନନ୍ତେ କିଆଁ ? ଯୁଗଧର୍ମରେ ନନ୍ଦ୍ୟାନନ୍ଦ ଓ ରାଣୀର ଦୁଃଖ ମୋଚନ କରିବାକୁ ପ୍ରେମ ବାବୁ ଉପସ୍ଥିତ । କିନ୍ତୁ ସଂସାରରେ ଓ ସମାଜରେ କେତେ କେତେ ରାଣୀ ଓ ନନ୍ଦ୍ୟାନନ୍ଦ କବାଟ ଦେଇ କାନ୍ଦୁ କାନ୍ଦୁ ଦିନ ସରୁ ନାହିଁ । ଦୁଃଖମୋଚନ କରିବା ଦୂରେ ଥାଉ, ପଦେ ସାନ୍ତ୍ୱନା ଦେବାକୁ କେହି ନାହିଁ !

ପରିଶେଷରେ ଏ ଦୁଇଟି ପୁସ୍ତକ ପ୍ରତି ସର୍ବ-ସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରିବା ଅମ୍ଭ-ମାନଙ୍କର ଉଦ୍ଦେଶ୍ୟ । ଅମ୍ଭମାନଙ୍କ ସିଦ୍ଧାନ୍ତ ଏକତରଫା ହୋଇ ପାରେ । ସର୍ବସାଧାରଣ ଉକ୍ତ ପୁସ୍ତକଦ୍ୱୟ ପାଠ କରି ସ୍ୱ ସ୍ୱ ସ୍ୱାଧୀନ ମତ ଓ ସିଦ୍ଧାନ୍ତରେ ଉପନୀତ ହୁଅନ୍ତୁ, ଏହାହିଁ ଅମ୍ଭମାନଙ୍କର ପ୍ରାର୍ଥନା । ଅମ୍ଭମାନଙ୍କର ଅକିଞ୍ଚନ ମତ ଭ୍ରମପୂର୍ଣ୍ଣ ହୋଇ ପାରେ । ଉତ୍କଳୀୟ ଶିକ୍ଷିତମାନେ ଅମ୍ଭମାନଙ୍କ ମତରେ 'ଖୋଳ ପର୍ବତ ମାର ମୂଷା' ନ କରି ସମାଲୋଚ୍ୟ ପୁସ୍ତକ ଦୁଇଖଣ୍ଡି ସୂକ୍ଷ୍ମଦୃଷ୍ଟିରେ ଆଲୋଚନା କରିବେ ବୋଲି ଅମ୍ଭମାନଙ୍କର ଧାରଣା ।

ପୁସ୍ତକଦ୍ୱୟରେ ଦୋଷର ମାତ୍ରା ମଧ୍ୟ ପରିସ୍ଫୁଟ

Digitized by srujanika@gmail.com

ଉନ୍ନତି—ବିଶେଷ ଐ ଭାଷା ବିଷୟ ବିଷୟରେ ଏହାଥିର ସ୍ଥଳରେ ଅମ୍ଭମାନଙ୍କର ଗଭୀର ସନ୍ଦେହ। କିନ୍ତୁ ଏପରି ପୁସ୍ତକର ସଂଖ୍ୟା ଓଡ଼ିଆ ଭାଷାରେ ଅତି ଅଳ୍ପ (few ର ଅର୍ଥ ପ୍ରକାଶକ ମିଳିଲା ନାହିଁ) ବୋଲି ବୋଧ ପରିମାଣ ଦେଖାଇଲେ ଗ୍ରନ୍ଥକାରମାନେ ବିଶେଷ ଧ୍ୟାନ ଦେବା ଉପରେ ଦୋଷର ମାତ୍ରା ଯଥାସମ୍ଭବ ଅଳ୍ପ ଦେଖାଇ ଶାନ୍ତ ରହନ୍ତୁ। ଗ୍ରନ୍ଥକାରଦ୍ଵୟ ଏ ବିଷୟରେ କ୍ରମଶଃ ଅଗ୍ରସର ହେବେ ଓ ସର୍ବସାଧାରଣଙ୍କୁ ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ କରିବେ ନାହିଁ ଏହା ଅମ୍ଭମାନଙ୍କର ଆନ୍ତରିକ ପ୍ରାର୍ଥନା। ଜଣେ ଉଦୀୟମାନ ଲେଖକ ଆଲୋଚନାର ପ୍ରଭାବ ସହ୍ୟ ନ କରିପାରି ଓଡ଼ିଆ ସାହିତ୍ୟରୁ ବିଦାୟ ନେଉଥିବାର ଅମ୍ଭେମାନେ ଦେଖିଅଛୁଁ। ଅମ୍ଭେମାନେ ଉକ୍ତ ବନ୍ଧୁଙ୍କ ଠାରୁ ଅନେକ ଆଶା କରିଥିଲୁଁ।

ଆଉ ଗୋଟିଏ କଥା—ଯେତେ ଅଳ୍ପ ସ୍ଥାନରେ, ବାକ୍ୟରେ ଓ କଥାରେ ଭାବ ପ୍ରସ୍ଫୁଟନ ଓ ରଚନା ଶୈଳୀର ବାଧା ନ ହୋଇ ଲେଖକ ମନୋଗତ ଭାବ ପ୍ରକାଶ କରିପାରନ୍ତି ଲେଖକଙ୍କୁ ସେତେ ହିଁ ଆସନ ଦିଆ ଯାଏ। କିନ୍ତୁ ବିଷୟ ପୁସ୍ତକରେ ଅମ୍ଭେମାନେ ଏ ଗୁଣର ସମ୍ୟକ ବିକାଶର ପରିଚୟ ନ ପାଇ ଦୁଃଖିତ ହେଲୁଁ। ଯେ ଅଳ୍ପ କଥାରେ ବେଶି ବୁଝାଇ ପାରେ ସେ ଧନ୍ୟ। ଏ ଦୋଷରେ 'ଛମାଣ ଆଠଗୁଣ୍ଠ' ଅପେକ୍ଷାକୃତ ଅଧିକ ଦୋଷୀ। ଉକ୍ତ ପୁସ୍ତକରୁ କେତେଗୁଡ଼ିଏ ପଂକ୍ତି ଉଠାଇ ଦେଇଥିଲେ ରଚନାଚରଣ ଓ ଭାବପରିସ୍ଫୁଟନରେ ବାଧା ପଡ଼ି ନ ଥାନ୍ତା। ସେହି ସୀମାନ୍ତ ନିର୍ଦ୍ଦେଶ କରିବା ଶିକ୍ଷା କରନ୍ତୁ। ଆପେ ନ ହସି ବା ନ କାନ୍ଦି ପରଙ୍କୁ ହସାଇବା ବା କନ୍ଦାଇବା ଶିକ୍ଷା ବାହାଦୁରୀ। ଆପେ କାନ୍ଦି ପକାଇଲେ ବା ହସି ପକାଇଲେ ଯେ ସବୁ ଭଣ୍ଡୋର। ଯାହାର ପଦେ କଥାରେ ପୃଥିବୀ ଓଲଟି ଯାଏ, ସେ ସମସ୍ତଙ୍କ ଅପେକ୍ଷା ଭାଗ୍ୟବାନ୍।

ଭବିଷ୍ୟରେ ସରଳ ଭାଷା ସମସ୍ତ ଦେଶାଂଶରେ ସମାନ ହେବ। ସରଳ ଭାଷା ବ୍ୟବହାର କରିବାକୁ ଗଲେ dialect (ଦେଶାଂଶବିଶେଷପ୍ରଚଳିତ ଭାଷା)ର ବ୍ୟବହାର ଅବଶ୍ୟମ୍ଭାବୀ ହୋଇ ପାରେ। ସେତେ ତହିଁରେ ଗୋଟିଏ Standard (ଆଦର୍ଶ) ଗଠିତ ହେବା ଉଚିତ। ସେଥି ନିମନ୍ତେ ଉଲ୍ଲସିତ ବା ବ୍ୟସ୍ତ ହେବାର ବିଶେଷ କାରଣ ଦେଖୁ ନାହିଁ। ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସରଳ ଭାଷା ବ୍ୟବହାର କରିବାର ପ୍ରବୃତ୍ତି ଥରେ ଦୃଢ଼ରୂପେ ପ୍ରବେଶ କଲେ 'Survival of the fittest' (ଯୋଗ୍ୟତମର ପ୍ରତିଷ୍ଠା) ନିୟମ ଅନୁସାରେ ଗୋଟିଏ ଆଦର୍ଶ ବିଶୁଦ୍ଧ ସରଳ ଭାଷା ଅଚିରେ ଗଠିତ ହୋଇ ଯିବ ସନ୍ଦେହ ନାହିଁ। ଉକ୍ତ ଆଦର୍ଶ ଭାଷାରୁ କ୍ରମଶଃ ଉତ୍ତରପ୍ରଚଳିତ ଓ ଦେଶାଂଶବିଶେଷପ୍ରଚଳିତ, ଅମଦାନୀ ବାକ୍ୟ ଓ ଶବ୍ଦଗୁଡ଼ିକ ଉଠି ଯିବ, ସାହିତ୍ୟରେ ଗୋଟିଏ ଆଦର୍ଶ ସରଳ ଭାଷା ସୁଗଠିତ ହୋଇ ରହିବ। ସବୁ ଉନ୍ନତ ଭାଷାରେ ଏ Revolution (ଯୁଗାନ୍ତର)ର ସମୟ ଏବେ ହେଲେ ଉପସ୍ଥିତ ହୋଇଅଛି ଏଥିର ଭୂରି ଭୂରି ପ୍ରମାଣ ରହିଅଛି। ବଙ୍ଗଳାରେ ସରଳ ଭାଷା ଲେଖିବାକୁ ଯାଇ କେହି ଢାକା ବା ପୂର୍ବ ବଙ୍ଗରେ ପ୍ରଚଳିତ କଥିତ ଭାଷା ବ୍ୟବହାର କରିବେ ନାହିଁ। କିମ୍ବା ଇଂରାଜୀରେ ବିଶୁଦ୍ଧ ସରଳ ଭାଷା ଲେଖିବାକୁ ଯାଇ କେହି Welsh dialect (ୱେଲସ୍ ପ୍ରଚଳିତ କଥିତ ଭାଷା) ବା କର୍ଣ୍ଣୱାଲର ଟିଣବ୍ୟବସାୟୀଙ୍କ ବ୍ୟବହୃତ ଭାଷା ଲେଖିବେ ନାହିଁ। ଏ ସମସ୍ତ Survival of the fittest (ଯୋଗ୍ୟତମର ପ୍ରତିଷ୍ଠା) ନିୟମ ଅନୁସାରେ ପ୍ରତିଷ୍ଠିତ ହୋଇ ଅଛି। କେବଳ ସ୍ଥାନବିଶେଷରେ ଓ ବ୍ୟକ୍ତିବିଶେଷର ମୁଖରେ Dialectical peculiarities (ଦେଶାଂଶପ୍ରଚଳିତ ବିଶେଷତ୍ୱ) ସବୁ ଉନ୍ନତ ଭାଷାରେ ଅନିବାର୍ଯ୍ୟ ହୋଇ ଉଠେ। ଅମ୍ଭେମାନେ ଏଠାରେ ତହିଁର ମୀମାଂସା କରିବାକୁ ଯାଉ

Digitized by srujanika@gmail.com

ନାହିଁ । ଉଦାହରଣସ୍ୱରୂପ ଯଜ୍ଞକର୍ମରେ ଗଞ୍ଜାମ ବ୍ରହ୍ମପୁରରୁ ଆଗତ ବ୍ରାହ୍ମଣପଣ୍ଡିତଙ୍କ ମନ୍ଦିରରେ ଲେଖକ ଯେଉଁ ଭାଷା ଦେଇ ଛନ୍ତି, ସେ ଭାଷା ସେଠାରେ ବ୍ୟବହୃତ ନ ହୋଇଥିଲେ ଦୋଷ ହୋଇ ନ ଥାନ୍ତା, ତେବେ ସେ ଭାଷା ଅନ୍ୟ କେଉଁଠାରେ ବ୍ୟବହାର ହୋଇଥିଲେ ହାସ୍ୟାସ୍ପଦ ହେବାକୁ ହୋଇ ଥାନ୍ତା । ପୁଣି ଜଣେ ଲୋକ ମୁଖରେ ବାଲେଶ୍ୱରପ୍ରଚଳିତ ଭାଷା ଦେଖିଲେ କେହି କେହି ନ ହସି ଆଉ କଣ କରିବେ ? ତେବେ ଯେ ଓଡ଼ିଆ ଭାଷାରେ ଏପରି ଗୋଟିଏ ଆଦର୍ଶ ଘଟେଇ ଭାଷା ନାହିଁ ଏହା ଅମ୍ଭେମାନେ କହୁ ନାହୁଁ । ଏପରି ଗୋଟିଏ ଭାଷା ସର୍ବବାଦସମ୍ମତରୂପେ ସ୍ଥିର ହେବା ଅତି ବାଞ୍ଛନୀୟ ।

ଉଲ୍ଲିଖିତ ଗ୍ରନ୍ଥକାରଦ୍ୱୟ ଅମ୍ଭମାନଙ୍କ ଅପେକ୍ଷା ଢେର ଉଚ୍ଚାସନରେ ଆସୀନ । ତେବେ ସ୍ୱାଧୀନ ଭାବରେ ଓ ମହଦ୍ଦେଶ୍ୟରେ କୌଣସି ମତ ପ୍ରକାଶ କରିଅଛୁଁ ବୋଲି ସେମାନେ ଅମ୍ଭମାନଙ୍କ ଉପରେ ବିରକ୍ତ ହେବେ ନାହିଁ, ଏହା ଅମ୍ଭେମାନେ ଉତ୍ତମରୂପେ ଜାଣୁ ଓ ସେହି ଧାରଣାର ବଶବର୍ତ୍ତୀ ହୋଇ ଉପରେ ପଦେ ଅଧେ ଲେଖିଲୁଁ । ଅମ୍ଭମାନଙ୍କ ଅପେକ୍ଷା ପାଠକସାଧାରଣ ଅବଶ୍ୟ କୃତିତ୍ୱ ବିଷୟରେ ଯୋଗ୍ୟତର ବିଚାରକ, ଏଥିରେ ସନ୍ଦେହ ନାହିଁ ।

ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ।

—:o:—

ପ୍ରତିବାଦ-ପତ୍ର ।

ଉତ୍କଳସାହିତ୍ୟ-ସମ୍ପାଦକ ମହୋଦୟ ସମୀପେଷୁ ।
ମହାଶୟ,

ଶ୍ରୀ ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ ବର୍ମ୍ମ ପ୍ରଣୀତ ଧ୍ରୁବ ନାଟକ ସମାଲୋଚନା କରି ୧୧, ୧୨ ଶ ସଂଖ୍ୟା ସାହିତ୍ୟରେ ଆପଣ ଲେଖିଅଛନ୍ତି:— "ଭାଷାରେ ପ୍ରାଦେଶିକତା ଅତ୍ୟନ୍ତ ଅଛି ।*** ଆଶାକରୁଁ ଗ୍ରନ୍ଥକାରମହୋଦୟ ଭବିଷ୍ୟତରେ ଏସବୁ ତ୍ରୁଟି ପରିହାର କରିବାକୁ ଯତ୍ନ କରିବେ ।" ପୁସ୍ତକରେ ପ୍ରାଦେଶିକତା ବ୍ୟବହାର କରିବା ଦୋଷ ଏହା ଆପଣ କେଉଁ ନିୟମାନୁସାରେ ସ୍ଥିର କରିଅଛନ୍ତି ଅମ୍ଭେ ଜାଣିପାରୁ ନାହୁଁ । ମାକ୍ସମୂଲର କହିଅଛନ୍ତି:— "and unless the literary and courtly languages invigorate themselves by a constantly renewed intercourse with their former companions, the popular dialects will sooner or later assert their ascendency." (*Vide* Max Muller's Science of Language, Vol I. page 61) ଏଥିର ଅଭିପ୍ରାୟ ଏହି ଯେ ପ୍ରାଦେଶିକଭାଷା ସହିତ ପୁସ୍ତକଗତ ଭାଷାର ସମ୍ପର୍କ ନ ରହିଲେ, ତାହେଲେ ପ୍ରାଦେଶିକଭାଷା ନିଜ ଆଧିପତ୍ୟ ସ୍ଥାପନ କରିବ । ସେ ଅନ୍ୟତ୍ର କହିଅଛନ୍ତି:—"What we are accustomed to call languages, the literary idioms of Greece and Rome and India, of Italy, France and Spain, must be considered as artificial rather than as natural forms of speech. The real and natural life of language is in its dialects, a name which in its widest sense comprises provincialism, brogue, *patois*, jargon or any other variety that affects the general progress of language down to the idiom of families and individuals" (*Vide* Max Muller's Science of Language, Vol I. page 55) ଏଥିର ସାରାଂଶ ଏହି ଯେ ଗ୍ରୀସ୍, ରୋମ୍, ଭାରତବର୍ଷ, ଇଟାଲି, ଫ୍ରାନ୍ସ୍ ସ୍ପେନ୍, ଇତ୍ୟାଦି ଦେଶମାନଙ୍କରେ ଅମ୍ଭେମାନେ ଯାହାକୁ ଭାଷା କହୁଁ ତାହା କୃତ୍ରିମ ଭାଷା, ଭାଷାର ପ୍ରକୃତ ପ୍ରାଣ କେବଳ ପ୍ରାଦେଶିକତା । ଏହା ପ୍ରମାଣସିଦ୍ଧ

Digitized by srujanika@gmail.com

କାହିଁକି ବା ଗାନ୍ତି ଅଞ୍ଚଳର ବୈଦେଶିକ ଉତ୍କଳ-ସନ୍ତାନମାନେ ମାତୃଭାଷା ଗ୍ରାମ୍ୟ ଭୁଲି ଯାଉଥାନ୍ତି ? ଓ ନୀଚ ଶ୍ରେଣୀଙ୍କରେ ଜଗନ୍ନାଥଦାସକୃତ ଭାଗବତ ବଙ୍ଗଳା ଅକ୍ଷରରେ ଲେଖି ଅଧ୍ୟୟନ କରୁଥାନ୍ତେ ? ଦେବଭାଷା ସଂସ୍କୃତ ମୃତ ହୋଇ ପଡ଼ି ରହିଥାନ୍ତା ? କାହିଁକି ଅନ୍ତର୍ଭାଗ ବଙ୍ଗଳା, ଓଡ଼ିଆ, ଗୁଜରାଟ ଇତ୍ୟାଦି ପ୍ରାଚୀନ ପ୍ରାଦେଶିକ ଭାଷାମାନଙ୍କରେ କଥାବାର୍ତ୍ତା କରୁଥାନ୍ତି ? ହିଟ୍ନି ସାହେବ କହିଅଛନ୍ତି:—"They (language and dialect) are only two names for the same thing, as looked at from different points of view. * * On the other hand, there is no tongue in the world to which we should not with perfect freedom and perfect propriety apply the name of dialect, when considering it as one of a body of related forms of speech. **; it (the science of language) has taught as that one man's speech is just as much a language as another man's; that even the most cultivated tongue that exists is only the dialect of a certain class in a certain locality—both class and locality limited, though the limits may be wide ones." (*Vide* Whitney's Life and Growth of Language. page 177 to 178) ଅର୍ଥାତ୍ ଭାଷା ଓ ପ୍ରାଦେଶିକତା ମଧ୍ୟରେ କୌଣସି ପ୍ରଭେଦ ନାହିଁ । ** ପୃଥିବୀରେ ଏପରି କୌଣସି ଭାଷା ନାହିଁ ଯାହାକୁ ଆମ୍ଭେମାନେ ପ୍ରାଦେଶିକତା କହି ନ ପାରିବା । ଆମ୍ଭମାନଙ୍କ କଥାବାର୍ତ୍ତା ଯେପରି ଭାଷା ଅନ୍ୟ ଲୋକମାନଙ୍କ କଥାବାର୍ତ୍ତା ସେପରି ଭାଷା ଅଟେ । ଯେତେ ଉତ୍କୃଷ୍ଟ ଭାଷା ହେଉ ତାହା କୌଣସି ପ୍ରଦେଶର କୌଣସି ଶ୍ରେଣୀ ଲୋକମାନଙ୍କର ପ୍ରାଦେଶିକତା ମାତ୍ର । ଏଥିରୁ ଆପଣ ସ୍ପଷ୍ଟ ବୁଝିବେ ଯେ ପ୍ରାଦେଶିକତା ଦୋଷରେ ଗଣ୍ୟ ନୁହେ, ବରଂ ପୁସ୍ତକରେ ଯେତେ ଅଧିକ ପରିମାଣରେ ବ୍ୟବହୃତ ହେବ ସେତେ ବାଞ୍ଛନୀୟ ।

ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ।

ଉତ୍ତର ।

ଶ୍ରୀ ଗୌରଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରଣୀତ ଧ୍ରୁବ ନାଟକର ସମାଲୋଚନା ପ୍ରସଙ୍ଗରେ ଆମ୍ଭେମାନେ ଲେଖିଥିଲୁଁ, "ଭାଷାରେ ପ୍ରାଦେଶିକତା ଅତ୍ୟନ୍ତ ଅଧିକ ।" ସଙ୍ଗେ ସଙ୍ଗେ ପୁସ୍ତକରୁ କେତେଗୁଡ଼ିଏ ଦୃଷ୍ଟାନ୍ତ ମଧ୍ୟ ଉଦ୍ଧାର କରି ଦେଇଥିଲୁଁ । ଏଥିରୁ ପାରଲାକିମେଡ଼ିବାସୀ ଆମ୍ଭମାନଙ୍କର ଶ୍ରଦ୍ଧେୟ ବନ୍ଧୁ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ରାଜଗୁରୁ ବି. ଏ. ମହାଶୟ ଉକ୍ତ କଥାର ପ୍ରତିବାଦ କରି ଉଣ୍ଡି ଏ ପତ୍ର ଲେଖିଅଛନ୍ତି । ପତ୍ରଖଣ୍ଡିକ ପାଠକମାନଙ୍କ ଗୋଚରାର୍ଥ ପ୍ରକାଶ କଲୁଁ । ତାଙ୍କ ପ୍ରତିବାଦର ଅର୍ଥ ଏହି ଯେ ପୁସ୍ତକରେ ପ୍ରାଦେଶିକତା (Provincialism) ଦୋଷ ନୁହେ, ବରଂ ଗୁଣ । ଏହି ଉକ୍ତିର ସପକ୍ଷରେ ସେ ପଣ୍ଡିତବର Max Muller ଏବଂ Whitney ସାହେବଦ୍ୱୟଙ୍କ ସାକ୍ଷିସ୍ୱରୂପ ଉପସ୍ଥିତ କରିଅଛନ୍ତି । ସେ ସମ୍ବନ୍ଧରେ ଆମ୍ଭମାନଙ୍କର ବକ୍ତବ୍ୟ ସଂକ୍ଷେପରେ ନିମ୍ନରେ ବ୍ୟକ୍ତ କରୁଅଛୁଁ ।

ପ୍ରଥମତଃ ପ୍ରାଦେଶିକତା ଶବ୍ଦ ଏବଂ ଆମ୍ଭେମାନେ ତାହା କି ଭାବରେ ବ୍ୟବହାର କରିଅଛୁଁ, ଏହା ସୁସ୍ପଷ୍ଟ ହେବା ଉଚିତ । ଏକ ଭାଷା ବିଭିନ୍ନ ପ୍ରଦେଶରେ ଅବସ୍ଥାଭେଦରେ ଲୋକମୁଖରେ ଏବଂ ବହିଃପ୍ରଭାବର ସମ୍ପର୍କରେ ପରିବର୍ତ୍ତିତ ହୋଇ ଯେଉଁ ଆକାର ଧାରଣ କରିଥାଏ ତାହା ଆମ୍ଭମାନଙ୍କ ମତରେ ଭାଷାର ପ୍ରାଦେଶିକତା । ପ୍ରତ୍ୟେକ ଭାଷାରେ ଏପରି ପରିବର୍ତ୍ତନର ଦୃଷ୍ଟାନ୍ତ ମିଳିବ । ମାତ୍ର ଲିଖିତ ଭାଷା

Digitized by srujanika@gmail.com

ବା ସାହିତ୍ୟରେ ବିଶେଷ ପ୍ରୟୋଜନସ୍ଥଳ ଭିନ୍ନ ଏଗୁଡ଼ିକ ବ୍ୟବହୃତ ହୁଏ ନାହିଁ ଏବଂ ହେବା ଦୂଷଣୀୟ ବୋଲି ବିବେଚିତ ହୋଇଥାଏ । ଗୋଟିଏ ମାତ୍ର ବାକ୍ୟର ଦୃଷ୍ଟାନ୍ତ ଦିଆଯାଉ । ପୂର୍ବ ବଙ୍ଗର କଥିତ ଭାଷା ବଙ୍ଗଳା ହେଲେ ମଧ୍ୟ ତାହା ଏପରି ବିକୃତ ହୋଇ ଯାଇଅଛି ଯେ ଅପରାପର ଅଞ୍ଚଳବାସୀ ବଙ୍ଗସନ୍ତାନମାନଙ୍କର ଗୋଟିଏ ଆମୋଦର ବିଷୟ ହୋଇଅଛି । ମାତ୍ର ପୂର୍ବ ବଙ୍ଗର ଗ୍ରନ୍ଥକାରମାନେ ନିଜ ପ୍ରଦେଶର ବିଶେଷତ୍ୱ ରକ୍ଷା କରିବାପାଇଁ ସାହିତ୍ୟରେ ତାହା ପ୍ରବର୍ତ୍ତିତ କରନ୍ତୁ କି ? କଲେ ଉପହାସାସ୍ପଦ ହେବେ ନାହିଁ କି ? ସେ କଥା ଦୂରରେ ଥାଉ, ଶିକ୍ଷିତ ପୂର୍ବାଞ୍ଚଳବାସିମାନଙ୍କ କଥାରେ ପୁରା ପ୍ରାଦେଶିକ ଭାବ ଅତ୍ୟଳ୍ପ ଲକ୍ଷିତ ହୋଇଥାଏ । ଅନ୍ତତଃ ତାହା ପରିହାର କରିବାର ଚେଷ୍ଟା ପ୍ରାୟ ସର୍ବତ୍ର ଲକ୍ଷିତ ହେବ । ବସ୍ତୁତ ଉତ୍କଳଭାଷୀ ପ୍ରଦେଶ ଘଟନାଚକ୍ରରେ ଖଣ୍ଡ ବିଖଣ୍ଡ ହୋଇ ବିଭିନ୍ନ ପ୍ରଦେଶର ଅନ୍ତର୍ଭୁକ୍ତ ହୋଇ ପଡ଼ିଅଛି ଏବଂ ବିଭିନ୍ନ ଭାଷାମାନଙ୍କର ପ୍ରଭାବରେ ନାନା ଭାବରେ ପରିବର୍ତ୍ତିତ ହୋଇ ନାନା ଆକାର ଧାରଣ କରିଅଛି । ସମ୍ବଲପୁର ପ୍ରଭୃତି ସ୍ଥାନରେ ହିନ୍ଦୀର ପ୍ରଭାବ, ଗଞ୍ଜାମ ଅଞ୍ଚଳରେ ତେଲିଙ୍ଗୀର ପ୍ରଭାବ ଏବଂ କାନ୍ଥି ବିଭାଗରେ ଓ ବାଲେଶ୍ୱର ଅଞ୍ଚଳରେ ବଙ୍ଗଳାର ପ୍ରଭାବ ଉକ୍ତ ଅଞ୍ଚଳମାନଙ୍କର ଭାଷାକୁ ଭିନ୍ନ ଭିନ୍ନ ଛାଞ୍ଚରେ ଢ଼ାଳି ନୂତନ ମୂର୍ତ୍ତିମାନ ଭରି ପକାଇଅଛି । ପ୍ରତ୍ୟେକ ଅଂଶର କଥିତ ଭାଷା ସ୍ୱତନ୍ତ୍ର । ଅନ୍ୟ କଥା ଦୂରରେ ଥାଉ, ଏହି କଟକ ଜିଲ୍ଲାରେ ମଧ୍ୟ ସହରର ଏବଂ ମଫସଲର ଭାଷାରେ ବେଶ ପାର୍ଥକ୍ୟ ରହିଅଛି । ଏଥି ମଧ୍ୟରୁ କେଉଁଟିକି ଆଦର୍ଶ ବୋଲି ଧରିବାକୁ ହେବ ? ପ୍ରତ୍ୟେକ ସ୍ଥାନର ଅଧିବାସୀମାନେ ଯଦି ଆତ୍ମଗୌରବ ରକ୍ଷା ପାଇଁ ସ୍ୱସ୍ଥାନପ୍ରଚଳିତ ଭାଷାକୁ ସାହିତ୍ୟରେ ପ୍ରବର୍ତ୍ତିତ କରିବାକୁ ଚେଷ୍ଟା କରନ୍ତି ତେବେ ଓଡ଼ିଆ ଭାଷା ଗୋଟିଏ ଅଦ୍ଭୁତ ଖେଚୁଡ଼ି ହେବ ନାହିଁ କି ? ବାଲେଶ୍ୱରର ଓଡ଼ିଆ କହନ୍ତେ —ଯାଉଥିନ, ଖାଉଥିନ, ଗିସି, ଖାଇସି, ତୋମର କେଉଁଠି, ସେ ଘରବଡ଼ରେ ଅଛି, ଗୁଡ଼ (ଘୋଡ଼ା), ଲୁଚା ଇତ୍ୟାଦି । କଟକର ସାଧାରଣ ଲୋକେ କହନ୍ତି—ଗାଲେ, ଯାଏ ଘର, ଲଇ (ନଈ), ଲଡ଼ଥି, ଇତ୍ୟାଦି । ସମ୍ବଲପୁର ଅଞ୍ଚଳରେ ସେହିପରି କାହିଁ ଯାଏଁ, କାହିଁ ଖାଏଁ, ମୁଁ ଚେଷ୍ଟା କରିବି, ମୋତେ ଜାଣିନ, ଇତ୍ୟାଦି କେତେ ପ୍ରକାର ବିଶେଷତ୍ୱ ଦୃଷ୍ଟ ହେବ । କାନ୍ଥି ଅଞ୍ଚଳରେ ମଧ୍ୟ ଏକ ପ୍ରକାର ଓଡ଼ିଆ ଏପର୍ଯ୍ୟନ୍ତ ଅଛି । ତାହାର ଦଉଟି ଗୋଟିଏ ଦୃଷ୍ଟାନ୍ତ ଦେଉନ୍ତୁ:— ଆମ୍ଭେମାନେ ଜଣେ ନିମ୍ନ ଶ୍ରେଣୀର ଲୋକକୁ ପଚାରିଲୁଁ, "ତୋ ଘର କେଉଁଠି ବାଟ ?" ଉତ୍ତର —'ବାଟ କଇ ତ କି ?' ଓଡ଼ିଆ ପାଠକ ! କିଛି ବୁଝି ପାରିଲେ କି ? ଆଉରି ଦେଖନ୍ତୁ—ହେଟଦଇ, ବଗାନ ଛଡ଼ି ଦଉଛି, କଉଜ ଅଲାପ ଟାଇଲ, ମାଣ୍ଡୁମାନଙ୍କର, ଅନ୍ୟ ରକମ କପ, ଭୁମି ଦେଖି ଅଶିବ, ସେ ହଗ ହେଉଛେ, ବଡ଼ଗୁଳ ଫୁଟି ଯାଉଛେ, ତୁମେଇ ଗଲା ନା କହେ ? ଇତ୍ୟାଦି । କାନ୍ଥି ଅଞ୍ଚଳର କୌଣସି ବ୍ୟକ୍ତି ପୁସ୍ତକ ଲେଖିବାକୁ ବସି ଏପରି କଥା ବ୍ୟବହାର କଲେ ପାଠକମାନେ ଅନୁମୋଦନ କରିବେ କି ? ଏହିପରି ଭାଷାର ପ୍ରାଦେଶିକ ବିକୃତ ଆକାରକୁ ଆମ୍ଭେମାନେ ସର୍ବଥା ଦୂଷଣୀୟ ବୋଲି ମନେ କରୁଁ ଏବଂ ସମାଲୋଚିତ ପୁସ୍ତକରେ ଏହିପରି ଅଂଶଗୁଡ଼ିକୁ ଦୋଷ ଦେଇଥିଲୁଁ । ପାଠକମାନଙ୍କର ବୁଝିବାର ସୁବିଧା ନିମିତ୍ତ ପୁଣି ଉକ୍ତ ପୁସ୍ତକରୁ କେତେଗୋଟି ଦୃଷ୍ଟାନ୍ତ ଦେଉଅଛୁଁ ।—'କ ଜାଣି ଯାହା ଯାଉଛୁ ତାହା ବୋଲି ଦେଲୁ ।' 'ଆମେ (ଆସ ବା ଆ) ଠାକୁର ଦେବାନ ଭୋଜନ କରିବୁ ।' 'କୋଠାରେ ଥିଲୁ.' 'କୋଠାରେ ଅଛନ୍ତି', 'ତୋ ଅଛେ', 'ଦେଇ', 'ତୁ ଦେଖିଲେ ବାଲୁତ'; ତୁ ଗଲେ ସେମାନେ ପଚାରିବେ ନାହିଁ ଯେ ତୋ ଅଛେ ଦେଖିବେ ନାହିଁ ।' 'କଜେ ଦେଲୁ', 'ଦେ ଜାଣି

Digitized by srujanika@gmail.com

ଯାଇବ', 'କେ କହିଲା', 'ଜାଣି ହେଉ ଅଛନ୍ତି,' 'ସେ କ ଦେଖୁଣ', 'କଣ ହେଲା ! ଅଳ୍ପରା ଅସିଲେ ନାହିଁ ।' (ଏଠାରେ ଆସ୍ତର କଥାର ଅର୍ଥ କଣ ?) 'କି ଗୋଳମାଳ ଚଳଲା ନା ?' 'ସୁରୁଚ କହିଲାପରି ଭୂ ବା ମୁ ପୂର୍ବଜନ୍ମରେ ତପସ୍ୟା କରୁ ନାହିଁ ।' 'ପୁତ୍ରର ମନ ଭୁଲାଇ ଫେର ମୋଠାକୁ ଅଣିଲ ପରି କର ।' 'ବର୍ତ୍ତମାନ ଅମ୍ଭେମାନେ କେଉଁ ବା ଉପାୟ କଣ ?' ଅଧିକ ଦୃଷ୍ଟାନ୍ତ ଦେବାର ପ୍ରୟୋଜନ ନାହିଁ । ଅମ୍ଭେମାନେ ଜାଣୁ ଗଞ୍ଜାମ ଜିଲ୍ଲାର ଅଧିକାଂଶ ସ୍ଥଳର ଭାଷା ଏହାଠାରୁ ବହୁଗୁଣରେ ବିକୃତ । ଗ୍ରନ୍ଥକାର ବିଶେଷ ସତର୍କତା ଅବଲମ୍ବନ କରି ଅନେକ ପରିମାଣରେ ଭାଷାର ବିଶୁଦ୍ଧତା ରକ୍ଷା କରି ଅଛନ୍ତି । ତଥାପି ସେ ସମ୍ପୂର୍ଣ୍ଣରୂପେ ପ୍ରାଦେଶିକତାର ହସ୍ତରୁ ରକ୍ଷା ପାଇ ପାରି ନାହାନ୍ତି । ଏହା ନାହିଁ ଅମ୍ଭେମାନେ କହୁଥିଲୁଁ ଏବଂ କହୁଅଛୁଁ । 'ଗଞ୍ଜାମ ଓଡ଼ିଆ ସ୍ୱତନ୍ତ୍ରବାଦୀ' ଥରେ ଯାହାଙ୍କ ଦୃଷ୍ଟିପଥରେ ପଡ଼ିଥିବ, ସେ ଗଞ୍ଜାମୀ ଓଡ଼ିଆର ବିକଳ ଦୃଷ୍ଟାନ୍ତ ପାଇଥିବେ । ଗୋଟିଏ ସାମାନ୍ୟ ପଦରୁ କିଞ୍ଚିତ ନମୁନା ଦେଉଅଛୁଁ — 'ଓଡ଼ିଆ ପତ୍ରିକାମାନଙ୍କ ଛାତ୍ରାଦିଙ୍କ ଦ୍ୱାରା ଏହି ପୁସ୍ତକ ପ୍ରଚାର ହୋଇଥିଲା । ବେଣ୍ଟକର ମହାଶୟ ଛାତ୍ରଙ୍କଠାରୁ ଲେଖିବାକୁ ଚେଷ୍ଟା କରୁଅଛନ୍ତି ।' ଏହିପରି ଭାଷାର ବ୍ୟବହାରକୁ ଶୁଦ୍ଧ ବୋଲା ଯିବ କି ?

ଅମ୍ଭେମାନେ ଘରୁଆ ଭାଷା ବ୍ୟବହାରର ବିରୋଧୀ ନୋହୁଁ । ବରଂ ନାଟକ ଉପନ୍ୟାସାଦିରେ ବ୍ୟକ୍ତିବିଶେଷଙ୍କ ମୁଖରେ ସେପରି ଭାଷାର ବ୍ୟବହାର ଏକାନ୍ତ ବାଞ୍ଛନୀୟ ବୋଲି ମନେ କରୁଁ । ସେଠାରେ ଲିଖିତ ଭାଷା ପ୍ରଯୁକ୍ତ ହେବ ଏବଂ ଅନେକ ସ୍ଥଳରେ କଥିତ ସାଧୁ ଭାଷାର ସଙ୍ଗତି ରକ୍ଷା ହେବ ନାହିଁ । କିନ୍ତୁ ଭାଷାର idiom ରକ୍ଷା ନ କଲେ ବିଶେଷତ୍ୱ ରହିଲା କାହିଁ—idiom ହିଁ ଭାଷାର ବଳ ବୃଦ୍ଧି କରେ । ମାତ୍ର ପ୍ରାଦେଶିକତା ସର୍ବଥା ପରିହାର୍ଯ୍ୟ । ଭିନ୍ନ ଭିନ୍ନ ପ୍ରଦେଶର ଓଡ଼ିଆ କାଳକ୍ରମେ ଏପରି ଭିନ୍ନଭାବାପନ୍ନ ହୋଇ ପଡ଼ିଅଛି ଯେ ଅନେକ ସମୟରେ ଗୋଟିଏ ପ୍ରଦେଶର ଭାଷା ଅନ୍ୟ ପ୍ରଦେଶବାସିଙ୍କ ପକ୍ଷରେ ବୁଝିବା ସୁକଠିନ ହୋଇ ପଡ଼େ । ଏପରି ସ୍ଥଳରେ କର୍ତ୍ତବ୍ୟ କଣ ? ଲିଖିତ ଭାଷାର ଗୋଟିଏ ଆଦର୍ଶ (standard) ହେବା ଉଚିତ କି ? କେବେ କାହାକୁ ଆଦର୍ଶ କରିବା ? ଆମ୍ଭମାନଙ୍କ ମତରେ ସର୍ବାଙ୍ଗପ୍ରଚଳିତ ଓ ସର୍ବଜନବୋଧ୍ୟ ବିଶୁଦ୍ଧ ଓଡ଼ିଆ ଗ୍ରାମ୍ୟ କଥା ଓ idiom ରକ୍ଷା କରି ଅଧିକ ପରିମାଣରେ ସଂସ୍କୃତମୂଳକ ସଂସ୍କୃତଶବ୍ଦମାନ ବ୍ୟବହାର କଲେ କାହାରି କୌଣସି ଆପତ୍ତି ରହିବ ନାହିଁ । କେବଳ ଗ୍ରାମ୍ୟ ଭାଷାଦ୍ୱାରା ଯେ ବର୍ତ୍ତମାନ ସମୟୋପଯୋଗୀ ସକଳ ପ୍ରକାର ଲେଖା ଚଳି ପାରିବ ଏପରି ଆଶା କରା ଯାଇ ନ ପାରେ । ବିଷୟଭେଦରେ ଭାଷାର ସାଧ୍ୟ ପ୍ରଭେଦ ଘଟିବା ଅନିବାର୍ଯ୍ୟ । କେବଳ ଘରୁଆ ବା ଗ୍ରାମ୍ୟ ଭାଷା ବ୍ୟବହାର କଲା ବେଳେ କଥା-ଗୁଡ଼ିକର ବଳାବଳ ଓ ପ୍ରସାର ପ୍ରତି ଦୃଷ୍ଟି ରଖିବାକୁ ହେବ । ଯାହା ସମ୍ପୂର୍ଣ୍ଣରୂପେ ସ୍ଥାନୀୟ ଏବଂ ବିକାଳପ୍ରାପ୍ତ, ତାହା ସର୍ବଥା ବର୍ଜନୀୟ । ପୁରୀର ବିଷୟ ପ୍ରାପ୍ତ ସର୍ବାଞ୍ଚଳର ଶିକ୍ଷିତ ଓଡ଼ିଆ ପୁଣି ଅଳ୍ପାଧିକ ପରିମାଣରେ ଏହି ପନ୍ଥା ଅନୁସରଣ କରୁଅଛନ୍ତି । ଗ୍ରାମମାନଙ୍କର ବାବୁ ମୁହିଁ ଯେତେ ଯାହା କହନ୍ତୁ, କାର୍ଯ୍ୟରେ ଏହି ପନ୍ଥା ହିଁ ଲାଗୁ । ତାହାର ପ୍ରମାଣ, ତାଙ୍କର ଭାଷା ପ୍ରାୟ ପ୍ରାଦେଶିକତା-ବର୍ଜିତ । ଏହି ସମ୍ମିଳନୀ ଓ ସଙ୍ଘ ସାରଣର ଯୁଗରେ କି ଭାଷା, କି ଭାବ, କି ଆଚାର ବ୍ୟବହାର, ସେ କୌଣସି ବିଷୟରେ କ୍ଷୁଦ୍ର ପ୍ରାଦେଶିକତାକୁ ସର୍ବଥା ମନେ ନ କରି ତାହାର ସୀମା ମଧ୍ୟରେ ଅବଦ୍ଧ ରହିବାକୁ ଚେଷ୍ଟା କରିବା ନିତାନ୍ତ ବାତୁଳତା ।

ପ୍ରସଙ୍ଗକ୍ରମେ ଅନେକ କଥା କହି ପକାଇଲୁଁ । ଆଉ ଅଧିକ କିଛି କହିବାର ନାହିଁ । ଗ୍ରନ୍ଥକାର ମହାଶୟ ଜଣେ ସୁଶିକ୍ଷିତ, ବୁଦ୍ଧିମାନ୍ ଓ ବିଚକ୍ଷଣ

Digitized by srujanika@gmail.com

ବ୍ୟକ୍ତି । ପୁସ୍ତକରୁ ଦୃଷ୍ଟାନ୍ତ ଦେଖାଇ ଆମ୍ଭମାନଙ୍କ ଉକ୍ତି ସମର୍ଥନ କରିଥିବାସତ୍ତ୍ୱେ ସେ ଯେ ଭ୍ରମରେ ପଡ଼ି ଥିଲେ ଏବଂ ପ୍ରମାଣ ପ୍ରୟୋଗ କରିବାକୁ ବୃଥା ଲଣ୍ଡ ଭଣ୍ଡ ହେଲେ ଏହାହିଁ ବଡ଼ିକ । ଗଞ୍ଜାମ ଅଞ୍ଚଳର ଓଡ଼ିଆ ଭାଷା ବିକୃତ ଅବସ୍ଥା ପ୍ରାପ୍ତ ହୋଇଅଛି, ଏକଥା କିଏ ସେ ଅସ୍ୱୀକାର କରନ୍ତି ? ଭାଷା କାହିଁକି, ଓଡ଼ିଆ ଅକ୍ଷରର ମଧ୍ୟ ବେଶ୍ ଅପବ୍ୟବହାର ଘଟିଅଛି । ସେ ଯାହା ହେଉ, ଗଞ୍ଜାମ ଅଞ୍ଚଳର ଓଡ଼ିଆରେ ଯେ ଅନେକ ବିଶୁଦ୍ଧ ଓଡ଼ିଆ ଶବ୍ଦ ଓ idiom ଅବିକୃତ ଭାବରେ ରକ୍ଷିତ ହୋଇ ଚାଲିଆସୁଅଛି, ଏକଥା ଆମ୍ଭେମାନେ ମୁକ୍ତକଣ୍ଠରେ ସ୍ୱୀକାର କରୁଅଛୁଁ । ସେଗୁଡ଼ିକର ସର୍ବସାଧାରଣ ପ୍ରଚଳନ ଏକାନ୍ତ ବାଞ୍ଛନୀୟ । ଅନ୍ତତଃ ଭାଷାମୂଳରେ ଯେପରି ବିଚ୍ଛିନ୍ନ ଉତ୍କଳ-ଭାଷୀ ପ୍ରଦେଶମାନଙ୍କର ସମ୍ମିଳନର ସୂତ୍ରପାତ ହୋଇଅଛି ଏବଂ ପରସ୍ପରଙ୍କ ମଧ୍ୟରେ ଯେପରି ଆକର୍ଷଣର ଲକ୍ଷଣ ପ୍ରକାଶ ପାଉଅଛି, ସମସ୍ତ ଅଞ୍ଚଳର ଭାଷା ପରିଶୁଦ୍ଧ ହୋଇ ଏକ ଭାବାପନ୍ନ ହେବାର ସମୟ ଅଧିକ ଦୂରବର୍ତ୍ତୀ ନୁହେଁ । ସେହି ସୁଦିନ ପ୍ରତି ଲକ୍ଷ ରଖି କାର୍ଯ୍ୟ କରିବା ପ୍ରତ୍ୟେକ ସ୍ୱଦେଶବତ୍ସଳ ଉତ୍କଳସନ୍ତାନଙ୍କର ପବିତ୍ର କର୍ତ୍ତବ୍ୟ ।

—:୦*୦*୦:—

କ୍ଷୁଦ୍ରକ୍ଷୁଦ୍ର କବିତା ।

କ୍ଷମା ।

ଶଲ୍ୟବିଦ୍ଧ ଶଲ୍ୟକଥା, ପ୍ରାଣେ ତା ଦାରୁଣ ବ୍ୟଥା,
ଛଟପଟ ଯାତନାରେ ଅଙ୍ଗ,
କହୁଣି ଖସିଲା ଗୋଡ଼ ଅନ୍ତରେ ବେଦନା ବଡ଼,
ମୁଣାରେ କି ଛେଦିବ ତା ସଙ୍ଗ ?
ଅପରାଧେ ଯେବେ ଚୋର ହୋଇଗଲା ଥରେ ଭ୍ରମ
କାହାର ଏ ବିଶ୍ୱେ ନାହିଁ ଭ୍ରାନ୍ତି—
ଆସ ହେ ଉଦାର ପ୍ରାଣେ ସିଞ୍ଚିବ କରୁଣାବାରି
କ୍ଷମାରେ ସଞ୍ଚିବ ସୁଖଶାନ୍ତି ।
ଏ ଭବଗହନବନେ ହରାଇ ପଥିକ ବୁଲି
ଭେଟିଣ ପୁନଶ୍ଚ ଯେବେ ପଥ,
ହେଳ ଘୃଣା ଧରି ହସ୍ତ କହାଇ କେବଳ ପଥ
ନୋହିଲେ ସେ ପ୍ରାଣୀ ହେବ ହତ ।
ବାଇ ବ୍ୟାଧିଗଣ ଦେହେ ମୁଣ୍ଡାଇବ ରୋଗ-କଣ୍ଟ
ଜାଲେ ରୋଗୀ ଲଭିବ ଆରୋଗ୍ୟ,
ମାନସିକ ବ୍ୟାଧି ତାର ତୁଟି ଆତ୍ମା ହେବ ସାର,
ହେବ ସେ ପବିତ୍ର ଦେବଯୋଗ୍ୟ ।
କରିଛୁ ସେ ମହାଭ୍ରାନ୍ତି ? ଛେଳଛେଳ ରୋଗ ଘୃଣା;
ପୀଡ଼ିତର ଔଷଧ ପ୍ରହାର ?
ଥିଲାବେଳେ ସେ ମୁଗ୍ଧା ବାଳା ଅମୃତେ ଗରଳ ଦେଲା?
କୋହମାୟା କାହିଁ ରେ କାହାର ?
ବିଶ୍ୱାସଘାତିନୀ ମୂଢ଼ା ? ରଖ ରଖ ଶୋକେ ଶସ୍ତ୍ରା,
ଭୁଲ ଦଣ୍ଡେ କରିଛୁ ସେ କିବା,
ତୁମ୍ଭହାତ ନିଜ ସୁଖ ମଣିଛୁ ସେ ପ୍ରିୟତର,
ନାହିଁ ପ୍ରିୟତର ନିଜ ସିବା ।
ଦେଖ ତୃପ୍ତ ପ୍ରାଣେ ତାର ସଙ୍ଗେ ସଦ୍ଗୁଣ ପ୍ରାପ୍ତ
ହମ୍ୱିନା ବିସ୍ତେ ମହାନ,
କ୍ଷଣିକ ଏ ବନ୍ଧୁ-କୃପା ନିତ୍ୟ ତୀବ୍ର ଅନୁରାଗ
ସ୍ୱର୍ଗେ ତାଙ୍କୁ କରିବ ଉତ୍ଥାନ ।

ଶ୍ରୀ ନନ୍ଦକିଶୋର ବଳ ।

କବିତା-ଚିତ୍ର ।

କୃଷିଲେଇଁ ମଣ୍ଡିତ ଏ ହେଲା ଭାରି ଗଜା,
ବନ୍ଧୁଥିଲି ମନେ ମନେ ହେବ ଖାଇ ମଜା ।
ଦେଖୁଁ ଦେଖୁଁ ହେଲା ଗଛେ କଳି, ଫୁଲ, ଫଳ,
ପାଚିଲ କଷିବ ଶର ବନ ସ୍ପୃହା ଅମଳ ।
ଚାଖିବାକୁ ଦେଲି ଫଳ, ଶୁଙ୍ଘିବାକୁ ଫୁଲ,
ବୋଇଲେ ଦେଖଣାହାରୀ "ଅମୂଲ୍ୟ ଅତୁଳ" ।
ଧାଁଇଲି ହାଟରେ ନେଇ 'ଲତା ଏ ଗୋଟାକୁ'
ଗ୍ରାହକ ଗହକ ଏ କିଣିଲେ ତାଙ୍କୁ ।
ମନଦୁଃଖେ ଫେରିଆଇ ଅଛିଲି ସ୍ୱଗୃହେ,—
ବସିଥିଲି ଥୋକେ ମୋର ଦାଣ୍ଡଦ୍ୱାରମୁହେଁ ।
ବୋଇଲେ 'ଖୁଣ୍ଟାରୁ' ଅଖି କି ସୁନ୍ଦର ଫଳ,

Digitized by srujanika@gmail.com

"ନୀଳ ଗୁଳୁଗୁଳୁ ପାଚି ଝୁଲେ ଫଳ ଭଲ ।"
ଫଳ ଖାଇ କହିଲେ ସେ "ଏ ବଡ଼ ସୁନ୍ଦର ।"
ଶୋଭନ ଉପାସ ଗୃହ ନ ଥିଲା ମୋ ଘର ।
ଶ୍ରୀ ନନ୍ଦକିଶୋର ବଳ ।

— — —

ପ୍ରେମ-ତତ୍ତ୍ୱ ।

(ଗୋଟିଏ ଇଂରାଜୀ କବିତା ଅବଲମ୍ବନରେ ।)

କ୍ଷୁଦ୍ର ସ୍ରୋତସ୍ୱତୀ ମହାନଦୀ ଅଙ୍ଗେ
ମିଶାନ୍ତି ସ୍ୱକୀୟ ଅଙ୍ଗ,
ମହାନଦୀ ପୁଣି ସମୁଦ୍ର ତରଙ୍ଗେ
ମିଶାଏ ନିଜ ତରଙ୍ଗ । ୧ ।
ଗଗନ ସମୀର ଉଦ୍ବେଗେ ମିଶଇ
ଅଟେ ଏ ସତ ଶାଶ୍ୱତ,
ରଜନୀଗନ୍ଧାର ରଜନୀ ପ୍ରବେଶେ
ବଢ଼େ ଗନ୍ଧ ଅତିମତ । ୨ ।
ଜଗତରେ ସର୍ବେ ପ୍ରେମେ ମିଶାମିଶି,
ପ୍ରେମ ଅମୂଲ୍ୟ ରତନ,
ଜଗତେ ଏକାକୀ କେହି ନ ରହନ୍ତି,
ବିଧିବିଧାନ ଏମନ । ୩ ।
ସ୍ଥାବର, ଜଙ୍ଗମ ଏକଙ୍କୁ ଅନେକେ
ପ୍ରେମ ଦିଅନ୍ତି ମିଶାଇ,
ମୋ ନେତ୍ରପ୍ରେମୀ ! ତବ ସଙ୍ଗେ ମୁହିଁ
ନ ମିଳିବି କାହିଁପାଇଁ ? ୪ ।
ଗଗନ ଚୁମ୍ବନ୍ତି ଧରାଧରଗଣ
ହୃଦେ ମହାମୋଦ ବହି,
ଅସୀମ ତରଙ୍ଗେ ଅନନ୍ତ ତରଙ୍ଗ
ପ୍ରେମଭରେ ଆଲିଙ୍ଗଇ । ୫ ।
ନବ କିଶଲୟ— ପୁଷ୍ପେ ସଶୋଭିତ
ସହକାର ତରୁବରେ
ମାଧବୀ ଲତିକା ସୁଲୁମାର ତନୁ
ପ୍ରସାର ଗ୍ରହଣ କରେ । ୬ ।
ସହସ୍ରମରୀଚି— ମହୀଙ୍କ ଗାତ୍ର
ପ୍ରେମେ ଚୁମ୍ବେ, ଧରାତଳ,
ନିଶା-ରମଣୀର ମଥାମଣି ଚନ୍ଦ୍ର
ଦର୍ଶନେ ସିନ୍ଧୁ ବିହ୍ୱଳ । ୭ ।
ଜନ୍ତୁ ଏ ସକଳ ପ୍ରେମେ ମିଶାମିଶି
କେବେ କୁହେ ସମୁଚିତ,
ତବ ଆତ୍ମା ସଙ୍ଗେ ମମ ଆତ୍ମା ଯେବେ
ନ ହୁଏ ପ୍ରିୟେ ! ମିଳିତ । ୮ ।
ଶ୍ରୀ ବାଳୁକେଶ୍ୱର ମିଶ୍ର ।

— —

ରାଜାର ପ୍ରଜା-ପ୍ରେମ ।

ପ୍ରତ୍ୟକ୍ଷେ ଜଗତେ ଶାସକ ମହାନେ
ଦୟାମୟ ଜଗପତି
ନିଯୋଜିଲେ ଯିନି ସ୍ୱୀୟ ପ୍ରତିନିଧି—
ରୂପେ ମର୍ତ୍ତ୍ୟେ ନରପତି ।
ପୂତ ପ୍ରଜା-ପ୍ରେମ— ଅଭିଭୂତ ରାଜା
କରନ୍ତି ପ୍ରତିପାଳନ
ରାଜଧର୍ମ;—ପ୍ରଜା- ସୁଖ-ସମ୍ପାଦନ,
ଦୁଃଖରାଶି-ବିମୋଚନ ।
ନୃପତିଙ୍କ ପ୍ରେମ- ବୃକ୍ଷ-ଶାଖା ଯହିଁ
ବ୍ୟାପ୍ତ ସମ୍ପୂର୍ଣ୍ଣ ଦେଶେ,
ଖେଳୁଥାନ୍ତି ପ୍ରଜା ଯେ ବୃକ୍ଷ-ଛାୟାରେ
ସୁଖ-ଶୀତଳ ନିର୍ବିଶେଷେ ।
ପ୍ରଜାହିତେ ନାନା ଯତ୍ନେ କରେ ରାଜା
ଶିକ୍ଷାପ୍ରଣାଳୀ ସ୍ଥାପନ;
ନୃପ-ସୂର୍ଯ୍ୟ-ଦତ୍ତ ସୁବିଦ୍ୟା-କିରଣ
ଅଜ୍ଞାନ-ତମ-ନାଶନ ।
ପ୍ରେମେ ଅହ୍ଲାଦିତ ଦେଖିଣ ନୃପତି
ସ୍ୱପ୍ରଜା-କଳା-କୌଶଳ ।
ପ୍ରଜାର ବିପୁଳ ସମ୍ପଦେ ପ୍ରଫୁଲ୍ଲ
ରାଜାଙ୍କ ହୃଦ-କମଳ ।
ଅତୁଳ ଐଶ୍ୱର୍ଯ୍ୟ- ଦୁର୍ଲଭ ଅନନ୍ୟ-
ସମ୍ପନ୍ନ ରାଜ-ଭୁବନ
ପ୍ରିୟ ପ୍ରଜା-ଦୁଃଖ ରାଜାଙ୍କୁ ଦୁଃଖଦ
ଯଥା କଣ୍ଟକିତ ବନ ।
ରାଜ-ପ୍ରଜା-ହିତ ବିବିଧ ବ୍ୟବସ୍ଥା
କୃପାର କି ପ୍ରେମମୟ ?

Digitized by srujanika@gmail.com

ଦୁଃଖୀ ପୀଡ଼ିତଙ୍କ ଯେ   ଦୟା ଅଯାଚନା
ପାତ୍ରଙ୍କ ଦର୍ଶାଏ ଭକ୍ତି ।
ସୃଷ୍ଟିକର୍ତ୍ତାଙ୍କ   ସୃଷ୍ଟି-ପ୍ରେମେ ଯଥା
ସମଗ୍ର ସୃଷ୍ଟି ନିର୍ଭରେ,
ରାଜା-ପ୍ରଜା-ପ୍ରେମ   ଅଭାବେ ସେପରି
ରାଜ୍ୟ-ପ୍ରବନ୍ଧ ଦୁସ୍ତର ।
ନୃପମନ ଯେବେ   ପ୍ରଜା-ପ୍ରେମ-ଶୂନ୍ୟ
ଧିକ ତାର ନୃପପଣ,
"ନୃପ" ପଦ ମାତ୍ର   ପାଇ ସେହି ଯଥା
"କନକ ଚମ୍ପା" ସୁମନ ।

ଶ୍ରୀ ଲକ୍ଷ୍ମଣ ପଟ୍ଟନାୟକ ।

—:୦○୦:—

କଳ୍ପନା ।

ଗୋ ବାଣୀରଞ୍ଜିନି ଦେବି ! କଳ୍ପନାସୁନ୍ଦରି !
ଦେଖାଅ ତବ ବିଶାଳ ବିଚିତ୍ର ଜଗତ,
ଜନନି କାନନମୟ ଯେ ରାଜ୍ୟେ ବିହରି
ଲଭନ୍ତି ଦର୍ଶକବୃନ୍ଦ ସୁଖ ଅପ୍ରମିତ ।
ଗୋ ସୁଖଦାୟିନି ! ଦେବି ! ଦେଖାଅ ତହିଁ
ସୁଷମାର ଯାଇଅଛି ସଙ୍ଗ ଜଣି ଯାହା,
ପ୍ରେମ-ଅତୁଳନ ଦୃଶ୍ୟ ବିରାଜେ ଯହିଁ
ପାରିବ ସୁଗମ୍ୟ ଦେଶ, ନାହିଁ ଦୁଃଖ-ବାଧା ।
ଶୀତାଂଶୁବଦନେ ! ମହାଦେବୀ ପାଟରାଣୀ
ମମ ଅଗମ୍ୟ ତବ ସକଳ ପ୍ରଦେଶ,
ସ୍ୱର୍ଗ ମର୍ତ୍ତ୍ୟ ପାତାଳର ସର୍ବ କ୍ଷେତ୍ର ଆଣି
ଦେଖାଇ ପାର ସୁରଙ୍ଗେ ଲଭିଛି ନିମେଷେ ।
କରିବି ଅନୁସରଣ ମା ! ତବ ଶ୍ରୀପଦ
ଦେଖାଇବ ମୋତେ ସେହି ବିଚିତ୍ର ସମ୍ପଦ ।

ଶ୍ରୀ—

—※※※—

ପୂର୍ଣ୍ଣ ରାତ୍ର ବର୍ଣ୍ଣ ।

ଅୟି ଅୟି ରସସଖେ, ବୈକୁଣ୍ଠବାସି !
ଦେଖ ଆଜି ମରଧାମେ,
କା'ର ପ୍ରାଣ ତବ ନାମେ
ନବ ପ୍ରେମ ଅନୁରାଗ ଅଭିଷିକ୍ତ ଛାଡ଼ି ।
ନିରେଖିବ ନବ ଭାବେ
ନବ ଛନ୍ଦେ, ନବ ରାଗେ
ତବ ପୁଣ୍ୟ ପ୍ରେମାନନ୍ଦ ନିର୍ଝରିଣୀ ସମ;
ଦେବଲୋକେ ଦେବପ୍ରାଣ
ନେଉଛନ୍ତି ମର୍ତ୍ତ୍ୟର ଦାନ
ଦେବ-ଧନ ବିନିମୟେ ମହତର ଧନ ।
ମର୍ତ୍ତ୍ୟର ଏ ଦେବ ମନ
ହୋଇଲା କୃତାର୍ଥ ଧନ୍ୟ,
ଲଭି ଦେବ-ପ୍ରେମାମୃତ ବସି ମର-ଲୋକେ;
ଆଜି ଏହି ଶୁଭକ୍ଷଣେ
ଦୁହେଁ ମିଳି ଏକସଙ୍ଗେ
ନିରେଖିବୁ ବିଶ୍ୱମୁଖ ବିଶ୍ୱ-ପ୍ରେମାଲୋକେ ।

* * * *

ଇହଲୋକ-ପରଲୋକ-ପରମ-ଦେବତା,
ମହାପୁଣ୍ୟ-ପ୍ରେମ-ରବି !
ଯେ ମହାମିଳନ-ଛବି
ଦେଖାଇଲ ମର ପ୍ରାଣେ,—ଯେ ଶୁଭ ବାରତା
ଦିବ୍ୟ ଧାମୁ ଅବତରି
ଶୁଣାଇଲ କୃପା କରି,
ତବ ରସସଙ୍ଗୀତର ଭୂମିର ଗୌରବେ;
ପ୍ରକାଶ ହେ ନବ ନବ
ବିଶ୍ୱାସମାଧୁରୀ ତବ,
ସମ୍ପଦର ସୁଖନାରେ, ଦୁଃଖମହାହବେ ।
ଏ ଜୀବନେ ପ୍ରେମମୟ !
ତବ ଇଚ୍ଛା ଲଭୁ ଜୟ,
ମର୍ତ୍ତ୍ୟର ମଳିନ ଅଙ୍ଗେ ସଜାଅ ମୋହର
ତବ ପ୍ରେମାମୃତପୂର୍ଣ୍ଣ ପୁଣ୍ୟ ଅଳଙ୍କାର ।

ଶ୍ରୀମତୀ ରେବା ରାୟ ।

Digitized by srujanika@gmail.com

ସଂକ୍ଷିପ୍ତ ସମାଲୋଚନା ।

୧ । ଶ୍ରୀମଦ୍‌ଭଗବଦ୍‌ଗୀତା—ମୂଳ ସଂସ୍କୃତ ଓ ଶ୍ରୀ ଫକୀରମୋହନ ସେନାପତିଙ୍କ କୃତ ଓଡ଼ିଆ ପଦ୍ୟାନୁବାଦ । ଶ୍ରୀ ସୁଦର୍ଶନ ଜେନାଙ୍କଦ୍ୱାରା ପ୍ରକାଶିତ । ମୂଲ୍ୟ ଟ ।୵ । ଗୀତା ପୁସ୍ତକର ଉପାଦେୟତା ସମ୍ବନ୍ଧରେ ବାକ୍ୟବ୍ୟୟ ନିଷ୍ପ୍ରୟୋଜନ । ଏହା ଯେତେ ପ୍ରକାରେ ଜନସାଧାରଣରେ ପ୍ରଚାରିତ ଓ ଅଲୋଚିତ ହେବ ସେତେ ମଙ୍ଗଳ । ଫକୀରମୋହନ ବାବୁଙ୍କ ଅନୁବାଦର ଭାଷା ସରଳ, ସୁବୋଧ । ପୁସ୍ତକର ଉପାଦେୟତା ଓ ଆକାରର ତୁଳନାରେ ମୂଲ୍ୟ ଅତି ସୁଲଭ । ଆଶା କରୁଁ ଏହା ସର୍ବତ୍ର ସମାଦୃତ ହେବ ।

୨ । ଶତଦଳ—ଶ୍ରୀ ଚିନ୍ତାମଣି ମହାନ୍ତି ପ୍ରଣୀତ । ଶ୍ରୀ ମହେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟଙ୍କ କର୍ତ୍ତୃକ ପ୍ରକାଶିତ । ଉପମା ଛଳରେ ଉପଦେଶ ଦେବା ପୁସ୍ତକ ଖଣ୍ଡିର ଉଦ୍ଦେଶ୍ୟ । ଲେଖକଙ୍କର ପଦ୍ୟ ଲେଖିବାର ଶକ୍ତି ଅଛି । ତାଙ୍କର ଭାଷା ସରଳ, କଳ୍ପନା ଅନେକ ସ୍ଥଳରେ ସୁନ୍ଦର । ମାତ୍ର ଏତେ ଟାଣି ଓଟାରି ଉପମା ଯୋଗିବାଟା ଅନେକ ସ୍ଥଳରେ ଅସଙ୍ଗତ ବୋଧ ହୁଏ । ଏ ପୁସ୍ତକର ଯେତେ ସ୍ଥଳରେ ସେପରି ଲକ୍ଷିତ ହେଲା । ଆମ୍ବ ପାଚି ଝଡ଼ି ପଡ଼ିଲା,- ସେ ଆତ୍ମଶ୍ଳାଘୀ ସହିତ ତୁଳନୀୟ; ତାପମାନ ଯନ୍ତ୍ର ତାପପରିମାଣ ଜଣାଇ ଦେଲା, ସେ ପରଛିଦ୍ରାନ୍ୱେଷୀ; ଡାଳରୁ ଫଳଭାରରେ ନଇଁ ପଡ଼ିବାରୁ ଲଜ୍ଜାବତୀ କୁଳକାମିନୀ ସହିତ ତୁଳିତ ହେଲା ! ଇତ୍ୟାଦି, ଇତ୍ୟାଦି । ଏଗୁଡ଼ା କବିଉଦ୍ଭାବିତ ନୁହେଁ କି ? ଯାହା ହେଉ, ଲେଖକଙ୍କର ଉଦ୍ଦେଶ୍ୟ ସାଧୁ ।

୩ । ଗୈରୁଚିକ—ଶ୍ରୀ ନନ୍ଦକିଶୋର ବଳ ବି. ଏ. ବିରଚିତ । ମୂଲ୍ୟ ଚାରି ଅଣା । ଏଥିରେ ଚବିଶଟି କ୍ଷୁଦ୍ର କ୍ଷୁଦ୍ର କବିତା ଅଛି । ଏଥି ମଧ୍ୟରୁ ଅଧିକାଂଶ କବିତାରେ କବି ସୌନ୍ଦର୍ଯ୍ୟ ଅପେକ୍ଷା ଲୋକଶିକ୍ଷା ପ୍ରତି ଅଧିକ ଦୃଷ୍ଟି ଦେଇଅଛନ୍ତି । ଏଥିରେ ମଧ୍ୟ କବି ବିଶେଷ କୃତିତ୍ୱ ଦେଖାଇ ଅଛନ୍ତି । କବିତାଗୁଡ଼ିକରେ ଉପଦେଶ ସଙ୍ଗେ ସଙ୍ଗେ ସୌନ୍ଦର୍ଯ୍ୟ ମଧ୍ୟ ଯଥେଷ୍ଟ ଅଛି । ଅନେକ ସ୍ଥଳର କଳ୍ପନା ମର୍ମସ୍ପର୍ଶୀ । ସ୍କୁଲରେ ପୁସ୍ତକ ଖଣ୍ଡି ସୁପାଠ୍ୟ ହୋଇଅଛି ଏବଂ କବିଙ୍କ ଖ୍ୟାତିରେ କିଛି ଅନୁପଯୁକ୍ତ ହୋଇ ନାହିଁ ।

୪ । ଅମିୟଗାଥା (ବଙ୍ଗଳା) ଶ୍ରୀମତୀ ନଗେନ୍ଦ୍ରବାଳା ସରସ୍ୱତୀ ପ୍ରଣୀତ । ମୂଲ୍ୟ ଟ ୧୯ । ଏହି କବିତାଗ୍ରନ୍ଥ ତିନି ଗୋଟି ଭାଗରେ ବିଭକ୍ତ—୧—ପ୍ରକୃତି-ସୌନ୍ଦର୍ଯ୍ୟ, ୨—ପ୍ରେମ-ସୌନ୍ଦର୍ଯ୍ୟ, ୩—ଦୃଶ୍ୟ-ସୌନ୍ଦର୍ଯ୍ୟ । ପ୍ରତ୍ୟେକ ବିଭାଗରେ ଅନେକଗୁଡ଼ିଏ ନାନାବିଷୟକ କ୍ଷୁଦ୍ର କ୍ଷୁଦ୍ର କବିତା ଅଛି । ବଙ୍ଗଦେଶ କେତେଗୁଡ଼ିଏ ଉଚ୍ଚ ଶ୍ରେଣୀର ନାରୀ-କବିଙ୍କୁ ବକ୍ଷରେ ଧାରଣ କରି ଧନ୍ୟ ହୋଇ ଅଛି । ଶ୍ରୀମତୀ କାମିନୀ ବଙ୍ଗୀୟ କାବ୍ୟ-ଜଗତରେ ଯେଉଁ ପ୍ରତିଷ୍ଠା ଲାଭ କରିଅଛନ୍ତି, ତାହା ଯେ କୌଣସି ପୁରୁଷ-କବିଙ୍କ ପକ୍ଷରେ ସ୍ପୃହଣୀୟ । ଶ୍ରୀମତୀ ମାନକୁମାରୀ ଓ ଶ୍ରୀମତୀ ଗିରୀନ୍ଦ୍ରମୋହିନୀଙ୍କର ପ୍ରତିଷ୍ଠା ମଧ୍ୟ ସାମାନ୍ୟ ନୁହେ । ଶ୍ରୀମତୀ ନଗେନ୍ଦ୍ରବାଳା ସେତେ ଉଚ୍ଚ ସ୍ଥାନ ଲାଭ କରି ନାହାନ୍ତି ସତ୍ୟ, ମାତ୍ର ତାଙ୍କର କବିତାଗୁଡ଼ିକ ଜଣେ ସ୍ୱଳ୍ପଶିକ୍ଷାପ୍ରାପ୍ତା, ଅନ୍ତଃପୁରବାସିନୀ ରମଣୀ ପକ୍ଷରେ ସାମାନ୍ୟ ପ୍ରଶଂସାର ବିଷୟ ନୁହେ । ଭାଷା ଓ ଭାବ ଉଭୟ ବଡ଼ ସରଳ ଓ ମଧୁର —ନାରୀଜନୋଚିତ କୋମଳତା ସର୍ବତ୍ର ପରିସ୍ଫୁଟ । କେବଳ ତୃତୀୟ ବିଭାଗର (ଦୃଶ୍ୟ-ସୌନ୍ଦର୍ଯ୍ୟ) ଅନ୍ତର୍ଗତ ରାଧାକୃଷ୍ଣପ୍ରସଙ୍ଗଘଟିତ କବିତାଗୁଡ଼ିକର କେତେ ସ୍ଥଳ ଏହି ନାରୀ-କବିଙ୍କ ଲେଖନୀ ପକ୍ଷରେ ଆଦୌ ଉଚିତ ବୋଧ ହେଲା ନାହିଁ । ସେ ଯାହା ହେଉ, କବିତାଗୁଡ଼ିକରୁ ଗ୍ରନ୍ଥକର୍ତ୍ତ୍ରୀଙ୍କର ସରଳ, ଶୁଭ୍ର ଭାବୋଚ୍ଛ୍ୱାସର ପରିଚୟ ପାଇ ଆମ୍ଭେମାନେ ସୁଖୀ ହୋଇଅଛୁଁ ।

୫ । କଳାବତୀ—ଶ୍ରୀ ଅପର୍ଣ୍ଣା ପଣ୍ଡାଙ୍କ କର୍ତ୍ତୃକ ରଚିତ । ସମଗ୍ର ପୁସ୍ତକ ଖଣ୍ଡି ପାଠ କରି ଆମ୍ଭେମାନେ କିଛିମାତ୍ର ସୌନ୍ଦର୍ଯ୍ୟ, ଶୃଙ୍ଖଳା, କୌଶଳ ପାଇ ପାରିଲୁଁ ନାହିଁ ।

୬ । ସିନ୍ଧୁମନ୍ଥନ—ଶ୍ରୀ ଦୀନବନ୍ଧୁ ପଟ୍ଟନାୟକଙ୍କ ଦ୍ୱାରା ରଚିତ ଓ ପ୍ରକାଶିତ । ଏ କ୍ଷୁଦ୍ର ପୁସ୍ତକରେ ଦେବାସୁର କର୍ତ୍ତୃକ ସମୁଦ୍ରମନ୍ଥନରୂପ ପୌରାଣିକ ବୃତ୍ତାନ୍ତଟି ପଦ୍ୟରେ ଲିପିବଦ୍ଧ ହୋଇଅଛି ।

Digitized by srujanika@gmail.com

ବିଶେଷତ୍ୱ କିଛି ନାହିଁ । ଭାଷା ଓ ସ୍ଥଳବିଶେଷରେ ବର୍ଣ୍ଣନା ମନ୍ଦ ହୋଇ ନାହିଁ ।

୭ । ସମ୍ରାଟ-ଚରିତ—ଶ୍ରୀ ନୀଳମଣି ବିଦ୍ୟାରତ୍ନଙ୍କ କର୍ତ୍ତୃକ ସମ୍ପାଦିତ । ଇଂଲଣ୍ଡ ସମ୍ରାଟ ସପ୍ତମ ଏଡ୍‌ୱାର୍ଡଙ୍କ ଜୀବନର ସ୍ଥୂଳ ବିବରଣ ଏଥିରେ ସରଳ ଭାଷାରେ ଲିପିବଦ୍ଧ ହୋଇଅଛି । ଶୁଣିଲୁଁ, ପୁସ୍ତକଖଣ୍ଡି ଅଭିଷେକୋତ୍ସବ ଉପଲକ୍ଷରେ ବିତରଣ ଉଦ୍ଦେଶ୍ୟରେ ପ୍ରକାଶିତ । ମଳଟରେ ସମ୍ରାଟଙ୍କର ଖଣ୍ଡିଏ ସୁନ୍ଦର ଚିତ୍ର ପ୍ରଦତ୍ତ ହୋଇଅଛି । ପୁସ୍ତକଖଣ୍ଡି ଅତି କ୍ଷୁଦ୍ର ହେଲେହେଁ ସୁଖପାଠ୍ୟ ହୋଇଅଛି । କାଗଜ, ଛପା ଓ ବନ୍ଧେଇ ସୁନ୍ଦର ହୋଇଅଛି ।

୮ । ଯୁଗଧର୍ମ ନାଟକ—ଶ୍ରୀ ରାମଶଙ୍କର ରାୟ କର୍ତ୍ତୃକ ପ୍ରଣୀତ । ମୂଲ୍ୟ ଆଠ ଅଣା । ଆମ୍ଭେମାନେ ନାଟକ ଖଣ୍ଡି ପଢ଼ିବାକୁ ଆରମ୍ଭ କରି ଏକାଧାରରେ ଶେଷ କରିଅଛୁଁ କହିଲେ ଚଳେ । ପଢ଼ୁ ପଢ଼ୁ ଆମ୍ଭମାନଙ୍କର ଆନନ୍ଦ, ଉତ୍ସାହ ଓ କୌତୂହଳ ଉତ୍ତରୋତ୍ତର ବର୍ଦ୍ଧିତ ହେଉଥିଲା ଏବଂ ମନେ ମନେ ଗ୍ରନ୍ଥକାରଙ୍କୁ ଶତ ଶତ ଧନ୍ୟବାଦ ଦେଉଥିଲୁଁ । ଉତ୍କଳ ସାହିତ୍ୟକ୍ଷେତ୍ରରେ ନାଟକ ରଚନାରେ ରାମଶଙ୍କର ବାବୁ ବିଶେଷ ପ୍ରତିଷ୍ଠା ଲାଭ କରିଅଛନ୍ତି । ସମାଲୋଚ୍ୟ ନାଟକ ଖଣ୍ଡି ତାଙ୍କର ପ୍ରତିଷ୍ଠା ବହୁଗୁଣରେ ବର୍ଦ୍ଧିତ କରିଅଛି । ଆମ୍ଭେମାନେ ମୁକ୍ତକଣ୍ଠରେ କହି ପାରୁଁ 'ଯୁଗଧର୍ମ' ଉତ୍କଳ ଭାଷାରେ ସର୍ବୋତ୍କୃଷ୍ଟ ନାଟକ । ନାଟକର ସ୍ଥୂଳାଂଶ ଏହିପରି:—ନିତ୍ୟାନନ୍ଦ ସ୍ୱାଇଁ ପୁରନିବାସୀ ଜଣେ ସରଳ ଧର୍ମନିଷ୍ଠ କୃଷକ । ରାଣୀ ତାହାର ଅବିବାହିତା କନ୍ୟା । ମଧୁ ଦାସ ପୁରର ଜଣେ ଘୋର ଇନ୍ଦ୍ରିୟାସକ୍ତ ଲମ୍ପଟ ମହନ୍ତ । ରାଣୀ ଏହି ନରପିଶାଚର କୁଦୃଷ୍ଟିରେ ପଡ଼ିବାରୁ ସେ ବୈଷ୍ଣବବେଶଧାରିଣୀ 'ରାଧା ମାଈ' ନାମ୍ନୀ ଗୋଟିଏ ଦୁଶ୍ଚରିତ୍ରା ରମଣୀର ସହାୟତାରେ ରାଣୀକୁ ହସ୍ତଗତ କରିବାକୁ ଚେଷ୍ଟା କଲା । ହରିଦାସ ନାମକ ଜଣେ ଶୁଦ୍ଧାତ୍ମାର ବୈଷ୍ଣବ ଓ ପ୍ରେମମୟ ନାମକ ଜଣେ ବ୍ରାହ୍ମଙ୍କ କୌଶଳ ଓ ଯତ୍ନରେ ସରଳା କୃଷକକୁମାରୀ ରାଣୀ ଦୁଇ ଥର ଏହି ପିଶାଚର କବଳରୁ ରକ୍ଷା ପାଇଲା । ତୃତୀୟ ଚେଷ୍ଟାରେ ଏହି ପାଷଣ୍ଡ, ରକ୍ଷସୀ ରାଧା ଘଟଣାକ୍ରମେ ମାଜିଷ୍ଟ୍ରେଟ୍ ସାହେବଙ୍କ ସମ୍ମୁଖରେ ପଡ଼ି ବିଚାରାର୍ଥ ପ୍ରେରିତ ହେଲେ ଏବଂ ସେମାନଙ୍କ ଅପରାଧ ସାବ୍ୟସ୍ତ ହେବାରୁ କାରାରୁଦ୍ଧ ହେଲେ । ଏଣେ ନିତ୍ୟାନନ୍ଦ ଉପରେ ସାମାଜିକ ନିର୍ଯ୍ୟାତନର ସୂତ୍ରପାତ ହେଲା—କନ୍ୟାର ଅନ୍ୟତ୍ର ବିବାହର ସମ୍ଭାବନା ରହିଲା ନାହିଁ । ନିତ୍ୟାନନ୍ଦ ଏହି ନାନାବିଧ ଉପଦ୍ରବରେ ସମାଜ ପ୍ରତି ବିମୁଖ ହୋଇ ବ୍ରାହ୍ମସମାଜର ଆଶ୍ରୟ ଗ୍ରହଣ କଲା । ସ୍ଥାନୀୟ କଲିକତାରେ ବ୍ରାହ୍ମମାନଙ୍କ ସଂସର୍ଗରେ ଅବସ୍ଥାନ କରି ସପରିବାରେ ବ୍ରାହ୍ମଧର୍ମ ଅବଲମ୍ବନ କଲା । ପରିଶେଷରେ ସନାତନ ଚକ୍ରବର୍ତ୍ତୀ ନାମକ ଜଣେ କୃତବିଦ୍ୟ ବ୍ରାହ୍ମ ଯୁବକ ସହିତ ସ୍ୱୀୟ କନ୍ୟା ରାଣୀକୁ ପରିଣୀତା କରାଇ ସୁଖୀ ହେଲା ।

ସ୍ଥୂଳରେ ନାଟକର ପ୍ଲଟ୍ ଏହି । ମାତ୍ର ପ୍ରସଙ୍ଗକ୍ରମେ ଏବଂ ଚରିତ୍ରର ବିକାଶ ନିମିତ୍ତ ଗ୍ରନ୍ଥକାର ବହୁ ବିଷୟର ଅବତାରଣା କରିଅଛନ୍ତି । ନାଟୁଆ ପିଲା, ହେଳୁଣୀ ନାଚ, କଲେକ୍ଟର ପିଅନ, ତହସିଲ ପଞ୍ଚାଏତ ବାବୁ, ଜମିଦାର, ଗୁମାସ୍ତା, ଡାକ୍ତର ସାହେବ, ସାଧୁ ସନ୍ନ୍ୟାସୀ, ବ୍ରାହ୍ମଣ ପଣ୍ଡିତ, ଖ୍ରୀଷ୍ଟାନ କୁମାରୀ, ମାଜିଷ୍ଟ୍ରେଟ୍ ସାହେବ, ଇତ୍ୟାଦି ବହୁ ଚିତ୍ର ଯଥାସ୍ଥାନରେ ଓ ଯଥାଯଥରୂପେ ସନ୍ନିବେଶିତ ହୋଇଅଛି । ପ୍ରତ୍ୟେକ ଚିତ୍ର ସୂକ୍ଷ୍ମରୂପେ ଆଲୋଚନା କରି ଦେଖାଇବାର ସମ୍ପୂର୍ଣ୍ଣ ଇଚ୍ଛା ଥିଲେ ମଧ୍ୟ ସ୍ଥାନାଭାବ ଏବଂ ସମୟର ଅଲ୍ପତା ହେତୁରୁ ଆମ୍ଭେମାନେ ତାହା ନ କରି ପାରି ଦୁଃଖିତ ହୋଇଅଛୁଁ । ସ୍ଥୂଳରେ ଏତିକି କହି ପାରୁଁ ଯେ ପ୍ରାୟ ସମୁଦାୟ ଚିତ୍ର ଅତି ଦକ୍ଷତାର ସହିତ ଚିତ୍ରିତ ହୋଇଅଛି । କେବେ ସ୍ଥଳବିଶେଷରେ ଯେ ଅତ୍ୟନ୍ତ ସାମାନ୍ୟ ସାମାନ୍ୟ ତ୍ରୁଟି ଲକ୍ଷିତ ହେଲା, ସେଗୁଡ଼ିକ ଗୁଣର ତୁଳନାରେ କୌଣସି ଅଭାବ ନୁହେଁ ହୋଇଅଛି । ସାମାଜିକ ଦୁର୍ନୀତି ଓ କପଟାଚାର, ଧର୍ମଧ୍ୱଜୀମାନଙ୍କ ଅନୁଦାରତା ଓ ବାହ୍ୟ ଆଡ଼ମ୍ବରପ୍ରିୟତା ଉପରେ ଗ୍ରନ୍ଥକାର ତୀବ୍ର କଟାକ୍ଷପାତ କରିଅଛନ୍ତି ଏବଂ ସେ ଯେଉଁ ସମସ୍ତ ଚିତ୍ର ଦେଖାଇଅଛନ୍ତି ସେଗୁଡ଼ିକ ସର୍ବସାଧାରଣଙ୍କର ନିତ୍ୟପ୍ରତ୍ୟକ୍ଷ ବ୍ୟାପାର ହୋଇଅଛି । ସମାଜ ଜାଣି ଅଜାଣ ପରି ସବୁ ଦେଖାଇ ନେଉଅଛି । ତଦ୍ୱାରା କେବଳ ନାଟକ ଖଣ୍ଡିକୁ

Digitized by srujanika@gmail.com

ଧର୍ମ ଅଧିକ ଅନ୍ତଃସାରଶୂନ୍ୟ ହୋଇ ପଡ଼ୁଅଛି । ନନ୍ଦିନୀ ବୈଷ୍ଣବ ଦାସର ଚିତ୍ରରେ ଏ ଧର୍ମଭ୍ରଷ୍ଟ ଦେଶର ଅଧିକାଂଶ ମଠବାଡ଼ିର ଶୋଚନୀୟ ପ୍ରକୃତ ଚିତ୍ର ହୋଇଅଛି ! ହାୟ! ସମାଜର କି ଏ ବିଷୟରେ କିଛି କର୍ତ୍ତବ୍ୟ ନାହିଁ? କେତେ ଗ୍ରାମ୍ୟ ମୂର୍ଖ ସମାଜ ଏହିପରି ଲୋକଙ୍କ ପାଦତଳେ ପଡ଼ି ଆପଣାର ସର୍ବନାଶ ସାଧନ କରୁଅଛନ୍ତି, ତାହାର ସଂଖ୍ୟା କିଏ କରିବ ? ମାତ୍ର କେତେ ଜଣ ହରିଦାସ ବା ପ୍ରେମସିନ୍ଧୁ ନିଜ ନିଜ ସୁଖ ସ୍ୱାଚ୍ଛନ୍ଦ୍ୟ, ଦୁଃଖ ବିପଦକୁ ତୁଚ୍ଛ କରି ଜନସାଧାରଣଙ୍କୁ ସୁସ୍ଥ ପ୍ରଣାଳୀରେ ନେବାର ପାଇଁ ଚେଷ୍ଟା କରନ୍ତି ? ସମାଜର ଏ ଜଟିଳ ପ୍ରଶ୍ନ ମଧ୍ୟ ଗ୍ରନ୍ଥକାର ଅତି ସଂକ୍ଷେପରେ ଓ ସୂକ୍ଷ୍ମଭାବରେ ଆଲୋଚନା କରିବାକୁ ଛାଡ଼ି ନାହାନ୍ତି । ଦରିଦ୍ର କୃଷକ ସମ୍ପ୍ରଦାୟର ଦୁରବସ୍ଥାର ଯେଉଁ ଜୀବନ୍ତ ଚିତ୍ର ସେ ଅଙ୍କନ କରିଅଛନ୍ତି, ତାହା ପାଠ କରି କାହାର ପ୍ରାଣ ବ୍ୟାକୁଳ ନ ହେବ ? ମାତ୍ର ତାହାର ପ୍ରତିକାର କାହିଁ ? ପ୍ରତିକାର ଯେଉଁମାନଙ୍କ ହସ୍ତରେ, ସେମାନଙ୍କ ଦୃଷ୍ଟି କି ଏ ମର୍ତ୍ତ୍ୟଧାମରେ ପଡ଼େ ? ଯେତେ ଉପଦ୍ରବ ସବୁ ଇନ୍ଦ୍ରପଦପାଇଁ ! ସେମାନଙ୍କ ଧର୍ମରେ କି ଏ ? ହରିଦାସର ଅନାସକ୍ତ ସେବାପରିପୂର୍ଣ୍ଣ ଜୀବନ ବଡ଼ ସୁନ୍ଦର । ଏକ ଆଡ଼େ ସମାଜର ଉଦ୍ଧାର ପାଇଁ ସର୍ବପ୍ରକାର ବିପଦକୁ ତୁଚ୍ଛ ମଣିବା, ଅନ୍ୟ ଆଡ଼େ ଶାନ୍ତିପୂର୍ଣ୍ଣ ଭାବରେ ଗ୍ରାମ୍ୟ ସ୍ତ୍ରୀମାନଙ୍କୁ ମଧୁର ଭର୍ତ୍ସନା କରି ସ୍ୱହସ୍ତରେ ଦାନ୍ତକାଠି ଯୋଗାଇବା, ଏ ଦୃଶ୍ୟ ବିରଳ । ଯେଉଁ ଦେଶରେ ଭଣ୍ଡତା ବା ବାହ୍ୟାନୁଷ୍ଠାନ ବା ବାହ୍ୟାଡ଼ମ୍ବର ଧାର୍ମିକତାର ସର୍ବୋତ୍କୃଷ୍ଟ ନିଦର୍ଶନରୂପେ ପରିଗଣିତ ହୋଇଅଛି, ସେ ଦେଶ ପକ୍ଷରେ ଏ ଆଦର୍ଶର ମୂଲ୍ୟ ଅତ୍ୟନ୍ତ ବେଶି । ତେବେ ଶେଷ ଦୃଶ୍ୟରେ ବ୍ରହ୍ମବିବାହ-ସଭାରେ ଗ୍ରନ୍ଥକାର ହରିଦାସକୁ କେଉଁ ଛଳକୁ ଖସାଇ ଆଣିଛନ୍ତି । ନିତ୍ୟାନନ୍ଦ ପରିବାରର ସରଳ ଶାନ୍ତ ଭାବ ଓ ସହୃଦୟତା ଏବଂ ଧର୍ମନିଷ୍ଠା ବଡ଼ ମନୋହର । ଯେଉଁଠାରେ ସରଳତା ଓ ଐକାନ୍ତିକତା, ସେହିଠାରେ ଉଚ୍ଚ ଧର୍ମରେ ମଧ୍ୟ ଅଧିକାର । ପରୋପକାରବ୍ରତଧାରୀ ପ୍ରେମସିନ୍ଧୁର ଚରିତ୍ର ମଧ୍ୟ ବେଶ୍ ହୋଇଅଛି । ପ୍ରେମସିନ୍ଧୁ ହରିଦାସର ଉପଯୁକ୍ତ ବନ୍ଧୁ । ମୂଳ ବିଷୟରେ ବ୍ରାହ୍ମ ସମ୍ପ୍ରଦାୟର ଆଚାର ବ୍ୟବହାର ବା ଲକ୍ଷ୍ୟ ସମ୍ବନ୍ଧରେ ଗ୍ରନ୍ଥକାର ଯେପରି ଅଭିମତ ବ୍ୟକ୍ତ କରିଅଛନ୍ତି ତାହା ସମ୍ପୂର୍ଣ୍ଣ ଯଥାର୍ଥ ହୋଇ ଥିବାର ବୋଧ ହେଲା ନାହିଁ । ତେବେ ତାହାର ଆଲୋଚନାର ସ୍ଥଳ ଏ ନୁହେଁ । ଅନ୍ୟାନ୍ୟ କେତେକ ବିଷୟରେ ମଧ୍ୟ ଗ୍ରନ୍ଥକାରଙ୍କ ସହିତ ଆମ୍ଭମାନଙ୍କ ମତର କିଞ୍ଚିତ୍ ଅନୈକ୍ୟ ଅଛି । ମାତ୍ର ସେ ସମସ୍ତ ବ୍ୟକ୍ତିଗତ ମତ, ସୁତରାଂ ତାହାର ଆଲୋଚନା ମଧ୍ୟ ନିଷ୍ପ୍ରୟୋଜନ । ପୁସ୍ତକରେ ଗ୍ରନ୍ଥକାର କି ରାଜନୀତି, କି ସମାଜନୀତି, କି ଧର୍ମନୀତି, ସକଳ ବିଷୟରେ ଉଦାରଭୂମିରେ ଅବସ୍ଥାନ କରି ଚିତ୍ରଗୁଡ଼ିକ ଅଙ୍କନ କରିଅଛନ୍ତି । ସର୍ବତ୍ର ଦୁର୍ବଳ ପ୍ରତି ସହାନୁଭୂତି ପଦେ ପଦେ ପ୍ରକାଶିତ ହୋଇଅଛି ।

ତଥାପି ପୁସ୍ତକର ଭାଷା । ଏ ବିଷୟରେ ମଧ୍ୟ ଗ୍ରନ୍ଥକାର ଖୁବ୍ କୃତିତ୍ୱ ଦେଖାଇଅଛନ୍ତି । ଯେତେଦୂର ଦେଖା ଯାଉଅଛି, ସେଥିରେ ତ୍ରୁଟି ନାହିଁ । ମାତ୍ର ସମ୍ପୂର୍ଣ୍ଣ ସଫଳତା ଲାଭ କରି ପାରି ନାହାନ୍ତି । ଆଉ ଟିକିଏ ସୂକ୍ଷ୍ମଦୃଷ୍ଟି ବା ପର୍ଯ୍ୟବେକ୍ଷଣ ବା ପୁନର୍ବିମର୍ଶ ମିଶିଥିଲେ ପୁସ୍ତକ ଖଣ୍ଡି ଏ ବିଷୟରେ ନିର୍ଦ୍ଦୋଷ ହୋଇ ପାରି ଥାନ୍ତା । ଦୁଃଖର ବିଷୟ ଦୁଇ ସ୍ଥାନ ନିର୍ବାଚନ କରି ଦେଖାଇ ଦେବାର ସ୍ଥାନ ଆମ୍ଭମାନଙ୍କର ବର୍ତ୍ତମାନ ଆଉ ନାହିଁ । ତେବେ ଏହା ନିଃସନ୍ଦେହ ଯେ କି ଚରିତ୍ର-ଚିତ୍ରଣ, କି ଭାଷା ଉଭୟ ବିଷୟରେ 'ବିନୋଦନ'ରେ ଯେଉଁ ତ୍ରୁଟିରେ ଆଭାସ ପାଇଥିଲୁଁ, 'ଯୁଗଧର୍ମ'ରେ ତାହାର ଗତି ଅନେକ ଦୂର ଅଗ୍ରସର ହୋଇଅଛି । ଯଥାର୍ଥ କହିବାକୁ ଗଲେ ଏ ବିଭାଗରେ ଏହା [illegible]ଶଙ୍କର ବାବୁ ଉଡ଼ିଆ ଭାଷାର ଗୌରବ ବଢ଼ାଇଅଛନ୍ତି ଏବଂ ତାଙ୍କ ହସ୍ତରେ ସେହି ଗୌରବ ଉତ୍ତରୋତ୍ତର ବର୍ଦ୍ଧିତ ହେବ, ଏହା ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ଆଶା ହେଉଅଛି ।

ନାଟକ ଖଣ୍ଡି ଅଭିନୀତ ହୋଇ ନ ଥିବାରୁ ସେ ବିଷୟରେ ଅଭ୍ରାନ୍ତରୂପେ କିଛି କୁହାଯାଇ ନ ପାରେ । ଯେତେଦୂର ଆଲୋଚନା କରି ଦେଖିଲୁଁ, ଏହା ଅଭିନୟର ସମ୍ୟକ୍ ଉପଯୋଗୀ ହେବ ବୋଲି ଆମ୍ଭମାନଙ୍କର ଧାରଣା ।

Digitized by srujanika@gmail.com

ଉତ୍କଳ ସାହିତ୍ୟ ।

ଅପୂର୍ବମିଳନ ।

ଐତିହାସିକ ଉପନ୍ୟାସ ।

ଏକବିଂଶତି ପରିଚ୍ଛେଦ ।

ମନ୍ତ୍ରଣା ।

ନିଶା ଅବସାନ, ସୂର୍ଯ୍ୟୋଦୟ ପୂର୍ବେ ନବାବ ହଜୁର ପ୍ରାତଃକାଳୀନ ଉପାସନା ସମାପ୍ତ କଲେ । ପୁନଶ୍ଚ ମନର ସଂଶୟ ଭଞ୍ଜନ ନିମନ୍ତେ ଅହମ୍ମଦାବାଦର ଉଜୀରଂ ଗୋଲାମ କାଦରଙ୍କୁ ମୁସ୍ତାଫା ନିକଟକୁ ପଠାଇଲେ । ଉଜୀର ବାହୁଡ଼ି ଆସି ସମ୍ବାଦ ଦେଲେ ମୁସ୍ତାଫାର ପ୍ରତିଜ୍ଞା ଅଟଳ ।

ନବାବଙ୍କ ତେମ୍ବୁରେ ସମର-ସମିତି ଆହୂତ ହେଲା । ମୁସ୍ତାଫା, ସମସେର ଖାଁ, ସର୍ଦ୍ଦାର ଖାଁ, ମିର୍ଜାଫର, ଅବଦୁଲ୍ ଶୋଭାନ ଖାଁ, ଅବଦୁଲ କାଦର, ବାଦଲ ସିଂହ ଓରଫେ କାଦକାଟା ହାବିଲଦାର ଏବଂ ସ୍ୱୟଂ ନବାବ ଉପସ୍ଥିତ । ସଭ୍ୟ ସଂଖ୍ୟା ଆଠ ଜଣ । ନବାଗତ ଜଣେ କାଫରକୁ ଗୁପ୍ତମନ୍ତ୍ରଣା ସ୍ଥଳରେ ଉପସ୍ଥିତ ଥିବାର ଦେଖି ତୁର୍କି ସେନାପତିମାନେ ପରସ୍ପର ମୁହଁ ଚାହିଁଚାହିଁ ହେଲେ । ନବାବ ସାହେବ ସେମାନଙ୍କର ଅଭିପ୍ରାୟ ଜାଣି ଗତ ଦିବସର ସମସ୍ତ ଘଟଣା ବିସ୍ତାରିତ ରୂପେ ବର୍ଣ୍ଣନା କଲେ । ତୁର୍କି ସେନାପତିମାନେ ହୃଦୟଙ୍ଗମ କଲେ ମହିପତିରେଖାଠାରେ ବାଦଲ ଉପସ୍ଥିତ ନ ଥିଲେ ନବାବଙ୍କୁ ବର୍ତ୍ତମାନ ଏଠାରେ କେହି ଦର୍ଶନ କରିବାକୁ କ୍ଷମ ହୁଅନ୍ତା ନାହିଁ । ବାଦଲ ସିଂହ ସମସ୍ତଙ୍କୁ ସଲାମ କରି କହିଲେ, ଖାଁ ସାହେବମାନେ ! ଶୁଣ, ମୋ ହୃଦୟର କଥା ଶୁଣ, ମୋହର ପ୍ରତିଜ୍ଞା କଥା ଶୁଣ—ଆପଣମାନଙ୍କ ହିସାବରେ ମୁଁ ଜଣେ କାଫର, ମାତ୍ର ଖାଁ ସାହେବମାନେ ! କାଫରଙ୍କର ମଧ୍ୟ ଏକ ସର୍ବଶକ୍ତିମାନ୍ ଈଶ୍ୱର ଅଛନ୍ତି, ସେହି ଈଶ୍ୱର ଅନ୍ୟ କେହି ନୁହନ୍ତି, ତୁମ୍ଭମାନଙ୍କର ଅଲ୍ଲା ତାଲ୍ଲା । ମୁଁ ସେହି ଅଲ୍ଲାତାଲ୍ଲାଙ୍କ ନାମ ଧରି ଆପଣମାନଙ୍କ ନିକଟରେ ଶରଣ ପଶିଲି । ଆପଣମାନଙ୍କଠାରୁ ସାହାଯ୍ୟ ପାଇବାପାଇଁ ଶରଣ ପଶିଲି । ମୁଁ ଜମିଦାରର ପୁତ୍ର, ଅର୍ଥର ଭିଖାରୀ ନୁହେଁ । ଅନ୍ୟ ପର ଧର୍ମ୍ମ ? ମୋହର ପାର୍ଥିବ ସମସ୍ତ ବାସନା ସମାପ୍ତ ହୋଇଅଛି । (ବାଦଲ ସିଂହ ଆପଣା ବସ୍ତ୍ର ମଧ୍ୟରୁ ଖଣ୍ଡିଏ ତାମ୍ରଖାର ଛୁରିକା ଦେଖାଇ କହିଲେ) ମୁଁ ଈଶ୍ୱରଙ୍କ ନାମ ଧରି କୁଳଦେବତାଙ୍କ ନାମ ଧରି ପ୍ରତିଜ୍ଞା କରୁଅଛି, ପିତୃହତ୍ୟାକାରୀ ମାତୃଘାତୀ ପାପିଷ୍ଠ ବର୍ଗୀସର୍ଦ୍ଦାରର ହୃଦୟ-ରକ୍ତରେ ପିତୃ-ତର୍ପଣ କରି ତପସ୍ୟା ନିମନ୍ତେ ହିମାଳୟ ଆଶ୍ରମକୁ ଯିବି । ଯେବେ କାର୍ଯ୍ୟ ସାଧନରେ ଅକୃତ-କାର୍ଯ୍ୟ ହୁଏଁ ଏହି ଅସ୍ତ୍ରଦ୍ୱାରା ଆତ୍ମଘାତୀ ହେବି । ଖାଁ ସାହେବମାନେ ! ମୁଁ ପିଲା, ଆପଣମାନେ ପିତୃ-ତୁଲ୍ୟ, ଅତଏବ ଆପଣମାନେ ମୋହର ଧର୍ମ-ପିତା ହେଲେ । ଏହି ଆଶୀର୍ବାଦ କରନ୍ତୁ, ଅମୃତ ପ୍ରତିଜ୍ଞା ପାଳନରେ ଯେବେ କିଛି ମାତ୍ର ଶୈଥିଲ୍ୟ କରେଁ, ତେବେ ଯେପରି ମୋ ମସ୍ତକରେ ବଜ୍ରପାତ ହେବ । ମୁଁ ଯେପରି ଅନନ୍ତ-ନରକଭୋଗୀ ହେବି ।

ବାଦଲ ସିଂହ ଆପଣା ପିତୃ ମାତୃ ନାମ ସ୍ମରଣ ସମୟରେ ସଂଯତ କରୁଣଭାବରେ କଥା କହୁଥିଲା । ବଡ଼ାହି ତାହାର ଲଲାଟର ଶିରା ପ୍ରସ୍ଫୁଟିତ ହେଲା । ଯଦାକ୍ରମ ଭୁଜଙ୍ଗପରି ନିଶ୍ୱାସ ତ୍ୟାଗ କରିବାକୁ ଲାଗିଲା । ତାହା ନେତ୍ରରୁ ଅଗ୍ନିସ୍ଫୁଲିଙ୍ଗ

Digitized by srujanika@gmail.com

ନାଶ ହେବା ପର ଜଣାଗଲା । କାହାର ନାମ ମନରେ ଉଦୟ ହେଲା ? ହୃଦୟେଶ୍ୱରଙ୍କର କଥା ? ଶତ୍ରୁ ଶାଳୁ ହରଣ କରଅଛି, ଏହା ପ୍ରତ୍ୟେକ ପୁରୁଷ ପକ୍ଷରେ ବିଶେଷତଃ କ୍ଷତ୍ରିୟ ପକ୍ଷରେ ଅସହ୍ୟ ।

ସମସ୍ତ କଥା କର୍ଣ୍ଣଗୋଚର କରି ଖାଁ ସାହେବ-ମାନେ ବାଦଲ ସିଂହଙ୍କୁ ଆଶ୍ୱାସ ଦେଇ ପାଖରେ ବସାଇଲେ ।

ସଭାର କାର୍ଯ୍ୟାରମ୍ଭ ହେଲା । ପ୍ରଶ୍ନ—ବର୍ଗୀ ସହିତ ସନ୍ଧି ବା ବିଗ୍ରହ, ବର୍ତ୍ତମାନ କ୍ଷେତ୍ରରେ କେଉଁ ମାର୍ଗ ଅବଲମ୍ବନୀୟ ।

ମସ୍ତାଫା କହିଲେ—ବାଘର ସହିତ ମିଳିତ ହେବା ମୋହର ମଧ୍ୟ ଇଚ୍ଛା ନରୁହେ, ହେଲେ ବିଚାର କରି ଦେଖନ୍ତୁ, ବର୍ତ୍ତମାନ ଅବସ୍ଥାରେ ଯୁଦ୍ଧ ଆମ୍ଭମାନଙ୍କ ପକ୍ଷରେ ଅନୁକୂଳ କି ନାହିଁ ? ସୈନ୍ୟ-ମାନଙ୍କୁ ଯୁଦ୍ଧକ୍ଷେତ୍ରକୁ ଅର୍ଥାତ୍ ମୃତ୍ୟୁମୁଖକୁ ପ୍ରେରଣ ମାତ୍ର । ସେମାନେ ଧାଇଁ ଯାଇଁ ଥକି ପଡ଼ିଅଛନ୍ତି । ଆହାର କଥା କେଉଁକି ଥାଉ, ତୃଷ୍ଣା ସମୟରେ ଜଳ ବିନ୍ଦୁ ମାତ୍ର ପ୍ରାପ୍ତ ହୋଇ ନାହାନ୍ତି । ଏଣେ ସମସ୍ତ କମାଣ, ତମ୍ବୁ, ଗୋଳା ବାରୁଦ ଶତ୍ରୁହସ୍ତଗତ । ହେତୁ ସାମର୍ଥ୍ୟହୀନ, ତହିଁରେ ପୁଣି ଅସ୍ତ୍ରାଭାବ । ଏ କ୍ଷେତ୍ରରେ ଯୁଦ୍ଧର ଅଯୌକ୍ତିକ ବିନାଶର କାରଣ ବୋଲି ଆମ୍ଭର ବିଶ୍ୱାସ । ବର୍ତ୍ତମାନ ଫୌଜ ମଧ୍ୟରେ ପାଠକ ଜଣର ପ୍ରସ୍ତୁତ ଲକ୍ଷାଧିକ ଲୋକ ରହିଅଛନ୍ତି, ସେମାନଙ୍କ ପାଇଁ ହଠାତ୍ ଖାଦ୍ୟ ସଂଗ୍ରହ କରିବା ନିତାନ୍ତ ସହଜ କଥା ନୁହେ । ଅତଏବାତ୍ର ଟେଲ୍ରା ନଗ, ମୁଁ ସ୍ଥିର କରିଅଛି, ସହସା ସମରାରମ୍ଭ ଅନୁଚିତ ।

ନବାବ କହିଲେ—ଭାସ୍କର ପଣ୍ଡିତ ମୋତେ ଟଙ୍କା ପଣ ଚୌଥ ସରଦେଶମୁଖୀ ଇତ୍ୟାଦି ବର୍ଦ୍ଧମାନ ମେଦିନୀପୁର ହୁଗ୍ଲି ଲେଖି ନେବାକୁ ଚାହୁଁଅଛି । ଏହା ମଧ୍ୟ ଆହାର ପ୍ରସ୍ତାବ ମାତ୍ର ମୀର ହବିବ ପ୍ରବର୍ତ୍ତିତ ନେହାରର ଶାମଲ-କର୍ତ୍ତୃ ଦୋଷ ରହିବ । ଏଣେ ଦେଖନ୍ତୁ, ବାଳକ ସ୍ୱର୍ଣ୍ଣ ସ୍ଥଳକାର ଚୌଥ ସଂଗ୍ରହ ବେହାର ଅଞ୍ଚଳରେ ଉତ୍ପାତ ଆରମ୍ଭ କଲାଣି; ଭାସ୍କର ପଣ୍ଡିତଙ୍କୁ ଟଙ୍କା ଦେବାର ଶୁଣିଲେ ସେ ମଧ୍ୟ ଚଳ କରି ନାନା ପାତ୍ତ ବସିବ । ଗଣ୍ଡ୍ରାପର କଥା ନ ଜାଣ, ଯେଉଁ ପାଠକମାନେ ପ୍ରାଣ ଦେବାକୁ ଅସି-ଅଛନ୍ତି ନ ଖାଇ ନ ପିଇ ଖଗ ନାହିଁ କାଳର ନାହିଁ ଉତୁଆଁ ପଦାରେ ପଡ଼ି କଷ୍ଟ ସହୁଅଛନ୍ତି, ସେମାନଙ୍କ ପରିବାରମାନେ କି ଉପବାସରେ ମରିବେ ?

ମୁସ୍ତାଫା କହିଲେ—ହେବେ ନୁହେ କେବେ ନୁହେ, କଦାଚ ଆମ୍ଭେ ଏପରି ପ୍ରସ୍ତାବରେ ସମ୍ମତ ହୋଇ ନ ପାରୁଁ । ମୁସଲମାନ ବାଦମାନେ ଉପବାସରେ ବଲ ବଲ କରି ରହିଁଥିବେ, ଅଥଚ କାଫର ଅସି ଠେଙ୍ଗା ଦେଖାଇ ଥଳ ବାନ୍ଧି ନେଇ ଯିବ, ଏହା ନିତାନ୍ତ ଅସହ୍ୟ ।

ଅନେକ ତର୍କ ବିତର୍କ ଉତ୍ତାରେ ସ୍ଥିର ହେଲା, କୌଣସିରୂପେ ଟାଳଟୁଳ କରି ଦୁଇ ଚାରି ଦିନ ଯୁଦ୍ଧ ସ୍ଥଗିତ ରଖା ଯାଉ । ରସଦ ତୋପ ଗୋଳା ବାରୁଦ ଆଣିବା ନିମନ୍ତେ ଦୁର୍ଲଭରାମ ଦୂତ ମୁରଶିଦାବାଦ ଯାଆନ୍ତୁ । ସେନାପତି ମିରଜାଫର ଓ ଉଲଦପଦା ଯୁଦ୍ଧରେ ଆହତ, ଆରୋଗ୍ୟ ନିମନ୍ତେ ମୁରଶିଦାବାଦ ଯାଆନ୍ତୁ । ଆରୋଗ୍ୟ-ଲାଭ ଉତ୍ତାରେ ଆଉ କିଛି ପାଇକ ସଂଗ୍ରହ କରି ପୁନର୍ବାର ଫୌଜ ସହିତ ମିଳିତ ହେବେ ।

ସମସେର ଖାଁ କହିଲେ— ନବାବଙ୍କ ପକ୍ଷ ପରିତ୍ୟାଗ କରି ବର୍ଗୀ ପକ୍ଷରେ ମିଳିତ ହେବେ ଏହି ଭାବରେ କେତେକ ଜଣ ହାବିଲଦାର ଭାସ୍କର ପଣ୍ଡିତଙ୍କୁ ଜାଲ ଚିଠି ଲେଖନ୍ତୁ । ଭାସ୍କର ସେମାନଙ୍କ ପ୍ରତ୍ୟାଶାରେ ଯୁଦ୍ଧ ସ୍ଥଗିତ ରଖିବ ।

ମୁସ୍ତାଫା କଷ୍ଟରେ ବରକ୍ତ ଭାବରେ କହିଲେ, ଏପରି ଜାଲିଆ କାର୍ଯ୍ୟରେ ସମ୍ମତ ହେବାକୁ ଆମ୍ଭେ ନାରାଜ । ସମସେର ଖାଁ କଷ୍ଟରେ ଅପ୍ରତିଭ ହୋଇ କହିଲେ, ନାହିଁ ଭାଇ, ଆମ୍ଭେ ମତଲବ ହାସଲ ନିମନ୍ତେ ଏପରି ପ୍ରସ୍ତାବ କରିଥିଲୁଁ ।

Digitized by srujanika@gmail.com

ପଶ୍ଚାତ୍ ପ୍ରକାଶ ପାଇଲା, ନବାବ ଏବଂ ସମସେର ଖାଁ ମନ୍ତ୍ରଣା କରି ଏହିପରି କାର୍ଯ୍ୟ କରିଥିଲେ ।

ଅବଶେଷରେ ସଭାର ସିଦ୍ଧାନ୍ତ ଅନୁସାରେ ସନ୍ଧିର ପ୍ରସ୍ତାବ ଘେନି ଜାନକୀରାମ ଭାସ୍କର ପଣ୍ଡିତ ନିକଟକୁ ପ୍ରେରିତ ହେଲେ । ତାହାଙ୍କୁ ଉପଦେଶ ଦିଆ ଯାଇଥିଲା ଯେପରି ଶୀଘ୍ର କଥା ମୀମାଂସା ନ ହୁଏ ।

—※※—

ଦ୍ୱାବିଂଶତି ପରିଚ୍ଛେଦ ।

ଅବସାଦ—ଅବସାନ ।

ସମସ୍ତ ବିଷୟ ବନ୍ଦୋବସ୍ତ ହେଲା ସତ୍ୟ, ମାତ୍ର କ୍ଷୁଧା ପିପାସାରେ ସୈନ୍ୟମାନେ ଜୀର୍ଣ୍ଣ ଶୀର୍ଣ୍ଣ, ଯୁଦ୍ଧ କରିବାର ଆଉ ଚଳତଶକ୍ତିରହିତ । ଘୋଡାଗୁଡ଼ିକ ଦୂବ ଘାସ ଭାଳି ତୃଣଟିଏ ପର୍ଯ୍ୟନ୍ତ ଦାନ୍ତରେ ଛେଦନ କରି ନାହାନ୍ତି । ମୁସ୍ତାଫା, ସମସେର ଏବଂ ସର୍ଦ୍ଦାର ଖାଁ ପ୍ରଭୃତି ନ ଜଣ ପଠାଣ ସାର ଅଧ ସେର ଆଳୁଅ ମୋଟା ଚାଉଳ ଅଧ ସେର ଛାଗି ପଲ୍ ମାଂସ ଗୋଟିଏ ଅଟିକାରେ ସିଝାଇ ଭକ୍ଷଣ କରୁଅଛନ୍ତି । ଖୋଦ ନବାବଙ୍କର ମଧ୍ୟ ସେହି ଦଶା । ଗ୍ରୀଷ୍ମାବସାନ ଦିଗରେ ବୃଷ୍ଟି ଯଥା ପଡ଼ିବା ପୂର୍ବେ ଗଗନମଣ୍ଡଳ ମେଘାବୃତ ହୁଏ, ତତ୍ପରେ ସୁଶୀତଳ ବାୟୁ ପ୍ରବାହିତ ହୁଏ । ଠିକ ସେହି ଅନୁକାର ସହିତ ନବାବ ସାହେବଙ୍କ ଅବସାଦ ହେଉଅଛି-ଅବସାନ ହେଲା ପରି ଜଣା ଯାଏ । କାରଣ ତାହାଙ୍କର ବଡ଼ ବଡ଼ ଅମୀର ଓମରାଓମାନେ ଖଣ୍ଡେ ଦୁଇଖଣ୍ଡେ ପଲ୍ ମାଂସ ମୁହଁରେ ଦେବାକୁ ପାଉଅଛନ୍ତି । ଗତ କାଲି ସୈନ୍ୟମାନେ ଯହିଁ ସାଗ ଚାଟ ଅଚାଟ ନ ମାନି ଖାଇଥିଲେ, ତାହାରେ ଝାଡ଼ା ଲାଗିଅଛି । ଅନେକ ଝାଡ଼ାବାନ୍ତିରେ ମୃତ୍ୟୁମୁଖରେ ପତିତ ହୋଇଅଛନ୍ତି । ଗନ୍ତବ୍ୟ ମାର୍ଗରେ ଜନବସତି ମାତ୍ର ଅଲ୍ପ ଥିଲା । ଅଦ୍ୟ ଦିବା ତୃତୀୟ ପ୍ରହରରେ ସୈନ୍ୟମାନେ ନିର୍ମଳ ଜଳପୂର୍ଣ୍ଣ କେତେ ଗୋଟି ପୁଷ୍କରିଣୀ ପାଇଲେ । ବାଟୋଇମାନଙ୍କ ଉପକାର ନିମନ୍ତେ ହିନ୍ଦୁ ଧନୀ ଲୋକମାନେ ଜଗନ୍ନାଥ ସଡ଼କ ପାର୍ଶ୍ୱରେ ଏହି ସମସ୍ତ ପୁଷ୍କରିଣୀ ଖୋଳାଇ ଦେଇ ଅଛନ୍ତି । ପୁଷ୍କରିଣୀ ଅନତିଦୂରରେ ଅମ୍ବ କାନନ । ବସନ୍ତ କାଳ, ବଉଳ ଏବଂ କୋମଳ ପତ୍ରରେ ବୃକ୍ଷମାନ ଅବନତ ହୋଇ ପଡ଼ିଅଛନ୍ତି । ଅମ୍ବ କାନନର କିଛି ଦୂରରେ ସାମାନ୍ୟ ପ୍ରକାର ଅରଣ୍ୟ ଭୂଇଁ ବରକୋଳି ଏବଂ ବନ୍ୟ ବେଲରେ ସମ୍ପୂର୍ଣ୍ଣ । ନବାବ ସୈନ୍ୟମାନେ ସେହି ସମସ୍ତ ଫଳ ପତ୍ର ଆମ୍ବ ବଉଳ ଭକ୍ଷଣ ଏବଂ ଜଳ ପାନଦ୍ୱାରା ବଳ ସଞ୍ଚୟ କଲେ । ତୃଣଭକ୍ଷଣ, ଜଳପାନ ଓ ଭୂ-ଲୁଣ୍ଠନଦ୍ୱାରା ଅଶ୍ୱମାନଙ୍କର କ୍ଳାନ୍ତି ଦୂର ହୋଇଅଛି ।

———

ତ୍ରୟୋବିଂଶତି ପରିଚ୍ଛେଦ ।

ସହସା ସମର ।

ବର୍ଗୀ ବୁଝିଲେ, ସମସ୍ତ ଚାତୁରୀ । କାଳକ୍ଷେପ ନିମନ୍ତେ ତୁର୍କ ସନ୍ଧିର ପ୍ରସ୍ତାବ କରୁଅଛି, ପ୍ରକୃତ ସନ୍ଧି କରିବା ତାହାର ଉଦ୍ଦେଶ୍ୟ ନୁହେ । ତୁର୍କ ସେନାପତିମାନେ ବର୍ଗୀ ପକ୍ଷ ଅବଲମ୍ବନ କରିବା ପ୍ରସ୍ତାବ ମଧ୍ୟ ପ୍ରତାରଣାମୟ । ଖାଦ୍ୟ ଏବଂ ସମରୋପକରଣ ସଂଗ୍ରହ ନିମନ୍ତେ ମୁରଶିଦାବାଦକୁ ସବାର ଯାଇଥିବା ଭାସ୍କର ପଣ୍ଡିତଠାରେ ଅବଦିତ ରହିଲା ନାହିଁ । ଦଗାବାଜ୍ ତୁର୍କର ପ୍ରତାରଣାରେ ଭୁଲି ରହିବା ନିର୍ବୋଧତାର କାର୍ଯ୍ୟ ଅଟେ । ସନ୍ଧିର ପ୍ରସ୍ତାବ ତଳେ ସନ୍ଧି ଯୋଗେ ତୁର୍କଫୌଜ ରମାନା ହେବାରୁ ବର୍ଗୀ ମନରେ ସମସ୍ତ ସଂଶୟ ଜାତ ହେଲା । ସଂଶୟ ଜାତ ହେବା ମାତ୍ର ଯୁଦ୍ଧଯାତ୍ରା । ତୁର୍କକୁ ଧରିବାକୁ ସନ୍ଧି ଉପସ୍ଥିତ । ତୁର୍କ ପାଠକମାନେ ଏତ ବଡ଼ ପ୍ରାନ୍ତର ମଧ୍ୟରେ ପଡ଼ିଅଛନ୍ତି । ବର୍ଗୀବର୍ଗ ପ୍ରାନ୍ତରପାର୍ଶ୍ୱବର୍ତ୍ତୀ ବଡ଼ ବଡ଼ ଅଶ୍ୱତ୍ଥ ବଟବୃକ୍ଷ ଡାଳ ଉପରେ ଘୋଡ଼ା ବାନ୍ଧି ତୁର୍କ ଉପରକୁ ଚଳାଇବାକୁ ଲାଗିଲେ । ଏଣେ ତୁର୍କ ଦେହରେ ... ସଜ୍ଜିତ ହୋଇଅଛି । ମୁସ୍ତାଫା, ସର୍ଦ୍ଦାର ଖାଁ, ସମସେର ଖାଁ ତିନି ଦଳ

Digitized by srujanika@gmail.com

ସୈନ୍ୟ ସେନ ନେ ଦଗରୁ ବର୍ଗୀଙ୍କୁ ଆକ୍ରମଣ କଲେ । ନୈଶ ଅନ୍ଧକାରରେ ଉଭୟ ପକ୍ଷରୁ ବିଷମ ସମର ସଂଘଟିତ ହେଲା । ବନ୍ଧୁ ବାନ୍ଧବ ଜ୍ଞାନ ନାହିଁ, ଲକ୍ଷାଲକ୍ଷ ଜ୍ଞାନ ନାହିଁ, ଭସ୍ମକର ରୂପେ ଉଭୟ ପକ୍ଷରୁ ଅସ୍ତ୍ର ଉଠୁଅଛି । କେହି ବା ଭ୍ରାନ୍ତ ହୋଇ ଆତ୍ମୀୟ ବିନାଶରେ ପ୍ରବୃତ୍ତ । ଆତ୍ମୀୟର କେତେ ଜଣ ପ୍ରଧାନ ଲୋକ ଅବହିତ ହେବାରୁ ବର୍ଗୀବର୍ଗ କ୍ଷିପ୍ର ଜନ୍ତ୍ରେଜ ହୋଇ ପଡ଼ିଲେ । କ୍ଷୁଦ୍ର କ୍ଷୁଦ୍ର ଦଳରେ ବିଭକ୍ତ ହୋଇ ଭୁର୍କମାନଙ୍କୁ ଆକ୍ରମଣ କଲେ । ଉଭୟପକ୍ଷ କ୍ଳାନ୍ତ ଏବଂ ରାତ୍ରି ଅନ୍ଧକାରରେ ଭ୍ରାନ୍ତ, ବାରମ୍ବାର ଶୃଙ୍ଖଳାଚ୍ୟୁତ ହେଉଅଛନ୍ତି । ମାତ୍ର ଅବାପୃତ୍ତ, ଅଙ୍ଖ୍ୟଳନା ସ୍ତ୍ରଦେବ ରକ୍ଷିଲେ ପରାଜୟ କଷ୍ଟିତ । ସୈନ୍ୟଶୃଙ୍ଖଳା ରକ୍ଷା ନିମନ୍ତେ ବର୍ଗୀବର୍ଗ ସମ୍ମୁଖ ଆକ୍ରମଣ ତ୍ୟାଗ କରି ଦୂର ପାର୍ଶ୍ୱକୁ ଦୂର ଭାଗରେ ବିଭକ୍ତ ହୋଇଗଲେ । ତୁର୍କମାନଙ୍କୁ କିଞ୍ଚିତ୍ ବିଶ୍ରାମ କରିବାକୁ ଅବକାଶ ମିଳିଲା । ସେମାନେ ଯୁଦ୍ଧ କରୁ କରୁ ପଶ୍ଚାତ୍ପଦ ହେବାକୁ ଲାଗିଲେ । ସାରା ରାତି ଏବଂ ପରଦିବସ ଦିବା ଏକ ପ୍ରହର ପର୍ଯ୍ୟନ୍ତ ଯୁଦ୍ଧ ଏବଂ ଯାତ୍ରା ଦୁଇ କାର୍ଯ୍ୟ ଚାଲୁଥାଏ । ତୁର୍କ ମାନେ ଜନ୍ତ୍ରେଜ ହୋଇ ପଡ଼ିଲେଣି, ଅଥଚ ପ୍ରବଚ-ନ୍ୟାୟୀ ଯୁଦ୍ଧ ହୋଇଥିଲେ ସେମାନଙ୍କର ପକ୍ଷେ ବିଜୟ ଲାଭ ଅସମ୍ଭବ ନୁହେଁ । ମାନବଙ୍କ ଭାଗ୍ୟର ଶୁଭାଶୁଭ ଅଲକ୍ଷ୍ୟଭାବରେ ଉପସ୍ଥିତ ହୁଏ । ତ୍ରିଭାଗ୍ରଥ ନାମକ ସ୍ଥାନରେ ବର୍ଗୀମାନେ ଦୂରରୁ ଗଙ୍ଗାମାତାଙ୍କ ଦର୍ଶନ ପାଇ ଅତ୍ୟନ୍ତ ଆନନ୍ଦିତ ହୋଇ ପଡ଼ିଲେ । ତୁର୍କ ତ ଜନ୍ତ୍ରେଜ ହୋଇ ପଡ଼ିଲେଣି; ଅଳ୍ପକ୍ଷଣ ଭିତରେ ତାହାଙ୍କୁ ବିନାଶ କରିପାରିବ । ମାତ୍ର ଗଙ୍ଗାମାତା କୃପାଳୁଗଣରେ ସ୍ୱୟଂ ଦର୍ଶନ ଦେଉଅଛନ୍ତି, ତାହାଙ୍କୁ ଅବମାନନା କରି ଚାଲିଯିବା ଅଧର୍ମ । ବେଦବେତ୍ତାମାନେ ବୋଲୁଅଛନ୍ତି, ଶତ୍ରୁ ଯେତେ ଦୁର୍ବଳ ହେଉ, ତାହାକୁ ଉପେକ୍ଷା କରିବା ଉଚିତ ନୁହେ । ଅନ୍ଧରୁ ମଧ୍ୟ ବେଦବେତ୍ତାମାନେ ବୋଲୁଅଛନ୍ତି, ଆରବ୍ଧ କର୍ମ ପରିସମାପ୍ତି ପର୍ଯ୍ୟନ୍ତ ସଚେଷ୍ଟ ରହିବାର ଉଚିତ । ଯାହାହେଉ, ବର୍ଗୀମାନେ ଯୁଦ୍ଧତ୍ୟାଗ-ପୂର୍ବକ ଜାହ୍ନବୀକୂଳରେ ବିଶ୍ରାମ କରିବାକୁ ଲାଗିଲେ ।

ଏଣେ ତୁର୍କମାନେ ଗତ ଶକ୍ତିରହିତ, ବିପକ୍ଷ-ମାନଙ୍କୁ ନିବୃତ୍ତ ଦେଖି କ୍ଳାନ୍ତଭାବରେ ପ୍ରାନ୍ତର ମଧ୍ୟରେ ପଡ଼ିଗଲେ ।

କ୍ରମଶଃ ।

ଶ୍ରୀ ଧୂର୍ଜଟୀ ।

ଭ୍ରମଣର ଉଦ୍ଦେଶ୍ୟ ।

ହିନ୍ଦୋଳ ।

ନରସିଂହପୁର ଗଡ଼ଠାରୁ ହିନ୍ଦୋଳ ପ୍ରାୟ ୨୦ କୋଶ । ଏହି ଶକଟ ଯାଉଥିବା ମହାନଦୀ ବାମ ତୀର ଧରି ବଡ଼ମ୍ବା ଓ ଟିଗିରିଆ ରାଜ୍ୟ ଦେଇ କଟକ ରାସ୍ତାରେ ଉଠିଅଛି । ଆମ୍ଭେମାନେ ଏ ପଥ ଛାଡ଼ି ନରସିଂହପୁର ରାଜ୍ୟର ସ୍ୱପ୍ରହିତ ଚୂଡ଼ାବୃଢ଼ ପର୍ବତ ଘାଟି ବାଟରେ ଅଗ୍ରସର ହେଲୁଁ । ନରସିଂହ-ପୁରର ଶ୍ରୀମାନ୍ ରାଜା ଆମ୍ଭମାନଙ୍କୁ ହିନ୍ଦୋଳରେ ଛାଡ଼ି ଆସିବାକୁ ଏକ ଦ୍ରୁତଗାମୀ ସୁଶାନ୍ତ ହସ୍ତୀ ଦେଇଥିଲେ । ଗଡ଼ଠାରୁ ପ୍ରାୟ ତିନିକୋଶ ପଥ ଯାଇ ପର୍ବତ ଜଙ୍ଗଲକୁ ଉଠିଲୁଁ । ହିନ୍ଦୋଳ ଗଡ଼ ନରସିଂହପୁରଠାରୁ ପ୍ରାୟ ୨୦ । ୨୨ ମାଇଲ ହେବ । ବ୍ୟାଘ୍ର ଓ ବନ୍ୟ ହସ୍ତୀଙ୍କ ଭୟରେ କେହି

Digitized by srujanika@gmail.com

ଦୁଇଜଣ ଲୋକ ଏକବେଳେ ଏ ବାଟରେ ଗତି କରିବାକୁ ସାହସୀ ହୁଅନ୍ତି ନାହିଁ । ତୁଷାରଧବଳ ଓ ଦୁର୍ଗମ ଗିରିଶୃଙ୍ଗ ଉପରକୁ ଏବଂ ସାନୁଦେଶରେ ଗନ୍ତବ୍ୟ ପଥ ପିଟାଇବା ସାମାନ୍ୟ ଆୟାସସାଧ୍ୟ ନୁହେଁ । ଦାର୍ଜିଲିଂ ଯିବା ପଥରେ ହିମାଳୟର ତୁଙ୍ଗ ଶୃଙ୍ଗମାନ ଦୂର ଦୂର ହୋଇଥିବା ଗତି ଉତ୍କଳ ମହାରଣ୍ୟରେ ଏହା ବୁଡ଼ାବୁଡ଼ି ଘାଟିରେ ଘଟନା ହେଲା । ଗତକାଲି ଉତ୍ତିନପୁର ସବ୍ ସାହେବ ବଙ୍କିମଚନ୍ଦ୍ର ମଜୁମଦାରଙ୍କ ଦକ୍ଷତା ପ୍ରଶଂସନୀୟ । ଶୁଣିଲୁଁ ତାଙ୍କ ତତ୍ତ୍ୱାବଧାନରେ ଅନୁକୂଳ ଯିବାକୁ ଏ ବାଟ ପିଟିଅଛି ।

ବୁଡ଼ାବୁଡ଼ି ଘାଟିରେ ଉଠିବାବେଳେ ମନେ ହେଉଥିଲା ଯେମନ୍ତ ହିମାଳୟର କରଣିଅଙ୍ଗ ଶୃଙ୍ଗ ମୂର୍ତ୍ତି ଅତିକ୍ରମ କରୁଅଛୁଁ । ପ୍ରକୃତିର ଦୃଶ୍ୟ ଓ ସ୍ୱଭାବ ଏକପ୍ରକାର । ହିମାଳୟର ପାଦଦେଶରେ ସ୍ରୋତସ୍ୱତୀ ତିସ୍ତା । ଏଠାରେ ବୁଡ଼ାବୁଡ଼ିର ଅନତିଦୂରରେ ମହାନଦୀ ପ୍ରବାହିତ । ପ୍ରାୟ ସାତ ମାଇଲ ପଥ ମୃଦୁ ସ୍ରୋତ ଗିରିର ଏକ ଅଚଳ ଅଧିତ୍ୟକାରେ ନୟାଗଡ଼ ନାମକ ଗ୍ରାମରେ ରାତ୍ରି ଯାପନ । ବୈଶାଖ ସନ୍ଧ୍ୟାରେ ଘୋର ଶୀତକାଳ ସଦୃଶ ଶୀତ ଅନୁଭୂତ ହେଲା । ସୁଶୀତଳ ଶୈଳ ଶିଖରରେ ସଂଲଗ୍ନ ବୃକ୍ଷଲତା ଏବଂ ଅତି ଉର୍ବର କ୍ଷେତ୍ର ଦେଖି ଅନୁଭବ ହେଉଥିଲା ଯେ ଏସ୍ଥାନମାନଙ୍କରେ କାବୁଲ ଦେଶର ମେଓଥ ବେଶ୍ ଜନ୍ମିପାରେ । ଏ ସ୍ଥାନଟି ନରସିଂହପୁର ରାଜ୍ୟମଧ୍ୟରେ । ନୟା ଗଡ଼ର ରମ୍ୟ ଉଦ୍ୟାନରେ ପାକବରକ ପ୍ରାପ୍ତ ଦ୍ରାକ୍ଷାଲତାମଣ୍ଡିତ ବସ୍ତୁତ ମଞ୍ଚ ମେନେଜର ସାହେବ ଆମ୍ଭମାନଙ୍କୁ ଦେଖାଇ ଦେଇଥିଲେ । ଲତା ନୂତନ ରୋପିତ । ଫଳ ଦେବ କି ନାହିଁ ଜଣାଯାଉ ନାହିଁ । ଏହି ନୟାଗଡ଼ ନିଜ ଗଡ଼ଠାରୁ ଢେର ଉପରେ । ଏଠାରେ ବାର ମାସ ଶୀତ । ବେଦାନା ଓ ଅଙ୍ଗୁର ପ୍ରଭୃତି ହେବାର ସୁଲକ୍ଷଣ ଜଣାଯାଉଅଛି । ପରୀକ୍ଷାର ପ୍ରୟୋଜନ । ଏ ସ୍ଥଳ ଉତ୍କଳ ମହାରଣ୍ୟ ଗର୍ଭରେ । ବନ୍ୟହସ୍ତି ଓ ବ୍ୟାଘ୍ର ଭୟ ପଦେ ପଦେ । ରଜନୀରେ ବ୍ୟାଘ୍ରଗର୍ଜନ ଶୁଣିବାରେ ପଡ଼ ଶଙ୍କା ଜାତ କରଉଥିଲା । ବନ୍ୟ ହସ୍ତୀ ଭୟରେ ଆମ୍ଭ ସଙ୍ଗୀ ଦାଉଆରମାନେ ଅଗ୍ନି ଜାଳି ଅତି ସତର୍କଭାବରେ ରାତ୍ରି କଟାଇଲେ ।

ଅତି ପ୍ରତ୍ୟୁଷରେ ଗନ୍ଧାସେନଣର ମହାରଣ୍ୟର ଶ୍ୟାମକାନ୍ତ ଦୃଶ୍ୟ ଦେଖି ଦେଖି କନ୍ଦୋଳଗନ୍ତବ୍ୟ ପଥରେ ଅଗ୍ରସର ହେଲୁଁ । ଅହୋ ! କି ଘୋର ଅରଣ୍ୟ । କେତେ କେତେ ପ୍ରକାଣ୍ଡ ପରେ ଏ ଅରଣ୍ୟର ସୃଷ୍ଟି ହୋଇଅଛି, କେତେ କାଳ ଲୋକଗହଳ ଏ ଅଗମ୍ୟ ଅରଣ୍ୟକୁ ଅଛି ନାହିଁ, ତାହା କିଏ କହିବ ? କହିବଡ଼ିଙ୍କର ଦୂର ପତ୍ର କହି ମନେବୋଧ ହେଉ ।

"ସ୍ନିଗ୍ଧଶ୍ୟାମ-ଦ୍ରୁମବତୀ ଶ୍ୟାମ ମହାଟବୀ,
ଅବରଣ୍ଣ ମଞ୍ଜୁ ଜଳ ପଲ୍ଲବଗହଳେ,
ଶୁଭେ ନାହିଁ କେବେ ଯାର ନିସ୍ତବ୍ଧ ତଳେ
ସ୍ନିଗ୍ଧ ଦିନ କାଷ୍ଠଜୀବ କୁଠାରଶବଦ,
ନାହିଁ ମୃଗଚର୍ମ ସ୍ଥଳୀ ସ୍ୱାପଦନିର୍ଘୋଷେ,
ପ୍ରତିଘୋଷେ ପ୍ରତିବାଣୀ ଦଅଇ ଯା ଶୁଣି
ପ୍ରତିଧ୍ୱନି ଗିରିକୁଞ୍ଜ ହୋଇ ପ୍ରତିପୂରି;"

ବନ ନିସ୍ତବ୍ଧ, ମନ ନିସ୍ତବ୍ଧ, ମନର ପଳ ପଳ ବଦଧ୍ୟାନରତ ନାହିଁ । ବନପ୍ରିୟ ଗାୟକ ବିହଙ୍ଗମର ସୋତଜନକ ସୁମଧୁର ଗୀତ ବେଳେ ବେଳେ ଯାହା ଘୋର ନିସ୍ତବ୍ଧତା ଭଙ୍ଗୁ ଅଛି । ବିହୁପଦ-ନିନାଦକ ନୀଡ଼ ଭରବାକୁ ଯେବେ ଯୋଗ ହଉବ, ତେବେ ଏ ରମ୍ୟ ବନକୁ ଆସ । ଘର ଘର ଭାବନା ଯେଖ ଘରେ ବସି ଯୋଗୀ ହେବା କଥାଟା ମନକୁ ଆସୁ ନାହିଁ । କିଏ ଜାଣେ ବାବୁ, ମନ ବଳଟା ତାହାର କେମନ୍ତ । ଯର, ଶୀକ୍ଷେତ୍ରରେ ଯୋଗୀ ବସି ଅଛନ୍ତି ଯୋଗଧ୍ୟାନରେ । ସଯୋଂ । ଯାହା ତାଙ୍କ ଦର୍ଶନକୁ ଅସି ହୁଁଣ୍ କର ପୁନା ରୂପା ପ୍ରଣାମି ଥୋଇ ଦେଲା । ଅସ୍ଥି ପିଣ୍ଡାର ତାହା ଦେଖିଲେ, ରେଲ୍ ନୀଳ ଅସିଲା ଯଶୀ "ଉଠ ରେ ଯା".

Digitized by srujanika@gmail.com

ଉଠୁଛନ୍ତି । ଲୋକହିତରେ ଏ ଉଦ୍ଦେଶ୍ୟରେ ଅର୍ଥ ବ୍ୟୟିତ ହେଉଅଛି ସତ୍ୟ, ମାତ୍ର ଏ ଯୋଗକୁ ସମ୍ପ୍ରୟୋଗ ଭ ଖୁଜା ଯାଉ ନାହିଁ । ହାୟନର ନିର୍ବାଣ ନ ହେଲେ ମୁକ୍ତି କିପରି ଆସିବ ?

ଭୂମିରୁ ଭୂଗୁରୁ ଉତ୍କୋଚ ଥାଇ ଆଇ ପ୍ରାପ୍ତ ୨।୮ ମାଇଲ ଗଡ଼ କର ହିନ୍ଦୋଳ ଖୋଲକୁ ଉତ୍ତର ଗଲୁଁ । ଯେଉଁ ଅହ୍ନାଣକୁ ଉତ୍କୋଚ ଆସିଲୁଁ ଏହି ଭଳ ଜଣାଗଲା । ଭଲକୁ ଆସି ଦେଖିଲୁଁ, ଅସଂଖ୍ୟ ଧେନୁ, ଭଦ୍ର ଆଳମାନେ ଚରୁଅଛନ୍ତି । ପଚାରି ଜାଣିଲୁଁ, ଏଗୁଡ଼ିକ ଖାସ ରାଜାଙ୍କର । ଅହୋ ! ଅମ୍ଭ ହିନ୍ଦୋଳ ରାଜା କି ଗୋପାଳର ବଂଶଜ ନୁହନ୍ତି ! ଗୋପାଳଙ୍କର ବଂଶଧର ଅଟନ୍ତି । ହିନ୍ଦୋଳର ଘୋଟା ଦଶିଲା । କଳାପ ସଂଭାଷଣ କ୍ରମେ କ୍ରମେ ଦର୍ଶନପଥକୁ ଆସୁଥାଇ ଆସିଲା । ହିନ୍ଦୋଳର ପ୍ରକୃତି ବନ୍ଧୁମାନଙ୍କ ପ୍ରେମବଦନ ଦର୍ଶନରୁ ମନ ଆନନ୍ଦିତ ହେଲା । ତୋଷାନ ଗୋବର୍ଦ୍ଧନ ବାବୁ ପରା ଜଣା ପ୍ରକୃତି ବନ୍ଧୁ । ରାଜା ମହାଦେବଙ୍କୁ ବନ୍ଧୁ ବୋଲି ବୋଲିବାରେ ଭରସା କଥା କଣ ? କଥା ଅଛି, କହେଗଲେ ସଂସାରପଥ ତନ୍ତ୍ରଭାବ ଅଣି ଦିଏ । ପ୍ରଦର୍ଶନୀ ବର୍ଷ କଲିକତା ମହାନଗରୀରେ ଏ ଯୋଗାଯୋଗ ସୌଭାଗ୍ୟ ଘଟିଥିଲା । ତାଙ୍କର ଉଦାର ବ୍ୟବହାର ଚିରକାଳ ସ୍ମୃତି ସମ୍ଭାଳ ରଖିଅଛି । ଅଜ କୃତାର୍ଥ ହେବ । ବନ୍ଧୁବର ଦେଖାନ ଦେଖିଲା ଯଣି ପ୍ରେମଗଦ୍ଗଦ ଚିତ୍ତରେ ଅଲିଙ୍ଗନ କଲେ । ଶୀର୍ଣ୍ଣ ସମସ୍ତ ଭିଡ଼ ପଦରେ ଥାଇ ତାଙ୍କର ଚିତ୍ତ-ବୃତ୍ତାନ୍ତ ନିଷ୍ପ୍ରିତ ହୋଇଅଛି କି ନାହିଁ, ଏହାଟା ଅନୋଚନାର ବିଷୟ ଥିଲା । ପାରସିରେ ଅଛି, "ଥାଦେ ତ୍ୱଥାଦ," ବେଅଦବ ଲୋକଠାରୁ ଅଦବ ଶିଖିବ, ଅଭଦ୍ରତାର ସୀମାରେ ଛିଡ଼ା ହୋଇ ଭଦ୍ରତାର ଶିକ୍ଷା କରିବ । ଗୋବର୍ଦ୍ଧନ ବାବୁଙ୍କର ଅନ୍ତରଙ୍ଗ ଆଦର ଓ ସ୍ନେହସିକ୍ତ ଆଦର ମନ ଥଣ୍ଡା କରି ଦେଲା । ତାଙ୍କର ସୌଜନ୍ୟ ସରଳତା ଅମୃତର ହିଅଛି । ରାଜା ସାହେବଙ୍କର ସଙ୍ଗ ଅଧିକରୁ ଅଧିକ ।

ହିନ୍ଦୋଳ ରାଜ୍ୟର ଭୂମିପରିମାଣ ୩୧୨ ବର୍ଗ ମାଇଲ । ଲୋକସଂଖ୍ୟା ୪୭୧୮୦ । ଏହି ରାଜ୍ୟର ଉତ୍ତରରେ ଢେଙ୍କାନାଳ, ପଶ୍ଚିମରେ ଅନୁଗୁଳ, ଦକ୍ଷିଣରେ ନରସିଂହପୁର, ବଡ଼ମ୍ବା ଏବଂ ପୂର୍ବରେ ବଡ଼ମ୍ବା ।

ଇତିହାସରୁ ଜଣାଯାଏ ଗଙ୍ଗାଂଶ କ୍ଷତ୍ରିୟ ମହାରାଷ୍ଟ୍ରୀୟ ଦୁଇ ଭ୍ରାତା ଲକ୍ଷ୍ମଣ ଓ ଭରତ ଏହି ନିପଟ୍ୟକାରେ ରାଜ୍ୟ ସ୍ଥାପନ କରିଥିଲେ । ବର୍ତ୍ତମାନ ରାଜା ଜନାର୍ଦ୍ଦନ ମର୍ଦ୍ଦରାଜ ଜଗଦେବ ୧୮୭୧ ଖ୍ରୀଷ୍ଟାବ୍ଦରେ (Minority) ଅତିକ୍ରମ କରି ରାଜ୍ୟାଧିକାର ପ୍ରାପ୍ତ ହେଲେ । ଏହାଙ୍କର ରାଜତ୍ୱକାଳ ପ୍ରାୟ ୨୩ ବର୍ଷ ମଧ୍ୟରେ ସୁଯୋଗ୍ୟ ଦେୱାନ ଗୋବର୍ଦ୍ଧନ ବାବୁଙ୍କ ସାହାଯ୍ୟରେ ରାଜ୍ୟର ସେ ଯେଉଁ ଉନ୍ନତି କରିଅଛନ୍ତି, ତାହା ଉଦାହରଣ ଶିକ୍ଷଣୀୟ ଓ ଅଧ୍ୟେୟ ପାଠ ହେବ । କିନ୍ତୁ ରେ ଗୋଟିଏ ଗୋଟିଏ ଚୋରକାଳ ଅଛି । ଆଶ୍ଚର୍ଯ୍ୟ ! ଧର୍ମଶୀଳ ବାମଣ୍ଡା, ଅଠମଲ୍ଲିକ ଓ ହିନ୍ଦୋଳ ସମକାଳରେ ଆପଣା ଆପଣା ରାଜ୍ୟର ଉନ୍ନତି କରିଅଛନ୍ତି । କେହି କାହାରିକୁ ଦେଖି ନାହାନ୍ତି— କେହି କାହାରିଠାରୁ ଶିଖି ନାହାନ୍ତି । ପ୍ରାରବ୍ଧ ଏବଂ ସହଜ ଜ୍ଞାନର ନୃପକର୍ମ ବଳରେ ଏହି ନୃପତି ସ୍ୱ ସ୍ୱ ରାଜ୍ୟର ଅଭୂତପୂର୍ବ ଶ୍ରୀ ସମ୍ପାଦନ କରିଅଛନ୍ତି । ଏ ରାଜ୍ୟର ମୃତ୍ତିକା ଯାହା ଥିଲା ତାହି ଥିଲା—ରାଜା ଥିଲେ—ପ୍ରଜା ଥିଲେ—ଥିଲା ନାହିଁ କର୍ମ । ତେଣୁ ଦାରିଦ୍ର୍ୟ ଦୁଃଖରେ ପ୍ରଜାଙ୍କର ଜର୍ଜ୍ଜରିତ ହୋଇଥିଲେ । ରାଜାନୁଗତ ଧର୍ମ, ରାଜା ଅଳସ ହେଲେ ପ୍ରଜାକୁଳ ଅଳସ ହୁଅନ୍ତି । ରାଜା ଚରିତ୍ରଭ୍ରଷ୍ଟ ହେଲେ ପ୍ରଜା ଦୀନ ଦରିଦ୍ର ହୁଅନ୍ତି । କଳିଯୁଗରେ ରାଜା ହେବା ମହାପାପ । କାରଣ, କଳିଯୁଗରେ ରାଜାମାନେ ଅଧାର୍ମିକ ହେବେ । ନଚେତ ଅଧାର୍ମିକ ହେଲେ ଅଧର୍ମର ଭାଗ ଭୋଗ ହୁଅନ୍ତି । ସହସ୍ର ସହସ୍ର ପ୍ରଜାମାନଙ୍କର ଅଧର୍ମର

Digitized by srujanika@gmail.com

ଗୃହୀ ହେଲେ ମହାପାପ ନ ହେବ କିପାଇଁ ? ଆମ୍ଭର ଜଣେ ମାନନୀୟ ବନ୍ଧୁ କୌଣସି ଗଡ଼ଜାତ ରାଜ୍ୟର ଅକର୍ମ — ଅସହ୍ୟ ଅକର୍ମ ଶୁଣି କହିଥିଲେ, କ୍ଷୁଦ୍ର କ୍ଷୁଦ୍ର ରାଜାମାନଙ୍କର ଶକ୍ତି ଲୋପ ନ ହେବା ଯାଏ ଭାରତରେ ସର୍ବାଙ୍ଗୀଣ ଉନ୍ନତି ସମ୍ଭବପର ନୁହେଁ । ତାଙ୍କର ଯୁକ୍ତିର ବଳ ଜାପାନ । ଜାପାନ କ୍ଷୁଦ୍ର ଶକ୍ତିମାନ ହୋଇ ଦେଖ ୩୦ ବର୍ଷ ମଧ୍ୟରେ ଏମନ୍ତ ଉନ୍ନତି ପଥରେ ଗତି କରି ଏବେ ସେ ଜଣେ ! ଯୁରୋପୀୟ ଶକ୍ତିମାନଙ୍କ ମଧ୍ୟରେ ଶଙ୍କା ଜାତ କରାଇ ଦେଉଅଛି । ଆମ୍ଭ ଇଂରାଜ ମହାଶକ୍ତି ଏବଚ୍ଛନ୍ନ ଶକ୍ତି କେଉଁ କାଳରେ ସ୍ଥାପିତ କରି ନାହିଁ କି ? ସତ୍କର୍ମଶୀଳ ରାଜାମାନେ ତ ପ୍ରତିଷ୍ଠା ଲଭୁଅଛନ୍ତି । ଅଠମଲ୍ଲିକ ମହାରାଜା, ବାମଣ୍ଡା ନାଥଟ୍ । ଅମ୍ଭମାନଙ୍କର ଆଶା, ହିନ୍ଦୋଳାଧିପତି ସତ୍ୱର ଉଚ୍ଚ ସମ୍ମାନ ଲାଭ କରି ସ୍ୱଦେଶର ଗୌରବ ବଢ଼ାଇବେ । ଦେବାନ ଗୋବର୍ଦ୍ଧନ ବାବୁ ମଧ୍ୟପ୍ରଦେଶରେ ଦେବାନ ଥିଲେ କେଉଁ କାଳରୁ ରାୟ ବାହାଦୂର ହୋଇ ଥାନ୍ତି । ଉକ୍ତ ସେ କଥା ତ ବନେ ହେବ ।

ହିନ୍ଦୋଳର ମୃତ୍ତିକା ଅତ୍ୟନ୍ତ ଉର୍ବରା । ନାରିକେଳ, ଗୁଆ, ଆମ୍ବ, ପନସର ଦୀର୍ଘସ୍ଥାନବ୍ୟାପୀ ଉଦ୍ୟାନ । ଧାନ ଓ କମଳାଲେମ୍ବୁ ପ୍ରଚୁର ପରିମାଣରେ ଏ ସ୍ଥାନରେ ଜନ୍ମୁଅଛି । ସିଲହଟ ଓ ବଙ୍ଗଳାର କମଳା ଉତ୍କଳ ଗଡ଼ଜାତ ମୃତ୍ତିକାରେ ସର୍ବତ୍ର ଜନ୍ମି ପାରେ । ଢେଙ୍କାନାଳ ଓ ହିନ୍ଦୋଳରେ ସୁମିଷ୍ଟ କମଳାଲେମ୍ବୁ ଜନ୍ମୁଅଛି । ପୂର୍ବବଙ୍ଗ ଏହି ଫଳର କୃଷିଦ୍ୱାରା ଯେପରି ଲାଭବାନ୍ ହେଉଅଛି, ସେ ବୃତ୍ତି ଓଡ଼ିଶାରେ କାହିଁ । ବାମଣ୍ଡାଧିପ ଧନ୍ୟ ! ପ୍ରଚୁର କମଳାଲେମ୍ବୁ ବଗିଚା ପ୍ରସ୍ତୁତ କରାଇ ସିଲହଟ କମଳାକୁ ପରାସ୍ତ କରୁଅଛନ୍ତି । କେତେକ ବଙ୍ଗାଳୀ ଭଦ୍ରଲୋକଙ୍କ ସହିତ ଅମ୍ଭେମାନେ ଦେବଗଡ଼ଠାରୁ ତିନି କ୍ରୋଶ ଦୂର ଏକ ବୃହତ୍ କମଳାଲେମ୍ବୁ ବଗିଚା ଦେଖି ଯାଇଥିଲୁଁ । ସହସ୍ର ସହସ୍ର ସୁପକ୍ୱ କମଳା ବୃକ୍ଷଶାଖାରେ ଝୁଲି ମନ ଲୋଭ ପ୍ରଲୋଭିତ କରୁଥିଲା । ବଙ୍ଗାଳୀ ବାବୁମାନେ ଦେଖି ଅବାକ୍ । ସେ ଯାହା ନିଜ ଫଳ ତୋଳି ଖାଇଲେ । ଅମ୍ଭେମାନେ ସେହି ଅପୂର୍ବ ଫଳର ଆସ୍ୱାଦନ କରି ପରମ ପ୍ରୀତ ହୋଇଥିଲୁଁ । ବାଲୋକରେ ୧୫ ଦିନ ପୂର୍ବରୁ ପହଞ୍ଚି ଥିଲେ କମଳାସ୍ୱାଦ-ସମ୍ଭୋଗ ଭାଗ୍ୟରେ ଘଟି ଥାନ୍ତା ।

ଏବେ ଅନ୍ୟ ଉନ୍ନତି ମାନ କେତେକ ଥାଉ, ମୂଳ କଥା । ଯେଉଁ ରାଜ୍ୟରେ ପ୍ରଜାମାନେ ଅନ୍ନ ବିନା ଜୀବନ ବର୍ଜ୍ଜନ କରନ୍ତି ସେ କି ରାଜ୍ୟ ? ରାଜାର ପ୍ରୟୋଜନ କଣ ? ବାମଣ୍ଡା, ଅଠମଲ୍ଲିକ ଏବଂ ହିନ୍ଦୋଳ ଦୁର୍ଭିକ୍ଷରୁ କଣ ପଡ଼ିବାଏ ରହନ୍ତି ? ହିନ୍ଦୋଳର ପ୍ରଧାନ ପ୍ରଧାନ ଗ୍ରାମମାନଙ୍କରେ ଧାନର ଖମାର । ନିଜ ଗଡ଼ରେ ରାଜ ଅନ୍ତେ ଖମାର ଓ କୃଷି ବିସ୍ତାର ଦେଖି ବୋଧ ହେଲା, ଏ ରାଜା ଧାନ୍ୟ-ରାଜା ଅଟନ୍ତି । ବାମଣ୍ଡାର ଅନନ୍ତର ହିନ୍ଦୋଳର ବଲେଇ ଖାଟ ଖାଲ କୃଷି ଉନ୍ନତିର ପ୍ରଧାନ ଅଙ୍ଗ । ଆଗ କାଳରେ ଉତ୍କଳର ରାଜା, ଖଣ୍ଡାୟତ-ବଳବାନ୍‌ମାନେ କୃଷିରକ୍ଷା ଲାଗି ବୃହତ୍ ବାନ୍ଧ, ବନ୍ଧ, ସରୋବରଆଦି ଖୋଳାଇ ପ୍ରଜା ରକ୍ଷା କରୁଥିଲେ । ଏବେ ଅନ୍ନକଷ୍ଟପୀଡ଼ିତ ପ୍ରଜାମାନଙ୍କୁ ଭୋଜନ ଯୁଗାଇବା ଲାଗି ଦାତବ୍ୟ ଡାକ୍ତରଖାନା ଠାବେ ଠାବେ !

ଯେଉଁ ରାଜାମାନେ ଦେଶ ଭ୍ରମଣ କରିଅଛନ୍ତି ଏବଂ କରୁଅଛନ୍ତି ସେମାନଙ୍କର ରୁଚି ମାର୍ଜ୍ଜିତ ଏବଂ ନାନାସ୍ଥାନର ଫଳ ପୁଷ୍ପର ଉଦ୍ୟାନ ଓ ଶସ୍ୟକ୍ଷେତ୍ରମାନ ଦେଖି ନିଜ ଦେଶରେ ସେହିପରି କରିବାର ଇଚ୍ଛା ପ୍ରବଳ ହୋଇ କାର୍ଯ୍ୟରେ ପରିଣତ ହେଉଅଛି । ରାଜା ସାର୍ ସୁଧଳ ଦେବ ଦେଶ ଭ୍ରମଣରୁ ନ ଯାନ୍ତି ଏମନ୍ତ ବର୍ଷ ନାହିଁ । ବାମଣ୍ଡାଧିପତି ଦୁଇ ଥର ଭାରତବର୍ଷ ଭ୍ରମଣ କରି ବହୁଦର୍ଶୀ, କର୍ତ୍ତବ୍ୟନିଷ୍ଠ, ପ୍ରଜାପାଳକ, ଗୁଣାଦିପୂର୍ଣ୍ଣ ଓ ଧୀରବୃଦ୍ଧିମାନ ହୋଇଅଛନ୍ତି । ଶେଷର ଅପଟୁ ସତ୍ତ୍ୱେ ସ୍ୱଦୃଢ଼ ବର୍ଜ୍ଜିତ ନୃପରେ ଅଧୀନ ହୋଇ ବସିଛି

Digitized by srujanika@gmail.com

କାର୍ଯ୍ୟ ସମାଧା କରୁଅଛନ୍ତି । ସୁଯୋଗ୍ୟ ଦେବାନ ବାବୁଙ୍କର ମଧ୍ୟ ସେପରି ଉଣା ନାହାନ୍ତି—ଏ କଣ ସାମାନ୍ୟ ଗୁଣ ? ଏପରି ବର୍ତ୍ତମାନସ୍ଥ ରାଜା ଅନ୍ୟ ଦେଖିବାକୁ ଅଛି । ହାତୀ, ଘୋଡା, ଗଜସଲ-ଛନମାନ ସଯତ୍ନ-ରକ୍ଷିତ । ଗୋରୁ, ମହିଷ, ଧାନ୍ୟ ଦରବାରେ ପରିପୂର୍ଣ୍ଣ । ଭଗବାନ୍ ଏହାଙ୍କୁ ଚତୁର୍ବର୍ଗରେ ପୂର୍ଣ୍ଣ କରିଅଛନ୍ତି । ନବ ଉଣା ତୁଲ୍ୟ ଶିଶୁ ଦୁଇ ରାଜକୁମାରଙ୍କୁ ଦେଖି ଅମ୍ଭମାନଙ୍କ ପ୍ରାଣ ପୁଲକିତ ହେଲା । ଭଗବାନର ବାଞ୍ଛା, ମହାରାଜ ଏମାନଙ୍କୁ କି ପନ୍ଥାରେ ସୁଶିକ୍ଷା ଦେବେ । ଅମ୍ଭ-ମାନଙ୍କର ଏ ସମ୍ବନ୍ଧରେ କିଛି ବକ୍ତବ୍ୟ ଅଛି ।

ସାଧାରଣ ଗୃହସ୍ଥ ପିଲାକୁ କିରୂପ ଶିକ୍ଷା ଦିଆ-ଯିବାର ଉଚିତ, ଆଗ ତାହା ଟିକେ କହାଯାଉ । ଶିଶୁଶିକ୍ଷା କଣ ? ପିଲାକୁ ମନୁଷ୍ୟ କରାଇବା । କଥାରେ କହନ୍ତି, "ଏ ପିଲାଟା ମନୁଷ୍ୟ ହେଲା ନାହିଁ" । ରାଜାଠାରୁ ସାମାନ୍ୟ ପ୍ରଜା ପର୍ଯ୍ୟନ୍ତ ଯେ ଯେଉଁ ଅବସ୍ଥାରେ ଥାଉନ୍ତୁ ସେମାନଙ୍କ ପିଲାଙ୍କର ଏପରି ଶିକ୍ଷା ହେବାର ଉଚିତ ଯେମନ୍ତ ବଡ଼ି ମନୁଷ୍ୟ ହେଲେ—ସଂସାରୀ ହେଲେ ଦୁଃଖ କଷ୍ଟ ନ ଥାଏ । ସଂସାରରେ ଦୁଃଖ କଷ୍ଟ କିଛି ନାହିଁ । ମନୁଷ୍ୟ ଶିକ୍ଷା ଅଭାବରୁ ଆପଣା ମନକୁ, ଆପଣା କର୍ମକୁ ଦୁଃଖ କଷ୍ଟ ମଣି ଅସୁଖୀ ହୁଏ । ଏକଥା ଯାଉ ତ ମନ—କହିଁ, ଅମ୍ଭ ମୁନି ଋଷିମାନଙ୍କର କଣ ଥିଲା ? ଆକାଶ, ଜଳ ବାୟୁ, ସୂର୍ଯ୍ୟ ଚନ୍ଦ୍ର, ବୃକ୍ଷଛାୟା, ବନର ଫଳମୂଳ । ବଡ ବଡ ରାଜପୁତ୍ର ସେମାନଙ୍କ ପାଦତଳେ ବସି ଜ୍ଞାନ ଶିଖୁଥିଲେ । ଶିଖୁଥିଲେ କଣ ? ଅଳ୍ପରେ ତୁଷ୍ଟି, ସର୍ବଜନ ସମ-ଦର୍ଶନ, ସର୍ବଭୂତରେ ଅନୁରାଗ । ଏହି ଶିକ୍ଷା ଯଦି ଜୀବନର—ବାଲ୍ୟ ଜୀବନର ମୂଳମନ୍ତ୍ର ହୁଏ—ସେ ବାଳକ—ରାଜପୁତ୍ର ହେଉ, ଗରିବର ପୁଅ ହେଉ, ତାହାର ଭାବୀ ଜୀବନ ଉଚ୍ଚ ଓ ପବିତ୍ର ହେବ ନାହିଁ କି ?

ଶିଶୁର ମୂଳ ଶିକ୍ଷକ ମାତା । କୋମଳମତି ଶିଶୁକୁ ମାତା ଯେମନ୍ତ କୋମଳ ଭାବରେ ଶିକ୍ଷା ଦେବାକୁ ଯୋଗ୍ୟ, ଏମନ୍ତ ଆଉ କେହି ନୁହନ୍ତି । ଗୁଣବତୀ ମାତାର ସନ୍ତାନ ଗୁଣବାନ୍ ହେବ, ଏହା ଅବଧାରିତ କଥା । ପ୍ରଥମ ଶିକ୍ଷା, ଦେଖାଇବା ଶୁଣାଇବା । ପଦ ପଦାର୍ଥ ଜ୍ଞାନ । କେବେହେଲେ କୌଣସି କଥାରେ ଶିଶୁକୁ ମାରିବା, ଧମକାଇବା, ଭୟ ଦେଖାଇବା, ଅଳୀକ କଥା କହି ଭୁଲାଇବାର ନୁହେ । ସବୁବେଳେ ସ୍ନେହସିକ୍ତ ମଧୁର ବାଣୀ, ଏଇଟି ସେଇଟି, ଫୁଲ ଫଳ, ବୃକ୍ଷ, ପକ୍ଷୀ, ଜୀବଜନ୍ତୁ, ଆକାଶ, ଚନ୍ଦ୍ର ତାରା, ନଦୀ, ପର୍ବତ, ସାଗରର ସାଧାରଣ ଜ୍ଞାନ, ଚିତ୍ର ଖେଳାଇ ଦେଖାଇବା ଓ ଶୁଣାଇବା । କୌଣସି ପଦାର୍ଥ ଦେଖିଲେ ସ୍ୱଭାବତଃ ପିଲାମାନେ ତତ୍ତ୍ୱ ଜିଜ୍ଞାସୁ ହୁଅନ୍ତି । ପୋଥି ଓ ଖଡି ଧରାଇବା ପୂର୍ବରୁ ଅନେକ ତତ୍ତ୍ୱକଥନରେ ପିଲାମାନଙ୍କର ଶିକ୍ଷା ହୋଇପାରେ । ପ୍ରକୃତି ଶିକ୍ଷାର ପୋଥି — ମାତା ଶିକ୍ଷୟିତ୍ରୀ । ଏ ଶିକ୍ଷା ରୀତି ୟୁରୋପ ଓ ଆମେରିକା ପ୍ରଭୃତି ସଭ୍ୟତମ ଦେଶମାନଙ୍କରେ ପ୍ରଶସ୍ତ । ତେଣୁ ସେ ଦେଶ ବାସିମାନେ ଉନ୍ନତ । ଶିକ୍ଷା ପ୍ରଧାନତଃ ତିନି ପ୍ରକାର । ଯଥା:—ଶାରୀରିକ ଶିକ୍ଷା, ମାନସିକ ଶିକ୍ଷା ଏବଂ ନୈତିକ ଶିକ୍ଷା । ନୈତିକ ଶିକ୍ଷାକୁ ଧର୍ମଶିକ୍ଷା କୁହାଯାଇ ପାରେ । ଯାହା ନୀତି ତାହା ଧର୍ମ, ଯାହା ଅନୀତି ତାହା ଅଧର୍ମ ।

ପ୍ରଥମ ଶାରୀରିକ ଶିକ୍ଷା କଣ ? ଶରୀରକୁ ଶିଶୁକାଳରୁ କର୍ମଠ, ବଳିଷ୍ଠ ଓ ରୋଗମୁକ୍ତ କରିବାର ଉପାୟ । ପ୍ରଧାନ ଉପାୟ ଅଟେ ଅଙ୍ଗଚାଳନା । ଅଙ୍ଗଚାଳନାରେ ଶରୀର କର୍ମଠ ଓ ରୋଗମୁକ୍ତ ହୁଏ । ପ୍ରକୃତିର ଧର୍ମ ପ୍ରକୃତିରେ ଅପ୍ରଚ୍ଛନ୍ନ । ଶିଶୁ ଜନ୍ମ ହେଲାକ୍ଷଣି କୁଆଁ କୁଆଁ କାନ୍ଦି ଉଠେ ଓ ହାତ ଗୋଡ ହଲାଏ । କଡ ମୋଡିବା, ପେଟେଇବା, ହାମୁଡେଇବା, ଠାଣି ଧରି ଉଠି ଠିଆ ହେବା, କନକେଷ୍ଟା ।

ଖେଳିବା ବେଳେ ଅନୁକ୍ଷଣ ଅଙ୍ଗଚାଳନା । ଚାଲି ବୁଲିବା ଶକ୍ତି ହେଲାକ୍ଷଣି ଧାବନ କୁର୍ଦ୍ଦନର

Digitized by srujanika@gmail.com

ବ୍ୟସ୍ତ ନାହିଁ । ଏହି ଅବାଧ ଅଙ୍ଗଚାଳନାରେ ପିଲାମାନଙ୍କର ଅନିଷ୍ଟ ହେବ ? ସଙ୍ଗୀପିଲା ପାଇଲେ ନାନାକୁ ଶିକ୍ଷାର ଉତ୍ସାହ ଦ୍ୱିଗୁଣ ବର୍ଦ୍ଧିତ ହୁଏ । ଖେଳୁ ଖେଳୁ ପିଲାମାନଙ୍କର ତୁଣ୍ଡ ଫିଟେ, ସ୍ୱାସ୍ଥ୍ୟ ଆସେ, ଚେଷ୍ଟା ଶକ୍ତି, ତର୍କ ଶକ୍ତି, ମାନସିକ ବୃତ୍ତି ଧୀରେ ଧୀରେ ଅଙ୍କୁରିତ ଓ କ୍ରମଶଃ ବର୍ଦ୍ଧିତ ହୁଏ । ସୁତରାଂ ଅବାଧ ଅଙ୍ଗଚାଳନାରେ ବାଧା ଦେଲେ ପିଲାମାନଙ୍କର ସ୍ୱାଭାବିକ ସ୍ଫୂର୍ତ୍ତି ବିନଷ୍ଟ ହୁଏ । ଶିଶୁମାନଙ୍କୁ ଗୃହମଧ୍ୟରେ ଆବଦ୍ଧ କରି ରଖିବା ଭଲ ନୁହେ । ବାହାରେ ସୁନିର୍ମଳ ବାୟୁ ସେବନରେ ଶିଶୁର ସ୍ୱାସ୍ଥ୍ୟ ଭଲ ରହେ । ପ୍ରତିଦିନ ଅତିପ୍ରତ୍ୟୁଷରେ ଶଯ୍ୟାରୁ ଉଠି ନିର୍ମଳ ସ୍ଥାନରେ ଭ୍ରମଣ ଓ ନିର୍ମଳ ବାୟୁ ସେବନର ପ୍ରୟୋଜନ । କାରଣ, ଏକାଳର ବାୟୁ ଜୀବନଦାୟକ । ସୂର୍ଯ୍ୟ ଜଗତର ପ୍ରାଣ, ତାଙ୍କର ଉଦୟ ହେଲା କ୍ଷଣି ଜଗତ ଜାଗ୍ରତ ହୁଏ । ନିତ୍ୟ ନୂତନ ସୂର୍ଯ୍ୟ ନୂତନ ଜୀବନ ଜଗତକୁ ଦିଅନ୍ତି । ଭୋର ଉଠ, ନୂତନ ଜୀବନ ଅଗ୍ରେ ପାଇବ—ଭଗବାନଙ୍କ ଅରୁଣ ଅଗ୍ରେ ଦେଖିବ; ସ୍ୱାସ୍ଥ୍ୟସୁଖ ଓ ଜ୍ଞାନ ଲାଭ କରିବ । ଯେଉଁ ପିଲାମାନେ ଦିନ ହେବା ଯାଏ ଶଯ୍ୟାରେ ଶୋଇ ଥାନ୍ତି—ଆଉ ଯେଉଁ ପିତାମାତା ଏହିଭଳି ଅଭ୍ୟସ୍ତ କରାଇ ଦିଅନ୍ତି—ସେମାନଙ୍କୁ ହାତରେ ବାନ୍ଧି ରଖିବା ହେଲା । ତେଜ ଉଣା ହେଲା, କାର୍ଯ୍ୟ ଉଣା ହେଲା, ଆୟୁ ଉଣା ହେଲା । ଶିଶୁକାଳରୁ ପ୍ରାତରୁତ୍ଥାନ ଅଭ୍ୟାସ ଶାରୀରିକ ଶିକ୍ଷାର ପ୍ରଥମ ପାଠ । ଅବାଧ ଅଙ୍ଗଚାଳନା ଦ୍ୱିତୀୟ ପାଠ । ପିଲାକାଳୁ ଏହି ପାଠରେ ଅଭ୍ୟସ୍ତ ହେଲେ ଚାରି ପୁଷ୍ଟିସମ୍ପୁଷ୍ଟର ଶ୍ରେଷ୍ଠ କାର୍ଯ୍ୟଶକ୍ତି ଓ ଶ୍ରେଷ୍ଠ ବୃତ୍ତିମାନ ଜାତ ହୋଇଅଛନ୍ତି । ପୂର୍ବକାଳରେ ବ୍ରାହ୍ମଣ କ୍ଷତ୍ରିୟ ସନ୍ତାନମାନେ ପ୍ରାତରୁ ଉଠି ବେଦ ଓ ଧନୁର୍ବିଦ୍ୟା ଅଧ୍ୟୟନ ଓ ଅଭ୍ୟାସ କରୁଥିଲେ । କାଳ ଭାଙ୍ଗିଲା କ୍ଷଣି ଶ୍ରୀକୃଷ୍ଣ ଶଯ୍ୟାରୁ ଉଠି ଗୋଷ୍ଠକୁ ବାଛୁରି ନେଉଥିଲେ । ରାଜପୁତ୍ରମାନେ ଗୁରୁଗୃହରେ ଥାଇ ଗୋରୁ ଚରାଇ ଥିଲେ । କି ଶିକ୍ଷା ଦେଖ ! ଅଭିମାନ ନାହିଁ, ଆଳସ୍ୟ ନାହିଁ ।

ରାଜରାଜେଶ୍ୱରୀ ସ୍ୱର୍ଗୀୟା ଭିକ୍ଟୋରିଆ ଦେବୀ ଆପଣାର ଜ୍ୟେଷ୍ଠ ପୁତ୍ର ବର୍ତ୍ତମାନ ଆମ୍ଭ ସମ୍ରାଟ୍ ସପ୍ତମ ଏଡ୍‌ୱାର୍ଡଙ୍କୁ କିପରି ଶାରୀରିକ ଶିକ୍ଷା ଦେଉଥିଲେ । ବକିଂହାମ ରାଜପ୍ରାସାଦ ଛଡ଼ାଇ ଏକ ନିର୍ଜନ ବଗିଚାରେ ସାମାନ୍ୟ ଗୃହରେ ରଖାଇ ସ୍ୱହସ୍ତରେ ହଳ କରିବା, ମାଟି କାଟିବା, ଫୁଲ ଗଛରେ ପାଣି ଦେବା ଇତ୍ୟାଦି—ହଳିଆ, ମୂଲିଆ ଏବଂ ମାଳୀ କାମ ଶିକ୍ଷା ଦେଇ ଥିଲେ । ଏମନ୍ତ କି ସମ୍ରାଟ୍ ହାତରେ ଯୋତା ସିଲାଇ କରି ଜନେ ପିନ୍ଧୁଅଛନ୍ତି । ଆମ୍ଭ ଦେଶରେ ରାଜପୁତ୍ରମାନଙ୍କର ଅବସ୍ଥା କଣ ହେଲା ? ପଲଙ୍କ ଦାସ ଦାସୀବର୍ଗ ତାଙ୍କୁ କାଖ କୋଳ, ଟେକ୍କା କରି ସାରି ଦେଲେ । ଚାଲିବା, ବୁଲିବା, ଖେଳିବା, କାଟିବା, କୁଦିବାକୁ ଦେଲେ ନାହିଁ । ସେମାନେ ବଡ଼କାଳକୁ ଅଳସ, ରୋଗୀ ଏବଂ କ୍ଷୀଣାୟୁ ହେଲେ ! ଆମ୍ଭମାନଙ୍କର ଏଣୁ ଉଦ୍ଧାର କଣ ରହିଲା ? ଦ୍ୱିତୀୟ ନୀତିଶିକ୍ଷା । ଏ ଶିକ୍ଷା ଆମ୍ଭ ଦେଶରେ ଅତି ଜଘନ୍ୟ । ପୂର୍ବରେ ଦେବତା ବ୍ରାହ୍ମଣ ଓ ଗୁରୁଜନଙ୍କ ପ୍ରତି ପିଲା କାଳରୁ ବଡ଼ ଭକ୍ତି ଥିଲା । ବ୍ରାହ୍ମଣମାନେ ନୀତି-ଶାସନର ଅଧିକାର ହିନ୍ଦୁ ସମାଜରେ ପ୍ରବଳ ରଖିଥିଲେ । ଆମ୍ଭ ପିଲାକାଳ ସେ ଦିନର କଥା । ଆମ୍ଭେମାନେ ବ୍ରାହ୍ମଣ ଓ ଗୁରୁଜନଙ୍କୁ, ପ୍ରତିବାସୀ ସ୍ତ୍ରୀ—ପୁରୁଷ ମୁରବି ସ୍ଥାନୀୟ ଲୋକମାନଙ୍କୁ ଭକ୍ତି କରୁଥିଲୁଁ ଏବଂ ତାଙ୍କ ଶାସନ ମାନ୍ୟ କରୁ ଥିଲୁଁ । ଯେଉଁ ଜାତି ହେଉ—ବ୍ରାହ୍ମଣ ମଧ୍ୟ ଶୂଦ୍ରଜାତୀୟ ବୟୋଧିକ ଲୋକଙ୍କୁ ବଡ଼ା, ପିଉସା, ମଉସା ସମ୍ପର୍କ ରଖି ସମ୍ବୋଧନ କରୁଥିଲେ । କେହି କାହାର ମହତ୍ତ୍ୱ ସମ୍ପର୍କ ଛଡ଼ା କରୁ ନ ଥିଲେ । ସମ୍ପର୍କରୁ ଏକତା ଥିଲା, ସହାନୁଭୂତି ଥିଲା, ସ୍ନେହ ମମତା ଥିଲା । ସମସ୍ତେ ସମସ୍ତଙ୍କ ପିଲା ଛୁଆମାନଙ୍କୁ ନଜରରେ ରଖିଥିଲେ । ଚରିତ୍ରଗଠନ

Digitized by srujanika@gmail.com

ଅଳ୍ପ ଉଚ୍ଚର କରଣେ ଦେଖିଲେ ସଂଶୋଧନ ସହାଶେ ଚାଳନା କରୁଥିଲେ । କେହି ଭଲ ଘର ପିଲା ମୁଖରୁ କୁବାକ୍ୟଟିଏ ବାହାରିବା ନ ଥିଲା । ବ୍ରାହ୍ମଣସାହି ବା ମହାଜନସାହି ନିକଟରେ ପାଣେ ମଧ୍ୟ ଅଶ୍ଳୀଳ କଥା କହୁ ନ ଥିଲେ, ଅଭଦ୍ର ବ୍ୟବହାର କରୁ ନ ଥିଲେ । ସମ୍ମାନିତ ବ୍ୟକ୍ତିଙ୍କ ଅକଥ୍ୟ ଭାଷା କେହି କାହା ପ୍ରତି ପ୍ରୟୋଗ କରି ବ୍ୟବହାର କଲେ ବ୍ରାହ୍ମଣମାନେ ତାଙ୍କୁ ସମାଜରୁ ବାରଣ କରି ଥିଲେ, ଲଙ୍କାଞ୍ଚନ କରଉଥିଲେ । ଗ୍ରାମର ପାପ ପାଇଁ ଗ୍ରାମରେ ପ୍ରାୟଶ୍ଚିତ୍ତ ହେଉଥିଲା । ଗ୍ରାମର ପଇସା ଗ୍ରାମରେ ରହୁଥିଲା । ଗ୍ରାମ ଗ୍ରାମରେ ବ୍ରାହ୍ମଣ ଶାସନ—ବ୍ୟବସ୍ଥାପକ ପୁରାଣ ପଣ୍ଡା ସମାଜ ରକ୍ଷା କରୁ ଥିଲେ । ବ୍ରାହ୍ମଣମାନେ ନୈତିକ ଅଧଃପତନରୁ ସମାଜକୁ ଅଧଃପତନରେ ରକ୍ଷା କରୁ ଥିଲେ । ଶାସକ ଥିଲେ, ଅଥଚ ପୁରୋହିତ ଧର୍ମ କର୍ମ ଅଧିକାର କରିଥିଲେ । ପ୍ରତ୍ୟେକ ଗୃହସ୍ଥର ଗୃହଦ୍ୱାର ବ୍ରାହ୍ମଣ ସହାଶେ ମୁକ୍ତ ଥିଲା । ପୂଜାପର୍ବ, ବାରବ୍ରତ, ପୁରାଣପାଠ ବାରମାସ ଲାଗିଥିଲା । ପୁରସ୍ତ୍ରୀଗଣ ପୁରୋହିତ ସହିତ ପିଲା ବାଳଙ୍କୁ କାଖରେ କୋଳରେ ଧରି ଧୂପ ଦୀପ, ଗନ୍ଧ ପୁଷ୍ପ, ଫଳ ମୂଳ, ଶସ୍ୟ ସହିତ ବ୍ରତ ଆଚରଣ କରୁଥିଲେ । ପୁରାଣର ନୀତି କାହାଣୀମାନ ମନ ଦେଇ ଶୁଣୁଥିଲେ । ପିଲାମାନେ ମାତାଙ୍କର ନୀତି-ପନ୍ଥା ଅନୁସରଣ କରୁଥିଲେ—ବିଶେଷରେ କନ୍ୟାମାନେ । କନ୍ୟାମାନେ ତ ପୁଣି ମାତା ହେବେ । ପୁରୁଷାନୁକ୍ରମରେ କେତେ ମଧୁରଭାବରେ ଆମ୍ଭମାନଙ୍କ ଗୃହରେ ନୀତିଶିକ୍ଷା ଥିଲା । ଯଜମାନ ସନ୍ତୁଷ୍ଟ ମନରେ ଯାହା ଦିଏ, ପୁରୋହିତ ହାତ ପେତିବାରେ ସନ୍ତୁଷ୍ଟ, ଦକ୍ଷିଣା ନେବାରେ ସନ୍ତୁଷ୍ଟ । ବ୍ରାହ୍ମଣର ପ୍ରଧାନ ନୀତିସାଧନ "ସନ୍ତୋଷ" । ଅସନ୍ତୋଷ ହେଲାକଣି ଦ୍ୱିଜ—ବ୍ରାହ୍ମଣ ନଷ୍ଟ ହେଲା । କି ଉଚ୍ଚ ନୀତି ! ଏହି ଉଚ୍ଚ ନୀତି ଯେଉଁମାନଙ୍କର ଧର୍ମ, ସେ ଆମ୍ଭମାନଙ୍କର ନୀତିଶିକ୍ଷାର ଗୁରୁ ଥିଲେ । ଅନୁଦିନ ଘରେ ପଶୁ ଥିଲେ, ମିଶୁଥିଲେ, ଖାଉଥିଲେ, ଅଳ୍ପ ଦକ୍ଷିଣା ନେଉଥିଲେ । ଦେଉଥିଲେ ଅମୂଲ୍ୟ ନୀତିଶିକ୍ଷା "ସନ୍ତୋଷ" । ଏ କଣ ଉପଦେଶରେ କି ? ନା, ସଂସର୍ଗରେ, ସରଳଭାବରେ ଯଜମାନସଂସର୍ଗୀ ହୋଇ ଯଜମାନଙ୍କୁ ନୀତିପଥରେ ଚଳାଇ ନେଉଥିଲେ ।

"ଧୃତିଃ କ୍ଷମା ଦମୋଽସ୍ତେୟଂ ଶୌଚମିନ୍ଦ୍ରିୟନିଗ୍ରହଃ,
ଧୀର୍ବିଦ୍ୟା ସତ୍ୟମକ୍ରୋଧୋ ଦଶକଂ ଧର୍ମଲକ୍ଷଣଂ ।"

ଏହି ଦଶ ଧର୍ମଲକ୍ଷଣରେ ବ୍ରାହ୍ମଣମାନେ ଅଧିକାରୀ ଥାଇ ସମାଜକୁ ସଂସର୍ଗୀ କରଉଥିଲେ । ସେ ବ୍ରାହ୍ମଣ-ନୀତିଶିକ୍ଷାରେ ଇଂରାଜ-ଯୁଗ ବିପର୍ଯ୍ୟୟ ଘଟାଇଅଛି । ଇଂରାଜୀ ଶିକ୍ଷାପ୍ରଣାଳୀରେ ଲେଖା ପଢ଼ାର ଚର୍ଚ୍ଚା ଖୁବ ବଢ଼ିଅଛି । ଅଧାମର ସାଧାରଣଙ୍କୁ ଲେଖା ପଢ଼ା ଶିଖାଇବାର ଉଦ୍ୟମ ନିତ ଦିନକୁ ଦିନ ଖୁବ ବଢ଼ୁଅଛି । ମାତ୍ର ନୀତିଶିକ୍ଷା ନାହିଁ । ବିଜାତୀୟ ଆଚାର ବ୍ୟବହାର ହିନ୍ଦୁ ନୀତି-ସଂସ୍କୃତିକୁ ଅଚଳ କରି ପକାଉଅଛି । ପୁନର୍ବାର ବୈଦିକ ଧର୍ମର ଶରତ୍କାଳ ଉପସ୍ଥିତ ନ ହେବା ଯାଏ ନୀତି-ସଂସ୍କୃତି ନିର୍ମଳ ହେବ ନାହିଁ । ଏତ ଗଲା ସର୍ବସାଧାରଣ ଲୋକଙ୍କ ନୀତିଶିକ୍ଷାର ଅବସ୍ଥା । ଏବେ ଆମ୍ଭଦେଶ ରାଜକୁମାରମାନଙ୍କର ନୀତି-ଶିକ୍ଷାର ଅବସ୍ଥା କଣ, ଆଲୋଚନା କରାଯାଉ ।

ଏକ ସମ୍ଭ୍ରାନ୍ତ ଇଂରାଜ ମହିଳା ଜଣେ ବିଜ୍ଞ ଅଧ୍ୟାପକଙ୍କୁ ପଚାରିଥିଲେ, "ମୋର ପିଲାଟିର ବୟସ ବର୍ତ୍ତମାନ ଛ ବର୍ଷ । ତାକୁ କେଉଁ ସମୟରେ ଶିକ୍ଷା ଦିଆଯିବ ? ଉପଦେଶ ଦେବା ହେବେ ।" ଅଧ୍ୟାପକ ଉତ୍ତର କଲେ, "ତୁମ୍ଭ ପିଲାକୁ ତୁମ୍ଭେ ନଷ୍ଟ କଲ । ଅକାରଣ ତାହାର ଛ ବର୍ଷ ନଷ୍ଟ ହେଲା ।" କୁଆଁ କଳିନ୍ଦମାନଙ୍କ ତାହାର ଶିକ୍ଷାର ଆରମ୍ଭ । ଆମ୍ଭ ରାଜକୁମାର ଓ ରାଜକୁମାରୀମାନେ ଶିଶୁକାଳରେ ପଡ଼ନ୍ତି ଧାଈବୁଢ଼ୀ ଓ ଘାଇକର୍ମୀସବୁ ଦାସଦାସୀଙ୍କ ହସ୍ତରେ । ଦୁଷ୍ଟାବର୍ଗିଷ୍ଠ-ଅନ୍ୟଲୋକ

Digitized by srujanika@gmail.com

ଭ୍ରଷ୍ଟଚରିତ୍ରା ଦାସୀ ଓ ଅଳ୍ପବୁଦ୍ଧି ଲମ୍ପଟ ଭୃତ୍ୟ, ତୁମ୍ଭାଳ, ଗଡ଼ଜାତ, ଖଜଣା ଭଣ୍ଡାର କଣ ଏମାନଙ୍କୁ ଦେଖିଶିଖା ଦେବେ? ସନ୍ତାନରେ ଖାଙ୍କର ଭାଷା, ଭାବ, ନୀତ, ଚରିତ୍ର କୁମାର କୁମାରୀଙ୍କର କୋମଳ ଚରିତ୍ରରେ ଅଙ୍କିତ ହୋଇଯାଏ । ଗଲାତ ବାଗିଡ଼ ! ଆଉ କଣ ସଙ୍ଗତି ହେବ ? ହାଇରେ କହନ୍ତି, "ଅଭିଜ୍ଞ ବାଗିଡ଼ା ହାଡ଼ କେହି ସୁଧାରିଛି, ଅଭିଜ୍ଞ ସୁଧାରିଛି କାଳି କେହି ବଗାଡ଼ିଛି ।" ଯାହା କୋହିବ ବାଲ କାଳେ, ତାହା କୋହିବ ଢାଳେ ଢାଳେ । କଲିକତାର ଠାକୁରବଂଶ ପିଲାମାନଙ୍କ ପରାଶେ ସମ୍ଭ୍ରାନ୍ତବଂଶୀୟ ଯାତ୍ରୀ ଏବଂ ସୁବିଜ୍ଞ ବର୍ଯ୍ୟୋବୃଦ୍ଧ ଶିକ୍ଷକ ନିଯୁକ୍ତ କରି ହୁଏ । ଯତୀନ୍ଦ୍ରମୋହନ ଠାକୁରଙ୍କୁ ପିଲାକାଳରେ ଜଣେ ସାହେବ ଅଧ୍ୟାପକ ପଢାଉଥିଲେ । ସେ ମାସିକ ଏକହଜାର ଟଙ୍କା ଦରମା ପାଉଥିଲେ । ଅଢ଼ାଇଟଙ୍କା ବେତନ-ଭୋଗୀ ଅବଧାନ ସିନା ଶବ୍ଦଚନ୍ଦ୍ରିକା ପୁଅଙ୍କୁ ପାଠ ପଢ଼ାଇବ । ରାଜକୁମାରମାନଙ୍କ ଶିକ୍ଷା ଗନ୍ଧାରେ ତାହାର ଯୋଗ୍ୟତା କାହିଁ ଅଛିବ? ରାଜ୍ୟଶାସନ-ଠାରୁ ରାଜପୁତ୍ରଙ୍କ ଶିକ୍ଷା ଗୁରୁତର କଥା । ପାସ କରିଥିବା ଯୁବକମାନେ ଶିକ୍ଷକ ହେଉଅଛନ୍ତି, ଏଇଟି ମଧ୍ୟ ବିଷମ ଭ୍ରମ । ପ୍ରବୀଣ ଶିକ୍ଷକ ଉଚ୍ଚ ବେତନରେ ରଖି ରାଜକୁମାରମାନଙ୍କୁ ଶିକ୍ଷା ଦେବା ଉଚିତ । ଅଗ ସ୍ଥିର, ତହିଁପରେ ଇଂରାଜୀ-ଶିକ୍ଷା । ସବୁ ରାଜପୁରୀ କଥା କହୁ ନାହୁଁ— ଅନେକ ରାଜପୁରୀ ଭଣ୍ଡଲୋକରେ ପୂର୍ଣ୍ଣ । ଏମାନଙ୍କ ସଂସର୍ଗ, ଅସଚ୍ଚରିତ୍ର ସଂକ୍ରାମକ ରୋଗ । ରାଜକୁମାର-ମାନଙ୍କୁ ଖୁବ ତଫାତରେ ରଖି ଶିକ୍ଷା ଦେବାର ବନ୍ଦୋବସ୍ତ ଅତ୍ୟନ୍ତ ପ୍ରୟୋଜନ । ଅଭ୍ୟାସ ହେତୁରୁ ଆମ୍ଭେମାନେ ଦାସଦାସୀମାନଙ୍କ ଦୁର୍ନୀତି ବୁଝି ପାରୁ ନାହୁଁ । ଦାସଦାସୀ ନ ହେଲେ ଚଳ ହେବ ନାହିଁ । ରାଜପୁରରେ ଯେଉଁମାନେ ରାଜା ରାଣୀଙ୍କର ସଂସର୍ଗରେ ରହି ଟିକିଏ ଚାକିରି ଉନ୍ନତି ପାଉଅଛନ୍ତି—ଉତ୍ତମ କଥା ବୁଝି ପାରନ୍ତି—ପଦେ ଅଧେ କହି ପାରନ୍ତି, ଅଚଳ ସ୍ଥଳରେ ଏହିଭଳି ଲୋକ ନିଯୋଗରେ ରହି ପାରନ୍ତି । କିନ୍ତୁ ନିଶ୍ଚୟ ଜାଣିବ, ରାଜପୁତ୍ରମାନେ ଚରିତ୍ରଭ୍ରଷ୍ଟ ହୁଅନ୍ତି ପରାଶ୍ରିତଙ୍କ ଓ ପରାନ୍ନଭୋଜୀଙ୍କ ଯୋଗରେ । କୌଣସି କୌଣସି ରାଜ-ପୁରୀକୁ କୁମାରମାନଙ୍କ ଭୋଗ ସଙ୍ଗାଶେ ଦେଶରୁ କନ୍ୟା ଅମଦାନି କରି ହୁଏ! ଏପରି ନିର୍ଲଜ୍ଜତା ଯଦି ଆଦର୍ଶ ସ୍ଥାନରେ ଘଟିଲା, ତେବେ ଏ ଜାତିର ଆଉ କଣ ରହିଲା ? ମୁସଲମାନ ବାଦଶାହଙ୍କ ମହଲରେ ଏବମ୍ବିଧ ପାପାଚରଣ ପ୍ରବେଶ କରି-ବାରୁ ସେମାନଙ୍କ ରାଜ୍ୟ ବିଭବ ସବୁ ବିଲୁପ୍ତ ହେଲା । ହିନ୍ଦୁ ରାଜକୁଳ ଏହିଭଳି କଳଙ୍କରେ କଳ-ଙ୍କିତ । ଶଙ୍କା ହେଉଅଛି, ଆମ୍ଭର ରାଜକୁମାର-ମାନଙ୍କୁ ଚରିତ୍ରବାନ୍ କରାଇବାକୁ ରାଜାମାନେ ଅଳ୍ପ ଯତ୍ନବାନ୍ । ତାହାକୁ ନିବେଶ କରାଇବାକୁ ଉତ୍କଳ ଶିକ୍ଷାର ସାମର୍ଥ୍ୟ ପ୍ରଚୁର । ଅତଏବ ପ୍ରବୀଣ ବୃଦ୍ଧ ପଣ୍ଡିତ ଅଧ୍ୟାପକ ଏବଂ ପ୍ରବୀଣ ନିଷ୍ଠ ଇଂରାଜୀ ଶିକ୍ଷକ ରାଜପୁତ୍ରମାନଙ୍କ ଶିକ୍ଷା ସଙ୍ଗାଶେ ନିଯୁକ୍ତ ହେବା ଏକାନ୍ତ ଆବଶ୍ୟକ । ପ୍ରତ୍ୟେକ ଲୋକର କର୍ତ୍ତବ୍ୟ, ଆପଣା ସନ୍ତାନମାନଙ୍କୁ ଶିକ୍ଷା ଦେବା । ବିଶେଷ ରାଜାମାନଙ୍କର ଗୁରୁତର କର୍ତ୍ତବ୍ୟ, ରାଜକୁମାରମାନଙ୍କୁ ପ୍ରଚୁର ଅର୍ଥ ବ୍ୟୟ କରି ଶିକ୍ଷିତ ଓ ନୀତିଜ୍ଞ କରାଇବା । କାରଣ, ଲକ୍ଷ ଲକ୍ଷ ଲୋକଙ୍କର ଶାସନ—ପାଳନ ଏମାନଙ୍କ ହସ୍ତରେ ନ୍ୟସ୍ତ । ଜଣେ ରାଜକୁମାର ଦୁଶ୍ଚରିତ୍ର ହେଲେ ସହସ୍ର ସହସ୍ର ଲୋକଙ୍କର କଷ୍ଟ ହେବ । ବିଳାସ ମଧ୍ୟରେ ପାଳି ରଖି ରାଜକୁମାରମାନେ ଯେବେ କର୍ମକାର ହୁଅନ୍ତି, ତେବେ ଅନେକଙ୍କ ଦୁଃଖ ମୋଚନ କରି ପାରିବେ । କଳିଯୁଗରେ ରାଜା ହେବା ଅତି ସହଜ, ଅର୍ଥ—ଏ ଯୁଗଟା ବିଳାସ-ଯୁଗ । ବିଳାସର ବସା ରାଜପ୍ରାସାଦରେ । ବିଳାସ ପାପର ଭାଇ । ସୁତରାଂ କଳିଯୁଗ ରାଜା ପାପୀ । ବିଳାସକୁ ବଳ ଯେଉଁ ରାଜା କର୍ତ୍ତବ୍ୟନିଷ୍ଠ ହେବେ, ସେ ଅବଶ୍ୟ ମାନବକୁଳରେ—ନର-ଦେବ । ଆମ୍ଭେମାନେ ହୃଦୋଳାସ୍ଥପଙ୍କୁ କର୍ତ୍ତବ୍ୟ-ନିଷ୍ଠ ଦେଖି ସୁଖୀ ହେବୁ ।

କ୍ରମଶଃ

ଶ୍ରୀ ଭୋଳାନାଥ ସାମନ୍ତରାୟ ।

Digitized by srujanika@gmail.com

ଗ୍ରୀଷ୍ମାନ୍ତ-ପୂର୍ଣ୍ଣିମା ।

ବାରିଦସଜଳ ଗଗନମଣ୍ଡଳ
ପଥିକର ଯାଏ ଭୟ,
ପରମରମ୍ୟ ଶରଦ ସମୟ
ପ୍ରବେଶିଲା ବସୁଧାୟ । ୧ ।

ଶୁଭୁ ନାହିଁ ଆଉ ବଜ୍ରନାଦପ୍ରିୟ—
ଭାଦ୍ରବ ଦର୍ଦ୍ଦୁର ରବ;
ମାନସପ୍ରବାସୀ— ବିହଙ୍ଗମକୁଳ
ଆସୁଛନ୍ତି ଦେଖ ନଭେ । ୨ ।

ମଦଭଙ୍ଗ ନୃତ୍ୟ ଛାଡ଼ିଣ ମୟୂର,
ଛାଡ଼ି ଗିରିକୂଟ ରମ୍ୟ,
ଦାରୁଣ ଅନ୍ତରେ ଆଶ୍ରା କରନ୍ତି
କାନନ ଘୋର ଅଗମ୍ୟ । ୩ ।

ଦିଗନ୍ତବ୍ୟାପିନୀ— କାଦମ୍ବିନୀ ଛାଡ଼ି
ମୁକ୍ତ ଲଭି ଅମ୍ବର
ସ୍ୱଚ୍ଛ ନୀଳିମାରେ ମଣ୍ଡିଣ ସ୍ୱରୂପ
ଦିଶେ ଅତି ମନୋହର । ୪ ।

ରଜତଧବଳ ମେଘ ସଂଶୁଭ୍ରଜାଳ
ବୁଣିଲା ଖରପାଥେ,
ପ୍ରଭାତ ଶିଶିର— ବିନ୍ଦୁ-ମୋତି ମାଳା
ପିନ୍ଧିଲା ଦୂରବେ ସ୍ଥିର । ୫ ।

ସଂଧ୍ୟାଭ୍ରେ ଅଙ୍କୁରେ ବସି ସେ ବନରେ
ଭକ୍ତି କିପରି ବନଙ୍ଗେ
ଧରଣୀର ଶୋଭା ଦେଖୁଛନ୍ତି ମଥା
ବିଳାସ ବିବିଧ ରଙ୍ଗେ । ୬ ।

ତରୁ ଲତା ପତ୍ର— ଗହନେ ଦଶନ
ଦ୍ରବଙ୍କ ଏବେ ଧରଣୀ,
ଶ୍ୟାମଳ ଦୂର୍ବାରେ ଛତ୍ରପଥଶିଖା
ଢାକିଛି ଶୁଷ୍କ ଧରଣୀ । ୭ ।

ନବାବ୍ଦେ କ୍ଷେତ୍ର— ନାଚେ ସ୍ଥାନେ ସ୍ଥାନେ
ଫୁଟି କାଶଶ୍ରୀ ଫୁଲ,
ଶବଳିତ କର ଧରଣୀର ଦେହ
ଦିଶଇ ଅତି ମଞ୍ଜୁଳ । ୮ ।

ସୁପ୍ରସନ୍ନ ଏବେ ନଦୀ ସରସୀଏ
କମଳ ସୁନୀଳ ଦଳେ;
ଭଳଣିଭାପରେ ଧବଳ ତରଙ୍ଗ
ମୃଦୁଳ ବାତେ ଦୋହଲେ । ୯ ।

ବର୍ଷାବର୍ଣ୍ଣ ବନ୍ଦି— ବନ୍ଦିବଦନେ
ଦୋଳଥିବା ଭାମରସ,
ଦେଖି ନବବେଶେ ନବ ବନମଣି
ଲଭିଛି ଏବେ ହରଷ । ୧୦ ।

ପୁଞ୍ଜେ ପୁଞ୍ଜେ ଶୁଭ୍ର ସରଳ ହୃଦୟେ
ବସି ଜଳବିହଙ୍ଗମ
ପ୍ରେମଭଣଣଗଣେ ମିଶାଇ ଦେଉନ୍ତି
କଳରବ ମନୋରମ । ୧୧ ।

ସନ୍ଧ୍ୟାତ୍ରୟେ ନଦୀ— ବକ୍ଷେ ଉଡ଼ି ଉଡ଼ି
ଝାମ୍ପ ମାରେ ମାଛରଙ୍କା;
ତରଙ୍ଗେ ମୀନ ବୁଡ଼ି ଯାଉଛନ୍ତି
ପାଇଣ ପ୍ରାଣ ଆଶଙ୍କା । ୧୨ ।

କ୍ରମେ କ୍ରମେ ଧାଇଁ— ପ୍ରଖରତା ଗଲି
ଅସ୍ତାଚଳେ ଗଲେ ରବି,
ଘନିନୀଳମଳ— ଅଙ୍ଗକୁ ମଣ୍ଡିଲି
ଶରଦୋଜ୍ଜ୍ୱଳ ଛବି । ୧୩ ।

ବାରୁଣୀ ଗଗନ ଲୋହିତ ବରଣ
ଉଦେ ହେଲେ କଲେ ଭାସ;
ପ୍ରସନ୍ନ ପ୍ରଦୋଷ ଧସ୍ତବଶେ ଏବେ
ଭ କଲ ଏ ଶୋଭାଧାମ । ୧୪ ।

ଦିବା ଅବସାନ ଜାଣି ଗୋପପୂର
ଗୋବତ୍ସ ଗୋରୂପଲ ଆଣେ;
ଦମ୍ପାରତ ସଙ୍ଗେ ଶାରିଶ ରବଦ
ମିଶଇ ମଧୁର ତାନେ । ୧୫ ।

Digitized by srujanika@gmail.com

ସନ୍ଧ୍ୟା ଆଗମନେ ବାହୁଡନ୍ତି ସର୍ବେ
କର୍ମୁ ନିଜ ନିଜ ବାସେ,
ଭେଟ ଦିବାଶ୍ରାନ୍ତ ଭୁଞ୍ଜିବାକୁ ଶାନ୍ତ
ରଜନୀର ଅବକାଶେ । ୧୬ ।

ଦେବାଳୟପୁରୁଁ ଉଚ୍ଛ୍ୱାସ ଅପୂର୍ବ
ସନ୍ଧ୍ୟାଧୂପ ଘଣ୍ଟାସ୍ୱନ,
ପୁଣ୍ୟର ତରଙ୍ଗ ଉଚ୍ଛୁଳେ ଗୌରବେ
ଭେଦ କରି ଗ୍ରାମ ବନ । ୧୭ ।

ବନ୍ଧୁରବେଷ୍ଟିତ ତରୁ ଅନ୍ତରାଳୁଁ
ଶୁଭେ ଝିଙ୍କାରି ଝଙ୍କାର,
ରଜନୀ ଅର୍ଚ୍ଚନେ ବନଦେବତାଙ୍କ
କି ବା ସେ ଧ୍ୱନି ଓଁକାର । ୧୮ ।

ପ୍ରକମ୍ପନ ନାହିଁ ମହୀରୁହଦଳେ,
ସରବେ ନିଶ୍ଚଳେ ସ୍ଥିତ,
ଚିତ୍ତ ନିବେଶନ୍ତି ଶୁଣିବାକୁ କି ସେ
ଶ୍ରବଣମୋହନ ଗୀତ ? । ୧୯ ।

ପ୍ରତୀମୂଳେ ଦେଖ ଶୋଭଇ ଶଶାଙ୍କ
ଦିବ୍ୟଜ୍ୟୋତି ପରକାଶି;
ଲାଗିଛି ଉତ୍ସବ ଗଗନେ, ଆଜି
କୋଜାଗରୀ ପୌର୍ଣ୍ଣମାସୀ । ୨୦ ।

ମାତେ ବାଳ ବାଳା କଉଡ଼ିକେ ମାତି
ମାତି ନାନା କ୍ରୀଡାରଙ୍ଗେ,
ଘରବେ ମନାସି ନାନା କାମସିଦ୍ଧି,
ଭାସିଣ ସୁଖତରଙ୍ଗେ । ୨୧ ।

ଅଜ ମହୋତ୍ସବେ ପକ୍ଷୀକୁମାରୀଏ
ମତ୍ତ ସର୍ବେ ମହୋଲ୍ଲାସେ;
ସରଳ ପବିତ୍ର ହୃଦୟେ ଦିବସ
କାଟୁଛନ୍ତି ଉପବାସେ । ୨୨ !

ନିଜ ନିଜ ପୁରେ ଲାଗିଛନ୍ତି ସର୍ବେ
ପୂଜାଦ୍ରବ୍ୟ ଆୟୋଜନେ;
କେ ବାନ୍ଧୁଛି କେଶ କେ ହୁଏ ସୁବେଶ
ନବ ବସନଭୂଷଣେ । ୨୩ ।

ଏତେକୁ ଅନ୍ତରେ ଅନୁରାଗବଶୁଁ
ଡାକଇ "ଆ ଲୋ କମଳା,
କୁମୁଦ ମାଳିନୀ ଅଗ୍ରେ ଗଲେଣି
ପୂଜିବାର ବେଳ ଗଲା" । ୨୪ ।

କେ ବୋଲେ "କମଳା, ରହ ଲୋ ଦଣ୍ଡେ ମୁଁ
ନୂଆ ଲୁଗା ପିନ୍ଧିନାହିଁ,
ପରରୁ ତ କେହି ବାହାର ନାହାନ୍ତି,
ଘର ଘର ବୁଲି ପାଉଁ" । ୨୫ ।

ପୁଣି କେ ବୋଲଇ "ରହ ଅଲୋ କୁନି,
ଠିଆ ହୋଇଥା ତୁ ଦଣ୍ଡେ;
ଭୁଲି ପୂଜାପାତ୍ର ଛାଡି ମୁଁ ଆସିଲି
ଯାଉଛି ଆଣିବି ଗଣ୍ଡେ" । ୨୬ ।

କେ କହେ "ସଙ୍ଗାତ, ଯା ଅଲୋ ଆଗରେ
ବାନ୍ଧି ମୁଁ ଯାଉଛି ମୁଣ୍ଡ,
ସବୁ ଝିଅମାନେ ଗଲେଣି ତ ପଥ
ଶୁଭୁଛି ବାଜୁଣା ଭୁଣ୍ଡ" । ୨୭ ।

ଏଭାବେ ସରବେ ଉଚାଟ ହୋଇ
ଗଲୁ ଘର ନାନାଭାବେ
ମନ୍ଦିରଗମନେ ଯାଉଛନ୍ତି ରଙ୍ଗେ
ଗ୍ରାମ୍ୟ ନାରୀଦେବୀ ଠାବେ । ୨୮ ।

ଶିରୀଷକୋମଳ ସୁକୁମାର ତନୁ
ମଣ୍ଡିଅଛୁ ନବବାସ;
ଗ୍ରାମ ଦେବତାଏ ଯୁଗଳେ ଚଳନ—
-ଚିତ୍ର-ମଧୋପସ୍ତାବାସ । ୨୯ ।

ସୁକୋମଳ ହସ୍ତେ ଅଳକ୍ତରଞ୍ଜିତ
ଚନ୍ଦନପାଟୀ ଶୋଭିତା;
ମଧ୍ୟଦେଶେ ତାର ଦିବ୍ୟ ସନ୍ଧ୍ୟାରାଗେ
ଝଳଇ ସିନ୍ଦୂର ଟୋପା । ୩୦ ।

କତକ ମାଧୁରୀ ପ୍ରକାଶନ୍ତି ବାଳୀ
ବିବିଧ ବର୍ଣ୍ଣର ଫୁଲ,
ଶ୍ୟାମଉପବନେ ଶୋଭୁଛନ୍ତି ଯଥା
ବିବିଧ କୁସୁମଦଳ । ୩୧ ।

କେ ପିନ୍ଧିଛି ବେଣୀ ଖଞ୍ଜି ଫୁଲଦାମ,
କେ ପିନ୍ଧିଛି ଫୁଲପାଟୀ,
ପୁଣି କେ ପିନ୍ଧିଛି ଦକ୍ଷିଣୀ, କା ତନୁ
ମଣ୍ଡିଛି ତୋରାଅ ଶାଢ଼ୀ । ୩୨ ।

Digitized by srujanika@gmail.com

ପୁଣି ଆନ କେଉଁ ଝଜର ନନ୍ଦିନୀ
ପିନ୍ଧି ଅଛି ପଟ୍ଟ ନିର
କଙ୍କାଳ ନୀରବି— ରମ୍ୟକାନ୍ତିଶ୍ରୀ
କାନ୍ତାମଣି ସଜ୍ଜା କରି । ୩୩ ।
ପୁଣି କା କମଳ କମ୍ବୁକଣ୍ଠୀ ଶାଢ଼ୀ
ଅଣ୍ଟେଇଛନ୍ତି ବାନ୍ଧି ବାନ୍ଧି.
"କେତେ ଭଲ ଲୁଗା ଆମ୍ଭ ପରେ ଥିବ"
ମନରେ ଏମନ୍ତ ଭାବି । ୩୪ ।
ଆନ କେ ଚିକ୍କଣ ଶାରୁ ଚନ୍ଦ୍ରକଳୀ,
କେ ଗୋଲାପୀ ଛିଟ ଶାଢ଼ୀ,
ଭୁଲେ କା ବରଣ- ସଙ୍ଗେ ନାହିଁ ବର୍ଣ୍ଣ
ବାଳବର୍ଷନ୍ତି ପାଟ । ୩୫ ।
କର୍ଣ୍ଣପ୍ରଦେଶ ରମ୍ୟ ଯାନମାଲ ଉର୍ଦ୍ଧ୍ୱେ
ଶୋଭେ ନବ ବେଲମାଳ,
କେହି କବରୀର, କେହି କବରୀଙ୍କ,
ପିନ୍ଧିଛନ୍ତି ସର୍ବଜାନୀ । ୩୬ ।
ହସ୍ତେ ଧରି ପୂଜା ନୈବେଦ୍ୟଗୁଞ୍ଜୀ
କଟିଭୁଜେ ଧରି ଧରି
ପନ୍ତ ପନ୍ତ ହୋଇ ଯାଉଛନ୍ତି ସର୍ବେ
ପୂର୍ଣ୍ଣବାଳ୍ୟ ପୂର୍ଣ୍ଣିଶଶୀ । ୩୭ ।
ଏ ବେଶେ ସରଳା ଗ୍ରାମ-କୁମାରୀଏ
ବନଦେବୀ ପାଶେ ଯାଇ
ସମ୍ମୁଖେ ସରବେ ହୁଳହୁଳି ଦେଇ
ଗ୍ରାମ ଦେଲେ କିଳିକାଇ । ୩୮ ।
ଏ ମନ୍ତ୍ରେ କନ୍ୟାଏ ଗନ୍ଧଦ୍ରବ୍ୟପୂର୍ଣ୍ଣ
ଅର୍ଘ୍ୟପାତ୍ର ଲଗାଇଲେ;
ଏକ ପରେ ଏକ ସରବେ ମଙ୍ଗଳ-
ଧ୍ୱଜ-ଅଞ୍ଚଳ ଡୋଳାଇଲେ । ୩୯ ।
କୁମାରୀମଣ୍ଡଳେ କେ ଏସ୍ତା ଯେଉଁ ବାଳୀ
ଧରି ସେହୁ ଅର୍ଘ୍ୟଥାଳ
ବନାପଥା ଧାଇଁ ଆନ କୁମାରୀଙ୍କ
ହସ୍ତରୁ ହରଣ ଧଳ । ୪୦ ।
ପ୍ରସ୍ତୁ ଅନ୍ତରେ ବ୍ୟସ୍ତମତେ ସର୍ବେ
ପୂଜାଦ୍ରବ୍ୟ କରି ଶେଷ,
ହସ୍ତେ ଧରି ଶ୍ରେଷ୍ଠ- କୁସୁମଗୁଚ୍ଛା
ସରସୀଗର୍ଭେ ପ୍ରବେଶ । ୪୧ ।
ଅପୂର୍ବ ମାଧୁରୀ ଧବଳ ପଦ୍ମିନୀ
କୁମାରୀଙ୍କ ଦେଖି ଲଜ୍ଜି;
କନ୍ୟାମୁଖ ସଙ୍ଗେ ତୁଳି ଅଛୁ କେ ସେ
କୁମୁଦର ଗରୁ ହେବ ? । ୪୨ ।
ଡ଼ାଳିମାନ ରଖି ସର୍ବ ଲଳନାଙ୍କ
ଶଣିକି ସରସୀଗର୍ଭେ
ପ୍ରଣମି ପ୍ରସୂନ ଯୂଥ-ଅବଶେଷ
ଉପାଡ଼ିଲେ ସରଙ୍ଗରେ । ୪୩ ।
ସଲିଳେ ପ୍ରବେଶି କୋଳକୋଳାହଳ
ହୁଳହୁଳି ଦେଲେ ପୁଣେ,
ସେ ମଧୁର ଧ୍ୱନି ଝଙ୍କାରିଲା ପାଇଁ
ଛଟକ୍ଷିପ୍ତ ପ୍ରପବନେ । ୪୪ ।
ସେ ମଧୁର ଧ୍ୱନି ଶୁଣି ମୀନଗଣ
ସରସୀଗର୍ଭୁ ଉଠିଲେ,
ସୁନୀଳ ଗଗନେ ଚାତକାଦି
ଉଡ଼ାଗବନ୍ଧ ମଣ୍ଡିଲେ । ୪୫ ।
ମନମଧୁପ କଲେ ବନ୍ଧପନ୍ତି
ଶୁଣି ସେ ଅମୃତ ସ୍ୱନ
ସନ୍ତୋଷେ ସରସୀ- ତୀରୁଁ ନୃତ୍ୟ ଯାଇ
ଅଣ୍ଡା କଲେ ବଣବନ । ୪୬ ।
ଅକାନ୍ତ-ଗମ୍ଭୀର ନରେ ଥାଇ ହିଏ
କଲେ ନାନା କ୍ରୀଡ଼ାରଙ୍ଗ;
କନ୍ୟାଙ୍କ ଅନନ୍ଦ- ଭରଙ୍ଗେ ସରସୀ
ନାଚଇ ଟେକି ତରଙ୍ଗ । ୪୭ ।
ଲାବଣ୍ୟ-ଭରଙ୍ଗେ ଗ୍ରାମ୍ୟ ଅଛୁ ଏବେ
ଜଳସ୍ଥଳ ସର୍ବପୂର୍ଣ୍ଣ,
ବସୁନ୍ଧା ଉଲ୍ଲାସେ ପ୍ରକୃତି-ସୁନ୍ଦରୀ
ପ୍ରକାଶି ଦିବ୍ୟ ମାଧୁରୀ । ୪୮ ।
ଅବଶେଷ ପୁଷ୍ପ- ମଧୁ ବର୍ଷିଲା
ଦ୍ରୁମଲତାଗିରିବନେ
ମଣ୍ଡିଛି ସବାଙ୍କ ଧରଣୀର ଦେହ
ଅମଳପାରଦବର୍ଣ୍ଣେ । ୪୯ ।

Digitized by srujanika@gmail.com

ପନସ ରସାଳ ଧୂମ୍ରାଗ ଭ୍ରମାଲେ
ସୁଚିକ୍କଣ ପତ୍ରିମାନ୍ତ
ନେତ୍ର ବିମଳ ଶୋଭି ନିଜ ଅଙ୍ଗେ
ଚକ୍‌ଚକି ଝଟକନ୍ତ । ୫୦ ।
ପ୍ରଶାନ୍ତ ପ୍ରବନ୍ଧ ପାଦମୂଳେ ଅଛି
ବହେ ସ୍ୱଚ୍ଛ ଶଷ୍ପବର;
ସ୍ୱଚ୍ଛ ନୀଳିମାରେ ଶୁଭ୍ର ଜ୍ୟୋତ୍ସ୍ନା ମିଶି
ଦିଶେ ଅତି ମନୋହର । ୫୧ ।
ଶୋଭନ୍ତି ଅଛି ଗଗନର କୋଳେ
ତାରକାବଳୀ ଅଟେ;
ବନ୍ଧୁର ତାରକା ଟାଙ୍କି ଲୁଚିଛନ୍ତି,
ବନେ ଯେଣୁ ଭାଗ୍ୟପତ । ୫୨ ।
ପୁଣି ସେବେ ଭ୍ରମ ବିସ୍ତରନ୍ତି, ତାଙ୍କି
ମଳୟ ବାସ ବିକାଶ;
ମାନବରେ ଦୂରେ ରହି ନ ଅସନ୍ତି
କୁମୁଦବନ୍ଧୁଙ୍କ ପାଶ । ୫୩ ।
ଉଲ୍ଲାସେ କୁମୁଦ ହସୁଅଛି ଅତି
ସରସୀ ନୀଳ ଉତ୍ସଙ୍ଗେ;
ସୁଧାର୍ଦ୍ର ବିଚ୍ଛେଦ- ଅନ୍ତେ ବନ୍ଧୁ ସଙ୍ଗେ
ଖେଳଇ ବିଚିତ୍ର ରଙ୍ଗେ । ୫୪ ।
ତାରକାରମଣ- କମନୀୟକାନ୍ତି
ଶୋଭେ କଲ୍ଲୋଳକବକ୍ଷେ,
ସେ ମନୋଜ୍ଞ କ- ଚନ୍ଦ୍ରଯୋଗାଥିବା
ନାଳ ବିଭାଜେ ଝଲକେ । ୫୫ ।

ଏହନ୍ତେ ବାୟୁଏ ମନ୍ଦ ମନ୍ଦ
ଧୀରେ ଧୀରେ ବହୁଥିଲେ;
ନିଜ ନିଜ ଦୂରେ ମନ ପ୍ରାଣ ସୁଖ
ଲଭି ଶୀତ ମଧୁରେ । ୫୬ ।
ଅକୂଳର ଉପରେ ଶୁଣ ମଧୁର
ସରଳ ସେହୁ ସଙ୍ଗୀତ,
ବାପି ବନପଦ ବନ ବିପଦନ
ଅତର୍କିତ ବନନ୍ତ । ୫୭ ।
ମଧୁର ଲଳିତ ସେ ଗୀତ ଓ ସେ
ଶୁଣିଲେ ପାଦପଦଳ;
ହୃଦବନ୍ଧୁଙ୍କଲେ ଉଲ୍ଲାସେ ମୁଣ୍ଡଲେ
ଆନନ୍ଦଲୋତକ ଜଳ । ୫୮ ।
ସେ ମଧୁର ଗୀତ କାହିଁ ଶୁଣିଲେ
କଣୀଥେ ଭାରତପତ;
ଉତ୍କଳୁଁ ଉତ୍କଳ- ଭର ହେଲା ହାମ,
ମନ ହେଲା ତାଙ୍କ ଗଢ । ୫୯ ।
ସେ ମଧୁର ଭାବ ପ୍ରବେଶିଲା ଯାଇଁ
ପଦ୍ମାଳୟାର ଶ୍ରବଣେ;
ଶୋଭାଗାରୁଁ କୋଟି ଶୋଭା ବସ୍ତ୍ରାନ୍ତୁ
ଦେଲେ ସେ ପ୍ରଫୁଲ୍ଲମନେ । ୬୦ ।
ଏରୂପେ ଯାମିନୀ ସଙ୍ଗୀତରେ ମାତ
ଯାପିଲେ କୁମାରକୁଳ,
ଉତ୍କଳ ପାଟଳ- ବରଣେ ଅରୁଣ
ବିଗ୍ରସିଲା ପ୍ରାଚୀମୂଳ । ୬୧ ।

ଶ୍ରୀ ଗଙ୍ଗାଚରଣ ଦାସ ।

ବାଲମାଦାନ୍ତ ପାଞ୍ଚି । (୬)

ଅଜକାଲି ନବ୍ୟସଭ୍ୟତା ଯେପରି ମାଘମାସ ଲୁହ୍ତିତ ଭଳ ଭାର ଚଞ୍ଚଳ ମାତ୍ର ଅସ୍ୱଅଛି, ଏଥିରେ ଭୟ ହେଉଅଛି ଯେ ମରହଟ୍ଟୀ ଅମଳର ତଥା ସବୁ ଅଳ୍ପ ଦିନରେ ବୁଡ଼ି ଯିବ । ଅଜକାଲି ଶିକ୍ଷିତ ପିଲ୍ଲାମାନଙ୍କର ମରହଟ୍ଟୀଆ ବୁଢ଼ାଙ୍କ ପ୍ରତି ଗୋଟାଏ ଭାବ ଘୃଣା । ବାଲମାଦାନ୍ତଙ୍କର ଗୋଟାଏ ବଡ଼ ଅଂଶ ହୁକ୍କାରେ ପଡ଼ଣତ ହେଉଥିଲା । ଦୈବ ଯୋଗରୁ ଗୋଟାଏ ପୁଷ୍ପଧା ହାଡ଼ୁରେ ପଡ଼ିଗଲା । ଜଣେ ଛଗଡ଼ମାଳୀ ମୁଢ଼ାଏ ଗୋଟାଇ ଖଣ୍ଡେ ବହି ଛପେଇ ନା

Digitized by srujanika@gmail.com

ହରି ନେଲେ । ଆଉ ଜଣେ ମାଡପଙ୍କଠାରୁ ତାହାଙ୍କଠାରୁ ନାଏ ଅଣି ବହି କର ଭାର ଗୋଟାଏ ବାହାକୁ ଘା ପାଇ ପଳେ । ଏହି ନଗରର ଦ୍ୱାହି ଦେଇ ମାହାନ୍ତ୍ରୁ ମରହଟ୍ଟିଆ ଗୃହଚାଳଣ ହେଉଛନ୍ତି ଏକାଠେଇଁ କରି ଖଣ୍ଡେ ବହି ବାହାର କରି ସାହିତ୍ୟ-ଜଗତରେ ବଖ୍ୟାତ ହେବାର ଆଶା ତାଙ୍କୁ ଗତ କେତେ ଦନ ହେଲା ଗ୍ରାସିଅଛି । ଏକେ ବୃଦ୍ଧ, ତା ଉପରେ ଫେର ମରହଟ୍ଟୀ, ଏଥିରେ କଷ୍ଟ ରୋଗ ଥିଲେ ଶୀଘ୍ର ଛୁଡ଼ବାର କଥା । ସେହି ଆଶାର ବଶବର୍ତ୍ତୀ ହୋଇ ସେ ପାତ୍ରିରେ ଏ ହେଉଙ୍କରେ କେତେଗୁଡ଼ାଏ ବିଷୟ ଓ ଛନ୍ଦର ସମର୍ଥକ ଯୁକ୍ତି ଲିପିବଦ୍ଧ କରିଅଛନ୍ତି । ସେ ପୁସ୍ତକ କୌଣସି ମହାଜନଙ୍କ ନାମରେ ଉତ୍ସର୍ଗ କରିବାର ଭାବର ଅକାଂକ୍ଷା । ସେ ଖୁବ ବିଶ୍ୱାସଯୋଗ୍ୟ ବ୍ୟକ୍ତିଙ୍କଠାରୁ ଶୁଣିଅଛନ୍ତି ଯେ ଅଜିକାଲି ପାଠ୍ୟପୁସ୍ତକ ଛଡ଼ା ଅନ୍ୟ ବହି ଛପାଇବା ହାତରୁ ଖାଇ ବଣିକ ଶିଖିବା ପରି । ପଦେ ଦ'ପଦ 'ପଦ୍ମତୋଳା' ମତ୍ତ ବୋଲି ଫୁକି ଅକ୍ଷିରେ ଧୂଳି ପକାଇ ପାରିଲେ କଣ୍ଟିନ୍ତୁ । ଯେ ଖର୍ଚ୍ଚାଟା ହେବେ ସେ ସନ୍ତୋଷ, ଭୂମିର ଓ ସହଜେ ଉର୍ଯ୍ୟସିଦ୍ଧି । କିନ୍ତୁ ବାଉମାହାନ୍ତଙ୍କର ପଦ୍ମତୋଳା ବୋଲିବାର ସମର୍ଥାଟି ନାହିଁ ବୋଲି ସେ ହତୋଦ୍ୟମ ହୋଇ ବସିଅଛନ୍ତି । ଏ ବିଷୟରେ କାହାର ପରାମର୍ଶ ନେବାକୁ ମଧ ତାଙ୍କର ବିଶେଷ ଆପତ୍ତି । ଭୟ, କାଳେ ଏବେ ତାଙ୍କଠାରୁ ଏ ମନ୍ତ୍ରଟି ଶୁଣି ଯାଇ ଦକଶତ ଲାଗି ପଡ଼ି ଯେବେ ମରହଟ୍ଟିଆ କଥାଗୁଡ଼ାକ ଦ' ହାତରେ ଗୋଟେଇ ତାଙ୍କ ବହି ଛପା ହେବା ଆଗରୁ ଛପାଇ ଦିଏ ତାହାହେଲେ ସର୍ବନାଶ— ଅର୍ଥେ କ୍ଷତ, ପ୍ରାଣେ ପୀଡ଼ା ! ଅମ୍ଭେମାନେ ବହୁତ କଷ୍ଟରେ ତାଙ୍କୁ କେତେ ବୁଝାଇ ସୁଝାଇ କହିଲୁଁ ଯେ ପାଞ୍ଚି ବଜାରରେ ଭିଣ ଅଛି ନ ଦେଖିଲେ କିଏ କାହିଁକି ପଇସାଟିଏ କାଢ଼ିବ ? ଅତି କଷ୍ଟରେ ପାଞ୍ଚିରୁ ଯୋଡ଼ାଏ ପଦ କାଢ଼ି ଦେଇ ଅଛନ୍ତି । ତାହାର ସାରସଙ୍କଳନରୁ ପାଠକେ ବାଉମାହାନ୍ତଙ୍କ ପ୍ରତିଭାର ଜାଜ୍ୱଲ୍ୟମାନ ପ୍ରମାଣ ପାଇବେ, ଅମ୍ଭମାନଙ୍କର ଏକାନ୍ତ ଆଶା ଯେ ଏହି ଅଂଶଟି ସଂଗ୍ରହ ପଢ଼ି ଅନ୍ତତଃ ଦଶ ବାର ଜଣ ଭକ୍ତ ପୁସ୍ତକ ମୁଦ୍ରଣର ବ୍ୟୟ ବହନ କରିବା ଅନୁଗ୍ରହ ପ୍ରାର୍ଥନା କରି ଆବେଦନ କରିବେ । ବାଉମାହାନ୍ତ ପୂର୍ବରୁ କହି ରଖି ଛନ୍ତି ଯେ ନାମଟି ଯାହାଙ୍କ ଭାର ବେଶି ହେବ (ବାଉମାହାନ୍ତଙ୍କ ତାଙ୍କ ସଙ୍ଗେ ପୂର୍ବରୁ କିଛି ବିବାଦ ନ ଥିଲେ କିମ୍ବା ସେ ନାବାଳଗ, ବାତୁଳ ବା ଦେଉଳିଆ ନ ହୋଇଥିଲେ) ତାହାଙ୍କୁ ଉକ୍ତ ଅଧିକାରର ସନନ୍ଦ ଦିଆଯିବ । ବାଉମାହାନ୍ତଙ୍କର ଆଉ ଗୋଟିଏ ଉଚ୍ଚ ଉଦ୍ଦେଶ୍ୟ ମଧ୍ୟ ଅଛି । କେବଳ ସ୍ୱାର୍ଥଲାଳସାରେ ବାଉମାହାନ୍ତ ଉତ୍ତେଜିତ ନୁହନ୍ତି । ଏ ଅଞ୍ଚଳର ଯେଉଁ ଯେଉଁ ମରହଟ୍ଟୀ ନକମାମାନେ ମାର୍ଜିତ ଓ ଶିକ୍ଷାପ୍ରାପ୍ତ ସଭ୍ୟ ଦୁଃ- ମାନଙ୍କର ଚକ୍ଷୁଃଶୂଳ ଓ ସଂସାରଶୂଳ ହୋଇ ଅଛନ୍ତି, ସେହି ବୃଦ୍ଧ ବୃଦ୍ଧାମାନଙ୍କ ନିମନ୍ତେ ଶ୍ରୀକ୍ଷେତ୍ର ସ୍ୱର୍ଗଦ୍ୱାର ନିକଟରେ କିମ୍ବା ଗଙ୍ଗାକୂଳ ନିମତଳା ଘାଟ ନିକଟରେ ଗୋଟିଏ ଆଶ୍ରମ ନିର୍ମିତ ହେବ । (ସବୁ ବିଷୟରେ ହାତ ଦେବା ପୂର୍ବରୁ ଭବିଷ୍ୟତ ପ୍ରତି ଦୃଷ୍ଟି ରଖି ବିଚାର କରିବା ସିନା ମନୁଷ୍ୟତ୍ୱ ।) ଏ ପୁସ୍ତକର ଲାଭ ସେହି ଆଶ୍ରମନିର୍ମାଣ ଓ ତତ୍ପରିଚାଳନରେ ବ୍ୟୟିତ ହେବ । ଏହା ଏକ ପ୍ରକାର କଣ୍ଟିତା ଅତଏବ ଶୁଣନ୍ତୁ:—

ମରହଟ୍ଟୀଙ୍କ ଦକାବ ଯାଦପଦ୍ଧ ।

୧ ବାଳକମାନେ ଅଭିଭାବକ ମାନଙ୍କ ସମ୍ମୁଖରେ ସିଧା ହୋଇ ଠିଆ ହେବେ ନାହିଁ; ଘୋଡ଼ା, ଖଡ଼ମ, ଛତା ଇତ୍ୟାଦି ବ୍ୟବହାର କରିବେ ନାହିଁ; ଉଚ୍ଚ ସ୍ୱରରେ ବାକ୍ୟ ଉଚ୍ଚାରଣ କରିବେ ନାହିଁ । (ଏଥିର କାରଣ ପୁସ୍ତକ ମୁଦ୍ରଣ ସମୟରେ ପ୍ରକାଶିତ ହେବ)

Digitized by srujanika@gmail.com

୨ । ଯୁବକମାନେ ଗୁରୁଜନମାନଙ୍କ ଉପସ୍ଥିତିରେ ଆପଣା ଅପତ୍ୟମାନଙ୍କୁ କୋଳେଇବେ ନାହିଁ । କାରଣ, ଅପତ୍ୟମାନେ ହେଲେ ପାପପ୍ରବୃତ୍ତିଚରିତାର୍ଥର ଫଳ । ମୁରବୀମାନଙ୍କ ଆଗରେ ଆପଣା ପିଲାଙ୍କୁ ଧରିବା ଓ ସେମାନଙ୍କୁ ମୁହେଁମୁହେଁ କହି ଦେବା ଯେ ଆମ୍ଭେମାନେ ପାଶବ ବୃତ୍ତି ଚରିତାର୍ଥ କରୁଅଛୁଁ, ଏକା କଥା । ଏହା ଅଭଦ୍ରତା ଓ ନିର୍ଲ୍ଲଜ୍ଜତା ।

୩ । ପୁରୁଷମାନେ ଗୃହର ଅଳ୍ପବୟସ୍କ ବାଳକ-ବାଳିକାମାନଙ୍କ ସମ୍ମୁଖରେ ଯୁବା ଆପଣା ସ୍ତ୍ରୀ ସଙ୍ଗେ ଦେଖା କିମ୍ବା କଥାବାର୍ତ୍ତା କରିବେ ନାହିଁ । ତାହା ହେଲେ ସେମାନେ ବାଲ୍ୟାବସ୍ଥାରୁ ବିକୃତ ହୋଇ ଯିବେ । ଅର୍ଥାତ୍, ନିଜ ସ୍ତ୍ରୀ ସଙ୍ଗେ ମନୁଷ୍ୟର ସମ୍ପର୍କ କେବଳ ଗୋଟାଏ ଜଘନ୍ୟ କାମ୍ୟ ହେତୁ ସିନା । ସବୁବେଳେ ସେମାନଙ୍କ ସଙ୍ଗେ ପିଲାମାନଙ୍କ ଆଗରେ କଥାବାର୍ତ୍ତା ବା ଦେଖା ହେଲେ ପିଲାମାନେ କଣ ବୁଝିବେ ? ତା ପରେ ସ୍ତ୍ରୀମାନେ ସବୁ ଅନର୍ଥର ମୂଳ । ତାଙ୍କୁ ଯେତେ ଦୂରରେ ରଖିବ, ସେତିକି ମଙ୍ଗଳ ।

୪ । ସ୍ତ୍ରୀମାନଙ୍କୁ ଶିକ୍ଷା ଓ ସ୍ୱାଧୀନତା ଦେବା ସର୍ବତୋଭାବରେ ନିଷିଦ୍ଧ ଓ ଅନିଷ୍ଟକର । (ଏହାର କାରଣ ଯାଜ୍ଞିକ ପୂର୍ବ ପତ୍ରମାନଙ୍କରେ ମିଳିବ)

୫ । ସ୍ତ୍ରୀମାନଙ୍କୁ ନାନା ପ୍ରକାରର ଅଳଙ୍କାର ପିନ୍ଧାଇବ । ଅଳଙ୍କାରର ଉପକାରିତା ବିଷୟ ପଞ୍ଜିରେ ପୂର୍ବ ପତ୍ରମାନଙ୍କରେ ଲେଖା ଅଛି । ତା ଛଡ଼ା ସ୍ତ୍ରୀମାନେ ସ୍ୱଭାବତଃ ଚପଳା ଓ ଦୁଷ୍ଟା । ଦୁଷ୍ଟ ମଇଁଷି, ବଳଦ, ଗାଈ, ମାଙ୍କଡ଼ ଇତ୍ୟାଦିଙ୍କ ନିବୃତ୍ତ କରିବାକୁ ଯେପରି ନାକ, ଦାନ୍ତ ପୋଡ଼ିବା ଓ ବେକରେ ଘଣ୍ଟି ବାନ୍ଧିବା ଦରକାର, ସ୍ତ୍ରୀମାନଙ୍କ ପ୍ରତି ମଧ୍ୟ ତାହା ଦରକାର । ଇଂରେଜୀରେ ଗୋଟିଏ ଗପ ଅଛି—ମାର୍ଜ୍ଜାର ବନ୍ଧୁଥିଲେ—ମୂଷା-ଯାକ ଦିନେ ବସିଲେ ଯେ ବିରାଡ଼ି ବେକରେ ଘଣ୍ଟି ବାନ୍ଧିଲେ ବିରାଡ଼ି ଆସିବା ପୂର୍ବରୁ ଆମେ ଜାଣି ପାରି ହୁସିଆର ହେବା । ସେହିପରି ସ୍ତ୍ରୀମାନଙ୍କ-ଠାରେ ଘଣ୍ଟି ହେଲେ ସେମାନଙ୍କ ଆସିବା ଆଗରୁ ଘଣ୍ଟି ଶବ୍ଦରୁ ଜାଣି ପାରି ଆପଣା ହୁସିଆରରେ ରହିଥିବ । ବଳଦଙ୍କ ଦେହରେ ବାହୁର ହେଉ ବା ଉଭୟ ବାଣୀ ଦାଗ ଲୁହା ଦେବାକୁ ହୁଏ, ସ୍ତ୍ରୀମାନଙ୍କଠାରେ ସେପରି ଟିକା ଲଗାଇବା ଦରକାର ।

୬ । କୌଣସି ବିଷୟରେ ସ୍ତ୍ରୀମାନଙ୍କର ମତ ପଚାରିବ ନାହିଁ, କି ସେମାନଙ୍କ ପରାମର୍ଶରେ କାର୍ଯ୍ୟ କରିବ ନାହିଁ । କି ଜାଣି ତ୍ରିକାଳଜ୍ଞ ଋଷି କହି ଯାଇଅଛନ୍ତି 'ସ୍ତ୍ରୀବୁଦ୍ଧିଃ ପ୍ରଳୟଙ୍କରୀ' ? ସୁତରାଂ କୌଣସି କାର୍ଯ୍ୟରେ ସେମାନଙ୍କୁ କର୍ତ୍ତୃତ୍ୱ ଦେବ ନାହିଁ । 'ସ୍ତ୍ରୀନାୟକାଃ ବିନଶ୍ୟନ୍ତି' ଶ୍ଳୋକଟା ଅବଶ୍ୟ ସମସ୍ତଙ୍କର ଘୋଷା ପାଠ ।

୭ । ଘର ଜନରୁ ଘରଟି ଜନାଭୂତଥି ନୁହେଁ, କଳଙ୍କଭୂତଥି । ଅତଏବ କେତେ କଥାରେ ଆଖି କି କାନ ବୁଜି ଦେଲେ ଚଳିବ ନାହିଁ । ଗୋଲିଆ ମିଶା କରୁଛି ପୃଥିବୀର ନିୟମ । ଯେତେ ତରକାରୀ, ଗାଣ୍ଠିଆ ତରକାରୀ ମଣ୍ଡିର ଭିତର ସମସ୍ତେ । ସବୁ କଥା ଚଳେଇ ନେଲେ ସିନା ଚଳିବ । ତୁମେ ଭିନ୍ନ ହୋଇ ରହିଲେ ଦଳେ ସମସ୍ତେ ଭିନ୍ନଭାବ ହୋଇ ଯିବେ । ଯେପରି ଭିତରେ ଘର କରୁଥିଲେ ପଥର ପଡ଼ିଲେ ସହି ।

୮ । ଯାହା ଉନ୍ନତି ତାହା ହେଉ, ସର୍ବଦା ଘର ଭିତରେ ଅନର୍ଥ, ବାଗପାଲ, ଗର୍ଭଗତ, ଠାକୁରାଣୀବୋଦା ସବୁ ହେଉଥାଉ; କିନ୍ତୁ ହେବାର ନାମ ଧରିଲେ ମହାପାପ ! ଘର ଭିତରେ ପଚେ ନଡ଼ ଯାହା ହେଉ, ତାହା ହେଲେ ଆପଣା ଗୁମର ତଳ ପଦାକୁ ବାହାର ପଡ଼ିବ । ଲୋକେ କହିବେ ଅରେ ଅମୁକ ଲୋକ ଅଳ୍ପ ଯାଏ ଗୋଟାଏ ଘର କରୁଥିଲା, ଏବେ ସେ ପୁରୁଣା ଘରଟି ଭାଙ୍ଗି ଗଲା । ମୁହିଁ ମାତ୍ର ପଡ଼ି ରହିଲେ ତ ଦୁର୍ଭିକ୍ଷ ପୂର୍ବ ଗଢ଼ ପଲେଇବ । ଘର ଭିତରେ ନିତ୍ୟ ବିବାଦ ଲାଗିଲେ ସିନା ଘରଲୋକ ବାହାର କିମ୍ବା ପଡ଼ିଏ ଖଣ୍ଡେ ମନ ବ୍ୟସ୍ତ ହେବ, ତା ପଛକେ ମୁହାଁ ମୀବ, କିନ୍ତୁ କିଏ ହେଲେ ହେଲାକୁ ପଦାକୁ ।

Digitized by srujanika@gmail.com

କରିବେ । ଆମେ କାଲି ଯାହାଙ୍କୁ ଗୃହି କରୁଥିଲୁଁ ଆଜି ସେ ଆମକୁ ଗୃହି କାଳି ମାରିବେ । ଆମେ ଭଲଲୋକ ଡାକଘରେ କେତେ ଲୋକଙ୍କ ଘର ଦ୍ୱାର ବାନ୍ଧି ଦେଇ ଅଛୁଁ, ଆଜି ସେଲୋକ ଆସି ଆମ ଘର ବାନ୍ଧିବେ, ଏହା ଏ ପ୍ରାଣରେ ସହି ହେବ ନାହିଁ । ତୁମେ ଅଣ୍ଟି ବୃକ୍ଷରୁ ସେ ଯାବୀ କରୁ, ତୁମେ ଥାଉ ଥାଉ ଯେପରି ଘରଟା ହୋଫାଙ୍କିଆ ନ ହୋଇ ଯାଏ ।

୯ । ଆଜକାଲି କଲିକାଲ ପିଲା ଗୁରୁ ହିତ୍‌ବାର୍ଯ୍ୟ ହେଲେ, ଆମ୍ଭମାନଙ୍କ ପିଲାଦିନେ ଆମ୍ଭେମାନେ ଶାନ୍ତ ଶିଷ୍ଟ ଥିଲୁଁ । ଗୁରୁଜନଙ୍କୁ ଏପରି ମାନନା କରୁଥିଲୁଁ ଯେ ସେମାନେ ଦାଣ୍ଡ ପିଣ୍ଡାରେ ବସିଥିଲେ କେହି ଯୁବକ ବା ବାଳକ ଦାଣ୍ଡ ବାଟେ ନ ଯାଇ ବାଡ଼ି ବାଟେ ଯିବା ଆସିବା କରୁଥିଲୁଁ । ତାଙ୍କ ପାଟି ଶୁଣିଲେ ହାଣ୍ଡିଶାଳକଣରେ ଯାଇ ଲୁଚୁ ଥିଲୁଁ । ଏବେ କଥା ତ ଅଗରେ ଦେଖା ଦେଉଛି ।

୧୦ । ଆଜକାଲି ପିଲାଏ ସବୁ କଲେ, ଲଣ୍ଡା ହେଲେ, ଅଖାଦ୍ୟ ଖାଇଲେ, ନାନାଦି ଅକାର୍ଯ୍ୟ-ମାନ କଲେ, ଦଣ୍ଡ ଦେବତାଙ୍କଠାରେ ଭକ୍ତି ନାହିଁ । ଆମ ବଡ଼ବଡ଼ଙ୍କେ କହିଅଛନ୍ତି 'ମଣିଷ ଯାକରେ ଲଣ୍ଡା ବଟୋଳ' ସେ କଣ ଓଲମାଥିଲେ ?

୧୧ । ଘରର ପିଲା ଓ ସ୍ତ୍ରୀମାନଙ୍କ ଆଗରେ ସେମାନଙ୍କୁ କେବେ ପ୍ରଶଂସା କରି କହିବ ନାହିଁ । ତାଙ୍କୁ ଦବୁଦେଲେ ଅଣ୍ଡ ଦେଖାଇବ, ତା ନ ହେଲେ ସେମାନଙ୍କ ମୁଣ୍ଡ ବଢ଼ିଯିବ, ମନ ମୋଟ ହୋଇଯିବ । ଯେତେବେଳେ ସେମାନଙ୍କୁ ଦେଖିବ ସେତେବେଳେ କଷ୍ଟେ ହେଲେ ଅଡଟ କରି ପଦେ ଅଧେ ମୁରବ୍ବୀପଣିଆ କରି କହିବ । ତା ନ ହେଲେ ଦ୍ୱାଦେଶେ ଏଗରୁ ସେମାନେ ଅଡ଼ୌ ମାନିବେ ନାହିଁ । ବୃଣଡ଼ୀ କହି ଯାଇଅଛନ୍ତି 'ଲାଳନେ ବହବୋ ଦୋଷା ସ୍ତାଡ଼ନେ ବହବୋ ଗୁଣାଃ' ଆମ ପିଲାଦିନେ ବାପା ଓ ଅଧ୍ୟାପକମାନେ ଏହି କଥାଟି ପାଳୁଥିଲେ ବୋଲି ଆମେ ସବୁ ମନୁଷ୍ୟ ହୋଇଥିଲୁଁ । ଆଜି କାଲି ପିଲାମାନେ ଅଗାଡ଼ି । ଆମେ ଜନକର ମାଡ଼ ଖାଠ ଖାଠ ଗରୁ ହୋଇଥିଲୁଁ । ଆମ ପିଲାଦିନରେ ମଣ୍ଡିତଶ ଅବଧାନଙ୍କ ମଡ଼ୁଆଣାଙ୍କୁଳ, ନାକବାଛଧରା, ମୁଣ୍ଡଚା, ଉଠବସ, ନାଉଁଳବେତ, ପଞ୍ଚବୁଦ୍ଧାବନ୍ଧା, ଏକ-ଗୋଡ଼ିଆ, ବଟିକାଠ, ନାକଘସା, ଖରାରେ ଠିଆ, ମୁଣ୍ଡିଆ, ଶୂନ, ଏ ସବୁ କେଉଁଠି ଗଲା ! ସେଥିଯୋଗୁଁ ପିଲା ଆଜିକାଲି ପିଲାମାନେ ପୁରାପୁରି ଅଗାଡ଼ି ହୋଇ ଯାଉଅଛନ୍ତି ।

୧୨ । ଅଧୀନସ୍ଥ ବାଳକମାନଙ୍କୁ ଜାବତା କଲାବେଳେ ସାବଧାନ ହେବ ଯେପରି ନ ସେମାନେ ହାତ ଖୁନ୍ତି ନ ଦେଖାନ୍ତି କମ୍ପା ପାଟି ନ ଫିଟାନ୍ତି । ଅଜସ୍ତି ପାଟି ଫିଟିଲେ ତୁଲାଦିନେ ତୁମ୍ଭକୁ ସରୁ ବାଡ଼େଇ ବାହାର କରି ଦେବେ । ତୁମ ଯାହା କହି ଯିବ, ସେମାନେ ଜଣେ ଲେଖାଏଁ ମନ୍ତ୍ରୀ ହେଲେଣି ଯେ ସେଥିରେ ଜବାବସୁଆଲ କରିବେ ! ଯେବେ ସେମାନେ କାରଣ ଦେଖାନ୍ତି ତାହାହେଲେ ତୁମ୍ଭର ମୁରବ୍ବୀପଣିଆ ରହିବ କଣ ? ମୁରବ୍ବୀ ହେଲେ ଅବଶ୍ୟ ପଦେ ଅଧେ ଜାବତା କରିବାକୁ ହୁଏ ।

୧୩ । ଯେଉଁ କଥା ବୁଝିଲେ ବା କାଇଁଛି କରି ଦେଲେ ନିଜର ମଠ ହେବ ବା ନିର୍ବୁଦ୍ଧିତା ଜଣା ପଡ଼ିବ ବା ଦୋଷ ଧରା ପଡ଼ିବ, ସେ କଥା କି ବୁଝିବା, କି ବୁଝିବା ବୋଲି ବରବର ଟାଳମଟାଳ କରୁଥିବ । 'ଆଜି ଦେବା ମାସକେ, କାଲି ଦେବା ସଂଘରେ, ଦେବା ଦେବା କହୁଥିବା ଯାବଜ୍ଜୀବନ ଦହାନର ।' ଗୃହସ୍ଥଲୋକରେ ଏ କଥାଟି ସର୍ବଦା ସ୍ମରଣ ରଖି କାର୍ଯ୍ୟ କଲେ ଅନେକ ଲାଭ ।

୧୪ । ଯେବେ ଅପାରଗ ହେଲେ, ଯେବେ ନ ଚଳାଇ ପାରିଲେ ସୁଦ୍ଧା ଆପଣା ଘରର ଅଧିକାର କେବେହେଁ ଗୃହମଧ୍ୟରେ ଅଧୀନସ୍ଥ ଅନ୍ୟ ବ୍ୟକ୍ତି ଉପରେ ଦେବ ନାହିଁ । ଆପଣା ଅଧିକାର ପରକୁ ଦେଲେ ଆପେ ହଟହଟା, ପିଲାଏ ପରକୁ ନମସ୍କାର ବୋଲି ଆଉ ତୁମ କଥାକୁ ମାନିବେ ନାହିଁ । ଯଦି

Digitized by srujanika@gmail.com

ଈଶ୍ୱରଙ୍କ କୃପାରୁ ତୁମ୍ଭର ମାଲଖାନା ଥାଏ, ତେବେ ଅନ୍ତତଃ ବାଲଶଯ୍ୟା ପୂର୍ବରୁ ତାହାଁର ନିକ୍ଷା ଯେପରି ପିଲାମାନଙ୍କ ହସ୍ତଗତ ନ ହୁଏ । ସେତକ ଗଲେ ପ୍ରାଣ ପିତାଠାରୁ ବଳ ପଡ଼ିବ ।

୧୫ । ସାବଧାନ ଥିବ ଯେପରି ତୁମ୍ଭର ପିଲାମାନେ ବୟୋମାନଙ୍କ ପ୍ରତି ବିଶେଷ ଆସକ୍ତ ନ ହୁଅନ୍ତି ! ତାହାହେଲେ, ସେମାନେ ସ୍ତ୍ରୀମାନଙ୍କ କଥାରେ ପଡ଼ି ବୁଢ଼ା ଦିନେ ତୁମ୍ଭକୁ ହରବତ କରିବେ । ବୋଲ ଥାଉଁ ଥାଉଁ ପିଲାମାନଙ୍କର ଯେ ଅଭ୍ୟାସଟା ଯେପରି ଭାଙ୍ଗି ଯାଉଥାଏ ସେଥିପ୍ରତି ସର୍ବଦା ଚେଷ୍ଟା କରିବ । 'ଯତ୍ର ସ୍ତ୍ରୀ ଜିତବୋବାପି ଦାରୋ ବା ଯସ୍ୟାତ୍ର ପ୍ରଶାସିତା' 'ନ ସ୍ତ୍ରୀ ସ୍ୱାତନ୍ତ୍ର୍ୟ ମର୍ହତି' 'ଘୃତକୁମ୍ଭସମା ନାରୀ' ଇତ୍ୟାଦି ଶ୍ଳୋକଗୁଡ଼ିକ ପିଲାଦିନୁ ସେମାନଙ୍କୁ ହୃଦୟଙ୍ଗମ କରାଇଥିବ ।

୧୬ । ଘରେ ଯେ ଯାହା କରୁ ଭାବନା ନାହିଁ, କିନ୍ତୁ କଥାଗୁଡ଼ାକ ଯେପରି ପଦାକୁ ନ ଯିବେ । କର୍ପୂର ଗଲେ ହେଲେ କନାଖଣ୍ଡିକ ଥାଉ । ନବ 'ଗୋପ୍ୟାନି ଚାଦ୍ୟେନ୍ଦୁ ।' କଥାଗୁଡ଼ାକ ଫିଟି ଗଲେ ଲୋକେ ହସିବେ । ଆଉ ମଧ୍ୟ ଆମ ନିଜ ଘର କଥା ଫିଟିଗଲେ ଆମର ଦାଣ୍ଡପିଣ୍ଡା ଓ ବଣାପରେ ବସି ପରୋପଦେଶେ ପାଣ୍ଡିତ୍ୟ ଚଳିବ ନାହିଁ । ତାହାହେଲେ ଜୀବନରେ ଆଉ ରସ ରହିବ କଣ ?

୧୭ । ବେଶି ଦିନ ରହିଲେ କେତେ କଥା ଦେଖନ୍ତି । ଆଗେ ଆମେ ପରଙ୍କୁ ଯେଉଁ ସବୁ କଥାରେ ଉଲ୍ଲେଖ ଦେଉଥିଲୁଁ, ଏବେ ଆମର ଘରେ ସେହିତା ହେଲା । ଆଗେ ପରପିଲାଏ ସ୍କୁଲରେ ଅଙ୍ଗରେଜୀ ପଢ଼ିଲେ, ଚଢ଼େ ଘୋଡ଼ା ମାରିଲେ, ଲଣ୍ଡା ହେଲେ, କିରସ୍ତାନ ହେଲେ ବୋଲି ତାଙ୍କୁ ଏକଘରିକିଆ କରୁଥିଲୁଁ । ଏବେ ସବୁ ଆପଣା ଘର ଭିତରେ ଦେଖି ଆଖି କାନ ଖୋସି ଘରକଣରେ ମୁହଁ ମାଡ଼ି ଶୋଇବାକୁ ମନ ହେଉଛି । 'କୁଳକ୍ଷୟେ ବେଳକୁ ଘୋଡ଼ାମୁହାଁ ପୁଅ ହୁଅନ୍ତି' ।

୧୮ । ଏତେ ଗୋଟାଏ କି ବାୟୁ ଉଠିଛି, ଝିଅ ବାପରେ ଯେ ଗୃହ ପା, ଏ କହୁଛି ମୁଁ ବଡ଼, ସେ କହୁଛି ମୁଁ ବଡ଼ । ଆମ ବାପା ବଡ଼ବାପା ତ ଅଙ୍ଗରେଜୀ ପଢ଼ି ନ ଥିଲେ । ଏଣିକି ଆମ ପିଲାଏ ପଢ଼ିଲେ । ଏଥିରୁ ଅବା ଆଜ କାଲି ପିଲାଏ ବଡ଼ ହୋଇ ଯାଉଥିବେ । ଦି' ଅକ୍ଷର ଅଙ୍ଗରେଜୀ ପଢ଼ିଲେ ବୋଲି ତାଙ୍କ ଲେଖାରେ ଉନ୍ନତି ନାହାନ୍ତି । ମୁରବ୍ବୀଙ୍କ ଆଗରେ ଇଂରେଜୀରେ କଥା ଭାଷା ହେବେ । ଆମେ କଣ ପଢ଼ାଉଥିଲୁଁ ଆମ ଆଗରେ ଆମକୁ ଗାଳି ଦେବାକୁ ?

୧୯ । 'ସର୍ବେ ହୋଇବେ ଏକାକାର, ନ ଥିବ ବେଦର ବିଚାର' ମାଳିକାରେ ଯାହା ଭାବୁଥିଲୁ ସେ କଣ ମିଛ ? ଏଣିକି ଏଣିକି ଘୋର ଅନ୍ୟାୟ ହୋଇଗଲା । ଦିନାକେତେ ଗଲେ ବସୁଧା ଆଉ ପାପଭାର ସହି ପାରିବ ନାହିଁ । ଟୁବ୍ ନେଜା ବୁଡ଼ିଯିବ । ପାଠ ପଣ୍ଡା କହନ୍ତି 'କଲୌ ଦଶସହସ୍ରାଣି ବିଷ୍ଣୁ ତ୍ୟଜନ୍ତି ମେଦିନୀ, ତଦର୍ଦ୍ଧଂ ଜାହ୍ନବୀ ଗଙ୍ଗା ତଦର୍ଦ୍ଧଂ ଗ୍ରାମଦେବତା ।' ବଳମାଳ ଦାସଙ୍କ ମାଳିକାରେ ମଧ୍ୟ ପଢ଼ିଛି 'ଭରକ ଥିବୁ ଭେରକୁ, ଚ ଗ୍ରୂଦ ପନଇ କେହି ନ ରହିବେ ସତ ଉପୁଜିବ ସତରକୁ ।'

୨୦ । ଆଗେ ଆମ ଅମଳରେ ଦିନେ ଦିନେ ଦିହ ବ୍ୟସ୍ତ ହେଲେ ଆମେ ଘରେ ପଶି ରହୁଥିଲୁଁ । ଏବ ପିଲାଙ୍କର ତ ରୋଗ ଯଉଛି, କଣ୍ଠ ନାହିଁ, ବାବୁଙ୍କର ମନଟା ଖରାପ ହୋଇ ଯାଉଛି, ବାବୁ ଘରେ କବାଟ ଦେଇ ପଶୁଛନ୍ତି, କାହାକୁ ଗୁହାରି ନାହାନ୍ତି, ଗାଲରେ ହାତ ଦେଇ ବସୁଛନ୍ତି । କରେ, ଖାଉଚ, ପିନ୍ଧୁଚ, ଖରଚ କରୁଚ, ମୁଣ୍ଡରେ ପ୍ରଜା କାଟୁଚ, ଦବୁ କରୁଚ, ଆଉ ମନ ଖରାପ ହେଲା କିମିତି ? ଏଣେ ଘରେ ଆପଣା ବାପ ମଲା ବେଳକୁ ଟୋପାଏ ଲୁହ ବୋହିବାକୁ ନାହିଁ, ଦାଣ୍ଡରେ କୁକୁରଙ୍କର ଗୋଟାଏ ମରିଗଲେ ବାବୁଙ୍କ ମନଦୁଃଖର ସୀମା ନାହିଁ । ବାପଙ୍କ କ୍ରିୟା ବନ୍ଦ, ଏଣେ ...

Digitized by srujanika@gmail.com

ବହି ଛପାଉଛନ୍ତି । ସେଥିରେ ବେଲକୁ ଟଙ୍କା ମିଳୁଛି । ହିଁ, ଭାରତର ତ ଦଶା ! ଯୁଗର ଗତି ଏ ! ଇସ୍କୁଲର ପାଠ ପଢ଼ିବାକୁ ଅନେକ ଜଣ ମିଛରେ ମିଛରେ ନାହିଁ କରୁଥିଲେ । ସେହି ପାଠରୁ ତ ସବୁ ନାଶ ହୋଉଛି, ମଦ ଖାଅ, ମାଂସ ଖାଅ, ଦେବତା ବ୍ରାହ୍ମଣ ମାନ ନା, ବାପକୁ ଗୋଇଠା ମାର, ମାଇପେ ଉପରେ ବସନ୍ତୁ !

୨୧ । ବିଷ୍ଣୁ ବିଷ୍ଣୁ ବ୍ରାହ୍ମଣଙ୍କ ମର୍ଯ୍ୟାଦା ବୁଡ଼ିଗଲା । ବ୍ରାହ୍ମଣେ ଏବେ ଶୂଦ୍ରକୁ ହାତ ଦେଖେଇଲେଣି । ଏତିକି ଜାତି ଯାଉ ସବୁ ଯିବ । ପୂର୍ବ ଧର୍ମ ସବୁ କୁଆଡ଼େ ଚାଲିକି ଗଲାଣି । ପାଣପଡ଼ାଣଙ୍କ ପକ୍ଷରେ ଶଙ୍ଖ ଶଙ୍ଖ ହେଉଛି, ବ୍ରାହ୍ମଣ ବୈଦିକକୁ କିଏ ଚାହିଁ । ଦେବତାଙ୍କୁ କି ମାନିଲେ, ବିଷ୍ଣୁ ବିଷ୍ଣୁ ସଂସାରଟାଯାକ ନାସ୍ତିକ ହୋଇ ଗଲେ । ଏବେ 'ଦାଣ୍ଡିକ ଡାଲି ବୈଦିକ ବ୍ରାହ୍ମଣକୁ ଲାଞ୍ଛନା ।'

୨୨ । ଏବେ ପାପ ବେଶି ହେଲାରୁ ଅଶୁଭଳକ୍ଷଣ ପଞ୍ଚତତ୍ତ୍ୱ ମଧ୍ୟ ଅଶ୍ରୁ ଦେଖା ଯାଉଛନ୍ତି । ଲୋକେ ବେଶି ମାରିଦେଇ ହେଉଛନ୍ତି । ପୃଥିବୀରୁ ଶସ୍ୟହାନି ହେଉଛି, ଗାଁ ଗାଁ ବୁଲି ମା ପଶୁଛନ୍ତି । ଲୋକଙ୍କ ପରମାୟୁ ହାନି ହେଉଛି । ଠିକ ଅଛି 'କଳି ବୃତ୍ତାନ୍ତ ଏମନ୍ତ ହୋଇ, ଅଜା ଥାଉ ଥାଉ ମରିବ ନାତି ।'

୨୩ । ଆଗେ ମାଇପେ ତ ଏବେ ଭଳିଆ ନ ଥିଲେ । ଆଗେ ଦଶଘର ଘରବାଡ଼ି, ଝାଡ଼ୁ ପୋଛା, ପାଣି ବୋହି ବୋହି ବୁଡ଼ି ଦେଉଥିଲେ । ଏବେ ଖଟପଲଙ୍କ ଉପରେ ଗଡ଼ ହେବାକୁ ନାହିଁ । ସେଥିରେ ପୁଣି ଦମ୍ଭ ବ୍ୟସ୍ତ ।

୨୪ । ଆମ ବେଳେ ଥିଲା ମୁଠାଏ ଭଲ ଜାଗା ଶାଢ଼ି, ପଦାରେ ଛଅଣିଆ ପଞ୍ଚାଳକର ଶାଢ଼ି, ଚାରିଅଣିଆ ମାଠ, ଆଉ ବଡ଼ ହେଲେ ଟଙ୍କାକିଆ ଯାମାକୁ ଯଥା ଯୋତ୍ରେ ହେଲେ ଭାରି ବଡ଼-ଲୋକିଆ ପୋଷାକ ହେଲା । କିନ୍ତୁ ଏବେ ଘରେ ଗଡ଼ ମରୁଥାଅ ପଛକେ ପଦାରେ ଯଦି ସଭିଳ ନ ହେଲେ ନ ଚଳେ । ଘରେ କୁଡ଼ି ପେଟ ଉପା, ଏଣେ ଦାଣ୍ଡ ଟେଣ୍ଟାରେ କଣରେ ଟିଅଦ ଛ ମଣ୍ଡୁଛି । ଅଡ଼କାଳି ପଦା ଛଟା ବେଶି ବଢ଼ିଛି ।

୨୫ । ଅଜକାଲି ଶିକ୍ଷିତ ବାବୁମାନଙ୍କ ମୁହଁରେ ସ୍ତ୍ରୀମାନଙ୍କୁ ପୁରୁଷମାନଙ୍କ ସମାନ ଅଧିକାର ଦିଆ ଯାଉ ବୋଲି ଚହଳ ପଡ଼ିଛି । ସେଥିରେ ସାହେବ ଲାଟଙ୍କ ଦ୍ୱାହି ଦେଉଅଛନ୍ତି । ଅରେ ବାବୁ ! ଥରେ ସାହେବଙ୍କ ଘର ଦେଖି ଆସିଲ ଭଲା, ସେଠେଇଁ ସ୍ତ୍ରୀ ପୁରୁଷ ମଧ୍ୟରେ କେତେ ପ୍ରଭେଦ ରହିଛି । ସ୍ତ୍ରୀମାନେ ଭଲା ପାଇଜାମା କୋଟ ପିନ୍ଧି ବାହାରନ୍ତି କାହିଁକି ? ତୁମେ ଯେତେ ବକ୍ତୃତା ଝାଡୁଥାଅ, ସ୍ତ୍ରୀମାନେ ଜନ୍ମ ହୋଇ ଅଛନ୍ତି ପୁରୁଷଙ୍କ ସେବାଦାସୀ । ତୁମେ ତାକୁ ବଦଳାଇବ କିପରି ? ସେପଡ଼େ ଉତ୍ତମ ଚାଲି ହେଲେ ମାଇପଙ୍କ ହାତ ରହିବ, ପୋଷାକିଆ ଭାଷା ହେବ, ନାଚିବା ପୋଡ଼ା ହେବ, ଚିଲ ଚିଲି କାନ୍ଦିବେ, ଏଥିରେ ଆଉ ସନ୍ଦେହ କଣ ?

(ଏ ଲେଖାଟାରେ ଅଶ୍ଳୀଳ କେଉଁଠି ପଦ ପଂକ୍ତିରେ ଅଛି, ନମୁନା ଦେଖି ପାଠକେ ଅନୁମାନ କରି ନେବେ ।

ଶ୍ରୀ ଦୁର୍ମୁଖ ଶର୍ମା ।

ଅକମାଳିକା । (୩)

ବଜେ—ବିଜୟର ଅପଭ୍ରଂଶ । ଯଥା—"ଜୟଭୁ ଜୟଭୁ ହେବ !" 'ବିଜୟୀ ବୀର ବଜପ୍ରେ ବର ମିଳା ମେଥିନାପୁର ।' 'ବରନ୍ତୁ ମଥୁର ବଜପ୍ରେ ଦାଣ୍ଡ ଦେଖ ସଙ୍ଗାତ ।'

ଟପ—ବୃକ୍ଷାଗ୍ର । top

ଗୋଷ୍ଠ—ପଲ herd—ଅମୁକର ଗୋଷ୍ଠ ମଧ୍ୟ, ଦୁଇ ଗୋଷ୍ଠ ଗୋରୁ ଅଛନ୍ତି ।

କାଳବା—ଭଡ଼ ଅଣିବା; ଅତ (ଶ୍ରୀ ... କା

Digitized by srujanika@gmail.com

ମୃଗୟା) କଲାବେଳେ ଯେଉଁ ସ୍ଥାନରେ ମୃଗୟା କରିବାକୁ ହୁଏ, ସେ ସ୍ଥାନକୁ ଲୋକେ ଘେରି ଅଳ୍ପ ଯେଗ ରହନ୍ତି, ନିର୍ଦ୍ଦିଷ୍ଟ ସମୟରେ ନାନାପ୍ରକାର ବାଜା ବଜାଇ ବିକଟ ଶବ୍ଦ କରି ଲୋକେ କେନ୍ଦ୍ରାଭିମୁଖରେ ଅଗ୍ରସର ହୁଅନ୍ତି; ବନ୍ୟ ପଶୁମାନେ ଭୀତ ହୋଇ ଘେରି ଅଳ୍ପ ସେହି କେନ୍ଦ୍ରଭୂମିକୁ ଲୋକଙ୍କ ଆଗେ ଆଗେ ଅସମ୍ଭ ଅନ୍ୱେଷଣରେ ପଳାଇ ଆସନ୍ତି। ସେତେବେଳେ ଶିକାରୀମାନେ ବନ୍ଧୁକ କାଣ୍ଡାଦିଦ୍ୱାରା ସେମାନଙ୍କୁ ବଧ କରନ୍ତି। ଏହାକୁ କାଳଦା କହନ୍ତି।

ହାଲିଆ—ବେହାଲ, କ୍ଳାନ୍ତ, tired—ଦଉଡ ଦଉଡ ହାଲିଆ ହେଲଣି; ରୋଗ ଲକ୍ଷଣାରେ ପଡ ପଡ ହାଲିଆ ହେଲଣି।

କାଉଳ—ବ୍ୟତିବ୍ୟସ୍ତ, ତଡାଏ ପାଣିପାଇଁ କାଉଳ ହୋଇ ପଡ଼ାଉଅଛନ୍ତି।

ଅର୍କ୍କନ—ବ୍ରାହ୍ମଣଙ୍କ ଚୂଡ଼ାଦହି ଖାଇଯିବା।

ଅଙ୍ଗୁଠିଆ—ମାପ ବିଶେଷ, ଏହାଦ୍ୱାରା ପ୍ରଧାନତଃ ସ୍ନେହଦ୍ରବ୍ୟ ମପା ହୁଏ। ଟଙ୍କା ସେରକ ଛ ଅଙ୍ଗୁଠିଆ।

ମୂଲା—ଟଙ୍କା ଦୁଇ ସେରରେ ଏକ ମୂଲା।

ଛାମ୍ପି—ଗଉଣି—ଟଙ୍କା ଦେଢ଼ ସେରରେ ଏକ ଛାମ୍ପି।

ଓକିଲ—ଦୂତ, ମଧ୍ୟଦେଶରେ ଓକିଲ ହେବା ପାଇଁ ବହୁ ବିଦ୍ୟା ବୁଦ୍ଧି ଆବଶ୍ୟକ। ଗଡ଼ଜାତରେ ଓକିଲ କହିଲେ B. L. Pleader ପ୍ରଭୃତି ମନେ କରିବା ଉଚିତ ନୁହେ; ଗଡ଼ଜାତରେ ଓକିଲ ହେବା ପାଇଁ ବିଦ୍ୟା ବୁଦ୍ଧି ଆବଶ୍ୟକ ନାହିଁ, ଦୁଇ ପଦ ମାମୁଲି କଥା କହି ପାରିଲେ ହେଲା; ଅନେକ ସମୟରେ ତାହା ମଧ୍ୟ ଆବଶ୍ୟକ ନାହିଁ। ରାଜା ବା ସମ୍ଭ୍ରାନ୍ତ ଲୋକମାନଙ୍କ ନିକଟକୁ ଯେ ଚେହାର ବା ସଂବାଦ ନେଇଯାଏ ତାହାକୁ ଓକିଲ କହନ୍ତି।

ନହୁଣି—ବିଶେଷ ଅଭ୍ୟର୍ଥନା।

ଅଳସ—ରୁଗ୍ଣ sick—ରାଜାଙ୍କ ଶରୀର ଅଳସ ହୋଇଛି।

ପଦା—ପଡିଆ, ଯେଉଁ ଜମିରେ ଧାନ ହୁଏ ନାହିଁ, କେବଳ ନୈମିତ୍ତିକ ଫସଲ ହୁଏ।

ଟଙ୍ଗା—ଚିଠି ପତ୍ର ବା ଜିନିଷ ପଠାଇବାର ଗୋଟିଏ ବିଶେଷ ପ୍ରଥା ଅଛି। ଚିଠି ପତ୍ର କୌଣସି ଗ୍ରାମର ଚୌକିଅକୁ ଦେଇ ଗନ୍ତବ୍ୟ ଠିକଣା କହି ଦେଲେ ସେ ତାହା ନେଇ ନିକଟସ୍ଥ ଗ୍ରାମ ଚୌକିଅକୁ ଦେଇ ଆସେ, ସେ ସେହିପରି ସେ ଗ୍ରାମର ନିକଟସ୍ଥ ଗ୍ରାମ ଚୌକିଅକୁ ଦେଇ ଆସେ, ଏହିପରି ଅନାୟାସରେ ବିନାବ୍ୟୟରେ ଚିଠି ପତ୍ର ଗନ୍ତବ୍ୟ ସ୍ଥାନରେ ପହଞ୍ଚେ। ସାଧାରଣତଃ ଏପରି ଚିଠିକୁ ଖଣ୍ଡେ ଛୋଟ ବାଉଁଶ ବା କାଠିକୁ ଟିକିଏ ଚିରି ଦେଇ ତାହାଦ୍ୱାରା ଚମୁଟାରେ ଧରଣୀ ପର ଧରି ନେଇ ଯାନ୍ତି।

ଧନ୍ଦା—ଯେ ଜରୁରୀ ଚିଠି ପତ୍ର ଦ୍ରୁତ ବେଗରେ ଦଉଡି ନେଇଯାଏ।

ଉପାଧି—ବିଶେଷ ଅଧିକାର ବା ଅନୁଗ୍ରହ।

ଅନ୍ତର—ରାଜା ଔରସରୁ ଅନ୍ତଃପୁରବାସିନୀ ରକ୍ଷିତା (Maid servant) ଗର୍ଭରେ ଜାତ ସନ୍ତାନ। ଏହିପରି କନ୍ୟାପ୍ରସୂତିକୁ 'ଦେଈମା' ପୁତ୍ରପ୍ରସୂତିକୁ 'ସିଂହମା' କହନ୍ତି।

ପ୍ରତ୍ୟନ୍ତର—ଅନ୍ତର ଔରସରୁ ରକ୍ଷିତାଗର୍ଭଜାତ ସନ୍ତାନ।

ପୁସ୍ତ—ପ୍ରତ୍ୟନ୍ତର ଔରସରେ ରକ୍ଷିତାଗର୍ଭଜାତ ସନ୍ତାନ।

ପ୍ରାଣ—ପୁସ୍ତ ଔରସରେ ରକ୍ଷିତା ସ୍ତ୍ରୀର ଗର୍ଭଜାତ ସନ୍ତାନ।

Digitized by srujanika@gmail.com

ସଦର—କୌଣସି ରାଜକାର୍ଯ୍ୟ ମୁଖ୍ୟଙ୍କୁ ଅଂଶୀଦ ଭାବରେ ଗ୍ରହଣ କରିବାନିମିତ୍ତ ଯାହି ନିର୍ଦ୍ଧାରିତ ରାଜକାର୍ଯ୍ୟ ପ୍ରକାଶ୍ୟ ସଭା ।

ହାଗର—ପ୍ରାପ୍ୟ ।

କେଳା—ଚକଦତ୍ତ ସ୍ଥାନ ବା ମେଣ୍ଟ ।

ପରିବାର କରିବା—ରାଜାଙ୍କ ଦରବାରରେ ଦୁଃଖ ଜଣାଇବା, ନାଲିଶ କରିବା ।

ଝୁଣିବା— ଫଳ ଝୋଟିବା ପାଇଁ ଗଛକୁ ହଲେଇବା ।

ବନ୍ଧ—ଜଳାଶୟ; ପାର୍ବତ୍ୟ ପ୍ରଦେଶରେ ଭୂମି ଅସମାନ୍. ପାହାଡ଼ ପ୍ରଭୃତିରେ ଛେଳିଭରେ ଅନ୍ତରାଳରେ ବା କୋଣ ପାଖରେ ବନ୍ଧ ପକାଇଲେ ବା ପ୍ରାଚୀର ଦେଲେ ଦଉଟି ପାହାଡ଼କୁ ବନ୍ଧଦ୍ୱାରା ସଂଯୁକ୍ତ କରି ଦେଲେ ପାହାଡ଼ର ପାଣି ଗଡ଼ି ଆସି ସେଠାରେ ସଞ୍ଚିତ ହୁଏ । ପ୍ରୟୋଜନାନୁସାରେ ବନ୍ଧ କାଟି ଦେଲେ ପାଣି ମାଡ଼ି କ୍ଷେତର ଶସ୍ୟ ରକ୍ଷା କରେ । ବନ୍ଧଦ୍ୱାରା ଜଳ ରକ୍ଷିତ ହୁଏ ବୋଲି ଜଳାଶୟର ସାଧାରଣ ନାମ ବନ୍ଧ । ଅନାବୃଷ୍ଟିକାଳରେ ଶସ୍ୟରକ୍ଷାର ଏଗୁଡ଼ିକ ପ୍ରଧାନ ଅବଲମ୍ବନ ।

କମ୍ବୁଣୀ—ଜଳ-ଅସ୍ପୃଶ୍ୟ ସ୍ତ୍ରୀଲୋକ; ଯେଉଁମାନେ କ ଘର ଲିପାପୋଛା ପ୍ରଭୃତି କାର୍ଯ୍ୟ କରନ୍ତି, ହାଟ ବଜାରରୁ ପରିବା ପତ୍ର ଆଣି ଦଅନ୍ତି । ମୋଗଲବନ୍ଦିର ବାଉରି ଶ୍ରେଣୀର ଲୋକ ।

ମେଘ ଏଠି କେ ନାହିଁ—ଶୃଗାଳ ଏଠାରେ ହୁଏ ନାହିଁ ।

ଏଡା (କାବ୍ୟାଲଙ୍କାର) ସେଠଟା—କୌଣସି ପଦାର୍ଥର ନାମ ମନେ ନ ପଡ଼ିଲେ, ମୋଗଲବନ୍ଦି ଅଞ୍ଚଳରେ ପ୍ରାୟ କହନ୍ତି (ମନେ ପଡ଼ୁ ନାହିଁ) ସେଟା ନାହିଁ । ସେହିପରି ଗଡ଼ଜାତ ଅଞ୍ଚଳରେ ଏଡା ବ୍ୟବହାର ହୁଏ ।

ଦୁନ୍ଦା—ଏ

ଦଣ୍ଡା—ବୟଃପ୍ରାପ୍ତା ଅବିବାହିତା ସ୍ତ୍ରୀଲୋକ

ଟୋକଲ — ବାଳକ

ନନା—ଝିଅ

ଅପା—ଭଉଣୀ

ବୁଆ—ବାପ

ଅତା—ପିଉସୀ

ଦାଣ୍ଡେ ବା ଦାଙ୍କେ—ଏଡ଼େ

ଗୁଖା—ବଡ଼

ନାନୀ—ଧାତ୍ରୀକା ସାଧାରଣ ଅର୍ଥ, ବିଶେଷତଃ ରାଜ-ଅନ୍ତଃପୁରସ୍ଥା ବ୍ରାହ୍ମଣୀ.

ଅଢ଼ିଆ—ସିଧା, ସଖା, ଆଗନ୍ତୁକମାନଙ୍କୁ ଚାଉଳ ଡାଲି ପ୍ରଭୃତି ଯାହା ଦିଆ ଯାଏ ।

ମାଖନ—କୋଠଭଣ୍ଡାରୁ (ମୋଗଲବନ୍ଦି ଲୋକେ ଶୁଣିଲେ ଅବଶ୍ୟ ଚମକି ପଡ଼ିବେ)

ପେଣ୍ଡ୍ରା—ସାଧାରଣତଃ କଲରାପତ୍ରିଆ ବାଘ (spotted tiger), କୌଣସି କୌଣସି ସ୍ଥାନରେ ବଡ଼ ବାଘ(Royal Bengal tiger) କୁ ମଧ୍ୟ ପେଣ୍ଡ୍ରା କହିବାର ଶୁଣାଯାଏ ।

କଳଞ୍ଚ—ଖାସି ମେଣ୍ଢା

ବୁକା—ବୋଦା

ବେଣ୍ଟା—ଘର ଚାଳର ଛନ

ଲୁଡ଼—କାନ୍ଥ

ଯେଜିବା—କଣିବା

ଯାଏ—ଥରେ

ସାଲିବା—ସଜାଡ଼ ରଖିବା (ମୋଗଲବନ୍ଦିରେ ମଧ୍ୟ ଏ ପ୍ରୟୋଗ ଅଛି)

ଝୁଣ୍ଟ—ଏକାର ଶବ୍ଦ ଗୋଟିଏ ଅର୍ଥ ଚୁଣି ଖାଉଛ ।

କେବଳ—ଭୁଲ, ଯଥା—କେବଳ କେବଳ ମୋ ପ୍ରାଣ ଗଲାଣି ।

ଅଗଜାଡ଼—ପେଟ } ଅବଶ୍ୟ ଶରୀର-ଉଦର ଓ
ପଛଜାଡ଼—ପିଠି } ଶରୀର-ପୃଷ୍ଠ

Digitized by srujanika@gmail.com

ଦେଖା—୫୦
ଉତ୍ତର—ହୈମନ୍ତିକ ଫସଲ ପାଇଁ ପାହାଡ଼ ଜଳ
ଜଙ୍ଗଲ ପରିଷ୍କାର କର ଯେଉଁ ଜମି

ଆମାଦି କର ସୁଧା । (ସ୍ତ୍ରୀଲୋକ କଥା
ଚଞ୍ଚଳ ଗର୍ଭ ଜଙ୍ଗଲ ପରିଷ୍କାର
ଅଥବା ସେବକ ହୁଏ)

ଶ୍ରୀ —

ସମାଜସଂସ୍କାର ସମ୍ବନ୍ଧରେ କେତୋଟି କଥା ।

୧ । 'ଉତ୍କଳ ସାହିତ୍ୟ'ରେ 'ସାମାଜିକ ସତ୍ୟାସତ୍ୟ' ପ୍ରବନ୍ଧର ଅନ୍ତର୍ଗତ ସମାଜସଂସ୍କାର ଅଧ୍ୟାୟ ପାଠ କରି ସବିଶେଷ ଆନନ୍ଦିତ ହେଲି। ବର୍ତ୍ତମାନ ସମୟରେ ଏ ଦେଶରେ ସମାଜସଂସ୍କାର ଆଉ ବାକ୍ୟର ବିଷୟ ନୁହେ । ପୃଥିବୀଟା ଯେପରି ପ୍ରବଳ ବେଗରେ ଚାଲୁଅଛି—ଏହି ଊନବିଂଶ ଶତାବ୍ଦୀ ମଧ୍ୟ ଚାଲିଗଲା, କାହାରି ମୁଖାପେକ୍ଷା କଲା ନାହିଁ—ପୃଥିବୀର ବାହାରେ ଅବସ୍ଥିତ ହେଲେହେଁ ପାଶ୍ଚାତ୍ୟ ସଭ୍ୟତାର ଭୂମିକମ୍ପ ତାହାକୁ ମଧ୍ୟ ଯେପରି ଆନ୍ଦୋଳିତ କରୁଅଛି, ସେଥିରେ ଯଦି ବାତାତୁରଙ୍କ ଭବିଷ୍ୟଦ୍‌ବାଣୀ ସଫଳ ନ ହୋଇଥିଲେହେଁ ଚକ୍ଷୁଷ୍ମାନ୍ ବ୍ୟକ୍ତି ଦେଖୁଅଛନ୍ତି ଯେ ସମଗ୍ରସ୍ଥାନବ୍ୟାପୀ ଏହି ମହାଭୂମିକମ୍ପ ବହୁଦୂରବର୍ତ୍ତୀ ନୁହେ । ସୁତରାଂ ଗୃହସଂସ୍କାର ଅବଶ୍ୟକର୍ତ୍ତବ୍ୟ, ନହୁବା ଜୀର୍ଣ୍ଣ ଗୃହର ଭାରରେ ମୃତ୍ୟୁ ଅନିବାର୍ଯ୍ୟ ହେବ। ଏହି ଜୀର୍ଣ୍ଣସଂସ୍କାରରେ ଯେ ଗୃହର ଅନେକ ଅଂଶର ଭିତ୍ତିମୂଳ ପର୍ଯ୍ୟନ୍ତ ଉତ୍ପାଟନ କରିବାକୁ ହେବ, ତାହା ବୋଲିବା ବାହୁଲ୍ୟ । ପ୍ରକୃତ ସଂସ୍କାରପାଇଁ ପ୍ରାଚୀନ ପ୍ରତି ମମତା ଯଥୋଚିତପରିମାଣରେ ହ୍ରାସ କରିବାକୁ ହେବ । ଅତୀତର କଥା ଭୁଲି ଭବିଷ୍ୟତ ଭୂମିକମ୍ପର କଥା ମନେ କରିବାକୁ ହେବ । ମନେ ରଖିବାକୁ ହେବ ଯେ ଘରପାଇଁ ମନୁଷ୍ୟ ନୁହନ୍ତି, ମନୁଷ୍ୟପାଇଁ ଘର । ଶାରୀରିକ ରୋଗବିଶେଷରେ ଯେପରି ଗୋଡ ବା ହାତ କାଟି ପକାଇ ଶରୀର ରକ୍ଷା କରିବାକୁ ହୁଏ—କାରଣ ଶରୀରପାଇଁ ହାତ, ହାତର ମମତାରେ ସମଷ୍ଟିକୁ ବିନାଶ କରିବା ମୂର୍ଖର କାର୍ଯ୍ୟ,—ସେହିପରି ଏହି ସଂସ୍କାର କାର୍ଯ୍ୟରେ ମଧ୍ୟ ଭବିଷ୍ୟତ ଉପରେ ଅଧିକ ଦୃଷ୍ଟି ରଖି ମାତ୍ର ମମତା ପ୍ରଭୃତି ମାନସିକ ଭାବନାଗୁଡ଼ିକୁ (sentiments) ଖର୍ବ କରିବାକୁ ହେବ । ସେଥିରୁ ଭବିଷ୍ୟତ ଆଦର୍ଶକୁ ଲକ୍ଷ୍ୟ ସ୍ଥାନରେ ରଖି ସମାଜସଂସ୍କାର କାର୍ଯ୍ୟରେ ପ୍ରବୃତ୍ତ ହେବାକୁ ହେବ । ଏଥିରେ ଯାହା ରହିବ ରହୁ, ଯାହା ଯିବ ଯାଉ । ସଂସ୍କାରର ଏହାହିଁ ମୂଳ ମନ୍ତ୍ର । ସମାଜକୁ ଆଦର୍ଶ ଆଡ଼କୁ ନେଇ ଯିବାକୁ ହେବ—ଏହାହିଁ ସଂସ୍କାରକଙ୍କର ପ୍ରଧାନ ଲକ୍ଷ୍ୟ। ଅନ୍ୟ କୌଣସି ଆଡ଼କୁ ଦୃଷ୍ଟିପାତ କରିବାର ଅଧିକାର ତାଙ୍କର ନାହିଁ । ପୂର୍ଣ୍ଣ ଆଦର୍ଶ ଯେନ କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହେବାର ସମୟ ଉପସ୍ଥିତ ।

୨ । ଲେଖକଙ୍କ କଥା ସମ୍ପୂର୍ଣ୍ଣ ଅନୁମୋଦନୀୟ । "half measure" ରେ ଆଉ କାର୍ଯ୍ୟ ଚଳିବ ନାହିଁ । ଆଜି ଗୋଟିଏ ଧରିଲ, କାଲି ଅନ୍ୟଟି ଧରିଲି, ତାହା ନୁହେ । ଯାହା ଧରିଲି ତାହା ନଷ୍ଟ କରିବ, ସେଥିରେ ଜୀବନ ରହୁ ଅବା ଯାଉ । ଏହାହିଁ ସଂସ୍କାରକଙ୍କର କାର୍ଯ୍ୟଗତ ରୀତି ।

୩ । ସଂସ୍କାରର ଆଦର୍ଶ (ideal) ଓ ପ୍ରକୃତ (real) ଏହି ଦୁଇ ବିଷୟର ଏକତା ଓ ବିଭିନ୍ନତା ବିଶେଷଭାବରେ ହୃଦୟଙ୍ଗମ କରିବା କର୍ତ୍ତବ୍ୟ । ମନେ ରଖିବାକୁ ହେବ ଯେ ଆଦର୍ଶ କେବେହେଁ ପ୍ରକୃତ ହୋଇ ପାରେ ନାହିଁ, ତାହାହେଲେ ତାହାର ଆଦର୍ଶତ୍ୱ ବିନଷ୍ଟ ହୁଏ । ପୁଣି ପ୍ରକୃତ ଯେ ଆଦର୍ଶର ପୂର୍ବଭାଗ ତାହା ଭୁଲି ଗଲେ ଉନ୍ନତି ଏକାବେଳକେ ଅସମ୍ଭବ । ଅନୁକରଣରେ କୌଣସି ଦୋଷ ନାହିଁ, ଯଦି ସେହି ଅନୁକରଣ

Digitized by srujanika@gmail.com

ପ୍ରକୃତକୁ ଆଦର୍ଶର ନିମ୍ନସ୍ତରର ସୋପାନରେ ଆନୟନ କରିଥାଏ । ଯାହାର ଅନୁକରଣ କରୁଅଛୁ, ତାହାର ଆଦର୍ଶ ଯଦି ଯୋଗ୍ୟ ଆଦର୍ଶ ସଙ୍ଗେ ଏକ ହୁଏ, ତେବେ ସେ ଅନୁକରଣ ଉଚିତର ସୀମାରୁ ବାହାର କରିଦିଏ । ଏପରି ସ୍ଥଳରେ ଜାତୀୟ ଜୀବନ ସଂଗଠନରେ ଅନୁକରଣର ସ୍ଥାନ ଉଚ୍ଚ ନୁହେଁ । ଏଠାରେ ମୌଳିକତା (Originality) ଅପେକ୍ଷା ଅନୁକରଣ (imitation) ଶ୍ରେଷ୍ଠ । ଏଥିରେ ଅନେକ ପରିଶ୍ରମ ଊଣା ହୋଇଯାଏ । ସୁତରାଂ ଆମ୍ଭେମାନେ ଲେଖକଙ୍କର "ପରଦେଶର ଅନୁକରଣରେ ସ୍ୱଦେଶ ଉନ୍ନତ ହୁଏ ନାହିଁ ।" କଥାଟି ଅନୁମୋଦନ କରି ପାରିଲୁ ନାହିଁ— ବିଶେଷତଃ ଯେତେବେଳେ ବଙ୍ଗଦେଶ ସଙ୍ଗରେ ଓଡ଼ିଶାର ସମ୍ବନ୍ଧ କଥା ବୋଲା ଯାଉଅଛି । ଓଡ଼ିଶାର ପ୍ରକୃତ ଓ ଆଦର୍ଶ ସଙ୍ଗରେ ବଙ୍ଗଦେଶର ପ୍ରକୃତ ଓ ଆଦର୍ଶର କୌଣସି ପାର୍ଥକ୍ୟ ଥାଇ ନ ପାରେ; କାରଣ ଉଭୟ ଭାରତର ଅଙ୍ଗ । ବଙ୍ଗଦେଶର ଯେଉଁ ଆଦର୍ଶ, ଓଡ଼ିଶାର ମଧ୍ୟ ସେହି ଆଦର୍ଶ । ବର୍ତ୍ତମାନ ଆଦର୍ଶ ଧରି ଉଭୟଙ୍କୁ ଚାଲିବାକୁ ହେବ । ସେଥିରେ ଜଣେ ଯଦି ଅନେକ ଦୂର ଅଗ୍ରବର୍ତ୍ତୀ ହୋଇଥାଏ, ସେତ ଭଲ କଥା । ପଥ ଦେଖିବାର ସୁବିଧା ହେଲା, ଅଗ୍ରବର୍ତ୍ତୀର ଅଭିଜ୍ଞତାର ଫଳ ଲାଭ କରି ପଶ୍ଚାଦ୍‌ବର୍ତ୍ତୀର କାର୍ଯ୍ୟ କରିବାର ସୁବିଧା ହେଲା । ଓଡ଼ିଶାକୁ ଓଡ଼ିଶାର କ୍ଷୁଦ୍ର ଗଣ୍ଡି ମଧ୍ୟରେ ବନ୍ଦ ଦେଖିଲେ ଚଳିବ ନାହିଁ । ବର୍ତ୍ତମାନ ଉଦାର ଭୂମିରେ ଦଣ୍ଡାୟମାନ ହୋଇ ପର୍ଯ୍ୟାଲୋଚନା କରିବାକୁ ହେବ । ଭାରତୀୟ ଜାତୀୟ ଜୀବନର ପ୍ରଶସ୍ତ ଭୂମିରୁ ପୃଥକ୍ କରି ଓଡ଼ିଶାକୁ ଦେଖିବା ଓ ତାହା ସମ୍ବନ୍ଧରେ ବିଚାର କରିବା ଏବଂ ଓଡ଼ିଶାର ଅସ୍ତିତ୍ୱ ବିଲୋପ କରିବା ଏକା କଥା । ଲେଖକଙ୍କ ଲେଖା ମଧ୍ୟରେ ଏହିପରି ସଙ୍କୀର୍ଣ୍ଣତାର ଆଭାସ ସ୍ଥାନେ ସ୍ଥାନେ ଯଥେଷ୍ଟ ଅଛି । ଓଡ଼ିଶା ସଙ୍ଗରେ ବଙ୍ଗର ଆତ୍ମୀୟ ବ୍ୟବହାରରେ ଯେପରି ପ୍ରଭେଦ ଅଛି, ପୂର୍ବ ବଙ୍ଗ ସଙ୍ଗରେ ପଶ୍ଚିମବଙ୍ଗର ମଧ୍ୟ ସେହିପରି ଅଛି । ଯଦି କେହି କହେ ଯେ ପୂର୍ବବଙ୍ଗପକ୍ଷରେ ପଶ୍ଚିମବଙ୍ଗର କାର୍ଯ୍ୟ ସ୍ୱୀକାର କରିବା କର୍ତ୍ତବ୍ୟ ନୁହେଁ, ତେବେ ତାହା ମୂଢ଼କଳ୍ପର ପ୍ରଳାପୋକ୍ତି ବୋଲି ଗୃହୀତ ହେବ । ବର୍ତ୍ତମାନ ଯୁଗରେ ସଙ୍କୀର୍ଣ୍ଣତା ଓ ମୃତ୍ୟୁ ଏକା କଥା ।

୪ । 'ସତ୍ୟ ଶ୍ରେଷ୍ଠ' ପାଠ କରି ଏହିପରି ମନେ ହେଉଅଛି ଯେ ଓଡ଼ିଶାରେ ସଂସ୍କାର କାର୍ଯ୍ୟ ବର୍ତ୍ତମାନ ଆରମ୍ଭ କରିବାକୁ ହେବ । ଲେଖକ ବ୍ରାହ୍ମସମାଜର କାର୍ଯ୍ୟ ସମ୍ପୂର୍ଣ୍ଣ ଅସ୍ୱୀକାର କଲେ କାହିଁକି ତାହା ବୁଝି ପାରିଲୁ ନାହିଁ । ଏଥିରେ କି କୌଣସି ଉଦ୍ଦେଶ୍ୟ ଅଛି ? ସେ କଣ ବ୍ରାହ୍ମସମାଜ ସମ୍ବନ୍ଧରେ—ଅବଶ୍ୟ ଉତ୍କଳରେ—ଅନଭିଜ୍ଞ ? ଓଡ଼ିଶାରେ ଯେ ବ୍ରାହ୍ମସମାଜର କାର୍ଯ୍ୟ ଆରମ୍ଭ ହୋଇଅଛି, ତାହାର ସମ୍ବାଦ ଲେଖକ ଆମ୍ଭମାନଙ୍କୁ ଦେଇ ନ ଥିଲେହେଁ ପ୍ରବନ୍ଧର ଅଭ୍ୟନ୍ତରୀଣ ସାକ୍ଷ (internal evidence) ଆମ୍ଭମାନଙ୍କୁ କହି ଦେଉଅଛି ଯେ ସେ ବ୍ରାହ୍ମସମାଜର ଅନ୍ନଜଳରେ ପରିପୁଷ୍ଟ । ଲେଖକ ସଂସ୍କାରର ଯେଉଁ ଧ୍ୱନି ଉଠାଇଅଛନ୍ତି, ତାହା ବ୍ରାହ୍ମସମାଜର କର୍ତ୍ତୃନିନାଦର ପ୍ରତିଧ୍ୱନି ମାତ୍ର । ଏହି ଧ୍ୱନି ଭାରତର ଆଉ କୌଣସି ସ୍ଥାନରେ ନାହିଁ । ଲେଖକଙ୍କ ଲେଖା ଦେଖି ମନେ ହୁଏ ଯେ ସେ ଯେପରି ଆଲୋକ ଆସିବାର ସମସ୍ତ ପଥ ବନ୍ଦ କରି ଦେଇ ଶୋଇ ରହି ଥିଲେ । ସୁତରାଂ ପ୍ରାତଃକାଳରେ ତାଙ୍କର ନିଦ୍ରାଭଙ୍ଗ ହୋଇ ନାହିଁ, କିନ୍ତୁ ମଧ୍ୟାହ୍ନର ପ୍ରଚଣ୍ଡ ମାର୍ତ୍ତଣ୍ଡତେଜରେ ତାଙ୍କର ନିଦ୍ରା ଭାଙ୍ଗି ଯାଇଅଛି । ଏହି ତେଜ ଯେ ସଂସ୍କାର-ସୂର୍ଯ୍ୟର ତେଜ ଏବଂ ଏହି ତେଜ ଯେ ତାଙ୍କର ନିଦ୍ରା ଭାଙ୍ଗିଅଛି, ତାହା ସେ ବୁଝି ପାରି ନାହାନ୍ତି । ସେଥିପାଇଁ ସେ ମନେ କରୁଅଛନ୍ତି ଯେ ବର୍ତ୍ତମାନ ଭୋର ହେଲା । ସେଥିପାଇଁ ସେ କହୁଅଛନ୍ତି ଯେ "ଉତ୍କଳରେ ମଧ୍ୟ ଗଠନର ସମୟ ଉପସ୍ଥିତ ହୋଇ ଅଛି ।" ଭଗ୍ନସ୍ତୂପରୁ ଯେପରି ନବ ଆଦୌ

Digitized by srujanika@gmail.com

ଗଠନ କାର୍ଯ୍ୟ ଆରମ୍ଭ ହୋଇ ନାହିଁ । ତାଙ୍କର ନିଦ୍ରା ମଧ୍ୟାହ୍ନ ସମୟରେ ଭାଙ୍ଗିଅଛି, କିନ୍ତୁ ସେ ମନେ କରୁଅଛନ୍ତି ବର୍ତ୍ତମାନ ବୋଧ ହୁଏ ଭୋର ହେଲା, ସେଥିପାଇଁ ସମସ୍ତଙ୍କୁ ପ୍ରାତଃକୃତ୍ୟ କରିବା ପାଇଁ ଆହ୍ୱାନ କରୁଅଛନ୍ତି । କିନ୍ତୁ ପ୍ରାତ-କୃତ୍ୟ ବହୁକ୍ଷଣରୁ ସମ୍ପନ୍ନ ହୋଇ ମଧ୍ୟାହ୍ନକୃତ୍ୟର ଆୟୋଜନ ଲାଗିଅଛି, ତାହା ସେ ବୁଝି ପାରୁ ନାହାନ୍ତି । ବୁଝି ପାରୁ ନାହାନ୍ତି ବୋଲି ସମସ୍ତେ ତାଙ୍କର ଆହ୍ୱାନର ମର୍ମ ବୁଝି ପାରୁ ନାହାନ୍ତି । ତାଙ୍କର କଥାନୁଯାୟୀ ଲୋକେ ପ୍ରାତଃକୃତ୍ୟର ଆୟୋଜନ କରିବେ ନାହିଁ, କିନ୍ତୁ ତାଙ୍କୁ ଶୀଘ୍ର ମଧ୍ୟାହ୍ନକୃତ୍ୟର ଆୟୋଜନ କରିବାକୁ ହେବ; ନତୁବା ସେ ପଶ୍ଚାତରେ ପଡ଼ି ରହିବେ । ପରେ ଉଭଣ କର୍ଷର କାର୍ଯ୍ୟ ଏକ କଲମଗାରରେ ବିଲୁପ୍ତ ହେବାର ନୁହେ । ସଂସ୍କାରକଦଳର ପରପୁଷ୍ଟି ବାଞ୍ଛନୀୟ, କିନ୍ତୁ ଉତ୍କଳରେ ଯେ ସଂସ୍କାରକଦଳର ଏକାନ୍ତ ଅଭାବ ଅଛି, ତାହା କୌଣସି ଚକ୍ଷୁଷ୍ମାନ୍ ବ୍ୟକ୍ତି ସ୍ୱୀକାର କରିବେ ନାହିଁ । ଲେଖକ ଗୋଟିଏ ଭୁଲ କରିଅଛନ୍ତି । ବ୍ରାହ୍ମସମାଜର କାର୍ଯ୍ୟରେ ଯଦି କୌଣସି ଭ୍ରମ ପ୍ରମାଦ ଥାଏ—ମନୁଷ୍ୟର କାର୍ଯ୍ୟରେ ଭ୍ରମ ପ୍ରମାଦ କେଉଁଠାରେ ନାହିଁ ?—ତାହା ସେ ତ ଦେଖାଇ ଦେଇ ପାରି ଥାନ୍ତେ । କିନ୍ତୁ ବ୍ରାହ୍ମ-ସମାଜର କାର୍ଯ୍ୟକୁ ସମ୍ପୂର୍ଣ୍ଣରୂପେ ଉପେକ୍ଷା କରି ନୂତନ କିଛି କରିବାର ଚେଷ୍ଟା ଭବିଷ୍ୟତ ଐତିହାସିକଙ୍କ ନିକଟରେ ହାସ୍ୟାସ୍ପଦ ପ୍ରତୀତ ହେବ । ଅନଭିଜ୍ଞ ନିକଟରେ ନୂତନ ହେଲେହେଁ ତାହା ଜଗତ ନିକଟରେ ନୂତନ ହେବ ନାହିଁ ।

୫ । ପ୍ରବନ୍ଧମଧ୍ୟରେ ପୂର୍ବାପର ସମ୍ବନ୍ଧର ବହୁତ ଅସାମଞ୍ଜସ୍ୟ ଅଛି । ପ୍ରଥମରେ ସଂସ୍କାର କାର୍ଯ୍ୟରେ ଅନ୍ୟଙ୍କୁ ଆହ୍ୱାନ କରି, ତାହା ଲେଖକ ପସନ୍ଦ କରି ନାହାନ୍ତି, କିନ୍ତୁ ପରେ ପୁଣି କହୁଅଛନ୍ତି "ବ୍ୟକ୍ତିବିଶେଷଦ୍ୱାରା ଏପରି କାର୍ଯ୍ୟ ହେବା ଅସମ୍ଭବ ।" ପୁନଶ୍ଚ ସଂସ୍କାରକ ଦଳର ପ୍ରୟୋଜନ । ଏହିଠାରେ କିଛି ଚିନ୍ତାବିଭ୍ରମ (Confusion of thought) ଘଟିଅଛି । ସଂସ୍କାରକାର୍ଯ୍ୟ ବ୍ୟକ୍ତି-ବିଶେଷଦ୍ୱାରା ଆରମ୍ଭ ହୁଏ, ପରେ ଦଳ ଗଠିତ ହୁଏ; ବିଶେଷତଃ ଭାରତରେ । ଏଠାରେ ଲୋକେ ପଚାରିପାରନ୍ତି, ତାହାହେଲେ ଦଳ ଉଠିବ ? ପୁନଶ୍ଚ ଦଳଗଠନର ଏକମାତ୍ର ଉପାୟ କାର୍ଯ୍ୟ । ଆଦର୍ଶ ଠିକ କର, କାର୍ଯ୍ୟରେ ପ୍ରବୃତ୍ତ ହୁଅ, ଦେଖିବ ଦଳ ଆପେ ଆପେ ଗଠିତ ହେବ । ପାଣିରେ ପଶ ପହଁରି ଶିଖ । ପହଁରା ଶିଖି ପାଣିରେ ପଶିବାର କଳ୍ପନା ବାତୁଳତା ମାତ୍ର । କାର୍ଯ୍ୟରେ ପ୍ରବୃତ୍ତ ହୁଅ, ସମବିଶ୍ୱାସିମାନଙ୍କ ସଙ୍ଗରେ ଏକତା ଆପେ ଆପେ ଘଟିବ । ଲେଖକ ଏ କଥାର ଆଭାସ ପ୍ରବନ୍ଧଶେଷରେ ଦେଇ ଅଛନ୍ତି, ପୁଣି ଅନ୍ୟତ୍ର ଭୁଲି ଯାଇ ଅଛନ୍ତି, ସେଥିପାଇଁ ଆଗ ପଛ ବିଚାର କଲେ ପ୍ରବନ୍ଧଟି ଆତ୍ମଘାତୀ (suicidal) ହୋଇଅଛି । ମଣ୍ଡଳୀ ଗଠିତ ହୁଏ କାର୍ଯ୍ୟରେ, ବାକ୍ୟ ବା ଆଲୋଚନାରେ ନୁହେ । ମଣ୍ଡଳୀ ଗଠନର ଏହାହିଁ ସନାତନ ପ୍ରଥା । ଲେଖକ ନିଜେ କହୁଅଛନ୍ତି ଯେ ରାଜା ବା ପୁରୋହିତଦ୍ୱାରା କିଛି ହେବ ନାହିଁ, ପୁଣି କହୁ-ଅଛନ୍ତି ବ୍ୟକ୍ତିବିଶେଷଦ୍ୱାରା ମଧ୍ୟ ହେବ ନାହିଁ । ତେବେ ଆଉ ଏବେ କାଳ ଭାଗନ ଶରଣ ନାହିଁକ ? ସମାଜ ରଜାଙ୍କ ହାତରେ ନାହିଁ । ପୁନଶ୍ଚ ବ୍ରାହ୍ମଣ୍ୟ ଶକ୍ତି ମଧ୍ୟ କ୍ଷୀଣ ହୋଇ ପଡ଼ିଅଛି । ବର୍ତ୍ତମାନ ସଂସ୍କାରପ୍ରବର୍ତ୍ତନାର କ୍ଷମତା କେବଳ ବ୍ୟକ୍ତିବିଶେଷଙ୍କ ଉପରେ ନ୍ୟସ୍ତ । ଲେଖକ କହନ୍ତି, ତାହା ଅସମ୍ଭବ । ତେବେ ତ ସଂସ୍କାର ଅସମ୍ଭବ । କିନ୍ତୁ ଅସମ୍ଭବ ନୁହେ । ଯେଉଁ ବ୍ୟକ୍ତି ଆଦର୍ଶ ଲାଭ କରିଅଛି, ତାହାକୁ ସେହି ଆଦର୍ଶ ଧରି କାର୍ଯ୍ୟ କରିବାକୁ ହେବ । ଅନ୍ୟ ଉପାୟ ନାହିଁ —'ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ' ।

୬ । ଲେଖକ କହନ୍ତି, ଯେପରି ରାମମୋହନ ବଙ୍ଗଦେଶରେ ଏବଂ ଦୟାନନ୍ଦ ପଞ୍ଜାବରେ, .

Digitized by srujanika@gmail.com

ସେହିପରି ଓଡ଼ିଶାରେ ମଧ୍ୟ କର୍ତ୍ତୃତ୍ୱ କରିବାକୁ ଦେବ । ଅଧିକନ୍ତୁ ଲୋକମାନେ ଜାଣନ୍ତି ଦୟାନନ୍ଦଙ୍କ କାର୍ଯ୍ୟ ରାମମୋହନଙ୍କ କାର୍ଯ୍ୟର ଅସ୍ଫୁଟ ପ୍ରତିଧ୍ୱନିମାତ୍ର । ପ୍ରକୃତ ରାମମୋହନଙ୍କ କାର୍ଯ୍ୟ ବଙ୍ଗଦେଶ ପାଇଁ ନୁହେ । ତାଙ୍କର ଆଦର୍ଶ ସାର୍ବଜନୀନ । ଯାହାଙ୍କର କାର୍ଯ୍ୟ ଦେଖି ଜ୍ଞାନୀମାନେ ତାହାଙ୍କୁ "Colaborator in the service of HUMANITY" and "One of the most enlightened benefactors of MANKIND" କହିଅଛନ୍ତି ଏବଂ ସମସ୍ତ ମାନବ ଜାତିର ନୈତିକ ଓ ଆଧ୍ୟାତ୍ମିକ କଲ୍ୟାଣ ସାଧନ ଯାହାଙ୍କ ଜୀବନବ୍ୟାପୀ ପ୍ରୟାସ ଥିଲା, ତାହାଙ୍କୁ ବଙ୍ଗଦେଶର ଗଣ୍ଡି ମଧ୍ୟରେ ଆବଦ୍ଧ କରି ଲେଖକ ନିଜର ଯୁଗାଦର୍ଶ ସମ୍ବନ୍ଧରେ ଅନଭିଜ୍ଞତା ଓ ସ୍ୱୀୟ ଚିନ୍ତାର ସଙ୍କୀର୍ଣ୍ଣତା ପ୍ରକାଶ କରିଅଛନ୍ତି । ଆଉ ଯଦି ଦୟାନନ୍ଦଙ୍କ କାର୍ଯ୍ୟ ସମସ୍ତ ପଞ୍ଜାବ ଦେଶ ପାଇଁ ସମ୍ଭବ ହୁଏ, ତେବେ ରାମମୋହନଙ୍କ କାର୍ଯ୍ୟ ଉତ୍କଳରେ ଚାଲିତ ହେବାର କୌଣସି ବାଧା ଥାଇ ନ ପାରେ ।

୨ । ଆମ୍ଭେମାନେ ପ୍ରବନ୍ଧର କେବଳ ଦୋଷ ଦେଖାଇଲୁଁ । ଏଥିରେ କେହି ଯେପରି ମନେ ନ କରନ୍ତି ଯେ ଆମ୍ଭେମାନେ ପ୍ରବନ୍ଧଲେଖକଙ୍କ ସଙ୍ଗରେ ସମସ୍ତ ବିଷୟରେ ଏକମତ ନୋହୁଁ । ମୂଳ ବିଷୟ ସମ୍ବନ୍ଧରେ ଏକମତ ବୋଲି ଏତେ ପରିଶ୍ରମ ସ୍ୱୀକାର କରି ଅବାନ୍ତର ବିଷୟର ଭ୍ରାନ୍ତି ଅପନୋଦନ କରିବା ପାଇଁ ଯତ୍ନ କଲୁଁ । ଉପସଂହାରରେ ପୁଣି କହୁଅଛୁଁ, ଲେଖକଙ୍କର ସଂସ୍କାର ପ୍ରତି ଅନୁରାଗ ଦେଖି ଆମ୍ଭେମାନେ ସାତିଶୟ ପ୍ରୀତ ହୋଇଅଛୁଁ । ପ୍ରବନ୍ଧର ଅବାନ୍ତର ଦୋଷଭାଗ ଅପେକ୍ଷା ମୂଳ ଗୁଣଭାଗ ବହୁ ଗୁଣ ଅଧିକ । ସେଥିପାଇଁ ମହାକବିଙ୍କ ସଙ୍ଗରେ ଏକମତ ହୋଇ କହୁଅଛୁଁ,—

ଏକୋହି ଦୋଷୋ ଗୁଣସନ୍ନିପାତେ
ନିମଜ୍ଜତୀନ୍ଦୋଃ କିରଣେଷ୍ୱିବାଙ୍କଃ ।

ପାଠକସ୍ୟ କସ୍ୟଚିତ୍ ।

ପ୍ରତିବାଦ-ପତ୍ର । (୨) *

ଶ୍ରୀଯୁକ୍ତ ଉତ୍କଳସାହିତ୍ୟ-ସମ୍ପାଦକ ମହୋଦୟ
ସମୀପେଷୁ ।

ମହାଶୟ !

ଆପଣ ଜଣେ ସମ୍ପାଦକ । ସମ୍ପାଦକଙ୍କ ସହିତ ପ୍ରତିବାଦ କରିବା ବାଞ୍ଛନୀୟ ନୁହେ । ନ ହେଲେ ମଧ୍ୟ ଆପଣଙ୍କର କତେକ ଯୁକ୍ତି ଓ ଏକାଂଶୀୟ ଭାବାବିଷ୍ଟତା ସାହିତ୍ୟ-ପାଠକମାନଙ୍କୁ ଜଣାଇ ଦେବା ଆବଶ୍ୟକ ବୋଧ କରି ଏହି ପ୍ରତ୍ୟୁତ୍ତର ଖଣ୍ଡିକ ଆପଣଙ୍କ ପାଖକୁ ପଠାଉଅଛୁଁ । ପ୍ରାର୍ଥନା ଏହି ଯେ ଆପଣ ବିରକ୍ତ ନ ହୋଇ ଦୟାପୂର୍ବକ ଏହା ଆପଣଙ୍କ ପତ୍ରିକାରେ ପ୍ରକାଶ କରି ଚିର-ବାଧିତ କରିବେ ।

* ଆମ୍ଭମାନଙ୍କ 'ଉତ୍ତର' ପାଠ କରି ଗଞ୍ଜାମରୁ ମହାଶୟ ଉପର୍ଯ୍ୟୁପରି ଦୁଇ ଖଣ୍ଡି ପତ୍ର ପ୍ରେରଣ କରିଅଛନ୍ତି । ପତ୍ର ଦୁଇ ଖଣ୍ଡି ପ୍ରକାଶିତ ହେଲା । ଆମ୍ଭମାନଙ୍କର ବକ୍ତବ୍ୟ ସ୍ପଷ୍ଟରୂପରେ 'ଉତ୍ତର' ମଧ୍ୟରେ ବ୍ୟକ୍ତ କରିଅଛୁଁ । ଏଠାରେ ତାହାର ପୁନରୁକ୍ତି ନିଷ୍ପ୍ରୟୋଜନ । ବର୍ତ୍ତମାନ ଓଡ଼ିଆ ଜାତିର ପରିବର୍ତ୍ତନ ଓ ଗଠନର ଦିନ । ସୁତରାଂ ଏ ଅବସ୍ଥାରେ ତାହାର ଆଦର୍ଶ ସମ୍ବନ୍ଧରେ କୌଣସି କୌଣସି କଥାରେ ଅଭ୍ରାନ୍ତରୂପେ କୌଣସି କଥା କୁହାଯାଇ ନ ପାରେ, ଏ କଥା ସତ୍ୟ । ମାତ୍ର ତାହା ବୋଲି ଯେ ଜାତିଟା ଏକାବେଳକେ ଆଦର୍ଶହୀନ, ଏହା ଆମ୍ଭେମାନେ ସ୍ୱୀକାର କରି ନ ପାରୁଁ । ଆମ୍ଭେମାନେ କେବଳ ବ୍ୟକ୍ତିଗତ ମତ ବ୍ୟକ୍ତ କରିଅଛୁଁ—ସମ୍ପାଦକୀୟ ସର୍ବଜ୍ଞତା ଦାବି କରି ନାହୁଁ କିମ୍ବା କୌଣସି 'ନୂତନମାର୍ଗ' ଘୋଷଣା କରି ନାହୁଁ । ଏ ଅଞ୍ଚଳର ଲେଖକମାନଙ୍କ

Digitized by srujanika@gmail.com

ଆପଣ କହୁଅଛନ୍ତି:—"ଏକ ଭାଷା ଭିନ୍ନ ଭିନ୍ନ ପ୍ରଦେଶରେ ଅବସ୍ଥାଭେଦଂର ଲୋକମୁଖରେ ଏବଂ ବହୁପ୍ରସ୍ଥାନର ସଂସର୍ଗରେ ପରିବର୍ତ୍ତିତ ହୋଇ ଯେଉଁ ଆକାର ଧାରଣ କରେ, ତାହା ଆମ୍ଭମାନଙ୍କ ମତରେ ଭାଷାରି ପ୍ରାଦେଶିକତା।" ଏଥିର ମର୍ମ ଆମ୍ଭେ ଠିକ୍ ବୁଝି ପାରିଲୁଁ ନାହିଁ। ମନେ କରନ୍ତୁ (କ) ବୋଲିବା ଭାଷା ଅବସ୍ଥା-ଭେଦଂର ପରିବର୍ତ୍ତିତ ହୋଇ (ଖ) ର ଆକାର ଧାରଣ କରିଅଛି। ତେବେ (ଖ) କେଉଁ ଭାଷାର ପ୍ରାଦେଶିକତା ବୋଲାଇବ? ପ୍ରବନ୍ଧଟିକୁ ଯେଉଁ ପ୍ରାଦେଶିକତାଗୁଡ଼ିକ ଆପଣ ବାଛିଅଛନ୍ତି, ତାହା ଆପଣଙ୍କ ଏହି ସିଦ୍ଧାନ୍ତ ସହିତ ମିଳାଇ ପାରିବେ ? ଆପଣ ମନେ ରଖିବା ଉଚିତ ଯେ ଅବସ୍ଥାଭେଦରେ ବା ଲୋକମୁଖରେ ପରିବର୍ତ୍ତିତ ହୋଇ ଯେ କୌଣସି ଆକାର ଧାରଣ କରୁ, ସମୁଦାୟ ଭାଷାଟାକୁ କେଏ ପ୍ରାଦେଶିକତା କହନ୍ତି ନାହିଁ। "Provincialism is a peculiar word in a province." ଯେଉଁ କଥା, (a word, not a language) କୌଣସି ଏକ ପ୍ରଦେଶରେ ମାତ୍ର ପ୍ରାପ୍ତ ସକଳ ଶ୍ରେଣୀ ଲୋକ-ମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥାଏ ଏବଂ ଅନ୍ୟାନ୍ୟ ପ୍ରଦେଶରେ ବ୍ୟବହୃତ ହେଲେ ସହଜେ ବୁଝାଯାଏ ନାହିଁ ତାହା ପ୍ରାଦେଶିକତା। ଉଦାହରଣ:—ଆପଣଙ୍କ ପ୍ରଦେଶର 'ଗହଣା', 'ଖାଡ଼ି', 'ଭଣ୍ଡୁର', 'ଖେଞ୍ଚ', 'କାଠ'; ଏ ଅଞ୍ଚଳର 'ଭଉଁରୀ', 'ଲହୁ', 'ଭଣ୍ଡ', 'ପୋଛା' (ଯୋଡ଼ା) 'ସାଉଁଳା' (ଖାଉଡ଼ା), 'ଭଲାଣ' (ଛଟକଣେଣ) ଇତ୍ୟାଦି। ଏସବୁ ପୁସ୍ତକରେ ବ୍ୟବହୃତ ହେଲେ ବ ଦୋଷ? ବାଲେଶ୍ୱରର 'ଯାଉଥିଲ', ଟିମି 'ଚୁଲି' (ଚୋଡ଼ି); କଟକର 'ଲଉ', 'ଲଉଅ', 'ମି'; ସମ୍ବଲପୁରର 'ମୁ ଦେଖିଥା କରୁବି', 'ମୋର କେ କାହିଁକ', କାନ୍ତି ଅଞ୍ଚଳର 'ବାଟ ନଉଛ ଡ', 'କଗାନ ଶୁଣୁଅଛୁ' ଏସବୁ କେବଳ ନିମ୍ନଶ୍ରେଣୀ ଲୋକ-ମାନଙ୍କ କଥା (vulgarisms) (୧) ବା ଅପଭ୍ରଂଶ (corruptions) ପ୍ରାଦେଶିକତା(provincialism) ନୁହେ। ଏପରି କଥା ପୁସ୍ତକରେ ବ୍ୟବହାର କରିବା ଅବଶ୍ୟ ଦୂଷଣୀୟ। ଏହା ଆମ୍ଭେ ସ୍ୱୀକାର କରୁଁ। ମାତ୍ର ପ୍ରବନ୍ଧଟିରୁ ଆପଣ ଯେଉଁ ଅଂଶ-ଗୁଡ଼ିକ ଉଦ୍ଧାର କରିଅଛନ୍ତି ସେ ସବୁ vulgarisms ବା provincialisms ବୋଲାଯାଇ ନ ପାରେ। ଥରେ ପରୀକ୍ଷା କରି ଦେଖନ୍ତୁ। 'ହେ ଜାଣିପାରିବ' 'ହେ କହିଲ', 'ହେ ନ ଦେଖୁଣୁ'—ଆପଣଙ୍କ ଅଞ୍ଚଳରେ ମଧ୍ୟ ଏପରି କହନ୍ତି। ବଙ୍ଗବାଳା ୨୦ ଓ ୩୧ ପୃଷ୍ଠାରେ ଲେଖାଅଛି—"କେ

ଲେଖା ଭ୍ରମପ୍ରମାଦଶୂନ୍ୟ ବା ତହିଁରେ ଅନ୍ୟ କୌଣସି ପ୍ରକାର ନାହିଁ, ଏ କଥା ଆମ୍ଭେମାନେ କହୁ ନାହୁଁ। ଏତିକି କହି ପାରୁଁ ଯେ ଏହା କ୍ରମଶଃ ବିଶୁଦ୍ଧତର ଉନ୍ନତତର ଆଦର୍ଶ ଅଭିମୁଖରେ ଗତି କରୁଅଛି। ପୁଣି ଆମ୍ଭମାନଙ୍କ ଲେଖାରୁ 'ସମ୍ଭ୍ରମସୂଚକ ଶବ୍ଦ' କଥାଟିକୁ 'ସମ୍ଭ୍ରମ ଶବ୍ଦ' ବୋଲି ଗ୍ରହଣ କରି ଶ୍ୟାମାନନ୍ଦ ବାବୁ ବଡ଼ ଭ୍ରାନ୍ତିରେ ପଡ଼ିଅଛନ୍ତି ଏବଂ ତାହାର ବଶବର୍ତ୍ତୀ ହୋଇ ଅନେକ ଅବାନ୍ତର କଥା କହିଅଛନ୍ତି। ସେ ସବୁ କଥାର ଉତ୍ତର ଦେବା ନିଷ୍ପ୍ରୟୋଜନ। ଆଉ ଗୋଟିଏ କଥା; Anglo-Saxon ସହିତ Latin, Greekର ଯେଉଁ ସମ୍ବନ୍ଧ, ଓଡ଼ିଆ ସହିତ ସଂସ୍କୃତର କି ସେହି ସମ୍ବନ୍ଧ ? ସାଦୃଶ୍ୟଟା କପରି ଠିକ ହେଲା ବୁଝି ପାରିଲୁଁ ନାହିଁ। ଯାହା ହେଉ, ଅଧିକ କିଛି କହିବୁଁ ନାହିଁ। ବିଚାରଭାର ନିରପେକ୍ଷ ପାଠକମାନଙ୍କ ଉପରେ।

ଉ: ସା: ସ:—

(୧) କଟକ ଛଡ଼ା ଅନ୍ୟ ସମସ୍ତ ଅଞ୍ଚଳର ଦୃଷ୍ଟାନ୍ତଗୁଡ଼ିକ ନିମ୍ନଶ୍ରେଣୀର କଥା ନୁହେ। ଆମ୍ଭେ-ମାନେ ଭଦ୍ରଲୋକମାନଙ୍କ ମୁଖରୁ ଏ ସମସ୍ତ ଶୁଣିଅଛୁଁ। ସ:

Digitized by srujanika@gmail.com

ଜାଣେ ନାହିଁ ଏ ଅବସ୍ଥାରେ ... କାଣି ଏବଂ ମୁଁ କେମନ୍ତେ କହିବି । ସର୍ବଧାରଣ ବ୍ୟାକରଣରେ 'ଛନ୍ଦ' ଶବ୍ଦ ସର୍ବନାମ ରୂପେ ବ୍ୟବହୃତ ହୋଇଅଛି । ଉତ୍କଳ ଅଭିଧାନ ମଧ୍ୟ ଦେଖନ୍ତୁ । 'ଯେ ଅଙ୍କା'— ବନବାଳା ୧୩ ଓ ୧୮ ପୃଷ୍ଠାରେ ଦେଖିଲେ, 'ଯେ ଅଙ୍କା' ଅପଣଙ୍କ ଅଞ୍ଚଳରେ ମଧ୍ୟ ବ୍ୟବହୃତ ହେବାର ଜଣାଯିବ । ତେବେ ଅପଣଙ୍କ ସିଦ୍ଧାନ୍ତାନୁସାରେ ଏସବୁ କିପରି ପ୍ରାଦେଶିକ ? 'ଅଙ୍କା' ପଥାର ଅର୍ଥ 'ଏଭେବେଳେଯାଏ' । ଦେବ ଗୋପାଳକୃଷ୍ଣ କହିଅଛନ୍ତି:—"କେତେକ ବେଳୁ ମୋ ଘନ ଥଇଲାଣି ଦେଖି କାହିଁ ମୁଖ ଅଙ୍କା ଅଛିରେ ।" ଯେ କୌଣସି ଅର୍ଥରେ ବ୍ୟବହୃତ ହେଉ, ତଥାପି ଅନ୍ୟ ଅକାର ଧାରଣ କରି ନାହିଁ ତ ? ତେବେ କିପରି ପ୍ରାଦେଶିକତା ହେଲା ? 'କୋଅଛେ'—ବାଲେଶ୍ୱରରେ 'ଗୋଡ' କୁ 'ଗୁଡ' ଯେପରି କହନ୍ତି, ଅପଣଙ୍କ ଅଞ୍ଚଳର 'କୁଅଁଡ଼' ବଦଳରେ ଏପ୍ରଦେଶ ଲୋକେ 'କୋଅଡେ' କହନ୍ତି । ବନବାଳା ୨୧ ଓ ୨୨ ପୃଷ୍ଠା ଦେଖନ୍ତୁ; "ଏଠି କୁଅଁଡ ଅନ୍ତର୍ଦ୍ଧାନ ହୋଇଗଲା", "କୁଅଡେ ଖୋଜି ବାକୁ ଅଛି" । ଆସାମର 'କୋ', ବଙ୍ଗାଳ 'କୋନ୍', ହିନ୍ଦି 'କୋ', ସଂସ୍କୃତ 'କ୍ୱ' (କୋ) ଏସବୁ ସମାନ । ଏପରି ସ୍ଥଳେ 'କୋଅଡେ' କାହିଁକି ପ୍ରାଦେଶିକତା ହୋଇଯିବ ? ଅତ୍ରସ୍ଥିତ ଲୋକ ବା ପଦାର୍ଥକୁ ଦେଖାଇ କହିବାକୁ ହେଲେ ଅପଣମାନେ 'ହେଉଛି' କହନ୍ତି; ଅମ୍ଭେମାନେ 'ହେଚି' କହୁଁ । ଉଚ୍ଚାରଣରେ ମଧ୍ୟବର୍ତ୍ତୀ ସ୍ୱରର ମାତ୍ର ଲୋପ ହୋଇଅଛି । ଏପରି ଅନେକଠାରେ ହେବାର ଦେଖାଯାଏ । ଉଦାହରଣ,—'କଅଣ—କଣ'; 'ପାଅନ୍ତା—ପାନ୍ତା'; 'ହେଉନ୍ତୁ (ସମ୍ବଲପ ୨୫ ପୃଷ୍ଠା ଦେଖନ୍ତୁ)—ହେନ୍ତୁ' । ସ୍ୱରବର୍ଣ୍ଣମାନେ ଲୁପ୍ତ ହେବା ବା ଅନ୍ୟ ଅକାର ଧାରଣ କରିବା କଥିତ ଭାଷାର ଗୋଟିଏ ସ୍ୱାଭାବିକ ଲକ୍ଷଣ । ଏଥିରେ ପ୍ରାଦେଶିକ ବଡ଼ନତା କଣ ? 'କୋଠାରେ'— ଅପଣମାନେ 'କେଉଁଠି', 'କେଉଁଠୁ' ଯେଉଁଠି ବ୍ୟବହାର କରନ୍ତି; ଅମ୍ଭେମାନେ 'କୋଠି', କୋଠାରେ', କୋଠୁ' କହୁଁ; ବଙ୍ଗାଳିମାନେ 'କୋଥା', 'କୋଥାୟ', ମରହଟ୍ଟାମାନେ 'କୋଠେ' କହନ୍ତି । ଓଡ଼ିଶାରେ ମଧ୍ୟ 'କୋଠା', 'କୋଠାକୁ' ଏପରି ବ୍ୟବହାର ହୁଏ । (Vide Beams' Comparative Grammar Vol II page 338.) । ତେବେ 'କୋଠାରେ' କିପରି ପ୍ରାଦେଶିକତା ହେଲା ? 'ଅଟେ'— ଦ୍ୱିତୀୟ ପୁରୁଷ ଏକବଚନରେ ଅଦେଶାର୍ଥରେ କେତେକ କ୍ରିୟା ଏକାରନ୍ତ ହେବାର ଦେଖାଯାଏ । ଯଥା:—'ତୁ ଦେ', 'ତୁ ନେ', 'ତୁ କରେ' । ଅପଣଙ୍କ ଅଞ୍ଚଳରେ ମଧ୍ୟ ଏପରି କହନ୍ତି । ଯୁଗଧର୍ମ ନାଟକ ୪ ଓ ୧୧ ପୃଷ୍ଠାରେ ଲେଖା ଅଛି:— "ଏଇଥିରେ ଦେ", "ନେ ଟିକେ ଅଣ୍ଟାଖୋସା ନେ"; ସତୀ ନାଟକ ୧୮ ପୃଷ୍ଠାରେ ଲେଖାଅଛି,—"ଓଠାଇଅଣେ"; ଜଗନ୍ନାଥର ବ୍ରାହ୍ମଣମାନେ ମଧ୍ୟ ଏପରି ପ୍ରୟୋଗ କରିବାର ଅମ୍ଭେ ଶୁଣିଅଛୁଁ । ତେବେ 'ଅଟେ' କାହିଁକି ପ୍ରାଦେଶିକ ହେବ ? 'ଯାହା ଯାକୁ ତା'—ଏହା ଏ ପ୍ରଦେଶର ଏକ ଭାଷା । ଅପଣଙ୍କ ପ୍ରଦେଶରେ ମଧ୍ୟ ସ୍ତ୍ରୀମାନେ ଏପରି କହନ୍ତି । ସତୀ ନାଟକ ୨୫ ପୃଷ୍ଠା ଦେଖନ୍ତୁ; ଲାବଣ୍ୟ କହୁଅଛି:—"ମୋର ଯାହାର ତା ହେଲା, ତାଙ୍କ ଏ ଦଶା ମଟି ନ ଥାନ୍ତା" ଅପଣ ପଢୁଅ ଭାଷାର ବରେ ... କହନ୍ତି ଯେ ? 'ହେନ୍ତି', 'ହେନ୍ତୁ'—"ସେ ବଡ଼ ... ରେ ଥିଲେ ଏବେ କଷ୍ଟି ନ୍ତି ହେନ୍ତୁ"; "ହୋନ୍ତି କେତେ ଲୋକ" (ସତୀନାଟକ ୧୫ ଓ ୧୬ ପୃଷ୍ଠା ଦେଖନ୍ତୁ) । "ଯେପରି ତ ସେ ଅଣ୍ଡ ଅମର ଅନ୍ୟ ଅଦେଶ ନ ହେବା ପର୍ଯ୍ୟନ୍ତ ବନବାଳାକୁ ନ ପାନ୍ତି", "ସେ କେତେବେଳେ ଥାନ୍ତି" (ବନବାଳା ୧୧ ଓ ୨୬ ପୃଷ୍ଠା ଦେଖନ୍ତୁ) । 'ହେନ୍ତି' 'ହୋନ୍ତି', 'ପାନ୍ତି', 'ଥାନ୍ତି' ଏସବୁ କଣ ? ବୋଧହୁଏ ଅପଣଙ୍କ ପ୍ରଦେଶର କଥା ମରୁ ଅପଣ ...

Digitized by srujanika@gmail.com

ନାହାନ୍ତି । ଆପଣ ଯାହା ଜାଣି ନାହାନ୍ତି ସେ ସବୁ ପ୍ରାଦେଶିକ ପଦ ? 'ଦେଖାନ୍ତ':—ଏ ମୁଦ୍ରାଙ୍କନ ଦୋଷ, 'ଦେଖାଣି' ବଦଳରେ ଛପା ଯାଇଅଛି । ଯାହାହେଉ କଥାଟା ଆପଣଙ୍କ ମତାନୁସାରେ ବ୍ୟାକରଣ ପ୍ରାପ୍ତ ହୋଇ ନାହିଁତ ? 'ଣି' ସ୍ଥାନେ 'ନି' ପ୍ରୟୋଗ କେବଳ ଆପଣଙ୍କ ଅଞ୍ଚଳରେ ମଧ୍ୟ ଦେଖାଯାଏ । ସଭା ନାଟକ ୧୩ ପୃଷ୍ଠା ଦେଖନ୍ତୁ । ପଦଟି କହୁଅଛି:—"ସେ ଗୁଡଅଣୀ ପର ପଳାନ୍ତାନ୍ତି" । 'ଭୁ ଦେଖିଲେ ବାଳୁତ' ଅର୍ଥାତ୍ ଦେଖିଲେ ଭୁ ବାଳୁତ ଅଟୁ'; 'କ (କୌଣସି) ଗୋଳମାଳ ଚଳନ୍ତା ନା ?' 'ବର୍ତ୍ତମାନ ଆମ୍ଭେମାନେ କରିବା ଉପାୟ କଣ ?'; 'ଭୁ ଗଲେ ସେମାନେ ପଣ୍ଡରେ ନାହିଁ ଯେ କୋଥରେ ଦେଖିବେ ନାହିଁ',—ଏ ବାକ୍ୟଗୁଡ଼ାକରେ ପ୍ରାଦେଶିକତା କଣ ? କେଉଁ କଥାଟା ପରିବର୍ତ୍ତିତ ହୋଇ ଅନ୍ୟ ଆକାର ଧାରଣ କରିଅଛି ? ଆପଣ କହୁଅଛନ୍ତି :—"ଆମ୍ଭେମାନେ ଚଳୁଆ ଭାଷା ବ୍ୟବହାରର ବିରୋଧୀ ନୋହୁଁ ।" ଚଳୁଆ ଭାଷା ସମସ୍ତ ପ୍ରଦେଶରେ ସମାନ ନୁହେଁ । ଅତଏବ ଚଳୁଆ ଭାଷା ବ୍ୟବହାର କରିବାକୁ ଗଲେ, ଅବଶ୍ୟ ପ୍ରାଦେଶିକତା ବ୍ୟବହାର କରିବାକୁ ହେବ । ତେବେ ଆପଣଙ୍କ ମତରେ ପ୍ରାଦେଶିକତା କିପରି ବର୍ଜନୀୟ ? ଅମ୍ଭେ ଆଉ କଣ କହିଥିଲୁଁ ? "ଆମ୍ଭେମାନେ ଚଳୁଆଭାଷା ବ୍ୟବହାରର ବିରୋଧୀ ନୋହୁଁ" ବୋଲି କହି, କେତେ ଦୂର ଯାଇ ଆପଣ ଲେଖିଅଛନ୍ତି:—"ସର୍ବାଞ୍ଚଳପ୍ରଚଳିତ ଓ ସର୍ବଜନବୋଧ୍ୟ ବହୁତ ଉତ୍ତମ ଗ୍ରାମ୍ୟ କଥା ଓ idiom ଭାଷା ଭିତରେ ଅଳ୍ପ ପରିମାଣରେ ହସ୍ତକ୍ଷେପମୂଳକ ସହଜ (କାହା ପକ୍ଷରେ ?) ଶବ୍ଦମାନ ବ୍ୟବହାର କଲେ କାହାର କୌଣସି ଆପତ୍ତି ରହିବ ନାହିଁ।" ଆପଣଙ୍କ ଏ ଦୁଇ କଥାରୁ କେଉଁ କଥାଟା ଠିକ? ଯେଉଁ ଭାଷାର ଅଭିଧାନ ଆଜ ପର୍ଯ୍ୟନ୍ତ ସଙ୍କଳିତ ହୋଇ ନାହିଁ, ଯେଉଁ ଭାଷାର ଅଦର୍ଶ ଗଠିତ ହୋଇ ନାହିଁ ସେହି ଭାଷାରେ ସର୍ବାଞ୍ଚଳପ୍ରଚଳିତ ଓ ସର୍ବଜନବୋଧ୍ୟ ବହୁତ କଥା ବା idiom କିପରି ଜଣାଯିବ ? ହସ୍ତକ୍ଷେପମୂଳକ ସହଜ ଶବ୍ଦମାନ ବ୍ୟବହାର କଲେ ସାଧାରଣ ଲୋକେ ବୁଝି ପାରିବେ କି ?

ଆପଣ ଟୀକାଟିପ୍ପଣ କରି ଲେଖିଅଛନ୍ତି:—"ଗଙ୍ଗାରାମ ଉତ୍ତମ ହରବୋଲା ଥରେ ଯାହାଙ୍କ ଦୃଷ୍ଟିପଥରେ ପଡ଼ିଥିବ, ସେ ଗଙ୍ଗାରାମ ଉତ୍ତମର ଉଜ୍ଜ୍ୱଳ ଦୃଷ୍ଟାନ୍ତ ପାଇଥିବେ ।" ଆପଣ ଜାଣନ୍ତି 'ହରବୋଲା' ଜଣେ ତେଲଙ୍ଗା ବ୍ୟକ୍ତିଙ୍କଦ୍ୱାରା ସମ୍ପାଦିତ । ତେଲଙ୍ଗା ଲୋକେ ବହୁତ ଉତ୍ତମ ଲେଖିବେ ଏପରି ଆଶା କରାଯାଇ ନ ପାରେ । ଯାହାହେଉ ସନ୍ତୁଳ ସାହେବଙ୍କ ଉତ୍ତମ ଗଢ଼ୋଆଳ ଉଡଥ‌ିଠାରୁ 'ହରବୋଲା'ର ଉତ୍ତମ ତ ବହୁତ ଉଣା ନୁହେଁ । ସନ୍ତୁଳ ସାହେବ ନାହିଁତ ? ଆପଣଙ୍କ ଦେଶର ଜଣେ ଉତ୍ତମ ପଣ୍ଡିତ କପିଳେଶ୍ୱର ବିଦ୍ୟାଭୂଷଣ 'ରାମବିଳାସରେ' କିପରି ଉତ୍ତମ ଲେଖିଅଛନ୍ତି ଥରେ ଦେଖନ୍ତୁ:—"ଦେଖ ଜଣେ ସେହ ଚଳୁଅଛି ଗ୍ରାସକଲେ"; "ଏହି ବର୍ତ୍ତମାନରେ ତୋହ ବାକ୍ୟର ପ୍ରଫଳ ପାଉ"; "ଦୁର୍ବେ ମୃତ୍ୟୁକୁ ପଡ଼ ବନମଧ୍ୟରେ ପଥଭ୍ରମ ହୁଅନ୍ତେ ଗୃହଶବରର ସାଥରୁ କେଉଁ ସ୍ୱୟଂଚନ୍ଦ୍ର ତାହା ସଙ୍ଗରେ ମିତ୍ରତା ସମ୍ପାଦନ କଲେ," "ମନ୍ଦାଧ୍ୟାୟରୁ ଦୁଃସମାନଙ୍କୁ ବିସ୍ମରଣ କରି ସ୍ୱପ୍ନରେ ହେଲେ ଦର୍ଶନ ନ କଲେ"; "ମୋତେ ଶୁଣା ଯିବାରୁ"; "ଅମ୍ଭଙ୍କୁ ସେଠାକୁ ନେଇ;" ଏସବୁ କଣ ? ଉତ୍କଳର ଆଦର୍ଶ ଉତ୍ତମ ?

ପରିଶେଷରେ ବକ୍ତବ୍ୟ ଏହି ଯେ ଆପଣ ଗୋଟିଏ ସାହିତ୍ୟ ପତ୍ରିକାର ପରିଚାଳକ; ସୁତରାଂ ବିଷୟରେ ଆପଣ ଯାହା ଲେଖନ୍ତି ତାହା ଯୁକ୍ତିସଙ୍ଗତ, ପ୍ରାସଙ୍ଗିକ ଓ ଉପାଦେୟ ହେବା ନିତାନ୍ତ ଆବଶ୍ୟକ । ସ୍ୱମତ ବ୍ୟବସ୍ଥାପନ କରିବା ଲାଗି ମନରେ, ଦୁରଭିମାନ ରଖି ଲେଖିଲେ ଆପଣଙ୍କ କଥାରେ କେହି ଗୁରୁତ୍ୱ ରଖିବେ ନାହିଁ ।

ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ।

Digitized by srujanika@gmail.com

ଓଡ଼ିଆ ଭାଷାର ଆଦର୍ଶ ।

ମହାଶୟ !

୬ଷ୍ଠ ଓ ୭ମ ସଂଖ୍ୟା ସାହିତ୍ୟରେ "କେବେ କାହାକୁ ଆଦର୍ଶ କରିବା" ଏହି ପ୍ରଶ୍ନ ଉତ୍ଥାପନ କରି ଆପଣ ଲେଖି ଅଛନ୍ତି:—"ଅସ୍ମଦାଦିଙ୍କ ମତରେ ସର୍ବାଧିକ ପ୍ରଚଳିତ ଓ ସର୍ବଜନବୋଧ ବିଶୁଦ୍ଧ ଓଡ଼ିଆ ଗ୍ରାମ୍ୟ କଥା ଓ idiom ରକ୍ଷା କରି ଅଧିକ ପରିମାଣରେ ସଂସ୍କୃତମୂଳକ ସହଜ ଶବ୍ଦମାନ ବ୍ୟବହାର କଲେ କାହାରି କୌଣସି ଆପତ୍ତି ରହିବ ନାହିଁ ।" ଅଧିକ ପରିମାଣରେ ସଂସ୍କୃତ ଶବ୍ଦ ବ୍ୟବହାର କରିବା ବିଷୟରେ ବୀମସ୍ ସାହେବ ଯାହା ଲେଖିଅଛନ୍ତି ତାହା ଆପଣ ଗ୍ରହଣ ନ କଲେ ମଧ୍ୟ ଥରେ ଦେଖନ୍ତୁ:—"Native scholars have unfortunately set themselves to improve their mother-tongue by the resuscitation of sanskrit words, instead of striving to fix the orthography of the words really in use among their contemporaries and from this misdirected energy of theirs, it has too often resulted that the language presents a disjointed heterogeneous aspect, certain parts of it, as the nouns and the nominal part of compound words, being highly refined classical sanskrit; while other parts, as the inflectional and connecting particles, are rude in form and unsettled in orthograpoy." (vide Beams' Comparative Grammar Vol II page 339) ଶ୍ରୀ ଦୀନେଶଚନ୍ଦ୍ର ସେନ ବି. ଏ. "ବଙ୍ଗଭାଷା ଓ ସାହିତ୍ୟ"ରେ ଯାହା କହିଅଛନ୍ତି ତାହା ମଧ୍ୟ ଥରେ ଦେଖନ୍ତୁ:—"ଲିଖିତ ଭାଷା ଓ କଥିତ ଭାଷାର ମଧ୍ୟେ ଏକଟା ବ୍ୟବଧାନ ବର୍ତ୍ତମାନ; କିନ୍ତୁ ସେ ବ୍ୟବଧାନେର ଏକଟା ସୀମା ଆଛେ; ତାହା ଅତିକ୍ରମ କରିଲେ ଲିଖିତ ଭାଷା ମୃତ ହଇଯା ପଡ଼େ ଓ ତତ୍‌ସ୍ଥଲେ କଥିତ ଭାଷା ଏକଟୁ ବିଶୁଦ୍ଧ ହଇଯା ଲିଖିତ ଭାଷାୟ ପରିଣତ ହୟ । ଲିଖିତ ଭାଷା ଦୁର୍ବ୍ବୋଧ ହଇଯା ଶିକ୍ଷିତ ସମ୍ପ୍ରଦାୟେର ଗଣ୍ଡୀର ମଧ୍ୟେ ସୀମାବଦ୍ଧ ହୟ । କ୍ରମଶଃ ବାହ୍ୟ ପଣ୍ଡିତେରା ଓ ଶବ୍ଦେର ଶାବ୍ଦିକ ଚେଷ୍ଟାର ଫଲେ ଲିଖିତ ଭାଷା ଜନସାଧାରଣେର ଅନଧିଗମ୍ୟ ହଇଯା ପଡ଼େ । ତଖନ ଭାଷାବିପ୍ଲବେର ଆବଶ୍ୟକ ହୟ । ଯଖନ ସଂସ୍କୃତେର ସଙ୍ଗେ କଥିତ ଭାଷାୟ ସେହିରୂପେ ପ୍ରଭେଦ ଜନ୍ମିଲ ତଖନ କଥିତ ପାଲି ଭାଷା କିଞ୍ଚିତ ବିଶୁଦ୍ଧ ହଇଯା ଲିଖିତ ଭାଷା ହଇଯା ଦାଡ଼ାଇଲ; ଯଖନ ପୁନଶ୍ଚ ପ୍ରାକୃତେର ସଙ୍ଗେ କଥିତ ଭାଷାର ପ୍ରଭେଦ ଅଧିକ ହଇଲ, ତଖନ ବର୍ତ୍ତମାନ ଗୌଡ଼ୀୟ ଭାଷା ଗୁଲି କିଞ୍ଚିତ ପରିଶୁଦ୍ଧ ହଇଯା ଲିଖିତ ଭାଷାୟ ପରିଣତ ହଇଲ ।" Max Muller ଓ Whitney ସାହେବଦ୍ୱୟଙ୍କୁ ସାକ୍ଷୀରୂପେ ଉପସ୍ଥିତ କରାଇ ଆମ୍ଭେ ଏହି କଥା ସବୁ କହିଥିଲୁଁ ? ୪ର୍ଥ ସଂଖ୍ୟା ସାହିତ୍ୟରେ ଜଣେ ଲେଖକ କହି ଅଛନ୍ତି,—"ସଭ୍ୟତା ଓ ଗମନାଗମନର ସୁବିଧା ବଢ଼ିବା ସଙ୍ଗେ ସଙ୍ଗେ ଜାତିର ସ୍ୱାତନ୍ତ୍ର୍ୟ ଯେପରି କମୁଛି, ଭାଷାର ସ୍ୱାତନ୍ତ୍ର୍ୟ ମଧ୍ୟ ସେହିପରି କମୁଅଛି, ଅର୍ଥାତ୍ ଭାଷାରୁ ଦେଶଜ ଓ ବିଶେଷ ଅର୍ଥରେ ପ୍ରଯୁକ୍ତ ଶବ୍ଦ ସଂଖ୍ୟାର ହ୍ରାସ ହେଉଅଛି, ମୂଳଭାଷା ସଂସ୍କୃତମୂଳକ ଶବ୍ଦର ସଂଖ୍ୟା ବଢ଼ୁଅଛି । କ୍ଷମା କରିବେ, କେହି ବାରନ୍ତୁ ଦେବେ ନାହିଁ, ଶିକ୍ଷିତ ସମ୍ପ୍ରଦାୟଙ୍କ ଭାଷା ଗୁରୁଭାବ ବେଗରେ ପାଲଟୁଅଛି ।" ଆପଣଙ୍କ ଅଞ୍ଚଳର ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ବି.ଏ. "ଦୁଇ ଖଣ୍ଡ ଓଡ଼ିଆ ପୁସ୍ତକର" ସମାଲୋଚନା ପ୍ରସଙ୍ଗରେ ଲେଖିଅଛନ୍ତି:—"ଯେଉଁ ପୁସ୍ତକରେ Anglo-saxon (ଅର୍ଥାତ ଇଂରାଜୀ) ଶବ୍ଦ ଯେତିକି ଅଧିକ ଓ Latin, ଏବଂ Greek (ଅମଦାନି) ଶବ୍ଦ ଯେତିକି ଅଳ୍ପ, ସେ

Digitized by srujanika@gmail.com

ପୁସ୍ତକ ଦେଖିକ ବେଶି ଅଦ୍ଭୁତ ।" Anglo-saxon ବଦଳରେ "ଓଡ଼ିଆ" ଓ Latin, Greek ବଦଳରେ 'ସଂସ୍କୃତ' ଲଗାଇ ପଢ଼ନ୍ତୁ, ଆପଣଙ୍କ ଆଦର୍ଶର ଆପଣଙ୍କ ଅଷ୍ଟକର କୃତବିଦ୍ୟ ଲୋକେ କେତେଦୂର ଅନୁମୋଦନ କରନ୍ତି ବୁଝିବେ ।

ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ।

'ନେଇ ଅଣି ଥୋଇ ଜାଣିଲେ ଚୋରବିଦ୍ୟା ଭଲ' ।

ଗୋଟିଏ ରାଜ୍ୟରେ ଏକ ରଜା ଥାଆନ୍ତି । ଦିନେ ରଜା ପଚାରିଲେ ମନ୍ତ୍ରିଙ୍କି ଶୁଣହେ ମନ୍ତ୍ରୀ, ସଂସାରରେ ଭଲ କେଉଁ ବିଦ୍ୟା ଭଲ ? ମନ୍ତ୍ରୀ କହିଲେ 'ନେଇ ଅଣି ଥୋଇ ଜାଣିଲେ ଚୋର ବିଦ୍ୟା ଭଲ' । ରଜାଙ୍କର ଏକଥା ଥାଏ ମନେ । ରାତି ହେଲାରୁ ରଜା ନଅରରୁ ଅନ୍ଧାର ବେଳେ ଗଲେ ମନ୍ତ୍ରିଙ୍କ କଥାର ସତ ବୁଝିବାକୁ । ଯାଇ ପହଞ୍ଚିଲେ ଏକ କୁମ୍ଭାରଶାଳରେ ଚୋରି କରିବାକୁ । କୁମ୍ଭାର ସେ ଦିନ ଉହାରୁ ହାଣ୍ଡିଯାକ କାଢିଥାଏ । ହାଣ୍ଡିଯାକ ଶାଳରେ ଗୋଟିକ ଉପରେ ଗୋଟିଏ ଜିଗୁଡ଼ି କରି ରଖିଥାଏ । ରଜା ଚିନ୍ତା କଲେ, ଉପର ହାଣ୍ଡି କାଢିବେ କିଅଣ ? ଅଗ ତଳ ଭଲ ହାଣ୍ଡିଟିଏ କାଢି ବସିଲେ । ଭଲ ହାଣ୍ଡିଟି କାଢ଼ିଲାରୁ ଉପର ହାଣ୍ଡିଯାକ ସବୁ ଧଡ଼ଧାଡ଼ ଅଜାଡ ହୋଇ ତଳେ ପଡିଲା । ରଜା ଚିନ୍ତା ବୁଝି ବୁଝି ଚୋରି କରିବେ ବୋଲି ଯାଉଥିଲେ । ହାଣ୍ଡିଯାକ ଦୁଲ୍‌ଦାଲ୍ ତଳେ ପଡିଲାରୁ କୁମ୍ଭାର ଘରେ ଶୋଇଥିଲା, ଶାଳରେ ଚୋର ପଶିଲାଣି ବୋଲି ଉଠିଲା । ଆସି ଶାଳରେ ପହଞ୍ଚିଲା ବେଳକୁ ଦେଖିଲା ଜଣେ ମଣିଷ ଖୁଣ୍ଟଟାଏ ହୋଇଛି । ଅନ୍ଧାରରାତିରେ ରଜା ଚିହ୍ନା କିଏ ତାହାକୁ ଚିହ୍ନୁଛି ? ଚୋର ପଶିଛି ବୋଲି ଚିତ୍କାର କଲାରୁ ପାଖପଡ଼ିଶା ଆସି ଜମା ହୋଇଗଲେ । ରଜା ଏବେ ଶରମରେ ଚିହ୍ନା ଦେଉଛନ୍ତି କିମିତି ? ସମସ୍ତେ ମିଶି ରଜାଙ୍କୁ କସୁକ ବାନ୍ଧି ଛେଚିଲେ । ରଜାଙ୍କ ସୁକୁମାର ଦେହରେ କି ମାଡ଼ ସହେ ? ରଜା ମାଡ଼ ଖାଇ ଅକାନ୍ତ ହେଲାରୁ ପଚାରୁ ଆଉ କରିବେ କିଅଣ ? ଚିହ୍ନା ଦେଲେ । ଅନୁଥ ଲୋକେ ଅଣି ସମସ୍ତେ ଦେଖିଲା ବେଳକୁ ଏ ତ ଆମ ରଜା ! ଯା ଦେଖି ସମସ୍ତଙ୍କ ଜଳଜ ଶୁଖିଲା । କେତେକ ପାଳିଦେଉ ପଳେଇ ଧାଇଁ ଯାଇ ରଜାଙ୍କ ଗୋଡ଼ତଳେ ପଡିଲେ । ରଜା କହିଲେ ଯାହା ତ ହବାର ହେଲାଣି, ଏ କଥା ଆଉ ପ୍ରଘଟ ହେବ ନାହିଁ । ଯେବେ ପ୍ରଘଟ କରିବ, ତେବେ ସମସ୍ତଙ୍କୁ ସଙ୍ଗେ ମୁଣ୍ଡକାଟ କରିବି । ସେଥିରୁ ଯେଝା ଘରକୁ ସେ ଗଲେ, ରଜା ଆପଣା ନଅରକୁ ଅଇଲେ । ସେ ଦିନ ରାତିରେ ଶୋଇଲେ । ତହିଁ ଆର ଦିନ ସକାଳୁ ଉଠି ମନକଥା ମନେ ଥାଏ । ମନ୍ତ୍ରୀ ଯେମିତି ସଭାକୁ ଅଇଲେ ସିମିତି ରଜା ହୁକୁମ ଦେଲେ ମନ୍ତ୍ରିଙ୍କି ସତକ୍ଷଣେ ନେଇ ଶୂଳୀ ଦିଅ । ମନ୍ତ୍ରୀ ଭାବିଲେ ମୁଁ ତ ଚିହ୍ନିଲେ ମଣୋହିକ ଟିକ । କାଲି ରାତି କଥା ତ 'ଯାଏ ଜାଣନ୍ତି ବ ହାତେ ଜାଣନ୍ତି' । ସମସ୍ତେ ଭୂଟଭାଟ ହେଲାରୁ ମନ୍ତ୍ରୀ କାଲି ରାତି କଥା ଜାଣି ପାରିଲେ । ରଜାଙ୍କ ହୁକୁମ କ ମାନିବ କିଏ ? ମନ୍ତ୍ରିଙ୍କି ଚିହ୍ନ କରୁଥିଲ ପୁଅ ଶୂଳିଅପଦାକୁ ଗଲା । ଏଣେ ହେଉଥାଏ କିଅଣ, ନା; ମନ୍ତ୍ରିଙ୍କର ସଭା ସାନ ବୋହୂର ମାସ ଗଡ଼ୁଥାଏ । ମନ୍ତ୍ରୀ କଟୁଆଲପୁଅ ସାଙ୍ଗେ ଧରମ-ପୁଅ ବସିଲେ, କହିଲେ ସମସ୍ତଙ୍କୁ ପଛେ ଶୂଳୀ ଦିଅ, ସାନ ବୋହୂଟିକ ଶୂଳୀ ଦିଅ ନା, ସ୍ତ୍ରୀହତ୍ୟା ବାଳହତ୍ୟା ଲାଗିବ । ସାନବୋହୂ ଯା ଶୂଳୀ ହେଲା ସମସ୍ତେ ● ଯିବ, ମୁଁ ତାହାକୁ ଚିହ୍ନ ଘରଂ ଦୁଆର କରିବ ? ଯେବେ ସମସ୍ତଙ୍କୁ ରଖିବ ତେବେ ମତେ ରଖ । ନଇଲେ ମୁଁ ଏକା ଥାଇ କୋଉଁ ପାଣି ଦେବ । ମତେ ଅଗ କରି ଶୂଳୀ ଦିଅ ସେ ମୁଁ

Digitized by srujanika@gmail.com

ରଜା ପାଖକୁ ଯାଏଁ । କଟୁଆଳପୁଅ ତତ୍ପରେ ଉପସ୍ଥି ହେଲା । ମନ୍ତ୍ରିଙ୍କି କହିଲା ତୁମେ ସମସ୍ତଙ୍କୁ ନିଜ ଅଙ୍ଗ ଘଡ଼ ଘଡ଼ ଏ ମୁଲକରୁ ପଳାଅ । ମନ୍ତ୍ରୀ ଏ କଥାରେ ମଙ୍ଗିଲେ । କଟୁଆଳପୁଅ ଏକ ରାତ୍ରିର ମାତ୍ର ରଜାଙ୍କୁ ନେଇ ରଜଘର ଦେଲା, ରଜା ତୋ କାଲୁ ଗାଦିରେ ବସିଲେ । ଏଣେ ମନ୍ତ୍ରୀ ସେ ଦିନ ଯାକ କଟୁଆଳପୁଅ ଘରେ ଲୁଚି ରହିଲେ, ରାତି ହେଲାରୁ ପୁଅ ମାଇପ ସମସ୍ତଙ୍କୁ ନିଜ ଯାହା ଯିମିତି ଟଙ୍କା ପଇସା ଥିଲା ଗୁଡ଼ାଇ ଗୁଡ଼ାଇ ସେ ରାଇଜରୁ ପଳେଇ ଗଲେ । ଯାଇ ପହଞ୍ଚିଲେ ଆଉ ଏକ ରଜା ମୁଲକରେ । ସେ ରାଇଜରେ ଘର ଦୁଆର କରି ରହିଲେ । ଦଶ ମାସ ଦଶ ଦିନ ଗଲାରୁ ମନ୍ତ୍ରୀ ବୋହୂର ଗୋଟିଏ ଉତ୍ତମ ସୁନ୍ଦର ପୁଅ ଜନମ ହେଲା । ପୁଅଟିର ହେତୁ ପାଇଲାରୁ ତାକୁ ନେଇ ଚାଟଶାଳରେ ଛାଡ଼ିଲେ । ଟୋକା ଗୁରୁ ପାଠ ପଢ଼ି ଭାରି ଗୁଣବନ୍ତ ହେଲା । ଦିନେ ଟୋକାର ଖଡ଼ି ସରି ଗଲା । ସାଙ୍ଗ ପଢ଼ୁଆଙ୍କୁ କହିଲା ଖଡ଼ି ଗୋଟାକ ଗୋଟେଇ ଆଣି ଦବାକୁ । ପିଲାଏ କହିଲେ ତୁ ଗୋଟାଏ 'କାନ୍ଥ ଅଇଲା'; ତୋ ଖଡ଼ି ଆମେ ଯୋଗେଇ ଆଣିଦବୁଁ ? ଟୋକା ଏ କଥା ଶୁଣି ଆଉ ବାପାକୁ କିଛି ପାରି ପିଟେଇଲା ନାହିଁ । ଘରକୁ ଅଇଲାରୁ ଗୋଟାଏ ଘରେ 'ମୂଷାମାଟି ରଣଝଣ, ବଳେଇ ଗୁଡ଼ ଶଣଶଣ' ସେହି ଘରେ କବାଟ କିଳି ଶୋଇଲା; ଯେ ଯେତେ ଡାକିଲେ ଆଉ ନ ଶୁଣେ । ଘରକୁ ବଡ଼ା ଆସି ତେତେ ନେହୁରା ହୋଇ କବାଟରେ ମାଇଲେ । ସନ୍ଧିଙ୍କି କହିଲା ସତ୍ୟ କର । ମନ୍ତ୍ରୀ ସତ୍ୟ କଲେ । କବାଟ ଫିଟେଇଲାରୁ ଟୋକା କହିଲା ମତେ ଆଜ ମୋ ସାଙ୍ଗ ପିଲେ 'କାହ୍ନୁ ଅଇଲା' ବୋଲି ଡାହିଁକି କହିଲେ, ଏଥିର କଥା ନ କହିଲେ ମୁଁ ଖାଇବି ନାହିଁ । ମନ୍ତ୍ରୀ କହିଲେ ଏଇ କଥାକୁ, ନାଁ ପେଲ ଦେଲା ଝଗଡ଼ାକୁ । ଏହି କଥା କ, ଏଥିପାଇଁ କାହିଁ ଏତେ ଅଭିମାନ ? ତୁ ଗାଧୋଇ ପାଧୋଇ ଖାଅ ପି, ମୁଁ ତତେ ଏ କଥା କହିବି । ଟୋକା ଖାଇ ପିଇ ସାରି ଆସି ପହଞ୍ଚିଲା ଅଜାପାଖରେ । ଅଜା ସେହିଘଡ଼ି ସବୁ ଆଗ କଥାଯାକ କହିଗଲେ । ଯିମିତି ରଜା ପଚାରିଲେ, ମନ୍ତ୍ରୀ କହିଲେ ନେଇ ଆଣି ଥୋଇ ଜାଣିଲେ ଚୋରବିଦ୍ୟା ଭଲ, ରଜା ହୁକୁମ ଦେଲେ ସବଂଶେ ଶୂଳି ଦବାକୁ, କଟୁଆଳ ପୁଅ ମାଙ୍ଗେ ଧରମପୁଅ କରି ମନ୍ତ୍ରୀ ଯିମିତି ରାତ୍ରି ରାତି ଏ ମୁଲକକୁ ପଳେଇ ଆସିଲେ, ସବୁ କଥା-ଯାକ ଅଗରୁ ମୂଳ ଯାଏ ଟୋକା ଆଗରେ କହି ଗଲେ । ଟୋକା ଏ କଥାଯାକ ଶୁଣି ସାରିଲା, କହିଲା ମୁଁ ସେ ରଜା ରାଇଜକୁ ଯିବି । ମା, ବାପ, ଅଜା ଯେ ଯେତେ ବୁଝେଇଲେ ଆଉ ନ ବୁଝିଲା । ଘରକୁ କିଛି ଟଙ୍କା ପଇସା ଧରି ବାହାରିଲା । ଯାଇ ପହଞ୍ଚିଲା ସେ ରଜା ମୁଲକରେ । ରଜାଙ୍କ ଘର ମାଳୁଣୀ ଘରେ ପହଞ୍ଚିଲା, ତାକୁ ଟଙ୍କା ସୁନା କରି ଅଞ୍ଜୁଳାଏ ଦେଲା, ତାହାଙ୍କ ଧରମପୁଅ ହେଲା, ତା ଘରେ ରହିଲା । ମାଳୁଣୀକି ନିୟମ କରେଇଲା 'ମୁଁ ତୋ ଘରେ ଅଛି ବୋଲି ଏ କଥା କାହା ଆଗେ ଫିଟେଇବୁ ନାହିଁ, ମୁଁ ତତେ ଗଦା ଗଦା ଅସରପି, ଟଙ୍କା ଆଣି ଦେବି ।' ଏଠେଇଁ ସେ-ଠେଇଁ ବୁଲି ବୁଲି ସେଠାର ସବୁ ହାଲ ଚାଲ ଲୁଚେ ଲୁଚେ ବୁଝୁଥାଏ, ଏଣେ ମାଳୁଣୀ ତ ନିତ ଫୁଲମାଳ ନେଇ ନଅରକୁ ଯିବା ଆସିବା କରେ । ଟୋକା ମାଳୁଣୀକି କହିଥାଏ ନଅରର ସବୁ ଖବର ଆଣି ନିତ ନିତ ମୋ ଆଗରେ କହିବୁ । ମାଳୁଣୀ ନଅରର ସବୁ ହାଲ ଚାଲ ଆସି ତାକୁ ନିତି କହେ । ରାତି ହେଲାରୁ ଏ ଟୋକା ବାହାରେ ଚୋରି କରେ । ସେ ଦେଶର ସାଧବଘର ପୁଅ ଯାଇଥାଏ ବିଦେଶକୁ ବେପାର ବଣିଜ କରି; ତା ପାଖରୁ ସାତ ବରଷ ହେଲା କିଛି ଖବର ଆସିବାକୁ ନାହିଁ । ସାଧବ ଘରେ ସମସ୍ତେ ଦୁଃଖ ଚିନ୍ତାରେ ଥାଆନ୍ତି । ଦିନେ ସନ୍ଧ୍ୟା ହୋଇ ଯାଉଛି ଏ ଟୋକା ଗୋଟାଏ ଜାଗରେ ବାଜସେ ଟଙ୍କା

Digitized by srujanika@gmail.com

ସୁନା ଭର୍ତ୍ତି କରି ଯାଇ ସାଧବ ଘରେ ପହଞ୍ଚିଲା । ପୁଅ ଏତେ ଦିନେ ଆସିଲା ବୋଲି ସାଧବ ଘରେ ସମସ୍ତେ ଭାରି ଆନନ୍ଦ ହେଲେ । ଏ ଚୋରା କହିଲା ବିଦେଶରେ ମୋ ବଡ଼ ଦୁଃଖ ହେଲା ଯେ ଆଖିକି କିଛି ଦିଶିଲା ନାହିଁ, ଆଖି ଫୁଟିଗଲା । ମୋର ଆଉ ବଞ୍ଚିବାର ଆଶା ନ ଥାଏ । ଜଣେ ବାବାଜୀ ଆସି ଔଷଧ ଦେଲାରୁ ମୋ ପ୍ରାଣ ରହିଲା, ନଇଲେ ତୁମେ କି ମତେ ଆଉ ଦେଖି ଥାଆନ୍ତ? ମୋ ବଡ଼ ଦୁଃଖ ହେଲାରୁ ମୁଁ ଘରକୁ ଚିଠାପତ୍ର କିଛି ଦେଇ ପାରିଲି ନାହିଁ । ବଡ଼ ଟିକିଏ ବିଶ୍ୱାସ ହେଲାରୁ ବାହାରି ଆସିଲି । ଏହା କହି କେତେ କାନ୍ଦିଲା, ଘରର ସମସ୍ତେ କାନ୍ଦିଲେ, ରହିଲେ । ଚୋରା କହିଲା "ମୋ ଆଖି ଅନ୍ଧିଆ ଏ ଅଛି ହୋଇ ଭଲ ହୋଇ ନାହିଁ । ବାବାଜୀ କହିଛନ୍ତି ମୋ ଆଖି ଭଲ ନ ହେବାଯାଏ ଘରରେ ତୁ ଦୀପ ଆଲୁଅରେ ବସିବୁ ନାହିଁ । ଦୀପ ଆଲୁଅ ଆଖିରେ ପଡ଼ିଲେ ଆଖି ଫୁଟିଯିବ ।" ସେଥିରୁ ଏ ଚୋରା ଯେଉଁ ଘରେ ରହିଲା ସେ ଘରକୁ ଆଉ କେହି ଦୀପ ଜାଳିଲେ ନାହିଁ, ଏ ଚୋରା ଅନ୍ଧାରରେ ବସିଥାଏ । ସାଧବଙ୍କୁ ଠକିଦେଇ, ସାଧବ ମନେ ମନେ ଭାରି ଖୁସି ଆପଣା ପୁଅ ବୋଲି । ବହୁତ ରାତି ଯାଏ ସାଧବ ଆଉ ଏ ଚୋରା ବସି ଦୁଃଖ ସୁଖ ହେଲେ, ପୁଅ ଗଲାରୁ ସାଧବ ଯାହା ଯିମିତି କମେଇ ଥିଲା ଯେଉଁଠି ଯାହା ଟଙ୍କା ଚୋକର ରଖିଛି ସବୁ ଏ ଚୋରା ଆଗରେ କହିଲା । ପଛକୁ କହିଲା, ତୁ ନ ଆସିବାରୁ ମୁଁ ଭାରି ବ୍ୟସ୍ତ ଥିଲି, ଏ ବୁଢ଼ା ଦିନେ ମୋର ଏତେ କଥା କିଏ ପୁଛା କରେ କିଏ? ତୁ ଆସିଲୁଣି, ଏଥରକି ମୋ ଘର ତୁ ସମ୍ଭାଳ, ମୁଁ ମୁଠାଏ ଖାଇ ଖଣ୍ଡେ ପିନ୍ଧି ନିଶ୍ଚିନ୍ତ ହୋଇ ବସିବି । ଏହା କହି ଏ ଚୋରାକୁ କୁଞ୍ଚିପେଣ୍ଡାକ ଧରେଇ ଦେଲା । ସାଧବ ଶୋଇବାକୁ ଗଲା । ବେଶି ରାତି ହେଲାରୁ ସମସ୍ତେ ଶୋଇ ପଡ଼ିଲେ । ନିଶା ଗରଜିଲା ବେଳକୁ ଏ ଚୋରା ଧୀରେ ହୋଇ ଉଠି ସବୁ ଘରେ ଖାଇ ବାଜ ପାଡ଼ିଲା । ସମସ୍ତେ ଅଚେତା ହୋଇ ଘୁଙ୍ଗୁଡ଼ି ମାରି ଶୋଇଲେଣି । ଏ ଚୋରା ଆଗରୁ ଗୁପ୍ତ କରି ମଣିଷ ଦଶ ବାର ଜଣ ଦାଣ୍ଡରେ ରଖେଇ ଥାଏ । ଘରେ ସମସ୍ତେ ଶୁନଶାନ ହେଲାରୁ ଏ ଚୋରା ଧୀରେ କରି ଚନ୍ଦ୍ରା-ଘର ଦୁଆର ଫିଟେଇଲା, କୁଞ୍ଚିପେଣ୍ଡାକ ତା ହାତେଠି ଥାଏ, ଟଙ୍କା ସିନ୍ଦୁକ ବାକସ ସବୁ ଫିଟେଇ ସୁନା, ରୁପା, ଟଙ୍କା, ମୋହର ଯେତେକ ସାଧବ ଘରେ ଯାହା ଯେଉଁଠି ଥିଲା ସବୁ ଯାକ ବୋହି ନେଇ ଦାଣ୍ଡ ମଣିଷଙ୍କୁ ଦେଲା । ସାଧବ ଘରେ କଳାକନା ଦୁଲେଇ ସବୁଯାକ ନେଇ ତୁନ୍ତୁନା ଖସି ସାଧବ ଘରୁ ବାହାରି ଗଲା । ଧନ ଦରବ ସବୁଯାକ ନେଇ ମାଲୁଣୀ ଜିମା ଦେଲା । ସକାଳୁ ଉଠି ସାଧବ ଦେଖିଲା ବେଳକୁ ପୁଅ ଫୁଅ କେହି ନାହିଁ, ସିନ୍ଦୁକ ବାକସ ସବୁ ମେଲା ହୋଇ ପଡ଼ିଛି । ଟଙ୍କା ଚୋକର ସବୁ ଝାଡ଼ଝୁଡ଼୍ । ସେଇଥିରୁ ଲାଗିଲା ଖୋଜା, ମୂଳକଯାକ ହୁରି ପଡ଼ିଗଲା । ରଜାଙ୍କୁ ଏ କଥା ଏତଲା ହେଲା, ଏ କଥାର ଆଉ କିଛି ଠିକଣା ମିଳିଲା ନାହିଁ । ଏମିତି ଆଜ ଏ ଘରୁ କାଲି ସେ ଘରୁ ଚୋରି ହେଲା । ରଜା ଜାଡ଼ ଶୁଣନ୍ତି । ଏଣେ ନଅରରେ ଯାହା ବିଗ୍ରହ ହୁଏ ମାଲୁଣୀ ସବୁ ଶୁଣି କରି ଯାଇ ଚୋରାକୁ କହେ । ଚୋରା ସେଥିକି ଚାହିଁ ସାବଧାନରେ ଥାଏ । ଗଡ଼ଜଯାକ ତେଙ୍ଗୁରା ଦିଆଗଲା, ଯେ ଏ ଚୋରକୁ ଧରି ଦେବ ସେ ଲକ୍ଷେ ଟଙ୍କା ପାଇବ । ଯେ ଯେତେ ଚେଷ୍ଟା କଲେ, ଚୋରର କିଛି ଥପ ମିଳିଲା ନାହିଁ । ଆଜି ଏ ଜାଗେ ମୋ ଘରୁ ଚୋରି ହେଲା, କାଲି ସେ ଜାଗେ ତା ଘରୁ ଚୋରି ହେଲା । ସେ ଚୋର ଧରିବାକୁ ସହରେ ପହରା ଦେବାକୁ ବାହାରେ, ଏ ଚୋରା ତ ସବୁ ଖବର ମାଲୁଣୀଠାରୁ ଶୁଣେ, ସେହି ଦିନ ଆଉ ଘରୁ ଚୋରି ହୁଏ । ସେ ଯେତେ ଜାଗି ଥିଲେ ହେଲେ ଚୋର ଆଉ ଧରା ପଡ଼ିଲା ନାହିଁ । ରଜାଙ୍କ ସୁରୁଖୋଇମାନେ କହିଲେ ଚୋରକୁ ଧରିବେ

Digitized by srujanika@gmail.com

ହେବାରୁ । ଏଣେ ଏ ଟୋକା ମାଲୁଣୀଠାରୁଁ ଗୁରୁ ଗୋସେଇଁଙ୍କ ଓଉଅର ବୁଝିଲା, ନିତି ସନ୍ଧ୍ୟା ବେଳକୁ ଗୁରୁଗୋସେଇଁ ଗୋଟାଏ ପୋଖରୀକି ଯାଆନ୍ତି, ଲୁଗାପଟାତକ ପାଲଟି ପୋଖରୀ ପାହାଚରେ ରଖିଦିଅନ୍ତି, ଲଙ୍ଗଳା ହୋଇ ବୁଡ଼ିଯାଏ ପାଣିରେ ପଶି ଗୋଟାଏ ମନ୍ତ୍ର ସାଧନା କରନ୍ତି । ଟୋକା ତ ଏ ସୂତ୍ର ଜାଣିଥାଏ । ସେ ଦିନ ସନ୍ଧ୍ୟା ବେଳେ ଗୁରୁଗୋସେଇଁ ଲୁଗାପଟା ଥୋଇ ଦେଇ ପାଣିରେ ପଶି ଜପ କରୁଛନ୍ତି, ଟୋକା ଖଣ୍ଡଖାଣ୍ଡରେ ତୁନି ହୋଇ ଗଲା, ପୋଖରୀ ପାହାଚ ଉପରୁ ଗୋସେଇଁଙ୍କ ଲୁଗାପଟାତକ ଘେନି କୁ । ଏଣେ କଅଣ କଲା କାଖରେ ପାଞ୍ଜି ଖଣ୍ଡେ ଜାକି ପିନ୍ଧାଦୋପଡ଼ା ହୋଇ ଯାଇଁ ଗୋସେଇଁଙ୍କ ଘରେ ପହଞ୍ଚିଲା ନାହାକ ବେଶରେ । ଗୁରୁଗୋସେଇଁଙ୍କ ଭାରିଯା ତାଙ୍କ ଦେଖି କେତେ କଥା ପଚାରି ନାହାକ କହିଲାରୁ ନାହାକ କଥାରେ ତାଙ୍କର ଭାରି ବିଶ୍ୱାସ ହେଲା । ପଛକୁ ଅସଲ କଥା ପଚାରିଲାରୁ କହିଲା ତୁମକୁ ଆଜି ରାତିରେ ଗୋଟାଏ ଭାରି ଝଞ୍ଜି ଅଛି, ଆଜି ରାତି ଦି'ପହର ଗଡ଼ିଗଲାରୁ ତୁମ ବାଡ଼ ଦୁଆରେ ବାଳ ମୁକୁଳା କରି ଲଙ୍ଗଳା ହୋଇ ମଶାଣିଚଣ୍ଡୀ ଆସି ପହଞ୍ଚି କରି ବାଡ଼ କବାଟରେ ମାରିବ, ଗୋସେଇଁଙ୍କ ପାଟି ଭଳିଆ ପାଟି କରିବ, କହିବ ମୁଁ ଗୁରୁଗୋସେଇଁ; ତାକୁ କବାଟ ଫିଟେଇ ଦେଲେ ସେ ତୁମ ବଂଶଯାକ ପଦା କରିବ । ତୁମେ ଗୋଟିଏ କଥା କରିବ, ଆଜି ତ ଗୋସେଇଁ ଯିବେ ଯୋଗ ଜଗି, ତୁମେ ପାଣି ହାଣ୍ଡିଏ ଚୁଲିରେ ବସେଇ ଥିବ, ସେ ପାଣି ଟକଟକ ହୋଇ ଫୁଟୁଥିବ, ଗୋଟାକେତେ ବୋଲୁଅ ଆଣି ରଖିଥିବ । ଯିମିତି ମଶାଣିଚଣ୍ଡୀ ଆସି ଭୁନ୍‌ଭୁନ୍ କରି କବାଟରେ ମାରିବ, ତୁମେ ପାଟବାଟେ ଶୁଣିବ ମୋ କଥା ସତ କି ମିଛ । ତୁମେ ତୁପ୍‌କିନା କବାଟ ଫିଟେଇ ଦେଇ ଉତ୍ତପ୍ତ ପାଣି ହାଣ୍ଡିକ ତା ଉପରକୁ ଫୋପାଡ଼ି ତାକୁ ବୋଲୁଅ ଲଦିବ । ସ୍ତ୍ରୀ ବଳେ ସେ ପକେଇ ଯିବ, ନଇଲେ ବଂଶଯାକ ଖାଇବ । ଗୋସେଇଁଙ୍କ ଭାରିଯା ନାହାକ କହିବା କଥା କଲେ, ପାଣିହାଣ୍ଡିକ ନିଆଁ ଉପରେ ଫୁଟୁଥାଏ । ଏଣେ କଅଣ ହେଲା, ଗୁରୁଗୋସେଇଁ ଜପ ସାରି କରି ପାଣିରୁ ଉଠିଲା ବେଳକୁ ଦେଖନ୍ତି ପାହାଚ ଉପରେ ଲୁଗା ନାହିଁ । ସରମ କଥା, ଲଙ୍ଗଳାଟା ହୋଇ ଯିବେ ଏବେ କୁଆଡ଼େ ? ବାଳ ଓଦା, ମୁକୁଳା ହୋଇଛି, ଏଣେ ଫେର ଲଙ୍ଗଳା, କଅଣ କରିବେ ? ଲୁଚି ଲୁଚି ବାଡ଼ ବାଟେ ପଡ଼ି ଅପଣା ଘର ବାଡ଼ ଦୁଆରେ ଯାଇ ପହଞ୍ଚିଲେ । କବାଟରେ ଧୀର କରି ମାରିଲେ । ଗୋସେଇଁଙ୍କ ଭାରିଯା କବାଟ ଜଣା ବାଟେ ଶୁଣିଲା ବେଳକୁ ସତକୁ ସତ ନାହାକ ଯାହା କହି ଯାଇଥିଲା ସେହିଆ । ଭାରିଯା ତୁପ୍‌କିନା କବାଟ ଫିଟେଇ ଦେଇ ଫୁଟିଲା ପାଣିହାଣ୍ଡିକ ଗୋସେଇଁଙ୍କ ଉପରେ ଅଜାଡ଼ି ପକେଇ କରି ବୋଲୁଅ ଉପରେ ବୋଲୁଅ ଲଦି ପକେଇଲା । ଗୋସେଇଁ ତ ଏକା ଥାନକେ ମୋହ ଗଲେ । ଦୀପ ଲଗେଇ ଦେଖିଲା ବେଳକୁ ପିଲେହି ଚମକି ଗଲା, ଦେଖିଲା ବେଳକୁ କଳେ ଗୋସେଇଁଙ୍କର ଏ ଅବସ୍ଥା ! ଦିହଯାକ ଝାଉଁଳିଆ କଦଳୀ ପତର ଭଳି ସିଝି ଗୋଟାଏ ଛାଲ ଉତୁରି ଗଲାଣି । ଏଣେ ଫେର ତା ଉପରେ ବୋଲୁଅ ଟେକା ମାଡ଼, ଦିହଯାକ ଅବୁ ଅବୁ ହୋଇ ଗର ପରି ଅଷ୍ଟାଙ୍ଗ-ଶରୀର ଫୁଲି ଗଲାଣି । ଘରେ କାନ୍ଦବୋବାଳି ପଡ଼ିଗଲା । ଗୋସେଇଁଙ୍କ କାନ ନାକ ଫୁଙ୍କି ପାଣି ଛାଟେଇ ଗୋସେଇଁଙ୍କି ସାଷ୍ଟମ କଲେ, ଘରକୁ ଘିନା ଗଲେ । ଗୋସେଇଁଙ୍କ ଚେତା ହେଲାରୁ ଗୋସେଇଁ ସବୁ କଥା କହିଲେ । ଧମନ୍ତ୍ରେ ଜାଣିଲେ ଏଣିକି ସେ ଟୋକାର କାମ । ତହିଁ ଆର ଦିନ ସକାଳୁ ଉଠି ଟୋକାକୁ ଦେଖିବେ କଅଣ, ଦେଖିଲା ବେଳକୁ ଗୁରୁ-ଗୋସେଇଁଙ୍କର ଏ ଅବସ୍ଥା ! ଦିନକୁ ଦିନ କଥା ତ ଭାରି କଠିନ ହେଲା । ଏ ଟୋକାର ତ ଆଉ

Digitized by srujanika@gmail.com

ଏଣିକି ମୂଲକ ଥାପ୍ପ କରି ହବ ନାହିଁ । କହିବା କଅଣ ଏବେ? ରଜାଙ୍କୁ ଭାରି ଭାବନା ପଡ଼ିଲା । ପଛକୁ ରଜା ହୁକୁମ ଦେଲେ ଆଜ ମନ୍ତ୍ରୀ ଧରିବେ ଚୋର । ମନ୍ତ୍ରୀ କଅଣ କରିଥାନ୍ତି:—ଏକ ହରକାଠ ତିଆର କଲେ; ଘଟଯାକ ନଅର ଗୃହ ପାଖ ଠିଆ ପହରା ଦେଇ ଥାଆନ୍ତି । ଏ ଟୋକା ମାଲୁଣୀ କ ହକରୁ ସନ୍ଧ୍ୟା କରିଥାଏ ମାଲୁଣୀ ନଅରକୁ ଗଲା ବେଳେ ନଅର ବାହୁଡ଼ିଥାର ଗଳବାଟ ଶିକୁଳିଟି ମେଲା କରି ରଖି ଅଛିଥାଏ । ଏ ଟୋକା ରାତିରେ ସେହିବାଟେ ନଅରରେ ପଶିଲା । ଦେହରେ ସୁନା ରୁପା ଅଳଙ୍କାର ଭରିଲା, ଖଣ୍ଡେ ପାଟ ଶାଢ଼ୀ ପିନ୍ଧି ସ୍ତ୍ରୀ ବେଶ ହେଲା, ଛାଇଟିଏ ଧରି ନଅର ଦାଣ୍ଡ କବାଟ ଫିଟେଇ ବାହାରିଲା ବେଳକୁ ମନ୍ତ୍ରୀ ଈ ପଦାରେ ବୁଲୁଥିଲେ, କହିଲେ, ତୁମେ ଏତେ ରାତିରେ କିଏ? ଟୋକା ଈ ମାଇପି ବେଶ ଧରିଛି, କହିଲା "ମୁଁ ରେଜମାଦେଈ, ଭାରି ପୋଷଘାପାଣି ମାଡ଼ିଲାରୁ ଭଲ ସହିଲା ନାହିଁ, ପୋଇଲି ପରବାର କାହାକୁ ନ ହେଦେଇ ବାହାରି ଅଇଲି । ମତେ ଭର ମାଡ଼ୁଛି, ଟିକିଏ ଠିଆ ହୁଅନ୍ତୁ ମୁଁ ବାଡ଼ିକି ବସନ୍ତି । ମତେ ନଅରକୁ ଛାଡ଼ି ଦେଇ ତୁମେ ତୁମ ପହରାରେ ରହିବ ।" ମନ୍ତ୍ରୀ ଗଲେ ସାଙ୍ଗରେ ନଗିବାକୁ । ଏ ଟୋକା ଖଣ୍ଡିଏ ବାଟ ଯାଇ ମିଛରେ ଗୋଟାଏ ବୁଢ଼ୀ ପାଖରେ ବସିଗଲା । ପାଣିସାର ଉଠି ଆଇଲା । ମନ୍ତ୍ରୀଙ୍କି ପଚାରିଲା ତୁମେ କାହିଁ ଏତେ ରାତିରେ ଏଠେଇଁ ପହରା ଦଉଛ ? ମନ୍ତ୍ରୀ କହିଲେ ଚୋର ଧରିବ ବୋଲି ପହରା ଦଉଛୁ । ଚୋରକୁ ଧରିଲେ ଏ ହରକାଠରେ ପକେଇବ, କାଲି ସକାଳୁ ରଜାଙ୍କ ଛାମୁରେ ପହଞ୍ଚାଇବ । ରେଜମା କହିଲେ ଏ ହରକାଠରେ ଚୋର କେମିତି ପଶିବ ? ମନ୍ତ୍ରୀ କହିଲେ ଚୋ ଗୋଡ଼ ହାତ ଏଥିରେ ଭରିଦେଇ କଣ୍ଟା ଖିଲ ବାଡ଼େଇ ଦେଲେ ରହିବ । ରେଜମା କହିଲେ ମୁଁ ଗୋଡ଼ହାତ ଏଥିରେ ଦେଉଛି, କେମିତି ଖିଲ ବାଡ଼ଅନ୍ତି ଟିକିଏ ବାଡ଼େଇ ଦିଅ ମୁଁ ଦେଖେଁ ।

ମନ୍ତ୍ରୀ ହିଁ ଭ କାମୁଡ଼ ପକେଇ କହିଲେ, ତୁମେ ରଜାଙ୍କ ରେଜମା ଦେଈ, ମୁଁ ତୁମ ଗୋଡ଼ହାତ ପୂରେଇ ଖିଲ ମାରିଦେବି । ରଜା ଶୁଣିଲେ ଆଉ ମୋ ମୁଣ୍ଡ ରଖିବେ ? ଯେବେ ଦେଖିବାକୁ ମନ କରୁଛ ତେବେ ଏ ହରକାଠରେ ମୁଁ ଗୋଡ଼ହାତ ଭରିଦେଉଛି, ତୁମେ ଖିଲ ବାଡ଼େଇ ଦିଅ, କେମିତି ହରକାଠରେ ଚୋର ପଡ଼ନ୍ତି ଦେଖି ସାଇଲେ ଖିଲ କାଢ଼ି ଦେବ, ମୁଁ ବାହାରି ଆସିବି । ଏହା କହି ମନ୍ତ୍ରୀ ଯିମିତି ହରକାଠରେ ଗୋଡ଼ହାତ ପୂରେଇଲେ, ରେଜମାଦେଈ ସେ କଣାରେ କଣ୍ଟାଟିମାନ ଦେଇ ଅଚ୍ଛା କରି ଦି' ଦି' ପାହାର ବାଡ଼େଇ ଦେଲେ । ବାଡ଼େଇ ଦେଇ ଦାଣ୍ଡେ ଦାଣ୍ଡେ ଜୁ । ମନ୍ତ୍ରୀ ପଡ଼ିଛନ୍ତି । ସକାଳୁ ଉଠି ସମସ୍ତେ ଦେଖିଲା ବେଳକୁ ମନ୍ତ୍ରୀ ନିଜେ ପଡ଼ିଛନ୍ତି ହରକାଠରେ । ବୁଢ଼ୀ ବୁଢ଼ୀ ଗଡ଼ରେ ରେଜମା ଉଠି ନାହାନ୍ତି ପୋଷଘାପାଣି । ମନ୍ତ୍ରୀ ଆଉ ସରମରେ ମୁହଁ ଟେକି ପାରିଲେ ନାହିଁ । ଚୋରର ଫେର ଏତେ ସାହସ ! ନଅର ଭିତରେ ପଶି ଏତେ କୁନର ! ନିଜେ ମନ୍ତ୍ରୀ ଈ ସମ୍ଭାଳି ପାରିଲେ ନାହିଁ, କଅଣ ହବ ? ଏଥିକି କାହାର କିଛି ବୁଦ୍ଧି ଯୁଟିଲା ନାହିଁ । ଶେଷ ଆଉ ଦିନ ରଜା କହିଲେ ଅଚ୍ଛା ଆଜ ରାତିରେ ଆମେ ନିଜେ ଚୋର ଧରିବା । ଏ ଟୋକା ମାଲୁଣୀଠଉଁ ଏ କଥାର ଯୋଗସାର ବୁଝିଲା । ନଗରବଦ ଗଡ ହେଲାରୁ ରଜା ଗୃହ ହତିଅର ବାନ୍ଧି ଘୋଡ଼ାରେ ସୁଆର ହେଇ ବାହାରିଲେ ଚୋରକୁ ଧରିବେ ବୋଲି । ଏ ଟୋକା କଅଣ କରିଥାଏ:—ଖଣ୍ଡେ ଜଗ ହରିବା ପିନ୍ଧି ଏଙ୍କା ରଷ୍ଟ ବାଟରେ ବସି ଗୋଟାଏ ଭଙ୍ଗ ଟେଙ୍କିରେ ମାଣ୍ଡିଆ ପେଶୁଥାଏ ନର୍ଗୀହାସ୍ୱରରେ ଗୁଣ ଗୁଣ ହେଇ ଘର ଅଇନ୍ଦ୍ରା ହେଲା ଭଳିଆ ଗୀତ ବୋଲୁଥାଏ । ରଜା ଘୋଡ଼ାରେ ଚଢ଼ି ଆସି ପହଞ୍ଚିଲେ ସେଠେଇଁ । ରଜା କହିଲେ 'ତୁ ଏତେ ରାତିରେ ଏଠେଇଁ କିଏ ଲୋ ?' ବୁଢ଼ୀ କହିଲା "ପୁଅ, ତୁ ଏତେ ରାତିରେ ଏଠେଇଁକି

Digitized by srujanika@gmail.com

ନେଇଁ ଅଇଲୁ । ଏଠାରେ ଭାରି ଚୋର ମାଡ଼ନ୍ତି । ଦଶ୍ଚିନ୍ତ ହେଲେ ଏବାଟେ ଆଠଟା କି ଦଶଟା ଘୋଡ଼ାରେ ଚଢ଼ି ପଞ୍ଚାଏ ସବୁ ଚୋର ହାତିଆର ବାନ୍ଧି ଘର ନଅର ଅଡ଼କୁ ଗଲେ । କହିଲେ ଆମେ ଯାଉଛୁଁ ନଅରରେ ଚୋରି କରିବୁଁ ବୋଲି । ମୁଁ ଅଣ୍ଟଭଙ୍ଗୀ ସନ୍ତାଣି ଏ, ମୋର ଦେହ ନାହିଁ । ମାଣ୍ଡିଆ ପେଜି ଢାଳିଲେ ମୋ ପେଟ ପୋଡ଼େ । ସେ ସବୁ ମୋଠାରୁଁ ପୋଡ଼େ ଲେଖାଏଁ ଛତୁଆ ଖାଇ ମୁନାଏ ଲେଖାଏଁ ପାଣି ପିଇ ଚାଲି ଗଲେ, କହିଗଲେ ତୁ ଏଠାରେ ବସିଥା, ଆମେ ଏଇବାଟେ ଫେରି ଆଇଲାବେଳେ ଭଲ ଭଲ ଦରବୋଡ଼ ଧରି ଦେଇଯିବୁଁ । ମୁଁ ଏଠାରେ ବସି ଜଗ ଫେରୁଛି ।" ରଜା କହିଲେ "ଅଚ୍ଛା ଭଲ ସେ ସେ ଚୋରଯାକ କେମିତି ଧରା ପଡ଼ିବେ ? ସେ ଚୋରଙ୍କୁ ଯେବେ ଧରେଇ ଦେବୁ ତେବେ ତତେ ଘର ଦୁଆର ତୋଳେଇ ଦେବି, ବହୁତ ଟଙ୍କା ପଇସା ଦେବି । ତୁ ଆଉ ଦୁଃଖ ପାଇବୁ ନାହିଁ ।" ସନ୍ତାଣି କହିଲା 'ତେବେ ତୁମେ ଗୋଟିଏ କଥା କର:—ମୋ ଚେଗଣା ପିନ୍ଧି ଏଠାରେ ବସି ଜଗ ଫେରୁଥାଅ । ସେ ଚୋର ଏଇବାଟେ ଆସିଲେ ଧରିବ । ମତେ ତୁମ ପାଗ ପଟୁକା ଦିଅ, ମୁଁ ପିନ୍ଧି ଘୋଡାରେ ଚଢ଼ି ସେ ଚୋରଙ୍କ ପଛେ ପଛେ ଅଉର ଜଣ୍ଡି ଯାଏଁ, ତାଙ୍କୁ ଏଇବାଟେ ଫେରେଇ ଆଣିବି ।" ରଜା କହିଲେ ହଉ । ରଜା ଚେଗଣା ପିନ୍ଧି ମାଣ୍ଡିଆ ପେଜି ବସିଲେ । ଟୋକା ରଜାଙ୍କ ପାଗପଟୁକା ପିନ୍ଧି ଖଣ୍ଡା ହାତିଆର ବାନ୍ଧିଲା, ଘୋଡ଼ାରେ ଚଢ଼ିଲା । ଘୋଡ଼ା ଚଢ଼ି ନଅର ଆଡ଼କୁ ଗଲା, ଯାଇ ସିଂହଦୁଆରରେ ପହଞ୍ଚିଲା । ଜଗୁଆଳଯାକ ବୁଝିଲେ ରଜା ଆଇଲେ ବୋଲି । ଜଗୁଆଳଙ୍କି କହିଗଲା ରାତି "ଜାଗୁଲ୍ ଜାଗୁଲ୍ ହଉଥିବ, ସିଂହଦୁଆରରେ ଆସି ଗୋଟାଏ ବୁଢ଼ୀ ପହଞ୍ଚିବ, ସେ ଯେ ଅସଲ ଚୋର । ସେ ଯାହା କହିବ ତୁମେ କିଛି ଶୁଣିବ ନାହିଁ । ତାକୁ ଧରି ବାନ୍ଧି ପକେଇବ, ନେଇ ବନ୍ଦିଘରେ ପକେଇବ, ଅମ ପନ୍ତୁଡ଼ା ଭିତରେ ଆମ ପାଖରେ ନେଇ ତାକୁ ପହଞ୍ଚେଇବ । ଏ କଥା ନ କଲେ ମୁଣ୍ଡକାଟ ହେବ । ଏମିତି କହି ଟୋକା ଘୋଡ଼ାରୁ ଓହ୍ଲାଇ ସିଧା ନଅର ଭିତର ଖଞ୍ଜାକୁ ବାହାରି ଗଲା । ଗୋଟାଏ ଘରେ କବାଟ କିଳି ପଶିଲା । ଏଣେ ପୋଖରୀ ବାଟରେ ରଜା ଚେଣ୍ଡେ ଚେଗଣା ପିନ୍ଧି ଜଗ ଫେରୁ ଫେରୁ ରାତି ପାହିବାକୁ ଆସି ହେଲାଣି । ଚୋର ନା ଘୋର କେହି ଦେଖା ନାହିଁ । ରଜାଙ୍କ ମନ ଖାଇ ଉଚ୍ଛନ୍ନ ହେଲା, ଏଣେ କୁଆ କୋଇଲି ବୋବେଇଲେଣି, ସୁନଦୀ ନିଦ ଉଠିଲାଣି, ଯାହା ଜ ହକାର ହେଲାଣି ରାତି ନ ପାହୁଣୁ ଯାଇ ରଜା ଜୁଆସରେ ପହଞ୍ଚିଲେ ଗଙ୍ଗାସ୍ନାହାନ ଫଳ ହେବ । ଏମିତି ବିଚାରି ରାତି ଜାଗୁଲ୍ ଜାଗୁଲ୍ ହଉଛି, ଚେଗଣା ଖଣ୍ଡକ ପିନ୍ଧି ଲୁଚିକୁ ଘୁଞ୍ଚିକୁ ହୋଇ ଯାଇ ସିଂହଦୁଆରେ ଚୋର ଭଳି ପହଞ୍ଚିଲେ । ଜଗୁଆଳ ଯାକ ତ ଆଗରୁ ଜାଣିଛନ୍ତି ହୁକୁମ; ରଜାଙ୍କୁ ଅନ୍ଧାରରେ ଚିହ୍ନିଛି କିଏ ? ତାଙ୍କୁ ବାନ୍ଧି ପକେଇ ନେଇ ବନ୍ଦିଘରେ ପକେଇଲେ । ରଜା ଯେତେ କହୁଛନ୍ତି ମୁଁ ରଜା, ତାଙ୍କ କଥା ଶୁଣୁଛି କିଏ ? ଧମସ୍ତଙ୍କର ତ ଏକହଳିଆ ଉଠିଛି । ସକାଳୁ ରଜାଙ୍କ ପାଣ୍ଡି ବାହାରିଲେ, ସବୁରି ହେଲାରୁ ଦେଖିଲେ ଯେ କିଏ ନା ରଜା ! ରଜା ଯେ ଚେଗଣା ଖଣ୍ଡକ ପାଲଟି ହୋଇଛନ୍ତି । ଅସଲ ଚୋରକୁ କିଏ ଖୋଜେ ! ଟୋକା ଯୋଉଁ ଘରେ କବାଟ କିଳି ପଶିଛି ସେ ଘର କବାଟରେ ଯାଇ ସମସ୍ତେ ମାଇଲେ । ଟୋକା ଭିତରେ ଥାଇ କହିଲା ରଜା ନିଜେ ଏଠାରେ ଆସି କହିଲେ ମୁଁ କବାଟ ଫିଟେଇବି । ସମସ୍ତେ ଯାଇ ରଜାଙ୍କୁ ଜଣାଇଲାରୁ ରଜା ନିଜେ ଆସି କହିଲେ । କବାଟରେ ମାଇଲେ, ଏ ଟୋକା ଭିତରେ ଥାଇ କହିଲା 'ମହିମା ! ଏ ମୁଣ୍ଡ ରହିବ ବୋଲି ଯେବେ ତୁମେ ସତ୍ୟ କରିବ ତେବେ କବାଟ ଫିଟେଇବି ।' ରଜା ସତ୍ୟ କଲେ, ଏ ଟୋକା କବାଟ ଫିଟେଇ ଦେଇ ଲମ୍ବ ହୋଇ ଗୋଡ଼ତଳେ ପଡ଼ିଗଲା । କହିଲା 'ମହିମା ! ମୋ

Digitized by srujanika@gmail.com

ଅଜାଙ୍କୁ ଖୁସୁ ପଚାରିଥିଲେ । ମୋ ଅଜା କହିଲେ 'ଯେଉ ଅଣି ଥୋଇ ଜାଣିବ ସେ ଚୋରବିଦ୍ୟା ଭଲ' ଖୁସୁ ଚୋରର କ ଅର୍ଥ ଜାଣିଲା, ମୋ ଅଜାଙ୍କୁ ସଂଶୋ ଟୁଲୀ ଖୁଣ୍ଟୁ ଦେଲା । ଏବେ ଖୁସୁଙ୍କ ଅବସ୍ଥାକୁ ଅସିଲା ସେଥି ଜେଉ ଅଣି ଥୋଇ ଜାଣିବ ଚୋର ବିଦ୍ୟା ଭଲ ? ସେଥିରୁ ରଜାଙ୍କ ଅଗରେ ସବୁ କଥାଯାକ କହିଗଲା । ରଜା ଏ ଚୋରା ବୁଦ୍ଧିକି ଖୁବ ପ୍ରଶଂସା କଲେ । ପାନ ମନ୍ତ୍ରୀ ସମସ୍ତେ ଧନ୍ୟ ଧନ୍ୟ କହିଲେ । ରଜା ତା ମୁଣ୍ଡରେ ମନ୍ତ୍ରୀ ଶିରପା ବନ୍ଧେଇ ଦେଲେ । କେମାନେ ଦେଶକୁ ତା ସଙ୍ଗେ ବିଭା କରେଇ ଦେଲେ । ତା ଅଜା, ବାପ, ମା ସମସ୍ତଙ୍କୁ ଅଉ ରଜାଙ୍କୁ ଆଣେଇଲେ । ତିନି ଜୋଡ଼ି ଦିନ ସୁଖରେ ଜନ୍ଦ କଲେ । ମୁଁ ଜାଣିନି କଥା ନ କହିଲେ ।

ଗୋପାଳ ଚନ୍ଦ୍ର ପ୍ରହରାଜ ।

ଚଟଶାଳୀ ।

(କଟକ ଆଲୋଚନା ସଭାରେ ପଠିତ ।)

ଅଭାବ ଘଟିଲେ ପଦାର୍ଥର ପ୍ରକୃତ ପରିଚୟ ମିଳେ । ସଦ୍ଭାବବେଳେ ଯାହା ଯେତେ ଗୁଣବିଶିଷ୍ଟ ଜଣା ଯାଉଥାଏ, ଅଭାବବେଳେ ତାହା ଅପେକ୍ଷାକୃତ ଅଧିକଗୁଣବିଶିଷ୍ଟ ବୋଧହୁଏ । ଆମ୍ଭେମାନେ ବିଦ୍ୟାଳୟରେ ପଢୁଥିବାବେଳେ ଛାତ୍ରଜୀବନକୁ ଯେତେ ସୁଖମୟ ମଣୁଥିଲୁଁ, ବର୍ତ୍ତମାନ ତାର ପରବର୍ତ୍ତୀ ଜୀବନରେ ତଦପେକ୍ଷା ଅଧିକତର ସୁଖମୟ ମନେ କରୁଁ । ସେହି ଅତୀତ କାଳସ୍ମୃତି ଆମ୍ଭମାନଙ୍କ ମନରେ ଏକ ଅପୂର୍ବ ଆନନ୍ଦ ଉତ୍ପାଦନ କରେ । ସେହି ହେତୁରୁ ଆମ୍ଭେମାନେ କୌତୂହଳୀ ହୋଇ ଅତୀତ କଥାର ଆଲୋଚନା କରିବାକୁ ଯାଉଁ । ଆମ୍ଭେମାନେ ନୂତନ ପାଇଲେ ପୁରାତନରେ ଅଭକ୍ତ ହୋଇ ତାହା କ୍ରମେ ପାସୋରି ପକାଉଁ । ନୂତନ ନୂତନ ପ୍ରଥା ବା ଭାବର ପ୍ରବେଶ ସଙ୍ଗେ ସଙ୍ଗେ ପୁରାତନର ଲୋପ ହେଉଥାଏ । ଆଧୁନିକ ସଭ୍ୟତା-ପିପାସୁମାନେ ଅଭିନବ ସଭ୍ୟତାର ଅବରଣରେ ଆବୃତ ହୋଇ ପ୍ରାଚୀନକୁ ଅଉ ଦେଖି ପାରୁ ନାହାନ୍ତି । ଆମ୍ଭେମାନେ ନୂତନ ବିଦ୍ୟାଳୟ (ସ୍କୁଲ) ଦେଖି ଦେଖି ପୁରାଣ ଘରର ସେହି ଚଟଶାଳୀ, ଚତୁଷ୍ପାଠୀ ପ୍ରଭୃତିକୁ ଏକପ୍ରକାରରେ ଭୁଲି ଗଲୁଣି । ଚଟଶାଳୀ ସମ୍ବନ୍ଧରେ ଗୋଟିଏ ସ୍ୱତନ୍ତ୍ର ପରିଚୟ ଦେବାର ସେତେ ପ୍ରୟୋଜନ ନାହିଁ । କାରଣ ତାହାର କଥା ସମସ୍ତଙ୍କୁ ଅଳ୍ପାଧିକ ପରିମାଣରେ ଜଣା ଅଛି । ଚଟଶାଳୀର ଶିକ୍ଷା ଓ ଶାସନପ୍ରଣାଳୀ ସମ୍ବନ୍ଧରେ ସଂକ୍ଷିପ୍ତ ଆଲୋଚନା କରିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ ।

ଚଟଶାଳୀ କିପରି ? କି କି ଉପକରଣ-ବିଶିଷ୍ଟ ? ଏହା ଏକପ୍ରକାର କ୍ଷୁଦ୍ରଗୃହ ବା କୁଟୀ; ପ୍ରାଥମିକ ଶିକ୍ଷାର ସ୍ଥଳ । ଚଟଶାଳୀ ସମ୍ଭବତଃ ସାଧୁଭାଷାରେ 'ଚଟ୍ଟଶାଳା' ହେବ । ଆଧୁନିକ ବିଦ୍ୟାଳୟ ଓ ଚଟଶାଳୀ ମଧ୍ୟରେ ଢେର ଅନ୍ତର । ଏଥିରେ ସ୍କୁଲପରି ଚୌକି ମେଜ ପ୍ରଭୃତି ନାହିଁ, କି ବେଞ୍ଚ୍ ନାହିଁ; କେବଳ ଖଣ୍ଡ ମଦୁର ବା ଚଟ । ଅନେକତ୍ର ଶିଶୁ ଛାତ୍ରମାନଙ୍କର ଅମୂଲ୍ୟ ମୃତ୍ତିକାସନ ଏବଂ ଅଧ୍ୟାପକଙ୍କର ଖଣ୍ଡିଏ ଚଟେଇ ବା ଚଟ୍ଟ । ଆସନସ୍ଥଳଟି ଭୂତଳଠାରୁ ଟିକିଏ ଉଚ୍ଚ । ଅଧିକାଂଶ ପଲ୍ଲୀଗ୍ରାମରେ ଗୋଟିଏ ଗୋଟିଏ ଚଟଶାଳୀ ଥାଏ । ପ୍ରାଚୀନ ଚଟଶାଳୀ ଅପେକ୍ଷା ଆଧୁନିକ ଚଟଶାଳୀ ଟିକିଏ ପରିବର୍ତ୍ତିତ । ପ୍ରାଚୀନ ଚଟଶାଳୀରେ, ଆଜି କାଲି ପରି ସ୍ଲେଟ ପେନସିଲ୍, ବା କାଗଜ କଲମର ବ୍ୟବହାର ଅଦୌ ନ ଥିଲା । କେବଳ ସେକାଳର ଉପକରଣ

Digitized by srujanika@gmail.com

କଣ ? ନିମ୍ନଶ୍ରେଣୀରୁ ଶିଶୁମାନଙ୍କର ମୁକ୍ତି—ଆଚରଣ ଏବଂ ଉଚ୍ଚଶ୍ରେଣୀରୁ ଛାତ୍ରମାନଙ୍କର ଖାତାପତ୍ର ଓ ଲେଖନୀ । ସ୍କୁଲଘର ଛହିଁରେ ସାଧାରଣତଃ ପୁସ୍ତକାଗାର ନ ଥାଏ । କେବଳ ଅଧ୍ୟାପକମାନଙ୍କ ଗୃହରୁ କେତେକଣ ନିମିତ୍ତ ତାଳପତ୍ର-ପୋଥି ପ୍ରଦେଇ ଯାଏ । ଏ ହିଁ ଗଲା ଚାଟଶାଳୀର ସ୍କୁଲ ଘର । ବର୍ତ୍ତମାନ ଦେଶର ଶିକ୍ଷା ଓ ଶାସନପ୍ରଣାଳୀ ସମ୍ବନ୍ଧରେ କିଞ୍ଚିତ୍ ଆଲୋଚିତ ହେବ । ଶିକ୍ଷାପ୍ରଣାଳୀ ସମ୍ବନ୍ଧରେ କହିବା ପୂର୍ବରୁ ଶିକ୍ଷାଦାତାମାନଙ୍କ କଥା ଉଲ୍ଲେଖ-ଯୋଗ୍ୟ । ସେମାନଙ୍କର ସାଧାରଣ ନାମ 'ଅବଧାନ' । ଏକଜାତୀୟ ମାଟିବଂଶ ଜାତିଙ୍କର (କରଣଜାତି ଅପେକ୍ଷା କିଛି ନିମ୍ନଶ୍ରେଣୀସ୍ଥ) ଏହି ବ୍ୟବସାୟ ପୂର୍ବରୁ ଏକଚେଟିଆ । ଏମାନଙ୍କୁ 'ଓଝା' (ଉପାଧ୍ୟାୟ) ବୋଲାଯାଏ । ଓଝା ଶବ୍ଦଟି ସମ୍ଭବତଃ ପ୍ରାକୃତର 'ଉବଜ୍ଝାଅ' ଶବ୍ଦରୁ ଉତ୍ପନ୍ନ । ବ୍ରାହ୍ମଣ ଜାତୀୟ ଅବଧାନଙ୍କୁ ଭାଷାରେ 'ଆପଣେ' ଆଖ୍ୟାରେ ଆଖ୍ୟାତ କରନ୍ତି । ଏହି 'ଆପଣେ' ଶବ୍ଦଟି ସାଧାରଣତଃ ପୂଜ୍ୟଠାରେ ବ୍ୟବହୃତ ହୋଇ ଥାଏ । ଅବଧାନମାନଙ୍କର ସାଧାରଣ ଯୋଗ୍ୟତା —ଯୋଗ, ବିୟୋଗ, ଗୁଣନ, ଭାଗ ଏବଂ ଚକ୍ରବୃଦ୍ଧି ଓ କୁଟଳାଦି ଦେଶୀୟ ଅଙ୍କରେ ଜ୍ଞାନ ଏବଂ ଛନ୍ଦସୂତ୍ର ବୋଲିଇ ପାରିବା । 'ଆପଣ'ଙ୍କର ବିଶେଷତ୍ୱ ଏହି ଯେ ସେ ଅପର ସାଧାରଣଙ୍କ ଅପେକ୍ଷା କେତୋଟି ଶ୍ଳୋକ ଅଧିକ ଜାଣନ୍ତି । ଓଝାମାନଙ୍କର ସେହିପରି ଅଙ୍କବିଷୟକ କେତୋଟି ସୂକ୍ଷ୍ମ ସୂକ୍ଷ୍ମ ସୂତ୍ର । ଗଣିତବିଷୟକ ଜଟିଳ ଓ ଅସଙ୍ଗତ ପ୍ରଶ୍ନ ପଚାରିବାରେ ଏମାନେ ସୁନିପୁଣ । ସେମାନେ ନିଜକୁ ଗଣିତବିଦ୍ୟାର ଅବତାର ମନେ କରନ୍ତି । କେହି ଯଦି ଛାତ୍ରର ମୁଖରୁ ସେହି କେତୋଟି ପ୍ରଶ୍ନରୁ ଗୋଟିକର ସମାଧାନ କରିଦିଏ, ତେବେ ତାହା ସେମାନଙ୍କ ପ୍ରତି ଅଭୂତ ଘଟଣା । ଯେଉଁ ପ୍ରଶ୍ନର ଏପର୍ଯ୍ୟନ୍ତ କେହି ଉତ୍ତର କରି ପାରି ନାହାନ୍ତି, ତାହା ଏତେ ଶୀଘ୍ର ସମାହିତ ହୋଇଯିବ ? ଅସମ୍ଭବ କଥା ! ଏପରି କହିବାର ହେତୁ କଣ ? ବୋଧହୁଏ ଅବଧାନଙ୍କୁ ପ୍ରଶ୍ନର ଉତ୍ତରଟି ଜଣା ନ ଥାଏ । ସେମାନେ ମଣନ୍ତି ପ୍ରଶ୍ନଟି ମୀମାଂସିତ ହୋଇଗଲେ ତାହାର ଅଉ ମାହାତ୍ମ୍ୟ ବା ମହତ୍ତ୍ୱ ରହିବ ନାହିଁ । ଓଝାମାନେ ନିଜ ପେଟର ବିଦ୍ୟା ବାହାରେ ପ୍ରକାଶ କରିବାକୁ ବଡ଼ କୁଣ୍ଠିତ । ଏପରି କି ଛାତ୍ରମାନଙ୍କୁ ସୁଦ୍ଧା କେବଳ ସାଧାରଣ ବିଷୟ ଶିକ୍ଷା ଦେଇ ବିଶେଷ କଥାଗୁଡ଼ିକ ଲୁଚାଇ ରଖନ୍ତି । ଛାତ୍ରମାନଙ୍କ ଶୁଭକାଙ୍କ୍ଷୀ ହୋଇ କଣ କରନ୍ତି, ତନ୍ନିମିତ୍ତ ସେମାନଙ୍କୁ କେବଳ ଉପରୋକ୍ତ ପ୍ରକାର ଜଟିଳ ପ୍ରଶ୍ନ ମାତ୍ର ଶିଖାଇ ଦେଇଥାନ୍ତି । ସବୁ କହି ଦେଲେ ପେଟରୁ ବିଦ୍ୟା ସରି ଯିବ ଯେ ! ଶେଷରେ ତ ଛାତ୍ରମାନେ ସମବିଦ୍ୟ ହୋଇ ଯିବେ । କି ଭ୍ରାନ୍ତ ଧାରଣା ! ସେମାନେ ଯାହା ଜାଣିଥାନ୍ତି ତଦପେକ୍ଷା ଅଧିକ ଜାଣିବାକୁ ଚେଷ୍ଟା ନ କରିବାରୁ ଧାରଣାଟା ଅଧିକ ଦୃଢ଼ ହୋଇ ଥାଏ । ଅବଧାନ ଛାତ୍ରମାନଙ୍କ ପ୍ରତି ନିରଙ୍କୁଶ ଯମ । ଶିକ୍ଷକ ଓ ଛାତ୍ରମାନଙ୍କ ମଧ୍ୟରେ ପରସ୍ପରପ୍ରତି ଯେପରି ସ୍ନେହ ଓ ଭକ୍ତି ଥାଏ ସେମାନଙ୍କ ମଧ୍ୟରେ ସେପରି ନ ଥାଏ । ତେବେ କଣ ଥାଏ ? ନିଷ୍ଠୁରତା ଓ ଭୟ । ଛାତ୍ରମାନଙ୍କ ପ୍ରତି ଅବଧାନଙ୍କର ସହାନୁଭୂତି ପ୍ରାୟ ଦେଖାଯାଏ ନାହିଁ । ଯେବେ ଥାଏ, ସ୍ୱାର୍ଥବଶତଃ । ଅବଧାନ ସର୍ବଦା ବେତ-ହସ୍ତ । ଅଳ୍ପ ହେଉ ଅଧିକ ହେଉ ଅବଧାନଙ୍କର ସ୍ଥୂଳ ପରିଚୟ ଏଠାରେ ପ୍ରଦତ୍ତ ହୋଇଗଲା । ବହୁଳ କଥନ ଅନାବଶ୍ୟକ । ନିମ୍ନରେ ଚାଟଶାଳୀର ଶାସନପ୍ରଣାଳୀ-କଥା କିଛି କଥିତ ହେଉଅଛି ।

ଆଜିକାଲି ସ୍କୁଲ ଯେପରି ୧୦ଟାଠାରୁ ୪ଟା ପର୍ଯ୍ୟନ୍ତ ୬ ଘଣ୍ଟାକାଳ ଖୋଲା ଥାଏ, ଚାଟଶାଳୀ ସେପରି ନୁହେ । ତାହା ପ୍ରତ୍ୟୁଷରୁ ପ୍ରଦୋଷ ପର୍ଯ୍ୟନ୍ତ ଅବିରତ ମୁକ୍ତ । ରବିବାର ଦିବସରେ ଅବକାଶ ନ ଥାଏ—କେବଳ ମଧ୍ୟାହ୍ନ ସମୟରେ

Digitized by srujanika@gmail.com

ପ୍ରତିଦିନ ଦୁଇ ଘଣ୍ଟା ଅବସର ମିଳେ । ଏହି ସମୟ-ବିଭାଗ ଯେ ଅବଶ୍ୟ ଆମ୍ଭମାନଙ୍କ ଏହି ଗ୍ରୀଷ୍ମ-ପ୍ରଧାନ ଦେଶପ୍ରତି ଅନୁପଯୋଗୀ ନୁହେ, ଦିବସର ମଧ୍ୟଭାଗରେ କେତେକାଳ ବିଶ୍ରାମ ନେବା ସର୍ବଥା ବିଧେୟ । ଅତି ପ୍ରଭାତରେ ପିଲାମାନେ ଚାଟ-ଶାଳୀକୁ ଯାନ୍ତି—'ହସେ ଶିଶୁଗଣ ପୋଥି ଧରି ହାତେ, ଚାଟଶାଳୀ ଯାନ୍ତି ଅତନେ ପ୍ରଭାତେ ।' (ଧ୍ରୁବମାଳା—୧ମଖଣ୍ଡ) ଅବଧାନଙ୍କ ନିଷ୍ଠୁର ବେତ୍ର ପ୍ରହାର ସେମାନଙ୍କୁ ଯାବଜ୍ଜୀବନ ଶଯ୍ୟାଗତ କରିଦିଏ ନାହିଁ । ପିଲାମାନଙ୍କ ପକ୍ଷରେ ଚାଟଶାଳୀ ଯମାଳୟ । ସେଥିରେ ଥିବାଠାରୁ କାରାଗାରରେ ବନ୍ଦ ହୋଇଥିବା ଭଲ ବୋଧହୁଏ । କାରାଗାରରୁ ମୁକ୍ତିଲାଭ କଲେ ଯେପରି ସୁଖ ସ୍ୱାଚ୍ଛନ୍ଦ୍ୟ, ଚାଟଶାଳୀରୁ ଛୁଟି ପାଇଲେ ଚାଟମାନଙ୍କର ସେହିପରି ସୁଖ ଓ ସ୍ୱାଚ୍ଛନ୍ଦ୍ୟ । ଦ୍ୱିପ୍ରହର ଛୁଟି ସେମାନଙ୍କର ଅମୃତ ବେଳା । ଏହି ସମୟ ମଧ୍ୟରେ ଦଣ୍ଡିତ ଚାଟ ଲୁକ୍କାୟିତ ହେବା ପାଇଁ ଗୋପନ-ସ୍ଥାନ ଖୋଜେ । ଚାଟମାନେ ଚାଟଶାଳୀରୁ କିଛି ଶିକ୍ଷା ଲାଭ କରନ୍ତୁ ବା ନ କରନ୍ତୁ ପ୍ରତିଦିନ ବେତ୍ରପ୍ରହାର ଅର୍ଜନ କରିଥାନ୍ତି । ଗଲାବେଳେ ପ୍ରହାର—ଆସିଲା ବେଳେ ପ୍ରହାର—ଅଶ୍ରୁପ୍ଲାବନ ଲୋଡ଼ି ସୁଦ୍ଧା ମୁକ୍ତି ନାହିଁ; ବରଂ ପ୍ରହାର ସଂଖ୍ୟା ବଢେ । ସୁକୁମାର-ମତି ଶିଶୁମାନେ ଯାହା କିଛି ଶିକ୍ଷା କରି ପାରନ୍ତେ—ଯେଉଁ ମହାଭୟଦ୍ୱାରା ସେମାନଙ୍କର ଶକ୍ତିଟିକ ଖର୍ବିତା ପ୍ରାପ୍ତହୁଏ । ଅବଧାନଙ୍କ ପ୍ରତି ଭୟ ସେମାନଙ୍କର ସର୍ବନାଶ ସାଧନ କରେ । କେବଳ ଚାଟ ଥିବା ବେଳେ ଯେ ଏହି ବିଭୀଷିକା ଥାଏ ତାହା ନୁହେ—ପରବର୍ତ୍ତି ଜୀବନରେ ସୁଦ୍ଧା ସେହି ବିଭୀଷିକା-ବୀଜ ସେମାନଙ୍କ ହୃଦୟରୁ ବହିଷ୍କୃତ ହୋଇ ନ ଥାଏ । ସଂସାରରେ ପ୍ରବେଶ କରି ସୁଦ୍ଧା ସେମାନେ ଅବଧାନଙ୍କୁ ପୁଣି ଡରି ଯାନ୍ତି । ପଲ୍ଲୀବାସିମାନଙ୍କର ଭୟ ଏବଂ ଜଡ଼ତା ଏହି ଚାଟଶାଳୀରୁ ଉପାର୍ଜିତ । ଚାଟମାନଙ୍କର ନିଦ୍ରାଳ ଇଚ୍ଛା କପଟ ଚାଟଶାଳୀରେ ଦୁଇଘଣ୍ଟା କଟାଇ ନେଲେ ଛୁଟି—ଛୁଟି ମିଳିଲେ ଯେଉଁ ଆନନ୍ଦ ବା ସୁଖ ହୁଏ ମିଷ୍ଟାନ୍ନଭୋଜନରେ ସୁଦ୍ଧା ବାଳକମାନଙ୍କର ସେପରି ତୃପ୍ତି ବା ଆନନ୍ଦ ହେବ କି ନାହିଁ, ସନ୍ଦେହ ! ପ୍ରସଙ୍ଗକ୍ରମେ ଗୋଟିଏ କଥା ମନେ ପଡ଼ିଗଲା । ଆମ୍ଭେମାନେ ଯେଉଁ ଚାଟଶାଳୀରେ ପଢ଼ୁଥିଲୁଁ ସେଠାର ଅବଧାନେ ଯେଉଁ ଦିନ ଚାଟଶାଳୀ ବନ୍ଦ କରି ଗ୍ରାମକୁ ଯାନ୍ତି, ସେଦିନ ଅତି ପ୍ରଭାତରେ ଶଯ୍ୟାରୁ ଉଠିଲା ବେଳେ ଯେତେବେଳେ 'ଆଜି ଚାଟଶାଳୀ ବନ୍ଦ' ବୋଲି ମନେ ପଡ଼େ ସେତେବେଳେ ଆମ୍ଭେମାନେ ସାନନ୍ଦ ଓ ନିଶ୍ଚିନ୍ତ ମନରେ ଆଉ ଘଣ୍ଟାଏ ପୁଣି ଶଯ୍ୟାଗତ ହୋଇ ପଡ଼ୁଁ । ସେହି ଦିନ ଗୃହ ଆଉ ପୂର୍ବବତ୍ ନିସ୍ତବ୍ଧ ନ ଥାଏ । ଅବ-ଧାନେ ପ୍ରାତରୁତ୍ଥାନ ନିମିତ୍ତ ଯେଉଁ 'ଶୂନଦଅ' ବ୍ୟବସ୍ଥା କରିଥାନ୍ତି, ସେଥିରେ କାହାର ସାଧ୍ୟ ଅତି ପ୍ରତ୍ୟୁଷରୁ ସୁଖନିଦ୍ରା ତ୍ୟାଗ ନ କରିବ ? ପାଠକେ ! 'ଶୂନଦଅ' କଥା ଜାଣନ୍ତି କି ? ଚାଟମାନଙ୍କର ସୁକୋମଳ ଅଙ୍ଗୁଳିପୃଷ୍ଠରେ ନିଷ୍ଠୁର ବେତ୍ରପ୍ରହାର ! ଯେଉଁ ଚାଟ ସର୍ବାଗ୍ରେ ଚାଟ-ଶାଳୀରେ ପହଞ୍ଚେ, ତାହାର 'ଶୂନ' ବା 'ଶୂନ୍ୟ', ଅର୍ଥାତ୍ ସେ କୃତାଞ୍ଜଳି ହୋଇ ଠିଆ ହୁଏ, ଅବଧାନେ ତାହାର ହସ୍ତପଲ୍ଲବରେ ସ୍ୱକର-କମଳଶୋଭିତ ବେତ୍ରଯଷ୍ଟିକୁ ଟିକିଏ ମାତ୍ର ଛୁଆଁଇ ଦିଅନ୍ତି । ତତ୍ପଶ୍ଚାଦ୍‌ଗାମୀ ଚାଟମାନେ ନିଜ ନିଜ ସଂଖ୍ୟା ଅନୁସାରେ ଦାରୁଣ ବେତ୍ରପ୍ରହାର-ବୃଷ୍ଟି ସହ୍ୟ କରନ୍ତି । ବେଳେ ବେଳେ ଅନେକ ଜଣ ଯୁଗପତ୍ ଉପସ୍ଥିତ ହୋଇ ଯାଇଥାନ୍ତି । ଯେଉଁ ଚାଟ 'ଶୂନ' ପାଏ ତାହାର ସମ୍ମାନ ଖୁବ୍ ବେଶି; ଯେଉଁ ଅଳସ ବାଳକଟି ସର୍ବପଶ୍ଚାତ୍ ଆସେ, ତାହାର ମରଣଯୋଗ ! ଏହି ଦଣ୍ଡକୁ ସମସ୍ତେ ବଡ଼ ଭୟ କରନ୍ତି । ନିଦ୍ରାପ୍ରିୟ ଶିଶୁମାନେ ସନ୍ଧ୍ୟାରେ ଶଯ୍ୟାଗମନ ପୂର୍ବରୁ ସକାଳେ ଉଠାଇ ଦେବା ପାଇଁ ପିତା ମାତା ପ୍ରଭୃତିଙ୍କୁ ବହୁତ ଅନୁନୟ ବିନୟ କରି କହିଥାନ୍ତି । ଏ ଗଳ୍ପ ଉପସ୍ଥିତରେ ବାଳକମାନଙ୍କ

Digitized by srujanika@gmail.com

ଦଣ୍ଡ—ପାଠଶାଳାର ଦୋଷର ଦଣ୍ଡ ଭିନ୍ନ ପ୍ରକାର, କେବଳ ବେତଦଣ୍ଡ ନୁହେ । ଏମାନେ କେତୋଟି ସାଧାରଣ ଦଣ୍ଡର ନାମୋଲ୍ଲେଖ କରାଗଲା । ୧— 'ଏକଗୋଡ଼ିକିଆ'; ଦଣ୍ଡ୍ୟ ଚାଟ ଗୋଟିଏ ଗୋଡ଼ରେ ଠିଆ ହୋଇ ଅର୍ଥାତ୍ ବାମ ପାଦରେ ଠିଆ ହୋଇ ଦକ୍ଷିଣ ହସ୍ତର ଗୋଟିଏ ଅଙ୍ଗୁଳି ଭୂତଳରେ ସଂଲଗ୍ନ କରି ଧନୁରାକାର ଧାରଣ କରେ । ୨— 'କାନ୍ଧବାଳଧର'; ଦଣ୍ଡ୍ୟ ଚାଟ ଗୋଟିଏ ହାତରେ କାନ ଏବଂ ଗୋଟିଏ ହାତରେ କେଶଗୁଚ୍ଛ ଧରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରହି କେତେକ କ୍ଷଣ କ୍ରମାନ୍ୱୟରେ ଉଠେ ଓ ବସେ । ବଡ଼ କଠିନ ଯାତନା ! ବିଦ୍ୟାଧ୍ୟୟନ-ଉପସ୍ଥିତ ଶିଶୁମାନେ କଣ ଏହି ଦୁଃସାଧ୍ୟ କ୍ଲେଶକର ଯାତନା ଦେଇ ନ ଗଲେ ଫଳ ଲାଭ କରି ପାରିବେ ନାହିଁ ? ୩— 'ମଠୁଅ-ଶାବୋଳ'; ମଠୁଅ※ ଦ୍ୱାରା ହସ୍ତ-ପାଦାଦିର ବନ୍ଧନ । ଇତ୍ୟାଦି ।

ଚାଟଶାଳୀରେ ଅଧିକ ପରିମାଣରେ ଅଙ୍କଶିକ୍ଷା ହୁଏ; ପୂର୍ବାହ୍ନ ଅଙ୍କପାଠ ଏବଂ ଅପରାହ୍ଣ ତାଳ-ପତ୍ରଲେଖନର କାର୍ଯ୍ୟ ଓ 'ପୋଥିବୋଲା' । ନିମ୍ନଶ୍ରେଣୀର ଚାଟମାନେ ମୃତ୍ତିକା ସହିତ ଖଡ଼ିର ଅବିରତ ସଂଘର୍ଷଣ ଅଭ୍ୟାସ କରୁଥାନ୍ତି । ପଠନ-ପ୍ରଣାଳୀ ଅତି ଉଚ୍ଚ ସ୍ୱରରେ ହୁଏ । ଏହି ରୀତି ଅବଶ୍ୟ ମନ୍ଦ ନୁହେ । ପଠନ ଯେପରି ସ୍ପଷ୍ଟରୂପେ ହୁଏ, ସେହିପରି ଆଉ ଗୋଟିଏ ଉପକାର ମଧ୍ୟ ହୁଏ—ପିଲାମାନେ ଅନ୍ୟମନସ୍କ ହୋଇ ପାରନ୍ତି ନାହିଁ । ବର୍ଣ୍ଣଶିକ୍ଷା ପୂର୍ବରୁ ପ୍ରଥମଶିକ୍ଷାର୍ଥୀକୁ କେତୋଟି ବଡ଼ ବୃତ୍ତ ବୁଲାଇବାକୁ ପଡ଼େ, ଲେଖିବା ବେଳେ ପିଲାମାନେ ତାହାକୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ବୋଲି ଉଚ୍ଚାରଣ କରନ୍ତି । ଓଡ଼ିଆ ଅକ୍ଷର ଅଧିକ ଗୋଲ । ବର୍ଣ୍ଣଲେଖନ ପୂର୍ବରୁ ବୃତ୍ତ ବା କୁଟିଳ ରେଖାଦି ଅଙ୍କନ କରି ପାରିବା ଅତି ଆବଶ୍ୟକ । ସେଥିପାଇଁ ଅବଧାନମାନେ ବୋଧ-ହୁଏ ଉକ୍ତ ବ୍ୟବସ୍ଥା କରିଅଛନ୍ତି । ବର୍ଣ୍ଣ ଶିକ୍ଷା ବେଳେ ଚାଟଶାଳୀ-ପିଲାମାନଙ୍କର ବର୍ଣ୍ଣ ସନ୍ନିଭ ରମ୍ଭର ପରିଚୟ ଅପେକ୍ଷା ହସ୍ତାଙ୍ଗୁଳିର ପରିଚୟ ଅଧିକ । ସେହିହେତୁରୁ ସେମାନଙ୍କର ବର୍ଣ୍ଣପରିଚୟ ଅପେକ୍ଷାକୃତ ବିଳମ୍ବରେ ହୁଏ । ପ୍ରଥମରେ ସ୍ୱର ଓ ବ୍ୟଞ୍ଜନ ବର୍ଣ୍ଣ; ତତ୍ପରେ ଫଳାଯୁକ୍ତ ବ୍ୟଞ୍ଜନବର୍ଣ୍ଣ ଏବଂ 'କ୍ଷ' ଖ + + ସ୍ମ, ଷ୍ଟ, ଦ୍ନ, ଦ୍ୱ, ଙ୍କ, ଇତ୍ୟାଦି—ଏହାର ନାମ 'ସଞ୍ଚରଫଳା' । ସଞ୍ଚର-ଫଳା ପରେ 'ବନାନ' ଶିକ୍ଷା, ଯଥା— କା, କି, କୁ ଇତ୍ୟାଦି । ସ୍ୱରବର୍ଣ୍ଣ ବ୍ୟଞ୍ଜନ ବର୍ଣ୍ଣରେ ଯୁକ୍ତ ହେଲାବେଳେ ତାହାର ଆକାର ଭିନ୍ନରୂପ ହୋଇ ଯାଏ । ଏହାକୁ ଗୋଟିଏ ଗୋଟିଏ ମାତ୍ରା କହନ୍ତି । ସେଗୁଡ଼ିକ ବନାନ ଶିକ୍ଷା ପୂର୍ବରୁ ଶିକ୍ଷାର୍ଥୀମାନଙ୍କୁ ଭଲ କରି ବୁଝାଇ ଦେବା ଏକାନ୍ତ ଆବଶ୍ୟକ । କିନ୍ତୁ ଏ ସମ୍ବନ୍ଧରେ ଅବଧାନମାନଙ୍କର ବ୍ୟବସ୍ଥା ଭିନ୍ନ ପ୍ରକାର । ସେମାନେ ବନାନ ଶିକ୍ଷା ସଙ୍ଗେ ସଙ୍ଗେ ବକ୍ଷ୍ୟମାଣ ରୀତିରେ ତାହା ପିଲାମାନଙ୍କର ସ୍ମରଣାଧୀନ କରାଇ ଦିଅନ୍ତି । ଯଥା;—କ ରେ ବାଡ଼ି କା, କ ରେ ଦିଶା କି, କ ରେ ଅଙ୍କୁଶୀ କୀ, କ ରେ ଖୁର କୁ, ବଟଉଆ କୂ, ଇତ୍ୟାଦି । ଚାଟଶାଳୀରେ (ଅଂ ଅଃ) ବର୍ଣ୍ଣଦ୍ୱୟ ସ୍ୱରବର୍ଣ୍ଣ ମଧ୍ୟରେ ଗଣାଯାଏ । ବନାନ ସ୍ଥଳରେ ମଧ୍ୟ 'କଂ କଃ' ଏପରି ଧରାଯାଏ । ବସ୍ତୁତରେ କେହି କେହି ବୈୟାକରଣ ଅଣସ୍ୱସ୍ଥାନବର୍ତ୍ତୀ ଅନୁସ୍ୱାର ବିସର୍ଗକୁ ଅତଏବ ସ୍ୱରବର୍ଣ୍ଣ ମଧ୍ୟରେ ଗଣି ଯାଇଅଛନ୍ତି । ଚାଟଶାଳୀର ପଠନରେ ଗୋଟିଏ ବଡ଼ ପ୍ରମାଦ ଏହି ଯେ 'ଅ ଆ' ସ୍ଥଳରେ ସ୍ୱରେ'ଅ' ସ୍ୱରେ 'ଆ' ଏହିପରି ଉଚ୍ଚାରଣ କରାଯାଏ । କ୍ୱ ଖ୍ୱ ପଢ଼ିଲାବେଳେ ଚାଟମାନେ 'କବ' 'ଖବ' ଇତ୍ୟାଦି-ବତ୍ ବିକୃତ ଉଚ୍ଚାରଣ କରନ୍ତି । ଉଚ୍ଚାରଣ ପ୍ରତି ଅବଧାନଙ୍କର ଆଦୌ ଦୃଷ୍ଟି ନ ଥାଏ । ଏପରି ଅନେକ ସମୟରେ ଘଟିଥାଏ ପିଲାମାନେ ଅନବଧାନ ଅବଧାନଙ୍କ ନିକଟରେ ର୍କ, ର୍ଖ କୁ 'ଓରେ-କ' 'ଓରେ-ଖ' ଇତ୍ୟାଦିବତ୍ ବିକୃତ

※ ତାଳପତ୍ରର ପ୍ରାନ୍ତଭାଗ ବା ଶିରକୁ 'ମଠୁଆ' କହନ୍ତି ।

Digitized by srujanika@gmail.com

କରି ପଢନ୍ତି । ଅଥଚ ତାହାର ସଂଶୋଧନ ବିଷୟରେ ଅବଧାନ ହେଲେ ଯତ୍ନ କରନ୍ତି ନାହିଁ । ବର୍ଣ୍ଣପରିଚୟ ଠିକଏ ଭଲ ହୋଇଗଲେ ଚାଟ-ମାନେ ଅଙ୍କ ଓ ପୋଥିପାଠ ଆରମ୍ଭ କରନ୍ତି । ସଂଖ୍ୟାପରିଚୟର ଅବ୍ୟବହିତ ପରେ 'ପଣକଥା' ମୁଖସ୍ଥ କରାଯାଏ । ଏତଦ୍ଦ୍ୱାରା ଅଧ୍ୟାୟୀମାନଙ୍କୁ ଗଣିତ ବିଷୟରେ ସାହାଯ୍ୟ ମିଳେ ସତ୍ୟ, ମାତ୍ର ତାହା ନ ବୁଝି ମୁଖସ୍ଥ କରିବାରେ ସେମାନଙ୍କର ବହୁଦିନ ବୃଥାରେ ଚାଲିଯାଏ । ଚାଟଶାଳୀ-ଶିକ୍ଷାରେ ଏହା ଗୋଟିଏ ମହାଦୋଷ । କେବଳ ମୁଖସ୍ଥ କରି କରି ଅଧ୍ୟାୟୀମାନଙ୍କର ବୁଦ୍ଧିବୃତ୍ତିର ସମ୍ୟକ୍ ପରିଚାଳନା ହୋଇ ନ ପାରେ । ବେବନ୍ଦସ୍ତ ଅବଧାନମାନେ ବାଲ୍ୟକାଳରୁ ସେମାନଙ୍କ ବୁଦ୍ଧି-ବୃତ୍ତିର ଗତିକୁ ଶିଥିଳ କରି ପକାନ୍ତି । ସେମାନଙ୍କର ଧାରଣା ଯେ, ପଣକଥା ଓ ହରଣ ଗୁଣନାଦିର ଦୁଇ ଚାରି ଗୋଟା ସୂତ୍ର ଭଲ କରି ଜାଣିଲେ ମନୁଷ୍ୟ ସଂସାର-କାର୍ଯ୍ୟରେ ସମ୍ପୂର୍ଣ୍ଣରୂପେ କ୍ଷମ ହୋଇ ପାରିବ, ବୁଦ୍ଧିବୃତ୍ତି ଚାଲିବାର ମାର୍ଗ ଥାଉ ବା ନ ଥାଉ !! ବସ୍ତୁତଃ ସାଧାରଣଙ୍କ ଧାରଣା ତାହାହିଁ ଥାଏ—"ହର ଗୁଣ ଫେଡ଼ ମିଶା, ଆଉ ସବୁ ଛନ୍ଦ ଫସରଫସା ।" ପଣକଥା ପରେ ଯୋଗ ବିୟୋଗ ଶିକ୍ଷା । ଏକଠାରୁ ଏକାଧିକ କ୍ରମେ ଏକ ଶତ ପର୍ଯ୍ୟନ୍ତ ମିଶାଇବା ଙ୍ଗକୁ 'ଓଡ଼ାଙ୍କ' ଏବଂ ସେହି ଙ୍ଗରେ ଶତଠାରୁ ଏକ ପର୍ଯ୍ୟନ୍ତ ବିୟୋଗ କରିବାକୁ 'ଫେଡ଼ାଙ୍କ' କହନ୍ତି । ପ୍ରଥମ-ଶିକ୍ଷାର୍ଥୀଙ୍କ ପକ୍ଷରେ ଏହା ଅବଶ୍ୟ ଦୁର୍ବୋଧ । କିନ୍ତୁ ଚାଟଶାଳୀରେ ହୃଦୟଙ୍ଗମ କରିବା ଲକ୍ଷ୍ୟ ନୁହେ—ମୁଖସ୍ଥ କରିବା । ଯେଉଁ ଙ୍ଗରେ 'ଓଡ଼ାଙ୍କ ଫେଡ଼ାଙ୍କ' ଅଭ୍ୟସ୍ତ ହୁଏ ତଦ୍ଦ୍ୱାରା ଯୋଗ ବିୟୋଗରେ ବିଶେଷରୂପେ ପ୍ରତିପତ୍ତି ଅସମ୍ଭବ । ଭିତରେ ଭଲ ଥାଉ ବା ମନ୍ଦ ଥାଉ ଯେଉଁ ଶିକ୍ଷାଦ୍ୱାରା ପ୍ରକୃତ ତତ୍ତ୍ୱ ଶିଶୁମାନଙ୍କର ହୃଦୟଙ୍ଗମ ନ ହେବ ତାହାକୁ କି ସାଧୁଶିକ୍ଷା ବୋଲାଯିବ ? ଗୁଣନ ହରଣ ଶିକ୍ଷା ମଧ୍ୟ ଉପ୍ରେବିତ । ଅଧୁନାତନ ସଭ୍ୟ ଦେଶ ପରି ଗୁଣନ ହୁଏ ନାହିଁ—ତାହା ଦୁଇଟି ଭିନ୍ନ ଙ୍ଗରେ, ଗୋଟିଏ 'ଲୀଳାବତୀ ଧାରା' (ଘର କାଟି ଗୁଣିବା); ଅପରଟି 'ଦେଉଳକଥା' ଗୁଣନ । ହରଣ ଗୁଣନର ଅଙ୍କ—୯୮'୭୬'୫୪' ୩୨'୧; ତାହା—ଅଠାକବେ ଛସ୍ତର ଚଉବନ ବତିଶ ଏକ ବଖାଣି । ଗୁଣନ ପ୍ରଣାଳୀ ଅଳ୍ପାୟାସ-ସାଧ୍ୟ ହେଲେହେଁ ଦୁର୍ବୋଧ ଓ କଠିନ । ସେ ଯାହାହେଉ ଆବୃତ୍ତିଦ୍ୱାରା ଅବଧାନେ ତାହା ମୁଖସ୍ଥ କରାଇ ଦେଇଥାନ୍ତି । "ଆବୃତ୍ତିଃ ସର୍ବ-ଶାସ୍ତ୍ରାଣାଂ ବୋଧାଦପି ଗରୀୟସୀ ।" ଦୁଃଖର ବିଷୟ ଗଣିତଶାସ୍ତ୍ରର ଯେଉଁ 'ହରଣ ଗୁଣନ' ଅଂଶ କଠିନ ତତ୍ସମ୍ବନ୍ଧରେ ଚାଟଶାଳୀରେ ବିଶେଷରୂପେ କିଛି ଆଲୋଚନା ହୁଏ ନାହିଁ, କତିପୟ ନିର୍ଦ୍ଦିଷ୍ଟ ପ୍ରଶ୍ନ ଓ ସମାଧାନର ଆବୃତ୍ତି ମାତ୍ର ହୁଏ । ଏଥିରେ ଚାଟମାନେ ଗଣିତ ବିଦ୍ୟାରେ ନୈପୁଣ୍ୟ ଲାଭ କରି ପାରିବେ ଏବଂ କୌଶଳୀ ହୋଇ ତହିଁରୁ ଆନନ୍ଦ ଉପଭୋଗ କରି ପାରିବେ ? କେହି କହି ପାରନ୍ତି, ସେମାନେ ଯଦି ଅଙ୍କଶାସ୍ତ୍ରରେ ଅନଭିଜ୍ଞ ହେବେ କାର୍ଯ୍ୟ ସାଧନ କରନ୍ତି କିପରି ? ତାହାର ଉତ୍ତର ଅନୁକୃତି-ବୃତ୍ତିଦ୍ୱାରା । ଆଜିକାଲି ଆମ୍ଭ-ମାନଙ୍କ ଦେଶର ସାଧାରଣ ଅଜ୍ଞ ଶିଳ୍ପୀମାନେ ଯେଉଁ ସବୁ ବୁଦ୍ଧିମାନଙ୍କର କାର୍ଯ୍ୟ କରନ୍ତି, ତାହା କଣ ସେମାନଙ୍କର ବୁଦ୍ଧିମତ୍ତାର ଫଳ ? ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ତାହା ନୁହେ । ପୂର୍ବପୁରୁଷମାନଙ୍କର ଅନୁକରଣ କରି ସେମାନେ କାର୍ଯ୍ୟକ୍ଷେତ୍ରରେ ପ୍ରବେଶ କରିଥାନ୍ତି । ଉକ୍ତ ଅଙ୍କସୂତ୍ର ଚତୁଷ୍ଟୟରେ ପାଟବ ଜନ୍ମିଲା ପରେ 'ଫେଡମିଶା' 'ସାଧାନାଲ' 'କାଣୀନାଲ' 'ଲୁଟା' 'କ୍ରୟବିକ୍ରୟ' ଇତ୍ୟାଦି ଶିକ୍ଷା କରାଯାଏ । ଚାଟମାନେ କାଣୀନାଲର ସୂତ୍ର ଉଚ୍ଚୈଃ-ସ୍ୱରରେ ମୁଖସ୍ଥ କରନ୍ତି । "ପଣକୁ ପଣ ପାଞ୍ଚକଡ଼ା ମାଗଇ ପଣ ଗଣ୍ଡା ଅଷ୍ଟ ଦାଢ଼, ଗଣ୍ଡା ଗଣ୍ଡା ଅଷ୍ଟ ବଦାଢ଼ ହୁଅଇ କଡ଼ା ପଣେ କେନ ଦାଢ଼ । ଏହିରୂପେ ଗଣ୍ଡା କଡ଼ାକୁ ଗୁଣିଲେ ହୁଅଇ ବଦାଢ଼ କେନ, କଉଡ଼ି ବଦାଢ଼ ଗୁଣିଲେ କାଣିକି

Digitized by srujanika@gmail.com

ହିଦାଡ଼ର ଅର୍ଦ୍ଧ ଯେତ ।" ଏହି ସବୁର ଶିକ୍ଷା ପରେ 'ଚଢ଼ାବୃଦ୍ଧି' 'ଚଢ଼ାଓଲଟ' ପ୍ରଭୃତି ବିବିଧ ବିଷୟର ଶିକ୍ଷାରମ୍ଭ ହୁଏ । 'ଚଢ଼ାବୃଦ୍ଧି' ଯଥା:--
ଓଡ଼ାଙ୍କ ଦଶକୁ ମେଳାଙ୍କ କେତେ ? ସୂତ୍ର:—

"ଚଢ଼ାବୃଦ୍ଧି ଲେଖା ଶୁଣ, ଏକ ଊଣା କରି
ବୃଦ୍ଧିରେ ଗୁଣ ।
ମୂଳ ମାଡ଼ ଦ୍ୱିଗୁଣେ ଭରି, ଗଣିରେ ଗୁଣି
ବେକରେ ହରି ।"

ଏ ସୂତ୍ର କାହୁଁ ଆସିଲା ? ଆମ୍ଭେମାନେ ବୀଜ-ଗଣିତ ଅନ୍ତର୍ଗତ ସମାନ୍ତର ଶ୍ରେଢ଼ୀ ସ୍ଥଳରେ ପଢ଼ି-ଅଛୁଁ ଯେ ପ୍ରଥମ ପଦ ଅର୍ଥାତ୍ ଏକ ଓ ଶେଷ ପଦର ସମଷ୍ଟିକୁ ପଦ ସଂଖ୍ୟାରେ ଗୁଣି ତାହାକୁ ଦୁଇରେ ଭାଗ କଲେ ପଦସଂଖ୍ୟାର ସମଷ୍ଟି ଆସେ । ମେଳାଙ୍କର ସୂତ୍ର ସେହିପରି । ଆଉ କେତୋଟି ସୂତ୍ର ଅଛି, ସେଗୁଡ଼ିକ ବୀଜଗଣିତ ଓ ତ୍ରିକୋଣ-ମିତିରୁ ଆନୀତ । ଆମ୍ଭମାନଙ୍କ ଦେଶରେ 'ଲୀଳା-ବତୀ' ନାମକ ଅଙ୍କପୁସ୍ତକର ଅଧିକ ଚର୍ଚ୍ଚା ହୁଏ । ଅଧ୍ୟାପକମାନେ ତହିଁରୁ ବୀଜଗଣିତାଦିର ସୂକ୍ଷ୍ମ ସୂକ୍ଷ୍ମ ସୂତ୍ରମାନ ବାଛି ବାଛି ଦେଶୀୟ ଅଙ୍କରେ ଲଗାଇଅଛନ୍ତି । ଏହି ଦୁରୂହ ସୂତ୍ରଗୁଡ଼ିକ ଯଦି ସ୍କୁଲ୍‌ମାରସର ବାଳକମାନେ କଣ୍ଠସ୍ଥ କରି ପାରୁଥାନ୍ତେ ତେବେ ଅଙ୍କଶାସ୍ତ୍ରରେ ଅପେକ୍ଷାକୃତ ଅଧିକ ପ୍ରବେଶ କରି ପାରନ୍ତେ । ଯାହାହେଉ ତଥାପି ଚାଟଶାଳୀରେ ଅଙ୍କଜ୍ଞାନ ଅପେକ୍ଷାକୃତ ଭଲ । ସେହି ଶିକ୍ଷା ଲାଭ କରି ପାଠକମାନେ ସାଂସାରିକ କାର୍ଯ୍ୟ ନିର୍ବାହରେ ସକ୍ଷମ ହୁଅନ୍ତି । ଏ ସମ୍ବନ୍ଧରେ ଏତିକି ହୋଇଥାଉ, ସାହିତ୍ୟଜ୍ଞାନ ସମ୍ବନ୍ଧରେ ଏଠାରେ ଦୁଇ ଚାରି କଥା କହିବା ଆବଶ୍ୟକ ।

ପୂର୍ବେ କଥିତ ହୋଇଅଛି, ବର୍ଣ୍ଣପରିଚୟ ପରେ ପୋଥିପାଠ ଓ ଅଙ୍କଶିକ୍ଷାର ଆରମ୍ଭ ହୁଏ । ପ୍ରଥମ ପାଠ୍ୟ ପୋଥି ମାର୍କଣ୍ଡଦାସଙ୍କ 'କେଶବ କୋଇଲି' । କୌଣସି ଗୋଟିଏ ନବ ବିଧାନ ଅନୁଷ୍ଠିତ ହେଲେ ତାହାର ନିର୍ବିଘ୍ନତା ପ୍ରଥମେ ମଙ୍ଗଳମୟ ଈଶ୍ୱରଙ୍କୁ ପ୍ରାର୍ଥନା କରାଯାଏ । ଚାଟଶାଳୀର ଶିକ୍ଷା ଅନୁଷ୍ଠାନରେ ତାହାର ଟିକିଏ ଅଭାବ ଅଛି । ସର୍ବାଦୌ ଅର୍ଥାତ୍ ବର୍ଣ୍ଣଶିକ୍ଷା ପୂର୍ବରେ ଶିଶୁମାନେ 'ସିଦ୍ଧିରସ୍ତୁ' ଉଚ୍ଚାରଣ କରି ପରେ ବର୍ଣ୍ଣଶିକ୍ଷା ଆରମ୍ଭ କରନ୍ତି । 'ସିଦ୍ଧିରସ୍ତୁ'— ସମ୍ବନ୍ଧରେ ସାଧାରଣଙ୍କର ଧାରଣା ବଡ଼ ଭ୍ରମାତ୍ମକ । ସେମାନେ ଏହି ଅକ୍ଷରଚତୁଷ୍ଟୟକୁ ଆଦ୍ୟବର୍ଣ୍ଣ ବୋଲି ମନେ କରନ୍ତି । ତେଣୁ କରି ଅନେକେ କଥାରେ କହିଥାନ୍ତି ସେ 'ସିଧି' ଅକ୍ଷର ପଢ଼ିବା ଜାଣେ ନାହିଁ, ଅମୁକଙ୍କୁ 'ସି' ଅକ୍ଷର ବରୁଣୀ ପର୍ବତ । ଅର୍ଥବୋଧ ଅଭାବରୁ କି ସାଧୁ ପ୍ରସ୍ତାବର ପରିଣାମ କିପରି ହୋଇ ଯାଇଅଛି । ପୋଥିପାଠ ପୂର୍ବରେ ମଧ୍ୟ ସେହିପରି ପ୍ରସ୍ତାବ । ଭଟମାନେ ପ୍ରଥମେ 'ଶ୍ରୀଗଣେଶାୟ ନମଃ ଅବିଘ୍ନମସ୍ତୁ' ବୋଲି ପାଠା-ରମ୍ଭ କରନ୍ତି । କି ସୁନ୍ଦର ପ୍ରସ୍ତାବ ! ଏସବୁ ଭଟମାନଙ୍କୁ ଭଲ କରି ବୁଝାଇ ଦେବା ଉପାଧ୍ୟାୟ-ମାନଙ୍କର କର୍ତ୍ତବ୍ୟ । ଚାଟଶାଳୀରେ ଏହି ଯେ 'ଧର୍ମବୀଜ' ରୋପିତ ଅଛି, ତାହା ବର୍ଦ୍ଧନର ଉପ-ଯୋଗୀ ଉପାଦାନ ପ୍ରାପ୍ତ ହୁଏ ନାହିଁ । ପଢ଼ିବା ବେଳୁଁ ଏହି ଭାବ ଯଦି ପିଲାମାନଙ୍କର ହୃଦୟଙ୍ଗମ ହେଉଥାନ୍ତା ତେବେ ସେହି ଭାବ ସର୍ବଦା ଜାଗ୍ରତ ଥାଇ ତାଙ୍କ ଜୀବନ ସୁଗଠନରେ ସହାୟ ହୁଅନ୍ତା । ପ୍ରତ୍ୟେକ ନୂତନ ଶିକ୍ଷାରମ୍ଭରେ ଚାଟମାନଙ୍କୁ ଗୋଟିଏ ଗୋଟିଏ 'ପୂଜା' ଦେବାକୁ ହୁଏ । 'କୋଇଲି' ପାଠାରମ୍ଭକାଳରେ ସେହିପରି 'ପୂଜା' —ବାଗ୍‌ଦେବୀଙ୍କ ପାଇଁ ନୈବେଦ୍ୟ ଏବଂ ଅବଧାନଙ୍କ ପାଇଁ ସେରେ ଚାଉଳ । ପୂଜାପରେ ନୈବେଦ୍ୟ ଦ୍ରବ୍ୟ ଚାଟମାନଙ୍କ ମଧ୍ୟରେ ବଣ୍ଟିତ ହୁଏ । ପାଠାରମ୍ଭୀ ଚାଟ ମୁଣ୍ଡରେ ଦୁବ ଧରି କୋଳି-ପତ୍ର ହଳଦିଗୁଣ୍ଡା ଲଗାଇ ଅବଧାନଙ୍କ ପାଖରେ ପୋଥିପାଠ ଆରମ୍ଭ କରେ । ଅବଧାନେ ଉଚ୍ଚସ୍ୱରରେ ପଦେ ବୋଲନ୍ତି, ଚାଟ ତାର ପ୍ରତିଧ୍ୱନି କରେ । ପ୍ରଥମ ଦିନ ଦୁଇ ଚାରି ପଦ ମେଳି ହୋଇ ପୋଥି ବନ୍ଧା ହୁଏ ।

Digitized by srujanika@gmail.com

ଅଭାବସ୍ଥଳରେ ଅବଧାନେ ନିଜେ ପୋଥିମୁଡିକ ଲେଖନ୍ତି । ପୋଥିପାଠ ସମୟରେ ତାହାର ଅର୍ଥ ବୁଝା ହୁଏ ନାହିଁ, କେବଳ ଉଚ୍ଚସ୍ୱରରେ ପଠନ । ଅବଧାନେ କେତେକ ପଦ ପଢ଼ାଇଲା ପରେ ଚାଟମାନେ ନିଜେ ନିଜେ ପଢ଼ନ୍ତି । ପଢ଼ିବାକୁ ଅସମର୍ଥ ହେଲେ ଆଗେ ଗୋଟିଏ ଗୋଟିଏ କରି ଅକ୍ଷର ଚିହ୍ନି ପରେ ସମଗ୍ର ପଦଟି ଚିହ୍ନି ପଢ଼ନ୍ତି । ସନ୍ଧ୍ୟାବେଳେ ପଣକିଆ, କୋଇଲ ପ୍ରଭୃତିର 'ମୁଖସ୍ଥ' ହୋଇଥାଏ । ଉପରବେଳା ପୁସ୍ତକ ପାଠ ହୁଏ । ଉଚ୍ଚଶ୍ରେଣୀର ଚାଟମାନେ ଲେଖନ ଓ ତାଳପତ୍ର ଘେନି ଲେଖନ୍ତି । ଲେଖାର ସର୍ବାଦୌ 'ଠ' ବୁଲାଇବାକୁ ହୁଏ, ତତ୍ପରେ ଗୋଟିଏ ଗୋଟିଏ ବର୍ଣ୍ଣ ଏବଂ ସର୍ବଶେଷରେ ବାକ୍ୟ ଲେଖାଯାଏ । ବାକ୍ୟଗୁଡିକ ଏହିପରି ଯଥାः—'ସୋମେଶ୍ୱର ପୁର ଦେଶ ଶାସନ ନଗର ଗଣାଇଲାହା ।' ଅବଧାନେ ଆଗେ ଗୋଲ ଗୋଲ କରି ଧାଡ଼ିଏ ଆଦର୍ଶ ସ୍ୱରୂପ ଲେଖି ଦିଅନ୍ତି । ପିଲାମାନେ ତାହାକୁ ଦେଖି ଲେଖନ୍ତି । କ୍ରମେ ଅକ୍ଷରଗୁଡିକ ମାଉମକ୍ତି ପରି ଗୋଲ ହୁଏ । କୋଇଲ—ପାଠ ପରେ ଶୋଧାବୋଧ, ରସ ପୁସ୍ତକାଦି ଏବଂ ତତ୍ପରେ ଜଗନ୍ନାଥଦାସଙ୍କ ଭାଗବତ । ଭାଗବତ ଉତ୍ତମରୂପେ ପଢି ପାରିଲେ ଚାଟଶାଳୀର ସାଧାରଣ ଶିକ୍ଷା ପୂର୍ଣ୍ଣ ହୁଏ । ବିଶେଷସ୍ଥଳରେ ଅବଧାନମାନେ ଚାଟମାନଙ୍କୁ ଛନ୍ଦ ବୋଲାଇ ଶିଖାନ୍ତି । ସ୍ଥଳେ ସ୍ଥଳେ ଅର୍ଥ ମଧ୍ୟ ହୋଇଥାଏ । ଅଧିକାଂଶ ଛନ୍ଦ ଆଦିରସାତ୍ମକ । ଏପରି ଛନ୍ଦ ବାଳକମାନଙ୍କ ପାଠ୍ୟ ହେବା ଅତୀବ ଦୋଷାବହ । କ୍ଷୁଦ୍ର ବାଳକ ଯଦି ପ୍ରଥମରୁ ଆଦିରସାତ୍ମକ ଛନ୍ଦ ପଢ଼ିବାକୁ ଆରମ୍ଭ କରେ ତେବେ ତାହାର ଭାବୀ ଜୀବନ ସୁଗଠିତ ହେବ କିପରି ? ଏହା ବ୍ୟତୀତ କେତେଗୁଡ଼ିଏ ବିକୃତ ଅର୍ଥବିଶିଷ୍ଟ ଅଶୁଦ୍ଧ ଶ୍ଳୋକ କଣ୍ଠସ୍ଥକରଣ ପାଇଁ ପ୍ରସ୍ତୁତ ଥାଏ । ବାଲ୍ୟକାଳରୁ ଯେଉଁମାନଙ୍କର ଅଶୁଦ୍ଧ କଥା ଅଭ୍ୟସ୍ତ, ଭବିଷ୍ୟତରେ ସେମାନଙ୍କଦ୍ୱାରା ଶୁଦ୍ଧ ଅଶୁଦ୍ଧୀକୃତ ହେବ, ଏଥିରେ ସନ୍ଦେହ କଣ ?

ଚାଟଶାଳୀରେ ଜଣେ ଜଣେ 'ବଡ଼ଚାଟ' ଥାନ୍ତି । ବଡ଼ଚାଟର ଟିକିଏ ଅବଶ୍ୟ ବିଶେଷତ୍ୱ ଥାଏ । ଅନ୍ୟାନ୍ୟ ଚାଟମାନଙ୍କଠାରୁ ସେ ସମ୍ମାନ ପ୍ରାପ୍ତ ହୁଏ । କାରଣ ଅବଧାନେ କୌଣସି ସ୍ଥାନକୁ ଗଲେ ବଡ଼ଚାଟ ଉପରେ ସବୁ ଭାର ଦେଇ ଯାନ୍ତି । ତେତେବେଳେ ପିଲାମାନଙ୍କ ମୁଣ୍ଡି ବଡ଼ଚାଟ ହାତରେ—ବଡ଼ଚାଟ ଯାହା ବିରୁଦ୍ଧରେ କହନ୍ତି, ତାହାର ଆଉ ସହଜରେ ମୁକ୍ତି ନାହିଁ ।

ପୂର୍ଣ୍ଣିମା ପୁଣ୍ୟାହ ପ୍ରଭୃତିରେ ଚାଟଶାଳୀ ବନ୍ଦ ରହେ । ଭାଦ୍ରମାସର ଗଣେଶଚତୁର୍ଥୀ ଓ ମାଘର ଶ୍ରୀପଞ୍ଚମୀ ଏ ଦିଓଟି ପ୍ରଧାନ ଉତ୍ସବ ଦିବସ । ଚାଟମାନେ ଯଥାଶକ୍ତି ଚେନ୍ଦା ସଂଗ୍ରହପୂର୍ବକ ଉତ୍ସବ କାର୍ଯ୍ୟରେ ବ୍ୟାପୃତ ହୁଅନ୍ତି । ପ୍ରତ୍ୟୁଷରେ ଚାଟମାନେ ଚାଟଶାଳୀ ଗୃହଟି ଉତ୍ତମରୂପେ ଲିପି ପୁଷ୍ପାଦିରପୂ କରିବାକୁ ଯାନ୍ତି । ରାତ୍ରିରେ ପୂଜାରମ୍ଭ ହୁଏ । ପ୍ରତିଷ୍ଠିତ ଦେବତା ମୂର୍ତ୍ତି ପାର୍ଶ୍ୱରେ ଲେଖନ ତାଳପତ୍ର ଓ ଖଡ଼ିର ସ୍ତୂପ ଏବଂ ନୈବେଦ୍ୟ ଦ୍ରବ୍ୟ ସଜ୍ଜିତ ହୋଇଥାଏ । ଶ୍ରୀପଞ୍ଚମୀରେ କେହି କାଗଜେ ଲୋପର ଦେବମୂର୍ତ୍ତିର ପ୍ରତିଷ୍ଠା କରାଯାଏ । ଉକ୍ତ ଦିନ ସମସ୍ତ ଗୃହଟି ଧୂପ ପୁଷ୍ପ ଗନ୍ଧରେ ଆମୋଦିତ ଏବଂ ଢୋଲ ଓ ଶଙ୍ଖଧ୍ୱନିରେ ଚତୁର୍ଦ୍ଦିଗ ନିନାଦିତ । ପୂଜା ଶେଷରେ ଉଚ୍ଚଶ୍ରେଣୀର ଚାଟମାନେ ମୂର୍ତ୍ତି ଉପରେ ପୁଷ୍ପାଞ୍ଜଳି ନିକ୍ଷେପ କରି 'ବନ୍ଦଇଁ କରି ଦେବ ମୁରାରି' ଇତ୍ୟାଦି ଗାତନ କରନ୍ତି । ଛୋଟ ଛୋଟ ପିଲାମାନେ ତାହାର ପ୍ରତିଧ୍ୱନି କରି ଗୃହକୁ ଅଧିକତର ନିନାଦିତ କରନ୍ତି । ଏହି ପଦ୍ୟଟି ଯେ କେବଳ ସେହି ଦିନ ବୋଲାଯାଏ ତାହା ନୁହେ । ଉକ୍ତ ଦିବସ ପରେ ଚାଟମାନେ ପରିଚିତ ଦ୍ୱାର ବୁଲି ବୁଲି ଅବଧାନଙ୍କ ପାଇଁ ଅର୍ଥ ସଂଗ୍ରହ କରି ଆଣନ୍ତି । ଅବଧାନେ ତେତେବେଳେ ବାର୍ଷିକ ଆମଦାନୀରେ ବ୍ୟସ୍ତ । ଶ୍ରୀପଞ୍ଚମୀଦିନ ଅବଧାନଙ୍କ ପାଇଁ ନବବସ୍ତ୍ର କିଣାଯାଏ । ଏହା ଚାଟମାନଙ୍କର ଅତି ଆନନ୍ଦମୟ ଦିବସ । ପୂର୍ବ ସନ୍ଧ୍ୟାରେ ମାତ୍ର ସେମାନେ ଏକ

Digitized by srujanika@gmail.com

ଅଭୂତପୂର୍ବ ଆନନ୍ଦ ଉପଭୋଗ କରନ୍ତି । ବାଲ୍ୟକାଳର କଥା ମନେ ପଡ଼ୁଅଛି । ଗଣେଶ ଚତୁର୍ଥୀରେ ରାତ ପୁଅ ପଡ଼ ପୂର୍ବରୁ ଉଠି ଫୁଲ ତୋଳିବାକୁ ଯାଉ, ବିଶେଷତଃ କନିଅର ଫୁଲ— ଚାଟଶାଳୀର ଚାଳରୁ ଅର୍ଥାତ୍ ଊର୍ଦ୍ଧ୍ୱଦେଶରୁ ଗୋଟିଏ ଗୋଟିଏ କନିଅର ଫୁଲ ଝୁଲାଇ ଦିଆଯାଏ । ଯେଉଁ ଅଂଶରେ ମୂର୍ତ୍ତି ପ୍ରତିଷ୍ଠିତ, ସେଠାରେ ଊର୍ଦ୍ଧ୍ୱଦେଶରୁ ବେଣୀ ସଦୃଶ ଗୋଟିଏ କନିଅରଫୁଲ-ଗୁଚ୍ଛ ଲମ୍ବିତ ଥାଏ । ଦୃଶ୍ୟଟି ଦେଖିଲେ ମନେ ହୁଏ, ଯେପରି କମଳାକର କାଳନାଗିନୀ ବିପର୍ଯ୍ୟସ୍ତ ଭାବରେ ଅବସ୍ଥିତ ଏବଂ ମଧ୍ୟରେ ଉକ୍ତ ପୁଷ୍ପବେଣୀ କାଳୀୟ ସର୍ପସ୍ୱରୂପ ବିରାଜିତ । ଗଣେଶଙ୍କ ନୈବେଦ୍ୟଦ୍ରବ୍ୟ ଚାଟମାନଙ୍କୁ ଖାଇବାକୁ ନିଷେଧ । ତାର କାରଣ ଅବଧାନମାନଙ୍କୁ ଜଣା ।

ପୂର୍ବେ କଥିତ ହୋଇଅଛି ଯେ ଚାଟଶାଳୀରେ ପିଲାମାନଙ୍କର ବୁଦ୍ଧି ମନ୍ଦୀଭୂତ ହୋଇଯାଏ । ଚାଟ-ମାନେ ଅତିବ ଚଞ୍ଚଳ । ଚାଟଶାଳୀକୁ ଯିବା ସମୟରେ ତହିଁରୁ ଡେଇଁବାର ଲଙ୍ଘିବାର ଉପାୟ ନିର୍ଦ୍ଦେଶ କରି ଯାଉଥାନ୍ତି । ଗୋପନ-ବାଦ ସେମାନଙ୍କର ବଡ଼ ପସନ୍ଦ । ଅନେକ ସମୟରେ ସେମାନେ ଅଦୃଶ୍ୟ ଓ ଅଗମ୍ୟ ସ୍ଥାନ ଅନୁସନ୍ଧାନରେ ବ୍ୟସ୍ତ । ପ୍ରତାରଣା ଓ ଚୌର୍ଯ୍ୟ କର୍ମରୁ ଅଭ୍ୟସ୍ତ ହୋଇଥାନ୍ତି । ପ୍ରତାରଣା କରିବାକୁ ଗଲେ ମିଥ୍ୟା-ବାଦୀ ହେବେ, ଏହା ଜଣା ଶୁଣା କଥା । ସର୍ବଥା ଏହି ସମାଲୟରେ ବାଳକମାନଙ୍କର ଅଧଃପାତ ବ୍ୟତୀତ ଅଭ୍ୟୁଦୟ ନାହିଁ । ସେମାନେ ବାଲ୍ୟକାଳରୁ ସାହସ, ବୁଦ୍ଧିମତ୍ତା, ଚାତୁର୍ଯ୍ୟ ଓ କୌତୂହଳତା ହରାଇ ଶେଷରେ ତ ତାହାହିଁ ଅର୍ଜନ କରନ୍ତି । ଚାଟଶାଳୀରେ ଯେତିକି ଶିକ୍ଷା ହୋଇଥାଏ ତେତିକି; ଅଧିକ ଶିଖିବାର କୌଣସି କୌଶଳ ତହିଁରେ ଅବଲମ୍ବିତ ହୋଇ ନ ଥାଏ । ଉଚ୍ଚତର ବିଷୟ ଆଡ଼କୁ ପିଲାମାନଙ୍କର ଦୃଷ୍ଟି ଆକର୍ଷଣ କରିବାରେ ମଧ୍ୟ କୌଣସି ସୁବନ୍ଦୋବସ୍ତ ହୁଏ ନାହିଁ । ଏଥିରେ ସେମାନଙ୍କଦ୍ୱାରା ଭବିଷ୍ୟତରେ ଗୋଟିଏ ବିଶେଷ କାର୍ଯ୍ୟ ସାଧିତ ହେବ କିଣ ? ସ୍ୱାଧୀନ ହୃଦୟ ନ ହେଲେ ହୃଦ୍‌ଗତ ଭାବ ବିସ୍ତାରିତ ହୋଇ ପାରେ ନାହିଁ । ପ୍ରସର ନ ପାଇଲେ ଭାବରାଶି ଉଦିତ ହୋଇ ସେହିଠାରେ ବିଲୀନ ହୁଏ । ସେଥିପାଇଁ ସ୍ୱାଧୀନବୃତ୍ତି ଓ ପରାଧୀନବୃତ୍ତି ଉଭୟ ଶ୍ରେଣୀୟ ଲୋକଙ୍କର କାର୍ଯ୍ୟକାରିତା ମଧ୍ୟରେ ମହା ବ୍ୟବଧାନ ଲକ୍ଷିତ ହୁଏ ।

ଅନ୍ୟତ୍ର ଗୋଟିଏ କଥା, ଚାଟଶାଳୀରେ ସାମାଜିକ ବିଷୟ ଓ ଧର୍ମସମ୍ବନ୍ଧରେ ଆଦୌ ଶିକ୍ଷା ଦିଆଯାଏ ନାହିଁ । ସୁତରାଂ ବାଲ୍ୟକାଳରୁ ଜୀବନରେ ଗୋଟିଏ ସୁମହତ୍ ଅଭାବ ରହିଯାଏ । ଅବଧାନେ କେବଳ ଦାରୁଣ ବେତ୍ରାଘାତରେ ପିଲାମାନଙ୍କୁ ମୂର୍ଖ କରି କେତୋଟି ବିଷୟ ପାଣିପରି ମୁଖସ୍ଥ କରାଇ ପାରନ୍ତି । ଅଭିଭାବକମାନେ ମଧ୍ୟ ପଠାପଢି ପ୍ରତି ଭଲ ଦୃଷ୍ଟି ଦିଅନ୍ତି ନାହିଁ । ଏହିପରି ନାନା କାରଣରୁ ଚାଟଶାଳୀର ଶିକ୍ଷା ପଦ୍ଧତି ଲକ୍ଷ୍ୟ ପାରେ ନାହିଁ । ଗୋଟିଏ ବୁଦ୍ଧିମାନ୍ ପିଲା (ପରେ ଯେ ଭଲ ଫଳ ପ୍ରଦର୍ଶନ କରିଅଛି) ଚାଟଶାଳୀରେ ପଢ଼ୁଥିବା ବେଳେ ତାହାର ବୁଦ୍ଧି ବୃତ୍ତି ସବୁ ଏକାବେଳକେ ନଷ୍ଟପ୍ରାୟ ହୋଇ ପଡ଼ିଥିଲା । ଚାଟଶାଳୀରେ ସେ ଅତି ଅଧମ ଚାଟ ମଧ୍ୟରେ ଗଣ୍ୟ । କାରଣ ବଡ଼ ପାଟି କରି ପଢ଼ିପାରେ ନାହିଁ, ପରେ ଭାଗବତ ପଢ଼ିଲା ବେଳେ ଲଘୁ ସ୍ୱର ହେତୁରୁ ସମସ୍ତେ କହନ୍ତି "ତୁ ତ ମାଟିପିଣ୍ଡୁଳା, ତୋ ଦ୍ୱାରାରେ ହେବ କିଣ ?" ବାସ୍ତବିକ ନଚଲାପୀ ମୁଖର ଚାଟମାନେ ପ୍ରଶଂସା ପାଉଥାନ୍ତି । କେବଳ ବହିର୍ବିଷୟ ଉଚ୍ଚ ସ୍ୱରରେ ପଠନ ପ୍ରତି ଯେବେ ଦୃଷ୍ଟି ରହିଲା, ତେବେ ଭିତର ବିଷୟରେ ଉନ୍ନତ ହେବ କିଣ ?

ବର୍ତ୍ତମାନ ଚାଟଶାଳୀ ସମ୍ବନ୍ଧରେ କିଛି ଆଲୋଚନା କରି କଣ ଦେଖାଗଲା ? ଅଙ୍କ ବିଷୟରେ ଶିକ୍ଷା କିଞ୍ଚିତ୍ ଏବଂ ସାହିତ୍ୟରେ ତଦପେକ୍ଷା ଅଳ୍ପ । ସାହିତ୍ୟ ଶିକ୍ଷା ଅବଶ୍ୟ ଆଜିକାଲି ଯେପରି ସ୍କୁଲରେ କରାଯାଏ ସେପରି ନୁହେଁ ।

Digitized by srujanika@gmail.com

ଭୂଗୋଳ ଇତିହାସାଦିର ଶିକ୍ଷା ଆମ୍ଭମାନଙ୍କ ଦେଶରେ ନାହିଁ । ପାଠଶାଳୀର ଶିକ୍ଷା ସୁଶୃଙ୍ଖଳ ଭାବରେ ହୁଏ ନାହିଁ । ଛାତ୍ରମାନେ ବହିର୍ବିଷୟରେ ପ୍ରବେଶ କରିବାକୁ ନିତାନ୍ତ ଅସମର୍ଥ । ଯାହା ଶିଖି ଥାନ୍ତି, ତାହା ହୃଦୟଙ୍ଗମ ହେଉ ବା ନ ହେଉ କେବଳ ଆବୃତ୍ତି ଏବଂ ମୁଖସ୍ଥକରଣଦ୍ୱାରା ତାହା ମନେ ଥାଏ । ଦେଶୀୟ ଅଙ୍କରେ ଯେଉଁ ସୂକ୍ଷ୍ମ ସୂକ୍ଷ୍ମ ସୂତ୍ରମାନ ଅଛି, ସେଗୁଡ଼ିକ ଉତ୍ତମରୂପେ ହୃଦୟଙ୍ଗମ ହେଉ ଥିଲେ ପିଲାମାନେ ଅବଶ୍ୟ ସାଂସାରିକଯୋଗୀ ଅଙ୍କଶାସ୍ତ୍ରରେ ପାରଗ ହୁଅନ୍ତେ ଏଥିରେ ସନ୍ଦେହ ନାହିଁ । ପ୍ରୟୋଜନ ଅନୁସାରେ ଅପ୍ରୟୋଜନ, ଏ କଥାଟି ଅକ୍ଷରେ ଅକ୍ଷରେ ସତ୍ୟ । ଅବଧାନମାନେ ସେପରି ଶିକ୍ଷାର ପ୍ରୟୋଜନ ଦେଖନ୍ତି ନାହିଁ । ଅଭିଭାବକମାନେ ଚାହାନ୍ତି ପୋଥି ବୋଲି ପାରିଲେ ପାଠ ଶେଷ, ସାଧାରଣ ମତରେ ଉକ୍ତ ଛାତ୍ରମାନେ ସୁପଣ୍ଡିତ । ଅକ୍ଷର ଚିହ୍ନିଲେ ମୂର୍ଖଦୋଷ ଗଲା ।

ଦେଶର ପ୍ରାଥମିକ ଶିକ୍ଷା ଅବଧାନମାନଙ୍କ ଉପରେ ନିର୍ଭର କରେ । ସେମାନେ ଯେତେ ବିଦ୍ୱାନ୍, ବହୁଦର୍ଶୀ ଓ ସଚ୍ଚରିତ୍ର ହେବେ, ସେତିକି ଦେଶର ମଙ୍ଗଳ । ପାଠଶାଳୀର ଶିକ୍ଷାପଦ୍ଧତି ମାର୍ଜିତ ଏବଂ ସଂସ୍କୃତ ନ ହେଲେ ଦେଶର ସମୁନ୍ନତି ଅସମ୍ଭବ । ଅବଧାନଙ୍କ ଦୋଷରେ ପ୍ରଥମଶିକ୍ଷାର୍ଥି-ମାନଙ୍କର ବୁଦ୍ଧିବୃତ୍ତି ମାଟି ହୋଇ ଯାଉଅଛି । ଉର୍ଦ୍ଧ୍ୱକୁ ଯିବାକୁ ହେଲେ ମୂଳସ୍ଥ ପାଠଶାଳୀ ଶିକ୍ଷାର ସଂସ୍କାର ସର୍ବାଗ୍ରେ ଆବଶ୍ୟକ । ଆଜିକାଲି ବ୍ରିଟିଶସିଂହଙ୍କ ସୁଶାସନରେ ତାହାର କିଛି ପରିବର୍ତ୍ତନ ହୋଇଅଛି । ଏହା ଅବଶ୍ୟ ଆନନ୍ଦର କଥା । ମୂଳଭିତ୍ତି ଭଲ ହେବା ବିଧେୟ । ନିଚ ବିଦ୍ୟାଳୟରେ କାହାଣେ ଦକ୍ଷତା ଦେଲେ କଣ ହେବ ? କେତେ ଜଣ ଶୁଣିବେ ଏବଂ ଜାଣିବେ ? ଯେଉଁଠାରେ ଏ କଙ୍କାଳିକ ଶିକ୍ଷା ପାଉଥାନ୍ତି, ସେହିଠାରେ ବିଶେଷ ବ୍ୟବସ୍ଥା କରିବା ଉଚିତ । ଆମ୍ଭମାନଙ୍କର ମାନନୀୟ ଗବର୍ଣ୍ଣମେଣ୍ଟ ସାଧାରଣ ଶିକ୍ଷା ଭଲ କରିବାକୁ ପ୍ରାଣପଣେ ଚେଷ୍ଟା କରୁଅଛନ୍ତି । ଏହା ଉତ୍ତମରୂପେ କାର୍ଯ୍ୟରେ ପରିଣତ ହେଲେ ଦେଶର ମଙ୍ଗଳ ଅବଶ୍ୟମ୍ଭାବୀ ।

ଉପସଂହାର ସ୍ଥଳରେ ବକ୍ତବ୍ୟ ଏହି ଯେ ପାଠଶାଳୀ ଶିକ୍ଷାର ପରିବର୍ତ୍ତନ କର୍ତ୍ତବ୍ୟ । ସମସ୍ତ କ୍ଷମତାଶାଳୀ ବ୍ୟକ୍ତିମାନଙ୍କ ନିକଟରେ ଦେଶର ନିବେଦନ ଏହି ଯେ ସେମାନେ ଯଥାସମ୍ଭବ ପାଠଶାଳୀ-ଶିକ୍ଷାର ସଂସ୍କାରରେ ସହାୟ ହୁଅନ୍ତୁ । ଅବଧାନମାନଙ୍କୁ ସେମାନଙ୍କର ଦାୟିତ୍ୱ ଉପଲବ୍ଧି କରାଇ ଉନ୍ନତି ସମ୍ବନ୍ଧରେ ସଦୁପଦେଶ ଦିଅନ୍ତୁ । ବାରମ୍ବାର ସଂସ୍କାର ନ କଲେ ସର୍ବବିଷୟରେ ଉନ୍ନତି ଅସମ୍ଭବ । ଧାତବପାତ୍ରକୁ ପୁନଃ ପୁନଃ ମାର୍ଜନା ନ କଲେ ତାହା ଯେପରି ମଳିନ ହୁଏ, ଅନ୍ୟାନ୍ୟ ବିଷୟ ସମ୍ବନ୍ଧରେ ଠିକ ସେହିପରି । ସମସ୍ତ ବିଷୟର ଯୁଗାନୁଯାୟୀ ପରିବର୍ତ୍ତନ ବା ସଂସ୍କାର କର୍ତ୍ତବ୍ୟ । ସ୍ଥିର ହୋଇ ବସିଲେ କିଛି ହେବ ନାହିଁ । ଶିକ୍ଷିତବୃନ୍ଦ ଚେଷ୍ଟା କଲେ କଣ ତାହାର ସଂସ୍କାର ହୋଇ ପାରିବ ନାହିଁ ? କର୍ତ୍ତବ୍ୟ ମଣି ସମସ୍ତଙ୍କୁ ଏହା କରିବାକୁ ହେବ । ନ କଲେ କର୍ତ୍ତବ୍ୟରେ ତ୍ରୁଟି ରହିଯିବ । ଦେଖନ୍ତୁ, ପାଠଶାଳୀ ଉପରେ ଦେଶର ଦାୟିତ୍ୱ କେତେ ଦୂର ନିର୍ଭର କରେ । ପାଠଶାଳୀର ଦୂଷଣରେ କି ମହାକ୍ଷତି ହେଉଅଛି ! ତାହାର ସଂଶୋଧନ କରିବା ବିଧେୟ କି ? ଏହି କଷ୍ଟ ସ୍ୱୀକାର କଣ ପର ପାଇଁ ? ଆପଣା ପାଇଁ ନୁହେଁ ? ସମସ୍ତଙ୍କର ଏଥିରେ କିଛି କିଛି ଶକ୍ତିବ୍ୟୟ କର୍ତ୍ତବ୍ୟ ।

ଶ୍ରୀ ମୃତ୍ୟୁଞ୍ଜୟ ରଥ

Digitized by srujanika@gmail.com

ଅନୁତାପ ।

(୧)

ଅନେକ ନିମିତ୍ତର ଛଳେ ଆସି ମୋର ଘର
ତୁହି ସ୍ୱପ୍ନମୟ ଯେବେ ସରଳା ଯୁବତୀ
ରୂପରେ ପିଟାଇ ଦେଲା ତା ଲାବଣ୍ୟ-ସ୍ରୋତ, —
ଚତୁର-ତରଙ୍ଗେ ବାଳା ଯାଉଅଛି ବୁଡ଼ି,
ଯହିଁ ତା ଅନନ୍ତ-ପଦ୍ମ ଫୁଟିଛି ହରଷେ,
ଶୀତ ବକ୍ଷ ଗାତ୍ର ବାହୁ ସୌନ୍ଦର୍ଯ୍ୟ ପ୍ରକାଶେ;
ଉଦ୍ବେଳ ପ୍ରଣୟ ଯେବେ ନ ପାରଇ ସହି
ଏ ମୋହନ ବେଶେ ବାଳା ଥିଲା ମୋତେ ଚାହିଁ,
କପାଁ ତାକୁ ବକ୍ଷୁ ଗଣ୍ଡେ ନ ଦେଲି ଚୁମ୍ବନ,
ଶୁଭକ୍ଷଣେ ନ କଲି ମୁଁ ସ୍ନେହ-ଆଲିଙ୍ଗନ,
ପ୍ରିୟା ପାଶେ ପ୍ରେମ ଭିକ୍ଷା ନ କଲି ସତ୍ୱର,
ନ ବାନ୍ଧିଲି ଭକ୍ତିମୂଳ ଭବିଷ୍ୟ ସୁନ୍ଦର ।
ନିଷ୍ଠୁର ନିର୍ମମ ତୁହି ଅପ୍ସରା ସୁନ୍ଦରୀ !
ଭେଟି ଗଲୁ ମୋତେ କରେ ଦେଖାଇ ସର ।

(୨)

ସେ ସବୁ ଆକାଂକ୍ଷା ଆଶା ସେ ସବୁ ବିକାର
ଯାଇଅଛି ଏବେ ଅତୀତ ଗର୍ଭରୁ ସୀମନ୍ତିନୀ ।
କିନ୍ତୁ ସେହି ପୂର୍ବମୋହ ରଚି ଅନ୍ଧକାର
ରହିଅଛି, ଯାଉଛି ତୁ ପୂତ-ଆରତିଣି !
ସହସ୍ର ଯୋଜନ ଦୂର ଯାଅ ମୋତେ ଛାଡ଼ି
ଚିନ୍ତା ନାହିଁ, ଯାଅ ଏବେ ଶୂନ୍ୟ ପଥେ ମନ ,
ପୃଥ୍ୱୀ ଯଥା ତପନକୁ ରଖି କେନ୍ଦ୍ରସ୍ଥଳେ
ଦିନ ଦିନ ବର୍ଷ ବର୍ଷ ନିଜ ପଥେ ଚଳେ,
ହୃଦକେନ୍ଦ୍ରେ ତୋହର ସ୍ମୃତ ରଖି ଦେହପତ୍ର
ହୋଇବି ସ୍ୱପଥେ ଏବେ ବିଜନବିହାରୀ;
ଏକାକୀ ଜାଳିବି ଦୀପ ସନ୍ଧ୍ୟା ଆଗମନେ,
ଅନନ୍ୟସହାୟ ହୋଇ ସେବିବି ଶୟନେ,
କିନ୍ତୁ ଅନୁତାପ ମୁହିଁ ରହିଥିବ ସ୍ମରି
କପାଁ ତୋତେ ନ କହିଲି ମୋ ହୃଦଗୁହାରି ।

ଶ୍ରୀ—

ବିବିଧ ପ୍ରସଙ୍ଗ ।

୧ । ହର୍ଷବିଷାଦ—ଉତ୍କଳଗୌରବ ସୁବିଖ୍ୟାତ ଜ୍ୟୋତିଷୀ ମହାମହୋପାଧ୍ୟାୟ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ସିଂହ ସାମନ୍ତ ଆଜି ଜଗଦ୍ବିଖ୍ୟାତ ହୋଇଅଛନ୍ତି—ସଭ୍ୟଜଗତର ବହୁ ପ୍ରଖ୍ୟାତନାମା ଜ୍ଞାନୀ, ପଣ୍ଡିତ, ଜ୍ୟୋତିଷୀ, ବୈଜ୍ଞାନିକ ତାଙ୍କର ଅସାଧାରଣ ଶକ୍ତିର ପରିଚୟ ପାଇ ମୋହିତ ହୋଇ ଅଛନ୍ତି—ସମସ୍ତେ ଏକବାକ୍ୟରେ ତାଙ୍କର ଜୟ ଜୟକାର କରୁଅଛନ୍ତି । ଧନ୍ୟ ଗୁଣଗ୍ରାହୀ ବିଜ୍ଞାନାଚାର୍ଯ୍ୟ ଯୋଗେଶଚନ୍ଦ୍ର ! ତୁମ୍ଭେ ବିନା ମଣି ଚିହ୍ନିବ କିଏ ? ତୁମ୍ଭେ ସିନା ଏହି ଅନାସକ୍ତ ଜ୍ଞାନଯୋଗୀ ଅମାୟିକ ବ୍ୟକ୍ତିଙ୍କୁ ଖଣ୍ଡପଡ଼ାର ଅରଣ୍ୟାବୃତ କୁଟୀରମଧ୍ୟରୁ ଟାଣି ଆଣି ଜନସମାଜରେ ତାଙ୍କର ମହତ୍ତ୍ୱ ପ୍ରଚାର କଲ । ଆଜି ମଧ୍ୟ ତୁମ୍ଭ ହୃଦୟ ତାଙ୍କ ପାଇଁ କିପରି ବ୍ୟାକୁଳ, ଭାବିଲେ ଲଜ୍ଜାରେ କ୍ଷୋଭରେ ହୃଦୟ ମ୍ରିୟମାଣ ହୋଇଯାଏ ! ହାୟ ! ଚନ୍ଦ୍ରଶେଖରଙ୍କ ଯୋଗୁଁ ଆଜି ଉତ୍କଳର [illegible] କେତେ ନ ବଢ଼ିଲା ! କିନ୍ତୁ ଚନ୍ଦ୍ରଶେଖର ଯେ ଉତ୍କଳର ମହୋଜ୍ଜ୍ୱଳ ରତ୍ନ, ଏକଥା କେତେ ଜଣ ଉତ୍କଳବାସୀ ହୃଦୟଙ୍ଗମ କଲେ ? କେତେ ଜଣ ତାଙ୍କର ଦୁର୍ଦ୍ଦଶା ମୋଚନ କରିବାକୁ ଅଗ୍ରସର ହେଲେ ? ଆଖିରେ ଅଙ୍ଗୁଳି ଦେଇ ଜଣେ ଦେଖାଇ ଦେଲେ; ତଥାପି ଆମ୍ଭେମାନେ ଅନ୍ଧ ! ଆମ୍ଭମାନଙ୍କ ପରି ହତଭାଗ୍ୟ କୃପାପାତ୍ର ଜୀବ ଆଉ କେଉଁଠାରେ ଅଛନ୍ତି ? ଆଜି ପୁଣି ସମ୍ବାଦପତ୍ରରେ ତାଙ୍କ ବୃଦ୍ଧ ବୟସର ହୀନ ଦଶା କଥା ଆଲୋଚିତ ହେବା ପର୍ଯ୍ୟନ୍ତ ଗଲା ! ସେଥିରେ ପୁଣି ପ୍ରତିବାଦ !!! ଆମ୍ଭମାନଙ୍କର ବୁଦ୍ଧି ହଜି ଯାଉଅଛି, ଚିତ୍ତ ବିକ୍ଷିପ୍ତ ହୋଇଅଛି ! କାହାର ସପକ୍ଷ ବିପକ୍ଷ କୌଣସି କଥା କହି ପାରୁନାହିଁ । ଅଧ୍ୟାପକ ଯୋଗେଶଚନ୍ଦ୍ରଙ୍କ ଅନୁଗ୍ରହରୁ ମହାମହୋପାଧ୍ୟାୟଙ୍କର ଖଣ୍ଡିଏ ଫଟୋ-ବ୍ଲକ୍ ଆମ୍ଭମାନଙ୍କର ହସ୍ତଗତ ହୋଇଥିଲା । ଆମ୍ଭେମାନେ ଆଜି 'ଉତ୍କଳସାହିତ୍ୟ'ର ପାଠକବର୍ଗଙ୍କୁ ମହାତ୍ମାଙ୍କର ଖଣ୍ଡିଏ ପ୍ରତିକୃତି ଉପହାର

Digitized by srujanika@gmail.com

ପ୍ରଦାନ କରି ହୃଦୟକୁ କିଞ୍ଚିତ୍ ଆଶ୍ୱସ୍ତ କରୁଅଛୁଁ । ଆମ୍ଭମାନଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ ସାମନ୍ତଙ୍କ ଚରିତ ଓ ଆବିଷ୍କ୍ରିୟା ସମ୍ବନ୍ଧରେ ଧାରାବାହିକ ପ୍ରବନ୍ଧ ଲେଖିବାକୁ ଅଙ୍ଗୀକାର କରି ଅଛନ୍ତି । ବିଶେଷ ପ୍ରତିବନ୍ଧକ ଉପସ୍ଥିତ ନ ହେଲେ ତାହା ଶୀଘ୍ର ପାଠକବର୍ଗଙ୍କ ନିକଟରେ ଉପସ୍ଥାପିତ କରିବୁଁ । ବର୍ତ୍ତମାନ ଏତିକି ବକ୍ତବ୍ୟ ଯେ ବନ୍ଧୁବର ନୀଳମଣି ବାବୁଙ୍କ ଯତ୍ନ ସଫଳ ହେଉ । ଅନ୍ତତଃ ଶେଷ ଜୀବନରେ ସାମନ୍ତମହୋଦୟ କିଞ୍ଚିତ୍ ସୁଖଶାନ୍ତି ସମ୍ଭୋଗ କରନ୍ତୁ ।

୨ । ସମ୍ମିଳନ-ଚେଷ୍ଟା—ସମଗ୍ର ଉତ୍କଳଭାଷୀ ପ୍ରଦେଶମାନଙ୍କର ସମ୍ମିଳନ ଓଡ଼ିଆମାନଙ୍କର ଜାତୀୟତା ରକ୍ଷା ଓ ଭବିଷ୍ୟତ ଉନ୍ନତି ପକ୍ଷରେ ଏକାନ୍ତ ଆବଶ୍ୟକ, ଏକଥା ଆମ୍ଭେମାନେ ଏହାପୂର୍ବ ଥର 'ଉତ୍କଳ ସାହିତ୍ୟ'ରେ ଆଲୋଚନା କରି ଅଛୁଁ । କିଛି କାଳ ପୂର୍ବେ ବିଶ୍ୱସ୍ତସୂତ୍ରରୁ ଅବଗତ ହୋଇଥିଲୁଁ ଯେ କଟକର କୌଣସି କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଏ ବିଷୟରେ ପରାମର୍ଶ ଚାଲିଥିଲା । ମାତ୍ର ପରାମର୍ଶଟା ପରାମର୍ଶରେ ଶେଷ ହେଲା ! କାର୍ଯ୍ୟକ୍ଷେତ୍ରକୁ ଅବତରଣ କରିବାର ସମୟ କାହାର ଅଛି ? କିଛି ଦିନ ପୂର୍ବରେ ଜଣେ ଓଡ଼ିଆ ଗ୍ରାଜୁଏଟ୍ ଉତ୍କଳ ଖଣ୍ଡର କେତେ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ନାମ ଧରି ଏହି ସମ୍ମିଳନ ସାଧନ ପାଇଁ ତାଙ୍କ ମତ ଭିକ୍ଷା କଲେ । କିଛି କାଳ ପରେ ଅନ୍ୟ ଜଣେ ଭଦ୍ରବ୍ୟକ୍ତି ତାଙ୍କ ଉପରେ ଅସ୍ଫୁଟ ପ୍ରତିଧ୍ୱନି-ଟିଏ କରି କର୍ତ୍ତବ୍ୟ ଶେଷ କଲେ ! ସଂସାରରେ କଠିନ କାର୍ଯ୍ୟଗୁଡ଼ାକ ଏତେ ସହଜରେ ଯେବେ ସାଧିତ ହୋଇ ଯାଇ ଥାନ୍ତା; ତେବେ ଆଉ ଭାବନା କଣ ଥିଲା କି ? ଉତ୍ସାହ, ଉଦ୍ୟମ, ପରିଶ୍ରମ, ସାଧନା ନାହିଁ ? ଦେଖୁଅଛୁଁ, ଉତ୍କଳବାସୀ ନୀରବ ନିଶ୍ଚେଷ୍ଟ ! ସମ୍ବଲପୁରର ଭ୍ରାତାମାନେ ଦୀର୍ଘକାଳ ନିର୍ବାସିତା ମାତୃଭାଷାର ପୁନଃପ୍ରତିଷ୍ଠା ନିମିତ୍ତ ବହୁ ଶ୍ରମ ଓ ବ୍ୟୟ ସ୍ୱୀକାର କରି ସଫଳକାମ ହୋଇଅଛନ୍ତି । ସେଥିପାଇଁ କଣ ସମ୍ମିଳନର ଆକାଂକ୍ଷା ସେମାନଙ୍କ ପ୍ରାଣରୁ ଅନ୍ତର୍ହିତ ହୋଇଅଛି? ଅନ୍ୟଥା, ଚେଷ୍ଟାର ଲକ୍ଷଣ ନାହିଁ ? ଆଶାର ସମ୍ବାଦ ଏବେ କି ପାଇଅଛୁଁ ଯେ ଗଞ୍ଜାମ ଅଞ୍ଚଳର କେତେ ଜଣ ଉତ୍ସାହୀ ଭ୍ରାତା ଏ ବିଷୟରେ ବିଶେଷ ଯତ୍ନବାନ୍ ହୋଇଅଛନ୍ତି । ଆମ୍ଭେମାନେ ଅବଗତ ହୋଇଅଛୁଁ ଲର୍ଡ କର୍ଜନଙ୍କ ନିକଟରେ ଉପସ୍ଥାପିତ ହେବା ନିମିତ୍ତ ଖଣ୍ଡିଏ ସୁଦୀର୍ଘ ଓ ସୁଯୁକ୍ତିପୂର୍ଣ୍ଣ ଆବେଦନପତ୍ର ପ୍ରସ୍ତୁତ ହୋଇଅଛି ତାହା ଶୀଘ୍ର ମୁଦ୍ରିତ ହୋଇ ବହୁ ବ୍ୟକ୍ତିଙ୍କ ସ୍ୱାକ୍ଷର ପାଇଁ ପ୍ରେରିତ ହେବ । ଏତେବେଳେ ସମ୍ବଲପୁର ଏବଂ ଓଡ଼ିଶାରେ ସେହିପରି ହେବା ଉଚିତ ନୁହେ କି ? ବିଶେଷରେ ଦକ୍ଷି ଦଇବାର ବେଳେ ଉତ୍କଳ ସନ୍ତାନଙ୍କର ଏପରି ଗୋଟିଏ ନ୍ୟାୟସଙ୍ଗତ ପ୍ରାର୍ଥନା ବଡ଼ଲାଟଙ୍କ ପାଖରେ ପହଞ୍ଚିଲେ କେଜାଣି ବା କିଛି ଫଳ ହୁଅନ୍ତା । ଓଡ଼ିଶାର 'ମୁଣ୍ଡ'ମାନେ ଟିକିଏ ଜାଗ୍ରତ ହେବେ କି ?

୩ । ପ୍ରାଦେଶିକ ସମିତି — ଆଉ କିଛି ଦିନ ପରେ ଜାତୀୟ ମହାସମିତିର ଅଧିବେଶନ ହେବ । ଗତ ବର୍ଷ କଲିକତାରେ ମହାସମିତିର ଅଧିବେଶନ ହୋଇଥିଲା ବୋଲି ଓଡ଼ିଶାରୁ ବହୁସଂଖ୍ୟକ ପ୍ରତିନିଧି ଏବଂ ଦର୍ଶକ ଉପସ୍ଥିତ ହୋଇଥିଲେ । ମାତ୍ର ବହୁ ବ୍ୟୟ ଓ କଷ୍ଟ ସ୍ୱୀକାର କରି ଅହମଦାବାଦରେ ଆଗାମୀ ଅଧିବେଶନରେ ଓଡ଼ିଶାର କୌଣସି ପ୍ରତିନିଧି ବା ଦର୍ଶକ ଉପସ୍ଥିତ ହେବେ ଏପରି ଆଶା ହେଉ ନାହିଁ । ପ୍ରକୃତ ପକ୍ଷରେ ଓଡ଼ିଶା ରାଜନୈତିକ ବ୍ୟାପାରରେ ଦିନକୁ ଦିନ ପଶ୍ଚାତ୍ପଦ ହୋଇ ପଡ଼ୁଅଛି । ଏ ବର୍ଷ ମଧ୍ୟରେ ଉତ୍କଳଭୂମିରେ ବଙ୍ଗୀୟ ପ୍ରାଦେଶିକ ସମିତିର ଅଧିବେଶନ ହେବ ବୋଲି ଅନେକେ ଉଦ୍ଗ୍ରୀବ ହୋଇ ପ୍ରତୀକ୍ଷା କରି ରହିଥିଲେ । ସେହି ଘଟଣା-ଦ୍ୱାରା ଓଡ଼ିଆପୁଅଙ୍କର ପଶ୍ଚାଦ୍ଗତି ଫେରି ଯିବ ଏବଂ ଦୀର୍ଘକାଳବ୍ୟାପୀ ଔଦାସୀନ୍ୟ ଓ ନିଦ୍ରା ଅପସାରିତ ହୋଇ ନବ ଆଶା ଓ ଆକାଂକ୍ଷା ଜାଗ୍ରତ ହେବ, ଏପରି ଗୋଟାଏ ଆଶା ଜନ୍ମିଥିଲା । ମାତ୍ର ସେ ଆଶା ନିରାଶା ବା ଦୁରାଶାରେ ପରିଣତ ହୋଇଅଛି ! ପ୍ରସ୍ତାବର ଆରମ୍ଭ ଯେଉଁଠାରେ, ଶେଷ ସେହିଠାରେ ! ଏଥିର ରହସ୍ୟ କେହି ଭେଦ କରି ପାରିବେ କି ? ସମ୍ପୃଚ ଶ୍ରୀ —।

Digitized by srujanika@gmail.com

ଶମୀ ନାମଧାରୀ ଜଣେ ବ୍ୟକ୍ତି 'ପ୍ରଜାବନ୍ଧୁ'ରେ ବାବୁ ମଧୁସୂଦନ ଦାସଙ୍କ କୈଫିୟତ ସ୍ୱରୂପ କେତେଗୁଡ଼ିଏ କଥା ପ୍ରକାଶ କରିଅଛନ୍ତି । କଥାଗୁଡ଼ିକ ସବୁ ବିଚାର କରିବାର ସ୍ଥାନ ବା ଇଚ୍ଛା ଆମ୍ଭମାନଙ୍କର ନାହିଁ । ସ୍ଥୂଳ କଥା ଏହି ଯେ ଓଡ଼ିଆ ମାତୃପୂଜା କରିବାର ଉପଯୁକ୍ତ ହୋଇ ନାହିଁ; ସେଥିରେ କିଛି ଫଳ ନାହିଁ; ମଧୁ ବାବୁଙ୍କ ଛଡ଼ା ଓଡ଼ିଶାର ଗୁହାରି ବ୍ୟକ୍ତ କରିବାର ଲୋକ ଓଡ଼ିଶାରେ କେହି ନାହିଁ; କେତେକ ବିଷୟରେ ସମିତିର ଅପରାପର ନେତାମାନଙ୍କ ସହିତ ମଧୁ ବାବୁଙ୍କର ମତଭେଦ ହେଲା; ସମିତିରେ ଯାହା ଯାହା ପ୍ରସ୍ତାବିତ ହେବ, ତାହା କାର୍ଯ୍ୟରେ ପରିଣତ କରିବାକୁ ଉପଯୁକ୍ତ ବିଧାନ ନ ହେଲେ ଓଡ଼ିଶାର ଟଙ୍କାଗୁଡ଼ାକ ଖରଚ ହେବା ଅନ୍ୟାୟ; ଆଉ ଗବର୍ଣ୍ଣମେଣ୍ଟଙ୍କଠାରୁ ଯେ ବିଶେଷ ଉପକାର ପ୍ରାପ୍ତିର ଆଶା କରିଅଛନ୍ତି—ସମିତିଦ୍ୱାରା ତାହା କେବଳ ବିଫଳ ହେବ; ଇତ୍ୟାଦି । ଆମ୍ଭମାନଙ୍କ ମତରେ ଯୁକ୍ତିଗୁଡ଼ିକ ଆଦ୍ୟୋପାନ୍ତ ଅସାର ଓ ଅସଙ୍ଗତ ! ମଧୁ ବାବୁ କିଣ ଏପରି କଥାମାନ ପ୍ରକାଶ କରିଅଛନ୍ତି ? ଆମ୍ଭମାନଙ୍କର ସହଜରେ ବିଶ୍ୱାସ ହେଉ ନାହିଁ । ସମିତିକୁ ଆହ୍ୱାନ କଲା ବେଳେ ଏ ଯୁକ୍ତିଗୁଡ଼ାକ ତାଙ୍କ ମନରେ ପ୍ରବେଶ କଲା ନାହିଁ କାହିଁକି ? ବିଗତ ଡିସେମ୍ବର ମାସରେ ମହାସମିତିର ଅଧିବେଶନ ପର୍ଯ୍ୟନ୍ତ ତାଙ୍କର ଚୈତନ୍ୟୋଦୟ ହୋଇ ନ ଥିଲା କାହିଁକି ? ପୁଣି ଗତ ମାର୍ଚ୍ଚ ମାସରେ ଅନେକ ଯୁକ୍ତି ତର୍କ ପରେ ପୂଜା ଅବକାଶ ମଧ୍ୟରେ ସମିତିର ଅଧିବେଶନ କରିବାକୁ ସେ ସ୍ୱୀକୃତ ହୋଇ ଥିଲେ କିପରି ? ସମିତିର ନେତାମାନଙ୍କ ସହିତ ମତଭେଦ ଇତି-ପୂର୍ବରୁ ହୋଇଥିଲା, ନା ପରେ ନୂତନ କିଛି ହେଲା ? ଓଡ଼ିଶାର ବିଶେଷ ଗୁହାରିମାନ ସମିତିରେ ଉତ୍ଥାପନ କରିବାରେ କାହାର କିଛି ଆପତ୍ତି ଥିଲା କି ? ପ୍ରସ୍ତାବମାନ କାର୍ଯ୍ୟରେ ପରିଣତ କରିବାରେ କେହି ବାଧା ଦେଇଥିଲା କି ? ସମିତି ଡାକିଲା ବେଳେ ବା ତତ୍ପରେ ଏହାର ଅଧିବେଶନ ବା ଉପକାରିତା ସମ୍ବନ୍ଧରେ ମଧୁ ବାବୁ ଅନ୍ୟ କୌଣସି ଉତ୍କଳ ସନ୍ତାନଙ୍କ ସହିତ ପରାମର୍ଶ ବା ଆଲୋଚନା କରି ଥିଲେ କି ? ଓଡ଼ିଶାର କାରୁକାର୍ଯ୍ୟମାନ ଇଂଲଣ୍ଡ ଫ୍ରାନ୍ସ ପ୍ରଭୃତି ଦେଶର ବଜାରମାନଙ୍କରେ ସ୍ଥାନ ପାଇବା ବିଷୟରେ ସମିତିଦ୍ୱାରା କିଛି ବାଧା ଘଟିଲା କି ? ଅନେକ କଥା କହିବାର ଅଛି, ଅନେକ ପ୍ରଶ୍ନ କରିବାର ଅଛି । ବର୍ତ୍ତମାନ ସେ ସବୁଥିରୁ କ୍ଷାନ୍ତ ରହିଲୁ । ମୂଳ କଥା, ମଧୁ ବାବୁ ଏପରି କଥା କହି ଅଛନ୍ତି, ତ ଅଜ୍ଞାତନାମା ପତ୍ରପ୍ରେରକ ଏଣୁ ତେଣୁ ଗୁଡ଼ିଏ ସମ୍ବାଦ ଗୋଟାଇ ଆଣି ସାଧାରଣ ପତ୍ରିକାର ସ୍ଥାନ ପୂରଣ କରିଅଛନ୍ତି ? ମଧୁ ବାବୁ 'ପ୍ରଜାବନ୍ଧୁ'ର ପ୍ରଶ୍ନର ଉତ୍ତର ଦେବାକୁ ପରାଙ୍ମୁଖ କାହିଁକି ? ଏହା କଣ ତାଙ୍କର ଦୃଷ୍ଟିଗୋଚର ହୋଇ ନାହିଁ? ଅଥବା ଏପରି ପ୍ରଶ୍ନର ଉତ୍ତର ଦେବାଟା ଆତ୍ମ-ଗୌରବର ହାନିକର ? ଆଉ ଗୋଟିଏ କଥା, ଓଡ଼ିଶାର ଏଗୋଟି ସମ୍ବାଦପତ୍ର ମଧ୍ୟରୁ ଅନ୍ୟ କେହି ଏ ବିଷୟରେ ବାଚ୍ୟ ବ୍ୟୟ କଲେ ନାହିଁ କାହିଁକି ? ବିଷୟଟା କଣ ସେମାନଙ୍କ ଆଲୋଚନାର ଅଯୋଗ୍ୟ ? ବିରୁଦ୍ଧମତ ହେଲେ ମଧ୍ୟ ତାହା ପ୍ରକାଶ କରିବା ଉଚିତ ନୁହେ କି ? ଆପାତତଃ ଆମ୍ଭେମାନେ ମଧୁ ବାବୁଙ୍କଠାରୁ ଏବଂ ଓଡ଼ିଆ ସମ୍ବାଦପତ୍ର-ସମ୍ପାଦକମାନଙ୍କଠାରୁ ଆଶାନୁରୂପ ଉତ୍ତର ପ୍ରତୀକ୍ଷାରେ ରହିଲୁ ।

୪ । ରାମମୋହନ-ପଦକ—୧୯୦୧ ସେପ୍ଟେମ୍ବର ୨୭ ତାରିଖ ଦିନ ରାମମୋହନ-ସ୍ମୃତିସଭାରେ ଡେପୁଟି ଶ୍ରୀଯୁକ୍ତ ଆଶୁତୋଷ ଦତ୍ତ ମହାଶୟ ପ୍ରାଚୀନ ଓଡ଼ିଆ ସାହିତ୍ୟ ବିଷୟରେ ସର୍ବୋତ୍କୃଷ୍ଟ ରଚନା ନିମିତ୍ତ ଗୋଟିଏ ପଦକ ପୁରସ୍କାର ଦେବା କଥା ଘୋଷିତ ହୋଇଥିଲା । କଟକର କେତେ ଜଣ ଗଣ୍ୟମାନ୍ୟ ବ୍ୟକ୍ତିଙ୍କଠାରେ ରଚନା ଗ୍ରହଣ ଓ ପରୀକ୍ଷା କରିବାର ଭାର ମଧ୍ୟ ଅର୍ପିତ ହୋଇ ଥିଲା । ୧୯୦୨ ସେପ୍ଟେମ୍ବର ଅତୀତ ହୋଇ ଯାଇଅଛି । କାହିଁ ? ରଚନା କଥା ତ କିଛି ଶୁଣା ପଡ଼ୁ ନାହିଁ ? ଏପରି ବଡ଼ଲୋକମାନେ ଯେବେ ଏତେ ଗଭୀର ନିଦ୍ରାରେ ମଗ୍ନ ରହିବେ ତେବେ ଆଉ କାହାକୁ କଣ କହିବୁଁ ? ସାଧାରଣ କାର୍ଯ୍ୟରେ ଏପରି ଔଦାସୀନ୍ୟ କି ଶୋଭା ପାଏ ? ଏଥିକୁ ନିମ୍ନସ୍ଥ ବ୍ୟକ୍ତିମାନେ କଣ ଶିକ୍ଷା କରିବେ ?

Digitized by srujanika@gmail.com

୬ଷ୍ଠ ଭାଗ । ପୌଷ, ମାଘ ୧୩୧୦ । ୯ମ, ୧୦ମ ସଂଖ୍ୟା ।

ଉତ୍କଳ-ସାହିତ୍ୟ ।

ମାସିକପତ୍ର ଓ ସମାଲୋଚନ ।

ଶ୍ରୀ ବିଶ୍ୱନାଥ କର କର୍ତ୍ତୃକ ସମ୍ପାଦିତ ।

ପ୍ରବନ୍ଧମାନଙ୍କର ମତ ନିମନ୍ତେ ଲେଖକମାନେ ଦାୟୀ ।

ବିଷୟ ।	ଲେଖକଙ୍କ ନାମ ।	ପୃଷ୍ଠା ।
୧ । ଅପୂର୍ବମିଳନ	ଶ୍ରୀଯୁକ୍ତ ଧୂର୍ଜଟୀ	୧୯୩
୨ । ଆଲୋକଚିତ୍ର ବା ଫଟୋଗ୍ରାଫି	„ ଶ୍ୟାମସୁନ୍ଦର ସାଠିୟା	୧୯୮
୩ । ଖଣ୍ଡିଏ ପତ୍ର	„ ମୃତ୍ୟୁଞ୍ଜୟ ରଥ	୧୯୯
୪ । ବାଉମାବାନ୍ତ ପାଞ୍ଜି	„ ଦୁର୍ମୁଖ ଶର୍ମା	୨୦୦
୫ । ଶବ୍ଦାର୍ଥଚର୍ଚ୍ଚା	„ ମୃତ୍ୟୁଞ୍ଜୟ ରଥ	୨୦୬
୬ । ଜଳାଭୂମର କଥା	„ ଗୋପାଳଚନ୍ଦ୍ର ପ୍ରହରାଜ ବି.ଏ.	୨୦୭
୭ । ବ୍ୟକ୍ତି ଓ ସମାଜ	„ ଅନନ୍ତଚନ୍ଦ୍ର ଦତ୍ତ	୨୦୯
୮ । ଜନ ସ୍ୱାଧୀନ ଓ ଜାତୀୟବନ୍ଧୁତା	„ ନନ୍ଦକିଶୋର ବଳ ବି.ଏ.	୨୧୮
୯ । ଜାତୀୟ ଉନ୍ନତି	„ କୃଷ୍ଣପ୍ରସାଦ ଚୌଧୁରୀ	୨୩୨
୧୦ । କ୍ଷୁଦ୍ର କ୍ଷୁଦ୍ର କବିତା :—		
୧ । ଶୋକର ସେତୁ (ପଦ୍ୟ)	„ ବାଳୁକେଶ୍ୱର ମିଶ୍ର	୨୩୭
୨ । ଦୁଃଖୀ ନା ସୁଖୀ ? „	„ ଗୋପାଳଚନ୍ଦ୍ର ପ୍ରହରାଜ ବି. ଏ.	୨୩୯
୩ । କି ବୁଝିବ ?	„ ଶ୍ରୀମତୀ ରେବା ରାୟ	୨୪୦
୪ । ସାମନ୍ତ ଶ୍ରୀ ଚନ୍ଦ୍ରଶେଖର	„ ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ରଥ	୨୪୦

THE UTKAL SAHITYA PRESS.

CUTTACK.

1903.

ବାର୍ଷିକ ମୂଲ୍ୟ ଡାକମାସୁଲ ସମେତ ଟ ୨ । ଏହି ସଂଖ୍ୟାର ନଗଦ ମୂଲ୍ୟ ଟ ।୵

Digitized by srujanika@gmail.com

ଉତ୍କଳ ସାହିତ୍ୟ ।

ଅପୂର୍ବମିଳନ ।

(ଐତିହାସିକ ଉପନ୍ୟାସ)

ଚତୁର୍ବିଂଶତ ପରିଚ୍ଛେଦ ।

ବାଦଲ ସିଂହର ମନ୍ତ୍ରଣା, ମୁସ୍ତାଫାର କ୍ରୋଧ ଏବଂ ଯୁଦ୍ଧ ।

ଅନାବୃତ ବନ୍ଧୁର ପ୍ରାନ୍ତର ମଧ୍ୟରେ ଦୁର୍ଗ ପଡ଼ିଅଛନ୍ତି । ମଧ୍ୟାହ୍ନ କାଳ, ପ୍ରଚଣ୍ଡ ରୌଦ୍ର । ସାରା ରାତ୍ରି ପରିଶ୍ରମ, ଅନାହାର, ପୁଣି ପ୍ରଚଣ୍ଡ ସୂର୍ଯ୍ୟକିରଣରେ ଜୀବନ୍ମୃତ । ଏହାପୂର୍ବେ ବର୍ଗୀବର୍ଗ ସେ ଗ୍ରାମକୁ ଯାଇ ସମସ୍ତ ଲୁଣ୍ଠନ କରି ନେଇଅଛନ୍ତି । କ୍ଷେତ୍ରର ଶସ୍ୟ ଗ୍ରାମବାସିଙ୍କ ସମ୍ପତ୍ତି ସମସ୍ତ ଅପହୃତ ହୋଇଅଛି । ଯାହା ନେଇ ପାରି ନ ଥିଲେ ଅଗ୍ନି ସଂଯୋଗରେ ସେ ସମସ୍ତ ଦଗ୍ଧ କରି ଦେଇ ଯାଇଅଛନ୍ତି । ଗ୍ରାମ ସକଳ ଶୂନ୍ୟ । ଜୀବନ, ସମ୍ଭ୍ରମ ରକ୍ଷା ନିମନ୍ତେ ଲୋକେ ସପରିବାର ପଳାୟନ କରିଅଛନ୍ତି । ଶୀତ ଋତୁରେ କ୍ଷେତ୍ର ଶସ୍ୟପୂର୍ଣ୍ଣ ଲୋକଙ୍କ ଗୃହ ଧାନ୍ୟାଦିରେ ପୂର୍ଣ୍ଣ ଥାଏ । ବର୍ଗୀ-ବାହିନୀ ଅଶ୍ୱମାନଙ୍କ ଖାଦ୍ୟାଭାବ ଥାଏ ନାହିଁ । ଉପଯୁକ୍ତ କାଳ ଜାଣି ବର୍ଗୀ ଏହି ଅନୁକୂଳ କାଳରେ ଯୁଦ୍ଧଯାତ୍ରା ଅବା ଲୁଣ୍ଠନଯାତ୍ରା କରି ଥାନ୍ତି ।

ବର୍ଗୀ-ଉପଦ୍ରୁତ ଏବଂ ଅର୍ଦ୍ଧଦଗ୍ଧ ଶସ୍ୟ ବା ଫଳମୂଳ ସମ୍ବଳ କରି ଦୁର୍ଗ ପାଠକମାନେ କଥଞ୍ଚିତ୍ ରୂପେ ପ୍ରାଣ ଧାରଣ କଲେ । ତାହା ମଧ୍ୟ ସମସ୍ତଙ୍କ ଭାଗ୍ୟରେ ଘଟି ନାହିଁ । ଦଗ୍ଧ ଗୃହ ଉପରୁ ଅର୍ଦ୍ଧଦଗ୍ଧ କଖାରୁ, ଲାଉ, ସିମ୍, ପୋଇ ପ୍ରାପ୍ତ ହୋଇ ବଡ଼ ବଡ଼ ଖାଁ ସାହେବମାନେ ଅତି ଉପାଦେୟ ଜ୍ଞାନ କରି ଭୋଜନ କରୁଅଛନ୍ତି ।

ମୁସ୍ତାଫା ଏକ ଗ୍ରାମରେ ଗଳିରେ ହାତ ଦେଇ ବସିଅଛନ୍ତି । ବାଦଲ ସିଂହ ତାଙ୍କ ସମୀପରେ ଉପସ୍ଥିତ ହୋଇ ସଲାମ କଲେ ।

ମୁସ୍ତାଫା ପଚାରିଲେ—କି ବାଦଲ, କି ଖବର ?

ବାଦଲ ସିଂହ କହିଲେ—ଖାଁ ସାହେବ ! ମୋ ଗୋସ୍ତାକି ମାଫ କର, ମୁଁ ସତ୍ୟ ଦେବାକୁ ଆସି ନାହିଁ, ଆପଣଙ୍କୁ ଗୋଟିଏ କଥା ଜଣାଇବାକୁ ଆସିଅଛି । ମୁଁ ସିପାହି—ଆପଣ ହେଲେ ମୁରବି, ଆପଣଙ୍କୁ କେଉଁ କଥା କହିପାରେଁ ? ଅଚ୍ଛା, ମୁଁ ପଚାରେଁ, ଆମ୍ଭେମାନେ କି ଏହିପରି ପଳାଇ ବୁଲୁଥିବା ? ଆଉ କେତେ ଦିନ ପଳାଇବାକୁ ବଳ ଅଛି ? ହୁସେନ୍ ଅମ୍ଭମାନଙ୍କ ମୁଣ୍ଡିର ଖୋଜ ଲଗାଇ ଆଉ ଗୋଡ଼ାଉଛି ଅମ୍ଭେମାନେ ପଳାଉଥିବା, ବେଶ୍ କଥା । ଅଚ୍ଛା, ମୁଣ୍ଡ ଯେବେ କଟିବ, ଅସ୍ତ୍ର ଧରିବାର ଧର ସମ୍ମୁଖ ଯୁଦ୍ଧରେ ବୀର ପରି ମରୁଁ, ଧାଇଁ ଧାଇଁ ଅନାହାରରେ କାହିଁ ମରିବୁଁ । ଆପଣ କି ହୁକୁମ ଦେଉଛନ୍ତି, ଅମ୍ଭମାନଙ୍କ ପକ୍ଷରେ ଏହା ଉଚିତ କାର୍ଯ୍ୟ ହେଉଅଛି କି ? ମୁସ୍ତାଫା ସମସ୍ତ କଥା ଶୁଣି କ୍ରୋଧରେ ବାଦଲ ମୁହଁକୁ ଚାହିଁ ରହିଲେ । ସମସେର ଖାଁ, ସରଦାର ଖାଁ ପ୍ରଭୃତି ସେନାପତିମାନଙ୍କୁ ଡକାଇ ଗ୍ରାମ ଗୋସା ହୋଇ କହିଲେ—ଭାଇମାନେ ! ଏହି ହିନ୍ଦୁ ବାହାଦୁର କଣ କହୁଛି ଶୁଣ । ହା !—ଆଲ୍ଲା—ଆକବର ! ଅମ୍ଭମାନଙ୍କୁ ଧିକ୍, ମୁସଲମାନ ଧର୍ମକୁ ଧିକ୍ ! ଆଜି ଅମ୍ଭେମାନେ ମୁସଲମାନ କୁଳର କୁଳାଙ୍ଗାର, ବାବରର କଳଙ୍କ,, ହୋସେନ ସଇଦ ଭୂତ୍ୟ, ତଥା ଲୂଣ ମହୁଦେରେ କହ୍ନାଇ ପଡ଼ିଥିବୁଁ ! ହିନ୍ଦୁ କାଫେର ବାଳୁଅ ପରି ପଛେ ପଛେ ଗୋଡ଼ାଉଥିବ, ଆଉ ଅମ୍ଭେମାନେ ଭେଲୁଅ ପରି ପଳାଇ ...

Digitized by srujanika@gmail.com

ଥିବୁଁ । ଭୁଷଟାରେ ନବାବ ଅମ୍ଭମାନଙ୍କୁ ପୋଡି ଅଛନ୍ତି, ମୁରଶିଦାବାଦରେ କପର ମୁହଁ ଦେଖାଇବୁଁ, କାବୁଲର ଲୋକେ କଣ କହିବେ ? ଆଉ ସହ୍ୟ ହେଉ ନାହିଁ ! ଆସ, ଧର ତରବାରି, ବୋହିଲେ ପଡ଼ି ଥାଅ, କାଫର ଅଛି ଗୋଟି ଗୋଟି ଧରି ଜବେ କରୁ !

ସେନାପତିମାନେ ଶୀଘ୍ର ନିତାନ୍ତ ଉତ୍ତେଜିତ ହୋଇ ପଡ଼ିଲେ । ଖାନ୍ ଖାନ୍ ହୋଇ କରି ହଜାର ହଜାର ତୁର୍କ ତରବାରି ଧରି ଉଠି ପଡ଼ିଲେ ।

ଏଣେ ସମରବିଜୟୀ ବର୍ଗୀ ଆନନ୍ଦରେ ଉନ୍ମତ୍ତ । ତୁର୍କ ପଳାଇ ଯାଇ ଯେଉଁଠାରେ ପଡ଼ି ଅଛି, ଅନାହାରରେ ଯେଉଁଠାରେ ହେଲେ ପଡ଼ିଥିରେ ପଡ଼ି ମରିଯିବ ଅଥବା ମରିଗଲେଣି କମ୍ପା ଉପରେ ଉଠି ଯାଇ ସେମାନଙ୍କୁ ନିର୍ମୂଳ କରିବା କଠିନ କଥା ନୁହେଁ । ଭାଗ୍ୟଗୁଣରେ ପତିତପାବନୀ ଭାଗୀରଥୀ ପାଇଅଛନ୍ତି, ଅବଗାହନ କରି ଶରୀର ଶୀତଳ କରିବେ, ଜନ୍ମାର୍ଜିତ ପାପ ବିଧୌତ ହେବ । ନବାବଠାରୁ ଶଗଡ ଶଗଡ଼ ଗହମ ଚଣା, ଶଗଡ଼ ଶଗଡ଼ ଗୁଡ଼, ଶ—ଶ— ମହଣ ଘିଅ, ପର୍ବତ ପ୍ରମାଣ ଡ଼ାଲି ଚାଉଳ ପିଅଜ ମସଲା ପାଇଅଛନ୍ତି, ଯେତେଦିନ ହେଲା ଭୋଜନର ଠିକଣା ନାହିଁ, ଆଜି ଆନନ୍ଦର ଦିନ, ତୀର୍ଥ-ଜଳରେ ସ୍ନାନ କରି ଉତ୍ସବରେ ଇଚ୍ଛାନୁସାରେ ଉପାଦେୟ ଭୋଜନ ।

ଶତ୍ରୁ କ୍ଷୟ, ବିପୁଳ ସମ୍ପତ୍ତି ଲାଭ, ସୌଭାଗ୍ୟର ସୀମା ନାହିଁ । ସମ୍ପଦବେଳେ ଗୃହଅଗ୍ରୁ ବୃକ୍ଷ ଭୃତନ ଅଧି ଦୂଲ ହୋଇପଡ଼େ । ଏତେ ସୁସମୟରେ ଆଉ ଲଢେଇ ଝଗଡ଼ାର କଥା କିଏ ମନରେ ପକାଏ ? ପାଇକମାନେ ଆପଣା ଆପଣା ଅସ୍ତ୍ରଶସ୍ତ୍ର ଫୋପାଡ଼ି ଦେଇ ବୋମ୍ ବୋମ୍ ମହାଦେଓ, ଜୟ ମାତଃ ଗଙ୍ଗେ ଚିତ୍କାର କରି ଗଙ୍ଗା ଗର୍ଭକୁ ଡେଇଁ ପଡ଼ିଲେ । କେହି ସ୍ନାନରେ ନିଯୁକ୍ତ, କେହି ସ୍ନାନର ଉଦ୍ୟୋଗ କରୁଅଛି, କେହି କେହି ଅବଶ୍ୟ ଗଙ୍ଗାଜଳରେ ଶଙ୍କର ମନ୍ତ୍ର ଏବଂ ଗଙ୍ଗା ସ୍ତବ ପାଠ ହୁଏ କାର୍ଯ୍ୟ—ଅର୍ଥାତ୍ ଦେହ ଏବଂ ଆତ୍ମା ଉଭୟର ପବିତ୍ରତା ସମ୍ପାଦନରେ ନିଯୁକ୍ତ ଅଛନ୍ତି । କେହି ଗୋଟି ପେଲୁଅଛି, କାହାର କାହାର ଡାଲି ଚୁଲା ହୋଇଗଲାଣି, ଟହରମନର କର କାହାର ଭାତ ହାଣ୍ଡି ଡାକୁଅଛି, କେହି କେହି ପେଟବିକଳରେ ଗୋଟି ନେଇ ସେଲୁ ଅଧାଅଧି ଖାଉ ଦେଲାଣି । ତେତେଗୁଡ଼ାଏ ଲୋକଙ୍କର ପଚର-ପାଣି ହୋଇଅଛି । କେହି ଲୋକ ଗଙ୍ଗା-କୂଳରେ ଦାନ୍ତ ଘଷୁଁ ଘଷୁଁ ଗତ ରାତ୍ରି ଯୁଦ୍ଧରେ ଆପଣା ବୀରତ୍ୱ କଥା ସାଙ୍ଗଙ୍କୁ ଶୁଣାଇ ଦେଉ ଅଛି । ଶ୍ରୋତା କହୁଛି, ଅରେ ଭାଇ ! ତୁ କଣ ଜାଣିଛୁ ? ମୋ ହାତୁଡ଼ିରେ ପଡ଼ିଥିଲା, ଏକା ନିଶ୍ୱାସକରେ ସତେଇଶଟା ତୁର୍କ ଦାଢ଼ିଧରି କାଟିଲି ଗଛ ହାଣିଲା ପରି କଚକଚ କରି ହାଣି ପକାଇଲି । ବଡ଼ ବଡ଼ ସେନାପତିମାନେ ବସି ଲୁଣ୍ଠିତ ମୁଦ୍ରା ବିଭାଗର ବ୍ୟବସ୍ଥା ଏବଂ ଖାଦ୍ୟର ବଜେଟ ତୟାର କରୁଅଛନ୍ତି ।

ଅଚାନକରେ, ଅଚାନକରେ, ତୁର୍କ ଅଚାନକରେ ! ବର୍ଗୀ ଦଳରେ ଭୟଙ୍କର ଗୋଳ ପଡ଼ିଗଲା । ସାତ ପନର ହଜାର ଘୋଡ଼ାଚଢ଼ା ତୁର୍କ ଖଣ୍ଡା ଉଲଗ୍ନ କରି ବିଦ୍ୟୁଦ୍‌ବେଗରେ ପଡ଼ିଗଲେ । ସୂର୍ଯ୍ୟ କିରଣ ଲାଗି ଖଣ୍ଡା ଝକଝକ କରୁଅଛି । ନିୟମ ନାହିଁ, ଶୃଙ୍ଖଳା ନାହିଁ, ମାରିବେ ବା ମରିବେ ଏହି ଭାବରେ ତୁର୍କଦଳ ବର୍ଗୀ ଉପରେ ପଡ଼ି-ଅଛନ୍ତି । ଏମନ୍ତ ସମୟରେ ତୁର୍କ ଯେ ଆସିବ, ସ୍ୱପ୍ନରେ ମଧ୍ୟ ବର୍ଗୀ ମନରେ ଉଦିତ ହୋଇ ନାହିଁ । ସମସ୍ତେ ନିଶ୍ଚିନ୍ତ ଥିଲେ, ଶତ୍ରୁ ଆସି ଉପରେ ପଡ଼ିଲାଣି, ଖଣ୍ଡାଟି ଧରିବାର ଅବକାଶ ନାହିଁ । ବର୍ଗୀ ମଧ୍ୟରେ ଯେ ଯେଉଁଠାରେ ଥିଲା ପଳାଇଅଛି । କେହି ଗଙ୍ଗାଜଳରୁ ଉଠି ଓଦା ଲୁଗାରେ ଧାଇଁଅଛି, କାହାର ପାଟିରେ ଗୋଟି, କାହା ପାଟିରେ ଭାତ ଅଛି, କାହାର ଅଧଣା ହାତ, ତାହାର ମୁଣ୍ଡବାଳଖିଅର ପଡ଼ୁଅଛନ୍ତି, ପୂଜା ଅଧା-

Digitized by srujanika@gmail.com

ଅଛି, ଧାଇଁ ଅଛନ୍ତି । ଶାନ୍ତି ଧରିବାର ବେଳ ନାହିଁ । ସର୍ବନାଶ ଦହନକାରୀ କାଳ ତୁର୍କ ଯାହାକୁ ପାଉଅଛି ହାଣୁଅଛି । ବର୍ଗୀ ପାନ୍ତି ପିଇବାକୁ ନାହିଁ, କେବଳ ଧାଇଁ ଅଛନ୍ତି । କେତେ ଭୂର୍ଗଖଣ୍ଡରେ ଗଲେ । କେତେ ବର୍ଗୀ ତ୍ରାସରେ ଗଙ୍ଗାଜଳରେ ପଡ଼ି ବୁଡ଼ିମଲେ । ବଡ଼ ବଡ଼ ବର୍ଗୀ ସେନାପତିମାନେ ସୈନ୍ୟ ସମ୍ଭାଳିବେ କଣ, ଆପେ ବଞ୍ଚିଲେ ବାପର ନାମ ।

ମହଦରେଖା ସେହରେ ତୁର୍କ କଟକରୁ ବର୍ଗୀ ଯେ ସମସ୍ତ ସମ୍ପତ୍ତି ନେଇଥିଲେ, ଭଲ ଖାତକ ସାହୁଙ୍କୁ ମୂଳ କଳନ୍ତ୍ର ଗଣି ଦେଲା ପରି ସେ ସମସ୍ତ ପଦାର୍ଥ ଏବଂ ଆପଣା ପାଖରୁ ବହୁ ସମ୍ପତ୍ତି ଦେଇ ଭଲ ଲୋକ ପରି ପଳାଇ ଗଲେ । ବର୍ଗୀ ସେଥର ବିଶୃଙ୍ଖଳଭାବରେ ପଳାୟନ କରୁଥିଲେ, ତୁର୍କ ପଶ୍ଚାଦ୍ଧାବନ କରିଥିଲେ ସେମାନଙ୍କ ପରିଣାମ ଫଳ କଣ ହୋଇ ଥାନ୍ତା ବୋଲିଯାଇ ନ ପାରେ । ଦେଖିଲେ ଧାଇଁବାକୁ ତୁର୍କମାନଙ୍କର ବଳ ବା ଇଚ୍ଛା ନାହିଁ ।

ତୁର୍କ ଦେଖିଲେ, ଭାତ ଡାଲି ଘେଣ୍ଟି ରନ୍ଧା ସମସ୍ତ ପ୍ରସ୍ତୁତ । ଅନେକ ସ୍ଥାନରେ ବର୍ଗୀ ଭଲ ଖାନସମା ପରି ବାଢ଼ି ବାଢ଼ି ଥୋଇ ଦେଇ ଯାଇ ଅଛି । କେତେ ଦିନର ଉପବାସ, ଆଉ ବିଳମ୍ବ କିମ୍ପା ? ଅଲ୍ଲା ମାଲିକ, ଅଲ୍ଲା ଦେନେବାଲା । ଝଟପଟ ଘୋଡ଼ାରୁ ଓହ୍ଲାଇଁ ପଡ଼ି କେହି ପାଖେଡ଼ି କେହି ପଗଡ଼ି ମେଲାଇ ଦେଲେ, ପାଞ୍ଚ—ପାଞ୍ଚ, ଦଶ—ଦଶ, ବିଶ—ବିଶ ବସି ଯାଇ 'ବିସମିଲ୍ଲା ହିରମାନ ରହିମ' ମନ୍ତ୍ର ପଢ଼ି ଖାଦ୍ୟ ଭୋଜନ କାର୍ଯ୍ୟ ଆରମ୍ଭ କରିଦେଲେ ।

ତୁର୍କ ଫୌଜ ସହିତ ହିନ୍ଦୁ ହାବିଲଦାର ବାଦଲ ସିଂହ ଅଗ୍ରଣୀ ହୋଇ ଆସିଥିଲେ । ସେ ଅନାହାର ଏବଂ ଉତ୍ସାହ ସହିତ ବୈରି ବିନାଶ କାର୍ଯ୍ୟରେ ନିଯୁକ୍ତ ଥିବା ସମୟରେ ପଳାତକ ବର୍ଗୀ ଲସ୍କର ମଧ୍ୟରେ ଗୋଟିଏ ଯୁବକ ପଳାୟନ କରୁଥିବାର ଦେଖିଲେ । ସେ ଯୁବକର ଅଙ୍ଗଭ ଦେଖିଲା ଭଳିରେ ସେ ଆଉ ଅସ୍ତ୍ର ଧାରଣ କରି ନାହାନ୍ତି । ବିଜୟୀ ତୁର୍କମାନେ ଅନନ୍ଦ ଉତ୍ସବ କରିବା ସମୟରେ ସେ ଗଙ୍ଗାକୂଳରେ ଅନ୍ୟମନସ୍କ ହୋଇ ବସି ଥାନ୍ତି ।

ପଞ୍ଚବିଂଶତି ପରିଚ୍ଛେଦ ।

ନବାବ କାଟୋୟାରେ ।

ନବାବ ଅଲିବର୍ଦ୍ଦି ଖାଁ ଜଣେ ପ୍ରବୀଣ ଲୋକ । ସେ ବୁଝିଲେ କେବଳ ଦୈବ ସହାୟତାରେ ବିଜୟୀ ହୋଇ ଅଛନ୍ତି । ବର୍ଗୀ ଟିକିମାତ୍ର ସଚେଷ୍ଟ ଥିଲେ ବିଜୟର ସମ୍ଭାବନା ନ ଥିଲା । ଯାହାହେଉ ଖାଉଡ଼ଆ ସେହିଠା ସେନା-ସମାବେଶର ଅନୁକୂଳ ନୁହେଁ; ଏଠାରେ ରହିଲେ ନିସ୍ତାର ନାସ୍ତି । ପର ଦିନ ପ୍ରାତଃକାଳରେ କାଟୋୟା ଅଭିମୁଖରେ ଯାତ୍ରା କଲେ । ଏହି ଯାତ୍ରା ମଧ୍ୟ ନିରାପଦରେ ଘଟିଲା ନାହିଁ । ବର୍ଗୀ ପଳାଇ ଯାଇ ଚାରି କୋଶ ଦୂରରେ ସମବେତ ହୋଇଥିଲେ । ସେନାପତିମାନେ କ୍ଷୁଦ୍ର କ୍ଷୁଦ୍ର ଦଳରେ ବିଭକ୍ତ ହୋଇ ନବାବଙ୍କୁ ଆକ୍ରମଣ କଲେ । ମାର୍ଗ ମଧ୍ୟରେ ନାନା ସ୍ଥାନରେ ସମର ସଂଘଟିତ ହେଲା । ହେଲେ ତାହାର ପକ୍ଷରୁ ବିଶେଷ କିଛି ଅପଚୟ ହୋଇ ନାହିଁ । କାରଣ, ବର୍ଗୀମାନେ ସମ୍ମୁଖୀନ ହୋଇ ଉପଯୁକ୍ତରୂପେ ଯୁଦ୍ଧ କରି ନାହାନ୍ତି । ବର୍ଗୀମାନଙ୍କ ଯୁଦ୍ଧର ଗୋଟିଏ ବିଶେଷ ନିୟମ ଏହି—ଶତ୍ରୁ ସୈନ୍ୟ-ଶ୍ରେଣୀର ଯେଉଁ ସ୍ଥାନ ଦୁର୍ବଳ, ତହିଁରୁ ସେହି ସ୍ଥାନ ଆକ୍ରମଣ କରି ବିପକ୍ଷ ପକ୍ଷର ଶୃଙ୍ଖଳା ଭାଙ୍ଗି ଦିଅନ୍ତି, ଅନ୍ୟ ସୈନିକମାନେ ସେ ସ୍ଥାନ ରକ୍ଷା ନିମନ୍ତେ ଉପସ୍ଥିତ ହେବା ମାତ୍ର ପଶ୍ଚାଦ୍‌ଗାମୀ ହୋଇ ପଳାୟନ କରନ୍ତି । ଯାହାହେଉ, ମାର୍ଗ ମଧ୍ୟରେ ସଂଘଟିତ ନାନା କ୍ଷୁଦ୍ର ବ୍ୟତିକ୍ରମ ଅତିକ୍ରମପୂର୍ବକ ନବାବ କାଟୋୟାରେ ଉପସ୍ଥିତ ହେଲେ ।

ଦିବା ନିଶି ପରି ମାନବମାନଙ୍କୁ ସୁଖ ଦୁଃଖ ଦୁଇ ଗୋଟି ଭୋଗ କରିବାକୁ ହୁଏ । ନରଂ-

Digitized by srujanika@gmail.com

ବଳିଷ୍ଠ ସୁଖ ବା ଜଗତଜିତ ଦୁଃଖ ବ୍ୟାପ୍ତ ମାନବ ଅନୁଷ୍ଠାନରେ ଲିପିବଦ୍ଧ କର ଯାଉଛନ୍ତି । ଦୁଃଖ ଯାହାର ସାହାଯ୍ୟ ନେଇ, ସୁଖୋପଭୋଗ ମନୁଷ୍ୟ ଜାତିର ନୈସର୍ଗିକ ଧର୍ମ । ତଥାପି ମନୁଷ୍ୟ ସମସ୍ତ ଜୀବନରେ ଦୁଃଖଭୋଗୀ ହୁଏ, ଏହା ବିଧାତାଙ୍କର ଦୁର୍ଲଂଘନୀୟ ବିଧାନ । ଯେପରି ସମ୍ରାଟ୍ ନେପୋଲିୟନ କହିଅଛନ୍ତି "ମାନବ ! ତୁମ୍ଭେ ସୁଖୀ ବା ଅତିଦୁଃଖୀ, ଜୀବନ ଥିବାରେ ତୁମ୍ଭର ଏ କଥା କହିବାର ଅଧିକାର ନାହିଁ ।" ଆମ୍ଭେମାନେ ପୂର୍ବେ କହିଅଛୁଁ ସୁଖ ଦୁଃଖ ଦୁଇ ଗୋଟି ଦଳ ଘଡ଼ି ପର । ଦଳସରେ ସଦାଶ ଅଲୋକ—ଘରେ ଅଲୋକ, ବାହାରେ ଅନ୍ଧକାର—ଅଲୋକ ଯାଇ ନୁହେ । ସେହିପରି ଜଣେ ଲୋକର ସଦାଶ ବ୍ୟାପ୍ତ ।

ନବାବ ଯଥେଷ୍ଟ କଷ୍ଟ ଭୋଗ କଲେଣି, ବର୍ତ୍ତମାନ ଭାଗ୍ୟଚକ୍ରର ପରିବର୍ତ୍ତନ ସମୟ ଉପସ୍ଥିତ । ନବାବ ଯାତ୍ରୋଦ୍ୟମରେ ଉପସ୍ଥିତ ହୋଇ ରଣାସଂଯୋଗ କରିବାକୁ ଅବସର ପ୍ରାପ୍ତ ହେଲେ । ଯାତ୍ରୋଦ୍ୟ ସୁନ୍ଦର ସ୍ଥାପନର ଉପଯୁକ୍ତ ସ୍ଥାନ । ଅନୁଷ୍ଠ ଏବଂ ସ୍ଥାନୀୟ ତଥ ପଞ୍ଚୋଷ୍ଟ୍ରୂପେ ଏହାକୁ ପ୍ରାପ୍ତ, ଚତୁର୍ଦିଗରୁ ବେଷ୍ଟିତ କରିଅଛି । ସହସା ଶତ୍ରୁ ଆଗମନର ସମ୍ଭାବନା ନଥିଲା । ନବାବ ଉପସ୍ଥିତ ହେବା ମାତ୍ର ଶତ ଶତ ଶଂଡ ଡାଲି, ଖିରି, ଗତମରିଚ, ଆଳୁ, କଦଳୀ, ଘିଅ, ଗୁଡ଼, ଚିନି, ଛେନା ଏବଂ ଫଳମୂଳ ପରିପୂର୍ଣ୍ଣ, ମେଣ୍ଢା, ଗାଈକୁ ଗାଡ଼ି ବୋଝ ବୋଝ ଆସି ଉପସ୍ଥିତ ହେଲା । ଏହି ସକଳ ସରଞ୍ଜାମ ସମ୍ମୁଖେ ନବାବ ଭକ୍ତଅଥଠାରୁ ପଶ୍ଚାତ ସକଳସ-ହାର ଜମିଦାରମାନଙ୍କଠାରୁ ଛଡ଼ି ପଠାଇ ଥିଲେ । ନବାବଙ୍କ ମନୋରଞ୍ଜନ ସମ୍ମୁଖେ ମହାଜନ ବେପାରିମାନେ ମଧ୍ୟ ଶତଶତକୁ ଶତଶତ ଖାଦ୍ୟ ଦ୍ରବ୍ୟ ଘେନି ସଜ୍ଜିତ କରିବାକୁ ଆସି ଉପସ୍ଥିତ ହେଲେ । ସୁସାଦୁ ଖାଦ୍ୟ ଦ୍ରବ୍ୟ ଦେଖି ସାଇନମାନେ ଆନନ୍ଦରେ ନୃତ୍ୟ କରିବାକୁ ଲାଗିଲେ । ଯୋଦ୍ଧା ସାହାରମାନେ ଶେଷରେ ସହାନେ ଚିତ୍ତ ଆଶିବା ନିମନ୍ତେ ତାଙ୍କ ପିଠରେ ଧର ପଡ଼ିବାର ଜଳଟକୁ ଧାଇଁବାର ଦେଖା ଗଲା ।

ନବାବ ଅଦ୍ୟାପି ଦେଖିଲେ, ସବୁଶ ସୌଭାଗ୍ୟ, ସବୁଶ ପ୍ରଭୁତ । ମହାଦେବେଶ ଶେଷରେ ବର୍ଣ୍ଣ ଗାହାଙ୍କର ଯେ ସମସ୍ତ ଉପାଶ ଯେ ସମସ୍ତ ଗୋଲାବାରୁଦ ଯେ ସମସ୍ତ ଭେଳଦଣ୍ଡା ଯେ ସମସ୍ତ ଖାଦ୍ୟ ଏବଂ ଅଦ୍ୟାବଧି ସମ୍ପତ୍ତି ଲୁଟାଇ ନେଇ ଯାଇଥିଲେ, ସେ ସମସ୍ତ ବାହୁଡ଼ ଆସିଅଛି । ପୁଣି ବର୍ଣ୍ଣ ପକ୍ଷରୁ ଅଧିକା ନେଇ ଆସିଅଛି । ଦୁଇ ପ୍ରକାର ପରିଚୟ ଏବଂ ଅନାହାରରେ ସାଇନମାନେ ଦୁର୍ବଳ ଏବଂ ନିରୁତ୍ସାହ ହୋଇ ପଡ଼ିଥିଲେ, ବର୍ତ୍ତମାନ ଦୁଇ ଗୁଣ ସବଳ ଦୁଇ ଗୁଣ ଉତ୍ସାହିତ ହୋଇ ପଡ଼ିଅଛନ୍ତି । ସୁଖ ସମୟରେ ସୁଖ । ସେନାପତି ମୀର ଜାଫର ଦଶ ସହସ୍ର ସୈନ୍ୟ-ଙ୍କ ସାଙ୍ଗ ଘେନି ମୁରଶିଦାବାଦରୁ ଯାହାଙ୍କଠାରୁ ଉପାଗତ ହୋଇ ଥିବାର ସମ୍ବାଦ ପ୍ରାପ୍ତ ହେଲେ । ନବାବଙ୍କ ଆନନ୍ଦର ସୀମା ନାହିଁ । ଦୁଃଖରେ ଅଧିକ ଅସ୍ତ୍ରଶସ୍ତ୍ରର ଉନ୍ନତି ଦେଖି ଆନନ୍ଦିତ ହେବା ମାନବ ଜାତିର ନୈସର୍ଗିକ ଧର୍ମ ।

ଚତୁର୍ଦ୍ଦଶ ପରିଚ୍ଛେଦ ।

ଅଭୟ ଏବଂ ଅଶାପ ।

ମହାଶତ୍ରୁ ସୈନ୍ୟମାନେ ଉପରେ କହିଲ । ଭୂସୁର ପଣ୍ଡିତ ଗଣ୍ଡୀ ନ୍ତୋଳନନ୍ତୁ । ଭୂସୁର ପଣ୍ଡିତ ଭାବିଲେ, ବାପୁ ! ଏ କଣ ହେଲ ! ଶତ୍ରୁକୁ ଧରୁ ଧରୁ ହାତରୁ ଖସି ଗଲା ! ଅଳ୍ପ ନିଜେ ଭାଗ୍ୟବାନ୍ । ଯାହାର ଉଦ୍ଧାର ନିମନ୍ତେ ଛନ୍ଦ ଭନ୍ଦ କରି ହେଲ, ତାହାର କମାଣ, ଗୋଳା ବାରୁଦ, ତାହାର ଗୁରୁରେ ତାହାର ହେତୁ ଫେରାଇ ଦେଲ । ତାଙ୍କର ପୁରସ୍କାର ନିମନ୍ତେ ଭୂଲଟାକୁ ଗଙ୍ଗା ନଦୀକୂଳଯାଏଁ ଘଉଡ଼ ଆଣିଲ । ସମସ୍ତ ଟଙ୍କା ସମସ୍ତ ଦ୍ରବ୍ୟ ଲୁଟିଇ ନେଲ

Digitized by srujanika@gmail.com

ବାପୁ ! ଏତେ ଆଶା ଏତେ ଭରସା ସବୁଥିରୁ ନିରାଶ ହେଲି । ବାପୁ ! ବଙ୍ଗ ମଧ୍ୟରେ ସବୁ ହେଉଛି ଗଲା ! ଏବେ ତାହା ଅନ୍ତରେ ପର୍ବତ ପ୍ରମାଣ ଖାଦ୍ୟ ଦ୍ରବ୍ୟ ଭାଣ୍ଡାର, ଟଙ୍କାର ଅଭାବ ନାହିଁ, ମୁରଶିଦାବାଦରୁ ଦୁଇ କୂଅ ପାଉଡ ଅସିଲଣି । ତାହାର ଏ.କ ସବୁ ଅଡ଼େ ବାଟ ମୁକୁଳା, ଯାହା କେତେବ ତାହା ପାଇବ । ବାପୁ ! ଏତେ କଷ୍ଟ ସହିଲି, ଏତେ ବିପଦରେ ପଡ଼ିଲି, ଏତେ ପ୍ରାଣପଣ କରି ଯୁଦ୍ଧ କଲି, ସବୁ ବୃଥା ଗଲା ! ଆଉ ଇଂରେଜଙ୍କୁ କିଏ ଅଟକିବ ? ମୋହର କମାଣ ନାହିଁ, ବାରୁଦ ନାହିଁ, ଟଙ୍କା ନାହିଁ, ଖଣ୍ଡା ନାହିଁ । ଏସବୁ ତ ଥାଉ, ମୂଳରେ ଖାଇବାକୁ ନାହିଁ । ଲୁଟି ଆଣିବାକୁ ଗ୍ରାମ ମଧ୍ୟ ନାହିଁ, ବଙ୍ଗଳା ଦେଶ ପଡ଼ିଆ ପଡ଼ିଅଛି, ଯୁଦ୍ଧ ଗୋଳମାଳରେ ପ୍ରଜାମାନେ ଗ୍ରାମ ଛାଡ଼ି ପଳାଇ ଯାଇ ଅଛନ୍ତି । ଅମୃ ପାଇକମାନେ ଅନାହାର ହୋଇ ଗଲେଣି । ସେମାନଙ୍କର ଦୋଷ ଅପରାଧ କଣ ? କେତେ ମାସ ହେଲା ପଇସାଏ ବର୍ତ୍ତନ ପାଇବାକୁ ନାହିଁ, ଯାଇଁ ଯାଇଁ ଅଟକିଲେଣି, ସେମାନଙ୍କୁ ଆଉ କଣ କହିବୁ ? ମୁସ୍ତାଫା, ମୀର ଜାଫର ସମସ୍ତଙ୍କୁ ନେଇ-ଥିଲି । ଏହି ହିନ୍ଦୁ ହାବଲଦାରଟା କିଏ ? ଏଟାର ନାମତ ଶୁଣା ନ ଥିଲା, ଏହି ପାଷଣ୍ଡ ମୋ ବିଜୟର ଅନ୍ତରାୟ ହୋଇଅଛି । ଏଟା ନ ଥିଲେ ମହୀପ-ତେଶ୍ୱାଠାରେ ତ ସବୁ କଥା ଛିଣ୍ଡି ଥାନ୍ତା । ଗଙ୍ଗା କୂଳରେ ପରାଜୟର କାରଣ ଏହି ସ୍ୱଜାତି-ଦ୍ରୋହୀ ହିନ୍ଦୁ । ଏହିପରି ପାଷଣ୍ଡମାନଙ୍କ ଯୋଗେ ତ ହିନ୍ଦୁ ଧର୍ମ ଲୋପ ପାଇବାକୁ ବସିଅଛି ! ନାହିଁରେ ବାପା ନାହିଁ, ଆଉ ନେଡ଼ା ନାହିଁ । ଭୁଖଟାରେ ବଙ୍ଗଳା ଦେଶରେ ରହି ଆଉ କଣ ହେବ ? ବାଟେ ବାଟେ ଦେଶକୁ ବାହୁଡ଼ି ଯିବା ଭଲ ।

ଭାସ୍କର ପଣ୍ଡିତ ଆପଣାର ଅବଶିଷ୍ଟ ସୈନ୍ୟ-ମାନଙ୍କ ମଧ୍ୟରେ ଘୋଷଣା କରି ଦେଲେ ।

ଏହି ସମସ୍ତ କଥା ଶୁଣି ମୀର ହବିବ କହିଲେ, ପଣ୍ଡିତ ଜୀ ! ଏ କଣ କରୁଅଛନ୍ତି ? ଏହା କି ଗାଉର କଥା ? ଗୋଟାଏ ଯୁଦ୍ଧରେ ହାରି ଯାଇ ଏପରି ନିରାଶ ହୋଇ ପଡ଼ିଲେ ? ଦେଖନ୍ତୁ ତ ନବାବର ଧୈର୍ଯ୍ୟ ? ଆପଣ କଣ ଭୁଲିଲେ ? ନବାବ ଏତେ ହାରି ହାରି ମିଜା ଥରେ ନେଇ ? ସ୍ଥିର ହେଉନ୍ତୁ, ଧୈର୍ଯ୍ୟ ଧରନ୍ତୁ, ପୁନର୍ବାର ଜୟୀ ହେବେ । ଆପଣଙ୍କର କଣ ଭୟ ହୋଇଅଛି ? ଶତ୍ରୁଠାରୁ ଯାହା ପାଇ ଥିଲି ତେବେ ସିଠା ଛଡ଼ାଇ ନେଇ ଅଛି ? ପୁନର୍ବାର ଛଡ଼ାଇ ଆଣିବ, ଏଥିପାଇଁ ଭାବନା କଣ ? ଦେଖନ୍ତୁ, ତେବେ ବାଲେ ପରାକ୍ରମ କରି କେତେ ଅଧିକାର ପାଇ ଅଛନ୍ତି । ସୁବର୍ଣ୍ଣରେଖା କୂଳଠାରୁ ଗଙ୍ଗା କୂଳ ପର୍ଯ୍ୟନ୍ତ ବୃହତ୍ ରାଜ୍ୟ ବର୍ତ୍ତମାନ ଆପଣଙ୍କ କରସ୍ଥ । ଯୁଦ୍ଧ ତ୍ୟାଗ କଲେ ଏହା ରକ୍ଷା କରି ପାରିବେ କି ? ଛି ! ଛି ! ଛି ! ଏ ବୁଦ୍ଧି ଛାଡ଼ନ୍ତୁ ! ପେଶୱା ଖଣ୍ଡାଏତ-ମାନେ ଆପଣଙ୍କୁ କଣ ବୋଲିବେ ? ଛାଡ଼ନ୍ତୁ ଏ କଥା । ସେନାପତି ବଳରେ ସୈନ୍ୟମାନଙ୍କ ବଳ । ଦେଖନ୍ତୁ, ପାଇକମାନେ କେଡ଼େ ନିସ୍ତେଜ ହୋଇ ପଡ଼ିଲେଣି । ଆସନ୍ତୁ, ଆଶା ଦିଅନ୍ତୁ, ପୁନର୍ବାର କଣ କରିବ, ଦେଖିବେ ।

ଭାସ୍କର ପଣ୍ଡିତ ଆପଣା ପକ୍ଷର ସମସ୍ତ କଥା ବର୍ଣ୍ଣନ କରି ମୀର ହବିବଙ୍କୁ କହିଲେ, ବର୍ତ୍ତମାନ ଯେଉଁରେ ପ୍ରବଳ ଶତ୍ରୁ ସହିତ ଯୁଦ୍ଧ କରିବା ସାଧ୍ୟାତୀତ ।

ମୀର ହବିବ କହିଲେ, ଏଥିପାଇଁ ଆପଣ ଏପରି ନିରାଶ ହୋଇ ପଡ଼ି ଅଛନ୍ତି ? ସଙ୍କଟ ମାର୍ଗରେ ସମସ୍ତେ ଚାଲି ଯାନ୍ତି; ଅସାଧ୍ୟ ସାଧନ କରିବା ଶାରଦ । ସତ୍ୟ କଥା, ଆପଣଙ୍କଠାରେ କିଛି ନାହିଁ—ତହିଁରେ କଣ ନ ହେବ ? ଆପଣଙ୍କ ହାତରେ ଟଙ୍କା ନାହିଁ, ମୁଁ ଦେବି । ଯେତେ ଟଙ୍କା ଲୋଡ଼ା, ମୋଠାରୁ ନେଇଥା । ଏ ଉତ୍ତରେ ମୋ କଥା ନ ଶୁଣି ଆପଣ ଯେବେ ବାହୁଡ଼ି ଯିବେ, ମୁଁ ବେଗର ଅଧିପତି ନବାବଙ୍କ ଭ୍ରାତୃଷ୍ପୁତ୍ରଙ୍କୁ ଭଷା ଲେଖିବି, ଆପଣ ସେନାପତି ପଦର

Digitized by srujanika@gmail.com

ଅଯୋଗ୍ୟ—ହସ୍ତୋତ୍ତୋଳନ ଦେଶରେ ବର୍ଗୀ-ଦୌରାତ୍ମ୍ୟନିବାରଣାର୍ଥ ।

ଭାଗ ଏବଂ ମେଦିନୀର ଭାସ୍କର ପଣ୍ଡିତ ଖ୍ୟାତ ଓ ଅଦୃଶ୍ୟ ହେଲେ । ବର୍ଗୀ ଫୌଜରେ ମୀର ହବିବଙ୍କର ବିଶେଷ ପ୍ରତିପତ୍ତି । କାରଣ, ତାହାଙ୍କ ବୁଦ୍ଧିକୌଶଳରେ ତାହାଙ୍କ ସାହାଯ୍ୟରେ ବର୍ଗୀ-ବର୍ଗ ଅନେକ ସ୍ଥାନରେ ଜୟୀ । ବର୍ଗୀ ସାଧକ-ମାନେ ମୀର ହବିବଙ୍କ କଥାରେ ପୋଷକତା କରିବାରୁ ନବାବ ସହିତ ପୁନର୍ବାର ଯୁଦ୍ଧ କରିବା କଥା ସ୍ଥିର ହେଲା ।

ମରହଟ୍ଟା ସ୍କନ୍ଧାବାରଠାରୁ ମୁରଶିଦାବାଦ ପ୍ରାୟ କୋଡ଼ିଏ କୋଶ ଦୂର । ମୀର ହବିବ ନବାବଙ୍କ ଅଜ୍ଞାତସାରେ ପଞ୍ଚଦଶ ସହସ୍ର ଦ୍ରୁତଗାମୀ ଅଶ୍ୱାରୋହୀ ସୈନ୍ୟ ସହିତ ମୁରଶିଦାବାଦ ଯାତ୍ରା କଲେ । ପ୍ରଭାତ ସମୟରେ ଅତର୍କିତ ଭାବରେ ଉପସ୍ଥିତ ହୋଇ ନଗର ସେଠଙ୍କ କୋଠି ଲୁଣ୍ଠନ-ପୂର୍ବକ ନଗଦ ତିନି କୋଟି ଟଙ୍କା ଏବଂ ଅନ୍ୟାନ୍ୟ ଅନେକ ବହୁମୂଲ୍ୟ ଦ୍ରବ୍ୟ ପ୍ରାପ୍ତ ହେଲେ । ନବାବଙ୍କ ଭବନ ତାଦୃଶ ସୁରକ୍ଷିତ ନ ଥିଲା । ନବାବଙ୍କ ଭ୍ରାତା ହାଜି ଅହମଦ ଖାଁ ତାହାର ଏବଂ ନଗରୀର ରକ୍ଷା କରୁଥିଲେ । ମୀର ହବିବ ଚେଷ୍ଟା କରିଥିଲେ ଅଧିକାର କରି ପାରିଥାନ୍ତେ, ତେବେ ତାହାଙ୍କର ସାହସ ଅଣ୍ଟିଲା ନାହିଁ ।

ମୀର ହବିବଙ୍କ ଦୁଷ୍ପ୍ରୟାସ ନବାବଙ୍କଠାରେ ଅବଗତ ରହିଲା ନାହିଁ । ଏହି ଖବର ସମ୍ବାଦ ହେବା ମାତ୍ର ନବାବ କାଟୋୟା ପରିତ୍ୟାଗ ପୂର୍ବକ ମୁରଶିଦାବାଦ ଯାତ୍ରା କଲେ ।

କ୍ରମଶଃ ।

ଶ୍ରୀ ଧୂର୍ଜଟୀ ।

ଆଲୋକଚିତ୍ର ବା ଫଟୋଗ୍ରାଫି (୮) ।

ସଂରକ୍ଷଣ ଓ ଅନୁରଞ୍ଜନ ।
(Fixing and Toning.) ।

ପ୍ରିଣ୍ଟିଂ ଫ୍ରେମକୁ ଅନ୍ଧକାର ଗୃହ ମଧ୍ୟକୁ ଆଣି ପ୍ରିଣ୍ଟିଂ ଫର୍ମାର ସେନସିଟାଇଜ କାଗଜ ଉପରେ ଛବି ମୁଦ୍ରିତ ହୋଇ ଥିବାର ଦେଖା ଯିବ । ଏତେବେଳେ ଛବି ମୁଦ୍ରଣ କାର୍ଯ୍ୟ ଶେଷ ହୁଏ ନାହିଁ । କାଗଜରେ ଯେଉଁ ଛବି ମୁଦ୍ରିତ ହୋଇ ଥାଏ, ତାହାକୁ ଅନୁରଞ୍ଜନ (Toning) ଏବଂ ସଂରକ୍ଷଣ (Fixing) ଏହି ଦୁଇ ପ୍ରକ୍ରିୟାଦ୍ୱାରା ରଞ୍ଜିତ ଓ ସ୍ଥାୟୀ କରିବାକୁ ହୁଏ । ଏହି ଦୁଇ ପ୍ରକ୍ରିୟା ପ୍ରୟୋଗ ନ କରି ଛବିକୁ ଫ୍ରେମରୁ ବାହାର କରିଲେ ତାହା ଅତି ଅଳ୍ପ ସମୟ ମଧ୍ୟରେ ବିବର୍ଣ୍ଣ ହୋଇ ନଷ୍ଟ ହୋଇଯାଏ । ପ୍ରିଣ୍ଟିଂ ଫର୍ମାରୁ ଛବି ବାହାରିଲା ବେଳେ ତାହାର ବର୍ଣ୍ଣ ତାମ୍ର ବର୍ଣ୍ଣ ପରି ଦେଖାଯାଏ, ପରେ ତାହାକୁ ଅନୁରଞ୍ଜନ ମିଶ୍ରଦ୍ୱାରା ଧୌତ କଲେ ତାହାର ବର୍ଣ୍ଣ ପରିବର୍ତ୍ତନ ହୁଏ ଏବଂ ସଂରକ୍ଷଣମିଶ୍ରଦ୍ୱାରା ଧୌତ କଲେ ଛବି ସ୍ଥାୟୀ ହୋଇ ଆଉ ନଷ୍ଟ ହୁଏ ନାହିଁ । ଫଟୋଗ୍ରାଫରମାନେ ଏହି ଅନୁରଞ୍ଜନ ମିଶ୍ର ପ୍ରୟୋଗ ଦ୍ୱାରା ଛବିକୁ ଇଚ୍ଛାନୁରୂପ Purple (ବାଇଗଣି) Ash colour (ଭସ୍ମ ବର୍ଣ୍ଣ) Sepia black (ସେପିଆ କଳା), Sepia brown (ସେପିଆ ଧୂମ୍ରବର୍ଣ୍ଣ) ତଥା Deep black (ଘୋର କୃଷ୍ଣ ବର୍ଣ୍ଣ) ପ୍ରଭୃତି ନାନା ବର୍ଣ୍ଣରେ ରଞ୍ଜିତ କରି ପାରନ୍ତି । ସଂରକ୍ଷଣମିଶ୍ରଣ ପ୍ରୟୋଗ କଲେ ଛବିର ଆଉ ରାସାୟନିକ ପରିବର୍ତ୍ତନ ଘଟେ ନାହିଁ ।

ପ୍ରଥମେ ଛବିକୁ ପ୍ରିଣ୍ଟିଂ ଫର୍ମାରୁ ବାହାର କରି ତାହାକୁ ପରିଷ୍କାର ଜଳରେ ଦୁଇ ତିନି ଥର ଉତ୍ତମରୂପେ ଧୌତ କରି ନେବ, ତହୁଁଅନ୍ତରେ ନିମ୍ନୋକ୍ତ ଅନୁରଞ୍ଜନମିଶ୍ରଦ୍ୱାରା କିଛି କ୍ଷଣ ଧୋଇଲେ ତାହାର ବର୍ଣ୍ଣ ପରିବର୍ତ୍ତନ ଘଟି ଅତି

Digitized by srujanika@gmail.com

ସୁନ୍ଦର ଦେଖାଯିବ । ସେହିପରି ବର୍ଣ୍ଣ କରିବାର ଆବଶ୍ୟକ ହେଲେ, ନିମ୍ନପର ଅନୁରଞ୍ଜନମିଶ୍ରଦ୍ୱାରା ଛବିକୁ ଧୋଇଲେ ଇଚ୍ଛାନୁରୂପ ବର୍ଣ୍ଣବିଶିଷ୍ଟ ଛବି କରି ପାରିବ ।

(୧) କ୍ଲୋରାଇଡ଼୍ ଅବ୍ ଗୋଲ୍ଡ଼ (Chloride of gold) ୧ ଅଉନ୍ସ ।
କାର୍ବୋନେଟ ଅବ୍ ସୋଡ଼ା ୧୦ ଗ୍ରେନ୍ ।
ଜଳ ... ୭ ଅଉନ୍ସ ।

(୨) କ୍ଲୋରାଇଡ଼୍ ଅବ୍ ଗୋଲ୍ଡ଼ ୧ ଅଉନ୍ସ ।
ପ୍ରୋଟୋସଲଫେଟ ଅବ୍ ସୋଡ଼ା (Protosulphate of soda) ୨୦ ଗ୍ରେନ୍ ।
ଡିଷ୍ଟିଲଡ଼୍ ୱାଟର ... ୨ ଅଉନ୍ସ ।

ଛବିଟି ଉତ୍ତମ ବର୍ଣ୍ଣବିଶିଷ୍ଟ ହେଲେ ତାହାକୁ ଅନୁରଞ୍ଜନମିଶ୍ରରୁ ବାହାର କରି ଦଶ ପନର ମିନିଟ ନିମ୍ନଲିଖିତ ସଂରକ୍ଷଣ ମିଶ୍ରରେ ବୁଡ଼ାଇ ରଖିବ । ତଦନନ୍ତରେ ତାହାକୁ ପରିଷ୍କାର ଜଳରେ ଦୁଇ ତିନି ଘଣ୍ଟା ଉତ୍ତମରୂପେ ଧୋଇ କ୍ଲିପ୍‌ରେ ଝୁଲାଇ ଶୁଖାଇବ ।

ସଂରକ୍ଷଣ ମିଶ୍ର (Fixing bath.)

ହାଇପୋସଲ୍‌ଫାଇଟ ଅବ୍ ସୋଡ଼ା (Hypo soda) ୩ ଅଉନ୍ସ ।
ଜଳ ... ... ୨୦ ଅଉନ୍ସ ।

ଛବି ଶୁଖି ଯାଇଗଲେ ତାହାର ଚାରିଧାରକୁ ପରିଷ୍କାର କରି କାଟି ଗମ୍ କିମ୍ବା କୌଣସି ପ୍ରକାର ଅଠାଦ୍ୱାରା କାର୍ଡ଼ରେ ଯୋଡ଼ି ଦେଇ କ୍ଷଣ ଶୁଖାଇ ପରିଷ୍କାର କରି ପୋଛି ଦେଲେ କାର୍ଯ୍ୟ ଶେଷ ହୋଇବ ।

କ୍ରମଶଃ—

ଶ୍ରୀ ଶ୍ୟାମାନନ୍ଦ ପାଠିଆ ।

ଖଣ୍ଡିଏ ପତ୍ର ।

ମାନନୀୟ ଶ୍ରୀଯୁକ୍ତ 'ଉତ୍କଳସାହିତ୍ୟ' ସମ୍ପାଦକ
ମହୋଦୟସମୀପେଷୁ ।

ମହାଶୟ,

ଗତ ପୂର୍ବମାସପ୍ରକାଶିତ 'ଉତ୍କଳ ସାହିତ୍ୟ'ର ଅନ୍ତର୍ଗତ ଅଳମାଳକାଶୀର୍ଷକ ପତ୍ରରେ ଶ୍ରଦ୍ଧେୟ ଲେଖକ ମହାଶୟ ଗଡ଼ଜାତପ୍ରଚଳିତ ଅନେକ ପ୍ରାଦେଶିକ ଶବ୍ଦର ଚର୍ଚ୍ଚା କରିଅଛନ୍ତି । ସେଥିରେ 'ଛାମୁ' ଶବ୍ଦର ଉଲ୍ଲେଖ ଅଛି । ଲେଖକ ମହାଶୟ ସର୍ବତୋଭାବରେ ଶବ୍ଦଟି ଆଲୋଚନା କରି ଶେଷ ସିଦ୍ଧାନ୍ତ ସ୍ଥଳରେ ନିଶ୍ଚୟ ହୋଇ କହିଅଛନ୍ତି 'ସମ୍ମୁଖ'ରୁ ଛାମୁ କହିଲେ ଅଶୁଦ୍ଧ କଣ? ଏଠାରେ ବକ୍ତବ୍ୟ ଏହି ଯେ କହିବସିଲେ ଅଶୁଦ୍ଧ କିଛି ନାହିଁ, କିନ୍ତୁ ଏ ସ୍ଥଳରେ ଅଗ୍ରପଶ୍ଚାତ୍ ବିଚାର କରିବାକୁ ହେବ । ଛାମୁ ଆଗେ ନା— ଯାହା ଯହିଁରୁ ଉତ୍ପନ୍ନ ସେ ଆଗେ ? କୌଣସି ଏକ ମୂଳଶବ୍ଦ ବହୁକାରଣବଶତଃ ଅପର ଓ ଅର୍ଥରେ ସେହି ପରିବର୍ତ୍ତିତ ହୋଇ 'ଛାମୁ'ରେ ପରିଣତ ହୋଇଅଛି । କେବଳ ଛାମୁର ଅର୍ଥ ଅନୁସରଣ ପୂର୍ବକ ଗୋଟିଏ ମୂଳଶବ୍ଦ ଗଢ଼ିଦେଲେ ତାହା ଯୁକ୍ତିସଙ୍ଗତ ହେବ ନାହିଁ । ତାହା ଭାଷାବିଜ୍ଞାନ-ସମ୍ମତ ହେବା ଆବଶ୍ୟକ । ଭାଷାବିଜ୍ଞାନର ନିୟମ ଅନୁସରଣ କରି ବିଚାର କଲେ ଦେଖାଯାଉଅଛି ଛାମୁ ସଂସ୍କୃତର 'ସାମ୍ମୁଖ୍ୟ' ଶବ୍ଦରୁ ଅପଭ୍ରଷ୍ଟ । ଅପଭ୍ରଂଶର କ୍ରମ ଦେଖାଯାଉ:—ସଂସ୍କୃତର ସାମ୍ମୁଖ୍ୟ ପ୍ରାକୃତରେ 'ସାମୁହ' (ଖ = ହ) । ସାମୁହର ହ୍ରାସ ହୋଇ 'ସାମୁ' । ପ୍ରାକୃତରେ ପଦାନ୍ତସ୍ଥ ବର୍ଣ୍ଣ୍ୟବର୍ଣ୍ଣ ଓଡ଼ିଆରେ ଲୁପ୍ତ ହୋଇଥାଏ । ଯଥା,—ଗୋଲକ = ଗୋଳ; ଖେଉଡ଼ = ଖେଉ; ଇତ୍ୟାଦି । ଉପରେ 'ସାମୁ' ରୁ ଛାମୁ । 'ସ' ରୁ 'ଛ' ହେବା କଦାପି ଅସଙ୍ଗତ ନୁହେ । ପାଠକମାନଙ୍କୁ ଏହା ଅବଶ୍ୟ ଅଜଣା ନ ଥିବ ଯେ, ଶିଶୁ 'ସ' ଉଚ୍ଚାରଣ କରିବାକୁ ଅସମର୍ଥ ହେଲେ ତାହା ପରିବର୍ତ୍ତେ

Digitized by srujanika@gmail.com

ଓ ବଢ଼େ । ଆମ୍ଭମାନଙ୍କ ଭାଷାରେ ଏହାର ଦୃଷ୍ଟାନ୍ତ ମଧ୍ୟ ନିତାନ୍ତ ଅଳ୍ପ ନୁହେ । ଯଥା:—ସନ୍ତ = ଛନ୍ତ; ସମ = ଛମ; ସଙ୍ଗ = ଛଙ୍ଗ; ଦୂତ = ଦୂତ; ଇତ୍ୟାଦି । ଏହି ଶବ୍ଦ ଦେହିରେ ଉଠେ; ବର୍ତ୍ତମାନ ଅର୍ଥ ସମ୍ବନ୍ଧରେ କିଛି କହିବା ଆବଶ୍ୟକ । ସମ୍ମୁଖର ଭାବ ସାମୁଖ୍ୟ; ଅର୍ଥ ଅଗ୍ରଭାଗ, ସମ୍ମୁଖ; ସମ୍ଭ୍ରାନ୍ତ ବ୍ୟକ୍ତି ନିକଟରେ ଲୋକେ ଅଧିକ ସମ୍ମାନିତ ହେବା ନିମିତ୍ତ ତାଙ୍କର କୌଣସି କୌଣସି ଅବୟବଠାରେ ପୂଜା ବ୍ୟକ୍ତ୍ୟାଦି ସମ୍ମାନ ପ୍ରଦର୍ଶନ କରିଥାନ୍ତି । ଯଥା;—'ଜନୁପଦଶନ୍ତୁ ଗୁରୁପାଦାଃ' —'ଶ୍ରୀମୁଖରୁ ଆଜ୍ଞା ହେଲେ ଯିବି'—'ଶ୍ରୀଚରଣ-ତଳେ ଅର୍ଜି ଦାଖଲ କରିବି'—'ଆମ ଘରେ ଥରେ ପାଦ ପଡ଼ିବ ନାହିଁ ?'—ଇତ୍ୟାଦି । ସେହିପରି ଶ୍ରୀମୁଖରୁ ଯେ ଆଜ୍ଞା ହେବ । ସାମୁଖ୍ୟ ଅର୍ଥ ହେଲେ କଣ ହେଲା ? ଅଥଚ ସମ୍ମାନସ୍ଥଳରେ ଲୋକେ ଅବୟବ କଥା କହେ ନାହିଁ, ଅସଲ ଓ ସ୍ଥଳପ୍ରତି ପୂଜା ସମ୍ମାନ ପ୍ରଦର୍ଶନ କରନ୍ତି । ସେହି-ପରି ଏଠାରେ 'ଶ୍ରୀମୁଖ'ରୁ ନ କହି 'ଶ୍ରୀଭାଗରୁ' କହିବାଦ୍ୱାରା ଅପେକ୍ଷାକୃତ ଅଧିକ ଗୌରବ ପ୍ରକାଶ କରାଯାଇଅଛି । ଶ୍ରୀଛାମୁରେ ଜଣାଉଥିଲି, ଏହି ଅର୍ଥରେ 'ଛାମୁଡାନ୍ତି'; ଛାମୁକରଣ ଅର୍ଥାତ୍ ଅଗ୍ରକରଣ (ଅଗ୍ରବ୍ରାହ୍ମଣବତ୍) । ଦୁଇଟି ଅନେକସ୍ଥ ବ୍ୟବହାର ଦୋଷରୁ ଅର୍ଥ ଭିନ୍ନରୂପ ହୋଇଥିବ, ମାତ୍ର ସେ ସ୍ଥଳରେ ଆଉ ଉପାୟ କଣ ? ଆମ୍ଭେମାନେ ମୂଳ ଅନୁସରଣ କରି ଯିବା ଅପଭ୍ରଂଶର ଅର୍ଥ ସ୍ଥିର କରିବୁଁ, ଅପଭ୍ରଂଶର ଅର୍ଥ ଦେଖି ମୂଳ ସ୍ଥିର କରିବା ଅଯୌକ୍ତିକ ।

ଅଲମ୍ବାଗତା ପାଠ କଲାବେଳେ ମୋ ମନରେ ଏହିପରି ଭାବ ଉଦୟ ହୋଇଥିଲା । ପରିଶେଷରେ ଉତ୍କଳ ଲେଖକ, ମାନନୀୟ ସମ୍ପାଦକ ଏବଂ ବିଜ୍ଞ ପାଠକବୃନ୍ଦଙ୍କ ନିକଟରେ ନିବେଦନ ଯେ ଏଥିରେ ମୋହର ଯାହା ଭ୍ରମ ଥିବ ତାହା, ସଂଶୋଧନ କରି ଉପକୃତ କରିବେ ।

ଶ୍ରୀ ମୃତ୍ୟୁଞ୍ଜୟ ରଥ ।

ବାଉମାଦାନ୍ତ ପାନ୍ତି (୨)

ବାଉ ମାଦାନ୍ତଙ୍କର ଗତସଂଖ୍ୟା-ପ୍ରକାଶିତ ପତ୍ରଖଣ୍ଡି ଯାହା ନାମରେ ଉଦ୍ଦିଷ୍ଟ ହେବ, ତାହା ଆଜ ପର୍ଯ୍ୟନ୍ତ ସ୍ଥିର ନ ହେବାରୁ ସେ ଟିକିଏ ବ୍ୟସ୍ତ ଅଛନ୍ତି । ଉପାୟାନ୍ତର ନ ଦେଖି ଆମ୍ଭେମାନେ ତାଙ୍କୁ କିଛି ପାଥେୟର ବନ୍ଦୋବସ୍ତ କରି ଦେଇ ବିଦେଶ ଭ୍ରମଣର ବ୍ୟବସ୍ଥା କରି ବସିଲୁଁ । ଅଗତ୍ୟା ମାଦାନ୍ତ ଏ ଯୋଗବଳରେ ପଡ଼ି ହାହାଉଳେ । ଆପଣମାନଙ୍କୁ ପୂର୍ବରୁ କହି ରଖୁଅଛୁଁ, ବାଉ ମାଦାନ୍ତ ଟିକିଏ ଟିଙ୍ଗଶୁଣା । ଏପରି ପ୍ରକୃତ ଲୋକ ଆଜ କାଲି ହେଲେ, ଯାହାଙ୍କ ଦଳରେ ବିଦେଶକୁ ଯାଉମନ୍ତ କରିବା ସବୁବେଳେ ଅବଶ୍ୟ ସୁବିଧାଜନକ ନୁହେ । ତେବେ ନ ଗଲେ କାମ ନ ଚଳେ । ଆମ୍ଭେମାନେ ଜଣେ କଲିକତାଯାତ୍ରୀ ବନ୍ଧୁଙ୍କୁ ମାଦାନ୍ତଙ୍କ ସହଯାତ୍ରୀ କରି ଦେଇ ନିଶ୍ଚିନ୍ତ ହୋଇ ଫେରି ଆସିଲୁଁ । ବନ୍ଧୁଟି ଆମ୍ଭମାନଙ୍କୁ କହି ରଖିଲେ ଯେ ମାଦାନ୍ତଙ୍କୁ କଲିକତାରେ ଛାଡ଼ି ଦେଇ ସେ ଗନ୍ତବ୍ୟ ସ୍ଥାନକୁ ଯିବେ । ବାଉ ମାଦାନ୍ତ ମଧ୍ୟ ଉକ୍ତ ପ୍ରସ୍ତାବରେ ସମ୍ମତ ହେଲେ । ବିଦେଶରୁ ମଧ୍ୟେ ମଧ୍ୟରେ ଆମ୍ଭମାନଙ୍କ ନିକଟକୁ ପତ୍ର ଲେଖିବାକୁ ବାଉ ମାଦାନ୍ତଙ୍କୁ ଯିବା ପୂର୍ବରୁ ବିଶେଷରୂପେ ଅନୁରୋଧ କରିଥିଲୁଁ, କିନ୍ତୁ ଏଥି ମଧ୍ୟରେ କିଛି ସମ୍ବାଦ ନ ପାଇ ଆମ୍ଭେମାନେ ଏକପ୍ରକାର ବାଉ ମାଦାନ୍ତଙ୍କ ଆଶା ଛାଡ଼ିଥିଲୁଁ । ଗୋଟାଏ 'ଅବିକଳ ମଲେ ଜନ୍ମ' ବୋଲିକରୁ ଖଲାସ ପାଇଲୁଁ ବୋଲି ଟିକିଏ ସୁସ୍ଥ ଥିଲୁଁ । କିନ୍ତୁ ମାଦାନ୍ତ ଏ ଅଭି ମାସକବାର ଦାଖଲ ହେବାର ନିରୂପିତ ସମୟକୁ ବଡ଼ାଏ ପାନ୍ତି ଯେନି ଆମ୍ଭମାନଙ୍କ ନିକଟରେ ଉପସ୍ଥିତ !! ଆମ୍ଭମାନଙ୍କ ଉପରେ ହାତ ଅଭିମାନ କଲା ପରି

Digitized by srujanika@gmail.com

ମୂର୍ଖଭଙ୍ଗୀରୁ ପ୍ରକାଶ ପାଉଅଛି । ପାଣ୍ଡି ବୋତଲ ଲଟ୍ କରି ଥୋଇ ଦେଇ ମୁଣ୍ଡରେ ହାତ ଦେଇ ପଡ଼ିଏ ଖଣ୍ଡେ ବସିଗଲେ । ଆମ୍ଭେମାନେ ତାଙ୍କ ଆଖିକୁ ଦୃଷ୍ଟି ନ ଦେବା ପରି ହୋଇ ପାଣ୍ଡିଙ୍କ ଫଟାଇ ଦେଖିଲୁଁ । କଲିକତାରେ ଥାଇ ତାଙ୍କର ମସ୍ତିଷ୍କ ବିକୃତ ହେଲା ପରି ପାଣ୍ଡିରୁ ଜଣାଗଲା । ଅନେକ କଥା ଅସଂଯତ ଭାବରେ ଲେଖାଅଛି, ଅନେକ ଶିକ୍ଷିତ ଲୋକଙ୍କ ନାମ ଧରି ଅପମାନ କରି ହୋଇଅଛି, ଅନେକ ଦୃଶ୍ୟ ବିକଟଭାବରେ ବର୍ଣ୍ଣିତ ହୋଇଅଛି । ସେ ସବୁଗୁଡ଼ିକ ପାଠକମାନେ ଦେଖିଲେ ବାଉ ମାହାନ୍ତ ତ ବାଉମାହାନ୍ତ, ନଜେ ଆମ୍ଭେମାନେ ଯେ ଥିସୁ ପଡ଼ନ୍ତୁ, ଏପରି ବୋଧ ହେଉ ନାହିଁ । ଅନ୍ଧକାଳି ଗାଇ ତାନ୍ତରକର କାଳ । ଅସଲ କଥାଟା ଠିକଣା ହେଉ ନେଇ ନେଲେ ଯେ ପୌତଷ ପୋଷକ ହୋଇ ଥିବ ତାହାର ଠିକଣା ନାହିଁ । ଶେଷରେ ପ୍ରମାଣିତ ହେବ ବେକସୁର୍ ଖଲାସ, କିନ୍ତୁ ଏତେ ହେବାକୁ ଖରଚ ଲେଗେ ଜାଣନ୍ତି ତ ! ଜାଣିଥିଲେ କହିବେ "ଲୋକଟା ସିଆଣା", ନ ଜାଣିଥିଲେ ଆମ୍ଭମାନଙ୍କ କଥାରେ ମୁହିଁ ଲେପଡ଼ ଦେବେ, କହିବେ ଯେ "ସତ୍ୟର ଜୟ, ଧର୍ମର ଜୟ, ଏଥିରେ ଭଳ କାହିଁକି ?" କିନ୍ତୁ ସତ୍ୟର ଜୟ ହେଲା ବେଳକୁ ହୋଟପିସ୍, ସଲାମି, ମିଠେଇଖିଆ, ଅଣ୍ଟାବନ୍ଧା, ନକଲ ଖରଚ୍, ପେସମ, ବକସିସ୍, ଗାଡ଼ିଭଡ଼ା, ସିଅଦାମିଥିବ ଇତ୍ୟାଦିରେ କେତେ ଟଙ୍କା ଯେ ଉଡ଼ିଗଲା, ସେ କଥା ଆପଣଙ୍କ ଅବଧାନକୁ ଅସି ନାହିଁ । ସେ କଥା ବର୍ତ୍ତମାନ ଥାଉ, ଏକା ମାସକେ କଚ୍ଛ ଶୀଘ୍ର ଯିବ ନାହିଁ । ସମସ୍ତଙ୍କର ତ ଭଲ୍ମାଂସର ଶରୀର ।

ପାଣ୍ଡିର କେତେକ ଅଂଶ ମନୋନୀତ କରି ବ୍ୟକ୍ତିଗତ କଥାଗୁଡ଼ାକ କାଟି ଦେଇ ଭାଷାକୁ ମାର୍ଜିତରୁଚିବିଶିଷ୍ଟ କରି ଦେଲୁଁ, ଦେଶୀବାର ଓ ସ୍ୱଭାବର ଅନେକ କଥା ଅଛି ।—

୧ । ଦେଶ ଯେତକ ବେଶି ସଭ୍ୟ ହେବ, ମଦ ଦୋକାନ ସେତିକ ବେଶି ହେବ । କଲିକତାର ଗଳି ଗଳି ମଦ ଦୋକାନ ଓ ଘର ଘର ମଦ୍ୟପ ଭକ୍ତ । ଜଣେ ଲେଖକ କହିଅଛନ୍ତି, ଜାତୀୟ ସାହିତ୍ୟ ଜାତୀୟ ସଭ୍ୟତାର ପରିମାପକ; କିନ୍ତୁ ବାଉମାହାନ୍ତ ଅନୁଭବରୁ ସ୍ଥିର କରିଅଛନ୍ତି ଯେ ମଦ ଦୋକାନର ଉତ୍ତରୋତ୍ତର ଶ୍ରୀବୃଦ୍ଧି ଜାତୀୟ ସଭ୍ୟତାର ପରିମାପକ । କଥାଟା ଆମ୍ଭେମାନେ ଅକ୍ଷର ଟିକିଏ ଖୋଲି ଲେଖି ଦେଲେ ଆପଣ ବୁଝି ନେବେ । ବିଚାର କରି ଦେଖନ୍ତୁ ଯେ ବଡ଼ଲୋକମାନଙ୍କ ଘର କେତେ ଧରଭଙ୍ଗାର ସମଷ୍ଟି । ପଇସାଗୁଡ଼ାକ ଏକ ଯାଗାରେ ଜମା ହୋଇ ରହିଲେ ଦେଶ ଉଜୁଡ଼ି ଯିବ ବୋଲି ପାଠ ପଢ଼ାଉଛି । ସେ ବଡ଼ଲୋକ ଘରର ପଇସା ଗୁଡ଼ାକ ଖେଳାଇବାର ସହଜ ଉପାୟ ହେଉଛି ମଦ ଦୋକାନ । ମଦ ଦୋକାନୀମାନଙ୍କୁ ସ୍ୱାର୍ଥ-ଖେଳାଳି ବୋଲି କଦାପି ଠିକଣା କରି ନେବେ ନାହିଁ । ସେମାନେ ପଇସାଗୁଡ଼ାକ ଘୋଷାରି ନେଉଛନ୍ତି କେବଳ ଗରିବମାନଙ୍କୁ ପୋଷିବା ଅର୍ଥରେ । ମଦ ଭାଟୀ, ମଦ କାରଖାନା, ମଦ ଆମଦାନୀ ରପ୍ତାନି, ଅବକାରୀ ବିଭାଗର ଗୃହଗୁ ଓ ଅଣ୍ଟାଗୁଣ୍ଡାରେ କେତେ ସହସ୍ର ଲୋକ ଘବଜସ୍ତୁ ହେଉଛନ୍ତି । ମଦ୍ୟ ବିକ୍ରିରେ ଯେଉଁ ଅର୍ଥଗୁଡ଼ିକ ଦସ୍ତୁରୀ ହୁଏ, ତାହା ଏହି ଗରିବମାନଙ୍କ ପେଟରେ ପଡ଼େ । ଫେର ଆଉ ଗୋଟିଏ କଥା, ଏ ଗରିବଗୁଡ଼ିକ ଯେ କେବଳ ଆମ ଦେଶର ଏପରି ନୁହେଁ । ତାହିଁ ବିଲାତ, କାହିଁ ଫ୍ରାନ୍ସ, କାହିଁ ସ୍ପେନ୍, କାହିଁ ମାର୍କିନ୍ ଏପରି କେତେ ଦେଶର ଗରିବ ମୂଲିଆ ଓ ଶ୍ରମିକମାନଙ୍କୁ ମଦ୍ୟପାନଦ୍ୱାରା ସାହାଯ୍ୟ କରାଯାଏ । ଏହାଠାରୁ ବଳି ସାର୍ବଜନୀନ ସ୍ୱାର୍ଥତ୍ୟାଗର ଉଦାହରଣ କଣ ଅଛି ? ଏହାଦ୍ୱାରା ମଧ୍ୟ ସଜନଭକ୍ତି ସହଜରେ ପ୍ରମାଣିତ ହୁଏ । ଯାହାଙ୍କ ଛାଇତଳେ ଆମ୍ଭେମାନେ ପ୍ରଜା, ତାଙ୍କୁ ଯେବେ କୌଣସି ବାଟେ ଦୁଇ ପଇସା ଦେଇ, ଦେବା, ଏହାଠାରୁ ବଳି ପୁରସ୍କାର କଣ

Digitized by srujanika@gmail.com

ହୋଇ ପାରେ ? ପାଠକ ! କହି ପାରନ୍ତି ଯେ ବାଇମାନଙ୍କ ସାମାନ୍ୟଜ୍ଞାନଟା ଭୁଲ୍ । କାରଣ ଥରେ କଲିକତାର ସରକାରୀ ରିପୋର୍ଟମାନ ଦେଖ । କଲିକତା ସବୁ ଦେଶଠାରୁ ବେଶ ସଭ୍ୟ । ଦେଖ, ସେଠାରେ ମଦ୍ୟପାୟୀ ସଂଖ୍ୟା ସର୍ବାପେକ୍ଷା ବେଶି । ଏଥିରୁ କଣ ପ୍ରମାଣିତ ହେଲା ? ତା ପରେ ଟିକିଏ ଲେଖାଏ ମଦ୍ୟ ପାନ କଲେ କେତେଗୁଡ଼ିଏ ରୋଗ ସହ୍ୟ ଛାଡ଼ ପଳାନ୍ତି । ଏହା ଗୋଟିଏ ପ୍ରସିଦ୍ଧ ଡାକ୍ତରଙ୍କ ଭାଷଣ । ଏ କଥା ମନରେ ପାଠ କରିବ । ବୈଦ୍ୟକର ଗ୍ରନ୍ଥାବଳୀଟା ମୁଖସ୍ଥ କରି ଥିଲେ ଟିକିଏ ପରିଶ୍ରମ କଲେ କଥାଟା ଧରି ପାରିବ । ସେ ପ୍ରମାଣ ନ ଖଟିଲେ ମନୁଷ୍ୟତ୍ୱଟା ଯିବାର ପଥ, ସବୁ ଅନୁଷ୍ଠ ଛାଡ଼ିଯିବ । ଔଷଧାର୍ଥେ ସୁରାଂ ପିବେତ୍ । ସୁରା ଅର୍ଥ ସୋଡ଼ା ଲେମୋନେଡ଼ ନୁହେ । କଥାଟା ଶାସ୍ତ୍ରସିଦ୍ଧ, ଅଧୁନାତନ ରୁଚିସମ୍ମତ ଓ ସଭ୍ୟତାନୁମୋଦିତ । ଖାଇବାର ଯୋଗାଡ଼ଟା ଯେତିକି ବେଶି ଅଧୁନାତନ ସଭ୍ୟଙ୍କ ଏ ମଦର ଦର୍କାରଟା ସେତିକି ବେଶି ଟାଣ ନ ହେଲେ ସବୁ ବିଗିଡ଼ିଲା ! ତାପରେ ଟିକିଏ ମଦ୍ୟ ପାନ କଲେ ନୃତ୍ୟଗୀତ ଇତ୍ୟାଦିରେ ମନ ଯେତେ ଆସକ୍ତ ହୁଏ ଏପରି କେଉଁଥିରେ ହୁଏ ନାହିଁ । ଅଚ୍ଛା ! ଭଲା ଆପଣମାନେ କହନ୍ତୁ, ସଙ୍ଗୀତଟା କେତେ ଉଚ୍ଚ । ନ୍ୟାୟ ଦର୍ଶନର ଯୁକ୍ତି ଅବଲମ୍ବନ କଲେ ଧରି ପାରିବ ଯେ ମଦ୍ୟ ପାନରେ ଜଘନ୍ୟ କିଛି ନାହିଁ । ଅନ୍ତ ମଧ୍ୟ ଟିକିଏ ସେଥିରୁ ପଡ଼ିଲା ଛଣି କେତେ ହବା ଓ ଉଚ୍ଚ ଭାବ ଜନ୍ମିବାର ଭଲ ମାତ୍ର ଅଛି । ଏବେ ମୁଖରୁ କହିବ ହେବା ମନୁଷ୍ୟତ୍ୱ—ନା ପଶୁତ୍ୱ, ଜଡ଼ତ୍ୱ—ନା ଦାନବତ୍ୱ । ଆପଣମାନେ ମନେ କରୁଥିଲେ ଯେ ଭୁରୁଡ଼ା ଭୁରୁଡ଼ ହୋଇ ପଟ ମାରିନେବେ, କିନ୍ତୁ ଦେଖିଲେତ ଆମ ଯୁକ୍ତିର ଟାଣ କେତେ, ବାଇମାନେ କିଛି ଭୁଣ୍ଡା ହୋଇ ପାଠ ପଢ଼ି ନ ଥିଲେ ।

୨ । ଦେଶ ବେଶି ସଭ୍ୟ ହେଲେ ଦୁର୍ଭିକ୍ଷର କାଳ ପଡ଼େ । ଦେଶର ଗରିବଲୋକେ ପେଟରେ ଓଦାକନା ପକାଇ ଶୁଅନ୍ତି । କଥାଟା ବୁଝିବାକୁ ଭାରି ସହଜ । ନଥିଲେ ଯେବେ ନ ବୁଝି ପାରନ୍ତି ଉଦାହରଣ ଗୋଟାଏ ଦେଖାଇ ଦେଲେ ଆପଣ ତାକୁ ତାକୁ ମାନିଯିବେ । ଯେତେବେଳେ ରେଲଗାଡ଼ିର ପ୍ରଥମ ଆରମ୍ଭ ହୁଏ, ଦେଶହିତୈଷିମାନେ ପାଟି କରି ଉଠିଲେ, ଆହା ! ରେଲ କମ୍ପାନୀଙ୍କ ହେତୁ ଦେଶରେ ଦୁର୍ଭିକ୍ଷର ମାତ୍ରା କଣା ପଡ଼ିଲା ନାହିଁ । ଯାହାକୁ ମୁଠାଏ ଖାଇବାକୁ ନ ମିଳିଲା ସେ ରେଲକାମରେ ମୂଲଲାଗି ଦପଇସା ରୋଜଗାର କରି ପେଟ ପୋଷି ଚଳିଗଲେ । କିନ୍ତୁ ରେଲକାମ ସରିବା ପରେ ଲାଭଯାକ ମୂଳଧନସ୍ୱାମିମାନଙ୍କଠାରୁ ବିଦେଶକୁ ବାଟେ ବାଟେ ଗଳିଗଲା, ଖରଚଅଯାକ ଖରଚ-ଖଣ୍ଡମାନ କଙ୍କ ଘରେ ବସିଲେ । ମୁଣ୍ଡକୋଳିଆ ଯାକ ମୂଲକ ଛାଡ଼ି ପଳାଇଲେ । ରେଲ ଉଠିଯାଇ ହେବାରୁ ଲୋକେ ପୂର୍ବ ଅପେକ୍ଷା ଚେର ସୁସ୍ଥ ହେଲେ । ଏହିର ଉଦାହରଣ ବହୁବର୍ଷବ୍ୟାପୀ ଦେଶମସ୍ତ ଦୁର୍ଭିକ୍ଷ ଓ ପେଟପୋଷା ଅପହାରର ସଂଖ୍ୟା ବୃଦ୍ଧି ।

୩ । ବାଇମାନେ କଲିକତାରେ ଗୋଟିଏ ଧର୍ମସଜାନ୍ତ ସଭାରେ ବକ୍ତୃତା ଶୁଣିବାକୁ ଯାଇଥିଲେ । ତହିଁରେ ଶ୍ରୋତାଙ୍କ ସଂଖ୍ୟା ୪୦ ରୁ ବେଶି ନୁହେଁ । ଥିଏଟର ନାଚ ଦେଖିବାକୁ ଲୋକ ଦୁଇ ହଜାର । କେବେ ପ୍ରଭେଦ ଅଛି । ଥିଏଟରରେ ଦର୍ଶନୀ ଦେଇ ସରସ କଥା ଓ ବସ୍ତୁ ଦେଖିବାକୁ ମିଳେ, କିନ୍ତୁ ଧର୍ମସଭାରେ ପ୍ରବେଶ ନିମନ୍ତେ ଦର୍ଶନୀ ନାହିଁ, କେବଳ ଶୁଷ୍କ ପରସ କଥାଗୁଡ଼ାକ । ସଭ୍ୟତା ବୃଦ୍ଧି ସଙ୍ଗେ ସଙ୍ଗେ ଅପରସ ଦୋଷା କଥାଗୁଡ଼ାକ ଯେବେ ଶୀଘ୍ର ଲୋପ ପାଏ, ତେବେ ଦେଶର ମଙ୍ଗଳ ।

। ୪ । 'ଦଉଡ଼ ଦଉଡ଼ ମଣିଷ ଗାଈ, ଯେଣିକି ଓଟାରେ ତେଣିକି ଯାଇ' ପ୍ରବାଦଟା କାଲକଟା ଲୋକେ ଭୁଲି ଗଲେଣି ପରା ! ଘରେ ଘରେ ଧ୍ୟାନ ଅନ୍ୟ, ଘରେ ଘରେ କଳପାଣି ମିଳୁଛି

Digitized by srujanika@gmail.com

ହମନ୍ତେ ମନେ ମନେ ମିଠେଇ ଖାଇ ବସିଅଛନ୍ତି ? ତେବେ ଭଲ ଭାବ ଦେଖନ୍ତେ ଘଡ଼ିଏ ଜମନ୍ତେ ଗ୍ୟାସ୍ ଅଲୁଅ, ପାଣି କଳ ବନ୍ଦ ହୋଇଗଲେ କଲିକତାବାସୀଙ୍କ ଅବସ୍ଥା କଣ ହୋଇ ଉଠିବ । ଅଠପଣ ଲୋକେ ଏକା ମୁହୂର୍ତ୍ତକେ ବେକ୍ ଯୋଡ଼ି ହୋଇଯିବେ । ମନୁଷ୍ୟ ଯେତେ ପରନିର୍ଭରଶୀଳ ହେଲେ ସୁଦ୍ଧା ହେବା ଘଟଣା ପ୍ରତି ସବୁ ବେଳେ ନଜର ରଖିବା ଉଚିତ ।

୫ । କଲିକତା ନ ଦେଖିବା ପୂର୍ବରୁ ବାଉମାତାଙ୍କ କଲିକତାର ଯେଉଁ ଚିତ୍ର ମନେ ମନେ ଅଙ୍କିଥିଲେ, ସ୍ୱଚକ୍ଷୁରେ ଦେଖିଲା ବେଳକୁ ସେ ଚିତ୍ର କେଉଁଆଡ଼େ ଉଭେଇଗଲା ! କଲିକତା ସହରର ରାସ୍ତା ସବୁ କର୍ଦ୍ଦମମୟ ଓ ଦୁର୍ଗନ୍ଧ; ପଚୋଖର ପଚୋଖର ଅଳାପ ପରିଚୟ ସୁଦ୍ଧା ନାହିଁ । ପ୍ରବଞ୍ଚନା ଷୋଳକଳାରେ ପୂର୍ଣ୍ଣ । (ପ୍ରକାଶ ଥାଉ ନ ପାଞ୍ଜିକାର କଲିକତାରେ କାଳୀଘାଟରେ 'ଅସଲ ଭିନା ମାଲ' ଡାକ ଶୁଣି ଖଣ୍ଡେ ସୁତାର ରଙ୍ଗିନ ରେପର ଅଣି ବର୍ତ୍ତମାନ ତାହା ଘରୁଅଛନ୍ତି ।)

୬ । 'ନାମ ବଡ଼ା ଦର୍ଶନ ଥୋଡ଼ା' ପ୍ରବାଦଟାର ସତ୍ୟତା ବାଉମାତାଙ୍କ କଲିକତାଠାରେ ଉପଲବ୍ଧି କରି ଅସିଅଛନ୍ତି । କେତେ ବଡ଼ ଲୋକ ଓ ବଡ଼ ସ୍ଥାନର ଖୁବ୍ ନାମ ଆଗରୁ ଶୁଣିଥିଲେ, କିନ୍ତୁ ସେଠାରେ ଦେଖିଲା ବେଳକୁ କାହିଁର ଓ ରଘୁର ସବାଦ ଭୁଷ ଯିବ କଣ, ଅରମ୍ଭ ହେଲା !

୭ । କଲିକତାର ଘରେ ଘରେ ଔଷଧାଳୟ —ଏଲୋପାଥି, ହୋମିଓପାଥି, ହାଇଡ୍ରୋପାଥି, ଦେଶୀପାଥି, ବିଦେଶୀପାଥି, କବିରାଜପାଥି ! କିନ୍ତୁ ସେଠାରେ ଏତେ ରୋଗୀ କାହିଁ ? ଉପାୟ ବଢ଼ିଲେ ଅଭାବ ବଢ଼େ । ଯେତିକି ବେଶି ଦ୍ରବ୍ୟ, ସେତିକି ବେଶି ଅଭାବ । ଯେତିକି ବେଶି ଔଷଧାଳୟ, ସେତିକି ବେଶି ମଲ୍ଲୁ ।

୮ । ପୂର୍ବରୁ ବାଉମାତାଙ୍କ 'ଦମ୍ଭଶ୍ରୀ ସମାଜ' ବୋଲି ଯେଉଁ ବିଶ୍ୱାସ ଜନ୍ମି ଥିଲା, ତାହା ଜୟଙ୍ଗ ଦୃଢ଼ୀଭୂତ ହୋଇଅଛି । ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ପରୀକ୍ଷା ଯେଉଁ ସମୟରେ ହୁଏ, ସର୍ବପ୍ରାଥମିକ ପରୀକ୍ଷା ମଧ୍ୟ ସେହି ସମୟରେ । ମଝି ମଝିରେ ଅ ପରୀକ୍ଷା ଗୁଡ଼ାକର ସମୟ ଭିନ୍ନ । 'ପରୀକ୍ଷା' ଶବ୍ଦ ବୋଧ ହୁଏ ପ୍ରମାଦବଶତଃ ପରୀକ୍ଷାରୂପ ଧାରଣ କରିଅଛି । ପରୀକ୍ଷା ନ ଟପି ପାରିଲେ ଦୁର୍ଗ ହସ୍ତଗତ ହେବା ଅସମ୍ଭବ । ପାଇଁ ହେତୁ ହେଉ ଯେତେ ମଝିରେ ରହିଗଲେ, ତେତେ ଭୃତ୍ୟମାନ କରେତ କଲିକତାଙ୍କ ନିଜ ଯୋଗ ସାମଗ୍ରୀ ହୁଏ । ତା ପରେ ପରୀକ୍ଷା ବିଷୟରେ ବାଉମାତାଙ୍କର ବିଂଶୁଚମୋତାର ମତ । ଅପଣମାନେ ଶୁଣି ହସିବେ । କିନ୍ତୁ ଅମ୍ଭେମାନେ ହେଲୁଁ ଲିପିକାର, ସତ୍ୟର ଅନୁରୋଧରେ ପାଞ୍ଜିର କଥାଗୁଡ଼ାକ 'ଯଥା ଦୃଷ୍ଟଂ ତଥା ଲିଖିତଂ', ନ କଲେ ଦୋଷାବୃତ୍ତଅ ସ୍ୱପ । ବିଶ୍ୱବିଦ୍ୟାଳୟର 'ପରୀକ୍ଷା' ନାଟକ ପ୍ରାଣମର ପ୍ରଥାଟିଏ । ଉପରେ ଏତେ ଏତେ ସୂକ୍ଷ୍ମବୁଦ୍ଧି ବିଚାରକ ବସିଲେ । ପରୀକ୍ଷକ ମଧ୍ୟରେ ପିଲ୍ଲମାନଙ୍କର କପାଳରେ ଗାର ଟାଣି ହେଉଛନ୍ତି । କିନ୍ତୁ ଟିକିଏ ଅବଧାନକୁ ଅସୁ ନାହିଁ ଯେ ଗୋଟାଏ ଲୋକ କରଣେ ୫ ଭୂତ ବରଷ ପରିଶ୍ରମ କଲା, ଏଥି ମଧ୍ୟରେ ଏତେ ଦିନ ଗଲାଗଲା, ଅପରୀକ୍ଷକଙ୍କ ସୂକ୍ଷ୍ମବୁଦ୍ଧିରେ ଥସୁ କରି ପାରିଲ ନାହିଁ ଯେ ପିଲାଟା ଅଯୋଗ୍ୟ । କିନ୍ତୁ ହଠାତ୍ ଶେଷ ଦିନ ପରୀକ୍ଷା ଉପରେ ସୂକ୍ଷ୍ମବୁଦ୍ଧି ଫିଟିଗଲା, ସୁଦ୍ଧା ବାନ୍ଧି ହେଲା, ଅଗାଡ଼ ବୁଡ଼ାକ ଅତଳ ସମୁଦ୍ରରେ ଯୋଗାଡ଼ ହେଲା ! ଯାହାର ନ ହେବ ଲାଗୁ ତେବେ ଓଟଏ ପରୀକ୍ଷା କରି ଠିକ କରନ୍ତୁ ଯେ ଏପିଲା କରଟ ପଢ଼ିଲେ ଯୋଗ୍ୟ ହେବ । ତେବେ ଓଷ୍ଠେ ନ ହେଲା ମାଷ୍ଟରେ ଠିକଣା କର, ସେଥିରେ ବୃଦ୍ଧି ନ ଗଲେ ଘୃଣାମାସ କର । ତାପରେ ଉପଯୁକ୍ତ ଶିକ୍ଷା ଅନୁସାରେ ପଢ଼ାଅ, ନିୟମିତ ସମୟଃ ଟପିଲାକୁ ଯୋଗ୍ୟତାର ନିଦର୍ଶନ ପତ୍ର ଦିଅ । ତା ମଧ୍ୟରେ ଉଚ୍ଚନୀଚ କରି ଦିଅ, ଅଭୂଷ୍ୟ ଛତ୍ର

Digitized by srujanika@gmail.com

ଥିବ । ମନ୍ଦିରେ ମନ୍ଦିରେ ଯେ କୃପଣିମା ତାଲୁ ଲେସେଇ ଦିଅ । ତାଙ୍କୁ ଅଣା ଦେଇ ଦେଇ ଫିଙ୍ଗ ଟଙ୍କାଟି ପିଠି ଅଣ୍ଟିହି ଅସୁଲ କରି ନାଗ ଦେ କଳ୍ପତରୁ ସେ ସେ ଟନପାଞ୍ଚିକୁ ଯାଉ ! ଅଣ୍ଟାରେ ଯେଉଁ ପାହାରଟ ବସିଲା, ଅନ୍ୟ କଥିବା ଯାକେ ସେ ସଲଖ ହୋଇ ଠିଆ ନ ହୁଏ । ଏ ଯେ ନିରପେକ୍ଷ ବିଚାର । ଦୁଇ ବରଷ, ପାଞ୍ଚ ବରଷ, ତିନି ବରଷର ପଢ଼ଣନ୍ତ, ଅଧକପାଳିକୁ ଏକ ଘଣ୍ଟାକ ଭିତରେ ଠିକଣା କରି ପକାଉଛ । ପରୀକ୍ଷା ଅବାର ଘରକୁ ଟେକା ମାରିବା ଭୁଲ ନୁହେ ଅନ୍ଧ କଣ ? ଏତେ ସୂକ୍ଷ୍ମବୁଦ୍ଧିରେ କାମ ଚଳି ପାଉଥିଲେ ଚିନ୍ତା ନ ଥାନ୍ତା । ଯେ ଭୂମ 'ପରୀକ୍ଷା' ନ ଟପିଲା ତାର ଆଉ ସବୁ ଅଡ଼କୁ ମଧ ବାଟ ବନ୍ଦ । ପାଞ୍ଚିରେ ଏ କପସୃଟା ଅଛିର ଟିକଏ ଶୋଧିବା ଦେବାକୁ ଗୋଟିଏ ଟଙ୍କରେ ବୃଥାର ଦିଅ ଯାଉ ଅଛି । ସେ କହିଟି ଏଠାରେ ବୁଝାଇ-ବାର ଆବଶ୍ୟକ ନାହିଁ । ସେ ଯାହା ହେଉ ଯେଉଁମାନେ ଧର୍ମ ବଳରେ ପରୀକ୍ଷା ଟପିଗଲେ ସେମାନେ ମଧ ଜୀବନର ଶେଷ ଅଂଶ ଅନଶ୍ୟରେ କଟାଇବେ । ଯାହା ଯେଉଁ ... ପାଠ ଓ ବଳ ଥିଲା ତାହା ସବୁ ପରୀକ୍ଷାକୁ ପ୍ରସ୍ତୁତ ହେବ ନିମନ୍ତେ ଖର୍ଚ୍ଚ କରିଅଛି । ଆଉ ବାକି ... ଗଦଲା ଛଡ଼ଅ ଓ ଅଲବଟ୍ଟା ହିନ୍ଦୁ ... ବିଁ ... ଥ ହରପ ଲେଖା । (ବାଇମାହାନ୍ତି ମରଦ୍ଦିଥ ମପସଲଥ ହୁଡ଼ା, କିନ୍ତୁ ଆମ୍ଭେମାନେ ଏହାଙ୍କ ଯୋଜନାମା ବ୍ୟକ୍ତିଙ୍କୁ ମାହାନ୍ତଙ୍କ ଗର୍ଜ୍ଜାଟଳର ... ଦେଖାଇ-ବାକୁ, ସେମାନେ ହେଜାଣି ତାହାଙ୍କ ଉତ୍ତର ଦେଲେ ନାହିଁ । ବୋଧ ହୁଏ କଥାଟା ଗୁରୁତର ନୁହେ ବୋଲି ଉତ୍ତର ଦେବାକୁ ସଙ୍କ ଦେଲେ ନାହିଁ । ସେ ଯାହା ହେଉ ଏ ଆମ୍ଭମାନଙ୍କର ବ୍ୟକ୍ତିଗତ ମତ ନୁହେ । ଅନ୍ୟେ-ମାନେ ପରୀକ୍ଷା ପ୍ରଣାଳୀର ପୂର୍ଣ୍ଣ ଭକ୍ତ ଓ ୧ ମାସ ହେଲା ବାଁ ହାତରେ ହରପ ଲେଖି ଶିଖୁଛନ୍ତି । ଆମ ବଡ଼ବାଧା ମଧ ବାଁ ହାତରେ ଗାଉ ବଣୁଛନ୍ତି ।)

୫ । କଲିକତାରେ, ଅନେକଗୁଡ଼ାଏ ଇଂରାଜୀ ଅଫିସ ଲଗା ବଙ୍ଗାଳୀ ଓ ଓଡ଼ିଆ ଶିକ୍ଷିତ ଯୁବକଙ୍କ ସଙ୍ଗେ ସାକ୍ଷାତ ହୋଇଥିଲା । ବାଇମାହାନ୍ତି ଅନୁଭବରୁ ସିଦ୍ଧାନ୍ତ କରି ଅଛନ୍ତି ଯେ ଆଧୁନିକ ଶିକ୍ଷାର ଅଧିକାଂଶ ସ୍ଥଳରେ ଅମୃତମୟ ଫଳ ବିତଣ୍ଡା ଓ ସ୍ୱମତ ଅଭ୍ରାନ୍ତ ବୋଲି ମନରେ ଦୃଢ଼ ଧାରଣା । ପୂର୍ଣ୍ଣ ଶିକ୍ଷିତ ବାବୁମାନେ ଜାଣନ୍ତି ଯେ ସେମାନେ ଯାହା ଜାଣିଛନ୍ତି, ଯାହା ସମର୍ଥନ କରନ୍ତି ତହିଁରେ ଅନ୍ୟ କାହାର ପାଟି ଫିଟାଇବାର ଯୋ ନାହିଁ । ବାଇମାହାନ୍ତି ଶତକଡ଼ା ହାର ଜାଣନ୍ତି ନାହିଁ । ସେ ହିସାବ କରି ଦେଖିଅଛନ୍ତି ଯେ ତାଙ୍କ ସଙ୍ଗେ ଯେତେ ଉଚ୍ଚ ଶିକ୍ଷିତଙ୍କର ସାକ୍ଷାତ ହୋଇଅଛି, ତହିଁରୁ ବାରପଣ ତେରପଣ ଗଣ୍ଡା ନେହଡ଼ା ଦକ୍ଷାନ୍ତ ଉକ୍ତଶ୍ରେଣୀର । (ପାଠକ ମହୋଦୟ—ଏ ଗଣନାରେ ବିଶେଷ ହେଉ ଅପେ ଯାଏ ନାହିଁ । ବାଇମାହାନ୍ତିଙ୍କ ପରି ଜଣେ ଲୋକ, ତାଙ୍କ ସଙ୍ଗେ ଅବଶ୍ୟ ଏପରି କିଛି ଯୋ... ଲୋକଙ୍କର ଆଳାପ ପରିଚୟ ହୋଇ ନ ଥିବ । ତାଙ୍କ ସଙ୍ଗ କେବଳ ଅବର୍ଜନାଙ୍କ ପରିଚୟ । ତହିଁରୁ ସେ ଏପରି ଗୋଟିଏ ହିସାବ କାଢ଼ି ଅଛନ୍ତି ।) ବିଶେଷତଃ ଏ ପ୍ରକ୍ଷୋତ୍ତର ବାଇମାହାନ୍ତି ଆମ୍ଭମାନଙ୍କର ହେଉ ... ପରିଚିତ ନିଷ୍ଠ ସ୍ୱାର୍ଥ-ଧାରୀ ଅମ୍ଭଙ୍କୁ ଅବମାନିତ କରୁଅଛନ୍ତି । ଆପଣ ପଚାରିବେ କିପରି ? ଆମ୍ଭମାନଙ୍କ ଉତ୍ତର ଶୁଣନ୍ତୁ । ଆମ୍ଭମାନେ ହେଉଦକ ଇସ୍କୁଲରେ ପାଠ ପଢ଼ିନାହିଁ । ଆମ୍ଭମାନଙ୍କୁ ମଧ ବୈସିଶିକ ଜଣା । ବାଇମାହାନ୍ତିଙ୍କ ହିସାବଟା ମଧ ଶୁଣନ୍ତୁ । ଯେବେ ସବୁ ଶିକ୍ଷିତଙ୍କ ମଧ୍ୟରେ $\frac{୧୩}{୧୬}$ ଅଂଶ ବିତଣ୍ଡାପୋଷକ, ସ୍ୱମତପ୍ରତିଷ୍ଠାପକ ଓ ଆତ୍ମ-ମାନ୍ୟ, ତେବେ ପ୍ରତ୍ୟେକ ଉଚ୍ଚଶିକ୍ଷିତଙ୍କର $\frac{୧୩}{୧୬}$ ଅଂଶ ବିତଣ୍ଡା, ସ୍ୱମତପ୍ରତିଷ୍ଠା-ପନ ଓ ଅହଂଭାବରେ ପୂର୍ଣ୍ଣ । ଅତଏବ ଏହାଦ୍ୱାରା ବ୍ୟକ୍ତିଗତ ଆକ୍ରମଣ ହେଲା ନାହିଁ ତ ଆଉ କଣ !

Digitized by srujanika@gmail.com

ପନ୍ଦର ଜୋଡ଼ାଏ ବର୍ଷ ପଢ଼ି ପଢ଼ି ମନୁଷ୍ୟର ଅଧମ ବନ୍ୟସ୍ୱଭାବ ଟିକିଏ ବଦଳିଲା ନାହିଁ !)

୧୦ । ପାଞ୍ଜିରେ ଲେଖାଅଛି ଯେ କଲିକତା-ଠାରେ ମାହାନ୍ତଏ ବଜେ ତଠାରୁ ୫୮ ଜଣ ଶିକ୍ଷିତ ଓଡ଼ିଆ ପୁଅଙ୍କ ଜୈଶ ସମାବେଶ ଦେଖି-ଥିଲେ । ତା ପରେ ନୋଟ୍ ଲେଖାଅଛି, ହୁଡ଼ ମୁଣ୍ଡ ଏକା ସମାନ । କେତେ ପ୍ରକାର ଅଛି । ତାମସା, ଗୀତ, ଗଳ୍ପ, ବାଦ୍ୟ, ନାଚ ଇତ୍ୟାଦି ହେଲା, କେତେ ସାମାଜିକ, ସାହିତ୍ୟଗତ, ବ୍ୟକ୍ତିଗତ, ଧର୍ମଗତ ବକ୍ତୃତାମାନ ଚର୍ଚ୍ଚା ହେଲା । ବିଦେଶରେ ଏତେଗୁଡ଼ାଏ ଶିକ୍ଷିତ ଓଡ଼ିଆ ଏକତ୍ରିତ ହେଲେ ବୋଲି ସମସ୍ତେ ପ୍ରେମରେ ଭୋଳ । (ଖାଲି ମାହାନ୍ତ ଏତକ ଲେଖି ଦେଇ ସବୁ ଶିକ୍ଷିତ ଓଡ଼ିଆଙ୍କ ମୁଣ୍ଡରେ ଖାଲ ବୋଳ ଦେବେ ବୋଲି ବସିଥିଲେ, କିନ୍ତୁ ଆମ୍ଭେମାନେ ମଧ୍ୟ ଏଥିର ଓର ରଖିଥିଲୁଁ । ଯେଉଁ ୫୮ ଟିଙ୍କ ବିଷୟ ଲେଖା ଅଛି, ସମସ୍ତେ ସ୍ୱଦେଶଭକ୍ତ ଓ ସମସ୍ତଙ୍କର ପଠଦଶା, ଆଉ ଯେଉଁ ଆମୋଦ ଅହ୍ଲାଦକୁ ଲକ୍ଷ କରି ପାଞ୍ଜିରେ ଏପରି ଲେଖାଅଛି, ସେଗୁଡ଼ାକ ନିର୍ଦ୍ଦୋଷ ଆମୋଦ ଅହ୍ଲାଦ । ବିଦେଶରେ ବହୁଦିନବ୍ୟାପୀ ବିରହ ପରେ ଯେବେ କେତେଗୁଡ଼ାଏ ଭାଇଙ୍କର ମୁଖ ମିଳନ ହୁଏ ତେବେ ହୃଦୟର ଦ୍ୱାର ଖୋଲି ଯାଏ, ଏକଥା ପାଞ୍ଜିକାରଙ୍କ ଚିତ୍ତବୃତ୍ତିକୁ ଓ ଅନୁଭବକୁ ଆସି ନ ଥିବାରୁ ଏପରି କଟାକ୍ଷପାତ !)

୧୧ । ମହାପୁରୁଷପ୍ରକାଟା ବାକ୍ୟତଃ ଯେତେ, ଫଳତଃ ତହିଁର ଜାଣିଏ ନାହିଁ । ଖଣ୍ଡପଡ଼ାର ଜ୍ୟୋତିଷଶେଖର ଚନ୍ଦ୍ରଶେଖରଙ୍କର ଓ ବଙ୍ଗଳାର କବିଚନ୍ଦ୍ର ମାଇକେଲଙ୍କର ଜୀବନ ଏଥିର ଜ୍ୱଳନ୍ତ ଉଦାହରଣ । ସାବଧାନ ! ମହାପୁରୁଷମାନେ ଜୀଇ ଥାନ୍ତୁ ଥାନ୍ତୁ ଯେପରି କଷ୍ଟ ନ ହୁଏ । ତାହାହେଲେ ସେମାନଙ୍କ ମଲାଟମାନ ମୋଟ ହୋଇଯିବ ଓ ଜୀବନଚରିତ ଲେଖକମାନଙ୍କୁ ଉପଯୁକ୍ତ ଉପାଦାନ ଅଭାବରୁ ହାତ ହାମୁଡ଼ି ବସିବାକୁ ହେବ । ମାହାନ୍ତଙ୍କ ଜ୍ଞାନରେ (କି ଅଜ୍ଞାନରେ ତାହା ଭଗବାନ୍ ଜାଣନ୍ତି) ଏ ଅଙ୍କ ଜଣେ 'କର୍ମବୀର' ପ୍ରଦେଶ-ପ୍ରସିଦ୍ଧ ମହୋପାଧ୍ୟାୟଭୂଷିତ ମହାପୁରୁଷଙ୍କ ଦର୍ଶନ ମିଳିଥିଲା । ଏ ମହାତ୍ମା ସବୁ ଖବରକାଗଜ ଭିତରେ ରହିଛନ୍ତି ବୋଲି ମନେ ମନେ ଗର୍ବ କରନ୍ତି । କୌଣସି କୀର୍ତ୍ତି-ଅନୁଷ୍ଠାନ ହେଲା-କ୍ଷଣି ଜଣଙ୍କ ନାମରେ ଖଣ୍ଡଟା ପହିଲୁ ପଡ଼େ । ସେ ଦିନ ଚନ୍ଦ୍ରଶେଖରଙ୍କ କଥା ପଡ଼ିବାରୁ ସେ କହିଲେ "ହଁ ଆମେ ଚନ୍ଦ୍ରଶେଖରଙ୍କୁ ଜାଣୁ, ସେ ସ - ବଣୀପ୍ଠ; ତାଙ୍କର ଅଭାବ କଣ ? ତାଙ୍କର ଖେଳ ଅଛି । ନ ବୁଝି ନ ସୁଝି ତାଙ୍କ ପାଇଁ ମନ୍ତ୍ୟାଗ କେନେ କରୁଛ ?" ଓଡ଼ିଶାର ସମ୍ବାଦପତ୍ର-ମାନଙ୍କରେ ଚନ୍ଦ୍ରଶେଖରଙ୍କର ଦୁରବସ୍ଥା କଥାର ଚହଳ ପଡ଼ିଛି, କିନ୍ତୁ ଯେ କଥାଗୁଡ଼ାକ ଯୋଟ କଥା, କର୍ତ୍ତାଙ୍କ ବୈଠକଖାନାର ଦରୋଜା ଡେଇଁ ପାରୁ ନାହିଁ । ଅନେକ ଉଚ୍ଚମନା ବ୍ୟକ୍ତି ଚନ୍ଦ୍ର-ଶେଖରଙ୍କ ଦଶା ସ୍ମରଣ କରି ଲଜ୍ଜାବନତ ହୋଇ ଅଛନ୍ତି, କିନ୍ତୁ ଚନ୍ଦ୍ରଶେଖରଙ୍କ କଥା ପଡ଼ନ୍ତେ କର୍ତ୍ତାଙ୍କର ବାସି ହାଲୁଟି ଉଠୁଛି । ଖୁବ ଦେଖିଲ ଭଲା, ଦେଶଟା ସ୍ୱଦେହରେ ସ୍ୱର୍ଗକୁ ଉଠିଯିବାକୁ ମଝିରେ କେତେଟା ଦିନ ବାକି ଅଛି ? (କଲିକତା ପ୍ରସଙ୍ଗ ପଡ଼ୁ ପଡ଼ୁ ଚନ୍ଦ୍ରଶେଖରଙ୍କ କଥାଟା କେଉଁଠୁ ଆସିଲା, ଆମ୍ଭେମାନେ ବୁଝି ପାରିଲୁଁ ନାହିଁ । ଏ କେବଳ ବାଉ ମାହାନ୍ତଙ୍କର 'କଣ୍ଟାବାଡ଼ରେ ଲୁଗା ପକାଇ କଳି କରିବା' କଥା !)

ନୋଟ୍—ଏ ଧରଣର ପାଞ୍ଜି ଦେଖି ଆମ୍ଭ-ମାନଙ୍କ ମନ ଭାରି ଖଟ୍ଟା ହୋଇ ଯାଇ ଅଛି । ଅତଏବ ବାଉମାହାନ୍ତଙ୍କୁ ଶୀଘ୍ର ବିଦାୟ ଦେବାର ଆମ୍ଭମାନଙ୍କର ଇଚ୍ଛା । ହାତ ପଶୁ ପଶୁ ବାହା ପଶେ । ଯାହାଙ୍କ ହାତରେ କୁଟା ଖଣ୍ଡିଏ ଖଣ୍ଡ ହେବ ନାହିଁ, ତାଙ୍କର ଖାସ୍ କାମ ପରର ଛିଦ୍ର ଦେଖିବା । ପାଠ ଭାଲୁଛି, 'ସତ୍ୟଂ ବ୍ରୂୟାତ୍ ପ୍ରିୟଂ ବ୍ରୂୟାତ୍' । ହେଲା, ତୁମ କଥାଗୁଡ଼ାକ ଠିକ । ଏତେ ଲୋକଙ୍କୁ ତଡ଼ା ପକାଇ ତୁମର କି ଲାଭ ?

Digitized by srujanika@gmail.com

ଏଥିରେ ପାଠକମାନଙ୍କୁ ପ୍ରତ୍ୟେକ ଦେଲେ ବ୍ୟକ୍ତିଗତ ଆକ୍ରମଣର ମାତ୍ରା ବଢ଼ିବ ଓ ବଦଳେ ଆମ୍ଭମାନଙ୍କୁ ୫୦୦ ଦଫା ଦେଖିବାକୁ ହେବ । ସମ୍ପାଦକ ମହାଶୟ ! ଆପଣ ମଧ୍ୟ ମୂର୍ଖ ଅଧ୍ୟୁଷ ହୋଇ ଯେଉ ପାରିବେ ନାହିଁ । ଆପଣଙ୍କ ପାଇଁ ୫୦୧।୫୦୨ର ବ୍ୟବସ୍ଥା । ୫୦୧।୫୦୨ ଆପଣଙ୍କର ଭାଗ ଭାଳ ।

ଶ୍ରୀ ମୂର୍ଖ ଶର୍ମା ।

ଶବ୍ଦାର୍ଥ ଚର୍ଚ୍ଚା ।

୪୦ । କର୍ତ୍ତବ୍ୟ—କାଳକ୍ରମେ ଏହି ଶବ୍ଦଟି ସାଧାରଣଙ୍କ ନିକଟରେ ପ୍ରକୃତ ଅର୍ଥରୁ ବିଚ୍ୟୁତ ହୋଇ ଅଛି । ପାଠକମାନେ ଅବଶ୍ୟ ଜାଣିଥିବେ, ସାଧାରଣତଃ ଏହା ଯେପରି ବ୍ୟବହୃତ ହୁଏ । ମୋର କର୍ତ୍ତବ୍ୟ ନାହିଁ ଅର୍ଥ ମୋ ଶକ୍ତି ନାହିଁ । ତାର ଉଠିବାକୁ କର୍ତ୍ତବ୍ୟ ନାହିଁ । ଶବ୍ଦଟିର ଅର୍ଥ ଥିଲା କଣ ? ହେଲା ଶକ୍ତି କି ବଳ ।

୪୧ । ଅକ୍ଷାନ୍ତି—ଅକ୍ଷାନ୍ତିର ଅର୍ଥ ଆମ୍ଭେମାନେ ଜାଣିଥିବୁଁ ଶାନ୍ତିର ଅଭାବ ଅର୍ଥାତ୍ ଅକ୍ଷମା । ଅଭିଧାନ ଫିଟାଇ ଦେଖାଗଲା ତାହାର ଅର୍ଥ ଈର୍ଷା ବା ପରଶ୍ରୀକାତରତା । ଅମରକୋଷରେ ଲେଖା ଅଛି,—'ଅକ୍ଷାନ୍ତିରୀର୍ଷ୍ୟାସୂୟା ତୁ ଦୋଷାରୋପୋ ଗୁଣେଷ୍ୱପି' ।

୪୨ । ଇନ୍ଦୀବର—ପଦ୍ମକୁ ଇନ୍ଦୀବର କହିବା ଭ୍ରାନ୍ତ । କୌଣସି କବି ଲେଖିଅଛନ୍ତି 'ଫୁଲ୍ଲ ଇନ୍ଦୀବରମୁଖୀ ରେ'— ଏହା ଅଯୌକ୍ତିକ । କାରଣ ପ୍ରାଚୀନ କୋଷକାରଗଣ ନୀଳ ଉତ୍ପଳକୁ ଇନ୍ଦୀବର ବୋଲି ନିର୍ଦ୍ଦେଶ କରି ଅଛନ୍ତି । '—ଅଥ ନୀଳାମ୍ବୁଜନ୍ମ ଚ । ଇନ୍ଦୀବରଞ୍ଚ ନୀଲେଽସ୍ମିନ୍ ସିତେ କୁମୁଦ କୈରବେ'—ଅ:

୪୩ । ଶିଞ୍ଜିତ—ଯେ କୌଣସି ସ୍ୱନ ବା ଶବ୍ଦକୁ ଶିଞ୍ଜିତ ବୋଲି ଯାଇ ପାରେ ନାହିଁ । ଅଳଙ୍କାରାଦିର ଧ୍ୱନି ଶିଞ୍ଜିତ ନାମରେ ଅଭିଧେୟ । '—ଭୂଷଣାନାନ୍ତୁ ଶିଞ୍ଜିତଂ'—ଅ:

୪୪ । ଦ୍ୱାର ଦେବା—'ଦୁଆର ଦିଅ' କହିଲେ ବୁଝା ଯାଏ, ଦୁଆର ବନ୍ଦ କର । କିନ୍ତୁ ଏହା ମୂଳ ଅର୍ଥର ପୂର୍ଣ୍ଣ ବିପରୀତ । ପୂର୍ବକାଳରେ 'ଦେବା' ଉଦ୍ଘାଟନ ଅର୍ଥରେ ବ୍ୟବହୃତ ହେଉଥିଲା । ପ୍ରାଚୀନ ନାଟକାଦି (ମୃଚ୍ଛକଟିକ) ରେ ତାହାର ପ୍ରମାଣ ଅଛିଅଛି । ଯଥା,—'ଦ୍ୱାରଂ ଦଦାମି' ଦ୍ୱାରମୁଦ୍ଘାଟୟାମି । 'ଦ୍ୱାରଂ ଦେହି'—ଦ୍ୱାରମୁଦ୍ଘାଟୟ ।

୪୫ । ହିନସ୍ତା—ସାଧାରଣଙ୍କ ନିକଟରେ ବ୍ୟସ୍ତ ବା ବ୍ୟାକୁଳ ଅର୍ଥରେ ଯେଉଁ 'ହିନସ୍ତା' ଶବ୍ଦଟି ବ୍ୟବହୃତ ହୁଏ, ତାହା ସମ୍ଭବତଃ 'ହିନା-ବସ୍ଥା'ର ଅପଶବ୍ଦ ।

୪୬ । ସଉତ—ଶବ୍ଦଟି ଅଣାଗେହ୍ଲୀ ଅର୍ଥରେ ବ୍ୟବହୃତ ହୁଏ । ଏହା ବୋଧ ହୁଏ ସଂସ୍କୃତ ସପତ୍ନ ଶବ୍ଦରୁ ଆଗତ । ସପତ୍ନକୁ ପ୍ରାକୃତରେ ସଅଉତ୍ତ କୋଲାଯାଏ । ସଅଉତ୍ତରୁ ସଉତ ହେବା ଅସଙ୍ଗତ ନୁହେ । ଯଦି ଆମ୍ଭେମାନେ ଏହି ସିଦ୍ଧାନ୍ତରେ ଉପନୀତ ହେଉଁ ଯେ ସଉତ ସପତ୍ନର ଅପଶବ୍ଦ, ତେବେ ତାହାର ଅର୍ଥ ଅଣାଗେହ୍ଲୀ ହେଲା କିପରି ? ଅର୍ଥ ଏହିପରି ବଦଳି ନାହିଁ ? ଆମ୍ଭମାନଙ୍କ ଦେଶର ପୁରାତନ ଉପାଖ୍ୟାନ କାହାଣୀ ପ୍ରଭୃତିରେ ସପତ୍ନ ଅଣା-ଗେହ୍ଲୀ ସ୍ୱରୂପ ଚିତ୍ରିତ ହୋଇଅଛନ୍ତି । ସପତ୍ନର ଠିକ ଅର୍ଥ; ସୁତରାଂ ବହୁ କାଳରୁ ସାଧାରଣଙ୍କର ଏହିପରି ଧାରଣା ହୋଇଥିବ, ଯେ ଅଣାଗେହ୍ଲୀ ସେ ସପତ୍ନ । କାଳକ୍ରମେ ଅଣାଗେହ୍ଲୀ ସପତ୍ନର ସ୍ଥାନ ଅଧିକାର କରିଅଛି ।

୪୭ । ପସରା— ଖୁବ ସମ୍ଭବ ସଂସ୍କୃତର ପ୍ରସାରିତ ଶବ୍ଦ ଲୟପ୍ରାପ୍ତ ହୋଇ 'ପସରା'ରେ ପରିଣତ ହୋଇଅଛି । କିନ୍ତୁ ଏ ଉଭୟର ଅର୍ଥ ଅଭିନ୍ନ ନୁହେ । 'ଦୋକାନ'କୁ ଅନେକାଳ ପସରା କହାଯାଏ । ନୈବେଦ୍ୟ ଦ୍ରବ୍ୟକୁ ପ୍ରସାରିତ କହନ୍ତି ।

Digitized by srujanika@gmail.com

ଯଥାः—'କୃତ୍ସ୍ନଂ ପ୍ରସାଦନଂ କାର୍ଯ୍ୟଂ ନୈସ୍ବଂ ନୈଷ୍ଠିକ୍ୟମାତ୍ରକେ । ଆ:—

୪୮—କଲ୍ୟାଣ—ସର୍ବଦା ବ୍ୟବହାରିକ ମଙ୍ଗଳବଚନରୂପ ବୋଧ ହୁଏ କଲ୍ୟାଣ ଶବ୍ଦଟି ପ୍ରକୃତ ଅର୍ଥରୁ ବହିର୍ଭୂତ ହୋଇ ଯାଇଅଛି । ଏହା ସାଧାରଣଙ୍କ ନିକଟରେ 'ଅଶୀଃ' ଅର୍ଥରେ ବ୍ୟବହୃତ ।

୪୯—କଣ୍ଟକ ।—'ସେ ଆପଣାକୁ ଅସାଧୁ ଓ ନିଷ୍କଣ୍ଟକ କଲା'—ଏଥିରେ ଅର୍ଥ ଶତ୍ରୁ ଏବଂ କଣ୍ଟକର ଅର୍ଥ ଶତ୍ରୁ । ଯଦି ଅର୍ଥରେ ପ୍ରଭେଦ ନାହିଁ ତେବେ ଏ ଦୁଇପ୍ରକାର ହେଲା କିପରି ? ନା—ପ୍ରଭେଦ ଅଛି । ସାମାନ୍ୟ ଶତ୍ରୁକୁ କଣ୍ଟକ କୁହାଯାଏ। ଅମରକୋଷ କହୁଅଛନ୍ତି—"ବୈରୀ...କ୍ଷୁଦ୍ରଶତ୍ରୌ ଚ ରୋମହର୍ଷେ ଚ କଣ୍ଟକଃ ।"

ଶ୍ରୀ ମୃତ୍ୟୁଞ୍ଜୟ ରଥ ।

କଳାକୁମର କଥା ।

ଗୋଟିଏ ରାଜ୍ୟରେ ଏକ ରାଜା ଥାଏ । ସେ ରାଜା ପୁଅ ବାହାରିଲା ବିଦେଶ । ଘୋଡ଼ାଶାଳରୁ ପକ୍ଷୀରାଜ ଘୋଡ଼ାଟାଏ ବାଛିଲା । ସାଙ୍ଗ ପଟୁଆ ହାତ ହତିଆର ବାନ୍ଧିଲା । ଟଙ୍କା ତୋଡ଼ାର ନେଇ ଧରିଲା, ଗଲା । ଯାଉଁ ଯାଉଁ ଆଉ ଏକ ରାଜା ରାଜ୍ୟ ପଡ଼ିଲା । ସେ ରାଜାଝିଅ କଥଣ କରିଛି;—ଦାଣ୍ଡରେ ସୁନା ଝୁଲେଇ ରୂପା ଝୁଲେଇ ପିନ୍ଧା ଧୂଳପର କରି ରଖିଛି । ରାଜା ପୁଅ ଦେଖିଲା, ଏ ଟୋକି ବାଟରେ ବସିଛି; ବାଟ ଛାଡ଼ିଲେ ସିନା ରାଜା ପୁଅ ଯିବ । ରାଜା ପୁଅ କହିଲା, ବାଟ ଛାଡ଼ । ଟୋକି କହିଲା, ଯେବେ ମନ ହେଉଛି ତେବେ ବାଟ ଭାଙ୍ଗି କରି ଯା, ମୁଁ ବାଟ ଛାଡ଼ିବି ନାହିଁ । ରାଜାପୁଅ କହିଲା 'ଏମିତି କନ୍ୟାକୁ ଭଉ ହୁଅନ୍ତି, ଦରଜାଥ ହୋଇ ଘର ଯାଆନ୍ତି' । ଏହା ଶୁଣି ରାଜା ଝିଅ କହିଲା 'ଏମିତି ବରକୁ ଭଉ ହୁଅନ୍ତି, ବାପ ଘରେ ଥାଇ ପୁଅ ହୁଅନ୍ତି' । ଏମିତି ବର୍ଦ୍ଧି ଯାଇ ଯିବ ମସ ମସ ହେଲେ । ରାଜାଝିଅ ଘରକୁ ଗଲା ଗୋଟିଏ ଘରେ କବାଟ କିଳି ଶୋଇଲା, ଏକ ସତ୍ୟ ଧରିଲା, ସେଇ ରାଜାପୁଅକୁ ବିଭା ହେବ ବୋଲି । ପଛକୁ ସବୁ ସଜ ହେଲା, ସେଇ ରାଜାପୁଅ ସାଙ୍ଗେ ବାହାଘର ହେଲା । ବାହାଘର ଅଧା ହେଉଛି, ରାଜାପୁଅ ଧଡ଼ିକିନା ବେଦିରୁ ଉଠିଲା, ଆପଣା ପକ୍ଷୀରାଜ ଘୋଡ଼ାରେ ଚଢ଼ି ଚାଲିଗଲା । ଯେ ଶୁଣିଲା, ସେ କାନ୍ଦା ହେଲା । ଏମିତି ଯିବ ମସ ମସ ହେଉଛନ୍ତି ବୋଲି ତ କେହି ଜାଣି ନ ଥାଏ । ବାପା ମା ଭାଇ ବେଷ୍ଟ୍ରରେ ଥାଆନ୍ତି । ଦିନ କେତେ ଗଲା । ରାଜାଝିଅ କହିଲା, ଅମୁକ ଦେଶ ରାଜା ମୁଲକରେ ମୋର ଅନେକାଙ୍ଗ ବନସ୍ତରେ ଘର ତୋଳାଇ ଦିଅ, ମୋର ସେଠେଇଁ ବାର ବରଷ ତପସ୍ୟା ସରିଲେ ମୁଁ ଶାଶୁ ଘରକୁ ଯିବି । ସିମିତି କହିଲା, ସିମିତି ଏକ ଘର ତୋଳା ହେଲା । ରାଜାଝିଅ ଯାଇ ସେଠେଇଁ ରହିଲା । ସେଇ ଦେଶ ରାଜାପୁଅ ତ ମୃଗୟା କରି ହେଇ ଦରବାର ହେଇ କରି ବେଦିରୁ ଉଠି ଆସିଛି । ରାଜାପୁଅ ଯାଏ ସେଇ ବନସ୍ତକୁ ପାରିଧି କରି । ଦିନେ ଯାଉଛି ପାରିଧି କରି, ଗୋଟାଏ ମିରିଗ ପଛରେ ଗୋଡ଼ାଉ ଗୋଡ଼ାଉ ବାଟ ଭୁଲିଗଲା, ସାଙ୍ଗରେ ପାତ୍ର ମନ୍ତ୍ରୀ ଥିଲେ ତାଙ୍କୁ ସବୁ ଛାଡ଼ିଲା, କେଏ କୁଆଡ଼େ ଗଲା, ରାଜାପୁଅ ପଡ଼ିଗଲା ଏକା । ଏଣିକି ବେଳକୁ ଆସି ବେଳ ବୁଡ଼ିଲା । ରାଜାପୁଅ କେତେ ବୁଲି ବୁଲିଲାଣି । ବୁଲି ବୁଲି ଥକିଲାଣି, ଆଉ କିଛି ବୁଝି ବାଟ ଦିଶୁ ନାହିଁ, ଯେତିକି ଯେତିକି ଆଗକୁ ଯାଉଛି, ସେତିକି ବେଣି ବେଣି ଅନ୍ଧାରୁଆ ବଣ, ଏଣେ ସେ ରାଜାପୁଅ ଅତି ସୁକୁମାର ଜୀବନ, ଦିନଯାକ ଖାଇ ନାହିଁ, ପିଇ ନାହିଁ, ହାତ ଗୋଡ଼

Digitized by srujanika@gmail.com

ରାତ୍ରି ପାହି ହୋଇ ଯାଉଛି, କୁଆଁ ଉଡ଼ିଲାଣି, ଭୋରରେ ଶୋଷରେ ଚାତକ ପଡ଼ିଗଲାଣି, ରଜାପୁଅକୁ ଲୋଭ ମାରି ଗଲାଣି। ଶେଣ୍ଢ଼ିର ବାଟରେ ଏକ ଅଳିନ୍ଦ ଦିଶିଲା। ରଜାପୁଅ ସେହି ଅଳିନ୍ଦକୁ ଚାହିଁ ଘୋଡ଼ାକୁ ଚଳେଇଲା, ରଜାଝିଅ ଯୋଉଁଠି ଘର ତୋଳିଛି ସେଇଠିକି ଯାଇ ପହଞ୍ଚିଲା। ରଜାଝିଅ ତାକୁ କିଛି ଦେଲା ନାହିଁ। ରଜାପୁଅ ଯାଇ ତାକୁ କହିଲା, 'ତୁମେ ଯିଏ ହେଉଛ ସିଏ ହୁଅ ମୋତେ ମୁନାଏ ପାଣି ଦିଅ ପିଇବାକୁ, ମୋର ଛାତି ଶୁଖି ଯାଉଛି। ରଜାଝିଅ ତା ପାଇଁ ଉତ୍ତମ ସୁନ୍ଦର ସାମଗ୍ରୀ ଦେଇ କଲା ଖାଇବାକୁ, ତାକୁ ମନବୋଧ କରି ଖାଇବାକୁ ଦେଲା, କହିଲା ଏବେ ରାତି ହେଲାଣି, ଇଲାଏ ଲୁଅନ୍ତେ ଯିବ, ଆଜି ରାତିକି ଏଇଠି ରହ, କାଲି ସକାଳୁ ତୁମ ଘରକୁ ଯିବ। ରଜାପୁଅ ଏ କଥାକୁ ସମ୍ମତ ହେଲା। ରାତିକି ତା ଘରେ ଶୋଇଲା। ରଜାଝିଅ ତାକୁ ନେଇ ଘର ଭିତରେ ପଲଙ୍କ ସୁପାତି ଉପରେ ଶୁଆଇଲା। ରଜାପୁଅ ତ ଭୋଳ, ସେ ତ ଏତେ ଢଙ୍ଗର କଥା ନ ଜାଣେ। ରଜାଝିଅ ରୂପ ଦେଖି ଭୁଲି ଗଲା। ରଜାଝିଅକୁ ପାଖକୁ ଡାକିଲା, ଦିହେଁ-ଯାକ ବସି କଥାରେ ରାତି ଯାଏ କେତେ ଦୁଃଖସୁଖ ହେଲେ। ରଜାପୁଅ ତ ନିର୍ମାୟୀ, ସବୁ କଥା ରଜା-ଝିଅକୁ କହି ପକେଇଲା। ରଜାଝିଅ ଅସଲ କଥା କହିଲା ନାହିଁ, ଏଣୁ ତେଣୁ କରି ରଜାପୁଅକୁ ଭଣ୍ଡେଇ ଦେଲା। ରାତିରେ ଦିହେଁଯାକ ଏକା ପଲଙ୍କରେ ଶୋଇଲେ। ରାତି ପାହିଲା। ସକାଳୁ ରଜାପୁଅ ଉଠି ତା ନଅରକୁ ଗଲା। ବିଦା ହେଲା ବେଳେ ରଜାଝିଅ କହିଲା 'ତୁମେ ତ ରଜା ଭୋଳ, ଅଳ୍ପ କଥା ଢାଳିକି ମନେ ରଖିବ ନାହିଁ। ତୁମେ ତ ମତେ ଏଠି ଛାଡ଼ିକରି ଯାଉଛ, ମୋର ଯେବେ ପିଲାଝିଲା ହେବ ତୁମେ ଚଲା ଚାଙ୍କ ଚିହ୍ନିବ କେମିତି ?' ରଜା କହିଲା, ତୁମେ ମୋ ପାଖ କଳାକୁ ଖଣ୍ଡେ କାଟିକରି ରଖ, ମୋ ରତନ ମୁଦିଟି ରଖ, ଯାକୁ ଦେଖେଇଲେ ମୁଁ ତୁମକୁ ନିଶ୍ଚେ ଚିହ୍ନିବି। ରଜାଝିଅ ସେ ପାଟ କଳାକୁ ଅନ୍ୟ ସ୍ୱନାମାଙ୍କିତ ସନ୍ତକ ରଖିଲା। ରଜାପୁଅ ତା ନଅରକୁ ଗଲା। ଦିନାକେତେ ଗଲାରୁ ଫେର ରଜାପୁଅର ମନେ ପଡ଼ିଲା, ଫେର ପାରିଧି ଗଲା ବାହାନାରେ ଆସିଲା। ରଜାଝିଅ ପାଖରେ ରାତିଏ ରହିଲା, ସକାଳୁ ଉଠି ଗଲା ଘର। ସେଦିନ ରଜା-ଝିଅ ଫେର ଗୋଟିଏ ସନ୍ତକ ରଖିଲା, ରଜାପୁଅ ସେଦିନ ତା ପୋଷପିଆ ହାରଟି ରଜାଝିଅକୁ ଦେଇ ଗଲା। ଏମିତି ମଝିରେ ମଝିରେ ରାତିଏ ରାତିଏ ରଜାପୁଅ ଆସେ, ସକାଳୁ ଯାଏ ଘର, ରଜାଝିଅ ତାଠୁଁ ଗୋଟିଏ ଗୋଟିଏ ସନ୍ତକ ରଖେ। ରଜାଝିଅ ସେ ବଣରେ ନ ମାସ ରହିଲା। ଦିନେ ରଜାପୁଅକୁ କିଛି ନ କହି ତୁନି କରି ସେଠୁଁ ଘର ଭାଙ୍ଗି ଆପଣା ରାଇଜକୁ ଗଲା। ରଜାପୁଅ ଆସି ପଛେ ଖୋଜିଲା ବେଳକୁ ଆଉ ଥାଏ କାହିଁ। ଦିନକେତେ ଖୋଜିଲା, କେଉଁ ପୋଷପାର ପାଇଲା ନାହିଁ। ପଛକୁ ତୁନି ହୋଇ ରହିଲା। ଏଣେ ରଜାଝିଅ ଗଲା ଆପଣା ମୁଲକକୁ। ବାପଘରେ ଯାଇ ରହିଲା। ଗଲା ବେଳକୁ ରଜା-ଝିଅର ମାସ ଗଡ଼ୁଥାଏ, ବାପମାଙ୍କୁ ସବୁ କଥା ଖବର ଦେଲା। ସାତ ଆଠ ମାସ ଗଲାରୁ ରଜା-ଝିଅର ଗୋଟିଏ ଉତ୍ତମ ସୁନ୍ଦର ବାଳୁତ ହେଲା। ଦିନକୁ ଦିନ ବାଳୁତଟି କୁଆଁର ପୁନେଇ ଜହ୍ନ ପରି ଶୋଭା ଦିଶିଲା। ଚାଲି ବୁଲି ପାରିଲାରୁ ତା ପାଠି ଫିଟିଲା। ବୁଦ୍ଧି ହେଲାରୁ ତାକୁ ନେଇ ଚାଟଶାଳିରେ ବସେଇଲେ। ତାର ଘର ବୁଦ୍ଧି। ତା ନାଁ ଦେଲେ 'କଳାକୁମର'। ଚାଟଶାଳିରେ ଗୁରୁ ଦିନେ ଯାଉ ପାଠ ପଢ଼ିଲା। ଦିନେ କଳା-କୁମରର ଖଡ଼ି ଗଡ଼ିଗଲା। ରଜାଘର କଥା ବୋଲି ହିନା ଗଇଜଯାକ ମଣିଷ ତୁନି ହୋଇ ରହିଛନ୍ତି। ଚାଟଶାଳି ପିଲାଏ କ ଜାଣନ୍ତି ରଜା ପ୍ରଜା। ସାଙ୍ଗ ପଢ଼ୁଅଙ୍କୁ କଳାକୁମର କହିଲା ଖଡ଼ି ଗୋଟେଇ ଆଣି ଦବାକୁ। ସାଙ୍ଗ ପଢ଼ୁଥାଏ

Digitized by srujanika@gmail.com

କହିଲେ, ଇଟା ତ ଅଣଚାରୁଅ, ସେ ଖଣ୍ଡ ଅନେ-
କୋଟେଇ ଅଣି ଦବୁ ନାହିଁ । କଳାକୁମର ମନେ
ମନେ ଭାରି ରାଗ ହେଲା । ମନ କଥା ମନରେ
ଥାଏ । ଘରକୁ ଗଲା । ଗାଧୋଇ ପାଧୋଇ ଅନ୍ନ
ଖାଇବ କଅଣ ? ଗୋଟାଏ ଘରେ ମୁଖାମାଠି
ଭଣଝଣ, ବଗଡ଼ ଗୁଡ଼ ଝଣଝଣ, ସେଇ ଘରେ
କବାଟ ଦେଇ ଶୋଇଲା । ଯେ ଯେତେ ଡାକିଲା
କବାଟ ଫିଟେଇଲା ନାହିଁ । ଦନ ଅପି ଦ ପହରକୁ
ଚଢ଼ିଲାଣି । ପଛକୁ ତା ମା ଡାକିବାକୁ ଅଇଲା ।
ମାକୁ କଳାକୁମର ତା ମନଦୁଃଖ କଥା କହିଲା,
କହିଲା ମୋ ବାପକୁ ମୁଁ ନ ଦେଖିଲେ ଖାଇବି
ନାହିଁ । ମା କହିଲା, ତୁ ଖା' ପି' ମୁଁ ଦେଖେଇ
ଦେବି । କଳାକୁମର ମାକୁ ସତ୍ୟ କରେଇଲା ।
ଖାଇଲା ପିଇଲା । ଏ ଏଡ଼ା ଜିଦ ଧରିଥାଏ । ମା
ଯେତେ ବୁଝେଇଲା, ବୁଝିବାକୁ ନାହିଁ । ପଛକୁ
ମା କଅଣ କଲା,—ଅଗରୁ ରଜାପୁଅଠାରୁ ଯାହା
ଯାହା ଯତନ କରି ରଖିଥିଲା ପୁଅ ସଙ୍ଗରେ ସେତକ
ଗୋଟିଏ ବୁଜୁଳି ବାନ୍ଧିଦେଲା । ଯେ ରଜା ରାଜନ
ଠିକଣା କହିଦେଲା । କଳାକୁମର ଘୋଡ଼ାରେ
ଚଢ଼ି କେତେ ମାଳମଠା ବାଟରେ ବିଜେକରି, ଗଲା ।
ଯାଇ ଅପଣା ବାପ ମୁଲକରେ ପହଞ୍ଚିଲା । ରଜାଙ୍କ
ମାଳୁଣୀ ଘରେ ବସା କରି ରହିଲା । କିଛି ଯାଇ
କଣ କଲେ;—ରଜାଙ୍କ ଦାଣ୍ଡରେ ପାଟପଟୁକା
ବାନ୍ଧି ଘୋଡ଼ା ଦଉଡ଼ାଏ, ଯେ ପଣ୍ଡରେ ରୁ କଏ:
କଳାକୁମର କହେ, ମୁଁ ମହାଜନ, ଅଚ୍ଛି ସୁନା
ରୁପା ଅଲଙ୍କାର ବିକେ । ସମସ୍ତେ କହନ୍ତି 'କେନ
ଅଲଙ୍କାର ଅଣିଛୁ ଦେଖା' । କଳାକୁମର କହେ
'ମୋ ଅଲଙ୍କାର ଅମୂଲ ମୂଲ, ରଜିତ ହଏ
ନବାବାଲା ଅଛୁ ଯେ ମୁଁ ଅଲଙ୍କାର ଯାକ
ଦେଖେଇବ ।' ସମସ୍ତେ ଯା ଶୁଣି ରଜାଙ୍କୁ ଜଣା
କରେଇଲେ । ରଜା ମହାଜନକୁ ଡକେଇଲେ ।
କଳାକୁମର ଅସି ପହଞ୍ଚିଲା । କହିଲା, 'ମହିମା !
ମୁଣ୍ଡ ରହିଲେ କହିବ । ମହିମାଙ୍କ ରାଜନ ଯାକ
ଦେଲେ ତ ମୋ ଅଲଙ୍କାରର ମୂଲ ସତ୍ର ହବ
ନାହିଁ । ମହିମା ମୋ ଅଲଙ୍କାର ରଖିବାକୁ ମନ
କରୁଛ କଅଁ ?' ରଜା ଯା ଶୁଣି ଭାରି ଚିନ୍ତା
କଲେ । ପଛକୁ କଳାକୁମର କହିଲା, ସେ
ଅଲଙ୍କାର ଯାକ ରଜାଙ୍କୁ ଏକୁଟିଆ ଦେଖେଇବ,
ଅଉ କେହି ଦେଖିବ ନାହିଁ । ରଜାଙ୍କୁ ଏକୁଟିଆ
ଡାକି ନେଇ ପାଗ କଳା, ପୁନା ମୁଦ, ଯୋଚହିଅ
ଦାର, ଅନ୍ୟ ଅଉ ଯାହା ସବୁ ମା ଦେଇଥିଲା
ଦେଖେଇଲା । ରଜା କହିଲେ, ତୁମେ ଯାକୁ ସବୁ
କାହିଁ ପାଇଲ ? କଳାକୁମର କହିଲା, ମୋ ମା
ମତେ ଦେଇଛି । ମୋ ମାକୁ ଡକେଇଲେ ମା
ସବୁ କହିବ । ରଜା ଯାନବାହାନ ପାଲିଙ୍କି ପାଟ-
ଛତା ପଠେଇ କଳାକୁମର ମାକୁ ଅଣେଇଲେ,
ସବୁ ପୂରୁବ କଥା ଯାକ ଶୁଣିଗଲେ, ରଜାଝିଅର
ବୁଦ୍ଧିକି ଭାରି ପ୍ରଶଂସା କଲେ, ଅଣି ପାଟରାଣୀ କରି
ଘରେ ରଖିଲେ, କଳାକୁମରକୁ ଟୀକା ଦେଲେ ।
ପୁଅ ମାଇପ ନେଇ ସୁଖରେ ରାଜନ କଲେ । ମୁଁ
ଗଲାରୁ କଥା କହିଲେ ନାହିଁ ।

ଶ୍ରୀ ଗୋପାଳଚନ୍ଦ୍ର ପହରାଜ ।

ବ୍ୟକ୍ତି ଓ ସମାଜ ।

(କଟକ ଆଲୋଚନା ସଭାରେ ପଠିତ)

How every object still verily is a window through which we may look into infinitude itself. (Carlyle)

ପ୍ରକୃତ ଚିରସୌନ୍ଦର୍ଯ୍ୟର ଆକର । ଉପରେ
ପ୍ରଖର ଜ୍ୟୋତିଷ୍ମାନ୍ ଅଥବା ମୃଦୁ ନକ୍ଷତ୍ରସ୍ତବକରେ
ଗାମ୍ଭୀର୍ଯ୍ୟମୟ ଅନନ୍ତ ଆକାଶ ଝୁଲୁଅଛି, ମଧ୍ୟରେ
ହରିତ୍‌ବାସବୃତ ନୀଳମାଲେମ୍ବ ଗିରିଶ୍ରେଣୀ,
ନିମ୍ନରେ ବନ୍ୟପୁଷ୍ପସ୍ତବକଶୋଭିତା ଶ୍ୟାମଳ
ଧରଣୀ କମନୀୟରୂପ ଧାରଣ କରି ପ୍ରକୃତି-
ପ୍ରକୃତିର ଚକ୍ଷୁରଗ୍ର ପ୍ରତିଷ୍ଠାନ ହେଉଅଛି;
କିନ୍ତୁ ଏହି ସୌନ୍ଦର୍ଯ୍ୟ ଉପଭୋଗ ତ ବାହାରି

Digitized by srujanika@gmail.com

କେହି ନାହିଁ । ପ୍ରକୃତି ନିଜର ସୌନ୍ଦର୍ଯ୍ୟରେ ନିଜେ ମଗ୍ନା । ପ୍ରକୃତିପକ୍ଷରେ ସେହି ଦିନ ସେପରି ଅଭିନବ ଅଟେ, ଯେଉଁଦିନ ତାହାର ହୃଦଗ୍ରନ୍ଥିର ରୁଦ୍ଧଦ୍ୱାର ଉକ୍ତ ନିକଟରେ ସର୍ବପ୍ରଥମେ ଜଣେ ମାନବକୁ ଦେଖି ସେ ଚମକି ପଡ଼ିଲା; ଯୁଗପତ୍ ହର୍ଷ ବିଷାଦ ତାହାର ହୃଦୟକୁ ଅଧିକାର କଲା । ତାହାର ସୌନ୍ଦର୍ଯ୍ୟ ଉପଭୋଗକ୍ଷମ ମାନବକୁ ଦେଖି ତାହାର ହୃଦୟ ଆନନ୍ଦରେ ଉତ୍ଫୁଲ୍ଲ ହୋଇ ଉଠିଲା, କିନ୍ତୁ ପର ମୁହୂର୍ତ୍ତରେ ଯେତେବେଳେ ସେ ଜାଣିପାରିଲା ଯେ ତାହାର ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟତ୍ୱର ଏଠାରେ ଶେଷ, ସେତେବେଳେ ତାହାର ଉତ୍ଫୁଲ୍ଲ ପ୍ରାଣକୁ ବିଷାଦକାଳିମା ଆଚ୍ଛନ୍ନ କଲା । ମନୁଷ୍ୟ କେବଳ ପ୍ରକୃତିର ଦାସ ନୁହେ, କିନ୍ତୁ ତାହାର ପ୍ରଭୁ; ସେ ନିରନ୍ତର ପ୍ରାକୃତିକ ଶକ୍ତି ସମୂହ ଉପରେ ପ୍ରଭୁତ୍ୱ କରିବାପାଇଁ ଚେଷ୍ଟିତ । ମନୁଷ୍ୟ ସାମାନ୍ୟ ଜୀବ ନୁହେ । ପ୍ରାକୃତିକ କ୍ରମବିକାଶରେ ଏହାର ଆସନ ସମସ୍ତଙ୍କ ଉପରେ । ମନୁଷ୍ୟ କେବଳ ଦେଶ କାଳ ସୀମା ମଧ୍ୟରେ ଆବଦ୍ଧ ନୁହେ, ସେ ଅନେକ ପରିମାଣରେ ଦେଶ କାଳର ସ୍ରଷ୍ଟା । ତାହାର ସାନ୍ତ ସ୍ୱଭାବ ସହିତ ଅନନ୍ତଭାବ ଜଡ଼ିତ, ଯାନ୍ତ ମନୁଷ୍ୟମଧ୍ୟରେ ଏହି ଅନନ୍ତଭାବ ଯେତେ ପରିସ୍ଫୁଟ ହେବ, ସେ ସେତେ ଉନ୍ନତ ହେବ ଏବଂ ସମାଜ ଏହି ବିକାଶର ଏକମାତ୍ର ହେତୁ । ବର୍ତ୍ତମାନ ଦେଖାଯାଉ, ମାନବ ସହିତ ସମାଜର କି ସମ୍ପର୍କ ।

ମାନବ ସାମାଜିକ ଜୀବ । ସମାଜ ଛଡ଼ା ମନୁଷ୍ୟ କଳ୍ପନା-ରାଜ୍ୟରେ ସମ୍ଭବ ହୋଇପାରେ, କିନ୍ତୁ ବାସ୍ତବ ଜଗତରେ ତାହାର ଅସ୍ତିତ୍ୱ ନାହିଁ । ଭାବ ଓ ଭାଷାର ସମ୍ବନ୍ଧ ଯେପରି ଅବିଚ୍ଛେଦ୍ୟ ଓ ନିତ୍ୟ, ବ୍ୟକ୍ତି ଓ ସମାଜର ସମ୍ବନ୍ଧ ଠିକ ତଦ୍ରୂପ ଅଟେ । ଭାବ ଛଡ଼ା ଭାଷା ଓ ଭାଷା ଛଡ଼ା ଭାବ ଯେପରି ଆମ୍ଭେମାନେ କଳ୍ପନା କରିପାରୁ ନାହିଁ, ବ୍ୟକ୍ତି ଛଡ଼ା ସମାଜ ଓ ସମାଜ ଛଡ଼ା ବ୍ୟକ୍ତି ତଦ୍ରୂପ ଆମ୍ଭେମାନେ କଳ୍ପନା କରିବାକୁ ଅକ୍ଷମ; କିନ୍ତୁ [illegible] ଅନ୍ତଃପ୍ରତ୍ୟୟବାଦୀ (Intuitionist) ଏବଂ ଅତିସୁଖବାଦୀ (Hidonist)ଙ୍କ ମତରେ ପ୍ରତ୍ୟେକ ବ୍ୟକ୍ତି ଅନ୍ୟାନ୍ୟ ବ୍ୟକ୍ତିନିରପେକ୍ଷ ହୋଇ ଅବସ୍ଥାନ କରିପାରେ, ଆତ୍ମୋନ୍ନତି କରିପାରେ ଏବଂ ନିଜର ଉଦ୍ଦେଶ୍ୟ ସାଧନ କରିପାରେ । ଆମ୍ଭମାନଙ୍କ ଦେଶର ସନ୍ନ୍ୟାସଧର୍ମ ଏହି ମତର ପରିପୋଷକ ଅଟେ । ସେମାନଙ୍କ ମତରେ ସୁବିଧା ନିମିତ୍ତ ସମାଜ ମାନବଦ୍ୱାରା ସୃଷ୍ଟ ହୋଇଅଛି, (social contract) ପ୍ରଭୃତି ମତଦ୍ୱାରା ଏହି ଭାବ ପୁଷ୍ଟୀକୃତ ହୋଇଅଛି । ସେମାନଙ୍କ ମତରେ ଏପରି ଗୋଟିଏ ପ୍ରାକୃତିକ ଅବସ୍ଥା (state of nature) ଥିଲା, ଯେଉଁ ସମୟରେ ମନୁଷ୍ୟମାନେ ପରସ୍ପରଠାରୁ ସ୍ୱତନ୍ତ୍ର ଓ ସ୍ୱାଧୀନଭାବରେ ବାସ କରୁଥିଲେ, ନିଜ ଇଚ୍ଛାନୁଯାୟୀ ପରିଚାଳିତ ହେଉଥିଲେ । ସାମାଜିକ କୌଣସି ନିୟମଦ୍ୱାରା ସେମାନେ ବଦ୍ଧ ନ ଥିଲେ । ପ୍ରତ୍ୟେକେ ଆପଣାର ସୁଖନିମନ୍ତେ ବାହ୍ୟ ଜଗତ ଉପରେ ଆଧିପତ୍ୟ ବିସ୍ତାର କରିବାକୁ ପ୍ରବୃତ୍ତ ହେଉଥିଲେ; ଏଥିଯୋଗୁଁ ଯୁଦ୍ଧ ଓ ବିବାଦ ସର୍ବଦା ଘଟୁଥିଲା । ସେମାନେ ଏହି ଦ୍ୱନ୍ଦ୍ୱ ଉତ୍ପାତରୁ ପରିତ୍ରାଣ ଲଭିବା ପାଇଁ ଗୋଟିଏ ଗୋଟିଏ ଦଳ ସଂଗଠନ କରି ଗୋଟିଏ ଗୋଟିଏ ଦଳପତି ନିଯୁକ୍ତ କଲେ, ଯେଉଁମାନଙ୍କ ନିକଟରେ ନିଜର ନ୍ୟାଯ୍ୟ ଅଧିକାରର ଦାବି କରିପାରିବେ । ଏହି ପ୍ରକାରେ ସୁବିଧାପାଇଁ କେତେଗୁଡ଼ିଏ ବ୍ୟକ୍ତି ମିଳି ସମାଜ ସଂଗଠନ କଲେ ।

ପୁଣି ଅନ୍ୟ କେତେକ ବାଦ ବିଶେଷତଃ ପାଶ୍ଚାତ୍ୟ ବାଦମାନଙ୍କ ମଧ୍ୟରେ ବ୍ୟକ୍ତିର ସ୍ୱାଧୀନତା ଆଦୌ ନାହିଁ । ସାମାଜିକ ନିୟମ ନିକଟରେ ପ୍ରତ୍ୟେକ ବ୍ୟକ୍ତି ନିରୁପାୟ । କୌଣସି ବ୍ୟକ୍ତିର ସ୍ୱାଧୀନଭାବରେ କାର୍ଯ୍ୟ କରିବାର ଅଧିକାର ନାହିଁ, ତାହାର ଜୀବନର ପ୍ରତ୍ୟେକ ବିଭାଗ ସାମାଜିକ ନିୟମଦ୍ୱାରା ପରିଚାଳିତ । ସାମାଜିକ ନିୟମଗୁଡ଼ିକ ସହିତ ସେମାନଙ୍କ ବ୍ୟକ୍ତି-

Digitized by srujanika@gmail.com

ବାକ୍ୟର ମୌଳ୍ୟ ଅଛି ବୋଲି ସେମାନେ ତାହାକୁ ମାନ୍ୟ କରନ୍ତି, ଯାହା ନୁହେ; କିନ୍ତୁ ତାହା ପୂର୍ବ-ପୁରୁଷ ଓ ଋଷି ମହର୍ଷିଙ୍କ ଦ୍ୱାରା ପ୍ରବର୍ତ୍ତିତ ହୋଇ ସେମାନେ ତାହା ନିକଟରେ ନତମସ୍ତକ । ଉଦାହରଣସ୍ୱରୂପ କୁହାଯାଇ ପାରେ ଯେ ମନୁଙ୍କ ବ୍ୟବସ୍ଥା କେତେକ ନିୟମ ଯଦ୍ୟପି ବର୍ତ୍ତମାନ ଯୁଗର ସମ୍ପୂର୍ଣ୍ଣ ଅନୁପଯୁକ୍ତ ହେଲେହେଁ ହିନ୍ଦୁ-ମାନଙ୍କ ନିକଟରେ ତାହା ଅଲଙ୍ଘ୍ୟ ଓ ଅବଶ୍ୟ-ପାଳନୀୟ । ସେମାନଙ୍କ ସ୍ୱାଧୀନ ବୁଦ୍ଧି ସେଠାରେ ନିରସ୍ତ ଏବଂ ସେମାନେ ସେହି ନିୟମର ଦାସ । ସଂକ୍ଷେପତଃ କହିବାକୁ ଗଲେ ପ୍ରାଚ୍ୟ ଦେଶବାସୀ ସମାଜର ଦାସ । ତାହାର କାର୍ଯ୍ୟ ଯଦି ସାମାଜିକ ନିୟମ ଲଙ୍ଘନ ନ କରେ, ତାହାହେଲେ ଯଥେଷ୍ଟ । ସେ କାର୍ଯ୍ୟ ନ୍ୟାୟସଙ୍ଗତ ହେଉ ବା ନ ହେଉ ।

ସମାଜ ଓ ବ୍ୟକ୍ତି ସମ୍ବନ୍ଧରେ ଏତଦ୍ଭିନ୍ନ ଧାରଣା ଭ୍ରମାତ୍ମକ ଅଟେ । ବ୍ୟକ୍ତିକୁ ସ୍ୱେଚ୍ଛାଗ୍ରସ୍ତ ହେବାକୁ ଅବସର ଦେଲେ ସମାଜର ଅସ୍ତିତ୍ୱ ରହିବ ନାହିଁ ଏବଂ ସମାଜର ଦାସତ୍ୱ କଲେ ବ୍ୟକ୍ତିର ବ୍ୟକ୍ତିତ୍ୱ ବିନଷ୍ଟ ହେବ । ଏହି ବିପଦ ଏଡ଼ାଇବାପାଇଁ କେହି କେହି କହନ୍ତି ଯେ ଯଦି କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତିର ଅନିଷ୍ଟ ନ କରି ନିଜର ସ୍ୱାଧୀନ ଇଚ୍ଛାନୁଯାୟୀ କାର୍ଯ୍ୟ କରେ, ତାହା ହେଲେ ତାହାର ବ୍ୟକ୍ତିତ୍ୱ ଅକ୍ଷୁଣ୍ଣ ରହିବ ଏବଂ ସମାଜର ମଧ୍ୟ କୌଣସି କ୍ଷତି ହେବ ନାହିଁ । କିନ୍ତୁ ଯେଉଁମାନେ ଏପରି କଥା କହନ୍ତି, ସେମାନେ ଜାଣନ୍ତି ନାହିଁ ଯେ ସମାଜ ଅଣୁବାଦୀକ ନୁହେ । ସମାଜ କେବଳ ଅନ୍ତୋନ୍ନତ ଏବଂ ଅନୁଲୋପାଇଁ ନୁହେ, କିନ୍ତୁ ଅନ୍ତଃକଳନାଦ୍ୱାରା ପରିପୁଷ୍ଟ । ସଂକ୍ଷେପତଃ ସମାଜ ମାନବର ସୃଷ୍ଟି ନୁହେ, କିନ୍ତୁ ତାହାର ଅନ୍ତଃକରଣର ନେତ୍ର ।

ବର୍ତ୍ତମାନ ଦେଖାଯାଉ ସମାଜ ସହିତରେ ବ୍ୟକ୍ତିର ପ୍ରକୃତ ସମ୍ବନ୍ଧ କଣ ? Aristotle କହି ଅଛନ୍ତି "He who is unable to live in society, or who has no need because he is sufficient for himself, must be either a beast or a god." ସମାଜ ଛଡ଼ା ବ୍ୟକ୍ତି abstraction ଅଟେ ଏବଂ ବ୍ୟକ୍ତିଛଡ଼ା ସମାଜ ଅସମ୍ଭବ । କାରଣ ଆମ୍ଭେମାନେ ଯଦି ବିଚାର କରି ଦେଖୁଁ ମନୁଷ୍ୟର ମାନସିକ ଶକ୍ତି କି ପ୍ରକାରେ ଉନ୍ମେଷିତ ହୁଏ, ତାହା ହେଲେ ଦେଖି ପାରିବୁଁ ଯେ ଅନ୍ୟ ମାନବ ସହିତରେ ଆଦାନ ପ୍ରଦାନ ପୂର୍ବରୁ ତାହାର ମନ କେବଳ ଅବ୍ୟକ୍ତ ଶକ୍ତିରୂପରେ (potentially) ଅବସ୍ଥାନ କରୁଥାଏ, ତାହା ଅନ୍ୟ ସାମାଜିକ ମନୁଷ୍ୟର ମନର ସଂସ୍ପର୍ଶରେ ଆସିଲେ ବ୍ୟକ୍ତ ଓ ବିକଶିତ ହୁଏ । ଅନ୍ୟ ମନୁଷ୍ୟର ମନର ସଂସ୍ପର୍ଶରେ ନ ଆସିଲେ ତାହା କଦାପି ବ୍ୟକ୍ତ ହୁଏନାହିଁ ନାହିଁ । ମନୁଷ୍ୟ-ମନର ଉନ୍ନତିର ଉପାଦାନ ତାହାର ବ୍ୟକ୍ତିଗତ ଅସ୍ତିତ୍ୱର ପୂର୍ବରୁ ସମାଜରେ ଥାଏ ଏବଂ ବ୍ୟକ୍ତି ଜନ୍ମ ସଙ୍ଗେ ସଙ୍ଗେ ଉତ୍ତରାଧିକାର-ସୂତ୍ରରେ କେତେଗୁଡ଼ିଏ ଶକ୍ତି ସେନ ଭୂମିଷ୍ଠ ହୁଏ । ସମାଜରେ ସେହି ଶକ୍ତିଗୁଡ଼ିକ ପରିସ୍ଫୁଟ ହୁଏ । ପ୍ରତ୍ୟେକ ବ୍ୟକ୍ତି ତାହାର ଜ୍ଞାନ, ଭାବ ଓ ଇଚ୍ଛା ନିମିତ୍ତ ସମାଜ ନିକଟରେ ଋଣୀ । ସମାଜ ନ ଥିଲେ ଏଗୁଡ଼ିକ ଲାଭ କରିବା ତାହା ପକ୍ଷରେ ସମ୍ଭବ ହୋଇ ନ ଥାନ୍ତା । Spencer ପ୍ରଭୃତି ପଣ୍ଡିତମାନଙ୍କ ମତରେ ସମାଜ ଚେତନାବଶିଷ୍ଟ ଶରୀର ବିଶେଷ । ପ୍ରାଣିଦେହ ଯେପରି, ସମାଜ ଠିକ ତଦନୁରୂପ ନିୟମରେ ପରିଚାଳିତ ହୋଇ ବୃଦ୍ଧି ଲାଭ କରେ । ସଜୀବ ପଦାର୍ଥର ଅଂଶଗୁଡ଼ିକର ଯେପରି ସମ୍ବନ୍ଧ, ନିର୍ଜୀବ ପଦାର୍ଥର ସେପରି ନୁହେ । ନିର୍ଜୀବ ପଦାର୍ଥର ଗୋଟିଏ ଅଂଶ ଅନ୍ୟ ଅଂଶଗୁଡ଼ିକୁ କିମ୍ବା ସମସ୍ତ ବସ୍ତୁଟିକୁ ପରିବର୍ତ୍ତିତ ନ କରି ମଧ୍ୟ ପରିବର୍ତ୍ତିତ ହୋଇ ପାରେ, କିନ୍ତୁ ସଜୀବ ପଦାର୍ଥରେ ଏପରି ଘଟେ ନାହିଁ । ଏହାର ଗୋଟିଏ ଅଂଶର ପରିବର୍ତ୍ତନ ଘଟିଲେ ତହିଁ ସଙ୍ଗେ ସଙ୍ଗେ ଅନ୍ୟ ଅଂଶଗୁଡ଼ିକର ମଧ୍ୟ ପରିବର୍ତ୍ତନ ଘଟେ । ମାନବ ସମାଜରେ ଏହି ନିୟମର

Digitized by srujanika@gmail.com

କାର୍ଯ୍ୟ ଦେଖାଯାଏ, କୌଣସି ବ୍ୟକ୍ତିର ପରିବର୍ତ୍ତନ ଘଟିଲେ ଅନ୍ୟ ବ୍ୟକ୍ତିମାନଙ୍କର ମଧ୍ୟ ପରିବର୍ତ୍ତନ ହୁଏ । କୌଣସି ବ୍ୟକ୍ତିର କୌଣସି ମାନସିକ ପରିବର୍ତ୍ତନ ଘଟିଲେ ତଦ୍ୱାରା ତାହାର ପରିବାର ପ୍ରଭାବିତ ହୁଏ ଏବଂ ପ୍ରତ୍ୟେକ ମନୁଷ୍ୟର ଉପରେ ସମସ୍ତ ସମାଜ ଉପରେ କାର୍ଯ୍ୟ କରେ । ସମଷ୍ଟି (integration) ବା ବୃଦ୍ଧି ସଜୀବ ପଦାର୍ଥର ଆଉ ଗୋଟିଏ ଲକ୍ଷଣ । ନିର୍ଜୀବ ପଦାର୍ଥ ଏକ ପ୍ରକାର ଅବସ୍ଥାରେ ବହୁଦିନ ରହିପାରେ, ତାହାର କ୍ରମିକ ବୃଦ୍ଧି ନାହିଁ । କିନ୍ତୁ ସଜୀବ ପଦାର୍ଥ ଭିନ୍ନରୂପ ଅଟେ, ତାହା କ୍ରମେ କ୍ରମେ ବୃଦ୍ଧିପ୍ରାପ୍ତ ହୁଏ । ଏ ନିୟମ ଜୀବଜଗତରେ ସର୍ବତ୍ର ଅମ୍ଭେମାନେ ପ୍ରତ୍ୟକ୍ଷ କରୁଁ, ଉଦ୍ଭିଦ୍-ଜଗତ ଓ ପ୍ରାଣି-ଜଗତ ସର୍ବତ୍ର ଏହି ନିୟମ କାର୍ଯ୍ୟ କରେ । ସଜୀବ ପଦାର୍ଥ ବାହ୍ୟ ପଦାର୍ଥରୁ ନିଜର ପୋଷଣୋପଯୋଗୀ ପଦାର୍ଥ ସଂଗ୍ରହ କରି ନିଜ ବପୁର ପ୍ରସାର ବୃଦ୍ଧି କରେ । ଯେଉଁ ପ୍ରକାଣ୍ଡ ବଟବୃକ୍ଷ ଅମ୍ଭେମାନେ ଦେଖୁଁ, ତାହା ପ୍ରଥମରେ ଗୋଟିଏ କ୍ଷୁଦ୍ର ବୃକ୍ଷରୂପେ ଥାଏ, କିନ୍ତୁ ତାହା ପୃଥିବୀରୁ ଏବଂ ବାୟୁରୁ ଖାଦ୍ୟ ସଂଗ୍ରହ କରି ଏପରି ପ୍ରକାଣ୍ଡ ଆକାର ଧାରଣ କରେ । ପ୍ରାଣି-ଜଗତରେ ମଧ୍ୟ ଏହି ନିୟମର କାର୍ଯ୍ୟ ସୁସ୍ପଷ୍ଟରୂପେ ଅମ୍ଭେମାନେ ପ୍ରତ୍ୟକ୍ଷ କରୁଁ । ଯାହା ପ୍ରଥମରେ ଅତି କ୍ଷୁଦ୍ର ଥାଏ, ତାହା ଏହି ବୃଦ୍ଧିର ନିୟମାନୁସାରେ ବୃହତ୍ ଆକାର ଧାରଣ କରେ । ମାନବ ସମାଜରେ ମଧ୍ୟ ଅମ୍ଭେମାନେ ଏହାରି କିଛି ଅବଲୋକନ କରୁଁ । ଅସଭ୍ୟାବସ୍ଥାରେ ମନୁଷ୍ୟମାନେ କେତେଗୁଡ଼ିଏ ପରିବାରବର୍ଗ ହୋଇ ଦେଶଦେଶ ଭ୍ରମଣ କରୁ କରୁ ଗୋଟିଏ ଉର୍ବର ସ୍ଥାନରେ ଯାଇ ଉପସ୍ଥିତ ହୁଅନ୍ତି । ଏହି ପରିବାରଗୁଡ଼ିକ ମଧ୍ୟରେ ଯେଉଁଟି ଅତି ସବଳ, ସେ ଅନ୍ୟାନ୍ୟ ଦୁର୍ବଳ ପରିବାରଗୁଡ଼ିକୁ ନିଜର ଅଧୀନସ୍ଥ କରେ । ଏହି ସମୟରେ ଏମାନଙ୍କ ମଧ୍ୟରେ ଗାର୍ହସ୍ଥ୍ୟ-ଶାସନପ୍ରଣାଳୀ ପ୍ରଚଳିତ ଥାଏ ଏବଂ ଗୃହକର୍ତ୍ତାର ଶାସନରେ ସମସ୍ତେ ପରିଚାଳିତ ହେଉଥାନ୍ତି ।

ଏହିପ୍ରକାର ପରିବାରବର୍ଗର ସମଷ୍ଟିଦ୍ୱାରା ଗୋଷ୍ଠୀର ଉତ୍ପତ୍ତି । ଯେଉଁ ଗୋଷ୍ଠୀପତି ସର୍ବାପେକ୍ଷା ବଳବାନ୍ ସେ ଏହି ସମ୍ମିଳିତ ଗୋଷ୍ଠୀର ନେତା ହୁଏ । ଏହିପରି ଅବସ୍ଥାରେ ଗୋଷ୍ଠୀଗୁଡ଼ିକ ପରସ୍ପର ଯୁଦ୍ଧରେ ନିରତ ଥାନ୍ତି । ଜେତା ଗୋଷ୍ଠୀ ପରାସ୍ତ ଗୋଷ୍ଠୀକୁ କୁକ୍ଷିଗତ କରେ । ଏହିପ୍ରକାର କେତେଗୁଡ଼ିଏ ଗୋଷ୍ଠୀର ସମଷ୍ଟିଦ୍ୱାରା ଗୋଟିଏ ଦଳ ଗଠିତ ହୁଏ ଏବଂ ଗୋଟିଏ ଦଳପତି ଅନ୍ୟ ଗୋଟିଏ ଦଳପତିକୁ ପରାଜିତ କଲେ ପରାଜିତ ଦଳପତି ଜେତାର ଅଧୀନତା ସ୍ୱୀକାର କରେ । କେତେଗୁଡ଼ିଏ ଦଳର ସମଷ୍ଟିରେ ରାଜ୍ୟ ସୃଷ୍ଟି ଏବଂ ଦଳପତିଗୁଡ଼ିକର ଅଧିନାୟକ ରାଜା ବୋଲି ଗଣ୍ୟ ହୁଅନ୍ତି ଏବଂ କେତେଗୁଡ଼ିଏ ରାଜାଙ୍କର ଅଧିନାୟକ ପ୍ରବଳ ପରାକ୍ରାନ୍ତ ସମ୍ରାଟ୍‌ରୂପରେ ପରିଗଣିତ ହୁଅନ୍ତି । ଏହିପ୍ରକାରେ ଭିନ୍ନ ଭିନ୍ନ ସମାଜ ବର୍ଦ୍ଧିତ ହୁଏ । ଏହି ସମଷ୍ଟି ଯେ କେବଳ ବାହ୍ୟ ସମ୍ମିଳନଦ୍ୱାରା ଅନୁଷ୍ଠିତ ହୁଏ, ତାହା ନୁହେ । ବାହ୍ୟ ସମ୍ମିଳନ ନିର୍ଜୀବ ପଦାର୍ଥର ନିୟମ । ସମାଜ ସଂଗଠନର ଅଭ୍ୟନ୍ତରୀଣ ନିୟମ ମଧ୍ୟ ଅଛି । ଏହି ନିୟମଟିକୁ ଦୁଇଭାଗରେ ବିଭକ୍ତ କରାଯାଇ ପାରେ, ୧ମ (Regulative) ନିୟନ୍ତ୍ରଣ ଓ ୨ୟ (Operative) କାର୍ଯ୍ୟକାରୀ । ଶାସନ, ଯୁଦ୍ଧ, ଧର୍ମ ପ୍ରଭୃତି ଯେଉଁ ଉପାୟ ସମାଜ ସଂଗଠନର ସହାୟତା କରେ, ତାହା ନିୟାମକ । ଏକ ସ୍ଥାନର ଅଧିବାସିଗଣ ଅନ୍ୟ ଜାତିର ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ପରସ୍ପରର ସୌହାର୍ଦ୍ଦ୍ୟ ବନ୍ଧନକୁ ସୁଦୃଢ଼ କରନ୍ତି । ପୁଣି ସମଧର୍ମ ମଧ୍ୟ ସାମାଜିକ ବନ୍ଧନକୁ ସୁଦୃଢ଼ କଲେ । ଗ୍ରୀକ ଜାତିର ପ୍ରାଥମିକ ଅଭ୍ୟୁତ୍ଥାନର ଇତିହାସ ପର୍ଯ୍ୟାଲୋଚନା କଲେ ଧର୍ମ ସମଷ୍ଟିକରଣର କେତେ ସହାୟ, ତାହା ନୟନରେ ଦୃଷ୍ଟି ଯାଉଁ । ଗ୍ରୀକ ଜାତି ପ୍ରଥମରେ ନାନାଜାତିରେ ବିଭକ୍ତ ଥିଲେ । ଯେଉଁ ଜାତିମାନେ ଏକ ଦେବତା ପୂଜା କରୁଥିଲେ ସେମାନେ ଉକ୍ତ ଦେବତାର ଅଧିଷ୍ଠାନରୂପେ [illegible]

Digitized by srujanika@gmail.com

ଶାସକଙ୍କ ଆକ୍ରମଣରୁ ରକ୍ଷା ହେବାପାଇଁ ସମ୍ମିଳିତ ହେଉଥିଲେ । ଏହି ଉପାୟରେ ସମ୍ମିଳନର ଯେଉଁ ସୂତ୍ରପାତ ହେଉଥିଲା, ତାହା ସମ୍ପୂର୍ଣ୍ଣ ଏକୀକରଣ ସମ୍ପାଦନ କରୁଥିଲା । ଏହିପ୍ରକାରେ ଧୀରଭାବରେ ସୃଷ୍ଟି ହେଲା । ବାଣିଜ୍ୟ ପ୍ରଭୃତି କାର୍ଯ୍ୟକାରୀ ଉପାୟରେ ମଧ୍ୟ ସମାଜ ସଙ୍ଗଠିତ ହୁଏ । ଯେପରି କି ମଞ୍ଚେଷ୍ଟର Manchester ତାହାର ଚତୁର୍ଦ୍ଦିଗସ୍ଥ ଗ୍ରାମଗୁଡ଼ିକ ସହିତରେ ସମବ୍ୟବସାୟ-ସୂତ୍ରରେ ଏକୀଭୂତ ହୋଇ ଯାଉଅଛି । ଯଦି କୌଣସି ଭିନ୍ନ ସ୍ଥାନ ଗୋଟିଏ ପଣ୍ୟଦ୍ରବ୍ୟ ଉତ୍ପାଦନ କରେ, ତାହାହେଲେ ଉକ୍ତ ସ୍ଥାନଗୁଡ଼ିକର ସମ୍ବନ୍ଧ ସୁଦୃଢ଼ ହୁଏ । କିମ୍ବା ଯେଉଁ ସ୍ଥାନରେ ଉକ୍ତ ଦ୍ରବ୍ୟର ଆମଦାନି ସର୍ବାପେକ୍ଷା ଅଧିକ ହୁଏ, ସେହି ସ୍ଥାନରେ ଅନ୍ୟାନ୍ୟ ସ୍ଥାନର ବଣିକମାନେ ଯାଇ ଠୁଳ ହୁଅନ୍ତି, ଏହିପ୍ରକାରେ ସେହି ସ୍ଥାନଟି ଅତ୍ୟନ୍ତ ଖ୍ୟାତି ଓ ଶ୍ରୀ ଲାଭ କରେ ଏବଂ ଅନ୍ୟାନ୍ୟ ସ୍ଥାନଗୁଡ଼ିକରୁ ଉକ୍ତ ଦ୍ରବ୍ୟର ବ୍ୟବସାୟ ଲୋପ ସଙ୍ଗେ ସଙ୍ଗେ ସେହି ସ୍ଥାନଗୁଡ଼ିକ ମଧ୍ୟ ଖ୍ୟାତିଶୂନ୍ୟ ହୁଏ । ଯେପରି କି ଇଂଲଣ୍ଡର ପଶ୍ଚିମ ବିଭାଗର ବସ୍ତ୍ରବ୍ୟବସାୟର କେନ୍ଦ୍ର Yorkshire ର ଉନ୍ନତି । ଏହି ପ୍ରକାରରେ ସମାଜ କ୍ରମେ କ୍ରମେ ବୃଦ୍ଧି ପ୍ରାପ୍ତ ହୁଏ ଏବଂ ସମଷ୍ଟିବଦ୍ଧ ହୁଏ ।

(୨) ଜୀବଜଗତର ଅନ୍ୟ ଗୋଟିଏ ନିୟମ differentiation ବା ବୈଷମ୍ୟ । ଜୀବଜଗତରେ ନିକୃଷ୍ଟ ଶ୍ରେଣୀରେ ଆମ୍ଭେମାନେ ଦେଖୁଁ ଯେ ଉକ୍ତ ଶ୍ରେଣୀର ଜୀବର ସମଗ୍ର ଅବୟବଟି ଭିନ୍ନ ଅଙ୍ଗର କାର୍ଯ୍ୟ କରେ । ତାହାର ସମଗ୍ର ଦେହଟି ଗୋଟିଏ ପାକସ୍ଥଳୀ, ସମଗ୍ର ଦେହଟି ଫୁସ୍ ଫୁସ୍, ସମଗ୍ର ଦେହଟି ଭିନ୍ନ ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟ କରେ; କିନ୍ତୁ ଉକ୍ତ ଜୀବର ଦେହଟି ଯେପରି କ୍ରମେ ବିକଶିତ ହୁଏ, ତାହାର ଏକ ସ୍ଥାନରୁ ସ୍ଥାନାନ୍ତରକୁ ଗମନୋପଯୋଗୀ ଗୋଟିଏ ବିଶେଷ ଅଙ୍ଗର ସୃଷ୍ଟି ହୁଏ । ଏହିପରି ଭିନ୍ନ କାର୍ଯ୍ୟବିଶିଷ୍ଟ ଅଙ୍ଗଗୁଡ଼ିକ ସୃଷ୍ଟ ହେଲେ ସମସ୍ତ ଅଙ୍ଗଗୁଡ଼ିକ ନିଜର ପରିପୋଷଣ ଶକ୍ତି ହରାନ୍ତି ଏବଂ ସେଥି ନିମିତ୍ତ ଅନ୍ୟ ଅଙ୍ଗ ଉପରେ ନିର୍ଭର କରନ୍ତି । ଯେପରି କି ହସ୍ତପଦାଦିକର ପରିପୋଷଣ ନିମନ୍ତେ ପାକସ୍ଥଳୀ ଉପରେ ନିର୍ଭର କରନ୍ତି, ପାକସ୍ଥଳୀ ମଧ୍ୟ ଖାଦ୍ୟ ଲାଭ କରିବାପାଇଁ ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ଉପରେ ନିର୍ଭର କରେ । ଏହିରୂପେ ଯାହା ପ୍ରଥମରୁ ଏକ ଓ ଅଭିନ୍ନ ଥାଏ, ତାହା ବହୁ ଏବଂ ବିଭିନ୍ନ ହୋଇ ପଡ଼େ । ବିଭିନ୍ନ ହୋଇ ପଡ଼େ, କିନ୍ତୁ ସେମାନଙ୍କର ପରସ୍ପର ସମ୍ବନ୍ଧ ଶିଥିଳ ନ ହୋଇ ବରଂ ଅଧିକ ଘନିଷ୍ଠତର ହୁଏ । ମାନବ ସମାଜ ମଧ୍ୟରେ ଏହି ବ୍ୟଷ୍ଟିର ଭାବ ଅତି ପରିସ୍ଫୁଟରୂପେ ରହିଅଛି । ଆମ୍ଭେମାନେ ଅସଭ୍ୟ ଜାତିମାନଙ୍କ ମଧ୍ୟରେ ଦେଖୁଁ, ସମାଜ ସମାନକାର୍ଯ୍ୟବିଶିଷ୍ଟ ବ୍ୟକ୍ତିମାନଙ୍କ ସମଷ୍ଟି । ସେମାନଙ୍କ ମଧ୍ୟରେ କାର୍ଯ୍ୟର କୌଣସି ପାର୍ଥକ୍ୟ ଥାଏ ନାହିଁ । ପାର୍ଥକ୍ୟ କେବଳ ସ୍ତ୍ରୀ ପୁରୁଷ ମଧ୍ୟରେ ଥାଏ, ଅନ୍ୟ ପାର୍ଥକ୍ୟ ଆଦୌ ଥାଏ ନାହିଁ । ଏପରି ଅବସ୍ଥାରେ ପ୍ରତ୍ୟେକ ପୁରୁଷ ଯୋଦ୍ଧା, ଶିକାରୀ, ଅସ୍ତ୍ରନିର୍ମାତା, ଗୃହନିର୍ମାତା । ପ୍ରତ୍ୟେକ ପରିବାର ଆତ୍ମରକ୍ଷା ଓ ଅନ୍ୟକୁ ଆକ୍ରମଣ କ୍ଷମତା ରଖି ସ୍ୱ ଯଥେଷ୍ଟରେ ଅନ୍ୟ କାହାରି ଉପରେ ନିର୍ଭର କରନ୍ତି ନାହିଁ । କ୍ରମେ ସମାଜ ଉନ୍ନତ ହେଲେ ଶାସକ ଓ ଶାସିତର ପ୍ରଭେଦ ଦୃଷ୍ଟ ହୁଏ । ଅତି ପ୍ରାଚୀନ କାଳରୁ ଅସଭ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଅଧିକ ବଳଶାଳୀ ବ୍ୟକ୍ତିର କ୍ଷମତା ସ୍ୱୀକୃତ ହୁଏ । ପ୍ରଥମରେ ଶାସକର କ୍ଷମତା କେବଳ ପରାମର୍ଶରେ ଅଦୃଶ୍ୟ ଭାବରେ ଥାଏ । ଅସଭ୍ୟ ଜାତିମାନେ ରାଜାକୁ ଦେବତା ବୋଲି ଜ୍ଞାନ କରନ୍ତି । ସେ ସମୟରେ ରାଜା ପୌରୋହିତ୍ୟ ଓ ରାଜତ୍ୱ ଉଭୟ କାର୍ଯ୍ୟ କରନ୍ତି, କିନ୍ତୁ ସମୟକ୍ରମେ ଏହି କାର୍ଯ୍ୟ ଦୁଇଟି ଭିନ୍ନ ହୋଇ ପଡ଼େ । ରାଜନୀତି ଓ ଧର୍ମନୀତି

Digitized by srujanika@gmail.com

ସମ୍ପ୍ରଦାୟରେ ବିଭକ୍ତ ହୋଇଯାଏ। ତତ୍ପରେ ରାଜନୈତିକ ଦଳ ଭିନ୍ନ ଭିନ୍ନ ଉପବିଭାଗରେ ବିଭକ୍ତ ହୁଏ। ଶାସନ କାର୍ଯ୍ୟ ପ୍ରଥମରେ କେବଳ ରାଜା ପରିଚାଳନ କରୁଥାନ୍ତି; କିନ୍ତୁ କ୍ରମେ ରାଜା, ମନ୍ତ୍ରୀ, Lords, Commons, ଶାସନ ବିଭାଗ, ବିଚାର ବିଭାଗ, ମ୍ୟୁନିସିପାଲିଟି ପ୍ରଭୃତି ଶତ ଶତ ବିଭାଗର ସୃଷ୍ଟି ହୁଏ। ଧର୍ମଗତ ecclesiastical ରାଜ୍ୟରେ ମଧ୍ୟ ଏହିପରି ନାନା ବିଭାଗ ଉତ୍ପନ୍ନ ହୁଏ। ପୋପଠାରୁ archbishopଠାରୁ ଆରମ୍ଭ କରି sexton ପର୍ଯ୍ୟନ୍ତ ନାନା ଶ୍ରେଣୀର ସୃଷ୍ଟି ହୁଏ। ଯନ୍ତ୍ରର ଓ ଶିଳ୍ପରେ ମଧ୍ୟ ଏପରି ବିଭିନ୍ନତାର ସୃଷ୍ଟି ହୁଏ। ଶାସକସମ୍ପ୍ରଦାୟରେ ଏହି ବ୍ୟଷ୍ଟିର କାର୍ଯ୍ୟ ଆମ୍ଭେମାନେ ଦେଖିଲୁଁ। ଏହି ଭାବ ଶାସିତ ସମ୍ପ୍ରଦାୟରେ ମଧ୍ୟ କ୍ରମେ କ୍ରମେ ଅଭିବ୍ୟକ୍ତ ହୁଏ। ଅସଭ୍ୟାବସ୍ଥାରେ ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟେକ କାର୍ଯ୍ୟ ନିଜେ ନିଜେ କରନ୍ତି। ନିଜର ଅଭାବ ନିମିତ୍ତ ଅନ୍ୟ କାହାରି ଉପରେ ନିର୍ଭର କରନ୍ତି ନାହିଁ। ମନୁଷ୍ୟସମାଜ ଅସଭ୍ୟାବସ୍ଥାରୁ ସଭ୍ୟତା ଆଡ଼କୁ ଯେତିକି ଯାଏ, ଯେଉଁ କାର୍ଯ୍ୟ ଜଣକଦ୍ୱାରା ଅନୁଷ୍ଠିତ ହେଉଥାଏ ତାହା ବିଭିନ୍ନ ବ୍ୟକ୍ତି ଦ୍ୱାରା ଅନୁଷ୍ଠିତ ହୁଏ। ଏହାକୁ ଅର୍ଥନୀତି ଶାସ୍ତ୍ରରେ division of lobour ଅର୍ଥାତ୍ ଶ୍ରମବିଭାଗ କହନ୍ତି। ଏହି ଶ୍ରମବିଭାଗର ପ୍ରଭାବରେ ମାନବ ସମାଜ ସଭ୍ୟତା ଆଡ଼କୁ ଦ୍ରୁତ ବେଗରେ ଧାବିତ ହେଉଅଛି। ଏହି ଶ୍ରମବିଭାଗ ପ୍ରଥମରେ labourer ଶ୍ରମଜୀବିମାନଙ୍କ ମଧ୍ୟରେ ପରିଦୃଷ୍ଟ ହୁଏ। ସମାଜର ଅନ୍ୟାନ୍ୟ ବ୍ୟକ୍ତି ମାନେ ଏହାକୁ ଅନେକ ଦିନ ଉତ୍ତାରେ ଆପଣା ମଧ୍ୟରେ ପ୍ରବର୍ତ୍ତିତ କରନ୍ତି। ଏହି ପ୍ରକାରରେ ପ୍ରଥମରେ ପ୍ରତ୍ୟେକ ପ୍ରଦେଶ ଆପଣାର ସବୁ ଅଭାବ ଆପେ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରେ। ନିଜର ଅଭାବ ପୂର୍ଣ୍ଣ କରିବାପାଇଁ ଅନ୍ୟାନ୍ୟ ପ୍ରଦେଶ ଉପରେ ନିର୍ଭର କରେ ନାହିଁ। କିନ୍ତୁ ପଥ ଘାଟ ନିର୍ମାଣ ଦ୍ୱାରା ଭିନ୍ନ ଭିନ୍ନ ପ୍ରଦେଶର ଆଦାନ ପ୍ରଦାନରେ ବିଶେଷ ସୁବିଧା ହେବାରୁ ଭିନ୍ନ ଭିନ୍ନ ପ୍ରଦେଶ ଭିନ୍ନ ଭିନ୍ନ ବସ୍ତୁ ଉତ୍ପାଦନ କରନ୍ତି ଏବଂ ନିଜ ନିଜ ଅଭାବ ପୂରଣ ନିମନ୍ତେ ବିଭିନ୍ନ ପ୍ରଦେଶ-ଗୁଡ଼ିକ ପରସ୍ପର ଉପରେ ନିର୍ଭର କରନ୍ତି। ତୁଳା ଗୋଟିଏ ପ୍ରଦେଶରେ ଉତ୍ପନ୍ନ ହୁଏ, ସୂତା ଅନ୍ୟ ଗୋଟିଏ ପ୍ରଦେଶରେ ଉତ୍ପନ୍ନ ହୁଏ ଏବଂ ଲୁଗା ଭିନ୍ନ ଗୋଟିଏ ପ୍ରଦେଶରେ ଉତ୍ପନ୍ନ ହୁଏ। ଏହି ପ୍ରକାରେ ପରସ୍ପର ମଧ୍ୟରେ ଆଦାନ ପ୍ରଦାନର ସୃଷ୍ଟି ହୁଏ। ଭିନ୍ନ ଭିନ୍ନ ଦେଶ ଭିନ୍ନ ଭିନ୍ନ ପଦାର୍ଥ ଉତ୍ପାଦନ କରନ୍ତି ଏବଂ ନିଜର ଅଭାବ ପୂରଣ ନିମନ୍ତେ ଅନ୍ୟାନ୍ୟ ଦେଶ ଉପରେ ନିର୍ଭର କରନ୍ତି। ଯେଉଁ ଅବାଧ ବାଣିଜ୍ୟ ବର୍ତ୍ତମାନ ସଭ୍ୟ ଜଗତର ମୁଖୋଜ୍ଜ୍ୱଳ କରିଅଛି, ତାହାଦ୍ୱାରା ବୋଧ ହୁଏ ଶେଷରେ ପ୍ରତ୍ୟେକ ଜାତି ଗୋଟିଏ ଗୋଟିଏ ବିଶେଷ ଦ୍ରବ୍ୟ ଉତ୍ପାଦନ କରିବ ଏବଂ ସେହି ଦ୍ରବ୍ୟ ଲାଭ କରିବାପାଇଁ ଅନ୍ୟାନ୍ୟ ଜାତି ତାହା ଉପରେ ନିର୍ଭର କରିବେ। ଏହିପରି ଦେଖା ଯାଉଅଛି ଯେ ଗୋଟିଏ ଅସଭ୍ୟ ଜାତି, ଯାହା କି ପ୍ରଥମରେ homogenous ଅବସ୍ଥାରେ ଥାଏ, ତାହା କ୍ରମଶଃ ବିଭିନ୍ନ ଭାଗରେ ବିଭକ୍ତ ହୋଇ ପଡ଼େ ଏବଂ ସର୍ବଶେଷରେ ଗୋଟିଏ ଜାତି କି ପ୍ରକାରେ ପୃଥିବୀର ଅନ୍ୟାନ୍ୟ ଜାତିମାନଙ୍କଠାରୁ ବିଭିନ୍ନ ହୋଇ ପଡ଼େ। କିନ୍ତୁ ଏହି ବିଭିନ୍ନତା ମଧ୍ୟରେ ଗୋଟିଏ ଐକ୍ୟବନ୍ଧନର ସୃଷ୍ଟି ହୁଏ, ଯେଉଁ ଐକ୍ୟବନ୍ଧନର ପ୍ରଭାବରେ ପ୍ରତ୍ୟେକେ ପ୍ରତ୍ୟେକଙ୍କ ଉପରେ ନିର୍ଭର କରନ୍ତି। ମାନବସମାଜକୁ [illegible] ପ୍ରଧାନ ଜାତିରେ ବିଭକ୍ତ କରାଯାଇ ପାରେ। କିନ୍ତୁ ପୃଥିବୀ ବକ୍ଷରେ କେତେ ଅସଂଖ୍ୟ ଜାତି ବାସ କରୁଅଛନ୍ତି। ବ୍ୟଷ୍ଟିର ଭାବ ଏହି ପ୍ରକାରରେ ମାନବ ସମାଜରେ ନିରନ୍ତର କାର୍ଯ୍ୟ କରୁଅଛି।

ଶରୀରୀ ଜୀବର ଅଂଶ ଗୁଡ଼ିକ ନିର୍ଜୀବ। ସଜୀବ ପଦାର୍ଥର ଅଂଶଗୁଡ଼ିକ ସଜୀବ ନୁହେଁ। ମାନବ ସମାଜ ଯଦି ଶରୀରୀ ଜୀବ (Organic unit) ହୋଇ ଥାନ୍ତା, ତାହାହେଲେ ମାନବ ସମାଜର ଅଂଶଗୁଡ଼ି

Digitized by srujanika@gmail.com

ନିର୍ଦ୍ଦିଷ୍ଟ ହୋଇଥାନ୍ତି । କିନ୍ତୁ ମାନବ ସମାଜର ଅଂଶଗୁଡ଼ିକ ସଜୀବ । ଅତଏବ ମାନବ ସମାଜ ଗୋଟିଏ ସଜୀବ ଶରୀରୀ ପଦାର୍ଥ ନୁହେଁ ବୋଲି କେହି କେହି କହିପାରନ୍ତି । କିନ୍ତୁ ପ୍ରକୃତରେ ତାହା ନୁହେଁ । ସଜୀବ ପଦାର୍ଥର ସମଷ୍ଟିରେ ମଧ୍ୟ ସଜୀବ ପଦାର୍ଥର ଉତ୍ପତ୍ତି ହୁଏ । Sponge ର ପ୍ରତ୍ୟେକ କୋଷ ଗୋଟିଏ ଗୋଟିଏ ଜୀବ ଅଟେ । ଆମ୍ଭମାନଙ୍କ ରକ୍ତବିନ୍ଦୁ କେତେଗୁଡ଼ିଏ corpuscleର ସମଷ୍ଟି ଏବଂ ପ୍ରତ୍ୟେକ corpuscle ସଜୀବ ଅଟେ । କେତେଗୁଡ଼ିଏ ସଜୀବପଦାର୍ଥର ସମଷ୍ଟିରେ ଯେ ଗୋଟିଏ ସଜୀବ ପଦାର୍ଥ ଉତ୍ପନ୍ନ ହୁଏ, ଏହାର ଦୃଷ୍ଟାନ୍ତ ଆମ୍ଭେମାନେ ଦେଖାଇଲୁଁ । ଏହି ସବୁ କାରଣରୁ Spencer ପ୍ରଭୃତିଙ୍କ ମତରେ ସମାଜ ସଜୀବ ଶରୀରୀ ଅଟେ । ଏବଂ ପ୍ରତ୍ୟେକ ମାନବ ଏହି ସମାଜର ଅଙ୍ଗପ୍ରତ୍ୟଙ୍ଗ ଅଟନ୍ତି ।

"ଏହି ସବୁ କାରଣରୁ Spencer ପ୍ରଭୃତି ପଣ୍ଡିତମାନେ ସ୍ଥିର କରିଅଛନ୍ତି ଯେ ସମାଜ ଶରୀରୀ ଜୀବ ଅଟେ ଏବଂ ପ୍ରତ୍ୟେକ ବ୍ୟକ୍ତି ତାହାର ବିଶେଷ ବିଶେଷ ବୋଧସମ୍ପନ୍ନ ଅଙ୍ଗ ଅଟନ୍ତି । ଯେପରି ଶରୀର ଛଡ଼ା ହସ୍ତ ପଦ ପାକସ୍ଥଳୀର ଅସ୍ତିତ୍ୱ ଅସମ୍ଭବ, ସେହିପରି ସମାଜ ଛଡ଼ା ବ୍ୟକ୍ତିର ଅସ୍ତିତ୍ୱ ଅସମ୍ଭବ । ସମାଜ ବ୍ୟକ୍ତିର ସମଷ୍ଟି ଅଟେ, କିନ୍ତୁ ଏହା ସେମାନଙ୍କର ବାହ୍ୟ ସମଷ୍ଟି ନୁହେଁ । ବ୍ୟକ୍ତିର ବ୍ୟକ୍ତିତ୍ୱ ସମାଜରେ ଜାତ ହୁଏ । ଗୋଟିଏ ଅଙ୍ଗକୁ ଶରୀରରୁ ବିଚ୍ଛିନ୍ନ କଲେ ତାହାର ଅସ୍ତିତ୍ୱ ବିଲୁପ୍ତ ହୁଏ ଏବଂ ସାମାଜିକ ବିଧି ମନୁଷ୍ୟର ବ୍ୟକ୍ତିତ୍ୱକୁ ଖର୍ବ କରେ ନାହିଁ । ବସ୍ତୁତଃ ସମାଜ ମନୁଷ୍ୟର ନୈତିକ ଜୀବନର ବାହ୍ୟ ପ୍ରକାଶ । ସମାଜ ମାନବାତିରିକ୍ତ କୌଣସି ବାହ୍ୟ ପଦାର୍ଥ ନୁହେଁ, ଯାହା ନିକଟରେ ମନୁଷ୍ୟ ନିଃସ୍ୱ । ଏହା ପ୍ରକୃତ ମନୁଷ୍ୟତ୍ୱ ବିକାଶର ଉପଯୋଗୀ କ୍ଷେତ୍ର । ସମାଜ ଆମ୍ଭମାନଙ୍କର ସ୍ୱାଧୀନତା ଖର୍ବ ନ କରି ବରଂ ଏହାର ବିକାଶର ସହାୟତା କରେ । ଯେତେବେଳେ ଜଣେ ବ୍ୟକ୍ତି ଜାତିଗତ ସ୍ୱାଧୀନଭାବରେ ନିଜକୁ ସମାଜଠାରୁ ଅଲଗା ଦେଖେ ଏବଂ ସମାଜର ବିଧିକୁ ନିଜର ନୈତିକ ଜୀବନର ବାହ୍ୟ ପ୍ରକାଶ ବୋଲି ମନେ କରେ, ସେତେବେଳେ ସେ ଆଉ ସମାଜର ଦାସ ନୁହେଁ । ବ୍ୟକ୍ତିଗତ ସ୍ୱାଧୀନତା ଏବଂ ସମାଜର ଅଧୀନତା ଯେତେ ସ୍ୱବିରୋଧୀ ବିଷୟ ନୁହେଁ । କେହି କେହି ମନେ କରନ୍ତି ଯେ ସମାଜ ମନୁଷ୍ୟର ସ୍ୱାଧୀନଭାବରେ ହସ୍ତକ୍ଷେପ କରେ ଏବଂ ମନୁଷ୍ୟ କେବଳ ସମାଜରୁ ବିଚ୍ଛିନ୍ନ ହୋଇ ଯଦି ଏକାକୀ ଜୀବନଯାପନ କରେ, ତାହାହେଲେ ପ୍ରକୃତ ଭାବରେ ନିଜର ସ୍ୱାଧୀନତାର ସଦ୍ବ୍ୟବହାର କରି ପାରିବ । କିନ୍ତୁ ଚିନ୍ତା କଲେ ଆମ୍ଭେମାନେ ସହଜରେ ଜାଣି ପାରିବୁଁ ଯେ ଯେତେବେଳେ ସମାଜବନ୍ଧନ ସୃଷ୍ଟ ହୋଇ ନ ଥିଲା, ସେତେବେଳେ ସ୍ୱାଧୀନତାର କୌଣସି ଅର୍ଥ ମଧ୍ୟ ନ ଥିଲା । ସେତେବେଳେ ଯେ ବଳବାନ୍, ସେ ଦୁର୍ବଳକୁ ନିଜର ଅଧୀନସ୍ଥ କରୁଥିଲା ଏବଂ ତାହାର କୌଣସି ଅଧିକାର ସେ ସମୟରେ ନ ଥିଲା । କୌଣସି ବ୍ୟକ୍ତି ନିଜର ଅଧିକାରର ଦାବି କରି ପାରେ ନାହିଁ, ଯଦି ଅନ୍ୟ ବ୍ୟକ୍ତିମାନେ ତାହା ଗ୍ରାହ୍ୟ ନ କରନ୍ତି । ପ୍ରତ୍ୟେକ ମନୁଷ୍ୟର ପ୍ରାଣରେ ସାଧାରଣଙ୍କର ହିତକାମନା ଜାଗ୍ରତ ଅଛି ବୋଲି ପ୍ରତ୍ୟେକେ ପ୍ରତ୍ୟେକଙ୍କ ଅଧିକାରର ଗୋଟିଏ ସୀମା ନିର୍ଦ୍ଦେଶ କରି ଅଛନ୍ତି । ସମାଜ ଏହି ସୀମା ନିର୍ଦ୍ଦେଶ କରିଅଛି ବୋଲି ଆମ୍ଭେମାନେ ସ୍ୱାଧୀନ—ଆମ୍ଭେମାନେ ନିଜର ଅଧିକାର ଦାବି କରିବାକୁ କ୍ଷମ । ସମାଜ ଅଛି ବୋଲି ବ୍ୟକ୍ତିଗତ ସ୍ୱାଧୀନତା ଅଛି । ଏହି ସ୍ୱାଧୀନ ଅଧିକାର ବିଷୟ ଭାବିଲେ ଆମ୍ଭେମାନେ ଦୁଇଟି ବିଷୟ ଦେଖୁଁ । ପ୍ରଥମ—ମନୁଷ୍ୟର ନିଜ ଅଧିକାର ଦାବି କରିବାର କ୍ଷମତା; ଦ୍ୱିତୀୟତଃ—ସମାଜର ସେହି ଦାବି ସ୍ୱୀକାର କରିବାର ଇଚ୍ଛା । ସମାଜ ବ୍ୟକ୍ତିର ଦାବି ଗ୍ରାହ୍ୟ ନ କଲେ ଏବଂ ବ୍ୟକ୍ତିର ବିଶ୍ୱାସ ସମାଜ ଉପରେ ନ ଥିଲେ ସ୍ୱାଧୀନ ଅଧିକାର ସମ୍ଭବ ହୁଅନ୍ତା

Digitized by srujanika@gmail.com

ନାହିଁ । ଆମ୍ଭେମାନେ ଯେତେବେଳେ ସାମାଜିକ ନିୟମ (ଯାହାକି ବୈଚିତ୍ର୍ୟତଃ ବ୍ୟକ୍ତିଙ୍କୁ ସମଷ୍ଟି-ଭୁକ୍ତ କରି ରଖିଅଛି) ଲଙ୍ଘନ କରୁଁ, ସେତେବେଳେ ଅନ୍ୟର ଅଧିକାର ଉପରେ ହସ୍ତକ୍ଷେପ କରୁଁ । ସମାଜର ନିୟମ ପାଳନ କଲେ କେହି ଅନ୍ୟର ସ୍ୱାଧୀନତା ଉପରେ ହସ୍ତକ୍ଷେପ କରନ୍ତି ନାହିଁ । ଆମ୍ଭମାନଙ୍କର ସାମାଜିକ ଅଧୀନତା ଓ ବ୍ୟକ୍ତିଗତ ସ୍ୱାଧୀନତା ମଧ୍ୟରେ ବିରୋଧ ଦେଖିବାର କାରଣ ଅଛି, ଆମ୍ଭେମାନେ ମନେ କରୁଁ ସାମାଜିକ ନିୟମ ଏବଂ ମାନବର ଅନ୍ତର୍ନିହିତ ଶକ୍ତି ମଧ୍ୟରେ ବିରୋଧ ଅଛି । କିନ୍ତୁ ସାମାଜିକ ନିୟମ ମାନିବା ନିଜର ସ୍ୱାଧୀନତାର ବିକାଶ ନିମିତ୍ତ ସୃଷ୍ଟି କରେ । ଏହି ହେତୁରୁ ମାନବର ନୈତିକ ଉନ୍ନତି ସଙ୍ଗେ ସଙ୍ଗେ ମାନବ ସମାଜ ପୂର୍ଣ୍ଣତା ଆଡ଼କୁ ଅଗ୍ରସର ହୁଏ । ଯଦି ନୈତିକ ନିୟମପାଳନଦ୍ୱାରା ମନୁଷ୍ୟର ବ୍ୟକ୍ତିଗତ ସ୍ୱାଧୀନତା ବିଲୁପ୍ତ ନ ହୁଏ, ତାହା ହେଲେ ସାମାଜିକ ନିୟମ ପାଳନ କଲେ ମଧ୍ୟ ତାହା ବିଲୁପ୍ତ ହେବ ନାହିଁ । ମନୁଷ୍ୟର ନୀତିସମ୍ବନ୍ଧୀୟ କର୍ତ୍ତବ୍ୟ ସାମାଜିକ ଅଟେ । ସେ ଯଦି ସମାଜରେ ନ ଥାନ୍ତା ତାହାହେଲେ ଅନ୍ୟକୁ ନିଜ ପରି ଭାବରେ ବ୍ୟବହାର କରିବାକୁ ହେବ, ଅନ୍ୟର ଦ୍ରବ୍ୟକୁ ନିଜ ଭାବରେ ଦେଖିବାକୁ ହେବ, ତାହା ସେ ଜାଣି ପାରନ୍ତା ନାହିଁ । ଏକ କଥାରେ କହିବାକୁ ହେଲେ ମନୁଷ୍ୟ ସମାଜରେ ଅଛି ବୋଲି ନୈତିକ ଜୀବନ ତାହା ପକ୍ଷରେ ସମ୍ଭବପର ଅଟେ । ମନୁଷ୍ୟ ସମାଜର ନିୟମ ପାଳନ କରେ, କାରଣ ସେ ନିୟମ ତାହାର ଅନ୍ତରର ନିୟମ ସଙ୍ଗରେ ମିଳେ; ନଚେତ୍ ସେ ତାହା ପାଳନ କରନ୍ତା ନାହିଁ । ଆମ୍ଭମାନଙ୍କର ନୀତିସମ୍ବନ୍ଧୀୟ ଜ୍ଞାନ ସମାଜରେ ଉତ୍ପନ୍ନ ହୁଏ । ଯଦି ପ୍ରତ୍ୟେକେ ନିଜର ନୈତିକ ଜୀବନକୁ କେବଳ ନିଜ ଉପରେ ପ୍ରତିଷ୍ଠିତ କରନ୍ତି ଏବଂ ନୀତିସମ୍ବନ୍ଧୀୟ ଜ୍ଞାନ ଯଦି ପରସ୍ପରଙ୍କର ଭିନ୍ନ ହୁଏ, ତାହାହେଲେ ଏହି ଭିନ୍ନ ମତର ସାମଞ୍ଜସ୍ୟ କିଏ ସମ୍ପାଦନ କରିବ ? ମୋର ବିବେକ ଗୋଟିଏ କଥା କହୁଅଛି, ଅନ୍ୟ ଜଣକର ବିବେକ ଅନ୍ୟ ଗୋଟିଏ କଥା କହୁଅଛି, ତାହାହେଲେ କାହାର ବିବେକ ଠିକ ? ଯଦି ପ୍ରତ୍ୟେକେ ନିଜର ଆଲୋକକୁ ଅନୁସରଣ କରନ୍ତି, ତାହାହେଲେ ସମାଜରକ୍ଷା ଅସମ୍ଭବ ହୋଇ ପଡ଼ିବ । ସମାଜ ଏକା ଏହି ବିରୋଧ ଭଞ୍ଜନ କରିବାକୁ କ୍ଷମ । ସମାଜ ଯଦି ନ ଥାନ୍ତା ତାହାହେଲେ କେବଳ ନିଜ ମଧ୍ୟରୁ ନୈତିକ ନିୟମଗୁଡ଼ିକର କିପରି ସମ୍ଭବ ହୁଅନ୍ତା ? ବିଂଶ ଶତାବ୍ଦୀରେ ଏପରି ସାହସ କାହାର ନାହିଁ ଯେ ସେ କହିବ ମନୁଷ୍ୟ କେତେଗୁଡ଼ିଏ ନୈତିକ ଜ୍ଞାନ ଘେନି ଜନ୍ମ ହୁଏ ! ଏହି ଉତ୍ପତ୍ତି କେବଳ ସମାଜରେ ସମ୍ଭବ ହୋଇପାରେ ।

ମନୁଷ୍ୟ ଯେ ସାମାଜିକ ଜୀବ, ତାହା ଅନ୍ୟ ଗୋଟିଏ ଉପାୟରେ ମଧ୍ୟ ଉପଲବ୍ଧ ହେବ । ପ୍ରତ୍ୟେକ ମନୁଷ୍ୟ ଯଦି ନିଜେ ନିଜ ନିମିତ୍ତ ଏହି ସଂସାରକୁ ଆସିଥାନ୍ତି, ତାହାହେଲେ ସମାଜରେ ପ୍ରବେଶଦ୍ୱାରା ସେମାନେ କି ସେମାନଙ୍କ ଲକ୍ଷ୍ୟରୁ ଭ୍ରଷ୍ଟ ହୁଅନ୍ତି ନାହିଁ ? ସମାଜରେ ପ୍ରବେଶଦ୍ୱାରା ମନୁଷ୍ୟ କେବଳ ନିଜର ଆତ୍ମୋନ୍ନତି କରେ ତାହା ନୁହେଁ, କିନ୍ତୁ ଅନ୍ୟର ଆତ୍ମବିକାଶର ସହାୟତା କରେ ।

ନୀତିସମ୍ବନ୍ଧୀୟ ଜ୍ଞାନ ଯେପରି କେବଳ ବ୍ୟକ୍ତିର ଭିତରୁ ଆସେ ନାହିଁ, ସେହିପରି ଏହା କେବଳ ସମାଜର ବାହ୍ୟ ଅବସ୍ଥାରୁ ଉତ୍ପନ୍ନ ହୁଏ ନାହିଁ । ଯଦି କହ ମନୁଷ୍ୟର ନୀତିସମ୍ବନ୍ଧୀୟ ଜ୍ଞାନ କେବଳ ବାହ୍ୟ ଅବସ୍ଥାରୁ ଉତ୍ପନ୍ନ, ତାହାହେଲେ ସେ ଅବସ୍ଥାର ଦାସ, ତାହାର ସ୍ୱାଧୀନତାର ସ୍ଥାନ ନାହିଁ । ଆମ୍ଭେମାନେ ପୂର୍ବେ କହିଅଛୁଁ, ସାମାଜିକ ନିୟମ ମାନବର ଅନ୍ତର୍ଜଗତର ନିୟମର ବାହ୍ୟ ପ୍ରକାଶ । ଅତଏବ କେବଳ ବାହ୍ୟ ଅବସ୍ଥାଦ୍ୱାରା ଆମ୍ଭମାନଙ୍କର ନୀତିସମ୍ବନ୍ଧୀୟ ଜ୍ଞାନ ଉତ୍ପନ୍ନ ହୁଏ ନାହିଁ । ସମାଜର ନିୟମ ଓ ମାନବର ଅନ୍ତର୍ଜଗତର

Digitized by srujanika@gmail.com

ନିୟମ ଏକ ବୋଲି ତାହାର ନୈତିକଜୀବନ ସମ୍ଭବପର ଅଟେ । ସ୍ଥୂଳତଃ କହିବାକୁ ଗଲେ ମନୁଷ୍ୟ ତାହାର ମନୁଷ୍ୟତ୍ୱ ସମାଜରୁ ଲାଭ କରେ।

ପ୍ରତ୍ୟେକ ମନୁଷ୍ୟ କେବଳ ସୀମାବଦ୍ଧ ଜୀବ ନୁହେ । ସବୁ ସୀମାକୁ ଅତିକ୍ରମ କରିବାର ଶକ୍ତି ମଧ୍ୟ ତାହାର ଅଛି । ସସୀମତା ଓ ଅସୀମତା ପ୍ରତ୍ୟେକ ମାନବ ମଧ୍ୟରେ ଅତ୍ୟାଶ୍ଚର୍ଯ୍ୟରୂପେ ଜଡ଼ିତ ରହିଅଛି । ଅସୀମତା ମନୁଷ୍ୟର ପ୍ରକୃତ ଲକ୍ଷ୍ୟ । କ୍ଷୁଦ୍ର ଓ ସୀମାବଦ୍ଧ ବସ୍ତୁରେ ସେ ଆବଦ୍ଧ ରହି ପାରେ ନାହିଁ । ସ୍ଥାନ ଓ କାଳର ସୀମା ମନୁଷ୍ୟକୁ ତାହାର ଅସୀମ ଜୀବନ ଲାଭରେ ସହାୟତା କରେ ମାତ୍ର । ସସୀମ ରାଜ୍ୟ ଅତିକ୍ରମ କରି ଅସୀମ ସହିତ ମିଳିବାର ଚେଷ୍ଟାକୁ ଧର୍ମନୀତି ବୋଲନ୍ତି । ସମାଜ ଆମ୍ଭମାନଙ୍କୁ ନୀତିପରାୟଣ ହେବାକୁ ଅବସର ଦିଏ, ଏପରି କି ସମାଜ ବ୍ୟତୀତ ନୈତିକ ଜୀବନର ଅସ୍ତିତ୍ୱ ନାହିଁ । ମୁଁ ଯେ ମୋର ସବୁ ବ୍ୟକ୍ତିତ୍ୱର ସୀମା ଅତିକ୍ରମ କରି ବିଶ୍ୱଜନୀନ ଜୀବନଯାପନ କରିବାକୁ କ୍ଷମ, ଏହା ମୁଁ ଅନ୍ୟ ମନୁଷ୍ୟମାନଙ୍କ ସଂସ୍ପର୍ଶରେ ଆସି ଜାଣେ । ପ୍ରେମ ଓ ଆତ୍ମବିସର୍ଜନର କାର୍ଯ୍ୟ କଣ ? ଏହା ବ୍ୟକ୍ତିକୁ ତାହାର ବ୍ୟକ୍ତିଗତ ଲାଭ କ୍ଷତି ଗଣିବାର କ୍ଷୁଦ୍ର ସୀମା ଅତିକ୍ରମ କରାଇ ଅନ୍ୟର ସୁଖକୁ ନିଜର ସୁଖ ବୋଲି ମଣିବାକୁ କ୍ଷମ କରେ । ନୈତିକ ଜୀବନର ଅର୍ଥ କ୍ଷୁଦ୍ର ସ୍ୱାର୍ଥ ବଳିଦାନ ଏବଂ ଅତିରିକ୍ତ ବିଶ୍ୱାତ୍ମା ସହିତ ନିଜକୁ ଏକୀକରଣ । ପ୍ରେମ ଏବଂ ସହାନୁଭୂତିର ଶକ୍ତି ମନୁଷ୍ୟ ପ୍ରାଣରେ ଅବ୍ୟକ୍ତଭାବରେ ଥାଏ, ସମାଜରେ ତାହା ବିକଶିତ ହୁଏ । ପିତା ମାତା ଭ୍ରାତା ଭଗିନୀ ପୁତ୍ର କନ୍ୟାରୂପେ ଆମ୍ଭମାନଙ୍କର ଯେଉଁ କର୍ତ୍ତବ୍ୟ ଅଛି ବୋଲି କହୁଁ ଏହି କର୍ତ୍ତବ୍ୟ ସମ୍ପାଦନ ବ୍ୟକ୍ତିର ପ୍ରକୃତ ସ୍ୱଭାବ ଓ ଆତ୍ମବିକାଶର ଉପାୟ । ମନୁଷ୍ୟ ଯଦି ପ୍ରତ୍ୟେକ କାର୍ଯ୍ୟ ସମ୍ପାଦନ କଲାବେଳେ ତାହା ବାହ୍ୟ ଶକ୍ତିର ଆଦେଶ ମନେ ନ କରି ତାହାକୁ ନିଜ ଅଭ୍ୟନ୍ତରୀଣ ଇଚ୍ଛାଶକ୍ତିର କାର୍ଯ୍ୟ ବୋଲି ମନେ କରେ, ତାହାହେଲେ ସେ ପ୍ରକୃତ କର୍ତ୍ତବ୍ୟ କାର୍ଯ୍ୟ ସାଧନ କରିପାରେ । ଏହି ଅର୍ଥରେ ସମାଜର ଅନ୍ୟାନ୍ୟ ଜୀବ ଏବଂ ସାମାଜିକ ନିୟମ ଇତ୍ୟାଦି ପ୍ରତ୍ୟେକ ବ୍ୟକ୍ତିର ବହିର୍ଦ୍ଦେଶରେ ଅବସ୍ଥିତ ଏବଂ କେତେଗୁଡ଼ାଏ ସାମାଜିକ ନିୟମାନୁସାରେ କାର୍ଯ୍ୟ କରିବାକୁ ସମାଜ ପ୍ରତ୍ୟେକ ବ୍ୟକ୍ତିକୁ ବାଧ୍ୟ କରେ । ଏହି ହେତୁରୁ ନୈତିକ ଜୀବନକୁ ବାହ୍ୟ ବସ୍ତୁ ବୋଲି ଅନେକେ ମନେ କରନ୍ତି । ଅନ୍ୟ ଅର୍ଥରେ ଏହା ଅନ୍ତରର ବସ୍ତୁ । ମାନବର ବିଶ୍ୱଜନୀନ ଜୀବନ ତାହାର କ୍ଷୁଦ୍ର ବ୍ୟକ୍ତିଗତ ଆତ୍ମା ଅପେକ୍ଷା ନିକଟତର । ସମାଜ ଛଡ଼ା ବ୍ୟକ୍ତିତ୍ୱର ଅସ୍ତିତ୍ୱ ନାହିଁ । ଯେତେବେଳେ ସମାଜର ନୈତିକ ଜୀବନ ବ୍ୟକ୍ତିର ଜୀବନରେ ପ୍ରବେଶ କରେ, ସେତିକବେଳେ ସେ ପ୍ରକୃତ ନୈତିକ ଜୀବନ ଲାଭ କରେ । ସାମାଜିକ ନିୟମକୁ ନିଜ ଅନ୍ତରର ନିୟମ ବୋଲି ମନେକଲେ ପ୍ରକୃତ ନୈତିକ ଜୀବନ ଲବ୍ଧ ହୁଏ । ଯେ ଏପରି ମନେ କରେ, କ୍ଷୁଦ୍ର ସ୍ୱାର୍ଥସାଧନ ତାହା ପକ୍ଷରେ ପ୍ରକୃତ ସ୍ୱାର୍ଥନାଶ ଅଟେ । କାରଣ ସ୍ୱାର୍ଥସାଧନଦ୍ୱାରା ସେ ଯେଉଁ ବିଶ୍ୱଜନୀନ ଜୀବନକୁ ଲକ୍ଷ୍ୟସ୍ଥଳରେ ରଖି ଜୀବନ ଯାପନ କରେ, ଏହା ତାହାକୁ ସେହି ପଥରୁ ବିଚ୍ୟୁତ କରେ । ମନୁଷ୍ୟର ବିଶ୍ୱପ୍ରେମ ଛଡ଼ା ଅନ୍ୟ ସବୁ ପ୍ରେମ ଯେତେବେଳେ ଲୁପ୍ତ ହୁଏ, ସେତେବେଳେ ସେ ନୈତିକ ଜୀବନ ଯାପନ କରେ । ଅତି ଅଳ୍ପ ଲୋକ ଏପରି ଜୀବନ ଲାଭ କରି ପାରନ୍ତି । ଏପରି ଜୀବନ ଲାଭ କଲେ ନିଜ ବ୍ୟକ୍ତିଗତ ସୁଖଦୁଃଖର କୌଣସି ଅର୍ଥ ରହେ ନାହିଁ, ଅନ୍ୟପାଇଁ କଷ୍ଟ ସ୍ୱୀକାର କରିବା କିମ୍ବା ଆତ୍ମବିସର୍ଜନ କରିବା ମଧୁର ବୋଧହୁଏ । ଦେଶର କିମ୍ବା ସମାଜର କ୍ଷତି ନିଜର ସ୍ୱାର୍ଥନାଶ ଅପେକ୍ଷା ଅଧିକ କଷ୍ଟକର ବୋଧ ହୁଏ । ଯଦି ଜୀବନଦାନଦ୍ୱାରା ଦେଶ ଓ ସମାଜର ଦୁଃଖ ଦୁର୍ଗତି ଦୂର ହେବା ସମ୍ଭବ ହୁଏ, ତାହାହେଲେ ସେ ହୃଷ୍ଟଚିତ୍ତରେ ଜୀବନଦାନ କରିବାକୁ ପ୍ରସ୍ତୁତ ।

Digitized by srujanika@gmail.com

ସର୍ବଶେଷରେ ମାନବ ଦେଶ ଓ ସମାଜର ଗଣ୍ଡି ଅତିକ୍ରମ କରି ସମଗ୍ର ମାନବ ସମାଜ ସହିତରେ ନିଜକୁ ଏକୀଭୂତ ଦେଖେ । ସମାଜ ଯେତେ ଉନ୍ନତ ହୁଏ ସାମାଜିକ ଜୀବନ ସେତେ ବ୍ୟକ୍ତିଗତ ଜୀବନକୁ ନିୟମିତ କରେ । ମନୁଷ୍ୟ ଯେତେ ଉନ୍ନତ ହୁଏ ତାହାର ସ୍ୱାର୍ଥପରତାର ବ୍ୟବଧାନ ସେତେ ଦୂରହୁଏ । ମାନବ ଧୀରେ ଧୀରେ ସ୍ୱାର୍ଥର ସୀମା ଅତିକ୍ରମ କରି ପ୍ରଥମରେ ପରିବାରପାଇଁ ତହୁଁପରେ ନିଜ ଜାତିପାଇଁ ସର୍ବଶେଷରେ ସମସ୍ତ ମାନବଜାତିର ସଦହିତଲେ ନିଜର ସ୍ୱାର୍ଥକୁ ବଳି ଦାନ କରେ । ଅନେକଙ୍କର ସହାନୁଭୂତି ଓ ପ୍ରେମର ସୀମା ଯେତେ ପ୍ରସାରିତ ହୁଏ, ତାହାର ଗମ୍ଭୀରତା ସେତେ ନଷ୍ଟ ହୁଏ । ସନ୍ତାନ ପ୍ରତି ଯେପରି ସ୍ନେହ ଓ ପିତା ମାତା ପ୍ରତି ଯେପରି ଭକ୍ତି ଥାଏ ଅନ୍ୟପ୍ରତି ପ୍ରେମରେ ସେତେ ଗମ୍ଭୀରତା ଥାଏ ନାହିଁ । ଅନେକ ଧାର୍ମିକ ସାଧୁ ଜନଙ୍କ ନିକଟରେ ଏପରି ବିଶ୍ୱଜନୀନ ପ୍ରେମ ଭିତ୍ତିହୀନ ପଦାର୍ଥ ଅଟେ । ନିଜ ଜାତିପ୍ରତି ପ୍ରେମରେ ସେମାନଙ୍କର ପ୍ରେମ ବ୍ୟାପିତ ହୋଇଯାଏ । କିନ୍ତୁ ମାନବର ପ୍ରେମ ଯେତେବେଳେ ନିଜ ଜାତିର ଗଣ୍ଡି ଅତିକ୍ରମ କରି ମାନବସମାଜକୁ ଆଲିଙ୍ଗନ କରେ ସେତେବେଳେ ନୈତିକ ଜୀବନ ଚରମୋତ୍କର୍ଷ ଲଭିଅଛି ବୋଲି କହିବାକୁ ହେବ । ଯେଉଁ ମାନବର ପ୍ରାଣରେ ଏହି ବିଶ୍ୱପ୍ରେମ ଜାଗ୍ରତ ହୋଇଅଛି, ତାହା ନିକଟରେ କୌଣସି ବ୍ୟବଧାନ ନାହିଁ । ଯେ କୌଣସି ଜାତିର ଯେ କୌଣସି ବ୍ୟକ୍ତିର ଦୁଃଖ କଷ୍ଟକୁ ସେ ନିଜର ଦୁଃଖ କଷ୍ଟ ବୋଲି ମନେ କରେ । କେବଳ ମାନବ ନାହିଁ କି, ଇତର ଜୀବଜନ୍ତୁ ପ୍ରତି ମଧ୍ୟ ତାହାର ହୃଦୟର ପ୍ରେମ ଧାବିତ ହୁଏ । ଆମ୍ଭେମାନେ ଦେଖିଲୁଁ, ସ୍ୱାର୍ଥପର ମାନବ ତାହାର ଉନ୍ନତି ସଙ୍ଗେ ସଙ୍ଗେ କି ପ୍ରକାରେ କ୍ଷୁଦ୍ର ସୀମା ଅତିକ୍ରମ କରି ଅନନ୍ତର ନିକଟବର୍ତ୍ତୀ ହୁଏ । ଅନନ୍ତପରମେଶ୍ୱରଙ୍କ ଅନନ୍ତ ଲୀଳା ମାନବ ମଧ୍ୟରେ ଯେପରି ପ୍ରକଟିତ, ଅନ୍ୟତ୍ର ସେପରି ନୁହେ ।

ଶ୍ରୀ ଅନନ୍ତଚନ୍ଦ୍ର ଦତ୍ତ ।

ଆଧୁନିକ ଉତ୍କଳସାହିତ୍ୟ-ସମାଲୋଚନା ।

(୧) କବି ରାଧାନାଥ ଓ ତାଙ୍କ କବିତା ।

(କଟକ ଆଲୋଚନା ସଭାରେ ପଠିତ)

ସମାଲୋଚନା ଜାତୀୟ ସାହିତ୍ୟର ଗୋଟିଏ ପ୍ରଧାନ ଓ ପ୍ରକୃଷ୍ଟ ଅଙ୍ଗ । ଉତ୍କଳ ସାହିତ୍ୟ-ଭଣ୍ଡାରରେ ଏହି ଶ୍ରେଣୀର ପ୍ରବନ୍ଧ ବିଶେଷ ନାହିଁ । ସମାଲୋଚକର କାର୍ଯ୍ୟ ଗୁରୁ ଦାୟିତ୍ୱପୂର୍ଣ୍ଣ । କୌଣସି ଗ୍ରନ୍ଥ ସମସ୍ତ ପାଠକଙ୍କ ମନକୁ ସମାନ ଭାବରେ ଆକର୍ଷଣ କରେ ନାହିଁ । ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ରୁଚି ଭିନ୍ନ ଭିନ୍ନ । ଏପରି ସ୍ଥଳରେ ଜଣେ ସମାଲୋଚକଙ୍କୁ ଯାହା ମଧୁର ବୋଧ ନ ହେଲା, ତାହା ଯେ ଏକାବେଳକେ ଅସାର, ଏପରି ମଣିବା ଭ୍ରାନ୍ତ । ସମାଲୋଚକର ଉଚିତ, ସଂଯତ ଭାବରେ ନିରପେକ୍ଷରୂପେ ତାହାର ମନୋଭାବ ବ୍ୟକ୍ତ କରିବ । ଏ କ୍ଷେତ୍ରରେ ସ୍ୱାଧୀନତା ମଧ୍ୟ ଆବଶ୍ୟକ । ପାଠକଗଣ ବିଭିନ୍ନ ରୁଚିର ସମାଲୋଚକଙ୍କୁ ତୋଷାମୋଦକାରୀ ବା ଶତ୍ରୁତା-ପ୍ରଣୋଦିତ ମନେ କରିବା ହୀନତା ବଶତ ଆଉ କଣ ହୋଇ ପାରେ ? ଲେଖକମାନଙ୍କର ମଧ୍ୟ ଗୁରୁତର କର୍ତ୍ତବ୍ୟ ଅଛି । ସେମାନଙ୍କର ଉଚିତ, ସହିଷ୍ଣୁତା ଅବଲମ୍ବନ କରି ସମାଲୋଚକର କଥାରେ କିଛି ସତ୍ୟ ଅଛି କି ନାହିଁ, ତାହା ମନୋଯୋଗପୂର୍ବକ ପରୀକ୍ଷା କରିବେ । ଯଦି କିଛି ସତ୍ୟ ଥାଏ, ତେବେ ତାହା ଭବିଷ୍ୟତରେ ସ୍ୱରଚନା ମଧ୍ୟରେ ଗ୍ରହଣ କରିବେ । ଅନଭିଜ୍ଞାଂଶ

Digitized by srujanika@gmail.com

ମତାନ୍ତରବାଦର ବ୍ୟକ୍ତିଗତ ଭ୍ରାନ୍ତ ବିଶ୍ୱାସ ବୋଲି ଜାଣିବାରେ ପ୍ରତ୍ୟାଖ୍ୟାନ କରିବେ । ପାଠକ ଓ ଲେଖକଙ୍କୁ ଏହି ନିବେଦନ କରି ଆମ୍ଭେମାନେ ପ୍ରଥମେ ଆଧୁନିକ ଉତ୍କଳ-ସାହିତ୍ୟକୁ ଧାରାବାହିକ-ରୂପେ ଯଥାସାଧ୍ୟ ସମ୍ୟକ୍ ଆଲୋଚନା କରିବୁଁ । ଆମ୍ଭମାନଙ୍କର ଭ୍ରାନ୍ତ ଥିଲେ ଲେଖକ ବା ପାଠକ ବୃଥା ଦୋଷାରୋପ ନ କରି ସରଳ ଭାବରେ ସେମାନଙ୍କ ମତ ବ୍ୟକ୍ତ କରି ପାରନ୍ତି । ତଦ୍ୱାରା ଉପକାର ଛଡ଼ା ଅପକାର ନାହିଁ ।

ସର୍ବ ପ୍ରଥମେ ଆମ୍ଭେମାନେ ଆଧୁନିକ ଉତ୍କଳ-ସାହିତ୍ୟ-ମନ୍ଦିରର ଶ୍ରେଷ୍ଠ ବବାଣୀ କବି ରାଧାନାଥଙ୍କ କବିତାର ସଂକ୍ଷିପ୍ତ ଆଲୋଚନା କରିବୁଁ । ତହିଁ ଉତ୍ତାରୁ ଅନ୍ୟାନ୍ୟ ପ୍ରଧାନ ଲେଖକଙ୍କ ଗ୍ରନ୍ଥ ସମାଲୋଚନାରେ ହସ୍ତକ୍ଷେପ କରିବୁଁ ।

ରାୟ କବିଙ୍କ ସମସ୍ତ କାବ୍ୟାବଳୀ "ରାଧାନାଥ ଗ୍ରନ୍ଥାବଳୀ" ନାମରେ ପ୍ରକାଶିତ ହୋଇ ଅଛି । ଉତ୍କଳ-ସାହିତ୍ୟ-ସଂସାରରେ ଶୁଭ-ସମ୍ବାଦ ପ୍ରଚାରିତ ହେଲା । ସାହିତ୍ୟ-ଜଗତରେ ଜୟଧ୍ୱନି ହେଉ ।

ଗ୍ରନ୍ଥାବଳୀର ସଂକ୍ଷିପ୍ତ ସମାଲୋଚନା କରିବା ପୂର୍ବରୁ କବି ଏବଂ ପାଠକ ଉଭୟଙ୍କ ନିକଟରେ ଆମ୍ଭମାନଙ୍କର ଏହି କଥା ବକ୍ତବ୍ୟ ଅଛି ଯେ ସଂସ୍କୃତ ସାହିତ୍ୟରେ ଆମ୍ଭମାନଙ୍କର ସମ୍ୟକ୍ ପ୍ରବେଶ ନାହିଁ, ଅବାଲ୍ୟ ଇଂରାଜୀ ସାହିତ୍ୟ ଆଲୋଚନା କରିଅଛୁଁ । ତେଣୁ ସେମାନେ ସଂସ୍କୃତ ଆଲଙ୍କାରିକମାନଙ୍କ ଆଦର୍ଶାନୁଯାୟୀ ସମାଲୋଚନା ପ୍ରଣାଳୀ ନ ଧରି କାବ୍ୟାବଳୀ ପାଠବେଳେ ଆମ୍ଭମାନଙ୍କ ମନରେ ଯେଉଁ ଭାବରାଜି ସମୁତ୍ଥିତ ହୋଇଥିଲା, ତାହାର ସରଳ ଅଭିବ୍ୟକ୍ତି ଶୁଣି ତୃପ୍ତ ରହିବେ ।

ପଣ୍ଡିତବର୍ଗ କାବ୍ୟକୁ ତିନି ଭାଗରେ ବିଭକ୍ତ କରିଅଛନ୍ତି । ଗୀତିକାବ୍ୟ (Lyrical poetry), ଶ୍ରାବ୍ୟକାବ୍ୟ (Epic poetry) ଏବଂ ଦୃଶ୍ୟ କାବ୍ୟ ବା ନାଟକ (Dramatic poetry) । ଯେଉଁ କବିତାରେ କବିଙ୍କ ହୃଦୟର ଉଦ୍ଦାମ ଉଚ୍ଛ୍ୱାସ ପ୍ରକାଶିତ ହୁଏ ଏବଂ ଯାହା ସଙ୍ଗୀତରୂପରେ ସ୍ୱରଲୟାଦିସହକାରେ ସୁଗେୟ, ତାହା ଗୀତି କବିତା । ଯେପରି ଜୟଦେବଙ୍କ ଗୀତଗୋବିନ୍ଦ, ଇଂରାଜ କବି Robert Burns ଙ୍କ ପ୍ରଣୟଗୀତି । ରାୟ କବିଙ୍କ ଛନ୍ଦମାଳା ପ୍ରଭୃତି ଏହି ଶ୍ରେଣୀର ଅନ୍ତର୍ଗତ । ମହାଜନଙ୍କର ଶୌର୍ଯ୍ୟ,ପ୍ରୀତି,ଉଦାରତା ସ୍ୱଦେଶହିତୈଷିତା ପ୍ରଭୃତିକୁ ସାଲଙ୍କାର ଛନ୍ଦୋବଦ୍ଧ କରି କ୍ରମିକ ବର୍ଣ୍ଣନା କରିବା ଦ୍ୱିତୀୟ ଶ୍ରେଣୀର ଅନ୍ତର୍ଭୁକ୍ତ । ରାମାୟଣ, ମହାଭାରତ, ରଘୁବଂଶ, କୁମାରସମ୍ଭବ, Paradise lost ପ୍ରଭୃତି ଗ୍ରନ୍ଥ ଏହି ଶ୍ରେଣୀସ୍ଥ କାବ୍ୟ । ପ୍ରୋକ୍ତ ଦୁଇପ୍ରକାର କାବ୍ୟରେ ପ୍ରଧାନତଃ କବି ନିଜେ (Subjectively) ସ୍ୱଚିତ୍ତ ବୃତ୍ତାନ୍ତ ପ୍ରକାଶ କରନ୍ତି । ତୃତୀୟ ଶ୍ରେଣୀର କାବ୍ୟ-କଳାପରେ ନିଜେ ଭୁକ୍ତି ଅବଲମ୍ବନ କରି ନାୟକ ନାୟିକାବୃନ୍ଦଙ୍କ କାର୍ଯ୍ୟକଳାପ, କଥାବାର୍ତ୍ତାଦ୍ୱାରା ସ୍ୱ ସ୍ୱ ବା ପରସ୍ପର ଚରିତ୍ରବିଶ୍ଳେଷଣ କରନ୍ତି । ଶକୁନ୍ତଳା,ଉତ୍ତରରାମଚରିତ,ମୃଚ୍ଛକଟିକ, Hamlet Romeo and Juliet, The Tempest, Faust, କାଞ୍ଚୀକାବେରୀ ପ୍ରଭୃତି ଗ୍ରନ୍ଥ ଶେଷୋକ୍ତ ଶ୍ରେଣୀର ଅନ୍ତର୍ଭୁକ୍ତ ।

ରାଧାନାଥ ବାବୁ ଦ୍ୱିତୀୟ ଶ୍ରେଣୀର କବି । ତାଙ୍କର ଗୀତି କବିତା (Lyrical pieces) ଅଛି, କିନ୍ତୁ ତାଙ୍କ କବି-ଯଶର ଶ୍ରେଷ୍ଠ ହେତୁଭୂତ ଉଷା, ନନ୍ଦିକେଶ୍ୱରୀ, କେଦାରଗୌରୀ, ଯଯାତିକେଶରୀ, ମହାଯାତ୍ରା ଶ୍ରାବ୍ୟ କାବ୍ୟ ।

ପାଶ୍ଚାତ୍ୟ ପଣ୍ଡିତବର୍ଗ କାବ୍ୟକୁ ଅନ୍ୟ ଦୁଇ ଶ୍ରେଣୀରେ ବିଭକ୍ତ କରିଅଛନ୍ତି । ସମ୍ଭ୍ରାନ୍ତ କବିତା (Poetry of Aristocracy) ଏବଂ ସାଧାରଣୀ କବିତା(Poetry of Democracy) । ପ୍ରଥମୋକ୍ତ ଶ୍ରେଣୀ କାବ୍ୟକଳାପରେ ବୃହତ ବିଖ୍ୟାତ ଘଟନା, ପ୍ରଖ୍ୟାତଯଶା ବୀର, ଶକ୍ତିଶାଳୀ ରାଜା, ଗୁଣବାନ୍ ରାଜପୁତ୍ର, ରୂପଲାବଣ୍ୟବତୀ ରାଜକନ୍ୟା, ସଂଗ୍ରାମ ଓ ଯଜ୍ଞାଦିର ବର୍ଣ୍ଣନା ଥାଏ । ଆମ୍ଭମାନଙ୍କ କବି ଏହି ଶ୍ରେଣୀସ୍ଥ କାବ୍ୟର କବି । ଦ୍ୱିତୀୟ ପ୍ରକାର କାବ୍ୟରେ ସାଧାରଣ ଦୈନନ୍ଦିନ ବିଷୟ—ଦରିଦ୍ର

Digitized by srujanika@gmail.com

କୃଷକ, ଭିକ୍ଷୁକ, ପଶୁ, ପକ୍ଷୀ, ତୃଣପଲ୍ଲବ—ଯାହା ଏ ଜଗତ ସମକ୍ଷରେ ପ୍ରତିନିୟତ ଉପସ୍ଥିତ ହେଉଅଛି, ଏହିପରି ବିଷୟ ଥାଏ । ମାର୍କିନ ଦେଶୀୟ କବି Whitman ଏବଂ କବି ଫକୀରମୋହନ ଏହି ଶ୍ରେଣୀର କବି । ରାଧାନାଥଙ୍କ ଉଷା, ପାର୍ବତୀ ଓ କାଞ୍ଚୀ ପରି Whitmanଙ୍କ Grass Blade, ସେନାପତିଙ୍କ କେତେ ଗାଈ, ସାଉଥ ଶାନ୍ତିଅଣୀ ଗୋବିନ୍ଦପୁର ଦାଣ୍ଡ, ବୋଉଲି କାଳ, ବେଙ୍ଗ ଧାଇ ଜାତୀୟ ସାହିତ୍ୟର ଚିରସ୍ମରଣୀୟ ଧନ ହୋଇ ଅଛି ।

ପ୍ରାକୃତ (Realistic) ଏବଂ ଆଦର୍ଶ (Idia-listic) ଉପନ୍ୟାସ ପରି କାବ୍ୟ ମଧ୍ୟ ଏହି ଦୁଇ ଶ୍ରେଣୀରେ ବିଭକ୍ତ ହୋଇପାରେ । ପ୍ରାକୃତ କାବ୍ୟରେ ଯାହା ସଂସାରରେ ଘଟେ, ତାହାର ବର୍ଣ୍ଣନା ଥାଏ । ଘଟନାର ଗୁଣ ଦୋଷ ବିଷୟର ଦାୟିତ୍ୱ କବି ଗ୍ରହଣ କରନ୍ତି ନାହିଁ । ପ୍ରକୃତି ବା ସମାଜ ତନ୍ନିମିତ୍ତ ଦାୟୀ । ଏ ଶ୍ରେଣୀର କବି ଅତ୍ୟାଚାର, ନରହତ୍ୟା, ନଗ୍ନ ରମଣୀମୂର୍ତ୍ତି ମଧ୍ୟ ଚିତ୍ର କରିବାର ସ୍ୱାଧୀନତା ନିଅନ୍ତି । ପକ୍ଷାନ୍ତରେ ଆଦର୍ଶକାବ୍ୟରେ ଅନୁକରଣୀୟ ମହତ୍ତର ନାୟକ ନାୟିକାଙ୍କ ଚିତ୍ର ଥାଏ । ସାମାଜିକଜନଙ୍କ ମନ ଯହିଁରେ ଉନ୍ନତ ହେବ, ଚରିତ୍ର ପବିତ୍ର ରହିବ, ପ୍ରୀତି ଗମ୍ଭୀରତର ହେବ, କବି ତହିଁପ୍ରତି ଦୃଷ୍ଟି ରଖନ୍ତି । ଧର୍ମର ଜୟ ପାପର ପରାଜୟ ଘୋଷଣା କରିବା ଅଭିପ୍ରାୟ କବିଙ୍କର ଥାଏ ।

କବି ରାଧାନାଥଙ୍କର ଆଦର୍ଶକାବ୍ୟ ନାହିଁ ଏପରି ନୁହେ, କିନ୍ତୁ ସେ ପ୍ରଧାନତଃ ପ୍ରକୃତିବାଦୀ (Realistic) ଶ୍ରେଣୀର । ଏମନ୍ତ କି ସେ ସେକ୍ସ-ପିଅରଙ୍କ ସଦୃଶ ଜନକ-ତନୟାର ପାପ-ପ୍ରଣୟକୁ ଉପହାସରୁ ନିବାରିତ କରି ସ୍ୱୀୟ କାବ୍ୟର ବର୍ଣ୍ଣନୀୟ କରିଅଛନ୍ତି । ତାଙ୍କ କବିତା Humanism ଉପରେ ପ୍ରତିଷ୍ଠିତ । କବି ସ୍ୱର୍ଗର ideal ଆଣି ସମାଜସମ୍ମୁଖରେ ରଖି ନାହାନ୍ତି । ପୃଥିବୀ ଉପରେ ଦଣ୍ଡାୟମାନ ହୋଇଅଛନ୍ତି । କିନ୍ତୁ ତାଙ୍କର ଦୃଷ୍ଟି କେଉଁଠାରେ ସ୍ଥାପିତ ବା ତାଙ୍କର ଆଦର୍ଶ କଣ, ତାହା ମୁଁ ବର୍ତ୍ତମାନ କହିବି ନାହିଁ ।

କାବ୍ୟାବଳୀ ଉପଦେଶଗର୍ଭିତ (Didactic) ଏବଂ ସୌନ୍ଦର୍ଯ୍ୟ-ଚିତ୍ରମୂଳକ (Artistic), ଏହି ଦୁଇ ଶ୍ରେଣୀରେ ମଧ୍ୟ ବିଭକ୍ତ । ପ୍ରଥମୋକ୍ତ ପ୍ରକାର କାବ୍ୟରେ ଉପଦେଶ ଥାଏ । କବି ଉପଦେଷ୍ଟା ବା ଗୁରୁରୂପରେ ସ୍ପଷ୍ଟତଃ ପାଠକରୂପୀ ଅନ୍ତେ-ବାସିଙ୍କୁ ନୈତିକ ଶିକ୍ଷା ପ୍ରଦାନ କରନ୍ତି । ଦ୍ୱିତୀୟ ପ୍ରକାର କବି ବାହ୍ୟ ଓ ଅନ୍ତର ପ୍ରକୃତିର ନିସର୍ଗମାଧୁରୀ ବର୍ଣ୍ଣନ କରି ଚାଲିଯାନ୍ତି । ଉପଦେଶ-ଦେବାର ବାହାନା ଅଦୌ ତାଙ୍କର ନ ଥାଏ । କବି ରାଧାନାଥଙ୍କର ଖଣ୍ଡେ ଅର୍ଦ୍ଧେ ଉପଦେଶ-ଗର୍ଭିତ କାବ୍ୟ (ତୁଳସୀସ୍ତବକ) ଥିଲେହେଁ ସେ ସାଧାରଣତଃ ସୌନ୍ଦର୍ଯ୍ୟସ୍ରଷ୍ଟା (Ariistic)କବି । ତୁଳସୀସ୍ତବକ ଉପଦେଶଗର୍ଭିତ ହେଲେହେଁ ତାହା ବହିଷ୍କୃତ ଦୃଷ୍ଟାନ୍ତମାଳାରେ ମଣ୍ଡିତ । ଏହା ଶୁଦ୍ଧ ଉପଦେଶମୂଳକ କାବ୍ୟରେ ନ ଥାଏ ।

କବିତା (Abstract) ବ୍ୟକ୍ତିତ୍ୱହୀନ ଏବଂ (Concrete) ବ୍ୟକ୍ତିତ୍ୱଯୁକ୍ତ ଏହି ଦୁଇଭଳି ହୋଇପାରେ । ରାଧାନାଥ ବାବୁଙ୍କ କବିତା ପ୍ରାୟ ଶେଷୋକ୍ତ ପ୍ରକାରର । ମଧୁ ବାବୁଙ୍କ ଆଶା, ନବଯୁଗର ଅଭିଷେକ, ଇଂରାଜ କବି Spenserଙ୍କ Faery Queen, କବି Collins ଙ୍କ The Passions ପ୍ରଥମ ପ୍ରକାର କବିତା ।

କାବ୍ୟ ମିଳନାନ୍ତ (Comedy) ଏବଂ ବିୟୋଗାନ୍ତ (Tragedy) ଏହି ଦୁଇ ଶ୍ରେଣୀରେ ବିଭକ୍ତ ହୋଇଥାଏ । କବି ରାଧାନାଥଙ୍କ ଯଯାତି-କେଶରୀ ବ୍ୟତୀତ ସମସ୍ତ କାବ୍ୟ ଦ୍ୱିତୀୟ ଶ୍ରେଣୀର । ରାଧାନାଥ ଶୋକଦୁଃଖର କବି । କିନ୍ତୁ ଦୁଃଖରେ କହିବାକୁ ପଡୁଅଛି ଯେ ଏହା La Miserablesର ବିଷାଦ ଶ୍ରେଣୀର ନୁହେ । ଉପକ୍ରମଣିକାରୁ ଉପସଂହାର ପର୍ଯ୍ୟନ୍ତ ଯେଉଁଠାରେ ଦୁଃଖ ପଡିଅଛନ୍ତି, କବି ସେଠାରେ ସଂସାରର ଅମାରଙ୍କ

Digitized by srujanika@gmail.com

ଧନ ଜନ ଗୌରବର କଣଭଙ୍ଗୁ ବିଷୟରେ ଶାନ୍ତି ପ୍ରଦାନ କରିଅଛନ୍ତି । ପୃଥିବୀରେ ଯେବେ କିଛି ସାର ଥାଏ, ତେବେ ତାହା ସୌନ୍ଦର୍ଯ୍ୟ ଏବଂ ପ୍ରୀତି । ଏହାହିଁ ରାଧାନାଥଙ୍କ ଅନ୍ତରସ୍ଥ ବିଶ୍ୱାସ । କବି Keats ଙ୍କ ପରି ତାଙ୍କ କାବ୍ୟରେ religion ବା ଧର୍ମ । ସର୍ବୋପରି ବିଶେଷତଃ ପାର୍ବତୀର କଷ୍ଟ କାଳ ଅମୃତମ୍ୟାରେ ପାଠକ ଏହାର ନିଦର୍ଶନ ପାଇବେ । ପାର୍ବତୀର ନାୟିକା ପାର୍ବତୀ ଓ ମହାଯାତ୍ରାର ଯୁଧିଷ୍ଠିର ବିଷାଦାକ୍ରାନ୍ତ । ଯୁଧିଷ୍ଠିର ସ୍ୱଦେଶର ଦୁଃଖରେ ଦୁଃଖୀ । ଅନ୍ୟ ନାୟକନାୟିକା ସ୍ୱାର୍ଥପର ବିଷାଦ ବା ନୈରାଶ୍ୟରେ ଅଭିଭୂତ ।

ପୃଥିବୀର କବିବୃନ୍ଦ ମଙ୍ଗଳବାଦୀ (Optimist) ଏବଂ ଦୁଃଖବାଦୀ (Pessimist) ଏହି ଦୁଇ ଶ୍ରେଣୀରେ ବିଭକ୍ତ । ପ୍ରଥମୋକ୍ତ ଶ୍ରେଣୀର କବି ପୃଥିବୀର ଯାବତୀୟ ଘଟନାରେ ବିଶ୍ୱବିଧାତାଙ୍କ ମଙ୍ଗଳହସ୍ତ, ଶୁଭ ଉଦ୍ଦେଶ୍ୟ ଲକ୍ଷ୍ୟ କରନ୍ତି ଏବଂ ସ୍ୱ ସ୍ୱ କାବ୍ୟରାଜିରେ ତାହାର ସ୍ପଷ୍ଟ ବା ଅସ୍ପଷ୍ଟ ଆଭାସ ଦେଇ ଥାଆନ୍ତି । କବି ମିଲ୍ଟନ୍ "To Justify the ways of God to man" ସ୍ୱକାବ୍ୟର ଉଦ୍ଦେଶ୍ୟ କରିଥିଲେ । କବି ଟେନିସନ ଜଗତ୍‌ବ୍ୟାପାରସ୍ଥ ନିୟମ ଓ ଶୃଙ୍ଖଳା (Law and Order) ସ୍ୱୀୟ ଗ୍ରନ୍ଥରାଜିରେ ପ୍ରତିଫଳିତ କରି ଯାଇଅଛନ୍ତି । ଦ୍ୱିତୀୟ ଶ୍ରେଣୀସ୍ଥ କବି ଜଗତର ଦୁଃଖଭାରରେ ଅବନତହୃଦୟ ହୁଅନ୍ତି । ଅଯୁତ ଅଯୁତ ରୁଗ୍ଣ, ଦରିଦ୍ର, ଦୁଷ୍ଟ, ଦୁର୍ଭାଗ୍ୟ, ପାତକୀ ବ୍ୟକ୍ତିଙ୍କ ଶୋକକୁ ନିଜ ଶୋକଦୁଃଖ ବୋଲି ମଣି ସ୍ୱୀୟ ଦୟାର୍ଦ୍ର ଓ କୋମଳ ହୃଦୟରୁ ରୁଧିରଧାରା ବର୍ଷଣ କରନ୍ତି । ଆମ୍ଭମାନଙ୍କ କବି ରାଧାନାଥ ଏହି ଶ୍ରେଣୀସ୍ଥ କବି । ସେ ନିଜେ ବାହ୍ୟତଃ ସାଂସାରିକ ସୁଖ ସ୍ୱାଚ୍ଛନ୍ଦ୍ୟରେ ଥାଇ, ଧନୀ ବୃତ୍ତିଗରିବଜନଙ୍କ ମିତ୍ରତା ଲାଭ କରି ମଧ୍ୟ "ଦୁଃଖ ଗୁରୁଙ୍କର ପଟ୍ଟଶିଷ୍ୟ" । ତାଙ୍କର ଜୀବନ ଚିର-ଦାହା-ପୂର୍ଣ୍ଣ । ତାଙ୍କ ଜୀବନ ଦିଶାଇ ଦେଉଛନ୍ତି ।

ସମାଜେ ଥାଇ ମୁଁ ସଦା ଉଦାସୀନ,
ଉଦାସୀନ ପ୍ରାୟେ କଟାଇଲି ଦିନ ।
ସଖାଙ୍କ ସଙ୍ଗରେ ସଙ୍ଗୀ ହେବାପାଇଁ,
ଟେବେଟେବେ ମୋହନ ମନ ଭଲେ ନାହିଁ ।
ହସି ଖେଳ ସେଠୁ ଗମନ୍ତି ସମସ୍ତ,
ଜୀବନ ମଣନ୍ତି ସନ୍ତୋଷବିମସ୍ତ ।
ସ୍ଥିର ଭାଗ୍ୟ ମୋର ପ୍ରିହନ୍ତ ପାଷାଣେ,
ମୋ ଜୀବନ ଗଢ଼ା ଅନ୍ୟ ଉପାଦାନେ ।
ଚିର ଦାହାମୟ ଏ ସ୍ଥିର ଜୀବନ,
ଜୀବନ ନୁହଇ ଜୀବନ୍ତ ମରଣ !
ଚିରଦିନ ଦୁଃଖପ୍ରହାରେ ଜର୍ଜର,
ପଟ୍ଟଶିଷ୍ୟ ମୁହିଁ ଦୁଃଖ-ଗୁରୁଙ୍କର ।
ଦୁଃଖଦତ୍ତ ଜ୍ଞାନ-ଚକ୍ଷୁରେ ଜଗତ
ଦେଖିବାରେ ମୁହିଁ ଅଭ୍ୟସ୍ତ ସତତ ।
ସୁଖ ବୋଲି ଯାକୁ ବୋଲଇ ସଂସାର,
କରୁଥାଇ ତାକୁ ଦୂରୁ ମୁଁ ଜୁହାର ।
ସୁଖରୂପେ ଯାହା ଜନନେତ୍ରେ ଦିଶେ,
ହାତେ ଆସେ, ହାତୁଁ ପଡିବାପାଇଁ ସେ ।
ବସ୍ତୁ ନୁହଇ ସେ ଅଟଇ ଧୂମ,
ଅନ୍ୟ ନାମ ତାର ଆକାଶକୁସୁମ ।

କବି ରାଧାନାଥ ବିଷାଦବାଦୀ ହେଲେହେଁ ତାଙ୍କ ରଚିତ କାବ୍ୟରେ ବିଶେଷତଃ ପ୍ରକୃତି-ବର୍ଣ୍ଣନରେ ରୁଗ୍ଣ ଅସ୍ୱାଭାବିକ ଭାବ ନାହିଁ । ତାଙ୍କ ଅରଧା ଭାରତୀ ଯକ୍ଷା-ପ୍ରପୀଡ଼ିତା କଙ୍କାଳମାତ୍ରା-ବଶିଷ୍ଟା ନୁହନ୍ତି । ସେ ବାହ୍ୟ ପ୍ରକୃତିର ଯେଉଁ ଲାବଣ୍ୟଚିତ୍ର ଅଙ୍କିତ କରିଅଛନ୍ତି, ତାହା ତେଜସ୍ୱୀ, ସବଳ, ନୈସର୍ଗିକତାପୂର୍ଣ୍ଣ । କିନ୍ତୁ ମାନବାତ୍ମାର ଦିବ୍ୟ ସୌନ୍ଦର୍ଯ୍ୟ-ଚିତ୍ର କବିଙ୍କଠାରୁ ଆମ୍ଭେମାନେ ପାଉ ନାହିଁ । ସମାଜରେ ତ ନାହିଁ, ସମାଜ-ଚିତ୍ରକର କବି କାହିଁ ପାଇବେ ? କିନ୍ତୁ ସାହିତ୍ୟ ଯେପରି ସମାଜ-ଜୀବନର ଦର୍ପଣ ସ୍ୱରୂପ, ସେହିପରି ସମାଜର ଗୁରୁ । ଏ ବିଷୟ ଶେଷରେ ଆଲୋଚିତ ହେବ । ସ୍ଥାନେ ସ୍ଥାନେ ବିପଥଗାମୀ ହେଲେହେଁ କବି ରାଧାନାଥଙ୍କ କାବ୍ୟରେ ପ୍ରୀତି ଅଛି । ସେ ପ୍ରୀତି ବିଷାଦ-ମିଶ୍ରିତ । ରୂପ ମଧ୍ୟ ତଦ୍‌ରୂପ ।

Digitized by srujanika@gmail.com

ଅନୁପମା ସୁନ୍ଦରୀ—

କେତେ ସୁକୁମାର ବପୁ ସତେ ଅବା
ମଦନ ଘିବ ସରସେ,
ବସ୍ତୁ ନ ଲଗାଇ ଗଢ଼ିଲେ କି ବିଧି
କେବଳ ଚିନ୍ତା ମାନସେ ?

ସେ ଅନ୍ତର ସୁନ୍ଦରୀ, ଯେଣୁ—

ଉଗାଳିଛି ପୁଣି ଶୋକ ସେ ମୂରତି
ମଧୁର ସ୍ନିଗ୍ଧ ରସାଣେ ।

ମିଲ୍‌ଟନଙ୍କ କାବ୍ୟରେ ଯେପରି Sublime, Grand, Great ଆଦି ଶବ୍ଦ, ସେକ୍ସପିୟରଙ୍କ କାବ୍ୟରେ ଯେପରି Beauty, Sweet, Dear, Love ଆଦି ଶବ୍ଦ, ଏଡମଣ୍ଡ ବର୍କଙ୍କ ଗ୍ରନ୍ଥରେ ଯେପରି Right, Justice, Freedom ପ୍ରଭୃତି ଶବ୍ଦ, ରବି କବିଙ୍କ ଗ୍ରନ୍ଥରେ ଯେପରି ସତ୍ୟ ଶିବ ସୁନ୍ଦର, ଅପାର ଅନନ୍ତ, ମହାନ୍ ଭୂମାଦି ଶବ୍ଦ ଯତ୍ର ତତ୍ର ବର୍ତ୍ତମାନ, ସେହିପରି ଆମ୍ଭମାନଙ୍କ କବି ରାଧାନାଥଙ୍କ କାବ୍ୟାବଳୀରେ ମଧୁର, ସୁନ୍ଦରୀ, ପ୍ରେମ, ଲାବଣ୍ୟ, ଶୋକ, ଦୁଃଖ, ବିଷାଦ ଆଦି ଶବ୍ଦର ବାହୁଲ୍ୟ ଦୃଷ୍ଟ ହୁଏ । ରାଧାନାଥ ବୈରାଗୀ ଅଥଚ ରସିକ । ଜୀବନରେ ଯେପରି, କାବ୍ୟରେ ସେହିପରି । ରାଧାନାଥ ପ୍ରୀତିର କବି । ସେ ପ୍ରୀତି ବିଷାଦ-ମିଶ୍ରିତ ।

ତାଙ୍କର ଉପମା ଓ ରୂପକମାନ ବୈଚିତ୍ର୍ୟପୂର୍ଣ୍ଣ— ମାନବସମାଜର ନାନା ବିଭାଗରୁ, ନୈସର୍ଗିକ ଦୃଶ୍ୟାବଳିରୁ, ଗଗନସ୍ଥ ଜ୍ୟୋତିଷ-ଜଗତରୁ, ଦୈନନ୍ଦିନ କ୍ଷୁଦ୍ର ଘଟଣାମାନଙ୍କରୁ ଏବଂ ମାନସିକ ପ୍ରବୃତ୍ତି ଓ କ୍ରିୟାମାନଙ୍କରୁ ସଂଗୃହୀତ ହୋଇଅଛି । ଦିବ୍ୟଦୃଷ୍ଟି ଓ ସୂକ୍ଷ୍ମ ପର୍ଯ୍ୟବେକ୍ଷଣ-ଶକ୍ତିର ପରିଚୟ ତାଙ୍କର କାବ୍ୟାବଳୀରେ ଯଥେଷ୍ଟ ମିଳଇ ।

ଫାଟି ଯାଉଅଛି ଅହା ଶୋକତପ୍ତ-ହୃଦ
ବୃଦ୍ଧ ରଜାଙ୍କର ସେହି ଦାରୁଣ ସମ୍ବାଦେ,
ତପ୍ତ ଲୌହଖଣ୍ଡ ଯଥା ଅୟୋଘନ ଘାତେ,
ମୂର୍ଚ୍ଛନ୍ତି ନୃପତି ଶ୍ୱାସ-ଶୋକ ଅସମ୍ଭାଳେ
ମୁହୁର୍ମୁହୁ, ସଦ୍ୟ ମୃତ କୁକ୍କୁର ଯେସନେ;

କୈକେୟୀ ଛଡ଼ା ସମସ୍ତ ରାଣୀ ଦଶରଥଙ୍କୁ ସେବା କରୁଅଛନ୍ତି । କିନ୍ତୁ

ମନ ସେହି ଉପାନ୍ତରେ ବସଇ ଅଧିକେ
ବୃଦ୍ଧ ରଜାଙ୍କର ତାପ, ବଜ୍ରାନଳଶିଖା
ଜଳଇ ଦ୍ୱିଗୁଣେ ଯେହ୍ନେ ବୃଷ୍ଟିଜଳପାତେ,
ଶ୍ରୀରାମର ଶୋକ ଶତମୂଳୀ ଶଙ୍କୁ ପରି
ଫୁଟିଅଛି ଏ ହୃଦୟେ ଶିରପ୍ରଶିରାରେ,
ହର୍ମ୍ୟାଙ୍ଗ ସୌଧର ଭେଦେ ଅଦୃଶ୍ୟେ ଯେସନେ
ଅଶ୍ୱତ୍ଥର ଚେର ଶାଖା ପ୍ରଶାଖା ବିସ୍ତାରି ।
ଉଭା ହୋଇ ଦେଖଇ ମୁଁ ପଛକୁ ଅନାଇ
ଚିର ଜୀବନର ଛବି ସ୍ମୃତିର ଫଳକେ,
ଚଳ-ଚିତ୍ରଜନ୍ତ ପାପ ପୁଣ୍ୟର ବରଣେ,
ସ୍ୱପନେ ଯେସନେ, ଦେବ, ଦେଖନ୍ତି ପ୍ରାଣିଏ
ସୁଦୀର୍ଘ କାଳର କଥା ପଲକ ମାତ୍ରରେ ।

ଋଷିକୁମାର ବକ୍ଷରେ ଶରଭେଦ ହୋଇଅଛି । ସେ କହୁଅଛନ୍ତି—

ଖର ସ୍ରୋତରସ୍ଥ ଯଥା ନୀରେ ଅବିରତେ
ଭୁଙ୍ଗ ନଦୀତଟ ମୂଳୁଁ ବାଲୁକା, ସେସନେ
ଏ ଦାରୁଣ ଶଲ୍ୟ ମୋର ମର୍ମେ ଲଗ୍ନ ହୋଇ
ବିଦାର୍ଯ୍ୟ କରଇ ମୋତେ ଅସହ୍ୟ ଯନ୍ତ୍ରଣେ ।

ଋଷିକୁମାରଙ୍କୁ ମାରି ଦଶରଥ କହୁଅଛନ୍ତି—

ହାସେ ଯତ ଯତ ମୋର କର୍ମଅଗ୍ନି ହସ୍ତ
ଘୋର ଅପରାଧୀ ଯଥା ଧର୍ମାସନ ଅଗ୍ରେ ।

ପ୍ରତିଦିନ ସଂସାରରେ ଏ ଦୃଶ୍ୟ ଦେଖାଯାଏ । ପାପ ଚିରଦିନ ଲୁଚେ ନାହିଁ, ସମୟରେ ବାହାରେ, କବି କହୁଅଛନ୍ତି—

ଦୁଷ୍କୃତ ଲୁଚିଥାଏ ଅଲକ୍ଷିତେ ଦେବ,
ସଂସାରର ଦୈନନ୍ଦିନ ଲୀଳାଖେଳା ତଳେ,
କାଳେ ସେ ବାହାରେ ଫୁଟି, ବାହାରେ ଯେସନେ
ପ୍ରଚଣ୍ଡ ବିକ୍ରମେ ନୀଳ ଅମ୍ବୁରାଶି ଭେଦି
ବିଶ୍ୱଗ୍ରାସୀ ବାଡ଼ବର ନଭଶ୍ଚୁମ୍ବୀ ଶିଖା ।
ଅପଥ୍ୟସେବିର ଦେହେ କ୍ରମେ ପୁଷ୍ଟ ହୋଇ
ଅଲକ୍ଷିତେ ଘୋର ବ୍ୟାଧି ପଡ଼ଇ ବାହାରି
ପହାଲୁ ସହସା ଯଥା ।

Digitized by srujanika@gmail.com

ତାହିଁ ଅବା ଶିଶୁ ଶୈଳ ଅବରେ ଲୁଚିଲେ
ପୃଷ୍ଠେ ପୃଥୁଶାଳ ଗିରି, ଜୀବନେ ଯେସନ
ଲୁପ୍ତପ୍ରାୟ ଦୁଃଖ ଆସି ଅବରେ କପୃନ୍ତୁ
ଭାଙ୍ଗି ଘୋରତରଦୁଃଖ-କଲ୍ଲୋଳମୂରତି ।

ଏହା ବୈଦେଶିକ ଜୀବନର ସତ୍ୟ କଥା ଯେ ଶିକ୍ଷକଙ୍କ ବେଦାଧ୍ୟାୟ ପରୀକ୍ଷାରେ ଅକୃତକାର୍ଯ୍ୟ ହେବା ଦୁଃଖକୁ ଯୋଡ଼ାଇ ଦଏ ।

ଭାରତର ବଳ ବ୍ରାହ୍ମଣ କ୍ଷତ୍ରିୟଙ୍କ ଅବନତିରେ ଭାରତ ବୈଦେଶିକଙ୍କ ଅଧିକୃତ ହେବ । କବି ତାହାର ଦୃଷ୍ଟାନ୍ତ ଦେଇଅଛନ୍ତି । ଭାରତଭୂମି ଫଣିନୀ—

ଫଣିନୀର ଶିରୋମଣି କାଢ଼ି ନେବାପାଇଁ
କ ଲୋଡ଼େ କେ ? ମାତ୍ର ତାର ବଦନ୍ତ ବେନି
କୃତାନ୍ତର ଦୂତ ମଣି, କତ ପଶିବାକୁ
ଭରସି ପାରେ କି କେହି ? ରାଜନ୍ୟ ବ୍ରାହ୍ମଣେ
ଦୂତଲେ ଅତୁଳରୂପ ରତନକୁନ୍ତଳା—
ଭାରତଭୂକଣ୍ଠୀର ଏ ଥିଲେ ଯିଜା ବେନି
ବଦନ୍ତ, ସର୍ବଅଗ୍ରେ ଭାଙ୍ଗିବ ତା କଲ;
ନିର୍ବିଷ ଭାରତେ ଦେଖି, ଆସିବେ ଦସ୍ୟୁ
ଦୂରୁଁ ବୈଦେଶିକଦଳ ଶିରୋମଣି ଲୋଭେ
ଦଳେ ଦଳେ, ଶସ୍ୟକ୍ଷେତ୍ରେ ଶଲଭ ଯେସନ ।
ବିକ୍ଷେତ ଯାବତ ଥାଉ ମୋ ତେଜ ଅଙ୍ଗାରେ
ପାରେ କି ପରଶି କେହି ? ହେଲେ ତା ନିର୍ବାଣ
ଅନ୍ଧକାରେ ନେବେ ତାହା ଦଳନ୍ତ ଚରଣେ ।
ଦ୍ୱିଜାତିର ତେଜଃପୁଞ୍ଜ ଲଭିଲେ ସେରୂପେ
ଏ ଆର୍ଯ୍ୟସମାଜ ତଥା ଦଳ ବୈଦେଶିକେ
ଅଷ୍ଟମ ପଦର ରୂପବତୀ ନାରୀପରି
ନିଯୋଜିବେ ନିଜ ଭୋଗେ ଭାରତ-ଅବନୀ ।
ଶକ୍ତିରେ ଯିହାର ଯାହା, ଶକ୍ତିଗଲେ ତାହା
ଯାଏ, ସେ ଯିବାର ହୁଏ ଅନର୍ଥର ହେତୁ ।
ଅନର୍ଥର ହେତୁ ତେଣୁ ହେବ କଳିଯୁଗେ
ଭାରତଭୂମିର ଏହି ଅନୁପମ ଶୋଭା ।

ବୌଦ୍ଧଧର୍ମ ପତିତ ଭାରତରେ ପ୍ରଚାରିତ ହେବ । କିନ୍ତୁ ପୁଣି ସ୍ୱାର୍ଥପର ଦ୍ୱିଜାତି ତାହାର ବିଲୋପ ସାଧନ କରିବେ । ସେ ବିଷୟ କବି କହୁଅଛନ୍ତି:—

ନିରାକାର୍ଯ୍ୟ ଦେଉଳର ତାମସ ଗରଭେ
ସଂସାର ସନ୍ତାପେ ଯେବେ ତାରତ ମୁଦିତ
ଦଇତ, ତା ଶିଖା ଯେତେ ଦଅନ୍ତି ଲିଭାଇ
ତେଣୁ ବହ୍ନି ନିରନ୍ତରସନ୍ଧ୍ୟାୟୀ ନେତ୍ରୀ,
ପଲ ପଲ ବାଜାଇ ସେ ଦେଉଳ ଘଣ୍ଟାରୁ,
ସେହିରୂପେ ଏହି ଜ୍ଞାନ-ପ୍ରଦୀପର ଶିଖା
ଲିଭାଇ ଦେବେଟି ବେଗେ ସ୍ୱାର୍ଥାନ୍ଧ ଦ୍ୱିଜାତି ।
ଗୃହସ୍ଥ ସନ୍ଧ୍ୟାପୂଜା ଯତନେ ସମ୍ପାଦି
ସମ୍ପତ୍ତିର ଦୀପ ଜଳ ରଖି ଅଟ୍ଟ ଘରେ,
ନିଶ୍ଚିନ୍ତ ରହଇ ଅଗ୍ନିଭୟ ମନେ ମନେ,
ଦୈବେ ଯେବେ ଦେଖେ ବହ୍ନି ଅଟ୍ଟମଣ୍ଡଳେ
ଗୃହପତି, ହାତର ସେ ହୁଅଇ ଯେସନେ,
ବସ୍ତ୍ର ଯତ୍ନିଷ୍ଟର ଭାଷା ଅବନତ ଶୁଣି,
ହାତର କେସନ ହେଲେ କୌନ୍ତେୟ ପ୍ରମଦା ।

ଭବିତବ୍ୟ ଯାହା ଅବଶ୍ୟ ଘଟିବ
କଏ ତା କରିବ ଆନ
କବି ଅବା ଏହି ଜ୍ୟୋତିଷ୍କ ଗତି
ରୋଧିବାକୁ ବଳବାନ ?
ସ୍ୱାତି ତାରା ଦେଜ ଉଦନ୍ତୁ ଭୂଲୋକ
ବସନ୍ତେ ନଭୋମଣ୍ଡଳେ
ଏହି ଦଣ୍ଡେ ଯାତ ଉଦିଲନ୍ତି ଅବା
କରଭାଗ୍ୟ ମଣ୍ଡଳେ ।

ଖର୍ଜ୍ଜୁର-କାନନ- ଅନ୍ତରାଳ ପଥେ
ଅପୁଷ୍ଟନ୍ତି ବସୁଧାର
ସିନ୍ଧୁ ମୁଖେ ଅବା ଅଗ୍ନେୟ ଶତଙ୍କ
ବହେ ଯାଉ ଦ୍ରବଧାର ।

ମିଶିଯାଏ ଯଥା ପ୍ରଭାତୀ ତାର ରବିକିରଣେ
ମିଶିଯାଏ ଯଥା ଜୀବାତ୍ମା ପରମାତ୍ମା ଚରଣେ
ମିଶିଗଲା ତଥା ଅବଳା ସେହି କାଳ ତରଙ୍ଗେ

Digitized by srujanika@gmail.com

ଏକ ଥାଉଁ ଥାଉଁ ଉହିଁ ମହାଶୈଳଖଣ୍ଡ
ବ୍ୟାପି ଚଳେ ସ୍ଥୂଳ ନଦୀକୂଳକେ କାନନେ
ଉପୁଜାଏ ମନେ ସନ୍ଧ୍ୟା-ଆଗମର ଭ୍ରମ,
ଭୁଟଇ ଯେ ଭ୍ରମ ଦେଖି ଦୂରେ ପୃଷ୍ଠଭାଗେ
(ଅପୂର୍ବିର, ଅହା, ପୂର୍ବସୂର୍ଯ୍ୟସ୍ନାତ ପଥ !)
ଅସ୍ତାଚଳେ ଉଭାସିତ ତୁଙ୍ଗ ଶୃଙ୍ଗାବଳୀ ।

ଶିବକାରୁ ଉର୍ଦ୍ଧ୍ୱେ ଓଙ୍କାରଇଲେ ରତ୍ନ-
ପୁରଜେମା ଉହିହାସ,
ସନ୍ଧ୍ୟାମେଞ୍ଚୁ କେବା ହୁଇଁ ବାହାରନ୍ତି
ବିହାପୂବେ କାବ୍ୟହାସ ।

ଭାସମାନ ରକ୍ତ- ରବି-ବିମ୍ବ ଦେଖି
ଏ ଭାବ ଆସେ ଅନ୍ତରେ,
କିଭଶ୍ଚି ଉଠଇ ସୁବର୍ଣ୍ଣ ବ୍ରହ୍ମାଣ୍ଡ
ଭାସଇ କିବା ସାଗରେ ?
କେବା ଜଳନିଧି- ଶାୟୀ ମଧୁରପୁ
ନାଭିନାଳେ ଅବିକନ
ଉବା ବସୁନ୍ଧ- ରୂପୀ କଳ୍ପତ୍ତର
ଅନୁରୂପ କୁରୁବନ,

※ ※ ※ ※

ଦୂରେ ସମଗର ଦନ୍ତ ରଜତର
ଅସ୍ତରଣ ପରି ଦିଶେ
ଦିଗ୍‌ବଳୟେ ନୀଳ- ତରୁ-ସଜ ଗାଉ
ଦାଢ଼େ ଅଙ୍କରେଖା କି ସେ ?
କିସଜଇ ଗିରୁ ଚନ୍ଦ୍ରାତପ ପ୍ରାୟେ
ଉର୍ଦ୍ଧ୍ୱେ ହୋଇ ଲମ୍ବମାନ
କିରଳ-ତରଳ- ତାରକାଗୁମ୍ଫିତ
ସୁନୀଳ ନଭସ୍ଥିତାଣ ।
ସରପାନ୍ତୁ ଉଡ଼ି ପୁଣି ଭାସି ଭାସି
ତରଳ ଶଶିମୟୂଖେ
ନଦେ ସବୁ ସବୁ ଯାଉଛନ୍ତି ଟେକିଣ
ସୁନୀଳ ଚିଲକାମୁଖେ ।

କବି ସନ୍ଧ୍ୟାଦେବଙ୍କ ବର୍ଣ୍ଣନା ଅତ୍ୟନ୍ତ ମନୋମୁଗ୍ଧକର । ତାଙ୍କର ପାବନ, ସଦାଚ-କେଶଙ୍କ, କେବଳ ପ୍ରସିଦ୍ଧ ଗ୍ରନ୍ଥର ମିଶ୍ର ମଧ୍ୟାହ୍ନ ସନ୍ଧ୍ୟା ବର୍ଣ୍ଣନା ମିଲ୍‌ଟନଙ୍କ Paradise Lost, book V. ଓ ସେକ୍ସପିୟରଙ୍କ Cymbeline ପ୍ରଭୃତିର ପ୍ରଭାତ ବର୍ଣ୍ଣନାରୁ ଜନୁଷ୍ଟ ତ ନୁହେ; ବରଂ ନାନା ଭାବ ବୋଲି କୋଟିଗୁଣ ମଧୁରତର ଜଣାଯାଏ । ଏଠାରେ ଚନ୍ଦ୍ରଭାଗାର ସନ୍ଧ୍ୟାବର୍ଣ୍ଣନା ହୁଇ ଥାଉ ଲିଖିବାର କଲ:—

ମଧୁର ପ୍ରଦୋଷ ସମୟ ସ୍ୱର୍ଣ୍ଣକିରଣବୋଳା
କାଦମ୍ବିନୀ ଖେଳେ ଗଗନେ ଧୀର ସମୀର ଦୋଳା
ଗୋଧୂଳି ଗଗନ ସୁଚିତ୍ର ଦିଶେ ଶତ ବରଣେ
ଶତ ମନୋରଥ ଝଲକେ ଯେସନେ ଆଶାକାନନେ
ନବଁସାଗଲଟା-ଶ୍ୟାମଳ ବାଳୁଶ୍ତ୍ର ପର ଖଣ୍ଡ
ଦିବା ଅବସାନ ଦେଖିଣ କ୍ରମେ ବିସ୍ତାରେ କାୟା
ବାରୁଣୀ ଦର୍ପଣ ସମ୍ମୁଖେ ଝଲେ ସର ସଲିଳ
ସୁବର୍ଣ୍ଣ ଲହରୀ ସୃଜଇ ତହିଁ ମନ୍ଦ ଅନିଳ

ଉର୍ବଶୀରେ କବି ଶୀତ-ବସନ୍ତଋତୁ ବର୍ଣ୍ଣନ କରନ୍ତି:—

ଅତି ମନୋହର- କାଳ, ଶୀତଋତୁ—
ଧରା ଛଡ଼ି ଛଡ଼ି ନାହିଁ,
ପଲ୍ଲବପାଟଳ ମଧୁ ଋତୁରାଟ
ଧରା ମାଡ଼ି ମାଡ଼ି ନାହିଁ ।
ନଦୀତୀର ସ୍ୱର୍ଣ୍ଣ ବର୍ଣ୍ଣ ସମ୍ମିଳା
ସର୍ଷପ କୁସୁମେ ଦିଶେ,
ମଧ୍ୟେ ନୀରବେଣୀ ସନ୍ଧ୍ୟା ମେଘରନ୍ଧ୍ରେ
ନୀଳନଭରେଖା କି ସେ ?
ଥରେ ଥରେ ମେଘ ମଳୟ ମୈଘର
ଆସି ଚୁମ୍ବି ଯାଏ ଧରା,
ଖଣ୍ଡରେ ଲାଗଇ ଶୀତ, ପୁଣି ଗଲେ
ଝରକୁ କାଟଇ ଖରା ।

ଉର୍ବଶୀର କଥା କହିଲେ ହୁଇ ଘନ ଶତ ପୃଷ୍ଠା ଉଦ୍ଧାର ହେବ । ତାଙ୍କର ରଣାଙ୍ଗନର ଉପ୍ତଙ୍କର

Digitized by srujanika@gmail.com

ଦୃଶ୍ୟ, ପ୍ରକୃତିର ରୁଦ୍ର ସୁନ୍ଦର ଦୃଶ୍ୟ ବର୍ଣ୍ଣନା, ମାନବଚରିତ୍ରର ସୂକ୍ଷ୍ମ ବିଶ୍ଳେଷଣ ଯେ କୌଣସି ଉନ୍ନତ ସାହିତ୍ୟର ଉପଯୁକ୍ତ ।

ତାଙ୍କ ରଚନାରେ ସାଧୁ ସଂସ୍କୃତ ଓ ପ୍ରଚଳିତ ସହଜ ଶବ୍ଦକଲାପର ବିଚିତ୍ର ସମାବେଶ ହୋଇ ଅଛି । ଅନେକେ ଏହାକୁ ଦୋଷ ବୋଲି ମଣନ୍ତି, କିନ୍ତୁ ମୁଁ ଏହାକୁ ଗୁଣ ଓ ଭାଷାର ସଜୀବତାର ଲକ୍ଷଣ ବୋଲି ମନେ କରେ । ଏ ବିଷୟରେ ଉତ୍କଳ-ସାହିତ୍ୟ ପତ୍ରିକାରେ ବିସ୍ତୃତ ଆଲୋଚନା ଇତପୂର୍ବେ ମୁଁ କରିଥିଲି । ଏଠାରେ ପୁନରୁକ୍ତି ନିଷ୍ପ୍ରୟୋଜନ । । ଏଠାରେ କେବଳ ତାଙ୍କ ନବପ୍ରକାଶିତ "ଦଶରଥ ବିୟୋଗ"ରୁ ଗୋଟିଏ ଯୋଡ଼ିଏ ଉଦାହରଣ ଉଦ୍ଧାର କରିଦେଲି ।

ଶ୍ରୀରାମଚନ୍ଦ୍ରଙ୍କ ବନବାସ ହେତୁରୁ

ଶୂନ୍ୟ ଗନ୍ଧୋଦ୍ୟାନ ଯହିଁ ବେଣୀଭୂଷାପ୍ରାର୍ଥୀ

ମନ୍ଦିରେ ବିହରୁଥିଲେ ନାଗରିକ ଯୁବା ।

ଏହି ସହଜ ଶବ୍ଦ ପାଠକଙ୍କୁ ଶୂନ୍ୟଗନ୍ଧୋଦ୍ୟାନରୁ ଗନ୍ଧବନ୍ଧିତ ପଥ ଛାଡ଼ି ମନ୍ଦିରୀ ଯୁବକମାନଙ୍କ ନିକଟକୁ ନେଇ ଯାଏ ।

—ଶୁଭେ କେବେ କେବେ

ନଦୀ କୂଳ ନଷ୍ଟତର ଭୂକମ୍ପନ ପରି

ନଗରର ଉପକଣ୍ଠେ ବାଲୁଅର ଚର ।

"କୋ ଉତ୍ତରେ ବାଲୁଅ ଚୁଲୁ" ଏହା ଶତ୍ରୁ ପ୍ରତି ବିଷମ ଅଭିଶାପ ।

ବନପଶୁ କେବେ କେବେ ଦେଖିଲେ ଓଲ୍ହାଇବେ କଲେ

ଏହି ପାଷ ମନେ କହି ରହିଲି ମୁଁ ଲୁଚି

ପଶ୍ଚ ତରୁଲତାପୂର୍ଣ୍ଣ ବନ ଅନ୍ତରାଳେ ।

କେଉଁ ନ୍ୟାୟ ଏହା ? ମୁହିଁ ନିରୀହ ପକ୍ଷିଣୀ

ଖାଇ ନ ଜାଣି ଥିଲି ଦାନା ଏଠାରେ ଏ ପକ୍ଷିଣୀ !

କବି ଗଙ୍ଗାଧର ଶିକ୍ଷାଗୁରୁ, ସମାଜସଂସ୍କାରକ । ଆଦିବେଦ, ଚରକସଂହିତା, ଭାରତୀୟ ଉତ୍କଳ ପ୍ରଦେଶସ୍ଥ ନୃପତିବର୍ଗଙ୍କ ମଧ୍ୟରେ ହିଂସା ବା ସ୍ୱଦେଶହିତ କିପରି ଭାରତକୁ ସାରଶୀର କରି,

[illegible] ପାଣ୍ଡବ ମହାଯାତ୍ରାରେ ଯେ ଅନ୍ତର୍ଭେଦୀ ଚିତ୍ର କରିଅଛନ୍ତି । ଜୟଚନ୍ଦ୍ର ଓ ପୃଥ୍ୱୀରାଜଙ୍କ ବିବାଦ ସମ୍ବାଦରେ ଯୁଧିଷ୍ଠିର କହୁଅଛନ୍ତି:—

ଧୃତରାଷ୍ଟ୍ର କୁରୁ, ପଞ୍ଚ ପାଣ୍ଡବ ସହିତେ

ଥିଲେହେଁ ବିବାଦେ ରତ, ଦେଶବୈରୀ ସଙ୍ଗେ

ଯୁଝୁଥିଲୁଁ ଆମ୍ଭେ ହୋଇ ପଞ୍ଚୋତ୍ତର ଶତ;

ଏହି ନୀତି ଅନୁସରି, ଯେବେ ଏହି ମନେ

ଗନ୍ଧର୍ବବାହିନୀ ସଙ୍ଗେ ଯୁଝି ଏହି ମେଳେ

ଉଦ୍ଧାରିଲୁଁ ଅରି ବନ୍ଧୁ ହେଲେ ସୁଯୋଧନେ;

ଅନ୍ତରେ ଜର୍ଜର ଭାବ ନିରନ୍ତର ବହି,

ସହିତ ମହାଦଣ୍ଡଙ୍କ ଶତ୍ରୁ ଭେଦେ ଯଥା,

ସମାନ୍ୟ ବିପଦେ ଗୃହବିଗ୍ରହ ବିସ୍ମରି

ଯୁଝନ୍ତି ତେସନେ ଆର୍ଯ୍ୟେ ଦେଶବୈରୀ ସହ ।

ଆର୍ଯ୍ୟର ଏ ଚିର ନୀତି ବିସ୍ମରି କି ସତେ

ସାନୁକାରଙ୍କର ଧର୍ମ ଭଜି କର୍ମଦୋଷେ

ଏହିରୂପେ ଆର୍ଯ୍ୟେ, ଆହା, ଯିବେ ରସାତଳେ?

କଳିର ବ୍ରାହ୍ମଣମାନଙ୍କ ବିଷୟରେ ଅଗ୍ନିଦେବ କହୁଅଛନ୍ତି:—

ସ୍ୱକଣିଷ୍ୟ ଲୁପ୍ତିମୂଳ ଦ୍ୱିଜାତି-ହୃଷ୍ଟ-

ଯୋଗେ ନାରଖାର ହେବ ଅଚିରେ ଏ ମନ୍ତ୍ର ।

ବ୍ରହ୍ମଚର୍ଯ୍ୟ ତେଜି ବିପ୍ରେ ହେବେ କଳିଯୁଗେ

ଲୋଭମୋହ-ଜାଲେ ପଡ଼ି ଅବିଦ୍ୟା-ସେବକ ।

ଅନର୍ଗଳ୍ୟ ଦ୍ୱିଜାତିର ହେବ ଅବଶେଷେ

ପରି କର୍ମେ ସସ୍ତ୍ର ଧର୍ମ ଏକମାତ୍ର ବ୍ରତ ।

ତପ, ଜପ, ଆତ୍ମସାଧ ସବୁ ଦୂରେ ଯାଇ

ଏକମାତ୍ର ଯଜ୍ଞସୂତ୍ର ଗୁଣ ଥିବ ଗୁଣେ,

ଧର୍ମକୁ କରିବେ ବିପ୍ରେ ଜୀବନ-ଜୀବିକା ।

ଭାରତ-ବାସୀଙ୍କି ଦୃଢ଼ କର୍ମକାଣ୍ଡ-ଜାଲେ

ଛନ୍ଦିବେ, ସେ ଜାଲେ ପୁଣି ନିଜେ ହେବେ ଛନ୍ନ

ସେ ଜଟିଳ କର୍ମକାଣ୍ଡେ ହୋଇ ଅନ୍ତର୍ହିତ

ଧର୍ମର ଯେ ସାର, ତାକୁ ଦ୍ରୁତ ଆର୍ଯ୍ୟଗଣେ

ହାରିବେ ଜୀବନ ଧର୍ମ-ଭୂପେ ଭ୍ରଷ୍ଟ ହୋଇ ।

ଯଜ୍ଞମାନ ପାଇଁ ଶାସ୍ତ୍ର ଖୋଜିଣ ବୁଦ୍ଧିକେ

ଦମ୍ଭେ [illegible]

Digitized by srujanika@gmail.com

ବାଟ ନ ପାଇବେ କେହେ ପଳାଇବା ପାଇଁ,
ଯବନମାନସଙ୍ଗେ ହେବେ ପ୍ରୋଥିତ ସେଠାରେ।
ଅନ୍ତର୍ଦ୍ଧି ରକ୍ଷିବା ପାଇଁ ସ୍ୱଜାତିପ୍ରଭୃତି
ଯବନମାନ ତାଙ୍କର ଐକ୍ୟ ଭାଙ୍ଗି ଦେଇ
ଶତ ଶତ ଉତ୍ପାତ ଦୃଢ଼ରେ ବ୍ରାହ୍ମଣେ
ଦେବବୃତ୍ତି ଉଠୁଥାଇ ମାନବେ ମାନବେ;
ସମାଜେ ଏ ସ୍ଥାନଭ୍ରଷ୍ଟ ଘୃଣ୍ୟରୂପେ ପଶି
ଅସ୍ଥି ମଜ୍ଜା ଶୋଷି ତାକୁ କରିବ ଜର୍ଜ୍ଜର,
ଏହି ଅଭେଦତ୍ୱ ସ୍ପର୍ଶେ ପଣିତ ଅଶୁଚି
ଆପଣକୁ, ଅପବିତ୍ର ପଶୁଠାରୁ ପୁଣି
ହୀନ କରି ମାନବକୁ ମଣିବେ ମାନବେ ।

ତାଳର ଋଷି ଦ୍ୱୟଙ୍କ ଦଶା ବିଷୟରେ ଅଗ୍ନିଙ୍କ ଭବିଷ୍ୟବାଣୀ—

ମଦନ, ଆଲସ୍ୟ, ଈର୍ଷା ଭଳି ସେନାପତି
ପଶିବେ ଗଜନ୍ୟଗୃହେ ବଳ ଅଜ୍ଞାନରେ,
ଅମଙ୍ଗଳସାଧନ ସେହି ଦୃଢ଼ପ୍ରତିଜ୍ଞତା,
ଯେ ସାହସ ଧନ-ପ୍ରାଣ ଦେଶରକ୍ଷାବ୍ରତେ,
ଯେ ପ୍ରବଳ ସଂପ୍ରିମନ୍ତ୍ର ଯେବେ ମୋର ଶିଖା,
ବଳୁସାର ସେହି କାର୍ଯ୍ୟ, ଥିଲା ଅଛି ଯାଏ
ଯବର ଯା ପ୍ରିୟ ଧର୍ମ, ସବୁ ସିବ ଚଳି
ସବୁ ଯାଇଁ ଅଭିମାନ ବହିବ କେବଳ,
ସରସେ କର୍ଦ୍ଦମ ଯଥା ରହେ ଅବଶେଷ
କମଳ କୁମୁଦ ସଙ୍ଗେ ଜଳ ଗଲେ ଶୁଖି ।

କବି ରାଧାନାଥ ସମସାମୟିକ ଅନେକ ବ୍ୟକ୍ତିଙ୍କୁ ଓ ବିଷୟକୁ ସ୍ୱକାବ୍ୟର ଅଙ୍ଗୀଭୂତ କରିଅଛନ୍ତି । ତାଙ୍କର ଦରବାର ଏହାର ନିଦର୍ଶନ ସ୍ଥଳ ।

କେଉଁ ବୋଲେ ମୁହିଁ ଅଟଇ ପୁଲିସ
ବନା ମେଦେ ସୃଜ ପାରଇ ଲୁଚଣ ।

ଉତ୍କଳଗୌରବ ସାମନ୍ତ ଚନ୍ଦ୍ରଶେଖର ସିଂହଙ୍କୁ ସମ୍ବୋଧନ କରି ଯେ ଯାହା ଲେଖିଅଛନ୍ତି ତହିଁରୁ ତାଙ୍କର ସ୍ୱଦେଶପ୍ରେମ ଓ ଗୁଣଗ୍ରାହକତାର ନିଦର୍ଶନ ମିଳୁଅଛି ।

ପଡ଼ିକାତର ଘଟଣାମାନଙ୍କ ଠିକ ବି ସମର ହୋଇଅଛି । କିନ୍ତୁ ରାଧାନାଥଙ୍କରେ ଯେ ଯାହା କରିଅଛନ୍ତି, ତାହା ମହାକାବ୍ୟର ଉପଯୁକ୍ତ ହୋଇନାହିଁ ।

ରାଧାନାଥଙ୍କ କାବ୍ୟାବଳୀରେ ପାଣ୍ଡିତ୍ୟ ଓ କବିତ୍ୱ ଉଭୟର ଶୁଭ ସମାବେଶ ମଣିକାଞ୍ଚନ ସଂଯୋଗ ହୁଏ । ତାଙ୍କ କାବ୍ୟମାନଙ୍କ ପୌରାଣିକ ଉପାଖ୍ୟାନ ଓ ଦୃଷ୍ଟାନ୍ତ, ଐତିହାସିକ, ଭୌଗୋଳିକ, ବୈଜ୍ଞାନିକ ଉପମା ଓ ରୂପକ, ସମସାମୟିକ ବ୍ୟକ୍ତି ଓ ବିଷୟର ଉଲ୍ଲେଖରୂପ ମଣିମାଣିକ୍ୟରେ ଜଡ଼ିତ କାର୍ଯ୍ୟ ପରି ସୁଶୋଭିତ । ସେ ସଂସ୍କୃତ ଓ ପାଶ୍ଚାତ୍ୟ କବିବୃନ୍ଦଙ୍କ ଭାବ ଏବଂ ଶ୍ରେଷ୍ଠ ସଂସ୍କୃତ, ଓଡ଼ିଆ, ବଙ୍ଗୀୟ କବିଗଣଙ୍କ ଭାଷାର ସମନ୍ୱୟ ସ୍ୱ-ପ୍ରଣୀତ କାବ୍ୟାବଳୀରେ ପ୍ରଦର୍ଶନ କରିଅଛନ୍ତି । ସଂସ୍କୃତ ଓଡ଼ିଆ ବଙ୍ଗଳା ତିନି ଭାଷାର ଶ୍ରେଷ୍ଠ କାବ୍ୟାବଳୀ ସମାଲୋଚକୋଚିତ ମନୋଯୋଗ ସହକାରେ ଆଲୋଚନା କରି ପ୍ରତିଭାଶାଳୀ କବି ତାହା ନିଜସ୍ୱ କରି ନୂତନ ଭାବରେ ସ୍ୱରଚିତ କାବ୍ୟାବଳୀରେ ଗନ୍ଥେଇ ଦେଇ ଅଛନ୍ତି । ତାଙ୍କ ଭାଷାରେ କାଳିଦାସ, ମୁରାରି, ଉପେନ୍ଦ୍ରଭଞ୍ଜ, ମାଇକେଲ, ସାରଳା ଦାସ, ତୁଳସୀ ଦାସଙ୍କ ଅନୁକରଣ ପ୍ରତିଫଳିତ ହୋଇଅଛି ଏବଂ ତାଙ୍କ କାବ୍ୟାବଳୀ ପ୍ରୋକ୍ତ କବିଙ୍କର ଓ ସେକ୍ସପିୟର, ବାଇରନ୍ ପ୍ରଭୃତିଙ୍କ ଭାବଦ୍ୱାରା ପରିପୁଷ୍ଟ, ଅନୁରଞ୍ଜିତ, ସୁସଜ୍ଜିତ ହୋଇଅଛି । କବି ରାଧାନାଥ ଯହିଁରେ ହସ୍ତ ଦେଇ ଅଛନ୍ତି, ତାହାକୁ ନିଜସ୍ୱ କରିଅଛନ୍ତି । କେଦାରଗୌରୀରେ Romeo and Juliet, ଯଯାତିକେଶରୀରେ Twelveth Night or What you will, ପାର୍ବତୀରେ Hamlet, ତୁଳସୀସ୍ତବକରେ ତୁଳସୀ ରାମାୟଣର ଛାୟା ପଡ଼ିଥିଲେ ସୁଦ୍ଧା ତାହା ମୌଳିକ କାବ୍ୟରୂପରେ ଉତ୍କଳ-ସାହିତ୍ୟ-ଭଣ୍ଡାରରେ ସଞ୍ଚିତ ରହିଲା । ଯେଉଁମାନେ କହନ୍ତି, ଏଭଳି ଗ୍ରହଣ କରି କବି ମୌଳିକତା ହରାଇଅଛନ୍ତି, ସେମାନଙ୍କର ସ୍ମରଣ ରଖିବା ଉଚିତ ଯେ ସେକ୍ସପିୟର ନିଜେ ହଲିନ୍‌ସେଡ଼ ଆଦିଙ୍କ ପ୍ରଣୀତ ଗ୍ରନ୍ଥାଦିରୁ

Digitized by srujanika@gmail.com

ଉପକରଣ ଗ୍ରହଣ କରିଥିଲେ । ତାଙ୍କର କେତେକ ନାଟକ ଅନ୍ୟରଚିତ ପୁସ୍ତକର ନାଟକମାନଙ୍କ ସୁସଜ୍ଜିତ ସଂସ୍କରଣ ମାତ୍ର । ତଥାପି ସେହି ଗ୍ରନ୍ଥମାନ ସେକ୍ସପିୟରଙ୍କର ନୁହେଁ ବୋଲି କେହି କହେ ନାହିଁ । କାଳିଦାସଙ୍କ ଗ୍ରନ୍ଥାବଳୀର ବିଷୟ ମହାଭାରତ ପ୍ରଭୃତିରୁ ଗୃହୀତ ବୃତ୍ତାନ୍ତର ରୂପାନ୍ତର ମାତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ସ୍ୱଭାବରେ ମିଲ୍ଟନ ଓ ମାଇକେଲ ମଧ୍ୟ ମୌଳିକ କବି ନୁହନ୍ତି । ଯେହେତୁ ସେମାନଙ୍କ ଗ୍ରନ୍ଥାବଳୀର ଭାବ ବାଇବେଲ, ଗ୍ରୀସୀୟ ଓ ରୋମୀୟ କବିବୃନ୍ଦ, ବାଲ୍ମୀକିଙ୍କ ଗ୍ରନ୍ଥାଦିରୁ ସଂଗୃହୀତ ଭାବରତ୍ନ-ପୁଷ୍ପଗୁଚ୍ଛ । କବି ନାନା ସ୍ଥାନରୁ ପୁଷ୍ପ ଚୟନ କରନ୍ତି ସତ୍ୟ, ହେଲେ ପୁଷ୍ପାବଳୀରେ ଗ୍ରଥିତ ଅପୂର୍ବ, ସୁନ୍ଦର, କୁସୁମମାଳା ତାଙ୍କର ନିଜସ୍ୱ । ପ୍ରକୃତରେ ଶ୍ରେଷ୍ଠ କବିମାନେ ଉଦ୍ଭାବନଠାରୁ ମଣ୍ଡନରେ ବିଶେଷ ପାଟବ ପ୍ରକାଶ କରି ଥାନ୍ତି । ସେଥିରେହିଁ ଜଗତର ମଙ୍ଗଳ । ସାମାନ୍ୟ ଚାଲୁଲେଖକ ଏ ବିଷୟରେ ଶ୍ରେଷ୍ଠ କବିଙ୍କୁ ଜିଣନ୍ତି । ଏହି ଉଦ୍ଭାବନ ବିଷୟରେ କବି ସମୟ ଓ ଶକ୍ତି ବ୍ୟୟ କଲେ ବାକ୍ୟ ଦ୍ୱାରା କରିବେ କେତେବେଳେ ? କେବଳ ଲେଖକ ସମସ୍ତ ତଥ୍ୟ ନିଜସ୍ୱ କରି ହୃଦୟରୁ ଲେଖିବେ । ମହାତ୍ମା Emerson କହିଅଛନ୍ତି:—

All originality is relative. Every thinker is retrospective, The appeal is to the consciousness of the writer. Is there at least a Delphi whereof to ask concerning any thought or thing whether it be verily so, yea or nay? and to have answer and to rely on that? All the debt which such a man could contract to other wit, would never disturb his consciousness of originality. Thought is the property of him, who can entertain it and him who can adequately place it.

ରାଧାନାଥ ଅଧୁନାତନ ଉତ୍କଳ ଭାଷାର ସଂସ୍କାରକ । ସେ ଉତ୍କଳ ଭାଷାକୁ ନବ ଜୀବନ ପ୍ରଦାନ କରି ଅଛନ୍ତି । ତାଙ୍କ ପୁସ୍ତକ ଯେତେ ପଢ଼ିବ, ସେତେ ମଧୁରତର ଲାଗିବ, ପୁନଃପଠନେଚ୍ଛା ସେତେ ବଳବତୀ ହେବ, ସ୍ମରଣଶକ୍ତିଶାଳୀ ପାଠକ ଅନେକାଂଶ କଣ୍ଠସ୍ଥ କରି ପକାଇବ । ତାଙ୍କ କାବ୍ୟରସରେ ଯେତେ ଗଭୀରତର ନିମଜ୍ଜିତ ହେବ, ସେତେ ରତ୍ନ ପ୍ରାପ୍ତ ହେବ । ତାଙ୍କ ବର୍ଣ୍ଣିତ ଦୃଶ୍ୟ ଯେତେ ଦର୍ଶନ କରିବ, ତାଙ୍କ ନିସର୍ଗ-ବର୍ଣ୍ଣନମାଧୁରୀର ସେତେ ଅଧିକ ଆସ୍ୱାଦନ ପାଇବ । ସେ କେତେବେଳେ ଉତ୍କଳର ଉପଳବହୁଳ ଉତ୍ତୁଙ୍ଗ ମସ୍ତକର ଉପରେ ଦଣ୍ଡାୟମାନ ହୋଇ ଜୀମୂତମନ୍ଦ୍ରବତ୍ ଦୁନ୍ଦୁଭି ନିନାଦରେ ଦିଗନ୍ତବ୍ୟାପୀ ଅରଣ୍ୟାନୀର କନ୍ଦରକନ୍ଦରକୁ ନିନାଦିତ କରି କୃପାଣପାଣି ବୀରବୃନ୍ଦଙ୍କୁ ଅପୂର୍ବ ବୀର୍ଯ୍ୟରେ ଉନ୍ମାଦିତ କରୁଅଛନ୍ତି । କେତେବେଳେ ଅବା ସ୍ରୋତସ୍ୱିନୀପୁଳିନସ୍ଥ ପାର୍ଶ୍ୱସ୍ଥ ତରୁତଳରେ ଉପବିଷ୍ଟ ହୋଇ ମୃଦୁମଧୁର ମନୋହର ବଂଶୀଧ୍ୱନି କରି ଜଳାର୍ଦ୍ରବସନା, ଚମ୍ପକବର୍ଣ୍ଣା, ମୁକ୍ତବେଣୀଲୋଲନେତ୍ରା, ପଲ୍ଲୀବାସିନୀମାନଙ୍କୁ ଉନ୍ମତ୍ତ କରୁଅଛନ୍ତି । ସେ ଉତ୍କଳର ପୁରାତନ ଇତିହାସ କାହାଣୀ ଓ ଉତ୍କଳ ପ୍ରଦେଶସ୍ଥ ପ୍ରକୃତିର ରୁଦ୍ର ସୁନ୍ଦର ଦୃଶ୍ୟ ବର୍ଣ୍ଣନ କରି ନବଯୁଗର ନବୋଦ୍ୟମରେ ଉତ୍କଳୀୟମାନଙ୍କ ପ୍ରାଣରେ ସ୍ୱଦେଶପ୍ରେମକୁ ପ୍ରତିଷ୍ଠିତ କରିଅଛନ୍ତି । ରାଧାନାଥ ଅଧୁନାତନ ଉତ୍କଳର ଜଣେ ଜାତୀୟ କବି । ସେ ନିସର୍ଗସୌନ୍ଦର୍ଯ୍ୟ ସଙ୍ଗେ ସଙ୍ଗେ ଉତ୍କଳ ଇତିହାସର ଶ୍ରେଷ୍ଠ ସର୍ବ, ସ୍ଥଳମାନଙ୍କ ଦୃଶ୍ୟ ସ୍ଥାୟୀ କାବ୍ୟରୂପ ଚିତ୍ରପଟରେ ଅଙ୍କିତ କରି ଅଛନ୍ତି । ପାଶ୍ଚାତ୍ୟ ଶ୍ରେଷ୍ଠ କବିଙ୍କ ନ୍ୟାୟ ଅଂଶ(Plot) ଗ୍ରହଣ କରି ଓଡ଼ିଶା-ଇତିହାସର ପ୍ରଧାନ ପ୍ରଧାନ ଯୁଗର ଘଟଣାବଳୀ ସଙ୍ଗରେ ଯୋଗ

Digitized by srujanika@gmail.com

ସଂଯୁକ୍ତ କରିଅଛନ୍ତି, ତାହା ଅଭିଜ୍ଞ ବ୍ୟକ୍ତିମାନେ ବୁଝି ପାରିବେ । କେଶରୀବଂଶର ପ୍ରାରମ୍ଭ, ପରିଣାମ ଓ ଗଙ୍ଗାବଂଶର ଆରମ୍ଭ, ଶେଷୋକ୍ତ ବଂଶର ଉନ୍ନତିକାଳୀନ ଅବସ୍ଥା, ଉତ୍କଳର ଦେବମୂର୍ତ୍ତି ସ୍ଥାପନ ଆଦି ଘଟଣା ତାଦୃଶ ନିପୁଣତାସହକାରେ ବର୍ଣ୍ଣିତ ହୋଇଅଛି, ତାହା ଯେତେବେଳେ ମୁଁ ସର୍ବପ୍ରଥମେ ଅନୁଧ୍ୟାନପୂର୍ବକ ବିଶ୍ଳେଷଣ କରି ଦେଖିଲି, 'ଧନ୍ୟ ରାଧାନାଥ ରାୟ' ବୋଲି ନ କହି ରହି ପାରିଲି ନାହିଁ । ରାଧାନାଥ ଉତ୍କଳର ଜାତୀୟ କବି । ଏହାର ଅନ୍ୟ ନିଦର୍ଶନ ଏହି ଯେ ଉତ୍କଳରେ ତାଙ୍କର ବହୁସଂଖ୍ୟକ ଅନୁକରଣକାରୀ ଓ ବହୁସଂଖ୍ୟକ ଶତ୍ରୁ । ଅନେକ ଲୋକ ଶତ୍ରୁ ହେବା ମହତ୍ତ୍ୱ ଓ କବିକୀର୍ତ୍ତିର ଗୋଟିଏ ପ୍ରଧାନ ଲକ୍ଷଣ । ଏହାର କାରଣ ଏହି, କାହାର କବି-ଉପାର୍ଜିତ ଭୂୟସୀ କୀର୍ତ୍ତି ଅସହ୍ୟ ହୁଏ, କେହି ବା କବି-ପ୍ରବର୍ତ୍ତିତ ନୂତନ ପନ୍ଥା ହୃଦୟଙ୍ଗମ କରି ପାରନ୍ତି ନାହିଁ । ଉଭୟଥା ମହତ୍ତ୍ୱ ପ୍ରମାଣିତ ହୁଏ । ଏହି ମହତ୍ତ୍ୱର ଭକ୍ତ ମଧ୍ୟ ଅନେକ ହୁଅନ୍ତି । ବର୍ତ୍ତମାନ ଚନ୍ଦ୍ରାବଳୀର ପ୍ରକାଶକ ଜଣେ କାବ୍ୟଲୁବ୍ଧ ବଦାନ୍ୟ ଉଦାରହୃଦୟ ବ୍ୟକ୍ତି ହେବେ ।

ସାଧାରଣତଃ ପରିଦୃଷ୍ଟ ହୁଏ ପ୍ରତିଭାଶାଳୀ ଗୁଣୀ ମହାଜନମାନେ ଜୀବିତ କାଳ ମଧ୍ୟରେ ଗୃହୀତ ବା ସମ୍ମାନିତ ହୁଅନ୍ତି ନାହିଁ । ସେକ୍ସପିୟର୍, ମିଲ୍ଟନ୍, କୀଟ୍ସ, ଗାଲିଲିଓ, କାଳିଦାସ, ଭବଭୂତି ଏହାର ନିଦର୍ଶନ ସ୍ଥଳ । ଗୁଣଗ୍ରାହକତା ଆଧୁନିକ ସଭ୍ୟତାର ପ୍ରଧାନ ଲକ୍ଷଣ । ଏହି ଦାନଶୀଳ ଅଧଃପତିତ ଜାତି ଉତ୍କଳ ଦେଶ ଉତ୍ତରରେ [illegible]ଠାରୁ ଦକ୍ଷିଣରେ ବ୍ରହ୍ମପୁର ପର୍ଯ୍ୟନ୍ତ, ପୂର୍ବରେ ଫେନୋର୍ମିସଙ୍କୁଳ ମହୋଦଧିଠାରୁ ପଶ୍ଚିମରେ ନର୍ମଦା କୂଳର ଦୂରଦ୍ୱାର ପର୍ଯ୍ୟନ୍ତ ସମସ୍ତ ଶିକ୍ଷିତ ଓଡ଼ିଆ ବ୍ୟକ୍ତି ଜଣେ ବଙ୍ଗଦେଶୀୟ ଓଡ଼ିଆ କବିଙ୍କ (ଅର୍ଥରେ ତ ନୁହେ) ଅନ୍ତତଃ ଆନ୍ତରିକ ଭକ୍ତି ପ୍ରୀତି ଅର୍ପଣ କରି ପାରିଅଛନ୍ତି, ଏହା ଓଡ଼ିଆ ଜାତି ପକ୍ଷରେ ଅଳ୍ପ ଆଶା-ବାର୍ତ୍ତା ବା ଗୌରବ କଥା ନୁହେ । ଓଡ଼ିଶାର ସ୍ଥାନ ସଭ୍ୟଜଗତରେ ଅଛି । ଓଡ଼ିଶାର ସ୍ୱତନ୍ତ୍ର ଅସ୍ତିତ୍ୱ ଅଛି । କିନ୍ତୁ ବର୍ତ୍ତମାନ ମଧ୍ୟ ହୁଡିକ-ରାଜ୍ୟ । କଥାରେ ଯେଉଁ ହିସାବ ମିଳେ ରାଧାନାଥ ବାବୁ ତାହା ଅନେକ ପରିମାଣରେ ପାଇଅଛନ୍ତି । କିନ୍ତୁ ଏ ସମାଲୋଚନା ମାତ୍ର ଓ ଆତୁର, ଖାଲି କଥାର ତ ନୁହେ—

ଉତ୍କଳଗୌରବ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହଙ୍କୁ ସମ୍ବୋଧନ କରି କବି କହି ଅଛନ୍ତି—

ଗୁଣଜ୍ଞ ଉତ୍କଳେ ଜଣେ କେହି ନାହିଁ,
ଗୁଣୀନ୍ଦ୍ର, ତୁମ୍ଭର ହେବ ଗୁଣଗ୍ରାହୀ ।
ଦଳିଲ ନ ପିନ୍ଧି ଖାଲି ଦଣ୍ଡବତ
କରିବାରୁ ଛନ୍ତି ଲୋକ ଶତ ଶତ,
× × × × × × ×
ଶୁଷ୍କ ବନ୍ଧ୍ୟ ଯାଗ ସଙ୍ଗେ ଅର୍ବାଚୀନ
ପ୍ରଭୁର ପଦ ଲଲାଟଲେଖନ;
ଲକ୍ଷ୍ମୀଙ୍କ ସପତ୍ନୀ ହେବାରୁ ବରଦା
ଦାରିଦ୍ର୍ୟ ତୁମ୍ଭର ସଙ୍ଗୀ ହେଲା ସଦା ।

ସାମନ୍ତଙ୍କ ପରି ଏ ଉକ୍ତି ତାଙ୍କଠାରେ ମଧ୍ୟ ପ୍ରଯୁଜ୍ୟ ।

ସବୁଦେଶରେ ସବୁକାଳରେ ଏପରି ଦୃଷ୍ଟ ହୁଏ ଯେ ଯେଉଁବେଳେ ସାଧାରଣ ପାଠକମଣ୍ଡଳୀ ସମାଲୋଚକ କବି ଓ ଲେଖକମାନଙ୍କୁ ପରିପୋଷଣ କରିବାକୁ ପ୍ରସ୍ତୁତ ହୋଇ ନ ଥାନ୍ତି, ସେତେବେଳେ ଦେଶର ଧନୀ, ଭୂସ୍ୱାମୀମାନେ ସେମାନଙ୍କୁ ସାହାଯ୍ୟ କରି ସାହିତ୍ୟକୁ ଜୀବିତ ଓ ବର୍ଦ୍ଧିତ କରନ୍ତି । ପଞ୍ଚଶ ବର୍ଷ ମଧ୍ୟରେ ଜର୍ମାନ ସାହିତ୍ୟ ପ୍ରକାଣ୍ଡ ଆକାର ଧାରଣ କରିବାର ହେତୁ ନୃପତିମାନଙ୍କ ପ୍ରତିପୋଷକତା । ହା ! ଉତ୍କଳରେ ଜଣେ ମଧ୍ୟ ସେପରି ଗୁଣଜ୍ଞ ମହାପୁରୁଷ ଆବିର୍ଭୂତ ହେଲେ ନାହିଁ !

କେହି କେହି ରାଧାନାଥ ବାବୁଙ୍କ ଭାଷାକୁ କର୍କଶ, କେହି କେହି କଠିନ କହନ୍ତି । ରାଧାନାଥ ବାବୁଙ୍କ ଭାଷା କର୍କଶ ନୁହେ । ଉତ୍କଳର ପ୍ରାଚୀନ କବି-ପ୍ରଣୀତ କାବ୍ୟାବଳୀ ଯେଉଁମାନେ ପାଠ କରି

Digitized by srujanika@gmail.com

ଅଛନ୍ତି, ସେମାନେ ଏପରି କଥା କହନ୍ତି ନାହିଁ । କାରଣ ଉପେନ୍ଦ୍ରଭଞ୍ଜ ପ୍ରଭୃତିଙ୍କ ଭାଷା ଅପେକ୍ଷା ସ୍ୱର୍ଗତ କବିଙ୍କ ଭାଷା ସହଜତର । ସାଧାରଣ ଅର୍ଦ୍ଧ ଶିକ୍ଷିତ ପାଠକ ଏବଂ ଯେଉଁମାନେ କେବଳ ଇଂରେଜୀ ସାହିତ୍ୟାଲୋଚନାରେ କାଳ କ୍ଷେପଣ କରିଅଛନ୍ତି, ସେହିମାନେ ଏପରି କହି ପାରନ୍ତି । କିନ୍ତୁ ଏହା ଲେଖକଙ୍କର ଦୋଷ ନୁହେ, ପାଠକ-ମାନଙ୍କର । ଆମ୍ଭମାନଙ୍କର ମଧ୍ୟ ପିଲାଦିନେ ଏହି ପରି ଧାରଣା ଥିଲା । ଏହି ସମୟରେ କବି ଫକୀରମୋହନ ଓ ଗଙ୍ଗାଧର କବିଙ୍କ ଭାଷାକୁ ଆମ୍ଭେ-ମାନେ ସ୍ୱର୍ଗତ କବିଙ୍କ ଭାଷାଠାରୁ ସୁଖପାଠ୍ୟ ମଣୁଥିଲୁଁ । କିନ୍ତୁ କାଳକ୍ରମରେ ସ୍ୱର୍ଗତ କବିଙ୍କ ଗ୍ରନ୍ଥମାନ ବାରମ୍ବାର ପଢ଼ି ପଢ଼ି ତନ୍ମଧ୍ୟରୁ ମଧ୍ୟ ଏପରି ଗୋଟିଏ ମାଧୁର୍ଯ୍ୟ ବାହାରିଲା, ଯାହା ବର୍ଣ୍ଣନାତୀତ । ପଦପର୍ଯ୍ୟାୟର ଅଶ୍ରୁତପୂର୍ବ ଝଙ୍କାର ଅଛି । ତାହା ବର୍ଣ୍ଣନୀୟ ନୁହେ । କିନ୍ତୁ ସ୍ୱର୍ଗତ କବିଙ୍କ ଭାଷା ଟିକିଏ କଠିନ । ଉଚ୍ଚଶ୍ରେଣୀସ୍ଥ ସାହିତ୍ୟର ଭାଷା ଏତାଦୃଶ ହେବା ସର୍ବଥା ବାଞ୍ଛନୀୟ । ତାହା ନୋହିଲେ ପାଞ୍ଚ ଥର ଦଶ ଥର ପାଠରେ ଭାଷା ପାଠକର ଅଭ୍ୟସ୍ତ ହେଲେ ପୁନଃ ପଠନରେ ବିତୃଷ୍ଣା ଜନ୍ମେ । ଭାଷାରୁ ଅସଙ୍ଗତି, ମୋହ ଚାଲି ଯାଏ । କଠିନ ଶବ୍ଦାଡ଼ମ୍ବର ଭେଦ କରି ପାଠକ ଯେଉଁ ରସ ଲାଭ କରନ୍ତି ସରଳଶବ୍ଦଯୁକ୍ତ ଅନାୟାସଲବ୍ଧ ରସରେ ସେ ତୃପ୍ତି, ଆହ୍ଲାଦ ତାଙ୍କୁ ମିଳେ ନାହିଁ । ଆୟାସଲବ୍ଧ ଆନନ୍ଦ ପ୍ରଗାଢ଼ତର । ସରଳହୃଦୟ ବାଳିକାର ତରଳ ଚଞ୍ଚଳ ବପୁଠାରୁ ଅଟଳ ଗମ୍ଭୀର—ପୂର୍ଣ୍ଣପ୍ରବୃତ୍ତ ପୂର୍ଣ୍ଣ ଯୁବତୀର ଧୀର ସ୍ଥିର ମୂର୍ତ୍ତି ହେତୁ ଅଧିକ ଆନନ୍ଦଦାୟିନୀ । ଏହି କାରଣରୁ ସ୍ୱର୍ଗତ କବିଙ୍କ ଭାଷାରେ (ଭାବମାଧୁରୀ ଛାଡ଼ିଦେଲେ ହିଁବା) ଏପରି ଗୋଟିଏ ମୋହ ଅଛି । ତାହା ଅସରନ୍ତା ଭଣ୍ଡାର, ଗୁପ୍ତବାଜୀ ଭୂଲି ଚମତ୍କାର । ଏତଦ୍ୱାରା କେହି ଏପରି ବୁଝିବେ ନାହିଁ ଯେ ସରଳ ଭାଷାର ସ୍ଥାନ ସାହିତ୍ୟରେ ନାହିଁ । ଶୀବନ୍ତ, ଉଜ୍ଜ୍ୱଳ, ସର୍ବାଙ୍ଗସୁନ୍ଦର ସାହିତ୍ୟରେ ବହୁ ଭଙ୍ଗୀ-(style)ଯୁକ୍ତ ଭାଷା ଥାଏ । ଏମାନ ଜଳ ଜଳ ସାହିତ୍ୟର କେତେ କେତେ ଶ୍ରେଷ୍ଠ, ସୁନ୍ଦର । ପ୍ରଣୟ-କବି ଶେଲିଙ୍କ “Love's Philosophy” ଓ କଲରିଜଙ୍କ “Ancient Mariner” ପଦ୍ୟ ଶତ ଶତ ପଦ୍ୟର ଭାଷା କେଡ଼େ ସରଳ ! ଅଥଚ ଏମାନ କେଉଁ ଇଂରାଜୀ-ସାହିତ୍ୟରସିକଙ୍କ କଣ୍ଠସ୍ଥ ନାହିଁ ? ପ୍ରଣୟିଜନର ନିକଟବର୍ତ୍ତୀ ହେଲେ କାହା ପ୍ରାଣରେ

“Nothing in the world is single,
All things by a law divine
In one another's being mingle;
Why not I with thine ?”

ଏହି ପଂକ୍ତିଗୁଡ଼ିକ ପ୍ରତିଧ୍ୱନିତ ନ ହୁଏ ? ସରଳ ଭାଷାର ସ୍ଥାନ ସାହିତ୍ୟ-ଜଗତରେ ଅଛି । ସରଳା ବାଳିକା ମୂର୍ତ୍ତିର ମାଧୁର୍ଯ୍ୟର ଗ୍ରାହକ ଭୂମି ତାହାର ମଧ୍ୟ ଗ୍ରାହକ ଅଛନ୍ତି । ମଧୁସୂଦନଙ୍କ ଛନ୍ଦମାଳା, ଫକୀରମୋହନଙ୍କ ଉପହାର, ପୁଷ୍ପମାଳା, ଗଙ୍ଗାଧରଙ୍କ ମହାଯାତ୍ରା, ପାର୍ବତୀ ଓ ମେଘନାଦଙ୍କ ଛନ୍ଦସମୂହ ବା ସ୍ୱର୍ଗତଙ୍କ ବସନ୍ତଗାଥା ସଙ୍ଗେ ସଙ୍ଗେ ଉତ୍କଳସାହିତ୍ୟ-ଭଣ୍ଡାରକୁ ଉଜ୍ଜ୍ୱଳ କରୁଥିବ । ଯେଉଁମାନେ ବାଳିକାର ସରଳତାବୋଳା ମୂର୍ତ୍ତି ଦେଖି ମୋହିତ ନ ହୁଅନ୍ତି ସେମାନେ ଅନ୍ଧ । କବି କହିଅଛନ୍ତି:—

ଦୃଷ୍ଟିସୁଖ ତୋର ଅତୁଳ୍ୟ ପ୍ରକୃତି
ସୁନ୍ଦରପଣର ରେଣୁକା ଯେତେ,
ସୁନ୍ଦରେ ତୃପ୍ତିର ଅବସାଦ ନାହିଁ,
ଯେତେ ଦେଖିଲେ ସେ ନୂଆ ଦିଶୁଥାଏ ।

—‘A thing of beauty is a joy for ever’—ସେ ସରଳା ବାଳିକା ହେଉ ବା ପୂର୍ଣ୍ଣାଙ୍ଗୀ ଯୁବତୀ ହେଉ ।

ସ୍ୱର୍ଗତ କବିଙ୍କ ଗୁଣକଥା କହିଲି । ଦୋଷ-କଥା ବେଶି କହିବି ନାହିଁ । କାରଣ “କୁତ୍ସ୍ୟ କରଣଂ ନାସ୍ତି ।” କିନ୍ତୁ କିଛି ନ କହିଲେ ଅନ୍ୟାନ୍ୟ ଲେଖକଙ୍କୁ ପ୍ରଶସ୍ତ ପ୍ରଦତ୍ତ ହେବ, ସତ୍ୟର ଅପ-ଳାପ ହେବ । ବର୍ତ୍ତମାନ ବହୁ ଲେଖକ ସ୍ୱ-

Digitized by srujanika@gmail.com

କବିଙ୍କ ଅନୁକରଣ କରି ବନ୍ଧା ଗଣ୍ଡା (conventional style) ଓ ନୈତିକ-ଦାୟିତ୍ୱବର୍ଜ୍ଜିତ ଗତାନୁଗତିକ 'କାବ୍ୟ' ଲେଖୁଅଛନ୍ତି । ସେମାନଙ୍କ ମତରେ ବ୍ୟତିରେକ ଅଳଙ୍କାର, ଅନୁପ୍ରାସ ଓ ଯମକ, ଗୁପ୍ତ ପ୍ରେମ ଓ ସମାଜବିରୁଦ୍ଧ ସଂସ୍ପର୍ଶ ନୋହିଲେ କାବ୍ୟ ହେଲା ନାହିଁ । ତେଣୁ କବି ରାଧାନାଥ ଅମ୍ଭମାନଙ୍କର ଭକ୍ତିଭାଜନ ଗୁରୁ ହୋଇଲେହେଁ ସତ୍ୟ କହିବୁଁ ।

କବି ରାଧାନାଥଙ୍କ କ୍ଷେତ୍ର ଅନେକ ନାୟକ ନାୟିକାଙ୍କ ପ୍ରୀତି ରୂପଜ, ଶାରୀରିକ ସୌନ୍ଦର୍ଯ୍ୟଜ ପାର୍ଥିବ ପ୍ରଣୟ; ମାନସିକ ଲାବଣ୍ୟପ୍ରସୂତ ନିର୍ମଳ ନିଃସ୍ୱାର୍ଥ ପ୍ରୀତି ନୁହେ । ତାହା ପୃଥିବୀର, ସ୍ୱର୍ଗର ନୁହେ । ତାହା କାମ, ପ୍ରେମ ନୁହେ । ତାହା କବି ମିଲ୍ଟନଙ୍କ ଭାଷାରେ 'Frivolous Cupid'; Celestial Cupid' ବା 'Fair Eros, who unites all the discordant elements of the universe' ନୁହେ । ମାଇକେଲ ରାମଙ୍କୁ ଯେ ଭଳି ଭୀରୁ ଓ ଉପେନ୍ଦ୍ର ଭଞ୍ଜ ଯାହାଙ୍କୁ ଯେପରି କାମୁକ ରୂପରେ ଚିତ୍ରିତ କରିଅଛନ୍ତି, ରାଧାନାଥ ତାହା ନ କରି ଥିଲେହେଁ ତାଙ୍କର ଅନେକ ନାୟକ ନାୟିକାଙ୍କ ଚରିତ୍ର ଆଦର୍ଶୋଚିତ ହୋଇ ନାହିଁ, ଅଧିକ ସମାଜବିରୋଧୀ ହୋଇଅଛି । ଅବଶ୍ୟ ସୀତାଙ୍କ ଚରିତ୍ରର ଉତ୍କର୍ଷ ପ୍ରଦର୍ଶନାର୍ଥ ଶୂର୍ପଣଖାର ଓ ରାମଙ୍କ ଚରିତ୍ରୋତ୍କର୍ଷ ପ୍ରଦର୍ଶନାର୍ଥ ରାବଣର ଚରିତ୍ରରେ କବି କଳଙ୍କ ଲେପନ କରି Law of contrast'ର ସାହାଯ୍ୟ ନେଇପାରନ୍ତି । କିନ୍ତୁ ଦୈନନ୍ଦିନ ଘଟଣା ଦୂରେ ଥାଉ, ଯାହା ଶତ ସହସ୍ର ବର୍ଷରେ ଥରେ ଘଟି ଜନସମାଜରେ ଘୋଷିତ ହୁଏ କି ନାହିଁ, ସେପରି ଘଟଣାକୁ କବିଙ୍କର ଅମର ଜୀବନ ଦାନ କରିବାର ଅଧିକାର ଅଛି କି ନାହିଁ, ସଂଶୟର ସ୍ଥଳ । କବି ସେକ୍ସପିୟର ତାହା କରିଅଛନ୍ତି । କିନ୍ତୁ ସେ କଳଙ୍କାଶ୍ରିତକୁ ନେପଥ୍ୟର ଅନ୍ତରାଳରେ ରଖି ପାପର ଭୀଷଣ ଦଣ୍ଡକୁ ଉଜ୍ଜ୍ୱଳ ଅକ୍ଷରରେ ଚିତ୍ରିତ କରିଅଛନ୍ତି । କବି ରାଧାନାଥ ସେପରି କରିବାକୁ ସମର୍ଥ ହୋଇ ଅଛନ୍ତି କି ନାହିଁ, ତାହା କହିବାର ସାହସ ମୋର ନାହିଁ । ପାର୍ବତୀ କାବ୍ୟରେ କଳଙ୍କାଶ୍ରିତ ଅଭିନୀତ ହୋଇଅଛି, କିନ୍ତୁ ପାପର ଦଣ୍ଡ ଯହିଁରୁ ବା Negative ଶିକ୍ଷା ମିଳନ୍ତା, ତାହା ବର୍ଣ୍ଣିତ ହୋଇ ନାହିଁ । କବି ଯେ ପର୍ଯ୍ୟନ୍ତ 'ପାର୍ବତୀ'କୁ ଅସମ୍ପୂର୍ଣ୍ଣ ରଖିବେ, ସେତେବେଳଯାଏ ତାଙ୍କର ଶ୍ରେଷ୍ଠ ପ୍ରଶଂସାକାରମାନେ ମଧ୍ୟ ତାଙ୍କ କାବ୍ୟର କଳଙ୍କକାଳିମା ଅପନୋଦନ କରିବାକୁ ସମର୍ଥ ହେବେ ନାହିଁ ।

ରାଧାନାଥଙ୍କ ନାୟକ ନାୟିକାଙ୍କ ପ୍ରେମ ଶାସ୍ତ୍ରର ଭାଷାରେ "ରୂପଜ ।" ସେ ଏମନ୍ତ ଚରିତ୍ର ଉଲ୍ଲେଖ କରି ପାରି ନାହାନ୍ତି ଯାହା ଦେଖି ଓଡ଼ିଆ ଜାତି ନବ ଯୁଗର ନବ ଆଦର୍ଶ ପ୍ରତି ଆକୃଷ୍ଟ ହେବ, ନବୀନ ଉଦ୍ୟମରେ ମାତି ପୃଥିବୀର ଉନ୍ନତ ଜାତିମାନଙ୍କ ସହ ଉନ୍ନତି-ପଥରେ ଜ୍ଞାନ ପ୍ରୀତି ଓ ଧର୍ମର ଧ୍ୱଜା ହସ୍ତରେ ଧାରଣ କରି ଅଗ୍ରସର ହେବ । ନିଃସ୍ୱାର୍ଥ ପ୍ରୀତି ଶିଖିବାକୁ ସାହସୀ କରାଏ, ସ୍ୱଦେଶ ଓ ସ୍ୱଜାତି ପାଇଁ ଜୀବନ ଉତ୍ସର୍ଗ କରାଏ । ଲଳିତା ଓ ଚନ୍ଦ୍ରିକା ଯାହା କଲେ, ଆଧୁନିକ ରଙ୍ଗନବ୍ୟା ତାହା କଲେ କେହି କଣ କହିବ ? ଚନ୍ଦ୍ରିକା ଅନୁତପ୍ତା ଓ ମୃତା ହେଲା । ଏଥିରେ Negative ଶିକ୍ଷା ହେଲେ ହୋଇ ପାରେ । ଚନ୍ଦ୍ରିକାର ମୃତ ଶବ ଦେଖି ପାଠକ ଲୋତକ ବିସର୍ଜନ କରି ପାରନ୍ତି । ଅପରନ୍ତୁ ଏଦ୍ୱାରା ନାୟକର ଚରିତ୍ରୋତ୍କର୍ଷ ସମ୍ପାଦିତ ହୋଇଅଛି । କିନ୍ତୁ ଲଳିତା ପର ଦ୍ୱାର ନେଲା । ସେ ତ ସମାଜକୁ ଫାଙ୍କି ଦେଇ ଅଛି । ଦୁଷ୍ମନ୍ତ ଶକୁନ୍ତଳା ସମାଜକୁ କେହି ଅଗ୍ରାହ୍ୟ କରି ଥିଲେ । କେହି କାହିଁକି ନା, ଏହାଙ୍କ ଗାନ୍ଧର୍ବ ବିଧାନ ସମାଜ ଗ୍ରହଣ କରିଥିବାର ପ୍ରମାଣ ମିଳେ । ତଥାପି କବିକୁଳପତି କାଳିଦାସ ହାତେ ହାତେ ତାହାର ଦଣ୍ଡ ନାୟକ ନାୟିକାଙ୍କୁ ଦେଇ ଅଛନ୍ତି । ଲଳିତା ଯଯାତି କିନ୍ତୁ ଅଲୌକିକ ଉପାୟରେ, ଦୈବ ସହାୟତାରେ ନିସ୍ତାର ପାଇ

Digitized by srujanika@gmail.com

କରନ୍ତି । ଯାହା ଲୌକିକ ଭାବରେ ଅପବିତ୍ର, ତାହାର ପ୍ରାୟଶ୍ଚିତ୍ତ ଅଲୌକିକ ଭାବରେ ହେଲେ ଆଧୁନିକ ସମାଜରେ ତାହା ଗୃହୀତ ହେବ କି ? ଯେବେ ଦେବତା ଥାନ୍ତି ତେବେ ସେ ସତ୍ୟ, ନ୍ୟାୟ; ପୁଣ୍ୟର ସହାୟ; ପାପର ଦଣ୍ଡଦାତା । ପାପ କରି ପ୍ରାୟଶ୍ଚିତ୍ତ ନ କରି ଦେବତା ସାହାଯ୍ୟରେ ଉଦ୍ଧାର ପାଇଯିବା କଥା ଖ୍ରୀଷ୍ଟିୟାନମାନଙ୍କ atonement ସମ୍ବନ୍ଧ ଅନୁସାରେ ସମ୍ଭବ ହେଲେହେଁ ତାହା ବର୍ତ୍ତମାନ ହେୟ ।

କବି ରାଧାନାଥଙ୍କର ରୂପଜ ପ୍ରେମର ଅସାରତା ଉପଲବ୍ଧି କରିବାର ଶକ୍ତି ଅଛି । କାରଣ ତାଙ୍କର ନୈତିକଜୀବନ ବାଇରନଙ୍କ ଜୀବନଠାରୁ ସ୍ୱତନ୍ତ୍ର । ତାଙ୍କର ଦଶରଥ ବିୟୋଗରେ ସେ ରୂପଜ ପ୍ରେମର ଅସାରତା ପ୍ରଦର୍ଶନ କରିଅଛନ୍ତି । ବୃଦ୍ଧ ବୟସରେ ମୁମୂର୍ଷୁ ଦଶରଥଙ୍କ ବର୍ଣ୍ଣିତ ଚିତ୍ର ସଜୀବ ହୋଇଅଛି ।

ଅନ୍ତିମ କାଳରେ ମୋର ମାଗୁଣି ଏତିକି,
ହେଉ ନ ବହିବ ମୋର ଅପରାଧ ଗୁରୁ;
ଅଲଂଘ୍ୟ ନିୟତିବଳ, ଅଲଂଘ୍ୟ ଜଗତେ
କର୍ମଫଳ, ଗତି ନାହିଁ ନାହିଁଟି ତାହାର;
ଯେ ଯା ବୁଣେ କାଟେ ତାହା, ବିଧିର ଏ ବିଧି ।
ପଲାଶର ରମ୍ୟ କାନ୍ତି ଦେଖି ହେଜି ଯେବେ
ସିଞ୍ଚିତ ମୂଳକରି ରୂପ ତରୁ ଛେଦ
ସିଞ୍ଚିଲି ସୁଫଳ ଆଶେ ପଳାଶେ ଯତନେ;
କେହିବ ଜଗତେ କି ସେ ଫଳଲାଭ କଲେ ?
ରୂପଜ ମୋହରେ ମୁହିଁ ମାତି ଯଉବନେ
ବରିଲି କୈକେୟୀ ମୋର ନିୟତି-ରୂପିଣୀ,
ରୂପଜ ମୋହରେ ଯିନା ପତଙ୍ଗ ଏପରି
ପଡ଼େ ମହୋଲ୍ଲାସେ ଯାଇଁ ଦୀପଶିଖାନଳେ,
ରୂପଜ ମୋହରେ ମୁହିଁ ପୁଷ୍ପମାଳା ଭ୍ରମେ
ଗଳାମାଳା କଲି ଏହି କାଳଭୁଜଙ୍ଗିନୀ,
ଯଥା ଚନ୍ଦ୍ରରୂପିଣୀକୁ ଗର୍ଭେ ଗୂଢେ ବହି
ଶୈବଳର ଆଭା ଅବଗାହନେ ଯେସନେ
ସିନ୍ଧୁରୀ ଧୂମଜୁଳ ପୁଷ୍ପ ବୋଲିଜାଣେ,
ମାୟାବିନୀ ମାୟାପ୍ରେମ କୁହୁକ ଲଗାଇ,
ସାଧିଲା କାମନା ମୋତେ ମଜାଇ ଜୀବନେ;
ଜାଣି ତ ନ ଥିଲି ସ୍ୱର୍ଣ୍ଣଗିରିତଳେ ଅଛି,
ଭସ୍ମରାଶିତଳେ ଥିଲା ଅନଳ ଗୁପତେ;
ହୁତ ହୁତାଶନ ଗତେ ପଡ଼ିଣ ଯେସନେ
ମାତଙ୍ଗ, ପଡ଼ିଲି ମୁହିଁ କୈକେୟୀର ଜାଲେ ।

କିନ୍ତୁ ଏହି ରୂପଜପ୍ରେମ କି ତାଙ୍କର ଅନେକ ନାୟକ ନାୟିକାଙ୍କ ଚରିତ୍ରର ପ୍ରଧାନ ସମ୍ବଳ ନୁହେଁ ?

ମହାଯାତ୍ରାର ଭିନ୍ନ ଭିନ୍ନ ସର୍ଗ ଉଚ୍ଚଭାବସମନ୍ୱିତ ହେଲେହେଁ ସମଗ୍ରଭାବରେ କାବ୍ୟରେ ଚରିତ୍ର ଚିତ୍ରଣ ବା ଗଠନଶକ୍ତିର (characterization or constructive power) ପ୍ରଦର୍ଶିତ ହୋଇ ନାହିଁ । ପ୍ରତ୍ୟେକ ନାୟକ ନାୟିକାଙ୍କ ଚରିତ୍ରର ସ୍ୱାତନ୍ତ୍ର୍ୟ ଉନ୍ମେଷିତ ହୋଇ ନାହିଁ ।

କବିର ଲେଖନୀ କଣ ନ କରି ପାରେ ? ତାହା ନିର୍ଜୀବକୁ ଜୀବନ ଦିଏ । ନରଦେବଙ୍କୁ ସ୍ୱର୍ଗର ଦେବତା କରଏ । କବି ସବୁ କରି ପାରନ୍ତି । ରାଧାନାଥ ନିଜ ଭାଷାକୁ ମାର୍ଜିତ କବିତା-ମୟୀ ଭାଷା ଦେଇଅଛନ୍ତି । ଭାବୋଚିତ ବର୍ଣ୍ଣ ରାଗ ଦେଇଅଛନ୍ତି । କିନ୍ତୁ ହା ! ରାଧାନାଥଙ୍କ ବିଷୟନିର୍ବାଚନ ଅଧିକାଂଶ ସ୍ଥଳରେ ସମୁଚିତ ହୋଇ ନାହିଁ ।

ପରିଶେଷରେ ମାତୃଭୂମିର ଏହି ପ୍ରିୟ କବିଙ୍କୁ ନମସ୍କାରପୂର୍ବକ ହୃଦୟର ଗଭୀରତମ ଭକ୍ତି, ପ୍ରୀତି ସମର୍ପଣ କରି ବିଦାୟ ଗ୍ରହଣ କରୁଅଛୁ । ଆଜି କେବଳ ତାଙ୍କର ବୃହତ୍ ଗ୍ରନ୍ଥାବଳୀ ବିଷୟରେ ସାଧାରଣଭାବରେ ଦୁଇ ପଦ କଥା କହିଲୁ । ଅବକାଶ ହେଲେ ପ୍ରତ୍ୟେକ କାବ୍ୟ ସ୍ୱତନ୍ତ୍ରରୂପରେ ସମାଲୋଚନା କରିବା ।

ଶ୍ରୀ ନନ୍ଦକିଶୋର ବଳ ।

Digitized by srujanika@gmail.com

ଜାତୀୟ ଉନ୍ନତି ।

ଅଜକାଲି ଆମ୍ଭମାନଙ୍କ ଦେଶରେ ଜାତୀୟ ଉନ୍ନତି ବିଷୟରେ ନାନାପ୍ରକାର ଆଲୋଚନା ଲାଗିଅଛି । ନଗର, ଉପନଗର, ପଲ୍ଲିଗ୍ରାମ ଯେଉଁଠାକୁ ଯାଅ, ଶିକ୍ଷିତ ଲୋକମାନଙ୍କ ମୁଖରୁ ଏ ବିଷୟର ଆଲୋଚନାରୁ ଦୁଇ ଏକ ପଦ ଶୁଣି ପାରିବ । ବିଦ୍ୟାଳୟର ସୁକୁମାରମତି ବାଳକମାନେ ମଧ୍ୟ ଭୂମ୍ବକୁ ପ୍ରସ୍ତାବିତ ବିଷୟ ସମ୍ବନ୍ଧରେ କେତେକ ଉଚ୍ଚ ଉଚ୍ଚ କଥା ଶୁଣାଇ ଦେବାକୁ କୁଣ୍ଠିତ ହେବେ ନାହିଁ । ଦେଶର କେତେକ ସୁପୁତ୍ର ଏ ବିଷୟ ଆଲୋଚନା କରି ବଡ଼ ବଡ଼ ପୁସ୍ତକ ଲେଖି ପ୍ରଚାର କରୁଅଛନ୍ତି । କେବଳ ଏ ଦେଶରେ ନୁହେ । ସୁଦୂରବର୍ତ୍ତୀ ଇଂଲଣ୍ଡରେ ମଧ୍ୟ ଏ ବିଷୟରେ ଚର୍ଚ୍ଚା ଲାଗିଅଛି । ମଙ୍ଗଳମୟ ବିଧାତା କି ସୂତ୍ରରେ କି କାର୍ଯ୍ୟ ସାଧନ କରୁଅଛନ୍ତି, ତାହା ବୁଝିବା କ୍ଷୁଦ୍ର ମାନବଶକ୍ତିର ସାଧ୍ୟାତୀତ । ସେ ଯାହା ହେଉ, ଏ ସବୁ ଦେଖି ଶୁଣି ମନରେ ପ୍ରଭୂତ ବଳ ଏବଂ ଆନନ୍ଦ ଜାତ ହୁଏ ଏବଂ ଆଶାର ସଞ୍ଚାର ହୁଏ । ଭରସା ହୁଏ ଏ ହତଭାଗ୍ୟ ଦେଶ ଏବେ ଜାଗରେ ସୁକାଳ ନିକଟବର୍ତ୍ତୀ ହେଉଅଛି ।

ଭାରତ ନୂଆ ଦେଶ ନୁହେ ବା ଭାରତବାସୀ ନୂଆ ଜାତି ନୁହନ୍ତି । ଏହା ଅତି ପ୍ରାଚୀନ କାଳର ଅତି ପ୍ରାଚୀନ ଦେଶ ଏବଂ ଏ ଜାତିଟା ମଧ୍ୟ ଅତି ପୁରାତନ । ଜାତୀୟ ଉନ୍ନତିର ବିଦ୍ୟାଳୟ ଆଜି ଭାରତରେ ନୂତନ ପ୍ରତିଷ୍ଠିତ ହେଉ ନାହିଁ । ଜାତୀୟ ସଭ୍ୟତା ଏବଂ ଜାତୀୟ ଉନ୍ନତିର ମୂଳ ବୀଜଗୁଡ଼ିକ ସର୍ବଲକ୍ଷଣଯୁକ୍ତ ହୋଇ ଏଠାରେ ବିଦ୍ୟମାନ ରହିଅଛି—ଅବଶ୍ୟ ସୁପ୍ତ ଭାବରେ । ଅଭାବ କେବଳ ଉପଯୁକ୍ତ କର୍ଷଣର । କର୍ଷଣ କର—ପ୍ରଚୁର ଏବଂ ସୁରସାଲ ଫଳ ପାଇବ । ଧର୍ମ, ନୀତି, ଚରିତ୍ର, ଶିଳ୍ପ, ବାଣିଜ୍ୟ, ଶିକ୍ଷା, ସ୍ୱାଧୀନତା, ଏକତା, ସାହିତ୍ୟ ଏହିଗୁଡ଼ିକ ତ ଜାତୀୟ ଉନ୍ନତିର ମୂଳ ଉପାଦାନ ? ଏଥି ମଧ୍ୟରୁ କେଉଁଟିର ଅଭାବ ଏ ଦେଶରେ ଥିଲା ? ଭାରତର ପ୍ରାଚୀନ ଇତିହାସ ଏବଂ ପୁରାକାଳର ବୈଦେଶିକ ଭ୍ରମଣକାରୀମାନଙ୍କର ସାକ୍ଷ୍ୟ ପ୍ରସ୍ତାବିତ ପ୍ରଶ୍ନର ଅନୁକୂଳ ଉତ୍ତର ଅଟେ । ଅପରନ୍ତୁ ଭାରତର ସୁପ୍ରାଚୀନ ଏବଂ ମୂଲ୍ୟଶାଳୀ ସଂସ୍କୃତ ସାହିତ୍ୟ ଓ ବିରାଟ ଶିଳ୍ପବିଭବ ଜୀବନ୍ତ ସାକ୍ଷୀ ରୂପେ ବର୍ତ୍ତମାନ ରହିଅଛି । ଏସବୁ ସତ୍ତ୍ୱେ ଭାରତର ଯେ ପତନ ହୋଇଅଛି ସେ କଥା କେହି ଅସ୍ୱୀକାର କରି ପାରିବେ ନାହିଁ । ପତନ କାହିଁକି ହେଲା, ତାହାର ବିସ୍ତୃତ ସ୍ଥଳ ଏ ନୁହେ । କେବଳ ଉତ୍ଥାନର ଉପାୟ ଚିନ୍ତା କରି ଦେଖିବାହିଁ ଏ କ୍ଷୁଦ୍ର ପ୍ରବନ୍ଧର ପ୍ରଧାନ ଉଦ୍ଦେଶ୍ୟ ଅଟେ ।

ଭାରତସାମ୍ରାଜ୍ୟ ଗୋଟିଏ ବହୁବିସ୍ତୃତ ମହାଦେଶ । ତିରିଶକୋଟି ଲୋକ ଏହାର ଅଧିବାସୀ । ପ୍ରାକୃତିକ ବିଶାଳବପୁ ନଦ, ନଦୀ ଓ ପର୍ବତମାଳା ଏହାକୁ ନାନାଖଣ୍ଡରେ ବିଭକ୍ତ କରିଅଛି । ବ୍ରିଟିଶ ଶାସନ ପୂର୍ବେ ଏହା କୌଣସି କାଳେ ଏକ ସମ୍ରାଟଙ୍କ ଅଧୀନ ହୋଇ ନ ଥିଲା—ସୁବିଖ୍ୟାତ ମୋଗଲ ସମ୍ରାଟ୍ ଆକବରଙ୍କ ଶାସନ କାଳରେ ମଧ୍ୟ ନୁହେ । ସଂସ୍କୃତ ଦେବଭାଷା, କୌଣସି ଯୁଗରେ ଆପାମର ସାଧାରଣଙ୍କର କଥିତ ଭାଷାରୂପେ ବ୍ୟବହୃତ ହୋଇ ନାହିଁ । ସୁପ୍ରାଚୀନ କାଳରୁ ଏହା କ୍ଷୁଦ୍ର କ୍ଷୁଦ୍ର ସ୍ୱାଧୀନ ଶାସକମାନଙ୍କ ଲୀଳାଭୂମି ସ୍ୱରୂପ ଇତିହାସର ପୃଷ୍ଠାରେ ବିଘୋଷିତ ହୋଇ ଆସୁଅଛି । ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଦାର୍ଶନିକ ମତବାଦ ପ୍ରଚାରିତ ହୋଇ ସମନ୍ୱୟଭୂମିରେ ମହା ଗୋଳମାଳ ଉପସ୍ଥାପିତ କରିଅଛି । ଧର୍ମପ୍ରବର୍ତ୍ତକ ମହାପୁରୁଷମାନେ ଅସୀମ ଚେଷ୍ଟା କରି ସୁଦ୍ଧା ସକଳ ଭାରତବାସିଙ୍କୁ ଏକଧର୍ମୀ କରି ପାରି ନାହାନ୍ତି । ଏତେ ପ୍ରତିକୂଳ କାରଣ ବିଦ୍ୟମାନ ଥିବା ହେତୁରୁ ଭାରତବାସୀ ଯେ ନାନା ସମାଜରେ ବିଭକ୍ତ ହୋଇ ପଡ଼ିଅଛନ୍ତି,

Digitized by srujanika@gmail.com

ସେଥିରେ ଅଉ ବୈଚିତ୍ର୍ୟ କଣ ଅଛି ? ସର୍ବୋପରି ଜାତିଭେଦରୂପ ମହା ଅନିଷ୍ଟକାରୀ ପ୍ରତିବନ୍ଧକ ସାମାଜିକ ଏକତାକୁ ଆକାଶକୁସୁମବତ୍ ଅସମ୍ଭବନୀୟ ବସ୍ତୁରୂପେ ପରିଣତ କରି ଦେଉଅଛି । ଏତେ ପ୍ରତିବନ୍ଧକ ଲଙ୍ଘନ କରି ଅଗ୍ରସର ହେବା କି ସହଜ ବ୍ୟାପାର ? ତେବେ କଣ ଆମ୍ଭମାନଙ୍କର ଜାତୀୟ ଉନ୍ନତିର କୌଣସି ଆଶା ନାହିଁ ? ଆଶା ଅଛି । ଆମ୍ଭେମାନେ ବର୍ତ୍ତମାନ ବ୍ରିଟିଶ ପ୍ରଜା । ବ୍ରିଟିଶ ଶାସନାଧୀନ ହେବା ଦିନୁ କ୍ରମେ ଗୋଟି ଗୋଟି ହୋଇ ଉପରୋକ୍ତ ପ୍ରତିବନ୍ଧକଗୁଡ଼ିକ ଅପସାରିତ ହେଉଅଛି । ଆମ୍ଭେମାନେ ବ୍ୟକ୍ତିଗତ ଏବଂ ସାମାଜିକ ସ୍ୱାଧୀନତା ଲାଭ କରୁଅଛୁଁ । ପାଶ୍ଚାତ୍ୟ ଶିକ୍ଷା ଆମ୍ଭମାନଙ୍କର ଚକ୍ଷୁର ପରଦା ଖୋଲି ଦେଉଅଛି । ଆମ୍ଭେମାନେ ସ୍ପଷ୍ଟରୂପେ ଦେଖି ପାରୁ ଅଛୁଁ ଯେ ଆମ୍ଭେମାନେ ଧୀରେ ଧୀରେ ଉନ୍ନତ ଭୂମି ଆଡ଼କୁ ଅଗ୍ରସର ହେଉ ଅଛୁଁ । ଅବଶ୍ୟ ଏହା ଦିନକେ ବ୍ରିଟିଶ ଜାତି ଯେ ଆମ୍ଭମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେଇ ଦେଶ ଛାଡ଼ି ପଳାଇବେ, ଏହା କଦାପି ସମ୍ଭବପର ନୁହେ ଏବଂ କେହି ତାହା ବାଞ୍ଛା ମଧ୍ୟ କରନ୍ତି ନାହିଁ । ରାଜନୀତି କ୍ଷେତ୍ରରେ ଆଶାନୁରୂପ ସ୍ୱାଧୀନତା ଲାଭ ବହୁ ପରିମାଣରେ ଶାସକ ଜାତି ଉପରେ ନିର୍ଭର କରେ । ଆମ୍ଭେମାନେ ହଜାର ଉପଯୁକ୍ତ ହେଲେହେଁ—ଡଣ୍ଡା ଗଣ୍ଡା ନାଓରଜୀ, ରାନାଡ଼େ, ଦତ୍ତ, ଗୁପ୍ତ, ନାଇଡୁ, ଆୟାର ପ୍ରସ୍ତୁତ କରି ପାରିଲେହେଁ—କଦାପି ଈପ୍ସିତ ଫଳ ଆଶା କରି ପାରିବା ନାହିଁ । ଏ କ୍ଷେତ୍ରରେ ରାଜାଙ୍କ ଦୟା ସର୍ବଥା ପ୍ରାର୍ଥନୀୟ । କିନ୍ତୁ ତାହା ବୋଲି ଯେ ଏହାବେଳକେ ନୀରବ ନିଶ୍ଚେଷ୍ଟ ହୋଇ ବସି ରହିବା ତାହା ନୁହେ । ସର୍ବଦା ଦକ୍ଷତାର ପ୍ରମାଣ ଦର୍ଶାଇ ଆମ୍ଭମାନଙ୍କର ନ୍ୟାଯ୍ୟ ଗୁହାରି ଯେପରି ରାଜଦ୍ୱାରରେ ବିନୀତ ଭାବରେ ଛିଡ଼ା ହୋଇ ରହିଥିବ । ରାଜା ଶୁଣନ୍ତୁ ଅବା ନ ଶୁଣନ୍ତୁ । ସଂପ୍ରତି ଏହାଛଡ଼ା ଅନ୍ୟ ଗତି [illegible] ନାହିଁ । ତାହାର ପ୍ରାପ୍ତ ବିଂଶତି ବର୍ଷର ଚେଷ୍ଟା ନିଷ୍ଫଳ ହୋଇ ନାହିଁ । ବିଂଶ ବର୍ଷ ଗୋଟାଏ ମହାଜାତିର ଉତ୍ଥାନ ପକ୍ଷରେ କେତେ ଟିକିଏ ସମୟ ! ସମସ୍ତ ପୂର୍ଣ୍ଣତା ନ ଘଟିଲେ କୌଣସି କାର୍ଯ୍ୟ ସିଦ୍ଧ ହୁଏ ନାହିଁ । ଚେଷ୍ଟା ଓ ଅପେକ୍ଷା ଏହି ଦୁଇଟି ବର୍ତ୍ତମାନ ଅବସ୍ଥାରେ ଆମ୍ଭମାନଙ୍କର ପ୍ରଧାନ କ୍ରିୟା ହେବା ବାଞ୍ଛନୀୟ । ରାଜନୀତି କ୍ଷେତ୍ରରେ ରାଜା ଆମ୍ଭମାନଙ୍କୁ ଉପଯୁକ୍ତ ସ୍ୱାଧୀନତା ଦେଉ ନାହାନ୍ତି ବୋଲି ଯେଉଁମାନେ ଚିତ୍କାର କରି ଆକାଶ ଫଟାଇ ଦିଅନ୍ତି, ସେମାନଙ୍କ ମଧ୍ୟରେ ତାହା ଲାଭ କରିବାକୁ କେତେ ଜଣ ଯୋଗ୍ୟ ହୋଇଅଛନ୍ତି । ବତିଶ କୋଟି ଅଧିବାସୀ ମଧ୍ୟରୁ ପ୍ରାୟ ପନ୍ଦରଅଣା ଲୋକ ନିରକ୍ଷର ମୂର୍ଖ । ରାଜନୀତିର ସ୍ଥୂଳ ଜ୍ଞାନ ସୁଦ୍ଧା ସେମାନଙ୍କର ନାହିଁ । ଅଧିକାର ପାଇବାକୁ ଏତେ ବ୍ୟସ୍ତ କାହିଁକି ? ସମସ୍ତ ଭାରତସାମ୍ରାଜ୍ୟ ଖୋଜି ଆସିଲେ କେତେ ଜଣ ପ୍ରାଦେଶିକ ଶାସନକର୍ତ୍ତା ହେବାଭଳି ଲୋକ ମିଳିବେ ? ରାଜପ୍ରତିନିଧିଙ୍କ ମନ୍ତ୍ରଣା ସଭାକୁ ତୁମ୍ଭେ କେତେ ଜଣ ବ୍ୟବସ୍ଥାପକ ଯୋଗାଇ ପାରିବ ? ଉଦ୍ଭାବନ କରିବାର ଶକ୍ତି ନାହିଁ । ସମୁଦ୍ର ଡେଇଁଲାବେଳକୁ ଶାସ୍ତ୍ରୀ ମହାଶୟମାନେ ଲମ୍ବ ଲମ୍ବ ବ୍ୟବସ୍ଥା ଖୋଲି ବସିବେ । ଅଉ କଣ ମଜଲିସ୍ ଭିତରେ ମୁଣ୍ଡ ଥୋଇ ଅଲବଲା ଟାଣୁ ଟାଣୁ ତୁମ୍ଭେ ଭାରତ ସାମ୍ରାଜ୍ୟଟାକୁ ଶାସନ କରିବାକୁ ଇଚ୍ଛା କର ? ସେ ଦିନ ଆଉ ନାହିଁ । ତାହା କରିବାର ଇଚ୍ଛା ଥିଲେ ସ୍ୱପ୍ନରାଜ୍ୟକୁ ଚାଲି ଯାଅ । ଏଠାରେ ତୁମ୍ଭର ସ୍ଥାନ ନାହିଁ ।

ସମାଜହିଁ ବର୍ତ୍ତମାନ ଅବସ୍ଥାରେ ଆମ୍ଭମାନଙ୍କର ପ୍ରକୃତ ଏବଂ ଉପଯୁକ୍ତ କାର୍ଯ୍ୟକ୍ଷେତ୍ର । ଏଠାରେ ଆମ୍ଭେମାନେ ପୂର୍ଣ୍ଣ ସ୍ୱାଧୀନ । ମାତ୍ର ଏଠାରେ ଆମ୍ଭେମାନେ କି ଭଳି ସ୍ୱାଧୀନତାର ସଦ୍ବ୍ୟବହାର କରୁଅଛୁଁ ? ଭାରତୀୟ ସମାଜର ଦୁଃଖ ଦୁର୍ଦ୍ଦଶା ଖୋଜି ବର୍ଣ୍ଣନ କରିବାକୁ ବସିଲେ [illegible]

Digitized by srujanika@gmail.com

ପତନ । ସେ ଅଡ଼କୁ ଦୃଷ୍ଟି କେତେ ଜଣଙ୍କର ଯାଉଅଛି ? ସମାଜ ବିରୁଦ୍ଧରେ ଦଣ୍ଡାୟମାନ ହେବାକୁ କହ; ଆମ୍ଭମାନଙ୍କର ଶିକ୍ଷିତ ଭ୍ରାତାମାନେ ଘର କୋଣରେ ଲୁଚିବେ । କିନ୍ତୁ ଜଣେ ସାମାନ୍ୟ ଇଂରେଜ କର୍ମଚାରୀ ଜଣେ ଦେଶୀୟ କର୍ମଚାରୀକୁ ଅତିକ୍ରମ କରି ସ୍ୱଜାତୀୟ ଉନ୍ନତି-ସୋପାନରେ ଆରୋହଣ କଲେ, ଦେଖିବ, ସେହି ଭ୍ରାତାପୁଙ୍ଗବମାନେ ଦୀର୍ଘ ଦୀର୍ଘ ପ୍ରବନ୍ଧରେ ସମ୍ବାଦ ପତ୍ରିକାର କଲେବର ପୂରି ପକାଇବେ । ଆମ୍ଭେମାନେ ଯେ ସାମାଜିକ ସ୍ୱାଧୀନତା ପାଉଅଛୁଁ ତାହା କେବଳ ତୁନି ହୋଇ ବସି ରହିବାକୁ ନୁହେ । ଶାସକମାନେ ଅନ୍ତରାଳରେ ଥାଇ ଦେଖୁଅଛନ୍ତି ଆମ୍ଭେମାନେ ତହିଁର କିପ୍ରକାର ସଦ୍ବ୍ୟବହାର କରୁଅଛୁଁ । ତୁମ୍ଭେମାନେ କଣ ଦେଖ ନାହିଁ ? ତୁମ୍ଭର ଶିଶୁ ସନ୍ତାନଟି ହାତରେ ଯଦ୍ୟପି ଖଣ୍ଡିଏ କ୍ଷୁଦ୍ର ଅସ୍ତ୍ର ଦେଇ ଦେଖ ଯେ ସେ ତହିଁର ସଦ୍ବ୍ୟବହାର କରିଲା ନାହିଁ ତେବେ କି ତୁମ୍ଭେ ତାହା ହାତରୁ ଖଣ୍ଡିଏ ବଡ଼ ଅସ୍ତ୍ର ବଢ଼ାଇ ଦେଇ ଥାଅ ? ତୁମ୍ଭେ ସାମାଜିକ ଗୃହରେ କିପ୍ରକାର ଦକ୍ଷତା ପ୍ରଦର୍ଶନ କରୁଅଛ ସେଥିରେ ସନ୍ତୁଷ୍ଟ ହେଲେ ସିନା ତୁମ୍ଭଙ୍କୁ ରାଜନୈତିକ ସ୍ୱାତନ୍ତ୍ର୍ୟ ବେଶର ଅନୁମତି ଦିଆଯିବ । ବ୍ରିଟିଶ୍ ଉପନିବେଶ-ବାସିମାନଙ୍କ ଆଡ଼କୁ ଦୃଷ୍ଟି ନିକ୍ଷେପ କର । ଉପନିବେଶ କାହିଁକି ? ସେ ଦିନ ତୁମ୍ଭମାନଙ୍କ ଚକ୍ଷୁ ଆଗରେ ଯେଉଁ ଟ୍ରାନସ୍‌ଭାଲ ରାଜ୍ୟ ଖଣ୍ଡ ଇଂରେଜମାନଙ୍କ ହସ୍ତଗତ ହେଲା, ଦେଖିବ ଅଳ୍ପ କାଳ ମଧ୍ୟରେ ସେଠାର ଅଧିବାସିବର୍ଗ ତୁମ୍ଭମାନଙ୍କ ଅପେକ୍ଷା କେତେ ଅଧିକ ସ୍ୱାଧୀନତା ଲାଭ କରିବେ । ଜାପାନରେ କଣ ଦେଖୁଅଛ ? ଚୀନ ସାମ୍ରାଜ୍ୟରେ କଣ ହେଉଅଛି ?

ପଶ୍ଚ ପାରି, ସମାଜରେ କି ପ୍ରଣାଳୀରେ ବର୍ତ୍ତମାନ ଆମ୍ଭମାନଙ୍କର କାର୍ଯ୍ୟ କରିବା ଉଚିତ ? କିମ୍ବା ସମାଜର ସଂସ୍କାର ନାନା ଦିଗରୁ କରିବାକୁ ହେବ । ପ୍ରଥମ ନାରୀ ଶିକ୍ଷା ପ୍ର[illegible] ଶିକ୍ଷା ପୁଣି ଦୁଇ ଦିଗ ଅଛି । ବ୍ୟବହାରିକ ଓ ଦାର୍ଶନିକ । ଦାର୍ଶନିକ ଶିକ୍ଷା କୌଣସି କାଳେ କୌଣସି ଦେଶରେ ସାଧାରଣ ନରନାରୀମାନଙ୍କ ମଧ୍ୟରେ ସମାଜରେ ପ୍ରଚରିତ ହୁଏ ନାହିଁ । ବେଦାନ୍ତ, ଉପନିଷଦର ଚର୍ଚ୍ଚା କରିବାକୁ କୋଟିକେ ଗୋଟିଏ ଶଙ୍କର, ରଶ, ଗ୍ରୀବାଜ ବା ସ୍ପେନ୍‌ସର, ହେଗଲ, କାହିଁ ମିଳନ୍ତି । ସାଧାରଣ ଲୋକେ ମହାପୁରୁଷମାନଙ୍କ ସାହାଯ୍ୟରେ ଉକ୍ତ ପ୍ରକାର ଶିକ୍ଷାର କେବଳ ସ୍ଥୂଳଜ୍ଞାନ ଲାଭ କରି ସନ୍ତୁଷ୍ଟ ରହନ୍ତି । ଏହାହିଁ ସର୍ବ ଦେଶ ଓ ସର୍ବ ଯୁଗର ଘଟନା । ଭାରତରେ ଉକ୍ତ ଶିକ୍ଷାର ଉକ୍ତ ବିଭାଗରେ ପ୍ରଚୁର ଚର୍ଚ୍ଚା ହୋଇ ଯାଇଅଛି । ଏବେ ମଧ୍ୟ ହେଉଅଛି । ଭାରତବାସିର ମସ୍ତିଷ୍କ ଏ ବିଭାଗରେ କାର୍ଯ୍ୟ କରିବାକୁ ଅତ୍ୟନ୍ତ ପଟୁ । ମାତ୍ର ତାହା ଅର୍ଥକରୀ ନୁହେ । ସାମାଜିକ ସୁଖ ସ୍ୱାଚ୍ଛନ୍ଦ୍ୟର ଉନ୍ନତି କରିବାକୁ ହେଲେ ଆମ୍ଭମାନଙ୍କୁ ଶିକ୍ଷାର ବ୍ୟବହାରିକ ଦିଗକୁ ମନ ଦେବାକୁ ହେବ । ବ୍ୟବହାରିକ ଶିକ୍ଷା ଯେ ଆମ୍ଭମାନଙ୍କ ଦେଶରେ ଏକାବେଳକେ ନ ଥିଲା ତାହା ଆମ୍ଭେମାନେ କହୁ ନାହୁଁ । ବରଂ ଯେତେବେଳେ ଅନ୍ୟାନ୍ୟ ସଭ୍ୟ ଦେଶମାନ ଆପଣା ଆପଣାର ପ୍ରୟୋଜନୀୟ ଅଭାବ ନିମନ୍ତେ ପରର ଉପରେ ନିର୍ଭର କରୁଥିଲେ, ସେତେବେଳେ ଭାରତ ଏକା ଆପଣାର ଅଭାବଗୁଡ଼ିକ ଆପେ ଯୋଗାଇ ଆସିଅଛି । କିନ୍ତୁ ଆଜି ବିଜ୍ଞାନର ଯେଉଁ ବିସ୍ମୟୋତ୍ପାଦକ ଉନ୍ନତି ଆମ୍ଭେମାନେ ପ୍ରତ୍ୟକ୍ଷ କରୁଥାଉଁ, ସେଥିରେ ଭାରତର ସ୍ଥାନ କାହିଁ ? ଭାରତୀୟ ମସ୍ତିଷ୍କ ଏଠାରେ ବଡ଼ ଅନୁର୍ବର । ଜାତୀୟ ଉନ୍ନତିର ପ୍ରଥମ ସୋପାନ ବର୍ତ୍ତମାନ ଏହିଠାରେ । ଏଠାରେ ସର୍ବ ପ୍ରଥମେ ପ୍ରତିଯୋଗିତା ସହିତ ତୁମ୍ଭର ସାକ୍ଷାତ । ତାକୁ ଲଙ୍ଘନ ନ କରି ତୁମ୍ଭେ ଏକ ପଦ ମାତ୍ର ଅଗ୍ରସର ହୋଇ ପାରିବ ନାହିଁ । ତାହା କରି ନ ପାରିଲେ ତୁମ୍ଭେ ଚିରକାଳ କପା ଚାଷ କରି ତୁଳା, [illegible] ତୁମ୍ଭଠାରୁ

Digitized by srujanika@gmail.com

ଉକ୍ତ ସୂତା ବଣି ନେଇ ତୁମ୍ଭର ପରୀକ୍ଷକ ବସ୍ତ୍ର ଖଣ୍ଡିକ ପ୍ରସ୍ତୁତ କରି ଦେଇ ପଠାଉଥିବ । ତୁମ୍ଭେ ଯଦି କାତର ସ୍ୱରରେ କହୁଛ "ମୁଁ ଏହି ସୂତା ସାହାଯ୍ୟରେ ଏକ-ସପ୍ତାହ ମଧ୍ୟରେ ହାତରେ ଦଶ ଗଜ ମସଲିନ୍ ବୁଣି ଦେବି," ସେ ସେଥିରେ କର୍ଣ୍ଣପାତ କରିବ ନାହିଁ, ତତ୍‌କ୍ଷଣାତ୍ ତୁମ୍ଭକୁ ଉତ୍ତର ଦେବ "ମୁଁ କଳ ସାହାଯ୍ୟରେ ଏହା ଦଶଟଙ୍କ ତାହା କରିପାରେ ।" ବିଶ୍ୱାସ ନେହଲେ ତାହା ଆଡ଼କୁ ଅନାଇ ନୀରବ ରହିବା ବ୍ୟତୀତ ତୁମ୍ଭେ ଆଉ କଣ କରିବ ? ବହୁ ଚିନ୍ତା କରି ବିଗତ ଦୁଇ ଶତାବ୍ଦୀର ଭାରତ ଖୋଜ ଖୋଜ ତୁମ୍ଭେ ଟିକିଏ ହୃଷ୍ଟପୁଷ୍ଟ ହୃଦୟରେ ଜଗଦୀଶଙ୍କ ଆଡ଼କୁ ନିର୍ଦ୍ଦେଶ କରିବା ମାତ୍ରକେ ଜାପାନ ଗତ ତିରିଶ ବର୍ଷ ମାତ୍ର ମଧ୍ୟରେ ଗଣ୍ଡା ଗଣ୍ଡା ଜଗଦୀଶଙ୍କୁ ଆଣି ତୁମ୍ଭ ସମ୍ମୁଖରେ ଉପସ୍ଥାପିତ କରି ଦେବ । ଏ ବଡ଼ ବିଷମ ସମସ୍ୟା ।

ବିଷମ ହେଲେହେଁ କେବଳ ଯାହାରି ସୁମୀମାଂସା ବର୍ତ୍ତମାନ ଯୁଗରେ ଅମ୍ଭମାନଙ୍କର ଜାତୀୟ ଉନ୍ନତିର ଏକମାତ୍ର ଉପାୟ । ଶାସକ ସମ୍ପ୍ରଦାୟଙ୍କଠାରୁ ଏବିଷୟରେ ଅମ୍ଭେମାନେ ଅତି ଅଳ୍ପ ସାହାଯ୍ୟ ଆଶା କରିବୁଁ । ଏଠାରେ ଅମ୍ଭମାନଙ୍କୁ ନିଜ ଗୋଡ଼ରେ ଚାଲି ଶିଖିବାକୁ ହେବ । କୌଣସି ପ୍ରକାରେ ବିଶ୍ୱବିଦ୍ୟାଳୟକୁ ଫାଙ୍କି ଦେଇ ଉପାଧିଟା ମାରି ନେଇ ଓକାଲତି, ଡାକ୍ତରୀ ବା ଟିକିଏ ହାକିମୀ କରି କିଛି ଟଙ୍କା ରୋଜଗାର କରି ପାରିଲେ ବା ରାଜପୁରୁଷମାନଙ୍କର ପାଦୁକା ଲେହନ କରି ଗୋଟାଏ "ରାୟବାହାଦୁର" ପାଇ ପାରିଲେ ଜୀବନର କାର୍ଯ୍ୟ ଶେଷ ହେଲା ବୋଲି ଯେଉଁମାନେ ମନେ କରନ୍ତି, ସେମାନଙ୍କଦ୍ୱାରା ଦେଶର ଉନ୍ନତି ହେବ ନାହିଁ, ଏହା ନିଶ୍ଚିତ କଥା । ଦେଶହିତୈଷିତାର କଣା ମାତ୍ର ସ୍ଫୁଲିଙ୍ଗ ଯାହାଙ୍କ ଅନ୍ତରରେ ଜଳୁଥିବ ତାହାଙ୍କୁ ନିଶ୍ଚୟ ତାହାଙ୍କର ଗୋଟିଏ ସମ୍ପ୍ରଦାୟ ସମ୍ଭବ ହେବାକୁ ପଡ଼ିବ । ବହୁ ଚିନ୍ତା ଓ ଗବେଷଣା ପରେ କଂଗ୍ରେସ ଏହା ବୁଝି ପାରି ଅଛନ୍ତି ସୁଖର ବିଷୟ । ଏହି ମାର୍ଗ ଅବଲମ୍ବନ ଦେଶ ପକ୍ଷରେ ପ୍ରଭୂତ ମଙ୍ଗଳଜନକ ହେବ ବୋଲି ଅମ୍ଭମାନଙ୍କର ଦୃଢ଼ ବିଶ୍ୱାସ । ଶୀଘ୍ର କଂଗ୍ରେସ ଏବିଷୟରେ କାର୍ଯ୍ୟ କ୍ଷେତ୍ରରେ ପ୍ରବେଶ କରନ୍ତୁ, ଏହା ଅମ୍ଭମାନଙ୍କର ଆନ୍ତରିକ ପ୍ରାର୍ଥନା । ଦେଶର ନାନାସ୍ଥାନରେ ଶିଳ୍ପ ବିଦ୍ୟାଳୟ ଓ କାରଖାନାମାନ ପ୍ରତିଷ୍ଠିତ ହେଉ ; ଦଳ ଦଳ ହୋଇ ଶିକ୍ଷିତ ଯୁବକମାନେ ଜାପାନ, ଆମେରିକା ପ୍ରଭୃତି ଦେଶକୁ ବାହାରି ଯାଇ ଉନ୍ନତ ପ୍ରଣାଳୀରେ ବ୍ୟବହାରିକ ଶିକ୍ଷା ଲାଭ କରି ଆସନ୍ତୁ; ଦେଶର କେଉଁଠାରେ କି ଖାଉଟି ପଦାର୍ଥମାନ ଲୁକ୍କାୟିତ ଅଛି ତାହା ଅନୁସୃତ ହେଉ; କଲିକତା, ବୋମ୍ବାଇ, ମାନ୍ଦ୍ରାଜ, ଢାକା, ଅହମଦାବାଦ ପ୍ରଭୃତି ନଗରମାନ ଶୀଘ୍ର ମାଞ୍ଚେଷ୍ଟର, ଡୋଣ୍ଡି, ବୋଷ୍ଟନ, ବରମିଂହାମ ପ୍ରଭୃତିରେ ପରିଣତ ହେଉ; ଭାରତୀୟ ବନ୍ଦରମାନଙ୍କରୁ ବଡ଼ ବଡ଼ ବାଣିଜ୍ୟପୋତ ସବୁ ସମୁଦ୍ର ଲଙ୍ଘନ କରି ଦେଶ ବିଦେଶକୁ ଗମନ କରୁ ; ବାଣିଜ୍ୟାଦିର ନାନା ଉପାୟ ଉଦ୍ଭାବନ କରିବାରେ ଭାରତୀୟ ମସ୍ତିଷ୍କ ଆଲୋଡ଼ିତ ହେଉ; ବାଣିଜ୍ୟ ବାଣିଜ୍ୟ ବୋଲି ଦେଶଯାକ ପାଗଳ ହୋଇଯାଉ ।

ଆଉ ଗୋଟିଏ କଥା, ଜାତିଗତ ବା ସମ୍ପ୍ରଦାୟଗତ ବ୍ୟବସାୟ ମୂଳରେ ସଜୋରରେ କୁଠାରାଘାତ କରି ନ ପାରିଲେ ସମସ୍ତ ଶ୍ରମ ପଣ୍ଡ ହୋଇ ଯିବ । କୁଳବ୍ୟବସାୟ ବଜାଏ ରଖିବାକୁ ଚେଷ୍ଟା କଲେ ସବୁ ଆଶା ଭରସାକୁ ଜଳାଞ୍ଜଳି ଦେବାକୁ ହେବ । ତନ୍ତି ଲୁଗା ବୁଣିବ, କୁମ୍ଭାର ହାଣ୍ଡି ଗଢ଼ିବ, ତେଲି ତେଲ ପେଳିବ, ଇତ୍ୟାଦି ବ୍ୟବସ୍ଥାକୁ ନ ରଖି ଠିକ ତାହାର ବିପରୀତ କରିବାକୁ ହେବ । ଅର୍ଥାତ୍ ଯେ ଲୁଗା ବୁଣି ପାରିବ ସେ ତନ୍ତି ହେବ, ଯେ ହାଣ୍ଡି ଗଢ଼ି ପାରିବ ସେ କୁମ୍ଭାର ପଦବାଚ୍ୟ ହେବ ଏବଂ ଯେଉଁ ବ୍ୟକ୍ତି ତେଲ ପେଳି ଜାଣିବ ତାହାକୁ ତେଲି କହାଯିବ । ସମ୍ପ୍ରଦାୟର ସୃଷ୍ଟି,

Digitized by srujanika@gmail.com

ଜାଣି ମଧ୍ୟରେ ବ୍ୟବସାୟୀକୁ ଅନ୍ଧ ରଖିଲେ ମହା ଦୁରବସ୍ଥାରେ ପଡ଼ିବାକୁ ହେବ । ସେତେବେଳେ ଉପଯୁକ୍ତ ଅନୁପଯୁକ୍ତର ଘୋର ସଂଗ୍ରାମରେ ପଡ଼ି ସମାଜ ଛାରଖାର ହୋଇଯିବ । ଅସ୍ମମାନଙ୍କ ଦେଶରେ ଅନେକ ପରିମାଣରେ ତାହାହିଁ କ ହୋଇ ନାହିଁ ? ପ୍ରାଚୀନ କାଳରେ ଯାହା ଯାହା ହୋଇଥାଏ ତେବେ ଆଧୁନିକ ଉନ୍ନତ ଯୁଗରେ ତାହା ଅପେକ୍ଷା ଯେ କେତେ ଅଧିକ ବିଷମୟ ଫଳ ଫଳିବ, ତାହାର କ ଇୟତ୍ତା ଅଛି ? ଏହା ଛଡ଼ା ସମୁଦ୍ର ଲଙ୍ଘନ ବା ନିଚ ବ୍ୟବସାୟ ଗ୍ରହଣ କଲେ ପ୍ରାୟଶ୍ଚିତ୍ତ ଉତ୍କରଣ ପ୍ରଭୃତ ଜାତିର କୁସଂସ୍କାରଗୁଡ଼ିକର ସମ୍ପୂର୍ଣ୍ଣ ପରିବର୍ଜନ ଯେ ଅବଶ୍ୟ କରଣୀୟ, ତାହା ବୋଲିବା ବାହୁଲ୍ୟ ମାତ୍ର । ଉଚ୍ଚାଦର୍ଶ ଗ୍ରହଣୀୟ ବୋଲି ଦୃଢ଼ପ୍ରତିଜ୍ଞ ହେଲେ ଏ ପ୍ରକାର ଅନ୍ୟାନ୍ୟ କ୍ଷୁଦ୍ର କ୍ଷୁଦ୍ର କୁସଂସ୍କାରଗୁଡ଼ିକ କ୍ରମେ କ୍ରମେ ଅପସାରିତ ହୋଇଯିବ ।

ଏତେବେଳଯାଏ ଅମ୍ଭେମାନେ ଜାତୀୟ ଉନ୍ନତିରୂପ ଟ୍ୟାମିନିକ ପ୍ରତିଷ୍ଠାର ସାମାନ୍ୟ ଗଠନ, ବିଶେଷତଃ ଏକ ଓ ଅନ୍ୟନ ପେନ ବ୍ୟସ୍ତ ଥିଲୁଁ । ବର୍ତ୍ତମାନ ତାହାର ପ୍ରମାଣର ସମୟ ଉପସ୍ଥିତ । ମୋଟିଏ ମାତ୍ର କଥାରେ ତାହାର ପ୍ରମାଣ ହେବ, ସେ କଥାଟି ମୂଳଧନ । ତାହା କାହିଁ ? କେଉଁଠାରେ ଅମ୍ଭମାନଙ୍କୁ ତହିଁର ଅନ୍ୱେଷଣ କରିବାକୁ ହେବ ? ପ୍ରାଚୀନ ବାକ୍ୟ ଅଛି "ବାଣିଜ୍ୟେ ବସତେ ଲକ୍ଷ୍ମୀଃ । ବାଣିଜ୍ୟ ଆରମ୍ଭ କଲେ ଧନ ଆସିବ ଏବଂ ଉକ୍ତ ଧନ ସାହାଯ୍ୟରେ ବ୍ୟବସାୟର ଉତ୍ତରୋତ୍ତର ଉନ୍ନତି ଘଟି ମୂଳଧନର ପରିମାଣ ବୃଦ୍ଧି ହେବ । ମାତ୍ର ତାହା ମୂଳଧନ ହେଲା କାହିଁ । ମୂଳଧନ ଅଛି ଅମ୍ଭମାନଙ୍କ ରାଜା, ମହାରାଜା, ମହାଜନ, 'ଦରଭଙ୍ଗା ପ୍ରଭୃତିଙ୍କ କୋଷରେ । ତାହାରବ ଉପାୟ ? ସିନ୍ଦୁକାଗାରେ ? ଅମ୍ଭେମାନେ ହୁଲିଙ୍କୁ କେଣ ମାତ୍ର ଭୟ ନ କରି ନାହିଁ ... । ମାତ୍ର ପାଠକେ, ଅମ୍ଭମାନଙ୍କର ଭିତର

ସ୍ଥଳ କେଉଁଠାରେ ଅନୁମାନ କରି ପାରୁ ନାହାନ୍ତି କ ? ସିନ୍ଦୁର ସ୍ଥଳ ସେହି ସେହି ମହାରାଜାମାନଙ୍କର ମନରୂପ ପ୍ରକୋଷ୍ଠର ସୁଦୃଢ଼ ଭିତ୍ତିରେ । ଧନ ଓ ଧନ ମଧ୍ୟରେ ସବୁ ସ୍ଥାନରେ ମିତ୍ରତା ନ ଥାଏ । ସବୁ କରି ତାହା କାଢ଼ିବାକୁ ହୁଏ । ଜାତୀୟ ଅଭାବର ଗୁହାର ହୃଦୟସ୍ପର୍ଶୀ ଭାଷାରେ ସେମାନଙ୍କ କର୍ଣ୍ଣରେ ଢାଳିବା ଅବଶ୍ୟକ । ତାହାହିଁ ଅମ୍ଭମାନଙ୍କର ସିନ୍ଧୁକାଠି । ଏ କାଠି ଯେ ବ୍ୟବହୃତ ହୋଇ ନାହିଁ ତାହା ନୁହେ । ବାରମ୍ବାର ତହିଁର ବ୍ୟବହାର କରିବାକୁ ହେବ, ଯେ ପର୍ଯ୍ୟନ୍ତ ଅମ୍ଭେମାନେ ଅଭୀଷ୍ଟ ଫଳ ଲାଭ ନ କରିବା । ମହାରାଜ ଗାଇକୱାଡ଼ ବର୍ତ୍ତମାନ ଭାରତୀୟ ରାଜନ୍ୟବର୍ଗଙ୍କ ଶୀର୍ଷସ୍ଥାନୀୟ । ସେ ଆପଣା ରାଜଧାନୀରେ "କଳାଭବନ" ସ୍ଥାପନ କରି ଏ ଦେଶରେ ପ୍ରକୃତ ଉନ୍ନତିସାଧନ କରୁଅଛନ୍ତି । ଅହମଦାବାଦ କଂଗ୍ରେସ-ସଂସୃଷ୍ଟ ଶିଳ୍ପପ୍ରଦର୍ଶନୀ ଫିଟାଇବା ବେଳେ ସେ ଯେଉଁ ଚମତ୍କାର ବକ୍ତୃତା କରିଥିଲେ ସେଥିରେ ସେ ଏହି ଶିଳ୍ପ ଏବଂ ବାଣିଜ୍ୟ ସମସ୍ୟାକୁ ଜାତୀୟ ଉନ୍ନତିର ପ୍ରଧାନ ଉପାଦାନ ବୋଲି ନିର୍ଦ୍ଦେଶ କରିଥିଲେ । ଦେଶହିତୈଷୀମାନଙ୍କୁ ଲକ୍ଷ୍ୟ କରି ସେ କହିଅଛନ୍ତି "Solve that problem (the industrial problem) and you have a great future before you, the future of a great people, worthy of your ancestors and of your old position among the nations." ସେ କ ଅମ୍ଭମାନଙ୍କୁ ସାହାଯ୍ୟ କରିବେ ନାହିଁ ? ଏମାନଙ୍କ ଛଡ଼ା ଅମ୍ଭମାନଙ୍କ ଦେଶରେ ଆଉ ଯେଉଁ ଶତ ଶତ ରାଜା, ମହାରାଜା, ଭୂସ୍ୱାମୀ ରହିଅଛନ୍ତି ସେମାନେ କ ଅମ୍ଭମାନଙ୍କୁ ଏହି ମୂଳଧନ ସଂଗ୍ରହ କରିବାରେ ସାହାଯ୍ୟ କରିବେ ନାହିଁ ? ସେମାନେ ଗାଇକୱାଡ଼ଙ୍କ ସ୍ୱଦେଶବତ୍ସଳତା, ଉଦାରତା ଏବଂ ସ୍ୱାଧୀନଚିତ୍ତତା ଟିକିଏ ଅଧ୍ୟୟନ କରି ଦେଖନ୍ତୁ, ପ୍ରକୃତ ବଳ ପ୍ରାପ୍ତ ହେବେ ଏବଂ ରାଜପୁରୁଷମାନଙ୍କ ... ଅପେକ୍ଷା ... ସେବା ... ।

Digitized by srujanika@gmail.com

ଗୁଣରେ ଶ୍ରେଷ୍ଠତର ତାହା ସମସ୍ତ ହୃଦୟଙ୍ଗମ କରି ପାରିବେ । ସେମାନେ ଦେଶର ମେରୁଦଣ୍ଡ ସ୍ୱରୂପ । ସେମାନଙ୍କ ଉପରେ ଦେଶର ଭଲମନ୍ଦ ଅନେକ ପରିମାଣରେ ନିର୍ଭର କରେ । ସେମାନଙ୍କୁ ଦେଶର ଏହି ଅର୍ଥନୈତିକ ସମସ୍ୟାର ମୀମାଂସାରେ ସାହାଯ୍ୟ କରିବା ପାଇଁ ସର୍ବଦା ଉଦ୍ଯୁକ୍ତ କରିବାକୁ ହେବ ।

ଜାତୀୟ ଉନ୍ନତି ସାଧନର ନାନାପଥ ଆମ୍ଭମାନଙ୍କ ଦେଶ ଓ ସମାଜ ମଧ୍ୟରେ ପଡ଼ିରହିଅଛି । ସେ ସବୁ ମାର୍ଗରେ ଆମ୍ଭମାନଙ୍କୁ ଯଥାସାଧ୍ୟ ଅଗ୍ରସର ହେବାକୁ ପଡ଼ିବ । ପାଶ୍ଚାତ୍ୟ ଆଲୋକ ଆମ୍ଭମାନଙ୍କୁ ଅଳ୍ପ ବିସ୍ତର ସେ ସବୁ ମାର୍ଗ ଦେଖାଇ ଦେଉଅଛି । ଆଶାନୁରୂପ ନ ହେଲେହେଁ ସେ ସବୁ ମାର୍ଗରେ ଆମ୍ଭମାନଙ୍କର ଗତି ଏକାବେଳକେ ଶୂନ୍ୟ ନୁହେ । ବର୍ତ୍ତମାନ ଏହି ଦାରିଦ୍ର୍ୟ-ସମସ୍ୟାହିଁ ଆମ୍ଭମାନଙ୍କ ସମ୍ମୁଖରେ ମହାସମସ୍ୟାରୂପରେ ଉପସ୍ଥିତ ହୋଇଅଛି । ତାହା ଏହି ଉନ୍ନତ ଯୁଗର ସର୍ବଶ୍ରେଷ୍ଠ ଶତ୍ରୁ । ଏହାର ବିରୁଦ୍ଧରେ ଯୁଦ୍ଧ କରି କୃତକାର୍ଯ୍ୟ ହୋଇ ନ ପାରିଲେ ଆମ୍ଭମାନଙ୍କର ଜାତୀୟ ଜୀବନରେ ମଙ୍ଗଳ ଆଶା ନୋପ ପାଇବ । ଆମ୍ଭେମାନେ କ୍ରମାଗତ ଦରିଦ୍ର ହେବୁଁ ଏବଂ ଅପର ଜେତା ଜାତିମାନଙ୍କ ଅଧୀନ ଥାଇ କେବଳ ଦାସତ୍ୱ କରୁଥିବୁଁ । ସେଥି ନିମିତ୍ତ ଆମ୍ଭେମାନେ ଆଜି ଏ ବିଷୟରେ ଏତେ କଥା କହିଲୁଁ । ଦେଶର ଅନ୍ୟାନ୍ୟ ସ୍ଥଳରେ ଏ ବିଷୟର ଚର୍ଚ୍ଚା ଖୁବ୍ ଲାଗିଅଛି । ଉତ୍କଳୀୟ ପାଠକ ପାଠିକାମାନଙ୍କ ମନରେ ଏଥିର ଚିନ୍ତା ଉଦ୍ରେକ କରିବା ମାନସରେ ଆମ୍ଭମାନଙ୍କର ଏ ବିଷୟର ଅବତାରଣା । ଉଦ୍ଦେଶ୍ୟ କଥଞ୍ଚିତ୍ ସଫଳ ହେଲେ କୃତାର୍ଥ ହେବୁଁ । ବାଣିଜ୍ୟର ଉଦ୍‌ବୃତ୍ତ ଅଂଶର ସୁବ୍ୟବସ୍ଥା ଏବଂ ଅବାଧ ବାଣିଜ୍ୟନୀତି ପ୍ରଭୃତି ଏହି ମହା ସମସ୍ୟାର ଅନ୍ୟାନ୍ୟ ବିଭାଗ ସମ୍ବନ୍ଧରେ ଏଠାରେ କିଛି କହାଯାଇ ନାହିଁ । ସ୍ୱଭାବତଃ ସେ ସମସ୍ତ ବିଷୟରେ ନାନାପ୍ରକାର ପ୍ରଶ୍ନ ଉଠିପାରେ ଏବଂ ସେଗୁଡ଼ିକର ସୁମୀମାଂସା ମଧ୍ୟ ଅତ୍ୟନ୍ତ ଆବଶ୍ୟକ । ଆଉ ଦିନେ ସେ ସବୁ ଚିନ୍ତା କରି ଦେଖିବାର ଇଚ୍ଛା ରହିଲା । ଆଜି ଏତେ ।

ଶ୍ରୀ ଲକ୍ଷ୍ମୀପ୍ରସାଦ ଚୌଧୁରୀ ।

କ୍ଷୁଦ୍ର କ୍ଷୁଦ୍ର କବିତା ।

ଶୋକର ସେତୁ ।

(ଗୋଟିଏ ଇଂରାଜୀ କବିତାର ଅନୁବାଦ)

ଯଦି ଅଭାଗିନୀ ଅବଳା ରମଣୀ
ଜୀବନ-ସଂଗ୍ରାମେ ହୋଇ ବିମୁଖ
ଚେଷ୍ଟିବାକୁ ଇଚ୍ଛା— ଧାମ ସ୍ଥିର କରି
ଶମନ କୋଡ଼ରେ ଲଭିଲା ସୁଖ । ୧ ।

ଶିରୀଷକୋମଳା ଲବଣୀପିତୁଳା
ବିଷଣ୍ଣମୁଖିର ଶୋଭିନାଥିକ,
ଯତ୍ନ ସହକାରେ କରୁଣ ଭାବରେ
ତାହାକୁ ଆଶ୍ରୟ କର ପ୍ରଦାନ । ୨ ।

ଅଙ୍ଗେ ସୁଶୋଭନ ଗୁରୁ ପରିଧାନ
ଅନ୍ତିମ ବସନ ସଦୃଶ ଦିଶେ,
ଜଳବିନ୍ଦୁରାଶି ଅଙ୍ଗରୁ ଖସିଣ
ନିମ୍ନଗା ବିମଳ ସଲିଳେ ମିଶେ । ୩ ।

ବିଳମ୍ବ ନ କରି ଘୃଣା ପରିହରି
ସସ୍ନେହେ ତାହାକୁ କର ଗ୍ରହଣ,
ଚିତ୍ତେ ବହି ଦୟା ହୃଦେ ରଖି ମାୟା
ଶୋକ-ଉପହାର କର ଅର୍ପଣ । ୪ ।

ଧର ଧୀରେ ଧୀରେ ମାନବ ସ୍ୱଭାବରେ
ତା ଦୋଷକୁ ମନେ ନ ଦେଇ ଠାବ,
ଯାଇଅଛି ଦୋଷ ରହିଛି ଆଜି
କେବଳ ପବିତ୍ର ରମଣୀ ଭାବ । ୫ ।

ଦୁଃସାହସ ବଳେ ବଳୀୟସୀ ବାଳା
କଷ୍ଟମୟେ ହେଉଛି ଜଳ ପରଶି,
ମରଣ କାରଣ ହେଣୁ ଜାଣିବାକୁ
ଲୋଡ଼ା ନାହିଁ ଆଉ ଅନୁସନ୍ଧାନ । ୬ ।

Digitized by srujanika@gmail.com

ଅନ୍ତର ଦ୍ୱାରାରୁ ଯାଏ ସଞ୍ଚାରକୁ
ଲଭିଅଛୁ ବାଳା ଦେଉ ବିସ୍ତାର,
ଲିଭିଛୁ ନୟନ— ବାଳିକା ବାଳାର,
ରହିଛୁ କେବଳ ଶୋଭାଭଣ୍ଡାର । ୭ ।
ସ୍ଫୁରିବ ଅଧରୁ ଅତ୍ୟନ୍ତ ଚୁମ୍ବନ ।
ଲୁଟିବ ତନୁ ଭାର ପରିମଳ,
ରଞ୍ଜିତ ଅଧର— ଯୁଗଳରୁ ତାର
ଝରୁଥିବା ହାସ କର, ମୋହନ । ୮ ।
ମାର୍ଜିତା ବସ୍ତ୍ରରେ ପିନ୍ଧିଛୁ କବରୀ
ଘାଣ୍ଟିଛୁ ବଦନ ନୀଳ କୁନ୍ତଳେ,
ପୂର୍ଣ୍ଣ ଚନ୍ଦ୍ରମାକୁ ଘୋଡ଼ାଇ ରଖିଛି
କି ଅବା ପ୍ରାବୃଟ ଘନ ଶ୍ୟାମଳ । ୯ ।
କାହିଁ ତାର ବାସ କିଏ ତାର ପିତା
ଅଥବା ଦେହ ତାର ସୋଦର,
ଅଛି କି ସୋଦର ମାତା କାହିଁ ସେ
ପ୍ରେମେ ଧନ୍ୟ ଏକା କାହା ପତ୍ନୀର ? ୧୦ ।
ଥାଉ ବଡ଼ ପଣ, ଥାଉ ଦାସ ପଣ,
ଉପସ୍ଥିତରେ କାର୍ଯ୍ୟ କାହିଁ ବାଳାର,
ଅହା ! ଅହା ! ମର୍ତ୍ତ୍ୟ— ଅମଙ୍ଗଳରେ
ଥାଉ ଅନ୍ନ, ବାସ କ ଥିଲା ତାର । ୧୧ ।
ଭୁଲି ମାତୃସ୍ନେହ, ଭୁଲି ପିତୃସ୍ନେହ,
ଆତ୍ମୀୟ-ସ୍ୱଜନ-ସ୍ନେହ ନ ଦେଖ,
ପ୍ରେମ ବନ୍ଧନରୁ ଆଶାରେ ପ୍ରେମିକା
ଏ ସରଳ ଥିଲା ମନରୁ ଦେଖ । ୧୨ ।
କିଏ ଜାଣିଥିଲା ପ୍ରେମିକ ହୃଦୟ
ଗଢ଼ିଥିଲା ବହୁ ଦୃଢ଼ ପାଷାଣେ,
ତା ହୃଦ-ହୀର ଚଳୁ ଗଲା ଛିଣ୍ଡି,
ତା ହୃଦବେଦନା ସେ ସିନା ଜାଣେ । ୧୩ ।
ପାଟେ,ପାଟେ ଶୁଭ୍ର ଅଳୋକନରପୁ
ନୀଳ ନଯନକଲେ ବସ୍ତ୍ରାର ଛାୟା
ଦଶେ ଯଥା ସନ୍ଧ୍ୟା— ନୀଳ-ଗଗନରେ
ଅତ୍ୟଳ୍ପ ତାରକା ମେଲଛି କାୟା । ୧୪ ।
ଶେଷ ଅନ୍ଧକାରେ କି ଭାବନା ବାଳା
ଭାବୁଛି ମନରେ, କେ ଜାଣିପାରେ ?
ଅନ୍ତରୁଛି ବାଳା ବର୍ଣ୍ଣିତ ମନରେ
ବାରେ ମାର ପ୍ରତି, ନିଜକୁ ବାରେ । ୧୫ ।
ଶୀତଳ ଥରହର କମ୍ପିତ ଶରୀର
ଶୀତସ୍ପର୍ଶ ସିନା ପବିତ୍ର ଜଳ,
ଭକ୍ତିର ସ୍ରୋତ, ପଦ୍ମଙ୍କର ସେତୁ,
କରି ନ ପାରିଲା ଶୀତଳ ମନ । ୧୬ ।
ହଳାହଳପୂର୍ଣ୍ଣ ଏ ବିଶ୍ୱ ବ୍ରହ୍ମାଣ୍ଡ
ହଳାହଳପୂର୍ଣ୍ଣ ନିଜ ଜୀବନ
ଦେଖି, ଅନ୍ୟ ସ୍ଥାନେ ଥିବାକୁ ଉଚିତ,
କେଉଁ ପଥେ ତାହା କେଉଁ ସ୍ମରଣ । ୧୭ ।
ଖରତର ସ୍ରୋତେ ଶୀଘ୍ର ନଦୀ ଜଳ
ମାତ ବହୁଅଛି ଉଦଗ୍ର ତଟ,
ପଶିଗଲା ବାଳା ନଦୀର ଗର୍ଭେ,
ପ୍ରେମ-ଉନ୍ମାଦ ଅତି ଉତ୍କଟ । ୧୮ ।
କଳ୍ପନାର ବଳେ ଏ ଦୃଶ୍ୟର ଚିତ୍ର
ଆଣ ନେତ୍ରପଥେ ହେ ହୃଦନ୍ତର !
ଏ ଜଳରେ ସ୍ନାନ କର ଏହା ପାନ
ଅଙ୍ଗେ ଯେବ ସ୍ଫୁରେ ଶକ୍ତି ସଞ୍ଚାର । ୧୯ ।
ଶିଖଣ୍ଡୀଦବୋମଳା ଲବଣୀ ପିତୁଳା
ବରକ୍ଷ୍ମସ୍ଥଳିର ଶୋଭିନଥାନ;
ଅତି ଯତନରେ କରୁଣ ଭାବରେ
ତାହାକୁ ଆଶ୍ରୟ କର ପ୍ରଦାନ । ୨୦ ।
ନ ଲଗୁ ତା ଅଙ୍ଗେ ଜଳ କଠିନତା
ନ ଦେଉଣୁ ତାହା ଅତ୍ୟନ୍ତ ତାଣ,
ଅତି ସତର୍କରେ ସଦୟ ଭାବରେ
ଯଥାସ୍ଥାନେ ରଖ ତା ଅଙ୍ଗମାନ । ୨୧ ।
ଚମ୍ପୁର ପଲକ ନ ପଡ଼ାଇ ବାଳା
ଅନାଇଛି ଊର୍ଦ୍ଧ୍ୱେ ଏକ ନଜରେ,
ଦୂର ଭବିଷ୍ୟତେ ଭାଗ୍ୟରେ କି ଅଛି
ମନେ ମନେ କିବା ଗଣନା କରେ । ୨୨ ।
ତମ୍ଭୁ ରହିଅଛି କାହିଁ ତ ଚେତନା,
ବୃଥା ଅଟେ ସିନା ଦୃଷ୍ଟିପ୍ରୟାସ,
ରଖ ରଖ, ଅହା ! ଘୋଡ଼ାଇଣ ଚର୍ମ,
ପଳାଉ ଦର୍ଶନ ମାନସ୍ତି ବାସ । ୨୩ ।

Digitized by srujanika@gmail.com

ଘୋର ଅବସାନୁଁ　　　　ବସଇଛୁ ପ୍ରାଣ
ତହିଁ ବଟଦ୍ୱଟା ଅନ୍ୟ କାରଣ,
ଶୋକ-ଅତ୍ୟାଗୃର　　　　ଦାଉଣ ଅନନ୍ୟ
ତର ଶାନ୍ତ ଦଏ ସିନା ମରଣ । ୨୪ ।
କୋମଳ ତା ବାହୁ—　　　　ଲକେକାସ୍ୟ ଗାଳ
ଛନ୍ଦ ଦଅ ବକ୍ଷୋରୁହ ଉପରେ;
କୃତ ଅପରାଧ　　　　ସବାଶେ ହବ୍ବକି
ପାଦପଦ୍ମେ ଶୁଭ ଜଳ ବ୍ୟାଳରେ । ୨୫ ।
ଦିଉନ୍ମୂଳିତା　　　　ପାପ ଅଚରଣ
ଏ ଜୀବନ୍ତ ଥିଲା ତାହାର ଦୋଷ,
ଜାଣୁ ଏ ଦୋଷର　　　　ବନ୍ଧୁରର ଭାର
ବାନ୍ଧବରେ ଅର୍ପି ଲଭ ସନ୍ତୋଷ । ୨୬ ।
ଶ୍ରୀ ବାଲୁକେଶ୍ୱର ମିଶ୍ର

ଦୁଃଖୀ ନା ସୁଖୀ ?

ଧାନକଟାଳରେ　　　　ଧାନକଟାଳ ଭୁ
ଧାଇଁଛୁ ଜଗତପାଇଁ,
ଜଗତଯାକର　　　　ବୋଝ ମୁଣ୍ଡାଉଛୁ
ହସି ହସି ଗୀତ ଗାଇ ! । ୧ ।
ଧାନ କାଟୁ ଥାଉ　　　　ଏତ ଧୂଅକରେ
ହାତକୁ ଥାଉ ତୁ ଚାହିଁ,
ଧାର ଦେଇ ତୋର　　　　ହାତ ଗଲେ ଗଳ
ଅଖି ତୁ ଫେରଉ ନାହିଁ । ୨ ।
ସକାଳ ଶୀତରେ　　　　ବଡ଼ଲୋକମାନେ
କମ୍ବଳ ତୁଳ ଘୋଡ଼ାଇ
ଜଡ ଗଡୁଥାନ୍ତି　　　　ରତନପଲଙ୍କେ
ଶେଯ ତଳଅ ଲଗାଇ । ୩ ।
ସେତକ ସମ୍ପତ୍ତ　　　　ସେତକ ଶୀତରେ
ଏ ପାଠ ଶିଖିଲୁ ମୁହିଁ ।
ତୋ ଦେହରେ ଖଣ୍ଡେ　　　　ଦଦ୍ଧ କନା ନାହିଁ
ତେବେ ତତେ ଶୀତ ନାହିଁ । ୪ ।
ବରଷଯାକର　　　　ହାଡ଼ଭଙ୍ଗା ଶ୍ରମ
ହଳକେ ନେଉ ଶୋଟାଇ ।
ଧାନ ପାଚିବାକୁ　　　　ବରଷେ ଲୋଡ଼େ ଯେ
ଦଳନେ ତୋ କଟାଯାଇ । ୫ ।
ତୁ ଯେତେବ ଧନଙ୍କ　　　　ଉଦାହରଣକୁ
ନଅନ୍ତୁ ରେ ଦୁଃଖୀ ଗୃଢ,
ଜେତେ ଜେତେ ଧନ　　　　ମୁଯାମେ ଶୁଅନ୍ତି
ପୁନାମୁଣ୍ଡା ଗୃହିଁ ଗୃହିଁ ।। ୬ ।
ମୁହିଁ ଘୋଡ଼ା ଗାଡ　　　　ଚଢି ଚଢି ବୁଲ
ମୋ ମନରେ ସୁଖ ନାହିଁ,
ପାଲେ ଥୁବୁ ଥୁବୁ　　　　ଦେଉଅଚୁ ତୁହି
କହୁଛି କ ସୁଖ ପାଇ ? । ୭ ।
ଜାଣିଲି ଜାଣିଲି,　　　　ରେ କଟାଳ ଗୃଢ,
ମୋଠାରୁ ମହତ ତୁହି,
ଙ୍କୁଟ ଚଳପକା　　　　ଦଶୀର କଧାଁ
ତେଳେ ତତେ ଛୁଇଁ ନାହିଁ । ୮ ।
ମୋର ସୁନା ପଞ୍ଝା　　　　ଭିତର ସ୍ୱଜନ
ମନେ ଅଛନ୍ତି ଘୋଡ଼ାଇ,
ତେବେ ଏତେ ଥାଇ　　　　ବେଳ ପଡଲେ ରେ
କେହୁ କ ଦଏ ଉଠାଇ । ୯ ।
ତୋର ସୁନା ପଞ୍ଝା　　　　ହାତ ବୋଝକ ରେ
ସବନ୍ତ ତୋ ବେଳ ଗୃହିଁ ।
ମୋର ମନେ ପ୍ରଭୁ　　　　କେହ କାହାନ୍ତ ରେ
ତୋ ପ୍ରଭୁ ଜଗତସାଇଁ । ୧୦ ।
ମୋ ହାମ ପାଇଁ କ　　　　ଖୋସାମଦ କର
ପରେ, ବନ ସରୁ ନାହିଁ,
ତୋର ଗୋଡ ତୁହି　　　　ସାହା କେହି ନାହିଁ
ଅନୁସରବୁ କପାଇଁ ? । ୧୧ ।
ତୋ ଶ୍ରମବାରର　　　　ଅମୃତ ମାଧୁରୀ
ଭୁଞ୍ଜିବାକୁ ନାହିଁ କେହି,
ଭୁଞ୍ଜ ପାରଲେ ରେ　　　　ଅଧମେ ଧୂକନ୍ତେ
ଜଗ ଭୋଜ୍ୟ ପାଶେ ରହି । ୧୨ ।
ତୁ ପାଳୁ ଜଗତ　　　　ସାଧୁଲୋକ ହତ,
ତତେ କ ପାଳଇ କେହି ।
ସଂସାରଯାକର　　　　ଏହି କୁଟ ପଦ
କ କୁହି ପାରିବ ମୋହି । ୧୩ ।

Digitized by srujanika@gmail.com

ସ୍ୱାର୍ଥ ପର ଅର୍ଥ   କେସନେ ନଡଛ
ଅସ ନେ ଦେଖିବ ଭାଇ ।
ଚରମେ ଜଗତ   ବିପତ୍ତି ଶୃଙ୍ଖଳ
ମୁହିଁ ତ ବନ୍ଧୁରୁ ଥାଇ । ୧୪ ।
୧୫ । ମାତୃମାଧୁରୀ   କଣିକାଏ ଯେବେ
ଦଅନ୍ତି ମତେ ଶିଖାଇ,
ମୁଣ୍ଡୁ ଗୁଣ୍ଡୁ ହୋଇ   ବୁଲନ୍ତି ଜଗତେ
ବଣକୁ ପ୍ରେମେ ମତାଇ । ୧୫ ।

ଗୋପାଳଚନ୍ଦ୍ର ପହରାଜ ।

କିଏ ବୁଝିବ ?

ଅଗଣ୍ୟ ତାରକାମୂର୍ତ୍ତି,
ଅନନ୍ତ ଅସୀମ ଶୂନ୍ୟ,
ମୁକ୍ତ କୋଟି ଗ୍ରହ ସୂର୍ଯ୍ୟ ଗୁରୁ ଶଶଧର,
ଈଶ୍ୱର ବିରାଟ ଦେହ;
ଦେବ, ନର, ଯକ୍ଷ, ରକ୍ଷ,
ପଶୁପକ୍ଷୀ ଜୀବ, ଜଡ଼, ସାଗର, ଭୂଧର ।
ବିଶାଳ ବାରିଧିବକ୍ଷ,
ପୂର୍ଣ୍ଣି ଜୀବ ଲକ୍ଷ ଲକ୍ଷ,
ମହାମୂଲ୍ୟ ମଣିମୁକ୍ତା ରତ୍ନର ଆଧାର,
ମହୀଧର ଅଭ୍ରଭେଦୀ,
ସେ ମହାପାଷାଣ ଭେଦି
ନିର୍ଝର ନାଦେ ବହେ ସ୍ୱଚ୍ଛ ନୀରଧାର ।
ଏ ରହସ୍ୟମୟ ସୃଷ୍ଟି,
ଏହି ମେଘ ଏହି ବୃଷ୍ଟି,
ଏହି ଘୋର ବଜ୍ରନାଦ, ଗୁରୁ ସୌଦାମିନୀ,
କି ମହାନ ସୁକୌଶଳେ
ଉଠେ ବାୟୁ ନଭଃସ୍ଥଳେ,
ଏ ମହା ରହସ୍ୟମୟ ଦିବସ ଯାମିନୀ ।
ମୃତ୍ତିକାର ଅଭ୍ୟନ୍ତରେ
କାହିଁ ବାରିଧାର ଝରେ,
ଉଦ୍ଭିଦଧାରିକା ଶକ୍ତି କାହିଁ ପାଇଅଛି ଭୂମି ?
ସମ୍ମୁଖର ମହାଶୂନ୍ୟ
ଅଦୃଶ୍ୟ କୀଟାଣୁ ପୂର୍ଣ୍ଣ,
ଅଦୃଶ୍ୟ ସମୀର ବହେ ସେହି ଶୂନ୍ୟ ଭୂମି ।
ଏ କ୍ଷୁଦ୍ର ମାନବ କାୟା,
କେତେ ସ୍ନେହ କେତେ ମାୟା,
ପୂର୍ଣ୍ଣି କେତେ ଦୟା ପ୍ରୀତି ଭକ୍ତିଭାବ ଜ୍ଞାନ,
ଏ ମହାଚେତନା ଶକ୍ତି,
ସୁମହାନ ଅଭିବ୍ୟକ୍ତି,
ଏ କାର ବିରାଟଛବି ପୂର୍ଣ୍ଣ ବିଶ୍ୱପ୍ରାଣ ! !
କ୍ଷୁଦ୍ର ନର କ୍ଷୁଦ୍ର ଜ୍ଞାନେ
ମତ୍ତ ମହା ଅଭିମାନେ,
ଅନାଦି କାରଣ ଈଶେ ସେ କରେ ସନ୍ଦେହ !
ତାଙ୍କର ବିଭୂତେ ଚଳେ,
ନାନା ତର୍କ ନାନା ଛଳେ,
ଯାହାଙ୍କ କରୁଣାବିନ୍ଦୁ ପ୍ରାଣ ମନ ଦେହ ।
ବିଜ୍ଞାନର ସୂକ୍ଷ୍ମ ଜ୍ଞାନେ,
ଦର୍ଶନର ଅନୁଧାନେ,
ସେ ପ୍ରଶ୍ନ ସନ୍ଧାନ କରେ ସେହି ଜ୍ଞାନମୟେ;
ଏ ବ୍ରହ୍ମାଣ୍ଡ-ରଙ୍ଗଭୂମି
ସେହି ଏକ ପଦ ଚୁମି,
ଚାଲୁଛି ତାଙ୍କର ମାର୍ଗେ;— ମାନବ ବିସ୍ମୟେ
(କି ବୁଝିବ ତାଙ୍କ ତତ୍ତ୍ୱ ?) ମରେ ଚକ୍ରାଭୟେ ।

ଶ୍ରୀମତୀ ରେବା ରାୟ ।

ସାମନ୍ତ ଶ୍ରୀ ଚନ୍ଦ୍ରଶେଖର ।

ଶୂଦ୍ର ଉତ୍କଳଗରଭେ ଜନ୍ମି ମହାମୁନି !
କରିଲ ଉଜ୍ଜ୍ୱଳ ଗୁଣେ ଜନନୀ-ବଦନ,
କେଉଁ କୋଣେ ଏତେ କାଳ ଥିଲ ହୋଇ ଭିନ,
ନ ଜାଣିଲେ ତୁମ୍ଭଙ୍କୁ ଯା ସ୍ୱଦେଶର ଜନ ।
ଧନ୍ୟ ଜ୍ୟୋତିର୍ବିଦବର ଶ୍ରୀ ଚନ୍ଦ୍ରଶେଖର !
ବିଶ୍ୱହିତ ଅର୍ଥେ ଜନ୍ମ ହବ ଏ ଧାମରେ ।
ସମୁଜ୍ଜ୍ୱଳ ରହି ତୁମ୍ଭେ ଦୀନ ଉତ୍କଳର,
ବ୍ୟାପିଛି ସୁଦୂର ଏବେ ଯଶଃ ଭୂମଣ୍ଡଳେ,
ତୁମ୍ଭ ଲାଗି ହେ ତପସ୍ୱି ! ଏ ଦୀନ ଦେଶର
ପଡ଼ିଯିବ ନାମ ଥରେ ପୃଥ୍ୱୀଇତିହାସେ,
ନ ଡାକିଲେ ପ୍ରତିବାସୀ ଅକୃତଜ୍ଞ ନର !!
ଚନ୍ଦ୍ର ଧ୍ରୁବତାରା ତୁମ୍ଭେ ଯଶର ଆକାଶେ ।
"ଗୁଣିକୁ ଚିହ୍ନଇ ଗୁଣୀ" ସତ୍ୟ ଏ ବଚନ,
ନିର୍ଗୁଣ ଉତ୍କଳୀ କାହିଁ ଚିହ୍ନିବେ ରତନ ?

ଶ୍ରୀ ମୃତ୍ୟୁଞ୍ଜୟ ରଥ ।

Digitized by srujanika@gmail.com

ଉତ୍କଳ ସାହିତ୍ୟ ।

ଅପୂର୍ବମିଳନ ।

(ଐତିହାସିକ ଉପନ୍ୟାସ ।)

ସପ୍ତବିଂଶ ପରିଚ୍ଛେଦ ।

ପାନସିର ଉଦ୍‌ବେଗ ।

ନବାବ ଫୌଜ ମଧ୍ୟରେ ନବନିଯୁକ୍ତ ହିନ୍ଦୁ ହାବିଲଦାରର ଶୌର୍ଯ୍ୟ ବୀର୍ଯ୍ୟ ଧୈର୍ଯ୍ୟ କାହାଣୀ ବର୍ଗୀ ମଣ୍ଡଳୀରେ ଅବିଦିତ ରହିଲା ନାହିଁ । ସମସ୍ତେ ଅବଗତ ହେଲେ ହିନ୍ଦୁ ହାବିଲଦାରର ମନ୍ତ୍ରଣା ଏବଂ ବାହୁବଳରେ ନବାବ ବନ୍ଦୀ । ହାବିଲଦାରର ଘର ଗେହିଲଖଣ୍ଡ, ହାବିଲଦାର ଯୁବକ । ଯୁଦ୍ଧକ୍ଷେତ୍ରରେ ବର୍ଗୀମାନଙ୍କ ଯେଉଁମାନେ ତାହାକୁ ଦେଖିଥିଲେ ତାହାର ରୂପ ସମ୍ବନ୍ଧରେ ମଧ୍ୟ ନାନା ରୂପ ବର୍ଣ୍ଣନା କଲେ । ଆମ୍ଭମାନଙ୍କ ପୂର୍ବପରିଚିତ ସେହି ତାମ୍ବୂଳବିକ୍ରେତା ପାନସି ମରହଟା ଫୌଜ ସଙ୍ଗେ ସଙ୍ଗେ ରହି ଅଛି । ନିୟମିତ ରୂପେ ନିରୂପିତ ସ୍ଥାନରେ ତାହାର କାରବାର ଚଳୁଅଛି । ଅଧିକନ୍ତୁ କେତେଦିନ ହେଲା ଲୋକେ ତାହାକୁ କିଛି ଅନ୍ୟମନସ୍କ ଦେଖୁଅଛନ୍ତି । କେହି ପାନ ମାଗିଲେ ଚୂନ ଦିଏ, ଗୁଆ ମାଗିଲେ ଚୂଆ ଦିଏ, ସବୁଦା ଠେଠ ପଇସା ନେବାକୁ ଭୁଲେ । ଲୋକବିଶେଷରେ ପାନଖିଲି ଲାଖି ଦେଇ ମହଦ୍ରେଖା ଯୁଦ୍ଧକଥା, ଗଙ୍ଗାକୂଳ ଯୁଦ୍ଧକଥା ଶୁଣେ, ସବୁ କଥାମଧ୍ୟରେ ନବାବପକ୍ଷର ହିନ୍ଦୁ ହାବିଲଦାର କଥା ଶୁଣିବା ତାହାର ଆଗ୍ରହ । କେବଳ ସେହି କଥା ଶୁଣିବା ସକାଶେ ଲୋକମାନଙ୍କୁ ଯୁଦ୍ଧପ୍ରସଙ୍ଗ ପ୍ରଶ୍ନ କରେ, ହେଲେ ସ୍ପଷ୍ଟରୂପେ କେବଳ ସେ ହିନ୍ଦୁ ହାବିଲଦାର କଥା ପଚାରିବାର କେହି ଶୁଣି ନାହିଁ । ପାନସି ଦିନକରେ ନିର୍ଜନରେ ବସି ଚିନ୍ତା କଲା—ହେ ପ୍ରଭୋ, ହେ ଦୟାମୟ ! ସତେ କି ମୋ ପ୍ରତି କୃପା କଲ ? ମୋ ଭାଗ୍ୟ କି ସୁପ୍ରସନ୍ନ ହେବ ? ପୁଣି କି ସେହି ଶ୍ରୀଚରଣ ଦର୍ଶନ କରିବି ? ତୁମ୍ଭ ଇଚ୍ଛା, ପ୍ରଭୋ ! ଦୟାମୟ ବିପଦଭଞ୍ଜନ ! ତୁମ୍ଭ ଦୟାମୟ ନାମ ସାର୍ଥକ ହେଉ ।

ପାନସି ଚିନ୍ତା କଲା—ନିବାସ ଗେହିଲଖଣ୍ଡ, ଲୋକେ ରୂପର ଯେପରି ବର୍ଣ୍ଣନା କରୁଅଛନ୍ତି ପ୍ରତ୍ୟେକ କଥା ମିଳୁଅଛି, ନାମ କଣ ? ହିନ୍ଦୁ ହାବିଲଦାର ? ହିନ୍ଦୁ ହାବିଲଦାର ତ ନାମ ନୁହେ । ଅଚ୍ଛା, ଏତେ କଥା କିଆଁ ? ନିଜେ ଯାଇ ଦେଖି ଆସିଲେ ତ ସବୁ ସନ୍ଦେହ ଦୂର ହେବ । ନବାବ ବର୍ତ୍ତମାନ ମୁରଶିଦାବାଦରେ, ସୈନ୍ୟ ସେନାପତି ସମସ୍ତେ ସେହି ସ୍ଥାନରେ ଥିବେ । ଶୁଭସ୍ୟ ଶୀଘ୍ରଂ, ପାନସି ସେହି ମୁହୂର୍ତ୍ତରେ ଯାତ୍ରାରମ୍ଭ କଲା । ମାତ୍ର ମୁରଶିଦାବାଦ ପର୍ଯ୍ୟନ୍ତ ତାହାକୁ ଯିବାକୁ ପଡ଼ିଲା ନାହିଁ, ମାର୍ଗମଧ୍ୟରେ ମନର ସନ୍ଦେହ ଦୂର ହେଲା । ହିନ୍ଦୁ ହାବିଲଦାରର ନାମ ନାନକଟା ହାବିଲଦାର, ମଧ୍ୟ ସେହି ଲୋକଟାର ନାମ ନାହିଁ ।

ପାନସି ଭାବିଲା ଛି ! ଛି ! ମୁଁ କାହିଁରେ ଭୁଲିଲି ! ଅନେକ ଦିନ ହେଲା ଭ୍ରାନ୍ତିରେ ଭ୍ରମୁଅଛି । ବର୍ତ୍ତମାନ ସେହି ଦୁରନ୍ତର ବଡ଼ ଅନ୍ୟମନସ୍କ, ବଡ଼ ଅସାବଧାନ । କିଏ ଜାଣେ ଏହି ଚାରି ଦିନ ମଧ୍ୟରେ ମୋତେ ସୁଯୋଗ ମିଳିଥାନ୍ତା । ମୁଁ କୁଳଦେବତା ଭଗବାନ୍ ଏକଲିଙ୍ଗଙ୍କ ନାମ ଧରି ପ୍ରତିଜ୍ଞା କରୁଅଛି ଜୀବନର ଏକମୁହୂର୍ତ୍ତ କାଳ ବୃଥା କାଟିବି ନାହିଁ, ଉଦ୍ଦେଶ୍ୟ ସାଧନରେ ସଚେଷ୍ଟ ଥିବି । ମୋ ଉଦ୍ଦେଶ୍ୟ ଅତୀବ ଭୀଷଣ,

Digitized by srujanika@gmail.com

ଅତୀବ ଦୁର୍ବଳ, ହେଲେ—ପ୍ରଭୁ ଯାହା କହିବେ, ପ୍ରଭୁ ବଳ ବିକ୍ରମ ବିତରଣ କରିବେ ।

ପାଠକ ଆପଣା ପୂର୍ବ ସ୍ଥାନକୁ ପ୍ରତ୍ୟାବୃତ୍ତ ହେଲା ।

ଅଷ୍ଟବିଂଶତି ପରିଚ୍ଛେଦ ।

ବର୍ଗୀ ବିଶ୍ରାମ ।

ନବାବ ଅଲିବର୍ଦ୍ଦି ଖାଁ କାଟୋୟା ପରିତ୍ୟାଗ କରିବା ମାତ୍ର ଭାସ୍କର ପଣ୍ଡିତ ସେ ସ୍ଥାନ ଅଧିକାର କରି ବସିଲେ । କାଟୋୟା ସୈନ୍ୟ ସମାବେଶ ପକ୍ଷରେ ସମ୍ପୂର୍ଣ୍ଣ ଉପଯୋଗୀ । ଅନେକ ଦିନ ମାସ ହେଲା ବର୍ଗୀ ଏ ସ୍ଥାନରେ ବିଶ୍ରାମ କରି ସମର-କ୍ଳାନ୍ତି ଦୂର କରୁଅଛନ୍ତି । ବର୍ଦ୍ଧମାନ, ବୀରଭୂମ, ବାଙ୍କୁଡ଼ା, ବଗଡ଼ର ପ୍ରଭୃତି ସମସ୍ତ ସ୍ଥାନ ବର୍ଗୀ-ହସ୍ତଗତ । ଲୋକେ ବୁଝିଲେ ବର୍ଗୀ ବଙ୍ଗେଶ୍ୱର ହେଲେ । ମାତ୍ର ଭାସ୍କର ପଣ୍ଡିତ ଆଶାନୁରୂପ ଅର୍ଥ ଲାଭରୁ ବଞ୍ଚିତ । ଭାସ୍କର ବସ୍ତୁତଃ ଅର୍ଥପିଶାଚ, ଅର୍ଥ ତାହାର ସର୍ବସ୍ୱ । ପାଠକମାନଙ୍କ ଅତ୍ୟା-ଚାରରେ ପ୍ରଜାମାନେ ଦେଶତ୍ୟାଗୀ ଗୃହତ୍ୟାଗୀ ହୋଇ ଅଛନ୍ତି । ଅର୍ଥ କାହୁଁ ଆସିବ ? ସମସ୍ତ ଧନୀବନ୍ତ ହିନ୍ଦୁ ମୁସଲମାନ ପ୍ରଜା ଆପଣା ଆପଣା ସମ୍ପତ୍ତି ନେଇ କଲିକତାରେ ଇଂରେଜମାନଙ୍କ ଆଶ୍ରୟରେ ରହିଅଛନ୍ତି । ଏକା କଲିକତା ଲୁଣ୍ଠନ କଲେ ବିପୁଳ ବିତ୍ତ ହସ୍ତଗତ ହେବାର ସମ୍ଭାବନା । ମାତ୍ର କେତେ ଗୋଟି କାରଣରୁ ଭାସ୍କର ପଣ୍ଡିତ ଇଂରେଜମାନଙ୍କ ବିପକ୍ଷରେ ଅସ୍ତ୍ର ଧାରଣ କରି ନାହାନ୍ତି । ସଂଖ୍ୟାରେ ଇଂରେଜ ସ୍ୱଳ୍ପ ସତ୍ୟ, ମାତ୍ର ସେମାନଙ୍କ ଶୁଭ୍ର ସୈନିକ ସୁଶିକ୍ଷିତ, ସମର-ସମର୍ଥ, ଆଗ୍ନେୟାସ୍ତ୍ର ପରିଚାଳନାରେ ଅଦ୍ୱିତୀୟ, ପୁଣି ମାନ୍ଦ୍ରାଜ ପ୍ରଦେଶରେ ସେମାନଙ୍କର ଅନେକ ସୈନିକ ଅବସ୍ଥାନ କରୁଥିବାର ସମ୍ବାଦ ପ୍ରଚାରିତ ଅଛି । ପ୍ରୟୋଜନ ସମୟରେ ଘଟନା ସ୍ଥଳରେ ସେମାନଙ୍କର ଉପସ୍ଥିତ ବିଳମ୍ବ ହୁଏ ନାହିଁ । ଏହା ମଧ୍ୟ ପ୍ରଚାରିତ ଥିଲା ଯେ ସେମାନଙ୍କ ରାଜା ଜର୍ଜ ଅଦ୍ୱିତୀୟ ସମ୍ରାଟ୍, ଅନନ୍ତ ସମୁଦ୍ରର ଅଧିପତି, ଜଳଯୁଦ୍ଧରେ ତାହାଙ୍କ ସମକକ୍ଷ କେହି ନାହିଁ । ଏଥିରୁ କଲିକତା ଲୁଣ୍ଠନ ଆପାତତଃ ଲାଭଜନକ ହେଲେହେଁ ପରିଣାମ ଭୟଙ୍କର । ଅଦ୍ୟାବଧି ବର୍ଦ୍ଧମାନବ୍ୟାପୀ ବିପକ୍ଷତାରେ ଅଲିବର୍ଦ୍ଦି ବଶୀଭୂତ ହୋଇ ପାରି ନାହିଁ, ଏଥି ନିମନ୍ତେ ଇଂରେଜ ସହିତ ସମରାରମ୍ଭ କରିବା ବର୍ଗୀଙ୍କ ବିପଦମାର୍ଗ ବିସ୍ତାର କରିବା ତୁଲ୍ୟ ହେବ । ଅଗ୍ରପଶ୍ଚାତ୍ ଦୁଇ ଦିଗରେ ଶତ୍ରୁ ସହିତ ଯୁଦ୍ଧ କରିବା ସହଜସାଧ୍ୟ ନୁହେଁ । ଏହି ସମସ୍ତ କଥା ଚିନ୍ତା କରି କଲିକତା ଆକ୍ରମଣରୁ ନିବୃତ୍ତ ହେଲେ । କି ଉପାୟରେ ସମର୍ଥ ଶତ୍ରୁ ଅଲିବର୍ଦ୍ଦି ନିହତ ଓ ମୁରଶିଦାବାଦ ଧନାଗାର ହସ୍ତଗତ ହେବ ଭାସ୍କର ପଣ୍ଡିତ ପ୍ରତି-ନିୟତ ଏହି ଚିନ୍ତାରେ ନିମଗ୍ନ । ତାଙ୍କ ଅଦ୍ୱିତୀୟ ସହାୟ ମନ୍ତ୍ରଣାଦାତା ମୀର ହବିବ ସହସା ମୁରଶିଦାବାଦ ଆକ୍ରମଣ ବିଲୁଣ୍ଠନ କରିବା ସକାଶେ ପ୍ରତିନିୟତ ପରାମର୍ଶ ଦେଉଥାନ୍ତି । ତାଙ୍କ ପରାମର୍ଶ ଅନୁସାରେ କାର୍ଯ୍ୟାନୁଷ୍ଠାନ କରିଥିଲେ ସଫଳକାମ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଥିଲା । ମାତ୍ର ନାନା କାରଣରୁ ମନ୍ତ୍ରଣା କାର୍ଯ୍ୟରେ ପରିଣତ ହୋଇ ପାରି ନାହିଁ ।

ଏକୋନତ୍ରିଂଶ ପରିଚ୍ଛେଦ ।

ସମ୍ପଦେ ବିପଦେ ନବାବ ।

ଶ୍ରାବଣ ବର୍ଗୀଯୁଦ୍ଧରୁ ନବାବ ଅକ୍ଷତଦେହରେ ବାହୁଡ଼ିବେ ଏ ଆଶାକୁ ମୁରଶିଦାବାଦବାସି-ମାନେ ମନ ମଧ୍ୟରେ ସ୍ଥାନ ଦେଇ ନ ଥିଲେ । ଅପେ ନବାବ ସ୍ୱୟଂ ଯୁଦ୍ଧଯାତ୍ରା ସମୟରେ ଜୀବନାଶା ପରିତ୍ୟାଗ କରିଥିଲେ । ନବାବ ଅକ୍ଷତ ସୁସ୍ଥଦେହରେ ପ୍ରତ୍ୟାଗତ ହୋଇଅଛନ୍ତି । ଆଜି ମୁରଶିଦାବାଦ ଆନନ୍ଦ ଉତ୍ସବରେ ପରିପୂର୍ଣ୍ଣ, ପୁଷ୍ପମାଳା ପତାକା ନବପଲ୍ଲବମାଳାରେ ରାଜ-ମାର୍ଗ ପରିଶୋଭିତ । ସ୍ଥାନେ ସ୍ଥାନେ ମନ୍ଦ୍ରସ୍ୱ କାହାଳୀ ସୁରବାହିନୀ ଆଳାପ କରି ସେମାନ

Digitized by srujanika@gmail.com

ତୋରଣ ବାନ୍ଧୁ ଅଛି । ହିନ୍ଦୁମାନଙ୍କ ଦ୍ୱାରଦେଶରେ କଦଳୀବୃକ୍ଷ ରୋପିତ, ପୂର୍ଣ୍ଣକୁମ୍ଭ ସ୍ଥାପିତ ହୋଇ ଅଛି । ଖ୍ୟାତନାମା ମୌଲବୀ ସାହେବମାନେ ଅତରସୁବାସିତ ମହାର୍ଘବସନରେ ଭୂଷିତ ହୋଇ ନବାବ ସାହେବଙ୍କ ଦୁଆ ମନାଇବା ସକାଶେ ଉଚ୍ଚଳପଦରେ ମସଜିଦକୁ ଲକ୍ଷ କରି ଚାଲିଅଛନ୍ତି । ସର୍ବ ସ୍ଥାନ ଗୀତ ବାଦ୍ୟ ଆନନ୍ଦ ଉତ୍ସବରେ ପରିପୂର୍ଣ୍ଣ । ଧନଶାଳୀ ଲୋକମାନେ ଦୀନଦରିଦ୍ର-ମାନଙ୍କୁ ଅକାତରେ ଅର୍ଥ ବିତରଣ କରୁଅଛନ୍ତି । କି ସମ୍ଭ୍ରାନ୍ତ କି ସାମାନ୍ୟ ନଗରବାସୀ ସମସ୍ତେ ନବାବଙ୍କୁ ଦର୍ଶନ କରିବା ସକାଶେ ଆନନ୍ଦମନରେ ଧାବିତ । ସିଂହଦ୍ୱାରଠାରେ ନବାବ ହସ୍ତିରୁ ଓହ୍ଲାଇ ସମାଗତ ସମସ୍ତ ଲୋକଙ୍କୁ ଯଥାଯୋଗ୍ୟ ସାଦର ସମ୍ଭାଷଣଦ୍ୱାରା ଆପ୍ୟାୟିତ କରି ଦୌହିତ୍ର ସିରାଜଉଦ୍ଦୌଲାର ହସ୍ତ ଧାରଣପୂର୍ବକ ମହଲକୁ ବିଜେ କଲେ । ବେଗମ ସାହେବା ବାନ୍ଦୀମାନଙ୍କ ସହିତ ଆସି ସମ୍ମୁଖରେ ପାଛୋଟି ନେଇ ଗଲେ । ସର୍ବସାଧାରଣଠାରୁ ବେଗମ ସାହେବା ବିଶେଷ ଆନନ୍ଦିତା । ନବାବଙ୍କ ଯୁଦ୍ଧଯାତ୍ରା ଦିବସରୁ ସେ ଜୀବନ୍ମୃତା ଭଳି ପଡି ରହିଥିଲେ, ଜୀବନବଲ୍ଲଭଙ୍କୁ ପାଇ ପ୍ରକୃତ ଜୀବନ ପ୍ରାପ୍ତ ହୋଇଅଛନ୍ତି । ହାସ୍ୟ କୌତୁକ ଗୀତ ବାଦ୍ୟ ଆନନ୍ଦ ଉତ୍ସବରେ ବେଗମ ମହଲ ଝଙ୍କୃତ ହେଉଅଛି । ବେଗମ ସାହେବା ସିରାଜଉଦ୍ଦୌଲାକୁ କୋଳରେ ବସାଇ ବାରମ୍ବାର ମୁଖ ଚୁମ୍ବନ କରିବାକୁ ଲାଗିଲେ । ନବାବ ଅଲିବର୍ଦ୍ଦି ଖାଁଙ୍କର ଅନ୍ୟ ସହସ୍ର ଦୁର୍ଗୁଣ ଥାଉ ପଛକେ ଗୋଟିଏ ସୁମହତ୍ ଗୁଣ ଥିଲା, ସେ ଏକ-ପତ୍ନୀବ୍ରତ । ବହୁପତ୍ନୀପ୍ରିୟ ମୁସଲମାନ ନବାବ ମଣ୍ଡଳୀରେ ଏହା ଗୋଟିଏ ବିରଳ ଦୃଶ୍ୟ । ଏଥିକୁ ପ୍ରକୃତ ଦାମ୍ପତ୍ୟ ପ୍ରେମର ଦେବଦୁର୍ଲ୍ଲଭ ସୁଖଭୋଗ ତାହାଙ୍କ ପକ୍ଷରେ ସୁଲଭ ଥିଲା । ବେଗମ ସାହେବା ଆଜି ସମସ୍ତ ଦିନବ୍ୟାପୀ ଅର୍ଥ ବିତରଣଦ୍ୱାରା ଆପଣାର ଧନାଗାର ବସ୍ତ୍ରାଗାର ଶୂନ୍ୟ କରି ପକାଇଲେଣି ।

ହାବିଲଦାର, ସର୍ଦ୍ଦାର, ମନସବଦାର, ଜମାଦାର, ସିପାହୀମାନେ ଦୁସ୍‌ମନ୍ ମାରି ତଙ୍ଗ୍ ଫେରେ କରି ଫେରିଅଛନ୍ତି । ସୈନ୍ୟମାନଙ୍କର ଆନନ୍ଦର ସୀମା ନାହିଁ । ନାସ୍ତା ସକାଶେ ମିଠାଇ, ମୋହନଭୋଗ, କଲୁଣି, ପରୋଟା, ସିମାଇ ଖିରଣୀ ପ୍ରସ୍ତୁତ କରି ସାରି ପଲାଓ, ସୁରୁଆ, ଖେଚୁଡ଼ି ରନ୍ଧିବାକୁ ବସି ଯାଇଅଛନ୍ତି । ପକ୍ଷାଧିକକାଳ ଏହିପରି ଆନନ୍ଦ ଉତ୍ସବ, ନୃତ୍ୟ, ଗୀତ, ଖାନା, ଜାଫତ ମଧ୍ୟରେ କାଟିଗଲା ।

ଅମ୍ଭମାନଙ୍କର ଆଦିପିତା ପ୍ରଥମ ଦିବସ ସୂର୍ଯ୍ୟୋଦୟ ଦେଖି ଭାବିଥିବେ ଏହି ଦୀପ୍ତିମୟ ପଦାର୍ଥ ସର୍ବଦା ଗଗନମଣ୍ଡଳରେ ବିରାଜିତ ଥିବ; ପୃଥିବୀ ଏହିପରି ଆଲୋକିତ ହୋଇ ରହିଥିବ । ମାତ୍ର ସାୟାହ୍ନ ସମୟରେ ସେ ସୂର୍ଯ୍ୟାସ୍ତ ଦେଖି ଅବଶ୍ୟ ଚମକିତ ଭୀତ ହୋଇ ପଡିଥିବେ । ଅଧିକନ୍ତୁ ରଜନୀରେ ଅନ୍ଧକାର ସମାଗମ ଦେଖି ମନରେ ଭାବିଥିବେ ପୃଥିବୀ ଚିରକାଳ ଅନ୍ଧକାର-ବ୍ୟାପ୍ତ ହୋଇ ରହିବ । ଯେଉଁ ସୂର୍ଯ୍ୟ ଅସ୍ତ ଗଲେ ତାଙ୍କର ଆଉ ଉଦୟ ହେବ ନାହିଁ । ସେହିପରି ଆମ୍ଭେମାନେ ସୁଖ ସମୟରେ ଏପରି ଉନ୍ମତ୍ତ ହୋଇ ପଡୁଁ ଯେ ଅତଃପର ଯେ ଦୁଃଖ ଆସୁଅଛି ଏକଥା ମନ ମଧ୍ୟରେ ସ୍ଥାନ ଦେବାକୁ ଅବସରର ଅଭାବ ହୁଏ । ଦୁଃଖ ସମୟରେ ମଧ୍ୟ ସେହିପରି ନୈରାଶ୍ୟ ଆସି ଅମ୍ଭମାନଙ୍କ ହୃଦୟକୁ ଆଚ୍ଛନ୍ନ କରି ରଖେ ।

ମୁରଶିଦାବାଦରେ ଏତେ ଯେ ଆନନ୍ଦ ଏତେ ଯେ ଉତ୍ସବ, ସବୁ ପ୍ରସ୍ଫୁଟିତ ସେଫାଳିକାକୁସୁମବତ୍ ହଠାତ୍ ଅନ୍ତର୍ହିତ ହୋଇଗଲା । ଘୋର ବିପଦ ! ତିନି ଦିଗରୁ ତିନି ପ୍ରବଳ ପରପନ୍ଥୀ ଉପସ୍ଥିତ ।

ପ୍ରଥମ ଶତ୍ରୁ—ପ୍ରବଳ ପ୍ରଧାନ ଶତ୍ରୁ ଭାସ୍କର ପଣ୍ଡିତ । ସେ ତ ଲାଗି ରହିଅଛନ୍ତି ।

ଦ୍ୱିତୀୟ ଶତ୍ରୁ—ବାଲାଜୀ ରାଓ ହୁଲକାର ଚୌଥ ଆଦାୟ ନାମରେ ବେହାର ପ୍ରଦେଶରେ ଲୁଟପାଟ ଆରମ୍ଭ କରିଅଛନ୍ତି ।

Digitized by srujanika@gmail.com

ତୃତୀୟ ଶତ୍ରୁ—ଦିଲ୍ଲୀ ବାଦଶାହଙ୍କ କାରକୁନ ।
ବଙ୍ଗଳା ସୁବାର ଖଜଣା ଦୁଇ ବର୍ଷ ହେଲା ଦିଲ୍ଲୀ ଗନ୍ତାଘରେ ପୈଠ ନ ହେବାରୁ ବାଦଶାହ ସରକାରରୁ ପରୁଆନା ଧରି କାରକୁନ ମୁରଶିଦାବାଦରେ ଜୁଲମ ଲଗାଇଅଛନ୍ତି ।

ନବାବଙ୍କ ଭାବନାର ଇୟତ୍ତା ନାହିଁ । ଅଭାବ ବେଳେ ସର୍ବସ୍ୱ ଅଭାବ । ଗନ୍ତାଘରେ ଅର୍ଥାଭାବ । ପ୍ରଜାଙ୍କଠାରୁ ଖଜଣା ଅସୁଲ ହେବାର ସମ୍ଭାବନା ନାହିଁ । ମୂଳରେ ମାନବାଭାବ, ଖଜଣା ଦେବ କିଏ ? ଯେଉଁ ପ୍ରଜାମାନେ ନିତାନ୍ତ ମାଟି ନ ଛାଡ଼ି ପୈତୃକ ଭିଟାରେ ପଡ଼ି ରହିଅଛନ୍ତି ସେମାନେ ସର୍ବସ୍ୱାନ୍ତ । ଦେଶର କୃଷିଯୋଗ୍ୟ ସମସ୍ତ ଭୂମି ପଡ଼ିଆ । ପ୍ରତିବିଧାନ ନ ହେଲେ ଭବିଷ୍ୟତରେ ମଧ୍ୟ ଅର୍ଥାଗମର ଉପାୟ ନାହିଁ । ଜଗତ୍ ଶେଠଠାରୁ ଯାଉ କର୍ଜ କରି ଅଭାବ ମୋଚନ କରନ୍ତେ, ମୀର ହବିବ ସେ ମାର୍ଗରେ କଣ୍ଟକପାତ କରି ଯାଇଅଛି ।

ନବାବ ଅଲିବର୍ଦ୍ଦି ଖାଁ ପ୍ରବୀଣ ଏବଂ ଧୈର୍ଯ୍ୟଶାଳୀ ଲୋକ । ଏହି ବିପଦସଙ୍କୁଳ ସମୟରେ କାତର ହେଲେ ନାହିଁ । ଦିଲ୍ଲୀ ବାଦଶାହଙ୍କଠାରୁ ଅର୍ଜି କଲେ—"ପ୍ରଭୋ ! ବର୍ଗୀବର୍ଗ ସୁବା ମଧ୍ୟରେ ଉତ୍ପାତ ଲଗାଇ ଅଛନ୍ତି; ରାଜ୍ୟ ଅରଣ୍ୟମୟ, ଆପଣଙ୍କ ରାଜସ୍ୱ କିପରି ଆଦାୟ କରିବି ?"

ବାଦଶାହ ନବାବଙ୍କ ଆବେଦନର ସତ୍ୟତା ପ୍ରମାଣ ପାଇ ରାଜସ୍ୱ ମକୁବ ରଖିଲେ । ଅଧିକନ୍ତୁ ତାହାଙ୍କୁ ପାଇକ ଦ୍ୱାରା ସାହାଯ୍ୟ ଦେବା ନିମନ୍ତେ ଅଯୋଧ୍ୟା ସୁବାଦାରଙ୍କ ନିକଟକୁ ପରୁଆନା ପଠାଇଲେ । ନବାବ କଷ୍ଟରୁ ଆଶ୍ୱସ୍ତ ହେଲେ । ତଥାପି ଦୁଇ ପ୍ରବଳ ଶତ୍ରୁ ବର୍ତ୍ତମାନ । ଗୋଟିଏ ଶତ୍ରୁକୁ ଶାସନ କରି ହେଉ ନାହିଁ, ଦୁଇ ଗୋଟି ଶତ୍ରୁ ସହିତ ଯୁଦ୍ଧ କରିବା ସହଜସାଧ୍ୟ ନୁହେ ।

ମନ୍ତ୍ରିମାନଙ୍କ ମନ୍ତ୍ରଣାନୁସାରେ ହୁଲକାର ସହିତ ସନ୍ଧି କରିବାର ସିଦ୍ଧାନ୍ତ ହେଲା । ନାନାରୂପ ଉପାଦେୟ ଉପହାର ସହିତ ଜାନକୀରାମ, ସର୍ଦ୍ଦାର ଖାଁ ଦୁଇ ଜଣ ସନ୍ଧି ପ୍ରସ୍ତାବ କରିବା ସକାଶେ ହୁଲକାରଙ୍କ ନିକଟକୁ ପ୍ରେରିତ ହେଲେ । ରୋଗିର ବାଞ୍ଛିତ ବୈଦ୍ୟର ବ୍ୟବସ୍ଥା । ହୁଲକାରଙ୍କର ତାହିଁ ଇଚ୍ଛା, ବିନା ଯୁଦ୍ଧ ବିନା ରକ୍ତପାତ ବିନା ପରିଶ୍ରମରେ ଯେବେ ଅର୍ଥ ଲାଭ ହେଲା, ଏଥୁଁ ବଳି ସୁଖକର କଥା ଆଉ କଣ ଅଛି ?

ରାଜମହଲ ନିକଟରେ ନବାବ ଏବଂ ହୁଲକାରଙ୍କ ମଧ୍ୟରେ ଭେଟ ହେଲା । ନବାବ ସାହେବ କେତେକ ଉପାଦେୟ ଦ୍ରବ୍ୟ ଉପହାର ଦେଇ ମଧୁର ବାକ୍ୟରେ ତାହାଙ୍କୁ ସାନ୍ତ୍ୱନା କରିବାକୁ ଲାଗିଲେ । ମାତ୍ର ହୁଲକାର କେବଳ କଥାରେ ଭୁଲିବାର ଲୋକ ନୁହନ୍ତି, ତାଙ୍କର ଲକ୍ଷ ଅର୍ଥ ପ୍ରତି । ଏଣେ ତାଙ୍କ ବାସନା ପୂର୍ଣ୍ଣ କରିବା ନିମନ୍ତେ ନବାବ ଅପାରତଃ ଅକ୍ଷମ । ଅବଶେଷରେ ସ୍ଥିର ହେଲା ହୁଲକାରଙ୍କ ଓକିଲ ମୁରଶିଦାବାଦରେ ରହିବେ, ଗୃତ ମାସ ଭିତରେ ସନ୍ଧି ସର୍ତ୍ତ ଅନୁସାରେ ଏକ କୋଟି ଟଙ୍କା ଦେବା ପଶ୍ଚାତ୍ ରମାନା ହେବେ ।

ବାଳଜୀ ହୁଲକାର ସସୈନ୍ୟ ସ୍ୱଦେଶକୁ ରମାନା ହେଲେ ।

ଏଣେ ବେଗର ଫୌଜଦାର ଭାସ୍କର ପଣ୍ଡିତ ଏତେବଡ଼ କାଳ ନିଶ୍ଚେଷ୍ଟ ଭାବରେ କାଟୋୟାରେ ଦିନ କାଟୁଥିଲେ । ସମ୍ପ୍ରତି ହୁଲକାର ନବାବଙ୍କଠାରୁ ଏକ କୋଟି ଟଙ୍କା ନେଇ ଥିବାର ଶୁଣି ସମରାୟୋଜନ କରିବାକୁ ଲାଗିଲେ ।

—୦:୦:୦—

ତ୍ରିଂଶ ପରିଚ୍ଛେଦ ।

ନବାବ—ବାଦଲସିଂହ—ବାଗ୍‌ବିତଣ୍ଡା ।

ରବିପ୍ରଭରେଖ ଅସ୍ତପ୍ରାପ୍ତ, ନବାବ ସାହେବଙ୍କ ମହଲସ୍ଥ ଏକ ନିଭୃତ ପ୍ରକୋଷ୍ଠ ମଧ୍ୟରେ ଦୁଇ ଜଣ ଲୋକ ବସି ଅତି ସଙ୍ଗୋପନରେ କଥୋପକଥନ କରୁ ଅଛନ୍ତି । ତୃତୀୟ ଲୋକ ନାହିଁ । ଦ୍ୱାର ଦେଶରେ ଉନ୍ମୁକ୍ତ କୃପାଣହସ୍ତ ପ୍ରହରୀ

Digitized by srujanika@gmail.com

ସାବଧାନତା ସହିତ ସ୍ୱକାର୍ଯ୍ୟ ସାଧନରେ ନିଯୁକ୍ତ ।

ଦେଖ ହାବିଲଦାର ବାଦଲସିଂହ, ଆମ୍ଭ ଦୁଇ ଜଣଙ୍କର ଏକମାତ୍ର ଉଦ୍ଦେଶ୍ୟ ଶତ୍ରୁର ପଣ୍ଡିତର ନିଧନ ସାଧନ; ମାତ୍ର ବର୍ତ୍ତମାନ ଆମ୍ଭର ଯାଦୃଶ ଅବସ୍ଥା, ତଦ୍ଧ ବ୍ୟତୀତ ଗତ୍ୟନ୍ତର ନାହିଁ ।

ନବାବ ଅଲିବର୍ଦ୍ଦି ଖାଁ ଏହି କଥା କହିବାରୁ ବାଦଲସିଂହ କିଞ୍ଚିତ୍ ଉତ୍ତେଜିତ ହୋଇ କହିଲେ, ହଜୁର ଜାହାଁପନା ! ମୋ ଗୋସ୍ତାକି ମାଫ ହେଉ, ତେବେ ମୋ ଇସ୍ତଫା ଗ୍ରହଣ କରନ୍ତୁ, ମୁଁ ଚାଲି ଯାଏଁ । ହଜୁର ହୁକୁମ କରୁ ଅଛନ୍ତି ଦୁଇ ଜଣଙ୍କର ଉଦ୍ଦେଶ୍ୟ ଏକ—ନାହିଁ—ନାହିଁ, ସେ କଥା ନୁହେ । ହଜୁରଙ୍କ ଉଦ୍ଦେଶ୍ୟ ରାଜ୍ୟଶାସନ, ମୋ ଉଦ୍ଦେଶ୍ୟ ବୈର ସାଧନ । ହଜୁର ହଜାର ଉପାୟରେ ଦୁସମନର ମେହରବାନି କ୍ରୟ କରନ୍ତୁ, ମୁଁ ଚାଲି ଯାଏଁ । ମୁଁ ଏହି କଥା ମନ ମଧ୍ୟରେ ପୋଷଣ କରି ଯାଏଁ—ବଙ୍ଗ ବେହାର ଓଡ଼ିଶାର ସୁବାଦାର ପ୍ରତିଶ୍ରୁତି ପାଳନରେ ଉଦାସୀନ । ଜଗତ ଜାଣନ୍ତୁ ନବାବ ସାହେବ ଦୁର୍ବଳ, ତାଙ୍କର ସ୍ୱାଧୀନ ଶକ୍ତି କିଛି ମାତ୍ର ନାହିଁ, ଦୁସମନଠାରୁ କୃପା କ୍ରୟ କରି ରାଜ୍ୟ ଶାସନ କରୁ ଅଛନ୍ତି । କଲିକତାର ଇଂରେଜ ବଣିକମାନେ ଜାଣନ୍ତୁ ଭୟପ୍ରଦର୍ଶନ ଦ୍ୱାରା ନବାବଙ୍କଠାରୁ ଟଙ୍କା ଅସୁଲ କରି ନେବା କମ୍ପାନିର ବଳ ବିକ୍ରମ ପ୍ରକାଶ କରି ନବାବଙ୍କ ଶକ୍ତି ହସ୍ତଗତ କରିବା ଶକ୍ତ କଥା ନୁହେ । ଦିଲ୍ଲୀ ବାଦସାହ ଜାଣନ୍ତୁ ଉପଯୁକ୍ତ ଲୋକ ହସ୍ତରେ ନବାବୀ ନ୍ୟସ୍ତ ହୋଇ ନାହିଁ ।

ନବାବ ସାହେବ କହିଲେ—ବାଦଲ ! ତୁମ୍ଭେ ଧୈର୍ଯ୍ୟ ଧରି ରହ, ସମୟରେ ତୁମ୍ଭ ଅଭୀଷ୍ଟ ସାଧନ ସକାଶେ ସହାୟ ହେବୁଁ । ଆମ୍ଭ ନିକଟରୁ ଚାଲି ଯାଇ ଏକାକୀ କଣ କରିବ ?

ବାଦଲ ସିଂହ—ମୁଁ ଏକାକୀ ନୁହେ, ସର୍ବଶକ୍ତିମାନ୍ ଭଗବାନ୍ ଏକଲିଙ୍ଗ ମୋହର ସହାୟ । ମୋହର ଉଦ୍ଦେଶ୍ୟ ଯେବେ ସାଧୁ ହୁଏ, ପ୍ରଭୁ ମୋର ସହାୟ ହେବେ । ସାଧୁ ସଙ୍କଳ୍ପରେ ସର୍ବଶକ୍ତିମାନ୍ ପ୍ରଭୁ ସହାୟ ହୁଅନ୍ତି । ମାନବର ଭରସା ଦୁରାଶା ମାତ୍ର । ହୁଜୁରଙ୍କ ସଙ୍ଗରେ ରହିବା ସକାଶେ ଅଧିକ ଦୂର ଯିବାକୁ ହେବ ନାହିଁ । ମୁଁ ପ୍ରଭୁଙ୍କ ନାମରେ ପ୍ରତିଜ୍ଞା କରିଅଛି, ପିତୃଘାତୀଙ୍କୁ ସମ୍ମୁଖରେ ବଧ କରିବି, ନଚେତ୍ ଆତ୍ମଘାତୀ ହେବି । କ୍ଷତ୍ରିୟ ଜାତି ସତ୍ୟବାଦୀ, ଯଦି ସ୍ୱର ପ୍ରତିଜ୍ଞା ଟଳେ, କୌଣସି ପ୍ରକାର ବାଧାବିଘ୍ନ କୌଣସି ପ୍ରକାର ପ୍ରଲୋଭନ ମୋତେ ପ୍ରତିଜ୍ଞା ପାଳନରୁ ବିରତ କରାଇ ପାରିବ ନାହିଁ । ଆପଣ ସତ୍ୟ ପ୍ରତିଜ୍ଞା କରି ଯାହା କହିଥିଲେ ଆଜି ସେଥିର ଅନ୍ୟଥାଚରଣ କରିବାକୁ କୁଣ୍ଠିତ ହେଲେ ନାହିଁ, ଅଥବା ରାଜପୁରୁଷ ପକ୍ଷରେ ଏହା ବିଚିତ୍ର ନୁହେ । ରାଜନୀତି ସ୍ୱଭାବରେ ବହୁରୂପା, ଏଥିକୁ ରାଜପୁରୁଷମାନଙ୍କୁ ବହୁରୂପ ଧାରଣ କରିବାକୁ ହୁଏ । ମାତ୍ର ମୋ କଥା ସ୍ୱତନ୍ତ୍ର । ମୁଁ ଅଳ୍ପଦାସ ହୋଇ ଆପଣଙ୍କ ନିକଟରେ ଚାକିରି କରି ପାରିବି ନାହିଁ । ଏହିକ୍ଷଣି ମୋ ଇସ୍ତଫା ଗ୍ରହଣ କରନ୍ତୁ ।

ବାଦଲ ସିଂହ ମୁଖରୁ ଏହି ସମସ୍ତ କଥା ଶୁଣି ନବାବ ବିରକ୍ତ ହେଲେ ନାହିଁ, ବରଞ୍ଚ ଲଜ୍ଜିତ ହେଲେ ।

ନବାବ ଚିନ୍ତା କଲେ—ବାଦଲ ଆପଣା ପ୍ରାଣ ପ୍ରତି ନିର୍ମମ । ଯେଉଁ ଲୋକ ମୃତ୍ୟୁକୁ ଭୟ ନ କରେ ସେ ଜଗତରେ ନିର୍ଭୀକ । ନବାବ ଅନ୍ତର ମଧ୍ୟ ଚିନ୍ତା କଲେ—ବାଦଲ ଧନାଭିଳାଷୀ ନୁହେ, କିମ୍ବା ପଦମର୍ଯ୍ୟାଦା ଲାଭ ନିମନ୍ତେ ଆମ୍ଭଠାରେ ଚାକିରି କରି ନାହିଁ । ଏ କ୍ଷେତ୍ରରେ ସେ କିପାଇଁ ଅସଦ୍ବ୍ୟବହାର ପାଇ ଆମ୍ଭକୁ ଅସମ୍ମାନ ନ କରିବ ?

ନବାବଙ୍କ ମନରେ ଉଦୟ ହେଲା—ବାଦଲ ସିଂହ ଠିକ୍, ଆମ୍ଭେ ଅଧୀନସ୍ଥ ଲୋକ, ତାହାଠାରେ ପ୍ରତିଜ୍ଞା ପାଳନରେ ବିମୁଖ ହେଲୁଁ, ଲଜ୍ଜାକର କଥା ।

ନବାବ ଅସ୍ଥିର ମନ ମଧ୍ୟରେ ଭାବିଲେ,

Digitized by srujanika@gmail.com

ବାଦଲ ସିଂହ ହିନ୍ଦୁ ନାଯକ, ପ୍ରତିଜ୍ଞା ପାଳନରେ ଅଟଳ; ମୁଁ ମୁସଲମାନ ହୋଇ ବାକ୍ୟ ବିଚଳିତ ହେଲି—ଛି !

ଏହି ସମସ୍ତ କଥା ଚିନ୍ତା କରି ନବାବ କହିଲେ—ବାଦଲ ! ତୁମ୍ଭେ ସିଂହ ନେତ୍ର, କଥା ନ ବୁଝି ଅମ୍ଭ ପ୍ରତି ବିରକ୍ତ ହେଉଅଛ । ଦେଖ, ଆଜକୁ ନବର୍ଷ ହେଲା ବର୍ଗୀ ଅମ୍ଭ ସଙ୍ଗରେ ଲାଗିଅଛି । ଅମ୍ଭକୁ ସର୍ବସ୍ୱାନ୍ତ କରି ପକାଇଲାଣି । ଦେଖ, ଅମ୍ଭର କମାଣ ନାହିଁ ବନ୍ଧୁକ ନାହିଁ ଖାଇବାକୁ ମଧ୍ୟ ମିଳୁ ନାହିଁ । ଗଡ଼ଘର ଶୂନ୍ୟ ଦେଖି ଚାକରବାସି ହେହ ଦେଉ ନାହାନ୍ତି, ସୈନ୍ୟ ନଷ୍ଟ ଭଣ୍ଡ, କାହାକୁ ଘେନି କଣ ଯାଇ ଯୁଦ୍ଧ କରିବି ? ଅନ୍ଧାର ଦେଖ, ଦରମାନଣି ନେଇ; ଯୁଦ୍ଧ କ୍ଷେତ୍ରରେ ଅନାହାର ଅନିଦ୍ରାରେ ଦେହ ଭାଙ୍ଗି ଗଲାଣି, ଆଉ ଶକ୍ତି ନାହିଁ । ଦେଖ ବାଦଲ, ଅମ୍ଭ ଶରୀର ଦେଖ, ଅମ୍ଭେ କି ସହଜରେ ସନ୍ଧି କରିବାକୁ ସ୍ୱୀକୃତ ହୋଇଅଛୁଁ ? ଯୁଦ୍ଧକ୍ଷେତ୍ରର ଅବସ୍ଥା ତୁମ୍ଭଙ୍କୁ ବୋଲିବାକୁ ହେବ ନାହିଁ । ସେହି ସଙ୍କଟ ସମୟରେ ତୁମ୍ଭେ ସହାୟ ହୋଇ ନ ଥିଲେ ଆଜ କଣ ହୋଇ ଥାନ୍ତା ! ପ୍ରକୃତ କଥା ବାଦଲ ! ତୁମ୍ଭ ପ୍ରତିଜ୍ଞା ଶୁଣି ଅମ୍ଭେ କେତେ ମୋଲ ବାନ୍ଧି ଥିଲୁଁ, କଣ କରିବୁଁ ? ନାଚାର !

ବାଦଲ ସିଂହ—କଣ୍ଠରୁ ଅସ୍ତ୍ର ଭୟ—ବିନୀତ ହୋଇ କହିଲେ—ଜାହାଁପନା, ହଜୁର ! ମୁସଲମାନ ବିନାଶର କି ଅନ୍ୟ କିଛି ଉପାୟ ନାହିଁ ?

ଏ ଉତ୍ତରରେ ନବାବ ବାଦଲ ସିଂହ ଦୁଇ ଜଣ ଅନେକ ରାତି ପର୍ଯ୍ୟନ୍ତ ଅତି ସଙ୍ଗୋପନରେ ବସି ମନ୍ତ୍ରଣା କଲେ । ଏତେ ସାବଧାନ ଏତେ ଅନୁଚ୍ଚସ୍ୱରରେ କଥୋପକଥନ ହେଲେ ଯେ ଅନ୍ୟ ପ୍ରାଣୀର ଅଗୋଚର । ଅବଶେଷରେ ନବାବ କହିଲେ—ପାରିବ ତ ?

ବାଦଲ ସିଂହ—ନିଶ୍ଚୟ, ନିଶ୍ଚୟ, ନିଶ୍ଚୟ । ଜାହାଁପନା ! ମୁଁ ଧର୍ମ ଅଧର୍ମ ଜାଣେ ନାହିଁ, ନ୍ୟାୟ ଅନ୍ୟାୟ ଜାଣେ ନାହିଁ । ଏତିକି ଜାଣେ ପିତୃଘାତୀ ମୋହର ବଧ୍ୟ । ସ୍ୱହସ୍ତରେ ପିତୃହନ୍ତାଙ୍କୁ ବଧ କରିବି, ଏହାହିଁ ମୋହର ପ୍ରତିଜ୍ଞା । ପିତୃବୈର ସାଧନକୁ ମହାପୁଣ୍ୟକର ବୋଲି ଜ୍ଞାନ କରେ । ଯେନତେନ ପ୍ରକାରେଣ ଶତ୍ରୁ ନିପାତ ସାଧନ ଧର୍ମ ଶାସ୍ତ୍ରର ବିଧାନ । ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣ କୌଶଳରେ କଉରବଙ୍କୁ ବିନାଶ କରିଥିଲେ ।

ନବାବ—ସେନାପତି ମୁସ୍ତାଫା ଏଥିରେ ସମ୍ମତ ହେବେ କି ନାହିଁ, ମୋହର ସନ୍ଦେହ ଅଛି ।

ବାଦଲ—ଆପଣଙ୍କ କାବୁଲ ଦେସିମିଥବାଲା ସେନାପତିଙ୍କୁ ଭଲ କରି ଚିହ୍ନିଲଣି । ଭୁକନ୍ତା କୁକୁର ମୁହଁରେ ମାଂସ ଖଣ୍ଡେ ଗୁଞ୍ଜି ଦେଲେ ତୁନ !

କ୍ରମଶଃ ।

ଶ୍ରୀ ଧୂର୍ଜଟୀ ।

ବାଇମାହାନ୍ତି ପାଞ୍ଜି । (୮)

କାର୍ଯ୍ୟାଳୟରେ ବାଇମାହାନ୍ତି ଥରେ କଟକ ଯାଇଥିଲେ । ସେ ତ କାଉଁଟି ମଫସଲ, କଟକର ଢଙ୍ଗ ସଙ୍ଗେ ମଫସଲ ଘରେ ପ୍ରଭେଦ କେତେ, ଅନେକ ପାଠକ ଅବଶ୍ୟ ବୁଝି ପାରୁଥିବେ । ଅମ୍ଭ ଗ୍ରାମରେ ଭାଇଗି ସାହୁ ଦୋକାନରେ ଗୁଆ ଚୁଣ, ତେଲ ଲୁଣ, ହାଣ୍ଡି କାଠ, ଡାଲି ଚାଉଳ, ବାଇଗଣ କଦଳୀ, ଖଡି ଚଳକ, ଗୁଡ଼ କେରସିନ, ତବ ଲଣ୍ଠନ, ସବୁ ଏକାଧାରରେ ସଞ୍ଚିତ । ଏହି ଅନୁଭବରେ ସଞ୍ଚିତ ହୋଇ ସେ କଟକ ଯାଇ ଥିଲେ । ଏ ବନ୍ଧୁଭ ଦାନର ପୁରୁଣା କଥା, ସେ ସମୟକୁ ପାଞ୍ଜି ଲେଖା ତ ଦୂର କଥା, ସ୍ୱପ୍ନରେ ପୂଜା ଦେଖା ଯାଇ ନ ଥିଲା । ସନ୍ଧ୍ୟାବେଳେ ବଜାର ସଉଦା କରିବା ନିମନ୍ତେ ବାହାରିଲେ । ହାତରେ ଗୋଟିଏ ବେସହିନ ତବ ଓ ତେଲ ଘଡ଼ା, କାନ୍ଧରେ ଝୋଲିଲୁହିଲୁଚ ଗାମୁଛ, ଏକ ଅର୍ଥରେ ସେ ମଧ୍ୟ ଉଦ୍ଭାସ୍ତ୍ର, ଅଣ୍ଟାରେ ଛଟ

Digitized by srujanika@gmail.com

କ ଦଅଣା ପଇସା; ପ୍ରଥମ ଦୋକାନ ପଡ଼ିମ ଏକ ମନୋହାରୀ ଦୋକାନ । ବାଉମାହାନ୍ତଙ୍କର ଏ ଲାଇଗି ସାହୁ ଦୋକାନର ଧାରଣା ପୂର୍ବରୁ ଅଛି, କିନ୍ତୁ ମନୋହାରୀ ଦୋକାନର ପ୍ୟାଲଇଗା ପିଣ୍ଡାରେ ଉଠି, ତେଲପଡ଼ ଓ ଗାମୁଛାଟା ଥୋଇ ଦେଇ ଥଣ୍ଟାରୁ ଅଣାଏ ଦ ଛଟି ପଇସା କାଢ଼ି ଦୋକାନ ଥାଡ଼ାକୁ ପଟେଇ ସମ୍ବୋଧନ କରି ତାଲିକା ଦେଇ ଗଲେ 'ମହାଜନ ପୁଅ ! ଗ୍ୟୋହଲ ପାଏ, ଭାଲ ଅଧକାହର, ବାଇଗଣ ପାଞ୍ଚଲାକର, ତେଲ ଲୁଣ ଅଧଲାଏ, ହଲଦୀ ହାଣ୍ଡିଫୁଟା ଅଧପାହୁଲାଏ, କାଠ ଟେକ ଛଦାମ, ଗୁଅ ବାଲଗର ପାଞ୍ଚଲାକର, ଘିଅ ଅଧଲାଏ, ଡକ୍ଷୁଜ ବୋତଲର ଦେ, ବାକି ପଇସା ଫେରାଇ ଦେ ।' ଏ ବାଉମାହାନ୍ତଙ୍କର ନିତ୍ୟ ନୈମିତ୍ତିକ କାର୍ଯ୍ୟ । ତାଙ୍କ ଜୀବନଟା କଦେଶରେ କଦେଶରେ ଗୃକର କରି ଅସି ଛଟିଲା, ପ୍ରାୟ ଅଧିକାଂଶ ସ୍ଥାନରେ ସେ ବସା କରି ଥାନ୍ତି । ଗ୍ରାମରେ ବସା କରି ରହିଲେ ପ୍ରତିଦିନ ସନ୍ଧ୍ୟାବେଳେ ମୁଦି ଦୋକାନରୁ ଏତକ ସଉଦା ବନ୍ଦୋବସ୍ତ । ଅପଣ ପ୍ରଥମେ ପ୍ରଥମେ ଅମ ମାହାନ୍ତଙ୍କୁ କପଟ ଓଲୁ ବୋଲି ଠିକଣା କରି-ନେବେ, କିନ୍ତୁ ପାଠକ ମହୋଦୟ ! ଆପଣ ସୁଶିକ୍ଷିତ ଓ ବିଜ୍ଞାନବେତ୍ତା । ଅଜକାଲି ଶିକ୍ଷାପ୍ରଭାବରୁ ପ୍ରାପ୍ତ ସମସ୍ତ ଶିକ୍ଷିତ ପାଠକ ବିଜ୍ଞାନବେତ୍ତା ବା ସେହି ଶ୍ରେଣୀର;—ଠିକଏ ଇତର ବିଶେଷ ଅବଶ୍ୟ ଧର୍ତ୍ତବ୍ୟ ନୁହେ, ବେତ୍ତା, ଟୋବେଠ, ଗ୍ୟୋହଲଧୁଅ, ଅଇସଧୁଅ, ଭୁଲା, ଗ୍ୟାନୁଣି, ଭୋଗେଇ, ପାଟିଅ, ଓଗାଡ଼ି, ଛାଟ, ଡାଲା, ଗୁହାଳପୋଛି, ଏସବୁଡ଼ାକର ଅସ୍ତିତ୍ୱ ଅଳ୍ପ ବେଶି ପ୍ରଭେଦ ଥିଲେ ମଧ୍ୟ ଏକଶ୍ରେଣୀର । ଅପଣମାନେ କହିପାରନ୍ତି ଏ ଉପମାଟା ହେଲା ଇତର, କିନ୍ତୁ ଅମ୍ଭେମାନେ ଘର ଛାଡ଼ି ଟରହରେ ଚଳିବା ଲୋକ, ଟିକିଏ ବେହିସାବ ହେବାର ଯୋ ନାହିଁ । ମନେ କରନ୍ତୁ ଯେ ବିଜ୍ଞାନରେ ଏମ୍. ଏ. ପାଶ୍ କଲେ ତାଙ୍କୁ କଣ କହିବେ ?—ବିଜ୍ଞାନ-ବେତ୍ତା; ଯେ ଶ୍ମଶ୍ରୁବୃତ୍ତି ପାଶ୍ କଲେ ତାଙ୍କୁ କଣ ଫାଙ୍କି ଦେବେ ? ତାଙ୍କର ବିଜ୍ଞାନ କୋର୍ସ ଆପଣଙ୍କୁ ଜଣା ନାହିଁ ପରା ? ଅଚ୍ଛା, ଯେ ଅପର ପ୍ରାଇମେରୀ 'ବିଜ୍ଞାନପାଠ' ଖଣ୍ଡ ପଢ଼ି ପାଶ୍ କଲେ ତାଙ୍କୁ କି ଉପାଧି ବ୍ୟବସ୍ଥା କରିବେ ? ଦେଖିଲା ଆପଣଙ୍କ ବୁଦ୍ଧିଟା କେଡ଼େ ସରସ ଭଲା । ଯେଉଁମାନେ ନିମ୍ନ ପ୍ରାଇମେରୀ ବୈଜ୍ଞାନିକ ପାଠକୁ ମୁଖସ୍ଥ, କଣ୍ଠସ୍ଥ, ହୃଦରସ୍ଥ ବା ମସ୍ତିଷ୍କସ୍ଥ କରି ପାରିବେ ସେମାନଙ୍କୁ କେହି କି ଦେଇ ଭୁଟା ଭୁଟା ଯେ ବିଦା କରାଯାଇବେ ଏହା ମଧ୍ୟ ବଣ୍ଣ ନାହିଁ । ଦେଖିଲେ ତ ଅଜି କାଲି ଶିକ୍ଷାଗିରେ ପିଛ୍ଛ ଧର ଅମ୍ଭେମାନେ ଅତି ଦ୍ରୁତ-ଭାବରେ ଦୃପର ନିପୁଣ, ଅମ୍ଭମାନଙ୍କ ବଡ଼ ଧାତୁର ଅଣ୍ଡପୁ ନ ନେଇ ଫାଙ୍କତାଲରେ ଯାହା ଉଡ଼ାଇ ଦେବେ ବୋଲି ବସିଥିଲେ, ସେ କଥା ଅସାର କଳ୍ପନା, ଅତଏବ ତ୍ୟାଜ୍ୟ ବିଜ୍ଞାନର । ସେ ଯାହା ହେଉ, ଅମ୍ଭେମାନେ କହୁଥିଲୁଁ, ଆପଣମାନେ ସମସ୍ତେ ଉଣା ଅଧିକ ବିଜ୍ଞାନବିତ୍ । ମନୋବିଜ୍ଞାନ (Psychology) ଭାଜୁଛନ୍ତି :—ମସ୍ତିଷ୍କ ହେଉଛି ଅମ୍ଭମାନଙ୍କର ହେଡ୍ ଅଫିସ୍ [ସଦର କଚେରି] । ହେଡ୍ ଅଫିସରେ ଏତଲା ନ ହେଲେ ବା ହେଡ୍ ଅଫିସର ହୁକୁମ ନ ହେଲେ କାର୍ଯ୍ୟ ହେବ ନାହିଁ । ହେଡ୍ ଅଫିସରୁ ବହିର୍ଜଗତକୁ ଓ ବହିର୍ଜଗତରୁ ସଦର କଚେରିକୁ ତାର ଲାଗି ରହିଛି । ଗୋଟିଏ ଦୈନିକ ଘଟଣାରୁ ଉଦାହରଣ ଦେଲେ ଆପଣଙ୍କୁ ସହଜ, ମନେ ସହଜ । ଅନେ ମଫସଲିଆ, ମଫସଲିଆ ଉଦାହରଣ ନିଅ । ଅମ ଘର ବ୍ୟକ୍ତି କଟିବା କାଠିକର ପାଠ । ଅମ ଗ୍ରାମରେ ରକ୍ଷକ ଚୌକିଦାର ଶ୍ରୀ କେଶବ ମଳିକ, ଜ୍ୟୁପରକ୍ଷକ ଦଫାଦାର ଶ୍ରୀ ଶ୍ରୀ ସାଧୁ ବାବୁ, ପଞ୍ଚାଏତ ଉପ-ରକ୍ଷକ ଶ୍ରୀ ଶ୍ରୀ ଲକ୍ଷ୍ମୀ ବାବୁ, ତାଙ୍କ ଉପରକୁ ଉପର ପାଧ୍ୟ ଲାଗିଛି :—କନଷ୍ଟ, ହେଡ଼୍ କନଷ୍ଟ, ମୁନ୍ସି, ଦାରୋଗା ଏମାନେ ସମସ୍ତେ ଶ୍ରୀମନ୍ତ । ସେ ଯାହା ହେଉ, ଦାରୋଗା ବାବୁ ଯାବତୀୟ କୁର୍ଚ୍ଚୀ,

Digitized by srujanika@gmail.com

ପାଠକମାନେ ଟେଲେଗ୍ରାଫ ଫ୍ରୁଟ୍ ମେଲ୍ ଲଣ୍ଠନ ଥାନାରେ ଦାନ୍ତି ମାରୁଛନ୍ତି । ସେ ରହିଲେ ହିନ୍ଦୁ ଶରୀର ମଧ୍ୟରେ, କିନ୍ତୁ ମସ୍ତକରେ ଯେତେବେ ଫୁଟିଲେ ତାଙ୍କ ଗୋଚର । ତାହାର ଜ୍ଞାନବହ ଓ ଅଙ୍ଗଚାଳକ ସ୍ନାୟୁ (Sensory and Motor nerve) କେବେ ଚିହ୍ନିଲେ କି ? ମନେ କରନ୍ତୁ ଆମ ଗ୍ରାମରେ ଏକ ଜଳାତଙ୍କ ମାମଲା ଉପସ୍ଥିତ, ଏ ଖବର ସକଳ ସହରବାସୀଙ୍କୁ ପହିଲୁ ମାଲୁମ ହୋଇ ଗଲା । ସେ ଖବର କଲେ ଦଫାଦାରଙ୍କ ଶ୍ରୀମୁଖରେ, ଦଫାଦାର ତାର ଟେଲେଗ୍ରାଫ ପଞ୍ଚାୟତଙ୍କ ହଜୁରକୁ, ପଞ୍ଚାୟତଙ୍କଠାରୁ ଏଗଲା ହେଲା ମୁନସିଫଙ୍କ ଶ୍ରୀ ହଜୁରକୁ, ମୁନସି ରିପୋର୍ଟ ଶୁଣିଲେ ଦାରୋଗାଙ୍କ ଦପ୍ତରକୁ, ଦାରୋଗାଙ୍କ କାଣ ଭାଙ୍ଗି ଗଲା, ତାଙ୍କ ପଡ଼ ହୁକୁମ ହେଲେ "ପଗଡ଼ୋ" । ଏ ଥର ଖବର ଷ୍ଟେସନକୁ ଷ୍ଟେସନ ଚଢ଼ି ଯାଇ ପହଞ୍ଚିଲା ହେଡ୍ କନେଷ୍ଟବଳ ନିକଟରେ କନେଷ୍ଟବଳଙ୍କଠାରୁ, କନେଷ୍ଟବଳ ଯାଇ ସଫେଦମିଜରେ କାଲି ପଗଡ଼ ବାନ୍ଧି ଖଣ୍ଡକୁ ଚିଠି ଦେଖେଇ ବସି ଅସଲ ଖବର ହୁକୁମଟା ଶୁଣାଇଲେ, କାର୍ଯ୍ୟରେ ଦେଖାଇ ଦେଲେ :—'ପଗଡ଼ୋ', ଏ ହେଲା ସାଧାରଣ ନିୟମ । [ଆପଣଙ୍କର ବ୍ୟାକରଣରେ ପ୍ରେରଣ ଥିଲେ ଏଣ୍ଟ ମର୍କଦ୍ଦସା ହସି କହିବେ —ହକସା, ଲାଙ୍ଗଲସା; ଆମେ ମଧ୍ୟ ଏଡ଼େ ଗମାର ନୋହୁଁ, ଆମେ ବି ଅସଲ କଥାଟା ପଗଡ଼ି ନେଲୁଣି, ସମ୍ଭାଳନ୍ତୁ, ଆମ ମୁର୍କଦ୍ଦସା ମଧ୍ୟ ବାହାରିବ, ଏ ଉପମାଟା ଠିକ ଶେଷ କଥା ରଫା ଦଫା କରିବାକୁ ଆମକୁ ଠିକ ଫୁରୁସତ ନାହିଁ ।] ଥାନା ଉଦାହରଣରୁ ମନୋବିଜ୍ଞାନ ଉଦାହରଣ ଆଡ଼କୁ ଦଉଡ଼ ଲଗାନ୍ତୁ—ଆମ ରାଜ୍ୟରେ ମୋଟେ ଜଳାତଙ୍କ ହେଲା :— ବୈଶାଖ ମାସ ଅନ୍ଧାର ପଖ, ଗୋବିନ୍ଦଦ୍ୱାଦଶୀ ଓ ମହୋଦଧି ବୁଡ଼ ଯୋଗ ଏଥର ଦିନରେ ପଡ଼ିଛି, ସେଥିରେ ପୁଣି ପଣ୍ଡାଏ ଯଜମାନଙ୍କୁ ବେଢ଼ିଲେ ଭଲ ମଣାଏ ତାଙ୍କ ଦକ୍ଷିଣା ପାଇଁ ଗୁଣୁ ଗୁଣୁ ହୋଇ ବାହାର କରୁଛନ୍ତି, ଏଣେ ବେଳକୁ ଯୋଗ ତ, କୋଉ ଯୋଗ୍ୟ ପିଲାଏ ପିମ୍ପିଡ଼ିରେ ବ୍ୟସ୍ତ ହୋଇ ଉଠା ଘଡ଼ଛନ୍ତି, ମନ ହେଉଛି 'ବସୁଧା ! ଫାଟି ଯା, ସବୁ ନଷ୍ଟ ଏଥର ତାଳରେ ଛାଣ୍ଡି ଯାଉ' ! (ଏ ଚମତି ଅଗରୁ ଅଭିଥିଆ ଯୁବକଙ୍କ ଘର ପହଞ୍ଚିଲେ ବାର ଘଣ୍ଟା ଯୁବକଙ୍କ ଅଭିଭାବକମାନେ ଆମକୁ ଆଣ୍ଠା ଉତ୍ତମ ମଧ୍ୟମର ବ୍ୟବସ୍ଥା କରି ଅଛି ତଙ୍ଗର ମୁଣ୍ଡରେ ହାତ ଦେଇ ବସି ସାରନ୍ତେଣି । ସେ ଯାହା ହେଉ, ଅସଲ ଫଟୋଗ୍ରାଫ ହେଲେ ମୂର୍ତ୍ତି ନେଗେଟ ଦେଲେ ନେଗେଟା ମୂର୍ତ୍ତିଟାର ଛପା ଉଠିଯାଏ । ସେଥିରେ ଫଟୋଗ୍ରାଫରର ଦୋଷ କଣ ? ଯେ ଦୋଷ ଦେବେ ସେ ଯାଆନ୍ତୁ Art School କୁ, ନାଲି, ଗୋଲାପି, ବାଇଗଣି ରଙ୍ଗ ଦେଇ ମୂର୍ତ୍ତିର ହାତଗୁଣଗୁଡ଼ାକୁ, ଟେଶ ଅଛିକୁ, ଅଧରକୁ, ଲୁଟେଇ ରଖନ୍ତୁ । ପାଠକେ ! ଦେଖୁଛନ୍ତି ଭ ଅଜ ନେଖନା ମୂଳଟା କଲିକତା 'ହାତ୍ଅଗାଡ଼ି, (Electric tram) ର ଚାଳକ ଦଣ୍ଡା (conducting rod) ଯଉ କପର ବିଦ୍ୟୁତ କଣା ସିଷ୍ଟା ଧରା ଧର୍ ଗମା ଗମ୍ ଚାଲିଛି । ଯେବେ ଫାଷ୍ଟ କ୍ଲାସ ଟିକେଟ କରିଛ, ତେବେ ହୋଲ ତତ୍ତ୍ୱରେ ଆଜ୍ଞା ବାହ୍ୟାଇ ଚରଟ୍ ଟାଣି Englishman (ଇଂରେଜି ସମ୍ବାଦପତ୍ର) ପଢ଼ୁ ଥାଅ, ଆଉ ଯେବେ ପରଣୀଙ୍କ ହାତକୁ ଧରି ଦେବାଟା ପଇସା ପୂରୁଛି ନ ପାରିଲ, ତେବେ ସେକେଣ୍ଡ କ୍ଲାସରେ ପିଠି ପିଟ୍, ମଜଲିସ କରୁଥାନ୍ତୁ, ତୁମେ ମଧ୍ୟ ସହଯାତ୍ରୀଙ୍କ ସଙ୍ଗେ ମେଣ୍ଟାଳବେଢ଼ରେ ମାଡ଼ି ଥାଅ । ହେତେ ବଡ଼ଲୋକ, ଓଁକାର, ଦଶହଜାର ଭ ଏ କାର୍ତ୍ତିକରେ ଅଛି ଚିଜ ସୁଖ ଭୋଗ କରୁଥିଲେନ୍ତି, ତୁମେ ଆମେ ତ ସହଜେ ମୂଲିଆମୁଣ୍ଡ । ହେଲେ କଣ ହେବ, ମୂଲ୍ୟ ମଜୁରି ତାହାର ନାହିଁ । ସେଥିପାଇଁ ସଗ ସାଠ କହୁଛି 'ରଙ୍କ କେ ଜନମ କଥା କାହିଁ' ।) ଧରଣୀଙ୍କ ମୂର୍ତ୍ତିଟା ଦଦଗ ହାଣ୍ଡି ଭଲଅଁ ହୋଇ

Digitized by srujanika@gmail.com

ଉପରେ ହୋଉଯୋଗ୍ୟ ପିଲାଙ୍କ ଗୋଡ଼ରେ ପକାଇ କାନ୍ଧକୁ ଅନୁକ ଟେକାଟେକି ଅବସ୍ଥାରେ 'ଘୋ ରେ ବାପ୍ପୁ ଘୋ' ପଦ୍ୟାବୃତ୍ତି ହେଉଅଛି, ଏଣେ ମନେ ମନେ ସମ୍ପାଦକଙ୍କୁ, ଅଭିଭାବକଙ୍କୁ, ଘର ବନ୍ଦୋବସ୍ତକୁ, ବୈଦ୍ୟ ଗୌମୁଖଙ୍କୁ, ଛମୁକରଣ ବଡେଇ ହେବାକୁ, ଆପଣା ଭାଗ୍ୟକୁ ହେଲେ ପ୍ରଶଂସାପତ୍ର (Certificate) ବଣ୍ଟା ହୋଇ ଯାଉଛି । ଏଥିରେ ପେର ନିଦ୍ରାଦେବୀ, ସ୍ୱପ୍ନଦେବୀ ଓ ଜାଗରଣ ଦେବଙ୍କ ମଧ୍ୟରେ କନ୍ଦଳ ଲାଗିଛି । ଏ ଭଳ ସମୟରେ ସୁବିଧା ଓ ସୁଯୋଗ ଖୋଜି ଖୋଜି ମାନ୍ଧାତାଙ୍କ ଅମଳର ଏକ ବୁଢ଼ା ମଶା ଅସି ବେଁ ଲାରେ ଏକ ନାଟୁଡ଼ ଗଲେଇ ବେଳଣିଗ ହାଡ଼ରେ କପ ଉଟ୍ ବନା ଆମୁଉ ଦେଲା । ଏ ହେଲା ଜନାବାସ ମଜ୍ଜଲିସ । ସେଠେଠିଂ ମଧ୍ୟ ଗୌକିଦାର (ସ୍ପର୍ଶେନ୍ଦ୍ରିୟ), ଦଫାଦାର ଓ ପଞ୍ଚାୟତ (ସମ୍ବାଦବାହକ ସ୍ନାୟୁଗଣ) ଖଡ଼ା ପହରା; ଏକଥା ସିଧା ସିଧା ଛାର ଖବରରେ ଦାରୋଗା (ମସ୍ତିଷ୍କମଣ୍ଡଳ) ଙ୍କ ଦପ୍ତରରେ ପହଞ୍ଚିଲା । ଦାରୋଗାଙ୍କ ପୃଥକଦା ଭାଙ୍ଗିଗଲା, ତମ୍ବୁରଗୋଉ ବଳବଳେଇ ଉଠିଲେ 'ପକଡ଼ୋ' । ସେଥିରୁ ମୁନସି, ଜମାଦାର, ବରକନ୍ଦାଜ (ଅଙ୍ଗବହ ସ୍ନାୟୁଗଣ) ସର୍ ଗରମ୍ ହୋଇ ଉଠିଲେ, — 'ପକଡ଼ୋ'; କନଷ୍ଟବଲ (ଅଙ୍ଗୁଳିଙ୍କ ଦକ୍ଷିଣ ହସ୍ତ) ଯାଇ ସରଜମିନରେ ପହଞ୍ଚି ମଶା ବାବୁଙ୍କୁ 'ପକଡ଼ୋ' । ମଶା ବାବୁଙ୍କର ବଳ ବପୁସ ଓ ଧର୍ମବଳ ଥିଲେ ହଡ଼ାକାକୁ ବଞ୍ଚିଗଲ କରି ହୋଇ ଖଲାସ, ନଚେତ ଏକା ଗୁପ୍ତାରେ ଜେଲ୍ସୋଉ ବା ବୋଧ ଯୋ । (ଦେଖିଲେ ତ ସେପରି ଗଛ ଗାଛ ଅଣି ଠିକଣା ମୁଣ୍ଡରେ ପହଞ୍ଚାଇ ଦେଲୁଁ । କା' ହେବା କଥାଟା କଣ ସହଜରେ ପଡ଼ୁଛି ତ ? ଖାଲି କଥା ପଦେ କହି ଦେଲେ ସାବାସ ଢ ଏ ଦେବ ବ ? କଥାକୁ କାମ ଘଟେଇ ଦେଲେ ସିନା ଭୁଝାଇ ।) ଏ ଉଦାହରଣରୁ କଣ ସମ୍ପୃଝିଲେ ? ମନୁଷ୍ୟର ଜ୍ଞାନକୃତ ଘଟନା ସବୁ ମସ୍ତିଷ୍କ-କେନ୍ଦ୍ରର ଅଜ୍ଞାର ଫଳସ୍ୱରୂପ । ବହିର୍ଜଗତର ସମ୍ବାଦ ଇନ୍ଦ୍ରିୟମାନେ ଗ୍ରହଣ କରି ଯଥାନିୟମଲଗ୍ନ ସମ୍ବାଦବାହକ ସ୍ନାୟୁମାନଙ୍କଦ୍ୱାରା ମସ୍ତିଷ୍କ-କେନ୍ଦ୍ରକୁ ପ୍ରେରଣ କରନ୍ତି, ମସ୍ତିଷ୍କ-କେନ୍ଦ୍ରରେ ସମ୍ବାଦ (ବହିର୍ଜଗତର ଜ୍ଞାନ) ପହଞ୍ଚିଲେ ସେଠାରେ ଉଚିତକର୍ତ୍ତବ୍ୟତା ସ୍ଥିରୀକୃତ ହୋଇ ଅତଃପର ଜଣ କର୍ତ୍ତବ୍ୟ ତାହା ଆଜ୍ଞାବାହୀ ସ୍ନାୟୁମାନଙ୍କଦ୍ୱାରା ଜ୍ଞାତ ହୋଇ ଯଥାଯୋଗ୍ୟ ଇନ୍ଦ୍ରିୟ ବା ପ୍ରତ୍ୟଙ୍ଗଙ୍କ ନିକଟରେ ସମ୍ବାଦ ପହଞ୍ଚେ ଓ ସେହି କାର୍ଯ୍ୟକାରୀ ଇନ୍ଦ୍ରିୟ ବା ଅଙ୍ଗ କେନ୍ଦ୍ରର ଆଦେଶ ଅନୁସାରେ ବହିର୍ଜଗତର ବସ୍ତୁମାନଙ୍କ ସଂସର୍ଶରେ ଅସି କେନ୍ଦ୍ରର ଉପସ୍ଥିତ ସାଧନ କରନ୍ତି । ଆକା କଥାଟା ନିତ୍ୟ ପ୍ରତ୍ୟକ୍ଷ, ଦୁର୍ନିବାର, ଅଲଂଘନୀୟ ବୋଲି ଉପମାଟା ସମସ୍ତେ ବୁଝି ନେବେ; ଏ ହେତୁ ଦାରୋଗାଙ୍କ 'ମା ବାପ' କରି ଗପ୍ପ ଦେଲୁଁ । ସୁତରାଂ ପାଠକମାନେ ଜଳକର, ବାରକମିସ୍ତ୍ରୀ, କଲେକ୍ଟର, କମିଶନର ସବୁ ବାଗରେ ଖୁଜି ଝୁଜି ଏ ଉଦାହରଣଟି ଲଗାଇ ନେବେ । (ଏ ସବୁ ଉଦାହରଣ, ଶବ୍ଦାଡ଼ମ୍ବର, ବଙ୍କାଜାନୁଶୀଳନ, ପୁଲିସଲକ୍ଷି ଦେଖି ମନେ କର ଯାଉଛେଣି, ଏଣିକି ଚାଲୁନ; ବାଢ଼ମାତାଙ୍କର ଉପସ୍ଥିତ ବଜାର ସଉଦା ସମସ୍ୟା ସଙ୍ଗେ ଏ ଉଦାହରଣର କପର ମେଳ ହେବ, ବରୁ ତ ବୁଝି ଯାଉ ନାହିଁ । ଏତେ ଅସମ୍ଭାଳ ହେଲେ ଚଳବ କପର, ବହେଲେ ଟଙ୍କା ଯୋଡ଼ାଏ ସିନା ! ସେଥି ପାଇଁ ଏତେ ରାଗ କାହିଁ ? ସମ୍ପାଦକଙ୍କର ତ ଦିନେ ଦିନେ ଏକାଦଶୀ, ଲେଖକଙ୍କୁ ପୋଷିବା ଦୂରକଥା! ଟଙ୍କା ଦିବ ଯୋଡ଼ାଏ, ସେଥିରୁ ପେର ଅଠପଣ ଡକେୟା, ଗୁଡ଼ାପଣ କମିଶନ, ଦୁଇପଣ ମ୍ୟୁନିସିପାଲିଟି ମହରଗୀ; ମାଲ ଖୋଜିବ 'ଅସଲ ଜିନା', ନ ହେଲେ ପେର ଅଭିମାନ ! ଇମିତ ହେଲେ ଅନ୍ନ ଭୁମର ଅମର ବାଧ ବନ୍ଦୁକ ସେହ ? ସେର ବାର ଅଣା ଦିଅ, ଲଡ଼ୁ ଭାଙ୍ଗି ଦେଲେ କସ୍ମିସ୍, ପେସ୍ତା, ଗୁଜରାତ, ଲବଙ୍ଗ, ସୁବାସ, ସବୁ ପାଇବ;

Digitized by srujanika@gmail.com

ଏଣେ ଅଣ୍ଟାରୁ ସାତ ଅଣାରୁ ବୋଡ଼ଏ କାଢ଼ି ବେଶି ବାଛିବା ବେଳକୁ ବନ୍ଧୁରୁ ଉକ୍ତ ଶୁଣିହେବ, ସେ ସେର ଭାଲ ସଉଦା, ଯୋଗେଇଁ ତାପାକୁ ଅମଳ ଭମପୁଲ ଉଡ଼ଣାରେ ମଜୁଦ ହେବ, କିନ୍ତୁ ଲଡ଼ୁ ଭିତରେ ଗୋଟାଏ ଖଣ୍ଡେ ଗୋଡ଼, କାଠି, ପୋକ, ଛିଡ଼ୁ ଜାଲ୍ରବ ଗନ୍ଧ ବାହାରିଲା ବୋଲି ଗୁଡ଼ଅ ଉପରେ ପୁଞ୍ଜାଏ ପାଣି ପିଅିଦା ! ଏଥିରେ ସେଇ ଆପଣ ବୋଲାନ୍ତୁ କଣ ? କା, କ୍ୟାପୃବନ୍ତ ପୁରୁଷ, ଗୋଟିଏ ଯାହା ଭୁଲସୀ ! ଏଥିପାଇଁ ପର ଅମ ଜନା ଥରେ ଆପଣଙ୍କୁ ଦ' କଥା ଶୁଣେଇ ଦେଇଥିଲେ:—"ଘରୁ ଖାଇ ପର କାମ କଏ କରେ ବାପା ?" ତେବେ ଟିକଏ ଅଶସ୍ତ ହୁଅନ୍ତୁ, ମୁହେଁ ମୁହେଁ ସିନା ଏଭେ କଥା କହିଗଲୁଁ, କଥାରେ ବାଟୁଳି ବାଜିଲା ନାହିଁ, କିନ୍ତୁ ପେଟ ଭିତରେ ଏଭେ ମଇଲା ନାହିଁ । ଏ କଥା ଯେ ଦକଗଢ଼ କରୁଛି ସେ ଜାଣେ । ପାଠ କଣ ମିଛରେ ଭାକୁଛି:—"ବ୍ୟେର କରିବ, ମହତ ଲୋକ ହାକୁଡ଼ିବେ ପଡ଼ିବ" ? ସମସ୍ତେ ଯେବେ 'ଯେନ୍ହା ଗତକ ଯେ' ନୀତି ଅନୁସରଣ କରି ବାଟ ଚାଲନ୍ତେ, ତେବେ ଏ ସଂସାର ଦିନେ ଟୁବ୍ କରି ବୁଡ଼ି ଯାନ୍ତା, ଆପଣ ବି ନ ଥାନ୍ତେ, ଅମେ ବି ନ ଥାନ୍ତୁ । ଅଚ୍ଛା, ଆପଣ ଲଡ଼ୁ ସେର ସାତ ଅଣା ଭିତ୍ତିରେ ପଛକେ ଭାଲ କରନ୍ତୁ, ତେବେ ପୁଣି ଖାଇ ସନ୍ତୋଷ ହେଲେ ଅମର ଲକ୍ଷେ ଟଙ୍କା, ଅମକୁ ଦେଲାବାଲା ଗୋପରେ ବଢ଼ୁଛନ୍ତି । ଦକଙ୍କ ବକସିସ୍, ପ୍ରଦର୍ଶନୀରେ ଗୋଟିଏ ମିଡେଲ ପାଇଁ ପୁରସ୍କାରକୁ ବରଫଯାକର କଣେ ବଳି ସର ନୁହେ । ଅମ ପାଇଁ ପ୍ରଦର୍ଶନୀ ଅଛି, ଦାକଣୀକ ହୋଡ଼ପଡ଼ ଅଛନ୍ତି, ସେ ହୋଡ଼ପଡ଼ ଡେକ୍ରେଟ-ଧ୍ୟା ମାର୍କାମସ ବଡ଼ ଲୋକ ନୁହନ୍ତି, ତାଙ୍କ କାର୍ଯ୍ୟ 'ନାରିକେଳ ଫଳାମ୍ବୁବତ୍ ।' ଏଗୁଡ଼ାକ ଅଦାହିତ ବୋଲି ସ୍ୱଭାବିକ ବା ସ୍ୱୀକାର୍ଯ୍ୟ କରି ନେବେ ନାହିଁ, କଲେ ପୁଣି ଅଟୁଛି କଏ ? ଟିକିଏ ଥପ୍ ଧରନ୍ତୁ, ବାଇମାଦାନ୍ତିକ ପ୍ରତ୍ୟକ୍ଷ ଘଟଣାଟି

ଠଉରେଇ ନେବେ । 'ଧୀର ଧୀର ଚାଲିକ, ସିଙ୍ଗ କୁଟେ ଘୋଡ଼ ପାଲିକି') ଏ ହେଲା ସାଧାରଣ ନିୟମ, ବେଳେ ବେଳେ ଏଥିର ନିପାତନ ମଧ୍ୟ ଦେଖାଯାଏ । ଅମ୍ଭମାନଙ୍କର ସାମାନ୍ୟକଥନ ହେଲା 'ମସ୍ତିଷ୍କ-କେନ୍ଦ୍ରର ଆଦେଶ ଓ ଅବଗତି ବ୍ୟତିରେକେ ଅଙ୍ଗ ପ୍ରତ୍ୟଙ୍ଗ କୌଣସି କାର୍ଯ୍ୟ କରିବେ ନାହିଁ'; ଏ ନିୟମର ବ୍ୟତିକ୍ରମ ଥାଇ ନିୟମର ବ୍ୟତିକ୍ରମରୁ ସହଜରେ ହୃଦୟଙ୍ଗମ କରି ପାରିବେ । ଦାରୋଗା ମନେ ମନେ ଠିକ୍ କରି ବସିଛନ୍ତି ଯେ ମଫସଲରେ ଯୋଉଠିଏ ଫୁଟିଲେ ଅମର ଯୋଗ୍ୟ ଭେଣ୍ଡାଏ ଅଣି ବିଲ୍-ଫଏର୍ ଅମ ହଜୁରରେ ରିପୋର୍ଟ ପଠାଇ ଦେବେ, କିନ୍ତୁ ସମସ୍ତଙ୍କର ତ ପେଟ ପାଟଣା ଅଛି, ପିଣ୍ଡ୍ ଉପରେ ଜନା ମହ୍ଵମାନ୍ଧ ପୁଣି ବର୍ତ୍ତମାନ ଉପସ୍ଥିତ ଜୀବନଜ୍ୱାଲା ଶାନ୍ତ କରି ଭବିଷ୍ୟତ ବର୍ଷା ଓ ଶୀତ କଥା ଭାବି ପକାନ୍ତି, ତା ଉପରେ 'ଗୃହିଣୀର ଭାଲଗଛ ଛାଇ,' ହଜାରେ ଚଉକିଦାର ଡିହିସ ହେଲେ ଭଲା ଶାଗଟାଏ, ମାଛଟାଏ, କଦଳୀ କାନ୍ଦିଏ, ବିଆ ଟାଏ, ଖପୁରାଟାଏ ବନ ହେବା ଜିନିଷ ? କୁକୁର ମାଙ୍କୁଡ଼ ବାର ବରଷରେ ନ ସଜଶେ ରେ ବାବା ! କେତେକ ସ୍ଥାନରେ 'ସ୍ୱଭାବ' ଓ କେତେକ ସ୍ଥାନରେ 'ଅଭ୍ୟାସ'ରୁ ନିୟମଚ୍ୟୁତାକ ପ୍ରତିବନ୍ଧ ନ ଲଙ୍ଘ ଯାଉଛି । ଦାରୋଗା ଖଞ୍ଜୁରେ ବହି Essence Cajuput (ଅଲେଇଚ ଅର୍କ), ବେଦାନା ସରବତ ଖାଇ ଖାଉ ଏଅନ୍ତେ କେତେ ଜନାଜାଣି, କେତେ ଜଳଭୁକା, କେତେ ଖାଣି, କେତେ କଥା ରଫା ଦଫାରେ ଖତମ୍ । ଦାରୋଗା ଲାଟ ସାହେବଙ୍କୁ ପାଖେଇଟି ଅଣିବାରେ ବ୍ୟସ୍ତ, ଏଣେ ଗଧ ମନକୁ ନଉଅ ପୁଞ୍ଜାଏ ଗୋଟାଇବାରେ ବ୍ୟସ୍ତ । ଦାରୋଗାଙ୍କୁ ମାଲୁମ ହେବାକୁ ନାହିଁ, ଏଣେ ତାଂ କାଶ୍ଚିଅ ହୋଇ ଗଲାଣି । (ଏଥିର ଦାୟୀ କଏ ? ଦାରୋଗା ? ନାଁ... ଦାରିଦ୍ର୍ୟ ଓ ନାଇଡ଼ ବୁଝିବା ମାଲିକ ଅମ୍ଭେମାନେ

Digitized by srujanika@gmail.com

ନୋହୁଁ, କି କେହି ମର୍ତ୍ତ୍ୟରେ ନାହିଁ । ଆମର ବନ୍ଧୁ ବାଡ଼ରେ ଲୁଗା ପକେଇ ଏବେ ନକଲ କରିବାର ଦରକାର କଣ ? ଏବେ ଓଟାରଣ ବେଳକୁ ଦତ୍ତ ଖଣ୍ଡି ଛିଣ୍ଡିଗଲେ ତୁମେ ସେ ମୁଣ୍ଡରେ କଚଡ଼ାବ, ଆମେ ଏ ମୁଣ୍ଡରେ ଦାନ୍ତ କାଣୁଡ଼ି ମାମୁଁଙ୍କର କଥା ମନେ ପକାଉଥିବୁଁ । ଯାଉ, ଆମର ବାଟେ ବାଟେ ଯିବା, ଟିକିଏ କଣ, ହେଲେ ବଣରେ ବାଘ, ଭାଲୁ, ସାପ; ରକ୍ଷା ଯେ ସରକାର ବାହାଦୁର ଦୁର୍ଭେଦ୍ୟ ବଣ ଜଙ୍ଗଲ କାଟି ପର୍ବତ ଶୃଙ୍ଗରେ ପୁଖା ସାଙ୍ଗ ସୁଭୁର କରି କାଳମାଟିରେ ସଡ଼କ ଓ ଲୁହାରେ ରେଲ ବନ୍ଧ ବାନ୍ଧି ଦେଉଅଛନ୍ତି । ବାଘ ଭାଲୁ ସଣ ସଣ ହେଉଥିବେ, ତୁମକୁ ଛୁଇଁବାର ପରାକ୍ରମ ନାହିଁ ।) ମନୋରାଜ୍ୟରେ ମଧ୍ୟ ସେହିପରି କଥା; ପ୍ରକୃତି ଓ ଅଭ୍ୟାସ । 'ପ୍ରକୃତି ମଲେ ଯାଏ' ଓ 'ଅଭ୍ୟାସ ଦ୍ୱିତୀୟ ପ୍ରକୃତି' ବୋଲି ପଣ୍ଡିତମାନେ କହିଯାଇ ଅଛନ୍ତି । ଯାହା ତୁମର ପ୍ରକୃତିଗତ ବା ଅଭ୍ୟସ୍ତ, ତାହା ଆପେ ଆପେ ମସ୍ତିଷ୍କ-କେନ୍ଦ୍ରର ଅଜ୍ଞାତରେ ହୋଇଯାଏ; ଏହାକୁ ବୈଜ୍ଞାନିକମାନେ 'ସ୍ୱତଃ-ସିଦ୍ଧ' କାର୍ଯ୍ୟ ବୋଲି କହନ୍ତି । ଏଥିର କର୍ମ ପ୍ରକୃତି ବା ଅଭ୍ୟାସ । ଊଣା ଅଧିକ ଆପଣମାନଙ୍କର ପିଲାଦିନର ଗୋଟିଏ ଖେଳ ମନେ ଥିବ । ପିଲାଙ୍କୁ ପାଖକୁ ଡାକି ଅଗରେ ବସାଇ ବନ୍ଧୁମାନେ ପଚାରନ୍ତି 'ତୋଟାକୁ ଯିବୁ ?', ଉତ୍ତର 'ହଁ'; 'ଅମ୍ବ ଖାଇବୁ ?' ଉତ୍ତର 'ହଁ'; 'ଡରିବୁ ତ ନାହିଁ ?', ଉତ୍ତର 'ନାହିଁ' । ଏ ପ୍ରଶ୍ନୋତ୍ତର ଶେଷ ହେଲାରୁ ବନ୍ଧୁମାନେ ପିଲାଙ୍କ ଆଖିପାଖରେ ଫୁଙ୍କି ଦିଅନ୍ତି । ପିଲାମାନେ ପୂର୍ବରୁ ଦୃଢ଼ପଣ ହୋଇଥାନ୍ତି ଆଖି ବୁଜିବେ ନାହିଁ ବୋଲି, କାରଣ ଆଖି ବୁଜିଲେ ତୋଟାରେ ଡରିବାର ହେଇ ହେବ । କିନ୍ତୁ କଣ କରିବେ, ଚକ୍ଷୁରକ୍ଷଣଶୀଳ ପ୍ରକୃତି ମସ୍ତିଷ୍କ-କେନ୍ଦ୍ରର ପ୍ରତୀକ୍ଷାବନ୍ଧ ଆଦେଶକୁ ନ ମାନି ପିଲାଙ୍କ ଆଖି ବୁଜେଇ ଦିଏ । କେତେକ ସ୍ତନ୍ୟପାୟୀ ଶିଶୁ ଏହାକୁ ଶୋଇଥାନ୍ତି, ଏଣେ ମୁହଁରେ ମାତୃସ୍ତନ୍ୟ ଶୋଷଣର ପ୍ରକ୍ରିୟା ତାଙ୍କ ଓଷ୍ଠରେ ଦେଖା ଯାଉଥାଏ । କେତେକ ଲୋକ ନିଦ୍ରାବସ୍ଥାରେ ସମସ୍ତ ସମୟରେ ଅଙ୍ଗୁଠି ଚଲାଉଥିବାର ଦେଖାଯାଏ । ଏ ହେଲା ପ୍ରକୃତିର ଉଦାହରଣ । (ଅଭ୍ୟାସର ଉଦାହରଣଟାଏ ନ ଦେଲେ ଆପଣମାନେ କହିବେ 'ମାଗି ଆଣିଲା ଧନ ଗୋଡ଼ହାଏ; ଶିଖେଇ ଦେଲା ବୁଦ୍ଧି, ଯେତିକି ଶିଖିଥିଲା କହି ପକେଇଲା । ଏଥରକ ପୋଥିରେ ନ ପାଇଲାରୁ ହଟିଗଲା' । ସ୍ତ୍ରୀ ହେଲେ ଆମ ସିଖଣାପଢ଼ିଆଟା ଧରା ପଡ଼ିଯିବ ପରା । ସେଥି ପାଇଁ ଲାଖୁ କି ନାଖୁ ଆମେ ଦେଉଛିଏ ବକେଇବା । ପଡ଼ାଗଲେ ପୁଣା 'ଏଇବ ଏକ କରିଥିଲୁ' । 'ଏଇବ ଏକ୍ ବସରଥି'ର ଗୋଟିଏ ଗଳ୍ପ ଅଛି । ଜଣେ ମଲ୍ଲ ଆସି ପରାକ୍ରମନାଡ଼ା, କସରତି, ଦେଖାଉଥିଲେ, କେତେକ ଗୁଡ଼ାଏ ଅସ୍ଥିସନ୍ଧି 'ଦଣ୍ଡ' ଦେଖାଇ ସାରି ଆଉ ଗୋଟିଏ 'ଦଣ୍ଡ' ଭାଙ୍ଗିଲା ବେଳକୁ ମଲ୍ଲବର ଗୋଡ଼ ଖସି ଯିବାରୁ ମଲ୍ଲ ଚାରିଁର ଖାଇ କଚାଡ଼ ପାଇଲେ । ଏତେ ଲୋକଙ୍କ ଆଗରେ ପଡ଼ିଯିବା ବଡ଼ ଲଜ୍ଜାର କଥା; ତେଣୁ ଭୂମିଶଯ୍ୟାରୁ ଉଠି ଠିଆ ହୋଇ ଜାନୁରେ ଓ କପରେ ଧୂଳି ଫୁଟିକ ମାରିଦେଇ ମଲ୍ଲ କହି ଦେଲେ 'ଏଇବ ଏକ ବସରଥି ।' ସମସ୍ତେ ମଲ୍ଲ ଅଦ୍ଭୁତକାର୍ଯ୍ୟ ହେଲେ ବୋଲି ହସିବେ କଣ, ଦର୍ଶକମାନେ ମନେ ମନେ ସ୍ଥିର କରି ନେଲେ 'ଏଇବ ଏକ୍ ବସରଥି ।' ଅଭ୍ୟାସ ଉପମାଟା ନ ଖଟିଲେ ଆମେମାନେ କହିବୁଁ 'ଏଇବ ଏକ କସରଥି ।' ଆପଣମାନେ ସେହିଭଳି କହିଲେ ତ ହବ, ଦେବା ଦେଖି ।) ବାଇ ମାହାନ୍ତିଙ୍କର ଗୋଟିଏ ବ୍ୟକ୍ତିଗତ ଅନୁଭବରୁ ଆପଣ କଥାଟାର ସତ୍ୟତା ଅନୁଭବ କରନେବେ:- ମନୁଷ୍ୟ ଖାଇବାକୁ ବସି ଭାତ ଗୁଣ୍ଡାଏ ହାତରେ ଧରି ଟେଙ୍କନବେଳକୁ ପାଟି ଆଁ କରିବାକୁ ହୁଏ । ପାଟି ଆଁ କରିବାଟା ସ୍ୱଭାବସିଦ୍ଧ ନୁହେଁ, ଏହା କ୍ରମଶଃ ଅଭ୍ୟାସଦ୍ୱାରା ସିଦ୍ଧ ହୁଏ । ଏ ଅଭ୍ୟାସଟା

Digitized by srujanika@gmail.com

କେତେ ଲେଖକଙ୍କର ଏପରି ପ୍ରକୃତିଗତ ଦୋଷ ଯଥାଏ ଯେ ପଦକୁ ଯୋଡ଼ ଦେଲା ବେଳେ ଧ୍ୱନି ଭାବଭଙ୍ଗୀ ହାତରେ ଅନ୍ୟର ପାଠିକୁ ଉଚାରିଲା ବେଳକୁ ଆପଣା ପାଟି ଅଜ୍ଞାତସାରେ ଆଁ ହୋଇ ଯାଏ । ମସ୍ତିଷ୍କ-କେନ୍ଦ୍ରର ହୁକୁମ ନାହିଁ, ତଥାପି ପାଟି ଆଁ କରି ସାରିଲାଣି । ଏହା ଅଭ୍ୟାସଜନିତ କଦାଚାର । ଏହି ଅଭ୍ୟାସଗତ ବୈଷମ୍ୟର ଉଦାହରଣ ଭୂରି ଭୂରି । କେତେ ଲୋକ ମନୋନିବେଶପୂର୍ବକ ପଢ଼ିଲା ବେଳେ ଝୁଲୁଥାନ୍ତି । କେତେ ଲୋକ ଲେଖିଲା ବେଳେ ହସ୍ତର ଲେଖନୀ ଯେଉଁ ଅକ୍ଷରମାନ କାଗଜ ବା ତାଳପତ୍ରରେ ଅଙ୍କିତ କରୁଥାଏ, ଏଣେ ସେମାନଙ୍କ ମୁଖ ଶୂନ୍ୟରେ ସେହି ବାକ୍ୟାନୁ ଅନୁଗତବିଶିଷ୍ଟ ରେଖାଗୁଡ଼ିକ ଅଙ୍କିତ କରିବାରେ ବ୍ୟସ୍ତ ଥାଏ । ଆମ୍ଭେମାନେ ପୂର୍ବରେ କହିଅଛୁଁ ମୃଣାଳୀର ଅବସ୍ଥାନ, ଜମିଦାରଙ୍କ ଅମିନ ଓ ମୋହରିରଙ୍କର ଉପଦ୍ରବ କରି କରି ବାଠ ମାହାନ୍ତିଙ୍କ ଜୀବନଟା ବିଦେଶରେ ବିଦେଶରେ ଅସି ଗଲା । ବିଦେଶରେ ଯେଉଁମାନେ ବାସ କରି ରହନ୍ତି, ମଫସଲର ମୁଦି ଦୋକାନ ସେମାନଙ୍କର ଦୈନିକ ପ୍ରୟୋଜନୀୟ 'ସଉଦା' ଯୋଗାଉଥାଏ । ସନ୍ଧ୍ୟାବତୀ ଲାଗିବା ପୂର୍ବରୁ ମାହାନ୍ତିଏ ତେଲଘଡ଼ିଟି, କେରସିନ ଡିବିଟି ଓ ରଞ୍ଜିତ ଗାମୁଛାଟି ନେଇ ମୁଦି ଦୋକାନରେ ପହଞ୍ଚନ୍ତି । (ଆପଣମାନେ ବୋଧ ହୁଏ ଇଂରେଜୀରେ ଏକ ପ୍ରବାଦ ଶୁଣିଥିବେ, 'A man is known from the company he keeps', ଜଣକର ସଙ୍ଗିମାନଙ୍କୁ ଦେଖିଲେ ସେ ମନୁଷ୍ୟକୁ ଠିକ୍ ଚିହ୍ନି ହୁଏ । ଗାମୁଛାକୁ ଦେଖି ଆପଣ ମନେ କରିବେ ନାହିଁ ଯେ ବାଠମାହାନ୍ତିଙ୍କ ଦେହଯାକ ଫୁଲଛିଟରେ ପୂର୍ଣ୍ଣ । ବାଠମାହାନ୍ତି ହିନ୍ଦୁ, ହିନ୍ଦୁବାଡ଼ାରେ ବସ୍ତ୍ର ଛାପନା ସ୍ୱାଭାବିକ ନୁହେଁ, ଅତଏବ ଆପଣଙ୍କ ଅନୁମାନଟା ଭୁଲ । ତେବେ ଗୋଟାଏ କଥା ନିଶ୍ଚିତ ଯେ ବାଠ ମାହାନ୍ତି ପ୍ରତିଦିନ ଅନ୍ତତଃ ମଥାନିଆ ପାଞ୍ଚ ସାତ ପ୍ରକାର ସଦ୍‌ବ୍ୟବହାର କରିବାକୁ କୁଣ୍ଠିତ ନୁହନ୍ତି । ବାଠ ମାହାନ୍ତିଙ୍କର ଟିକିଏ ନସ୍ୟ ସେବନ କରିବା ଅଭ୍ୟାସ, ବାଠମାହାନ୍ତି ଦୁର୍ବଳ, ସେ ରସିକ ନୁହନ୍ତି, ଗାମୁଛା ପାଲଟି ବହୁଦେଶ ଯାନ୍ତି । ପ୍ରାଣିତତ୍ତ୍ୱବିତ୍ ପଣ୍ଡିତମାନେ କହିବେ ଯେ ବାଠ ମାହାନ୍ତିଙ୍କ ଅଙ୍ଗେ ତାଙ୍କର ପଣ୍ଡିଏ କୋଟି ଅସ୍ଥି ଥାଉଣେ ସେମାନେ ବାଠମାହାନ୍ତିଙ୍କର ଜୀବନ-ବୃତ୍ତାନ୍ତ ସବୁ କହିପାରିବେ; କିନ୍ତୁ ଅସ୍ଥି କଥା ଦୂରେ ଥାଉ, ଆମେ ଖଣ୍ଡେ ଗାମୁଛା ପାଇ କେତେ ପୁରୁଣା ତତ୍ତ୍ୱ ଅବିଷ୍କାର କରି ଦେଲୁ । ତୈଳର ସଦ୍‌ବ୍ୟବହାର କରିବା କଥା ଗାତ୍ରମାର୍ଜନର ଦ୍ୱୀପାକୃତ କୃଷ୍ଣଚିହ୍ନରୁ ପ୍ରକାଶ; ନସ୍ୟ ଅଭ୍ୟାସ କଥା ଗାମୁଛାର ସ୍ଥାନେ ସ୍ଥାନେ ବହଳ ଓ କୃଷ୍ଣ ମୁଦ୍ରାକୃତି ଛୋଟବଡ଼ ଚିହ୍ନରୁ ପ୍ରକାଶ । ଆମ ଅଞ୍ଚଳ ପୁରୁଣା ଜାଣୁଆ ଥିଲେ, ସେ ଅନେକ ସମୟରେ କହୁଥିଲେ—'ଯେଉଁ ଦନ୍ତ ହେଲା ସୁବାସ ନାସ, ସେହି ଦନ୍ତ ହେଲା ସୁବାସ ନାଶ, ସୁବାସ ନାଶ, ସୁବାସ ନାଶ' । ମାହାନ୍ତିଙ୍କ ଶରୀର ଦୁର୍ବଳ ନ ଥିଲେ ଗାମୁଛାଟି ପ୍ରତିଦିନ ସ୍ନାନ ସମୟରେ କାଚ ଲୁଗା ସଫା କରୁଥାନ୍ତେ । ରସିକ ହୋଇଥିଲେ ଗାମୁଛାଟି ପାଣିକସ ହୋଇ ପାଉଥାନ୍ତା । ଗାମୁଛାଟି ଲମ୍ବ ସାତ ହାତ ଓ ଓସାର ଦୁଇ ହାତ ନ ହେଲେ ତାହା ପିନ୍ଧି ବହୁଦେଶ ଯିବା କଥା ଅଟେ କଷ୍ଟ । ଏହିପରି ଅନ୍ୟ କେତେକ ତତ୍ତ୍ୱ ଅବଶ୍ୟ ଏ ଗାମୁଛାରୁ ମିଳି ପାରିବ । ପାଠକେ ! ଟିକିଏ ଅପ୍ରିୟ ସ୍ୱୀକାର ନ କଲେ ହେବ କିପରି ? ଜୋଡ଼ି ଘରି ଟିକିଏ ଦେଖୋଇ ଦେଲେ ଛଅଟଯାକ ଦୃଶ୍ୟ ରଙ୍ଗ ପାଣି ମାଡ଼ିଯାଏ କିନା) ପ୍ରତିଦିନ ନଗଦ ପଇସା ପଞ୍ଚାଟି କି ଛଅଟି ଦେଇ ମୁଦି ଦୋକାନରୁ ଆବଶ୍ୟକ ପଦାର୍ଥଗୁଡ଼ିକ ଗାମୁଛାରେ ଜାଉଁଳି କରି ବସାକୁ ଫେରନ୍ତି । ଯୁବା କାଳରୁ ଏହା ତାଙ୍କର ଅଭ୍ୟାସ । କଟକ ଯାଇ ସୁଦ୍ଧା ମସ୍ତିଷ୍କ-କେନ୍ଦ୍ରର ଅଜ୍ଞାତରେ ସେ ମନୋହାରୀ ଦୋକାନରେ ପଇସା ଛଅଟି ଫୋପାଡ଼ି ଦେଇ କହିଲେ । ଗୋଟାକୁ

Digitized by srujanika@gmail.com

ସେ ହୋଟେଲସ୍ୱାମୀ ସେତେବେଳେ ନମାଜରେ ମାତିଛି । ମାହାନ୍ତ ଏ ପଇସା ପୋଛାଡ଼ି ହେଲା ପରେ ଦେଖନ୍ତି ସେ ଭାଉଗି ସାହୁ ଓ ଗୃହ ସ୍ୱାମୀ ମେଲକର 'ଅଲ୍ଲା ହୋ ଅକବର୍' କରୁ ନ ଥାନ୍ତି; ସେଥିରୁ ତାଙ୍କର ଚୈତନ୍ୟୋଦୟ ହେଲା । ମିଆଁ ସାହେବ ଛୋଟା ଚୋଟା କର 'ମହାଜନପୁଅର' ସ୍ତୁତି-ସମ୍ବୋଧନରେ ହସାଇ ଭାଇ ସମ୍ପର୍କ, ବନ୍ଧୁକ ହୃଦୟ ଅବତାରଙ୍କ ସଙ୍ଗେ ବାଉମାହାନ୍ତଙ୍କର ଧୁଅ ଲେଖା କର ଉର୍ଦ୍ଦୁ ଭାଷାର ଶବ୍ଦବିନ୍ୟାସ-ପଟୁତା ଦେଖାଇ 'ମଫସଲୀ ଉଲ୍ଲୁ' ରେ ଗର୍ଜ୍ଜନରତ ଶେଷ କଲେ । ପଇସାନ୍ତ ଶବ୍ଦ ଓ ବୁଲୁଫଟା, ଧୁଣି ହାତେ ଚନ୍ଦ୍ରସୂରୀ ପଡ଼େ, ଏହା ଉପରେ ମିଆଁ ସାହେବଙ୍କ ଦୋକାନପିଣ୍ଡାରେ ଉବ, ଟୋଲ ପଡ଼ ଓ ମିଆଁ ସାହେବଙ୍କ ଦୋକାନଭିତରେ ପଇସା କେତୋଟିର ପ୍ରତ୍ୟାଶା କରଥିି ମାହାନ୍ତ ଏ ବଜାରର ଜନତା ମଧ୍ୟରେ ଉଭେଇ ଗଲେ । ସେ ଦିନ ବସାକୁ ଆସି ଆଉ ସେଦିନ ନ ହର ଏ ପଦକ ଘୋଷୁଥାନ୍ତି । 'ମଫସଲୀ ଉଲ୍ଲୁ !' ହେବେ କଣ ହଟିଆ ଚତୁର ? ରାତ ପାହିଲା, ବାଉମାହାନ୍ତ ଗ୍ରାମଅଭିମୁଖରେ ବାହାରିଲେ, ଘରେ ଆସି ପହଞ୍ଚି ମୁହଁ ●ାଇଲେ । ସେହି ଦିନୁ ସେ ଆଉ ହଟକୁ ଯାଇ ନାହାନ୍ତି । ଥରେ କଲିକତା ଯାଇଥିଲେ ସତ୍ୟ, କିନ୍ତୁ ସିଧା ସିଧା ଆମ ଗ୍ରାମରୁ ଗାଉଁଲିଆଗଞ୍ଜ ଷ୍ଟେସନକୁ ଓ ଫେରିବା ସମୟରେ ସିଧା ସିଧା ଷ୍ଟେସନରୁ ଆମ ଗ୍ରାମକୁ ଆସିଅଛନ୍ତି, କଥାଟା ଏବେ ପୁରୁଣା ହେଲାଣି, କିନ୍ତୁ ବାଉମାହାନ୍ତଙ୍କ ମନରୁ ଦାଗଟା ଲିଭିବାକୁ ନାହିଁ । କେ ଜାଣି ଅବା ଦାଗଟା ଲିଭି ସାରନ୍ତାଣି, କିନ୍ତୁ ହଟା ଘାରେ ଲୁଣ ଦେଲା ଭଳି ବାଉମାହାନ୍ତ କଲିକତାକୁ ଯାଇ କଲିକତାରୁ ସହରର ଏକ ଅଭୁତ ଚିନ ହେନ ଫେରି ଆସି ଅଛନ୍ତି ଓ ସହର ମଫସଲର ତୁଳନା କରି ଏ ହେତୁରେ କେତୋଟି ସନ୍ଦ ନଷ୍ଟ କରିଅଛନ୍ତି । ବାଉମାହାନ୍ତଙ୍କ ସଙ୍ଗେ ଆପଣ କଦାପି ଅପରିଚିତ ନୁହନ୍ତି. ବାଉମାହାନ୍ତ ମରହଟ୍ଟୀ ବୋଲି ତାଙ୍କର ହେତେ ପ୍ରକୃତିଜ୍ଞାନଥ ଶିଖଲନ୍ତୁ ଆପଣ ସାମ୍ନା ଦୃଷ୍ଟିରେ ଗ୍ରହଁ ଅହିଅଛନ୍ତି । ତାଙ୍କ କଥା ତ ଜାଣନ୍ତି, ସେ ଟିକେ ଏକବାଗିଆ, ଯାହା ଧରନ୍ତି, ତାହା ଛାଡ଼ିବାକୁ ଚାହାଁ ନାହାଁନ୍ତି ।

୧ । ଅନେକ ଦିନ ପୂର୍ବରେ ଅର୍ଥାତ୍ ପିତୃ-କାଳରେ ଧାରଣା ଥିଲା ଯେ ସହରରେ ବାସ କରିବା ମଫସଲରେ ବାସ କରିବା ଅପେକ୍ଷା ଅଧିକ ନିରାପଦ । ସହରରେ ଚୋର ଡକାଏତ ଭୟ ଖୁବ୍ କମ୍; କିନ୍ତୁ ସେ ଦିନ କଟକ ମାଜିଷ୍ଟ୍ରେଟ ପାଟଣାର ଡ଼କାଏତରୁ ଯେ ଧାରଣାଟି ଏବେ ବେଳକେ ଦୂରୀଭୂତ ହୋଇ ଯାଇଅଛି । କଲିକତାରେ ଟାଉନ୍ ମସଜିଦ ଲାଗି ହେତେ ଖୁଣୀ ହେବେ ଉଚାଇତ କେତେ ଅପରାଧ ଦିନ ଦି' ପହରେ ହୋଇଗଲା । ସହର ମଫସଲର ଏହା ଗତା ।

୨ । ମଫସଲରେ ଯାହାଙ୍କ ଘର, ସେ ପାଖ ଅଖ ସବୁ ଗାଁର ଲୋକଙ୍କୁ ଚିହ୍ନନ୍ତି, କିନ୍ତୁ ସହରରେ ପଡ଼ୋଶୀର ପଡ଼ୋଶୀର ଆଳାପ ପରିଚୟ ଦୂରର କଥା, ତୁମେ ଯେଉଁ ଘରେ ଅଛ, ଆର ଘରେ ତୁମ ପ୍ରତିବେଶୀ ପ୍ରାଣ ବି ହାତ ସେ ଖବର ତୁମେ ପାଇବା କଥା କଷ୍ଟ ।

୩ । ସହରରେ ଅପରାଧର ସଂଖ୍ୟା ମଫସଲର ଅପରାଧ ସଂଖ୍ୟା ଅପେକ୍ଷା ଢେର ବେଶି । ଅନୁମାନ ମଧ୍ୟ ଠିକଣା ପଡ଼ିବ ନାହିଁ ସନ୍ଦେହ । ଖଣ୍ଡେ ଗାଁରେ ଜଣେ ଦି' ଜଣ ଦାଗୀ ମିଳିଲେ ବହୁତ, କିନ୍ତୁ ସହରର ଗଳିରେ ପୁଞ୍ଜା ପୁଞ୍ଜା ଲୋକ ଦାଗୀ ।

୪ । ଗାଁ ଖଣ୍ଡିକ କୋଠିଏ ଚୌକିଦାର, ଦଫାଦାର; ସହରର ଗଳିରେ ଶୁଭନାହିଁ ହେଁସି ଘଉ ଗୋଟାଏ ବି ଯୋଡ଼ାଏ ହେଲେ "ହୋ ବାଉଡାଲେ କହାବ୍ ଚୋ" ବାକ୍ୟଟି ଥରେ ଶୁଣିବ, ଫେର ତହିଁ ପରେ ସେ ଶବ୍ଦ ଆଉ କର୍ଣ୍ଣକୁହରକୁ ଛୁଟେ ନାହିଁ ।

୫ । ସହରର କଥାରେ କଥାରେ ଥାନା ଓ କଚେରି ଉଠଣ । ଗାଁରେ ଜମିଦାର ଜଜ କଲେଟର; ଏଥିପାଇଁ ମଫସଲ ଉଲ୍ଲୁ, ସହରୀ ଚତୁର ।

Digitized by srujanika@gmail.com

୬ । ସହରରେ ଦେବସମୁହଙ୍କ ମନ୍ଦିର, ଗାଁରେ ଦେବସମୁହଙ୍କ ମଣ୍ଡ । ଗାଁ ଲୋକେ ଦେବମନ୍ଦିରଗୁଡ଼ାକ ମନ୍ଦିରରେ ବୁଲୁଥିଲେ ଧର୍ମ ହୁଅନ୍ତେନି । ଚୋଠାବାଡ଼ି କର ସାରନ୍ତେନି । ଏଥିପାଇଁ ମଫସଲ ଉତ୍ତମ ।

୭ । ସହରରେ ଅଧିକାଂଶ ନୈଶିଷ୍ଠ, ଦୁର୍ଭିକ୍ଷ ପଡ଼ିଲେ ଆଗେ ସହରଅ, ପଛେ ମଫସଲଅ ମରିବେ । କଳକାଳରେ ଧନ୍ୟା ମୃତା ଯେ ନଗ୍ନ । ଅତଏବ ମଫସଲ ଉତ୍ତମ ।

୮ । ମଫସଲର ଗାଁହିଁଲ ଲୋକଙ୍କ ଅଭାବ ଅଳ୍ପ, ଟୋକର ବନେଟ, ଗିଲାସ, ଲଣ୍ଠନ, ଚଢ଼ିଉ ଯୋତା, କୁରୁତା; ମହତ, ସରପ, ଯୋବଧାଡ଼ିଲଥ ଲୁଗାପଟା ନ ହେଲେ ଚଳେ । କିନ୍ତୁ ସହରର ଏଗୁଡ଼ିକ ନିତ୍ୟ ଅବଶ୍ୟକ; ନ ହେଲେ ହେଟରେ ଲୋକଙ୍କୁ ଭାବଦକେ ଗୁରୁବ ନାହିଁ ।

୯ । ଗାଁରେ ଘମଲୀଳା, ଭାଳଭଲୀଳା, କୃଷ୍ଣଲୀଳା, ବାରେଣୀ ଯୋଗ ପଡ଼ିଲେ ଅବକେ ଦବେ ଗୋଟିପୁଅ ନାଟ; କିନ୍ତୁ ସହରରେ ନଡ଼ ନାଚ ଭାମସା, ବାଈନାଚ ସବୁଠାରୁ ସରସ । ସହରରେ ବାଈମାନେ ଦୋମାହାଲ୍ଲ ଟୋଠା ବାଡ଼େଇ ବସିଛନ୍ତି, ମଫସଲକୁ ଗଲେ ସେମାନେ ଗଡ଼ି ମରନ୍ତେ ।

୧୦ । ସହରର ପାଖ ଅଞ୍ଚଳ ଏକା ମଫସଲରେ ନାହିଁ । ଝାଡ଼ାଫେରିବାକୁ ପରସ୍ତା କରିବାକୁ ପ୍ରବା ସାଙ୍ଗେ ସାଙ୍ଗେ ଜଗୁଥିଲ । ଅତିଅଣରେ ଉଥିଣ ଦେଖ, ସେଜପିଅଠେଇଁ ବାଜୁଛ ଶଙ୍ଖ । ଏଥିରେ ସରକାରଙ୍କର ସହରରେ ଯାହା ଲାଭ, ମଫସଲରେ ତାହାଁରୁ କାଣିଏ ନାହିଁ ।

୧୧ । ଗାଁରେ ଏହାପରକେ ଖୋଜିବ ଧାନ, ମୁଗ, ବିରି, ମୋଗଡ଼, ହରଡ଼, ଚଣା, ମାଣ୍ଡିଆ, କୋଲଥ, ଝୋଟ, କନ୍ଦା, କୁଟା, କପା, ବାଡ଼ରେ ପଳପଣିବା କଦଳୀ, ବାଇଗଣ, ଆଳୁ, ସାରୁ, କାଉଁଅ, ଧନିଆ; ଘରେ ଗାଈ ଗୋରୁ ବଳଦ, ଦୁଧ, ଘିଅ, ବାଡ଼ଅଙ୍କେ ଖଇଗଦା, ବାଡ଼ରେ ଜାଳେଣି କାଠ, କଣ୍ଟାବଣ୍ଡା, ବନଅପଥର ବାଡ଼ପିଣ୍ଡାରେ ମୁନ୍ଦୁର ବୁଣା ହେବାକୁ ବେରୁଅ, କୁଣ, କାଣ୍ଡସର, ଖଇ, ବାଡ଼ରେ ଗଛ, ପୁନଙ୍ଗ, ପିଢ଼ାରେ କଣ୍ଟାରୁ, ଲାଉ, ଘର ଲିପିବାକୁ ଗୋବର; ଦହିଦୁଃଖଲୁ ବାଡ଼ରେ ଅଡ଼ା, ଯୋଦଳା ପତ୍ର, ଗୁଳୁଣାହାତଯୋଗ୍ଯ ପଟେର, ମୂଳମୌଷଧ, ବାଡ଼ଗାଡ଼ଅରେ ମାଛ, ସବୁ ମିଳିବ । ସହରରେ ଗୋଟିଏ ଯାଗାରେ ଗୋଟିଏ ଜିନିଷ, ଏହାର ସାଧୁଭାଷା ପରଶ୍ରମବଭାଗ । ଦେଖ ଯେତେ ସଭ୍ୟ ହେବ ସେତେ ବେଶି ପର ମୁହଁକୁ ଚାହିଁ ରହିବାକୁ ହେବ ।

୧୨ । ସହରରେ ମନ୍ତ୍ର ଯେତେ ବଇଦ ସେତେ, ରୋଗ ଛନ୍ଦ ଦ'ଗୁଣ, ଗାଁରେ କିନ୍ତୁ ପାଖ ସାତ ଖଣ୍ଡ ଗାଁରେ ଜଣେ ବଇଦ । ରୋଗ ମଧ୍ୟ ତହିଁକି ଗୃହିଁ । ସହରର ମରଣ ସଂଖ୍ୟା ଅନୁପାତ ଅନୁସାରେ ମଫସଲ ଅପେକ୍ଷା ଏଥର ବହୁତ କମ ନୁହେଁ ।

୧୩ । ମଫସଲରେ ଜୀବହତ୍ୟାଟା କମ ଥିବାରୁ ମାଂସଟା ଟିକିଏ ଦୁଷ୍ପ୍ରାପ୍ୟ । ଯେତିକି ମାଂସାହାର କମ, ସେତିକି ବେଶି ଉତ୍ତମ ।

୧୪ । ମଫସଲରେ ଅଛି, ଆଜ ଘର କରୁଛ, କାଲିକି ତୁମେ ଅବା ତୁମ ପିଲାଏ ଦୁଃଖ ପାଇ ଯିବେ, କିନ୍ତୁ ସାଇପଡ଼ୋଶିଙ୍କ ଅନୁଗ୍ରହରେ କୌଣସି ବାଟେ ନବାହ ହୋଇଯିବ, କିନ୍ତୁ ସହରରେ ଅଛ, ଆଜ ଅଚ୍ଛା ଚଳୁଛ, କାଲିକି ତୁମେ ଅବା ତୁମ ପିଲାଏ ଦୁଃଖ ପାଇଗଲେ କାହା ମୁଠାଏ ଭିକ୍ଷା ମିଳିବା ଦୁର୍ଘଟ । ଯେଉଁମାନେ ମଫସଲରୁ ଘର ଭାଙ୍ଗି ସହରରେ ଆସି ଘର କରନ୍ତି ସେମାନେ ଆସିଲା ବେଳେ ଏକଥା ଥରେ ଭାବନ୍ତି କି ?

୧୫ । ସଂକ୍ରାମକ ରୋଗର ଚଞ୍ଚଳତା ସହରରେ ଯେତେ, ମଫସଲରେ ତହିଁରୁ ମାତ୍ରାଏ ନାହିଁ । ବେଶି ଜନତା ହେଲେ ଥରେ ସଂକ୍ରାମକ ରୋଗର ଉଦୟ ହେଲେ ଅସ୍ତ ହେବା କାଠିକର ପାଠ ।

Digitized by srujanika@gmail.com

ପାଣ୍ଡିରେ ଏହିପରି ଅନେକଗୁଡ଼ାଏ ବାକ୍ୟ କଥା ଲେଖାଅଛୁ, ପାଠକମାନେ ସମସ୍ତ କଷ୍ଟ ହେବାରୁ ବିରକ୍ତ ହେବେ, ଏହି ଭୟରେ ବାଙ୍କି ହୁଇ ତିନୋଟି ପଦ ବାଦ ଦେଲୁଁ । ଅପରଣମାନେ ବହ୍ମାରମ୍ଭେ ଲଘୁକ୍ରିୟା ବୋଲି ଜେଲ ହେବେ ନାହିଁ । ଇତ୍ୟାଦ୍ଧ ।

କ୍ରମଶଃ
ଶ୍ରୀ ଦୁର୍ଗେଶ ଶର୍ମା ।

ଅଳମାଳକା । (୪)

ଚିଠ—ଶ୍ରେଷ୍ଠର ଅପଭ୍ରଂଶ, ପାରବାରିକ କାର୍ଯ୍ୟ କବାଦ, ଗୃହ ପ୍ରଭୃତି କାର୍ଯ୍ୟ ସୁଶୃଙ୍ଖଳା କରିବା ପାଇଁ ନିଯୁକ୍ତ କର୍ମଗ୍ରହମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ କର୍ମଗୃହୀ । ସର୍ଦ୍ଦାର ଖମାସୀ ।

ଫନା—ଫସଲ ।

ଢମଣି—ଉଲରୂପେ ଗୃହ କରିବା ।

ଢଲଅ, ଢୋଠିଅ—ମୁଗଲବନ୍ଦର ପ୍ରାପ୍ତ ବପଣିର, ମୁଗଲବନ୍ଦରେ ଯେଉଁ ଲୋକ ମାସିକ ବେତନ ବଦଳରେ, ସାମାନ୍ୟ ପରିମାଣରେ ଜମି ଜାଗୀର ସ୍ୱରୂପ ନେଇ ଦୈନିକ ମୂଲରେ (ପ୍ରାପ୍ତ ସର୍ବଶ ନଟଙ୍କା ଦୁଇ ଶେର ଧାନ) ଗୃହ କାମ କରେ, ପର୍ବପର୍ବାଣିରେ ପିଠାପଣା ନେଇ, କେତେବେଳେ ମୁଠାଏ ଖାଇ ଜୀବନଯାତ୍ରା ନିର୍ବାହ କରେ, ତାକୁ ଢୋଠିଅ କହନ୍ତି, କନ୍ତୁ ଗଡ଼ଜାତରେ ଏହାକୁ ଢଲଅ କହନ୍ତି ।

ଯେ ଧନଗତ ପ୍ରଭୁ ଗୃହରେ ରହି (ପୂର୍ବୋକ୍ତ ବ୍ୟକ୍ତି ନିଜ ଗୃହରେ ଥାଏ, ପ୍ରଭୁର କାମ କେବଳ ସକାଳ ଦ୍ୱିପହରବେଳା କରେ) ବେତନ ଖୋରାକ ପୋଷାକ ନେଇ ଗୃହ କାମ କରେ । (ମୁଗଲବନ୍ଦର ଢଲଅ ଗୃହର) ତାକୁ ଢୋଠିଅ କହନ୍ତି ।

ଥେପ୍ସା—ଅବଘିବା—ଚୂଲ ଚୂଲ ଥେପ୍ସା ହେଲଣି, ବୁଢ଼େଇ ବୁଢ଼େଇ ଥେପ୍ସା ହେଲଣି ।

ଛେଦେଇ—ସମ୍ପୂର୍ଣ୍ଣ ଅଦାପ୍ତ କର । ମୋ ପାଉଣା ସବୁ ଛେଦେଇ ଅଛିଲ ।

ବାଟେବା—ବାହୁଡ଼ା, ମୋ ଲୁଗାଟା ମୁଁ ବାଟେଇବ ।

ଦସ୍ତୁଁ—ସାଗନ୍ତା, ଅନୁଗ୍ରହପ୍ରାର୍ଥୀ ।

ଗେମା—କେଂକର୍ତ୍ତବ୍ୟବିମୂଢ଼, କାତର, ସମ୍ମୁଖରେ ଜଣେ ଅନ୍ୟାୟ କାର୍ଯ୍ୟ କରୁଛି, ବିବେକ କହୁଛି ଏ ଅନ୍ୟାୟ କାର୍ଯ୍ୟର ପ୍ରତିବିଧାନ କର୍ତ୍ତବ୍ୟ, ମାତ୍ର ପ୍ରତିବିଧାନର ଶକ୍ତି ନାହିଁ, ଦେଖି ନ ଦେଖିଲା ପରି, ଶୁଣି ନ ଶୁଣିଲା ପରି ହୋଇ, ମନର ଯାତନା ମନରେ ମାରି ପଡ଼ି ରହିବାକୁ "ଗେମା ହୋଇ ପଡ଼ି ରହିବା" କହନ୍ତି ।

ଭୁଙ୍ଗି ପଳାଇବା—ଭିନ୍ନ ଭିନ୍ନ ହେବା, ଇତସ୍ତତଃ ବିକ୍ଷିପ୍ତ ହୋଇ ବାହାରି ଯିବା, disperse

ଉଗୁଡ଼ିବା—ଉତ୍ପାଟିତ କରିବା, କେହି କୌଣସି ବିଷୟରେ ଅଧିକାର ଲାଭ କରିଥିବାରେ ଅନୁଚିତ କାର୍ଯ୍ୟ କଲେ, ତାକୁ "ଉଗୁଡ଼ ଗଲା" କହାଯାଏ ।

ଢାଳପିଢଳଅ—ମୁଗଲବନ୍ଦଅମାନଙ୍କ ପ୍ରତି ତାଚ୍ଛିଲ୍ୟ ଉକ୍ତି । Birds of passage—ଅଡ଼ଡ଼ଣ ଦିନ ପାଇଁ ଢ଼ାଳପିଢଳ ପରି ଆସିଛନ୍ତି, ପୁଣି ଯେଉଁଠୁଁ ଆସିଛନ୍ତି ସେହିଠାକୁ ଚାଲି ଯିବେ ।

ଶ୍ରୀ—

—୦:୦:୦—

Digitized by srujanika@gmail.com

ଦରବାର ।

—୦—

ଦିଲ୍ଲୀ ଏଡ୍‌ୱାର୍ଡ ଭାରତ ରାଜା;
ବିସ୍ତୃତ ସାମ୍ରାଜ୍ୟ ଅସଂଖ୍ୟ ପ୍ରଜା ।
ଶୁଭକ୍ଷଣେ ବସି ସିଂହାସନରେ,
ଘୋଷାଇ ଦେଲେ ଭାରତଜନରେ ।
ଅଧୀନରେ ମୋର ଯେତେ ପରଜା,
ସାମନ୍ତ ଜମିଦାର ନବାବ ରାଜା ।
ଜଣାଇବି ଆଜି ମୋ ମନ କଥା,
ସନ୍ତୁଷ୍ଟ ହୃଦରେ ଦେବ ମୁଁ ମଥା ।
କୋଟି ନିଧି ମୋତେ ତାଙ୍କ ଶରଧା,
ରାଜ୍ୟ ଶାସନରେ ନ ଦେବେ ବାଧା ।
କରି ଦରବାର ଦିଲ୍ଲୀ ନଗରେ,
ଜଣାଇ ଦେବାର କହିଲ ଏବେ ।
ତୁମ୍ଭେ ତ ଔକଲପଣକୁ ଟାଣ,
ସମର୍ପି ଦେଉଛ ଭାରତ ପ୍ରାଣ ।
ଯାଉଛ ସୋଦର ପାଶେ ବସିବ,
ଦୂରେ ଅଛ ମୋତେ ପାଖେ ମଣିବ ।
ଗୁଣି ଖର ଧାର କର୍ଜନ ଭାଇ,
ମାତିଲେ ହୃଦୟେ ଉତ୍ସାହ ପାଇ ।
ପଠାଇଲେ ଘର ଘର ଅଡ଼ିଗ୍ରୀ,
ଡକାଇ ଆଣିଲେ ଲାଟଗଣଙ୍କୁ ।
ଲକ୍ଷ ଲକ୍ଷ କରି ଟଙ୍କା ବୁଣିଲେ,
ଦିଲ୍ଲୀନଗରକୁ ସ୍ୱରଗ କଲେ ।
ମର୍ତ୍ତ୍ୟେ ଲେ ସ୍ୱର୍ଗ ଏ ଦେଖିଲ କାହିଁ,
ଶୁଣା ଥିବ ଅବା ପୁରାଣେ କାହିଁ ।
ଦିଲ୍ଲୀନିରଞ୍ଜନ ସ୍ୱର୍ଗ ମଣ୍ଡିଲେ,
ସ୍ୱରଗରେ ବସି ଦେବେ ଝୁରିଲେ ।
ମଣ୍ଡପ ଚୌଦିଗେ ପାଟର ଡେରା,
ହଜାର ହଜାର ସିପାହୀ ଘେରା ।
ସାଜି ଗଜ ବାଜୀ ତୋପ ବନ୍ଧୁକ,
ଖଡ଼ା କରି ଦେଲେ ଝକକୁ ଝକ ।
ସାରି ରହିଲା ସାଲବଚ୍ଛଣା,
ଉଡ଼ିଲ ଅକାଶେ ତୋରଣ ବୃନ୍ଦ ।

"ବନ୍ଧୁକ ଅନେକେ" ଦାଗି ଝୁଲନ୍ତେ,
ଅଶ୍ୱାରୋହରେ ଧରି ଚମକେ ।
ଗୋରା ପଲଟନ କଳା ସିପାହୀ,
କହି ନୁହେ କେତେ ଆସିଲେ ବୋହି ।
ଗୋରା ଫିରିଙ୍ଗିଙ୍କ ଚୋଖ ପୋଷାକ,
ହାତେ ଖଣ୍ଡା ନଳ ଦେଖି ଅବାକ ।
ଦଣ୍ଡକେ ଖାଉଛେ ହଜାରେ ମେଣ୍ଢା,
ନାସ ପୁର୍ଣ୍ଣି ଦେବେ କୁକୁଡ଼ା ଅଣ୍ଡା ।
ଦେଲେ ଷଣ୍ଢ କାଢ଼ି ସରଗୁଁ ଆଣି,
ହାକର ଭରିବେ ବାନ୍ଧ ଉନ୍ନାଣୀ ।
ନିମନ୍ତ୍ରଣ ପାଇ ରାଜା ରାଜୋଡ଼ା,
ପଠାଇଲେ କେତେ ବଛାଇ ଘୋଡ଼ା ।
ହାତୀ ବଗି ଡ଼େଗ ବଛଣା ଖଟ,
ଝରଲଗା ଝାଡ଼ ବଡ଼ ଚହଟ ।
ହାତୀ ଘୋଡ଼ା ବଗି ଗଣିବ କେତେ,
ଧ୍ୱଜ ମାଲା ମୋଡ ଯାହାଙ୍କୁ ଯେତେ ।
ଥିଲ୍ଲା ଲୋକର ଅନନ୍ଦ ଉତ୍ସୁକ,
ଅନ୍ୟମାନେ ଗଲେ ଭରନ୍ତ ଶୋକ ।
ଯେତେ ଲୁଗା କାଢ଼ି ଦେହ ବାଛଣା,
ଢାଳି ପକାଇ କାମ ସାଙ୍ଗ ଦେଲା ।
କେହି କଣି ଆଣି କଡ଼ିଆ ଲୁଗା
ଭଗଇଲା ଜାମା ପଗଡ଼ି ଜୋଗା ।
ମଙ୍ଗାଇ ବନ୍ଧୁ ତରୁଅଙ୍କ,
ଢକାଇ ବସିଲା ରେଲ ବାଗନ ।
ଶୁଭ ଦିନେ ଆସି ସବେ ମିଳିଲେ,
ସଭା ଦେଖି ମନେ କୃତାର୍ଥ ହେଲେ ।
ବଡ଼ ବଡ଼ ଦେଇ ଟଙ୍କା ତୋଡ଼ାକୁ,
ଅତୋର ବସିଲେ ପକା କୋଠାକୁ ।
ମଣୋହି କଲେ ସେ କୁକୁଡ଼ା ଖାସି,
ଦହଡ଼ ଖେରଡ ମସଲ୍ଲା ପଶି ।
ଫିକା ଯୋଡ଼ ସାଲ ମୋଜା ପଗଡ଼,
ମୁଖେ ଅଲବଲ୍ଲା ଖଟେ ପଦତ ।

Digitized by srujanika@gmail.com

ଯେଉଁମାନେ ଗଲେ ସେଡ କାଟେଜ,
ନଅଁ ନ୍ୟକ୍ଷେପନ୍କ କୋଠରେ ଯେଉ ।
ମୁଣ୍ଡଗୁଣ୍ଡି ଦେଲେ ଭୁଡଅ ପରେ,
ହାଡ଼ଭଙ୍ଗା ଶୀତ କଲକତା ଥରେ ।
ଖେସାର ଭଲରେ ବାଜଗ ଛୁଟି,
ଗିଲନ୍ତି ବେଳକୁ ଧରଇ ତଣ୍ଟି ।
ହୋଟେଲରେ କେହି ଖାଇ ଶୋଇଲା,
ଯାଉ ପଛେ ଜାତ ପ୍ରାଣ ରହିଲା ।
ବିଦେଶରେ ହେଲା ହଲଚହଲ,
ବେପାର ଯାଉଁଲେ ହଲକୁ ହଲ ।
ଯସର ମେଲଲେ ଦକ୍ଷୀ ବାଟରେ,
କଉଡ଼ି ଛଣିଲେ ହୁଇ ହାତରେ ।
କୋତଗ ଦେଶରୁ ପୋତଗ ମାଲ,
ଉପରେ ଚକ୍କଣ ଭିତରେ ଭେଲ ।
କୁଞ୍ଚ ପୁଡ଼ା କୁଞ୍ଚ ଲୁଚୁଟା ଛଡ଼ା,
ବାରନସ-ବୋଳା ପୁରୁଣା କୋଡ଼ା ।
କାଟବସା ମୁଦ ଷୀଗ ମୁଲରେ,
ସରୁ ଛେନି କଣ୍ଠି ଅଣାଲୁ ହାଟେ ।
ପାଟଡ଼ୋରଗୁନ୍ଥା ମୋହର ମାଳ,
ସବୁ ସଜ୍ଞ ମାଲ ଛଣା ପିତଳ ।
ନେବାହିନରେ ଅଛୁ ମହତ,
କେଣ ଭୃଗ ଖଣ୍ଡ ଖାଇବ ଭାତ ।
ଖାପରରେ ଖାଅ ଓଷଧ ହୋଇ,
କଂସା ପିତଳରେ ହାତ ଗନ୍ଧାଇ ।
ଦକ୍ଷୀ ମହାସଭା ଦେଖିବା ପାଇଁ
କଲିକତାରୁ କେତେ ଆଇଲେ ଯାଇଁ ।
ବଡ଼ ବଡ଼ ଆଉ କାର୍ତ୍ତିକ ପର,
ଭୀମ ଅରଜୁନ ନ ହେବ ସର ।
ହେତେ ବଦ୍ୟା ବଳ ବୁଦ୍ଧି ବବେକ,
କୋହିଲେ ଦ ଥାଏ କଳାତ ଟେକ ।
ଦେଖିଥିଲେ ତାଗ ଚନ୍ଦ୍ରଙ୍କୁ ଉଦ,
ସାହେବ ସଙ୍ଗରେ ଚଢ଼ନ୍ତେ ଗାଡ଼ି ।
ସୁଭଦ୍ରାଙ୍କ ଥରେ ପଡ଼ୁ ନଯୁନ,
ଭଙ୍ଗନ୍ତେ କର୍ଜନ ଗ୍ରନ୍ଥ ଅର୍ଜୁନ ।

କେତେ ବାର ନାରୀ କେତେ ରୂପସୀ
ସ୍ୱର୍ଗପୁର ହେବେ ରମ୍ଭା ଉର୍ବଶୀ ।
ନଳ ରଜା ନେଇ ପଡଲେ ଥଭେ,
ଯୋଇଲ କହିବେ ଦମୟନ୍ତୀରେ ।
ଏହା ଶକୁନ୍ତଳା କୁନ୍ତଳରଜ
ହାତ ମାଗ ନେବ ହରିଲେ ସାଜ ।
କର କଉଜନ ଏମନ୍ତ ସଭା
ଦେଖାଇଲେ ରଜା ମହିମା ପ୍ରଭା ।
ହସାଇ ପାଶରେ ଭାରତବାସୀ
ଶୁଣାଇଲେ ଅଜ୍ଞାପତ୍ରିକା ନସି ।
ମଉସୁବ ସାର ମେଲଣି ହେଲେ,
ରେଲ ଚଢି ଯେଝା ଘରକୁ ଗଲେ ।
ନ ଦେଖିଲ ଓଉ ଛପତା ଗଣି,
ଶୁଣା କଥା ଆଉ କେତେ ବଖାଣି ।
ଏବେ ଅସ ନିବା ଦେଖି କଟକ,
ଆଖିରେ ଦେଖିବା କେତେ ଛଟକ ।
ବଡ଼ ଭାଗ୍ୟବାନ ଗୁପ୍ତ ସାହେବ,
ବଲଗ ରଜାର ଦେଶୀ ନାଏବ ।
ଛଞ୍ଚ କପାଳଅ ଓଡ଼ିଶାବାସୀ,
ଦେଖୁ ଦରବାର ପିଣ୍ଡାରେ ବସି ।
ମହାନଦୀ କୂଳେ ଦଭାମଣ୍ଡପ,
କରୁ ଅଛୁ ତହିଁ ଦକ୍ଷୀର ତପ ।
ଲାଲବାଗଠାରୁ ହୁଇ ପହରେ
ଘରୁ ତାହାର ହାଣ ପହଣ୍ଡିରେ ।
ଆଗେ "ଇଟରଟନ" ତଥା "ଫିସର"
"ଡ୍ରେଲଣ୍ଡଙ୍ଗୀ" ମିଶି ଚଳନ୍ତେ ବାର ।
ପୁନା ହାତୁଦାରେ କୃଷ୍ଣଗୋବନ,
ପଛେ ବଳେ ଗଳେ ନୃପଭବନ ।
ସବୁ ହାତୀ ଆଗେ ଛଡ କାହାଲୀ,
ଅଲଟ ଚାମର ପାଶରେ ଢାଳ ।
ବାଟେ ୟାର ସାର ପତାକା ମାଳ,
ତହିଁ ପାଖେ ଝୁଲା ପଉର ଡ଼ାଳ ।
ଠାବେ ଠାବେ ଠିଆ ଚଉକିଦାର,
ହାତେ ଖଣ୍ଡେ ଖଣ୍ଡେ ଠେଙ୍ଗା ଯାହାର ।

Digitized by srujanika@gmail.com

ଧାଡ଼େ ଧାଡ଼େ ଧୀରେ ପଦାତିକ ଦଳ,
ମଣ୍ଡପ ପାଶରେ ଯାଇ ଛିଡ଼ିଲ ।
ଦରବାର ମଧ୍ୟେ ପ୍ରବେଶ ହେଲେ,
ଉଚ୍ଚସିଂହାସନେ ନୃପ ବସିଲେ ।
ପଢି ଶୁଣାଇଲେ ଆଜ୍ଞାପତ୍ରିକା,
ତହିଁ ସଙ୍ଗେ ସଙ୍ଗେ ତୋପ ଭୁମିଗଲା ।
ମୟୂରଭଞ୍ଜର ନୃପତି ବର
ଉପାଧି ପାଇଲେ "ମହାରାଜା"ର ।
ଗୁଣୀ ଜନେ ହେଲା ସାର୍ଥ ଆଦର,
ସୁନାକୁ ସୋହାଗା କନ୍ୟାକୁ ବର ।
ଚଉଁଫୁଲ ପାଖେ ଭ୍ରମରକୁ ଥୁଅ,
ମୁଗ ପଇଡରେ ପଡ଼ିଲା ଘିଅ ।
ଆଉ ଯେଉଁମାନେ ଦେଶ ହିତରେ
ମୁଣ୍ଡ ଦେଇଛନ୍ତି ସୁଖ ମନରେ
ପଞ୍ଚୁଆନା ଖଣ୍ଡେ ହେଲା ସଜନ,
ରାଜଦ୍ଵାରେ ଯଶ ବଢ଼ି ଅକଳ ।
ଯାନ ଖଣ୍ଡେ ଖଣ୍ଡେ ମଟରଗା,
ଖାଥ ବା କ ଖାଥ ଅଶ୍ଵାରେ ଜଳା ।
ଦୁଡ଼ୁମ ଗୁଡ଼ୁମ ତୋପ ପଡ଼ିଲା ,
କାନ ସବୁଗଲା ସଭା ଭାଙ୍ଗିଲା ।
ଏବେ ଯେ କହିବା ଭିତର କଥା,
ଠାବେ ଠାବେ ହେଲେ ହେଲା ବ୍ୟବସ୍ଥା ।
ଘର ବାହାର ସବୁ ପରିପାଟି,
ନୂଆ ଲଗା ହାହିଁ ଗୋବର ମାଟି ।
ଘରେ ଘରେ ବନ୍ଧା ଟଙ୍ଗିଅ ମେଢ଼,
ଆଶୀର୍ବାଦ ବାକ୍ୟ ତହିଁରେ ପଢ଼ ।
ଜଳେ ଦୀପାବଳୀ ଗଳିଛ ଗଳ,
ଅଳପ ବହୁତ ଯେ ଯାହା ଭଳ ।
ଭେଳା ଭେଳା ହୋଇ ଲୋକେ ବୁଲିଲେ,
ମେଳା ଘରଗୁଡ଼ିରେ ମଉଜ କଲେ ।
ହଣ୍ଡା-ଘୋଡ଼ା-ଘୋଡ଼ା ଭଡ଼ା ବଢ଼ିଛ,
ଅଗରୁଣ ଟଙ୍କା ଭଙ୍ଗା ପୌଲିଛ ।
ଯେ ଯାହା ପାଇଲା ସେ ତାହା ଚଢ଼ି
ଘେଟ ବନ କଲେ ଧାଡ଼େ ଯାଉତି ।

ଦଣା ବଜା ହେଉଛି ହେଲା ବାହାର,
ଦୋକାନୀଙ୍କ ହେଲା ସୁଖ ବାଅର !
ଜପାଳ ନେଇଛୁ ମାରୁଅଛର,
ପାଟଣ ବରଣ ପିଣ୍ଡା ଅନ୍ଧାର ।
ସିଂହକୋଠି ପିନ୍ଧା ପଞ୍ଚାଳଜଣ,
ସରୁଦୂଲ ସାଢ଼ୀ ହେଲା ପୋଷାକ ।
ଏଣ୍ଡେ ଅଧ୍ୟେ ସିନା ମାଣିଅବନ୍ଧ,
ଓଡ଼ା ପରବକୁ ରଖିବେ ବାନ୍ଧ ।
ଟାଙ୍ଗିଅ ଗାମୁଛା ଝିଉଁର ସାଢ଼ୀ,
ପିନ୍ଧିଲେ ପିନ୍ଧିବେ ବାଉଁର ହାଡ଼ି ।
ବାଳିଗା ଖୋଷରେ କୁରୁଟା ଚଢ଼ା,
ମଲମଲ ଜଳା କାନ୍ଧେ ଦୋପଟ୍ଟା ।
ନାଲି ରୁମାଲକୁ ସାଲୁ ପଗଡ଼,
ଗର ପାଇଁ ଖଣ୍ଡେ ଛଟର ସାଢ଼ୀ ।
ଷୋଡ଼ ସତ୍ର ସର ସବୁ ସପର,
ସାଲ ବନାତରେ ନାହିଁ ଆଦର ।
ବେଙ୍ଗିଅ ମୁଣ୍ଡରେ କପଡ଼ା ଛତା,
ପିନ୍ଧିବାକୁ ମନ ଚଢ଼ାଇ ଜୋତା ।
ପାନ ଧମସକୁ କ ଥା ଏ ତତ,
ଚେର ମଣିତକୁ ଭେଜପଢର ।
ମହଣି ପଡ଼ିଲା ଲୁଅଜାତିରେ
ଦରପଣଲଗା ନୂଆଖାଟରେ ।
ବାଛୁ ବାଛୁ ଦେଣା ନାଲି ବନ୍ଧୁଅ
ମହଦ ହ୍ରଦରୁ ଗୁଣ୍ଡିରେ ନୂଆ ।
ଟିକଲି କଣିବେ ମିଳିଲେ ଛାଲି
ସିନ୍ଦୂର ନ ହେଲେ ଖାଟବେ ଗାଲି ।
ସପନ ହେଲାଣି କାଠ କଣ୍ଢେଇ,
ନେଲେ ଜଥ ମୂଷା ବାଘ ବଳେଇ ।
କାଚର ପିଲୁଳା ନାଇଡର ଅଣ୍ଡା,
ପାଣିଫୋଟକାରୁ ଉଣା ଅଧିକ ।
ଖଜାପିଠାକିଅ ଗଡ଼ଜାଡ଼ଅ
ଗୁଡଅ ଦୋକାନ ଦେଖିଲେ ଠିଅ ।
ସହସ୍ର ମାଲରୁ ହଣା ୧ ନେଉ
ହରିହର୍ କର ଦେଉଛୁ ଆଇ ।

Digitized by srujanika@gmail.com

ବଡ଼ ଶରଧା ସିଦ୍ଧ ପାନଅରେ,
ଖୋସିଦେଏ ନେଇ ଖୋସା ଉପରେ ।
ଯୋଗଣ ପାଇଁ କେହି ନାଏ କାନ୍ଥ,
ଖଜା ଗଜା ପୁରି ଭଜୁରି ସାଚ ।
ସଢ଼ା ପଚା ମାଛ ଗନ୍ଧ ଗନ୍ଧିଲେ,
ପିଛାଗୁଣ୍ଠିଅର ଖାଜ ମାଇଲେ।
ମୋଗଲବନ୍ଦିଅ ମୁଣ୍ଡି ଉଣ୍ଡା,
ବୁନିଅ ମିଠେଇ ମିଶିଛି ଥୋଡ଼ା ।
ବୋଝେ ଭୁଆମୁଣୀ ନାଚ ଲୁଚାଇ,
ଆସିଛନ୍ତି କେତେ ଦେଖି ସହର ।
ଆଗରେ ଚାଲିଛି ଭାଇ ମାଈଅ,
ଝୁଲାଇ ଦେଇଛି କାଲି ବଟୁଅ ।
କେହି ରଙ୍ଗ ସାଢ଼ୀ ପିନ୍ଧିଛି କାନ୍ଥ
ନଣନ୍ଦ ଦେଇଛି ପେଟରୁ ବାନ୍ଧ ।
ଯୁଡ଼ା ଚାଉ ପାଖେ ଗୋଛାଏ ଭଡ଼ା,
ଦେଉଳ ଉପରେ ନେଉଳ ଛଡ଼ା ।
ମଥାଏ ସିନ୍ଦୂର ଝୋଲରେ ଥୋଇ
ନାକଅଗଯାଏ ଅସିଛି ବୋହି ।
ଚାଉ ବଦମାଲ ପାଟଫୁଲର
ବାନ୍ଧା ଡିଭାଲୁଟା ଗଛ କାହିଁ କ ।
ଝୋଖାକଡ଼ୀ ପାଖେ ଦ୍ୱାରମାଳଦ
ଦଣ୍ଡି ନାନଚଣା ଯର ହୃଏ ବ ।
ଦ୍ୱଳା ହୁଇ ପାଚି ହୁଇ ଅଛିବେ,
ପିଲାଟା ଝୁଲିଛି କାଖ ପାଶରେ ।
ହାତେ ବାହୁଖଡ଼ୁ ପୁଣ ଛ ବଟା,
ବଳା ଉପରରୁ ପାଷ୍ଟିଢ଼ି କଂସା ।
ଦଶ ଅଙ୍ଗୁଠିରେ ବାରଟା ମୁଦ,
ଚାଲେ ଝୁମ ଝୁମ ପକାଏ ଲୁଦି ।
ମୁହଁରେ ପୁଣ୍ଡଇ ମୁଟାଏ ଚୁନ
ଘୋଡ଼ା ବଗି ଦେଖି ହୁଅଇ ଛଡ଼ା ।
କେ ବୋଲେ ବଉଳ ଅସ ଲୋ ଯିବା,
ଯାତରା ପୁଅଙ୍କ କେତେ ଦେଖିବା ।
ଉଜା ଦେଖା ମଜା କାହିଁରେ ନାହିଁ,
ନୁଆ ଗୁଡ଼ ଏକେ ପାଣିଅ ଦହି ।

କେ କେଉଁଠି ସର୍ଜନ କେହି ବାଜଣା
ଥିଏଟରେ ବାଜ ନ ପାଇ ବଣା ।
ପାଲା କୁନ୍ଦିଲୋ ପୁରୁଣା ଢଙ୍ଗ,
କେଛି କେଛି ଭଲ ବୋଝ-ପୁଅଙ୍କ ।
ବାରଡଲୀନାରେ ସୁଅଙ୍ଗ ଦେଖି,
ଦନ ଅଧ ଯାଏ ଦେଖୁଥା ବସି ।
ଥିଏଟର ପାଖେ ବସିଛି ହାଟ,
କେତେ ଜାତ ମାଲ କେତେ ଚଟଟ ।
କେତେ ଫଳ ଫୁଲ ଧାନ ଚାଉଳ,
ସୁନା ରୁପା ଡକ ନାହିଁ ତା ମୂଲ ।
କଂସା ପିତଳ ଲୁହା ହାଠ ମାଟି,
ଯେ ଯାହା ଗଢ଼ିଛି ଯତନେ ମାଠି ।
ଅଖ୍ୟ ପାଟ ଫେଟା ବସ୍ତ୍ର ମାଲକୁ,
ପାଟି ଚକ ଦେଖ ଘିଅ ଗୁଡ଼କୁ ।
ଯେତେ ଦେଖିଲେ ନ ପୂରଇ ପେଟ,
ଜୀବ ଥାଉଁ ହେଲା ସ୍ୱରଗ ଭେଟ ।
ନମନ୍ତ୍ରଣ ହେଲେ ଗୁପ୍ତ ମହଲା
ରଜା ଜମିଦାର ବାବୁ ଅମଲା ।
ଓଡ଼ଲ ଦପୋଟ ପଣ୍ଡିତ କାଚ,
ଉଦ୍ୟାନ ବାହାରେ ସମସ୍ତେ ରଜ ।
ପ୍ରବେଶ ହୋଇଲେ ଗାଉଡ ଗାଉ,
ବସିବାକୁ ଥୁଅ ମଉଳ ଯାଉ ।
ପାଇବ ନନ୍ଦେଇ ଦକ୍ଷିଣୀ ନାଟ,
କେଳୁଣୀ ଲୁହିତ ବ୍ରାହ୍ମଣ ଭାଟ ।
ଛଦେଶ ପ୍ରକାର ଅଛପବାଜୀ,
ବଜାନ୍ତେବେ ଯହିଁ ବଶେଷ ରଜି ।
ଚାନ୍ଦାପାଣି ପିଇ ଚୁରଟ ଖିଅ,
ହାତେ ବସକୁଟ ସାହେବ ଠିଅ ।
ହଙ୍ଗା ମିଶି-ବାବା ଥାଳକ ଥାଳ
ଲୁଣ୍ଠୁଛନ୍ତି ବସି ରନ୍ଧ ସମ୍ପାନ ।
ପିଠା ପଣା କେତେ ଅଛି ସଜାଡ,
ମନ ହେବ ଖାଏଁ ପାଟିରୁ କାଢ଼ି ।
ବାବୁମାନେ ଯାଇଁ ତେଜସ ଭଚରେ
ଟଙ୍କା ଖଜା ମଣ୍ଡା ନୁଅ ହାତରେ ।

Digitized by srujanika@gmail.com

ଅନନ୍ତେ ଭୁଷିଲେ ଗୁପ୍ତ-ଦମ୍ପତି
ଯାଇଁ ଏକେ ଏକେ ସବୁର କତି ।
ମିଷ୍ଟ ଆଳାପରେ ମନ ମଜାଇ,
ଶୁଣିଲା ଜନର ଶୁଭ ଫୁଲଇ ।
ବଢ଼ିଥା ଓଡ଼ଲ ହରିବଲ୍ଲଭ
ଢଙ୍କାଳ ପୁଅର ଧର୍ମ ହୋଇବ ।
ଗଲାଣି ସେ ଦିନ ନ ପାଉ ଶୋଚ,
ମଙ୍ଗଳ କର୍ମରେ ବ୍ରାହ୍ମଣଭୋଜ ।
ଛନଦା ରଜାଙ୍କ ବାଳିମାନଙ୍କୁ,
ମିଠାଇ ଦିଆଏ ହାତରେ ଗୁଞ୍ଜୁ ।
ପଛରୁ ତ ଥିବ ଓଡ଼ିଆ ଭାତ,
ଓଡ଼ା ଭଜେଇଲା ମଜା ତହାର ।
"ଜଳା ବାରିଷ୍ଟର" ମଧୁସୂଦନ
ସାଜି ଦେଲେ ଘର ଇନ୍ଦ୍ରଭୁବନ ।
ସଭା ମଣ୍ଡାମଣ୍ଡି କେତେ ଠାଣିରେ,
ଲକ୍ଷ୍ମୀ ଯେନାଯେନ ସଣାପାଣିରେ ।
ସାହିତ୍ୟ ସଙ୍ଗୀତ ବାଜଣା ଛକ,
କଥକ ଗାୟକ ବାଦକ ବୃନ୍ଦ ।
ଆସିଲେ ସକଳ ବନ୍ଧୁ ବାନ୍ଧବ,
ରଜା ଜମିଦାର ବାବୁ ସାହେବ ।
ହସାଇ ରସାଇ ନାନା ପ୍ରକାରେ
ଯାହା ମନ ରଜି ଯେଉଁ କଥାରେ ।
ହାତେ ହାତେ ଦେଇ ଅତରଦାନୀ,
ସରୁ ପିତଳାସ ଗୋଲାପ-ପାଣି ।
ଭୁଞ୍ଜିବାକୁ କୋଳି ପୁର ମିଠାଇ,
ରଞ୍ଜିବାକୁ ପୁଣ ଯୋଡ଼ା ମିଶାଇ ।
ଗୁଞ୍ଜିବାକୁ ମୁଖେ ବିଲାତି ପିକା,
କେହି ପାନେ ଗୁଣ୍ଡି କେହି ବା ପିକା ।
ସମସ୍ତେ ଫେରଲେ ପଦରେ ରହି,
ପଥେ କଥା ଛଲେ ସଙ୍ଗୀନ କହି ।

କେହି କ ମାପ୍ଲୁକୁ ବୁଦ୍ଧିରେ ବଳେ,
ହାତ୍ର ଗ୍ରାର ଖଣ୍ଡ ମାଉଁସ ପଲେ ।
ଦଅ ହରିବୋଲ ହୁଲହୁଲିକ,
ଜଣାଣ କର ସେ ବନମାଳିକ ।
ଭାରତ ରଜାଙ୍କ ଆୟୁଷ ବଢୁ,
ଜଗର ମୁଣ୍ଡରେ ଚଡ଼କ ପଡୁ ।
ପାଳନ୍ତୁ ଆମ୍ଭଙ୍କୁ ସରଳ ମନେ,
ଉଜ୍ଜ୍ୱଳି ଭାରତ ଜୀବନେ ଧନେ ।
ଲକ୍ଷ୍ମୀ ସରସ୍ୱତୀ ଖେଳନ୍ତୁ ଦୋଳି,
ବାର ମାସେ ତେର ପରବ ବୋଲି ।
ତାଙ୍କ ଧର୍ମବଳ ହେଉ ଅମର,
ସତ୍ୟ ବୋଲିବାକୁ ହେବୁଁ ପାମର ।
ଉନ୍ନତ-ସରଭ ସବୁ ଦେଶରେ
ଧାଉଁଛି ପଡ଼ନ୍ତ ସୁଖ-ସାଗରେ ।
ଏକା ତ ଭାରତ ରହିଁ ବସିଛି,
ସାହସ ଉଦ୍ୟମ ପୋତ ଖୋଇଛି ।
ଧରମରେ ମାତ କରମ ଗଲା,
ରଜାଯୁଥ ଦାଣ୍ଡ ବାଉଁଶ ହେଲା ।
ଯେବେ ପାଞ୍ଚୁଅଛ ବଡ଼ ହେବାକୁ,
ଶିକ୍ଷା ପୁରୁ କର ଉଦ୍ୟୋଗକୁ ।
ଶିଖ ଗୁରୁ ପାହୁଁ କର୍ମ-ମନ୍ତ୍ରକ,
କର୍ମ ସିନା ମୂଳ ସବୁ ସୁଖର ।
ପୂର୍ବକାଳ ସୁଖ ଗୃହର ଖଡ଼ି,
ଆଜି ଭାତ କାହିଁ ଦିଶୁଛି ହାଡ଼ି ।
ଫଳଣା ପୋଥିରୁ ଅଳଣା କଥା
ଶୁଣିଲେ କ ଯିବ ମନରୁ ବ୍ୟଥା ?
ଧରମରେ ରହି କରମ କର,
ଭଙ୍ଗା ବୁଡ଼ିଗଲା ଆଣ୍ଟୁଲା ଧର ।
ଘଡ଼ ପାହି ଗଲା ପାଣି ବଢ଼ିବ,
ଗଣ୍ଡଅ ଶିଉଳି କିଏ ଖାଇବ !

ଶ୍ରୀ—

Digitized by srujanika@gmail.com

ଓଡ଼ିଆ ସାହିତ୍ୟ ସମ୍ବନ୍ଧରେ କେତୋଟି କଥା ।

(ଅଧୁନାତନ ଓ ପୂର୍ବତନ)

ଅଧୁନାତନ ଓଡ଼ିଆ ସାହିତ୍ୟକୁ ପର୍ଯ୍ୟାଲୋଚନା କରି ଦେଖିଲେ ଜଣାଯାଏ ଯେ ତାହାର ଶରୀରର ସର୍ବାଂଶରେ ବିଦେଶୀୟ ବା ଭିନ୍ନ ଭିନ୍ନ ସାହିତ୍ୟର ସତେଜ ଶୋଣିତ ସଞ୍ଚାଳିତ ହେଉଅଛି । ଅଧିକନ୍ତୁ ଯେଉଁମାନେ ଶିକ୍ଷିତ, ସେମାନେ ବିଲାତି ସାହିତ୍ୟର ବେଶଭୂଷାରେ ଓ ପ୍ରାଣରେ ଉତ୍କଳ ସାହିତ୍ୟର ପୁଷ୍ଟିସାଧନର ପ୍ରୟାସୀ ଏବଂ ଯେଉଁମାନେ ଇଂରାଜୀଭାଷାନଭିଜ୍ଞ, ସେମାନେ ପ୍ରଥମତଃ ବଙ୍ଗଳା ସାହିତ୍ୟର ଅନୁସରଣ କରିଥାନ୍ତି । ବଙ୍ଗଳା ସାହିତ୍ୟ ମଧ୍ୟ ବିଲାତି ସାହିତ୍ୟର ସତେଜ ଶୋଣିତରେ ବଳୀୟାନ୍ । ସୁତରାଂ ହୋଇ ଯାଇ ପାରେ ଯେ ଅଧୁନାତନ ଉତ୍କଳ ସାହିତ୍ୟ ବିଲାତି ସାହିତ୍ୟର ସତେଜ ଶୋଣିତରେ ପୁଷ୍ଟ ହେଉଅଛି । ଏହି ବିଦେଶୀୟ ସାହିତ୍ୟର ରକ୍ତରେ ଓଡ଼ିଆ ସାହିତ୍ୟର ଭାଷା ଓ ଭାବ ଏକ ନୂତନ ରୂପ, ଏକ ଅଭିନବ ଅବୟବ ଧାରଣ କରୁଅଛି । ସେ ରୂପକୁ କୁରୂପ କହନ୍ତୁ ନାହିଁ । ତାହାର ଅବୟବ ଓ ପ୍ରାଣର ଲାବଣ୍ୟ କାନ୍ତି ନିଷ୍ପ୍ରଭ ଅଛି । ନିପୁଣ ଲେଖକଙ୍କ ହସ୍ତରେ ସେପରି ବିଲାତିଭାବଭୂଷିତା, ବିଲାତିଭଙ୍ଗିମାସମନ୍ୱିତା, ଓଡ଼ିଆ ସାହିତ୍ୟ ରଚନା ଶ୍ରୀସମ୍ପନ୍ନ ତଥା ଶକ୍ତିସମ୍ପନ୍ନ; ଏବଂ ସେଥିରେ ସ୍ୱାଭାବିକତାର ତାଦୃଶ ଅଭାବ ଦୃଷ୍ଟ ହୁଏ ନାହିଁ । ଯେହେତୁ, ସେମାନେ ରକ୍ତରେ ରକ୍ତ ମିଶାଇ ଏକ ନୂତନ ପୁଷ୍ଟିକର ରକ୍ତ ପ୍ରସ୍ତୁତ କରି ପାରନ୍ତି; କିନ୍ତୁ ଦେଶରେ ଲିପି-ଅକୁଶଳ ଲେଖକଙ୍କ ସଂଖ୍ୟା ସେ ଶ୍ରେଣୀର ଲେଖକଙ୍କ ସଂଖ୍ୟାଠାରୁ ଅଧିକ । ସେମାନଙ୍କର ରଚନା ସର୍ବତ୍ର ବିଭୀଷିକା ବିଶେଷ ନୋହିଲେହେଁ, ଏକ ବିଷଦୃଶ ଅବୋଧ ମୂର୍ତ୍ତିରେ ପ୍ରତିଭାତ ହୁଏ । ସମସ୍ତ ସମୟରେ ଅନୁସରଣ, ଅନୁକରଣ କରୁ କରୁ ହନୁକରଣ ମଧ୍ୟ ହୋଇ ଥାଏ । ସାଧାରଣତଃ ସେମାନେ ରକ୍ତରେ ରକ୍ତ ମିଶାଇବାକୁ ଅକ୍ଷମ । ନିପୁଣ ଲେଖକଙ୍କ ହସ୍ତରେ ଏକ ଭାଷା ଅପର ସାହିତ୍ୟ ସହ ସବଳ ବିବାହଦ୍ୱାରା କୁଳପାବନ ପୁତ୍ର ଜନ୍ମ କରେ ଏବଂ ଅକ୍ଷମ ଓ ଅନଭିଜ୍ଞ ଲେଖକଙ୍କ ହସ୍ତରେ ବ୍ୟଭିଚାରିଣୀ ହୋଇ ଜାରଜ ପୁତ୍ର ଜନ୍ମ କରେ । ଉତ୍କଳରେ ଏହି ଦୁଇ ଶ୍ରେଣୀର ଲେଖକ ମଧ୍ୟ ଅଛନ୍ତି । ସୁତରାଂ ବୋଲାଯାଇ ପାରେ ଯେ ଓଡ଼ିଆ ଭାଷା ନିପୁଣ ଲେଖକଙ୍କଦ୍ୱାରା ଯେପରି ଜୀବନମୟୀ ଓ ଜ୍ୟୋତିର୍ମୟୀ ହେଉଅଛି, ଅକ୍ଷମ ଲୋକଙ୍କଦ୍ୱାରା ସେହିପରି ଜାରଜ ସଂଖ୍ୟା ବଢ଼ାଉଅଛି, କିନ୍ତୁ ଏ ଦଉଁଟିଯାଉ ଏକ ପ୍ରକାର ଅନିବାର୍ଯ୍ୟ । ଏକ ପକ୍ଷରେ ବିଭିନ୍ନ ସାହିତ୍ୟର ସମ୍ମିଶ୍ରଣରେ ଓଡ଼ିଆ ଭାଷାର ଏକ ପ୍ରକୃତରେ ମୌଳିକତା ଉତ୍ପନ୍ନ ହେଉଅଛି, ଅପର ପକ୍ଷରେ ତାହାର ଅସ୍ମୌଳିକତା କ୍ରମଶଃ ଧ୍ୱଂସପ୍ରାପ୍ତ ହେଉଅଛି । ଏହା ଯେ ତାହାର ଅଧୋଗତିର ନିଦାନ, ଏପରି ବିଶ୍ୱାସ କରିବା ଅନୁଚିତ, ବରଂ ତାହାର ସର୍ବବିଧ ଉନ୍ନତିର ନିଦର୍ଶନ ବୋଲି ସ୍ୱୀକାର କଲେ ଅସଙ୍ଗତ ହେବ ନାହିଁ ।

ଉପର୍ଯ୍ୟୁକ୍ତ ଅଭିନବ ଓଡ଼ିଆ ସାହିତ୍ୟର ଅଭ୍ୟୁଦୟରେ ପୂର୍ବତନ ଓଡ଼ିଆ ଭାଷା ଶିକ୍ଷିତ ସାହିତ୍ୟକ୍ଷେତ୍ରରୁ ଏକ ପ୍ରକାର ବିଦାୟ ନେଇ ଅଛି । ଆଜି ବୈଦେହୀଶବିଳାସ, ରସକଲ୍ଲୋଳ, ବିଦଗ୍ଧଚିନ୍ତାମଣି ପ୍ରଭୃତି ଯେଉଁ କେତେ ଖଣ୍ଡି ପୋଥିପତ୍ର ଶିକ୍ଷିତ ସମ୍ପ୍ରଦାୟରେ ବର୍ତ୍ତମାନର ଭାଷା ସଙ୍ଗେ ପୂର୍ବ ଭାଷାର ସମାଲୋଚନାର ମଧ୍ୟବର୍ତ୍ତୀ ହୋଇଅଛି, ସେଥିରୁ ସହଜରେ ଅନୁମିତ ହେଉଅଛି ଯେ ପ୍ରାଚୀନ ଭାଷାର ମୌଳିକତା ଥିଲେହେଁ ତାହାର ରଚନା କ୍ଲିଷ୍ଟ, ଦୁଷ୍ଟକଳ୍ପନା-

Digitized by srujanika@gmail.com

ମୂର୍ତ୍ତି, ଶବର ଦୁର୍ଭେଦ୍ୟ ବଲ୍କଲରେ ଆବୃତ, କିନ୍ତୁ ଉତ୍କଳ ଲଲନାଙ୍କ ମଧ୍ୟରେ,— ଲଜ୍ଜାବନତା ରମଣୀଗଣଙ୍କ ଅବଗୁଣ୍ଠନ ଟେଲି ଯେଉଁ ସରଳ ସ୍ୱଚ୍ଛ ସହଜ ସୁବୋଧ ପ୍ରାଚୀନ ଛନ୍ଦୋବୈଶିଷ୍ଟ୍ୟ କବିତାମାନ ଦୃଷ୍ଟ ହୁଏ, ତାହାହିଁ ତାହାର ସୌମ୍ୟ ମୂର୍ତ୍ତିର ଏକ ସ୍ୱଳ୍ପ ପ୍ରମାଣ । ମାତ୍ର ତାହା କ୍ରମେ କ୍ରମେ ବିଲୁପ୍ତ ହେଉଅଛି । ଶିକ୍ଷିତ ସମ୍ପ୍ରଦାୟ ତାହାର ଚର୍ଚ୍ଚା ଲାଗି ତେତେ ଆଗ୍ରହବାନ୍ ନୁହନ୍ତି । ଆଧୁନିକ ସାହିତ୍ୟ ପ୍ରାଚୀନ ଭାଷାର ପରିଚ୍ଛଦରେ ଭୂଷିତ ହେଲେ ତାହାର ଗୌରବ, ଶକ୍ତି, ସୌନ୍ଦର୍ଯ୍ୟ ଅବଶ୍ୟ ଅଧିକ ପ୍ରୀତିକର ହେବ, ସନ୍ଦେହ ନାହିଁ । ମାତ୍ର ତାହା କରୁଛି କିଏ ? ସାହିତ୍ୟରସିକ ଶ୍ରୀଯୁକ୍ତ ନନ୍ଦକିଶୋର ବାବୁଙ୍କ ଚମ୍ପୂ ବେଳେ ବେଳେ ପଛକୁ ଫେରୁଥିଲା । ଆଜି କାଲି କେଉଁ ଆଡ଼କୁ ଫେରୁଛି, କହି ପାରୁଁ ନାହିଁ । ସୁତରାଂ ବର୍ତ୍ତମାନର ଓଡ଼ିଆ ସାହିତ୍ୟ ପ୍ରାଚୀନର ସୀମା ଲଙ୍ଘନ କରି ପ୍ରାଚୀନର ବେଶଭୂଷା ଅତୀତକୁ ଅର୍ପଣ କରି ବର୍ତ୍ତମାନ ଯୁଗରେ ଏକ ଅଭିନବ ମୂର୍ତ୍ତି ଧାରଣ କରିଅଛି । ଏହି ଅଭିନବ ଆକୃତିରେ ଓଡ଼ିଆ ସାହିତ୍ୟ ବର୍ତ୍ତମାନ ସମୟୋପଯୋଗୀ ଗୁଣଶାଳୀ ଏଥିରେ ସନ୍ଦେହ ନାହିଁ । ଏହାର ସର୍ବଶେଷ ଓ ସର୍ବଶ୍ରେଷ୍ଠ ଗୁଣ ଏହି ଯେ ଏହା ସାମର୍ଥ୍ୟରେ ପୂର୍ଣ୍ଣରୂପେ ବର୍ତ୍ତମାନ ସମୟୋପଯୋଗୀ ହେଉଅଛି ।

କିନ୍ତୁ, ଲାଳିତ୍ୟ, କୋମଳତା, ଲାବଣ୍ୟରେ ଏବଂ କରୁଣ, ଶାନ୍ତ ପ୍ରଭୃତି ଗୁଣରେ ଆଧୁନିକ ସୁଲେଖକଙ୍କ ରଚନା ଶୀର୍ଷସ୍ଥାନୀୟ ହେଲେହେଁ ଅତି ଅଳ୍ପ ସ୍ଥାନରେ ତାହା ଆଦୃତ ହୁଏ । କାରଣ, ଓଡ଼ିଶାର ପ୍ରାୟ ପନରପଣ ଲୋକ ଆଧୁନିକ ପ୍ରଣାଳୀ ଅନୁସାରେ ଅଶିକ୍ଷିତ । ସେମାନଙ୍କ ମଧ୍ୟରେ ପ୍ରାଚୀନ ସାହିତ୍ୟର ଆଦର ଖୁବ୍ ବେଶି; ମାତ୍ର ଆଧୁନିକ ସାହିତ୍ୟଭଣ୍ଡାରର ଅମୂଲ୍ୟ ରତ୍ନ,—ରତି-ପ୍ରାଣେ ଦେବାବତାରଣ, ଛନ୍ଦମାଳା, ମହାଯାତ୍ରା, ନିର୍ଝରିଣୀ, ଏ ସୃଷ୍ଟି ଅମୃତମୟ ପ୍ରଭୃତି ପଦ୍ୟ ଓ ପଦ୍ୟଗ୍ରନ୍ଥ ଏବଂ ପ୍ରବନ୍ଧମାଳା, ବିବିଧପ୍ରବନ୍ଧ ଏହି ଦୁଇଟି ପଦ୍ୟଗ୍ରନ୍ଥ ସେମାନଙ୍କ ନିକଟରେ କିମ୍ଭୂତ କିମାକାର ! ଯେହେତୁ, ଆଧୁନିକ ସାହିତ୍ୟର ସ୍ରୋତ ସେମାନଙ୍କ ଚିନ୍ତା-ସ୍ରୋତକୁ ଅଦୌ ସ୍ପର୍ଶ କରି ନାହିଁ, ସାଧାରଣଙ୍କ ଚିନ୍ତାର ଗତି ଯେଉଁ ଦିଗରେ, ଆଧୁନିକ ସାହିତ୍ୟର ଗତି ତାହାର ଠିକ ବିପରୀତ ଦିଗରେ ! ଏଥିପାଇଁ ଯେ ସାହିତ୍ୟର ସ୍ରୋତ ଫେରାଇବାକୁ ହେବ, ଏହା କୁହାଯାଇ ନ ପାରେ । ତେବେ, ସାହିତ୍ୟକୁ ସାଧାରଣବୋଧଯୋଗ୍ୟ କରିବା ଏକାନ୍ତ ଆବଶ୍ୟକ । ସେ ଶ୍ରେଣୀରେ ସଙ୍ଗୀତର ଚର୍ଚ୍ଚା ବେଶି; ନୂତନ ସାହିତ୍ୟର ସୁଲେଖକ ମହୋଦୟମାନେ ସେମାନଙ୍କ ଚିନ୍ତାର ଗତି ଅନୁସରଣ କରି ସେମାନଙ୍କ ଚିନ୍ତା ଓ ସେମାନଙ୍କ ଶକ୍ତିକୁ ବର୍ତ୍ତମାନ ସାହିତ୍ୟକ୍ଷେତ୍ରରେ ପ୍ରବେଶ କରାଇବାର ପ୍ରଥମ ଦ୍ୱାରମାନ ଉଦ୍ଘାଟନ କଲେ ଅବଶ୍ୟ ସୁଫଳ ହୁଅନ୍ତା ଏବଂ ତାହା ହେଲେ ବର୍ତ୍ତମାନର ଅଭିନବ ସାହିତ୍ୟ କ୍ରମେ କ୍ରମେ ସର୍ବଜନସମାଦୃତ ହୋଇ ପୁଷ୍ଟ ଏବଂ ବଳିଷ୍ଠ ହୁଅନ୍ତା । ଓଡ଼ିଆ ସାହିତ୍ୟର ଅଧିକାର ଅତି ସଙ୍କୀର୍ଣ୍ଣ ସ୍ଥାନରେ ଆବଦ୍ଧ । ଏଥିରେ ଯେବେ ତାହାର ସ୍ରୋତ ଉଣାଅଧିକ ଘରେ ଘରେ ପ୍ରବାହିତ ନୋହିବ, ତେବେ ତାହା ପୁଷ୍ଟ ହେବ କେଉଁ ?

କିନ୍ତୁ, ନୂତନ ସାହିତ୍ୟାନୁସାରିଣୀ ରଚନାର ପ୍ରଧାନ ଦୋଷ—ତାହାର ଦୁର୍ବୋଧତା; ଶିକ୍ଷିତ ଛଡ଼ା ଅନ୍ୟ କେହି ତାହା ବୁଝି ପାରିବେ ନାହିଁ । ସମସ୍ତ ସମୟରେ ସେମାନେ ସୁଦ୍ଧା ସହଜରେ ସାରୋଦ୍ଧାର କରିପାରନ୍ତି ନାହିଁ । ଏ ଦୁର୍ବୋଧତାକୁ ଦୁଇଟି ଶ୍ରେଣୀରେ ବିଭାଗ କରାଯାଇ ପାରେ;—ଲିପି-ଅକୁଶଳତାଜନିତ ଦୁର୍ବୋଧତା ଓ ଗାମ୍ଭୀର୍ଯ୍ୟସମ୍ଭୂତ ଭାବ-ମାଧୁରୀସ୍ନିଗ୍ଧ ଦୁର୍ବୋଧତା । ଭାଷାର ଅସରଳତା ହେତୁ ପ୍ରଥମ ଶ୍ରେଣୀର ଦୁର୍ବୋଧ୍ୟତା । ଏପରି ରଚନାରେ ମୌଳିକତା ତେତେ ନ ଥାଏ । ପ୍ରାଚୀନ ସାହିତ୍ୟର ଭାଷା

Digitized by srujanika@gmail.com

ଦୁର୍ଭେଦ୍ୟ କଳ୍ପନାରେ ଆବୃତ ହେଲେହେଁ ତାହାର ମୌଳିକତା ଅକ୍ଷୁଣ୍ଣ ଥିଲା । ଏହି ଶ୍ରେଣୀର ସାହିତ୍ୟ-ରସିକମାନେ ସରଳ ଭାଷାରେ ମନୋଗତ ଭାବ ପ୍ରକାଶ କରିବାପାଇଁ ଯତ୍ନବାନ୍ ହେଉଅଛନ୍ତି । କାହାର କାହାର ସରଳ ସୁବୋଧ ହେଉଅଛି; କାହାର କାହାର ଅବା ଅଳ୍ପାଧିକ ଅସରଳ ହେଉଅଛି । କିନ୍ତୁ ସରଳ ଭାଷାରେ ପ୍ରକାଶ କରିବାର ଇଚ୍ଛା ଓ ଯତ୍ନ ସମସ୍ତଙ୍କର ଅଛି । ତଥାପି ଆଧୁନିକ ରଚନା ଗଦ୍ୟ ହେଉ ବା ପଦ୍ୟ ହେଉ, ସେଥିରେ କିଛି ହେଲେ ଦୁର୍ବୋଧତା ଅଛି ବୋଲି ଅନେକେ ଖେଦ କରିଥାନ୍ତି । କିନ୍ତୁ ଗୋଟିଏ କଥା ମନେ ରଖିବା ଉଚିତ ଯେ ପାଠକଙ୍କର ବୋଧଶକ୍ତି ଓ ଶିକ୍ଷାର ପରିମାଣ ଉପରେ ଏବଂ ଲିଖିତ ବିଷୟର ଗୁରୁତ୍ୱ ଓ ଲଘୁତ୍ୱ ଉପରେ ଦୁର୍ବୋଧତା ଓ ସହଜବୋଧତା ନିର୍ଭର କରେ । ମୋର ଯାହା ଅବୋଧ, ଯଦି ଆପଣମାନଙ୍କର ତାହା ସୁବୋଧ୍ୟ ହୁଏ, ତେବେ ରଚନାକୁ ଅବୋଧ ନ କହି ମୋତେ ଅବୋଧ କହିବା ଉଚିତ । କେଉଁ ରଚନା ଏତେ ସରଳ ତରଳ ଯେ ତୁଣ୍ଡରେ ଧରିଲାକ୍ଷଣି କନପଣା ପରି ହୃଦରସାତ୍ ହୋଇ ଯିବ ? ପକ୍ଷାନ୍ତରେ, ଏପରି ରଚନା ଅଛି ଯେ ଯାହାର ଭାଷା ଅତି ସରଳ, ପଢ଼ିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ଶବ୍ଦର ଅର୍ଥ ବୋଧ ହେଉଥାଏ । କିନ୍ତୁ ବହୁ ଐକାନ୍ତିକ ଚେଷ୍ଟା ବିନା ତାହାର ସାରଗ୍ରାହ କର ହୁଏ ନାହିଁ । ବର୍ତ୍ତମାନ କାଳର ଗମ୍ଭୀର ପ୍ରକୃତିର ରଚନା ଏହି ଶ୍ରେଣୀର ଦୁର୍ବୋଧ । ଏହି ପ୍ରକୃତିର ରଚନା ଶିକ୍ଷିତ ଲୋକମାନଙ୍କର ଅଳ୍ପାଧିକ ପରିମାଣରେ ଦୁର୍ବୋଧ ହେଲେହେଁ ଏହା ସର୍ବଥା ପ୍ରୟୋଜନୀୟ । ପ୍ରଭୁଙ୍କ ଇଚ୍ଛାରେ ଏହି ଶ୍ରେଣୀର ରଚୟିତାମାନଙ୍କ ଯତ୍ନରେ ଶିଶୁବୋଧ ସହଜପାଠ ଓ ସାଧାରଣୋପଯୋଗୀ ସଙ୍ଗୀତ ଘରେ ଘରେ ଉଚ୍ଛ୍ୱସିତ ହୋଇ ପାରିବ । ଯେଉଁମାନେ ଉତ୍କଳର ଭକ୍ତ କବି ମହୋଦୟଙ୍କ ଗ୍ରନ୍ଥମାନଠାରୁ ଏ ସୃଷ୍ଟି ଅମୃତ-ମୟ ହେ ପ୍ରଣୀତ ପଦ୍ୟ-କୁସୁମର ସୌରଭ ପ୍ରାପ୍ତ ହୋଇଅଛନ୍ତି ସେମାନଙ୍କର ଏଥିରେ ସନ୍ଦେହ ହେବ ନାହିଁ, ଏହା ମୋର ସମ୍ପୂର୍ଣ୍ଣ ବିଶ୍ୱାସ । ସେ ଯାହା ହେଉ ଏହା ନିଶ୍ଚିତ କଥା ଯେ; ସୁଲେଖକଦ୍ୱାରା ଯାହା ନ୍ୟାୟସଙ୍ଗତଭାରେ ଲିଖିତ, ତାହା ଆୟତ୍ତ କରିବା ନିମନ୍ତେ ନିଜ ନିଜ ଶକ୍ତି ଅନୁସାରେ ଚେଷ୍ଟାର ପ୍ରୟୋଜନ ।

ତଥାପି ରଚନା ଯେ ପ୍ରକୃତିର ହେଉ, ବିଷୟର ଆକାଂକ୍ଷା ଓ ରୁଚିର ବୈଚିତ୍ର୍ୟ-ଭେଦରେ ଗୁରୁ ହେଉ ବା ଲଘୁ ହେଉ, କଠିନ ବା ସୁକୋମଳ ହେଉ, ଶୁଷ୍କ ବା ସୁଲଳିତ ହେଉ, ଯାହା ହେଉ ପଛକେ, ପ୍ରାଞ୍ଜଳତା ସର୍ବତୋଭାବରେ ପ୍ରୟୋଜନୀୟ । ଯାହା ଅପ୍ରାଞ୍ଜଳ ବା ଅସ୍ପଷ୍ଟ ଓ ପୂର୍ବାପରସମ୍ବନ୍ଧଚ୍ୟୁତ, ତାହା କେବଳ ବାକ୍ୟଯୋଜନା ମାତ୍ର । ଏ ପ୍ରକୃତିର ରଚନା ଉତ୍କଳରେ ପ୍ରୟୋଜନାତିରିକ୍ତ ହୋଇଅଛି ।

ଓଡ଼ିଆ ସାହିତ୍ୟର ଯାହା ଅଭାବ ତାହାର ପୂରଣ ସୃଷ୍ଟି ଲାଗି, କଲ୍ୟାଣ ଉଦ୍ଦେଶ୍ୟରେ ଅଗତ୍ୟା ସଂସ୍କୃତର ଓ ଅପରାପର ଉନ୍ନତ ସାହିତ୍ୟର ଅନୁସରଣ କରିବାକୁ ହୁଏ, ତାହାର ଆଶ୍ରୟ ଓ ସାହାଯ୍ୟ ଗ୍ରହଣ କରିବାକୁ ହୁଏ । ଏହା ପ୍ରଶଂସନୀୟ, କିନ୍ତୁ ତାହାକୁ ଓଡ଼ିଆର ଆକୃତି ଗଠ ଓ ପ୍ରକୃତି ସଙ୍ଗେ ସମନ୍ୱିତ କରି ଗ୍ରହଣ କରିବା କର୍ତ୍ତବ୍ୟ । ଗୁରୁବିଷୟକ ସାହିତ୍ୟ, ଦାର୍ଶନିକ ବା ବୈଜ୍ଞାନିକ ତତ୍ତ୍ୱ, ଜଟିଳ ଓ କଠିନ ବିଷୟର ବିଚାର ବିଶ୍ଳେଷଣ ପ୍ରବନ୍ଧ ପ୍ରଭୃତି ଯାହା କେବଳ ଶିକ୍ଷିତ ସମାଜ ଉଦ୍ଦେଶ୍ୟରେ ଲିଖିତ ହୁଏ, ତାହାର ଆବଶ୍ୟକତା ଓ ଆକାଂକ୍ଷା ଅନୁରୂପ ଶବ୍ଦ ନିମନ୍ତେ, ସଂକ୍ଷିପ୍ତତା ନିମନ୍ତେ ବା ଶିଳ୍ପ-ଶୃଙ୍ଖଳା ନିମନ୍ତେ, ସମାସ-ସନ୍ଧିର ମଣ୍ଡନ ବା ସ୍ୱକୀୟ ଅନ୍ୟ କୌଣସି ପଥ ଅବଲମ୍ବନଦ୍ୱାରା ରଚନା ଯେବେ ଅଶିକ୍ଷିତ ସମାଜର ଅବୋଧ ହୁଏ ଏବଂ ଶିକ୍ଷିତ ସମାଜର ସୁଖବୋଧ୍ୟ ହୁଏ, ସେଥିପାଇଁ କୌଣସି ଉପାୟ ନାହିଁ । ଏପରି

Digitized by srujanika@gmail.com

ସ୍ଥଳମାନଙ୍କରେ କେବଳ ପ୍ରାଚୀନତା ପ୍ରତି ସମ୍ମାନ ଦୃଷ୍ଟି ରଖିବା ଉଚିତ । ବର୍ତ୍ତମାନର ସାହିତ୍ୟ ବ୍ୟାକରଣର ସୀମାରେ ଆବଦ୍ଧ ନାହିଁ । ବ୍ୟାକରଣର ନିର୍ଦ୍ଦିଷ୍ଟ 'ଲାଇନ' ଅତିକ୍ରମ କରି ତାହାର ସ୍ରୋତ ସମୃଦ୍ଧି-ଭୂମି ଅଭିମୁଖରେ ପ୍ରବାହିତ । ଏହାର ପ୍ରତିରୋଧରେ ଅମଙ୍ଗଳ ବ୍ୟତୀତ ମଙ୍ଗଳ ନାହିଁ, ଅବନତି ବ୍ୟତୀତ ଉନ୍ନତି ନାହିଁ । ଏହା ମଧ୍ୟ ଏକ ନୂତନ ପରିବର୍ତ୍ତନ । ଏହି ପରିବର୍ତ୍ତନ-ସ୍ରୋତରେ କେତେ ଦେଶର କେତେ ମୂଲ୍ୟବାନ୍ ପଦାର୍ଥ ଭାସି ଚାଲି ଯାଇଅଛି ଓ ଯାଉଅଛି ।

ଆଧୁନିକ ଓଡ଼ିଆ ସାହିତ୍ୟର ଅନେକାନେକ ଉପକରଣ ନୂତନ ହେଲେହେଁ କାବ୍ୟ କବିତା ନୂତନ ନୁହେ । ଯଥାର୍ଥରେ କେବଳ କାବ୍ୟ-କବିତାହିଁ ଓଡ଼ିଶାର ସାହିତ୍ୟ ଥିଲା । ପୂର୍ବେ କେବଳ କାବ୍ୟକବିତାହିଁ ସମସ୍ତ ସାହିତ୍ୟ ନାମରେ ଅଭିହିତ ହେଉଥିଲା । ତାହା ଦୁର୍ବୋଧ ହେଲେହେଁ ଦେଶୀୟ ଭକ୍ତର ମୌଳିକତା ପ୍ରତ୍ୟେକ ବ୍ୟକ୍ତିର ଧମନୀରେ ଝଲକି ଉଠୁଥିଲା । ବର୍ତ୍ତମାନ ସେପରି ମିଶାମିଶି ହୋଇ ଯିବାରୁ ଖାଣ୍ଟି ସମାଜରେ ପ୍ରବେଶ କରି ପାରୁ ନାହିଁ । ବାସ୍ତବରେ ଇତର ସାଧାରଣରେ କାବ୍ୟ-କବିତା ବିତରଣ ଓ ସେମାନଙ୍କଦ୍ୱାରା କାବ୍ୟରସାସ୍ୱାଦହିଁ ପ୍ରକୃତ ଉନ୍ନତି । ତାହାହିଁ ଜାତୀୟ ସାହିତ୍ୟର ସରବାନ୍ ପ୍ରସାର ଏବଂ ଜାତୀୟ ଜୀବନର ଯଥାର୍ଥ ମୂର୍ତ୍ତି । କାବ୍ୟ କବିତାହିଁ ଇତର ସାଧାରଣ ମଧ୍ୟରେ ଜ୍ଞାନ ପ୍ରେମ ଓ ପ୍ରାଣ ସଞ୍ଚାର କରେ ।

ଆଧୁନିକ ଉତ୍କଳୀୟ ଲୋକଙ୍କର କାବ୍ୟ ପ୍ରତି ସେତେ ଆସ୍ଥା ନାହିଁ । ସେମାନେ କାବ୍ୟରେ ସଂପ୍ରୀତ ନୁହନ୍ତି । ବିଶେଷତଃ ଓଡ଼ିଆ ସାହିତ୍ୟର କାବ୍ୟ-ପ୍ରୀତି ସେମାନଙ୍କଠାରେ ଅତି ଅଳ୍ପ । ପୂର୍ବେ ଉତ୍କଳୀୟ ଲୋକଙ୍କର କାବ୍ୟ-ପ୍ରୀତି ବର୍ତ୍ତମାନ ଅପେକ୍ଷା ବେଶି ଥିଲା । ଏହା ସମସ୍ତେ ଜାଣନ୍ତି । ବର୍ତ୍ତମାନ କମି ଯିବାର କାରଣ ଅନେକ ଅଛି । ସେ ସମସ୍ତ ମଧ୍ୟରେ ଗୋଟିଏ ପ୍ରଧାନ କାରଣ ଏହି ଯେ କାବ୍ୟରସାସ୍ୱାଦ-ପଥ ଦୁର୍ଗମ ହୋଇଅଛି । ଏହି କାରଣରୁ କାବ୍ୟ ସେତେ ଆଦରଣୀୟ ହେଉ ନାହିଁ । ଯାହାର ସ୍ୱାଦ ନ ମିଳିଲା, ତାହାର ଆଦର କମି ଯିବା ବିଚିତ୍ର ନୁହେ । ପୁଣି ଅଂଶିକ୍ଷିତ ସମ୍ପ୍ରଦାୟ ପ୍ରାଚୀନ-କାବ୍ୟ-ଶାସ୍ତ୍ରର ପକ୍ଷପାତୀ ହେଲେହେଁ ବ୍ୟବହାରର ନ୍ୟୂନତା ଯୋଗୁଁ ସେମାନେ ସେଥିରୁ ରହିତ ହେଲା ପରି । କେବଳ ମୋହ ଦେଇ ଥାନ୍ତି ମାତ୍ର । ପୂର୍ବେ ବୋଲା ଯାଇଅଛି ଯେ ବର୍ତ୍ତମାନ ସାହିତ୍ୟର ଭାବ ସେମାନଙ୍କ ଚିତ୍ତକୁ ସ୍ପର୍ଶ କରେ ନାହିଁ । ଏଣୁ ବର୍ତ୍ତମାନ କାଳର କାବ୍ୟସାହିତ୍ୟ ବା ପଦ୍ୟାଦି ଏକ ଅତ୍ରେ ସ୍ୱକାର୍ଯ୍ୟ ସାଧନରେ ନିଷ୍ଫଳ । ଅନ୍ୟ ଅତ୍ରେ ସମ୍ପୂର୍ଣ୍ଣ ସଫଳ ନୁହେ । କିନ୍ତୁ କାବ୍ୟରସାସ୍ୱାଦ ସହଜ ସୁପ୍ରାପ୍ୟ ଏବଂ ସାଧାରଣବୋଧ୍ୟ ହେଲେ ଉଭୟ ଅତ୍ରେ ସାହିତ୍ୟର ଉନ୍ନତି ହୋଇପାରେ ।

ଶ୍ରୀ ଦୈତ୍ୟାରି କର ।

ଅବଲୋକନ ବା ଫଟୋଗ୍ରାଫି । (୧)

ସାଧାରଣ ଅନୁକାର୍ଯ୍ୟତାର କାରଣ ।

ଜଳ-ସ୍ରୋତ ଯେଉଁ ସ୍ଥାନରେ ପ୍ରତିହତ ହୁଏ ତାହାର ବେଗର ଆଧିକ୍ୟ ମଧ୍ୟ ସେହି ସ୍ଥାନରେ ଲକ୍ଷିତ ହୁଏ । ମନୁଷ୍ୟ ସ୍ୱ-ଅନୁଷ୍ଠିତ କାର୍ଯ୍ୟରେ ଯେଉଁ ସ୍ଥାନରେ ବିଘ୍ନର ସମ୍ମୁଖୀନ ହୁଏ ସେହି ସ୍ଥାନରେ ନିଜର ବଳାବଳ ଓ ଅଭାବ ବୁଝିପାରେ; ମଧ୍ୟ ଉତ୍ତମ ଶିକ୍ଷା ଲାଭ କରିଥାଏ । ଶିକ୍ଷାର୍ଥୀଙ୍କୁ ନାନାକାର୍ଯ୍ୟରେ ବହୁବାର ଠକିବାକୁ ହୋଇଥାଏ ସୁତରାଂ ନ ଠକିଲେ ଶିକ୍ଷାର ସମ୍ପୂର୍ଣ୍ଣତା ଲାଭ ହୁଏ ନାହିଁ । ବିଶେଷତଃ

Digitized by srujanika@gmail.com

ଫଟୋଗ୍ରାଫି କାର୍ଯ୍ୟରେ ସାବଧାନତା ଅବଲମ୍ବନ ନ କଲେ ଶିକ୍ଷାର୍ଥୀଙ୍କୁ ପଦେ ପଦେ ଠକିବାକୁ ହୁଏ, ଏଥିପାଇଁ ହତାଶ ନ ହୋଇ ଅଶେଷ ଯତ୍ନ ଓ ଉତ୍ସାହସହକାରେ କାର୍ଯ୍ୟ କଲେ କାଳେ ତାହା ସମ୍ପୂର୍ଣ୍ଣତାକୁ ଲଭେ । ଅଭ୍ୟାସ ଓ ଅଧ୍ୟବସାୟ ଏ ଶିଳ୍ପର ମୂଳଭିତ୍ତି ଅଟେ । ଶିକ୍ଷାର୍ଥୀଙ୍କର ସୁବିଧା ନିମିତ୍ତ ସାଧାରଣ ଅକୃତକାର୍ଯ୍ୟତାର କେତେକ କାରଣ ଓ ତହିଁର ପ୍ରତିକାର ଏସ୍ଥଳରେ ବର୍ଣ୍ଣିତ ହେଲା ।

ଲେନ୍‌ସର ଦୋଷ:—ଲେନ୍‌ସର ଦୋଷରୁ ଛବି ଖରାପ ହୋଇଯାଏ; ଛବିକୁ ଲେନ୍‌ସର ଅଧିଶ୍ରୟଣ ବିନ୍ଦୁରେ ନ ରଖିଲେ ନିଶ୍ଚୟ ତାହା ଖରାପ ହୋଇଯିବ, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ଲେନ୍‌ସ ଭିନ୍ନ ଭିନ୍ନ କାଚଦ୍ୱାରା ସଂଯୁକ୍ତ ହୋଇ ନ ଥିଲେ (Achromatic combination) ବର୍ଣ୍ଣବିଶ୍ଳେଷଣଦ୍ୱାରା ରଶ୍ମି ବିପଥଗାମୀ ହୋଇ (Chrcmatic aberration) ଛବି ନଷ୍ଟ କରିଦିଏ; କିମ୍ବା ବର୍ତ୍ତୁଳାକାର କାଚମଧ୍ୟ ଦେଇ ରଶ୍ମି ବିପଥଗାମୀ ହୋଇ (spherial aberration) ନ୍ୟୁବ୍ଜାକାରରେ ଛବି ପ୍ରତିଫଳିତ ହେବ, ଏଥିପାଇଁ ଅବରୋଧକ (Diaphragm) ବ୍ୟବହାର କରିବା ଅତୀବ ଆବଶ୍ୟକ ।

ଯନ୍ତ୍ରାଦି ଠିକର ଦୋଷ:—ଯନ୍ତ୍ରମଧ୍ୟରେ ଲେନ୍‌ସର ପଥ ଛଡ଼ା ଅନ୍ୟ କୌଣସି ଛିଦ୍ର ମଧ୍ୟଦେଇ ଆଲୋକ ପ୍ରବେଶ କଲେ ଛବି ନଷ୍ଟ ହୋଇଯାଏ । ଯନ୍ତ୍ରମଧ୍ୟରେ ଅତିରିକ୍ତ ଆଲୋକ ପ୍ରବିଷ୍ଟ ହେଉଅଛି କି ନା, ଏହା ପରୀକ୍ଷା କରିବାର ଗୋଟିଏ ସହଜ ଉପାୟ ଅଛି,—ଖଣ୍ଡିଏ କାଚକୁ (glass-plate) ଉତ୍ତମରୂପେ ପରିଷ୍କାର କରି ତହିଁରେ କଲୋଡିୟନ୍ ସ୍ତର ଲଗାଇ କଷ୍ଟିକ ଦ୍ରବରେ ବୁଡ଼ାଇବ, କାଚଫଳକଟି ଅନୁଭୂତିସାଧକ (sensitive) ହେଲା ଉତ୍ତାରେ ତାହାକୁ ସ୍ଲାଇଡ଼ ମଧ୍ୟରେ ଯଥାନିୟମରେ ବନ୍ଦ କରି ବାହାରକୁ ଖଣ୍ଡି କାମେରାରେ (Camera) ସଂଲଗ୍ନ କରିବ, (Dark slide) ସ୍ଲାଇଡ଼ର ପଟରକୁ ଟାଣି ଦେବ ଅର୍ଥାତ୍ ଛବି ନେବା ସମୟରେ ଯାହା କରିବା ଆବଶ୍ୟକ, ତଦ୍ରୂପ କରିବ । କେବଳ ଲେନ୍‌ସର ଢାଙ୍କୁଣୀଟି ଲଗାଇ ବନ୍ଦ କରି ଦେଇଥିବ । କେତେକ୍ଷଣ ଉତ୍ତାରେ ସ୍ଲାଇଡର ପଟରକୁ ପୁନର୍ବାର ବନ୍ଦ କରି କାମେରାଦେହରୁ ବାହାର କରି ନେଇ ଅନ୍ଧକାର ଗୃହମଧ୍ୟକୁ ନେବ ଏବଂ ପ୍ଲେଟକୁ ଯଥାନିୟମରେ ଡେଭଲପ (Develop) କଲେ ଦେଖାଯିବ ଯେ କାମେରା ମଧ୍ୟରେ ଅନ୍ୟ ପଥଦେଇ ଅତିରିକ୍ତ ଆଲୋକ ପ୍ରବେଶ କରୁଥିଲେ କାଚ ଦେହରେ ଧୂମବର୍ଣ୍ଣ ଦାଗ ଲକ୍ଷିତ ହେବ, ଆଲୋକ ପ୍ରବିଷ୍ଟ ନ ହେଉଥିଲେ କାଚ ଦାଗଶୂନ୍ୟ ଓ ପରିଷ୍କାର ଦେଖାଯିବ । କାମେରା (Camera) ମଧ୍ୟରେ ଯେପରି ଅତିରିକ୍ତ ଆଲୋକ ପ୍ରବେଶ ନ କରେ, ଛବି ନେବା ପୂର୍ବରୁ ତହିଁର ପ୍ରତିକାର କରିବା ଉଚିତ, ନୋହିଲେ ଛବି କୌଣସିରୂପେ ଭଲ ହେବ ନାହିଁ । ଏହା ବ୍ୟତୀତ ଅନ୍ୟ ଅନେକ ପ୍ରକାରେ କାଚରେ ଆଲୋକ ଲାଗିବାର ସମ୍ଭବ, ସେଥିପାଇଁ ପୂର୍ବରୁ ସାବଧାନ ହେବା ଉଚିତ ।

ଅନ୍ଧକାରଗୃହ ଓ ରୁବିଲଣ୍ଠନର ଦୋଷ;—ଅନ୍ଧକାରଗୃହର ଦୋଷ ଥିଲେ ଅନୁଭୂତିସାଧକ କାଚରେ (Sensitive plate) ଆଲୋକ ଲାଗିପାରେ, ସେଥିପାଇଁ ଯେଉଁ ଯେଉଁ ପଥ ଦେଇ ଅନ୍ଧକାରଗୃହରେ ଆଲୋକ ପ୍ରବେଶ କରିପାରେ, ତାହା ସବୁ ଉତ୍ତମରୂପେ ବନ୍ଦ କରିବା ଉଚିତ । ରୁବିଲଣ୍ଠନର ଦୋଷରୁ ମଧ୍ୟ ଛବି ନଷ୍ଟ ହୋଇଯାଏ । ଲଣ୍ଠନର କୌଣସି ସ୍ଥାନରେ ଛିଦ୍ର ଥିଲେ ସେହି ପଥ ଦେଇ ଶୁଭ୍ର ଆଲୋକ ବାହାରେ, ସେହି ଆଲୋକ ଅନୁଭୂତିସାଧକ କାଚରେ ଲାଗିଲେ କାଚ ନଷ୍ଟ ହୋଇଯାଏ । ଏଥିପାଇଁ ଅତି ସାବଧାନରେ କାର୍ଯ୍ୟ କରିବା ପୂର୍ବରୁ ଲଣ୍ଠନଟିକୁ ଉତ୍ତମରୂପେ ପରୀକ୍ଷା କରି ଦେଖିବା ଉଚିତ ।

Digitized by srujanika@gmail.com

କାର୍ଯ୍ୟପ୍ରଣାଳୀର ଦୋଷ;—ପ୍ରଥମତଃ ଅସାବଧାନତାବଶତଃ କାଚ ପରକଲାକୁ ପରିଷ୍କାର କଲେ କାଚରେ ଦାଗ ରହି ଯାଇପାରେ, ସେହି ଦାଗ ହେତୁ ଛବି ମଧ୍ୟ ନଷ୍ଟ ହୋଇଯାଏ । କାଚକୁ ପରିଷ୍କାର କରିବା ସମୟରେ କୌଣସି ଧାତବ ପଦାର୍ଥ ତହିଁରେ ରହିଗଲେ କଲୋଡିଅନ ସ୍ତର ହେଇ sensitive କରିବା ବେଳେ ରସାୟନିକ ପରିବର୍ତ୍ତନ ଘଟିଥାଏ, ଏହି ଦୋଷରୁ ଛବି ନଷ୍ଟ ହୋଇଯାଏ; ପୁନଶ୍ଚ କାଚଦେହରେ ବାଲି ରହି ଗଲେ ଛବିରେ ସୂଚୀ ଛିଦ୍ରପରି ଛିଦ୍ର ସବୁ (Pin-holes) ହୋଇଯାଏ; ମଧ୍ୟ କାଚଫଳକ ସମତଳ ନ ଥିଲେ ଛବି ମୁଦ୍ରଣ ସମୟରେ ଭାଙ୍ଗି ଯାଇଥାଏ, ଏଥିନିମନ୍ତେ କାର୍ଯ୍ୟ କରିବା ପୂର୍ବରୁ ବିଶେଷ ସାବଧାନ ହେବା ଉଚିତ ।

କାଚପରକଲା ଉପରେ କଲୋଡିଅନ୍ ଢାଳିବା ସମୟରେ ବିଶେଷ ସାବଧାନ ହେବା ଆବଶ୍ୟକ, କଲୋଡିଅନ ସ୍ତର ଲଗାଇବା ଦୋଷରୁ କାଚ ନଷ୍ଟ ହୋଇଯାଏ । କାଚରେ କଲୋଡିଅନ ସ୍ତର ସମାନଭାବରେ ନ ଲାଗି ତାହା ଉପର୍ଯ୍ୟୁପରି ଭାବରେ ଲାଗିଲେ ଛବି ନଷ୍ଟ ହୋଇଯାଏ । କଲୋଡିଅନ ଦୋଷରୁ ମଧ୍ୟ ଅନେକ ସମୟରେ ଛବି ନଷ୍ଟ ହେବାର ଦେଖାଯାଏ । ଏହାକୁ ବ୍ୟବହାର କରିବା ପୂର୍ବରୁ ପରୀକ୍ଷା କରି ଦେଖିବା ଉଚିତ । କଲୋଡିଅନ ସହିତ ଆୟୋଡିନ-ମିଶ୍ର ମିଶାଇ ସେହି ମୁହୂର୍ତ୍ତରେ ବ୍ୟବହାର ନ କରି କେତେ ଦିନ ପରେ ବ୍ୟବହାର କଲେ ଭଲ ହୁଏ । ସମସ୍ତ ସମୟରେ କଲୋଡିଅନ ସ୍ତର ଲଗାଇବା ମାତ୍ରକେ ଶୁଖିଗଲେ କୁଞ୍ଚିତ ହୋଇଯାଏ, ସେଥିନିମନ୍ତେ ତାହାସହିତ କେତେ ସୁରାସାର (alcohol) ମିଶାଇ ତରଳ କରିନେବା ଆବଶ୍ୟକ । ବେଶି କଲୋଡିଅନ ବ୍ୟବହାର କରିବା ଉଚିତ ନୁହେଁ । କଲୋଡିଅନ ବେଶି ଘନ ହୋଇଥିଲେ ତହିଁସହିତ ଆୟୋଡାଇଡ ଅବ୍ ଆମୋନିଆ ଏବଂ ଆୟୋଡାଇଡ ଅବ୍ ପଟାସ୍ ମିଶାଇବ; ପରେ କେତେ ସୁରାସାର ମିଶ୍ରିତ କରି ତରଳ କରିନେବ; ବେଶି ପରିମାଣରେ ସୁରାସାର ମିଶାଇବା ଉଚିତ ନୁହେଁ, ତହିଁରେ ଛବି ଉପରେ ଜାଲପରି ସୂକ୍ଷ୍ମ ଦାଗ ହୋଇପାରେ । କଲୋଡିଅନ ସହିତ ଜଳ ମିଶି ଥିଲେ କିମ୍ବା କଲୋଡିଅନ ସ୍ତର ଲଗାଇବା ମାତ୍ରକେ ନାଇଟ୍ରିକ ଦ୍ରବରେ ବୁଡ଼ାଇଲେ ଦ୍ରବଣୀୟ ପାଇରକ୍ସିଲାଇନ (guncotton) ଜମାଟ ହୋଇ ପରକଳାର ସ୍ଥାନେ ସ୍ଥାନେ ଏହିପରି ଦାଗ ହୋଇଯାଏ । ଉତ୍ତ ଶୋଧିତ ସୁରା (Rectified-spirit) ଦ୍ୱାରା ପ୍ରସ୍ତୁତ କଲୋଡିଅନ ବ୍ୟବହାର କଲେ ଅଲକୋହଲର ଆଧିକ୍ୟ ବଶତଃ ସ୍ତରର ନିମ୍ନଭାଗରେ ଈଷତ୍ ନୀଳାଭ ଦେଖାଯାଏ ଏବଂ ଏହା ଶୀଘ୍ର ଶୁଖିଯାଏ । ଏପରି ହେଲେ ଛବି ମନ୍ଦ ହୁଏ । କଲୋଡିଅନ ସହିତ ଅଧିକ ଆୟୋଡିନ ମିଶିଲେ ସ୍ତର ଉପରେ କଣ୍ଟକ ବିନ୍ଦୁ ବର୍ଣ୍ଣ ଲକ୍ଷିତ ହୁଏ, ଏପରି ହେଲେ ଛବି ଘର୍ଷଣମିଶ୍ରରୁ ବାହାରିବାପରେ କଣ୍ଟକ ଫିକା ହୋଇଯାଏ । କଲୋଡିଅନରେ ବେଶି ପାଇରକ୍ସିଲାଇନ ମିଶିଲେ ପରକଳାରେ ଦାଗ ଦାଗ ଦେଖାଯାଏ ।

କାର୍ପାସଦ୍ୱାରା ପ୍ରସ୍ତୁତ ପାଇରକ୍ସିଲାଇନ (guncotton) ବ୍ୟବହାର କରିବା ଉଚିତ । ଅଲକୋହଲ ଓ ଇଥର (Ether) ବିଶୁଦ୍ଧତା ସମ୍ବନ୍ଧରେ ମଧ୍ୟ ଦୃଷ୍ଟି ରଖିବାର କର୍ତ୍ତବ୍ୟ । ଆୟୋଡାଇଡ ଅବ ପଟାସ ସହିତ କାର୍ବୋନେଟ ଅବ ପଟାସ ଯେପରି ବେଶି ପରିମାଣରେ ନ ମିଶେ ଏଥିପ୍ରତି ଦୃଷ୍ଟି ରଖିବା କର୍ତ୍ତବ୍ୟ ।

କଲୋଡିଅନ ସ୍ତର ଲଗାଇବାର ଅନେକ କ୍ଷଣ ପରେ ନାଇଟ୍ରିକ ଦ୍ରବରେ ସଂଯୋଗ କଲେ ସ୍ତରର କିୟଦଂଶ ଦୁଗ୍ଧସରପରି ବାହାରିଯାଏ । ଅଧିକ କ୍ଷଣ ନାଇଟ୍ରିକ ଦ୍ରବରେ ବୁଡ଼ାଇ ରଖିଲେ ଶୁଷ୍କ ହେବା ପରେ ପରକଳାରେ ସୂଚୀବିଦ୍ଧବତ୍ ଛିଦ୍ର Pin-holes ଲକ୍ଷିତ ହୁଏ । କାଚପରକଳାକୁ ନାଇଟ୍ରିକ ଦ୍ରବରେ ସମ୍ପୂର୍ଣ୍ଣ ନ ବୁଡ଼ାଇ ଅଧେ ବୁଡ଼ାଇ କେତେକ୍ଷଣ ପରେ ଅବଶିଷ୍ଟ ବୁଡ଼ାଇଲେ ପରକଳା ଉପରେ କୌଣସି ଦାଗ

Digitized by srujanika@gmail.com

ହୋଇଯାଏ, ସେଥିପାଇଁ ଯଥେଷ୍ଟ ପରିମାଣରେ କଷ୍ଟିକଦ୍ରବ ପ୍ରସ୍ତୁତ ରଖିବା ବିହିତ । ପୁରାତନ କଷ୍ଟିକଦ୍ରବ ପରିତ୍ୟାଗ କରିବା ନୁହେଁ, ତାହାଲେ ତହିଁରେ କିଛି ନୂତନ ଦ୍ରବ ସଂଯୋଗ କରି ବ୍ୟବହାର କରିବ । ଛଣାପାଣି (Distilled water) କିମ୍ବା ବିଶୁଦ୍ଧ ବୃଷ୍ଟିଜଳ ବ୍ୟବହାର କରିବା ସର୍ବୋତଭାବରେ କର୍ତ୍ତବ୍ୟ । କଷ୍ଟିକ ଦ୍ରବରେ କୌଣସି ପ୍ରକାର (Organic matter) ଜୈବ ପଦାର୍ଥ ମିଶିଲେ ଦ୍ରବର ରସାୟନିକ ବିଶ୍ଳେଷଣ ଘଟି ଛବି ନଷ୍ଟ ହେବାର ସମ୍ଭବ । କେହି କେହି କଷ୍ଟିକ ଦ୍ରବସହ କିଛି ଅଇୟୋଡାଇଡ ଅବ୍ ପଟାସ ମିଶାନ୍ତି, ପଟାସର ପରିମାଣ ଅଧିକ ହୋଇ ଗଲେ ପ୍ଲେଟରେ ପିନ୍‌ହୋଲସ୍ ହୋଇଯାଏ ।

ସମୟ ସମୟରେ କେହି କେହି କଷ୍ଟିକଦ୍ରବସ୍ନାନ (bath) ଯବକ୍ଷାରଦ୍ରାବକର (nitric acid) କ୍ଷମତା ହ୍ରାସ କରିବାପାଇଁ ଅମୋନିଆ ବ୍ୟବହାର କରିଥାନ୍ତି, କିନ୍ତୁ ଅମୋନିଆ ସଂଯୋଗଦ୍ୱାରା କଷ୍ଟିକ ଦ୍ରବର କ୍ଷାରତ୍ୱପ୍ରାପ୍ତି (alkalinity) ହୁଏ । କମ୍ପୋଡିଅନ ସହ କାର୍ବୋନେଟ ଅବ୍ ଅମୋନିଆ ମିଶିଥିଲେ ବହୁବାର ବ୍ୟବହାର ପରେ ଏହାର କ୍ଷାରତ୍ୱପ୍ରାପ୍ତି ହୋଇ ପାରେ । ଅଥବା ଯବକ୍ଷାର ଦ୍ରାବକର କ୍ଷମତା ବିଲୁପ୍ତ କରିବା ପାଇଁ ଖଡି ବ୍ୟବହାର କଲେ ମଧ୍ୟ ଏହିପରି ହୋଇ ଉଠିଥାଏ । କଷ୍ଟିକ ଦ୍ରବ କ୍ଷାରତ୍ୱ ପ୍ରାପ୍ତ ହେଲେ ଭଲ ଛବି ହେବା ସମ୍ବନ୍ଧରେ ମହତ୍ ପ୍ରତିବନ୍ଧକ ଘଟେ;—ଛବିରେ ଧୂମ୍ରବତ୍ ଦାଗ ଦେଖାଯାଏ, ଏଥି ନିମନ୍ତେ ବିଶେଷ ସତର୍କ ହେବା ଉଚିତ । ଶ୍ୱେତ ଲିଟ୍‌ମସ୍ କାଗଜର (blue litmus paper) ଅସିଟିକ ଅସିଡ଼ର ଶିଶି ମୁଖରେ ଧରିଲେ ତାହା ତତ୍କ୍ଷଣ ପରେ ଅସିଡ଼ ସ୍ପର୍ଶରେ ଲାଲବର୍ଣ୍ଣ ହୋଇଯାଏ, ଏହି କାଗଜକୁ କଷ୍ଟିକ ଦ୍ରବରେ ବୁଡ଼ାଇଲେ ଏହା ପୁନରାୟ ନୀଳ ହୋଇ ଗଲେ ବୁଝିବାକୁ ହେବ ଯେ କଷ୍ଟିକ ଦ୍ରବ କ୍ଷାରତ୍ୱ ପ୍ରାପ୍ତ ହୋଇଅଛି । ତଥା ନୀଳାଭ କାଗଜକୁ ପରୀକ୍ଷା କରିବା ଉଚିତ, କାରଣ ସୂର୍ଯ୍ୟାଲୋକ ସ୍ପର୍ଶରେ କାଗଜ ନଷ୍ଟ ହୋଇଯାଏ । ଏପରି କଷ୍ଟିକ ଦ୍ରବ ବ୍ୟବହାର ନ କରି ନୂତନ ଦ୍ରବ ବ୍ୟବହାର କରିବାକୁ ହୁଏ, ନତୁବା ତାହା ସହିତ ଅଳ୍ପ ମାତ୍ରାରେ ଅସିଟିକ ଅସିଡ଼ ମିଶାଇଲେ ଚଳିପାରେ । ପଜେଟିଭ୍ ଛବି କରିବାକୁ ହେଲେ କଷ୍ଟିକ ଦ୍ରବରେ ଅସିଟିକ ଅସିଡ଼ ନ ମିଶାଇ ନାଇଟ୍ରିକ ଅସିଡ଼ ମିଶାଇବ, ନାଇଟ୍ରିକ ଅସିଡ଼ର ଭାଗ ଯେପରି ବେଶି ନ ହୁଏ; ଅସିଡ଼ର ପରିମାଣ ବେଶି ହେଲେ ଛବିରେ ଧୂଆଁ ପରି ଦାଗ ଦୃଷ୍ଟ ହୁଏ । ଅପରିଷ୍କୃତ କଷ୍ଟିକ କିମ୍ବା ଅପରିଷ୍କୃତ ଜଳ ବ୍ୟବହାର କଲେ ରସାୟନିକ ବିଶ୍ଳେଷଣ ଘଟେ । କଷ୍ଟିକ ଦ୍ରବକୁ ସର୍ବଦା ଅନ୍ଧକାର ଗୃହରେ କିମ୍ବା ବାକ୍ସ ମଧ୍ୟରେ ରଖି-ବାକୁ ହେବ, ନତୁବା ଛବିରେ ଧୂଆଁ ପରି ଦାଗ ହୋଇପାରେ । କଷ୍ଟିକ ଦ୍ରବକୁ କେବଳ ବ୍ଲଟିଂ କାଗଜରେ ଛାଣିଲେ ବିଶୁଦ୍ଧ ହୁଏ ନାହିଁ, ଏହା ସହିତ କିଛି ଅସିଟେଟ ଅବ୍ ସୋଡ଼ା (acetate of soda) ଯୋଗ କରିବା ଆବଶ୍ୟକ । ଏକ ଡ୍ରାମ ଛଣା ପାଣିରେ ଦେଢ଼ ଗ୍ରେନ ଅସିଟେଟ ଅବ୍ ସୋଡ଼ା ଦ୍ରବ କରି ତହିଁରେ ହୋଡ଼ଏ ଆଉନ୍ସ କଷ୍ଟିକ ଦ୍ରବ ମିଶା ଯାଇପାରେ । ଅଧିକ ପରିମାଣରେ ଅଇୟୋଡାଇଜ୍‌ଡ୍ କଲୋଡିଅନ ବ୍ୟବହାର ଦ୍ୱାରା ଅୟୋଡ଼ିନ ସଂଯୋଗରେ କଷ୍ଟିକ ଦ୍ରବ ନଷ୍ଟ ହୋଇଥାଏ ।

ଉପରୋକ୍ତ ପ୍ରତିବନ୍ଧକ ପ୍ରତି ବିଶେଷ ଦୃଷ୍ଟି ରଖି କାର୍ଯ୍ୟ କରିବାକୁ ହୁଏ, ବୋଲିବା ବାହୁଲ୍ୟ ଯେ ଫଟୋଗ୍ରାଫି କାର୍ଯ୍ୟରେ ଧୀରତା ଏବଂ ଅଧ୍ୟବସାୟ ଏକାନ୍ତ ପ୍ରୟୋଜନ, ଚଞ୍ଚଳତା ସକଳ ଅନିଷ୍ଟର ମୂଳ କାରଣ ଅଟେ ।

କାଚଖଣ୍ଡକୁ ଅନୁଭୂତିସାଧକ କରିବା ପରେ ଧୀରେ ଧୀରେ ତାହାକୁ ଅବରୁଦ୍ଧ ଆଧାରରେ ବନ୍ଦ କରିବାକୁ ହୁଏ, କୌଣସି ପ୍ରକାରେ ଧକ୍କା ଲାଗିଲେ ଅନୁଭୂତିସାଧକ ପ୍ରଲେପ ଖରାପ ହୋଇ-

Digitized by srujanika@gmail.com

ଯାଏ । ଅବରୁଦ୍ଧ ଆଧାରରେ (Dark slide) କିମ୍ବା ଫଟୋଗ୍ରାଫି ଯନ୍ତ୍ରରେ (camer^a) ଯେପରି ଧୂଳି ନ ଥାଏ, ଏହାକୁ ପୂର୍ବରୁ ପରୀକ୍ଷା କରିବା ଉଚିତ, କାରଣ ସେହି ସମୟରେ ପରୀକ୍ଷା କଲେ ଧୂଳିକଣାଗୁଡ଼ିକ ଢାଙ୍କପରକଳାରେ ଲାଗିଲେ ଛବି ନଷ୍ଟ କରିଦେବ । ସ୍ଲାଇଡକୁ ଅତି ସାବଧାନରେ ଧୀରେ ଧୀରେ ଯଥାସ୍ଥାନ ସ୍ଥାନରେ ଲଗାଇବା ଉଚିତ, କାରଣ ହଲିଗଲେ ଛବି ନଷ୍ଟ ହୋଇ-ଯାଏ ।

ଏକ୍ସପୋଜରର ଦୋଷ;—ଏକ୍ସପୋଜର ଦେବା ଦୋଷରୁ ମଧ୍ୟ ଛବି ନଷ୍ଟ ହୋଇଯାଏ । କ୍ଷୁଦ୍ରଛିଦ୍ରର କ୍ଷମତା ଓ ସୂର୍ଯ୍ୟାଲୋକର ପ୍ରଖରତାନୁଯାୟୀ ତାହା ନିର୍ଦ୍ଧାରଣ କରିବାକୁ ହୁଏ—ଏହା ନିର୍ଦ୍ଧାରଣ କରିବା ବଡ଼ କଠିନ—ଫଟୋଗ୍ରାଫିର ଭଲ ମନ୍ଦ ବିଶେଷ ଏଥି ଉପରେ ନିର୍ଭର କରେ । ଅଧିକକ୍ଷଣ (Exposed) ରଖିଲେ କିମ୍ବା ଅତି ଅଳ୍ପକ୍ଷଣ ଖୋଲାରଖିଲେ ଛବି ଭଲ ହୁଏ ନାହିଁ, ଏହା ନିର୍ଦ୍ଧାରଣ କରିବାପାଇଁ ଅଭ୍ୟାସ ଆବଶ୍ୟକ,—ପାରଦର୍ଶିତା ଜନ୍ମିଲେ ଏହା ଅତ୍ୟନ୍ତ ସହଜ ବୋଧ ହୁଏ ।

ଡ୍ରେଭେଲପର ବ୍ୟବହାରଦ୍ୱାରା ମଧ୍ୟ ଛବି ଅନେକ ସମୟରେ ନଷ୍ଟ ହୋଇଯାଏ । ବେଶି ପରିମାଣରେ ଡ୍ରେଭେଲପର ବ୍ୟବହାର କରିବା ଭଲ ନୁହେ କିମ୍ବା ଅତି ଅଳ୍ପ ପରିମାଣରେ ମିଶ୍ର ବ୍ୟବହାର କରିବା ଭଲ ନୁହେ ।

ମୁଦ୍ରାଙ୍କନ ଦୋଷ—ପୂର୍ବରେ କଥିତ ହୋଇ ଅଛି ଯେ ଫଟୋ ମୁଦ୍ରାଙ୍କନ ନିମନ୍ତେ ଭଲ କାଗଜ ବାଛି ବ୍ୟବହାର କରିବା ଉଚିତ । ସାଧାରଣ ଯେ କୌଣସି କାଗଜ ବ୍ୟବହାର କରାଯାଇ ନ ପାରେ, କାରଣ ତହିଁରେ ଧାତବ କଣା ଥାଇ ପାରେ । ଏପରି କାଗଜରେ ରାସାୟନିକ ଦ୍ରବ୍ୟ ଲଗାଇଲେ ରାସାୟନିକ ବିଶ୍ଳେଷଣ ଘଟି କାଗଜରେ ଦାଗ ହୋଇଯାଏ । ଫଟୋ ମୁଦ୍ରାଙ୍କନପାଇଁ ଭିନ୍ନ ପ୍ରକାର କାଗଜ ପ୍ରସ୍ତୁତ ହୁଏ, ତହିଁରେ ଧାତବ କଣା ଥିବାର ଅଦୌ ଲକ୍ଷିତ ହୁଏ ନାହିଁ । କାଗଜକୁ ଅଣ୍ଡାଲାଗୁ ସମ୍ବୃତ କରିବା ସମୟରେ ହସ୍ତକ୍ଷେପ ଅବଲମ୍ବନ କରିବା ଉଚିତ । କାଗଜରେ ସମାନ ଭାବରେ ଅଣ୍ଡାଲାଳ ନ ଲାଗିଲେ ଛବି ମୁଦ୍ରଣ ସମୟରେ ତହିଁରେ ଦାଗ ହୋଇ ଦାଗ ଲକ୍ଷିତ ହୁଏ । କାଗଜକୁ ଅନୁଭୂତ ସାଧକ କରିବା ସମୟରେ ତହିଁରେ କାଷ୍ଟିକଦ୍ରବ ସମାନ ଭାବରେ ନ ଲାଗିଲେ ଉକ୍ତ ଦୋଷ ଘଟିଥାଏ । ଏହି ପ୍ରକ୍ରିୟା କରିବା ସମୟରେ ସାବଧାନ ହେବା ଉଚିତ, ଯେପରି କାଗଜରେ କୌଣସି ପ୍ରକାର ମଇଳା ନ ଲାଗେ । କାଗଜ ସମ୍ପୂର୍ଣ୍ଣରୂପେ ଶୁଷ୍କ ନ ହେଲେ ତାହା ବ୍ୟବହାର କରିବା ଅନୁଚିତ । ଛବି ବେଶି ପରିମାଣରେ ମୁଦ୍ରଣ (Over print) ହେଲେ ତହିଁର ବର୍ଣ୍ଣ ଘନ ହୋଇଯାଏ । ଏପରି ଘଟିଲେ କୋଡ଼ିଏ ଆଉନ୍ସ ଜଳରେ ଅତି ଅଳ୍ପ ପରିମାଣରେ ଦ୍ରବୀଭୂତ ବ୍ରୋମିନ୍ (liquid bromine) ମିଶାଇ କାଚଦ୍ରବ୍ୟ ଗ୍ଲାସରୁ ଟିଙ୍କ୍ଷଣ ଗାମ୍ଭିରତାରେ ତହିଁରେ ଛବିକୁ ଧୋଇଲେ ବର୍ଣ୍ଣର ଘନତ୍ୱ ହ୍ରାସ ହୁଏ, ପରେ ଖାଲି ଜଳରେ ଉତ୍ତମରୂପେ ଧୋଇବା ଆବଶ୍ୟକ ।

ଛବିକୁ ଅନୁକମ୍ପନ ଓ ସଂଗମଣ କରିବା ପରେ ଉତ୍ତମରୂପେ ଧୌତ କରିବା ଆବଶ୍ୟକ । କାରଣ କିଞ୍ଚିତ୍ ପରିମାଣରେ ହାଇପୋର ଅଂଶ ରହିଗଲେ ଛବି ଅଳ୍ପକାଳ ମଧ୍ୟରେ ହଳଦିଆ ବର୍ଣ୍ଣ ହୋଇଯାଇ ନଷ୍ଟ ହୋଇଯାଏ ।

କ୍ରମଶଃ

ଶ୍ରୀ ଶ୍ୟାମସୁନ୍ଦର ପାଢ଼ି

—•※※※•—

Digitized by srujanika@gmail.com

ଶିଶୁଶିକ୍ଷା ।

ଇଂରେଜୀରେ ଗୋଟିଏ କଥା ଅଛି "Child is the father of man" ତାହାର ଅର୍ଥ 'ଶିଶୁହିଁ ମନୁଷ୍ୟର ଜନକ' । କଥାଟି ଶୁଣିବାକୁ ଟିକିଏ ଅଦ୍ଭୁତ ହେଲେହେଁ ସର୍ବତୋଭାବରେ ସତ୍ୟ । ଆଜି ଯାହାକୁ ଆମ୍ଭେମାନେ ଶିଶୁ କହୁଁ, ତାହାରିଠାରୁ ମନୁଷ୍ୟର ସୃଷ୍ଟି । ମୁଁ ଆଜି ସେହି ଶିଶୁର ଶିକ୍ଷା ସମ୍ବନ୍ଧରେ ପଦେ ଅଧେ କହିବି । ଶିଶୁର ଶିକ୍ଷା, ଦୀକ୍ଷା ଉପରେ ସଂସାରର ମଙ୍ଗଳାମଙ୍ଗଳ ନିର୍ଭର କରେ । ଆମ୍ଭେମାନେ ମଞ୍ଜିଟିଏ ପୋତି କେବେ ଗଛ ହେବ, କେବେ ବଡ଼ ହେବ, କେବେ ଫଳ ଫୁଲ ଧରିବ ଏହା ଭାବି ଅସ୍ଥିର, ଦିନର ଥର ତା ପାଖକୁ ଯାଉଁ, ଶହେ ପ୍ରକାର ଯତ୍ନ କରୁଁ, କିନ୍ତୁ ଯେଉଁ ଶିଶୁ ଉପରେ କେବଳ ପରିବାରର ନୁହେ, ସମସ୍ତ ସଂସାରର ଶୁଭାଶୁଭ ନିର୍ଭର କରେ, ତାହା ପାଇଁ କେତେ ଜଣ ପିତାମାତା ଭାବନ୍ତି ? ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶ ତ 'ପିଲାର ବାପ', କିନ୍ତୁ ଆମ୍ଭେମାନେ ଦିନକମଧ୍ୟରେ କେତେ ମିନିଟ କାହିଁକି, କେତେ ସେକେଣ୍ଡ ନିଜ ପିଲାଙ୍କ ଶିକ୍ଷା ବିଷୟ ଚିନ୍ତା କରୁଁ ? ପାରିଲେ ସ୍କୁଲରେ ନାମ ଲେଖାଇ ଦେଇ, ଆବଶ୍ୟକ ବ୍ୟୟର ବ୍ୟବସ୍ଥା କରି ଦେଇ ମହାନ୍ କର୍ତ୍ତବ୍ୟ ଶେଷ କରି ଦେଉଁ, ସେଥିରେ ମଧ୍ୟ ଅନେକ ସମୟରେ ଉଦାସୀନ । ବହୁ ବ୍ୟୟ କରି ଘର ଦୁଆର ବନ୍ଧା ପକାଇ ପୁଅକୁ ବିବାହ ଦେଇ ପାରୁଁ; କିନ୍ତୁ ତାକୁ ଦୁଇ ଅକ୍ଷର ପଢ଼ାଇବା ବେଳକୁ ସବୁ ଦାଉଣ୍ଡିଆ ଆସି ପଡ଼ନ୍ତି । ତାହେ କଥା ବର୍ତ୍ତମାନ ଥାଉ । ପ୍ରକୃତ ପ୍ରସ୍ତାବର ଅବତାରଣା କରିବା ଉଚିତ ।

ସଦ୍ୟୋଜାତ ମନୁଷ୍ୟଶିଶୁ ଓ ପଶୁଶାବକ ମଧ୍ୟରେ ପ୍ରଭେଦ ଅତି ଅଳ୍ପ । ସଦ୍ୟୋଜାତ ଶିଶୁକୁ ଶିକ୍ଷାଦ୍ୱାରା ଦେବଭାବାପନ୍ନ ଓ ତାହାର ଅଭାବଦ୍ୱାରା ପଶୁଭାବାପନ୍ନ କରାଯାଇ ପାରେ । ଶିଶୁର ପ୍ରାଣରକ୍ଷାର ବ୍ୟବସ୍ଥା କରି ତାହାକୁ ଗୋଟିଏ ନିର୍ଜନ ଗୃହରେ ଅବରୁଦ୍ଧ କରି ରଖ, ତାହାର ଚାଲଚଳନ, କଥାବାର୍ତ୍ତା ପ୍ରଭୃତି କୌଣସି ବୃତ୍ତିର ବିକାଶ ହେବ ନାହିଁ । ଏକଦା ଗୋଟିଏ ଦୁଗ୍ଧପୋଷ୍ୟ ପିଲାକୁ ନେକଡ଼ା ବାଘ ନେଇ ଯାଇ ଆଶ୍ଚର୍ଯ୍ୟ ଘଟଣାକ୍ରମେ ତାହାକୁ ନ ମାରି ନିଜ ଗର୍ତ୍ତରେ ପାଳିଥିଲା । ଆଠ ନ ବର୍ଷ ପରେ ସେ ପିଲା ହେବାରୁ ଶୀକାରୀଙ୍କୁ ଦେଖି ଗାତକୁ ପଳାଇ ଯାଉଁ ଯାଉଁ ସେମାନଙ୍କ ହାତରେ ପଡ଼େ; ସେ ମାଂସ ଭିନ୍ନ ଅନ୍ୟ କୌଣସି ଖାଦ୍ୟର ଅସ୍ତିତ୍ୱ ଜାଣି ନ ଥିଲା । ପଶ୍ଚାତ୍‌ରେ ଆମେରିକାରେ ମାଙ୍କଡ଼ମାନଙ୍କୁ ଯତ୍ନଦ୍ୱାରା ଏପରି ଶିକ୍ଷିତ କରାଯାଇଅଛି ଯେ ସେମାନେ ମନୁଷ୍ୟ ପରି ଚାଲନ୍ତି, ସାହେବଙ୍କ ପରି କେଶମର୍ଦ୍ଦନ କରନ୍ତି, ଛୁରି କଣ୍ଟାଦ୍ୱାରା ଖାଦ୍ୟ ଗ୍ରହଣ କରନ୍ତି । ବିଷ୍ଣୁଶର୍ମା "ନ ବ୍ୟାପାରଶତେନାପି ଶୁକବତ୍ ପାଠ୍ୟତେ ବକଃ" କହିଥିଲେହେଁ, ଲଣ୍ଡନର Fleet street ରେ ଦୁଇଟା ଭୁଆ ଶିକ୍ଷାଦ୍ୱାରା କଥା କହିବାକୁ ଶିଖି ଅଛନ୍ତି । ଇଉରୋପର ଯୁଦ୍ଧକ୍ଷେତ୍ରରେ ମସ୍ତୁମାତ୍ର, କପୋତ ଯୁଦ୍ଧ ସମୟରେ ତାର ଖବରର କାମ କରନ୍ତି । ଅଳ୍ପ ଦିନ ତଳେ କାଶୀରେ ଗୋଟିଏ ଶୁଆର ମାଲିକ ନାମରେ ମୋକଦ୍ଦମା ହୋଇଥିଲା । ସେ ଲୋକଟି ଶୁଆକୁ ବନ୍ଧୁକ ମାରିବାକୁ ଶିଖାଇଥିଲା, ଶୁଆ ଦିନେ ଜଣେ ଅପରିଚିତ ଆଡ଼କୁ ବନ୍ଧୁକ ଲକ୍ଷ୍ୟ କରି ମାରି ତାକୁ ଆଘାତ କଲା । ଯେଉଁମାନେ ସର୍କସ ଦେଖିଛନ୍ତି, ସେମାନେ ପଶୁମାନଙ୍କର ଅତ୍ୟାଶ୍ଚର୍ଯ୍ୟ କ୍ରୀଡ଼ା ଦେଖି ହତବାକ୍ ହୋଇ ଥିବେ । ଶିକ୍ଷାଦ୍ୱାରା ଅସାଧ୍ୟ ସାଧନ ହୋଇ ପାରେ ।

ବର୍ତ୍ତମାନ ଦେଖାଯାଉ ପିଲାମାନଙ୍କର ଜ୍ଞାନବିକାଶ କିପରି ହୁଏ । ଜନ୍ମରୁ ସବୁ ପିଲାଙ୍କର ବୁଦ୍ଧି ଅବଶ୍ୟ ସମାନ ନୁହେ, ପିତାମାତାଙ୍କର ଶିକ୍ଷା, ଦୀକ୍ଷା, ସ୍ୱାସ୍ଥ୍ୟ ହେତୁ ଜନ୍ମରୁ ବୁଦ୍ଧିବୃତ୍ତିର ତାରତମ୍ୟ ଥାଏ । ଯେଉଁ ଶ୍ରେଣୀର ଯେଉଁ ଦିଗରେ ବିଶେଷ ଚର୍ଚ୍ଚା, ସେହି ଶ୍ରେଣୀର ପିଲାଙ୍କ,

Digitized by srujanika@gmail.com

ମାନଙ୍କର ସେହି ବିଦ୍ୟା ଆଲୋଚନାରେ ନିଯୁକ୍ତ ହୁଏ । ସାଧାରଣତଃ ଦେଖା ଯାଇଅଛି ବ୍ରାହ୍ମଣପିଲାଏ ସାହିତ୍ୟ ଭଲ ପାରନ୍ତି, କରଣପିଲାଏ ଗଣିତ ଭଲ ପାରନ୍ତି । ଏହାର କାରଣ, ପିତାମାନଙ୍କ ମସ୍ତିଷ୍କ ସେହି ଦିଗରେ ବିଶେଷ ଉନ୍ନତ ଥାଏ, ପିଲା-ମାନଙ୍କ ମସ୍ତିଷ୍କ ଜନ୍ମରୁ ସେହି ଦିଗକୁ ଉନ୍ନତ ହୁଏ । ଏହା ହେଲେହେଁ ନିସର୍ଗ ଓ ଶିକ୍ଷା ଉପରେ ଉନ୍ନତି ଅବଶ୍ୟ ନିର୍ଭର କରେ । ଅନୁସନ୍ଧାନ-ପ୍ରବୃତ୍ତି ଓ ଅନୁକରଣ ଜ୍ଞାନ-ଦ୍ୱାରର ଚାବି, ଏ ଚାବି ଯାହାର ନାହିଁ, ସେ ଜ୍ଞାନ ଲାଭ କରି ପାରେ ନାହିଁ । ଅନ୍ୟମାନେ ଚାଲିବାର, କଥା କହିବାର, ହାତରେ ଖାଇବାର ଦେଖି ପିଲାମାନେ ଚାଲିବାକୁ, କଥା କହିବାକୁ, ଖାଇବାକୁ ଶିଖନ୍ତି । ବାରମ୍ବାର ଅକୃତକାର୍ଯ୍ୟ ହେଲେହେଁ କେବଳ ଦୃଢ଼ ଚେଷ୍ଟା ଦ୍ୱାରା ପରେ ସଫଳକାମ ହୁଅନ୍ତି । ଆମ୍ଭେମାନେ କୌଣସି ନୂତନ ସ୍ଥାନରେ ପହଞ୍ଚିଲେ ଏଟା କଣ, ସେଟା କଣ ବୋଲି ଜାଣିବା ଲୋକଙ୍କୁ ପଚାରୁଁ, ତାହାର ସଦୁତ୍ତର ପାଇଲେ ଆମ୍ଭ-ମାନଙ୍କର ସେ ସ୍ଥାନକୁ ଯିବା ସାର୍ଥକ ହୁଏ, ସେ ସ୍ଥାନର ଅଭିଜ୍ଞତା ବଢ଼େ; "କେ ଜାଣି କଣ" ଉତ୍ତରରେ କୌଣସି ଲାଭ ନାହିଁ । ନୂତନ ସ୍ଥାନକୁ ଯିବା ପଣ୍ଡଶ୍ରମ ମାତ୍ର ହୁଏ । ସେହିପରି ଶିଶୁ ଏହି ନୂତନ ପୃଥିବୀକୁ ଆସି ଯାହା ଦେଖେ ସବୁ ନୂଆ, ସାଙ୍ଗେ ପିଲାଟା ମାତ୍ରକେ ଅନୁସନ୍ଧିତ୍ସୁ ହୋଇ ସବୁ କଥା ପଚାରେ, କିନ୍ତୁ ପ୍ରାପ୍ୟ ସଦୁତ୍ତର ବଦଳରେ ଧମକ ପାଏ, ତାହାଦ୍ୱାରା ସେହିଠାରେ ତାହାର ଜ୍ଞାନ-ପିପାସାର ଶାନ୍ତି ହୁଏ । ଆମ୍ଭେ-ମାନେ ଅଜ୍ଞତା ଓ ଶ୍ରମବିମୁଖତା ହେତୁରୁ ବାଳକର ପ୍ରଶ୍ନର ଯଥାଯଥ ଉତ୍ତର ଦେବାକୁ ଅସମର୍ଥ ହୋଇ ନିଜର ମୂର୍ଖତା ଘୋଡ଼ାଇବା ପାଇଁ କିମ୍ବା ଝିଙ୍କଟ୍ ଏଡ଼ାଇବା ପାଇଁ ଏହା ଧମକରେ ବାଳକର ଜ୍ଞାନ-ପ୍ରଦୀପକୁ ନିଭାଇ ଦେଉଁ । ସେ ହେତୁରୁ ବାଳକଙ୍କୁ ଶିକ୍ଷିତ କରିବା ପାଇଁ ଆଗେ ପିତା ମାତାଙ୍କର ଶିକ୍ଷିତ ହେବା ଆବଶ୍ୟକ । କେବଳ ପିତା ମାତା ନୁହନ୍ତି, ପିତାମହ ପ୍ରପିତା-ମହାଦି ଶିକ୍ଷିତ ନ ହେଲେ ପ୍ରକୃତ ଶିକ୍ଷା ଲାଭ ବା ଶିକ୍ଷାର ସମ୍ପୂର୍ଣ୍ଣତା ହୁଏ ନାହିଁ । ଏହି ଗୂଢ଼ ନିୟମ ହେତୁରୁ ଜାତୀୟ ଉନ୍ନତି ହେବାକୁ ହଜାର ହଜାର ବର୍ଷ ଲାଗି ଯାଏ ।

ଶିଶୁର ଶିକ୍ଷା ନିମିତ୍ତ କିଏ ଦାୟୀ—ପିତା ମାତାହିଁ ପ୍ରଧାନ ଦାୟୀ, ତତ୍ପରେ ଶିକ୍ଷକ—ଯେଉଁଠାରେ ପିତାମାତା ଯତ୍ନ କରନ୍ତି ସେଠାରେ କୌଣସି ବାଧାବିଘ୍ନ ଘଟେ ନାହିଁ, ଯେଉଁଠାରେ ସେମାନେ ଶିଥିଳ, ସେଠାରେ ପିଲାଙ୍କୁ ଶିକ୍ଷା ଦେବା, ସ୍ରୋତର ବିପରୀତ ଦିଗରେ ଯିବା ସମାନ । ପିଲାଙ୍କୁ ମନୁଷ୍ୟ କରିବା ପାଇଁ ପିତା ମାତାଙ୍କୁ ଅନନ୍ୟକର୍ମା ହୋଇ ଦିବାରାତ୍ର ସଦୁପାୟ ଚିନ୍ତା କରିବାକୁ ହେବ । ଏ କର୍ତ୍ତବ୍ୟରେ ତ୍ରୁଟି ହେଲେ ସେମାନଙ୍କୁ ନିଶ୍ଚୟ ପ୍ରତ୍ୟବାୟଭାଗୀ ହେବାକୁ ହେବ—ପଛକୁ ପସ୍ତାଇବା ସାର; ହାତ ପୁଡ଼ି କହୁଣିକୁ ଗଲେ ଚାରା ନ ଥାଏ । କଥାରେ କହନ୍ତି 'ପୁଅ ଯଦି ଯୋଗ୍ୟ ହୁଏ ଧନ କିପାଁ ସଞ୍ଚୁ, ପୁଅ ଯଦି ଅଯୋଗ୍ୟ ହୁଏ ଧନ କିପାଁ ସଞ୍ଚୁ,' ଏ ଉପଦେଶଟି ଅତି ସାର ଉପଦେଶ । ପିତା ମାତାଙ୍କ ମଧ୍ୟରେ ମାତାହିଁ ବିଶେଷ ଦାୟୀ, କାର୍ଯ୍ୟାନୁରୋଧରେ ପିତାଙ୍କୁ ବିଶେଷ ସମୟ ବାହାରେ କାର୍ଯ୍ୟକ୍ଷେତ୍ରରେ ରହିବାକୁ ହୁଏ—ପୃଥିବୀରେ ଯେତେ ବଡ଼ଲୋକ ହୋଇଅଛନ୍ତି, ସେମାନେ ପ୍ରାୟ ସମସ୍ତେ ମାତା ଯତ୍ନରୁ ହୋଇ-ଅଛନ୍ତି । ଆମ୍ଭମାନଙ୍କ ସମ୍ମୁଖରେ ପୂଜନୀୟା ରାଜ-ରାଜେଶ୍ୱରୀ ଭିକ୍ଟୋରିଆଙ୍କ ପ୍ରତିକୃତି ରହିଅଛି; ଏହାଙ୍କର ଶିକ୍ଷା ଦୀକ୍ଷା ସବୁ ମାତାଙ୍କ ଦ୍ୱାରା ହୋଇଥିଲା । ସକାଳେ, ସନ୍ଧ୍ୟାରେ ବୁଲିବାଠାରୁ ଖାଇବା ପଢ଼ିବା ଶୋଇବା ପର୍ଯ୍ୟନ୍ତ ସବୁଥିରେ ନିଜେ ତତ୍ତ୍ୱାବଧାନ କରି, ହାତରେ ଗଢ଼ି ମନୁଷ୍ୟ କରିଥିଲେ । ସେ ପାର୍ଶ୍ୱରେ ରାଜରାଜେଶ୍ୱର ସପ୍ତମ ଏଡ଼ୱାର୍ଡଙ୍କ ଛବି ରହିଅଛି, ଏହାଙ୍କର ଶିକ୍ଷା ଦୀକ୍ଷା ସବୁ ମଧ୍ୟ ଜନନୀ ଭିକ୍ଟୋରିଆ

Digitized by srujanika@gmail.com

ଦେଖାଯାଉ । ଯେଉଁ ଧର୍ମଗୁରୁ, ଶଙ୍କରାଚାର୍ଯ୍ୟଙ୍କ ନାମ ଭାରତବର୍ଷର ଘରେ ଘରେ ପୂଜିତ, ତାଙ୍କର ଶିକ୍ଷାଗୁରୁ ତାଙ୍କର ଜନନୀ ଥିଲେ । ଆଗତ ଶତାବ୍ଦୀରେ ବଙ୍ଗଦେଶରେ ଯେତେ ଖ୍ୟାତ ସ୍ୱନାମଧନ୍ୟ କ୍ଷଣଜନ୍ମା ପୁରୁଷ ଜନ୍ମଗ୍ରହଣ କରି ଥିଲେ, ଯେଉଁମାନଙ୍କ ଯଶୋରଶ୍ମିରେ ଭାରତ ବର୍ଷ ପର୍ଯ୍ୟନ୍ତ ପୂର୍ଣ୍ଣ ହୋଇଥିଲା, ପ୍ରାୟ ସେମାନେ ସମସ୍ତେ ହିଁ ଏତ ଅତି ଦରିଦ୍ର ବା ଶୈଶବରୁ ପିତୃହୀନ ଥିଲେ । ସେମାନଙ୍କ ଉନ୍ନତି ଖ୍ୟାତି ପ୍ରତିପଦ ସବୁଥିର ମୂଳ ସେମାନଙ୍କ ମାତାମାନଙ୍କର ସୁଶିକ୍ଷା ପ୍ରଦାନର ଚେଷ୍ଟା ଓ ଆଗ୍ରହ । ସେମାନେ ସବୁ ଭକ୍ତ ହୋଇ ଏକମନପ୍ରାଣ ହୋଇ ପୁତ୍ରର ଶିକ୍ଷାଦାନବ୍ରତ ଗ୍ରହଣ କରିଥିଲେ । ଶ୍ରୀଯୁକ୍ତ ହାରସନ ସାହେବ ସିଭିଲିୟାନ୍‌ମାନଙ୍କ ମଧ୍ୟରେ ଜଣେ ହୃଦୟବାନ୍ ପୁରୁଷ ଥିଲେ । ତାହାଙ୍କର ନାମାନୁସାରେ କଲିକତାର ସର୍ବପ୍ରଧାନ ରାଜପଥର ନାମ ହାରସନ-ରୋଡ଼ ହୋଇଅଛି । ସେ ଯେଉଁବେଳେ ମେଦନୀପୁରରେ କାର୍ଯ୍ୟକରୁଥିଲେ ସ୍ୱନାମଖ୍ୟାତ ଦୟାର ସାଗର ବିଦ୍ୟାସାଗରଙ୍କ ଜନନୀ ଦେବୀ ତାଙ୍କୁ ସ୍ୱଗୃହକୁ ନିମନ୍ତ୍ରଣ କରି ଥିଲେ । ସାହେବ ନିମନ୍ତ୍ରଣ ରକ୍ଷା କରି ଅନେକରେ ଦେଶୀୟ ଲୋକଙ୍କ ପରି ଭୂଇଁରେ ବସି ଖାଇ ଥିଲେ, କଥା ପ୍ରସଙ୍ଗରେ ବିଦ୍ୟାସାଗରଙ୍କ ଜନନୀଙ୍କୁ ପଚାରିଲେ 'ମା ! କେତେ ଟଙ୍କା ରଖିଛ' ତତ୍‌କ୍ଷଣାତ୍ ସେ ବିଦ୍ୟାସାଗରପ୍ରମୁଖ ଚାରି ପୁଅଙ୍କୁ ଦେଖାଇ ଦେଇ କହିଲେ "ଏହି ଚାରି ଗଣ୍ଡା ଟଙ୍କା ରଖିଛି ।" ସାହେବ ଶୁଣି ଅବାକ୍—ଏହିପରି ଜନନୀ ନ ହେଲେ କି ଏପରି ପୁତ୍ର-ରତ୍ନ ପ୍ରସବ କରନ୍ତି ? ରୋମର ଅଭ୍ୟୁଦୟ କାଳରେ କର୍ଣ୍ଣେଲିଅ ନାମ୍ନୀ ଜଣେ ମନସ୍ୱିନୀ ମହିଳା ଠିକ୍ ଏହିପରି ଉତ୍ତର ଦେଇ ଥିଲେ ।

ପିଲାଙ୍କୁ ମାରଧର କରିବା, କଥା କଥାକେ ସେମାନଙ୍କ ଉପରେ ବିରକ୍ତ ହେବା ନିତାନ୍ତ ଅନୁଚିତ । ତାଙ୍କ ପ୍ରକୃତି ଚଞ୍ଚଳ ପ୍ରକୃତି, କେବେହେଁ ଅଳସ ହୋଇ ନାହିଁ ପିଲା-ମାନେ [illegible] ବୁଢ଼ା ପରି ଚୁପ ହୋଇ ବସି ରହିବେ । ସେମାନଙ୍କ ଖେଳାରେ ବାଧା ଦେବ ନାହିଁ ବରଂ ପିଲାଙ୍କ ସାଙ୍ଗରେ ମିଶି ହୋଇ ଖେଳିବ, ପରୋକ୍ଷ ଭାବରେ ଚେଷ୍ଟା କରିବ, ପିଲା ଯେପରି ଖେଳରୁ କିଛି ଶିକ୍ଷା ଲାଭ କରେ, ଏହିପରି ଖେଳୁ ଖେଳୁ ଯେତେ କଥା ଶିଖି ପାରନ୍ତି ତାହାର ଉପାୟ କରିବା ଉଚିତ । ଅନେକ ବଡ଼ ବଡ଼ ଆବିଷ୍କାର ପିଲା ଖେଳରୁ ହୋଇଅଛି । ଆଜି ଯେଉଁ ରେଲ, ଜାହାଜ, କଳ କାରଖାନା ଦେଖୁଅଛ, ଯେଉଁ ଧୂଆଁକଳ ଏମାନଙ୍କୁ ଚଳାଉଅଛି, ଯାହାଦ୍ୱାରା ପୃଥିବୀରେ ଏତେ ସୁବିଧା, ଉପକାର ହେଉଅଛି ତାହାର ମୂଳ ଗୋଟିଏ ସାହେବ ପିଲାର ଖେଳ ।

ଗଛ ବକଳକୁ ପୋକ ଖାଇ କେତେ ଦାଗ କରି ଥିବାର ସମସ୍ତେ ଦେଖିଛନ୍ତି, ସେହିପରି ବକଳକୁ ଧୂଳିରେ ମାଡ଼ି ଦେଲେ ଧୂଳି ଉପରେ ଗୋଟିଏ ଦାଗ ବସି ଯାଏ, ତାହାକୁ ଦେଖି ଗୋଟିଏ ଜର୍ମାନ ପିଲା ଛାପା କଳ ଆବିଷ୍କାର କରି ଥିଲା । ସେହି ଛାପା କଳ ପ୍ରସାଦରୁ ଆଜି ଦଣ୍ଡକରେ ହଜାର ହଜାର ପୁସ୍ତକ ଛାପା ହେଉ ଅଛି, ସହଜରେ ସୁଲଭରେ ଜ୍ଞାନ ବିଜ୍ଞାନ ପ୍ରଚାରିତ ହେଉଅଛି ।

ପିଲାମାନଙ୍କୁ ମାରଧର କରିବା ଯେପରି ଅନ୍ୟାୟ, ଅଧିକ ଆଦର କରିବା, ଚମ୍ପୂଲକ୍ଷା ରଖି ଅନ୍ୟାୟର ପ୍ରଶ୍ରୟ ଦେବା ମଧ୍ୟ ବଳି ଅନ୍ୟାୟ; କଞ୍ଚା ହାଣ୍ଡିରେ ଯେଉଁ ଦାଗ ଲାଗିଥାଏ ତାହା କେବେହେଁ ଉଠେ ନାହିଁ । ସେହିପରି ପିଲା-ମନରେ ଯେଉଁ ଭାବ ବଦ୍ଧମୂଳ ହୁଏ, ତାହା ସହଜରେ ଯାଏ ନାହିଁ । ଚରିତ୍ରଗଠନର ଏହାହିଁ ଉତ୍କୃଷ୍ଟ ସମୟ । ଅନ୍ୟାୟ କାର୍ଯ୍ୟ କଲେ ବୁଝାଇ ସୁଝାଇ ସେଥିରୁ ବିରତ କରାଇବ, ତାହା ନ କରି ମାରଧର କଲେ ପିଲା ଭୟ ପାଇ ଲୁଚି

Digitized by srujanika@gmail.com

ପିଲାଙ୍କଠାରେ ସତ୍ କାର୍ଯ୍ୟ କରିବା ପାଇଁ ସାଧ୍ୟ-ସାଧନା ଚେଷ୍ଟା କରିବ ଓ ସବୁ ସମୟରେ ମିଛ କହି ନିଜ ଦୋଷ ଏବା ତାହା ମୁଣ୍ଡରେ ଲଗାଇବାକୁ ଚେଷ୍ଟା କରିବ । ଫଳରେ ପିଲାର ଛୋଟ ଛୋଟ ଜାଗାରେ ପ୍ରବୃତ୍ତି ଯିବ, ମିଛ ଉପରେ ମିଛ କହିବା ଶିଖା ଯିବବ । ମୋର ଯେପରି କାମ୍ୟ ହେଲେ ମନର ଯେପରି ହୋଇ ଅନ୍ୟର ସେପରି କାମ୍ୟ ହେଲେ ତାକୁ ମଧ୍ୟ ସେହିପରି ହୋଇ । ପିଲାମାନେ ଅନେକ ସମୟରେ ଅନ୍ୟର ସେପରି ଏତ କଷ୍ଟ କରିଥାନ୍ତି, ପିତା ମାତାଙ୍କ ପାଖରେ ଅନୁଯୋଗ କଲେ ସେମାନେ ଉଲଟି ପିଲାର ସପକ୍ଷ ହୋଇ ଯାହାର ସଙ୍ଗ ହୋଇଥାଏ ତାହା ସହିତ କଳି କରିବାକୁ ବାହାରନ୍ତି । କେହି କେହି ଯାଇ ଭାବରେ ଶାସନ ନ କରି ପିଲାକୁ କେବଳ ମରମର କରନ୍ତି; ସଂଶୋଧନ ଉଦ୍ଦେଶ୍ୟରେ ଯେଉଁମାନେ ଅନୁଯୋଗ କରି ଥାନ୍ତି ସେମାନେ ପିଲାର ଦୁର୍ଦ୍ଦଶା ଦେଖି ଆନନ୍ଦ ସେ ବିଷୟରେ ହସ୍ତକ୍ଷେପ କରନ୍ତି ନାହିଁ ବା ପିତା ମାତାଙ୍କୁ ଜଣାନ୍ତି ନାହିଁ । ଏହାଦ୍ୱାରା ଲୋକ ହେଲେ ନିଜ ପିଲାର ନିର୍ଭର ସ୍ୱଭାବର ପ୍ରଶ୍ରୟ ଦେଇ ତାହାର ଇହକାଳ ପରକାଳ ନଷ୍ଟ କରନ୍ତି ।

ପିଲାମାନେ ବଡ଼ ଅନୁକରଣପ୍ରିୟ, ଯାହା ଦେଖନ୍ତି ତାହା ଶିଖନ୍ତି, ବିଶେଷତଃ ବାପ ମାଙ୍କ କାର୍ଯ୍ୟକୁ ବେଦବାକ୍ୟ ପରି ମଣନ୍ତି । ମୁଁ ଯଦି କୌଣସିଠାରେ ବିଶେଷ ସାବଧାନ ହୋଇ ଚଳେ ତେବେ ଯାହା ମୋ ପିଲା ପାଖରେ ଓ ଛାତ୍ରମାନଙ୍କ ପାଖରେ, ମୋର ସର୍ବଦା ଭୟ ଥାଏ ମୁଁ ନିଜେ ଯେବେ ଅବାଟରେ ଗଲେ ତେବେ କେଉଁ ମୁହଁରେ ସେମାନଙ୍କୁ ଅନ୍ୟାୟରୁ ନିବର୍ତ୍ତାଇବି । କଥା ଓ କାର୍ଯ୍ୟର ସାମଞ୍ଜସ୍ୟ ନ ରଖିଲେ କଥାର କୌଣସି ମୂଲ୍ୟ ରହେ ନାହିଁ । ଅମ୍ଭେମାନେ ସବୁ ବେଳେ ଦୁଃଖ କରୁଁ ଅମ୍ଭମାନଙ୍କ ମଧ୍ୟରେ ଏକତା ନାହିଁ, ସେଥିର ଦୋଷଭାଗୀ ଅମ୍ଭେମାନେ କେତେଦୂର ଓ ତାହା ଅମ୍ଭମାନଙ୍କ ଅପରିଣାମଦର୍ଶିତାର ଫଳ କି ନୁହେଁ ? ଦୁଇ ଭାଇରେ କଳି ଲଗାଇଲେ, ଅମ୍ଭେମାନେ ଦୋଷଗୁଣ ବିଚାର ନ କରି କହି ଥାଉଁ ବଡ଼ ଭାଇଟା ସାନ ଭାଇର 'ଟିକି' ଦେଖି ପାରୁ ନାହିଁ, ଏହା ଅଖିରେ ସବୁ ବେଳେ ସେ ଦୋଷ । ଏଥିରେ ମିଳନ ହେବା ଦୂରେ ଥାଉ, ପିଲାଦିନୁ ଶତ୍ରୁ ଭାବଟି ବଦ୍ଧମୂଳ ହୋଇଯାଏ ।

ସଙ୍ଗୀ ନିର୍ବାଚନ ଗୋଟିଏ ମହା କଠିନ ସମସ୍ୟା, ଯେ ଯେପରି ସଙ୍ଗରେ ପଡ଼େ ସେ ସେହିପରି ଗୁଣ ଧାରଣ କରେ—ଗୋଟିଏ ଗଳ୍ପ ଅଛି,—ଜଣେ ବ୍ୟାଧ ଦୁଇଟି ଶୁଆଛୁଆ ଧରି ସେଥିରୁ ଗୋଟିଏ ମୋଟିଆକୁ ଅଉଟି ଜଣେ ଭଦ୍ର ଲୋକକୁ ବିକିଲା । ଦିନେ ଜଣେ ଶ୍ରମାର୍ତ୍ତ ପଥିକ ମୋଟ ଦ୍ୱାର ପାଖରେ ଅଳ୍ପ ନେଡା ମାତ୍ରକେ ସେଠା ଶୁଆ ତାକୁ ଅକଥ୍ୟ ଭାଷାରେ ଗାଳି ଦେବାକୁ ଲାଗିଲା, ସେଠାରୁ ପଥିକ ପଳାଇ ଯାଇ ଭଦ୍ର ଗୃହସ୍ଥ ଦ୍ୱାରରେ ପହଞ୍ଚିବା ମାତ୍ରକେ ସେଠା ଶୁଆ ସାଦର ସମ୍ଭାଷଣ କଲା । ତାହା ଦେଖି ପଥିକ ସେ ଶୁଆର ପ୍ରଶଂସା କରନ୍ତେ ଶୁଆ କହିଲା, ଏଥିରେ ମୋହର ଗୁଣ ନାହିଁ କି ତାହାର ଦୋଷ ନାହିଁ । ସଂସର୍ଗଜା ଦୋଷଗୁଣା ଭବନ୍ତି । ପିତା ମାତାଙ୍କର ଏଥି ପ୍ରତି ଦୃଷ୍ଟି ରଖିବା ଉଚିତ । ମୁଁ ଦିନେ ସନ୍ଧ୍ୟାବେଳେ ମୋହର କୌଣସି ବନ୍ଧୁଙ୍କ ସହିତ ବୁଲିବାକୁ ଯାଉଥିଲି, ଉଦ୍ୟାନର ଗୋଟିଏ ଚାରି ପାଞ୍ଚ ବର୍ଷର ପିଲା ଏକ ଅଶ୍ଳୀଳ ଗୀତ ଗାଉଥିବାର ଶୁଣିଲୁ—ଏପରି ଗୀତ ପିଲା କିଛି କୌଣସିଠାରେ ପଢ଼ି ନାହିଁ ବା ପିତା ମାତାଙ୍କଠାରୁ ଶୁଣି ନାହିଁ । ତଥାପି ପିତା ମାତା ଦୋଷୀ । ଯେପରି ସଂସର୍ଗରେ ଛାଡ଼ ଦେଇଛନ୍ତି ପିଲା ସେହିପରି ଶିଖିଅଛି ।

ବର୍ତ୍ତମାନ ଶିକ୍ଷାର କଥା—ଏ ବିଷୟରେ ଅମ୍ଭମାନଙ୍କ ଦେଶ ନିତାନ୍ତ ପଶ୍ଚାତ୍ପଦ । ଏ ଦେଶରେ ଶିଶୁ ଶ୍ରେଣୀ ନାହିଁ । କହିଲେ ହେଲା । ବର୍ତ୍ତମାନ ନିମ୍ନପ୍ରାଥମିକ ବିଦ୍ୟାଳୟର ନିମ୍ନଶ୍ରେଣୀ କହିଲେ

Digitized by srujanika@gmail.com

ଶିଶୁ ଶ୍ରେଣୀ ନାମରେ ଗୋଟିଏ ଶ୍ରେଣୀ ଥିବା ଆବଶ୍ୟକ—ତାହାର ଛାତ୍ରମାନଙ୍କର ବୟସର ସୀମା ପାଞ୍ଚବର୍ଷ, ପାଠ୍ୟ ବର୍ଣ୍ଣଜ୍ଞାନ, ବର୍ଣ୍ଣଯୋଜନା, ଗଣନା, ପରିଚିତ ପଦାର୍ଥର ମୋଟାମୋଟି ଜ୍ଞାନ ହେଲେ ହେଲା—ବିଦ୍ୟାଳୟରେ 'ଶିଶୁଶ୍ରେଣୀ ସ୍ଥାପନ ଯେତେ ଦରକାର ନ ହେବ, ସେତେ ଦରକାର ପିତାମାତାଙ୍କୁ ତାହାର ଭାର ଗ୍ରହଣ କରିବାକୁ ହେବ। କିନ୍ତୁ ଶିକ୍ଷା ପାଇଁ ଶିଷ୍ୟ, ଶିକ୍ଷକ, ସରଞ୍ଜାମ ଆବଶ୍ୟକ। ଶିଷ୍ୟର ଅଭାବ ନାହିଁ, କିନ୍ତୁ ଶିକ୍ଷକ ଓ ସରଞ୍ଜାମର ବିଶେଷ ଅଭାବ। କହିବାଠାରୁ କରିବା ଢେର, ଶିଶୁଙ୍କୁ ଶିକ୍ଷା ଦେବା ପାଇଁ ବିଶେଷ ବାହାଦୁରୀ ଆବଶ୍ୟକ। କାବ୍ୟ ନାଟକ ଅଳଙ୍କାର ପଢ଼ାଇବା ବରଂ ସହଜ; କ ଖ ପଢ଼ାଇବା ଦୁରୂହ ବ୍ୟାପାର। ଶିଶୁଶିକ୍ଷାର ସୁପ୍ରଣାଳୀ ପ୍ରଥମରେ ଜର୍ମନୀରେ ଆବିଷ୍କୃତ ହୁଏ, ଜର୍ମନୀ ସେ ବିଷୟରେ ପୃଥିବୀର ସବୁ ଦେଶଠାରୁ ଉନ୍ନତ ଦେଖାଯାଉଅଛି। ସେଠାରେ ଜଗତ୍ପ୍ରସିଦ୍ଧ, ଅଭିଜ୍ଞ, ବହୁଦର୍ଶୀ, ପରିଣତବୟସ୍କ ଶିକ୍ଷକମାନଙ୍କୁ ଶିଶୁଶ୍ରେଣୀର ଶିକ୍ଷକ ପଦରେ ବରଣ କରାଯାଏ। ଏ ଦେଶ ପରି ବର୍ଣ୍ଣଜ୍ଞାନ-ବିବର୍ଜିତ, ଅଜାତଶ୍ମଶ୍ରୁ ବାଳକମାନଙ୍କ ହସ୍ତରେ ଶିଶୁମାନଙ୍କୁ ସମର୍ପଣ କରାଯାଏ ନାହିଁ। ସାତବର୍ଷ ପର୍ଯ୍ୟନ୍ତ ମସ୍ତିଷ୍କର ଗଠନ ସମ୍ପୂର୍ଣ୍ଣ ହୋଇ ନ ଥାଏ; ସେ ପର୍ଯ୍ୟନ୍ତ ସେମାନଙ୍କୁ ବିଶେଷ ଚିନ୍ତାପୂର୍ଣ୍ଣ କାର୍ଯ୍ୟ କରିବାକୁ ନିଯୁକ୍ତ କରିବା ଅନ୍ୟାୟ। ସେମାନଙ୍କର କ୍ରୀଡ଼ାହିଁ ପ୍ରଧାନ କାର୍ଯ୍ୟ, କ୍ରୀଡ଼ା ଛଳରେ ଯେଉଁ ଶିକ୍ଷା ଦିଆଯାଏ ତାହାକୁ Kindergarten କହାଯାଏ—ଏହି ପ୍ରଣାଳୀ ଅନୁସାରେ ଭାରତବର୍ଷରେ ଶିକ୍ଷା ଦେବାର ଆୟୋଜନ ହେଉଅଛି। Kindergarten ଜର୍ମନୀ କଥା, ତାହାର ଅର୍ଥ ବାଳକର ଉଦ୍ୟାନ, ପିଲାଙ୍କୁ ବଗିଚାରେ ବୁଲାଇବା ଛଳରେ ନାନାବିଧ ପ୍ରୟୋଜନୀୟ ଶିକ୍ଷା ଦାନ। ପିଲାକୁ ଯେପରି ଘୋଷାରି ଚଟଶାଳୀକୁ ଆଣିବା ଦୃଶ୍ୟ ଏ ଦେଶରେ ନିତାନ୍ତ ବିରଳ ନୁହେଁ, ଚଟଶାଳୀରେ ବେତ ଓ ଅବୁଝା ଅପୂର୍ବ ଭାବରେ ଦୀର୍ଘକାଳ ଆବଦ୍ଧ ରହିବା ଭୟରେ ପିଲାଏ ବଣ ବୁଦାରେ ଲୁଚନ୍ତି। ହୃଦୟର ଅଧିକାର ସର୍ବଶ୍ରେଷ୍ଠ ଅଧିକାର, ପାଶବ ବଳପ୍ରୟୋଗ ଶରୀରକୁ ଅଧୀନ କରିପାରେ, ମନକୁ ପାରେ ନାହିଁ, ତାହା ପୁଣି କ୍ଷଣସ୍ଥାୟୀ। ସୁଶିକ୍ଷକର ବେତର ଆଶ୍ରୟ ଆଦୌ ଆବଶ୍ୟକ ନୁହେ। ଆମୋଦ ଛଳରେ ଯେବେ ଶିକ୍ଷା ଦିଆ ହୁଏ ତେବେ ପିଲାଏ ମନକୁ ଉପସ୍ଥିତ ହେବେ। ପ୍ରଥମରେ ବହି ନ ଧରାଇ ପ୍ରତିଦିନ ଗୃହ ଆଗ୍ରେ ଆମ୍ଭେମାନେ ଯାହା ଦେଖୁଁ, ସେହି ବିଷୟରେ ଶିକ୍ଷା ଦେବ। ପିଲାମାନେ ଛବିପ୍ରିୟ, ପ୍ରଥମ ଶିକ୍ଷା ଛବିଦ୍ୱାରା ହେବା ଉଚିତ—ଶିଶୁଶିକ୍ଷା ସମ୍ବନ୍ଧରେ ଛବିଯୁକ୍ତ ପୁସ୍ତକ ଓଡ଼ିଶାରେ ନାହିଁ, ବଙ୍ଗଦେଶରେ ଯାହା ଅଛି ତାହା ସୁସଙ୍ଗତ ବା ସମ୍ପୂର୍ଣ୍ଣ ନୁହେ। ଆମ୍ଭେମାନେ ଶହଶହ ଜୀବ ଚିହ୍ନି ଅଛୁଁ, କିନ୍ତୁ ପଚାରିଲେ ପଚାଶଟାର ନାମ କହି ପାରିବୁଁ ନାହିଁ, ହଜାରେ ମଣିଷଙ୍କୁ ଚିହ୍ନୁ, କିନ୍ତୁ ଶହେ ଜଣଙ୍କର ନାମ କହି ପାରିବୁଁ ନାହିଁ—ଏଥିରୁ ବୁଝାଯାଏ, ଚିହ୍ନିବା ସହଜ, ମନେ ରଖିବା କଷ୍ଟ। ସେହେତୁରୁ ପ୍ରଥମେ ପିଲାଙ୍କୁ ବର୍ଣ୍ଣଗୁଡ଼ିକ ଚିହ୍ନାଇ ଦେବାକୁ ହେବ, ଆବଶ୍ୟକରେ ବହିରୁ ନ ଚିହ୍ନାଇ ଛବି ବା ପ୍ରକୃତ ପଦାର୍ଥ ଦେଇ ତାହାର ଆଦ୍ୟ ବର୍ଣ୍ଣ ଲେଖି ଚିହ୍ନାଇବ—ଯେପରି କଦଳୀ ହେଲେ କ; ଖଣ୍ଡା ହେଲେ ଖ; ଗଛ ହେଲେ ଗ, ଘଣ୍ଟା ହେଲେ ଘ ଇତ୍ୟାଦି। ଚଟଶାଳୀର ଦହି-ଲାଗି ଅଛି ଦ, ଅନ୍ତତଃ ପେଟିଏ ଥ ପ୍ରଭୃତି ମଧ୍ୟ ଭଲ ଉପାୟ। ଏହିପରି ଅକ୍ଷରଗୁଡ଼ିକ ଭଲ କରି ଚିହ୍ନି ପାରିଲେ ଛବି ଦେଖାଇ ଦେଖାଇ ବର୍ଣ୍ଣମାଳା ମୁଖସ୍ଥ କରାଇବ। ତରତର ହେବାର ଦରକାର ନାହିଁ; ଯେତେ ହେଲା, ସେତେ ଭଲ ହୋଇ ହେଲେ ହେଲା। ବର୍ଣ୍ଣମାଳା ଶିକ୍ଷା ପରେ ଅକ୍ଷର ଯୋଜନା। ଗ ଅକ୍ଷରଟିଏ ଆଣି ତା ପାଖରେ ଛ ଅକ୍ଷରଟିଏ ଯୋଡ଼ି ପଚାରିବ କଣ ହେଲା, ପିଲାଏ କହିବେ ଗଛ ହେଲା; ଗଛ ନାମଟି ଆଗରୁ ଶୁଣି ଥିବାରୁ ଟିକିଏ ଆମୋଦ ମଧ୍ୟ ହେବ। ଅକ୍ଷର

Digitized by srujanika@gmail.com

ପଢ଼ାଶପ୍ତ ହେବା ପରେ ଲେଖିବାକୁ କ୍ରମେ କ୍ରମେ ଶିଖିବେ, ସେଥିପାଇଁ ତତ୍ପର ହେବାର ଉଚିତ ନୁହେ—ଲେଖିବା କଷ୍ଟକର କାର୍ଯ୍ୟ, ତାକୁ ଆଗେ ଧରିଲେ ମନ ବିଗିଡ଼ିବ । ପଣ୍ଡିତମାନେ କାଗଜ ଅକ୍ଷରରେ କାବ୍ୟ ନାଟକ ଦର୍ଶନ ବେଦାନ୍ତ ପଢ଼ିଥାନ୍ତି, କିନ୍ତୁ କେତେ ଜଣ ଲେଖି ଶିଖିଥାନ୍ତି ? ଲେଖିବାର ଆବଶ୍ୟକ ହେଲେ ଅଳ୍ପ ଅଭ୍ୟାସରେ ପରେ ହୋଇଯିବ, ନିଜେ ନିଜେ ମଧ୍ୟ ଶିଖି ନେଇ ପାରିବେ । ପିଲାମାନେ ଛବି ଦେଖି ଛବି ଅଙ୍କନ୍ତି, ଛବି ଅଙ୍କିବା ବାହାନାରେ ଗୋଟାଏ ଅ ର ଆଦର୍ଶ ଆଗରେ ରଖି କହିବ, ଗୋଟାଏ ଏପରି ଅ ଅଙ୍କିଲ; ପ୍ରଥମେ ପ୍ରଥମେ ସୁନ୍ଦର ହେବ ନାହିଁ, ବଙ୍କା ଟଙ୍କା ହୋଇଯିବ, ଦିନେ ଦୁଇଦିନ ଅଭ୍ୟାସ କରୁ କରୁ ଠିକ ହୋଇଯିବ; କିନ୍ତୁ ଏହା କରିବା ପୂର୍ବରୁ ସରଳ ଓ ବକ୍ର ରେଖା, ତ୍ରିଭୁଜ, ବୃତ୍ତ ପ୍ରଭୃତି ଅଙ୍କାଇବାକୁ ଶିଖାଇବ ।

ଅକ୍ଷର ଯୋଜନା ପରେ ବନାବାକୁ ଶିଖିବେ, ଏ ବିଷୟରେ ଆଧୁନିକ ସ୍କୁଲ ନିୟମ ଅପେକ୍ଷା, ପୁରାତନ ଚାଟଶାଳୀ ପ୍ରଥା କି, ହାତ ପଢ଼ାଇଲେ କା, ହୋ ଦେଲେ କ, ଅଙ୍କୁଶି ଦେଲେ କି ଇତ୍ୟାଦି ଭଲ । ଗଣନା ସମ୍ବନ୍ଧରେ ମଧ୍ୟ ଦେଶୀୟ ପ୍ରଥା ଭଲ ଥିଲା । ଯେଉଁମାନେ ଚାଟଶାଳୀ ପ୍ରଣାଳୀରେ ଶିକ୍ଷିତ, ସେମାନଙ୍କ ମୁହେଁ ମୁହେଁ ଯା ସହଜରେ ଯେପରି ହିସାବ କରି ପାରନ୍ତି, ସ୍କୁଲ-ଶିକ୍ଷିତମାନେ ସେପରି ପାରନ୍ତି ନାହିଁ । ଗଣିତଶାସ୍ତ୍ର ଶିକ୍ଷା ବିଷୟରେ ବିଲାତ ପ୍ରଥା ହେଲେହେଁ ତାହାର ବ୍ୟବହାର ଅନେକ ଶିକ୍ଷକ ଜାଣୁ ନ ଥିବାରୁ ତାହା ବ୍ୟବହାର ବଦଳରେ ଶୋଭା ପାଇଁ ରକ୍ଷିତ ହେଲା ପରି ବୋଧ ହୁଏ । ଏଥିପାଇଁ କେତେଗୁଡ଼ିଏ ସାନବଡ଼ କାଠର ଖଣ୍ଡ ନାନା ଆକୃତିରେ କାଟି ଭିନ୍ନ ଭିନ୍ନ ରଙ୍ଗରେ ରଞ୍ଜିତ କରି ସେଥିରେ ୧ ଠାରୁ ୯ ଓ ଶୂନ୍ୟ ଏହି ଦଶଟି ଅଙ୍କ ଗୋଟିକରେ ଗୋଟିଏ ଲେଖା ଯ ଲେଖିବ । ଏହି ଭଳି ଶଏ କାଷ୍ଠ ଖଣ୍ଡ ହେଲେ ଯଥେଷ୍ଟ । ସେହି ସବୁ କାଷ୍ଠଖଣ୍ଡଦ୍ୱାରା କୋଠା, ଘର, ଦେଉଳ କରି ପିଲାଙ୍କୁ ଖେଳାଇବ, ଖେଳନାର ଗୋଟାଏ ଗୋଟାଏ ନାଁ ପିଲାଏ ଦେଇଥାନ୍ତି, ଏହାକୁ ସେହିପରି ଏକ ଦୁଇ କରି ଡାକିବେ । ଦଶଯାକ ଶିଖିଲେ, ଏକରେ ଏକ ଏଗାର; ଏକରେ ଦୁଇ ବାର ଇତ୍ୟାଦି ଗୀତ ଶିଖିଯିବେ । ପୁଣି ବୋଲକା ପରି ପାଟି କରି ବୋଲିଲେ ଅଳ୍ପରେ ମନେ ରହିଯିବ ଏକକୁ ଗୋଟିଏ ଅଣ ଓ ପାଖରେ ଦୁଇଟିକୁ ବସାଅ, ଏକ ପାଖରେ ଦୁଇ ବସି କେତେ ହେଲା ? ବାର ହେଲା । ଏହିପରି ଗଣନା ଶିକ୍ଷା ହୋଇପାରେ କାଠଯାକ ବିଭିନ୍ନ ବର୍ଣ୍ଣରେ ତାହା ଯେପରି ବାଳକମନ ଆକର୍ଷଣ କରିବ, ରଞ୍ଜିତ ହୋଇଥିବାରୁ ସେହିପରି ଧଳା, କଳା, ନାଲି ପ୍ରଭୃତି ବର୍ଣ୍ଣ ଶିକ୍ଷା ମଧ୍ୟ ହେବ । ସାନବଡ଼ ହୋଇଥିବାରୁ ଭାରୀ, ଉଣ୍ଣାସ, ସାନ, ବଡ଼ ଏ ଶିକ୍ଷା ମଧ୍ୟ ହେବ ।

ପଦାକୁ ବୁଲାଇ ନେବାଦ୍ୱାରା ପ୍ରାକୃତିକ ଦୃଶ୍ୟ ଦର୍ଶନରେ ମନ ପ୍ରଫୁଲ୍ଲ ହେବ, ଭ୍ରମଣ ଓ ନିର୍ମଳ ବାୟୁ ସେବନଦ୍ୱାରା ସ୍ୱାସ୍ଥ୍ୟ ବଢ଼ିବ; ସଙ୍ଗେ ସଙ୍ଗେ ବୃକ୍ଷ ଲତାଦି ଚିହ୍ନିବେ । ଆମ୍ଭେମାନେ ଯାହା ଖାଉ ଚାଉଳ, ଡାଲି, ଲଙ୍କା କଣ ଗଛ ବଢ଼ନ୍ତି ? ପ୍ରଥମରେ ପିଲାଏ କହି ପାରିବେ ନାହିଁ, ପାଣିଦ୍ୱାରା ପଥର ପ୍ରାଣ ରହେ ବୁଝାଇବା ପାଇଁ ଗୋଟାଏ ଖେତ ଗଛରେ ଦିନେ ଦୁଇ ଦିନ ପାଣି ନ ଦେଇ ତାହା ମଉଳିଲା ପରିବାର ଦେଖାଅ, ପୁଣି ପାଣି ଦେବାଦ୍ୱାରା ସତେଜ ହେବାର ଦେଖାଇ ଦେବାକୁ ହେବ । କେଉଁ ଫଳ ଅମିଳା, କେଉଁ ମିଠା, କେଉଁ ପିତା ଦେଖାଇ ଶିଖାଇବାକୁ ହେବ । ନଦୀ କି ପର୍ବତ ପାଖରେ ଥିଲେ ସେ ସବୁର ଜ୍ଞାତବ୍ୟ ବିଷୟ ସମ୍ବନ୍ଧରେ ଗଳ୍ପ କହିବ, ସୁବିଧା ହେଲେ ପାହାଡ଼ ଉପରେ ଝରଣା ପାଖକୁ ନେଇ, କିପରି ପାହାଡ଼ରୁ ଝରଣା ବାହାରେ, କିପରି ସାନ ସାନ ଝରଣା ମିଶି ବଡ଼ ଝରଣା ହୁଏ, କିପରି ନଦୀ

Digitized by srujanika@gmail.com

ଧାରଣା ମିଶି ଯାଇ ସ୍ଥିର ତାହା ନିହିତ ହେବ । ସବୁ ମନେ ନ ରହିବ, କେବଳ ତ ମନେ ରହିବ, ଥରକରେ ମନେ ନ ରହିବ, ପାଞ୍ଚ ଥରରେ ତ ରହିବ । ଭୂଗୋଳରୁ ସଞ୍ଜ୍ଞା ପଢ଼ି ମୋର ଧାରଣା ଥିଲା, ପର୍ବତଯାକ ବୃକ୍ଷଲତାଦିଶୂନ୍ୟ ମଣ୍ଡପ ପାଖ ଢାଳୁଆ, ଗଦା ପରି ଗୋଟାଏ ବଡ଼ ଗଦା, ଉପର ପାଖ ସମାନ ଥାଳ. ପାହାଡ଼ ଦେଖିଲା ପରେ ସେ ଧାରଣା ଗଲା । ପିଲାଏ ପାଣିରେ ଖେଳିବାକୁ ଭଲ ପାନ୍ତି. ମେଘ ବର୍ଷିଲା ବେଳେ ପିଲାଙ୍କ ପଚାରିବ, ପାଣି କେଉଁଠୁ ଆସିଲା, ମେଘରୁ ଆସିଲା, କୁଆଡ଼େ ଗଲା, ନାଳା ଦେଇ ଦାଣ୍ଡକୁ ଗଲା, ସେଠାରୁ କୁଆଡ଼େ ଗଲା, ନର୍ଦ୍ଦମାକୁ ଗଲା, ସେଠାରୁ କୁଆଡ଼େ ଗଲା, ବିଲକୁ ଗଲା, ସେଠାରୁ କୁଆଡ଼େ ଗଲା, ନଈକୁ ଗଲା, ନଈରୁ କୁଆଡ଼େ ଗଲା, ସମୁଦ୍ରକୁ ଗଲା । ସଞ୍ଜ୍ଞା ହେଲା, ପୃଥିବୀରୁ ବର୍ଷା ପାଣି ଯାହା ଦେଇ ସମୁଦ୍ରକୁ ଯାଏ ସେ ନଦୀ ଇତ୍ୟାଦି ।

ପିଲାମାନେ ଗଳ୍ପ ଶୁଣିବାକୁ ଭଲ ପାନ୍ତି, ସବୁ ଦେଶରେ ସବୁ କାଳରେ ଏ ପ୍ରଥା ପ୍ରଚଳିତ ଅଛି । ବୁଢ଼ୀ ମା ଓ ଧାଈମାନେ ନାନା ପ୍ରକାର ଉପକଥା ଶିଖାନ୍ତି । ଆଧୁନିକ ସଭ୍ୟତା ସଙ୍ଗେ ସଙ୍ଗେ ଆମ୍ଭମାନେ ନା ଚନ୍ଦ୍ରକୁଳ ନା ବୈକେ ଭୁଲ ହେଉଅଛୁଁ ! ଯାହା ପୂର୍ବରେ ଥିଲା ତାହାକୁ ଘୃଣାରେ ଛାଡ଼ୁଅଛୁଁ, ନୂଆକୁ ଧରିବାକୁ ସାମର୍ଥ୍ୟ ନାହିଁ । ପୂର୍ବର ବୁଢ଼ୀମାମାନେ ରାମାୟଣ ମହାଭାରତର ସରଳ ଗଳ୍ପମାନ ଓ ନାନା ନୈତିକ ଉପକଥା ପିଲାଙ୍କୁ ସନ୍ଧ୍ୟା ବେଳେ ଶୁଣାଉଥିଲେ । ସେ ସବୁର ଅସ୍ତିତ୍ୱ ଲୁପ୍ତ ହେବା ଉପରେ । ଯାହା ହେଉ, ଇଂଲଣ୍ଡ ଓ ବଙ୍ଗଦେଶ ଆଦର୍ଶରେ ଉପକଥାର ରକ୍ଷା ଉଦ୍ଦେଶ୍ୟରେ ଦୁଇ ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇଅଛି, ସେଥିରୁ ଓ ରାମାୟଣ ପ୍ରଭୃତିରୁ ଉପଦେଶପୂର୍ଣ୍ଣ ଗଳ୍ପସବୁ ପିଲା ବୁଝିବା ଭଳି ସରଳ ଭାଷାରେ ଶୁଣାଇଲେ ଆମୋଦ ଓ ଜ୍ଞାନଲାଭ ଉଭୟ ହେବ ।

ନାନା ଜୀବଜନ୍ତୁଙ୍କ ସମ୍ବନ୍ଧରେ ଗଳ୍ପ କଲେ ତାହା ପିଲାମାନଙ୍କର ଅତ୍ୟନ୍ତ ପ୍ରୀତିକର ହେବ, କେଉଁ ଶ୍ରେଣୀର ଜୀବ ଅଛନ୍ତି, କିଏ ଗଛରେ, କିଏ ପର୍ବତରେ, କିଏ ଉଡ଼େ, କିଏ ଘାସ ଖାଏ, କିଏ କେଉଁଠି ରହେ, କାହାର ଶିଙ୍ଗ ଅଛି, କାହାର ପାଟିଏ ଦାନ୍ତ, କାହାର ଦୁଇପାଟି ଦାନ୍ତ, କେଉଁ ଅଙ୍ଗର କା' କଣ ପଡ଼ୁଛି, କହି ନ ପାରିଲେ ଦୃଷ୍ଟାନ୍ତ ଦେବ, ସୁବିଧା ପାଇବା ମାତ୍ରେ ଗ୍ରନ୍ଥର ପ୍ରମାଣ ପ୍ରୟୋଗ କରିବ ।

କ୍ରୀଡ଼ାପ୍ରିୟ ବାଳକମାନେ ଯେଉଁ ପ୍ରକାର ଖେଳଘର କରନ୍ତି, ତାଙ୍କୁ କେତେଗୁଡ଼ାଏ କାଠ ପୁତୁଳି ପ୍ରଭୃତି ଦେଇ ଘର, ରଥ, ଗାଡ଼ି ଗଢ଼ାଇଲେ ଖେଳକୁ ଖେଳ ହେବ, ସେମାନେ ମନଃସଂଯୋଗ କରିବାକୁ ମଧ୍ୟ ଶିଖିବେ ।

ଶିଶୁଶିକ୍ଷା ପାଇଁ ନିର୍ଦ୍ଦିଷ୍ଟ ସମୟର ଧରାବନ୍ଧା କରିବାର ଆବଶ୍ୟକ ନାହିଁ । ଯେହେତୁ ଏଥି ପାଇଁ ଶିକ୍ଷକ ସେପରି ଆବଶ୍ୟକ ନାହିଁ ଯେ ସେ ପ୍ରତ୍ୟହ ନିର୍ଦ୍ଦିଷ୍ଟ ସମୟରେ ଆସିବେ । ପିତା ମାତା ଭାଇ ଭଉଣୀ ପ୍ରଭୃତି ଶିକ୍ଷକ । ତଥା ହୋଇଲେ ଅମ୍ଭେମାନେ ଆପତ୍ତି କରୁଁ ବେଳ ନାହିଁ; ଯେ ଯେତେ ଅଳସୁଆ, ନିଷ୍କର୍ମା, ତାହାର ସେତେ ସମୟର ଅଭାବ, ଯେ ସମୟର ଦୋହାଇ ଦିଏ, ତାକୁ ଯେବେ ପଚାର ହୁଏ, ଦିନକ ମଧ୍ୟରେ କେତେ ଘଣ୍ଟା ତ କାମ କର, ସେ ନିଶ୍ଚୟ ମୁଣ୍ଡ ତଳକୁ ପୋତିବ । ଜଣକୁ ଚାହିଁବ ପ୍ରକାଣ୍ଡ ରାଜ୍ୟ ସମ୍ଭାଳିବାକୁ. ଲକ୍ଷ ଲକ୍ଷ ଲୋକଙ୍କର ତତ୍ତ୍ୱ ନେବାକୁ ସମୟ ହେଉଅଛି; ଆଉ ଜଣକୁ ଚାହିଁବ ନିଜ ପେଟ କଥା ବୁଝିବାକୁ ବେଳ ନାହିଁ ? ପୁଣି ଯେତେ ଲୋକ ଅଛନ୍ତି ତାଙ୍କ ନିଜ ପୁଅର ତତ୍ତ୍ୱ ନେବାକୁ, ଘର କଥା ବୁଝିବାକୁ ଲାଜ ମାଡ଼େ, ସେ ଲାଜ କୁହେ, ଅବସରଶୂନ୍ୟତା ! କାହିଁରେ ପଢ଼ିଥିଲି, ଇଂଲଣ୍ଡର ପ୍ରଧାନ ମନ୍ତ୍ରୀ ମହାମତି ଗ୍ଲାଡ଼ଷ୍ଟୋନ୍ ଯାହାଙ୍କ ଭ୍ରୂଭଙ୍ଗିରେ ସମସ୍ତ ପୃଥିବୀ ଉଠୁଥିଲା, ବସୁଥିଲା, ସମସ୍ତ

Digitized by srujanika@gmail.com

ବୃଟିଶ ସାମ୍ରାଜ୍ୟର ଭାର ଯାହାଙ୍କ ମୁଣ୍ଡରେ ଥିଲା, ସେ ଦିନେ ବୈଠକଖାନାରେ ନିଜର ଶିଶୁପୁତ୍ରକୁ ଘୋଡ଼ାଚଢ଼ା ଶିଖାଉଥିଲେ, ଘୋଡ଼ା ନିଜେ; ସବାର ପୁଅ । ଏହି ସମୟରେ କୌଣସି ବିଶିଷ୍ଟ ବ୍ୟକ୍ତି ପହଞ୍ଚି ସାକ୍ଷାତ ପାଇଁ ସମ୍ବାଦ ଦେଲେ । ଗ୍ଲାଡ଼ଷ୍ଟୋନ କହି ପଠାଇଲେ, ତାଙ୍କର ସଙ୍ଗେ ପୁଅ ଥାଏ ଏଠାକୁ ବର୍ତ୍ତମାନ ଆସିବାରେ କିଛି ଅସୁବିଧା ନାହିଁ, ନ ହେଲେ ଟିକିଏ ଅପେକ୍ଷା କରନ୍ତୁ— ଏଥିରୁ କଣ ବୁଝିଲ ? ପୁତ୍ର ଶିକ୍ଷା ପାଖରେ ଆଉ କିଛି ବଡ଼ ନୁହେଁ, ଯାହାର ପୁଅ ଅଛି, ସେ କେବଳ ତାହାର ମହତ୍ତ୍ୱ ବୁଝି ପାରିବ । ପିଲାଙ୍କୁ ଗୁରୁଜନସମ୍ମାନ, କାହା ସହିତ କପଟ ବ୍ୟବହାର କରିବାକୁ ନୁହେଁ, ବିନମ୍ର ବ୍ୟବହାର, ସତ୍ୟ କଥନ, ଶିଷ୍ଟତା, ଜୀବପ୍ରତି ଦୟା ପ୍ରଭୃତି ଶିଖାଇବାକୁ ହେବ; ଦୃଷ୍ଟି ରଖିବାକୁ ହେବ ଯେପରି ଅବାଧ ନ ହୁଅନ୍ତି, ମନ୍ଦ ସଂସର୍ଗରେ ପଡ଼ି ମନ୍ଦ କଥା ନ ଶିଖନ୍ତି । ଶିକ୍ଷକ ରଖିବାର ନିତାନ୍ତ ଆବଶ୍ୟକ ହେଲେ, ଖରଚକୁ ନ ଚାହିଁ, ଯେ ପିଲା ସହିତ ପିଲା ହୋଇ, ଉପଯୁକ୍ତ ସମୟରେ ଶିଖାଇବାକୁ ସମର୍ଥ, ସେହିପରି ଶିକ୍ଷକ ବା ଶିକ୍ଷୟିତ୍ରୀ ନିଯୁକ୍ତ କରିବ । ଦିନମାନରେ ଦୁଇ ଘଣ୍ଟା ଶିକ୍ଷା ଯଥେଷ୍ଟ । ବାଳକ ବାଳିକା [illegible] ଏକା ସଙ୍ଗରେ ଶିକ୍ଷା ଦିଆ ହୋଇ ପାରେ । ପିଲାଙ୍କପାଇଁ ଯେଉଁ ଖେଳନା କିଣାହୁଏ, ତାକୁ କେବଳ ବୁଝି ସୁଝି ବାଛି କରି କିଣିଲେ ସେହି ପଢ଼ପାରେ ଖେଳ ଓ ଶିକ୍ଷା ଉଭୟ ହେବ । 'ଯାହା ନ ହୋଇଛି ବାଳକାଳେ ତାହା ନ ହେବ କାଳେ କାଳେ', ଏହି କଥାକୁ ମନେ କରି ଚଳିବାକୁ ହେବ । ପିଲଙ୍କୁ ଜନ୍ମ ସମୟରୁ ପାଞ୍ଚ ବର୍ଷପର୍ଯ୍ୟନ୍ତ କେଉଁ ବ୍ୟବହାରିକ ଶିକ୍ଷା ଦେଲେ ଉପକାର ହୋଇପାରେ, ସେ ବିଷୟରେ କିଛି କହିଲି । ଆପଣମାନଙ୍କର ଅଭିରୁଚି ହେଲେ ଅନ୍ୟ ସମୟରେ ପରବର୍ତ୍ତୀ ଶିକ୍ଷା ଓ ଶିକ୍ଷକ ସମ୍ବନ୍ଧରେ କିଛି କହିବାକୁ ଇଚ୍ଛା ରଖିଅଛି । ଯେଉଁମାନେ ପ୍ରକୃତରେ ଶିଶୁମାନଙ୍କୁ ଶିକ୍ଷା ଦେବାକୁ ଅଭିଳାଷୀ ସେମାନଙ୍କୁ ମୋହର ଏହି ଅନୁରୋଧ, ସେମାନେ ଗୁପ୍ତ ଭାବରେ ରହି ପିଲାଏ କି କାର୍ଯ୍ୟ କରନ୍ତି ତାହାର ଅନୁସନ୍ଧାନ କରି, ସେମାନଙ୍କର କାର୍ଯ୍ୟ-ପ୍ରଣାଳୀକୁ ଉନ୍ନତ ଓ ଶିକ୍ଷଣୀୟ କରିବାକୁ ଚେଷ୍ଟା କରିବେ; ସେମାନଙ୍କ କ୍ରୀଡ଼ାରେ ଯାହାଯେ ନ କରି ବାଧା ଦିଆ ହେଉଅଛି, ଏପରି ଭାବ ଯେପରି ସେମାନଙ୍କ ମନକୁ ନ ଯାଏ ସେଥିପ୍ରତି ସାବଧାନ ରହିବେ ।

ଶ୍ରୀ ଶ୍ୟାମସୁନ୍ଦର ନନ୍ଦ ।

ଧ୍ୱନ୍ୟାତ୍ମକ ଭାଷା ।

ଭାଷା କଣ ? କିମାତ୍ମକ ବସ୍ତୁ ? ଇହାଦ୍ୱାରା ସଂସାରରେ କି ଉପକାର ସାଧିତ ହୁଏ ? ସଂକ୍ଷେପରେ ପ୍ରଶ୍ନର ଉତ୍ତର ସ୍ୱରୂପ ଏତିକି କୁହାଯାଇ ପାରେ ଯେ ଭାଷା ସମାଜର ପ୍ରାଣ । ଭାଷା ସାହାଯ୍ୟରେ ମାନବ ପରସ୍ପର ଭାବ ଆଦାନ ପ୍ରଦାନ କରିବାକୁ କ୍ଷମ ହୁଏ । ଭାଷା ନ ଥିଲେ ମାନବସମାଜ କ୍ଷଣେ ଚଳି ପାରନ୍ତା ନାହିଁ । ସମାଜ ସଙ୍ଗେ ଯାହାର ଏତାଦୃଶ ସମ୍ବନ୍ଧ, ତାହାର ତତ୍ତ୍ୱ ଅବଗତ ହେବା ଅବଶ୍ୟ କୌତୂହଳର ବିଷୟ ।

ଶୋଭାମୟୀ ପ୍ରକୃତିରେ ପ୍ରଥମ ଦର୍ଶନରେ ବିମୁଗ୍ଧ ମାନବ ଭାବୋଚ୍ଛ୍ୱସିତ ହୋଇ [illegible] ଏକ ଅପୂର୍ବ ଅବ୍ୟକ୍ତ ଧ୍ୱନି କଲା । ଏହା ଭାଷା ସୃଷ୍ଟିର ପ୍ରାକ୍କାଳ । କ୍ରମଶଃ ପରିବର୍ତ୍ତନ ପ୍ରାପ୍ତ ଉକ୍ତ ଭାବବ୍ୟଞ୍ଜକ ଧ୍ୱନିରୁ ଭାଷାର ଉଦ୍ଭବ ହୋଇଅଛି । କେବଳ ମାନବର ନୁହେଁ, ଇତର ପ୍ରାଣୀଙ୍କ ଭିତରେ ମଧ୍ୟ ଏହିପରି ନାନା ପ୍ରକାରର ଭାବବ୍ୟଞ୍ଜକ ଧ୍ୱନି ଅଛି । ତାହିଁ ସେମାନଙ୍କର ଭାଷା । ଆମ୍ଭମାନଙ୍କର ଯେଉଁ ଭାଷା ପ୍ରକାଶିତ ତାହା ଅନ୍ୟ କିଛି ନୁହେଁ, ପଦାର୍ଥ ସହିତ ଧ୍ୱନିର ସଙ୍କେତ ମାତ୍ର । ସେହି ସଙ୍କେତ ବା ଚିହ୍ନକୁ ଧ୍ୱନିଦ୍ୱାରା

Digitized by srujanika@gmail.com

ଆମ୍ଭେମାନେ ମନର ଭାବ ପ୍ରକାଶ କରୁଁ । କେଉଁ ଧ୍ୱନି ବା ଶବ୍ଦ କେଉଁ ବସ୍ତୁର ବୋଧକ ଅଥବା କେଉଁ ବସ୍ତୁ ସହିତ କେଉଁ ଶବ୍ଦର ନିତ୍ୟସମ୍ପର୍କ ଅଛି, ତାହା ଭାଷାରେ ଲକ୍ଷଣୀୟ । ଅନେକ ସ୍ଥଳ ସାଧାରଣ ଭାଷାଦ୍ୱାରା ବ୍ୟକ୍ତ କରି ହୁଏ ନାହିଁ ଅର୍ଥାତ୍ ସଙ୍କେତାକ୍ଷରଦ୍ୱାରା ପ୍ରକାଶ କଲେ ତାହା ପରିସ୍ଫୁଟ ହେବ ନାହିଁ । ସେଥି ପାଇଁ ଉକ୍ତ ସ୍ଥଳରେ ଉପାୟାନ୍ତର ଅବଲମ୍ବିତ ହୁଏ । ବସ୍ତୁର ଯେଉଁ ଭାବ ପ୍ରତ୍ୟକ୍ଷ ହୋଇଥାଏ, ତାହାର ଗୋଟିଏ ସ୍ଥୂଳ ଅଦର୍ଶ ଅନୁରୂପ ଧ୍ୱନିଦ୍ୱାରା ପ୍ରସ୍ତୁତ କରି କହି ଯାଏ । ଏହି ଭାଷା ଅବ୍ୟକ୍ତ । ଏହାର କୌଣସି ମୌଳିକ ଅର୍ଥ ନାହିଁ । କେବଳ ଅନୁକରଣ । ଏହା ଅତି ସହଜ । ଅତ୍ୟଳ୍ପ କାଳରେ ଅନାୟାସରେ ଏତଦ୍ୱାରା ଭାବ ବ୍ୟକ୍ତ କରଯାଏ । ଏହାର ନାମ ଧ୍ୱନ୍ୟାତ୍ମକ ଭାଷା ଅର୍ଥାତ୍ ବସ୍ତୁର ଧ୍ୱନ୍ୟନୁକାରୀ ଶବ୍ଦଦ୍ୱାରା ଭାବ ପ୍ରକାଶ । ଭାବବ୍ୟଞ୍ଜନ ପକ୍ଷରେ ଏହା ସହଜ ଏବଂ ସୁବିଧାଜନକ । କାରଣ ପ୍ରତ୍ୟେକ ଇନ୍ଦ୍ରିୟ ସମସ୍ତ କଥା ଧ୍ୱନିଦ୍ୱାରା ବ୍ୟକ୍ତ କରଯାଇ ପାରେ, କେବଳ ବସ୍ତୁର ଧ୍ୱନି ନୁହେ । ପାଠକମାନଙ୍କର ସ୍ମରଣ ନିମିତ୍ତ ଗୋଟିଏ ଦୁଇଟି ଦୃଷ୍ଟାନ୍ତ ଦିଆଗଲା । ଯଥା—ଦର୍ଶନେନ୍ଦ୍ରିୟବିଷୟୀଭୂତ ତୈଜସ ପଦାର୍ଥର ଦୃଶ୍ୟ ଆମ୍ଭେମାନେ 'ଚକ୍ ଚକ୍' ବା 'ଝକ୍ ଝକ୍' ଏହି ଶବ୍ଦଦ୍ୱାରା ସୁନ୍ଦର ଭାବରେ ବ୍ୟକ୍ତ କରୁଁ । ଘ୍ରାଣେନ୍ଦ୍ରିୟଗୋଚର ପୂତିଗନ୍ଧ 'ଭଣ ଭଣ' ଶବ୍ଦଦ୍ୱାରା ଉତ୍କଟ ବ୍ୟକ୍ତ ହୁଏ । ରସନେନ୍ଦ୍ରିୟବିଷୟକ ତିକ୍ତର ଅସ୍ୱାଦବିଶେଷ ସାମାନ୍ୟ 'ଗର ଗର' ଶବ୍ଦଦ୍ୱାରା ଅନ୍ୟର ବୋଧଗମ୍ୟ ହୁଏ । ସେହିପରି ତ୍ୱଗିନ୍ଦ୍ରିୟବିଷୟ ଉତ୍କଳାନୀଜନିତ ଦୋଷବିଶେଷ 'ଝିମି ଝିମି' ଶବ୍ଦଦ୍ୱାରା ବ୍ୟକ୍ତ କରାଯାଇଥାଏ ।

ଧ୍ୱନ୍ୟାତ୍ମକ ଭାଷାଦ୍ୱାରା ଅତି ଉତ୍କଟରୂପେ ଭାବ ବ୍ୟକ୍ତ ହୁଏ ବୋଲି କବିମାନେ ନିଜ ନିଜ ଗ୍ରନ୍ଥରେ ତାହାର ବ୍ୟବହାର କରିଥାନ୍ତି । ହୁଏତ ଧ୍ୱନ୍ୟାତ୍ମକ ଭାଷାଦ୍ୱାରା ଯାହା ବ୍ୟକ୍ତ ହେବ ତାହା ଅନ୍ୟ କୌଣସିରୂପେ ଉତ୍କଟ ବ୍ୟକ୍ତ ହୋଇ ପାରିବ ନାହିଁ । ଅଗ୍ନି ଧକ୍ ଧକ୍ ହୋଇ ଜଳୁଅଛି । 'ଧକ୍ ଧକ୍' କହିଲେ ଯେଉଁ ଅଗ୍ନି ଶିଖାର ସେହି ଧକ୍ ଧକ୍ ଶବ୍ଦ ଏବଂ ତେଜ ଯୁଗପତ୍ ମାନସଗୋଚର ହୁଏ । ସେ 'ଖପ ଖପ' ହୋଇ ଚାଲିଗଲା; ଲୋକଟାଏ କଣ 'ଜସ ଜସ' ହେଉଅଛି—ଏଠାରେ 'ଖପ ଖପ' ଓ 'ଜସ ଜସ' ଦ୍ୱାରା ଯାହା ବୁଝା ଯାଉଅଛି କେଉଁ ଶବ୍ଦଦ୍ୱାରା ଠିକ୍ ତାହା ବ୍ୟକ୍ତ ହୋଇ ପାରିବ ? "ଘର୍ଘର ମୁଖର ଶତ ଜିଗୀଷୁ ଅନଳ" --"ତଡ଼ ଚଡ଼ ତଡ଼େ ଯେବେ ପଡ଼େ ତଡ଼ିତ"-- କେବଳ ଘର୍ଘର, ତଡ଼ ତଡ଼ ଉଚ୍ଚାରଣ କଲାକ୍ଷଣି ଅନଳୋଦ୍ଗାରୀ ତୋପର ଏବଂ ତଡ଼ତଡ଼ାକାରୀ ବଜ୍ରର ପୂର୍ଣ୍ଣ ଚିତ୍ର ମନେ ପଡ଼େ ନାହିଁ କି ? ଅନେକତା କରି ଦେଖନ୍ତୁ ସେହି ଶବ୍ଦ କାଟି ଦେଲେ କେତେ ଦୂର ବ୍ୟବଧାନ ହୋଇଯିବ । ସେହିପରି:—'ଛଳ ଛଳ ସ୍ୱଚ୍ଛ ସରସୀ ଜଳ' 'ମେଘ କରିଛି ଝଟର ଝଟର'—'କ୍ରୋ ଧଡ଼ମଡ଼ ହିଡ଼ ପଡ଼େ ଅଚମ୍ବିତେ'—'ଥାଇଁ ଥାଇଁ ଝମକୁଛି ନିଖିଳ ଭୁବନ'—'ଡମ ଡମ ବଜୁଅଛି ତପତ ପବନ'—'ଝିମେଇଁ ଝିମେଇଁ ଚୁଲେ ବସନ୍ତ ରଜସ'—'ଗମ ଗମ ବହିଯାଏ ଅଗଣନ୍ତୁ ସ୍ୱେଦ ।' 'ଝଟ ଝଟ କରି କଳାପ ନଚେଇଣ'—'ଯଥା ଭୁଷାନଳେ ଜଳେ ଧକ ଧକ । ତଥା ଏ ହୃଦୟ ହେଲା ଧକ ଧକ'—'ଟାଉ ଟାଉ ହେବେ ଏ ରମଣୀ'—'ଟଳ ମଳ ହେବ ମେରୁ ଭୂଧର ।'—'ଝପ ଝପ ଭଷା ତେଜେ ସହିତେ'—'ଝକ୍ଷପଥ ଗାତ୍ର କେନ୍ଦ୍ର ଥଳ ଥଳ ।'—'ଉଦ୍ଭାବତ ପ୍ରେମେ ହୃଦ ଗର ଗର ।'—ସାଇଁ ସାଇଁ ଚାଲୁଅଛି ଡାହୁକଗ । ମୌଳିକଗ ସେଠାରେ ସମ୍ବାଦଉଚିତ ।' କଡ଼ମ୍ବୁର ଧ୍ୱନି କରେ ଝନକର । ଉଠେ ତ ବଢ଼େ ତନ୍ତ୍ରମାଦେବ । ଟଳଣ ଦନ୍ତିନା ଦାନ୍ତଗଜ ଟଳ ଟଳେ । ନାନା ଅଳଙ୍କାର କରେ ଝଲମଲ । କନ୍ୟେ ଧଡ଼ ଚେତ, ପ୍ରାଚୀନ କୁଣ୍ଡଳ । ଚଳ ଚଳ ହୋଇ ଜ୍ୟୋସ୍ନା ପ୍ରକାଶିଲେ । ବନଭୂମି ଝଙ୍କାରଇ ଝାଇ

Digitized by srujanika@gmail.com

ଥାଇଁ ରହେ । ଏହା ପ୍ରାୟ ସଂସ୍କୃତରେ ଜଣାଯାଏ ଏଥିରେ ଅନୁକରଣ ଶବ୍ଦ ପାଠ-ପ୍ରକୃତି-ପବନ ।

ନିମ୍ନଲିଖିତ ଦୃଷ୍ଟାନ୍ତରୁ ଏହା ଅନୁମାନ ହେଉଅଛି ଧ୍ୱନ୍ୟାତ୍ମକ ଶବ୍ଦଦ୍ୱାରା ଅନେକ ପ୍ରୟୋଜନୀୟ ଭାବ ଅଳ୍ପ ଶବ୍ଦ ମଧ୍ୟରେ ସୁସ୍ପଷ୍ଟ ପ୍ରକାଶ କରାଯାଇ ପାରେ । କ କେବେ ଭାବିଛ ? ଆଘାତ କିମ୍ବା ଅନ୍ୟ କାରଣବଶତଃ ବସ୍ତୁ ବା ବ୍ୟକ୍ତିର ଧ୍ୱନି ଉତ୍ପନ୍ନ ହୁଏ । ତାହାର ଯୋଗରେ ସ୍ୱର ଶ୍ରୁତିଗୋଚର ହୁଏ ଭାଷାରେ ସେହିପରି ସ୍ୱର ସଂଯୋଜିତ ଥାଏ । ଜିହ୍ୱା ଭାଷାଦ୍ୱାରା ଯେତେବେଳେ ସେହି ବ୍ୟାପାରୋତ୍ପନ୍ନ ଧ୍ୱନି ମନେ ପଡ଼ିବ ସେତେବେଳେ ବ୍ୟାପାରଟି ଅବଶ୍ୟ ସମକ୍ଷରେ ପ୍ରତିଭାତ ହେବ । ଦୃଷ୍ଟାନ୍ତ ଦେବାକୁ ଯଥେଷ୍ଟ ଅଛି, କିନ୍ତୁ ପ୍ରତ୍ୟେକକୁ ବ୍ୟାଖ୍ୟା କରି ଲେଖିବାକୁ ଗଲେ ବହୁ ସ୍ଥାନ ଓ ସମୟ ଆବଶ୍ୟକ । ଉଭୟର ଅଭାବ ଦୃଷ୍ଟିରେ କେବଳ ସେହିଗୁଡ଼ିକ ନିମ୍ନରେ ଉଦ୍ଧୃତ କରାଗଲା:—

ଛଗ ଛଗ	ଝମ୍ ଝମ୍	ଝଣ ଝଣ
ଫିର୍ ଫିର୍	ରଣ ରଣ	ସଣ ସଣ
ଲହ ଲହ	ଟନ୍ ଟନ୍	ଦଲ ଦଲ
ଫଟ ଫଟ	ଢଳ ଢଳ	ଘଉ ଘଉ
ଧାଡ଼୍ ଧାଡ଼୍	ଛମ ଛମ	ଦପ ଦପ
ଟଳ ଟଳ	ଫର୍ ଫର୍	ଫଁର ଫଁର
ଠଁର ଠଁର	ଖଟ୍ ଖଟ୍	ଭଡ଼ୁ ଭଡ଼ୁ
ଝିଡ଼ି ଝିଡ଼ି	ଘଡ଼୍ ଘଡ଼୍	ଗଣ ଗଣ
ଫଳର ଫଳର	ଘଡ଼ି ଘଡ଼ି	ଠେଁ ଠେଁ
ଧୁଁ ଧୁଁ	କେଁ କେଁ	ଠକ ଠକ
ଟନ୍ ଟନ୍	ଟପ୍ ଟପ୍	ଭସ୍ ଭସ୍
ଟଁଙ୍ଗ ଟଁଙ୍ଗ	ଖଳ୍ ଖଳ୍	ଟୁପ୍ ଟୁପ୍
ଲୁଧ ଲୁଧ	ସୁଁ ସୁଁ	ସର୍ ସର୍
ଲିଡ଼ି ଲିଡ଼ି	ଧଁ ଧଁ	ଦମ୍ ଦମ୍
ଖକ୍ ଖକ୍	ଠଙ୍ଗ ଠଙ୍ଗ	ମସ ମସ
ଥପ୍ ଥପ୍	ଫଡ଼ି ଫଡ଼ି	ଥଡ଼ି ଥଡ଼ି
ଝଡ଼୍ ଝଡ଼୍	ପଚ୍ ପଚ୍	ଖେଁ ଖେଁ

ଉମ୍ ଉମ୍	ଝଟ୍ ଝଟ୍	ମିଠି ମିଠି
ମଡ଼ି ମଡ଼ି	ସେଁ ସେଁ	ସାଇଁ ସାଇଁ
ଝାଇଁ ଝାଇଁ	ମିଞ୍ଜି ମିଞ୍ଜି	ଫସ୍ ଫସ୍
ବକ୍ ବକ୍	ଗମ୍ ଗମ୍	ଝିଣି ଝିଣି
ଥକ୍ ଥକ୍	ଲଗାଁ ଲଗାଁ	ମୂଳ୍ ମୂଳ୍
ଟାପ୍ ଟାପ୍	ମଳ୍ ମଳ୍	ଫୁର୍ ଫୁର୍
ଉପ୍ ଉପ୍	ଦୁପ୍ ଦୁପ୍	ହୁମ୍ ହୁମ୍
କପ କପ	ଝିପି ଝିପି	ଧୁଡ଼ି ଧୁଡ଼ି
ଚୁଡ଼ି ଚୁଡ଼ି	ଝୁଡ଼ି ଝୁଡ଼ି	ଗଲ୍ ଗଲ୍
ଥର୍ ଥର୍	ଗଁଲ୍ ଗଁଲ୍	ଟବ୍ ଟବ୍
ଚକ ଚକ	ଛବ୍ ଛବ୍	ଟକ ଟକ
ହୁଁର୍ ହୁଁର୍	ଛମ ଛମ	ବକ୍ ବକ୍
ଟୁକ୍ ଟୁକ୍	ଛନ୍ ଛନ୍	ଗଲ ଗଲ
ଝକ୍ ଝକ୍	ସୁକ୍ ସୁକ୍	ଭେଁ ଭେଁ
ଐଁ ଐଁ	ମେଁ ମେଁ	ଗାଁ ଗାଁ
ରବ୍ ରବ୍	ପେଁ ପେଁ	ହୁଁ ହୁଁ
କନକନ	ଗଦ୍ଗଦ୍	ଟଣ୍ଟଣ୍
ଟଳଟଳ	ଢକଢକ	ଝାଡ଼୍ଝାଡ଼୍
ଘୁଁଘୁଁ	ଘଡ଼ିଘଡ଼ି	ଶେଁଶେଁ
ଉଟ୍ଉଟ୍	ଧାସ୍ଧାସ୍	ଝଣ୍ଝଣ୍
ଭନ୍ଭନ୍	ଘାଉଁଘାଉଁ	ମିଁମିଁ
ଝିଲ୍ଝିଲ୍	ଢଳଢଳ	ଝଲ୍ଝଲ୍
ଛଟ୍ଛଟ୍	ଫନ୍ଫନ୍	ଟପ୍ଟପ୍
ଧାଁଧାଁ	ସଡ଼ସଡ଼	ଥଡ଼ିଥଡ଼ି
ଟଳମଳ	ଜଠଂଜ	ଗଡ଼ିଗଡ଼ି
ଲସଫସ	ଗୁମ୍ଗୁମ୍	ଲହରପହର
ଲଟପଟ	ଲଡ଼ିବଡ଼ି	ଢଳଢଳ
କଡ଼ିମଡ଼ି	କଟଖଟ	ଚଡ଼ିଭଡ଼ି
ରଣଝଣ	ରଟମଟ	ରଣଭଣ
ଗସମସ	ହରବର	ଝଲବଲ
ଗଜବଜ	ରୁଣ୍ଝୁଣ୍	ଉବେଉଁବେଉ
ଛଟପଟ	ଗୁଁ ଗୁଁ	ଝୁଲ୍ଝିଲ୍

ଟକମକ ଛଟପଟ

ଅବଶିଷ୍ଟଗୁଡ଼ିକ ସଂଗ୍ରହପୂର୍ବକ ପ୍ରକାଶ କରିବାକୁ ଯଥାସାଧ୍ୟ ଚେଷ୍ଟା କରିବ । ପାଠକ-

Digitized by srujanika@gmail.com

ମାନଙ୍କୁ ଅନୁରୋଧ ଯେ ଯଦି କେହି କେହି ଏତଦ୍ବିଷୟରେ କିଛି ସଂଗ୍ରହ କରିଥାନ୍ତି ତାହା ତେବେ ପ୍ରକାଶନାର୍ଥେ ମୋ ନିକଟକୁ ପଠାଇଲେ ସୁଖିଆ ହେବ ।

ଶ୍ରୀ ମୃତ୍ୟୁଞ୍ଜୟ ରଥ ।

ଚୋଟପଦାର ଅଭିନେତୃଦଳ ।
('ଯୁଗଧର୍ମ'ର ଅଭିନୟ ।)

ବର୍ତ୍ତମାନ ଯୁଗରେ ଅମ୍ଭମାନଙ୍କ ଦେଶ ଓ ସମାଜରେ ସକଳ ବିଷୟରେ ଯୁଗପରିବର୍ତ୍ତନ ଘଟିଅଛି । ପ୍ରାଚୀନ ଭାରତରେ ରଙ୍ଗାଳୟର ପ୍ରଭୂତ ଉନ୍ନତିର ପ୍ରମାଣ ଥିଲେହେଁ ମଧ୍ୟବର୍ତ୍ତୀ କାଳରେ ଏହାର ଅସ୍ତିତ୍ୱ ପର୍ଯ୍ୟନ୍ତ ବିଲୁପ୍ତ ହୋଇଥିଲା—କେବଳ ଯାତ୍ରା, ଲୀଳା, ସୁଆଙ୍ଗ ପ୍ରଭୃତି ଅଭିନୟର ସ୍ଥାନ ଅଧିକାର କରି ଜନସାଧାରଣଙ୍କ ମଧ୍ୟରେ ରୁଚିବିକାର ସମ୍ପାଦନ କରୁଥିଲା । ବର୍ତ୍ତମାନ ମଧ୍ୟ (ଅନ୍ତତଃ ଉତ୍କଳ ଭୂମିରେ) ଏଗୁଡ଼ିକର ପ୍ରଭୁତ୍ୱ ଅକ୍ଷୁଣ୍ଣ ରହିଅଛି । ତେବେ ଶିକ୍ଷିତ ସମ୍ପ୍ରଦାୟଙ୍କର ଦୃଷ୍ଟି ଭିନ୍ନ ଆଡ଼କୁ ପରିଚାଳିତ ହୋଇଅଛି । ଭାରତର ଉନ୍ନତ ପ୍ରଦେଶମାନଙ୍କରେ ଉଚ୍ଚ ଶ୍ରେଣୀର ରଙ୍ଗାଳୟମାନ ପ୍ରତିଷ୍ଠିତ ହୋଇ ନାଟ୍ୟାଭିନୟ ବିଷୟରେ ବହୁ ଉନ୍ନତି ସାଧନ କରିଅଛି । ପରନ୍ତୁ ସେହି ପ୍ରଦେଶମାନଙ୍କରେ ନାଟ୍ୟ-ସାହିତ୍ୟର ମଧ୍ୟ ପ୍ରଭୂତ ଉନ୍ନତି ପରିଲକ୍ଷିତ ହେଉଅଛି । ଦୁଃଖର ବିଷୟ, ବଙ୍ଗ ପ୍ରଦେଶର ରଙ୍ଗାଳୟମାନ ଯେପରି ସର୍ବାପେକ୍ଷା ଉତ୍କର୍ଷ ଲଭିଅଛି, ସେହିପରି ନିକୃଷ୍ଟ ବିଷଜର୍ଜରିତ ହୋଇ ସହସ୍ର ସହସ୍ର ଯୁବକ ଓ ବାଳକଙ୍କର ପ୍ରାଣନାଶର କାରଣ ହୋଇଅଛି ! ଅଧିକ ଦୁଃଖର ବିଷୟ, ଉତ୍କଳର ଅନେକ ସଦାଶୟ ବ୍ୟକ୍ତି ଏବଂ କୌଣସି କୌଣସି ରାଜା, ଜମିଦାର ଏହି ବିଷର ପ୍ରଭାବ ଉତ୍କଳଭୂମିରେ ବିସ୍ତାର କରିବାକୁ ବିନ୍ଦୁମାତ୍ର ସଙ୍କୁଚିତ ହେଉ ନାହାନ୍ତି ! ସେ ସବୁ ଦୁଃଖ-କାହାଣୀ ବର୍ତ୍ତମାନ ଥାଉ । ଉତ୍କଳଭୂମି କୌଣସି ବିଷୟରେ ସଜୀବତାର ଲକ୍ଷଣ ଦେଖାଉ ନାହିଁ, ଅଭିନୟରେ କାହିଁ ଆସିବ ? ତେବେ ଗ୍ରୀଷ୍ମର ଗତ [illegible] । ପୁରୀ 'ଦେଶ ଶିକ୍ଷା ଉତ୍କଳ' ବୋଲି ଗୋଟିଏ ପ୍ରବାଦ ଅଛି । ସୁତରାଂ ଅମ୍ଭେମାନେ ଅନେକ ସମୟରେ ସହର ଓ ମଫସଲରେ ଯାତ୍ରା ପର୍ବ ଉପଲକ୍ଷରେ ଅଭିନୟର କାର୍ଯ୍ୟ ପାଉଥାଉଁ । ଏଗୁଡ଼ିକ ସୌଖୀନ ଦଳ । ବାରମାସ ଅଭିନେତାମାନେ ସ୍ୱ ସ୍ୱ କାର୍ଯ୍ୟରେ ନିଯୁକ୍ତ ଥାନ୍ତି, ଅବସରକ୍ରମେ ନିଜ ନିଜ ଅଂଶ (part) ମୁଖସ୍ଥ କରୁଥାନ୍ତି । ନିୟମିତ ଶିକ୍ଷା ନାହିଁ, ସାଧନା ନାହିଁ । ଛୁଟି ସମୟରେ ସମସ୍ତେ ଏକତ୍ର ହୋଇ ଯେନ ତେନ ପ୍ରକାରେଣ ବେଶ ଭୂଷାରେ ସଜ୍ଜିତ ହୋଇ ଯଥାକ୍ରମରେ ଅଂଶଗୁଡ଼ିକ କହି ଅଭିନୟ ସାଙ୍ଗ କରି ଦିଅନ୍ତି । ଏଥିରେ ଅଭିନୟର ଉନ୍ନତି ଆଶା କରିବା ବିଡ଼ମ୍ବନାମାତ୍ର । ଅଧିକନ୍ତୁ ଗୋଟିଏ କଥା । ଅଧିକାଂଶ ସ୍ଥଳରେ ବଙ୍ଗଳା ନାଟକର ଅଭିନୟ ହୋଇଥାଏ । ଓଡ଼ିଆ ନାଟକ ପ୍ରତି ଅତି ଅଳ୍ପ ଲୋକଙ୍କର ଆସ୍ଥା ଦେଖାଯାଏ । ଯଥାର୍ଥ କହିବାକୁ ଗଲେ ଓଡ଼ିଆ ପୁଅଙ୍କ ନିକଟରେ ଓଡ଼ିଆ ସାହିତ୍ୟ ଯେପରି ହେୟ ଓ ଅନାଦୃତ ଅନ୍ୟ କାହାର ନିକଟରେ ସେପରି ନୁହେ । ଏହା ଅମ୍ଭମାନଙ୍କର ବିଷାଦ-ପୂର୍ଣ୍ଣ ଅଭିଜ୍ଞତା । କେବେ କିଛି କରିବୁ ନାହିଁ—ଯାହା ଅଛି ବା ହେଉଅଛି ତାହାକୁ 'କିଛି ନୁହେ' ବୋଲି ଗୋଡ଼ରେ ପେଲି ଦେବୁ—ସାଧାରଣତଃ ଏହା ଶିକ୍ଷିତ ଓଡ଼ିଆର ଗୋଟିଏ ବିଶେଷ ଲକ୍ଷଣ ! ଓଡ଼ିଆରେ ଅନ୍ୟୂନ ୧୦।୧୨ ଖଣ୍ଡି ନାଟକ ପ୍ରକାଶିତ ହୋଇଅଛି । ସେଗୁଡ଼ିକ ଟିକିଏ ମାର୍ଜ୍ଜିତ କଲେ ସ୍ଥଳବିଶେଷରେ କିଛି ପରିବର୍ତ୍ତନ କରି ଦେଲେ ଅଭିନୟର ସୁନ୍ଦର

Digitized by srujanika@gmail.com

ସାଜିବା ନିମନ୍ତେ ବୋଲି ଅମ୍ଭମାନଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ । ମାତ୍ର ସେ ଆଶା ଫଳୁଅଛି କି ? ବଙ୍ଗଳାର ସ୍ଥାନ କି ଓଡ଼ିଶାରେ ଅଛି ? ଓଡ଼ିଆ ସାହିତ୍ୟ ହେଲା ତ ହେଣ ହେଲା ? ସାହିତ୍ୟ ଅଶିକ୍ଷିତମାନଙ୍କ ପାଖରେ ଥାଉ । ଅମ୍ଭମାନେ କିନ୍ତୁ ଶିକ୍ଷିତ, ସେଥିରେ ଅମ୍ଭମାନଙ୍କର ଦେଖା ମିଳେ ନାହିଁ !

ଏସବୁ ଅବାନ୍ତର କଥା ଥାଉ । କଟକଜିଲ୍ଲାନ୍ତର୍ଗତ ହୋଟପଦା ଗୋଟିଏ ବୃହତ୍ ଗ୍ରାମ—କଟକ ନଗରୀଠାରୁ ପ୍ରାୟ ୨୦ ମାଇଲ ଦୂରବର୍ତ୍ତୀ । ଗ୍ରାମର ଅଧିକାଂଶ ଅଧିବାସୀ 'ହାଟୁଆ' । ଗ୍ରାମସ୍ଥ ଜମିଦାର ଉପାଧ୍ୟ ମହନ୍ତ ଶ୍ରୀଯୁକ୍ତ ରଘୁନାଥ ପୁରୀ ଗୋସ୍ୱାମୀ ମହାଶୟ ସୁଶିକ୍ଷିତ, ସ୍ୱଦେଶବତ୍ସଳ ଏବଂ ଲୋକପ୍ରିୟ । ପରନ୍ତୁ ସେ ଜଣେ ନୀରବ କର୍ମଯୋଗୀ । ଏ ଦେଶର ପୁରାତନ ଜମିଦାରମାନଙ୍କର ଢଙ୍ଗ ବା ନବ୍ୟ ଶିକ୍ଷିତମାନଙ୍କର ବାହ୍ୟାଡ଼ମ୍ବର ତାଙ୍କୁ ସ୍ପର୍ଶ କରି ନାହିଁ । ମଠର ଅଧିଷ୍ଠାତ୍ରୀ ଦେବତାଙ୍କର ନିଷ୍ଠାବାନ୍ ସେବକ ସ୍ୱରୂପ ସେ ସର୍ବଦା ସ୍ୱୀୟ କର୍ତ୍ତବ୍ୟ ସାଧନରେ ନିଯୁକ୍ତ । ମଠର ଇଷ୍ଟଦେବତାଙ୍କ ପୂଜା ପାର୍ବଣ ଉପଲକ୍ଷରେ କେତେ ପ୍ରକାର ଯାତ୍ରା, ସୁଆଙ୍ଗ ପ୍ରଭୃତି ହୋଇ ଆସୁଥିଲା । ମହନ୍ତ ମହୋଦୟ ଅଧୁନାତନ ରୁଚିର ଅନୁସରଣ କରି ଗୋଟିଏ ନାଟକଦଳ ଗଠନ କରିବାକୁ ଇଚ୍ଛୁକ ହେଲେ । ମାତ୍ର ଦଳ ଗଢ଼ିବେ କାହାକୁ ନେଇ ? ମଫସଲରେ ଶିକ୍ଷିତ ବ୍ୟକ୍ତି କାହାନ୍ତି ? ଶିକ୍ଷିତ ବ୍ୟକ୍ତି ନ ହେଲେ କି ନାଟକ ଅଭିନୟ ସୁଚାରୁରୂପେ ହୋଇ ପାରେ ? ମାତ୍ର ମହନ୍ତ ମହାଶୟ ନିରୁତ୍ସାହ ହେବାର ଲୋକ ନୁହନ୍ତି । ସେ ସ୍ୱଗ୍ରାମର ଏବଂ ନିକଟବର୍ତ୍ତୀ କୌଣସି କୌଣସି ଗ୍ରାମର ୩୦।୪୦ ଜଣ ଅଶିକ୍ଷିତ ଲୋକ ସଂଗ୍ରହ କରି କାର୍ଯ୍ୟରେ ପ୍ରବୃତ୍ତ ହେଲେ । ଏ ଲୋକଗୁଡ଼ିକ ବାରମାସ ସ୍ୱ ସ୍ୱ କର୍ମରେ ନିଯୁକ୍ତ ଥାନ୍ତି—କିଏ କୃଷି କରେ, କିଏ ମୁଢ଼ି ଉଖୁଡ଼ା ବିକେ, କିଏ ଗୁଡ଼ା ଦହି ଖାଇ ବୁଲେ, କିଏ ଗୋରୁ ଚରାଏ, କେହି ବା ମୂଲ ଲାଗେ । ଦୁଇ ଚାରିଜଣ ଅଳ୍ପ ଶିକ୍ଷିତ ବ୍ୟକ୍ତି ଅଛନ୍ତି, ଯେଉଁମାନେ ସାମାନ୍ୟ ମାଷ୍ଟରୀ ବା ଗୁମାସ୍ତାଗିରି କରନ୍ତି । ଅଭିନୟକାଳ ନିକଟ ହୋଇ ଆସିଲେ ସମସ୍ତେ ମିଳି ମାସେଖଣ୍ଡେ ଆପଣା ଆପଣା ଅଂଶ ମୁଖସ୍ଥ ଓ ଅଭ୍ୟାସ କରି ଯଥାସମୟରେ ଠାକୁରଙ୍କ 'ଯାତ୍ରା'ରେ ଅଭିନୟ ଦେଖାନ୍ତି । ଏହି ଦଳର ପ୍ରସାଦରୁ ନିକଟବର୍ତ୍ତୀ ଅନେକଗୁଡ଼ିଏ ଗ୍ରାମର ଲୋକେ ଅଭିନୟପ୍ରୀତ ଆଗ୍ରହବାନ୍ ହୋଇଅଛନ୍ତି । ପ୍ରାୟ ଦଶବର୍ଷ ହେଲା ଏହି ଦଳଟି ଗଠିତ ହୋଇ ପ୍ରତିବର୍ଷ ସରସ୍ୱତୀ ପୂଜା ସମୟରେ ଭିନ୍ନ ଭିନ୍ନ ଓଡ଼ିଆ ନାଟକର ଅଭିନୟ ଦେଖାଇ ଆସୁଅଛନ୍ତି । ଓଡ଼ିଆ ଭାଷାରେ ନାଟକ ସଂଖ୍ୟା ଅତି ଅଳ୍ପ । ସୁତରାଂ ମହନ୍ତ ମହାଶୟ ସେତିକିରେ ପରିତୃପ୍ତ ନ ରହି ସ୍ୱୟଂ କେତେଗୁଡ଼ିଏ ଉତ୍କୃଷ୍ଟ ବଙ୍ଗଳା ନାଟକର ଅନୁବାଦ କରି ଏବଂ ଅବସ୍ଥାନୁରୂପ କେତେକ ଯୋଗ ବିଯୋଗ କରି ଅଭିନୟର ଉପଯୋଗୀ କରି ନେଇଅଛନ୍ତି । ଅନେକ ସମୟରେ ମହନ୍ତ ମହାଶୟଙ୍କର ପରିଚିତ କୌଣସି କୌଣସି ଶିକ୍ଷିତ ବନ୍ଧୁ ନିମନ୍ତ୍ରିତ ହୋଇ ଅଭିନୟ ଦର୍ଶନ କରିବାକୁ ଯାଇ ବିଶେଷ ପରିତୃପ୍ତ ହୋଇ ଆସିଥିବାର ଜଣା ଯାଇଅଛି । ଏହି ଦଳର ଅଭିନୟ ଦେଖିବାର ଇଚ୍ଛା ଅମ୍ଭମାନଙ୍କର ଅନେକ ଦିନରୁ ଥିଲେହେଁ ଏପର୍ଯ୍ୟନ୍ତ ସୁଯୋଗ ଘଟି ନ ଥିଲା । ଅଳ୍ପଦିନ ହେଲା ଉକ୍ତ ଦଳଟି ଶ୍ରଦ୍ଧେୟ ନାଟକକାର ଶ୍ରୀଯୁକ୍ତ ରାମଶଙ୍କର ବାବୁଙ୍କ ଦ୍ୱାରା ଆହୂତ ହୋଇ ତାଙ୍କ ଗୃହରେ ଦୁଇରାତ୍ର ଯଥାକ୍ରମେ 'ଯୁଗଧର୍ମ' ଓ '[illegible]ମୋଦକ' ଏହି ଦୁଇଖଣ୍ଡି ସାମାଜିକ ନାଟକର ଅଭିନୟ ଦେଖାଇ ଯାଇ ଅଛନ୍ତି । ଏହି ଅଶିକ୍ଷିତ ଗ୍ରାମ୍ୟ ଅଭିନେତୃଦଳର ଅଭିନୟ ଦେଖିବା ପାଇଁ ସହରର କେତେ ବିଶିଷ୍ଟ ଭଦ୍ର ଶିକ୍ଷିତ ବ୍ୟକ୍ତି ଉପସ୍ଥିତ ହୋଇଥିଲେ ଏବଂ ଅମ୍ଭେମାନେ ସେତେବେଳେ ଅବଗତ

Digitized by srujanika@gmail.com

ହୋଇଅଛି ସମସ୍ତେ ଆଶାତୀତ ଆନନ୍ଦ ଅନୁଭବ କରି ଅଛନ୍ତି ଏବଂ ମହନ୍ତ ମହାଶୟଙ୍କର ଯତ୍ନ, ଅଧ୍ୟବସାୟ ଓ ଶିକ୍ଷାକୌଶଳର ଭୂୟସୀ ପ୍ରଶଂସା କରୁଅଛନ୍ତି ।) ଆମ୍ଭେମାନେ ନିମନ୍ତ୍ରିତ ହୋଇ ପ୍ରଥମ ଥର 'ଯୁଗଧର୍ମ'ର ଅଭିନୟ ଦର୍ଶନ କରିବାକୁ ଯାଇଥିଲୁଁ । ଯଥାର୍ଥରେ ଆମ୍ଭେମାନେ ଆଶାତୀତ ଆନନ୍ଦ ଅନୁଭବ କରିଅଛୁଁ ! ବସ୍ତୁତ ଉତ୍କଳଖଣ୍ଡରେ ବହୁ ଶିକ୍ଷିତ ଓ ଧନାଢ୍ୟ ବ୍ୟକ୍ତିଙ୍କ ଦ୍ୱାରା ଏବଂ ନଗର ଓ ଉପନଗରମାନଙ୍କରେ ଏପର୍ଯ୍ୟନ୍ତ ଯାହା ହୋଇ ପାରି ନାହିଁ, ମହନ୍ତ ମହାଶୟ ଏଣୁ ତେଣୁ କେତେଗୁଡ଼ିଏ ଲୋକଙ୍କୁ ଗୋଟାଇ ଆଣି ଐକାନ୍ତିକ ଅନୁରାଗ ଓ ଯତ୍ନଦ୍ୱାରା ତାହା ସମାଧାନ କରି ଅଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଏ ସଂସାରରେ କେବଳ କଳ୍ପନା ଜଳ୍ପନାଦ୍ୱାରା କିଛି ହୁଏ ନାହିଁ; ପ୍ରକୃତ ଅନୁରାଗ ଓ ଉତ୍ସାହ ସହିତ କାର୍ଯ୍ୟକ୍ଷେତ୍ରରେ ଅବତରଣ ପୂର୍ବକ ବଳବୁଦ୍ଧି ନିୟୋଗ କଲେ ଅନେକ ଅସାଧ୍ୟ ସାଧନ ହୋଇଯାଏ । ମହନ୍ତ ମହାଶୟ ତାହାର ଦୃଷ୍ଟାନ୍ତ ଦେଖାଇ ଅଛନ୍ତି । ଆମ୍ଭେମାନେ ବର୍ତ୍ତମାନ ଦଳର ତ୍ରୁଟି ବା ଦୋଷ ଆଲୋଚନା କରିବୁଁ ନାହିଁ । ଯାହା ଯାହା ଲକ୍ଷିତ ହେଲା, ତାହା ଅଳ୍ପାୟାସରେ ସଂଶୋଧିତ ହୋଇପାରେ ଏବଂ କୌଣସି କୌଣସି ବିଷୟରେ ଅଭିନେତାଙ୍କ ଅପେକ୍ଷା ଅଭିନୀତ ନାଟକର ଭାଷା ଅଧିକ ଦାୟୀ । ନିତ୍ୟାନନ୍ଦ, ଯଶୋଦା, ରାଣୀ, ପ୍ରେମମୟୀ, ହରିଦାସ, ମହନ୍ତ ନିର୍ବେଦ ଦାସ, ରାଧୀମାଝି, ଜଳକର ପିଅଦା, କେଳୁଣୀ, ଅଦୃଷ୍ଟ କୁମାରୀଙ୍କ ନୃତ୍ୟଗୀତ ଏ ଅଂଶଗୁଡ଼ିକ ଅତି ସୁନ୍ଦରରୂପେ ଓ ଦକ୍ଷତା ସହକାରେ ଅଭିନୀତ ହୋଇଥିଲା । ଗାଉଁଥ ଭୂଠରେ ଗ୍ରାମ୍ୟ ସ୍ତ୍ରୀମାନଙ୍କର କଥାବାର୍ତ୍ତା ଖୁବ ସ୍ୱାଭାବିକ ବୋଧ ହେଲା । ଅଭିନୟ ଦେଖୁଦେଖୁ କେତେବେଳେ କ୍ରୋଧରେ ଘୃଣାରେ ପ୍ରାଣ ଉତ୍ତେଜିତ ହୋଇ ଉଠୁଥିଲା, କେତେବେଳେ ବା ଦୁଃଖରେ ଅବସାଦରେ ହୃଦୟ ମନ ଅବସନ୍ନ ହୋଇ ପଡୁଥିଲା । ଏଥିପାଇଁ ଗ୍ରନ୍ଥକାର ଏବଂ ଅଭିନେତୃଦଳ ଉଭୟେ ଧନ୍ୟବାଦାର୍ହ । ଯେ ଏପରି ସୁନ୍ଦରରୂପେ ସମାଜ-ଚିତ୍ର ଅଙ୍କିତ କରି ପାରନ୍ତି ଏବଂ ଯେ ସେହି ଚିତ୍ରଗୁଡ଼ିକ ସ୍ୱାଭାବିକ-ରୂପେ ପ୍ରଦର୍ଶନ କରିପାରନ୍ତି ସେମାନେ ଜନ-ସାଧାରଣଙ୍କର ମହୋପକାରୀ ବନ୍ଧୁ ।

(ଆମ୍ଭେମାନେ ଉପରୋକ୍ତ ଦଳର ଯେଉଁ ବିବରଣ ଦେଇଅଛୁଁ ସେଥିରୁ ସ୍ପଷ୍ଟ ବୁଝା ଯାଉଅଛି ଯେ ଏହା ଗୋଟିଏ ସୌଖୀନ ଦଳ (amateur party) । ମାତ୍ର ଏମାନଙ୍କୁ ଆଉ ଟିକିଏ ଅଗ୍ରସର କରି ଦେଇ ସହଜରେ ବ୍ୟବସାୟୀ ଦଳରେ ପରିଣତ କରାଯାଇ ପାରେ । ରାମଶଙ୍କର ବାବୁ ସେମାନଙ୍କୁ ସାଧାରଣଙ୍କ ସମକ୍ଷକୁ ଆନୟନ କରି ଧନ୍ୟବାଦର ପାତ୍ର ହୋଇ ଅଛନ୍ତି । ଆମ୍ଭେମାନେ ମଧ୍ୟ ଉତ୍କଳବାସୀ ସହୃଦୟ ଓ ଧନାଢ୍ୟ ବ୍ୟକ୍ତିମାନଙ୍କ ଦୃଷ୍ଟି ଏହି ଦଳପ୍ରତି ଆକର୍ଷଣ କରିବା ନିମିତ୍ତ ଏତେ କଥା ଲେଖିବାକୁ ପ୍ରବୃତ୍ତ ହେଲୁଁ । ଯେଉଁମାନେ ସହସ୍ର ସହସ୍ର ଟଙ୍କା ବ୍ୟୟ କରି କଲିକତାରୁ ଥିଏଟର ଦଳ ଆଣି ସାଧାରଣଙ୍କୁ ଟିକିଏ ଆମୋଦ ଦେବା ସଙ୍ଗେ ସଙ୍ଗେ ସେମାନଙ୍କ ପ୍ରାଣରେ ବିଷମ ବିଷ ଢାଳି ଦେଉଅଛନ୍ତି, ସେମାନେ ଅପେକ୍ଷାକୃତ ସ୍ୱଳ୍ପବ୍ୟୟରେ ଏହି ଦଳର ଅଭିନୟ ଦେଖାଇ ନିର୍ଦ୍ଦୋଷ ଆମୋଦ ଦେବା ସଙ୍ଗେ ସଙ୍ଗେ ସ୍ୱଦେଶର ବିଶେଷ ଉପକାର ସାଧନ କରିପାରିବେ ।) ଅବଶ୍ୟ ସେପରି ଉତ୍ସାହର ଆଶା ପାଇଲେ ଅଭିନେତୃଗଣ ସ୍ୱ ସ୍ୱ କାର୍ଯ୍ୟରେ ଅଧିକ ମନୋଯୋଗୀ ହେବେ ଏବଂ ବେଶଭୂଷାର ପାରିପାଟ୍ୟ ଓ ଅଭିନୟର ଉତ୍କର୍ଷ ସାଧନ କରି ସର୍ବସାଧାରଣଙ୍କ ଚିତ୍ତ ବିନୋଦନ କରିବାକୁ ସଚେଷ୍ଟ ହେବେ । ପରନ୍ତୁ ଏମାନଙ୍କର ସଫଳତା ଦେଖିଲେ ଅପରାପର ଦଳ ଗଠିତ ହେବାର ସମ୍ଭାବନା ହେବ ଏବଂ ପରୋକ୍ଷଭାବରେ ନାଟ୍ୟ-ସାହିତ୍ୟର ମଧ୍ୟ ଉତ୍କର୍ଷ ସାଧିତ ହୋଇ ପାରିବ ।

Digitized by srujanika@gmail.com

ବର୍ତ୍ତମାନ 'ଯୁଗଧର୍ମ'ର ଅଭିନୟ ସମ୍ବନ୍ଧରେ ଦୁଇଟିଗୋଟିଏ କଥାକହି ବକ୍ତବ୍ୟ ଶେଷ କରିବୁଁ । ପୁସ୍ତକ ଖଣ୍ଡି ପାଠ କଲାବେଳେ ଆମ୍ଭମାନଙ୍କ ମନରେ ଯେଉଁ ଭାବ ଜାତ ହୋଇଥିଲା, ତାହା ସମାଲୋଚନା ପ୍ରସଙ୍ଗରେ ବ୍ୟକ୍ତ କରୁଅଛୁଁ । ଅଭିନୟ ଦର୍ଶନ କଲା ଉତ୍ତାରେ ସେହି ଭାବ ଦୃଢ଼ୀଭୂତ ହୋଇଅଛି । ସୁତରାଂ ସେ ବିଷୟର ପୁନରାବୃତ୍ତି ନିଷ୍ପ୍ରୟୋଜନ । ଅଧିକନ୍ତୁ ସଙ୍ଗୀତଗୁଡ଼ିକର ମନୋହାରିତ୍ୱ ବିଶେଷରୂପେ ଉପଲବ୍ଧି କରିପାରିଅଛୁଁ । କେବଳ ଯେଉଁ ଯେଉଁ ବିଷୟରେ ତ୍ରୁଟି ଲକ୍ଷିତ ହେଲା, ତାହାହିଁ ବ୍ୟକ୍ତ କରୁଅଛୁଁ । ପ୍ରଥମ କଥା, ମହନ୍ତ ଉଦ୍ଧବ ଦାସର ଉକ୍ତି । ଉଦ୍ଧବ ଦାସ ମୁଖରେ ଗ୍ରନ୍ଥକାର ଯେଉଁ ସବୁ ଉକ୍ତି ଦେଇଅଛନ୍ତି, ସେଗୁଡ଼ିକ ସେପରି ଜଣେ ଉଦରସର୍ବସ୍ୱ ନରାଧମ ପକ୍ଷରେ କିଞ୍ଚିନ୍ମାତ୍ର ଅସଙ୍ଗତ ନୁହେଁ । ମାତ୍ର ଭଦ୍ରସମାଜରେ ବିଶେଷତଃ ପୁରନାରୀମାନଙ୍କ ସମକ୍ଷରେ ତନ୍ମଧ୍ୟରୁ କୌଣସି କୌଣସି ଅଂଶ ବ୍ୟକ୍ତ କରିବା ଅତ୍ୟନ୍ତ ଆପତ୍ତିଜନକ ବୋଧ ହେଲା । ଦ୍ୱିତୀୟ କଥା ବ୍ରାହ୍ମବିବାହସଭାର ଦୃଶ୍ୟ । ଏଦୃଶ୍ୟଟି ଅଦୌ ନାଟକୋପଯୋଗୀ ବୋଲି ବୋଧ ହେଲା ନାହିଁ । ଏଥିରେ ବରଂ ଯାତ୍ରାଦଳର ସୁଅଙ୍ଗର କିଞ୍ଚିତ୍ ଆଭାସ ରହିଅଛି । ଗାଧୁଆତୁଠରେ ଗ୍ରାମ୍ୟସ୍ତ୍ରୀମାନଙ୍କ ମୁଖରେ ଗ୍ରନ୍ଥକାର ଏକପ୍ରକାର ଗଭୀର ପରିଣାମ ବ୍ୟକ୍ତ କରିଅଛନ୍ତି । ଶେଷରେ ହରିଦାସ ଓ ପ୍ରେମମୟୀଙ୍କୁ ମଧ୍ୟ ସେଠାରେ ଆଣି ଉପସ୍ଥିତ କରାଇଅଛନ୍ତି । ଆମ୍ଭମାନଙ୍କ ମତରେ ସେହିମାନଙ୍କ କଥୋପକଥନ ଆଉ ଟିକିଏ ବଢ଼ାଇ ଦେଇ ସେହିଠାରେ ଉପସଂହାର କରିଥିଲେ ଠିକ ହୋଇଥାନ୍ତା । ନବ୍ୟ ନନ୍ଦ ସମ୍ବନ୍ଧରେ ବା ବ୍ରାହ୍ମସମାଜ ସମ୍ବନ୍ଧରେ ତାଙ୍କର ବିଶେଷ ବକ୍ତବ୍ୟ ସେଠାରେ ସେ ଅନାୟାସେ ବ୍ୟକ୍ତ କରି ପାରିଥାନ୍ତେ । ଦ୍ୱିତୀୟ, ପାତ୍ରଙ୍କର ଭାଷା । ରାମଶଙ୍କର ବାବୁ ପୁସ୍ତକରେ ଧରେଇ ଭାଷା ଓ ଢଗଢ଼ମାଳ ପ୍ରଭୃତି ଯଥେଷ୍ଟ ବ୍ୟବହାର କରିଅଛନ୍ତି ଏବଂ ସେଗୁଡ଼ିକ ପ୍ରାୟ ଉପଯୁକ୍ତ ସ୍ଥାନରେ ବ୍ୟବହୃତ ହୋଇଅଛି । ମାତ୍ର କେତେ ସ୍ଥଳରେ କଥାବାର୍ତ୍ତାଗୁଡ଼ିକ ଲିଖିତ ଭାଷା କଣ୍ଠସ୍ଥ କରି କହିଲାପରି ବୋଧ ହେଲା । ମନେ କରନ୍ତୁ, କଥାବାର୍ତ୍ତାରେ 'ଆଜ ତୁମ୍ଭର କଣ ହୋଇଅଛି କି ?' 'ତୁମ୍ଭେ କେଉଁଠାକୁ ଯାଉଅଛ', 'ମୁଁ ପଳାଇ ଆସିଲି' 'ମତେ ଗାଳି ଦେଉଅଛ', ଏପରି ପ୍ରୟୋଗ ହୋଇଥାଏ କି ? ଏହାଛଡ଼ା କେତେକ ସ୍ଥଳରେ ଚପା ବା ଗ୍ରାମ୍ୟ ସ୍ତ୍ରୀମୁଖରେ ଗ୍ରାମ୍ୟକଥା ସଙ୍ଗରେ ଗୋଟାଏ ଗୋଟାଏ ସାଧୁଶବ୍ଦ ମିଶିଥିବାରୁ କାନକୁ ଟିକିଏ ଅଡୁଆ ଲାଗୁଥିଲା । ଏହି ଦୁଇଗୋଟି କଥା ଆମ୍ଭମାନଙ୍କ ମନକୁ ବିଶେଷ ଅଡୁଆ ଲାଗିଥିଲା । ସୁତରାଂ ଶ୍ରଦ୍ଧେୟ ଗ୍ରନ୍ଥକାରଙ୍କ ବିଚାର ନିମିତ୍ତ ଏଠାରେ ଉଲ୍ଲେଖ କଲୁଁ । ଆଉ ଅଧିକ କିଛି କହିବାର ନାହିଁ ।

ସାମାଜିକ ସଙ୍କଟ ।

ବିଗତ ଦୁଇ ହଜାର ବର୍ଷ ଭାରତୀୟ ସଭ୍ୟତା ପୁଷ୍ଟିର ପ୍ରଶସ୍ତ କାଳ । ଏହି ପ୍ରଶସ୍ତକାଳର ବିଭିନ୍ନ ଯୁଗମାନଙ୍କରେ ଭାରତୀୟ ସଭ୍ୟତାର ଜନ୍ମ, ପରିପୁଷ୍ଟି ଓ ପରିପକ୍ୱତା ସଂସାଧିତ ହୋଇଅଛି । ବେଦ-ବେଦାନ୍ତ-ଉପନିଷଦ୍, ରାମାୟଣ ମହାଭାରତ ପୁରାଣାଦି ବିଶାଳକାୟ ସଂସ୍କୃତ ସାହିତ୍ୟ ଏବଂ ପ୍ରାଚୀନ ଭାରତର ଶିଳ୍ପ-ବିଭବ ଉକ୍ତ ସଭ୍ୟତାର ସାକ୍ଷୀସ୍ୱରୂପେ ବିଦ୍ୟମାନ ଥାଇ ତାହାର ପ୍ରତ୍ୟେକ ସ୍ତରର ଇତିହାସ ଗାନ କରୁଅଛି । ଏହି ସମୟ ମଧ୍ୟରେ ଗ୍ରୀକ୍, ମୋଗଲ ପ୍ରଭୃତି ସଭ୍ୟତାମାନଙ୍କ ସଂଘର୍ଷଣରେ ତାହାର ଯେଉଁ ଅବସ୍ଥା-ବିପର୍ଯ୍ୟୟ ଘଟିଥିଲା ତାହା ଆମ୍ଭେମାନେ ଇତିହାସରେ ପାଠ କରିଥାଉଁ । ଯାହା ଘଟିବାର ଘଟିଅଛି । ତାହାର ସୁଫଳ ଓ କୁଫଳ ଆମ୍ଭେମାନେ ଆଜି ଭୋଗ କରୁଅଛୁଁ । ତହିଁର ଆଲୋଚନା କରିବା ଆମ୍ଭମାନଙ୍କର ଉଦ୍ଦେଶ୍ୟ ନୁହେଁ । ବିଗତ ଶତାବ୍ଦୀ ମଧ୍ୟରେ ଆମ୍ଭେମାନେ ପୁନଃ ପାଶ୍ଚାତ୍ୟ ସଭ୍ୟତାର ଯେଉଁ ପ୍ରଖର ସ୍ରୋତର ସମ୍ମୁଖବର୍ତ୍ତୀ

Digitized by srujanika@gmail.com

ହୋଇଅଛି ଏବଂ ଯାହା ବିଧାତା ପୁରୁଷଙ୍କ ଅଶେଷ-କୃପା ବଳରେ ଆମ୍ଭମାନଙ୍କର ଭାଗ୍ୟ-ଚକ୍ରର ପରିବର୍ତ୍ତନ ସାଧନ ନିମିତ୍ତ ଅଭିପ୍ରେତ, ତାହା ଆମ୍ଭମାନଙ୍କର କେତେଦୂର ଉପଯୋଗୀ ହୋଇଅଛି, ଅଳ୍ପ ସଂକ୍ଷିପ୍ତରେ ସେହିର ଆଲୋଚନା କରି ଦେଖିବା ଏହି କ୍ଷୁଦ୍ର ପ୍ରବନ୍ଧର ଉଦ୍ଦେଶ୍ୟ ।

ସଭ୍ୟତାର କାର୍ଯ୍ୟକ୍ଷେତ୍ର ସମାଜ । ଶିକ୍ଷା ତାହାର ମାର୍ଗ-ପରିଷ୍କାରକ । ଶିକ୍ଷା-ସ୍ରୋତର ଗତି କଦାପି ଭାରତରେ ସ୍ଥଗିତ ହୋଇ ନାହିଁ । ବରଂ ପାଶ୍ଚାତ୍ୟ ଶିକ୍ଷା-ସ୍ରୋତ ପ୍ରପାତ-ବେଗରେ ପଡ଼ି ତାହାର ମନ୍ଥର ଗତିକୁ ଶତଗୁଣରେ ପ୍ରଖର କରି ଦେଇଅଛି । ପ୍ରଖର ସ୍ରୋତର ଅନୁକୂଳ ମାର୍ଗ ସରଳ, ସୁତରାଂ ମହାସାଗରର ସ୍ୱଳ୍ପ ଦୂର-ବର୍ତ୍ତୀ ଭାରତୀୟ ସମାଜ-ଶରୀରର ଅବସ୍ଥା ଅନ୍ୟ-ରୂପ । ତାହା ଅତ୍ୟନ୍ତ ବନ୍ଧୁର । କେଣେ ସ୍ରୋତର ଗତି ଏଠାରେ ଅତିବ ମନ୍ଥର । କେଣେ ମହା-ସାଗର ଆମ୍ଭମାନଙ୍କର ବହୁ ଦୂରବର୍ତ୍ତୀ ହୋଇ ଅଛି । ସମାଜ-ଶରୀରର ଏହି ବନ୍ଧୁରତା ଭଙ୍ଗ କରି ଆମ୍ଭମାନଙ୍କୁ ଦ୍ରୁତଗତିରେ ସାଗରାଭିମୁଖୀନ ହେବାକୁ ହେବ । ନଚେତ୍ ଗୋଳକଧନ୍ଦାରେ ପଡ଼ି ଆମ୍ଭମାନଙ୍କୁ ଉଦ୍ଭ୍ରାନ୍ତ ହେବାକୁ ପଡ଼ିବ ।

ଏକଶତାବ୍ଦୀ ମଧ୍ୟରେ ଏହି ବନ୍ଧୁରତା-ବିନାଶ କାର୍ଯ୍ୟ ଆଶାନୁରୂପ ଅଗ୍ରସର ହୋଇଥିଲେହେଁ ବାଞ୍ଛନୀୟ ଫଳ ଲବ୍ଧ ହୋଇ ନାହିଁ । ସଂସାରର ଶତ୍ରୁ ମିତ୍ର ସବୁକାଳରେ ଓ ସବୁ ଦେଶରେ ଅଛନ୍ତି । ଆମ୍ଭମାନଙ୍କ ଏହି ହତଭାଗ୍ୟ ଦେଶରେ ମିତ୍ର ଅପେକ୍ଷା ଶତ୍ରୁ ଭାଗ ଅତ୍ୟନ୍ତ ଅଧିକ । ଶିକ୍ଷା ବିସ୍ତାରର ସ୍ୱଳ୍ପତାହିଁ ଏହି ଶତ୍ରୁ ଦଳ ବୃଦ୍ଧିର ପ୍ରଧାନ କାରଣ । ଯେଉଁ ଦେଶର ଶତକଡ଼ା ୯୦ ଜଣ ନରନାରୀ ନିରକ୍ଷର ସେ ଦେଶର ଉନ୍ନତି ଯେ ଦୂରପରାହତ ତାହା ଏକପ୍ରକାର ନିଶ୍ଚିତ । ମାତ୍ର ତାହା ହେଲେ ସୁଦ୍ଧା ଆମ୍ଭମାନଙ୍କର ହତାଶ ହେବାର ଉଚିତ ନୁହେ ! ସଂସାରର ଆମ୍ଭମାନଙ୍କର ସହାୟ ଏବଂ ସେ ଆମ୍ଭମାନଙ୍କର ଉତ୍ଥାନ ନିମିତ୍ତ ଚତୁର୍ଦ୍ଦିଗରୁ ନାନା ଉପାୟ ପ୍ରେରଣ କରୁଥିବାର ପ୍ରମାଣ ଆମ୍ଭେ-ମାନେ ନିତ୍ୟ ପ୍ରତ୍ୟକ୍ଷ କରୁଅଛୁଁ । ସର୍ବେଶ୍ୱରଙ୍କ ମଙ୍ଗଳମୟ ବିଧାନ ବଳରେ ଯେଉଁଠାବେଳେ ଆମ୍ଭେମାନେ ଉନ୍ନତିରୂପ ସ୍ରୋତ ମଧ୍ୟକୁ ଆନୀତ ହୋଇଅଛୁଁ ସେତେବେଳେ ଅବଶ୍ୟ ଆମ୍ଭେମାନେ ନିଶ୍ଚୟ ସ୍ରୋତର ଗତି ସାହାଯ୍ୟରେ ଉନ୍ନତ ପ୍ରଦେଶ ଆଡ଼କୁ ଗତି କରିବୁଁ । ଆମ୍ଭମାନଙ୍କୁ କେବଳ ଏତିକି ଦେଖିବାକୁ ହେବ ଯେ ଏହି ସ୍ରୋତର ଯେଉଁମାନେ କର୍ଣ୍ଣଧାର ହୋଇ ଆମ୍ଭମାନଙ୍କୁ ପରି-ଚାଳନ କରିବେ ସେମାନେ କିପରି ଆପଣା ଆପଣା କର୍ତ୍ତବ୍ୟ ପାଳନ ଓ ସାଧନ କରୁଅଛନ୍ତି । ଏହି କର୍ଣ୍ଣଧାର ଆମ୍ଭମାନଙ୍କର ଶିକ୍ଷିତ ସମ୍ପ୍ରଦାୟ । ସମାଜ ସେମାନଙ୍କର କାର୍ଯ୍ୟକ୍ଷେତ୍ର । ଯେ ଯେଉଁ ପ୍ରଣାଳୀରେ ଶିକ୍ଷା ଲାଭ କରୁଅଛନ୍ତି ତାହାଙ୍କୁ ସେହି ପ୍ରଣାଳୀରେ ସମାଜକ୍ଷେତ୍ରରେ କାର୍ଯ୍ୟ କରି-ବାକୁ ପଡ଼ିବ । ସମାଜର ଭ୍ରୂକୁଟିକୁ ଭୟ କରି ଯେଁ ଆଖି ବାନ୍ଧି ଦେଇ ନିଶ୍ଚିନ୍ତ ହୋଇ ବସି ରହିଲେ ଚଳିବ ନାହିଁ । ଯେ ପର୍ଯ୍ୟନ୍ତ ପ୍ରତ୍ୟେକ ଶିକ୍ଷିତ ନରନାରୀ ଆପଣା ଆପଣାକୁ ବିଶେଷ ବିଶେଷ ଉଦ୍ଦେଶ୍ୟ ସାଧନ ନିମିତ୍ତ ଆହୂତ ବୋଲି ମନେ ନ କରିବେ ସେ ପର୍ଯ୍ୟନ୍ତ ଦେଶର ଆଶା କଦାପି ଫଳବତୀ ହେବ ନାହିଁ । କୌଣସି ଦେଶରେ ତାହା ହୋଇ ନାହିଁ ।

ଆମ୍ଭେମାନେ ଦେଖିଲୁଁ, ବର୍ତ୍ତମାନ ଉନ୍ନତି-ସ୍ରୋତର ପ୍ରଧାନ ଉପକରଣ ଶିକ୍ଷା ଓ ସଂସ୍କାର । ଶିକ୍ଷା ବିସ୍ତାର ଆମ୍ଭମାନଙ୍କ ଦେଶରେ ପ୍ରଚୁର ପରିମାଣରେ ହୋଇ ନ ଥିଲେହେଁ ନେହାତ ହତାଶ ନାହିଁ । ପ୍ରତିବର୍ଷ ଏହି ହତଭାଗ୍ୟ ଦେଶରେ ଯେଉଁ ସକଳ ନରନାରୀ ଶିକ୍ଷା-ମନ୍ଦିରରୁ ସ୍ନାତ ଓ ପୁରସ୍କାର ନିଦର୍ଶନ-ପତ୍ର ନେଇ ବହିର୍ଗତ ହେଉଅଛନ୍ତି ସେମାନଙ୍କର ସଂଖ୍ୟା ଅବସ୍ଥା ବିବେଚନାରେ ନିତାନ୍ତ ନଗଣ୍ୟ ନୁହେ । ପ୍ରତ୍ୟେକ ଶିକ୍ଷିତ ନରନାରୀଙ୍କ ଉପରେ ପାଞ୍ଚଗୋଟି ଲୋକର ପରି-ଚାଳନର ଭାର ଅର୍ପଣ କଲେ ଚତୁର୍ଦ୍ଦିଗ ନିତାନ୍ତ

Digitized by srujanika@gmail.com

ବେଶି ବା ଅସମ୍ଭବନୀୟ ହେବ ନାହିଁ । କେବଳ ଉପଯୁକ୍ତ ପରିମାଣ ନୈତିକ ବଳ ଓ କାର୍ଯ୍ୟକାରୀ ଶକ୍ତିର ବିଶେଷ ପ୍ରୟୋଜନୀୟ । ଦୁଃଖର ବିଷୟ, ଏହି ଦୁଇଟି ଅମ୍ଭମାନଙ୍କର ନାହିଁ ଏବଂ ଏହି ମହତ୍ ଅଭାବହିଁ ଅମ୍ଭମାନଙ୍କର ସକଳ ପ୍ରକାର ଦୁରବସ୍ଥାର ହେତୁ । କ୍ୱଚିତ୍ ଜଣେ ଜଣେ ରାମମୋହନ, ବିଦ୍ୟାସାଗର ବା ରାନାଡେ ଏଠାରେ ସେଠାରେ ଅବତୀର୍ଣ୍ଣ ହୋଇ ଅମ୍ଭମାନଙ୍କ ନିର୍ଜୀବ ପ୍ରାଣରେ ବଳାଧାନ କରି ଦେଉଥାନ୍ତି; ମାତ୍ର ତାହା ଅଧିକ କାଳ ସ୍ଥାୟୀ ହୁଏ ନାହିଁ । ଯୁଗଯୁଗାନ୍ତର-ବ୍ୟାପୀ ନିଶ୍ଚେଷ୍ଟତା ଏବଂ ସଙ୍କୀର୍ଣ୍ଣତା ଅମ୍ଭମାନଙ୍କୁ ଏକାବେଳକେ ସାରଶୂନ୍ୟ କରି ପକାଇ ଅଛି । ସମ୍ମୁଖରେ ସଂଗ୍ରାମକ୍ଷେତ୍ର । ଅସ୍ତ୍ର ଶସ୍ତ୍ର ସବୁ ସୁସଜ୍ଜିତ । ଜୟର ନୈଶ୍ଚିନ୍ତ୍ୟ ଭେରୀ-ରବରେ ଅମ୍ଭମାନଙ୍କ କର୍ଣ୍ଣକୁହରରେ ନିନାଦିତ ହେଉଅଛି । ଏପରି-ବେଳେ କି ଅମ୍ଭମାନଙ୍କର ନିଶ୍ଚେଷ୍ଟ ବା ଉଦାସୀନ ହୋଇ ବସି ରହିବାର ବେଳ ? ସୁଯୋଗ ଓ ସୁବିଧାକୁ ଉପେକ୍ଷା କରିବାଠାରୁ ବଳି ଘୋର ଦୁର୍ଭାଗ୍ୟ ଆଉ କଣ ହୋଇ ପାରେ ?

ଏବେ ଶିକ୍ଷିତ ସମ୍ପ୍ରଦାୟର ପ୍ରକୃତ ଅବସ୍ଥା ସ୍ୱରୂପ, ଦେଖାଯାଉ । ଶର୍ମା ଅବାଳରୁ ମନଃ-ସଂଯୋଗପୂର୍ବକ ପାଠାଭ୍ୟାସ କରି ବିଶ୍ୱବିଦ୍ୟାଳୟର ଉଚ୍ଚତମ ପରୀକ୍ଷାରେ ବିଶିଷ୍ଟ ପ୍ରଶଂସା ସହିତ ଉତ୍ତୀର୍ଣ୍ଣ ହେଲେ । ଜଗତର ଶ୍ରେଷ୍ଠ ମନୀଷୀମାନଙ୍କ ସହିତ ତାଙ୍କର ପରିଚୟ ହେଲା । ସେମାନେ ତାଙ୍କୁ ମାନବୋନ୍ନତିର ଗୂଢ଼ମନ୍ତ୍ରଗୁଡ଼ିକ ଶିକ୍ଷା ଦେଇ ଅପଣା ଦେଶ ଓ ସମାଜର ଘୋର ଦୁର୍ଦ୍ଦଶାର ମୂଳ ହେତୁ ଆଡ଼କୁ ତାଙ୍କର ଦୃଷ୍ଟି ଆକର୍ଷଣ କରି କର୍ତ୍ତବ୍ୟ-କ୍ଷେତ୍ରରେ ଛାଡ଼ି ଦେଲେ । ଶର୍ମା ଉକ୍ତ ଭୂମିରେ ଦଣ୍ଡାୟମାନ ହୋଇ ଚତୁର୍ଦ୍ଦିଗ ନିରୀକ୍ଷଣ କରି କାର୍ଯ୍ୟରେ ହସ୍ତକ୍ଷେପ କଲାକ୍ଷଣି ନାନାଦିଗରୁ ବାଧାବିଘ୍ନଗୁଡ଼ିକ ଭୟଙ୍କର ମୂର୍ତ୍ତି ଧାରଣ କରି ତାଙ୍କୁ ଆକ୍ରମଣ କଲେ । ଯୁବକ ଏହି ବାଧାବିଘ୍ନ ସହିତ ସଂଗ୍ରାମରେ ପ୍ରବୃତ୍ତ ନ ହୋଇ ସେହିଠାରେ ଉଦାସୀନତାର ମନ୍ତ୍ରରେ ଦୀକ୍ଷିତ ହୋଇ ଚିରକାଳ ନିମନ୍ତେ କର୍ମଯୋଗ ନିକଟରୁ ବିଦାୟ ଗ୍ରହଣ କଲେ । ତାଙ୍କର ଆଶା ଭରସା ସବୁ ଏକାବେଳକେ ଦମିତ ହୋଇଗଲା । ଜଣେ ଅଧେ ଯେଉଁ ଯୁବକ ବଳରେ ସମାଜକୁ ବାଧା ଦେବାକୁ ଅଗ୍ରସର ହେଲେ, ସମାଜ ସେମାନଙ୍କୁ ଅପଣା କୋଡ଼ରୁ ଛାଡ଼ି ଦେଲା । ସଭ୍ୟତର ସମାଜ ଛତ୍ରକ୍ଷଣାରୁ ଆଦରପୂର୍ବକରେ ସେମାନଙ୍କୁ ଅପଣା ଅଙ୍କରେ ଆଶ୍ରୟ ଦେଇ ପ୍ରତିପାଳନ କରିବାକୁ ଲାଗିଲା । ସେହିମାନେ ଅମ୍ଭମାନଙ୍କ ଦେଶରେ ବନର୍ଜି, ପାଲିଟ୍, ରବର୍ଟ୍, ଅସ୍ପୃଡ଼୍, ଇସାବେଲା, ମାର୍ଥା ପ୍ରଭୃତି ନାମରେ ଉନ୍ନତିର ଧ୍ୱଜା ଟେକି ବୁଲିଲେ । ରକ୍ଷଣଶୀଳ ସମାଜର ନିଦ୍ରା ଭାଙ୍ଗିଲା । ଜଣେ ଅଧେ ଧର୍ମଚୂଡ଼ାମଣି ବ୍ୟସ୍ତ ସମସ୍ତ ହୋଇ ପ୍ରମାଦ ଗଣି ସଂସ୍କାରର ବାନା ଉଡ଼ାଇ ସମାଜକୁ ବୁଝାଇବାକୁ ଲାଗିଲେ ଯେ ପ୍ରାଚୀନ ସମାଜର ସବୁ ଭଲ ଓ ଯୁକ୍ତିସଂଗତ । ଅମ୍ଭମାନଙ୍କୁ କିଛି ନୂଆ ଗ୍ରହଣ କରିବାକୁ ହେବ ନାହିଁ । ଅମ୍ଭମାନଙ୍କର ସୁଦ୍ଧ ଶିଖାର ପୁଚ୍ଛା ବ୍ୟବହାର ଅଛି । ବିଦ୍ୟୁତ ଚମକିଲେ ବେଳେ ଅଟ୍ଟାଳିକାର ଅଗ୍ରଭାଗରେ ଦଣ୍ଡାୟମାନ ରହିଲେ ବଜ୍ରପାତର ଆଉ ଆଶଙ୍କା ରହିବ ନାହିଁ । ଶିଖା ତାହାକୁ ଆକର୍ଷଣ କରିନେବ । ଏହିପରି ଅନେକାନେକ ହାସ୍ୟାସ୍ପଦ ବ୍ୟାଖ୍ୟା-ମାନ ବାହାରିବାକୁ ଲାଗିଲା । ସ୍ରୋତ-ମୁଖରୁ ଲୁଚି ରହିବାକୁ ସେମାନେ ଯେତେ ଚେଷ୍ଟା କଲେହେଁ ସଫଳ ହେଲେ ନାହିଁ । ପ୍ରଖର ସ୍ରୋତ ସବୁ ଭସାଇ ନେଇଗଲା । ବର୍ତ୍ତମାନ ମଧ୍ୟ ନେଇ ଯାଉଅଛି । ଅମ୍ଭେମାନେ ପ୍ରତ୍ୟକ୍ଷ ଦେଖିପାରୁଅଛୁଁ ସ୍ରୋତର ଗତି-ରୋଧ କରିବାର ଶକ୍ତି ଅମ୍ଭମାନଙ୍କର ନାହିଁ । କାହାର ନ ଥାଏ । ତଥାପି ଅମ୍ଭେମାନେ ନିଶ୍ଚେଷ୍ଟ ଓ ନିଷ୍କ୍ରିୟ । କି ଘୋର ଦୁର୍ଦ୍ଦୈବ ! କି ଭୟଙ୍କର ଅବସ୍ଥା ! କିପରି ଅମ୍ଭମାନଙ୍କ ଅବସ୍ଥା ପରିବର୍ତ୍ତନ ଘଟିବ, ତାହା ଭାବି ଅମ୍ଭେମାନେ ଏକାନ୍ତ ମ୍ରିୟମାଣ ହେଉଅଛୁଁ । ପରାତ୍ପର ଅମ୍ଭମାନଙ୍କୁ ଉଦ୍ଧାର କରନ୍ତୁ ।

ଗୋଟି ଗୋଟି କରି ସମାଜର ଦୁର୍ଦ୍ଦଶା ଦେଖାଇବାକୁ ବସିଲେ ପ୍ରବନ୍ଧ ଦୀର୍ଘ ହୋଇ ଉଠିବ । ଯାହା କହିଲୁଁ ତାହାହିଁ ଯଥେଷ୍ଟ ବୋଲି ଅମ୍ଭମାନଙ୍କର ବିଶ୍ୱାସ । ଶିକ୍ଷିତ ସମ୍ପ୍ରଦାୟକୁ ଉଦ୍‌ବୋଧିତ କରିବାହିଁ ଅମ୍ଭମାନଙ୍କ ଉଦ୍ଦେଶ୍ୟ

Digitized by srujanika@gmail.com

ଏହି ସ୍ୱଳ୍ପ କଥାଦ୍ୱାରା ଯଦି ଆମ୍ଭେମାନେ ତାହା କରି ପାରିଥାନ୍ତୁ ତାହାହେଲେ ନିଜକୁ କୃତାର୍ଥ ମଣିବୁଁ । ସୁଶିକ୍ଷିତ ପାଠକପାଠିକାମାନେ ଆମ୍ଭମାନଙ୍କ କଥାଗୁଡ଼ିକ ମନୋଯୋଗପୂର୍ବକ ପାଠ କରି ବିଷୟଟି ସମ୍ବନ୍ଧରେ ଟିକିଏ ଚିନ୍ତା କଲେ ସବୁ ବୁଝି ପାରିବେ । ବୁଝି ପାରି ନିଜ ନିଜ ମାତୃଶକ୍ତିକୁ ସମାଜର ହିତାର୍ଥେ ନିୟୋଜିତ କଲେ ଅପେ ଅନୁଗ୍ରହପ୍ରସାଦ ଲାଭ କରି ଧନ୍ୟ ହେବେ ଏବଂ ଜନନୀ ଜନ୍ମଭୂମିକୁ ଉଦ୍ଧାର କରିବେ । ଏପରି ମହାପୁଣ୍ୟ ଅର୍ଜ୍ଜନ କରିବାକୁ କି କୌଣସି ପାଠକ ପାଠିକା ପଶ୍ଚାତ୍ପଦ ହେବେ ?

ଶ୍ରୀ କୃଷ୍ଣପ୍ରସାଦ ଚୌଧୁରୀ ।

ବୁଢ଼ା ଚୁଙ୍ଗୁଡ଼ କଥା ।

ଏକ ଗାଁରେ ବୁଢ଼ା ବୁଢ଼ୀ ଯୋଡ଼ିଏ ଥାଆନ୍ତି । ବୁଢ଼ା ଯାଏ ମୂଲପାଇଁ ଲାଗି, ବୁଢ଼ୀ ଯାଏ ଧାନ କୁଟି; ଦୁହେଁ ଘର; ଦୁଆର ମୁହଁରେ ଭାତ ଖଣ୍ଡି ଆଣ୍ଠେଇ ଧଡ଼ା ଲଗେଇ ଦେଇ ଯାଆନ୍ତି । ଗୋଟିଏ ବଣବାଲିଆ ବୁଢ଼ାଚୁଙ୍ଗୁଡ଼ିଟିଏ ଥାଏ ସେ କଣ କରେ ନା, ବୁଢ଼ା ବୁଢ଼ୀ ଭାତ ଲଗେଇ ଦେଇ ଗଲାରୁ ବାଡ଼ି ଗଡ଼ିଆରୁ ଉଠି ଭାତ ଖଣ୍ଡିକ ଫିଟେଇ କରି ଘରେ ପଶେ, ହାଣ୍ଡିରୁ ପଖାଳଭାତ ଘଣ୍ଟିଚୁଣି ପେଟେ ଖାଏ, ତୋରାଣି ପେଟେ ପିଏ, ଫେରି ଗଡ଼ିଆକୁ ଯାଏ ବାହାରି । ରାତି ବୁଢ଼ାବୁଢ଼ୀ ଆସି ଦେଖିଲାବେଳକୁ ଭାତ ମେଲା, ହାଣ୍ଡି ଭିତରେ ଭାତଟିଏ ସୁଦ୍ଧା ନାହିଁ । ବୁଢ଼ା ଦିନେ କହିଲା ଆଜି ଏ ଚୋରକୁ ଜଗିବି, ଦେଖେଁ ତ ଦେଖି ଚୋର ଶଳା କେମିତି ଆସିବ । ଯା କହି ବୁଢ଼ୀ ଗଲା ଧାନ କୁଟି, ବୁଢ଼ା କହିଲା ବୁଢ଼ୀକି ତୁ ଯିବାରୁ ଭାତ ଲଗେଇ ଦେଇ ଯା । ବୁଢ଼ା ଭାତ ଉପରେ ଧଡ଼ାଏ ଧରି ଲୁଚି ବସିଥାଏ । ବୁଢ଼ୀ ଗଲାରୁ ଚୁଙ୍ଗୁଡ଼ି ଦେଖିଲା ରାତି ଲାଗିଛି, ଯିମିତି ନିତି ଆସି ଭାତ ଫିଟେଇ ଘରେ ପଶେ, ସେମିତି ସେଦିନ ଆସି ପଶିଲା । ଭାତହାଣ୍ଡିରେ ମୁହଁ ଭୁଷେଇଲାବେଳକୁ ବୁଢ଼ା ଦେଲା ଧଡ଼ାରେ ଠେଙ୍ଗାଏ । ଚୁଙ୍ଗୁଡ଼ି ଏଣିକି ଥରକେ ଛଟ୍‌ପଟ୍ ହେଇ ନାରପୁଣ ! ବୁଢ଼ା ସେ ଚୁଙ୍ଗୁଡ଼ିଟିକି କଣ କଲା:—ଗୋଟାଏ ଟୋକେଇ ଘୋଡ଼େଇ ଦେଇ ତା ଉପରେ ଚକି ପଟେ ଥୋଇ ଦେଲା । ଚୁଙ୍ଗୁଡ଼ିକୁ ଟୋକେଇ ତଳେ ରଖିଥାଏ, ବୁଢ଼ୀ ଆସି ଘରେ ପହଞ୍ଚିଲାବେଳକୁ ଦେଖେ ଏ ସମାଚାର । ବୁଢ଼ା ବୁଢ଼ୀକି କହିଲା ତୁ ଏ ଚୁଙ୍ଗୁଡ଼ିକି ଅମିଳ କରି ରଖ । ମୁଁ ଯାଉଛି ହାଟ ବାଟ କରି ଆସେଁ । ଯା କହି ବୁଢ଼ା ଗଲା । ବୁଢ଼ୀ ହଳଦୀ ବେସର ଅମୁଳ ଦେଇ ସେ ଚୁଙ୍ଗୁଡ଼ିଟିକି ଯତନ କରି ଅମିଳ କଲା, ଲୁଣିଆ କି ଅଲଣା ଦେଖିବୁ ଟିକିଏ ଚାଖିଲା । ଭାରି ସୁଆଦ ଲାଗିଲା, ଆଉ ଟିକିଏ ଚାଖିଲା, ଚାଖି ଚାଖି ସବୁଯାକ ଚାଖି ଦେଲା । ଦେଖିଲା ବେଳକୁ ହାଣ୍ଡିକି ଅମିଳ ପୋଛି ପୋଛି, ହାଣ୍ଡିରେ ନାନ୍ଦେ ସୁଦ୍ଧା ନାହିଁ । ବୁଢ଼ୀର ତ ହଲକ ଶୁଖିଲା । ବୁଢ଼ା ତ ଘରକୁ ଆସିଲେ ଆଉ ରଖିବ ନାହିଁ । ପଛକୁ ବୁଢ଼ୀ କଣ କଲା:—ଆପଣା ପିଣ୍ଡରୁ ଖଣ୍ଡେ ମାଉଁସ କାଟି ତାକୁ ହେଲେଇ, ଯୋଉ ଧାଉ ଅମିଳ କଲା । ହରି କୁରି ରଖି ଦେଲା । ଏସବୁ କଥା ଛତିକାଂବଗଡ଼ ଦେଖିଥାଏ, ଛତିକା ବଗଡ଼ ବୁଢ଼ୀ ଖାଉଲା ବେଳେ ମିଥାଁଉ ମିଥାଁଉ ହଉଥାଏ, ବୁଢ଼ୀ ତାକୁ ସେ ଚୁଙ୍ଗୁଡ଼ି ଅମିଳରୁ ଟିକିଏ ନ ଦେଲା । ବଗଡ଼ର ତ ବୁଢ଼ୀ ଉପରେ ରାଗ ଥାଏ । ବୁଢ଼ା ଆସି ପହଞ୍ଚିଲା, ବୁଢ଼ୀ ତାକୁ ଭାତଭଙ୍ଗା ଅମିଳଭାତ ବାଢ଼ି ଦେଲା । ବୁଢ଼ା ଖାଉ ବସିଥାଏ, ବୁଢ଼ୀର ଏଣେ ପିଣ୍ଡ ଟକ ଟକ ସଡ଼ ସଡ଼ ହଉଥାଏ, ବୁଢ଼ୀ ଟିକିଏ ମାଲିଆ ମାରି ପିଣ୍ଡକୁ ନିଆଁକୁ ଦେଖେଇ କଇଁଚ ଖଣ୍ଡେ ଘୋଡ଼େଇ ଚୁଲି-ପଟା ପାଖରେ ପଡ଼ିଥାଏ । ବୁଢ଼ା ପଚାରିଲା, କି ଲୋ ! ଏ କଣ ? ବୁଢ଼ୀ କହିଲା 'ମତେ କମ୍ପଜର ଆସୁଛି, ବଡ଼ ଶିତେଇଶିରେଇ ହଉଛି, ତୁମେ ସେଥିକୁ କଣ ପାଇବ, ତୁମ ଦୁଃଖ ଧନାରେ ତୁମେ ଯାଅ, ମୋ ବଡ଼ ପଛକୁ ଭଲ ହେଇ ଯିବ

Digitized by srujanika@gmail.com

ଯେ, ମୁଁ ତଳେ ଆପଣା ମନକୁ ଶାନ୍ତ ତୃପ୍ତ କରି ବସିବି ।' ଏହିକ ବେଳେ ଏ ଛତିକା ବଗଡ଼ ଛଅଣ କରି ଗାଏ, ବୋବୋଇ ଥାଏ, କହୁ ଥାଏ 'ବୁଢ଼ୀ ଖାଉଥାଏ ଚୁଙ୍ଗୁଡ଼ିମାଛ, ବୁଢ଼ା ଖାଉଥାଏ ପିମ୍ପୁଡ଼ିମାଂସ । ବୁଢ଼ୀ ଖାଉଥାଏ ଚୁଙ୍ଗୁଡ଼ି ମାଛ, ବୁଢ଼ା ଖାଉଥାଏ ପିମ୍ପୁଡ଼ିମାଂସ ।'' ବୁଢ଼ୀ କହେ 'ମଲା ! ଏ କାହିଁ ଲାଗି ବଗଡ଼ଟା କହୁଅଛି ଏମିତି ଉଚ୍ଚରୁଛି ମ ।' ବୁଢ଼ା ଥରେ ଶୁଣିଲା, ଦି' ଥର ଶୁଣିଲା, ତିନି ଥର ଶୁଣିଲା, ବଗଡ଼ କହିଲା:—'ମ୍ୟାଉଁ ମ୍ୟାଉଁ, ମାଛ ଭାତ କରି ଗୁଣ୍ଡାଏ ଦେଲେ ମରମ କଥାଟି କହେଁ ।' ବୁଢ଼ା ଭାତ ଆଣିକି ଦୋଳେଇ କରି ଗୁଣ୍ଡାଏ କଲା, ଅସ୍ ପୁସ୍ କରି ବଗଡ଼କୁ ଡାକି ସେ ଗୁଣ୍ଡାକ ଥୋଇ ଦେଲାରୁ ବଗଡ଼ ସେ ଗୁଣ୍ଡାକ ଖାଇ ସାରି ବୁଢ଼ାକୁ ସବୁ କଥା କହି ଦେଲା । ବୁଢ଼ା ଯାହା ଶୁଣି ତା ମନରେ ରାଗ ରଗ ଦେଲା । ବୁଢ଼ୀକି କହିଲା, 'ହଇଲୋ ! ତୋର ପେଟ ଏଡ଼େ ଛୋଟ । ତୁ ଖାଉଚୁ ଚୁଙ୍ଗୁଡ଼ି ମାଛ, ମୁଁ ଖାଉଚି ପିମ୍ପୁଡ଼ିମାଂସ ? ଯାହା କହି ବଟଗ ସ୍ୱଡ଼ା ନେଇ ବୁଢ଼ୀକି ଗଡ଼ିଆରେ ମାଡ଼ ଦେଲା । ବୁଢ଼ୀ ମୁହଁକୁ ମୋଡ଼ି ଦେଲା, ଦାନ୍ତକୁ କଟକଟି ଦେଲା, ଅକ୍ଷି ବାଟେ ତା ପ୍ରାଣ ଗଲା । ବୁଢ଼ୀକି ସେ ଗଡ଼ିଆରେ ମାଛ ଖୁମ୍ପୁଥାନ୍ତି । ଖୁମ୍ପିଲା ବେଳକୁ ବୁଢ଼ୀ ମୁଣ୍ଡ ହଲ ଯାଉଥାଏ । ଦଣ୍ଡେ ଛାଡ଼ି ଦେଇ ବୁଢ଼ା ଯାଇ ଦେଖିଲା ବେଳକୁ ବୁଢ଼ୀ ପାଣିରେ ମୁଣ୍ଡ ଟୁଙ୍ଗାଉଛି । ବୁଢ଼ା ଯାଇ ଗଡ଼ିଆ କୂଳେ ପହଞ୍ଚିଲା । ବୁଢ଼ୀକି ପଚାରିଲା 'ହଇଲୋ ବୁଢ଼ୀ ! କଅଣ ? ତୁ କାହିଁ ମୁଣ୍ଡ ଟୁଙ୍ଗାଉଚୁ ? ହଳଦୀ ବାଟୁଆ ନେବୁ ?' ବୁଢ଼ୀର ମୁଣ୍ଡ ଫେର ଥରେ ଟୁଙ୍ଗାଇ ହୋଇ ଗଲା । ବୁଢ଼ା ଘରୁ ହଳଦୀ ବାଟୁଆଟି ନେଇ ବୁଢ଼ୀ ଆଡ଼କୁ ଗଡ଼ିଆରେ ପିଙ୍ଗି ଦେଲା । ଫେର ପଚାରିଲା, ଆଉ କଣ କଜ୍ଜଳ-ପାତି ନେବୁ ? ଫେର ବୁଢ଼ୀ ମୁଣ୍ଡ ଟୁଙ୍ଗାଇ ଦେଲା । ବୁଢ଼ା ନେଇ କଜ୍ଜଳପାତିଟି ପକାଇ ଦେଲା; ଏମିତି ପକାଉ ପକାଉ ସିନ୍ଦୁର ଫରୁଆ, ଚୁଡ଼ି, ବାଉଁରିଆ, ଖଡ଼ୁ ଣି, ବେସର, କାଣ୍ଡି କୁଣ୍ଡଳ ଯାହା ଯିମିତି ଘରେ ଥିଲା ସବୁ ନେଇ ବୁଢ଼ା ଗଡ଼ିଆରେ ପକାଇଲା । ଫେର ଦେଖିଲା ବୁଢ଼ୀ ମୁଣ୍ଡ ଟୁଙ୍ଗାଉଛି । ଘରେ ଯାହା ଥିଲା ସବୁ ତ ଦେଲି, ଆଉ କଣ ମାଗୁଛି ? ହଇଲୋ ବୁଢ଼ୀ ! ମତେ ନେବୁ ? ବୁଢ଼ୀର ଫେର ଥରେ ମୁଣ୍ଡ ଟୁଙ୍ଗାଇ ହୋଇ ଗଲା । ବୁଢ଼ା ପଛକୁ ଅପେ ଗଡ଼ିଆକୁ ଡେଇଁ ପଡ଼ିଲା; ଉବେଇ ଟୁବେଇ ହୋଇ ମଲା । ମୋ କଥାଟି ସରିଲା ।

ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ।

କ୍ଷୁଦ୍ର କ୍ଷୁଦ୍ର କବିତା ।

ଉତ୍କଳ ବନ୍ଦନା ।

ଜୟ ମା ଜନମଭୂମି
ଉଦାର ଉତ୍କଳଭୂମି
ତୋର ସ୍ନେହକୋଳେ ମା ତୋ ଜନ୍ମ ଆମ୍ଭର ।
କୋଟିପୁତ୍ରେ ସେହି କୋଳେ
ପାଳୁଅଛୁ ସ୍ନେହକ୍ରୋଳେ
ତୁହି ମା କରୁଣାମୟୀ କଳ୍ପ ଆଦର ।
ତୋ ବକ୍ଷର ଅମୃତରସ
ପିଇ ବଢୁଛୁ ମା କୋଟି କୋଟି ମାନସ । ୧ ।
ତୁହି ମା ଶୋଭାସଦନ
ସିନ୍ଧୁ ଧୁଅଇ ଚରଣ
କେତେ ନଦୀ ଗିରି-ବନ ଶୋଭାରେ ଶୋଭେ ।
ଧର୍ମର ତୁ କାମଧେନୁ
ପୁଣ୍ୟମୟ ତୋର ରେଣୁ
କେତେ ମହାତୀର୍ଥ ଧରିଅଛୁ ମା ସ୍ନେହେ ।
କୋଟି କୋଟି ପୁରୁଷ ନାହିଁ
ତୋର ପଦତଳେ ବସି ମୁକ୍ତି ଲୋଡ଼ାହି । ୨ ।
କେତେ ଦେବଦେବେ ତପୋଧନ
କେତେ ସାଧୁ ମହାଜନ
ତୋର ସିନ୍ଧୁତଟେ ଅବା ଗିରିକନ୍ଦରେ,
ତପସ୍ୟା-ସାଧନ କରି
ହୃଦେ ମହାଭାବ ଧରି
ପ୍ରଚାରିଲେ ଯୁଗଧର୍ମ ଜନନଗରେ ।

Digitized by srujanika@gmail.com

ଶଙ୍କରଙ୍କ ମହାତ୍ମାଙ୍କରେ
ବିମୋହିତ ହୋଇ ଦିବ୍ୟ ଜ୍ୟୋତି ଦର୍ଶନେ । ୩ ।
କେତେ କେତେ ଅମ୍ବର
ଜନ୍ମିଲେ ମହାମନ୍ଦିର
ଯାହାର ଲଲାଟ-ଚନ୍ଦ୍ର ଅନଙ୍ଗଧାମ ।
ପୁଣି କେତେ ଯୁଦ୍ଧ-ବୀରେ
ଯଶ ଅର୍ଜିଲେ ମହୀରେ
ରଣେ ପରକାଶି ବଳ ବୀର୍ଯ୍ୟ ଅସୀମ ।
ତୁହି ମା ଗୋ ବୀରଜନନୀ
ତୋ ଯଶରେ ପୂରିଅଛି ଏହି ଅବନୀ । ୪ ।
ଜନମିଲେ ତୋ କୋଳରେ
ସାରଳାଦି କବିବରେ
ପୂରି ତୋର କାବ୍ୟ-କୁଞ୍ଜ ଅମର ଗୀତେ,
ତୋ ମହିମା ତୋ ଗୌରବ
ତୋହର ପୁଣ୍ୟ-ବିଭବ
ସ୍ମରି ମା ମାତୃଭୂମି ତୋର ଅତୀତେ,
ନମଇ ମା ଭକତିରେ
ଅଧମ ଅକ୍ଷମ ସୁତ ତୋ ଚରଣରେ । ୫ ।

ଶ୍ରୀ ମଧୁସୂଦନ ରାଓ ।

ନାହିଁ ପ୍ରୟୋଜନ ।

ସଂସାର ଗହନେ ଏ ହୃଦୟ ବନ,
ତୁଟି ଯିବ ଯେବେ ହୋଇବ ଦୁର୍ବଳ;
ଶିକ୍ଷାର ମହିମା, ଜ୍ଞାନର ପ୍ରଭାବ,
ଦୂରେ ଫିଙ୍ଗି ଦିଅ,—ନାହିଁ ତାର ଠାବ ।

ସ୍ନେହ ପ୍ରେମ ଯାର ବାଣିଜ୍ୟ ବିପଣୀ,
ଦେଲେ ନେଲେ ସୁଖ ଦେବ ଗଣି ଗଣି,
ଦୂରେ ଥାଉ ତାର ବାଣିଜ୍ୟ ବେଭାର,
ସେ ନ ଥିଲେ କହ କି ଘଟ ଅପର ?

ପ୍ରେମର ମାଧୁର୍ଯ୍ୟେ ପୂର୍ଣ୍ଣ ଯେଉଁ ହିଅ,
ସେ ହୃଦୟେ ନାହିଁ ପୌରୁଷ ପଣିଅ ?
ଦୂରେ ଫିଙ୍ଗି ଦିଅ, ନାହିଁ ତାର ସ୍ଥିତ,
ପରିପୂର୍ଣ୍ଣ କର ଏ ବିପୁଳ ଛିଦ୍ର ।

ଯାହାର ଜୀବନ,—ଜୀବନ-ଜୀବନେ
ଦେଖି ନାହିଁ ଥିବା କେଉଁ ଶୁଭ କ୍ଷଣେ;
ତାର ଧନ ଜନ ଗୁଣର ଗୌରବ
ଦୂରେ ଥାଉ, ସେ ଯେ ଶ୍ମଶାନର ଶବ ।

ଶ୍ରୀମତୀ ରେବା ରାୟ ।

ଆ ରେ ବାୟୁ ଆ ।

ବାୟୁ ଚଢ଼ଇରେ   ଯାଅ ଯାଅ ଉଡ଼ି
ଆକୁଳ ମୋର ଭରଷା,
ଯେଉଁ ଦିଗରେ   ଉଡ଼ିଲା ନାତିଅ
ସେହି ଦିଗରେ ତୋ ବସା । ୧ ।

ଅରେ ଶୈଶବ !   ଦନ୍ତହୀନ !
କାଶ ଶାଳେ ସାଙ୍ଗ ସାଥି,
ବାଉଳେ ହୋଇ   ଛତ୍ରୁ ମୋ ବାଳ:—
କେଉଁ ଦିଗ ଅଛି ରେ ଠାଇଁ । ୨ ।

ନାଡ଼ିଲେବ ମୋର   ଦୁଷିଲ ବାଳକୁ
ଶୋଇ ନାହୁଁ କାହିଁପାଇଁ ?
ବାପା ତୋ ବିଦେଶୀ   ଦୂର ଦେଶୁ ଅସି
ଗୁହିଁବେ ତୋ ଆନ ନାହିଁ ! ୩ ।

ବେଳେ ବେଳେ ଧନ   ଅନୁଷ୍ଠା ହୋଇଣ
ଘର୍ମା ଧରି କାନ୍ଦି ଦେବେ,
ଚାଲ ହୁଏଁ, ଆହା   ବାପାଙ୍କ ଆସୁରେ
କହିଲେ ଗର୍ଜିବେ ମତେ । ୪ ।

ବାପା ଯେବେ ଅସି   ଦେଖିବେ ତୋ ରୂପ
ପାସୋରିବେ ସବୁ ଦୁଃଖ,
ତାଙ୍କ କୋଳେ ଧରି   ଗେଲ କରୁଥିବେ
ଚୁମ୍ବିବେ ଚନ୍ଦ୍ରମାମୁଖ । ୫ ।

ତୁହି ଦେଖି ହସି   ହୋଟିନିଧି ଲଭ
ଗ୍ରହିଁବେ ତତେ ନବେଲି,
ସେଦିନ ବେଳରେ ,   କହିବୁ ବୁଝାଇ:—
"ଯିବ ମତେ ଏବା ରଖି ? ୬ ।

"ତୁମେ ନ ଥିଲାରୁ   ହୋଇଥିଲା ଅସି
"ନାଉ ତ ଲଗାଏ ଦିନ:—
"କାନ କାଟି ନେବ,   ମାଅ ତ ନ ଜାଣେ
"ହୋଇର ବନ୍ଧୁର ଛନ । ୭ ।

"ମାଅ ପୁଅ ଦହେଁ   ଯାକିଯୁଟି ହୋଇ
"ଶୋଇପଡ଼ୁଁ ଏକା ଡରେ,
"ଘଡି ଗଲେ ପାହି   ଗୁଲିଯାଏ, ହୋଇ
"ଆଉ ତ ଡର ନ ମାଡ଼େ । ୮ ।

"ତୁମେ ଘରେ ଥିଲେ   ମତେ ସେ ଆସୁ
"ମାଅ ଘରେ ଥାଏ ଭଲ,
"ତୁମେ ଗଲେ ଗ୍ରଲି   ମତେ ଧରି ଧରି
"ମାଅ କରେ ସନ୍ତାପ । ୯ ।

Digitized by srujanika@gmail.com

"ଅନ୍ଧାର ଘରେ ହୁଅର ମୁହଁକୁ
"ଚାହିଁ ମନେ ମାଡ଼େ ଡର,
"ବାପା ! ଶବ ହୋଇ ଦୂରେ ପଡ଼ିଥାଅ
"କ ବୁଝ କ ଥରଦର ? ୧୦ ।
"ମାଅ ପୁଅ ଦହେଁ ଏକାଠେଇଁ ଥାଉଁ
"ତେବେ ମାଡ଼ୁଥାଏ ଡର,
"ଏକା ହୋଇ ବାପା ! ବିଦେଶେ ଥାଅଛି ?
"ଧନ୍ୟ ହେ ଛାତି ତୁମ୍ଭର !" ୧୧ ।
କେତେଣି ତୋ କଥା ରଖି ଅବା ବାପ
ନ ଯିବେ ଆଉ ବିଦେଶେ,
ମାଅ ପୁଅ ଦୁହେଁ ଦିନରାତି ମିଶି
ରହିବ ଅତି ହରଷେ । ୧୨ ।
ବାପ ତୋ ଅଟନ୍ତି ଘର ବାହୁଅ ରେ
ହୋଇ ପଳାଇବ ଡର,
କାନ୍ଦିଲା ପିଲାକୁ ଭୁଲାଇବା ପାଇଁ
ନ ଆସିବ ଆଉ ଫେର । ୧୩ ।
ଅରେ ହୋହମିନା ! ଯାଅ ଯାଅ ଫେର
ଶୋଇଲଣି ନୀଳମଣି,
ଅଉ ସାଙ୍ଗରେ ତ ଶୋଇ କାହାନ୍ତି ରେ
ଯେରନ୍ତୀ, ଶରଧୀ, ଘଣୀ । ୧୪ ।
ମୋର ସୁନାପୁଅ ଭଲ ହୋଇବରେ
ଗୋଟିଏ ମିଳିବ ନାହିଁ,
ଧନର ପାଙ୍ଗଶ ବାନ୍ଧି ଦେଲାବେଳେ
ପାଇଛି ମୁହିଁ ଗୋଟାଇ । ୧୫ ।
ବୃନ୍ଦାବତୀ ଅସି ... ଗୁରୁଚାର ଦିନ
ତୁଳସୀ ଚଉରା ମୂଳେ
ଧୋଇ ଗଲେ ତତେ ପାଇ ମୁଁ ଅଣିଛି
ଚଉରା ଲିପିଲା ବେଳେ । ୧୬ ।
ଯୋଡ଼ି ହଲାଉଛି ଶୋଇ ପଡ଼ୁଅଛୁ
ଉଅଁ ପଡ଼ୁଛୁ ଚମକି ?
ଦଣ୍ଡେ ହସୁଅଛୁ ଦଣ୍ଡକେ କାନ୍ଦୁଛୁ
ବେଳେ କାହିଁକି କରେଣି ! ୧୭ ।
ସଂସାରର ଡର ପଡ଼ୋଶୀ ଗଞ୍ଜଣା
ଛତେ ପଶ କୁଇଁ ନାହିଁ ?
ତେବେ କଅଁ ଧନ ! ଡରୁଛୁ କାହାକୁ !
ଚାହୁଁଅଛୁ କାହାପାଇଁ ? ୧୮ ।
ସ୍ନେହରେ ବିକଳ ହେଲୁଣି ରେ ଯେବେ
ଖାଇ ଦେ ଦୁଧରୁ ଟିକେ,
ଦରଶିଅ ହୋଇ ଶୋଇ ତୁ ପଡ଼ିଲେ
ଷଠୀ ଉଠାଇବେ ଟେକେ । ୧୯ ।
ଯେତେ ତୋ ପୂରିଲେ ଘଡ଼ି ପାହାଗଲେ
ଆସିବ ଦିନ ଅଳୁଅ,
ତକ ଆମ୍ଭେ ପନ୍ତି ବାପା ଆଣିଥିବେ
ଖେଳିବ ମୋ ସୁନାପୁଅ । ୨୦ ।

ଶ୍ରୀ ଗୋପାଳଚନ୍ଦ୍ର ପଟ୍ଟନାୟକ ।

ବିବିଧପ୍ରସଙ୍ଗ ।

୧ । ଉତ୍କଳଖଣ୍ଡର ସମ୍ମିଳନ—ବିଚ୍ଛିନ୍ନ ବିଭିନ୍ନ ପ୍ରଦେଶାନ୍ତର୍ଗତ ଓଡ଼ିଆମାନେ ସମ୍ମିଳିତ ଓ ଏକ ଶାସନାଧୀନ ହେବା ସେମାନଙ୍କର ଜାତୀୟ ଜୀବନ ଗଠନ ପକ୍ଷରେ ଏକାନ୍ତ ଆବଶ୍ୟକ, ଏ କଥା ଆମ୍ଭେମାନେ ଅନେକ ଦିନରୁ କହି ଆସୁଅଛୁଁ । ବର୍ତ୍ତମାନ ଏ ବିଷୟ ଯେପରି ଚାରି ଆଡ଼େ ଆନ୍ଦୋଳନ ଚାଲିଅଛି । ସଂଯୋଗ ଯେ ଏକାନ୍ତ ବାଞ୍ଛନୀୟ ଏହା ସମସ୍ତେ ଏକବାକ୍ୟରେ ସ୍ୱୀକାର କରୁଅଛନ୍ତି । ମାତ୍ର କେଉଁ ଭାବରେ ଏ ମିଳନ ହେବା ଉଚିତ ଏ ବିଷୟରେ ସାମାନ୍ୟ ମତଭେଦ ଘଟିଅଛି । ଇତିମଧ୍ୟରେ ପୁଣି ଶୁଣା ଯାଉଅଛି ଯେ ଗବର୍ଣ୍ଣମେଣ୍ଟ ଉତ୍କଳ ପ୍ରଦେଶକୁ ବଙ୍ଗ ପ୍ରଦେଶରୁ ବିଚ୍ଛିନ୍ନ କରି ମଧ୍ୟପ୍ରଦେଶ ସହିତ ମିଳିତ କରିବାର କଳ୍ପନା କରିଅଛନ୍ତି । ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଏହା ଅସ୍ୱୀକାର କରିଥିଲେହେଁ ଭାରତ ଗବର୍ଣ୍ଣମେଣ୍ଟଙ୍କ ଅଭିପ୍ରାୟ କିଛି ଜଣା ଯାଉ ନାହିଁ । ଯାହାହେଉ ଏ ସମ୍ବାଦରେ ଉତ୍କଳବାସିଙ୍କ ପ୍ରାଣରେ ଆତଙ୍କ ଉପସ୍ଥିତ ହୋଇଅଛି ଏବଂ ହେବା ଅତି ସ୍ୱାଭାବିକ । ଦୀର୍ଘକାଳ ସଂଗ୍ରାମ ପରେ ଉତ୍କଳ ସନ୍ତାନମାନେ ଟିକିଏ ମୁଣ୍ଡ ଟେକୁଅଛନ୍ତି । ଏତେ ବେଳେ ସେମାନଙ୍କୁ ପୁଣି ଆଉ ଗୋଟିଏ ଜାତି ସହିତ ପ୍ରତିଯୋଗିତା-କ୍ଷେତ୍ରରେ ଛାଡ଼ି ଦେବା କଦାପି ଶ୍ରେୟସ୍କର ହୋଇ ନ ପାରେ କେବଳ ଏତିକି ନୁହେଁ, ଅନ୍ୟ ଅନେକପ୍ରକାର ଅସୁବିଧା ମଧ୍ୟ ଅଛି । ସେ ସମସ୍ତ ଉଲ୍ଲେଖ କରିବାର ସ୍ଥାନ ବର୍ତ୍ତମାନ ଆମ୍ଭମାନଙ୍କର ନାହିଁ ।

Digitized by srujanika@gmail.com

ଉତ୍କଳ ଦୀପିକାର ସୁଯୋଗ୍ୟ ସମ୍ପାଦକ ମହାଶୟ ଅତି ସୁନ୍ଦରରୂପେ ସେ ସମସ୍ତ ଦେଖାଇ ଅଛନ୍ତି । ଆମ୍ଭମାନଙ୍କ ମତରେ [illegible] କ୍ଷୁଦ୍ର ଖଣ୍ଡମାନଙ୍କୁ ଏଣି ବର୍ତ୍ତମାନ ରାଜକୀୟ ଓଡ଼ିଶା ସହିତ ସମ୍ମିଳିତ କରି ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ଅଧୀନ ରଖାଯାଉ ଅଥବା ସମଗ୍ର ଉତ୍କଳଭାଷୀ ପ୍ରଦେଶକୁ ଏକତ୍ର କରି ଗୋଟିଏ ସ୍ୱତନ୍ତ୍ର ଶାସନ ବିଭାଗ ସ୍ଥାପନ କରାଯାଉ, ଦୁଇଟିରୁ ଯେ କୌଣସିଟି ହେଲେ ଆମ୍ଭମାନଙ୍କର ମଙ୍ଗଳ ସାଧିତ ହେବ ଏବଂ ଏଥିପାଇଁ ସମଗ୍ର ଉତ୍କଳୀୟମାନଙ୍କର ପ୍ରାଣପଣେ ଚେଷ୍ଟା କରିବା ଏକାନ୍ତ କର୍ତ୍ତବ୍ୟ ।

୨। ପଞ୍ଜାବର ଜାତୀୟ ସମିତି—ପଞ୍ଜାବବାସୀ ଉତ୍କଳ ସନ୍ତାନମାନଙ୍କର ଉନ୍ନତିର ଉପାୟମାନ ଆଲୋଚନା ନିମିତ୍ତ ଗୋଟିଏ ଜାତୀୟ ସମିତି ସଂସ୍ଥାପନର ଚେଷ୍ଟା ଲାଗିଅଛି । ଆଗାମୀ ଇଷ୍ଟର ଛୁଟି ସମୟରେ ଏହାର ପ୍ରଥମ ଅଧିବେଶନ ହେବାର ସ୍ଥିର ହୋଇଅଛି । ଏହାର ପ୍ରଧାନ ଉଦ୍ଯୋଗିମାନେ ଉତ୍ସାହୀ, କର୍ମଠ, ସ୍ୱଦେଶବତ୍ସଳ ଏବଂ ସୁବିଜ୍ଞ । ସୁତରାଂ ଅଧିବେଶନର ସଫଳତା ସମ୍ପୂର୍ଣ୍ଣ ଆଶା କରାଯାଇ ପାରେ । ବର୍ତ୍ତମାନ ସମବେତ ଚେଷ୍ଟାର ଯୁଗରେ ଏପ୍ରକାର ସମିତିମାନଙ୍କର ପ୍ରୟୋଜନୀୟତା ଓ କାର୍ଯ୍ୟକାରିତା ବୁଝାଇ ଦେବାପାଇଁ ବାକ୍ୟବ୍ୟୟ ନିଷ୍ପ୍ରୟୋଜନ । ଏହି ସମବେତ ଚେଷ୍ଟାର ଅଭାବରୁ ଓଡ଼ିଆମାନେ ସକଳ ବିଷୟରେ ପଶ୍ଚାତ୍‌ପଦ । ଆମ୍ଭେମାନେ ଏକାନ୍ତଃକରଣରେ ସମିତିର ସଫଳତା କାମନା କରୁଅଛୁ ।

(ବିଗତ ଜାନୁଆରି ମାସରେ ଦରବାର ଉପଲକ୍ଷରେ ଯେତେବେଳେ ଏ ନଗରରେ ଉତ୍କଳର ପ୍ରାୟ ସକଳ ସ୍ଥାନର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ହୋଇଥିଲେ ସେତେବେଳେ ମାନନୀୟ ଶ୍ରୀଯୁକ୍ତ ମଧୁସୂଦନ ଦାସ ମହୋଦୟ ସମସ୍ତଙ୍କୁ ଆହ୍ୱାନ କରି ସ୍ୱଗୃହରେ ଗୋଟିଏ ସମ୍ମିଳନୀ କରିଥିଲେ । ପୂର୍ବେ କୌଣସି ନିର୍ଦ୍ଦିଷ୍ଟ ସମୟରେ ଉତ୍କଳର ପ୍ରଧାନ ବ୍ୟକ୍ତିମାନଙ୍କର ଏହିପରି ଗୋଟିଏ ସମ୍ମିଳନୀ ଅନୁଷ୍ଠାନ କରିବାର ପ୍ରସ୍ତାବ ମଧ୍ୟ ସେଠାରେ ହୋଇଥିଲା । ଏହାର କାର୍ଯ୍ୟପ୍ରଣାଳୀ ଏବଂ ସମୟାଦି ସ୍ଥିର କରିବାର ଭାର ଦାସ ମହୋଦୟ ଗ୍ରହଣ କରିଅଛନ୍ତି । ଯଦି ଏହା କାର୍ଯ୍ୟରେ ପରିଣତ ହୋଇପାରେ ଏବଂ ଉତ୍କଳର କୃତୀ ସନ୍ତାନମାନେ କଷ୍ଟ ତ୍ୟାଗସ୍ୱୀକାର କରି ଏଥିରେ ଯୋଗଦେଇ ନାନା ହିତକର ବିଷୟମାନ ଆଲୋଚନା କରିପାରନ୍ତି, ତାହା ହେଲେ ଏହା ଉତ୍କଳର ଜାତୀୟ ସମିତି ଆକାର ଧାରଣ କରି ପାରେ । କ୍ଷୁଦ୍ର ସୀମା ମଧ୍ୟରେ ଏକୀଭୂତ ହୋଇ ଅନ୍ୟୋନ୍ୟର ପଥ ପରିଷ୍କାର କରି ନ ପାରିଲେ ଅପରାପର ଉନ୍ନତ ଜାତିମାନଙ୍କ ପାଖରେ ଛିଡ଼ା ହେବାର ଆଶା ବିଡ଼ମ୍ବନା ।)

୩। ଅଭ୍ୟର୍ଥନା—ମୟୂରଭଞ୍ଜାଧିପତି ଶ୍ରୀମନ୍ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେବ ମହୋଦୟ କାର୍ଯ୍ୟୋପଲକ୍ଷରେ ଏ ନଗରକୁ ଆସି କେତୁଦିନ ଅବସ୍ଥାନ କରି ଯାଇଅଛନ୍ତି । ମହାରାଜ ମହୋଦୟ ଉତ୍କଳ ରାଜନ୍ୟମଣ୍ଡଳୀର ଶୀର୍ଷସ୍ଥାନୀୟ, ତଥା ଉତ୍କଳ ଭୂମିର ଗୌରବସ୍ଥଳ । ତାଙ୍କର ଗୁଣଗ୍ରାମରେ ସକଳ ଶ୍ରେଣୀର ଲୋକେ ବିମୋହିତ । ତାଙ୍କର ସମ୍ମାନାର୍ଥେ ମାନନୀୟ ମଧୁସୂଦନ ଦାସ ମହୋଦୟ ଗତ ମାର୍ଚ୍ଚ ମାସ ୧୪ ତାରିଖରେ ଗୋଟିଏ ଉଦ୍ୟାନସମ୍ମିଳନୀ କରି ନଗରର ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ କଲେଜର ଅନେକଗୁଡ଼ିଏ ଛାତ୍ରଙ୍କୁ ନିମନ୍ତ୍ରଣ କରିଥିଲେ । ଏଠାରେ କ୍ରୀଡ଼ା କୌତୁକ ଗଳ୍ପ ଆମୋଦ ସଙ୍ଗେ ସଙ୍ଗେ କବିତା ପାଠ ଓ ବକ୍ତୃତାଦି ମଧ୍ୟ ହୋଇଥିଲା । ସମ୍ମିଳନୀଟି ସର୍ବାଂଶରେ ସଫଳ ହୋଇଥିଲା । ୧୮ ତାରିଖ ସାୟଂକାଳରେ କଟକସ୍ଥ ଆଲୋଚନା ସଭା ପକ୍ଷରୁ ମହାରାଜଙ୍କ ଅଭ୍ୟର୍ଥନା ନିମିତ୍ତ ଗୋଟିଏ ବିଶେଷ ଅଧିବେଶନ ହୋଇଥିଲା । ସଭାସ୍ଥଳରେ ସହରର କେତେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ହୋଇଥିଲେ । ଏଥିରେ ଜାତୀୟ ସଙ୍ଗୀତ, ଓଡ଼ିଆ ଓ ସଂସ୍କୃତ

Digitized by srujanika@gmail.com

ନବତା ଅନୁଭୂତ ହୋଇଥିଲା । ସଭାପତି ଶ୍ରୀଯୁକ୍ତ ମଧୁସୂଦନ ରାଓ ମହୋଦୟ ଗୋଟିଏ ଅଭିନନ୍ଦନ ପତ୍ର ପାଠ କରି ମହାରାଜଙ୍କ ହସ୍ତରେ ଅର୍ପଣ କଲେ । ମହାରାଜ ସ୍ୱଳ୍ପ କଥାରେ ମାତୃଭାଷାଚର୍ଚ୍ଚାର ଆବଶ୍ୟକତା ସ୍ୱୀକାର କରି ଏ ବିଷୟରେ ଯଥାସାଧ୍ୟ ଅନୁକୂଳ୍ୟ ପ୍ରଦର୍ଶନ କରିବାକୁ ସର୍ବଦା ପ୍ରସ୍ତୁତ ଥିବାର ବ୍ୟକ୍ତ କରି ସଭ୍ୟମଣ୍ଡଳୀର ଆନନ୍ଦ ବର୍ଦ୍ଧନ କରିଥିଲେ । ତତ୍ପରଦିନ ମହାରାଜ ବାହାଦୂର ଅନ୍ୟାନ୍ୟ ଇନ୍‌ଷ୍ଟିଚ୍ୟୁସନ୍ ହାଇ ସ୍କୁଲ ପରିଦର୍ଶନ କରି ପ୍ରୀତି ଲାଭ କରିଥିଲେ । ତତ୍ପୂର୍ବ ରବିବାର ସାୟଂକାଳରେ ମହାରାଜ ଉତ୍କଳ ବ୍ରାହ୍ମସମାଜର ଉପାସନାରେ ଯୋଗ ଦାନ କରିଥିଲେ । ବିଦ୍ୟା, ବିନୟ, ସୌଜନ୍ୟ, କର୍ତ୍ତବ୍ୟନିଷ୍ଠା, ଉନ୍ନତ ଚରିତ୍ର, ଉଚ୍ଚଧର୍ମଭାବ ପ୍ରଭୃତିରେ ମଣ୍ଡିତ ହୋଇ ପ୍ରିୟଦର୍ଶନ ମହାରାଜ ଶ୍ରୀରାମଚନ୍ଦ୍ର ଯଥାର୍ଥରେ ସ୍ୱଦେଶବାସିଙ୍କର ଆଶା ଓ ଆନନ୍ଦର ସ୍ଥଳ ହୋଇଅଛନ୍ତି ।

ଆଲୋଚନା ସଭାର ଅଧିବେଶନ ଉପଲକ୍ଷରେ ନିମ୍ନଲିଖିତ ସଙ୍ଗୀତଟି ସଭାପତି ଶ୍ରୀଯୁକ୍ତ ରାଓ ମହୋଦୟଙ୍କଦ୍ୱାରା ରଚିତ ହୋଇଥିଲା:—

ହୃଦୟ କମଳବନେ କମଳବାସିନୀ ବାଣୀ
ଜୟ ମା ଅମୃତମୟୀ ଜୟ ଦେବୀ ବୀଣାପାଣି ।
ତୋ ଆଲୋକ-ସୁଧାପାନେ,
ଜାଗେ ଆଶା ପ୍ରାଣେ ପ୍ରାଣେ,
ଧନ୍ୟ ସେହି ଯାର ହୃଦ ଅଟେ ତବ ରାଜଧାନୀ ।
ତୋ ଅମୃତ ସଙ୍ଗୀତରେ
ସେମାନ୍ତର କଲେବରେ
ଜାଗନ୍ତ କରିବ ଅଟେ ଜନ୍ମ ମା ଭାରତରାଣୀ ।

୪ । ଅଭିନୟନ—ନିମ୍ନଲିଖିତ ପତ୍ର ଖଣ୍ଡି ଉତ୍କଳ ସାହିତ୍ୟରେ ପ୍ରକାଶ କରିବା ନିମିତ୍ତ ଆମ୍ଭେମାନେ ପାଇଅଛୁଁ । ସେମାନଙ୍କ ଅନୁମତିକ୍ରମେ [illegible] ମର୍ମ୍ମନିମ୍ନ ନିମ୍ନେ ପ୍ରକାଶିତ ହେଲା:—

ମାନ୍ୟବର
ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳସାହିତ୍ୟ-ସମ୍ପାଦକ
ମହୋଦୟ ଉଦାରଚରିତେଷୁ ।

ମହାଶୟ !

ଗତ ସରସ୍ୱତୀପୂଜା ଉପଲକ୍ଷରେ କୋଠପଦା ରଘୁନାଥ ରଙ୍ଗମଞ୍ଚରେ ପ୍ରଥମ ଦିନ ବଣ୍‌ମୋହନ, ଦ୍ୱିତୀୟ ଦିନ ବିକ୍ରମାଦିତ୍ୟ, ତୃତୀୟ ଦିନ ସୀତାବିବାହ; ଚତୁର୍ଥ ଦିନ ଯୁଗଧର୍ମ, ପଞ୍ଚମ ଦିନ କାଞ୍ଚନକୁମ୍ଭ ଏବଂ ଷଷ୍ଠ ଦିନ ଶ୍ରୀବତ୍ସଚରିତାଦି ନାଟକମାନଙ୍କର ଅଭିନୟ ସମ୍ପାଦିତ ହୋଇଥିଲା । ଆପଣ ଏଥିପୂର୍ବେ ସୀତାବିବାହ ନାଟକର ସମାଲୋଚନା କରି କେତେକ ନୂତନ ଲେଖକଙ୍କ ନିକଟରେ ଅତ୍ୟନ୍ତ ଅବଜ୍ଞାର ପାତ୍ର ହୋଇଅଛନ୍ତି । ମାତ୍ର କୋଠପଦା ରଙ୍ଗମଞ୍ଚରେ ଉକ୍ତ ନାଟକର ଅଭିନୟ ଦେଖି ଆମ୍ଭେମାନେ ଆପଣଙ୍କ କଥାର ସାରବତ୍ତା ସମ୍ପୂର୍ଣ୍ଣରୂପେ ବୁଝି ପାରୁଅଛୁଁ । କାରଣ ଗ୍ରନ୍ଥକର୍ତ୍ତା ମହୋଦୟ "ଆମ୍ଭେମାନେ କର ନାହାନ୍ତି" ପ୍ରଭୃତି ଯେଉଁ କ୍ରିୟାମାନ ବ୍ୟବହାର କରି ଅଛନ୍ତି, ରଙ୍ଗମଞ୍ଚରେ ଅଭିନୟ ଦେଖିବା ବେଳେ ଅଭିନେତାମାନଙ୍କ ମୁଖରୁ ସେଗୁଡ଼ିକ ଶୁଣାଗଲା ନାହିଁ । ଦ୍ୱିତୀୟତଃ ଜନକ, ରାଣୀ ପ୍ରଭୃତି ପ୍ରତ୍ୟେକଙ୍କ ଜନକସୂଚକ ଗୀତ ଏବଂ ରାମ ଓ ସୀତାଙ୍କ ଶୟନାଗାର ଏହି ଦୁଇଟି ଦୃଶ୍ୟ ଅମୂଳ ଉପେକ୍ଷିତ ହୋଇଥିଲା ।

ପରିଶେଷରେ ବକ୍ତବ୍ୟ ଏହି ଯେ ଅଭିନୟାନୁରାଗୀ କୋଠପଦା ମଠର ମହନ୍ତ ଚତୋନିଧି ରଘୁନାଥ ପୁରୀ ଗୋସ୍ୱାମୀ ମହୋଦୟ . ପୂର୍ବୋକ୍ତ ଅଂଶମାନ ଉକ୍ତ ପୂର୍ବ ରଙ୍ଗମଞ୍ଚରେ ଅଭିନୟ କାଳରେ ପରିତ୍ୟାଗ କରି ଦର୍ଶକମାନଙ୍କର ଧନ୍ୟବାଦାର୍ହ ହୋଇଅଛନ୍ତି ।

ଅନ୍ୟାନ୍ୟ ଦୃଶ୍ୟମାନଙ୍କର ଅଭିନୟ ଉତ୍ତମ ହୋଇଥିଲା । ନିବେଦନ ଇତି

୧୨ । ୨ । ୧୦୩
କୋଠପଦା

ନିବେଦକ
ଶ୍ରୀ ଜଗନ୍ନାଥ ପଣ୍ଡା ।

Digitized by srujanika@gmail.com